ଭରତ ମୁନି ପ୍ରଣିତ

ନାଟ୍ୟଶାସ୍ତ୍ର

ଚତୁର୍ଥ ଖଣ୍ଡ

ଅନୁବାଦକ:

ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର

Digitized by srujanika@gmail.com

ନାଟ୍ୟଶାସ୍ତ୍ର

ମୂଳ ସଂସ୍କୃତ ଶ୍ଳୋକସହ ଓଡ଼ିଆ ଅନୁବାଦ

(ଚତୁର୍ଥ ଖଣ୍ଡ : ଅଷ୍ଟାବିଂଶ ଅଧ୍ୟାୟଠାରୁ ଶେଷ ପର୍ଯ୍ୟନ୍ତ)

ରଚନା : ଭରତ ମୁନି

ଅନୁବାଦ : ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର

ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର

Digitized by srujanika@gmail.com

ନାଟ୍ୟଶାସ୍ତ୍ର

ମୂଳ ସଂସ୍କୃତ ଶ୍ଳୋକସହ ଓଡ଼ିଆ ଅନୁବାଦ
(ଚତୁର୍ଥ ଖଣ୍ଡ : ଅଷ୍ଟାବିଂଶ ଅଧ୍ୟାୟଠାରୁ ଶେଷ ପର୍ଯ୍ୟନ୍ତ)

ରଚନା	ଭରତ ମୁନି
ଅନୁବାଦକ	ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର
ପ୍ରକାଶକ	ଓଡ଼ିଶା ସାହିତ୍ୟ ଏକାଡେମୀ ସଂସ୍କୃତି ଭବନ, ଭୁବନେଶ୍ୱର - ୧୪
ପ୍ରକାଶ କାଳ	ପ୍ରଥମ ମୁଦ୍ରଣ - ୨୦୦୮
ପ୍ରଚ୍ଛଦ	ଶ୍ରୀ ପ୍ରକାଶ କୁମାର ମହାପାତ୍ର
ମୁଦ୍ରଣ	ସୁଦେଷ୍ଣା କ୍ରିଏଟିଭସ୍ ୯, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର
ମୂଲ୍ୟ	ଟ. ୧୬୦.୦୦ (ଏକଶତ ଷାଠିଏ ଟଙ୍କା ମାତ୍ର)

NATYASHASTRA
Oriya Translation with Sanskrit Text
(Fourth Volume : 28th to Last Chapter)

Written by :
Bharat Muni

Translated by :
Pt. Gobinda Chandra Mishra

Published by :
Orissa Sahitya Akademi
Sanskruti Bhavan, Bhubaneswar-14

Published Year :
First Edition 2008

Cover Design :
Sri Prakash Kumar Mohapatra

Printed at :
Sudeshna Creatives
9, Station Square, Bhubaneswar

Price : Rs. 160.00
(Rupees One Hundred Sixty only)

ISBN: 81-7586-147-9

Digitized by srujanika@gmail.com

ଅଗ୍ରଲେଖ

ଭରତ ମୁନିଙ୍କ ପ୍ରଣୀତ ନାଟ୍ୟଶାସ୍ତ୍ର ସଂସ୍କୃତ ସାହିତ୍ୟର ଏକ ଅନବଦ୍ୟ ଗ୍ରନ୍ଥ। ଏଥିରେ ନାଟକ, ନୃତ୍ୟ, ଅଭିନୟ, କଳା, ଯୋଗ, ଶିଳ୍ପ, ଜ୍ଞାନ ଓ ସଙ୍ଗୀତର ନିଗୂଢ଼ ତତ୍ତ୍ୱ ପ୍ରାମାଣିକ ଭାବେ ଆଲୋଚିତ ହୋଇଛି। ନାଟ୍ୟଶାସ୍ତ୍ରର ଏକ ପୂର୍ଣ୍ଣାଙ୍ଗ ଗ୍ରନ୍ଥଭାବରେ ଏଥିରେ ନାଟ୍ୟମଣ୍ଡପର ନିର୍ମାଣ ଶୈଳୀ, ନାଟ୍ୟୋପକରଣ, ମଞ୍ଚ ଶିଳ୍ପୀମାନଙ୍କର ବ୍ୟବହାର ପାଇଁ ରାସାୟନିକ ବିଧିର ପ୍ରୟୋଗ ମଧ୍ୟ ଏଥିରେ ଉଲ୍ଲେଖ ରହିଛି। ଏହାଛଡ଼ା ବିଭିନ୍ନ ବାଦ୍ୟଯନ୍ତ୍ର ଗୁଡ଼ିକର ନିର୍ମାଣ କଳା, ବେଦ ବିଦ୍ୟା, ଇତିହାସ ଓ ଆଖ୍ୟାନରେ ଏହିଗ୍ରନ୍ଥ ପରିପୁଷ୍ଟ। ଭାରତୀୟ ନାଟ୍ୟ ପରମ୍ପରାର ଆଦି ପୁସ୍ତକ ଭାବରେ ବିଦ୍ୱାନ ମଣ୍ଡଳୀମାନଙ୍କ ଦ୍ୱାରା ଏହିଗ୍ରନ୍ଥ ସ୍ୱୀକୃତି ହୋଇଥିବାରୁ ଏହାର ଆବଶ୍ୟକତା ଯୁଗେ ଯୁଗେ ରହିଛି ଏବଂ ରହିବ ମଧ୍ୟ।

ଭାରତୀୟ ନାଟ୍ୟଶାସ୍ତ୍ରର ସର୍ବ ପୁରାତନ ଏବଂ ତଥ୍ୟ ଭିତ୍ତିକ ଅମୂଲ୍ୟ ପ୍ରାମାଣିକ ଗ୍ରନ୍ଥ ଭରତ ମୁନୀଙ୍କ ନାଟ୍ୟଶାସ୍ତ୍ରକୁ ଓଡ଼ିଆରେ ଅନୁବାଦ କରି ଓଡ଼ିଆର ପାଠକ ପାଠିକା ତଥା ଗବେଷକମାନଙ୍କ ନିକଟରେ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦୀର୍ଘ ବର୍ଷ ତଳୁ ନିରନ୍ତର ଉଦ୍ୟମ କରି ଆସିଛି। ଉକ୍ତ ପ୍ରସିଦ୍ଧ ଗ୍ରନ୍ଥଟିରେ ମୋଟ ୩୭ଟି ଅଧ୍ୟାୟ ସନ୍ନିବେସିତ ହୋଇ ନାଟ୍ୟର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଭାବେ ପ୍ରମାଣ ସହ ଆଲୋଚନା ହୋଇଛି। ନାଟ୍ୟଶାସ୍ତ୍ରର ପ୍ରଥମ ଖଣ୍ଡ (ପ୍ରଥମ ଅଧ୍ୟାୟଠାରୁ ୧୧ଶ ଅଧ୍ୟାୟ) ପର୍ଯ୍ୟନ୍ତ ବିଶିଷ୍ଟ ସଂସ୍କୃତବିତ୍ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟଙ୍କ ଦ୍ୱାରା ଓଡ଼ିଆରେ ଅନୂଦିତ ହୋଇ ୧୯୬୪ ମସିହାରେ ପ୍ରଥମ ସଂସ୍କରଣ ଭାବରେ ଆତ୍ମ ପ୍ରକାଶ କରିଥିଲା। ଏହି ଗ୍ରନ୍ଥଟି ନୃତ୍ୟ, ସଙ୍ଗୀତ, ନାଟକ ଇତ୍ୟାଦିରେ ରୁଚି ରଖିଥିବା ସତ୍ୟ

Digitized by srujanika@gmail.com

ଶିକ୍ଷାନବୀଶ, ଅଧ୍ୟାପକ ଓ ଗବେଷକମାନଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିଥିଲା। ଇତିମଧ୍ୟରେ ଉକ୍ତ ପୁସ୍ତକଟି ତିନୋଟି ସଂସ୍କରଣରେ ପ୍ରକାଶ ପାଇ ପାଠକ ପାଠିକାମାନଙ୍କ ଦ୍ୱାରା ବିଶେଷ ଆଦର ଲାଭ କରିଛି। ନାଟ୍ୟଶାସ୍ତ୍ରର ଦ୍ୱିତୀୟ ଖଣ୍ଡ (୧୨ଶ ଅଧ୍ୟାୟ ଠାରୁ ୧୯ଶ ଅଧ୍ୟାୟ ପର୍ଯ୍ୟନ୍ତ) ଡକ୍ଟର ଶ୍ରୀନିବାସ ଉଦ୍‌ଗାତାଙ୍କ ଦ୍ୱାରା ଅନୂଦିତ ହୋଇ ୨୦୦୩ ମସିହାରେ ଏକାଡେମୀ ପକ୍ଷରୁ ପ୍ରକାଶ ପାଇ ପାଠକମାନଙ୍କ ଦ୍ୱାରା ସମାଦୃତ ହୋଇପାରିଛି। ନାଟ୍ୟଶାସ୍ତ୍ରର ପରବର୍ତ୍ତୀ ଅଧ୍ୟାୟ ଗୁଡ଼ିକ ଉତ୍କଳାନୁବାଦ କରିବା ପାଇଁ ଏକାଡେମୀ ପକ୍ଷରୁ ପ୍ରବୀଣ ସଂସ୍କୃତବିତ୍ ପଣ୍ଡିତ ଗୋବିନ୍ଦଚନ୍ଦ୍ର ମିଶ୍ରଙ୍କୁ ଅନୁରୋଧ କରାଯାଇଥିଲା। ପଣ୍ଡିତ ମିଶ୍ର ଖୁବ୍ ସ୍ୱଳ୍ପ ସମୟ ମଧ୍ୟରେ ଏକାଡେମୀର ସାଗ୍ରହ ଅନୁରୋଧ ରକ୍ଷା କରି ଏହି ଅନୁବାଦ କାର୍ଯ୍ୟ ସମ୍ପନ୍ନ କରି ପାଣ୍ଡୁଲିପିକୁ ଏକାଡେମୀକୁ ହସ୍ତାନ୍ତର କରିଥିଲେ। ସେଥିରୁ ନାଟ୍ୟଶାସ୍ତ୍ରର ତୃତୀୟ ଖଣ୍ଡ (୨୦ଅଧ୍ୟାୟ ଠାରୁ ୨୭ ଅଧ୍ୟାୟ ପର୍ଯ୍ୟନ୍ତ) ୨୦୦୭ ମସିହାର ଆଦ୍ୟ ଭାଗରେ ପ୍ରକାଶ ପାଇଛି। ବର୍ତ୍ତମାନ ଉକ୍ତ ଗ୍ରନ୍ଥର ଶେଷ ଭାଗ (୨୮ ଅଧ୍ୟାୟ ଠାରୁ ୩୭ ଅଧ୍ୟାୟ ପର୍ଯ୍ୟନ୍ତ) ପ୍ରକାଶ ପାଇବାକୁ ଯାଉଅଛି। ଏହି ଅବସରରେ ଉକ୍ତ ପ୍ରସିଦ୍ଧ ଗ୍ରନ୍ଥର ଓଡ଼ିଆ ଅନୁବାଦକ ପଣ୍ଡିତ୍ ବାନାମ୍ବର ଆଚାର୍ଯ୍ୟ, ଡକ୍ଟର ଶ୍ରୀନିବାସ ଉଦ୍‌ଗାତା ଓ ପଣ୍ଡିତ ଗୋବିନ୍ଦଚନ୍ଦ୍ର ମିଶ୍ରଙ୍କୁ ଏକାଡେମୀ ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଅଛି।

ଓଡ଼ିଶା ସାହିତ୍ୟ ଏକାଡେମୀର ପଚାଶ ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ପାଳନ ଅବକାଶରେ ଏହି ପ୍ରସିଦ୍ଧ ଗ୍ରନ୍ଥଟିର ଉତ୍କଳାନୁବାଦ ପ୍ରକାଶ ପାଉଥିବା ଅତି ଆନନ୍ଦର ବିଷୟ। ଏହି ଉପାଦେୟ ପୁସ୍ତକଟି ସଙ୍ଗୀତ, ନାଟକ, ନୃତ୍ୟ, ମଞ୍ଚଶିଳ୍ପୀ, କଳାକାର ଓ ଆଗ୍ରହୀ ପାଠକ, ଗବେଷକମାନଙ୍କ ଜ୍ଞାନଲିପ୍ସାକୁ ଚରିତାର୍ଥ କରିପାରିଲେ ଏକାଡେମୀର ଉଦ୍ଦେଶ୍ୟ ପୂରଣ ହେବ।

କବି, ଲେଖକ, ସାହିତ୍ୟିକ ଓ ଓଡ଼ିଆ ଭାଷାରେ ରୁଚି ରଖିଥିବା ବିଦଗ୍ଧ ପାଠକ ପାଠିକାମାନଙ୍କ ଦ୍ୱାରା ଏହି ଗ୍ରନ୍ଥଟି ପୂର୍ବପରି ସମାଦୃତ ହେଲେ ଏକାଡେମୀର ଶ୍ରମ ସାର୍ଥକ ହେବ ବୋଲି ଆଶା କରୁଅଛି।

ଭୁବନେଶ୍ୱର
ରଥଯାତ୍ରା ୨୦୦୮

ହରପ୍ରସାଦ ପରିଛା ପଟନାୟକ
ସଚିବ

Digitized by srujanika@gmail.com

ସୂଚୀପତ୍ର

୨୮ଶ ଅଧ୍ୟାୟ ଆତୋଦ୍ୟବିଧି

ବିଷୟ	ପୃଷ୍ଠା	ଶ୍ଳୋକ
ବାଦ୍ୟର ତ୍ରିବିଧ ପ୍ରୟୋଗ	୫	୩
କୁତପ ବିନ୍ୟାସ	୬	୪-୫
ଆତୋଦ୍ୟ	୬	୮
ତ୍ରିବିଧ ଗାନ୍ଧର୍ବ	୭	୧୧
ଦୁଇ ଅଧିଷ୍ଠାନସ୍ୱର	୭	୧୨
ବୀଣାସ୍ୱର ଅଳଙ୍କାର	୭	୧୪
ବର୍ଣ୍ଣ ସ୍ଥାନ ଓ ଜାତି		
କଣ୍ଠ ସଙ୍ଗୀତ	୭	୧୫
ଏକବିଂଶ ତାନ	୮	୧୮-୨୦
ସପ୍ତସ୍ୱର	୮	୨୧
ବାଦୀ, ସଂବାଦୀ, ଅନୁବାଦୀ		
ଓ ବିବାଦୀ	୮	୨୨-୨୩
ଦୁଇ ଗ୍ରାମ	୧୦	୨୪
ଏମାନଙ୍କ ନିଦର୍ଶନ	୧୦	ଗଦ୍ୟ
ଷଡ଼୍‌ଜ ଶ୍ରୁତି ବିଚାର	୧୦	୨୫-୨୬
ମଧ୍ୟମ ଗ୍ରାମରେ ଶ୍ରୁତି	୧୧	୨୭-୨୮
ଷଡ଼୍‌ଜ ଗ୍ରାମର ମୂର୍ଚ୍ଛନା	୧୨	୨୯-୩୦
ମଧ୍ୟମ ଗ୍ରାମର ୭ ମୂର୍ଚ୍ଛନା	୧୨	୩୧-୩୨
ଷାଡ଼ବ ଓ ଔଡ଼ୁବିତ ତାନ	୧୩	-
ତାନର ଦୁଇ ପଦ୍ଧତି	୧୪	
ସାଧାରଣ ବିଧି ସ୍ୱର ସାଧାରଣ	୧୫	-
ଜାତି	୧୭	୩୮-୩୯
ଷଡ଼୍‌ଜ ଗ୍ରାମାଶ୍ରିତ ଜାତି	୧୭	୪୦
ମଧ୍ୟମ ଗ୍ରାମାଶ୍ରିତ ୧୧ ଜାତି	୧୭	୪୧
ଶୁଦ୍ଧା ଓ ବିକୃତାଜାତି	୧୭/୧୮	-
ପଞ୍ଚସ୍ୱରା, ସପ୍ତସ୍ୱରା ଜାତି		
ଜାତି ସମୂହର ଅଂଶ	୧୯/୨୦	
୧୦ ପ୍ରକାର ଜାତିର ଲକ୍ଷଣ	୨୨	୭୪
ଗ୍ରହ	୨୨	୭୫
ଜାତିମାନଙ୍କର ଅଂଶ	୨୨	-
ଅଂଶ ଗ୍ରହ ବିଧି	୨୩	
ତାର ଗତି, ମନ୍ଦ୍ର ଗତି		
ଅଳ୍ପତ୍ୱ, ବହୁତ୍ୱ	୨୫	-
ନ୍ୟାସ ଅପନ୍ୟାସ	୨୬	୩୩

୨୯ଶ ଅଧ୍ୟାୟ ତତବାଦ୍ୟ

ବିଷୟ	ପୃଷ୍ଠା	ଶ୍ଳୋକ
ରସରେ ଜାତି ପ୍ରୟୋଗ	୩୪	୧-୧୬
ଚାରିବର୍ଣ୍ଣ	୩୬	୧୯-୨୩
୩୩ ଅଳଙ୍କାର	୩୭	୨୪-୩୦
ସ୍ଥାୟୀ ଅଳଙ୍କାର	୩୮	୩୧
ମିଶ୍ର, ଆରୋହୀ, ଅବରୋହୀ	୩୮	
ଗୀତ ଲକ୍ଷଣ	୪୪	୭୮
ବୃତ୍ତିତ୍ରୟ	୪୮	୧୦୪
ଧାତି	୪୯	୧୦୭
ତ୍ରିବିଧ ବୀଣା ସଂଗୀତ	୪୯	୧୧୦
ବିପଞ୍ଚୀର କରଣ	୫୦	୧୧୫
ବହିର୍ଗୀତ	୫୧	୧୨୪
ଆଶ୍ରାବଣା	୫୧	୧୨୮
ଆରମ୍ଭ	୫୨	୧୩୩
ବକ୍ତ୍ରପାଣି	୫୩	୧୩୯
ପରିଘଟ୍ଟନା	୫୫	୧୪୯
ଲୀଳାକୃତ	୫୬	୧୫୬

୩୦ଶ ଅଧ୍ୟାୟ ସୁଷିର ବାଦ୍ୟ

ବିଷୟ	ପୃଷ୍ଠା	ଶ୍ଳୋକ
ମଧ୍ୟମ ଗ୍ରାମ ସ୍ୱର	୫୭	୬-୭
ଷଡ଼୍‌ଜ ସ୍ୱର	୫୮	୮-୯

୩୧ଶ ଅଧ୍ୟାୟ ତାଳବ୍ୟଞ୍ଜକ

ବିଷୟ	ପୃଷ୍ଠା	ଶ୍ଳୋକ
ଲୟ ଓ କଳା ପରିଚୟ	୫୯	୪-୬
ଆସାରିତ	୬୭	୬୨
ମଧ୍ୟ ଆସାରିତ	୬୮	୭୧
ଲୟାନ୍ତରିତ	୬୮	୭୪.
ହ୍ରସ୍ୱ ଆସାରିତ	୭୨	୧୦୨-୩
ଦୀର୍ଘ ଆସାରିତ	୭୫	୧୧୭/୮
ବର୍ଦ୍ଧମାନର ଚାରିଅଙ୍ଗ	୭୮	୧୩୬
ସପ୍ତବିଧଗାନ	୮୯	୨୨୦
ମଦ୍ରକ	୮୯	୨୨୧
ଅପରାନ୍ତକ	୮୯	୨୨୨
ରୋବିନ୍ଦକ	୮୯	୨୨୩
ଓବେତାକ	୯୦	୨୨୬
ଅପରାନ୍ତକ	୯୬	୨୭୪
ଉଲ୍ଲୋପ୍ୟକ	୯୯	୨୯୨
ପ୍ରକରୀ	୧୦୨	୩୧୫
ଓବେଣକ	୧୦୩	୩୨୩
ରୋବିନ୍ଦକ	୧୦୬	୩୪୬
ଉତ୍ତର	୧୦୬	୩୫୦
ଲାସ୍ୟ	୧୧୭	୪୨୭
ଗେୟପଦ	୧୧୮	୪୩୩
ସ୍ଥିତପାଠ୍ୟ	୧୧୯	୪୪୨
ପୁଷ୍ପ ଗଣ୍ଡିକା	୧୨୦	୪୫୨/୫୩
ସୈନ୍ଧବକ	୧୨୨	୪୬୭
ଉକ୍ତ ପ୍ରତ୍ୟୁକ୍ତ	୧୨୩	୪୭୬
ତିନି ଲୟ	୧୨୫	୪୮୭
ତିନି ଯତି	୧୨୫	୪୯୦
ତିନି ପାଣି	୧୨୬	୪୯୪

୩୨ଶ ଅଧ୍ୟାୟ ଧ୍ରୁବା ବିଧାନ

ବିଷୟ	ପୃଷ୍ଠା	ଶ୍ଳୋକ
ଧ୍ରୁବା ଓ ଅଙ୍ଗ	୧୨୮	୪

Digitized by srujanika@gmail.com

ଧ୍ରୁବା ପାଞ୍ଚ ପ୍ରକାର	୧୨୯	୯
ପ୍ରାବେଶିକୀ ଧ୍ରୁବା	୧୨୯	୧୦
ଅଡ୍‌ଡିତା ଧ୍ରୁବା	୧୨୯	୧୧
ଅବକୃଷ୍ଟା ଧ୍ରୁବା	୧୨୯	୧୨
ଖଞ୍ଜନକ୍‌କୁଟା ଧ୍ରୁବା	୧୨୯	୧୩
ଦ୍ୱିବିଧ ପଦ	୧୩୨	୩୦
ନିବଦ୍ଧପଦ	୧୩୨	୩୧
ଅନିବଦ୍ଧ ପଦ	୧୩୨	୩୨
ଛନ୍ଦ ବିଧାନ	୧୩୩	୩୭
ଛନ୍ଦ ଜାତି	୧୩୩	୩୮-୪୨
ତ୍ରିବିଧ ବୃତ୍ତ	୧୩୪	୪୩
ଅତ୍ୟୁକ୍ତା	୧୩୫	୫୨
ଉକ୍ତା	୧୩୫	୫୩
ପ୍ରତିଷ୍ଠା, ସୁପ୍ରତିଷ୍ଠା	୧୩୬	୫୫
ବିଦ୍ୟୁତ୍‌ ଭ୍ରାନ୍ତା	୧୩୬	୬୪
କମଳମୁଖୀ	୧୩୭	୬୮
ଘନପଂକ୍ତି	୧୩୭	୭୫
ମାଳିନୀ	୧୩୮	୭୯
ମକରଶୀର୍ଷା	୧୩୮	୮୧
ବିମଳା	୧୩୮	୮୩
ବୀଥି	୧୩୯	୮୫
ରମ୍ୟା	୧୩୯	୮୫
ଜାତା	୧୪୦	୯୩
ପଂକ୍ତି	୧୪୦	୯୫
ନାଳତୋୟା	୧୪୦	୯୯
ଦ୍ରୁତଗତି ଚପଳା	୧୪୧	୧୦୨
ଭ୍ରମରମାଳା	୧୪୧	୧୦୮
ଭୋଗବତୀ	୧୪୨	୧୧୦
ମଧୁକରିକା	୧୪୨	୧୧୨
ସୁଭଦ୍ରା	୧୪୨	୧୧୬
କୁସୁମବତୀ	୧୪୨	୧୧୭
ମୁଦିତା	୧୪୩	୧୧୮
ବିଲମ୍ବିତା	୧୪୩	୧୨୪
ଚଞ୍ଚଳଗତି	୧୪୪	୧୨୬
ଲଳିତ ଗତି	୧୪୪	୧୩୧
ମଧୁକରୀ	୧୪୫	୧୩୫
ନନ୍ଦୀ	୧୪୫	୧୩୫
ପ୍ରମିତା	୧୪୬	୧୪୪
ବିଲମ୍ବିତା	୧୪୭	୧୫୨
ଦ୍ରୁତଧ୍ରୁବାର ଛନ୍ଦ	୧୪୯	୧୬୦
ବିଦ୍ୟୁନ୍ମାଳା	୧୫୦	୧୬୫
ଦ୍ରୁତଚପଳା	୧୫୩	୧୮୦
କନକଲତା	୧୫୪	୧୮୨
ମୁଖଚପଳା	୧୫୫	୧୮୪
ଚିତ୍ରା	୧୫୬	୧୯୫
ସୁରଭିମୁଖୀ	୧୫୭	୧୯୯
ଭୁଜଗମୁଖୀ	୧୫୮	୨୦୮
କନକଲତାକ୍ଷିପ୍ତା	୧୫୯	୨୧୩
ଶଶିରେଖା	୧୬୦	୨୧୭
ସୁରଦୟିତା	୧୬୨	୨୨୬
କୁସୁମ ସମୁଦିତା	୧୬୨	୨୨୮
ତ୍ରିଷ୍ଟୁପ୍‌ଜାତି ଛନ୍ଦ	୧୬୪	୨୩୮
ବର୍ଦ୍ଧମାନା	୧୬୭	୨୫୯
ତ୍ର୍ୟସ୍ରମାନଙ୍କର ଗଣନିୟମ	୧୭୦	୨୭୯
ଶୀର୍ଷକ	୧୭୩	୨୯୩/୯୪
ଚପଳାଶୀର୍ଷକ	୧୭୩	୨୯୫
ଉଦ୍ଧୋଦ୍ଧତା	୧୮୦	୩୨୪
ହଂସାସ୍ୟ (୨)	୧୮୪	୩୪୦
ଧ୍ରୁବାର ପଞ୍ଚବୈଶିଷ୍ଟ୍ୟ	୧୮୭	୩୬୧
ଧ୍ରୁବାର ପଞ୍ଚସ୍ଥାନ	୧୮୮	୩୬୪
ସ୍ଥାନ ଦ୍ୱିବିଧ	୧୮୯	୩୭୨
କ୍ଷେତ୍ର ଅନୁଯାୟୀ ଧ୍ରୁବାର	୧୮୯	୩୭୩-୩୮୩
ଅଧ୍ୟାୟ ୩୨ ଧ୍ରୁବା ବିଧାନ		
ଷଟ୍‌ପ୍ରକାର ଧ୍ରୁବା	୧୯୨	୩୮୪
କ୍ଷେତ୍ର ଅନୁସାରେ ଧ୍ରୁବା		
ପ୍ରୟୋଗ	୧୯୨	୩୯୩-୪୦୦
ତିନି ପ୍ରକୃତି	୧୯୪	୪୦୨
ଧ୍ରୁବା ଆଶ୍ରୟ	୧୯୫	୪୦୭
ତିନି ପ୍ରକାର ସ୍ଥାମାନଙ୍କ		
ଉପମା	୧୯୬	୪୧୭
ଗତି ସୂଚକ ଧ୍ରୁବା	୧୯୮	୪୨୮
ଧ୍ରୁବା ଛନ୍ଦ	୧୯୯	୪୩୨/୩୩
ପ୍ରୟୋଗ	୧୯୯	୪୩୫
ଧ୍ରୁବାର ଭାଷା	୨୦୦/୪୪୦/୪୪୧	
ଧ୍ରୁବା ପ୍ରୟୋଗ	୨୦୩	୪୫୮
ଗ୍ରହବିଧି	୨୦୪	୪୭୧/୭୨
ଗାନ ପ୍ରୟୋଗ	୨୦୬	୪୮୨
ଗାୟକବାଦକ ଗୁଣ	୨୦୮	୪୯୪
ପୁରୁଷ ଓ ନାରୀଗାନ	୨୦୯	୫୦୩
ଆଚାର୍ଯ୍ୟ ଗୁଣାବଳୀ	୨୧୧	୫୧୨
ଶିଷ୍ୟଗୁଣାବଳୀ	୨୧୧	୫୧୩
କଣ୍ଠସ୍ୱରଗୁଣ	୨୧୧	୫୧୪
ଗାୟକଦୋଷ	୨୧୨	୫୧୯/୨୦
୩୩ ଅଧ୍ୟାୟ, ଅବନଦ୍ଧବାଦ୍ୟ		
ପୁଷ୍କରବାଦ୍ୟ	୨୧୪	୪
ପୁଷ୍କର ଜନ୍ମ	୨୧୪	୫
ଏହାର ବ୍ୟବହାର	୨୧୬	୧୮
ପୁଷ୍କର ସାଧାରଣ ବର୍ଣ୍ଣନା	୨୧୭	୨୪
ପୁଷ୍କରର ବିଭିନ୍ନ ବିଷୟ	୨୧୯	୩୬

Digitized by srujanika@gmail.com

ପୁଷ୍କରର ବାଦ୍ୟକରଣ	୨୧୯	୪୦	ଚିତ୍ର	୨୬୬	
ପୁଷ୍କରରେ ବ୍ୟଞ୍ଜନ ଓ				୨୬୮	
ସ୍ୱର ଉତ୍ପାଦନ	୨୧୯	୪୧ ଶ୍ଳୋକ	ପୁଷ୍କରବାଦନର		
	ପରେ ଗଦ୍ୟ		ସାଧାରଣ ବିଧି	୨୭୪	୩୦୦
ପଞ୍ଚପାଣି ପ୍ରହତ			ପୁଷ୍କରବାଦ୍ୟର ଅପରିହାର୍ଯ୍ୟ	୨୭୪	୩୦୧
ଓଡ଼ିଆ ୨୨୨			୩୪ ଅଧ୍ୟାୟ ପ୍ରକୃତିବିଚାର		
ସଂସ୍କୃତ ୨୨୪			ନାଟ୍ୟରେ ତିନି ପ୍ରକାର		
ଚତୁର୍ମାର୍ଗ	୨୨୪	୪୪	ପୁରୁଷ ଚରିତ୍ର	୨୭୫	୨
ଦର୍ଦୁର ଓ ପଣବ ବାଦ୍ୟ	୨୨୮	୫୫	ଉତ୍ତମ ଚରିତ୍ର	୨୭୫	୪
ଦର୍ଦୁର ବାଦନ	୨୩୦	୬୧	ମଧ୍ୟମ ଚରିତ୍ର	୨୭୫	୫
ତିନିଟି ପୁଷ୍କରର ଏକ			ଅଧମ ଚରିତ୍ର	୨୭୬	୬-୯
କାଳୀନବାଦନ	୨୩୧	୬୮	ନାରୀ ଚରିତ୍ର	୨୭୬	୧୦
ତ୍ରିପୁଷ୍କରକରଣ	୨୩୩	୯୧-୯୨	ଉତ୍ତମା	୨୭୬	୧୦/୧୧
ତ୍ରିମାର୍ଜନ	୨୩୬	୧୦୨	ମଧ୍ୟମା	୨୭୭	୧୩
ସାମ୍ୟ	୨୪୦	୧୨୧	ଅଧମା		
ଅଷ୍ଟାଦଶ ଜାତି/ଓଡ଼ିଆ	୨୪୦	୧୨୯	ମିଶ୍ର ସ୍ୱଭାବ	୨୭୭	୧୪-୧୬
ସଂସ୍କୃତ	୨୪୧	ପରଗଦ୍ୟ	ନାୟକ ଚତୁର୍ବିଧ	୨୭୭	୧୮
ଶୁଦ୍ଧାଜାତି	୨୪୧	୧୩୦,୧୩୧	ଚତୁର୍ବିଧ ବିଦୂଷଣ	୨୭୮	୨୧
ଏକରୂପା	୨୪୧	୧୩୨/୩୫	ନାୟକ ଲକ୍ଷଣ	୨୭୮	୨୩/୨୪
ଦେଶାନୁରୂପା	୨୪୨	୧୩୬	ଚତୁର୍ବିଧା ନାୟିକା	୨୭୮	୨୫
ଦେଶାଦପେତରୂପା	୨୪୨	୧୩୮	ଚରିତ୍ରମାନଙ୍କର		
ପର୍ଯ୍ୟାୟା	୨୪୨	୧୪୦	ଦ୍ୱିବିଧ ନିଯୋଗ	୨୭୯	୨୯
ବିଷମା	୨୪୩	୧୪୨	ଅନ୍ତଃପୁରସ୍ଥାଗ	୨୭୯	୩୧-୩୪
ପର୍ଯ୍ୟସ୍ତା	୨୪୩	୧୪୨	ପ୍ରଥମା ମହିଷୀ	୨୭୯	୩୫-୩୭
ସଂହମା	୧୪୩	୧୪୬	ଦେବୀ	୨୮୦	୩୯
ପାଷ୍ଣିସମସ୍ଥା	୨୪୪	୧୪୮	ସ୍ୱାମିନୀ	୨୮୧	୪୧
ଦୁଷ୍କର କରଣା	୨୪୪	୧୫୦	ସ୍ଥାୟିନୀ	୨୮୧	୪୨/୪୩
ଊର୍ଦ୍ଧ୍ୱଗୋଷ୍ଟିକା	୨୪୪	୧୫୪			
ଉଚ୍ଚିତିକା	୨୪୫	୧୫୫	(ସାଧାରଣ ସ୍ତ୍ରୀ)		
ଏବଂବାଦ୍ୟା	୨୪୫	୧୫୮	ଭୋଗିନୀ		୪୪/୪୫
ମୃଦଙ୍ଗ ପଣବା	୨୪୫	୧୬୦	(ଉପପତ୍ନୀ)		
ଅବକୀର୍ଣ୍ଣା	୨୪୫	୧୬୧	ଶିଳ୍ପକାରିଣୀ	୨୮୧	୪୬/୪୭
ଅର୍ଦ୍ଧାବକୀର୍ଣ୍ଣା	୨୪୬	୧୬୨	ନଟୀ	୨୮୨	୪୮-୫୩
ସଂପ୍ଲବା	୨୪୬	୧୬୫	ଅନୁଚାରିଣୀ	୨୮୩	୫୫
ବିଧୂତା	୨୪୬	୧୬୭	ପରିଚାରିକା	୨୮୩	୫୬
ତାଣ୍ଡବ ବାଦ୍ୟାଶ୍ରିତଗ୍ରହ	୨୪୮	୧୭୯	ସଂଚାରିକା	୨୮୩	୫୮
ଭାଣ୍ଡବାଦ୍ୟ ପ୍ରକାର	୨୫୧	୧୯୮	ପ୍ରେଷଣ ଚାରିକା	୨୮୩	୫୯
କୁତପ ବିନ୍ୟାସ	୨୫୫	୨୨୧	ମହତ୍ତରୀ	୨୮୩	୬୦
		ପରଗଦ୍ୟ	ପ୍ରତିହାରୀ	୨୮୪	୬୨
ତ୍ରିସାମ	୨୫୬	୨୨୨	କୁମାରୀ	୨୮୪	୬୩
ଉତ୍ତମବାଦକ ଲକ୍ଷଣ	୨୬୫	୨୩୯	ବୃଦ୍ଧା	୨୮୪	୬୪
ପୁଷ୍କରବାଦକ ଦୋଷ	୨୬୫	୨୪୦	ଆୟୁକ୍ତିକା	୨୮୪	୬୫
ଅବନଦ୍ଧବାଦ୍ୟ ପରିଚୟ	୨୫୫-୬୦		ଅନ୍ତଃପୁର ନିଯୁକ୍ତ	୨୮୫	୬୭-୬୯

Digitized by srujanika@gmail.com

ବାହ୍ୟବ୍ୟକ୍ତି	୨୮୫	୭୦-୭୪
କଞ୍ଚୁକୀୟ	୨୮୬	୭୫
ବାହ୍ୟପୁରୁଷ	୨୮୭	୮୨
ସେନାପତି	୨୮୮	୮୫-୯୦
ପୁରୋଧା ଓ		
ପ୍ରଧାନ ମନ୍ତ୍ରୀ	୨୮୮	୯୧
ଅମାତ୍ୟ	୨୮୯	୯୨/୯୩
ବିଚାରକ (ପ୍ରାଡ୍‌ବିବାକ)	୨୮୯	୯୪
କୁମାରାଧିକୃତ	୨୮୯	୯୬, ୯୭
ସଭାସଦ (ସାଂସଦ)	୨୮୯	୯୮
୩୫ ଅଧ୍ୟାୟ ଭୂମିକା ବିକଳ୍ପ		
ଭୂମିକା ବିଭାଗର		
ସାଧାରଣ ନୀତି	୨୯୦	୨-୪
ଦେବଗଣ ଭୂମିକା	୨୯୦	୫/୬
ରାକ୍ଷସ ଭୂମିକା	୨୯୧	୭-୮
ରାଜାବା ରାଜକୁମାର	୨୯୧	୯-୧୧
ସେନାପତି		
ଅମାତ୍ୟ	୨୯୧	୧୨, ୧୩
କଞ୍ଚୁକୀୟ		
ଶ୍ରୋତ୍ରିୟ	୨୯୨	୧୪
ଗୌଣ ଚରିତ୍ର	୨୯୨	୧୫-୧୭
ଶ୍ରାନ୍ତ	୨୯୨	୧୦
ଭୂମିକା ଦାନର		
ବିଶେଷ କ୍ଷେତ୍ର	୨୯୨	୧୯/୨୦
ଅଧିକ ବା ବିଶିଷ୍ଟ		
ଅଙ୍ଗଯୁକ୍ତ ଚରିତ୍ର	୨୯୩	୨୨/୨୩
ଅପର ଭୂମିକା ଗ୍ରହଣ		
ଫଳ	୨୯୩	୨୫
ଅପର ଭୂମିକା ଗ୍ରହଣ		
ଉପାୟ	୨୯୩	୨୬/୨୭
ଅନୁକରଣ ତ୍ରିବିଧ	୨୯୪	୨୮
ପୁରୁଷ ଓ ନାରୀ ବୈଶିଷ୍ଟ୍ୟ	୨୯୪	୩୩/୩୪
ପୁରୁଷ ଭୂମିକାରେ ନାରୀ	୨୯୫	୩୭
ନାରୀର ବିଶେଷ ଯୋଗ୍ୟତା	୨୯୫	୩୮
ବିଭିନ୍ନ ଭୂମିକାରେ ନାରୀ		
ପ୍ରଶିକ୍ଷଣ	୨୯୫	୪୦
ଉଚିତ୍ ଭୂମିକା ବିଭାଗ		
ଫଳ	୨୯୬	୪୩
ନାଟ୍ୟ ପ୍ରୟୋଗ		
ପ୍ରକାର ଭେଦ	୨୯୭	୪୭
ସୁକୁମାର ନାଟ୍ୟ	୨୯୭	୪୮
ଆବିଦ୍ଧ ନାଟ୍ୟ	୨୯୭	୫୩, ୫୪
ରାଜାଭିନୟ	୨୯୮	୫୭-୬୪
ସୂତ୍ରଧାର ଲକ୍ଷଣ	୨୯୯	୬୬-୭୧
ସୂତ୍ରଧାର ସ୍ୱାଭାବିକ		
ଗୁଣାବଳୀ	୩୦୦	୭୨-୭୪
ପାରିପାର୍ଶ୍ୱିକ ଲକ୍ଷଣ	୭୪-୭୬	
ନଟ ଲକ୍ଷଣ	୩୦୧	୭୬/୭୭
ଶକାର ଲକ୍ଷଣ	୩୦୧	୭୮
ବିଦୂଷକ	୩୦୧	୭୯
ଚେଟ (ଭୃତ୍ୟ)	୩୦୧	୮୦
ଗଣିକା	୩୦୧	୮୧/୮୨
ନାୟିକା	୩୦୨	୮୪-୮୬
ଭୂମିକା ଅଯୋଗ୍ୟାନାରୀ	୩୦୨	୮୬-୮୭
ନାଟଦଳର ସଭ୍ୟ	୩୦୩	୮୮-୯୦
ଭରତ ଲକ୍ଷଣ	୩୦୩	୯୧
ବିଦୂଷକ ଲକ୍ଷଣ	୩୦୩	୯୨/୯୩
ତୌରିପ ଲକ୍ଷଣ	୩୦୩	୯୪
ନଟଶବର ଅର୍ଥ	୩୦୪	୯୫
ନାନ୍ଦୀ	୩୦୪	୯୬/୯୭
ସୂତ୍ରଧାର	୩୦୪	୯୮
ନାଟ୍ୟକାର	୩୦୪	୯୯
ନଟ	୩୦୪	୧୦୦
ନଟୀ	୩୦୫	୧୦୧
ମୁକୁଟକାର	୩୦୫	୧୦୨
ଆଭରଣକାର	୩୦୫	୧୦୩
ମାଲାକାର ବେଶକାର	୩୦୫	୧୦୪
ଚିତ୍ରକାର, ରଜକ, କାରୁ	୩୦୫	୧୦୫
କୁଶୀଲବ	୩୦୫	୧୦୬
ନାଟ୍ୟଗୋଷ୍ଠୀର ଅନ୍ୟାନ୍ୟମାନେ	୩୦୬	୧୦୭
୩୬ ଅଧ୍ୟାୟ ନାଟ୍ୟାବତରଣ		
ମୁନି ପ୍ରଶ୍ନ	୩୦୭	୧-୬
ଭରତ ଉତ୍ତର	୩୦୯	୧୬ରୁ
ଭରତ ନହୁଷ ସଂବାଦ	୩୧୫	୫୮/୫୯
ଉର୍ବଶୀ ପ୍ରସଙ୍ଗ	୩୧୫	୬୦
ପୃଥିବୀରେ ନାଟ୍ୟ ପାଇଁ		
ପୁତ୍ରମାନଙ୍କୁ ଭରତଙ୍କ ଆଦେଶ	୩୧୬	୬୪-୬୭
କୋହଳ ଓ ସହାୟକ	୩୧୭	୮୧
ଆଶୀର୍ବାଦ	୩୧୯	୮୩

Digitized by srujanika@gmail.com

ଶ୍ରୀ ଗଣେଶାୟ ନମଃ

ଭରତ ନାଟ୍ୟଶାସ୍ତ୍ରମ୍

ଅଷ୍ଟାବିଂଶଃ ଅଧ୍ୟାୟଃ ।

ଆତୋଦ୍ୟ ବିଧିମିଦାନୀଂ ବକ୍ଷ୍ୟାମଃ ।

ତଦ୍ ଯଥା-

ତତଂ ଚୈବାବନଦ୍ଧଂ ଚ ଘନଂ ସୁଷିରମେବ ଚ ।
ଚତୁର୍ବିଧଂ ତୁ ବିଜ୍ଞେୟ ମାତୋଦ୍ୟଂ ଲକ୍ଷଣାନ୍ୱିତମ୍ ।। ୧ ।।
ତତଂ ତନ୍ତ୍ରୀଗତଂ ଜ୍ଞେୟ ମବନଦ୍ଧଂ ତୁ ପୌଷ୍କରମ୍ ।
ଘନଂ ତାଳସ୍ତୁ ବିଜ୍ଞେୟଃ ସୁଶିରୋ ବଂଶ ଉଚ୍ୟତେ ।। ୨ ।।

ବାଦ୍ୟସ୍ୟ ତ୍ରିବିଧଃ ପ୍ରୟୋଗଃ-

ପ୍ରୟୋଗଃ ତ୍ରିବିଧୋ ହ୍ୟେଷାଂ ବିଜ୍ଞେୟୋ ନାଟକାଶ୍ରୟଃ ।
ତତଂ ଚୈବାବନଦ୍ଧଂ ଚ ତଥା ନାଟ୍ୟ କୃତଶ୍ଚ ଯଃ ।। ୩ ।।

-: ଅଷ୍ଟାବିଂଶ ଅଧ୍ୟାୟ :-

ଏବେ ଆମେ ବାଦିତ୍ରଚତୁଷ୍ଟୟର ଏକକାଳିକ (ଆତୋଦ୍ୟ) ବାଦନ ବିଧାନ କହିବା । ଯଥା ତତ, ଆନଦ୍ଧ, ଘନ, ସୁଷିର । ଏହି ଚାରିଟି ଲକ୍ଷଣାନ୍ୱିତ ବାଦ୍ୟକୁ ଆତୋଦ୍ୟ ବୋଲି ଜାଣିବ ।। ୧ ।। ବୀଣା ପ୍ରଭୃତି ତାର ଘସା ହୋଇ ବାଜୁଥିବା ବାଦ୍ୟକୁ ତତ୍ତ୍ର ତବଲା, ପକାଉଜ, ମୃଦଙ୍ଗ, ଢକ୍କା (ଢୋଲ) ପ୍ରଭୃତି ଆଘାତକରି ବଜାଯାଉଥିବା ବାଦ୍ୟକୁ ଆନଦ୍ଧ ବା ଅବନଦ୍ଧ କୁହାଯାଏ । (ପୁଷ୍କର-ମାଠିଆ ଛପର ହୋଇ ଓ ଛପର ନହୋଇ ମଧ୍ୟ ଏକ ଆଘାତଜବାଦ୍ୟ ବ୍ୟବହାର କରାଯାଏ) ଗିନି ଝାଞ୍ଜ ପ୍ରଭୃତି କାଂସ୍ୟରେ ନିର୍ମିତ ତାଳରେ ସାହାଯ୍ୟ କରୁଥିବା ବାଦ୍ୟରନାମ ଘନ ଓ ବଂଶୀ କାହାଳି ପ୍ରଭୃତି ଫୁଙ୍କିକରି ବଜାଯାଉଥିବା ବାଦ୍ୟ ସୁଷିର ନାମରେ ପରିଚିତ ।। ୨ ।।

ବାଦ୍ୟର ତିନି ପ୍ରକାର ପ୍ରୟୋଗ-

ନାଟ୍ୟ ଅଭିନୟ କ୍ଷେତ୍ରରେ ଏମାନଙ୍କରର ପ୍ରୟୋଗ ତିନି ପ୍ରକାର । ତତ, ଅବନଦ୍ଧ, ଓ ନାଟ୍ୟକୃତ । କୌଣସି କ୍ଷେତ୍ରରେ ତତ ବାଦ୍ୟର ପ୍ରାଧାନ୍ୟ କୌଣସି କ୍ଷେତ୍ରରେ ଅବନଦ୍ଧର ପ୍ରାଧାନ୍ୟ ଏବଂ ନାଟ୍ୟରେ ସମନ୍ୱିତ ଭାବରେ ଏମାନଙ୍କରର ପ୍ରୟୋଗ ହୁଏ ।। ୩ ।।

Digitized by srujanika@gmail.com

ତତଃ କୁତପବିନ୍ୟାସୋ ଗାୟନଃ ସପରିଗ୍ରହଃ ।
ବୈପଞ୍ଚିକୋ ବୈଣିକଶ୍ଚ ବଂଶବାଦକ ଏବଚ ।। ୪ ।।
ମାର୍ଦଙ୍ଗିକଃ ପାଣବିକଃ ତଥା ଦାର୍ଦୁରିକୋ ବୁଧୈଃ ।
ଅବନଦ୍ଧ ବିଧାବେଷ କୁତପଃ ସମୁଦାହୃତଃ ।। ୫ ।।
ଉତ୍ତମାଧମମଧ୍ୟାଭି ସ୍ତଥା ପ୍ରକୃତିଭିର୍ଯୁତଃ ।
କୁତପୋ ନାଟ୍ୟଯୋଗେତୁ ନାନାଦେଶ ସମାଶ୍ରୟଃ ।। ୬ ।।
ଏବଂ ଗାନଂ ଚ ବାଦ୍ୟଂ ଚ ନାଟ୍ୟଂ ଚ ବିବିଧାଶ୍ରୟମ୍ ।
ଅଲାତଚକ୍ର ପ୍ରତିମଂ କର୍ତ୍ତବ୍ୟଂ ନାଟ୍ୟଯୋକ୍ତୃଭିଃ ।। ୭ ।।
ଯତ୍ତୁ ତନ୍ତ୍ରୀକୃତଂ ପ୍ରୋକ୍ତଂ ନାନାଽତୋଦ୍ୟସମାଶ୍ରୟମ୍ ।।
ଗାନ୍ଧର୍ବ ମିତି ତଜ୍ ଜ୍ଞେୟଂ ସ୍ୱର ତାଳ ପଦାଶ୍ରୟମ୍ ।। ୮ ।।
ଅତ୍ୟର୍ଥ ମିଷ୍ଟଂ ଦେବାନାଂ ତଥା ପ୍ରୀତିକରଂ ପୁନଃ ।
ଗନ୍ଧର୍ବାଣାମିଦଂ ଯସ୍ମାଦ୍ ତସ୍ମାଦ୍ ଗାନ୍ଧର୍ବ ମୁଚ୍ୟତେ ।। ୯ ।।

କୁତପ ବିନ୍ୟାସ-

ଗାୟକ ନିଜର ପରିଜନ (ସହଗାୟକ କିମ୍ୱା ଗାୟିକା ନାଟ୍ୟପତ୍ନୀ) ସହିତ, ବୀଣାବାଦକ, ବଂଶୀବାଦକ, ମୃଦଙ୍ଗ ପଣବ ଦର୍ଦୁରକ ପ୍ରଭୃତିରବାଦକ ଏମାନେ ସମସ୍ତେ ମିଶି ଏକତାନରେ ଯେଉଁ ବିଧି ସଂପାଦନ କରିବେ ଏହାକୁ କୁତପ କୁହାଯାଏ ।। (ସମବେତ ବାଦ୍ୟବୃନ୍ଦ ସମନ୍ୱିତ ଗୀତକୁ କୁତପ କୁହାଯାଏ ।) ।। ୪-୫ ।।

ଉତ୍ତମ ମଧ୍ୟମ ଓ ଅଧମପାତ୍ରମାନଙ୍କ ସହିତ ନାଟ୍ୟର ନାନାସ୍ଥଳରେ କୁତପ ନାଟ୍ୟ ଯୋଗ କରାଯାଏ । ନାଟ୍ୟ ପ୍ରୟୋକ୍ତାମାନେ ମଝିରେ ମଝିରେ ନିଆଁ ଉମ୍ୱେଇଭଳି (ନିଆଁଉମ୍ୱେଇ ଯେପରି ବିବିଧଢାଙ୍କରେ ଦୀପ୍ତ ଶିଖାରେ ଅନ୍ଧକାର ଓ ଶୀତନାଶକରେ ସେହିପରି ଶ୍ରୋତାମାନଙ୍କ ଅଳସ ଓ ଅନ୍ୟମନସ୍କତା ଏହି ରୂପେ ଭାଙ୍ଗି ଦିଏ ।) ଗାନ ବାଦ୍ୟ ଓ ନାଟ୍ୟକୁ ବିବିଧ- ପ୍ରସଙ୍ଗ ମାଧ୍ୟମରେ ଏକୀକୃତ କରି ଉପସ୍ଥାପିତ କରିବେ ।। ୬-୭ ।।

ଚାରିଟିଯାକ ବାଦ୍ୟର ମିଶ୍ରଣକୁ ଆତୋଦ୍ୟ କୁହାଯାଏ । ସ୍ୱର ତାଳ ସମାଶ୍ରିତ ଆତୋଦ୍ୟ ଯଦି ତନ୍ତ୍ରୀଯନ୍ତ୍ରର ନିର୍ଦ୍ଦେଶରେ ପରିଚାଳିତ ହୁଏ ତାହାକୁ ଗାନ୍ଧର୍ବ ବୋଲି କୁହାଯାଏ ।। ୮ ।।

ଏହା ଦେବତାମାନଙ୍କର ଅତ୍ୟନ୍ତ ପ୍ରୀତିଦାୟକ ଓ ବାଞ୍ଛନୀୟ ଅଟେ । ଏହା ଗନ୍ଧର୍ବମାନଙ୍କଠାରୁ ପ୍ରଥମେ ପ୍ରବର୍ତ୍ତିତ ହୋଇଥିଲା ବୋଲି ଏହାକୁ ଗାନ୍ଧର୍ବ କୁହାଯାଏ ।। ୯ ।।

Digitized by srujanika@gmail.com

ଅସ୍ୟ ଯୋନି ର୍ଭବେଦ୍ ଗାତ୍ରଂ ବୀଣା ବଂଶସ୍ତଥୈବଚ ।
ଏତେଷାଂ ଚୈବ ବକ୍ଷ୍ୟାମି ବିବିଧଂ ସ୍ୱରମୁଦ୍‌ଥିତମ୍ ॥ ୧୦ ॥

ତ୍ରିବିଧଂ ଗାନ୍ଧର୍ବମ୍ -

ଗାନ୍ଧର୍ବଂ ତ୍ରିବିଧଂ ବିଦ୍ୟାଦ୍ ସ୍ୱରତାଳ ପଦାତ୍ମକମ୍ ।
ତ୍ରିବିଧସ୍ୟାପି ବକ୍ଷ୍ୟାମି ଲକ୍ଷଣଂ କର୍ମ ଚୈବ ହି ॥ ୧୧ ॥
ଦ୍ୱ୍ୟଧିଷ୍ଠାନାଃ ସ୍ୱରା ଜ୍ଞେୟା ବୈଣାଃ ଶାରୀରକାସ୍ତଥା
ଉଭାଭ୍ୟାମପି ବକ୍ଷ୍ୟାମି ବିଧିଂ ସ୍ୱରସମୁଦ୍‌ଥିତମ୍ ॥ ୧୨ ॥
ସ୍ୱରଗ୍ରାମୌ ମୂର୍ଚ୍ଛନାଶ୍ଚ ତାନାଃ ସ୍ଥାନାନି ବୃତ୍ତୟଃ ।
ସ୍ୱର ସାଧାରଣେ ବର୍ଣ୍ଣା ହ୍ୟଳଂକାରାଃ ସଧାତବଃ ॥ ୧୩ ॥
ଶ୍ରୁତୟୋ ଜାତୟଶ୍ଚୈବ ବିଧିସ୍ୱର ସମାଶ୍ରୟାଃ ।
ଦାରବ୍ୟାଂ ସମବାୟୋଽୟଂ ବୀଣାାୟାଂ ସମୁଦାହୃତଃ ॥ ୧୪ ॥
ସ୍ୱରଗ୍ରାମାବଳଂକାରା ବର୍ଣ୍ଣାଃ ସ୍ଥାନାନି ଜାତୟଃ ।
ସାଧାରଣେ ଚ ଶାରୀର୍ଯ୍ୟାଂ ବୀଣାୟାମେଷ ସଂଗ୍ରହଃ ॥ ୧୫ ॥
ବ୍ୟଞ୍ଜନାନି ସ୍ୱରବର୍ଣ୍ଣାଃ ସନ୍ଧୟୋଽଥ ବିଭକ୍ତୟଃ ।
ନାମାଖ୍ୟାତୋମଂସର୍ଗାଶ୍ଚ ନିପାତା ସ୍ତଦ୍ଧିତାସ୍ତଥା ॥ ୧୬ ॥

ଏହି ସ୍ୱରର ଉତ୍ପତ୍ତିସ୍ଥଳ (୧) ମନୁଷ୍ୟ କଣ୍ଠ, (୨) ବୀଣା (୩) ବଂଶୀ । ଏମାନଙ୍କଠାରୁ ଜନ୍ମ ନେଉଥିବା ବିବିଧ ସ୍ୱରମାନଙ୍କ ବିଷୟ କହିବି ॥ ୧୦ ॥ ସ୍ୱରଗାନ୍ଧର୍ବ, ତାଳ ଗାନ୍ଧର୍ବ, ପଦଗାନ୍ଧର୍ବ ଏହି ଭାବରେ ଗାନ୍ଧର୍ବ ତିନି ପ୍ରକାର । ଏହି ତିନି ପ୍ରକାରର ଲକ୍ଷଣ ଓ କର୍ମ ବିଷୟରେ କହିବି ॥ ୧୧ ॥ ବୀଣାଜାତ ଓ ମାନବ ଶରୀରଜ (କଣ୍ଠଜ) ଏହି ଭାବରେ ସ୍ୱର ଦୁଇଟି ମୂଳରୁ ଜନ୍ମଲାଭ କରିଥାଏ । ଏହି ଦୁହିଁଙ୍କଠାରୁ ଜାତ ସ୍ୱର ବିଧିକୁ ମୁଁ କହୁଛି ॥ ୧୨ ॥

ବୀଣା ସଂଗୀତର ନିୟମ- ସ୍ୱର, ଗ୍ରାମ, ମୂର୍ଚ୍ଛନା, ତାଳ, ସ୍ଥାନ, ବୃତ୍ତି, ସାଧାରଣସ୍ୱର, ବର୍ଣ୍ଣ, ଅଳଙ୍କାର ଧାତୁ । ଶ୍ରୁତି ଏବଂ ବିଧିସ୍ୱର (ପ୍ରଣାଳୀବଦ୍ଧ ସ୍ୱର) ଘଟିତ ଜାତି କାଷ୍ଠବୀଣାରେ ଏହି ସବୁଦାୟ ରହିଥାଏ । ୧୩, ୧୪ ॥

କଣ୍ଠ ସଂଗୀତର ନିୟମ- ସ୍ୱର, ଗ୍ରାମ, ଅଳଙ୍କାର, ବର୍ଣ୍ଣ, ସ୍ଥାନ, ଜାତି ଓ ସାଧାରଣ ସ୍ୱର ଏହି ସମସ୍ତ ମାନବର କଣ୍ଠବୀଣାରେ ରହିଥାଏ ॥ ୧୫ ॥

ସଂଗୀତରେ ପଦ ନିୟମ- ବ୍ୟଞ୍ଜନବର୍ଣ୍ଣ, ସ୍ୱରବର୍ଣ୍ଣ, ସନ୍ଧି, ବିଭକ୍ତି, ନାମ (ବିଶେଷ୍ୟ), ଆଖ୍ୟାତ (କ୍ରିୟା) ଉପସର୍ଗ, ନିପାତ (ଅବ୍ୟୟ) ତଦ୍ଧିତ, ବର୍ଣ୍ଣବୃତ୍ତ, ମାତ୍ରାବୃତ୍ତ, ସଂଗୀତର ପଦମାନଙ୍କର ସହିତ ନିତ୍ୟଯୁକ୍ତ ହୋଇ ରହିଥାଆନ୍ତି । ସେହି ପଦ, ନିବଦ୍ଧ ଓ ଅନିବଦ୍ଧ ଭେଦରେ ଦୁଇ ପ୍ରକାର ॥ ୧୬-୧୭ ॥

Digitized by srujanika@gmail.com

ଅନିବଦ୍ଧଂ ନିବଦ୍ଧଂ ଚ ଦ୍ୱିବିଧଂ ତଦ୍ ପଦଂ ସ୍ମୃତମ୍ ॥ ୧୭ ॥
ଅତସ୍ତାଳଗତସ୍ୟାପି ସଂପ୍ରବକ୍ଷ୍ୟାମି ବୈ ଦ୍ୱିଜାଃ ।
ଧ୍ରୁବସ୍ତ୍ୱାବାପ ନିଷ୍କ୍ରାମୌ ବିକ୍ଷେପଶ୍ଚ ପ୍ରବେଶକଃ ॥ ୧୮ ॥
ଶମ୍ୟା ତାଳଃ ସନ୍ନିପାତଃ ପରିବର୍ତ୍ତଃ ସବସ୍ତୁକଃ ।
ମାତ୍ରା ବିଦାର୍ଯଙ୍ଗଲୟା ଯତିଃ ପ୍ରକରଣଂ ତଥା ॥ ୧୯ ॥
ଗୀତୟୋଽବୟବା ମାର୍ଗାଃ ପାଦଭାଗାଃ ସପାଣୟଃ ।
ଇତ୍ୟେକ ବିଂଶକୋ ଜ୍ଞେୟୋ ବିଧିଃ ତାଳଗତୋ ବୁଧୈଃ ।
ଗାନ୍ଧର୍ବ ସଂଗ୍ରହୋହ୍ୟେଷ ବିସ୍ତରଂ ଚ ନିବୋଧତ ॥ ୨୦ ॥
ଷଡ୍‌ଜଶ୍ଚ ଋଷଭଶ୍ଚୈବ ଗାନ୍ଧାରୋ ମଧ୍ୟମସ୍ତଥା ।
ପଞ୍ଚମୋ ଧୈବତଶ୍ଚୈବ ନିଷାଦଃ ସପ୍ତଚ ସ୍ୱରାଃ ॥ ୨୧ ॥
ଚତୁର୍ବିଧତ୍ୱ ମେତେଷାଂ ବିଜ୍ଞେୟଂ ଶ୍ରୁତିଯୋଗତଃ ।
ବାଦୀ ଚୈବାଥ ସଂବାଦୀ ଅନୁବାଦୀ ବିବାଦ୍ୟପି ॥ ୨୨ ॥

ତତ୍ରଯୋ ଯତ୍ରାଂଶଃ ସ ତତ୍ର ବାଦୀ, ଯୟୋଶ୍ଚ ନବକ ତ୍ରୟୋଦଶକ ଶ୍ରୁତ୍ୟନ୍ତରେ ତାବନ୍ୟୋନ୍ୟଂ ସଂବାଦିନୌ । ଯଥା ଷଡ୍‌ଜ ମଧ୍ୟମୌ ଷଡ୍‌ଜପଞ୍ଚମୌ ଋଷଭଧୈବତୌ ଗାନ୍ଧାରନିଷାଦୌ ଇତିଷଡ୍‌ଜଗ୍ରାମେ । ମଧ୍ୟମ ଗ୍ରାମେଽପି ଏବମେବ । ଷଡ୍‌ଜପଞ୍ଚମବର୍ଜ୍ଜଂ ପଞ୍ଚମର୍ଷଭୟୋଶ୍ଚାତ୍ର ସଂବାଦଃ ॥ ଇତି ॥ ଅତ୍ରଶ୍ଳୋକଃ:-

---

ତାଳର ଏକବିଂଶତି ଆକୃତି- ହେ ବିପ୍ରଗଣ, ଏହାପରେ ତାଳ ସମ୍ବନ୍ଧରେ କହୁଛି ଧ୍ରୁବଆବାପ, ନିଷ୍କ୍ରାମ, ବିକ୍ଷେପ, ପ୍ରବେଶକ, ଶମ୍ୟା, ତାଳ, ସନ୍ନିପାତ, ପରିବର୍ତ୍ତ, ବସ୍ତୁ, ମାତ୍ରା, ବିଦାରୀ, ଅଙ୍ଗ, ଲୟ, ଯତି ପ୍ରକରଣ, ଗୀତି, ଅବୟବ, ମାର୍ଗ, ପାଦଭାଗ ଓ ପାଣି- ଏହି ଏକୋଇଶଟି ତାଳର ରୂପ । ଏଗୁଡ଼ିକ ଗାନ୍ଧର୍ବ ସଂଗ୍ରହ । ଏହାର ବିସ୍ତୃତ ପରିଚୟ ଶୁଣ ॥ ୧୮,୧୯,୨୦ ॥

ଷଡ୍‌ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ, ନିଷାଦ ନାମରେ ସ୍ୱର ସାତଟି ॥ ୨୧ ॥ (ସ,ରି,ଗ,ମ,ପ,ଧ,ନି)

ସ୍ୱରସମୂହର ପାରସ୍ପରିକ ସମ୍ବନ୍ଧ- ଶ୍ରୁତିସମୂହର (ଅଳ୍ପ ବିସ୍ତର ଅନ୍ତର) ଅନୁସାରେ ସ୍ୱରଗୁଡ଼ିକ ଚାରି ଶ୍ରେଣୀର । ଯଥା-ବାଦୀ, ସଂବାଦୀ, ଅନୁବାଦୀ ଓ ବିବାଦୀ ॥ ୨୨ ॥

ବାଦୀ ଓ ସଂବାଦୀ ସ୍ୱର- ଯେ ଯେଉଁଠାରେ ଅଂଶ ସେ ସେହି ପ୍ରସଙ୍ଗରେ ବାଦୀ ନାମରେ ପରିଚିତ ହେବ । ଯେଉଁ ସ୍ୱର ଦୁଇଟି ନବକ (ନଅ ସଂଖ୍ୟକ) ବା ତେର ଶ୍ରୁତି ଅନ୍ତରେ ରହନ୍ତି, ସେମାନେ ପରସ୍ପର ସଂବାଦୀ ହୋଇଥାଆନ୍ତି । ଯଥା-ଷଡ୍‌ଜ ଗ୍ରାମରେ ଷଡ୍‌ଜ ଓ ମଧ୍ୟମ, ଷଡ୍‌ଜ ଓ ପଞ୍ଚମ, ଋଷଭ ଓ ଧୈବତ, ଗାନ୍ଧାର ଓ ନିଷାଦ । ମଧ୍ୟମ ଗ୍ରାମରେ ମଧ୍ୟ

Digitized by srujanika@gmail.com

ସଂବାଦୋ ମଧ୍ୟମଗ୍ରାମେ ପଞ୍ଚମସ୍ୟର୍ଷଭସ୍ୟଚ ।
ଷଡ୍‌ଜଗ୍ରାମେ ଚ ଷଡ୍‌ଜସ୍ୟ ସଂବାଦଃ ପଞ୍ଚମସ୍ୟ ଚ ॥ ୨୩ ॥
ବିବାଦିନସ୍ତୁତେ ଯେଷାଂ ସ୍ୟାଦ୍‌ଦ୍ୱିଶ୍ରୁତିକମନ୍ତରମ୍ । ତଦ୍ ଯଥା-

ଋଷଭ-ଗାନ୍ଧାରୌ, ଧୈବତ ନିଷାଦୌ । ଏବଂ ବାଦି ସଂବାଦି ବିବାଦିଷ୍ୱୁ ସ୍ଥାପିତେଷ୍ୱୁ ଶେଷା ଅନୁବାଦି ସଂଜ୍ଞକାଃ ଯଥା ଷଡ୍‌ଜସ୍ୟ ଋଷଭଗାନ୍ଧାର ଧୈବତ ନିଷାଦାଃ, ଗାନ୍ଧାରସ୍ୟାପି ମଧ୍ୟମ ପଞ୍ଚମ ଧୈବତାଃ, ମଧ୍ୟମସ୍ୟ ଧୈବତ ପଞ୍ଚମ ନିଷାଦାଃ, ପଞ୍ଚମସ୍ୟ ଧୈବତ ନିଷାଦୌ, ଧୈବତସ୍ୟ ଋଷଭ ପଞ୍ଚମ ମଧ୍ୟମାଃ,ଷଡ୍‌ଜ ଗ୍ରାମେ ।

ମଧ୍ୟମ ଗ୍ରାମେଽପି ମଧ୍ୟମସ୍ୟ ପଞ୍ଚମ ଧୈବତ ନିଷାଦାଃ, ପଞ୍ଚମସ୍ୟ ଋଷଭ ଷଡ୍‌ଜ ଗାନ୍ଧାରାଃ, ଧୈବତସ୍ୟ ଷଡ୍‌ଜର୍ଷଭଗାନ୍ଧାରାଃ, ନିଷାଦସ୍ୟ ଷଡ୍‌ଜର୍ଷଭଗାନ୍ଧାରାଃ । ବଦନାଦ୍ ବାଦୀ ସଂବଦନାଦ୍ ସଂବାଦୀ, ବିବଦନାଦ୍ ବିବାଦୀ, ଅନୁବଦନାଦ୍ ଅନୁବାଦୀ ।

ଏତେଷାଂ ଚ ସ୍ୱରାଣାଂ ନ୍ୟୁନାଧିକତ୍ୱଂ ତନ୍ତ୍ର୍ୟୁପପାଦନ ଦଣ୍ଡେନ୍ଦ୍ରିୟବୈଗୁଣ୍ୟାଦ୍ ଉପଜାୟତେ । ସ୍ୱରବିଧାନମେତଦ୍ ଚତୁର୍ବିଧମ୍ ।

ଅଥ ଦ୍ୱୌ ଗ୍ରାମୌ ଷଡ୍‌ଜୋ ମଧ୍ୟମ ଶ୍ଚେତି ତତ୍ରାଶ୍ରିତା ଦ୍ୱାବିଂଶତିଃ ଶ୍ରୁତୟଃ ସ୍ୱରମଣ୍ଡଳ ସାଧିତାଃ ଯଥା-

---

ଏହିପରି ହୁଏ । କେବଳ ଷଡ୍‌ଜ ଓ ପଞ୍ଚମ ସଂବାଦୀ ହୁଏ ନାହିଁ । କିନ୍ତୁ ପଞ୍ଚମ ଓ ଋଷଭ ଏଥିରେ ସଂବାଦୀ । ଏହି ବିଷୟରେ ଏକ ପରଂପରାଗତ ଶ୍ଳୋକ ଅଛି-

ମଧ୍ୟମଗ୍ରାମେ ପଞ୍ଚମ ଓ ଋଷଭ ସଂବାଦୀ, ଷଡ୍‌ଜ ଗ୍ରାମରେ ଷଡ୍‌ଜ ଓ ପଞ୍ଚମ ସଂବାଦୀ ହୋଇଥା'ନ୍ତି ॥ ୨୩ ॥

ବିବାଦୀ ସ୍ୱର- ସ୍ୱରଗୁଡ଼ିକ ଦୁଇଶ୍ରୁତି ଅନ୍ତର ରହିଲେ ବିବାଦୀ ହୁଅନ୍ତି । ଯଥା- ଋଷଭ ଓ ଗାନ୍ଧାର (ରି-ଗା) ଧୈବତ ଓ ନିଷାଦ (ଧା-ନି) । ଏହିପରି ବାଦୀ, ସଂବାଦୀ ବିବାଦୀ ସ୍ୱର ସ୍ଥାପିତ ହୋଇସାରିବା ପରେ ଅବଶିଷ୍ଟ ସ୍ୱର ଅନୁବାଦୀ ନାମକ ଅଟନ୍ତି । ଯଥା- ଷଡ୍‌ଜର ଋଷଭ, ଗାନ୍ଧାର, ଧୈବତ, ନିଷାଦ । ଗାନ୍ଧାରର ମଧ୍ୟ ମଧ୍ୟମ, ପଞ୍ଚମ ଓ ଧୈବତ । ମଧ୍ୟମର ଧୈବତ, ପଞ୍ଚମ ଓ ନିଷାଦ । ପଞ୍ଚମର ଧୈବତ ଓ ନିଷାଦ । ଧୈବତର ଋଷଭ, ପଞ୍ଚମ ଓ ମଧ୍ୟମ । ଷଡ୍‌ଜ ଗ୍ରାମରେ ଏହିପରି ହୋଇଥାଏ । ମଧ୍ୟମ ଗ୍ରାମରେ ମଧ୍ୟ ମଧ୍ୟମର ପଞ୍ଚମ ଧୈବତ ଓ ନିଷାଦ । ପଞ୍ଚମର ଋଷଭ, ଷଡ୍‌ଜ ଓ ଗାନ୍ଧାର । ଷଡ୍‌ଜ ଋଷଭ ଓ ଗାନ୍ଧାର ଧୈବତର । ଏହିମାନେ ହିଁ ନିଷାଦର ଅନୁବାଦୀ । ସ୍ୱର (ସ୍ପଷ୍ଟ ଓ ପ୍ରଧାନଭାବେ) ଧ୍ୱନିତ ହେଲେ ବାଦୀ ନାମରେ ଅଭିହିତ ହୁଏ । ଅନ୍ୟ ସ୍ୱର ସହିତ ମିଶି ଧ୍ୱନିତ ହେଲେ ସ୍ୱର ସଂବାଦୀ ହୁଏ । (ଅନ୍ୟସ୍ୱର ସହିତ) ବିରୁଦ୍ଧ ଭାବରେ ଧ୍ୱନିତ ସ୍ୱର ବିବାଦୀ ଏବଂ (ଅନ୍ୟସ୍ୱରର)

Digitized by srujanika@gmail.com

ତିସ୍ରୋଦ୍ୱେ ଚ ଚତସ୍ରଶ୍ଚ ଚତସ୍ରସ୍ତିସ୍ର ଏବ ଚ ।
ଦ୍ୱେ ଚତସ୍ରଶ୍ଚ ଷଡ଼୍‌ଜାଖ୍ୟେ ଗ୍ରାମେ ଶ୍ରୁତିନିଦର୍ଶନମ୍ ॥ ୨୪ ॥
ମଧ୍ୟମ ଗ୍ରାମେ ତୁ ଶ୍ରୁତ୍ୟପକୃଷ୍ଟଃ ପଞ୍ଚମଃ କାର୍ଯ୍ୟଃ ।
ପଞ୍ଚମସ୍ୟ ଶ୍ରୁତ୍ୟୁତ୍‌କର୍ଷାଦପକର୍ଷାଦ୍ ବା ଯଦନ୍ତରଂ ମାର୍ଦବାଦାୟତତ୍ୱାଦ୍
ବା ତଦ୍ ପ୍ରମାଣ ଶ୍ରୁତିଃ । ନିଦର୍ଶନଂ ତ୍ୱାସାମ୍ ଅଭିବ୍ୟାଖ୍ୟାସ୍ୟାମଃ । ଯଥା
ଦ୍ୱେ ବୀଣେ ତୁଲ୍ୟ ପ୍ରମାଣ ତନ୍ତ୍ର୍ୟୁପପାଦନ ଦଣ୍ଡମୂର୍ଚ୍ଛନେ ଷଡ଼୍‌ଜଗ୍ରାମଶ୍ରିତେ
କାର୍ଯ୍ୟେ । ତୟୋରନ୍ୟତରାଂ ମଧ୍ୟମଗ୍ରାମିକୀଂ କୁର୍ଯ୍ୟାଦ୍ । ଏବଂ ଶ୍ରୁତିରପକୃଷ୍ଟା
ଭବତି । ପୁନରପି ତଦେବାପକର୍ଷାଦ୍ ଗାନ୍ଧାର ନିଷାଦାବପି ଇତରସ୍ୟାଂ ଋଷଭଧୈବତୌ
ପ୍ରବିଶତଃ ଦ୍ୱିଶ୍ରୁତ୍ୟଧିକତ୍ୱାଦ୍ । ପୁନସ୍ତଦେବାପକର୍ଷାଦ୍ ଧୈବତର୍ଷଭାବିତରସ୍ୟାଂ
ପଞ୍ଚମଷଡ଼୍‌ଜୌ ପ୍ରବିଶତଃ (ତ୍ରି) ଶ୍ରୁତ୍ୟଧିକତ୍ୱାଦ୍ । ତଦ୍‌ବଦ୍ ପୁନରପକୃଷ୍ଟାୟାଂ ତସ୍ୟାଂ
ପଞ୍ଚମ ମଧ୍ୟମ ଷଡ଼୍‌ଜାଃ ଇତରସ୍ୟାଂ ମଧ୍ୟମ ଗାନ୍ଧାର ନିଷାଦାବନ୍ତଃ ପ୍ରବେକ୍ଷ୍ୟନ୍ତି
ଚତୁଃଶ୍ରୁତ୍ୟଧିକତ୍ୱାଦ୍ ।

ଅନୁଗାମୀସ୍ୱର ଅନୁବାଦୀ ହୋଇଥାଏ । ଏହି ସ୍ୱରମାନଙ୍କର ନ୍ୟୁନାଧିକ୍ୟ (କମ ବେଶି) ବୀଣାର ଉପାଦାନ ଦଣ୍ଡର ବୈଗୁଣ୍ୟ ଅନୁଯାୟୀ (ବଜାଇବାର କାଇଦାରେ) ହୋଇଥାଏ, ଏବଂ କଣ୍ଠସ୍ୱର ଇନ୍ଦ୍ରିୟମାନଙ୍କର ବିଭିନ୍ନ ଅବସ୍ଥାନୁସାରେ ହୋଇଥାଏ । ଏହି ସ୍ୱର ବିଧାନ ଚାରି ପ୍ରକାର । ଷଡ଼୍‌ଜ ଓ ମଧ୍ୟମ ଦୁଇଟି ଗ୍ରାମ । ଏହି ପ୍ରତ୍ୟେକ ଗ୍ରାମରେ ବାଇଶିଟି (ଦ୍ୱାବିଂଶଟି)ଶ୍ରୁତି ଅଛି । **ଷଡ଼୍‌ଜ ଗ୍ରାମର ଶ୍ରୁତି ହିସାବ-** (ଋଷଭ) ତିନି, (ଗାନ୍ଧାର) ଦୁଇ (ମଧ୍ୟମ) ଚାରି (ପଞ୍ଚମ) ଚାରି (ଧୈବତ) ତିନି (ନିଷାଦ) ଦୁଇ (ଷଡ଼୍‌ଜ) ଚାରି ହିସାବରେ ଶ୍ରୁତି ରହେ । (ରେ୩, ଗା୨, ମା୪, ପା୪, ଧା୩, ନି୨, ସା୪) ॥ ୨୪ ॥

ମଧ୍ୟମ ଗ୍ରାମରେ ପଞ୍ଚମ ଗୋଟିଏ ଶ୍ରୁତି ବିହୀନ କରିବ । ପଞ୍ଚମ ଏକଶ୍ରୁତି ଉନ୍ନମିତ ବା ଏକଶ୍ରୁତି ଅବନମିତ ହେଲେ ଏବଂ ଏଥିଯୋଗୁଁ (ତନ୍ତ୍ରୀ) ଶିଥିଳ ବା ବିତତ ହେଲେ ଯେଉଁ ଅନ୍ତର ହୋଇଥାଏ ତାହା ପ୍ରମାଣ ଶ୍ରୁତି । ଏହି ଶ୍ରୁତିମାନଙ୍କର ନିଦର୍ଶନ ବା ପ୍ରଣାଳୀକୁ ବ୍ୟାଖ୍ୟା କରାଯିବ । ସମାନଦଣ୍ଡ ଓ ତନ୍ତ୍ରୀ ବିଶିଷ୍ଟ ଏବଂ ଷଡ଼୍‌ଜ ଗ୍ରାମରେ ତନ୍ତ୍ରୀଗୁଡ଼ିକ ସଜ୍ଜିତ କରି ଦୁଇଟି ବୀଣା ରଖାଯିବ । ତାହା ପରେ ପଞ୍ଚମ ସ୍ୱରକୁ (ଗୋଟିଏ ଶ୍ରୁତି କମାଇ) କମାଇ ତା ମଧ୍ୟରୁ ଗୋଟିକୁ ମଧ୍ୟମ ଗ୍ରାମରେ ସାଧିବ । ଏହିପରି ଭାବରେ ଗୋଟିଏ ଶ୍ରୁତି କମାଇବାକୁ ହୁଏ । ଏହାପରେ (ଅନ୍ୟ ବୀଣାରେ) ଏକ ଶ୍ରୁତି ହ୍ରାସ ଯୋଗୁଁ ଗାନ୍ଧାର ଓ ନିଷାଦ ଯଥାକ୍ରମେ ଋଷଭ ଓ ଧୈବତରେ ପହଞ୍ଚିବେ । ସେତେବେଳେ ସେମାନଙ୍କର ଦୁଇଶ୍ରୁତି ବ୍ୟବଧାନ ରହିବ । ପୁଣି (ଅପରବୀଣାଟିରେ) ଏକଶ୍ରୁତିର ହ୍ରାସ ଯୋଗୁଁ, ଋଷଭ ଓ ଧୈବତ ଯଥାକ୍ରମେ ଷଡ଼୍‌ଜ ଓ ପଞ୍ଚମ ସହିତ ମିଶିଯିବ । ସେତେବେଳେ ବ୍ୟବଧାନ ହେବ ତିନିଶ୍ରୁତିର । ଏହିଭଳି ପୁନରାୟ

Digitized by srujanika@gmail.com

ଏବମନେନ ଶ୍ରୁତିନିଦର୍ଶନେନ ଦ୍ୱୌ ଗ୍ରାମିକ୍ୟୌ ଦ୍ୱାବିଂଶତି ଶ୍ରୁତୟଃ ପ୍ରତ୍ୟବଗନ୍ତବ୍ୟାଃ ।

ଷଡ୍‌ଜଃ ଚତୁଃ ଶ୍ରୁତିର୍ଜ୍ଞେୟଃ ଋଷଭଃ ତ୍ରିଶ୍ରୁତିଃ ସ୍ମୃତଃ ।
ଦ୍ୱିଶ୍ରୁତି ଶ୍ଚାପି ଗାନ୍ଧାରୋ ମଧ୍ୟମଶ୍ଚ ଚତୁଃଶ୍ରୁତିଃ ॥ ୨୫ ॥
ଚତୁଃଶ୍ରୁତିଃ ପଞ୍ଚମଃ ସ୍ୟାଦ୍ ତ୍ରିଶ୍ରୁତିର୍ଧୈବତସ୍ତଥା ।
ଦ୍ୱିଶ୍ରୁତିସ୍ତୁ ନିଷାଦଃ ସ୍ୟାଦ୍ ଷଡ୍‌ଜଗ୍ରାମେ ସ୍ୱରାନ୍ତରେ ॥ ୨୬ ॥
ଚତୁଃଶ୍ରୁତିସ୍ତୁ ବିଜ୍ଞେୟୋ ମଧ୍ୟମଃ ପଞ୍ଚମଃପୁନଃ ।
ତ୍ରିଶ୍ରୁତି ଧୈବତସ୍ତୁ ସ୍ୟାଦ୍ ଚତୁଃ ଶ୍ରୁତିକ ଏବ ଚ ॥ ୨୭ ॥
ନିଷାଦଷଡ୍‌ଜୌ ବିଜ୍ଞେୟୌ ଦ୍ୱିଚତୁଃଶ୍ରୁତି ସମ୍ଭବୌ ।
ଋଷଭଃ ତ୍ରିଶ୍ରୁତିଶ୍ଚ ସ୍ୟାଦ୍ ଗାନ୍ଧାରୋ ଦ୍ୱିଶ୍ରୁତିଃ ତଥା ॥ ୨୮ ॥
ଅନ୍ତର ନିଦର୍ଶନ ମପି ବ୍ୟାଖ୍ୟାତମ୍ ॥
ଅଥ ମୂର୍ଚ୍ଛନାଃ ଦ୍ୱୈଗ୍ରାମିକ୍ୟ ଶ୍ଚତୁର୍ଦ୍ଦଶ ॥ ଯଥା -
ଆଦ୍ୟା ହ୍ୟୁତ୍ତର ମନ୍ଦାସ୍ୟାଦ୍ ରଜନୀ ଚୋତ୍ତରାୟତା ।

ଗୋଟିଏ ଶ୍ରୁତି ହ୍ରାସହେଲେ ପଞ୍ଚମ, ମଧ୍ୟମ ଓ ଷଡ୍‌ଜ ଯଥାକ୍ରମେ ମଧ୍ୟମ ଗାନ୍ଧାର ଓ ନିଷାଦ ସହିତ ମିଳିଯିବେ । ଯେତେବେଳେ ସେମାନଙ୍କ ମଧ୍ୟରେ ଚାରିଶ୍ରୁତିର ବ୍ୟବଧାନ ରହିବ । ଏହିପରି ଭାବରେ ଏହି ଶ୍ରୁତିଦ୍ୱାରା ଦୁଇଟି ଗ୍ରାମର । (ପ୍ରତ୍ୟେକ) ବାଇଶି (ଦ୍ୱାବିଂଶଣି) ଶ୍ରୁତି ଅଛି ବୋଲି ବୁଝିବାକୁ ହେବ । ଏ ବିଷୟରେ ଶ୍ଲୋକମାନ- ଷଡ୍‌ଜ ଚାରିଶ୍ରୁତି ବିଶିଷ୍ଟ, ଋଷଭ ତିନି ଶ୍ରୁତିଯୁକ୍ତ, ଗାନ୍ଧାରର ଦୁଇଶ୍ରୁତି ଓ ମଧ୍ୟମର ଚାରିଶ୍ରୁତି ଅଟେ ॥ ୨୫ ॥

ଷଡ୍‌ଜଗ୍ରାମର ଶ୍ରୁତି-

ଷଡ୍‌ଜ ଗ୍ରାମରେ ଷଡ୍‌ଜ ୪ ଶ୍ରୁତି, ଋଷଭ ୩ ଶ୍ରୁତି, ଗାନ୍ଧାର ୨ ଶ୍ରୁତି ଓ ମଧ୍ୟମର ୪ ଶ୍ରୁତି ପଞ୍ଚମରେ ୪, ଧୈବତରେ ୩, ନିଷାଦରେ ୨ ଶ୍ରୁତି ଅଟେ ॥ ୨୬ ॥

ମଧ୍ୟମ ଗ୍ରାମର ଶ୍ରୁତ- ମଧ୍ୟମ ୪ ଶ୍ରୁତି ବିଶିଷ୍ଟ, ପଞ୍ଚମ ୩, ଧୈବତ ୪, ନିଷାଦ ୨, ଷଡ୍ ୪, ଋଷଭ ୩, ଗାନ୍ଧାର ୨ । (ଏହିପରି ପାରମ୍ପରିକ) ଅନ୍ତରପଦ୍ଧତି ବ୍ୟାଖ୍ୟା ଆଗରୁ କରାଯାଇଅଛି ॥ ୨୭-୨୮ ॥

ଏବେ ଦୁଇଟି ଗ୍ରାମର ଚଉଦଟି ମୂର୍ଚ୍ଛନା । ଯଥା-ଏମାନଙ୍କର ପ୍ରଥମସ୍ୱରଗୁଡ଼ିକ ପରେ ପରେ ଏହିପରି- ଷଡ୍‌ଜ ଗ୍ରାମରେ ଉତ୍ତର ମନ୍ଦ୍ରା ଷଡ୍‌ଜ ଦେଇ, ରଜନୀ ନିଷାଦ ଦେଇ, ଉତ୍ତରାୟତା ଧୈବତ ଦେଇ, ଶୁଦ୍ଧ ଷଡ୍‌ଜା ପଞ୍ଚମ ଦେଇ, ମତ୍ସରୀକୃତା ମଧ୍ୟମ ଦେଇ, ଅଶ୍ୱକ୍ରାନ୍ତା ଗାନ୍ଧାର ଦେଇ ଏବଂ ଅଭିରୁଦ୍‌ଗତା ଋଷଭ ଦେଇ ହୁଏ । ଏହି ସାତଟି ମୂର୍ଚ୍ଛନା

Digitized by srujanika@gmail.com

ଚତୁର୍ଥୀ ଶୁଦ୍ଧଷଡ଼ଜା ତୁ ପଞ୍ଚମୀ ମତ୍ସରୀକୃତା ।। ୨୯ ।।
ଅଶ୍ୱକ୍ରାନ୍ତା ତୁ ଷଷ୍ଠୀସ୍ୟାଦ୍ ସପ୍ତମୀ ଚାଭିରୁଦ୍‌ଗତା ।।
ଷଡ଼ଜଗ୍ରାମ ଶ୍ରିତା ଏତା ବିଜ୍ଞେୟାଃ ସପ୍ତମୂର୍ଚ୍ଛନାଃ ।। ୩୦ ।।

ଆସାଂ ଷଡ୍‌ଜ-ନିଷାଦ-ଧୈବତ-ପଞ୍ଚମ-ମଧ୍ୟମ-ଗାନ୍ଧାରର୍ଷଭା ଆଦ୍ୟାଃ ଷଡ୍‌ଜଗ୍ରାମେ । ଅଥ ମଧ୍ୟମଗ୍ରାମେ-

ସୌବୀରୀ ହରିଣାଶ୍ୱା ଚ ସ୍ୟାଦ୍ କଳୋପନତା ତଥା ।
ଚତୁର୍ଥୀ ଶୁଦ୍ଧମଧ୍ୟାତୁ ମାର୍ଗବୀ ପୌରବୀ ତତା ।। ୩୧ ।।
ହୃଷ୍ୟକା ଚୈବ ବିଜ୍ଞେୟା ସପ୍ତମୀ ଦ୍ୱିଜସତ୍ତମାଃ ।
ମଧ୍ୟମ ଗ୍ରାମଜା ହ୍ୟେତା ବିଜ୍ଞେୟାଃ ସପ୍ତମୂର୍ଚ୍ଛନାଃ ।। ୩୨ ।।

ଆସାଂ ମଧ୍ୟମ ଗାନ୍ଧାର ଷଡ୍‌ଜ ନିଷାଦ ଧୈବତ ପଞ୍ଚମାଃ ଆନୁପୂର୍ବ୍ୟାଦାଦ୍ୟାଃ ସ୍ୱରାଃ ।

ତତ୍ର ଷଡ୍‌ଜ ଗ୍ରାମେ ଷଡ୍‌ଜେନୋତ୍ତରମନ୍ଦ୍ରା, ନିଷାଦେନ ରଜନୀ, ଧୈବତେନୋତ୍ତରାୟତ ପଞ୍ଚମେନ ଶୁଦ୍ଧଷଡ୍‌ଜା, ମଧ୍ୟମେନ ମତ୍ସରୀକୃତା, ଗାନ୍ଧାରେଣାଶ୍ୱକ୍ରାନ୍ତା, ଋଷଭେଣାଭିରୁଦ୍‌ଗତା ଇତି ।

ଷଡ୍‌ଜ ଗ୍ରାମକୁ ଆଶ୍ରୟ କରିଛନ୍ତି ବୋଲି ଜାଣିବ ।। ୨୯-୩୦ ।। ଏମାନଙ୍କର ଷଡ୍‌ଜ ନିଷାଦ ଧୈବତ ପଞ୍ଚମ ମଧ୍ୟମ ଗାନ୍ଧାର ଋଷଭ ପ୍ରକୃତି ଷଡ୍‌ଜ ଗ୍ରାମରେ ଆଦ୍ୟସ୍ୱର ଅଟନ୍ତି ।

ମଧ୍ୟମ ଗ୍ରାମରେ- (ମଧ୍ୟମଠାରୁ ଆରମ୍ଭ) ମଧ୍ୟମ ଦ୍ୱାରା ସୌବୀରୀ, ଗାନ୍ଧାର ଦ୍ୱାରା ହରିଣାଶ୍ୱା, ଋଷଭଦ୍ୱାରା କଳୋପନତା, ଷଡ୍‌ଜଦ୍ୱାରା ଶୁଦ୍ଧମଧ୍ୟମା, ନିଷାଦ ଦ୍ୱାରା ମାର୍ଗବୀ, ଧୈବତ ଦ୍ୱାରା ପୌରବୀ, ପଞ୍ଚମ ଦ୍ୱାରା ହୃଷ୍ୟକା ।

ଚତୁର୍ଦ୍ଦଶ ଶ୍ରେଣୀର ମୂର୍ଚ୍ଛନା- ଏହି ଭାବରେ (ବିଭିନ୍ନ) ପ୍ରଣାଳୀ ଦେଇ ସ୍ୱରସମୂହ ସବୁଶ୍ରେଣୀର ଚଉଦଟି ମୂର୍ଚ୍ଛନା ଗଠନ କରେ । ଯଥା- ପୂର୍ଣ୍ଣ (ଅର୍ଥାଦ୍ ସପ୍ତସ୍ୱର ବିଶିଷ୍ଟ), ଷାଡ଼ବକୃତ (ଛଅସ୍ୱର ବିଶିଷ୍ଟ) ଔଡାବିତୀକୃତ (ପାଞ୍ଚ ସ୍ୱର ଯୁକ୍ତ) ଏବଂ ସାଧାରଣକୃତ (ଅର୍ଥାଦ୍ ସ୍ୱରଗୁଡ଼ିକର ମିଶ୍ରଣ ଜାତ) ।

ମୂର୍ଚ୍ଛନା- (ବିଭିନ୍ନ) କ୍ରମରେ ମିଳିତ ସପ୍ତସ୍ୱର (ପୂର୍ଣ୍ଣ) ମୂର୍ଚ୍ଛନା ନାମରେ ପରିଚିତ ହୁଅନ୍ତି । ଛଅସ୍ୱର ବିଶିଷ୍ଟ ତାନକୁ ଷାଡ଼ବ ଓ ପାଞ୍ଚସ୍ୱର ବିଶିଷ୍ଟ ତାନକୁ ଔଡ଼ବିତ କୁହାଯାଏ । ଏମାନଙ୍କ ବ୍ୟତୀତ ଆଉଗୋଟିଏ ପ୍ରକାର ଅଛି ମିଶ୍ରସ୍ୱର ଅଥବା କାକଳୀସ୍ୱର ବା ଅନ୍ତରସ୍ୱର ସହିତ ଯୁକ୍ତ ହୁଏ ଏବଂ ଏହା (ଷଡ୍‌ଜ ଓ ମଧ୍ୟମ) ଉଭୟ ଗ୍ରାମରେ ରହେ ।। ୩୩, ୩୪ ।।

ଗ୍ରାମ ଓ ମୂର୍ଚ୍ଛନା (ଶବ୍ଦଦୁଇଟି) ଷଡ୍‌ଜଗ୍ରାମରେ ପରସ୍ପର ପୃଥକ କରାହୁଏ । ଏବଂ ଏଥିପାଇଁ ମଧ୍ୟମ ଏବଂ ପରବର୍ତ୍ତୀ ସ୍ୱରଗୁଡ଼ିକ ପରେ ପରେ ନିଷାଦ ଏବଂ ତତ୍ପରବର୍ତ୍ତୀ

Digitized by srujanika@gmail.com

ଅଥ ମଧ୍ୟମ ଗ୍ରାମେ:- ମଧ୍ୟମେନ ସୌବୀରୀ, ଗାନ୍ଧାରେଣ ହରିଣାଶ୍ୱା, ଋଷଭେଣ କଳୋପନତା, ଷଡ୍‌ଜେନ ଶୁଦ୍ଧମଧ୍ୟମା, ନିଷାଦେନ ମାର୍ଗବୀ, ଧୈବତେନ ପୌରବୀ, ପଞ୍ଚମେନ ହୃଷ୍ୟକା ଇତି । ଏବମେତାଃ କ୍ରମଯୁକ୍ତାଃ, ପୂର୍ଣ୍ଣାଃ ଷାଡ଼-ବୌଡବିତୀକୃତାଃ, ସାଧାରଣକୃତାଶ୍ଚେତି ଚତୁର୍ବିଧାଃ ଚତୁର୍ଦ୍ଦଶ ମୂର୍ଚ୍ଛନାଃ ।

କ୍ରମଯୁକ୍ତାଃ ସ୍ୱରାଃ ସପ୍ତ ମୂର୍ଚ୍ଛନେତ୍ୟଭିସଂଜ୍ଞିତାଃ ।
ଷଟ୍‌ପଞ୍ଚକ ସ୍ୱରାସ୍ତାନା ଷାଡ଼ବୌଡ଼ ବିତାଃ ସ୍ମୃତାଃ ।। ୩୩ ।।
ସାଧାରଣକୃତାଶ୍ଚୈବ କାକଳୀ ସମଳଂକୃତାଃ ।
ଅନ୍ତରସ୍ୱର ସଂଯୁକ୍ତା ମୂର୍ଚ୍ଛନା ଗ୍ରାମୟୋ ର୍ଦ୍ୱୟୋଃ ।। ୩୪ ।।

ତତ୍ର ମୂର୍ଚ୍ଛନାସଂଶ୍ରିତାଃ ତାନାଃ ଚତୁରଶୀତିଃ । ତତ୍ର ଏକୋନପଞ୍ଚାଶଦ୍ ଷଟ୍‌ସ୍ୱରାଃ ପଞ୍ଚତ୍ରିଂଶଦ୍ ପଞ୍ଚସ୍ୱରାଃ । ଲକ୍ଷଣଂ ତୁ ଷଟ୍‌ସ୍ୱରାଣାଂ ସପ୍ତବିଧମ୍ । ଯଥା-ଷଡ୍‌ଜର୍ଷଭ ନିଷାଦ ପଞ୍ଚମହୀନା ଶ୍ଚତ୍ୱାରଃ ତାନାଃ ଷଡ୍‌ଜଗ୍ରାମେ । ମଧ୍ୟମ ଗ୍ରାମେ ତୁ ଷଡ୍‌ଜର୍ଷଭ ଗାନ୍ଧାରହୀନାଃ

ତ୍ରୟସ୍ତାନାଃ । ଏବମେତେ ସର୍ବାସୁ ଷାଡ଼ବାସୁ ମୂର୍ଚ୍ଛନାସୁ କ୍ରିୟମାଣା ଭବନ୍ତି ଏକୋନପଞ୍ଚାଶଦ୍ ତାନାଃ । ପଞ୍ଚମସ୍ୱରାଣାଂତୁ ପଞ୍ଚବିଧମେବ ଲକ୍ଷଣମ୍ । ଯଥା ଷଡ୍‌ଜ-

---

ସ୍ୱରସମୂହରେ ପରିଣତ ହୁଅନ୍ତି । ମଧ୍ୟମ ଗ୍ରାମରେ ଧୈବତ କୋମଳ ହେଲେ (ଅର୍ଥାତ୍ କେତେକ ଶ୍ରୁତିହୀନ ହେଲେ) ଏବଂ ନିଷାଦ ବର୍ଦ୍ଧିତ ହେଲେ ଦୁଇଟି (ଶବ୍ଦ) ପୃଥକ୍‌କୃତ ହୁଏ । (ଏହି ଗ୍ରାମ କ୍ଷେତ୍ରରେ ମଧ୍ୟ) ଗୋଟିଏ ମାତ୍ର ସଂଖ୍ୟାର ଶ୍ରୁତିର ଅନ୍ତରହେତୁ ଶବ୍ଦ ଦୁଇଟିର ପାର୍ଥକ୍ୟ (ଯୁକ୍ତସଂଗତ ହୁଏ) ପଞ୍ଚମ ଓ ଧୈବତର ଚାରି ଶ୍ରୁତିର ଅନ୍ତର । ଠିକ ଏହିପରି ଗାନ୍ଧାରର ବୃଦ୍ଧି ଯୋଗୁଁ ଅନ୍ତର ହେବ ଚାରି ଶ୍ରୁତିର । ଅବଶିଷ୍ଟ ମଧ୍ୟମ, ପଞ୍ଚମ, ଧୈବତ, ନିଷାଦ, ଋଷଭ ଓ ଷଡ୍‌ଜ (ଯଥାକ୍ରମେ) ମଧ୍ୟମ ଓ ତଦ୍ ପରବର୍ତ୍ତୀ ସ୍ୱରଗୁଡ଼ିକରେ ପରିଣତ ହୁଏ । ଗୋଟିଏ ସଂଖ୍ୟା ଶ୍ରୁତିର ଅନ୍ତର ହେତୁ ଏହା ହୋଇଥାଏ ।

ଶ୍ରୁତି ପ୍ରଣାଳୀ ପ୍ରସଙ୍ଗରେ (ପାରମ୍ପରିକ) ଅନ୍ତର କୁହାଯାଇ ସାରିଛି । ସେହି ପ୍ରସଙ୍ଗରେ- ଚଉରାଅଶୀଟି ମୂର୍ଚ୍ଛନାଶ୍ରିତ ତାନ ଅଟନ୍ତି । ତହିଁରେ ଅଣଚାଶଟି ଷଟ୍‌ସ୍ୱର । ପଞ୍ଚତିରିଶଟି ପଞ୍ଚସ୍ୱର । ଷଟ୍‌ସ୍ୱରମାନଙ୍କର ଲକ୍ଷଣ ସାତ ପ୍ରକାର । ଯଥା-ଷଡ୍‌ଜଗ୍ରାମରେ ଷଡ୍‌ଜ ଋଷଭ ନିଷାଦ ପଞ୍ଚମ ହୀନ ତାନ ଚାରିଟି । ମଧ୍ୟମ ଗ୍ରାମରେ ଷଡ୍‌ଜ ଋଷଭ ଗାନ୍ଧାର ହୀନ ତିନିଟି ତାନ । ଏହିପରି (ଦୁଇଗ୍ରାମର) ସମସ୍ତ ଷାଡ଼ବ ମୂର୍ଚ୍ଛନାରେ କରାଯାଉଥିବା ତାନଗୁଡ଼ିକ ମୋଟ ମିଶିଏକୋନ ପଞ୍ଚାଶଦ୍ (ଅଣପଚାଶ) ତାନ ଉତ୍ପନ୍ନ ହୁଅନ୍ତି ।

ପଞ୍ଚମସ୍ୱରମାନଙ୍କର ଲକ୍ଷଣ ପାଞ୍ଚ ପ୍ରକାର । ଯଥା- ଷଡ୍‌ଜ ପଞ୍ଚମ ହୀନ, ଋଷଭ ପଞ୍ଚମ ହୀନ, ଗାନ୍ଧାର ନିଷାଦ ହୀନ ଏହିପରି ତିନିଟି ତାନ ଷଡ୍‌ଜ ଗ୍ରାମରେ । ମଧ୍ୟମ

Digitized by srujanika@gmail.com

ପଞ୍ଚମହୀନା ଋଷଭ ପଞ୍ଚମହୀନା ଗାନ୍ଧାର ନିଷାଦ ହୀନା ଇତି ତ୍ରୟସ୍ତାନାଃ ଷଡ୍‌ଜଗ୍ରାମେ । ମଧ୍ୟମଗ୍ରାମେ ତୁ ଋଷଭଧୈବତ ହୀନାଃ ଗାନ୍ଧାରନିଷାଦ ହୀନାଃ ଇତି ଦ୍ୱୌ ତାନୌ । ଏବଂ ପଞ୍ଚସ୍ୱରାଃ ସର୍ବାସୁ ମୂର୍ଚ୍ଛନାସୁ କ୍ରିୟମାଣାଃ ତାନାଃ ପଞ୍ଚତ୍ରିଂଶଦ୍ ଭବନ୍ତି । ଷଡ୍‌ଜଗ୍ରାମେ ଏକବିଂଶତିଃ ମଧ୍ୟମଗ୍ରାମେ ଚତୁର୍ଦ୍ଦଶ । ଏବମେତେ ଏକତ୍ର ଗମ୍ୟମାନାଃ ଚତୁରଶୀତିଃ ଭବନ୍ତି ।।

ଦ୍ୱିବିଧା ସ୍ତାନକ୍ରିୟା ତନ୍ତ୍ର୍ୟାଂ ପ୍ରବେଶୋ ନିଗ୍ରହଶ୍ଚ । ତତ୍ର ପ୍ରବେଶୋ ନାମାଧରସ୍ୱର ପ୍ରକର୍ଷାଦ୍ ଉତ୍ତର ସ୍ୱରମାର୍ଦବାଦ୍‌ବା ନିଗ୍ରହ ସ୍ତ୍ୱସଂସ୍ପର୍ଶଃ । ମଧ୍ୟମ ସ୍ୱରାର୍ସସ୍ପର୍ଶଃ । ମଧ୍ୟମ ସ୍ୱରେଣ ତୁ ବୈଣେନ ମୂର୍ଚ୍ଛନାନିର୍ଦ୍ଦେଶଃ ଭବତ୍ୟନାଶିତ୍ୱାଦ୍ । ମଧ୍ୟମ ସ୍ୱରସ୍ୟ (ନ) ନିଗ୍ରହଃ ପ୍ରବେଶୋବା । ଇତ୍‌ଥଂ ପ୍ରୟୋକ୍ତୃ ଶ୍ରୋତୃ ସୁଖାର୍ଥଂ ତାନ ମୂର୍ଚ୍ଛନା ନାନାତ୍ୱମ୍ । ମୂର୍ଚ୍ଛନା ପ୍ରୟୋଜନମପି ସ୍ଥାନପ୍ରାପ୍ତିଃ । ସ୍ଥାନଂ ତୁ ଦ୍ରିବିଧମ୍ । ପୂର୍ବୋକ୍ତ ଲକ୍ଷଣଂ କାକୁବିଧାନେ ।

ସାଧାରଣ ବିଧିମିଦାନୀଂ ବକ୍ଷ୍ୟାମଃ । ତତ୍ର ସାଧାରଣଂ ନାମାନ୍ତର ସ୍ୱରତା ।
କସ୍ମାଦ୍ । ଦ୍ୱୟୋରନ୍ତରସ୍ଥଂ ଯତ୍ ତତ୍‌ସାଧାରଣମ୍ । ଯଥା ଋତ୍ୱନ୍ତରେ :-
ଛାୟାସୁ ଭବତି ଶୀତଃ ପ୍ରସ୍ୱେଦୋ ବା ଭବତି ଚାତପସ୍ଥସ୍ୟ ।
ନ ଚ ନାଗତୋ ବସନ୍ତୋ ନ ଚ ନିଃଶେଷଃ ଶିଶିରକାଳଃ ।। ୩୫ ।।

ଗ୍ରାମରେ ଋଷଭ ଧୈବତ ହୀନ । ଗାନ୍ଧାର ନିଷାଦ ହୀନ ଏହିପରି ଦୁଇଟି ତାନ । ଏହିପରି ପାଞ୍ଚଟି ସ୍ୱର ସମସ୍ତ ମୂର୍ଚ୍ଛନାରେ କରାଗଲେ ତାନଗୁଡ଼ିକ ପଞ୍ଚତିରିଶ ହେଲେ । ଷଡ୍‌ଜ ଗ୍ରାମରେ ଏକୋଇଶ, ମଧ୍ୟମ ଗ୍ରାମରେ ଚଉଦ ହେଲେ । ମୋଟ ଷଡ୍ ସ୍ୱର (ଷାଡ଼ବିକ) ଏକୋନ ପଞ୍ଚାଶତ (୪୯) + ପଞ୍ଚସ୍ୱର ତାନ ପଞ୍ଚତ୍ରିଂଶଦ୍ (୩୫) ମିଶି (ଚତୁରଶୀତି) ଚଉରାଅଶୀଟି (୮୪) ତାନ ଅଟନ୍ତି ।

ଷାଡ୍‌ବ ତାନ ସାତ ପ୍ରକାର ଯଥା- ଷଡ୍‌ଜ ଗ୍ରାମରେ ଷଡ୍‌ଜ ନିଷାଦ ଓ ପଞ୍ଚମହୀନ ତାନ ମଧ୍ୟମରେ ଷଡ୍‌ଜ, ଋଷଭ ଓ ଗାନ୍ଧାରହୀନ ତିନି ତାନ । ଏତିପରି (ଦୁଇ ଗ୍ରାମ) ମୂର୍ଚ୍ଛନା ମୋଟ ଅଣଚାଶ (୪୯)ଟି ତାନ ଉତ୍ପନ୍ନ କରେ ।

ଔଡବିକ ତାନ ପାଞ୍ଚ ପ୍ରକାର ଯଥା- ଷଡ୍‌ଜ ଗ୍ରାମରେ ଷଡ୍‌ଜ ଏବଂ ପଞ୍ଚମ, ଋଷଭ ଓ ପଞ୍ଚମ ଏବଂ ଗାନ୍ଧାର ଓ ନିଷାଦହୀନ ତିନି ତାନ । ମଧ୍ୟମ ଗ୍ରାମରେ ଗାନ୍ଧାର ନିଷାଦ ।

ତାନର ଦୁଇଟି ପଦ୍ଧତି- ତନ୍ତ୍ରୀରେ ତାନ ସଂଯୋଗର ପ୍ରବେଶ ଓ ନିଗ୍ରହ ଦୁଇଟି ପ୍ରଣାଳୀ । ପୂର୍ବସ୍ୱରର ପ୍ରାଧାନ୍ୟ ଏବଂ ପରପର୍ବର୍ତ୍ତୀ ସ୍ୱରର ମାର୍ଦ୍ଦବ ଦ୍ୱାରା ପ୍ରବେଶ ହୋଇଥାଏ । ନିଗ୍ରହ ସ୍ପର୍ଶହୀନ ଅର୍ଥାତ୍ ମଧ୍ୟମସ୍ୱରକୁ ସ୍ପର୍ଶ କରେ ନାହିଁ । ବୀଣାର ମଧ୍ୟମ ସ୍ୱର ଦ୍ୱାରା ମୂର୍ଚ୍ଛନା ସୂଚିତ ହୁଏ । କାରଣ ଏହା ଅନାଶୀ (ନଷ୍ଟ ହୁଏ ନାହିଁ) । ଅତଏବ ପ୍ରବେଶ ଓ ନିଗ୍ରହ

Digitized by srujanika@gmail.com

ଇତି କାଳ ସାଧାରଣମ୍ ।

ଦ୍ୱେ ସାଧାରଣେ । ସ୍ୱରସାଧାରଣଂ ଜାତି ସାଧାରଣଂ ଚେତି । ସ୍ୱରସାଧାରଣଂ

କାକଲ୍ୟନ୍ତରସ୍ୱରୌ । ତତ୍ର ଦ୍ୱିଶ୍ରୁତି ପ୍ରକର୍ଷାଦ୍ ନିଷାଦବାନ୍ କାକଲୀ ସଂଜ୍ଞୋନିଷାଦଃ ନ ଷଡ୍‌ଜଃ । ଦ୍ୱାଭ୍ୟାମନ୍ତର ସ୍ୱରତ୍ୱାଦ୍ ସାଧାରଣତ୍ୱଂ ପ୍ରତି ପଦ୍ୟତେ ।

ଏବଂ ଗାନ୍ଧାରୋଽପି ଅନ୍ତର ସ୍ୱରସଂଜ୍ଞୋ ଗାନ୍ଧାରଃ,

ଗାନ୍ଧାରୋଽପି ନ ମଧ୍ୟମଃ । ତୟୋରନ୍ତରସ୍ୱରତ୍ୱାଦ୍ । ଅତଏବ ସ୍ୱରସାଧାରଣମ୍ । କସ୍ମାନ୍ନିଷାଦଃ କାଳଲୀ ସଂଜ୍ଞଃ । କଳତ୍ୱାଦ୍ କାକଳୀକୃଷ୍ଟତ୍ୱାଦ୍ ବା ଅତି ସୌକ୍ଷ୍ମ୍ୟାଦ୍ ଅଥବା କାକାକ୍ଷୀବଦ୍‌ତ୍ୱାଦ୍ ଉଭୟସମ୍ବନ୍ଧାଦ୍ କାକଳୀ ସଂଜ୍ଞା । ଯଥା ଷଣ୍ଣାଂ ରସାନାଂ ମଧ୍ୟେ ଲବଣଃ କ୍ଷାରସଂଜ୍ଞଃ, ଏବଂ ନିଷାଦଃ କାକଳୀ ସଂଜ୍ଞଃ । ସାଧାରଣ-ସ୍ୱରଣ୍ଟାନ୍ତରସଂଜ୍ଞୋ ଭବତି । ଜାତି ସାଧାରଣମ୍ ଏକ ଗ୍ରାମାଂଶାନାଂ ଜାତୀନାଂ ଜାତ୍ୟୋର୍ବା ଅନ୍ୟସ୍ମିନ୍ ଗ୍ରାମେ ପ୍ରତ୍ୟଙ୍ଗ ଦର୍ଶନଂ, ସ୍ୱରାଣା ମବଗମାଦ୍ । ସ୍ୱର ସାଧାରଣଂ ଦ୍ୱିବିଧମ୍ ଦ୍ୱୈଗ୍ରାମିକ୍ୟମ୍ । କସ୍ମାଦ୍ ? ଷଡ୍‌ଜଗ୍ରାମେ ଷଡ୍‌ଜ ସାଧାରଣଂ ମଧ୍ୟମଗ୍ରାମେ ମଧ୍ୟମସାଧାରଣମ୍ । ସାଧାରଣମତ୍ର ସ୍ୱରବିଶେଷ ଇତି ଷଡ୍‌ଜ ସାଧାରଣମେବଂ ମଧ୍ୟମଗ୍ରାମେଽପି

ମଧ୍ୟମସ୍ୱର ସହିତ ସଂଯୁକ୍ତ ନୁହେଁ । ତାନ ସମୂହର ବୈଚିତ୍ର୍ୟ ଏବଂ ଏହିଭଳି ଉତ୍ପନ୍ନ ମୂର୍ଚ୍ଛନା ସମୂହ ଶ୍ରୋତା ଏବଂ ପ୍ରୟୋକ୍ତାଙ୍କର ଆନନ୍ଦଦାୟକ ହୋଇଥାଏ । ମୂର୍ଚ୍ଛନା (ଓ ତାନ) ଆଉ ଅଧିକ ଆବଶ୍ୟକ । କାରଣ, (ସେମାନଙ୍କ ଅଭ୍ୟାସ) ସ୍ଥାନ ପ୍ରାପ୍ତିର ସହାୟକ । ତିନୋଟି ସ୍ଥାନ ଅଛି । କାକୁର ନିୟମାବଳୀ ପ୍ରସଙ୍ଗରେ ସେମାନଙ୍କ ବିବରଣୀ ଦିଆହୋଇଅଛି ।

ସାଧାରଣ ବିଧି: ଏବେ ସ୍ୱର ସମୂହର ସାଧାରଣ ବିଧି ବିଷୟରେ କହିବି । (ଗୋଟିଏ ଗ୍ରାମରେ) ପରସ୍ପର ଦୁଇଟି ସ୍ୱର ମଧ୍ୟରେ ଉତ୍ପନ୍ନ ସ୍ୱରପ୍ରକାରକୁ ସାଧାରଣ ବୋଲି କୁହାଯାଏ । କାରଣ, ଦୁଇଟି (ଗୋଟିଏ ପ୍ରକାର ବସ୍ତୁ ମଧ୍ୟରେ ଯାହା ଅବସ୍ଥିତ ଏବଂ ଗୋଟିଏ ଅନ୍ୟଟିର ଆଂଶିକ ଭାବରେ ମିଶିଯାଏ) ସ୍ୱରର ଅନ୍ତରସ୍ଥ ଯାହା ତାହା ସାଧାରଣ । ଯଥା- ଋତୁ ପରିବର୍ତ୍ତନ ସମୟରେ ଛାଇକୁ ଆସିଲେ ଥଣ୍ଡା ଲାଗେ, ଖରାକୁ ଗଲେ ଖରା କାଟେ । ବସନ୍ତ ଆସି ନାହିଁ ଶୀତ ବି ଯାଇନାହିଁ । ଏହାକୁ କହନ୍ତି କାଳସାଧାରଣ । **ସାଧାରଣ ଦ୍ୱିବିଧ-** ସ୍ୱର ସାଧାରଣ ଓ ଜାତି ସାଧାରଣ ।

ସ୍ୱରସାଧାରଣ- କାକଳୀ ଓ ଅନ୍ତରସ୍ୱର ସ୍ୱରସାଧାରଣ । ଦୁଇଟି ଶ୍ରୁତି ନିଷାଦ ସହିତ ଯୁକ୍ତ ହେଲେ ଏହାକୁ କାକଳୀ ନିଷାଦ କୁହାଯାଏ । ଷଡ୍‌ଜ ନୁହେଁ । ଯେଣୁ ଏହିସ୍ୱର (ଶୁଦ୍ଧ ନିଷାଦ ଓ ଷଡ୍‌ଜ) ସ୍ୱର ଦୁଇଟିର ମଧ୍ୟରେ ଉତ୍ପନ୍ନ ହୁଏ । ତେଣୁ ଏହା ସାଧାରଣ । ଏହିପରି ଭାବରେ (ଦୁଇଶ୍ରୁତି ଯୁକ୍ତ ହେଲେ) ଗାନ୍ଧାର ଅନ୍ତରସ୍ୱର ହୁଏ । ମଧ୍ୟମ ନୁହେଁ । କାରଣ ଏହା (ମଧ୍ୟମ ଓ ଗାନ୍ଧାର ଏହି ଦୁହିଁଙ୍କ ମଧ୍ୟବର୍ତ୍ତୀ) ଅନ୍ତରସ୍ୱର । ଏହିପରି ଅନ୍ତର ସ୍ୱର ହୁଏ ।

Digitized by srujanika@gmail.com

ସାଧାରଣତ୍ୱମ୍ । ଅସ୍ୟ ତୁ ପ୍ରୟୋଗ ସୌକ୍ଷ୍ମ୍ୟାଦ୍ କୈଶିକଂ ନାମ ନିଷ୍ପଦ୍ୟତେ । ଏବଂ ସ୍ୱର ସାଧାରଣମ୍ । ଅସ୍ୟ ଅଳ୍ପନିଷାଦଗାନ୍ଧାରାସୁ ଜାତିଷୁ ପ୍ରୟୋଗଃ । ଅତ୍ର ଶ୍ଳୋକୌ ।

ଅନ୍ତରସ୍ୱର ସଂଯୋଗୋ ନିତ୍ୟମାରୋହି ସଂଶ୍ରୟଃ ।
କାର୍ଯ୍ୟସ୍ୱଲ୍ପୋ ବିଶେଷେଣ ନାବରୋହୀ କଦାଚନ ।। ୩୬ ।।
କ୍ରିୟମାଣୋଽବରୋହୀ ସ୍ୟାଦଳ୍ପୋ ବା ଯଦି ବା ବହୁ ।
ଜାତିରାଗଂ ଶ୍ରୁତୀଶ୍ଚୈବ ନୟନ୍ତେ ତ୍ୱନ୍ତର ସ୍ୱରାଃ ।। ୩୭ ।।
ଜାତିମିଦାନୀଂ ବକ୍ଷ୍ୟାମଃ ।
ସ୍ୱରସାଧାରଣ ଗତାଃ ତିସ୍ରୋ ଜ୍ଞେୟାସ୍ତୁ ଜାତୟଃ ।
ମଧ୍ୟମା ପଞ୍ଚମୀ ଚୈବ ଷଡ୍‌ଜ ମଧ୍ୟା ତଥୈବ ଚ ।। ୩୮ ।।
ଆମ୍ନାମଙ୍ଗାନି ବିଜ୍ଞେୟାଃ ଷଡ୍‌ଜ ମଧ୍ୟମ ପଞ୍ଚମାଃ
ଯଥା ସ୍ୱଂ ଦୁର୍ବଳତରା ବ୍ୟକ୍ତା ସା ପଞ୍ଚମୀ ତଥା ।। ୩୯ ।।

ନିଷାଦକୁ କାକଳୀ କାହିଁକି କୁହନ୍ତି ? ଏହା କଳଧ୍ୱନି ବା କାକଳୀପରି ଅଥବା ଅତି ସୂକ୍ଷ୍ମତା ହେତୁ ଜାତ ହୋଇଥାଏ । ଅଥବା ଏହି ସ୍ୱର କାକର ଚକ୍ଷୁପରି କାର୍ଯ୍ୟକରେ । (କାକାକ୍ଷି ଗୋଲକ ନ୍ୟାୟ- କାକ କୌଣସି ଦ୍ରବ୍ୟକୁ ନିରେଖି ଚାହିଁବା ବେଳେ ଗୋଟିଏ ଆଖି ବୁଜି ଗୋଟିଏ ମାତ୍ର ଆଖିରେ ଦେଖୁଥାଏ । ଏହି ଚକ୍ଷୁ ତାର ଦୁଇ ଚକ୍ଷୁର କ୍ଷମତା ବହନ କରେ ।) ଏହିପରି (ନିଷାଦ ଷଡ୍‌ଜ) ଦୁଇଟି ସହିତ ସମ୍ବନ୍ଧଯୁକ୍ତ ବୋଲି ଏହାକୁ କାକଳୀ କୁହାଯାଏ । ମଧୁର ଅମ୍ଳ ପ୍ରଭୃତି ଷଡ୍‌ରସ ମଧ୍ୟରେ ଲବଣକୁ ଯେପରି କ୍ଷାର ବୋଲି କୁହାଯାଏ । ସେହିପରି ହିଁ ନିଷାଦକୁ କାକଳୀ ବୋଲି କୁହନ୍ତି ଏବଂ ସାଧାରଣ ସ୍ୱରକୁ ଅନ୍ତରସ୍ୱର କହନ୍ତି । ଗୋଟିଏ ଗ୍ରାମରେ ଥିବା ଏବଂ ଗୋଟିଏ ହିଁ ଅଂଶ ବିଶିଷ୍ଟ ଦୁଇ ବା ତତୋଽଧିକ ଜାତିର ଅପ୍ରଧାନ ଅଙ୍ଗରେ ଜାତି ସାଧାରଣସ୍ଥିତ ସ୍ୱରସମୂହକୁ ଅନ୍ୟ ଗ୍ରାମରେ ଲକ୍ଷ୍ୟ କରାଗଲେ ଜାତିସାଧାରଣ ଉତ୍ପନ୍ନ ହୁଏ । (ଷଡ୍‌ଜ ଓ ମଧ୍ୟମ) ଏହି ଦୁଇ ଗ୍ରାମରେ ଥିବା ସ୍ୱରସାଧାରଣ ଦୁଇ ପ୍ରକାର । କାରଣ ଷଡ୍‌ଜ ଗ୍ରାମରେ ଥିବା ଯୋଗୁଁ ଏହା ଷଡ୍‌ଜ ସାଧାରଣ ଏବଂ ମଧ୍ୟମ ଗ୍ରାମରେ ଏହା ମଧ୍ୟମ ସାଧାରଣ ହୁଏ । ଏହି ସ୍ଥଳରେ ସ୍ୱରର ବିଶିଷ୍ଟ ପ୍ରକୃତି ହୁଏ ସାଧାରଣ । ଏହା ଷଡ୍‌ଜ ଗ୍ରାମରେ ଏହିପରି ମଧ୍ୟମ ଗ୍ରାମରେ ମଧ୍ୟ ସେହି ଏକ ଅବସ୍ଥା । ପ୍ରୟୋଗରେ ସୂକ୍ଷ୍ମତା ଯୋଗୁଁ ଏହା ଠିକ ଭାବରେ କୈଶିକ ନାମରେ ଅଭିହିତ ହୁଏ । ଏହିପରି ହେଲା ସ୍ୱର ସାଧାରଣ । ଏହାର ଯେଉଁ ଜାତି ସମୂହରେ ନିଷାଦ ଓ ଗାନ୍ଧାର ଅଳ୍ପ ସେହି ଜାତି ସମୂହରେ ପ୍ରୟୋଗ ହୁଏ । ଏ ବିଷୟରେ ଶ୍ଳୋକ ଦୁଇଟି ଅଛି । ଅନ୍ତର ସ୍ୱର ସର୍ବଦା ହିଁ ଆରୋହୀ ସହିତ ସମ୍ବନ୍ଧଯୁକ୍ତ ଏବଂ ବିଶେଷ ଭାବରେ ଅଳ୍ପ ହେବ । କିନ୍ତୁ ଏହା କେବେହେଲେ ଅବରୋହୀ ହେବ ନାହିଁ ।। ୩୬ ।।

Digitized by srujanika@gmail.com

ଷାଡ୍‌ଜାର୍ଷଭୀ ଧୈବତୀ ଚ ନୈଷାଦୀଚ ତଥା ପରା ।
ଷଡ୍‌ଜୋଦୀଚ୍ୟବତୀ ଷଡ୍‌ଜକୈଶିକୀ ଷଡ୍‌ଜ ମଧ୍ୟମା ॥ ୪୦ ॥
ଷଡ୍‌ଜ ଗ୍ରାମାଶ୍ରୟା ହ୍ୟେତା ବିଜ୍ଞେୟାଃ ସପ୍ତଜାତୟଃ ।
ଅତ ଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ମଧ୍ୟମ ଗ୍ରାମ ସଂଶ୍ରୟାଃ ॥ ୪୧ ॥
ଗାନ୍ଧାରୀ ରକ୍ତ ଗାନ୍ଧାରୀ ଗାନ୍ଧାରୋଦୀଚ୍ୟବା ତଥା
ମଧ୍ୟମୋଦୀଚ୍ୟବା ଚୈବ ମଧ୍ୟମା ପଞ୍ଚମୀ ତଥା ॥ ୪୨ ॥
ଗାନ୍ଧାରୀ ପଞ୍ଚମୀ ଚାନ୍ଧ୍ରୀ ନନ୍ଦୟନ୍ତୀ ତଥା ପରା ।
କର୍ମାରବୀ କୈଶିକୀ ଚ ଜ୍ଞେୟା ହ୍ୟେକାଦଶ ଜାତୟଃ ॥ ୪୩ ॥
ଜାତୟୋଽଷ୍ଟାଦଶେତ୍ୟେବ ଯାଃ ପୂର୍ବଂ ଗଦିତାମୟା ।
ତାସ୍ତ୍ୱହଂ ସଂପ୍ରବକ୍ଷ୍ୟାମି ନ୍ୟାସାପନ୍ୟାସ ସଂଯୁତାଃ ॥ ୪୪ ॥

ଏତାସାମ୍ ଅଷ୍ଟାଦଶାନାଂ ସପ୍ତସ୍ୱରାଖ୍ୟାଃ । ଜାତୟୋ ଦ୍ୱିବିଧାଃ । ଶୁଦ୍ଧାଃ, ବିକୃତାଶ୍ଚ । ତତ୍ର ଶୁଦ୍ଧାଃ ଷଡ୍‌ଜ ଗ୍ରାମେ ଷାଡ୍‌ଜୀ ଆର୍ଷଭୀ ଧୈବତୀ ନିଷାଦବତୀ ଚ । ଗାନ୍ଧାରୀ ମଧ୍ୟମା ପଞ୍ଚମୀ ଚେତି ମଧ୍ୟମ ଗ୍ରାମେ ଶୁଦ୍ଧାଃ ଅନ୍ୟୂନସ୍ୱରାଃ ସ୍ୱରାଂଶ ଗ୍ରହନ୍ୟାସାଃ ।

ଏବେ ଜାତି ବିଷୟରେ କହିବା-

ସ୍ୱର ସାଧାରଣ ସମ୍ପର୍କିତ ଜାତିଗୁଡ଼ିକର ସଂଖ୍ୟା ତିନି । ମଧ୍ୟମା ପଞ୍ଚମୀ ଓ ଷଡ୍‌ଜମଧ୍ୟା । ଏମାନଙ୍କ ଅଙ୍ଗ ଷଡ୍‌ଜ, ମଧ୍ୟମ ଓ ପଞ୍ଚମ । ଏମାନଙ୍କ ମଧ୍ୟରେ ପଞ୍ଚମୀ ସ୍ପଷ୍ଟ ହେବ । କିନ୍ତୁ ଏହାର ନିଜସ୍ୱର (ପଞ୍ଚମସ୍ୱର)ରେ ସ୍ଥିତ ଅବଶିଷ୍ଟମାନଙ୍କ ଅପେକ୍ଷା ନିଜେ ଦୁର୍ବଳ ॥ ୩୮, ୩୯ ॥
ଷାଡ୍‌ଜୀ, ଆର୍ଷଭୀ, ଧୈବତୀ, ନୈଷାଦୀ, ଷଡ୍‌ଜୋଦୀଚ୍ୟବତୀ,
ଷଡ୍‌ଜ କୈଶିକୀ ଏବଂ ଷଡ୍‌ଜ ମଧ୍ୟମା, ଏହି ସାତଟି ଜାତି ଷଡ୍‌ଜ ଗ୍ରାମରେ ଆଶ୍ରୟ କରିଅଛନ୍ତି ॥ ୪୦ ॥
ଏହାପରେ ମଧ୍ୟମ ଗ୍ରାମାଶ୍ରିତ ଜାତି ବିଷୟରେ କହିବି ॥ ୪୧ ॥
ମଧ୍ୟମ ଗ୍ରାମରେ ଏକାଦଶ ଜାତି- (ଏମାନଙ୍କୁ ଶାର୍ଙ୍ଗଦେବ ତିନିଭାଗରେ ବିଭକ୍ତ କରିଛନ୍ତି (୧) ନିତ୍ୟପୂର୍ଣ୍ଣ (୨) ସଂପୂର୍ଣ୍ଣ ଷାଡ଼ବ (୩) ସଂପୂର୍ଣ୍ଣ ଷାଡ଼ବୌଡ଼ବିତ ।) ଗାନ୍ଧାରୀ, ରକ୍ତ ଗାନ୍ଧାରୀ, ଗାନ୍ଧାରୋଦୀଚ୍ୟବା, ମଧ୍ୟମୋଦୀଚ୍ୟବ, ମଧ୍ୟମା, ପାଞ୍ଚମୀର, ଗାନ୍ଧାର ପଞ୍ଚମୀ, ଆନ୍ଧ୍ରୀ ନନ୍ଦୟନ୍ତୀ, କର୍ମାରବୀ, କୈଶିକୀ । ଏଗୁଡ଼ିକୁ ଏଗାର ଜାତି ବୋଲି ଜାଣିବ ॥୪୨, ୪୩॥

ଅଠରଟି ଜାତି ଅଛି ବୋଲି ମୁଁ ପୂର୍ବରୁ ଯେଉଁମାନଙ୍କ ବିଷୟ ଆଗରୁ କହିଥିଲି । ଏବେ ନ୍ୟାସ ଓ ଅପନ୍ୟାସ ଯୁକ୍ତ ସେହିମାନଙ୍କ କଥା କହିବି ॥ ୪୪ ॥

ଏହି ଅଠରଟି ମଧ୍ୟରୁ ସପ୍ତସ୍ୱର ଅନୁସାରେ ସାତଟିର କାମ ହୁଏ । ଜାତିଗୁଡ଼ିକ ଦୁଇ ପ୍ରକାର । ଶୁଦ୍ଧ ଓ ବିକୃତ । ଷଡ୍‌ଜ ଗ୍ରାମରେ ଶୁଦ୍ଧ (ଜାତିଗୁଡ଼ିକ) ହେଲେ - ଷାଡ୍‌ଜୀ,

Digitized by srujanika@gmail.com

ଏଷାମ୍ ଅନ୍ୟତମେନ ଦ୍ୱାଭ୍ୟାଂ ବହୁଭିର୍ବା ଲକ୍ଷଣୈର୍ବିକ୍ରିୟାମୁପଗତା ନ୍ୟାସବର୍ଜଂ ବିକୃତସଂଜ୍ଞା ଭବନ୍ତି । ତେନ ତାଏବ ଶୁଦ୍ଧାଃ ତାଏବ ଚ ବିକୃତାଃ । ନ୍ୟାସବିଧୌ ଅପି ଆସାଂ ମନ୍ଦ୍ରୋ ନିୟମାଦ୍ ଭବତି ଶୁଦ୍ଧାସୁ ବିକୃତାସୁ ଅନିୟମାଦ୍ । ତତ୍ର ଏକାଦଶ ସଂସର୍ଗଜାଃ ବିକୃତାଃ । ପରସ୍ପରଂ ସଂଯୋଗାଦ୍ ଏକାଦଶ ନିର୍ବର୍ତ୍ତୟନ୍ତି । ଯଥା-

ଶୁଦ୍ଧା ବିକୃତା ଶ୍ଚୈବ ହି ସମବାୟାଦ୍ ଜାତୟସ୍ତୁ ଜାୟନ୍ତେ ।
ତାଏବ ସପ୍ତ ଶୁଦ୍ଧାଃ ବିକୃତା ଭବନ୍ତି ଚୈକାଦଶାନ୍ୟାସ୍ତୁ ॥ ୪୫ ॥
ତାସାଂ ଯା ନିର୍ବୃତ୍ତା ସ୍ୱରେଷ୍ୱଥାଂଶେଷୁ ଜାତିଷୁ ଚ ଜାତିଃ ।
ତାଂ ବକ୍ଷ୍ୟାମି ଯଥାବଦ୍ ସଂକ୍ଷେପେଣ କ୍ରମେଣେ ହ ॥ ୪୬ ॥
ସ୍ୟାଦ୍ ଷଡ୍‌ଜ ମଧ୍ୟମାଭ୍ୟାଂ ନିର୍ବୃତ୍ତା ଷଡ୍‌ଜମଧ୍ୟମା ଜାତିଃ ।
ଷାଡ୍‌ଜୀ ଗାନ୍ଧାରୀଭ୍ୟାଂ ସଂଭୂତଃ ଷଡ୍‌ଜକୈଶିକୋବାପି ॥ ୪୭ ॥
ଷାଡ୍‌ଜୀ ଗାନ୍ଧାରୀଭ୍ୟାଂ ଧୈବତ୍ୟା ଶ୍ଚାପି ସା ବିନିଷ୍ପନ୍ନା
ସଂସର୍ଗାଦ୍ ବିଜ୍ଞେୟା ସା ଷଡ୍‌ଜୋଦୀଚ୍ୟବା ଜାତିଃ ॥ ୪୮ ॥
ଷାଡ୍‌ଜୀ ଗାନ୍ଧାରୀଭ୍ୟାଂ ଧୈବତ୍ୟାଶ୍ଚପି ମଧ୍ୟମାୟାଶ୍ଚ ।
ଗାନ୍ଧାରୋଦୀଚ୍ୟବ୍ୟ ସ୍ୟାନ୍ ନିର୍ବୃତ୍ତା ନାମତୋ ଜାତିଃ ॥ ୪୯ ॥

ଆର୍ଷଭୀ, ଧୈବତୀ ଓ ନିଷାଦବତୀ (ନୈଷାଦୀ) । ଏବଂ ମଧ୍ୟମ ଗ୍ରାମରେ ଏମାନେ ହେଲେ ଗାନ୍ଧାରୀ, ମଧ୍ୟମା ଓ ପଞ୍ଚମୀ । ଏହି ପ୍ରସଙ୍ଗରେ ଶୁଦ୍ଧ ଶବ୍ଦର ଅର୍ଥ ସମସ୍ତ (ଅର୍ଥାତ୍ ସାତ) ସ୍ୱରଯୁକ୍ତ ସ୍ୱରାଂଶ (ଅଂଶ) (ଏହିସବୁ ପାରିଭାଷିକ ଶବ୍ଦମାନଙ୍କ ପରିଚୟ ୭୪ ଶ୍ଳୋକଠାରୁ ଏହି ଅଧ୍ୟାୟରେ) ଗ୍ରହ ଓ ନ୍ୟାସବିଶିଷ୍ଟ । ଯେତେବେଳେ କେତେକ ଜାତି (ଉକ୍ତ) ଲକ୍ଷଣଗୁଡ଼ିକ ମଧ୍ୟରୁ ନ୍ୟାସ ବାଦ୍ ଦୁଇ ବା ତତୋଽଧିକ ଲକ୍ଷଣ ହୀନ ହୁଏ, ସେତେବେଳେ ଏମାନେ ବିକୃତ ହୁଅନ୍ତି । ଏଣୁ ଏହିମାନେ ହିଁ ଶୁଦ୍ଧା ଜାତି ଓ ଏହିମାନେ ହିଁ ବିକୃତ ଜାତି । ଶୁଦ୍ଧଜାତିରେ ନ୍ୟାସ ପ୍ରୟୋଗ କରିଲେ ସ୍ୱର ନିୟମ ଅନୁଯାୟୀ ହୁଏ । କିନ୍ତୁ ବିକୃତ ଜାତି କ୍ଷେତ୍ରରେ ଏ ବିଷୟରେ କୌଣସି ନିୟମ ନାହିଁ । ବିକୃତ ଜାତିର ସଂଖ୍ୟା ଏଗାର ଏବଂ ଏଗୁଡ଼ିକ ମିଶ୍ରଣଜାତ ଅଟନ୍ତି । (ଏହି) ଏଗାରଟି ପରସ୍ପର ମିଳନ ଫଳରେ ନିମ୍ନ ଲିଖିତ ରୂପେ ଗଠିତ ହୋଇଥାଏ । ଯଥା- ଜାତିଗୁଡ଼ିକ ଶୁଦ୍ଧ ଏବଂ ବିକୃତ ମୋଟାମୋଟି ଦୁଇ ପ୍ରକାର ହୁଅନ୍ତି । (ଅପର ଜାତିଗୁଡ଼ିକର) ମିଶ୍ରଣରୁ ଜାତ ବିକୃତ । ଏମାନଙ୍କ ମଧ୍ୟରୁ ସାତଟି ଶୁଦ୍ଧ ଓ ଅନ୍ୟ ଏଗାରଟି ବିକୃତ ଅଟନ୍ତି । ୪୫ ॥ ସେମାନଙ୍କ ମଧ୍ୟରେ ଯେ ସ୍ୱରଉଦ୍‌ଭୂତ ଜାତି ସମୂହ (ଶୁଦ୍ଧ) ଏବଂ ଜାତି ଅଂଶମାନ ସେମାନଙ୍କ ବିଷୟରେ ଯଥାକ୍ରମେ କହିବି ॥ ୪୫, ୪୬ ॥ ଷାଡ୍‌ଜୀ ଓ ମଧ୍ୟମା ଦ୍ୱାରା ଷଡ୍‌ଜ ମଧ୍ୟମା ଜାତି ଗଠିତ ହୁଏ । ଷଡ୍‌ଜ କୈଶିକୀ ଜାତି ଷାଡ୍‌ଜୀ ଓ ଗାନ୍ଧାରୀ ଦ୍ୱାରା ଗଠିତ ହୁଏ ॥ ୪୭ ॥

ଷାଡ୍‌ଜୀ ଗାନ୍ଧାରୀ ଓ ଧୈବତୀ ପରସ୍ପର ସଂସର୍ଗରୁ ଷଡ୍‌ଜୋଦୀଚ୍ୟବା ନିଷ୍ପନ୍ନ ହୁଏ ॥ ୪୮ ॥ ଷାଡ୍‌ଜୀ ଗାନ୍ଧାରୀ ଧୈବତୀ ଓ ମଧ୍ୟମା ଦ୍ୱାରା ଗାନ୍ଧାରୋଦୀଚ୍ୟା ଗଠିତ ହୁଏ ॥ ୪୯ ॥

Digitized by srujanika@gmail.com

ଗାନ୍ଧାରପଞ୍ଚମୀଭ୍ୟାଂ ଧୈବତ୍ୟାଶ୍ଚାପି ମଧ୍ୟମାୟା ବା
ନିର୍ବୃତ୍ତା ଯା ଜାତିଃ ସା ମଧ୍ୟମୋଦୀଚ୍ୟବା ନାମ୍ନା ॥ ୫୦ ॥
ଗାନ୍ଧାରୀ ପଞ୍ଚମୀଭ୍ୟାଂ ନୈଷାଦୀ ମଧ୍ୟମାଭ୍ୟାଂଚ ।
ରକ୍ତଗାନ୍ଧାରୀ ନାମ ଜାତିଃ ସ୍ୟାଦ୍ ଚତସୃଭିଃ ଦ୍ଵାଭିଃ ॥ ୫୧ ॥
ଗାନ୍ଧାରୀ ଷଡ୍‌ଜାଭ୍ୟାଂ ସଂସର୍ଗାଜ୍ ଜାୟତେ ଚାନ୍ଧ୍ରୀ ।
ଗାନ୍ଧାରୀ ପଞ୍ଚମୀଭ୍ୟାମାର୍ଷିଭ୍ୟାଂ ନନ୍ଦୟନ୍ତୀ ଚୈବ ତୁ ॥ ୫୨ ॥
ଗାନ୍ଧାରୀ ପଞ୍ଚମୀଭ୍ୟାଂ ଜାତା ଗାନ୍ଧାରପଞ୍ଚମୀ ଜାତିଃ ।
ନୈଷାଦ୍ୟାମାର୍ଷଭ୍ୟାଂ ପଞ୍ଚମ୍ୟାଂ ଚୈବ ସଂସର୍ଗାଦ୍ ॥ ୫୩ ॥
କର୍ମାରବୀ ନାମ୍ନାଜାତିଃ ପୂର୍ଣ୍ଣା ହି ଭବତିଚେୟମ୍ ।
ଧୈବତ୍ୟାମାର୍ଷଭୀହୀନାଃ ପଞ୍ଚାଦ୍ୟାଃ କୈଶିକୀଂ କୁର୍ଯ୍ୟୁଃ ॥ ୫୪ ॥
ଏବଂ ପରଂ ପରୋତ୍ପନ୍ନା ଜ୍ଞେୟା ହ୍ୟେତାସ୍ତୁ ଜାତୟେଃ ।
ପୃଥକ୍ ଲକ୍ଷଣ ସଂଯୁକ୍ତା ଦ୍ୱୈଗ୍ରାମିକ୍ୟଃ ସ୍ୱରାଶ୍ରୟାଃ ॥ ୫୫ ॥
ଆଭ୍ୟସ୍ତତସ୍ତ୍ରୋ ନିୟମାଜ୍ ଜ୍ଞେୟାଃ ସପ୍ତସ୍ୱରା ବୁଧୈଃ ।
ଦଶ ପଞ୍ଚସ୍ୱାରା ଜ୍ଞେୟାଃ ଚତସ୍ରଶ୍ଚୈବ ଷଟ୍‌ସ୍ୱରାଃ ॥ ୫୬ ॥
ମଧ୍ୟମୋଦୀଚ୍ୟବା ଚୈବ ତଥା ବୈ ଷଡ୍‌ଜକୈଶିକୀ ।
କର୍ମାରବୀ ଚ ସଂପୂର୍ଣ୍ଣାସ୍ତଥା ଗାନ୍ଧାର ପଞ୍ଚମୀ ॥ ୫୭ ॥

ଗାନ୍ଧାରୀ ପଞ୍ଚମୀ ଧୈବତୀ ଓ ମଧ୍ୟମା ଦ୍ୱାରା ମଧ୍ୟମୋ ଦୀଚ୍ୟବା ନିଷ୍ପନ୍ନ ହୁଏ । ୫୦ ॥ ଗାନ୍ଧାରୀ ପଞ୍ଚମୀ ନୈଷାଦୀ ମଧ୍ୟମା ଏହି ଚାରିଟି ଦ୍ୱାରା ରକ୍ତ ଗାନ୍ଧାରୀ ଜାତି ନିଷ୍ପନ୍ନ ହୁଏ ॥ ୫୧ ॥ ଗାନ୍ଧାରୀ ଷଡ୍‌ଜା ଦ୍ୱାରା ଆନ୍ଧ୍ରୀ ଓ ଗାନ୍ଧାରୀ ପଞ୍ଚମୀ ଆର୍ଷଭୀ ଦ୍ୱାରା ନନ୍ଦୟନ୍ତୀ ହୁଏ ॥ ୫୨ ॥ ଗାନ୍ଧାରୀ ପଞ୍ଚମୀ ଦ୍ୱାରା ଗାନ୍ଧାର ପଞ୍ଚମୀ, ନୈଷାଦୀ ଆର୍ଷଭୀ ଓ ପଞ୍ଚମୀ ଦ୍ୱାରା କର୍ମାରବୀ ଗଠିତ ହୁଏ । ଏହା ପୂର୍ଣ୍ଣା ଅଟେ । (ଅର୍ଥାଦ୍ ସପ୍ତସ୍ୱର ବିଶିଷ୍ଟ) । ଧୈବତୀ ଓ ଆର୍ଷଭୀ ହୀନ ପାଞ୍ଚଟି ମିଶି ଛଅଟିରେ କୈଶିକୀ ହୋଇଥାଏ ॥ ୫୩, ୫୪ ॥
ଦୁଇ ଗ୍ରାମର ସ୍ୱରସମୂହର ପାରମ୍ପରିକ ମିଳନରୁ ଉଦ୍‌ଭୂତ ଏହିଗୁଡ଼ିକ ପୃଥକ୍ ଜାତି ॥ ୫୫ ॥
ଦୁଇ ଗ୍ରାମର ଜାତି ସମୂହରେ ସ୍ୱରସଂଖ୍ୟା - ଏମାନଙ୍କ ମଧ୍ୟରେ ଚାରିଟି ସପ୍ତସ୍ୱରା । ଦଶଟି ପଞ୍ଚସ୍ୱରା । ଚାରିଟି ଷଟ୍‌ସ୍ୱରା ବୋଲି ନିୟମ ଅନୁଯାୟୀ ଜାଣିବ ॥ ୫୬ ॥ (ଏମାନଙ୍କ ମଧ୍ୟରେ) ମଧ୍ୟମୋଦୀଚ୍ୟବା, ଷଡ୍‌ଜକୈଶିକୀ, କର୍ମାରବୀ ଓ ଗାନ୍ଧାର ପଞ୍ଚମୀ ପୂର୍ଣ୍ଣା (ଅର୍ଥାଦ୍ ସପ୍ତସ୍ୱର) ଜାତି ॥ ୫୭ ॥

Digitized by srujanika@gmail.com

ଗାନ୍ଧାରୀ ରକ୍ତ ଗାନ୍ଧାରୀମଧ୍ୟମା ପଞ୍ଚମୀ ତଥା ।
କୈଶିକୀ ଚେତି ବିଜ୍ଞେୟାଃ ପଞ୍ଚୈତା ମଧ୍ୟମାଶ୍ରୟାଃ ॥ ୫୮ ॥
ଆର୍ଷଭୀ ଧୈବତୀ ଚୈବ ନୈଷାଦୀ ଷଡ୍‌ଜ ମଧ୍ୟମା ।
ଷଡ୍‌ଜୋଦୀଚ୍ୟବତୀ ଚୈବ ଷଡ୍‌ଜଗ୍ରାମସମାଶ୍ରୟାଃ ॥ ୫୯ ॥
ପଞ୍ଚସ୍ୱରା ଦଶୈତାଶ୍ଚ ଜାତୟୋ ନିତ୍ୟମେବ ହି ।
ଗାନ୍ଧାରୋଦୀଚ୍ୟବା ଚୈବ ନନ୍ଦୟନ୍ତୀଚ ଆନ୍ଧ୍ରୀଚ ॥ ୬୦ ॥
ମଧ୍ୟମଗ୍ରାମେ ସଂଭୂତାଃ ଷଟ୍‌ସ୍ୱରା ସ୍ତିସ୍ର ଏବ ଚ ।
ଷଡ୍‌ଜଗ୍ରାମେ ତୁ ବିଜ୍ଞେୟା ଷାଡ୍‌ଜ୍ୟୋକା ଷଟ୍‌ସ୍ୱରାଶ୍ରୟା ॥ ୬୧ ॥
ମଧ୍ୟମଗ୍ରାମେ ଜାତିଃ ଷଟ୍‌ସ୍ୱରା ଜାତିଃ ।
ଯାସ୍ତାଃ ପଞ୍ଚସ୍ୱରାଃ ପ୍ରୋକ୍ତାଃ ଯାଶ୍ଚୈତାଃ ଷଟ୍‌ସ୍ୱରାଃ ସ୍ମୃତାଃ ।
କଦାଚିତ୍ ଷାଡ଼ବୀଭୂତାଃ କଦାଚିତ୍ ଔଡ଼ବୀକୃତାଃ ॥ ୬୨ ॥
ସପୂର୍ଣ୍ଣା ମଧ୍ୟମଗ୍ରାମେ ଜ୍ଞେୟା କର୍ମାରବୀ ବୁଧୈଃ ।
ମଧ୍ୟମୋଦୀଚ୍ୟବା ଚୈବ ତଥା ଗାନ୍ଧାର ପଞ୍ଚମୀ ॥ ୬୩ ॥
ଷଡ୍‌ଜଗ୍ରାମେ ତୁ ସମ୍ପୂର୍ଣ୍ଣା ବିଜ୍ଞେୟା ଷଡ୍‌ଜକୈଶିକୀ ।
ପୁନଶ୍ଚ ଷଟ୍‌ସ୍ୱରା ଜ୍ଞେୟା ଗାନ୍ଧାରୋଦୀଚ୍ୟବା ବୁଧୈଃ ॥ ୬୪ ॥
ଆନ୍ଧ୍ରୀ ଚ ନନ୍ଦୟନ୍ତୀ ଚ ମଧ୍ୟମ ଗ୍ରାମ ସଂଶ୍ରୟାଃ ।
ଏବମେତା ବୁଧୈର୍ଜ୍ଞେୟା ଦ୍ୱୈଗ୍ରାମିକ୍ୟଶ୍ଚ ଜାତୟଃ ॥ ୬୫ ॥

ଗାନ୍ଧାରୀ, ରକ୍ତ ଗାନ୍ଧାରୀ, ମଧ୍ୟମା, ପଞ୍ଚମୀ, କୈଶିକୀ ଏହି ପାଞ୍ଚଟି ଜାତି ମଧ୍ୟମ ଗ୍ରାମରେ ଆଶ୍ରୟ କରନ୍ତି ॥ ୫୮ ॥

ଆର୍ଷଭୀ, ଧୈବତୀ, ନୈଷାଦୀ, ଷଡ୍‌ଜମଧ୍ୟମା ଓ ଷଡ୍‌ଜୋଦୀଚ୍ୟବତୀ ଏହି ପାଞ୍ଚଜାତି ଷଡ୍‌ଜ ଗ୍ରାମକୁ ଆଶ୍ରୟ କରନ୍ତି । ଏହି ଦଶଟି ପଞ୍ଚସ୍ୱରା ଜାତି ॥ ୫୯ ॥

ଗାନ୍ଧାରୋଦୀଚ୍ୟବା, ନନ୍ଦୟନ୍ତୀ ଓ ଆନ୍ଧ୍ରୀ ମଧ୍ୟମଗ୍ରାମୋଦ୍‌ଭୂତ ତିନିଟି ଷଟ୍‌ସ୍ୱର ଜାତି । ଷଡ୍‌ଜ ଗ୍ରାମରେ କେବଳ ଷାଡ୍‌ଜୀ ଷଟ୍‌ସ୍ୱର ॥ ୬୦, ୬୧ ॥ ଯେଉଁ ଜାତିଗୁଡ଼ିକ ପଞ୍ଚସ୍ୱରା ଓ ଷଟ୍‌ସ୍ୱରା ବୋଲି ବର୍ଣ୍ଣିତ ହୋଇଛନ୍ତି । ସେମାନେ କେବେକେବେ ଯଥାକ୍ରମେ ଷାଡ଼ବରେ ଓ ଔଡ଼ବରେ ପରିଣତ ହୋଇପାରନ୍ତି ॥ ୬୨ ॥

ସପ୍ତସ୍ୱରା ଜାତି- କର୍ମାରବୀ, ମଧ୍ୟମୋଦୀଚ୍ୟବା ଓ ଗାନ୍ଧାର ପଞ୍ଚମୀ ମଧ୍ୟମ ଗ୍ରାମରେ ପୂର୍ଣ୍ଣା (ସପ୍ତସ୍ୱର) ଜାତି ଏବଂ ଷଡ୍‌ଜ ଗ୍ରାମରେ ଷାଡ଼ବ କୈଶିକୀ ସପ୍ତସ୍ୱରା ଜାତି । ଗାନ୍ଧାରୋଦୀଚ୍ୟବା ଷଟସ୍ୱରା ବୋଲି ପରିଚିତା । ଆନ୍ଧ୍ରୀ ଓ ନନ୍ଦୟନ୍ତୀ ମଧ୍ୟମ ଗ୍ରାମାଶ୍ରିତ । ଏହିପରି ଭାବରେ ଦୁଇ ଗ୍ରାମରେ ଏହି ଜାତିଗୁଡ଼ିକୁ ଜାଣିବ ॥ ୬୩-୬୫ ॥

Digitized by srujanika@gmail.com

ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ତାସାମଂଶବିକଳ୍ପନମ୍ ।
ଷଟ୍‌ସ୍ୱର୍ଯ୍ୟେ ସପ୍ତମାଂଶାତ୍ତୁ ନେଷ୍ୟତେ ଷଡ୍‌ଜମଧ୍ୟମା ॥ ୬୬ ॥
ସଂବାଦିଲୋପାଦ୍ ଗାନ୍ଧାରଃ ତତ୍ରୈବ ନ ଭବିଷ୍ୟତି ।
ଗାନ୍ଧାରୀ ରକ୍ତ ଗାନ୍ଧାରୀ କୈଶିକୀନାଂ ତୁ ପଞ୍ଚମଃ ॥ ୬୭ ॥
ଷଡ୍‌ଜାୟାଂ ଚୈବ ଗାନ୍ଧାର ମନଂଶଂ ବିଦ୍ଧି ଷାଡ଼ବେ ।
ଷାଡ଼ବେ ଧୈବତୋନାସ୍ତି ଷଡ୍‌ଜୋଦୀଚ୍ୟବାୟାଂ ତଥା ॥ ୬୮ ॥
ସଂବାଦିଲୋପାଦ୍ ସପ୍ତୈତେ ଷଟ୍‌ସ୍ୱର୍ଯେ ତୁ ବିବର୍ଜିତାଃ ।
ଗାନ୍ଧାରୀ ରକ୍ତ ଗାନ୍ଧାର୍ଯ୍ୟୌ ଷଡ୍‌ଜ ମଧ୍ୟମ ପଞ୍ଚମାଃ ॥ ୬୯ ॥
ସନିଷାଦାଷ୍ଟ ବିଜ୍ଞେୟାଃ ଯେଷ୍ଟୁ ନୌଡ଼ବୀତେ ଇମେ ।
ଦ୍ୱୌ ଷଡ୍‌ଜ ମଧ୍ୟମାଂଶେଷୁ ଗାନ୍ଧାରୋଽଥ ନିଷାଦବାନ୍ ॥ ୭୦ ॥
ଋଷଭଣ୍ଟେବ ପଞ୍ଚମ୍ୟାଂ କୈଶିକ୍ୟାଂ ଚୈବ ଧୈବତଃ ।
ଏବଂ ଚ ଦ୍ୱାଦଶୈବୈତେ ବର୍ଜ୍ୟାଃ ପଞ୍ଚସ୍ୱରେ ସଦା ॥ ୭୧ ॥
ତାସ୍ୱନୌଡ଼ବିତା ନିତ୍ୟଂ କର୍ତ୍ତବ୍ୟା ଜାତୟୋ ବୁଧୈଃ ।
ସର୍ବସ୍ୱରାଣାଂ ବିହିତୋ ବିନାଶସ୍ତ୍ୱଥ ଜାତିଷ୍ଟୁ ॥ ୭୨ ॥
ମଧ୍ୟମସ୍ୟ ବିନାଶସ୍ତୁ କର୍ତ୍ତବ୍ୟୋ ନ କଦାଚନ ।
ସର୍ବସ୍ୱରାଣାଂ ପ୍ରବରୋ ହ୍ୟବିନାଶୀ ତୁ ମଧ୍ୟମଃ ॥
ଗାନ୍ଧର୍ବକଳ୍ପେଽଭିମତଃ ସାମଗୈଶ୍ଚ ମହର୍ଷିଭି ॥ ୭୩ ॥

ଜାତି ସମୂହରେ ଅଂଶ- ଏହାପରେ ଏମାନଙ୍କର ବିଭିନ୍ନ ଅଂଶ ବର୍ଣ୍ଣନା କରିବି । ଷଡ୍‌ଜମଧ୍ୟମା ସପ୍ତମ (ଅର୍ଥାତ୍ ନିଷାଦ) ସହ ଷଟ୍‌ସ୍ୱରା ବୋଲି ବିବେଚିତ ହେବ ନାହିଁ, ଏବଂ ସଂବାଦୀ ସ୍ୱରର ଲୋପହେତୁ ଏଥିରେ ଗାନ୍ଧାର ରହିବ ନାହିଁ । ଗାନ୍ଧାରୀ, ରକ୍ତଗାନ୍ଧାରୀ ଓ କୈଶିକୀରେ ପଞ୍ଚମ ରହିବ ନାହିଁ । ଷାଡ଼ଜୀରେ ଗାନ୍ଧାର ରହିବ ନାହିଁ । ଷଡ୍‌ଜୋଦୀଚ୍ୟବାର ଷଟ୍ ସ୍ୱରତ୍ୱରେ ଧୈବତ ରହିବ ନାହିଁ । ଉକ୍ତ ଜାତିମାନଙ୍କର ଷଟ୍‌ସ୍ୱରତ୍ୱ ସମ୍ବନ୍ଧରେ ଏହି ସପ୍ତ (ସ୍ୱର) ପରିତ୍ୟାଜ୍ୟ । କାରଣ, ସେମାନଙ୍କର ସଂବାଦୀ ସ୍ୱର ଲୁପ୍ତ ହୁଏ ॥ ୬୬-୬୮ ॥ ଗାନ୍ଧାରୀ ଓ ରକ୍ତଗାନ୍ଧାରୀ ଜାତିର ପଞ୍ଚମସ୍ୱରତ୍ୱ ଅବସ୍ଥାରେ ଷଡ୍‌ଜ, ମଧ୍ୟମ, ପଞ୍ଚମ ଓ ନୈଷାଦ ରହିବ ନାହିଁ । ପଞ୍ଚସ୍ୱରତ୍ୱରେ ଷାଡ଼ଜୀ ଓ ମଧ୍ୟମାର ଯଥାକ୍ରମେ ଗାନ୍ଧାର ଓ ନିଷାଦ ରହିବ ନାହିଁ । ପଞ୍ଚମୀରେ ଋଷଭ ରହିବ ନାହିଁ । କୈଶିକୀରେ ଧୈବତ ରହିବ ନାହିଁ । ପଞ୍ଚସ୍ୱର ବିଚାରରେ ଏହି ବାରଟି ସ୍ୱର ପରିତ୍ୟାଜ୍ୟ ॥ ୬୯-୭୧ ॥ ଅତଏବ ଏହି ଜାତିଗୁଡ଼ିକ ସବୁ ସମୟରେ ପଞ୍ଚସ୍ୱରତ୍ୱ ବିହୀନ ହେବେ । ଜାତିଗୁଡ଼ିକ ମଧ୍ୟରୁ ଯେକୌଣସି ସ୍ୱରକୁ ବାଦ୍ ଦିଆଯାଇପାରେ, କିନ୍ତୁ ମଧ୍ୟମ କେବେହେଲେ ବର୍ଜିତ ହେବ ନାହିଁ । କାରଣ, ସାମଗାନକାରୀ ମହର୍ଷିଗଣ ଗାନ୍ଧର୍ବ କଳ୍ପରେ ଏହି ମତ ପ୍ରକାଶ କରିଛନ୍ତି ଯେ-ସବୁସ୍ୱର ମଧ୍ୟରେ ଶ୍ରେଷ୍ଠସ୍ୱର ମଧ୍ୟମ ଅବିନାଶୀ(ଅର୍ଥାତ୍ ଅପରିହାର୍ଯ୍ୟ)॥ ୭୨,୭୩ ॥

Digitized by srujanika@gmail.com

ଦଶବିଧଂ ଜାତି ଲକ୍ଷଣମ୍-

ଗ୍ରହାଂଶୌ ତାରମନ୍ଦ୍ରୌ ଚ ନ୍ୟାସାପନ୍ୟାସ ଏବ ଚ ।
ଅଳ୍ପତ୍ୱଂ ଚ ବହୁତ୍ୱଂ ଚ ଷାଡ଼ବୌଡ଼୍‌ବିତେ ତଥା ॥ ୭୪ ॥

ଅଥଗ୍ରହାଃ-

ଗ୍ରହସ୍ତୁ ସର୍ବଜାତୀନା ମଂଶବଦ୍ ପରିକୀର୍ତ୍ତିତଃ ।
ଯତ୍ ପ୍ରବୃତ୍ତୌ ଭବେଦ୍ ଗାନଂ ସୋଽଂଶୋ ଗ୍ରହବିକଳ୍ପତଃ ॥ ୭୫ ॥

ତତ୍ରାଂଶୋନାମ-

ଯସ୍ମିନ୍ ବସତି ରାଗସ୍ତୁ ଯସ୍ମାଦ୍ ଚୈବ ପ୍ରବର୍ତ୍ତତେ ।
ନୈତାବୈ ତାରମନ୍ଦ୍ରାଣାଂ ଯୋଽତ୍ୟର୍ଥ ମୁପଲଭ୍ୟତେ ॥ ୭୬ ॥
ମନ୍ଦ୍ର ତାର ବିଷୟା ଚ ପଞ୍ଚସ୍ୱରପରାଗତିଃ ।
ଅନେକ ସ୍ୱର ସଂଯୋଗେ ଯୋଽତ୍ୟର୍ଥ ମୁପଲଭ୍ୟତେ ॥ ୭୭ ॥
ଅନ୍ୟଶ୍ଚ ବଳିନୋ ଯସ୍ୟ ସଂବାଦୀ ଚାନୁବାଦ୍ୟପି ।
ଗ୍ରହାପନ୍ୟାସ ବିନ୍ୟାସ ସଂନ୍ୟାସ ନ୍ୟାସ ଗୋଚରଃ ।
ପରିବାର୍ଯ୍ୟ ସ୍ଥିତୋ ଯସ୍ତୁ ସୋଽଂଶଃ ସ୍ୟାଦ୍ ଦଶଲକ୍ଷଣଃ ॥ ୭୮ ॥

ଜାତି ସମୂହର ଦଶ ଲକ୍ଷଣ ଯଥା: ଗ୍ରହ, ଅଂଶ, ତାର, ମନ୍ଦ୍ର, ନ୍ୟାସ, ଅପନ୍ୟାସ, ଅଳ୍ପତ୍ୱ ବହୁତ୍ୱ, ଷାଡ଼ବତ୍ୱ ଓ ଔଡ଼ବତ୍ୱ ॥ ୭୪ ॥

ଗ୍ରହ- ଗ୍ରହହେଲା ସବୁଜାତିର ଅଂଶସ୍ୱରୂପ । ଗାନର ଆରମ୍ଭରେ ଯେଉଁସ୍ୱର ଗୃହୀତ ହୁଏ । ତାହାର ନାମ ଗ୍ରହ ଏବଂ ଅଂଶର ବିକଳ୍ପ ॥ ୭୫ ॥

ଅଂଶ- ଗାନର ସେହି ସ୍ୱର ଦଶଲକ୍ଷଣଯୁକ୍ତ ଅଂଶ ଯାହା ଉପରେ ରାଗ ନିର୍ଭର କରେ । ପଞ୍ଚସ୍ୱର ଉପରେ ନିର୍ଭରଶୀଳ ମନ୍ଦ୍ର ଓ ତାହାର ପରିବର୍ତ୍ତନ ପାଇଁ ଏହା ମୂଳ ଅଟେ । ଅନେକ ସ୍ୱର ସଂଯୋଗରେ ଏହା ସ୍ପଷ୍ଟ ଭାବରେ ଅନୁଭୂତ ହୁଏ । (ତୀବ୍ର ଭାବରେ) । ଅନ୍ୟାନ୍ୟ ପ୍ରବଳସ୍ୱର ଏହା ସହିତ ସଂବାଦୀ ବା ଅନୁବାଦୀ ରୂପେ ସମ୍ବନ୍ଧ ହୁଅନ୍ତି । ଏବଂ ଏହା ଗ୍ରହ, ଅପନ୍ୟାସ, ବିନ୍ୟାସ, ସଂନ୍ୟାସ ଓ ନ୍ୟାସ (ସ୍ୱରର) ସହିତ ସମ୍ବନ୍ଧଯୁକ୍ତ ହୋଇ ରହେ । ଏହା ଗାନର ସବୁଠାରେ ଖେଳି ରହିଥାଏ (ପରିବାର୍ଯ୍ୟ) ॥ ୭୬-୭୮ ॥

Digitized by srujanika@gmail.com

ଦ୍ୱୈଗ୍ରାମିକୀନାଂ ଜାତୀନାଂ ସର୍ବାସାମପି ନିତ୍ୟଶଃ ।
ତ୍ରିଷଷ୍ଟିରଂଶାଃ ବିଜ୍ଞେୟାଃ ତାସାଂଚୈବ ତଥା ଗ୍ରହାଃ ।। ୭୯ ।।
ଅଂଶଗ୍ରହବିଧି ମିଦାନୀଂ ବକ୍ଷ୍ୟାମଃ-
ମଧ୍ୟମୋଦୀଚ୍ୟବାୟାସ୍ତୁ ନନ୍ଦୟନ୍ତ୍ୟାସ୍ତଥୈବ ଚ ।
ଧୈବତ୍ୟାଶ୍ଚ ତଥୈବାଂଶୌ ବିଜ୍ଞେୟୌ ଧୈବତର୍ଷଭୌ ।
ପଞ୍ଚମ୍ୟାସ୍ତୁ ଗ୍ରହାବଂଶୌ ଭବତଃ ପଞ୍ଚମର୍ଷଭୌ ।। ୮୧ ।।
ଗାନ୍ଧାରୋଦୀଚ୍ୟବାୟାସ୍ତୁ ଗ୍ରହାଂଶୌ ଷଡ୍‌ଜ ମଧ୍ୟମୌ ।
ଆର୍ଷଭ୍ୟାଶ୍ଚ ତଥୈବାଂଶା ନିଷାଦର୍ଷଭ ଧୈବତାଃ ।। ୮୨ ।।
ନୈଷାଦିନ୍ୟା ନିଷାଦସ୍ତୁ ଗାନ୍ଧାରଶ୍ଚର୍ଷଭସ୍ତଥା ।
ଅଂଶାଶ୍ଚ ଷଡ୍‌ଜ କୈଶିକ୍ୟାଃ ଷଡ୍‌ଜ ଗାନ୍ଧାର ପଞ୍ଚମାଃ ।। ୮୩ ।।
ତିସୃଣାମପି ଜାତୀନାଂ ଗ୍ରହାସ୍ତ୍ୱଂଶାଶ୍ଚ କୀର୍ତ୍ତିତାଃ ।
ଷଡ୍‌ଜଶ୍ଚ ମଧ୍ୟମଶ୍ଚୈବ ନିଷାଦୋ ଧୈବତସ୍ତଥା ।। ୮୪ ।।
ଅଂଶ ଗ୍ରହାସ୍ତୁ ଚତ୍ୱାରଃ ଷଡ୍‌ଜୋଦୀଚ୍ୟବତୀଶ୍ରିତାଃ ।
ପଞ୍ଚମଶ୍ଚର୍ଷଭଶ୍ଚୈବ ନିଷାଦୋ ଧୈବତ ସ୍ତଥା ।। ୮୫ ।।

ଜାତି ସମୂହର ଅଂଶ- ସମସ୍ତ ଦ୍ୱୈଗ୍ରାମିକୀ ଜାତିଙ୍କର ସର୍ବଦା ତେଷଠିଟି (୬୩) ଅଂଶ ରହିଥାଏ । (ଜାତି ସହିତ ସମ୍ବନ୍ଧଯୁକ୍ତ) ଅଂଶ ଓ ଗ୍ରହ ବିଷୟ ସେମାନଙ୍କର ଆଲୋଚନା କରିବା ।। ୭୯ ।। ଏବେ ଅଂଶ ଗ୍ରହ ବିଧି କଥା କହିବା-

ମଧ୍ୟମୋଦୀଚ୍ୟବା, ନନ୍ଦୟନ୍ତୀ ଓ ଗାନ୍ଧାର ପଞ୍ଚମୀ ଜାତିର ପଞ୍ଚମ ଅଂଶକୁ ଗ୍ରହ ବୋଲି ଜାଣିବ ।। ୮୦ ।।

ଧୈବତ ଜାତିର ଅଂଶ ଧୈବତ ଓ ଋଷଭ । ପଞ୍ଚମୀ ଜାତିରେ ଋଷଭ ଓ ପଞ୍ଚମ ଅଂଶ ଏବଂ ଗ୍ରହ ।। ୮୧ ।।

ଗାନ୍ଧାରୋଦୀଚ୍ୟବାରେ ଷଡ୍‌ଜ ଓ ମଧ୍ୟମ ଗ୍ରହ ଓ ଅଂଶ । ଋଷଭ ଧୈବତ ଓ ନିଷାଦ ଆର୍ଷଭୀର ଅଂଶ ।। ୮୨ ।।

ଋଷଭ ଗାନ୍ଧାର ଓ ନିଷାଦ ନୈଷାଦୀର ଅଂଶ । ଷଡ୍‌ଜ ଗାନ୍ଧାର ଓ ପଞ୍ଚମ । ଷଡ୍‌ଜକୈଶିକୀର ଅଂଶ । ଏହିପରି ଭାବରେ ତିନି ଜାତିର ତିନି ଅଂଶ ବର୍ଣ୍ଣିତ ହେଲା ।। ୮୩ ।।

ଷଡ୍‌ଜ ମଧ୍ୟମ ଧୈବତ ଓ ନିଷାଦ ଷଡ୍‌ଜୋଦୀଚ୍ୟବତୀର ଚାରି ଅଂଶ ଓ ଗ୍ରହ ।। ୮୪ ।। ପଞ୍ଚମ ଋଷଭ ଧୈବତ ଓ ନିଷାଦ କର୍ମାରବୀର ଚାରି ଅଂଶ ଓ ଗ୍ରହ ବୋଲି କଥିତ ଅଛି ।। ୮୫ ।।

Digitized by srujanika@gmail.com

କର୍ମାରବ୍ୟା ସ୍ତଥୈବାଂଶାଃ ତତ୍ୱାରଃ ସଂପ୍ରକୀର୍ତ୍ତିତାଃ ।
ଗାନ୍ଧାରଶ୍ଚର୍ଷଭଶ୍ଚୈବ ନିଷାଦଃ ପଞ୍ଚମଃ ତଥା ॥ ୮୬ ॥
ତତ୍ୱାରୋଽଂଶା ଭବନ୍ତ୍ୟାନ୍ଧ୍ର୍ୟାଃ ଗ୍ରହାଶ୍ଚୈତେ ତଥୈବ ହି ।
ଋଷଭଶ୍ଚୈବ ଷଡ୍‌ଜଶ୍ଚ ମଧ୍ୟମଃ ପଞ୍ଚମସ୍ତଥା ॥ ୮୭ ॥
ମଧ୍ୟମାୟାଃ ଗ୍ରହାସ୍ତ୍ୱଂଶାଃ ଧୈବତଶ୍ଚ ପ୍ରକୀର୍ତ୍ତିତଃ ।
ଷଡ୍‌ଜାୟାଃ ଷଡ୍‌ଜ ଗାନ୍ଧାରୌ ମଧ୍ୟମଃ ପଞ୍ଚମସ୍ତଥା ॥ ୮୮ ॥
ଧୈବତଶ୍ଚାପି ବିଜ୍ଞେୟାଃ ଗ୍ରହାଶ୍ଚାଂଶାଃ ପ୍ରକୀର୍ତ୍ତିତାଃ ।
ନିଷାଦର୍ଷଭଗାନ୍ଧାରା ମଧ୍ୟମଃ ପଞ୍ଚମସ୍ତଥା ॥ ୮୯ ॥
ଗାନ୍ଧାରୀରକ୍ତଗାନ୍ଧାର୍ଯ୍ୟୋ ର୍ଗ୍ରହାଂଶାଃ ପରିକୀର୍ତ୍ତିତାଃ ।
ବର୍ଜ୍ଜିତର୍ଷଭ ଯୋଗାସ୍ତୁ କୈଶିକ୍ୟାଂଶାଃ ଷଡ୍ରେବ ତୁ ॥ ୯୦ ॥
ସ୍ୱରାଃ ସର୍ବେ ଚ ବିଜ୍ଞେୟାଃ ଷଡ୍‌ଜ ମଧ୍ୟାଂଶଜା ଗ୍ରହାଃ ।
ଏବଂ ତ୍ରିଷଷ୍ଟି ର୍ବିଜ୍ଞେୟା ଗ୍ରହାଶ୍ଚାଂଶାଶ୍ଚ ଜାତିଷୁ ॥ ୯୧ ॥
ଅଂଶବଚ୍ଚ ଗ୍ରହାସ୍ତାସାଂ ସର୍ବାସାମେବ ନିତ୍ୟଶଃ ।
ସର୍ବାସାମେକ ଜାତୀନାଂ ତ୍ରିଜାତିଷ୍ୱ ଗଣଃ ସ୍ମୃତଃ ॥ ୯୨ ॥
ସର୍ବଥା ଚୈବ ବିଜ୍ଞେୟା ବର୍ଦ୍ଧମାନସ୍ୱରାସ୍ତଥା ।
ଏକସ୍ୱରୋ ଦ୍ୱିସ୍ୱରଶ୍ଚ ତ୍ରିସ୍ୱରୋଽଥ ଚତୁଃସ୍ୱରଃ ।
ପଞ୍ଚସ୍ୱରଃ ଷଟ୍‌ସ୍ୱରଶ୍ଚ ତଥା ସପ୍ତସ୍ୱରୋଽପିବା ॥ ୯୩ ॥

ଆନ୍ଧ୍ରୀର ଋଷଭ, ଗାନ୍ଧର, ପଞ୍ଚମ ଓ ନିଷାଦ ଏହି ଚାରିଅଂଶ । ଗ୍ରହ ମଧ୍ୟ ଏହିସବୁ । ଋଷଭ, ଷଡ୍‌ଜ, ମଧ୍ୟମ ଓ ପଞ୍ଚମ ଏବଂ ଧୈବତ ମଧ୍ୟମାର ଏହି ପାଞ୍ଚଟି ଅଂଶ ଓ ଗ୍ରହ ମଧ୍ୟ ଅଟେ ॥ ୮୭ ॥ ଷାଡ୍‌ଜୀର ଷଡ୍‌ଜ, ଗାନ୍ଧାର, ମଧମ, ପଞ୍ଚମ ଓ ଧୈବତ ଏହି ପାଞ୍ଚଟି ଅଂଶ ଓ ଗ୍ରହ ଅଟନ୍ତି ॥ ୮୮ ॥ ଋଷଭ, ଗାନ୍ଧାର,ମଧ୍ୟମ, ପଞ୍ଚମ ଓ ନିଷାଦ, ଗାନ୍ଧାରୀ ଓ ରକ୍ତ ଗାନ୍ଧାରୀରେ (ପାଞ୍ଚଟି) ଅଂଶ ଓ ଗ୍ରହ ଅଟନ୍ତି । ଋଷଭ ବ୍ୟତୀତ ଅନ୍ୟ (ଛଅଟି) ସ୍ୱର କୈଶିକୀର ଛଅ ଅଂଶ ଓ ଗ୍ରହ ॥ ୯୦ ॥ ସମସ୍ତ ସ୍ୱର ଷଡ୍‌ଜ ମଧ୍ୟମାର ସାତଟି ଅଂଶ ଓ ଗ୍ରହ । ଜାତି ସମୂହରେ ଏହି ତେଶଠୀ (୬୩)ଟି ଅଂଶ ଓ ଗ୍ରହ । ଏହିସବୁ ଜାତିରେ ଅଂଶଗୁଡ଼ିକ ସବୁ ସମୟରେ ଗ୍ରହ ହୋଇଥାଏ ॥ ୯୧ ॥ ଏହି ସମସ୍ତ ଜାତିମାନଙ୍କର ତିନିଟି ଜାତିକୁ ନେଇ ଗଣ ଗଠିତ ହୁଏ ॥ ୯୨ ॥ ଏହିଗୁଡ଼ିକ ସବୁ ସମୟରେ ଆରୋହକ୍ରମରେ କ୍ରମବର୍ଦ୍ଧମାନ ସ୍ୱର (ସଂଖ୍ୟାନୁସାରେ) ବିନ୍ୟସ୍ତ ହେବେ । ଯଥା-ଏକସ୍ୱର ବିଶିଷ୍ଟ, ଦ୍ୱିସ୍ୱର ବିଶିଷ୍ଟ, ତ୍ରିସ୍ୱର ବିଶିଷ୍ଟ, ଚତୁଃସ୍ୱର ବିଶିଷ୍ଟ ପଞ୍ଚସ୍ୱର ବିଶିଷ୍ଟ, ଷଟ୍‌ସ୍ୱର ବିଶିଷ୍ଟ ଅଥବା ସପ୍ତସ୍ୱର ବିଶିଷ୍ଟ ॥ ୯୩ ॥

Digitized by srujanika@gmail.com

ଅଥ ପଞ୍ଚସ୍ୱରପରା ତାରଗତିଃ-

ଅଂଶାତ୍ ତାରଗତିଂ ବିଦ୍ୟାତ୍ ଆଚତୁର୍ଥ ସ୍ୱରାଦିହ ।
ପଞ୍ଚମଂ ତ୍ୱଥବା ଗଚ୍ଛେତ୍ ତତୋଽଂଶବିହିତଂ ତ୍ୱିହ ॥
ଆପଞ୍ଚମାତ୍ ସପ୍ତମାଦ୍ ବା ନାତଃ ପରମିହେଷ୍ୟତେ ॥ ୯୪ ॥

ତ୍ରିବିଧା ମନ୍ଦ୍ରଗତିଃ-

ଅଂଶପରା ନ୍ୟାସପରା ଅଂଶନ୍ୟାସପରା ଚେତି ।
ମନ୍ଦ୍ରସ୍ତ୍ୱଂଶାଦ୍ ପରୋନାସ୍ତି ନ୍ୟାସେ ତୁ ଦ୍ୱୌ ବ୍ୟବସ୍ଥିତୌ ।
ଗାନ୍ଧାରେ ଚ ଗ୍ରହେ ନ୍ୟାସେ ଦୃଷ୍ଟମାର୍ଷଭ ଧୈବତମ୍ ॥ ୯୫ ॥

ଦ୍ୱିବିଧମଳ୍ପତ୍ୱଂ ଲଂଘନାଦ୍ ଅନଭ୍ୟାସାଚ୍ଚ । ତତ୍ର ଷାଡ଼ବୌଡ଼ବିତକରଣତ୍ୱମ୍ ଅଂଶାନାଂ ଗୀତାନାମ୍ ଆନ୍ତରମାର୍ଗ ମୁପଗତାନାଂ ସ୍ୱରାଣାଂ ଲଂଘନାଦ୍ । ଅନଭ୍ୟାସାଚ୍ଚ ସକୃଦୁଚ୍ଚାରଣଂ ଯଥା ଜାତିଃ । ତଦ୍‌ବଦ୍ ବହୁତ୍ୱମ୍ ଅଳ୍ପବିର୍ଯ୍ୟଯାଦ୍ ଦ୍ୱିବିଧମେବ ଅନ୍ୟେଷାମପି ବଲିନାଂ ସଞ୍ଚାରଃ ।

ଅଳ୍ପତ୍ୱଂ ଚ ବହୁତ୍ୱଂ ତଥା ପୂର୍ବ ବିନିଶ୍ଚୟାଦ୍ ।
ଜାତିସ୍ୱରୈଶ୍ଚ ନିତ୍ୟଂସ୍ୟାଦ୍ ଜାତ୍ୟଳ୍ପତ୍ୱଂ ଦ୍ୱିଧାଚ ତଦ୍ ॥ ୯୬ ॥

ପଞ୍ଚସ୍ୱର ଉପରେ ନିର୍ଭରଶୀଳ ତାର ଗତି ଯଥା- ଅଂଶସ୍ୱରଠାରୁ ଚତୁର୍ଥ ସ୍ୱର ପର୍ଯ୍ୟନ୍ତ ତାର ଗତି ବୋଲି ଜାଣିବ । ଅଥବା ପଞ୍ଚମକୁ ଯାଇପାରେ । ତାହାପରେ ଅଂଶ ପଞ୍ଚମ ବା ସପ୍ତମ ପର୍ଯ୍ୟନ୍ତ ହୋଇପାରେ । କିନ୍ତୁ ତା'ପରେ ନୁହେଁ ॥ ୯୪ ॥

ମନ୍ଦ୍ରଗତି ତିନି ପ୍ରକାର- ନିମ୍ନ ଗ୍ରାମ ଅଂଶ ଉପରେ ନିର୍ଭରଶୀଳ, ନ୍ୟାସ ଉପରେ ନିର୍ଭରଶୀଳ ଏବଂ ଅପନ୍ୟାସ ଉପରେ ନିର୍ଭରଶୀଳ ।

ଅଂଶରୁ ଅଲଗା ମନ୍ଦ୍ର ନାହିଁ । ନ୍ୟାସରେ ଦୁଇଟି ବ୍ୟବସ୍ଥିତ ଅଟନ୍ତି । ଗାନ୍ଧାରରେ ଗ୍ରହ ଓ ନ୍ୟାସରେ ଆର୍ଷଭ ଓ ଧୈବତ ଦେଖାଯାଏ ॥ ୯୫ ॥

ଅଳ୍ପତ୍ୱ ଓ ବହୁତ୍ୱ- ଅଳ୍ପତ୍ୱ ଦୁଇ ପ୍ରକାର । ସ୍ୱର ଲଂଘନ ହେତୁକ ଏକ । ଏହାର ପୁନରାବୃତ୍ତିର ଅଭାବ ହେତୁ ଦ୍ୱିତୀୟଟି ହୁଏ । ଏହି, ଦୁହିଁଙ୍କ ମଧ୍ୟରେ ଲଂଘନହେତୁ ଅଳ୍ପତ୍ୱ ଅନ୍ତରମାର୍ଗରେ ସ୍ଥିତ ଗାନର ଅଂଶଗୁଡ଼ିକ ଷଟ୍‌ସ୍ୱରତ୍ୱ ଓ ପଞ୍ଚସ୍ୱରତ୍ୱ ଜାତ କରେ । ପୁନରାବୃତ୍ତି ନହେବା କାରଣରୁ ଜାତି ଅନୁଯାୟୀ ଥରେ ମାତ୍ର ଉଚ୍ଚାରିତ ହୁଏ । ଅଳ୍ପତ୍ୱର ବିପରୀତ ହେଲା ବହୁତ୍ୱ ଏହା ଦୁଇ ପ୍ରକାର । ଅନ୍ୟ ପ୍ରବଳସ୍ୱରମାନଙ୍କର ସଂଚାର ହୁଏ ॥

ଅଳ୍ପତ୍ୱ ଓ ବହୁତ୍ୱ ସବୁ ସମୟରେ ଜାତି ସହିତ (ବିଶେଷ) ସ୍ୱରର ସମ୍ବନ୍ଧ ପୂର୍ବ ନିର୍ଦ୍ଦିଷ୍ଟ ରୀତିରେ ହୋଇଥାଏ । ଜାତ୍ୟଳ୍ପତ୍ୱ ଦୁଇ ପ୍ରକାର ॥ ୯୬ ॥

Digitized by srujanika@gmail.com

ସଞ୍ଚାରୋଽଂଶବଳସ୍ଥାନାମଳ୍ପତ୍ୱଂ ଦୁର୍ବଳେଷୁ ଚ ।
ଦ୍ୱିବିଧୋଽନ୍ତରମାର୍ଗସ୍ତୁ ଜାତୀନାଂ ବ୍ୟକ୍ତିକାରକଃ ॥ ୯୭ ॥

ଷଟ୍‌ସ୍ୱରଂ ଷାଡ଼୍‌ବିତଂ ଚତୁର୍ଦ୍ଦଶବିଧଂ ସପ୍ତଚତ୍ୱାରିଂଶଦ୍ ପ୍ରକାରମ୍ । ପୂର୍ବୋକ୍ତ ବିଧାନଂ ଯଥା ତ୍ରିଂଶପ୍ରକାରୈରିତି ।

ପଞ୍ଚସ୍ୱର ମୌଡ଼ୁବିତଂ ବିଜ୍ଞେୟଂ ଦଶବିଧଂ ପ୍ରୟୋଗଜ୍ଞୈଃ ।
ତ୍ରିଂଶଦ୍ ପ୍ରକାରବିହିତଂ ପୂର୍ବୋକ୍ତଂ ଲକ୍ଷଣଂ ଚାସ୍ୟ ॥ ୯୮ ॥
ଷଟ୍‌ସ୍ୱରସ୍ୟ ପ୍ରୟୋଗୋଽସ୍ତି ତଥା ପଞ୍ଚସ୍ୱରସ୍ୟଚ ।
ଚତୁଃସ୍ୱର ପ୍ରୟୋଗୋଽସ୍ତି ହ୍ୟବକୃଷ୍ଟ ଧ୍ରୁବାସ୍ୱଥ ॥ ୯୯ ॥
ଅଥନ୍ୟାସଃ- ଅଂଶ ସମାପ୍ତୌ ସ ଚ ଏକବିଂଶତିବିଧଃ ।
ତଦ୍‌ବଦ୍ ଅପନ୍ୟାସୋଽପି ଅଂଶମଧ୍ୟେଷଟ୍‌ପଞ୍ଚାଶଦ୍‌ସଂଖ୍ୟଃ ।
ନ୍ୟାସୋହ୍ୟଂଶ ସମାପ୍ତୌ ସ ଚୈକବିଂଶତିବିଧଃ ବିଧାତବ୍ୟଃ ।
ଷଟ୍‌ପଞ୍ଚାଶଦ୍‌ସଂଖ୍ୟୋଽଂଶ ମଧ୍ୟେଽପନ୍ୟାସ ଏବ ସ୍ୟାଦ୍ ॥ ୧୦୦ ॥
ଏବମୁକ୍ତବିଦଂ ସମ୍ୟଗ୍ ଜାତୀନାଂ ଲକ୍ଷଣଂ ମୟା ।
ଅତଉର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ନ୍ୟାସାପନ୍ୟାସ କଳ୍ପନମ୍ ॥ ୧୦୧ ॥

ପ୍ରବଳସ୍ୱରରର ସଂଚାର ଅଂଶ ଏବଂ ଦୁର୍ବଳସ୍ୱରରେ ଅଳ୍ପତ୍ୱ । ସ୍ୱରର ଜାତି ପରିଚାୟକ ଅନ୍ତରମାର୍ଗ ଦୁଇ ପ୍ରକାର ॥ ୯୭ ॥

ଗ୍ରାମରେ ଷାଡ଼୍‌ବିତ ଛଅ ସ୍ୱର ସହିତ ଷଟ୍‌ସ୍ୱରତ୍ୱ ସମ୍ବନ୍ଧ । ଏହା ଚଉଦ ପ୍ରକାର । ଏମାନଙ୍କଙ୍କର ବିଭାଗ ଷଟ୍‌ଚାଳିଶ (୪୭) । ପଞ୍ଚସ୍ୱରକୁ ଔଡ଼ବିତ କୁହନ୍ତି । ଏହା ଦଶପ୍ରକାର । ଏହାର ତିରିଶଟି ପ୍ରକାର ଭେଦ ପୂର୍ବରୁ କୁହାଯାଇଅଛି ॥ ୯୮ ॥

ଛଅସ୍ୱର ଓ ପାଞ୍ଚ ସ୍ୱରର ପ୍ରୟୋଗ ଅଛି । ଏହିପରି ଚତୁଃସ୍ୱର ପ୍ରୟୋଗ (ଗଣରମଧ୍ୟ) ଅବକୃଷ୍ଟ ଧ୍ରୁବାଗୁଡ଼ିକରେ ପ୍ରୟୋଜନୀୟତା ଅଛି ॥ ୯୯ ॥ **ଏବେ ନ୍ୟାସ ବିଷୟରେ ଆଲୋଚନା-** ଏହା ଗାନର ଉପସଂହାରରେ (ଅଂଶ ସମାପ୍ତିରେ) ଥାଏ । ଏହା ଏକୋଇଶ ପ୍ରକାର । ସେହିପରି ଅପନ୍ୟାସ ଅଂଶ ମଧ୍ୟରେ ଥାଏ । ଏହା ଛପନ (୫୬) ପ୍ରକାର । ଅଂଶର ସମାପ୍ତିରେ (ଗାନର ଉପସଂହାରରେ) ନ୍ୟାସ ଏକୋଇଶ ପ୍ରକାର । ଗାନର ମଧ୍ୟବର୍ତ୍ତୀ ଅପନ୍ୟାସ ଛପନ ପ୍ରକାର ॥ ୧୦୦ ॥

ଜାତି ସମୂହ ଓ ଲକ୍ଷଣ- ଏହିପରି ଜାତିମାନଙ୍କ ଲକ୍ଷଣ ବିସ୍ତୃତ ଭାବରେ କହିଲି । ଏବେ ସେମାନଙ୍କର ନ୍ୟାସ ଓ ଅପନ୍ୟାସ ବିଷୟ କହିବି । ଷାଡ଼୍‌ଜୀ ଜାତିରେ ପାଞ୍ଚଟିସ୍ୱରର ଅଂଶ

Digitized by srujanika@gmail.com

ଅଂଶାଃସ୍ୟୁଃ ପଞ୍ଚ ଷଡ୍‌ଦାୟାଃ ନିଷାବର୍ଷଭବର୍ଜିତାଃ ।
ଅପନ୍ୟାସୋ ଭବେଦତ୍ର ଗାନ୍ଧାରଃ ପଞ୍ଚମସ୍ତଥା ॥ ୧୦୨ ॥
ନ୍ୟାସଶ୍ଚାତ୍ର ଭବେତ୍ ଷଡ୍‌ଜୋ ଲୋପ୍ୟଃ ସପ୍ତମ ଏବ ତୁ ।
ଷାଡ୍‌ବଂ ସପ୍ତମାପେତମ୍ ଅଳ୍ପୌ ବୈ ସପ୍ତମର୍ଷଭୌ ॥ ୧୦୩ ॥
ଷଡ୍‌ଜଗାନ୍ଧାରସଞ୍ଚାରଃ ତଥା ଧୈବତଷଡ୍‌ଜୟୋଃ ।
ଗାନ୍ଧାରସ୍ୟ ଚ ବାହୁଲ୍ୟଂ ତ୍ୱତ୍ର କାର୍ଯ୍ୟଂ ପ୍ରୟୋକ୍ତୃଭିଃ ॥ ୧୦୪ ॥
ଅଂଶଜାତାସ୍ତଥାର୍ଷଭ୍ୟାଂ ନିଷାଦର୍ଷଭଧୈବତାଃ ।
ଏତଏବ ହ୍ୟପନ୍ୟାସାଃ ନ୍ୟାସଶ୍ଚ ଋଷଭଃ ସ୍ମୃତଃ ॥ ୧୦୫ ॥
ଅଳ୍ପତ୍ୱଂ ଚ ବିଶେଷେଣ ଭବେତ୍ ଷାଡ୍‌ବକାରିଣଃ ।
ଲଂଘନଂ ପଞ୍ଚମସ୍ୟୈବ ସ୍ୟାଦାରୋହଣସଂଶ୍ରୟାତ୍ ॥ ୧୦୬ ॥
ଷଟ୍‌ସ୍ୱରଂ ସପ୍ତମହୀନେ ପଞ୍ଚସ୍ୱର୍ଯେ ଚ ପଞ୍ଚମମ୍ ।
ବିବାଦିନାଂ ସ୍ୱରାଣାଂଚ ସଂଚାରୋଽତ୍ର ବିଧୀୟତେ ॥ ୧୦୭ ॥
ଧୈବତ୍ୟା ଧୈବତୋ ନ୍ୟାସଃ ସ୍ୟାଦଂଶୌ ଧୈବତର୍ଷଭୌ ।
ଅପନ୍ୟାସା ଭବନ୍ତ୍ୟତ୍ର ଧୈବତର୍ଷଭମଧ୍ୟମାଃ ॥ ୧୦୮ ॥

ହୁଏ । ଏଥିରେ ନିଷାଦ ଓ ଋଷଭ ରହେ ନାହିଁ । ଗାନ୍ଧାର ଓ ପଞ୍ଚମ ଏଥିରେ ଅପନ୍ୟାସ । ଏଥିରେ ନ୍ୟାସ ଷଡ୍‌ଜ, ସପ୍ତମ (ଅର୍ଥାତ୍ ନିଷାଦ) ଏହାର ବର୍ଜନୀୟ ॥ ୧୦୧, ୧୦୨ ॥
ଷାଡ୍‌ଜ ସପ୍ତମ ବା ନିଷାଦ ଯୁକ୍ତ । ଏଥିରେ ଋଷଭ ଓ ନିଷାଦ ଅଳ୍ପ ହେବେ । ଷଡ୍‌ଜ ଓ ଗାନ୍ଧାର ଏବଂ ଧୈବତ ଓ ଷଡ୍‌ଜ ଏକତ୍ର ଚାଲିବେ । ଗାନ୍ଧାର ବହୁଳ ଭାବରେ କରଣୀୟ ॥ ୧୦୩, ୧୦୪ ॥
ଆର୍ଷଭୀ- ଆର୍ଷଭୀ ଜାତିରେ ଅଂଶ ହେଉଛି ଋଷଭ, ଧୈବତ ଓ ନିଷାଦ । ଏମାନଙ୍କର ଅପନ୍ୟାସ ଓ ଏହିମାନେ । ଋଷଭ ନ୍ୟାସ ଅଟେ । ଷାଡ୍‌ବକାରୀର ବିଶେଷ ଅଳ୍ପତ୍ୱ ହେବ । ଆରୋହଣ କ୍ରମରେ ପଞ୍ଚମର ଲଂଘନ ହେବ । (ସାଧାରଣ) ଷଟ୍‌ସ୍ୱରତ୍ୱ ନିଷାଦକୁ ବର୍ଜନ କରିବ । ପଞ୍ଚମ ସ୍ୱରତ୍ୱରେ ପଞ୍ଚମ ରହିବ ନାହିଁ । ଏଥିରେ ବିବାଦୀ ସ୍ୱର ସମୂହ ସଂଚାର ନିହିତ ଅଟେ ॥ ୧୦୫-୧୦୭ ॥
ଧୈବତୀ ଜାତି - ଧୈବତୀ ଜାତିରେ ନ୍ୟାସ ଧୈବତ, ଅଂଶ ଋଷଭ ଓ ଧୈବତ । ଅପନ୍ୟାସ ଋଷଭ, ମଧ୍ୟମ ଓ ଧୈବତ । ପଞ୍ଚମସ୍ୱରତ୍ୱ ଷଡ୍‌ଜ ଓ ପଞ୍ଚମକୁ ବର୍ଜନ କରିବ । ଷଟ୍‌ସ୍ୱରତ୍ୱ

Digitized by srujanika@gmail.com

ଷଡ଼୍‌ଜପଞ୍ଚମହୀନଂଚ ପଞ୍ଚସ୍ୱର୍ଯଂ ବିଧୀୟତେ ।
ପଞ୍ଚମେନ ବିନାଚୈବ ଷାଡ଼ବଂ ପରିକୀର୍ତ୍ତିତମ୍ ।। ୧୦୯ ।।
ଆରୋହିଣ୍ୟୌ ଚ କର୍ତ୍ତବ୍ୟୌ ଲଂଘନୀୟୌ ତଥୈବ ଚ ।
ନିଷାଦଶ୍ଚର୍ଷଭଶ୍ଚୈବ ଗାନ୍ଧାରୋ ବଲବାଂସ୍ତଥା ।। ୧୧୦ ।।
ନିଷାଦିନ୍ୟାଂ ନୈଷାଦୋଽଂଶା ଗାନ୍ଧାର ସ୍ତ୍ୱର୍ଷଭଃ ସ୍ମୃତଃ ।
ଏତଏବ ହ୍ୟପନ୍ୟାସା ନ୍ୟାସଶ୍ଚୈବାତ୍ର ସପ୍ତମଃ ।। ୧୧୧ ।।
ଧୈବତ୍ୟା ଇବ କର୍ତ୍ତବ୍ୟୌ ଷାଡ଼ବୌଡବିତେ ତଥା
ତଦ୍ୱଚ୍ଚ ଲଂଘନୀୟୌ ତୁ ବଲବନ୍ତୌ ତଥୈବ ଚ ।। ୧୧୨ ।।
ଅଂଶାସ୍ତୁ ଷଡ଼୍‌ଜ କୈଶିକ୍ୟାଂ ଷଡ଼୍‌ଜଗାନ୍ଧାରପଞ୍ଚମାଃ ।
ଅପନ୍ୟାସା ଭବନ୍ତ୍ୟତ୍ର ଷଡ଼୍‌ଜ ସପ୍ତମ ପଞ୍ଚମାଃ ।। ୧୧୩ ।।
ଗାନ୍ଧାରଶ୍ଚ ଭବେନ୍ନ୍ୟାସୋ ହୀନସ୍ୱର୍ଯଂ ନ ତତ୍ରତୁ ।
ହୀନସ୍ୱରସ୍ୟାଭାବାତ୍ତୁ ସଂପୂର୍ଣ୍ଣା ଚେୟମିଷ୍ୟତେ ।।
ଦୌର୍ବଲ୍ୟଂ ଚାତ୍ର କର୍ତ୍ତବ୍ୟଂ ଧୈବତସ୍ୟର୍ଷଭସ୍ୟ ଚ ।। ୧୧୪ ।।
ଷଡ଼୍‌ଜଶ୍ଚ ମଧ୍ୟମଶ୍ଚୈବ ନିଷାଦୋ ଧୈବତସ୍ତଥା ।
ସ୍ୟୁଃ ଷଡ଼୍‌ଜୋଦୀଚ୍ୟବତ୍ୟଂଶାଃ ନ୍ୟାସଶ୍ଚୈବ ତୁ ମଧ୍ୟମଃ ।। ୧୧୫ ।।

ପଞ୍ଚମକୁ ଛାଡ଼ିବ । ପଞ୍ଚମ ସ୍ୱରତ୍ୱ ଓ ଷଟ୍‌ସ୍ୱରତ୍ୱ ଏଥିରେ ଆରୋହକ୍ରମରେ ରହିବ । ନିଷାଦ ଓ ଋଷଭକୁ ଲଂଘନ କରିବ । ଗାନ୍ଧାର ପ୍ରବଳ ହେବ ।। ୧୦୮-୧୧୦ ।।

ନୈଷାଦୀ- ନୈଷାଦୀ ଜାତିରେ ଅଂଶ ଋଷଭ, ଗାନ୍ଧାର ଓ ନିଷାଦ । ଏହିମାନେ ହିଁ ଅପନ୍ୟାସ । ନିଷାଦ ନ୍ୟାସ । ଏହାର ଷଟ୍‌ସ୍ୱରତ୍ୱ ଓ ପଞ୍ଚମ ସ୍ୱରତ୍ୱ, ଧୈବତୀ ପରି ।

ସ୍ୱରର ଅଳ୍ପତ୍ୱ ବହୁତ୍ୱ ଓ ଲଂଘନୀୟ ମଧ୍ୟ ଧୈବତୀ ପରି ।। ୧୧୧, ୧୧୨ ।।

ଷଡ଼୍‌ଜ କୈଶିକୀ- ଷଡ଼୍‌ଜ କୈଶିକୀରେ ଅଂଶ ଷଡ଼୍‌ଜ, ଗାନ୍ଧାର ଓ ପଞ୍ଚମ । ଅପନ୍ୟାସ, ଷଡ଼୍‌ଜ, ପଞ୍ଚମ ଓ ନିଷାଦ, ଗାନ୍ଧାର, କୌଣସି ସ୍ୱର ଏଥିରୁ ବର୍ଜିତ ହେବ ନାହିଁ । ଏଣୁ ଏହାକୁ ସଂପୂର୍ଣ୍ଣା କୁହାଯାଏ । ଏଥିରେ ଋଷଭ ଓ ଧୈବତ ହ୍ରାସ କରାଯାଏ । ଏହାପରେ ନିର୍ଭରଶୀଳ ଜାତିମାନଙ୍କ ବିଷୟ କୁହାଯିବ ।। ୧୧୩, ୧୧୪ ।।

ଷଡ଼୍‌ଜୋଦୀଚ୍ୟବା- ଷଡ଼୍‌ଜୋଦୀଚ୍ୟବା ଜାତିରେ ଅଂଶ ଷଡ଼୍‌ଜ, ମଧ୍ୟମ, ଧୈବତ ଓ ନିଷାଦ । ନ୍ୟାସ ମଧ୍ୟମ, ଅପନ୍ୟାସ ଷଡ଼୍‌ଜ ଓ ଧୈବତ । ଏଥିରେ ଅଂଶଗୁଡ଼ିକ ପରସ୍ପର ସଂଚାରଯୁକ୍ତ ହୁଅନ୍ତି । ଏହାର ପଞ୍ଚସ୍ୱରତ୍ୱ ଋଷଭ ଓ ପଞ୍ଚମହୀନ । ଷଟ୍‌ସ୍ୱରତ୍ୱରେ ଋଷଭ ନଥାଏ । ଗାନ୍ଧାର ବଳବାନ୍ ।। ୧୧୫, ୧୧୭ ।।

Digitized by srujanika@gmail.com

ଅପନ୍ୟାସୋ ଭବତ୍ୟାସ୍ୟାଃ ଧୈବତଃ ଷଡ୍‌ଜଏବ ଚ ।
ପରସ୍ପର ମିହାଂଶାନାଂ ସଂଚାରଶ୍ଚ ବିଧୀୟତେ ।। ୧୧୬ ।।
ପଞ୍ଚମର୍ଷଭହୀନଂ ତୁ ପଞ୍ଚସ୍ୱର୍ଯଂ ବିଧୀୟତେ ।
ଋଷଭଃ ଷାଡ଼ବେ ହୀନୋ ଗାନ୍ଧାରଶ୍ଚ ବଳୀ ଭବେଦ୍ ।। ୧୧୭ ।।
ସର୍ବେଽଂଶାଃ ଷଡ୍‌ଜ ମଧ୍ୟାୟା ଅପନ୍ୟାସାସ୍ତ ଏବ ଚ ।
ଷଡ୍‌ଜୋବା ମଧ୍ୟମୋ ବାପି ନ୍ୟାସଃ କାର୍ଯ୍ୟଃ ପ୍ରୟୋକ୍ତୃଭିଃ ।। ୧୧୮ ।।
ଗାନ୍ଧାରସପ୍ତମାପେତଂ ପଞ୍ଚସ୍ୱର୍ଯଂ ବିଧୀୟତେ ।
ଷାଡ଼ବଂ ସପ୍ତମାପେତଂ ଚାତ୍ରକାର୍ଯ୍ୟଂ ପ୍ରୟୋଗତଃ ।। ୧୧୯ ।।
ସର୍ବସ୍ୱରାଣାଂ ସଂଚାର ଇଷ୍ଟସ୍ତସ୍ୟାଃ ପ୍ରୟୋକ୍ତୃଭିଃ ।
ଷଡ୍‌ଜଗ୍ରାମାଶ୍ରିତା ହ୍ୟେତା ବିଜ୍ଞେୟାଃ ସପ୍ତଜାୟେବ ।। ୧୨୦ ।।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ମଧ୍ୟମଗ୍ରାମ ସଂଶ୍ରିତାଃ ।
ଅଂଶାଃସ୍ୟୁଃ ପଞ୍ଚ ଗାନ୍ଧାର୍ଯ୍ୟା ଧୈବତର୍ଷଭବର୍ଜିତାଃ ।। ୧୨୧ ।।
ଅପନ୍ୟାସତ୍ୱମସ୍ୟାସ୍ତୁ ଷଡ୍‌ଜ ପଞ୍ଚମୟୋରପି ।
ଗାନ୍ଧାରଶ୍ଚ ଭବେନ୍ୟାସଃ ଷାଡ଼ବଂ ଚର୍ଷଭଂବିନା ।। ୧୨୨ ।।
ଋଷଭଧୈବତାପେତଂ ତଥା ଚୌଡ଼ବିତଂ ଭବେଦ୍ ।
ଲଂଘନୀୟୌ ଚ ତୌ ନିତ୍ୟମ୍ ଋଷଭୋ ଧୈବତଂ ବ୍ରଜେଦ୍ ।।
ଷଡ୍‌ଜମଧ୍ୟମୟୋ ରତ୍ର ବାହୁଲ୍ୟଂ ସଂବିଧୀୟତେ ।। ୧୨୩ ।।

ଷଡ୍‌ଜ ମଧ୍ୟା- ଏଥିରେ ସମସ୍ତସ୍ୱର ଅଂଶ ହୁଅନ୍ତି । ଏହିମାନେ ହିଁ ଅପନ୍ୟାସ । ଷଡ୍‌ଜ, ମଧ୍ୟମ ଏହାର ନ୍ୟାସ । ପଞ୍ଚସ୍ୱରତ୍ୱରେ ଗାନ୍ଧାର ଓ ନିଷାଦ ହୀନ ଏବଂ ଷଟ୍‌ସ୍ୱରତ୍ୱ ନିଷାଦହୀନ । ଏଥିରେ ସମସ୍ତସ୍ୱରର ସଂଚାର କାମ୍ୟ ।। ୧୧୮-୧୨୦ ।।

ଏହି ସାତଟି ଜାତି ଷଡ୍‌ଜ ଗ୍ରାମକୁ ଆଶ୍ରୟ କରି ଥାଆନ୍ତି । ଏହାପରେ ମଧ୍ୟମ ଗ୍ରାମକୁ ଆଶ୍ରୟ କରୁଥିବା ଜାତିମାନଙ୍କୁ କହିବି ।

ଗାନ୍ଧାରୀ- ଗାନ୍ଧାରୀ ଜାତିରେ ଧୈବତ ଓ ଋଷଭ ବିହୀନ ପାଞ୍ଚଟିସ୍ୱର ଅଂଶ । ଷଡ୍‌ଜ ଓ ପଞ୍ଚମ ଅପନ୍ୟାସ । ଗାନ୍ଧାର ନ୍ୟାସ ଋଷଭ ବିହୀନ ଷଟ୍‌ସ୍ୱରତ୍ୱ । ଋଷଭ ଓ ଧୈବତ ବର୍ଜିତ ହେଲେ ପଞ୍ଚସ୍ୱରତ୍ୱ ହୁଏ । ଋଷଭ ଓ ଧୈବତ ଲଂଘନୀୟ । ଋଷଭ ଧୈବତକୁ ଯିବା ଉଚିତ । ଷଡ୍‌ଜ ଓ ଧୈବତର ବାହୁଲ୍ୟ ଏଥିରେ ବିହିତ ଅଟେ ।। ୧୨୧-୧୨୩ ।।

Digitized by srujanika@gmail.com

ଗାନ୍ଧାରୀ ବିହିତଂ ନ୍ୟାସଂ ହୀନସ୍ୱର୍ଯଂ ଚ ଲକ୍ଷଣମ୍ ।
ସର୍ବଂଚ ରକ୍ତପୂର୍ବାୟା ଗାନ୍ଧାର୍ଯ୍ୟାଶ୍ଚ ବିନିର୍ଦ୍ଦିଶେତ୍ ।। ୧୨୪ ।।
ବଳବନ୍ତୌ ବିଧାତବ୍ୟୌ ଧୈବତଃ ସପ୍ତମସ୍ତଥା ।
ଗାନ୍ଧାରଷଡ଼୍‌ଜୟୋ ରତ୍ର ସଂଚାରଶ୍ଚର୍ଷଭଂବିନା ।। ୧୨୫ ।।
ଅପନ୍ୟାସସ୍ତୁ କାର୍ଯ୍ୟଃ ସ୍ୟାତ୍ ଏକ ଏବାତ୍ର ମଧ୍ୟମଃ ।
ଗାନ୍ଧାରୋଦୀଚ୍ୟବାୟାନ୍ତୁ ତାବଂଶୌ ଷଡ଼୍‌ଜ ମଧ୍ୟମୌ ।। ୧୨୬ ।।
ପଞ୍ଚସ୍ୱର୍ଯଂ ଭବେନ୍ନାତ୍ର ଷାଟ୍‌ସ୍ୱର୍ଯମୃଷଭଂ ବିନା ।
ଅଭ୍ୟାସ ସ୍ୱଳ୍ପବହୁତ୍ୱସ୍ୟ ନ୍ୟାସାପନ୍ୟାସୟୋସ୍ତଥା ।।
ଯଃ ଷଡ଼୍‌ଜୋଦୀଚ୍ୟବାୟାସ୍ତୁ ସର୍ବୋଽତ୍ର ସବିଧିଃ ସ୍ମୃତଃ ।। ୧୨୭ ।।
ମଧ୍ୟମାୟାଂ ଭବନ୍ତ୍ୟଂଶାଃ ଷଡ଼୍‌ଜର୍ଷଭ ମଧ୍ୟମାଃ ।
ପଞ୍ଚମୋ ଧୈବତଶ୍ଚୈବାପନ୍ୟାସ ସ୍ତତ୍ରଏବ ତୁ ।। ୧୨୮ ।।
ନ୍ୟାସୋ ମଧ୍ୟମ ଏବାତ୍ର ଦ୍ୱିଶ୍ରୁତ୍ୟୋର୍ହୀନତା ଭବେତ୍ ।
ଗାନ୍ଧାର-ସପ୍ତମାପେତଂ ପଞ୍ଚସ୍ୱର୍ଯଂ ବିଧୀୟତେ ।। ୧୨୯ ।।
ଗାନ୍ଧାରହୀନଂ ଷଟ୍‌ସ୍ୱର୍ଯଂ ବାହୁଲ୍ୟଂ ଷଡ଼୍‌ଜମଧ୍ୟୟୋଃ ।
ଗାନ୍ଧାରସ୍ୟ ଚ ଦୌର୍ବଲ୍ୟଂ ମଧ୍ୟମାୟା ବିଧୀୟତେ ।।.୧୩୦ ।।

ରକ୍ତଗାନ୍ଧାରୀ- ଏଥିରେ ନ୍ୟାସ, ଷଟ୍‌ସ୍ୱରତ୍ୱ, ପଞ୍ଚସ୍ୱରତ୍ୱରେ ସ୍ୱରବର୍ଜ୍ଜନ, ଏବଂ ଅଂଶ ପ୍ରଭୃତି ସବୁ ଲକ୍ଷଣ ଗାନ୍ଧାରୀର । ଏଥିରେ ଧୈବତ ଓ ନିଷାଦ ପ୍ରବଳ । ଗାନ୍ଧାର ଷଡ଼୍‌ଜ ଓ ଋଷଭ ବ୍ୟତୀତ ଅନ୍ୟସ୍ୱରମାନଙ୍କ ସହିତ ସଂଚାରିତ ହେବ । ଏକମାତ୍ର ମଧ୍ୟମ ଏହାର ଅପନ୍ୟାସ ।। ୧୨୪-୧୨୬ ।।

ଗାନ୍ଧାରୋଦୀଚ୍ୟବା- ଏଥିରେ ଷଡ଼୍‌ଜ ଓ ମଧ୍ୟମ ଅଂଶ । ପଞ୍ଚସ୍ୱରତ୍ୱ ଏଥିରେ ନାହିଁ । ଋଷଭହୀନ ହେଲେ ଷଟ୍‌ସ୍ୱରତ୍ୱ । ଏହାର ଅଳ୍ପତ୍ୱ, ବହୁତ୍ୱ, ନ୍ୟାସ ଓ ଅପନ୍ୟାସ ପ୍ରଭୃତି ସମସ୍ତ ଷଡ଼୍‌ଜୋଦୀଚ୍ୟବତୀ ପରି ।। ୧୨୭ ।।

ମଧ୍ୟମା- ମଧ୍ୟମାରେ ଅଂଶ ଷଡ଼୍‌ଜ, ଋଷଭ, ମଧ୍ୟମ, ପଞ୍ଚମ ଓ ଧୈବତ । ଅପନ୍ୟାସ ପଞ୍ଚମ ଓ ଧୈବତ । ନ୍ୟାସ ମଧ୍ୟମ । ଦୁଇଟି ଶ୍ରୁତି କମ ରହିବ । ଗାନ୍ଧାର ନିଷାଦହୀନ ପଞ୍ଚସ୍ୱରତ୍ୱ । ଗାନ୍ଧାରବର୍ଜ୍ଜିତ ଷଟ୍‌ସ୍ୱରତ୍ୱ । ଷଡ଼୍‌ଜ ମଧ୍ୟମ ବାହୁଲ୍ୟ । ଗାନ୍ଧାରର ଅଳ୍ପତ୍ୱ ବିହିତ ହୋଇଅଛି ।। ୧୨୮-୧୩୦ ।।

Digitized by srujanika@gmail.com

ମଧ୍ୟମୋଦୀଚ୍ୟବାୟାସ୍ତୁ ପଞ୍ଚମୋଽଂଶଃ ପ୍ରକୀର୍ତ୍ତିତଃ ।
ଶେଷୋବିଧିସ୍ତୁ କର୍ତ୍ତବ୍ୟଃ ଗାନ୍ଧାରୋଦୀଚ୍ୟବାଂ ଗତଃ ॥ ୧୩୧ ॥
ଦ୍ୱାବଂଶାବପି ପଞ୍ଚମ୍ୟା ଭବତଃ ପଞ୍ଚମର୍ଷଭୌ ।
ଅପନ୍ୟାସୋ ନିଷାଦଶ୍ଚ ପଞ୍ଚମର୍ଷଭ ସଂଯୁତଃ ॥ ୧୩୨ ॥
ନ୍ୟାସଃ ପଞ୍ଚମ ଏବ ସ୍ୟାଦ୍ ମଧ୍ୟମର୍ଷଭ ହୀନତା ।
ମଧ୍ୟମାୟାଂ ତୁ କର୍ତ୍ତବ୍ୟେ ଷାଡ଼ବୌଡ଼ବିତେ ଯଥା ॥ ୧୩୩ ॥
ଦୁର୍ବଂଳାଶ୍ଚାତ୍ର କର୍ତ୍ତବ୍ୟାଃ ଷଡ଼୍ଜ ଗାନ୍ଧାର ମଧ୍ୟମାଃ ।
କୁର୍ଯ୍ୟାଚାପ୍ୟତ୍ର ସଂଚାରଂ ମଧ୍ୟମସ୍ୟର୍ଷଭସ୍ୟ ଚ ॥
ଗାନ୍ଧାରଗମନଂ ଚାଙ୍କଂ ସପ୍ତମ୍ୟାଂ ସଂପ୍ରୟୋଜୟେତ୍ ॥ ୧୩୪ ॥
ଅଥ ଗାନ୍ଧାରପଞ୍ଚମ୍ୟାଂ ପଞ୍ଚମୋଽଂଶଃ ପ୍ରକୀର୍ତ୍ତିତଃ ।
ପଞ୍ଚମଶ୍ଚର୍ଷଭଶ୍ଚୈବ ଅପନ୍ୟାସୌ ପ୍ରକୀର୍ତ୍ତିତୌ ॥ ୧୩୫ ॥
ଗାନ୍ଧାରୋଽତ୍ର ଭବେନ୍ନ୍ୟାସଃ ହୀନସ୍ୱର୍ଯଂ ନଚେଷ୍ୟତେ ।
ପଞ୍ଚମ୍ୟାସ୍ତ୍ୱଥ ଗାନ୍ଧାର୍ଯ୍ୟାଃ ସଂଚରଶ୍ଚ ବିଧୀୟତେ ॥ ୧୩୬ ॥
ଋଷଭଃ ପଞ୍ଚମଶ୍ଚୈବ ଗାନ୍ଧାରୋଽଥ ନିଷାଦବାନ୍ ।
ଚତ୍ୱାରୋଽଂଶା ଭବନ୍ତ୍ୟାନ୍ଧ୍ର୍ୟା ଅପନ୍ୟାସା ସ୍ତଏବ ଚ ॥ ୧୩୭ ॥
ଗାନ୍ଧାରଶ୍ଚ ଭବେନ୍ନ୍ୟାସଃ ଷଡ଼୍ଜାପେତଂ ଚ ଷାଡ଼ବମ୍ ।
ଗାନ୍ଧାରଷଡ଼୍ଜୟୋରତ୍ର ସଂଚାରଃ ସ୍ୟାଦ୍ ପରସ୍ପରମ୍ ॥ ୧୩୮ ॥

ମଧ୍ୟମୋଦୀଚ୍ୟବା- ଏଥିରେ ଅଂଶ ପଞ୍ଚମ, ଅବଶିଷ୍ଟ ନିୟମମାନ ଗାନ୍ଧାରୋଦୀଚ୍ୟବା ପରି ॥ ୧୩୧ ॥

ପଞ୍ଚମୀ- ଏଥିରେ ଋଷଭ ଓ ପଞ୍ଚମ ଅଂଶ । ଅପନ୍ୟାସ ଋଷଭ ପଞ୍ଚମ ଓ ନିଷାଦ । ନ୍ୟାସ ପଞ୍ଚମ । ଏଥିରେ ଋଷଭ ଓ ପଞ୍ଚମର ହୀନତା । ଷଟ୍‌ସ୍ୱରତ୍ୱ ଓ ପଞ୍ଚସ୍ୱରତ୍ୱ ମଧ୍ୟମାପରି ହେବ । ଷଡ଼୍ଜ, ଗାନ୍ଧାର ଓ ମଧ୍ୟମ ଦୁର୍ବଳ ହେବେ । ମଧ୍ୟମ ସ ଋଷଭ ସଂଚାରୀ ହୋଇ ଗାନ୍ଧାରକୁ ଯିବେ । ନିଷାଦର ଅଳ୍ପତା ହେବ ॥ ୧୩୨-୧୩୪ ॥

ଗାନ୍ଧାର ପଞ୍ଚମୀ- ଏଥିରେ ପଞ୍ଚମ ଅଂଶ । ଋଷଭ ଓ ପଞ୍ଚମ ଅପନ୍ୟାସ । ଗାନ୍ଧାର ନ୍ୟାସ । ଏଥିରେ କୌଣସି ସ୍ୱରର ଅଭାବ ଆକାଂକ୍ଷିତ ନୁହେଁ । ପଞ୍ଚମ ଓ ଗାନ୍ଧାରର ସଂଚାର ଏଥିରେ ବିହିତ ଅଛି ॥ ୧୩୪-୧୩୬ ॥

ଆନ୍ଧ୍ରୀ- ଏଥିରେ ଋଷଭ, ପଞ୍ଚମ, ଗାନ୍ଧାର ଓ ନିଷାଦ ଚାରିଟି ଅଂଶ ଏବଂ ଏହିମାନେ ହିଁ ଅପନ୍ୟାସ । ଗାନ୍ଧାର ଏହାର ନ୍ୟାସ । ଷଟ୍‌ସ୍ୱରତ୍ୱରେ ଷଡ଼୍ଜ ନ ଥାଏ । ଗାନ୍ଧାର ଓ ଷଡ଼୍ଜ

Digitized by srujanika@gmail.com

ଷଟ୍‌ସପ୍ତମୟୋଷ୍ଟାତ୍ର ନ୍ୟାସୋ ଗତ୍ୟନୁପୂର୍ବଶଃ ।
ଷଡ଼୍‌ଜସ୍ୟ ଲଂଘନଂ ଚାତ୍ର ନାସ୍ତି ଚୌଡ଼ବିତଂ ତଥା ॥ ୧୩୯ ॥
ନନ୍ଦୟନ୍ତ୍ୟା ଭବନ୍ତ୍ୟଂଶଃ ପଞ୍ଚମୋ ନିତ୍ୟମେବ ତୁ ।
ସ୍ୟାତାମସ୍ୟା ମପନ୍ୟାସୋ ମଧ୍ୟମଃ ପଞ୍ଚମସ୍ତଥା ॥ ୧୪୦ ॥
ଷାଡ଼ବଂ ଷଡ଼୍‌ଜହୀନଂତୁ ଲଂଘନୀୟଃ ସଏବ ତୁ ।
ଆନ୍ଧ୍ରୀବତ୍ ସଂଚାରୋ ନିତ୍ୟମ୍ ଋଷଭସ୍ୟ ଚ ଲଂଘନମ୍ ॥ ୧୪୧ ॥
ତତ୍ର ମନ୍ଦଗତିଃ ପ୍ରୋକ୍ତା ନିତ୍ୟଂ ଗାନ ପ୍ରୟୋକ୍ତୃଭିଃ ।
ତାରଗତ୍ୟାଥ ଷଡ଼୍‌ଜସ୍ତୁ କଦାଚିନ୍ନାତିବର୍ତ୍ତତେ ॥ ୧୪୨ ॥
ଗାନ୍ଧାରଶ୍ଚ ଗ୍ରହଃ କାର୍ଯ୍ୟଃ ତଥା ନ୍ୟାସଶ୍ଚ ନିତ୍ୟଶଃ ।
କର୍ମାରବ୍ୟା ଭବନ୍ତ୍ୟଂଶାଃ ପଞ୍ଚମର୍ଷଭଧୈବତାଃ ॥ ୧୪୩ ॥
ନିଷାଦଶ୍ଚେତି ଚତ୍ୱାରୋ ଗ୍ରହାଶ୍ଚ ପରିକୀର୍ତ୍ତିତାଃ ।
ଏତଏବ ହ୍ୟପନ୍ୟାସା ନ୍ୟାସଃ ପଞ୍ଚମ ଇଷ୍ୟତେ ॥ ୧୪୪ ॥
ହୀନସ୍ୱର୍ଯଂ ନଚାତ୍ର ସ୍ୟାତ୍ ଅନଂଶା ବଳିନସ୍ତଥା ।
ଗାନ୍ଧାରସ୍ୟ ବିଶେଷେଣ ସର୍ବତୋ ଗମନଂ ଭବେତ୍ ॥ ୧୪୫ ॥

ଏଥିରେ ପରସ୍ପର ମିଳିତ ହୁଅନ୍ତି । ଧୈବତ ଓ ନିଷାଦ ଏହାର ଆରୋହକ୍ରମରେ ନ୍ୟାସ ହୁଅନ୍ତି ଏବଂ ଷଡ଼୍‌ଜ ଲଂଘିତ ହୁଏ । ଏଥିରେ ପଞ୍ଚସ୍ୱରତ୍ୱ ନାହିଁ ॥ ୧୩୭-୧୩୯ ॥

ନନ୍ଦୟନ୍ତୀ- ଏଥିରେ ପଞ୍ଚମ ଅଂଶ ସର୍ବଦା ରହେ । ମଧ୍ୟମ ଓ ପଞ୍ଚମ ଅପନ୍ୟାସ । ଷଟ୍‌ସ୍ୱରତ୍ୱରେ ଷଡ଼୍‌ଜ ରହେ ନାହିଁ, ଏବଂ ଏହା ଲଂଘନୀୟ । ଏହାର ସଂଚାରଯୁକ୍ତ ସ୍ୱରଗୁଡ଼ିକ ସବୁବେଳେ ଆନ୍ଧ୍ରୀ ପରି ହେବେ । ଋଷଭ ଲଂଘନୀୟ । ସଂଗୀତଜ୍ଞମାନେ ଏଥିରେ ସ୍ୱରର ମନ୍ଦ୍ରଗତି ବୋଲି କହିଥାଆନ୍ତି । ଷଡ଼୍‌ଜ ତାରଗତି ଓ ଅବରୋହ କ୍ରମଯୁକ୍ତ ହେବ । ଏହାର ଗ୍ରହ ଓ ନ୍ୟାସ ସର୍ବଦା ଗାନ୍ଧାର ହେବ ॥ ୧୪୦-୧୪୨ ॥

କର୍ମାରବୀ- କର୍ମାରବୀର ଅଂଶହେଲେ ପଞ୍ଚମ, ଋଷଭ, ଧୈବତ ଓ ନିଷାଦ ଚାରିଟି ସ୍ୱର । ଏହିମାନେ ହିଁ ଗ୍ରହ । ଏହିମାନେ ମଧ୍ୟ ଅପନ୍ୟାସ । ପଞ୍ଚମ ନ୍ୟାସ । ଏଥିରେ କୌଣସି ସ୍ୱର ବର୍ଜିତ ହୁଅନ୍ତି ନାହିଁ । ଅଂଶଛ ସ୍ୱରବ୍ୟତୀତ ଅନ୍ୟସ୍ୱରଗୁଡ଼ିକ ଏବଂ ଗାନ୍ଧାର ବିଶେଷ ଭାବରେ ଅନ୍ୟସ୍ୱର ସହିତ ମିଳିତ ହେବେ ॥ ୧୪୩-୧୪୫ ॥

କୈଶିକୀ- ଋଷଭ ଭିନ୍ନ ସମସ୍ତସ୍ୱର କୈଶିକୀର ଅଂଶ । ଏହିମାନେ ମଧ୍ୟ ଅପନ୍ୟାସ । ଗାନ୍ଧାର ଓ (ସପ୍ତମ) ନିଷାଦ ନ୍ୟାସ । ଧୈବତ ଅଂଶ ଓ ନିଷାଦରେ ପଞ୍ଚମର ପରିହାର କରାଯାଏ ।

Digitized by srujanika@gmail.com

କୈଶିକ୍ୟାସ୍ତୁ ଭବନ୍ତ୍ୟଂଶାଃ ସର୍ବେ ଚର୍ଷଭବର୍ଜିତାଃ ।
ଏତଏବ ଅପନ୍ୟାସା ନ୍ୟାସୌ ଗାନ୍ଧାରସପ୍ତମୌ ।। ୧୮୬ ।।
ଧୈବତେଽଂଶେ ନିଷାଦେଚ ନ୍ୟାସଃ ପଞ୍ଚମ ଇଷ୍ୟତେ ।
ଦୌର୍ବଲ୍ୟମ୍ ଋଷଭସ୍ୟାତ୍ର ଲଂଘନଂଚ ବିଶେଷତଃ ।। ୧୮୭ ।।
ଅପନ୍ୟାସଃ କଦାଚିଦ୍ ଋଷଭୋଽପି ଭବେଦିହ ।
ଋଷଭଃଷାଡ଼ବେ ହୀନୋ ଧୈବତର୍ଷଭଂ ବିନା ।। ୧୪୮ ।।
ତଥା ଚୌଡ଼ବିତଂ କାର୍ଯ୍ୟଂ ବଳିନୌ ଚାଦ୍ୟ ପଞ୍ଚମୌ ।
ଷଡ଼୍ଜମଧ୍ୟବଦତ୍ରାପି ସଂଚାରସ୍ତୁ ବିଧୀୟତେ ।। ୧୪୯ ।।
ଏବମେତା ବୁଧୈର୍ଜ୍ଞେୟା ଜାତୟୋ ଦଶଲକ୍ଷଣାଃ ।
ସ୍ୱୈଃ ସ୍ୱୈଶ୍ଚ କରଣୈ ର୍ଯୋଜ୍ୟାଃ ପଦେଷ୍ୱଭିନୟୈରପି ।। ୧୫୦ ।।
ଆସାମିଦାନୀଂ ବକ୍ଷ୍ୟାମି ରସଭାବବିକଳ୍ପନମ୍ ।
କାର୍ଯ୍ୟାଯସ୍ମିନ୍ ରସେ ଯାଶ୍ଚ ତାଶ୍ଚ ମେ ସନ୍ନିବୋଧତ ।। ୧୫୧ ।।
ଇତି ଭରତନାଟ୍ୟଶାସ୍ତ୍ରେ ଆତୋଦ୍ୟବିଧିର୍ନାମ ଅଷ୍ଟାବିଂଶଃ ଅଧ୍ୟାୟଃ ।।

ଏଥିରେ ଋଷଭର ଅଳ୍ପତା ରହେ ବିଶେଷ ଭାବେ ଲଂଘନ ମଧ୍ୟ କାମ୍ୟ । କେବେ କେବେ ଋଷଭର ଅପନ୍ୟାସ ମଧ୍ୟ ହୋଇଥାଏ । ଷଟ୍‌ସ୍ୱରତ୍ୱରେ ଋଷଭ ନଥାଏ । ଔଡ଼ବିତରେ ଧୈବତ ଓ ଋଷଭ ରହେନା । ଷଡ଼୍ଜ ଓ ପଞ୍ଚମ ବଳବାନ୍ । ଷଡ଼୍ଜମଧ୍ୟମା ପରି ଏହାର ସ୍ୱର ସଞ୍ଚାର ହେବ ।। ୧୪୬-୧୪୯ ।। ଏହି ଦଶ ଲକ୍ଷଣ ବିଶିଷ୍ଟ ଜାତିକୁ ପଣ୍ଡିତମାନେ ଏହିପରି ଜାଣିବେ । ଏଗୁଡ଼ିକ ନିଜ ନିଜ ପଦ, କରଣ ଓ ଅଙ୍ଗାଭିନୟ ସହ ପ୍ରୟୋଗ କରିବା ଉଚିତ । ଏବେ ଏମାନଙ୍କର ରସ ଓ ଭାବର ବିଶେଷ ବ୍ୟବସ୍ଥା ବିଷୟ କହିବି । ଯେଉଁ ରସରେ ଯେ ପ୍ରୟୋଗ କରାଯିବ ସେ ବିଷୟ ମୋଠାରୁ ଶୁଣନ୍ତୁ ।। ୧୫୦, ୧୫୧ ।।

ଭରତନାଟ୍ୟ ଶାସ୍ତ୍ରରେ ଆତୋଦ୍ୟ ବିଧିନାମକ ଅଷ୍ଟାବିଂଶ ଅଧ୍ୟାୟ

ସମାପ୍ତ

❑❑❑

Digitized by srujanika@gmail.com

ଭରତ ନାଟ୍ୟଶାସ୍ତ୍ରମ୍

ଏକୋନତ୍ରିଂଶଃ ଅଧ୍ୟାୟଃ ।

ତତ ବାଦ୍ୟ ।

ଷଡ୍‌ଜୋଦୀଚ୍ୟବତୀ ଚୈବ ଷଡ୍‌ଜମଧ୍ୟା ତଥୈବାଚ ।
ମଧ୍ୟମପଞ୍ଚମବାହୁଲ୍ୟାଦ୍ କାର୍ଯ୍ୟଂ ଶୃଙ୍ଗାରହାସ୍ୟୟୋଃ ।। ୧ ।।
ଷାଡ୍‌ଜୀ ତ୍ୱଥାର୍ଷଭୀ ଚୈବ ଷଡ୍‌ଜର୍ଷଭଗ୍ରହସ୍ୱରାଃ ।
ବୀରରୌଦ୍ରାଦ୍ଭୁତେଷ୍ୱେତେ ପ୍ରୟୋଜ୍ୟା ଗାନଯୋକ୍ତୃଭିଃ ।। ୨ ।।
ନିଷାଦାଂଶେ ଚ ନୈଷାଦୀ ଗାନ୍ଧାରେ ଷଡ୍‌ଜକୈଶିକୀ ।
କରୁଣେ ଚ ରସେ କାର୍ଯ୍ୟା ଜାତିର୍ଗାନବିଶାରଦୈଃ ।। ୩ ।।
ଧୈବତୀ ଧୈବତାଂଶାଚ ବୀଭସେ ସଭୟାନକେ ।
ଧୈବତୀ କରୁଣେ ଯୋଜ୍ୟା ଚୋନ୍ମାଦେ ଷଡ୍‌ଜମଧ୍ୟମା ।। ୪ ।।
ଧ୍ରୁବାବିଧାନେ କର୍ତ୍ତବ୍ୟା ଜାତିର୍ଗାନପ୍ରୟୋକ୍ତୃଭିଃ ।
ରସଂ କାର୍ଯ୍ୟ ମବସ୍ଥାଂ ଚ ଜ୍ଞାତ୍ୱା ନାଟ୍ୟେ ପ୍ରଯତ୍ନତଃ ।। ୫ ।।
ଷଡ୍‌ଜ ଗ୍ରାମାଶ୍ରିତାହ୍ୟେତା ବିଜ୍ଞେୟା ଜାତୟୋ ବୁଧୈଃ ।
ଅତଃପରଂ ପ୍ରବକ୍ଷ୍ୟାମି ମଧ୍ୟମଗ୍ରାମସଂଶ୍ରୟାନ୍ ।। ୬ ।।

ରସରେ ଜାତିର ପ୍ରୟୋଗ-

ଷଡ୍‌ଜୋଦୀଚ୍ୟବତୀ ଶୃଙ୍ଗାରରେ ଓ ଷଡ୍‌ଜମଧ୍ୟା ହାସ୍ୟରସରେ ପ୍ରୟୋଗ କରିବ । କାରଣ ଏ ଦୁହିଁଙ୍କ ମଧ୍ୟରେ ମଧ୍ୟମ ପଞ୍ଚମ ସଂପ୍ରସାରିତ ।। ୧ ।। (ଦ୍ର.୨୮/୮୪,୯୧) ବୀର ରୌଦ୍ର ଓ ଅଦ୍ଭୁତ ରସରେ ଷଡ୍‌ଜ ଓ ଋଷଭକୁ ସେମାନଙ୍କ ଗ୍ରହସ୍ୱର କରି ଗାୟକ ପ୍ରୟୋଗ କରିବେ ।। ୨ ।। (ଦ୍ର.୨୮/୮୮-୮୯) କରୁଣ ରସରେ ଅପନ୍ୟାସ ସ୍ୱର ରୂପକ ନିଷାଦ ସହିତ ନୈଷାଦୀ ଏବଂ ଅଂଶ ସ୍ୱରୂପ ଗାନ୍ଧାର ସହିତ ଷଡ୍‌ଜ କୈଶିକୀ ଜାତି ରୂପେ ବିଜ୍ଞଗାୟକ ଗାଇବେ ।। ୩ ।। (ଦ୍ର ୨୮/୮୩-୮୫) ଅଂଶ ସ୍ୱରୂପ ଧୈବତ ସହିତ ଧୈବତୀ (ଦ୍ର ୨୮/୮୧) ବୀଭତ୍ସ ଓ ଭୟାନକରସରେ ପ୍ରୟୋଗ କରାଯିବ । କରୁଣ ରସରେ ଧୈବତୀ ମଧ୍ୟ ପ୍ରଯୋଜ୍ୟା । ଉନ୍ମାଦସ୍ଥଳରେ ଷଡ୍‌ଜ ମଧ୍ୟମା ପ୍ରୟୋଗ କରାଯିବ ।। ୪ ।। ନାଟ୍ୟେ ଅନୁଷ୍ଠାନରେ ରସ, କ୍ରିୟା ଓ ଭାଷା ବିବେଚନା କରି ଗାନ ପ୍ରୟୋକ୍ତାମାନେ ଧ୍ରୁବା ବିଧାନରେ ଜାତି (ବିଚାର) କରିବେ ।। ୫ ।। ଏହି ଜାତିଗୁଡ଼ିକ (ଏ ପର୍ଯ୍ୟନ୍ତ କୁହାଯାଇଥିବା)ଷଡ୍‌ଜ ଗ୍ରାମାଶ୍ରିତ ଜାତି ବୋଲି ପଣ୍ଡିତମାନେ ଜାଣିବେ । ଏହାପରେ ମଧ୍ୟମ ଗ୍ରାମାଶ୍ରିତ ଜାତି ବିଷୟ କହିବି ।। ୬ ।।

Digitized by srujanika@gmail.com

ଗାନ୍ଧାରୀରକ୍ତ ଗାନ୍ଧାର୍ଯ୍ୟୋ ର୍ଗାନ୍ଧାରାଂଶୋପ୍ରଭିତଃ ।
କରୁଣେ ତୁ ରସେ କାର୍ଯ୍ୟୋ ନିଷାଦେଽଂଶେ ତଥୈବ ଚ ।। ୭ ।।
ମଧ୍ୟମା ପଞ୍ଚମୀ ଚୈବ ନନ୍ଦୟନ୍ତୀ ତଥୈବଚ ।
ଗାନ୍ଧାରପଞ୍ଚମୀ ଚୈବ ମଧ୍ୟମୋଦୀଚ୍ୟବା ତଥା ।। ୮ ।।
ମଧ୍ୟମ ପଞ୍ଚମ ବାହୁଲ୍ୟାତ୍ କାର୍ଯ୍ୟା ଶୃଙ୍ଗାରହାସ୍ୟୟୋଃ ।
କର୍ମାରବୀ ତଥା ଚାନ୍ଧ୍ରୀ ଗାନ୍ଧାରୋଦୀଚ୍ୟବା ତଥା ।। ୯ ।।
ବୀରେ ରୌଦ୍ରେଽଦ୍ଭୁତେ କାର୍ଯ୍ୟା ଷଡ୍‌ଜର୍ଷଭାଂଶଯୋଜିତା ।
କୈଶିକୀ ଧୈବତାଂଶା ସ୍ୟାତ୍ ବୀଭତ୍ସେ ସଭୟାନକେ ।। ୧୦ ।।
ଏକୈବ ଷଡ୍‌ଜମଧ୍ୟା ଜ୍ଞେୟା ସ୍ୱରରସସଂଶ୍ରୟା ଜାତିଃ ।
ତସ୍ୟା ହ୍ୟଂଶାଃ ସର୍ବେ ସ୍ୱରାସ୍ତୁ ବିହିତାଃ ପ୍ରୟୋଗବିଧୌ ।। ୧୧ ।।
ଯୋ ଯଦା ବଳବାନ୍ ଯସ୍ମିନ୍ ସ୍ୱରୋ ଜାତିସମାଶ୍ରୟାତ୍ ।
ତତ୍ ପ୍ରଯୁକ୍ତେ ରସେ ଗାନଂ କାର୍ଯ୍ୟଂ ଗେୟେ ପ୍ରୟୋକ୍ତୃଭିଃ ।। ୧୨ ।।
ମଧ୍ୟପଞ୍ଚମଭୂୟିଷ୍ଠଂ ଗାନଂ ଶୃଙ୍ଗାର ହାସ୍ୟୟୋଃ ।
ଷଡ୍‌ଜର୍ଷଭ ପ୍ରାୟକୃତଂ ବୀରରୌଦ୍ରାଦ୍‌ଭୁତେଷୁ ଚ ।। ୧୩ ।।

କରୁଣ ରସରେ ଗାନ୍ଧାରୀ (ଦ୍ର ୨୮/୮୯-୯୦) ଓ ରକ୍ତ ଗାନ୍ଧାରୀ ପ୍ରୟୋଗ କରିବ । ଯେତେବେଳେ କି ଗାନ୍ଧାର ଓ ନିଷାଦ ତାହାର ଅଂଶ ସ୍ୱର ହୋଇଥିବେ ।। ୭ ।। ଶୃଙ୍ଗାର ଓ ହାସ୍ୟରସରେ, ମଧ୍ୟମ ଓ ପଞ୍ଚମବହୁଳ ମଧ୍ୟମା (ଦ୍ର. ୨୮/୮୦), ପଞ୍ଚମୀ ନନ୍ଦୟନ୍ତୀ ଗାନ୍ଧାର ପଞ୍ଚମୀ ମଧ୍ୟମୋଦୀଚ୍ୟବା ଜାତି ପ୍ରୟୋଗ କରାଯିବ ।। ୮ ।। ବୀର ରୌଦ୍ର ଓ ଅଦ୍‌ଭୁତ ରସରେ କର୍ମାରବୀ, ଆନ୍ଧ୍ରୀ ଓ ଗାନ୍ଧାରୋଦୀଚ୍ୟବା ଅଂଶ ସ୍ୱରୂପ ଷଡ୍‌ଜ ଓ ଋଷଭ ସହ ପ୍ରୟୋଗ କର । ବୀଭତ୍ସ ଓ ଭୟାନକ ରସରେ ଅଂଶ ସ୍ୱରୂପ ଧୈବତ ସହିତ କୈଶିକୀ ପ୍ରୟୋଗ କରିବ ।। ୯,୧୦ ।। ଷଡ୍‌ଜ ମଧ୍ୟମା ଏକମାତ୍ର ଜାତି, ଯେ କି ସମସ୍ତ ରସର ଆଶ୍ରୟ । ଗ୍ରାମର ସମସ୍ତ ସ୍ୱର (ନାଟ୍ୟାଭିନୟ ପ୍ରସଂଗରେ) ନିୟମାବଳୀରେ ଅଂଶ ଭାବରେ ବିହିତ ଅଟେ ।। ୧୧ ।। (ବିଶେଷ ରସ ସୂଚକ) ଜାତିକୁ ଆଶ୍ରୟ କରିଛି ବୋଲି ଯେଉଁ ସ୍ୱର ଯେତେବେଳେ ପ୍ରବଳ ହୁଏ ସେତେବେଳେ ତଦ୍ ପ୍ରଯୁକ୍ତ ରସରେ ତାହାକୁ ପ୍ରୟୋକ୍ତା ଗାନ କରିବେ ।। ୧୨ ।। ଶୃଙ୍ଗାର ଓ ହାସ୍ୟରସରେ ମଧ୍ୟମ ଓ ପଞ୍ଚମଗାନ ବହୁଳ ହେବ । ଅର୍ଥାତ୍ ଏହି ସ୍ୱରସବୁ ପ୍ରାଚୁର୍ଯ୍ୟ ପୂର୍ଣ୍ଣଜାତି ହେବ ଏବଂ ବୀର ରୌଦ୍ର ଓ ଅଦ୍‌ଭୁତ ରସରେ ଗାନ ବହୁଷଡ୍‌ଜ ଓ ଋଷଭଯୁକ୍ତ ହେବ । କରୁଣ ରସରେ ଗାନ ଗାନ୍ଧାର ଓ ସପ୍ତମ ବହୁଳ ହେବ ।

Digitized by srujanika@gmail.com

ଗାନ୍ଧାରସପ୍ତମପ୍ରାୟଂ କରୁଣେ ଗାନମିଷ୍ୟତେ ।
ତଥା ଧୈବତ ଭୂୟିଷ୍ଟଂ ବୀଭତ୍ସେ ସଭୟାନକେ ।। ୧୪ ।।
ସର୍ବେଷ୍ୱଂଶେଷୁ (ସ୍ୱରାଃ) ନିୟମୋକ୍ତ ବିଧାନେନ ସଂପ୍ରୟୋକ୍ତବ୍ୟାଃ ।
କାକଲ୍ୟନ୍ତରବିହିତା ବିଶେଷଯୁକ୍ତାସ୍ତୁ ବଳବନ୍ତଃ ।। ୧୫ ।।
ଏବମେତା ବୁଧୈର୍ଜ୍ଞେୟା ଜାତୟୋ ରସସଂଶ୍ରୟାଃ ।
ବାଦ୍ୟପ୍ରୟୋଗ ବିହିତାନ୍ ସ୍ୱରାଂଶ୍ଚୈବ ନିବୋଧତ ।। ୧୬ ।।
ହାସ୍ୟ ଶୃଙ୍ଗାରୟୋଃ କାର୍ଯେ ସ୍ୱରୌ ମଧ୍ୟମ ପଞ୍ଚମୌ ।
ଷଡ୍‌ଜର୍ଷଭୌଚ କର୍ତ୍ତବ୍ୟୌ ବୀରରୌଦ୍ରାଦ୍‌ଭୁତେଷ୍ୱଥ ।। ୧୭ ।।
ଗାନ୍ଧାରଶ୍ଚ ନିଷାଦଶ୍ଚ କର୍ତ୍ତବ୍ୟୌକରୁଣେ ରସେ ।
ଧୈବତଶ୍ଚ ପ୍ରୟୋକ୍ତବ୍ୟୋ ବୀଭତ୍ସେ ସଭୟାନକେ ।। ୧୮ ।।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ବର୍ଣ୍ଣାଳଂକାରଲକ୍ଷଣମ୍ ।
ଆରୋହୀ ଚାବରୋହୀଚ ସ୍ଥାୟିସଂଚାରିଣୌ ତଥା ।। ୧୯ ।।
ବର୍ଣ୍ଣାଶ୍ଚତ୍ୱାର ଏବୈତେ ଅଳଂକାରା ସ୍ତଦାଶ୍ରୟାଃ ।
ଆରୋହନ୍ତି ସ୍ୱରା ଯତ୍ର ଆରୋହୀତି ସ ଭଣ୍ୟତେ ।। ୨୦ ।।
ଯତ୍ର ଚୈବାବରୋହନ୍ତି ସୋଽବରୋହୀତି ସଂଜ୍ଞିତଃ ।
ସ୍ଥିରାଃ ସ୍ୱରାଃସମାଯତ୍ର ସ୍ଥାୟୀ ବର୍ଣ୍ଣଃସ ଉଚ୍ୟତେ
ସଂଚରନ୍ତି ସ୍ୱରାଯତ୍ର ସ ସଂଚାରୀତି ସଂଜ୍ଞିତଃ ।। ୨୧ ।।

ବୀଭତ୍ସ ଓ ଭୟାନକରେ ଧୈବତ ଭୂୟିଷ୍ଠ ହେବ ।। ୧୪ ।। ସବୁ ଅଂଶରେ ଏହି ସ୍ୱରସବୁ ବିଧାନ ଅନୁଯାୟୀ ଉପଯୁକ୍ତ କାକଳୀ ଓ ଅନ୍ତର ସ୍ୱର ସହିତ ପ୍ରଯୋଜ୍ୟ ଏବଂ ବିଶେଷ ଭାବରେ ପ୍ରବଳ କରାଯିବ ।। ୧୫ ।। ଏହିସବୁ ରସାଶ୍ରିତ ଜାତିମାନଙ୍କୁ ବିଜ୍ଞମାନେ ଏହିପରି ଜାଣିବେ । ବର୍ତ୍ତମାନ ବାଦ୍ୟ ସଂଗୀତରେ ବିହିତ ସ୍ୱରମାନଙ୍କ ବିଶଷୟରେ ଶୁଣନ୍ତୁ ।। ୧୬ ।। ହାସ୍ୟ ଓ ଶୃଙ୍ଗାର ରସରେ ମଧ୍ୟମ ଓ ପଞ୍ଚମସ୍ୱର, ବୀରରେ ରୌଦ୍ର ଓ ଅଦ୍‌ଭୁତ ରସରେ ଷଡ୍‌ଜ ଓ ଋଷଭ, କରୁଣ ରସରେ ଗାନ୍ଧାର ଓ ନିଷାଦ, ବୀଭତ୍ସ ଓ ଭୟାନକ ରସରେ ଧୈବତ ପ୍ରୟୋଗ କରାଯିବ ।। ୧୭, ୧୮ ।। ଏହାପରେ ବର୍ଣ୍ଣ ଓ ଅଳଙ୍କାର ଲକ୍ଷଣ କହିବି । ଯେଉଁମାନଙ୍କ ଉପରେ ଅଳଙ୍କାର ନିର୍ଭରକରେ, ସେହି ବର୍ଣ୍ଣସମୂହ ଚାରି ପ୍ରକାର । ଯଥା-ଆରୋହୀ, ଅବରୋହୀ, ସ୍ଥାୟୀ ଓ ସଂଚାରୀ ।। ୧୯ ।। ଯେଉଁ ବର୍ଣ୍ଣରେ ସ୍ୱରଗୁଡ଼ିକ ଉର୍ଦ୍ଧ୍ୱଗାମୀ ହୁଅନ୍ତି ତାହାକୁ ଆରୋହୀ କୁହାଯାଏ। ଯେଉଁଥିରେ ସ୍ୱରଗୁଡ଼ିକ ନିମ୍ନଗାମୀ ହୁଅନ୍ତି ତାହାକୁ ଅବରୋହୀ କୁହାଯାଏ । ଯେଉଁଥିରେ ସ୍ୱରଗୁଡ଼ିକ ସ୍ଥିର ଏବଂ ସମାନ ତାହାର ନାମ ସ୍ଥାୟୀ ବର୍ଣ୍ଣ ତଥା ଯେତେବେଳେ ବିବିଧ ସ୍ୱର ମିଳିତ ହୁଅନ୍ତି ସେତେବେଳେ ତାହାକୁ ସଂଚାରୀ ବର୍ଣ୍ଣ କୁହାଯାଏ ।। ୨୦, ୨୧ ।।

Digitized by srujanika@gmail.com

ଶରୀର ସ୍ୱର ସଂଭୂତା ସ୍ତ୍ରିସ୍ଥାନଗୁଣଗୋଚରାଃ
ଚତ୍ୱାରୋ ଲକ୍ଷଣୋପେତା ବର୍ଣ୍ଣାହ୍ୟେତେ ପ୍ରକୀର୍ତ୍ତିତାଃ ।। ୨୨ ।।
ଏବଂ ଲକ୍ଷଣ ସଂଯୁକ୍ତଂ ସଦା ବର୍ଣ୍ଣୌତୁ କର୍ଷତି ।
ତଦା ବର୍ଣ୍ଣସ୍ୟ ନିଷ୍ପତ୍ତିର୍ବିଜ୍ଞେୟା ରସସମ୍ଭବା ।। ୨୩ ।।
ଏତେ ବର୍ଣ୍ଣାସ୍ତୁ ବିଜ୍ଞେୟାଶ୍ଚତ୍ୱାରୋ ଗାନ ଯୋଗତଃ ।
ଏତାନ୍ ସମାଶ୍ରିତାନ୍ ସମ୍ୟଗଳଂକାରାନ୍ ନିବୋଧତ ।। ୨୪ ।।
ପ୍ରସନ୍ନାଦିଃ ପ୍ରସନ୍ନାନ୍ତଃ ପ୍ରସନ୍ନାଦ୍ୟନ୍ତ ଏବ ଚ ।
ପ୍ରସନ୍ନ ମଧ୍ୟଶ୍ଚ ସମୋ ବିନ୍ଦୁର୍ବେଣୁଃତଥୈବ ଚ ।। ୨୫ ।।
ସ୍ୟାନ୍ନିବୃତ୍ତଃ ପ୍ରବୃତ୍ତଶ୍ଚ କମ୍ପିତଃ କୁହରସ୍ତଥା ।
ରେଚିତାଖ୍ୟ ସ୍ତଥା ଚୈବ ପ୍ରେଂଖୋଳିତକ ଏବ ଚ ।। ୨୬ ।।
ମନ୍ଦ୍ରତାରପ୍ରସନ୍ନଶ୍ଚ ତାରମନ୍ଦ୍ର ପ୍ରସନ୍ନତଃ ।
ପ୍ରସ୍ୱାରଶ୍ଚ ପ୍ରସାଦଶ୍ଚ ତଥୋଦ୍‌ବାହିତ ଏବଚ ।। ୨୭ ।।
ଅବଲୋକିତଃ କ୍ରମଶ୍ଚ ନିଷ୍କୂଜିତକ ଏବଚ ।
ଉଦ୍‌ଗୀତୋ ହ୍ରାଦମାନଶ୍ଚ ରଞ୍ଜିତଶ୍ଚ ତଥା ପରଃ ।। ୨୮ ।।
ଆବର୍ତ୍ତକାଖ୍ୟୋ ବିଜ୍ଞେୟଃ ପରିବର୍ତ୍ତକ ଏବଚ ।
ଉଦ୍‌ଘଟ୍ଟିତ ସ୍ତଥାକ୍ଷିପ୍ତଃ ସମ୍ପ୍ରଦାନଂ ତଥା ପରଃ ।। ୨୯ ।।
ହାସିତାଖ୍ୟୋଽଥ ହୁଂକାରଃ ସନ୍ଧିପ୍ରଚ୍ଛାଦନସ୍ତଥା ।
ବିଧୂନାଖ୍ୟସ୍ତଥାଜ୍ଞେୟୋ ଗାତ୍ରବର୍ଣ୍ଣସ୍ତଥୈବଚ ।। ୩୦ ।।

ସ୍ୱଷ୍ଟଲକ୍ଷଣଯୁକ୍ତ ଏହି ଚାରିବର୍ଣ୍ଣ ଶରୀରଜାତ ଏବଂ ତିନିଟି ସ୍ଥାନଗୁଣଯୁକ୍ତ ଅଟନ୍ତି ।। ୨୨ ।। ଯେତେବେଳେ ଲକ୍ଷଣଯୁକ୍ତ ପଦ ବା ଗାନ ଅନ୍ତପକ୍ଷେ ଦୁଇଟି ବର୍ଣ୍ଣକୁ ଯୁକ୍ତ କରେ ସେତେବେଳେ ବର୍ଣ୍ଣର ନିଷ୍ପତ୍ତି ରସାନୁକୂଳ ବୋଲି ଜାଣିବ । (ବର୍ଣ୍ଣ ରସର ସୃଷ୍ଟିକରେ) ।। ୨୩ ।। ଏହି ଚାରିବର୍ଣ୍ଣ (ଆରୋହୀ, ଅବରୋହୀ, ସ୍ଥାୟୀ, ସଂଚାରୀ) ଗାନରେ ପ୍ରଯୋଜ୍ୟ ବୋଲି ଜାଣିବ । ଏମାନଙ୍କୁ ଆଶ୍ରୟ କରୁଥିବା ଅଳଙ୍କାର ଗୁଡ଼ିକୁ ଶୁଣ ।। ୨୪ ।।

ତେତିଶ ଅଳଙ୍କାର :-

ପ୍ରସନ୍ନାଦି, ପ୍ରସନ୍ନାନ୍ତ, ପ୍ରସନ୍ନାଦ୍ୟନ୍ତ, ପ୍ରସନ୍ନ ମଧ୍ୟ, ସମ, ବିନ୍ଦୁ, ବେଣୁ, ସନ୍ନିବୃତ୍ତାପବୃତ୍ତ କମ୍ପିତ, କୁହର, ରୋଚିତ, ପ୍ରେଂଖୋଳିତ, ମନ୍ଦ୍ରତାର ପ୍ରସନ୍ନ, ତାରମନ୍ଦ୍ରପ୍ରସନ୍ନ, ପ୍ରସ୍ୱାର, ପ୍ରସାଦ, ଉଦ୍‌ବାହିତ, ଅବଲୋକିତ, (କ୍ରମ) ନିଷ୍କୂଜିତକ, ଉଦ୍‌ଗୀତ, ହ୍ରାଦମାନ, ରଞ୍ଜିତ, ଆବର୍ତ୍ତକ, ପରିବର୍ତ୍ତକ, ଉଦ୍‌ଘଟ୍ଟିତ, ଆକ୍ଷିପ୍ତ, ସଂପ୍ରଦାନ, ହସିତ, ହୁଙ୍କାର, ସନ୍ଧିପ୍ରଚ୍ଛାଦନ, ବିଧୂନ ଓ ଗାତ୍ରବର୍ଣ୍ଣ । ଏହି ତେତିଶି (୩୩) ଅଳଙ୍କାର ।। ୨୫-୩୦ ।।

Digitized by srujanika@gmail.com

ପ୍ରସନ୍ନାଦିଃ ପ୍ରସନ୍ନାନ୍ତଃ ପ୍ରସନ୍ନାଦ୍ୟନ୍ତ ଏବ ଚ ।
ପ୍ରସନ୍ନ ମଧ୍ୟଶ୍ଚ ତଥା ସମୋରେଚିତ ଏବ ଚ ।। ୩୧ ।।
ପ୍ରସ୍ୱାରଶ୍ଚ ପ୍ରସାଦଶ୍ଚ ସ୍ଥାୟିବର୍ଣ୍ଣସମାଶ୍ରୟଃ ।
ଅଥସଂଚାରିକାନ୍ ଭୂୟଃ କୀର୍ତ୍ତ୍ୟମାନାନ୍ ନିବୋଧତ ।। ୩୨ ।।
ମନ୍ଦ୍ରତାର-ପ୍ରସନ୍ନାଦିର୍ବିନ୍ଦୁଃ ପ୍ରେଂଖୋଳିତସ୍ତଥା ।
ସନ୍ନିବୃତ୍ତଃ ପ୍ରବୃତ୍ତଶ୍ଚ ରେଚିତଃ କମ୍ପିତଃ ସମଃ ।। ୩୩ ।।
କୁହରଶ୍ଚୈବ ବେଣୁଶ୍ଚ ରଞ୍ଜିତୋ ହ୍ୟବଲୋକିତଃ ।
ଆବର୍ତ୍ତକ ପରିବର୍ତ୍ତୌ ଜ୍ଞେୟାଃ ସଂଚାରିଣସ୍ତଥା ।। ୩୪ ।।
ନିଷ୍କୂଜିତଃ ସହୁଂକାରଃ ହସିତଂ ବିନ୍ଦୁରେଚିତମ୍ ।
ପ୍ରେଂଖୋଳିତଂ ତଥାକ୍ଷିପ୍ତଂ ବିଧୂନୋଦ୍ ଘଟିତଂ ତଥା ।। ୩୫ ।।
ହ୍ରାଦମାନଃ ସଂପ୍ରଦାନଂ ସନ୍ଧିପ୍ରଚ୍ଛାଦନଂ ତଥା ।
ପ୍ରସନ୍ନାଦିଃ ପ୍ରସନ୍ନାନ୍ତଃ ଇତି ଚାରୋହିଣଃ ସ୍ମୃତାଃ ।। ୩୬ ।।
ବିଧୂନୋ ଗାତ୍ରବର୍ଣ୍ଣଶ୍ଚ ତଥୋଦ୍‌ବାହିତ ଏବ ଚ ।
ଉଦ୍‌ଗୀତଶ୍ଚ ତଥା ବେଣୁ ରିତ୍ୟେତେ ହ୍ୟବରୋହିଣଃ ।। ୩୭ ।।
ସପ୍ତରୂପଗତା ଜ୍ଞେୟା ଅଳଙ୍କାରା ସ୍ତ୍ୱିମେ ବୁଧୈଃ ।
ନେଷ୍ୟନ୍ତେ ହି ଧ୍ରୁବାସ୍ୱେତେ ଜାତିବର୍ଣ୍ଣ ପ୍ରକର୍ଷଣାଦ୍ ।। ୩୮ ।।

ସ୍ଥାୟୀ ଅଳଙ୍କାର :-

ପ୍ରସନ୍ନାଦି, ପ୍ରସନ୍ନାନ୍ତ, ପ୍ରସନ୍ନାଦ୍ୟନ୍ତ, ପ୍ରସନ୍ନମଧ୍ୟ, ରୋଚିତ, ପ୍ରସ୍ୱାର ଓ ପ୍ରସାଦ ସ୍ଥାୟିବର୍ଣ୍ଣାଶ୍ରିତ । ଏହାପରେ ସଂଚାରିବର୍ଣ୍ଣାଶ୍ରିତ ଅଳଙ୍କାର ମାନ କହିବି ଶୁଣନ୍ତୁ ।। ୩୧, ୩୨ ।।

ମିଶ୍ର ଅଳଙ୍କାର :- ମନ୍ଦ୍ରତାରପ୍ରସନ୍ନ, ବିନ୍ଦୁ, ପ୍ରେଂଖୋଳିତ, ସଂନିବୃତ୍ତପ୍ରବୃତ୍ତ, ରେଚିତ, କମ୍ପିତ, ସମ, କୁହର, ବେଣୁ, ରଞ୍ଜିତ, ଅବଲୋକିତ, ଆବର୍ତ୍ତକ ଓ ପରିବର୍ତ୍ତକ ସଞ୍ଚାରୀ (ମିଶ୍ର) ଶ୍ରେଣୀ ଅନ୍ତର୍ଗତ ଅଟନ୍ତି ।। ୩୩-୩୪ ।।

ଆରୋହୀ : ନିଷ୍କୂଜିତ, ହୁଙ୍କାର, ହସିତ, ବିନ୍ଦୁ, ରେଚିତ, ପ୍ରେଂଖୋଳିତ, ଆକ୍ଷିପ୍ତ, ବିଧୂନ, ଉଦ୍‌ଘଟ୍ଟିତ, ହ୍ରଦମାନ, ସଂପ୍ରଦାନ, ସନ୍ଧିପ୍ରଦାନ, ପ୍ରସନ୍ନାଦି, ପ୍ରସନ୍ନାନ୍ତ । ଏମାନେ ଆରୋହୀ ଅଳଙ୍କାର ଅଟନ୍ତି ।। ୩୫/୩୬ ।।

ଅବରୋହୀ: ଆରୋହୀ ବିଧୂନ, ଗାତ୍ରବର୍ଣ୍ଣ, ଉଦ୍‌ବାହିତ, ଉଦ୍‌ଗୀତ, ବେଣୁ, ଏମାନେ ଅବରୋହୀ ଅଟନ୍ତି ।। ୩୭ ।। ସଂଗୀତଜ୍ଞମାନେ ଗାତ୍ର ସହିତ ସଂପୃକ୍ତ ଏହି ସାତପ୍ରକାର ଅଳଙ୍କାର ବିଷୟ ଜାଣିଲେ । ଏମାନେ ଧ୍ରୁବାରେ ପ୍ରୟୋଗ ଯୋଗ୍ୟ ନୁହନ୍ତି । କାରଣ ଏମାନେ ଜାତି ବର୍ଣ୍ଣକୁ ପ୍ରାଧାନ୍ୟ ଦିଅନ୍ତି, ଏବଂ ଜାତି ଧ୍ରୁବାରେ ପ୍ରଯୁକ୍ତ ହୁଏ ନାହିଁ ।। ୩୮ ।।

Digitized by srujanika@gmail.com

ବିନ୍ଦୁର୍ବାପି ହି ବେଣୁର୍ବା ଯେ ଚାନ୍ୟେଽପି ପ୍ରକୀର୍ତ୍ତିତାଃ ।
ତେ ଧ୍ରୁବାଣାଂ ପ୍ରୟୋଗେଷୁ ନ କାର୍ଯ୍ୟାଃ ସ୍ୱପ୍ରମାଣତଃ ।। ୩୯ ।।
ଯସ୍ମାଦର୍ଥାନୁରୂପା ହି ଧ୍ରୁବା କାର୍ଯ୍ୟାର୍ଥଦର୍ଶିକା ।
ବର୍ଣ୍ଣାନାଂ ତୁ ପୁନଃ କାର୍ଯ୍ୟଂ କୃଶତ୍ୱଂ ପଦ ସଂଶ୍ରୟମ୍ ।। ୪୦ ।।
ଯେ ତୁ ପ୍ରୟୋଗଂ ଗଚ୍ଛନ୍ତି ତାଂଶ୍ଚ ବର୍ଣ୍ଣାନ୍ ନିବୋଧତ ।
ପ୍ରସନ୍ନାଦିଃ ପ୍ରସନ୍ନାନ୍ତଃ ପ୍ରସନ୍ନାଦ୍ୟନ୍ତ ଏବ ଚ ।। ୪୧ ।।
ତଥା ପ୍ରସନ୍ନ ମଧ୍ୟଶ୍ଚ ବିନ୍ଦୁଃ କମ୍ପିତରେଚିତୌ ।
ତାରଶ୍ଚ ତାରମନ୍ଦ୍ରଶ୍ଚ ତଥା ତାରତରଃ ପୁନଃ ।। ୪୨ ।।
ପ୍ରେଂଖୋଳିତସ୍ତଥା ମନ୍ଦ୍ରୋ ମନ୍ଦ୍ରତାରଃ ସମସ୍ତଥା ।
ସ୍ୟାନିବୃତ୍ତପ୍ରବୃତ୍ତଶ୍ଚ ପ୍ରସାଦୋଽପାଙ୍ଗ ଏବ ଚ ।। ୪୩ ।।
ଅବଲୋକସ୍ତଥା ବେଣୁରିତେତେ ସର୍ବବର୍ଣ୍ଣଗାଃ ।
ସ୍ଥାୟିବର୍ଣ୍ଣା ଦୃଢ଼େ ତ୍ୱନ୍ୟେ ସର୍ବବର୍ଣ୍ଣାଃ ପ୍ରୟୋଗିନଃ ।। ୪୪ ।।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ବର୍ଣ୍ଣାଲଂକାରଲକ୍ଷଣମ୍ ।
କ୍ରମଶୋ ଦୀପ୍ୟତେ ଯସ୍ତୁ ପ୍ରସନ୍ନାଦିଃ ସକଥ୍ୟତେ ।। ୪୫ ।।
ବ୍ୟସ୍ତୋଚ୍ଚାରିତ ଏବୈଷ ପ୍ରସନ୍ନାନ୍ତୋଽଭିଧୀୟତେ ।
ଆଦ୍ୟନ୍ତୟୋଃ ପ୍ରସାଦନାଦ୍ ପ୍ରସନ୍ନାଦ୍ୟନ୍ତ ଇଷ୍ୟତେ ।। ୪୬ ।।

ବିନ୍ଦୁ ବା ବେଣୁ ବା ଅନ୍ୟ ଯେଉଁ ସବୁ ଅଳଙ୍କାର କଥା କୁହାଯାଇଅଛି, ସେମାନେ ନିଜ ଲକ୍ଷଣ ଅନୁଯାୟୀ ଧ୍ରୁବାରେ ପ୍ରଯୁକ୍ତ ହେବେ ନାହିଁ ।। ୩୯ ।। କାରଣ, ନାଟ୍ୟର ଅର୍ଥ ଅନୁଯାୟୀ ଧ୍ରୁବା କାବ୍ୟାର୍ଥ ସୂଚନା ଦେବ । କିନ୍ତୁ ବର୍ଣ୍ଣ (ବର୍ଣ୍ଣାଲଂକାର) ପଦକୁ କୋମଳ କରିବ ।। ୪୦ ।।

ଏବେ ଯେଉଁମାନେ ପ୍ରୟୋଗକ୍ଷେତ୍ରକୁ ଯାଉଛନ୍ତି ସେହି ବର୍ଣ୍ଣମାନଙ୍କ ବିଷୟରେ ଶୁଣ । ପ୍ରସନ୍ନାଦି, ପ୍ରସନ୍ନାନ୍ତ, ପ୍ରସନ୍ନାଦ୍ୟନ୍ତ, ପ୍ରସନ୍ନମଧ୍ୟ, ବିନ୍ଦୁ, କମ୍ପିତ, ରେଚିତ ତାର, ତାରମନ୍ଦ୍ର, ତାରତର, ପ୍ରେଂଖୋଳିତ, ମନ୍ଦ୍ର, ମନ୍ଦ୍ରତାର, ସମ, ନିବୃତ୍ତପ୍ରବୃତ୍ତ, ପ୍ରସାଦ, ଅପାଙ୍ଗ, ଅବଲୋକ ଓ ବେଣୁ (ପ୍ରଭୃତି ଅଳଙ୍କାର) ସମସ୍ତ ବର୍ଣ୍ଣରେ ପ୍ରୟୋଗ ହେବେ । ସ୍ଥାୟୀ ସ୍ୱସମୂହ ଭିନ୍ନ (ଗାନରେ) ଅନ୍ୟ ସ୍ୱରର ବ୍ୟବହାର ହୁଏ ।। ୪୧-୪୪ ।। ଏବେ ବର୍ଣ୍ଣ ସମ୍ଭୂତ ଅଳଂକାର ଲକ୍ଷଣ ବର୍ଣ୍ଣନା କରିବି । ଗୋଟିଏ ସ୍ୱର ଯେଉଁଥିରେ କ୍ରମେ ଦୀପ୍ତହୁଏ (ତଳୁ ଉପରକୁ ଉଠେ) ତାହାକୁ ପ୍ରସନ୍ନାଦି କୁହଯାଏ । ଏହାର ବିପରୀତ ହେଲେ (ଖସି ଖସି ପଡ଼ିଲେ) ପ୍ରସନ୍ନାନ୍ତ ହୁଏ । ଯେଉଁଥିରେ ଆଦ୍ୟ ଓ ଅନ୍ତ୍ୟସ୍ୱର ନିମ୍ନ ଏବଂ ମଧ୍ୟସ୍ୱର ଉଚ୍ଚ ସେ ପ୍ରସନ୍ନାଦ୍ୟନ୍ତ ବୋଲି ପରିଚିତ ।। ୪୫, ୪୬ ।।

Digitized by srujanika@gmail.com

ପ୍ରସନ୍ନ ମଧ୍ୟେତୁ ପ୍ରସନ୍ନତ୍ୱାଦୁହାହୃତଃ ।
ସର୍ବସାମ୍ୟାଦ୍ ସମୋ ଜ୍ଞେୟଃ ସ୍ଥିତସ୍ତ୍ୱେକସ୍ୱରେଽପି ଯଃ ।। ୪୭ ।।
ବିନ୍ଦୁରେକକଳସ୍ତାରଃ ସୃଷ୍ଟ୍ୱାଚ ପୁନରାଗତଃ ।
ସ୍ୟାନ୍ନିବୃତ୍ତପ୍ରବୃତ୍ତଶ୍ଚ ମନ୍ଦ୍ରଂ ଗତ୍ୱା ସମାଗତଃ ।। ୪୮ ।।
ଆକ୍ରୀଡ଼ିତଲୟୋ ଯଶ୍ଚ ସ ବେଣୁଃ ପରିକୀର୍ତ୍ତିତଃ ।
କଣ୍ଠେ ନିରୁଦ୍ଧପବନଃ କୁହରୋ ନାମ ଜାୟତେ ।। ୪୯ ।।
ତ୍ରିକଳାକମ୍ପନାଦ୍ ତଦ୍‌ବଦ୍ ରେଚିତାଖ୍ୟଃ ଶିରୋଗତଃ ।
ଉରୋଗତଃ କମ୍ପିତଃ ସ୍ୟାଦ୍ କମ୍ପନାଦ୍ ତୁ କଳାତ୍ରୟମ୍ ।। ୫୦ ।।
ଗତାଗତ ପ୍ରବୃତ୍ତୋଯଃ ସ ପ୍ରେଙ୍ଖୋଳିତ ଉଚ୍ୟତେ ।
ଯସ୍ତୁ କଣ୍ଠେସ୍ୱରୋଽଥ ସ୍ୟାଦ୍ ସତୁତାରଃ ପ୍ରକୀର୍ତ୍ତିତଃ ।। ୫୧ ।।
ଉରୋଗତ ସ୍ତଥା ମନ୍ଦ୍ରୋ ମୂର୍ଦ୍ଧ୍ନି ତାରତରଃ ସ୍ମୃତଃ ।
କ୍ରମାଗତସ୍ତୁ ଯସ୍ତାରଃ ଚତୁର୍ଥଃ ପଞ୍ଚମୋଽପିବା ।। ୫୨ ।।

ମଧ୍ୟବର୍ତ୍ତୀ ସ୍ୱର ପ୍ରସନ୍ନ ହେଲେ (ଆଦ ଅନ୍ତ ଉଚ୍ଚ) ପ୍ରସନ୍ନ ମଧ୍ୟ କୁହାଯାଏ । ସମସ୍ତ ବର୍ଣ୍ଣର ସମତ୍ୱ ଥିଲେ ସମ ବୋଲି କୁହାଯାଏ ଯେ କି ଗୋଟିଏ ସ୍ୱରରେ ରହେ ।। ୪୭ ।। ବିନ୍ଦୁରେ ଗୋଟିଏ କଳାର ତାରସ୍ୱର ଉଚ୍ଚଗ୍ରାମ ସ୍ପର୍ଶ କରି (ଆଦିଗ୍ରାମକୁ)ଫେରିଆସେ ।
ନିବୃତ୍ତ ପରିବୃତ୍ତ- ଏଥିରେ (ଉଚ୍ଚଗ୍ରାମର ଏକକଳାର ସ୍ୱର) ମନ୍ଦ୍ରକୁ ଯାଇ ପୁଣି ଆଦିଗ୍ରାମକୁ ଫେରିଆସେ ।। ୪୮ ।।

ଯେଉଁଥିରେ ଲୟ କ୍ରୀଡ଼ାକରେ ସେ ବେଣୁ । କଣ୍ଠରେ ପବନ ନିରୁଦ୍ଧ ହୋଇ ରହିଲେ କୁହର କୁହାଯାଏ ।। ୪୯ ।। ରେଚିତ ଉଚ୍ଚଗ୍ରାମମାନଙ୍କର ତିନିକଳାର କମ୍ପିତ ସ୍ୱର । (ମସ୍ତକରେ କମ୍ପନ ହୁଏ)
କମ୍ପିତ- ଏଥିରେ ବକ୍ଷସ୍ଥଳରେ କମ୍ପନ ସୃଷ୍ଟି ହୁଏ (ନୀଚଗ୍ରାମରେ) ତିନିକଳାର କମ୍ପିତ ସ୍ୱରଯୋଗୁଁ ।। ୫୦ ।।
ପ୍ରେଂଖୋଳିତ- ଯେଉଁଥିରେ (ପ୍ରତିକଳାରେ) ଆରୋହୀ ଓ ଅବରୋହୀ ସ୍ୱରଥାଏ ତାହା ପ୍ରେଂଖୋଳିତ । ତାର-କଣ୍ଠରେ ଥିବା ସ୍ୱରକୁ ତାର କୁହାଯାଏ (ଅର୍ଥାତ୍ ମଧ୍ୟମସ୍ଥିତ ସ୍ୱର) ମନ୍ଦ୍ର ବକ୍ଷସ୍ଥଳରେ - ଥିବା ସ୍ୱରକୁ ମନ୍ଦ୍ର କୁହନ୍ତି (ନିମ୍ନ ଗ୍ରାମରେ ସ୍ଥିତ) ।
ତାରତର- (ଉଚ୍ଚଗ୍ରାମସ୍ଥିତ) ମସ୍ତକରେ ସ୍ଥିତ ସ୍ୱରକୁ ତାରତର କହନ୍ତି ।। ୫୧ ।।
ତାରମନ୍ଦ୍ର ପ୍ରସନ୍ନ - କ୍ରମାନୁସାରେ ଆଗତ ତାର ଯାହା ଚତୁର୍ଥ ବା ପଞ୍ଚମ ହୁଏ, ତାହାକୁ ତାରମନ୍ଦ୍ର ପ୍ରସନ୍ନ କହନ୍ତି । ଏହା ମନ୍ଦ୍ରଗତି ବିଶିଷ୍ଟ ।। ୫୨ ।।

Digitized by srujanika@gmail.com

ତାରମନ୍ଦ୍ରପ୍ରସନ୍ନଶ୍ଚ ଜ୍ଞେୟୋ ମନ୍ଦ୍ରଗତିଶ୍ଚସଃ ।
ଲଂଘୟିତ୍ୱାଽପରାନ୍ ମନ୍ଦ୍ରାନ୍ କ୍ରମାଦ୍ ତାରଗତିଂ ଗତଃ ।। ୫୩ ।।
ମନ୍ଦତାରପ୍ରସନ୍ନଶ୍ଚ ବିଜ୍ଞେୟୋ ହ୍ୟବରୋହଣାଦ୍ ।
ଏକସ୍ୱରାଧିରୂଢ଼ଃ କ୍ରମଶଃ ପ୍ରସ୍ୱାର ସଂଜ୍ଞିତୋ ଜ୍ଞେୟଃ ।। ୫୪ ।।
ପ୍ରସ୍ୱାରସ୍ତୁ ନିବୃତ୍ତଃ ଶନୈଃ ପ୍ରସନ୍ନଃ ପ୍ରସାଦଃ ସ୍ୟାଦ୍ ।
ଅପାଙ୍ଗିକସ୍ତୁ ବିଜ୍ଞେୟଃ ସ୍ୱରାଣାମଥ ସଂଚାରାଦ୍ ।। ୫୫ ।।
ସମନନ୍ତରୌ ଦ୍ୱାବପି ଚରତ୍ତ୍ୟୁଦ୍‌ବାହିତୋ ଦ୍ୱିକଳ ଏବ ।
ଆରୋହତ୍ୟେକକଳାଂ ପୁନରେକଂକଳାଂ ପ୍ରସାଦୟତି ।। ୫୬ ।।
ଉଦ୍‌ବାହିତ ଏବ ସ୍ୟାଦବିଲୋକିତସଂଜ୍ଞକୋ ଦ୍ୱିରଭ୍ୟସ୍ତଃ ।
ଏବଂ ଦ୍ୱୌ ତ୍ରୀନ୍ ଗଚ୍ଛନ୍ ସ୍ୱରାନ୍ କ୍ରମେଣ କ୍ରମୋ ଜ୍ଞେୟଃ ।। ୫୭ ।।
ଏକାନ୍ତର ମାରୁହ୍ୟ ପ୍ରତ୍ୟେକାନ୍ତରଂ ସ୍ୱରୋଯସ୍ତୁ ।
ନିଷ୍କୂଜିତସଂଜ୍ଞୋଽସୌ ଜ୍ଞେୟଃ ସୂରିଭିରଳଙ୍କାରଃ ।। ୫୮ ।।

ମନ୍ଦ୍ରତାର ପ୍ରସନ୍ନ- ଏଥିରେ ଚାରି ବା ପାଞ୍ଚଟିସ୍ୱରର (ଏକକଳାର) ତାର ଅନ୍ୟାନ୍ୟ ନିମ୍ନସ୍ୱର ଅତିକ୍ରମ କରି କ୍ରମେ ନିମ୍ନ ଗ୍ରାମରୁ ଉଚ୍ଚଗ୍ରାମକୁ ଉଠେ ।
ପ୍ରସ୍ୱାର- (ଏକ କଳାର) କୌଣସି ସ୍ୱର କ୍ରମେ କ୍ରମେ ଗୋଟିଏସ୍ୱର ଆରୋହଣ କଲେ ପ୍ରସ୍ୱାର ହୋଇଥାଏ ।
ପ୍ରସାଦ - ଏଥିରେ ଏକକଳାରେ ସ୍ୱରଗୁଡ଼ିକ କ୍ରମେ ଏକସ୍ୱରରେ ଅବରୋହଣ କରେ ।
ଆପାଙ୍ଗିକ - ଏଥିରେ ଏକକଳାରେ ସ୍ୱରଗୁଡ଼ିକ ମିଳିତ ହୁଏ । (ଅର୍ଥାତ୍ ଏକାବେଳକେ ଆରୋହଣ କରନ୍ତି ।। ୫୫ ।।
ଉଦ୍‌ବାହିତ- ଏଥିରେ ଗୋଟିଏ କଳାରେ ପରେ ପରେ ଦୁଇଟି ସ୍ୱର ଆରୋହଣ କରେ ଏବଂ ଏହିପରି ଦୁଇଟି କଳାରେ ଗୋଟିଏ ଏକକ ହୁଏ ।। ୫୬ ।।
ଅବଲୋକିତ - ଉଦ୍‌ବାହିତରେ ଆବର୍ତ୍ତିତ କଳାସମୂହ ଅବରୋହୀ ହେଲେ ଏହା ହୁଏ ।
କ୍ରମ- ଏଥିରେ ପରପର କଳାଗୁଡ଼ିକ ମଧ୍ୟରେ ଏକ, ଦୁଇ, ତିନି, ଚାରି, ପାଞ୍ଚ,ଛଅ ଓ ସାତଟି ପରପରର ଆରୋହୀ ସ୍ୱର ଥାଏ ।। ୫୭ ।।
ନିଷ୍କୂଜିତ- ଏଥିରେ ଏପରି କଳା ରହେ, ଯେଉଁଥିରେ ସ୍ୱରଗୁଡ଼ିକ ପରବର୍ତ୍ତୀ ସ୍ୱରର ପରସ୍ୱର ପର୍ଯ୍ୟନ୍ତ ଆରୋହଣ କରି ପୁଣି ସେହି ଆରୋହୀର ପରସ୍ୱରକୁ ଫେରିଆସେ ।। ୫୮ ।।

Digitized by srujanika@gmail.com

ଆଦାବାରୋହୀ ସ୍ୟାଦ୍ ପ୍ରସ୍ୱାରୋଽନ୍ତେଽବରୋହୀତୁ ।
ଯତ୍ର କ୍ରମାଦ୍ କଳାସୁ ବଦନ୍ତ୍ୟଲଂକାରମୁଦ୍‌ଗୀତମ୍ ।। ୫୯ ।।
କ୍ରମଯୋଗେନାନେନ ତୁ ସଂଚାର୍ଯ୍ୟୋକାନ୍ତର ସ୍ୱରୋ ଦ୍ୱିକଳମ୍ ।
ଦ୍ୱ୍ୟବରଃ ଷଟ୍‌ପରଃ ଏବ ହ୍ୟାରୋହୀ ହ୍ରାଦମାନଃ ସ୍ୟାଦ୍ ।। ୬୦ ।।
ଅଥ ରଞ୍ଜିତସ୍ତୁ ସମନ୍ତରସ୍ୱରେ ଦ୍ୱେକଳେ ପୁନଃ ସ୍ଥିତ୍ୱା ।
ଅର୍ଦ୍ଧକଳାମାରୋହୀ ପୁନରେବ ତଥାବରୋହୀ ସ୍ୟାଦ୍ ।। ୬୧ ।।
ଆବର୍ତ୍ତକଷ୍ଟତୁର୍ଷୁ ସ୍ୱରେଷୁ ସମନ୍ତରେଷୁ ସମ୍ଭବତି ।
ଆରୋହଣାବରୋହଣ-ବିଧିନା ଚୈକାନ୍ତରେଷ୍ୱପି ।। ୬୨ ।।
ଞ୍ଛେଯୌ ଦ୍ୱିରନ୍ତରକୃତସ୍ତ୍ୱଷ୍ଟକଳଃ ସାନ୍ତରସ୍ତଥା କାର୍ଯ୍ୟଃ ।
ତଜ୍‌ଞ୍ଛୈଃ କଳାଷ୍ଟତସ୍ତଃ ଦ୍ୱାବୃତ୍ୟାବର୍ତ୍ତକୋ ଭବତି ।। ୬୩ ।।
ଅଧିରୁହ୍ୟ ଚ ସ୍ୱରାଂସ୍ତୀନ୍ ସ୍ୱରାନ୍ତରଂ ଲଂଘୟତି ଚ ତଦ୍‌ବୃତ୍ତୌ ।
ପୁନରପି ପରାବୃତ୍ତ୍ୟା ସ ସ୍ୟାଦ୍ ପରିବର୍ତ୍ତକୋଽଷ୍ଟକଳଃ ।। ୬୪ ।।
ଯସ୍ୟ ସ୍ୱରାବତୀତୌ ତଥାପରଂ ହ୍ୟନ୍ତର ସ୍ୱରୋଭବତି ।
ଅଷ୍ଟାଦଶକଳ ଞ୍ଛୈବ ସଭବେଦୁଦ୍ ଘଟ୍ଟିତୋ ନିତ୍ୟମ୍ ।। ୬୫ ।।

ଉଦ୍‌ଗୀତ- ଏଥିରେ ପ୍ରସ୍ୱାରର କଳାଗୁଡ଼ିକ ପ୍ରଥମେ ଆରୋହଣ କରେ ପୁଣି କଳାଗୁଡ଼ିକରେ ଶେଷରେ ଅବରୋହଣ କରେ ସେହି କ୍ରମରେ ତାହାକୁ ଉଦ୍‌ଗୀତ ଅଳଙ୍କାର କୁହନ୍ତି ।। ୫୯ ।।
ହ୍ରାଦମାନ- ଅନ୍ତତଃ ଦୁଇଟି ବେଶିହେଲେ ଛ’ଟି ସ୍ୱରଯୁକ୍ତ କଳାରେ ଯେତେବେଳେ ପରର ପରବର୍ତ୍ତୀ ସ୍ୱରଗୁଡ଼ିକ ମିଳିତ ହୁଅନ୍ତି । ସେହି କ୍ଷେତ୍ରରେ ହ୍ରାଦମାନ ଆରୋହୀ ହୁଏ ।। ୬୦ ।।
ଆବର୍ତ୍ତକ - ଏଥିରେ ଆରୋହୀ ଓ ଅବରୋହୀ ଚାରିଟି ପରପର ସ୍ୱରର ଆଠଟି କଳା ରହେ । ଏହା ଦୁଇଟି ସ୍ୱରଦ୍ୱାରା ମଧ୍ୟ ଗଠିତ ହୁଏ । ସେହି କ୍ଷେତ୍ରରେ ଚାରିକଳାର ଆରୋହୀ ଓ ଅବରୋହୀ ସ୍ୱର ରହିବ ।। ୬୧-୬୩ ।।
ପରିବର୍ତ୍ତକ- ଆଠକଳା ଏଥିରେ ରହେ, ଯେଉଁଥିରେ ଗୋଟିଏ ସ୍ୱର ନିଜଠାରୁ ତୃତୀୟ ସ୍ୱରକୁ ଆରୋହଣ କରି ପରଟିକୁ ତତ୍‌ପରଟିରେ ଆରୋହଣ ସକାସେ ଅତିକ୍ରମ କରେ ଏବଂ (ପରବର୍ତ୍ତୀ କଳାରେ) ଠିକ ଏହି କ୍ରମରେ ଅବରୋହଣ କରେ ସେ ପରିବର୍ତ୍ତକ ।। ୬୪ ।।
ଉଦ୍‌ଘଟ୍ଟିତ- ଏଥିରେ ଅଠରକଳା ରହେ, ଯେଉଁଗୁଡ଼ିକ ଦୁଇସ୍ୱର ଆରୋହଣ କରନ୍ତି ଏବଂ ପର ସ୍ୱରଟିକୁ ବାଦ ଦେଇ ତା ପରବର୍ତ୍ତୀସ୍ୱରକୁ ଆରୋହଣ କରନ୍ତି ।। ୬୫ ।।

Digitized by srujanika@gmail.com

ଆକ୍ଷିପ୍ତକ ସ୍ତ୍ରିସ୍ୱରଜଃ କର୍ତ୍ତବ୍ୟଃ ଷଡ୍‌ବିଧଃ କଳାମାତ୍ରକଃ ।
ଏକକଳ ସ୍ତ୍ୱଧରଃ ସ୍ୟାଦ୍ ବିଜ୍ଞେୟଃ ଷଟ୍‌କଳସ୍ତୁ ପରଃ ।। ୬୬ ।।
ଆକ୍ଷିପ୍ତକ ଶ୍ଚତୁର୍ଭିଃ ସ୍ୱରୈଃ ତ୍ରିସ୍ୱରୈଃ କଳାନ୍ତରୋପେତୈଃ ।
ଏକାନ୍ତରସ୍ୱରକ୍ରମ ଇହ ଗଦିତଃ ସଂପ୍ରଦାନସ୍ତୁ ।। ୬୭ ।।
ଦ୍ୱିରପିଦ୍ୱିକଳଂ ଗଦିତଂ ହସିତମିବୋଚ୍ଚାରିତଂ ତଥା ହସିତମ୍ ।
ସମନନ୍ତରସ୍ୱରକୃତଂ ଚାକ୍ଷିପ୍ତକମିବ ବୁଧୈ ର୍ଜ୍ଞେୟମ୍ ।। ୬୮ ।।
ସମନନ୍ତରସ୍ୱରେଷୁ ଚ ହସିତବଦ୍ ଦ୍ୱ୍ୟପର (ଦ୍ୱ୍ୟବର)ଶ୍ଚତୁଷ୍କରୋବାପି ।
ଆରୋହତ୍ୟେକକଳାଂ ହୁଙ୍କାରାଖ୍ୟଃ ସ ବିଜ୍ଞେୟଃ ।। ୬୯ ।।
ସ୍ଥାନାନ୍ତରମାରୁହ୍ୟ ପ୍ରତ୍ୟେତି ତତଶ୍ଚତୁଷ୍କଳଂ କ୍ରମଶଃ ।
ନୌର୍ଦ୍ଧ୍ୱ ପରିକ୍ଷେପଃ ସ୍ୟାଦ୍ ସନ୍ଧିପ୍ରଚ୍ଛାଦନଂ ନାମ ।। ୭୦ ।।
ଆଦୌ ପଦମୁତ୍ପାଦ୍ୟତୁ ଯତ୍ର ସ୍ୟାଦ୍ ଦ୍ୱିସ୍ୱରେ ଲଘୂନି ବର୍ଣ୍ଣେ ।
ସମନନ୍ତର ମାରୋହତ୍ୟେକକଳଂ ତଦ୍ ବିଧୂନଂ ତୁ ।। ୭୧ ।।
ହୁଙ୍କାର ବଦାରୋହେଦନନ୍ତରଂ ତୁ ସ୍ୱରଂ କଳାନ୍ତରୟୋଃ ।
ଦ୍ୱୌ ଦ୍ୱୌ ପ୍ରକମ୍ପ୍ୟମାନୌ ସ୍ୱରୌ ତତଶ୍ଚ ପ୍ରସନ୍ନୌ ।। ୭୨ ।।

ଆକ୍ଷିପ୍ତକ- ତିନିସ୍ୱରର ଛଅଟି କଳା ଏଥିରେ ଅଛି । ଗୋଟିଏ କଳା ଅଧର ହୁଏ, ଅନ୍ୟଟି ହୁଏ ଷଟ୍‌କଳ ।। ୬୬ ।।

ସଂପ୍ରଦାନ- ଆକ୍ଷିପ୍ତ ପରି ଚାରିସ୍ୱରର କଳାରେ ଗଠିତ, ଏଥିରେ ତିନିସ୍ୱରର କଳା ମଧ୍ୟ ରହେ । ତହିଁରେ ଗୋଟିକ ପରେ ଗୋଟିଏର ସ୍ୱର ଅନ୍ତର୍ଭୁକ୍ତ ହୁଏ ।। ୬୭ ।।

ହସିତ - ଆକ୍ଷିପ୍ତ ପରି ହାସ୍ୟସଦୃଶ ପରପର ଦୁଇଟି ସ୍ୱରଦ୍ୱାରା ଏହା ଗଠିତ ।। ୬୮ ।।

ହୁଙ୍କାର- ଏହା ହସିତପରି ଅନ୍ତତଃ ଦୁଇଟି ଅଥବା ବେଶିହେଲେ ଚାରିଟିସ୍ୱର ପ୍ରତିକଳାରେ ଆରୋହ କ୍ରମରେ ଉଚ୍ଚସ୍ୱରରେ ପହଞ୍ଚନ୍ତି ଏବଂ ସେଠାରୁ ମୂଳସ୍ୱରକୁ ଆସି ଆଉ ଉପରକୁ ଯା'ନ୍ତି ନାହିଁ ।। ୭୦ ।।

ବିଧୂନ - ପ୍ରଥମେ ଦୁଇଟି ହ୍ରସ୍ୱସ୍ୱରଯୁକ୍ତ ପଦ ଉତ୍ପାଦନ କରି ପରପରର ଦୁଇଟିସ୍ୱର ପ୍ରତିକଳାରେ ଆରୋହୀ ହେବେ ।। ୭୧ ।।

ଗାତ୍ରବର୍ଣ୍ଣ- ହୁଙ୍କାର ଭଳି ପରପରର ସ୍ୱରଗୁଡ଼ିକ ଏକାନ୍ତର (ଚତୁଃସ୍ୱର) କଳାରେ ଆରୋହଣ କରିବେ । କଳାର ସ୍ୱରମାନଙ୍କରେ ପ୍ରଥମ ଦୁଇଟି କମ୍ପିତ ହେବେ ଓ ପରବର୍ତ୍ତୀ ଦୁଇଟି ନିମ୍ନଗ୍ରାମର ସ୍ୱର ହେବେ ଏଥିରେ ।। ୭୨ ।।

Digitized by srujanika@gmail.com

ଏଷୋଽଲଂକାର ବିଧୌ ବିଜ୍ଞେୟୋ ଗାତ୍ରବର୍ଣ୍ଣ ଇତ୍ୟେବ ।
ଏକାରୌକାର ସ୍ତଥା ଦୀର୍ଘାକ୍ଷର ମନ୍ୟଦପି ଯୋଜ୍ୟମ୍ ॥ ୭୩ ॥
ଗୀତାଳଂକାରାଣାଂ କରଣବିଧିରୟଂ ଯଥାବଦୁପଦିଷ୍ଟଃ ।
ଏଭିରଳଂକର୍ତ୍ତବ୍ୟା ଗୀତିବର୍ଣ୍ଣାବିରୋଧେନ ॥ ୭୪ ॥
ସ୍ଥାନେ ଚାଲଂକାରଂ କୁର୍ଯ୍ୟାତ୍ ନ ହ୍ୟୁରସି କାଞ୍ଚିକାଂ ବଧ୍ନୀୟାତ୍ ।
ଅତିବହବୋଽଲଂକାରା ବର୍ଣ୍ଣବିହୀନା ନ ଯୋକ୍ତବ୍ୟାଃ ॥ ୭୫ ॥
ଏବମେତେ ତ୍ୱଳଙ୍କାରା ବିଜ୍ଞେୟା ବର୍ଣ୍ଣସଂଶ୍ରୟାଃ ।
ଅଥାତଃ ସଂପ୍ରବକ୍ଷ୍ୟାମି ଛନ୍ଦୋଽକ୍ଷର ସମନ୍ୱିତାନ୍ ॥ ୭୬ ॥
ଶଶିନା ବିରହିତେବ ନିଶା ବିଜଳେବ ନଦୀ ଲତା ବିପୁଷ୍ପେବ ।
ଅବିଭୂଷିତେବ ଚ ସ୍ତ୍ରୀ ଗୀତିରଳଂକାର ହୀନା ସ୍ୟାତ୍ ॥ ୭୭ ॥
ଅଳଙ୍କାରା ସ୍ତ୍ରୟସ୍ତ୍ରିଂଶ ଦେବମେତେ ମୟୋଦିତାଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଗୀତାନାମପି ଲକ୍ଷଣମ୍ ॥ ୭୮ ॥
ପ୍ରଥମା ମାଗଧୀ ଜ୍ଞେୟା ଦ୍ୱିତୀୟା ତ୍ୱର୍ଦ୍ଧମାଗଧୀ ।
ସମ୍ଭାବିତା ତୃତୀୟା ଚ ଚତୁର୍ଥୀ ପୃଥୁଳାସ୍ମୃତା ॥ ୭୯ ।

(ଅଳଙ୍କାରସ୍ଥିତ ସ୍ୱରମାନଙ୍କ ସହିତ) ଏ, ଓ, ଏବଂ ଅନ୍ୟାନ୍ୟ ଦୀର୍ଘସ୍ୱରଗୁଡ଼ିକ ଯୋଗ କରାଯିବ । ଗୀତାଳଙ୍କାରମାନଙ୍କର ଏହି କରଣ (୮/୨୯ ଦେଖ) ବିଧାନ ଯଥାରୀତି କୁହାଯାଇଛି । (ବର୍ଣ୍ଣସଂକ୍ରାନ୍ତ ବିଧି ସହିତ) ବିରୋଧୀ ନ ହୋଇ ଏହି ଅଳଙ୍କାର ମାନଙ୍କ ଦ୍ୱାରା ଗୀତିବର୍ଣ୍ଣଗୁଡ଼ିକ ଅଳଂକୃତ ହେବା ଉଚିତ ॥ ୭୩/୭୪)

ଅଳଙ୍କାରଗୁଡ଼ିକ ଯଥାସ୍ଥାନରେ ସନ୍ନିବେଶିତ କରିବା ଉଚିତ । ଯେପରି କି କାଞ୍ଚୀ (ଅଣ୍ଟାରେ ପିନ୍ଧାଯାଉଥିବା ତିନିସରିଆଗୋଠ) ଗଳାରେ ପିନ୍ଧାଯାଇ ଛାତି ଉପରେ ନଝୁଲେ । ବର୍ଣ୍ଣବିହୀନ ଅଳଂକାର ବେଶି ବ୍ୟବହାର କରିବ ନାହିଁ ॥ ୭୫ ॥ ଏହିସବୁ ବର୍ଣ୍ଣକୁ ଆଶ୍ରୟ କରୁଥିବା ଅଳଙ୍କାର । ଏବେ ଛନ୍ଦ ଉପରେ ନିର୍ଭରକରୁଥିବା ଅଳଙ୍କାର ଓ ଅକ୍ଷରର ବିଶିଷ୍ଟ ଲକ୍ଷଣ ବିଷୟ କହିବି ॥ ୭୬ ॥ ଶଶିବିରହିତ ରଜନୀ, ନିର୍ଜଳା ସ୍ରୋତସ୍ୱିନୀ, ପୁଷ୍ପବିହୀନା ଶୁଷ୍କଲତା କିମ୍ବା ଭୂଷଣ ବିହୀନ ବିଧବା ନାରୀପରି ଅଳଂକାର ବିହୀନା ଗୀତୀ ଜନମନ ହରଣ କରିପାରେ ନାହିଁ ॥ ୮୩ ॥ ମୁଁ ଏବଂବିଧ ତେତିଶଟି ଅଳଂକାର କଥା କହିସାରିଛି । ଏବେ ଗୀତୀମାନଙ୍କ ଲକ୍ଷଣ କହୁଛି ॥ ୭୮ ॥ ଗୀତି ଚାରି ପ୍ରକାର-୧-ମାଗଧୀ, ୨ ଅର୍ଦ୍ଧମାଗଧୀ, ୩-ସମ୍ଭାବିତା, ୪-ପୃଥୁଳା ॥ ୭୯ ॥

Digitized by srujanika@gmail.com

ଭିନ୍ନ ବୃତ୍ତି ପ୍ରଗୀତା ଯା ସା ଗୀତି ର୍ମାଗଧୀ ମତା ।
ଅର୍ଦ୍ଧକାଳନିବୃତ୍ତା ଚ ବିଜ୍ଞେୟା ତ୍ୱର୍ଦ୍ଧମାଗଧୀ ॥ ୮୦ ॥
ସମ୍ଭାବିତା ଚ ବିଜ୍ଞେୟା ଗୁର୍ବକ୍ଷରସମନ୍ୱିତା ।
ଲଘ୍ୱକ୍ଷରକୃତା ଯା ତୁ ପୃଥୁଳା ସଂପ୍ରକୀର୍ତ୍ତିତା ॥ ୮୧ ॥
ଏତାସ୍ତୁ ଗୀତୟୋ ଜ୍ଞେୟା ଧ୍ରୁବାଯୋଗଂ ବିନୈବ ହି ।
ଗାନ୍ଧର୍ବ ଏବ ଯୋଜ୍ୟାସ୍ତୁ ନିତ୍ୟଂଗାନପ୍ରୟୋକ୍ତୃଭିଃ ॥ ୮୨ ॥
ଗୀତୟୋ ଗଦିତାଃ ସମ୍ୟଗ୍ ଧାତୃଂଶ୍ଚୈବ ନିବୋଧତ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଧାତୁବାଦ୍ୟସ୍ୟ ଲକ୍ଷଣମ୍ ॥ ୮୩ ॥
ବିସ୍ତାରଃ କରଣଂ ଚୈବ ଆବିଦ୍ଧୋ ବ୍ୟଞ୍ଜନସ୍ତଥା ।
ତତ୍ତ୍ୱାରୋ ଧାତବୋ ଜ୍ଞେୟା ବାଦିତ୍ରକରଣାଶ୍ରୟା ॥ ୮୪ ॥
ସଂଘାତଜଶ୍ଚ ସମବାୟଜଶ୍ଚ ବିସ୍ତାରଜୋଽନୁବନ୍ଧକୃତଃ ।
ଜ୍ଞେୟଃ ଚତୁଃପ୍ରକାରୋ ଧାତୁଃ ବିସ୍ତାରସଂଜ୍ଞସ୍ତୁ ॥ ୮୫ ॥
ବିଧ୍ୟର୍ଯସ୍ତୁ ସ୍ମୃତସ୍ତସ୍ୟ ପୂର୍ବଂ ବିସ୍ତାରଏବ ଚ ।
ସଂଘାତସମବାୟୌ ତୁ ବିଜ୍ଞେୟୌ ତୌ ଦ୍ୱିକତ୍ରିକୌ ॥ ୮୬ ॥

ମାଗଧୀ ବିଭିନ୍ନ ବୃତ୍ତିରେ ଗାନ କରାଯାଏ । (ଦ୍ର. ୨୯/୧୦୨ରୁ) ଅର୍ଦ୍ଧକାଳ ପରେ ଅର୍ଦ୍ଧମାଗଧୀ ବୃତ୍ତି ପରିବର୍ତ୍ତନ କରେ ।।୮୦।। ସମ୍ଭାବିତା ଦୀର୍ଘସ୍ୱର ଓ ପୃଥୁଳା ହ୍ରସ୍ୱସ୍ୱର ଦ୍ୱାରା ଗଠିତ ।।୮୧।। ଏହି ଗୀତିମାନଙ୍କର ଧ୍ରୁବା ସହିତ କୌଣସି ସମ୍ବନ୍ଧ ନାହିଁ ବୋଲି ଜାଣିବ । (୩୨ଅଧ୍ୟାୟ ଦ୍ର.) କିନ୍ତୁ ସଂଗୀତଜ୍ଞମାନେ ଏଗୁଡ଼ିକୁ ଗାନ୍ଧର୍ବରେ ସବୁବେଳେ ପ୍ରୟୋଗ କରିବା ଉଚିତ ।।୮୨।। ଗୀତି ବିଷୟ ଭଲଭାବେ କହିସାରିଛି । (୧୨୨ ପ୍ରକାର ବିଶେଷଠାରୁ ଗୀତସ୍ୱର ଧାତୁ ନାମରେ କଥିତ) ଧାତୁମାନଙ୍କ ବିଷୟ ଶୁଣ । ଏହାପରେ ଧାତୁବାଦ୍ୟର ଲକ୍ଷଣ ବିଷୟ କହିବି ॥ ୮୩ ॥

ତତବାଦ୍ୟରେ ଧାତୁ-ବିସ୍ତାର, କରଣ, ଅର୍ଥାତ୍ ଉତ୍ପାଦନ) ଆବଦ୍ଧ (ଭଙ୍ଗୀ) ଏବଂ ବ୍ୟଞ୍ଜନ (ସୂଚନା) ଏହି ୪ଟି ଧାତୁ ତତବାଦ୍ୟବାଦନ ଉପରେ ନିର୍ଭର କରନ୍ତି ।।୮୪।। ବିସ୍ତାରରେ ୪ ପ୍ରକାର ଆଘାତ ରହେ । ୧. ସଂଘାତଜ (ବୈପରୀତ୍ୟରୁଜାତ), ୨. ସମବାୟଜ (ମିଳନରୁ ଜାତ) ୩. ବିସ୍ତାରଜ (ପ୍ରାଚୁର୍ଯ୍ୟରୁ ଜାତ) ୪. ଅନୁବନ୍ଧଜ (କେବଳ ପାରମ୍ପର୍ଯ୍ୟରୁ ଜାତ) ।।୮୫।। ବିସ୍ତାରର ବିଧିଗୁଡ଼ିକ ପ୍ରଥମେ କୁହାଯାଉଥିବା ବିଧିରେ ଉଲ୍ଲିଖିତ ହୋଇଅଛି । (ଗୋଟିଏ ଆଘାତରେ ବିସ୍ତାର) ଦୁଇଟି ଆଘାତରେ ସଂଘାତଜ, ତିନିଟି ଆଘାତରେ ସମବାୟଜ ଜାତ ହୁଏ । ପ୍ରଥମଟି ୪ ପ୍ରକାର ଓ ଦ୍ୱିତୀୟଟି ୮ ପ୍ରକାର । ପଦର ଉତ୍ପାଦନର ବିଶିଷ୍ଟ ପଦ୍ଧତି ଅନୁସାରେ ସେମାନଙ୍କର ବିଭିନ୍ନ ବିଧି ରହିଛି ॥ ୮୬-୮୭ ॥

Digitized by srujanika@gmail.com

ପୂର୍ବଶ୍ଚତୁର୍ବିଧସ୍ତତ୍ର ପଶ୍ଚିମୋଽଷ୍ଟବିଧଃ ସ୍ମୃତଃ ।
କରଣାନାଂ ବିଶେଷେଣ ବିଜ୍ଞେୟା ବୈ ପୃଥକ୍ ପୃଥକ୍ ।। ୮୭ ।।
ଅଧଶ୍ଚୋର୍ଦ୍ଧ୍ୱଶ୍ଚ ବିଜ୍ଞେୟାବଧରୋତ୍ତରଜୌ ସ୍ମୃତୌ ।
ସଂଘାତଜବିଧି ସ୍ତ୍ୱେଷ ବିଜ୍ଞେୟୋବାଦ୍ୟଯୋକ୍ତୃଭିଃ ।। ୮୮ ।।
ଦ୍ୱାବୁତ୍ତରୌ ଦ୍ୱିରଧର ସ୍ତ୍ୱଧରାଦି ଶ୍ଚୋତ୍ତରାବସାନଶ୍ଚ ।
ଜ୍ଞେୟସ୍ତଥୋତ୍ତରାଦିଃ ପୁନରପ୍ୟଧରାବସାନଶ୍ଚ ।। ୮୯ ।।
ସମବାୟ ସ୍ତଥା ସ୍ୟାଦ୍ ତ୍ରିରୁତ୍ତରଃ ତ୍ରିରଧରଶ୍ଚ ବିଜ୍ଞେୟଃ ।
ଦ୍ୱ୍ୟଧରୋତ୍ତରାବସାନୋ ଦ୍ୱିରୁତ୍ତରସ୍ତ୍ୱଧରାନ୍ତସ୍ତୁ ।। ୯୦ ।।
ପ୍ରାଗୁତ୍ତରୋ ଦ୍ୱିରଧରୋ ଦ୍ୱିରୁତ୍ତରାବସାନଶ୍ଚ ।
ମଧ୍ୟୋତ୍ତରୋ ଦ୍ୱିରଧରୋ ଦ୍ୱିରୁତ୍ତରୋଽପ୍ୟଧରମଧ୍ୟଶ୍ଚ ।। ୯୧ ।।
ଅନୁବନ୍ଧସ୍ତୁ ଜ୍ଞେୟୋ ବ୍ୟାସସମାସାଦ୍ ତ୍ୱନିୟତ ଏବ ସଦା ।
ଏବଂ ଚତୁର୍ଦଶବିଧୋ ନିତ୍ୟଂ ବିସ୍ତାରଧାତୁଃ ସ୍ୟାଦ୍ ।। ୯୨ ।।
ରିଭିତୋଚ୍ଚୟନୀ ରଟିତୋ ହ୍ରାଦସ୍ତଥା ନୁବନ୍ଧଶ୍ଚୈବ କ୍ରମାଦ୍ ।
ପଞ୍ଚବିଧୋ ବିଜ୍ଞେୟୋ ବୀଣାବାଦ୍ୟେ କରଣଧାତୁଃ ।। ୯୩ ।।
ତ୍ରିକ ପଞ୍ଚକ ସପ୍ତକ ନବକ ଘାତଯୁକ୍ତୋ ଯଥାକ୍ରମଂ ବିହିତଃ ।
ସର୍ବୈରନୁବନ୍ଧକୃତୈ ର୍ଗୁର୍ବନ୍ତଃ ସ୍ୟାଦ୍ କରଣଧାତୁଃ ।। ୯୪ ।।

ନିମ୍ନ ଓ ଉଚ୍ଚ (ସ୍ୱର ସମୂହ) ଗ୍ରାମଦ୍ୱାରା ଜଣାପଡ଼ନ୍ତି । କାରଣ ସେମାନେ ଯଥାକ୍ରମେ ନିମ୍ନ ଓ ଉଚ୍ଚ (ଆଘାତରୁ) ଉତ୍ପନ୍ନ ହୋଇଥାନ୍ତି । ଏହା ହିଁ ଆଘାତର ବିଧି । ତତବାଦୀ ବାଦକମାନଙ୍କର ସଂଘାତଜ ଆଘାତ ପ୍ରୋକ୍ତ ପ୍ରକାରଃ-ଦ୍ୱି-ଉଚ୍ଚ, ଦ୍ୱି-ନିମ୍ନ, ନିମ୍ନ-ଉଚ୍ଚ, ଉଚ୍ଚ-ନିମ୍ନ ।।୮୮-୮୯।। ସମବାୟଜ ଆଘାତ ଏହିପରି ହୁଏଃ-ତ୍ରି-ଉଚ୍ଚ, ତ୍ରି-ନିମ୍ନ, ଦ୍ୱି-ନିମ୍ନ, ଏକ-ଉଚ୍ଚ, ଦ୍ୱି-ଉଚ୍ଚ, ଏକ-ନିମ୍ନ, ଏକ-ଉଚ୍ଚ, ଦ୍ୱି-ନିମ୍ନ, ଏକ-ନିମ୍ନ, ଦୁଇ-ଉଚ୍ଚ, ଏକ-ନିମ୍ନ, ଏକ-ଉଚ୍ଚ ।।୮୯,୯୦,୯୧)।। ବ୍ୟାସ (ଭାଙ୍ଗିବା) ସମାସ (ଗଢ଼ିବା) ହେତୁ ଏବଂ ପୂର୍ବବର୍ଣ୍ଣିତ ଆଘାତବର୍ଗର ଏକତ୍ରୀକରଣ ହେତୁ ଅନୁବନ୍ଧକୃତ ଏଣୁ ଏହା ସର୍ବଦା ଅନିୟତ । ଏହିପରି ବିସ୍ତାର ଧାତୁ ସର୍ବଦା ଚଉଦ ପ୍ରକାର ଅଟେ ।।୯୨।।

କରଣଧାତୁ- ରିଭିତ, ଉଚ୍ଚୟ, ନୀରଟିତ, ହ୍ରାଦ ଏବଂ ଅନୁବନ୍ଧ ବୀଣାବାଦନରେ ଏହି ପାଞ୍ଚ ପ୍ରକାର କରଣଧାତୁ ।।୯୩।। କରଣଧାତୁମାନଙ୍କରେ ଯଥାକ୍ରମେ ୩,୫, ୭ ଓ ୯ ଲଘୁଆଘାତ ଏବଂ ଏହିଗୁଡ଼ିକ ସମସ୍ତେ ଏକତ୍ରିତ ହେବେ । ତଥା ସମସ୍ତେ ଗୁରୁ (ଆଘାତରେ) ପର୍ଯ୍ୟବସିତ ହେବେ ।।୯୪।।

Digitized by srujanika@gmail.com

କ୍ଷେପପ୍ଲୁତାତିପାତୋଽତିକୀର୍ଣ୍ଣାନୁବନ୍ଧ ସଂଜ୍ଞିତାଶ୍ଚେତି ।
ଆବିଦ୍ଧୋ ବିଜ୍ଞେୟୋ ଧାତୁର୍ବୈ ପଞ୍ଚବିଧ ଏବ ॥ ୯୫ ॥
ଦ୍ୱିତ୍ରିଚତୁଷ୍କୈର୍ନବକୈଃ ପ୍ରହାରୈଃ କ୍ରମଶଃକୃତୈଃ ଶନୈଃ ।
ଆବିଦ୍ଧଧାତୁର୍ବିଜ୍ଞେୟ ସ୍ତ୍ୱନୁବନ୍ଧ ବିଭୂଷିତଃ ॥ ୯୬ ॥
ବ୍ୟଞ୍ଜନ ଧାତୁର୍ଜ୍ଞେୟଃ କଲତଲ ନିଷ୍କୋଟିତଂ ତଥୋନ୍ମୃଷ୍ଟମ୍ ।
ରେଫାବମୃଷ୍ଟ ପୁଷ୍ପାନୁସ୍ୱନିତଂ ବିନ୍ଦୁରନୁବନ୍ଧଃ ॥ ୯୭ ॥
ଅଙ୍ଗୁଷ୍ଠାଭ୍ୟାଂ ସମଂ ତନ୍ତ୍ର୍ୟା ସ୍ପର୍ଶନଂଯଦ୍ କଲଂତୁଂ ତଦ୍ ।
ବାମେନ ପୀଡ଼ନଂ କୃତ୍ୱା ଦକ୍ଷିଣେନାହତି ସ୍ତଳମ୍ ॥ ୯୮ ॥
ସବ୍ୟାଙ୍ଗୁଷ୍ଠପ୍ରହାରସ୍ତୁନିଷ୍କୋଟିତ ମିହୋଚ୍ୟତେ ।
ସବ୍ୟ ପ୍ରଦେଶିନୀଘାତ ମୁନ୍ମୃଷ୍ଟ ମିତି ସଂଜ୍ଞିତମ୍ ॥ ୯୯ ॥
ସର୍ବାଙ୍ଗୁଳି ସମାକ୍ଷେପାଦ୍ ରେଫଇତ୍ୟଭିଧୀୟତେ ।
କନିଷ୍ଠିକାଙ୍ଗୁଷ୍ଠକାଭ୍ୟାଂ ତୁ ଦକ୍ଷିଣାଭ୍ୟାମଧୋଗତମ୍ ॥ ୧୦୦ ॥
ତନ୍ତ୍ରୀଷୁ ତ୍ରିପ୍ରହାରଂ ଚାପ୍ୟବମୃଷ୍ଟମିତି ସ୍ମୃତମ୍ ।
କନିଷ୍ଠାଙ୍ଗୁଷ୍ଠ ସଂଯୁକ୍ତଂ ପୁଷ୍ପ ମିତ୍ୟଭିଧୀୟତେ ॥ ୧୦୧ ॥
ତଳସ୍ଥାନେଽଧରନ୍ୟାସଃ ତ୍ୱନୁସ୍ୱନିତ ମୁଚ୍ୟତେ ।
ଗୁର୍ବକ୍ଷରୈ ରେକତନ୍ତ୍ର୍ୟାଂ ତୁ ବିନ୍ଦୁରିତ୍ୟଭି ସଂଜ୍ଞିତଃ ॥ ୧୦୨ ॥

ଆବିଦ୍ଧ ଧାତୁ- କ୍ଷେପ, ପ୍ଲୁତ, ଅତିପାତ, ଅତିକୀର୍ଣ୍ଣ ଓ ଅନୁବନ୍ଧ ଏହି ପାଞ୍ଚ ପ୍ରକାର ଆବିଦ୍ଧ ଧାତୁ ॥୯୫ ॥

ଆବିଦ୍ଧ ଧାତୁମାନଙ୍କରେ ଯଥାକ୍ରମେ ୨,୩,୪ ଏବଂ ୯ଟି ଆଘାତ ରହିବ । ଏହି ଆଘାତ ଗୁଡ଼ିକ କ୍ରମଶଃ ଏବଂ ଧୀରେ ଧୀରେ ହେବ । ଏମାନଙ୍କର ଏକତ୍ରୀକରଣ ହେବ ॥୯୬॥

ବୀଣାବାଦନରେ ଦଶବିଧ ବ୍ୟଞ୍ଜନ ଧାତୁ:-କଳ, ତଳ, ନିଷ୍କୋଟିତ, ଉନ୍ମୃଷ୍ଟ, ରେଫ, ଅବମୃଷ୍ଟ, ପୁଷ୍ପ, ଅନୁସ୍ୱନିତ, ବିନ୍ଦୁ ଓ ଅନୁବନ୍ଧ । ଏହି ଦଶଟି ବ୍ୟଞ୍ଜନ ଧାତୁ ଅଟନ୍ତି ॥୯୭॥

କଳ-ଦୁଇଟି ଅଙ୍ଗୁଷ୍ଠ (ବୃଦ୍ଧାଙ୍ଗୁଠି) ଦ୍ୱାରା ଏକକାଳିକ ତନ୍ତ୍ରୀ ସ୍ପର୍ଶ । **ତଳ-**ବାମବୃଦ୍ଧାଙ୍ଗୁଷ୍ଠ ଦ୍ୱାରା ଚାପିଧରି ଦକ୍ଷିଣାଙ୍ଗୁଷ୍ଠ ଦ୍ୱାରା ତନ୍ତ୍ରୀରେ ଆଘାତ ।

ନିଷ୍କୋଟିତ - କେବଳ ବାମାଙ୍ଗୁଷ୍ଠ ଦ୍ୱାରାଆଘାତ ॥

ଉନ୍ମୃଷ୍ଟ-ବାମ ପ୍ରଦେଶିନୀ ଦ୍ୱାରା ଆଘାତ ।

ରେଫ-ସମସ୍ତ ଅଙ୍ଗୁଳିଦ୍ୱାରା ଏକକାଳିକ ଆଘାତ ।

ଅବମୃଷ୍ଟ-ତନ୍ତ୍ରୀରେ ନିମ୍ନଭାଗରେ ଦକ୍ଷିଣ ହସ୍ତର କନିଷ୍ଠା ଓ ଅଙ୍ଗୁଷ୍ଠ ଦ୍ୱାରା ତିନିଟି ଆଘାତ ।

ପୁଷ୍ପ-କନିଷ୍ଠା ଓ ଅଙ୍ଗୁଷ୍ଠଦ୍ୱାରା ଗୋଟିଏ ଆଘାତ ।

ଅନୁସ୍ୱନିତ- (ତନ୍ତ୍ରୀରେ ପୂର୍ବୋକ୍ତ) ଅପେକ୍ଷା ନିମ୍ନତର ଭାଗରେ ଆଘାତ ।

ବିନ୍ଦୁ- ଗୋଟିଏ ତନ୍ତ୍ରୀରେ ଗୁରୁ ଅକ୍ଷରଦ୍ୱାରା ଆଘାତ ॥୯୮-୧୦୨॥

Digitized by srujanika@gmail.com

ବ୍ୟାସସମାସାଦେଷାମନୁବନ୍ଧଃ ସର୍ବଧାତୁକୋ ଜ୍ଞେୟଃ ।
ଇତି ଦଶବିଧଃ ପ୍ରଯୋଜ୍ୟୋ ବୀଣାୟାଂ ବ୍ୟଞ୍ଜନୋ ଧାତୁଃ ॥ ୧୦୩ ॥
ଇତ୍ୟେତେ ଧାତବଃ ପ୍ରୋକ୍ତା ଶ୍ଚତ୍ୱାରୋ ଲକ୍ଷଣାନ୍ୱିତା ।
ତିସ୍ତୃଣାମପି ବୃତ୍ତୀନାଂ ଯାସୁ ବାଦ୍ୟଂ ପ୍ରତିଷ୍ଠିତଂ ॥ ୧୦୪ ॥

ତିସ୍ରୋଗତିବୃତ୍ତୟଃ ପ୍ରାଧାନ୍ୟେନ ଗ୍ରାହ୍ୟାଃ ଚିତ୍ରା, ବୃତ୍ତି, ଦକ୍ଷିଣା ଚେତି । ତାସାଂ ବାଦ୍ୟତାଳ ଲୟ-ଗୀତି ଯତି ମାର୍ଗ ପ୍ରାଧାନ୍ୟାନି ଯଥାସ୍ୱଂ ବ୍ୟଞ୍ଜିତାନି ଭବନ୍ତି । ତତ୍ର ଚିତ୍ରାୟାଂ ସଂକ୍ଷିପ୍ତବାଦ୍ୟଂ ମାଗଧୀ-ଗୀତ୍ୟା ଏକକଳ ସ୍ତାଳୋ ଦ୍ରୁତୋ ଲୟଃ, ସମା ଯତିଃ ଅନାଗତ ଗ୍ରହାଣାଂ ପ୍ରାଧାନ୍ୟମ୍ । ତଥା ବୃତ୍ତୌ ସଂଭାବିତାଗୀତିଃ (x) ବାଦିତ୍ରଂ ଦ୍ୱିକଳସ୍ତାଳୋ ମଧ୍ୟୋ ଲୟଃ ସ୍ରୋତୋଗତା ଯତିଃ ସମଗ୍ରହ ମାର୍ଗାଣାଂ ପ୍ରାଧାନ୍ୟମ୍ । ଦକ୍ଷିଣାୟାଂ ପୃଥୁଳା ଗୀତିଃ ଚତୁଷ୍କଳସ୍ତାଳୋ ବିଲମ୍ବିତୋ ଲୟଃ ଗୋପୁଚ୍ଛା ଯତିଃ ଅତୀତଗ୍ରହମାର୍ଗାଣାଂ ପ୍ରାଧାନ୍ୟମ୍ ।

ତିସ୍ରସ୍ତୁ ବୃତ୍ତୟଶ୍ଚିତ୍ରା ଦକ୍ଷିଣାବୃତ୍ତିସଂଜ୍ଞିତାଃ ।
ବାଦ୍ୟଗୀତୋଭୟଗୁଣା ନିର୍ଦ୍ଦିଷ୍ଟାସ୍ତା ଯଥାକ୍ରମମ୍ ॥ ୧୦୫ ॥
ସର୍ବାସାମେବ ବୃତ୍ତୀନାଂ ଲଳିତାଦ୍ୟାସ୍ତୁ ଜାତୟଃ ।
ଧାତୁଭିଃ ସହସଂଯୁକ୍ତାଭବନ୍ତି ଗୁଣବତ୍ତରାଃ ॥ ୧୦୬ ॥

ଅନୁବନ୍ଧ-ଏହି ସମସ୍ତଙ୍କର ବ୍ୟାସ (ବିସ୍ତାର) ଓ ସମାସ (ସଂକ୍ଷେପ) ଏହା ସବୁଧାତୁ ସହିତ ସମ୍ବନ୍ଧ । ବୀଣାରେ ପ୍ରଯୋଜ୍ୟ ଏହି ଦଶଟି ବ୍ୟଞ୍ଜନ ଧାତୁ ॥୧୦୩॥ ଲକ୍ଷଣଯୁକ୍ତ ଏହି ଚାରିଟି ଧାତୁ ଉପରେ ତିନିଟିଯାକ ବୃତ୍ତିର ବାଦ୍ୟନିର୍ଭର କରନ୍ତି ॥୧୦୪॥

ବୃତ୍ତିତ୍ରୟ-ପ୍ରଧାନ ଗତିବୃତ୍ତି ତିନିଟି-ଚିତ୍ର, ବୃତ୍ତି (ଅର୍ଥାତ୍ ସାଧାରଣ ଗତି) ଓ ଦକ୍ଷିଣ (ନିପୁଣ) । ଯନ୍ତ୍ର ସଂଗୀତ ତାଳ (ଦ୍ର.୩୨ଅ.) ଲୟ (କ୍ରିୟାନ୍ତର ବିଶ୍ରାନ୍ତି) ଗୀତି, ଯତି, ଗ୍ରହମାର୍ଗ (ଆରମ୍ଭକରିବା ପଦ୍ଧତି) । ସଂଶ୍ଳିଷ୍ଟ ବୃତ୍ତିର ସ୍ୱରୂପ ବ୍ୟଞ୍ଜକ ଚିତ୍ରରେ ମାଗଧୀ ଗୀତି, ଯନ୍ତ୍ରସଂଗୀତ ସଂକ୍ଷିପ୍ତ, ନାଳମାତ୍ରାର ଏକକ କଳା, ଦ୍ରୁତ ଲୟ, ସମାଯତି ଏବଂ ଅନାଗତ ଗ୍ରହମାନଙ୍କର ପ୍ରାଧାନ୍ୟ ହୁଏ । ସେହିପରି ବୃତ୍ତିରେ ସମ୍ଭାବିତ ଗୀତି ଯନ୍ତ୍ରସଂଗୀତ, ତାଳମାନର (ଏକକ) ଦୁଇକଳା, ଲୟ ମଧ୍ୟ, ଯତି ସ୍ରୋତୋଗତା, ସମଗ୍ରହ ମାର୍ଗମାନଙ୍କର ପ୍ରଧାନତା । ଦକ୍ଷିଣରେ ଗୀତି ପୃଥୁଳା, କଳାମାତ୍ରାର ଏକକ ଚାରିକଳା, ଲୟ ବିଳମ୍ବିତ, ଯତି ଗୋପୁଚ୍ଛ, ଏବଂ ଅତୀତ ଗ୍ରହମାର୍ଗ-ଗୁଡ଼ିକ ପ୍ରଧାନ ॥ ଚିତ୍ରା, ଦକ୍ଷିଣା ଓ ବୃତ୍ତି ନାମକ ତିନିଟି ବୃତ୍ତି । ଏମାନେ ଯନ୍ତ୍ର ଓ କଣ୍ଠ ସଂଗୀତର ଉତ୍କର୍ଷ ସାଧନ, କରନ୍ତି । କ୍ରମାନୁସାରେ ଏମାନଙ୍କ ଲକ୍ଷଣ ଦିଆଯାଇଛି ॥୧୦୫॥ ଏହି ସବୁବୃତ୍ତିର ଲଳିତାଦି ଜାତି ସମୂହ ଧାତୁମାନଙ୍କ ସହିତ ମିଶି ଅଧିକ ଗୁଣବତ୍ତା ପ୍ରକାଶ କରିଥାନ୍ତି ॥୧୦୬॥

Digitized by srujanika@gmail.com

ଏତେଷାଂ ଧାତୂନାଂ ସମବାୟାତ୍ ଜାତୟସ୍ତୁ ଜାୟନ୍ତେ ।
ସ୍ୟାବୁଦାତ୍ତ ଲଳିତ ରିଭିତ ଘନ ସଂଜ୍ଞାଃ ଚତସ୍ରଶ୍ଚ ॥ ୧୦୭ ॥
ତତ୍ରୋଦାତ୍ତା ବିସ୍ତାର ଧାତୁ ବିଷୟା ବହୁବିଷୟତ୍ୱାଦ୍ ବା ।
ଲଳିତା ବ୍ୟଞ୍ଜନହେତୋ ର୍ଲଳିତତ୍ୱାଦେବ ସଂପ୍ରୋକ୍ତା ॥ ୧୦୮ ॥
ଆବିଦ୍ଧଧାତୁ ବିଷୟା ରିଭିତା ଘାତସଂଚୟାଦ୍ ନିର୍ଦ୍ଦିଷ୍ଟା ।
କରଣବିଷୟା ଘନ ସଂଜ୍ଞା ଗୁରୁଲଘୁ ସଂଚୟାଦ୍ ତସ୍ୟ ॥ ୧୦୯ ॥
ତ୍ରିବିଧଂ ବୈଣକ ବାଦ୍ୟଂ କର୍ତ୍ତବ୍ୟଂ ଗୀତସଂଶ୍ରୟଂତଜ୍ଜ୍ଞୈଃ ।
ତତ୍ତ୍ୱଂ ତଥାନୁଗତମୋଘଶ୍ଚାନେକ କରଣସଂଯୁକ୍ତମ୍ ॥ ୧୧୦ ॥
ଲୟତାଳ ବର୍ଣ୍ଣପାଦ ଯତି ଗୀତ୍ୟକ୍ଷର ଭାବକଂ ଭବେଦ୍ ତତ୍ତ୍ୱମ୍ ।
ଗୀତଂ ଚୟଦନୁଗଚ୍ଛେଦନୁଗତ ମିତ୍ୟୁଚ୍ୟତେ ବାଦ୍ୟମ୍ ॥ ୧୧୧ ॥
ଆବିଦ୍ଧ କରଣ ବହୁଳମ୍ ଉପର୍ଯ୍ୟୁ ପରିପାଣିକଂ ଦ୍ରୁତଲୟଂଚ ।
ଅନପେକ୍ଷିତଗୀତାର୍ଥଂ ଚୌଘଂ ବୁଧୈର୍ଜ୍ଞେୟମ୍ ॥ ୧୧୨ ॥
ସ୍ଥିତେ ତତ୍ତ୍ୱଂ ପ୍ରୟୋକ୍ତବ୍ୟଂ ମଧ୍ୟେ ଚାନୁଗତଂ ଭବେଦ୍ ।
ଦ୍ରୁତେ ଚୌଘଂ ପ୍ରଯୁଞ୍ଜୀୟାଦ୍ ଏଷ ବାଦ୍ୟଗତୋବିଧିଃ ॥ ୧୧୩ ॥

ଜାତି-ଏହି ଧାତୁମାନଙ୍କ ସମବାୟରୁ (ମିଳନ) ଉଦାତ୍ତ, ଲଳିତ, ରିଭିତ ଓ ଘନ ନାମକ ଚାରିଟି ଜାତି ଜାତ ହୋଇଥାଆନ୍ତି ॥୧୦୭॥
ଉଦାତ୍ତ-ବିସ୍ତାର ଧାତୁ ବା ଅନ୍ୟାନ୍ୟ ବହୁଧାତୁ ସହିତ ସମ୍ବନ୍ଧ ।
ଲଳିତ-ଲଳିତ ବ୍ୟଞ୍ଜନ ଯୋଗୁଁ ରମଣୀୟତା ବଶତଃ ଏହାର ଏହି ନାମ ।
ରିଭିତ-କରଣଧାତୁମାନଙ୍କ ସହିତ ସମ୍ବନ୍ଧ, ଊର୍ଦ୍ଧ୍ୱ ଓ ହ୍ରସ୍ୱସ୍ୱର ସମଷ୍ଟିରେ ନିର୍ଭରଶୀଳ ।
ଘନ-ଗୁରୁଲଘୁସ୍ୱର ସମଷ୍ଟି ଯୋଗୁଁ କରଣ ବିଷୟ ଉପରେ ନିର୍ଭରଶୀଳ ।
ତ୍ରିବିଧ ବୀଣା ସଂଗୀତ-ସଙ୍ଗୀତଜ୍ଞମାନେ ସଂଗୀତ ପରିବେଶରେ ତିନି ପ୍ରକାର ବୀଣାବାଦ୍ୟ ବାଦନକରିବେ । ସେହି ତିନିଟି ହେଲା-ତତ୍ତ୍ୱ, ଅନୁଗତ ଓ ଓଘ । ଏମାନେ ଅନେକ କରଣକୁ ଆଶ୍ରୟ କରନ୍ତି ॥୧୧୦॥ ସମ୍ୟକ୍ ଭାବରେ ଲୟ, ତାଳ, ବର୍ଣ୍ଣ, ପଦ ଯତି ଏବଂ ଗାନର ଅକ୍ଷର ବ୍ୟକ୍ତ କରୁଥିବା ସଂଗୀତକୁ ତତ୍ତ୍ୱ କୁହାଯାଏ । ଗାନର ଅନୁକରଣକାରୀ ବାଦ୍ୟକୁ ଅନୁଗତ ବୋଲି କୁହାଯାଏ ॥୧୧୧॥ ଯେଉଁ ସଂଗୀତରେ ପ୍ରଚୁର ଆବିଦ୍ଧକରଣ ଥାଏ, ଉପରିପାଣି, ଗ୍ରହମାର୍ଗ ଓ ଦ୍ରୁତଲୟ ଥାଏ ଏବଂ ଯାହା ଗାନର ଅର୍ଥକୁ ଅପେକ୍ଷା କରେ ନାହିଁ ତାହାକୁ ଓଘ କହନ୍ତି ॥୧୧୨॥ ବିଳମ୍ବିତଲୟରେ ତତ୍ତ୍ୱ, ମଧ୍ୟଲୟରେ ଅନୁଗତ ଓ ଦ୍ରୁତଲୟରେ ଓ ପ୍ରୟୋଗ କରାଯାଏ । ଏହା ବାଦ୍ୟଯନ୍ତ୍ରବାଦନର ନିୟମ ॥୧୧୩॥

Digitized by srujanika@gmail.com

ତତ୍ତ୍ୱଂତୁ ପ୍ରଥମେ ଗାନେ ଦ୍ୱିତୀୟେଽନୁଗତଂ ଭବେତ୍ ।
ଓଘସ୍ତୃତୀୟେ କର୍ତ୍ତବ୍ୟୋ ଲୟତାଳ ବିଚକ୍ଷଣୈଃ ।। ୧୧୪ ।।
ଏବଂ ତଜ୍‌ଜ୍ଞୈର୍ଜ୍ଞୟା ବୀଣାବାଦ୍ୟେ ତୁ ଧାତବଃ ପ୍ରୋକ୍ତାଃ ।
ବକ୍ଷେଽଧୁନା ବିପଞ୍ଚୀବାଦ୍ୟ ବିଧାନେ ତୁ କରଣାର୍ଥମ୍ ।। ୧୧୫ ।।
ରୂପକୃତଂ ପ୍ରତିକୃତଂ ପ୍ରତିଭେଦୋ ରୂପଶେଷ ଓଘଶ୍ଚ ।
ଷଷ୍ଠୀ ପ୍ରତିଶୁଷ୍କା ହ୍ୟେବଂ ଜ୍ଞେୟଂ କରଣଜାତମ୍ ।। ୧୧୬ ।।
ବୀଣା ବାଦନେ ଦ୍ୱିଗୁଣଂ ଗୁରୁଲାଘବବାଦନଂ ଭବେଦ୍‌ରୂପମ୍ ।
ରୂପ ପ୍ରତିଭେଦକୃତଂ ପ୍ରତିକୃତ ମିତ୍ୟୁଚ୍ୟତେ ବାଦ୍ୟମ୍ ।। ୧୧୭ ।।
ଯୁଗପଦ୍ କୃତୋଽନ୍ୟକରଣଂ ପ୍ରତିଭେଦୋ ଦୀର୍ଘଲାଘବକୃଦ୍ ସ୍ୟାଦ୍ ।
ବୀଣାବାଦ୍ୟ ବିରାମେଽପ୍ୟବିରତକରଣଂତୁ ରୂପଶେଷଃ ସ୍ୟାଦ୍ ।। ୧୧୮ ।।
ଆବିଦ୍ଧକରଣଯୁକ୍ତୋ ହ୍ୟୁପର୍ଯ୍ୟୁପରି ପାଣିକ ସ୍ତ୍ୱୋଘଃ ।
ପ୍ରତିଶୁଷ୍କା ବିଜ୍ଞେୟା ବାଦ୍ୟେ ସହୈକତନ୍ତ୍ରିକୃତା ।। ୧୧୯ ।।
କାର୍ଯ୍ୟଂ ଧ୍ରୁବା ପ୍ରୟୋଗେ ହିଁ ପ୍ରାୟେଣ କୋଣବାଦନଂ ତଜ୍‌ଜ୍ଞୈଃ ।
ଦ୍ୱାଭ୍ୟାମପି ବୀଣାଭ୍ୟାଂ ଗାନେ ବା ବାଦନେ ଚାପି ।। ୧୨୦ ।।

ଲୟ ଓ କାଳମାତ୍ରା ନିରୂପଣରେ ଅଭିଜ୍ଞ ବ୍ୟକ୍ତି ତତ୍ତ୍ୱକୁ (ଅନୁଷ୍ଠାନରେ ଗେୟ) ପ୍ରଥମ ଗାନରେ, ଅନୁଗତକୁ ଦ୍ୱିତୀୟରେ ଏବଂ ଓଘକୁ ତୃତୀୟରେ ପ୍ରୟୋଗ କରିବେ ।।୧୧୪।। ବୀଣାବାଦନରେ ବିଜ୍ଞମାନେ ଜାଣିବା ଭଳି ଧାତୁସବୁ କୁହାଗଲା । ଏକ ବିପଞ୍ଚୀବାଦନର କରଣମାନଙ୍କ ବିଷୟରେ କହିବି ।।୧୧୫।।

ବିପଞ୍ଚୀର କରଣ- ରୂପ, କୃତପ୍ରତିକୃତ, ପ୍ରତିଭେଦ, ରୂପଶେଷ, ଓଘ ଓ ପ୍ରତିଶୁଷ୍କ ଏହି ପାଞ୍ଚଟି ବିପଞ୍ଚୀବାଦନରେ କରଣ ।।୧୧୬।। ବୀଣାର ଦୁଇଟି ଗୁରୁ ଓ ଦୁଇଟି ଲଘୁ ଅକ୍ଷର ବାଜିଲେ ରୂପ, ଏହିପରି ପ୍ରତିଭେଦରେ ବାଜିଲେ ପ୍ରତିକୃତ ହୁଏ ।।୧୧୭।। ବୀଣାର ଦୁଇଟି ପୃଥକ୍ କରଣ ଯେତେବେଳେ ପାଖାପାଖି ବାଜେ, ଏବଂ ଗୁରୁ ଓ ଲଘୁ ଅକ୍ଷର ଗୁଡ଼ିକୁ ଦେଖାଇ ଦିଆଯାଏ ସେହି ସମୟରେ ଏହାକୁ ପ୍ରତିଭେଦ କୁହାଯାଏ । ବୀଣାବାଦ୍ୟ ବିରାମ ହେଲେ ଉକ୍ତ ସଂଗୀତ ଅନ୍ୟବୀଣାରେ ଅନୁବୃତ୍ତ ହେଲେ ଏହାର ନାମ ରୂପଶେଷ ହୁଏ ।।୧୧୮।। ପରିପାଣି ଗ୍ରହ ମାର୍ଗରେ ଅନୁଷ୍ଠିତ ଆବିଦ୍ଧକରଣଗୁଡ଼ିକ ଓଘରେ ଅନ୍ତର୍ଭୁକ୍ତ । ଗୋଟିଏ ମାତ୍ର ତନ୍ତ୍ରୀଦ୍ୱାରା ବାଜୁଥିବା କରଣକୁ ପ୍ରତିଶୁଷ୍କ କରନ୍ତି ।।୧୧୯।। ଧ୍ରୁବା ପ୍ରୟୋଗ ସମୟରେ ବିଜ୍ଞମାନେ ଗାନ ବା ଅନ୍ୟ ବାଦ୍ୟଯନ୍ତ୍ରର ସହଯୋଗିତା ପାଇଁ ସାଧାରଣତଃ କୋଣଦ୍ୱାରା ଦୁଇଟି ବୀଣା ବଜାଇବେ ।।୧୨୦।।

Digitized by srujanika@gmail.com

ସ୍ଥାନଂ ବା ପାତ୍ରଂ ବା ସ୍ୟାଦ୍ ତନ୍ତ୍ରୀଷୁ ବିଭାବୟେଦ୍ ସମଂଗାନମ୍ ।
ତତ୍ତୌଘତୁଲ୍ୟ କରଣଂ ବାଦ୍ୟଂ କାର୍ଯ୍ୟଂ ବିପଞ୍ଚ୍ୟାସ୍ତୁ ।। ୧୨୧ ।।
ସପ୍ତତନ୍ତ୍ରୀ ଭବେଚ୍ଚିତ୍ରା ବିପଞ୍ଚୀ ନବତନ୍ତ୍ରିକା ।
ବିପଞ୍ଚୀ କୋଣବାଦ୍ୟାସ୍ୟାଦ୍ ଚିତ୍ରା ଚାଙ୍ଗୁଳିବାଦନା ।। ୧୨୨ ।।
ଏବଂ ବେଦ୍ୟା ତଜ୍‌ଜ୍ଞୈର୍ନାନାକରଣାଶ୍ରୟା ବିପଞ୍ଚୀ ତୁ ।
ଅତ ଊର୍ଦ୍ଧ୍ୱଂ ବ୍ୟାଖ୍ୟାସ୍ୟେ ଲକ୍ଷଣଯୁକ୍ତଂ ବହିର୍ଗୀତମ୍ ।। ୧୨୩ ।।
ଆଶ୍ରାବଣା ତଥାରମ୍ଭୋ ବକ୍ତ୍ରପାଣି ସ୍ତଥୈବ ଚ ।
ସଂଘୋଟନା ତଥା କାର୍ଯ୍ୟାପୁନଶ୍ଚ ପରିଘଟ୍ଟନା ।। ୧୨୪ ।।
ମାର୍ଗାସାରିତ ମନ୍ୟଦ୍ ସ୍ୟାଲ୍ଲୀଳାକୃତ ମଥାପି ବା ।
ଆସାରିତାନି ଚ ତଥା ତ୍ରିପ୍ରକାରକୃତାନି ତୁ ।। ୧୨୫ ।।
ଏତାନି ଚ ବହିର୍ଗୀତାନ୍ୟାଦୌ ଯୋଜ୍ୟାନି ଯୋକ୍ତୃଭିଃ ।
ସତାଳାନି ହ୍ୟତାଳାନି ଚିତ୍ରବୃତ୍ତିଗତାନି ତୁ ।।
ପ୍ରୟୋଜନଂ ହି ପୂର୍ବୋକ୍ତଂ ପୂର୍ବରଙ୍ଗବିଧୌ ମୟା ।
ତେଷାଂ ଚୈବ ତୁ ବକ୍ଷ୍ୟାମି ଲକ୍ଷଣଂ ସନିଦର୍ଶନମ୍ ।। ୧୨୭ ।।
ତତ୍ରାଶ୍ରାବଣାନାମ- ବିସ୍ତାର ଧାତୁବିହିତୈଃ କରଣୈଃ ପ୍ରବିଭାଗଶୋଦ୍ୱିରଭ୍ୟସ୍ତୈଃ ।
ଦ୍ୱିଷ୍ଠାପି ସନ୍ନିବୃତ୍ତୈଃ କରଣୋପଚୟୈଃ କ୍ରମେଣ ସ୍ୟାଦ୍ ।। ୧୨୮ ।।

ସ୍ଥାନ ହେଉବା ପାତ୍ର ହେଉ ଗାନ ସହିତ ତନ୍ତ୍ରୀରେ ଏହାକୁ ପ୍ରତିଫଳିତ କରିବାକୁ ପଡ଼ିବ । ବିପଞ୍ଚୀରେ ଏହି ଓଘ କରଣପରି ହେବ ।।୧୨୧।। ସପ୍ତତନ୍ତ୍ରୀ ବୀଣା ଚିତ୍ରା ଏବଂ ନବତନ୍ତ୍ରୀ ବୀଣାର ନାମ ବିପଞ୍ଚୀ, ବିପଞ୍ଚୀ କୋଣଦ୍ୱାରା ଏବଂ ଚିତ୍ରା କେବଳ ଅଙ୍ଗୁଳିଦ୍ୱାରା ବଜାଯାଏ ।।୧୨୨।। ବିବିଧ କରଣ ବିଶିଷ୍ଟ ବିପଞ୍ଚୀକୁ ଏହିପରି ଭାବରେ ବିଶେଷଜ୍ଞମାନେ ଜାଣିବେ । ଏହାପରେ ଲକ୍ଷଣଯୁକ୍ତ ବହିର୍ଗୀତ ବ୍ୟାଖ୍ୟା କରିବି ।।୧୨୩।।

ବହିର୍ଗୀତଃ- ଆଶ୍ରାବଣା, ଆରମ୍ଭ, ବକ୍ତ୍ରପାଣି, ସଂଘୋଟନା, ପରିଘଟ୍ଟନା, ମାର୍ଗାସାରିତ, ଲୀଳାକୃତ ଏବଂ ତ୍ରିବିଧ ଆସାରିତ ହେଲା-ବହିର୍ଗୀତ, ପ୍ରୟୋକ୍ତାମାନେ ଏହିଗୁଡ଼ିକୁ (ନାଟକରେ) ପ୍ରୟୋଗ କରିବେ । ପ୍ରଥମେ ନାଟ୍ୟରେ ଏହିସବୁ ତାଳସହ ବା ତାଳଛଡ଼ା ଏବଂ ଚିତ୍ର ଓ ବୃତ୍ତିରେ ପ୍ରୟୋଗ କରାଯିବ ।।୧୨୪-୧୨୬।। ପୂର୍ବ ରଙ୍ଗ ବିଧି ପ୍ରସଙ୍ଗରେ ଏମାନଙ୍କର ଆବଶ୍ୟକତା ଉଲ୍ଲିଖିତ ହୋଇଅଛି । ଏବେ ଉଦାହରଣ ସହିତ ଏମାନଙ୍କର ଲକ୍ଷଣ କହିବି ।।୧୨୭।।

ଆଶ୍ରାବଣା-ତା'ପରକୁ ତା'ପର କଳାର ବିସ୍ତାର (ଦ୍ର.୨୯/୮୨) ଧାତୁର ଦୁଇଥର ଆବୃତ୍ତକରଣ (ଦ୍ର.୨୯/୮୨) ସହିତ ଆଶ୍ରାବଣା ଅନୁଷ୍ଠାନ କରାଯିବ । ପରେ ଦୁଇଟି ପୁନରାବୃତ୍ତ କରଣର ବୃଦ୍ଧି ସହିତ ଅନୁଷ୍ଠାନ କରିବ ।।୧୨୮।।

Digitized by srujanika@gmail.com

ଗୁରୂଣି ଦ୍ୱାଦ୍ୟାବେକାଦଶକ ଚତୁର୍ଦଶକ ସପଞ୍ଚଦଶକମ୍ ।
ସ ଚତୁର୍ବିଶକମେବ ଦ୍ୱିଗୁଣୀକୃତମେତଦେବ ସ୍ୟାଦ୍ ॥ ୧୨୯ ॥
ଲଘୁ ଗୁରୂଣି ଚ ତତଃଷଟ୍ ତଥାଷ୍ଟମଂ ଗୁରୁଭବେଦ୍ ତଥା ଚ ପୁନଃ ।
ଷଟ୍ ଚ ଲଘୂନି ତଥାନ୍ତ୍ୟଂ ଗୁରୁ ସ୍ତ୍ରିଃ ସ୍ୟାଦାଶ୍ରାବଣାୟାଂତୁ ॥ ୧୩୦ ॥
ତ୍ରିଃ ଶମ୍ୟୋପରିପାଣୌ ତାଳୋଽପି ହ୍ୟେଷ ନିର୍ଦ୍ଦିଷ୍ଟଃ ।
ସମପାଣୌ ଦ୍ୱେ ଶମ୍ୟେ ତାଲାବପ୍ୟେବମେବ ସ୍ୟାଦ୍ ॥ ୧୩୧ ॥
ଭୂୟଃ ଶମ୍ୟା ତାଳାବନୁଗୁଣାଦୁତ୍ତରସ୍ତଥା ଦ୍ୱିକଳଷ୍ଟ ।
ଚଞ୍ଚତ୍ପୁଟସ୍ତଥା ସ୍ୟାଦେବଂ ହ୍ୟାଶ୍ରବଣା ତାଳଃ ॥ ୧୩୨ ॥

ଅତ୍ରୋଦାହରଣମ୍-

କୃଂ ଦୃଂ ଜଗତି ଯବଲିତକଜ ସ୍ୱକରଂ ତିତିସଲ କୁଚସଲବା ଦିବ୍ରି ଗଣପତି ।
ପଶୁପତି କଞ୍ଚୁକ ଦିଦ୍‌ଦେ ପରଭୁଜ ଦିଗିନିଶି ବାଦିଗି ବାଦିଗିଗିନି ଚପଶୁପତି ତିଚ

ଅଥଆରମ୍ଭଃ- ଦୀର୍ଘାଣ୍ୟାଦାବଷ୍ଟୌ ଦ୍ୱାଦଶ ଚ ଲଘୂନି ନୈଧନଂ ଚୈବ ।
ଚତ୍ୱାରି ଗୁରୂଣି ତଥା ହ୍ରସ୍ୱାନ୍ୟଷ୍ଟୌ ଚ ଦୀର୍ଘଂ ଚ ॥ ୧୩୩ ॥
ଲଘୁ ସଂଜ୍ଞାନି ଚତ୍ୱାରି ଦ୍ୱିଗୁଣୀକୃତାନି ଦୀର୍ଘେ ଦ୍ୱେ ।
ଅଷ୍ଟୌଲଘୂନି ନୈଧନ ମିତ୍ୟାରମ୍ଭେଽକ୍ଷରବିଧାନମ୍ ॥ ୧୩୪ ॥

ଏଥରେ ଦୁଇଟି ଚବିଶବର୍ଣ୍ଣ ଥାଆନ୍ତି । ତହିଁରୁ ପ୍ରଥମ ଦୁଇଟି, ଏକାଦଶ, ଚତୁର୍ଦ୍ଦଶ, ପଞ୍ଚଦଶ ଓ ଚତୁର୍ବିଂଶ ବର୍ଣ୍ଣଗୁଡ଼ିକ ଗୁରୁ ଏବଂ (ଏଥିରେ ଆହୁରି ମଧ୍ୟ ତ୍ରିଗୁଣିତ ପଞ୍ଚଦଶ ଅକ୍ଷର ରହିବ, ଯେଉଁମାନଙ୍କ ମଧ୍ୟରେ) ପ୍ରଥମଟି ଲଘୁ, ତାପର ଆଠଟି ଗୁରୁ, ତତ୍ପରର ଛଅଟି ଲଘୁ ଏବଂ ଶେଷ ତିନିଟି ଅକ୍ଷର ଗୁରୁ ହୋଇଥାଏ ॥୧୨୯/୧୩୦॥ ଆଶ୍ରାବଣାର ଏହିପରି ତାଳ ହେବ-ତିନି ଶମ୍ୟା, ଉପରିପାଣିରେ ଏକତାଳ ଦୁଇଶମ୍ୟା, ଦୁଇତାଳ । ପୁଣି ଶମପାଣିରେ ଏକଶମ୍ୟା, ଦୁଇତାଳ ଏବଂ ଉପଯୋଗୀ ଦ୍ୱିକଳ ଉତ୍ତର ଓ ଚଞ୍ଚତ୍ପୁଟ ତାଳ ॥୧୩୧,୧୩୨॥ ଏହି ବିଷୟରେ ଉଦାହରଣ- **** (ଉପର ଦେଖନ୍ତୁ)

ଆରମ୍ଭ:-ଆରମ୍ଭରେ ଏହିପରି ଗଠନକାରୀ ଅକ୍ଷର ଗୁଡ଼ିକ ହେବ-(ପ୍ରଥମ ଅଂଶ) ପ୍ରଥମ ଆଠଟି ଗୁରୁ, ତାପରେ ବାରଟି ଏବଂ ଶେଷଟି ଲଘୁ । (ଦ୍ୱିତୀୟ ଅଂଶ) ଚାରିଟିଗୁରୁ, ଆଠଟି ଲଘୁ, ଗୋଟିଏ ଗୁରୁ, ଚାରିଟି ଲଘୁ, ଚାରିଟି ଗୁରୁ, ଆଠଟି ଲଘୁ ଓ ଶେଷଟି ଲଘୁ (ଦ୍ୱାରା ପର ଅଂଶ ଗଠିତ ହେବ ॥୧୩୩,୧୩୪॥

ଏହାର ବାଦ୍ୟ-ଯେଉଁଥିରେ ବିଷୟ ଧାତୁ (ଦ୍ର.୨୯/୯୧-୯୨) ପ୍ରଧାନ ହେବ, ଏହିପରି ତାଳ ରିଭିତ ଓ ହ୍ରାଦ ପ୍ରଭୃତି କରଣ ଦ୍ୱାରା ଗୋଟିଏ ତିନି ଅଂଶରେ ଅନୁଷ୍ଠିତ ହେବ । ଏଥିରେ

Digitized by srujanika@gmail.com

ଅସ୍ୟତୁ ବାଦ୍ୟମ୍ -

କାର୍ଯ୍ୟଂ ତ୍ରିପର୍ବ ବିହିତେ (ବିହୀନୈ)ରୁପବହନୈରପ୍ୟଧଃ ସମବରୋହୈଃ ।
ତାଳ ରିଭିତ ହ୍ରାଦଯୁତୈଃ କରଣୈ ର୍ବିସ୍ତାର ଭୂୟିଷ୍ଠୈଃ ॥ ୧୩୫ ॥
ଅପଚୟ ଯୁକ୍ତୈ ର୍ଦ୍ୱିସ୍ତ୍ରିସ୍ତଥା ନିବୃତ୍ତୈସ୍ତଥା ଦ୍ୱିରଭ୍ୟସ୍ତୈଃ ।
ଆରମ୍ଭେ ବାଦ୍ୟବିଧିଃ କାର୍ଯ୍ୟସ୍ତ୍ୱେବଂ ପ୍ରୟୋଗଜ୍ଞୈଃ ॥ ୧୩୬ ॥
ତାଳସ୍ତ୍ରିକଳସ୍ତ୍ୱାଦୌ ଶମ୍ୟେକକଳା କଳାଦ୍ୱୟେ ତାଳାଃ ।
ଦ୍ୱିକଳା ଚ ପୁନଃ ଶମ୍ୟା ତାଳୋ ଦ୍ୱିକଳଶ୍ଚ କର୍ତ୍ତବ୍ୟଃ ॥ ୧୩୭ ॥
ଦ୍ୱିକଳଶ୍ଚ ସନ୍ନିପାତଃ ପୁନଃ ପିତା ପୁତ୍ରକଶ୍ଚ ଷଟ୍‌ପୂର୍ବଃ ।
ଚଞ୍ଚତ୍ ପୁଟସ୍ତଥା ସ୍ୟାଦାରମ୍ଭେ ତାଳସଂଯୋଗସ୍ତୁ ॥ ୧୩୮ ॥

ଅତ୍ରୋଦାହରଣମ୍ -

ଗଂଣଂ ଦ୍ରୁତୁ ଜଗତି ଅବଲିନ ଦିଶିବା ଦିଂ ଜେଡି ନିକାଳକୁ କୁଚକୁଶଜମ୍ଭକଂ
ତିନି ବା ଆ ଗଣପତି ପଶୁପତି (ବା ଆପଣପତି ପଶୁପତି) ବା ।

ଅଥ ବଜ୍ରପାଣିଃ-ଆବିଦ୍ଧ କରଣଯୁକ୍ତୋ ଦ୍ୱ୍ୟଙ୍ଗଃ ସ୍ୟାଦେକଃ ପ୍ରବୃତ୍ତୋ ବା ।
ଅର୍ଥବ୍ୟଞ୍ଜନ ଧାତୁ ର୍ବାଦ୍ୟେଽପ୍ୟଥ ବଜ୍ରପାଣିସ୍ତୁ ॥ ୧୩୯ ॥
ଗୁରୂଣି ପଞ୍ଚ ହ୍ରସ୍ୱାନି ଷଡ଼୍‌ଗୁରୂଣି ଚତୁର୍ଗୁଣଃ ।
ଗୁରୁଣୀଦ୍ୱେ ଲଘୁତ୍ୱେକଂ ଚତ୍ୱାର୍ଯ୍ୟଥ ଗୁରୂଣି ଚ ॥ ୧୪୦ ॥
ଚତ୍ୱାର୍ଯ୍ୟଥ ଲଘୂନି ସ୍ୟୁଃ ତ୍ରୀଣି ଦୀର୍ଘାଣି ଚୈବ ହି ।
ଲଘୂନ୍ୟସ୍ମୈଚ ଦୀର୍ଘଂ ଚ ବଜ୍ରପାଣୌ ବିଧୀୟତେ ॥ ୧୪୧ ॥

ଆରୋହ ପରେ ଅବରୋହ ରହିବ । କରଣଗୁଡ଼ିକ ପ୍ରଥମେ ଦୁଇ କିମ୍ବା ତିନିଥର ଆରୋହୀ ହୋଇ ପରେ ବିପରୀତ କ୍ରମରେ ବାଦିତ ହେବେ । ଏବଂ ପରେ ଏମାନେ ସମସ୍ତେ ଆବୃତ୍ତ ହେବେ ।।୧୩୫,୧୩୬।। ଏଥିରେ ତ୍ରିକଳ । ପ୍ରଥମ ତାଳରେ ଏକକଳ ଶମ୍ୟା, ଦ୍ୱିକଳ ତାଳ, ତାହାପରେ ଦ୍ୱିକଳ ଶମ୍ୟା, ଦ୍ୱିକଳ ତାଳ, ଦ୍ୱିକଳ ସନ୍ନିପାତ ଏବଂ ଦ୍ୱିକଳ ଷଟ୍ ପିତାପୁତ୍ରକ ଓ ଚଞ୍ଚତ୍‌ପୁଟ ରହିବ । ଏ ବିଷୟରେ ଉଦାହରଣ:- *** (ଉପରେ) ।।୧୩୭,୧୩୮।।

ବଜ୍ରପାଣି : ସଂଗୀତ ଆବିଦ୍ଧ ରହିବ (୩୧,୨୦୧ରୁ ଦ୍ର.)(ଧାତୁରକରଣ) । ଏହାର ଦୁଇଟି ଅଂଶ ଏକକ ବା ବୃତ୍ତ (ପ୍ରବୃତ୍ତ) । ଏହାର ସଙ୍ଗୀତରେ ବ୍ୟଞ୍ଜନ ଧାତୁ(୨୯/୯୫-୧୦୧ଦ୍ର) ସମୂହର ଅର୍ଦ୍ଧସଂଖ୍ୟା ରହିବ ।।୧୩୯।। ବଜ୍ରପାଣିର ଏହିପରି ଅକ୍ଷର ବିନ୍ୟାସ ହେବ । ପାଞ୍ଚଟି ଗୁରୁ, ଛଅଟି ଲଘୁ । ଚତୁର୍ଗୁଣ ଗୁରୁ, ଦୁଇଟି ଗୁରୁ, ଗୋଟିଏ ଲଘୁ, ଚାରିଟି ଗୁରୁ, ଚାରିଟି ଲଘୁ, ତିନିଟି ଗୁରୁ, ଗୋଟିଏ ଲଘୁ, ଏବଂ ଗୋଟିଏ ଗୁରୁ ।।୧୪୦,୧୪୧।।

Digitized by srujanika@gmail.com

ଦ୍ୱିକଳେ ମନ୍ଦ୍ରକେ ଯତ୍ତୁ ଶମ୍ୟା ତାଳ ନିପାତନମ୍ ।
ତଦ୍ ସର୍ବଂ ବକ୍ତ୍ରପାଣୌ ତୁ ମୁଖେ ହ୍ୟଷ୍ଟକଳାଃ ସ୍ମୃତାଃ ।। ୧୪୨ ।।
ଶମ୍ୟା ତାଳୌ ତାଳଶମ୍ୟେ ତେଷୁ କୁର୍ଯ୍ୟାଦ୍ କ୍ରମେଣ ତୁ ।
ତାଳଂ ଶମ୍ୟାଚ ତାଳଂଚ ସନ୍ନିପାତଂ ତଥୈବ ଚ । ୧୪୩ ।।
ତସ୍ୟାଧସ୍ତାଦ୍ ପୁନଃ କାର୍ଯ୍ୟଂ ପଞ୍ଚପାଣି ଚତୁଷ୍ଟୟମ୍ ।
ବକ୍ତ୍ରପାଣେ ରୟଂ ତାଳୋ ମୁଖ ପ୍ରତିମୁଖାଶ୍ରୟଃ ।। ୧୪୪ ।।

ଅତ୍ରୋଦାହରଣମ୍- ଦିଦ୍‌ଭିଃ କୃଂଦୂଂ ଜମ୍ଭକ ପଜପତିୟାଃ, ରତୁଡ୍ ତାଦିଦ୍‌ଭେଯେ
ତୁଘିଷିଟୁ ନକିଟିଲ ନାଦୁଂ ଘଟୁ ବଟୁ କିଟି ମଟଦୁ ।

ଅଥ ସଂଘୋଟନା- ବିସ୍ତାର କରଣୈସ୍ତ୍ରିଭିଶ୍ଚ ଚିତ୍ରୈସ୍ତଥା ହି ବୃତ୍ତୈଶ୍ଚ ।
ତ୍ରିଭିଶ୍ଚାଭ୍ୟସ୍ତୋପଚୟୈ ର୍ବଦନ୍ତି ସଂଘୋଟନାବାଦ୍ୟମ୍ ।। ୧୪୫ ।।
ପୁନରଷ୍ଟୌ ହ୍ରସ୍ୱାଃ ସ୍ୟୁ ସ୍ତ୍ୱଥ ଗୁରୁ ନିଧନଂ ଚତଥା କାର୍ଯ୍ୟମ୍ ।
ସଂଘୋଟନବସ୍ତୁବିଧୌ ଜ୍ଞେୟଂ ଗୁରୁଲାଘବ ବିଧାନମ୍ ।। ୧୪୬ ।।
ଅଧିଦଣ୍ଡାଂ ହସ୍ତାଭ୍ୟାଂ ବୀଣାମୁପଗୃହ୍ୟ ଦକ୍ଷିଣାଙ୍ଗୁଲ୍ୟା ।
ଅଙ୍ଗୁଷ୍ଠାଭ୍ୟାଂ ଚ ସଦାକାର୍ଯ୍ୟଂ ସଂଘୋଟନାବାଦ୍ୟମ୍ ।। ୧୪୭ ।।

ଦ୍ୱିକଳ ମନ୍ଦ୍ରକ ଗାନରେ ପ୍ରଯୁକ୍ତ ଶମ୍ୟା ଓ ତାଳ ପ୍ରଣାଳୀ ବକ୍ତ୍ରପାଣିରେ ପ୍ରୟୋଗ କରାଯିବ । କିନ୍ତୁ ମୁଖରେ (ଆରମ୍ଭରେ) ଏଥିରେ ଆଠକଳା ରହିବ ।।(ଦ୍ର.,୩୧/୨୦୦୧ରୁ) ।।୧୪୨।। ବକ୍ତ୍ରପାଣିର ମୁଖ ଓ ପ୍ରତିମୁଖରେ ଏକାପରି ତାଳ ହେବ । ଗୋଟିଏ ଶମ୍ୟା, ଏକତାଳ, ଏକତାଳ, ଏକଶମ୍ୟା ଏକତାଳ, ଏକ ସନ୍ନିପାତ ଓ ପଞ୍ଚପାଣି ।।୧୪୩, ୧୪୪।। ଏ ବିଷୟର ଉଦାହରଣ ଉପରେ ଦେଖନ୍ତୁ ।

ସଂଘୋଟନାଃ ବିସ୍ତାର (ଧାତୁଶ୍ରେଣୀର) ତିନିକରଣ ଦ୍ୱାରା ସଂଘୋଟନାର ସଂଗୀତ ହେବ । ଏଥିରେ ଚିତ୍ର ଓ ବୃତ୍ତ ପଦ୍ଧତି ଅନୁସୃତ ହେବ । ଏହାର ଉପଚୟ ତିନିଥର ଅଭ୍ୟସ୍ତ (ଆବୃତ୍ତି) ହେବ । ଏହି ବାଦନକୁ ସଂଘୋଟନାବାଦ୍ୟ କରନ୍ତି । ସଂଘୋଟନାରେ ବିଷୟ ବସ୍ତୁର ଅକ୍ଷରଗୁଡ଼ିକ ଏକାପରି ହେବ । ଦୁଇଟି ଗୁରୁ, ଆଠଟି ଲଘୁ, ଦୁଇଟି ଗୁରୁ, ଏକ ଲଘୁ, ଏକ ଗୁରୁ, ଏକ ଲଘୁ, ଚାରି ଲଘୁ, ଆଠ ଲଘୁ ଏବଂ ଅନ୍ତ୍ୟ ଗୁରୁ ।।୧୪୬।। ସଂଘୋଟନାରେ ଦୁଇ ହାତରେ ଧରାଯାଇଥିବା ଦଣ୍ଡବୀଣାଟି, ଦକ୍ଷିଣ ହସ୍ତର ଅଙ୍ଗୁଳି ଓ ଅଙ୍ଗୁଷ୍ଠ ଦୁଇଟି ଦ୍ୱାରା ବଜାଯିବ । (ବୃଦ୍ଧାଆଙ୍ଗୁଳି)।।୧୪୭।।

Digitized by srujanika@gmail.com

ସଂଘୋଟନେ ସ୍ୱରାଣାଂ ସଂବାଦି ବିବାଦିନଶ୍ଚାପି ।
ସଂଘୋଟନାତ୍ ତ୍ୱଭିହିତାଃ ଶେଷାନୁବାଦିଭିର୍ଣ୍ଣେବ ।
ଅସ୍ୟା ସ୍ତାଳଃ ଶୀର୍ଷକବତ୍ ପଞ୍ଚପାଣି ବିହିତଃ ॥ ୧୪୮ ॥

ଅତ୍ରୋଦାହରଣମ୍-

ଝଂଡ଼ଂ ଜଗତି ଶବଳିତ କତ୍ଥୁ ଟୁଡୁଂଟୁଂ ମହାଯୋଗି କ୍ଷୁକ(?) କପାଳ ଯାସୁପତି ଗଣପତିକ ।

ଅଥ ପରିଘଟ୍ଟନା-ଦୀର୍ଘାଣ୍ୟାଦାବଷ୍ଟୌ ଲଘୂନି କୁର୍ଯ୍ୟାତ୍ ପୁନର୍ଦ୍ୱିଗୁଣିତାନି ।
ହ୍ରସ୍ୱାନ୍ୟପି ଚତ୍ୱାରି ଦ୍ୱିଗୁଣାନି ସ୍ୟୁଃ ସଦୀର୍ଘାଣି ॥ ୧୪୯ ॥
ଷୋଡ଼ଶ ଲଘୂନି ସ୍ୟୁଃ ସଗୁରୂଣ୍ୟନ୍ତେ ତଥୈବ କାର୍ଯ୍ୟାଣି ।
ଏଷ ସପରିଘଟ୍ଟନାୟା ଗୁରୁଲଘୁବସ୍ତୁକ୍ରମଃ ପ୍ରୋକ୍ତଃ ॥ ୧୫୦ ॥
ବାଦ୍ୟଂ ଚାସ୍ୟ ତଜ୍‌ଜ୍ଞୈଃ ସୋପବହନଂ ହସ୍ତଲାଘବାତ୍ କାର୍ଯ୍ୟମ୍ ।
ବ୍ୟଞ୍ଜନ ଧାତୁ ସମୁତ୍‌ଥଂ ନାନାକରଣାଶ୍ରୟୋପେତମ୍ ॥ ୧୫୧ ॥
ସଂପକ୍ଵେଷ୍ଟାକଃ ସ୍ୟାତ୍ ତାଳଃ କରଣୈସ୍ତୁ ଧାତୁ ସଂଯୁକ୍ତୈଃ ।
ଗୁରୁଲଘୁଯୋଗାଦେବଂ ବିହିତଂ କାର୍ଯ୍ୟଂ ବୁଧୈର୍ନିତ୍ୟମ୍ ॥ ୧୫୨ ॥
ଚତ୍ୱାରି ଗୁରୂଣି ସ୍ୟୁଃ ଲଘୂନି, ଚତ୍ୱାର୍ଯ୍ୟଥ ଦ୍ୱିଗୁଣିତାନି ।
ଗୁରୂଣି ଲଘୂନି ଚାଷ୍ଟାବନ୍ତ୍ୟଂ ଗୁରୁଚେତି
ଗୁରୂଣି ଲଘୂନି ଚ ତଥାସ୍ୟୁଃ ମାର୍ଗାସାରିତେ ଚ ବସ୍ତୁନି ॥ ୧୫୩ ॥
ମାର୍ଗାସାରିତେ ବାଦ୍ୟଂ ବିସ୍ତାରବିଦ୍ଧକରଣସଂଯୁକ୍ତମ୍ ।
ତାନୈଃ ସୁକଳୈରଥ ଗୁରୁଲଘୁ ସଂଚୟୈଃ ସ୍ୟାଦୟମ୍ ॥ ୧୫୪ ॥

ସଂବାଦୀ ଓ ବିବାଦୀ ଅବଶିଷ୍ଟ ଅନୁବାଦୀ ସ୍ୱରସମୂହ ଏକତ୍ର ବଜାଯାଏ ବୋଲି ଏହାର ସଂଘୋଟନା ନାମ ହୋଇଅଛି । ଶୀର୍ଷକ ପରି ଏହାର ତାଳରେ ପଞ୍ଚପାଣି ରହିବ । ଉଦାହରଣ (ଉପରେ ଦେଖନ୍ତୁ)॥୧୪୮॥

ପରିଘଟ୍ଟନା- ପରିଘଟ୍ଟନାର ଏହିପରି ଅକ୍ଷର ବିନ୍ୟାସ- ପ୍ରଥମେ ଆଠ ଗୁରୁ, ଷୋହଳ ଲଘୁ, ନଅ ଲଘୁ, ଆଠଗୁରୁ, ଷୋହଳ ଲଘୁ, ଶେଷରେ ଦୁଇଟି ଗୁରୁ । ପରିଘଟ୍ଟନାର ଗୁରୁଲଘୁ ଅକ୍ଷର ବିନ୍ୟାସ ଯୋଗୁଁ ଏହାର ସଂପକ୍ଵେଷ୍ଟାକ ତାଳ ହେବ ॥୧୫୨॥ ମାର୍ଗାସାରିତର ବସ୍ତୁରେ ଏହିପରି ଅକ୍ଷର ବିନ୍ୟାସ ହେବ । ଚାରି ଗୁରୁ, ଆଠ ଲଘୁ, ଆଠଗୁରୁ, ଆଠଗୁରୁ, ଆଠ ଲଘୁ ଏବଂ ଶେଷରେ ଗୁରୁ ॥୧୫୩॥ ମାର୍ଗାସାରିତରେ ବାଦ୍ୟରେ ବିସ୍ତାର ଏବଂ ଆବିଦ୍ଧଧାତୁର କରଣ ରହିବ । ଏଥିରେ ଅକ୍ଷର ବିନ୍ୟାସ ଅନୁଯାୟୀ ସବୁ ତାଳ ରହିବ ॥୧୫୪॥ ଏହାର ଉଦାହରଣ ଉପରେ ଦେଖନ୍ତୁ ।

Digitized by srujanika@gmail.com

ଅତ୍ରୋଦାହରଣମ୍-ଦିଗ୍ଗଦ୍ ସଂଟୁଂ ଜଗତି ପଚତିନକଦିହ୍ନେ ସଂଟୁଂ ।
ଅଥବା- ଚତ୍ୱାରି ତୁ ଗୁରୂଣି ସ୍ୟୁଃ ହ୍ରସ୍ୱାନ୍ୟଷ୍ଟୌଭବନ୍ତି ହି ।
ଗୁରୂଣି ତଥା ହ୍ରସ୍ୱାନି ଦୀର୍ଘମନ୍ତ୍ୟ ମଥାପି ବା ॥ ୧୫୫ ॥
ଅତ୍ରାପି ଉଦାହରଣମ୍-ଦିଙ୍କଟୁଂ ଜଗତି ଯବତି ଯବନି ରଂଟୁଂ ତିତି ଝଲ କୁଲ ତିତିବା ।

ଅଥଲୀଲାକୃତମ୍-

କନିଷ୍ଠା ସାରିତ ବିଧୌଚାସ୍ୟ ତାଳ ଶ୍ରବଣ ମଧୁରାଣି ଲୀଲାକୃତାନିଚ ।
ଅଭିସୃତ-ପରିସୃତାଟି ତାନ୍ୟର୍ଥବଶାଦିହ କର୍ତ୍ତବ୍ୟାନି ପ୍ରୟୋଗଜ୍ଞୈଃ ॥ ୧୫୬ ॥
ଅଥାସାରିତାନି ଜ୍ୟେଷ୍ଠ ମଧ୍ୟ କନିଷ୍ଠାନି, ତାନି ଚ ତାଳମାଳ ପ୍ରମାଣ ନିବଦ୍ଧାନି ତାଳବିଧାନେ ଯଥାକ୍ରମଂ ବ୍ୟାଖ୍ୟାସ୍ୟେ ।
ଏବମେତଦ୍ ସ୍ୱରଗତଂ ଜ୍ଞେୟଂ ବୀଣା ଶରୀରରଜମ୍ ।
ଅତ ଉର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ସୁଷିରାତୋଦ୍ୟ ଲକ୍ଷଣମ୍ ॥ ୧୫୭ ॥

ଇତି ଭରତନାଟ୍ୟ ଶାସ୍ତ୍ରେ ତତବିଧି ର୍ନାମ ଏକୋନତ୍ରିଂଶଃ ଅଧ୍ୟାୟଃ ।

ଅଥବା ଏହା ଏହିପରି ହୋଇପାରେ- ଚାରି ଗୁରୁ, ଆଠ ଲଘୁ, ତିନି ଗୁରୁ, ତିନି ଲଘୁ ଏବଂ ଅନ୍ତରେ ଗୁରୁ ॥ ଉଦାହରଣ ଉପରେ ଦେଖନ୍ତୁ ॥୧୫୫॥

ଲୀଳାକୃତ-

ପ୍ରୟୋଜନ ଅନୁଯାୟୀ ନିପୁଣ ପ୍ରୟାଜକମାନେ ହ୍ରସ୍ୱ ଆସାରିତ ବିଧି ଅନୁସାରେ ଲୀଳାକୃତ, ଅଭିସୃତ ଓ ପରିସୃତର ଅନୁଷ୍ଠାନ କରିବେ । ଏଥିରେ ଶ୍ରୁତି ମଧୁର ତାଳ ବ୍ୟବହାର ହେବ । ଆସାରିତ ଗୁଡ଼ିକ ଜ୍ୟେଷ୍ଠ (ଦୀର୍ଘ) ହୋଇପାରେ, ମଧ୍ୟ ଓ କନିଷ୍ଠ ମଧ ହୋଇପାରେ । ତାଙ୍କ ଓ ପରିମାଣ ସହିତ ସମ୍ବନ୍ଧ ଏହିସବୁ କ୍ରମାନୁସାରେ ତାଳ ବିଧିରେ ବ୍ୟାଖ୍ୟା କରିବି ॥

ବୀଣାରୁ ସ୍ୱର ସମ୍ବନ୍ଧରେ ଏହି ସମସ୍ତ ବିଷୟ ଜାଣିବା ଉଚିତ୍ । ଏହାପରେ ସୁଷିର (ବଂଶୀ) ବାଦ୍ୟର ଲକ୍ଷଣ ବିଷୟ କହିବି ॥୧୫୭॥

ଭରତ ନାଟ୍ୟ ଶାସ୍ତ୍ରରେ ତତବିଧି ନାମକ ଅଣତିରିଶ ଅଧ୍ୟାୟ ସମାପ୍ତ

❑❑❑

Digitized by srujanika@gmail.com

ତ୍ରିଂଶଃ ଅଧ୍ୟାୟଃ ।

ସୁଷିର ବାଦ୍ୟମ୍ ।

ଆତୋଦ୍ୟଂ ସୁଷିରଂ ନାମ ଜ୍ଞେୟଂ ବଂଶକୃତଂ ବୁଧୈଃ ।
ବୈଣ ଏବ ବିଧିସ୍ତତ୍ର ସ୍ୱରଗ୍ରାମ ସମାଶ୍ରୟଃ ।। ୧ ।।
ଦ୍ୱିକତ୍ରିକ ଚତୁଷ୍କାଶ୍ଚ ଜ୍ଞେୟା ବଂଶଗତାଃ ସ୍ୱରାଃ ।
କମ୍ପମାନାର୍ଦ୍ଧ ମୁକ୍ତାଶ୍ଚ ବ୍ୟକ୍ତମୁକ୍ତାସ୍ତଥୈବ ଚ ।। ୨ ।।
ତତ୍ରୋପରି ଯଥାହ୍ୟେକସ୍ୱରୋ ବୈଡଃ ସ୍ୱରାନ୍ତରେ ।
ପ୍ରାପ୍ନୋତ୍ୟନ୍ୟତ୍ୱ ମେବେହ ତଥା ବଂଶଗତୋଽପି ହି ।। ୩ ।।
ଦ୍ୱିକ-ତ୍ରିକ-ଚତୁଷ୍କୋ ବା ସ୍ୱରଃ ସ୍ୟାଦ୍ ଶ୍ରୁତିସଂଖ୍ୟୟା ।
ଅନୀରଣାଦ୍ତୁ ଶେଷାଣାଂ ସ୍ୱରାଣାମପି ସମ୍ଭବଃ ।। ୪ ।।
ସ୍ୱରାଣାଂ ଚ ଶ୍ରୁତିକୃତଂ ଚତୁସ୍ତ୍ରିଦ୍ୱିଭିଶ୍ଚ ଲକ୍ଷଣମ୍ ।
ଅଙ୍ଗୁଳିପାତନ (ବାଦନ)କୃତଂ ତଚ୍ଚମେ ସନ୍ନିବୋଧତ ।। ୫ ।।
ବ୍ୟକ୍ତମୁକ୍ତାଙ୍ଗୁଳିସ୍ତତ୍ର ସ୍ୱରୋଜ୍ଞେୟଃ ଚତୁଃଶ୍ରୁତିଃ ।
କମ୍ପମାନାଙ୍ଗୁଳି ଶ୍ଚୈବ ତ୍ରିଶ୍ରୁତଃ ପରିକୀର୍ତ୍ତ୍ୟତେ ।। ୬ ।।
ଦ୍ୱିକୋଽର୍ଦ୍ଧାଙ୍ଗୁଳିମୁକ୍ତସ୍ତୁ ଏବଂ ଶ୍ରୁତ୍ୟାଶ୍ରିତାଃ ସ୍ୱରାଃ ।
ଏତେ ସ୍ୟୁର୍ମଧ୍ୟମଗ୍ରାମେ ଭୂୟଃ ଷଡ୍‌ଜାଶ୍ରିତାଃ ପୁନଃ ।। ୭ ।।

(ବଂଶୀ) ସୁଷିର ବାଦ୍ୟଯନ୍ତ୍ର ବାଉଁଶ ନଳୀରେ ତିଆରି କରାଯାଏ ବୋଲି ସଂଗୀତଜ୍ଞମାନେ ଜାଣିବା ଦରକାର । ଏଥିରେ ସ୍ୱର ଓ ଗ୍ରାମ ସମ୍ବନ୍ଧୀୟ ବିଧି ବୀଣା ପରି ।।୧।। ବଂଶର ସ୍ୱରଗୁଡ଼ିକ ଦ୍ୱି-ତ୍ରି ଏବଂ ଚତୁଃଶ୍ରୁତି ବିଶିଷ୍ଟ ବୋଲି ଜାଣିବ । ଏଗୁଡ଼ିକ କମ୍ପିତ ଅର୍ଦ୍ଧମୁକ୍ତ ଏବଂ ବ୍ୟକ୍ତମୁକ୍ତ ।।୨।। ତା ଉପରେ ବୀଣାରେଯେପରି ଗୋଟିଏ ସ୍ୱର ଆଉ ଗୋଟିଏ ସ୍ୱରରେ ରୂପାନ୍ତରିତ ହୁଏ । ବଂଶୀରେ ମଧ୍ୟ ସେହିପରି ଏକସ୍ୱର ଅନ୍ୟସ୍ୱରରେ ପରିବର୍ତ୍ତିତ ହୁଏ ।।୩।। ବଂଶୀରେ ଜାତ ସ୍ୱରର ଶ୍ରୁତିସଂଖ୍ୟା ଦୁଇ ହୁଏ କିମ୍ବା ତିନି ବା ଚାରି ଏବଂ ଅଙ୍ଗୁଳିପାତନ ଦୀର୍ଘାୟିତ କରି ଅବଶିଷ୍ଟ ସ୍ୱରକୁ ଉତ୍ପାଦନ କରାଯାଏ ।।୪।। ଅଙ୍ଗୁଳି ପ୍ରୟୋଗ ଦ୍ୱାରା ଉତ୍ପନ୍ନ (ବଂଶୀ ବଜାଉଥିବା ସମୟରେ) ଚାରି ତିନି ବା ଦୁଇ ଶ୍ରୁତିଦ୍ୱାରା ସ୍ୱରଲକ୍ଷଣ ନିର୍ଦ୍ଧାରିତ ହୁଏ । ଏ ବିଷୟରେ ମୋଠାରୁ ଶୁଣ ।।୫।। ବ୍ୟକ୍ତମୁକ୍ତାଙ୍ଗୁଳି ନାମକ ସ୍ୱର ଚତୁଃଶ୍ରୁତି ଏବଂ କମ୍ପମାନାଙ୍ଗୁଳି ନାମକ ସ୍ୱର ତ୍ରିଶ୍ରୁତି ବୋଲି ପରିଚିତ । (ସଂପୂର୍ଣ୍ଣ ଅଙ୍ଗୁଳିମୁକ୍ତ ସ୍ୱର ୪ ଶ୍ରୁତି ବିଶିଷ୍ଟ ହୁଏ । ଯେଉଁ ଛିଦ୍ରରେ କମ୍ପିତ ଅଙ୍ଗୁଳି ସ୍ଥାପିତ ହୁଏ ତହିଁରୁ ଉତ୍ପନ୍ନ ସ୍ୱର ତ୍ରିଶ୍ରୁତି ହୁଏ । ଏଣୁ ଏମାନଙ୍କର ଏହି ନାମ ସାର୍ଥକ ।) ଯେଉଁ ଛିଦ୍ର ଅଙ୍ଗୁଳିରୁ ଅର୍ଦ୍ଧମୁକ୍ତ ତହିଁରୁ ଦ୍ୱିଶ୍ରୁତି ସ୍ୱର ଉତ୍ପନ୍ନ ହୁଏ । ଏଣୁ ଏହାକୁ ଅର୍ଦ୍ଧମୁକ୍ତ କହନ୍ତି । ଏମାନେ ସମସ୍ତେ ମଧ୍ୟମ ଗ୍ରାମର ସ୍ୱର ।।୭।।

Digitized by srujanika@gmail.com

ବ୍ୟକ୍ତମୁକ୍ତାଙ୍ଗୁଳିକୃତା ଷଡ୍‌ଜମଧ୍ୟମ ପଞ୍ଚମାଃ ।
ଧୈବତଷ୍ଟାର୍ଷଭ ଶ୍ଚୈବ କମ୍ପମାଳାଙ୍ଗୁଳିକୃତୌ ।। ୮ ।।
ଅର୍ଧମୁକ୍ତାଙ୍ଗୁଳିଶ୍ଚୈବ ଗାନ୍ଧାରୋଥ ନିଷାଦବାନ୍ ।
ସ୍ୱରସାଧାରଣେ ଚାପି କାକଲ୍ୟନ୍ତରସଂଜ୍ଞନେ ।। ୯ ।।
ନିଷାଦ ଗାନ୍ଧାରୟୋଶ୍ଚ ଷଡ୍‌ଜ ମଧ୍ୟମୟୋରପି ।
ବିପର୍ଯ୍ୟଯଃ ସନ୍ନିକର୍ଷେ ଶ୍ରୁତି ଲକ୍ଷଣ ସିଦ୍ଧିତଃ ।। ୧୦ ।।
ବୈଣକଣ୍ଠପ୍ରଦେଶେନ ସିଦ୍ଧା ବଂଶାଶ୍ରିତାଃ ସ୍ୱରାଃ ।
ଯଂ ଯଂ ଗୀତଃ ସ୍ୱରଂ ଗଚ୍ଛେତ୍‌, ତଂତଂବଂଶେନ ବାଦେୟତ୍ ।
ଶାରୀର ବୈଣବଂଶାନାମ୍ ଏକୀଭାବଃ ପ୍ରଶସ୍ୟତେ ।। ୧୧ ।।
ଅବିଚଳିତ ମବିକୃଷ୍ଟଂ ବର୍ଣ୍ଣାଳଂକାରସଂଯୁତଂ ମନ୍ଦ୍ରମ୍ ।
ବିଧିବଲ୍ଲଳିତଂ ମଧୁରଂ ବେଣୋରେବଂ ସ୍ପୁତଂ ବାଦ୍ୟମ୍ ।। ୧୨ ।।
ଏବମେତଦ୍ ସ୍ୱରକୃତଂ ବିଜ୍ଞେୟଂ ବଂଶଯୋକ୍ତୃଭିଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଘନାତୋଦ୍ୟ ବିକଳ୍ପନମ୍ ।। ୧୩ ।।
ଇତି ଭରତନାଟ୍ୟଶାସ୍ତ୍ରେ ସୁଷିରାତୋଦ୍ୟ ବିଧାନମ୍ ନାମ ତ୍ରିଂଶ ଅଧ୍ୟାୟଃ ।

ଷଡ୍‌ଜ ଗ୍ରାମର ସ୍ୱରଗୁଡ଼ିକ ହେଲା ଷଡ୍‌ଜ, ମଧ୍ୟମ ଓ ପଞ୍ଚମ ବ୍ୟକ୍ତମୁକ୍ତ ଅଙ୍ଗୁଳିକୃତ ଛିଦ୍ରରୁ ଉତ୍ପନ୍ନ । ଧୈବତ ଓ ଋଷଭ କମ୍ପିତ ଅଙ୍ଗୁଳିଦ୍ୱାରା ଆବୃତ ଛିଦ୍ରରୁ ହେବେ ଏବଂ ଅଙ୍ଗୁଳିରୁ ଅର୍ଦ୍ଧମୁକ୍ତ ଛିଦ୍ରରୁ ଗାନ୍ଧାର ଓ ନିଷାଦ ଉତ୍ପନ୍ନ ହେବେ ।।୮,୯।। ଷଡ୍‌ଜ ସହିତ ନିଷାଦ ଓ ମଧ୍ୟମ ସହିତ ଗାନ୍ଧାର ରହିଲେ ବିଶିଷ୍ଟ ଶ୍ରୁତିରେ ରୂପାନ୍ତରିତ ହୋଇ ସ୍ୱରସାଧାରଣ ଓ କାକଳୀ ସ୍ୱର ଉତ୍ପାଦନ କରିବ ।।୧୦।।

ବଂଶୀର ସ୍ୱରକୁ ବୀଣା ଓ ମାନବକଣ୍ଠ ସାହାଯ୍ୟରେ ସର୍ବାଙ୍ଗ ସୁନ୍ଦର କରିବାକୁ ହୁଏ । ଗୀତ ଯେଉଁ ଯେଉଁ ସ୍ୱରକୁ ଆଶ୍ରୟ କରିବ ବଂଶୀବାଦ୍ୟରେ ସେହି ସେହି ସ୍ୱରକୁ ବଜାଇବା ଉଚିତ । ମାନବକଣ୍ଠ ବୀଣାର ଝଙ୍କାର ଓ ବଂଶୀରତାନ ଏକ ହେଲେ ପ୍ରଶଂସା କରାଯାଇଥାଏ ।।୧୧।।

ବେଣୁବାଦ୍ୟ ଧୀରଭାବେ ମଧୁର ସ୍ୱରରେ ବର୍ଣ୍ଣ ଅଳଙ୍କାର ଶୋଭିତ ହୋଇ ମନ୍ଦସ୍ୱରରେ ବିଧାନ ଅନୁଯାୟୀ ଲଳିତ ଭଙ୍ଗୀରେ ବାଜିଲେ ବେଣୁସ୍ୱନ ବୋଲି ଜଣା ପଡ଼ିଥାଏ ।।୧୨।। ଏହି ସମସ୍ତ ବିଜ୍ଞବଂଶୀବାଦକ ବଂଶୀ ଉତ୍ପାଦିତ ସ୍ୱର ସମ୍ବନ୍ଧରେ ଜାଣିବେ ।
ଏହାପରେ ଘନ ଆତୋଦ୍ୟ ବିଷୟବିଚାର କହିବି ।।୧୩।।

ଭରତ ନାଟ୍ୟଶାସ୍ତ୍ରରେ ସୁଷିରାତୋଦ୍ୟବିଧାନ ନାମକ
ତ୍ରିଂଶ ଅଧ୍ୟାୟ ସମାପ୍ତ ।

□□□

Digitized by srujanika@gmail.com

ଏକତ୍ରିଂଶଃ ଅଧ୍ୟାୟ

ତାଳବ୍ୟଞ୍ଜକ

ତାଲୋ ଘନ ଇତି ପ୍ରୋକ୍ତଃ କଳାପାତଲୟାନ୍ୱିତଃ ।
କଳାସ୍ତସ୍ୟ ପ୍ରମାଣଂ ବୈ ବିଜ୍ଞେୟଂ ତାଲଯୋକ୍ତୃଭିଃ ॥ ୧ ॥
ଯା ଲୌକିକୀ କଳା କାଷ୍ଠା ନିମେଷଷ୍ଟ ସ୍ମୃତାବୁଧୈଃ ।
ନ ସା ତାଳକଳା ଜ୍ଞେୟା ହ୍ୟନ୍ୟୈଷା ତାଳଜା କଳା ॥ ୨ ॥
ନିମେଷାଃ ପଞ୍ଚମାତ୍ରା ସ୍ୟାନ୍ ମାତ୍ରାଯୋଗାଦ୍ କଳା ସ୍ମୃତା ।
ନିମେଷାଃ ପଞ୍ଚବିଜ୍ଞେୟା ଗୀତକାଳେ କଳାନ୍ତରମ୍ ॥
ତତଃ କଳାକାଳ କୃତୋ ଲୟ ଇତ୍ୟଭିସଂଜ୍ଞିତଃ ॥ ୩ ॥
ତ୍ରୟୋ ଲୟାସ୍ତୁ ବିଜ୍ଞେୟା ଦ୍ରୁତ ମଧ୍ୟ ବିଳମ୍ବିତାଃ ।
ଯସ୍ତତ୍ରତୁ ଲୟୋ ମଧ୍ୟଃ ତଦ୍‌ପ୍ରମାଣ କଳା ସ୍ମୃତ ॥ ୪ ॥
ତ୍ରିବିଧା ସା ଚ ବିଜ୍ଞେୟା ତ୍ରିମାର୍ଗ ନିୟତା ବୁଧୈଃ ।
ଚିତ୍ରେ ଦ୍ୱିମାତ୍ରା କର୍ତ୍ତବ୍ୟା ବୃତ୍ତୌ ସା ଦ୍ୱିଗୁଣା ସ୍ମୃତା ॥ ୫ ॥
ଚତୁର୍ଗୁଣା ଦକ୍ଷିଣେ ସ୍ୟାଦ୍ ଇତ୍ୟେବଂ ତ୍ରିବିଧା କଳା ।
କଳାକାଳ ପ୍ରମାଣେନ ତାଳ ଇତ୍ୟଭିସଂଜ୍ଞିତଃ ॥ ୬ ॥

ତାଳ ଅର୍ଥାତ୍ ଝାଞ୍ଜ ଗିନିପରିବାରର କାଂସ୍ୟ ବାଦ୍ୟସବୁ ଘନ ଶ୍ରେଣୀର ବାଦ୍ୟ ଅଟେ । ଏହା କଳାପାତ ଏବଂ ଲୟ ସମ୍ବନ୍ଧରେ କାର୍ଯ୍ୟକରେ । ତାଳବିଦ୍‌ମାନେ କଳା ଏବଂ ତାହାର ପ୍ରମାଣ ବିଷୟ ଜାଣିବା ଉଚିତ୍ ॥ ୧ ॥

ପ୍ରଚଳିତ ଲୋକ ବ୍ୟବହାରରେ କାଷ୍ଠା ନିମେଷ ଓ କଳା ପ୍ରଭୃତି କାଳମାନ ବିଶିଷ୍ଟ କଳା ଏ କଳା ନୁହେଁ । ଏହା ତାଳଜନିତ ଅନ୍ୟ ଏକ କଳା ॥ ୨ ॥

ପାଞ୍ଚ ନିମେଷରେ ଏକମାତ୍ରା ହୁଏ । ମାତ୍ରାର ବର୍ଗୀକରଣରୁ କଳା ଜନ୍ମଲାଭ କରେ । ଗାନ ସମୟରେ ପାଞ୍ଚନିମେଷ ଦୁଇକଳାର ମଧ୍ୟବର୍ତ୍ତୀ ଅନ୍ତର ବୁଝିବାକୁ ହେବ । ଗୀତକାଳରେ ଅନ୍ୟ କଳା ହୁଏ । ତାହାପରେ କଳାକାଳ ଦ୍ୱାରା ଲୟ ହୋଇଥାଏ ॥ ୩ ॥

ଦ୍ରୁତ, ମଧ୍ୟ ଓ ବିଳମ୍ବିତ ନାମରେ ଲୟ ତିନି ପ୍ରକାର । ଏମାନଙ୍କ ମଧ୍ୟରେ ଲୟ ପ୍ରମାଣ କଳା ନିର୍ଦ୍ଧାରଣ କରେ ॥ ୪ ॥ ଏହି କଳା ତିନି ପ୍ରକାର ତିନି ମାର୍ଗ ଦ୍ୱାରା ନିର୍ଦ୍ଧାରିତ ହୁଏ ବୋଲି ବିଜ୍ଞମାନେ କୁହନ୍ତି । ଚିତ୍ର (ବୃତ୍ତି)ରେ ତିନି ମାତ୍ରା ରହିବ । ବୃତ୍ତିରେ ତାହାର ଦ୍ୱିଗୁଣ, ଦକ୍ଷିଣରେ ଚାରିଗୁଣ । ଏହା ବିବିଧ କଳା, ଗାନକୁ କଳାରେ ଭାଗ କରିଲେ ପରିମାଣ ହୁଏ ବୋଲି ତାଳ ଏହି ନାମରେ ପରିଚିତ ॥ ୪, ୫, ୬ ॥

Digitized by srujanika@gmail.com

ଚତୁରସ୍ରଷ୍ଟ ତ୍ର୍ୟସ୍ରଶ୍ଚ ତାଳୋ ଦ୍ୱିବିଧ ଏବ ହି ।
ଦ୍ୱିବିଧସ୍ୟାପି ତାଳସ୍ୟ ଚୈକା ପ୍ରକୃତି ରିଷ୍ୟତେ ॥ ୭ ॥
ତତା ଯୋନି ଦ୍ୱୟଂ ଚାସ୍ୟ କୀର୍ତ୍ତ୍ୟମାନଂ ନିବୋଧତ ।
ଚଞ୍ଚତ୍ ପୁଟସ୍ତୁ ବିଜ୍ଞେୟଃ ତଥା ଚାଚପୁଟୋଽପିଚ ॥ ୮ ॥
ଚତୁଷ୍କଳସ୍ତୁ ବିଜ୍ଞେୟଃ ତାଳଃ ଚଞ୍ଚତ୍‌ପୁଟୋବୁଧୈଃ ।
ତ୍ର୍ୟସ୍ରଃ ଚାଚପୁଟଶ୍ଚୈବ ଗୁରୁଲଘ୍ୱକ୍ଷରାନ୍ୱିତଃ ॥ ୯ ॥
ପ୍ରଥମଂ ଗୁରୁଣୀ କୃତ୍ୱା ଲଘୁ ଚାନ୍ତ୍ୟଂ ପ୍ଲୁତଂ ତଥା ।
ଅକ୍ଷରାଣାଂ ନିବେଶେନ ସ ତୁ ଚଞ୍ଚତ୍‌ପୁଟ ସ୍ତଦା ॥ ୧୦ ॥
ଆଦୌ ଗୁର୍ବକ୍ଷରଂ ଯତ୍ର ଲଘୁନୀ ଗୁରୁଚୈବ ହି ।
ତ୍ର୍ୟସ୍ରଃ ସ ଖଲୁ ବିଜ୍ଞେୟଃ ତାଳଃ ଚାଚପୁଟୋ ଭବେତ୍ ॥ ୧୧ ॥
ଅନୟୋର୍ମିଶ୍ରଭାବାଚ୍ଚ ମିଶ୍ରତାଳଃ ପ୍ରକୀର୍ତ୍ତିତଃ ।
ଷଟ୍‌ପିତାପୁତ୍ରକଶ୍ଚୈବ ପଞ୍ଚପାଣିଃ ସଚେଷ୍ୟତେ ॥ ୧୨ ॥
ଯଥୋକ୍ତୈରଭିନିଷ୍ପନ୍ନଃ ସ୍ୱସଂଜ୍ଞା ଗୁରୁଲାଘବୈଃ ।
ସମାସଯୋଗାତ୍ ତାଳୋଽୟଂ ତ୍ରିବିଧଃ ପରିକୀର୍ତ୍ତିତଃ ॥ ୧୩ ॥

ଚତୁରସ୍ର ଓ ତ୍ର୍ୟସ୍ର ନାମରେ ତାଳ ଦୁଇ ପ୍ରକାର । ଦୁଇ ପ୍ରକାରର ପ୍ରକୃତି (ଉଦ୍‌ଭବ) ଗୋଟିଏ ॥ ୭ ॥ ଏହାର ଚଞ୍ଚତ୍‌ପୁଟ ଓ ଚାଚପୁଟ ବୋଲି ଦୁଇଟି ମୂଳ ରହିଅଛି ବୋଲି ଜାଣିବ ॥ ୮ ॥

ଏହି ପ୍ରତ୍ୟେକରୁ ଚତୁଷ୍କଳ ବା ଦ୍ୱିକଳତାଳ ଜାତ ହୁଏନା ଚଞ୍ଚତ୍‌ପୁଟ ଚତୁଷ୍କଳା ତାଳ ଓ ଚାଚପୁଟ ତ୍ର୍ୟସ୍ର ତଥା ଗୁରୁଲଘୁ ଅକ୍ଷର ସମନ୍ୱିତ ହୋଇଥାଏ ॥ ୯ ॥

ଚଞ୍ଚତ୍‌ପୁଟରେ ପ୍ରଥମେ ଦୁଇଟି ଗୁରୁ ଅକ୍ଷର ତାପରେ ଗୋଟିଏ ଲଘୁ ଓ ଶେଷ ଅକ୍ଷରଟି ପ୍ଲୁତ ହେବ ॥ ୧୦ ॥

ଯେଉଁଥିରେ ପ୍ରଥମେ ଗୁରୁ ଅକ୍ଷର ଦୁଇଟି ଲଘୁ ଏବଂ ଶେଷରେ ଗୁରୁ ଅକ୍ଷର ତାହାକୁ ତ୍ର୍ୟସ୍ରସଂପୁଟ ବୋଲି ଜାଣିବ । ତାଳ ଚାଚପୁଟ ହୋଇଥାଏ । ଏ ଦୁହିଁଙ୍କର ମିଶ୍ରଣ ହେତୁ ଏହାକୁ ମିଶ୍ରତାଳ କୁହାଯାଏ ॥ ୧୧/୧୨ ॥

ଏହି ମିଶ୍ରତାଳ ଅନ୍ତର୍ଗତ ଷଟ୍‌ପିତାପୁତ୍ରକ ଓ ପଞ୍ଚପାଣି ନିଜନାମସ୍ଥିତ ଦୀର୍ଘ ଓ ହ୍ରସ୍ୱ ସ୍ୱର ଅନୁଯାୟୀ ଏଗୁଡ଼ିକ ଗଠିତ । ସଂକ୍ଷେପରେ ଏଗୁଡ଼ିକ ତ୍ରିବିଧ ତାଳ ॥ ୧୩ ॥

Digitized by srujanika@gmail.com

ସନ୍ନିପାତସ୍ତତଃ ଶମ୍ୟା ତାଳଃ ଶମ୍ୟା ଅଥାପିବା ।
ଶମ୍ୟାତାଳୌ ଦ୍ୱିରଭ୍ୟସ୍ତୌ ତାଳଶମ୍ୟା ତଥୈବ ତ ॥ ୧୪ ॥
ସନ୍ନିପାତାଦିକୋ ଜ୍ଞେୟଃ ଶମ୍ୟାଦିଶ୍ଚ ତଥାପରଃ ।
ତାଳାଦିଶ୍ଚ ତ୍ରିଭିର୍ଭେଦୈଃ ପୁନଃ ଚଞ୍ଚତ୍‌ପୁଟୋଭବେତ୍ ॥ ୧୫ ॥
ସ୍ନିପାତାଦିକୋ ନାଟ୍ୟେ ଚତୁରସ୍ରୋ ଭବେଦୟମ୍ ।
ଶମ୍ୟାଦିକସ୍ତୁ ବିଜ୍ଞେୟଃ ତଜ୍‌ଜ୍ଞୈ ରାସାରିତାଦିଷୁ ॥ ୧୬ ॥
ତାଳାଦିକଃ ତଥା ପ୍ରୋକ୍ତୋ ବିଦ୍ୱଦ୍‌ଭିଃ ପାଣିକାଦିଷୁ ।
ଚଞ୍ଚତ୍-ପୁଟସ୍ୟ ଯେ ଭେଦାସନ୍ନିପାତାଦୟ ସ୍ତ୍ରୟଃ ॥ ୧୭ ॥
ତଏବ ଭେଦା ବିଜ୍ଞେୟା ବୁଧୈଃ ଚାଚ ପୁଟେ ପୃଥକ୍ ।
ସନ୍ନିପାତାଦିକସ୍ତସ୍ୟ ବଳବାନିତରୋଽପି ଚ ॥ ୧୮ ॥
ଷଟ୍‌କଳୋଽଷ୍ଟକଳଶ୍ଚୈବ ତାଳୋହ୍ୟସ୍ମାଦ୍ ପ୍ରବର୍ତ୍ତତେ ।
ଶମ୍ୟାତାଳ ପ୍ରବେଶେନ ତ୍ର୍ୟସ୍ରୋଽନ୍ୟୋଽପିବିଧୀୟତେ ॥ ୧୯ ॥
ଷଟ୍‌ପିତାପୁତ୍ରକକୃତଃ ପଞ୍ଚପାଣି ରୁଦାହୃତଃ ॥ ୨୦ ॥
ଆଦ୍ୟଂ ପ୍ଳୁତଂ ଦ୍ୱିତୀୟଂ ତୁ ଲଘୁ ଯତ୍ରାକ୍ଷରଂ ଭବେତ୍ ।
ତୃତୀୟଂଚ ଚତୁର୍ଥଂ ଚ ଗୁରୁଣୀ ପଞ୍ଚମଂ ଲଘୁ ॥ ୨୧ ॥

ସେମାନଙ୍କର ପାତକଳା ଏହିପରି ହେବ:- ସନ୍ନିପାତ, ଶମ୍ୟା, ତାଳ, ଶମ୍ୟା, ଅଥବା, ଶମ୍ୟା, ତାଳ, ଶମ୍ୟା, ତାଳ, ଅଥବା-ତାଳ, ଶମ୍ୟା, ତାଳ, ଶମ୍ୟା (ଏକକଳ ଚଞ୍ଚପୁଟ) ॥ ୧୪ ॥

ସନ୍ନିପାତ, ଶମ୍ୟାଦି ଓ ତାଳାଦି ଏହିପରି ଭାବରେ ଚଞ୍ଚତ୍‌ପୁଟ ତିନି ପ୍ରକାର ହେବ । ନାଟ୍ୟରେ ସନ୍ନିପାତାଦି ହେବ ଚତୁରସ୍ର ଏବଂ ଶମ୍ୟାଦି ଆସାରିତ ସମୂହରେ ପ୍ରଯୋଜ୍ୟ ହେବ । ଏହି ଅନୁଯାୟୀ ପାଣିକା ଓ ଅନ୍ୟାନ୍ୟ ଗାନରେ ତାଳାଦି ହେବ । ଚଞ୍ଚତ୍‌ପୁଟରେ ସନ୍ନିପାତାଦି ତିନି ଭେଦ ଚାଚପୁଟରେ ମଧ୍ୟ ପ୍ରୟୋଗ ହେବ ବୋଲି ବିଜ୍ଞମାନେ ଜାଣିବା ଉଚିତ ॥ ୧୭ ॥

ଚାଚପୁଟରେ ସନ୍ନିପାତାଦି ଏବଂ ଅନ୍ୟଦୁଇଟି ପ୍ରବଳ ଏବଂ ଷଟ୍‌କଳ ବା ଅଷ୍ଟକଳ ଏଥିରୁ (ସନ୍ନିପାତାଦିରୁ) ଜନ୍ମ ହୋଇଥାଏ ॥ ୧୮ ॥

ଶମ୍ୟା, ତାଳ ଓ ପ୍ରବେଶ ହେତୁ ଆଉ ଗୋଟିଏ ତ୍ର୍ୟସ୍ର ଉତ୍ପତ୍ତି ହୁଏ । ଏହା ପଞ୍ଚପାଣି ନାମରେ ଅଭିହିତ ଷଟ୍‌ପିତାପୁତ୍ରକ ॥ ୨୦ ॥

ଏହାର ପାତକଳା:- ପ୍ରଥମ ଅକ୍ଷର ପ୍ଳୁତ, ଦ୍ୱିତୀୟ ହ୍ରସ୍ୱ, ତୃତୀୟ ଓ ଚତୁର୍ଥ ଦୀର୍ଘ, ପଞ୍ଚମ ହ୍ରସ୍ୱ ଏବଂ ଅନ୍ତ୍ୟ ଅକ୍ଷର ପ୍ଳୁତ । ଏହା ଦୀର୍ଘ ହ୍ରସ୍ୱ ଅକ୍ଷର ସହିତ ଷଟ୍‌ପିତାପୁତ୍ରକ ।

Digitized by srujanika@gmail.com

ପ୍ଲୁତାନ୍ତଃ ଷଟ୍‌ପିତାପୁତ୍ରୋ ଗୁରୁଲାଘବ ସଂଯୁତଃ ।
ପଞ୍ଚପାଣିଃ ସ ବିଜ୍ଞେୟଃ ଷଟ୍‌ପାତସ୍ତୁ ଷଡ୍‌କ୍ଷରଃ ॥ ୨୨ ॥
ସନ୍ନିପାତସ୍ତତ ସ୍ତାଳଃ ଶମ୍ୟାତାଳସ୍ତଥୈବ ଚ ।
ଶମ୍ୟା ଚୈବ ହି ତାଳଶ୍ଚ ଷଟ୍‌ପାତଃ ତସ୍ୟ କୀର୍ତ୍ତିତଃ ॥ ୨୩ ॥
ତାଳାଦିସ୍ତ୍ର୍ୟସ୍ର ଭେଦୋଽନ୍ୟଃ ସଂପକ୍ୱେଷ୍ଟାକ ସଂଜ୍ଞିତଃ ।
ଗୁରୁ ପଞ୍ଚାକ୍ଷରାଦ୍ୟନ୍ତ୍ୟ ପ୍ଲୁତ ମାତ୍ରା ସମନ୍ୱିତଃ ॥
ସନ୍ନିପାତସ୍ତତଃ ଶମ୍ୟା ତାଳଶମ୍ୟୈକ ତାଳକଃ ॥ ୨୪ ॥
ତ୍ର୍ୟସ୍ରଂ ସର୍ବଗୁରୁଂ କୃତ୍ୱା ନିଷ୍କ୍ରାମଂ ତତ୍ର ଯୋଜୟେତ୍ ।
ଶମ୍ୟାଦ୍ୱୟଂ ତତସ୍ତ୍ୱେଷ ଉଦ୍‌ଘଟ୍ଟଃ କଥିତୋ ବୁଧୈଃ ॥ ୨୫ ॥
ଏବମେକକଳୋ ଜ୍ଞେୟଃ ଶୁଦ୍ଧଶ୍ଚଚ୍ଚତ୍‌ପୁଟାଦିକଃ ।
ଯଥାକ୍ଷରୋଽଥ ଦ୍ୱିକଳଃ ତଥା ଚୈବ ଚତୁଷ୍କଳଃ ॥ ୨୬ ॥
ତ୍ରୟୋ ଭେଦା ହି ତାଳସ୍ୟ ଦ୍ୱିଗୁଣା ଦ୍ୱିଗୁଣାଃ ସ୍ମୃତାଃ ।
ଚତୁରସ୍ର ସ୍ତ୍ରୀଭିର୍ଭେଦୈ ସ୍ତାଳସ୍ତୁ ପରିକୀର୍ତ୍ତିତଃ ॥ ୨୭ ॥
ଚତୁଷ୍କଳୋ ହ୍ୟଷ୍ଟକଳଃ କଳାଷୋଡ଼ଶକଃ ପୁନଃ ।
ତ୍ର୍ୟସ୍ରଃ ତାଳସ୍ତୁ ଷଡ୍‌ଭେଦାଃ ତ୍ରିକଳଃ ଷଟ୍‌କଳସ୍ତଥା ॥ ୨୮ ॥
କଳାଦ୍ୱାଦଶକୋଽପି ସ୍ୟାତ୍ ଚତୁର୍ବିଂଶତିକ ସ୍ତଥା ।
କଳାଷ୍ଟଚତ୍ୱାରିଂଶତ୍‌କଂ କଳା ଷଣ୍ଣବତୀ ତଥା ॥ ୨୯ ॥

ଛଅଟି ପାତ ଓ ଛଅଟି ଅକ୍ଷର ସମନ୍ୱିତ ପଞ୍ଚପାଣି ନାମରେ ମଧ୍ୟ ଏହା କଥିତ ଅଟେ ॥ ୨୧-୨୨ ॥

ଏହାର ଛଅ ପାତ:- ସନ୍ନିପାତ, ତାଳ, ଶମ୍ୟା, ତାଳ, ଶମ୍ୟା ଓ ତାଳ ॥ ୨୩ ॥

ତାଳାଦିର (ତ୍ର୍ୟସ୍ର) ଭେଦ ସଂପକ୍ୱେଷ୍ଟାକ ନାମରେ ପରିଚିତ । ଏଥିରେ ଆଦ୍ୟ ଓ ଅନ୍ତ୍ୟ ପ୍ଲୁତ ଅକ୍ଷର ସହିତ ପାଞ୍ଚଟି ଦୀର୍ଘ ଅକ୍ଷର ରହେ । ଏହାର ପାତଗୁଡ଼ିକ :-(ତାଳ, ଶମ୍ୟା, ତାଳ, ଶମ୍ୟା, ତାଳ) ॥୨୪॥ ତ୍ର୍ୟସ୍ରରେ ଯେତେବେଳେ ତିନିଟି ଗୁରୁ ଅକ୍ଷର ରହିବ ଏବଂ କଳାଗୁଡ଼ିକ ନିଷ୍କ୍ରାମ ଶମ୍ୟା, ଶମ୍ୟା, ପ୍ରଥମ ଏହିପରି ହେବ ସେତେବେଳେ ଏହାର ନାମ ଉଦ୍‌ଘଟ୍ଟ ହେବ ॥ ୨୫ ॥

Digitized by srujanika@gmail.com

ତାଳୋ ନବବିଧଶ୍ଚାୟମ୍ ଅଯୁଗ୍ମଃ ସଂପ୍ରକୀର୍ତ୍ତିତଃ ।
ଦ୍ୱିପ୍ରକାର ସ୍ଥୟଂ ତାଳୋ ନିଃଶବ୍ଦଃ ଶବ୍ଦବାନ୍ ତଥା ।। ୩୦ ।।
ପ୍ରୟୋଗଂ ଦ୍ୱିବିଧଂ ଚାସ୍ୟ କୀର୍ତ୍ତମାନଂ ନିବୋଧତ ।
ତତ୍ରାବାପୋଽଥ ନିଷ୍କ୍ରାମୋ ବିକ୍ଷେପଶ୍ଚ ପ୍ରବେଶକଃ ।। ୩୧ ।।
ଚତୁର୍ବିକଳ୍ପ ଇତ୍ୟେବଂ ନିଃଶବ୍ଦଃ ପରିକୀର୍ତ୍ତିତଃ ।
ଶମ୍ୟା ତାଳୋ ଧ୍ରୁବଶ୍ଚେତି ସନ୍ନିପାତଃ ତଥା ପରଃ ।। ୩୨ ।।
ଇତି ଶବ୍ଦେନ ସଂଯୁକ୍ତୋ ବିଜ୍ଞେୟଶ୍ଚ ଚତୁର୍ବିଧଃ ।
ଏତେଷା ମଥ ବକ୍ଷ୍ୟାମି ହସ୍ତାଙ୍ଗୁଳି ବିକଳ୍ପନମ୍ ।। ୩୩ ।।
ଲକ୍ଷଣଂ ଚ ପ୍ରମାଣଂଚ ଯଥାବଦନୁପୂର୍ବଶଃ ।
ଉର୍ଦ୍ଧ୍ୱାଙ୍ଗୁଳି ସମାକ୍ଷେପଃ ଆବାପ ଇତି ସଂଜ୍ଞିତଃ ।। ୩୪ ।।
ନିଷ୍କ୍ରାମୋଽଧୋଗତସ୍ୟ ସ୍ୟାଦଙ୍ଗୁଲୀନାଂ ପ୍ରସାରଣମ୍ ।
ତସ୍ୟ ଦକ୍ଷିଣତଃ କ୍ଷେପୋ ବିକ୍ଷେପଃ ପରିକୀର୍ତ୍ତିତଃ ।। ୩୫ ।।
ନିବର୍ତ୍ତନଂ ଚ ହସ୍ତସ୍ୟ ପ୍ରବେଶୋଽଧୋମୁଖସ୍ୟ ତୁ ।
କୃତ୍ୱା ଙ୍ଗୁଳୀନାମାକ୍ଷେପଂ ନିଷ୍କ୍ରାମଶ୍ଚ ଭବେଦଥ ।। ୩୬ ।।

ଏହିପରି ତ୍ର୍ୟସ୍ର ତାଳ ନଅ ପ୍ରକାର । (ସାଧାରଣତଃ) ତାଳ ଦ୍ୱିବିଧ, ନୀରବ ଓ ଶ୍ରବ୍ୟ । ସେମାନଙ୍କର ଦ୍ୱିବିଧ ପ୍ରୟୋଗ ଶୁଣନ୍ତୁ ମୁଁ କହୁଛି ।। ୩୦ ।।

ଦୁଇ ପ୍ରକାର ମଧ୍ୟରେ) ନୀରବ ତାଳର ଚାରିଭେଦ :- ଆବାପ, ନିଷ୍କ୍ରାମ, ବିକ୍ଷେପ ଓ ପ୍ରବେଶକ ।। ୩୧ ।।

ଶବ୍ଦ ସଂଯୁକ୍ତ ତାଳ (ଶ୍ରବ୍ୟ) ଶମ୍ୟା, ତାଳ, ଧ୍ରୁବା ଓ ସନ୍ନିପାତ ଭେଦରେ ଚାରି ପ୍ରକାର । ଏମାନଙ୍କର ଯଥାକ୍ରମେ ହସ୍ତାଙ୍ଗୁଳି ସଂଚାଳନ ତାହାର ଲକ୍ଷଣ ଓ ପରିମାଣ ବିଷୟ କହିବି ।। ୩୩ ।।

ଉର୍ଦ୍ଧ୍ୱମୁଖ ଅଙ୍ଗୁଳିମାନଙ୍କର ବକ୍ର ଭାବକୁ ଆବାପ କୁହାଯାଏ । ଅଧୋମୁଖରେ ଥିବା କରତଳର ଅଙ୍ଗୁଳିମାନଙ୍କର ବିସ୍ତାରକୁ ନିଷ୍କ୍ରାମ, ଅଧୋମୁଖକରତଳକୁ ଦକ୍ଷିଣ ପାର୍ଶ୍ୱକୁ ଦ୍ରୁତ ସଂଚାଳିତ କରିଲେ ବିକ୍ଷେପ ଓ ଅଧୋମୁଖକରତଳକୁ ନିବର୍ତ୍ତନ (ଖସାଇନେଲେ) କଲେ ପ୍ରବେଶ ହୋଇଥାଏ ।। ୩୫ ।।

ଆଙ୍ଗୁଳିଗୁଡ଼ିକର ବକ୍ରତା ପ୍ରଦର୍ଶନ ପରେ ନିଷ୍କ୍ରାମ, ତାହାପରେ ବିକ୍ଷେପ ଓ ତାପରେ ପ୍ରବେଶ କରଣୀୟ ।। ୩୬ ।।

Digitized by srujanika@gmail.com

ବିକ୍ଷେପଶ୍ଚ ପୁନଃ କାର୍ଯ୍ୟଃ ପୁନଶ୍ଚୈବ ପ୍ରବେଶନମ୍ ।
ଯଦା ଚତୁଷ୍କଳୋ ଯୋଗଃ ତଦା ତ୍ୱେଷ ବିଧି ର୍ଭବେତ୍ ।। ୩୭ ।।
ନିଷ୍କ୍ରାମଶ୍ଚ ପ୍ରବେଶଶ୍ଚ ଦ୍ୱିକଳେ ପରିକୀର୍ତ୍ତିତୌ ।
ଏଷାମନ୍ତରପାତାସ୍ତୁ ପାତସଂଜ୍ଞାଃ ପ୍ରକୀର୍ତ୍ତିତାଃ ।। ୩୮ ।।
ଶମ୍ୟାତାଳଶ୍ଚ ବିଜ୍ଞେୟଃ ସନ୍ନିପାତଃ ତଥୈବ ଚ ।
ଶମ୍ୟା ଦକ୍ଷିଣହସ୍ତସ୍ୟ ତାଳଃ ପାତସ୍ତୁ ବାମତଃ ।
ହସ୍ତୟୋସ୍ତୁ ସମଃ ପାତଃ ସନ୍ନିପାତ ଇତିସ୍ମୃତଃ ।। ୩୯ ।।
ଧ୍ରୁବସ୍ତୁ ମାତ୍ରିକଃ ପାତଃ ରାଗମାର୍ଗ ପ୍ରୟୋଜକଃ ।
କଳା ଯା ସ୍ତ୍ରିବିଧାଃ ପ୍ରୋକ୍ତାଃ ତାସାଂ ପାତୋ ଧ୍ରୁବଃ ସ୍ମୃତଃ ।। ୪୦ ।।
ଯଥାକ୍ଷରସ୍ୟ ତାଳସ୍ୟ ସତୁ ଗୁର୍ବକ୍ଷରୋ ଭବେତ୍ ।
ଯଥାକ୍ଷରକୃତୈଃପାତଃ ତାଳୋ ଜ୍ଞେୟୋ ଯଥାସ୍ଥିତଃ ।। ୪୧ ।।
ଗୁର୍ବକ୍ଷରୈଶ୍ଚ ବିଶ୍ଳିଷ୍ଟୈଃ ସ ଏବ ଦ୍ୱିକଳୋ ଭବେତ୍ ।
ଦ୍ୱିର୍ଭାବୋ ଦ୍ୱିକଳସ୍ୟୈବ ବିଜ୍ଞେୟସ୍ତୁ ଚତୁଷ୍କଳଃ ।। ୪୨ ।।
ଯଥାକ୍ଷରକୃତା ପାତାଃ ସର୍ବୈରେବ ପ୍ରକୀର୍ତ୍ତିତାଃ ।
ଚଞ୍ଚତ୍ପୁଟସ୍ୟ ବିଜ୍ଞେୟଃ ତଥା ଚାପପୁଟସ୍ୟ ଚ ।। ୪୩ ।।

ଯେତେବେଳେ ତାଳମାନଙ୍କର ସଂଯୋଗ ଚତୁଷ୍କଳାତ୍ମକ ହୁଏ, ସେତେବେଳେ ଏହି ବିଧି ହୁଏ । ନିଷ୍କ୍ରାମ ଓ ପ୍ରବେଶ ଦୁଇ କଳାତ୍ମକ ଅଟନ୍ତି । ଏମାନଙ୍କର ଏକାନ୍ତର ପାତନ (ସ୍ଥାପନ)କୁ ପାତ ବୋଲି କୁହାଯାଏ ।। ୩୮ ।। ଏହିସବୁ ଶମ୍ୟା, ତାଳ ଓ ସନ୍ନିପାତ ନାମରେ ପରିଚିତ । ଦକ୍ଷିଣହସ୍ତର ପାତଦ୍ୱାରା ଶମ୍ୟା ଓ ବାମହସ୍ତର ପାତଦ୍ୱାରା ତାଳ ହୋଇଥାଏ । ଦୁଇଟି ହସ୍ତର ସମାନପାତକୁ ସନ୍ନିପାତ ବୋଲି କୁହାଯାଏ ।। ୩୯ ।।

ଗୋଟିଏ ମାତ୍ରାର ପାତକୁ ଧ୍ରୁବ କୁହାଯାଏ । ରାଗ ମାର୍ଗରେ ଏହାର ପ୍ରୟୋଜନୀୟତା ଅଛି । ଯେଉଁ ତିନି ପ୍ରକାର କଳା କୁହାଗଲା, ଏମାନଙ୍କ ପାତକୁ ଧ୍ରୁବା କୁହାଯାଏ ।। ୪୦ ।।

ଯଥାକ୍ଷର ତାଳରେ ଏହି ଧ୍ରୁବା ଦୀର୍ଘ ଅକ୍ଷର ହେବ । ଯଥାକ୍ଷର ପାତଯୁକ୍ତ ତାଳ ଏହାର ଯଥାସ୍ଥିତ (ସାଧାରଣ) ରୂପ । ଦ୍ୱିଗୁଣିତ ଦୀର୍ଘ ଅକ୍ଷର ସହ ଏହାର ଦୁଇକଳା ହେବ । ଦ୍ୱିକଳକୁ ଦୁଇ ଥର ପାତକଲେ ଚତୁଷ୍କଳ ହୁଏ ବୋଲି ଜାଣିବ ।। ୪୧-୪୨ ।।

ଯଥାକ୍ଷର (ତାଳରେ) ଉତ୍ପାତ ପାତ ବର୍ଣ୍ଣନା କରିଅଛି । ଚଞ୍ଚତ୍ପୁଟ, ଚାଚପୁଟ ଓ ପଞ୍ଚପାଣିର ତିନିଟି ଭେଦ ଅଛି । ଚତୁରସ୍ର ଓ ତ୍ର୍ୟସ୍ର ଛଡ଼ା ମଧ୍ୟ ପଞ୍ଚବିଧ ତାଳ ଅଛି । ଏମାନଙ୍କୁ ଉଦ୍‌ଘଟ୍ଟକ ପ୍ରଭୃତି କୁହାଯାଏ । ଏମାନେ ମିଶ୍ର ଓ ଗାନର ବିଭିନ୍ନ ଅଙ୍ଗ ସହିତ ସମ୍ବଦ୍ଧ ।। ୪୩-୪୪ ।।

Digitized by srujanika@gmail.com

ପଞ୍ଚପାଣେଷ୍ଟ ବିହିତା ଭେଦା ହ୍ୟେତେ ତ୍ରୟଃ ସ୍ମୃତାଃ ।
ତ୍ର୍ୟଦସ୍ୟ ଯୁଗ୍ମମୋଜଂ ଯେ ପଞ୍ଚତାଳା ଭବନ୍ତି ହି ॥ ୪୪ ॥
ମିଶ୍ରା ଗୀତାଙ୍ଗସଂଯୁକ୍ତା ଜ୍ଞେୟା ହ୍ୟଦ୍‌ଘଟ୍ଟକାଦୟଃ ।
କଳାଃ ପଞ୍ଚ ତଥା ସପ୍ତ ପୁନର୍ନବ ଚ କୀର୍ତ୍ତିତାଃ ॥ ୪୫ ॥
ଦଶ ଚୈକାଦଶୈତେ ଚ ସଂକୀର୍ଣ୍ଣାଃ ସମୁଦାହୃତାଃ ।
ନହ୍ୟେଷାମୁପଯୋଗୋଽସ୍ତି ସପ୍ତରୂପେ ଧ୍ରୁବାସ୍ୱପି ॥ ୪୬ ॥
ପ୍ରବୃତ୍ତାଦିଷୁ କର୍ତ୍ତବ୍ୟା ଏତେ ଗାନପ୍ରୟୋକ୍ତୃଭିଃ ।
ତ୍ର୍ୟସ୍ରଷ୍ଟ ଚତୁରସ୍ରଷ୍ଟ ଷଟ୍‌କଳୋଽଷ୍ଟକଳସ୍ତଥା ॥ ୪୭ ॥
ଧ୍ରୁବାଣାଂ ତୁ ଭବେଦ୍ ତାଳଂ ସଂପ୍ରବକ୍ଷ୍ୟାମି ତତ୍ତ୍ୱତଃ ।
କନିଷ୍ଠାଙ୍ଗୁଳିନିଷ୍କ୍ରାମଃ ଶମ୍ୟା ଚୈବ ତତୋଭବେଦ୍ ॥ ୪୮ ॥
କନିଷ୍ଠାନାମିକାଭ୍ୟାଂ ତୁ ନିଷ୍କ୍ରମୋଽତୋ ବିଧୀୟତେ ।
ତତଃ ତାଳସ୍ତୁ କର୍ତ୍ତବ୍ୟଃ ଶମ୍ୟା ଚୈବ ତୁ ପଞ୍ଚମୀ ॥ ୪୯ ॥
ପ୍ରବେଶୋ ମଧ୍ୟମାଙ୍ଗୁଷ୍ଠେ କର୍ତ୍ତବ୍ୟସ୍ତର୍ଜନୀକୃତଃ ।
ନିଷ୍କ୍ରାମଃ ସନ୍ନିପାତୋଽନ୍ତ୍ୟେ ନିତ୍ୟମଷ୍ଟକଳୋ ଭବେଦ୍ ॥ ୫୦ ॥

ଏହି ସବୁ (ଅର୍ଥାତ୍ ମିଶ୍ରତାଳାଦି) ପାଞ୍ଚ, ସାତ, ନଅ, ଦଶ ବା ଏକାଦଶ କଳାତ୍ମକ ଏବଂ ବିବିଧ ତାଳ ବୋଲି (ସଂକୀର୍ଣ୍ଣ) ପରିଚିତ । ସପ୍ତବିଧଗାନରେ ଧ୍ରୁବାରେ ଏମାନଙ୍କର କୌଣସି ଉପଯୋଗ ନାହିଁ ॥ ୪୬ ॥

ଗାୟକମାନେ ପ୍ରବୃତ୍ତ ପ୍ରଭୃତିରେ ଏହାକୁ ପ୍ରୟୋଗ କରିବେ । ଧ୍ରୁବାରେ ଯଥାକ୍ରମେ ଆଠ ଏବଂ ଷଟ୍‌କଳାତ୍ମକ ଚତୁରସ୍ର ଏବଂ ତ୍ର୍ୟସ୍ର ତାଳ ରହିବ । ଏହାର ତତ୍ତ୍ୱବିଷୟ କହୁଅଛି ॥ ୪୭ ॥

ଅଷ୍ଟକଳାତ୍ମକ ତାଳ :- ନିଷ୍କ୍ରାମ ଓ ଶମ୍ୟା କନିଷ୍ଠା ଦ୍ୱାରା ପ୍ରଦର୍ଶିତ ହେବ । କନିଷ୍ଠା ଓ ଅନାମିକା ଦ୍ୱାରା ନିଷ୍କ୍ରାମ, ତାଳ ଓ ଶମ୍ୟା, ମଧ୍ୟମା ଦ୍ୱାର ପ୍ରବେଶ ଓ ତର୍ଜ୍ଜନୀ ଦ୍ୱାରା ନିଷ୍କ୍ରାମ ଓ ସନ୍ନିପାତରେ ପ୍ରଦର୍ଶନୀୟ ଚତୁରସ୍ରତାଳରେ ଅଙ୍ଗୁଳି ଦ୍ୱାରା କଳା ପ୍ରଦର୍ଶନର ଏହି ପଦ୍ଧତି ॥ ୪୯-୫୦ ॥

Digitized by srujanika@gmail.com

ଏଷ ଯୁଗ୍ମେ କଳାପାତବିକଳ୍ପୋଽଙ୍ଗୁଳିଭିଃ କୃତଃ ।
କନିଷ୍ଠାଙ୍ଗୁଳି ନିଷ୍କ୍ରାମଃ ପ୍ରଥମେ ତୁ କଳା ଭବେଦ୍ ।। ୫୧ ।।
ଶମ୍ୟା ପାତୋ ଦ୍ୱିତୀୟାତୁ ତୃତୀୟା ତାଳ ଏବ ଚ ।
ଶମ୍ୟା ତତ୍ର ଚତୁର୍ଥୀତୁ ପଞ୍ଚମୀ ତର୍ଜନୀକ୍ରମାଦ୍ ।। ୫୨ ।।
ଷଷ୍ଠ ସନ୍ନିପାତଃ ସ୍ୟାଦ୍ ଏଷବୈ ଷଟ୍‌କଳୋ ବିଧିଃ ।
ଏବଂ ତ୍ର୍ୟସ୍ରକଳାପାତଃ ବିଲେପାଙ୍ଗୁଳିଭିଃ କୃତଃ ।। ୫୩ ।।
କନିଷ୍ଠାଙ୍ଗୁଳିନିଷ୍କ୍ରାମଃ ପ୍ରବେଶଶ୍ଚ ତଥା ଭବେଦ୍ ।
କନିଷ୍ଠାନାମିକାଙ୍ଗୁଳେ ତତଃ ତାଳଃ ତୃତୀୟକଃ ।। ୫୪ ।
ଶମ୍ୟାପାତ ଶ୍ଚତୁର୍ଥୀତୁ ନିଷ୍କ୍ରାମୋ ମଧ୍ୟମା କୃତଃ ।
ଷଷ୍ଠସ୍ତାଳ ସ୍ତତୋ ଜ୍ଞେୟୋ ନିଷ୍କ୍ରାମସ୍ତର୍ଜନୀ କୃତଃ ।। ୫୫ ।।
ଶମ୍ୟାଷ୍ଟମୀ ତତସ୍ତାଳୋ ନବମୀ ତୁ କଳା ସ୍ମୃତା ।
କନିଷ୍ଠିକା ପ୍ରବେଶସ୍ତୁ ଦଶମୀ ତୁ କଳା ଭବେଦ୍ ।। ୫୬ ।।
ନିଷ୍କ୍ରାମ ଶ୍ଚୈବ ତର୍ଜନ୍ୟା ତଦନନ୍ତରମିଷ୍ୟତେ ।
ସନ୍ନିପାତ ସ୍ତଥାନ୍ତେ ଚ କଳା ଦ୍ୱାଦଶକଂ ଭବେଦ୍ ।। ୫୭ ।।
ଏଷ ତ୍ୱାବାପ ବିକ୍ଷେପ ବ୍ୟବଧାନେନ ପଣ୍ଡିତୈଃ ।
ବିଧିଶ୍ଚତୁଷ୍କଳୋ ଜ୍ଞେୟଃ ପ୍ରାଗୁକ୍ତାଙ୍ଗୁଳିଭିଃ କୃତଃ ।। ୫୮ ।।

ଷଟ୍‌କଳାତ୍ମକତାଳ:- ପ୍ରଥମାକଳା - କନିଷ୍ଠାଙ୍ଗୁଳି ଦ୍ୱାରା ପ୍ରଦର୍ଶନୀ ନିଷ୍କ୍ରାମ, ଦ୍ୱିତୀୟା-ଶମ୍ୟା, ତୃତୀୟା- ତାଳ, ଚତୁର୍ଥୀ-ଶମ୍ୟା, ପଞ୍ଚମୀ- ତର୍ଜନୀ ଦ୍ୱାରା ଶମ୍ୟା, ଷଷ୍ଠୀକଳା-ସନ୍ନିପାତ ଏହା ହିଁ ଷଟ୍‌କଳାବିଧି । ୫୧-୫୨ ।।

ଏହିପରି ବିଳେପାଙ୍ଗୁଳି ଦ୍ୱାରା ତ୍ର୍ୟସ୍ରକଳାପାତ ମଧ୍ୟ କରାହୁଏ ।। ୫୩ ।।

ଦ୍ୱାଦଶ କଳାତ୍ମକ ତାଳ :- କନିଷ୍ଠା ଦ୍ୱାରା ପ୍ରଦର୍ଶନୀୟ (୧) ନିଷ୍କ୍ରାମ (୨) ପ୍ରବେଶ, କନିଷ୍ଠା ଓ ଅନାମିକା ଦ୍ୱାରା (୩) ତାଳ (୪) ଶମ୍ୟା, ମଧ୍ୟମା ଦ୍ୱାରା (୫) ନିଷ୍କ୍ରାମ (୬) ତାଳ, ତର୍ଜନୀ ଦ୍ୱାରା (୭) ନିଷ୍କ୍ରାମ (୮) ଶମ୍ୟା (୯) ତାଳ, କନିଷ୍ଠା ଦ୍ୱାରା (୧୦) ପ୍ରବେଶ, ତର୍ଜନୀ ଦ୍ୱାରା (୧୧) ନିଷ୍କ୍ରାମ (୧୨) ସନ୍ନିପାତ । ଏହିପରି ଦ୍ୱାଦଶ କଳାତ୍ମକ ତାଳ ହୁଏ ।। ୫୪-୫୭ ।।

ଆବାପ ବିକ୍ଷେପରେ ପୂର୍ବୋକ୍ତ ଅଙ୍ଗୁଳି ଦ୍ୱାରା ପ୍ରଦର୍ଶିତ ଚତୁଷ୍କଳାତ୍ମକ ତାଳ ସମ୍ବନ୍ଧରେ ଏହି ବିଧି ବୋଲି ଜାଣିବ ।। ୫୮ ।।

Digitized by srujanika@gmail.com

ଦ୍ୱିକଳ ଣ୍ଟତୁଷ୍କଳଣ୍ଟ ପାଦଭାଗଃ ପ୍ରକୀର୍ତ୍ତିତଃ ।
ଚତ୍ୱାରଃ ପାଦଭାଗାଣ୍ଟ ମାତ୍ରେତି ପରିଭାଷ୍ୟତେ ॥ ୫୯ ॥
ଚଞ୍ଚତ୍ପୂଟସ୍ୟ ତାଳସ୍ୟ ତଥା ଚାଚପୁଟସ୍ୟଚ ।
ପଞ୍ଚପାଣେଣ୍ଟ ବିଜ୍ଞେୟା ଭେଦା ହ୍ୟେତେ ପୃଥକ୍ ପୃଥକ୍ ॥ ୬୦ ॥
ଏବମେଷ ମୟା ତାଳଃ ସମାସାଦ୍ ପରିକୀର୍ତ୍ତିତଃ ।
ଆସାରିତେ ବର୍ଦ୍ଧମାନେ ଗୀତାଙ୍ଗେଷୁ ଚ ଯଃ ସ୍ମୃତଃ ॥ ୬୧ ॥
ଅଥାସାରିତକାନାଂ ତୁ ସଂପ୍ରବକ୍ଷ୍ୟାମି ଲକ୍ଷଧଣମ୍ ।
ଭେଦଃ ଚଞ୍ଚପୃଟୁସ୍ୟାଦୌ ତଥା ଗୁରୁଲଘୁପ୍ଲୁତୈଃ ॥ ୬୨ ॥
ପଞ୍ଚପାଣିଂ ତତଃ କୁର୍ଯ୍ୟାଦ୍ ଦ୍ୱିରଭ୍ୟସ୍ତଂ ପ୍ରୟୋଗବିଦ୍ ।
ଯଥାକ୍ଷରଂ ତୁ ପୂର୍ବତ୍ର ଯଥାବଦ୍ ବିନିବେଶୟେଦ୍ ॥ ୬୩ ॥
ଶମ୍ୟାତାଳଃ ପୁନର୍ଣ୍ଣେବ ଶମ୍ୟାତାଳ ମଥାପି ବା ।
ଆଦ୍ୟେଽକ୍ଷରେ ସନ୍ନିପାତଂ ପଞ୍ଚପାଣେଣ୍ଟ ଯୋଜୟେଦ୍ ॥ ୬୪ ॥
ତାଳଂ ଶମ୍ୟାଦ୍ ତାଳଂଚ ଶମ୍ୟାତାଳୌତତଃ ପରମ୍ ।
ଏଷ ଏବ ଦ୍ୱିତୀୟେଽପି ପଞ୍ଚପାଣୌ ବିଧିଃ ସ୍ମୃତଃ ॥ ୬୫ ॥
ପ୍ଲୁତସ୍ୟାନ୍ତେଽପି ତସ୍ୟୋଷ୍ଟଃ ସନ୍ନିପାତଃ ପ୍ରୟୋକ୍ତୃଭିଃ ।
ଏବଂ ଯଥାକ୍ଷରଂ ଜ୍ଞେୟଂ କନିଷ୍ଠାସାରିତଂବୁଧୈଃ ॥ ୬୬ ॥

ଦୁଇ ବା ଚାରିକଳାତ୍ମକ ପାଦ ଭାଗ ଗୁଡ଼ିକ କୁହାଯାଇଛି । ଚାରିପାଦ ଭାଗକୁ ମାତ୍ରା ବୋଲି କୁହାଯାଇଥାଏ ॥ ୫୯ ॥

ଏହିପରି ଚଞ୍ଚତ୍ପୁଟ, ଚାଚପୁଟ ଓ ପଞ୍ଚପାଣି ତାଳର ବିଭିନ୍ନ ଭେଦ ॥ ୬୦ ॥ ଏହିପରି ଭାବରେ ଆସାରିତ ବର୍ଦ୍ଧମାନ ଏବଂ ଅନ୍ୟାନ୍ୟ ଗାନର ସହିତ ସମ୍ବନ୍ଧ ସଂକ୍ଷେପରେ ବର୍ଣ୍ଣନା କରିଲୁ ॥ ୬୧ ॥ ଏବେ ଆସାରିତର ଲକ୍ଷଣ କହିବି । ଏଥିରେ ସଂଗୀତବିଦ୍ ପ୍ରଥମେ ଦୀର୍ଘ, ହ୍ରସ୍ୱ ଓ ପ୍ଲୁତ ଅକ୍ଷର ସହିତ ଚଞ୍ଚତ୍ପୁଟ ଏବଂ ପରେ ଦ୍ୱିବିଧ ପଞ୍ଚପାଣି ଗ୍ରହଣ କରନ୍ତି ॥ ୬୨ ॥ ଆସାରିତ - ପୂର୍ବବର୍ତ୍ତୀ ତାଳରେ (ଚଞ୍ଚତ୍ପୁଟରେ ସେହି ଅକ୍ଷରଗୁଡ଼ିକ ସ୍ଥାପନ କରିବ । ଯେଉଁଗୁଡ଼ିକ

(ଏହାର ନାମରେ ସ୍ଥିର) ଅକ୍ଷର ଦ୍ୱାରା ସୂଚିତ ହୁଏ । ଏହିପରି ଗୋଟିଏ ପାତ ନିମ୍ନଲିଖିତ ରୂପେ ମିଳିଥାଏ - ତାଳ, ଶମ୍ୟା, ତାଳ, ଶମ୍ୟାତାଳ ॥ ୬୩ ॥ ପଞ୍ଚପାଣିର ପ୍ରଥମ ଅକ୍ଷରରେ ସନ୍ନିପାତ ରଖିବ । ତାପରେ ତାଳ, ଶମ୍ୟାତାଳ, ଶମ୍ୟା, ତାଳ । ଦ୍ୱିତୀୟ ଅକ୍ଷରରେ ମଧ୍ୟ ପଞ୍ଚପାଣିରେ ଏହି ନିୟମ । ଅନ୍ତ୍ୟପ୍ଲୁତର ସନ୍ନିପାତ ରହିବ । ହ୍ରସ୍ୱଯଥାକ୍ଷର ଆସାରିତ ବୋଲି ଏହାକୁ ପଣ୍ଡିତମାନେ ଜାଣିବେ (କନିଷ୍ଠାସାରିତ) ॥ ୬୪, ୬୫, ୬୬ ॥

Digitized by srujanika@gmail.com

ଯଥାକ୍ଷରସ୍ୟାକ୍ଷରୈଶ୍ଚ ତାଳପାତାନ୍ ନିବୋଧତ ।
ଚକାରେ ତୁ ଭବେଦ୍ ଶମ୍ୟା ଦ୍ୱିତୀୟେ ତାଳ ଏବ ଚ ।। ୬୭ ।।
ପୁକାରେ ତୁ ଭବେଦ୍ ଶମ୍ୟା ଟକାରେ ତାଳ ଏବଚ ।
ଏବଂ ଚଞ୍ଚତ୍‌ପୁଟୋ ଜ୍ଞେୟଃ ପଞ୍ଚପାଣିରତଃ ପରମ୍ ।। ୬୮ ।।
ଷଟ୍‌କାରେ ସନ୍ନିପାତଃ ସ୍ୟାଦ୍ ପିକାରେତାଳ ଏବ ଚ ।
ତକାରେ ତୁ ଭବେଦ୍ ଶମ୍ୟା ପୁକାରେ ତାଳ ଏବ ଚ ।। ୬୯ ।।
ତ୍ରକାରେ ତୁ ଭବେଦ୍ ଶମ୍ୟା କକାରେ ତାଳ ଏବ ଚ ।
ଦ୍ୱିତୀୟେଽପ୍ୟେବମେବ ସ୍ୟାଦ୍ ସନ୍ନିପାତଃ ତତଃପରମ୍ ।। ୭୦ ।।
ପୂର୍ବାକ୍ଷରାଣାଂ ବିଶ୍ଳେଷାଦେବମେବ ତୁ ମଧ୍ୟମମ୍ ।
ବିଶ୍ଳେଷିତାନାମେଷାଂତୁ ଦ୍ୱିର୍ଭାବେ ଯା କଳା ଭବେଦ୍ ।। ୭୧ ।।
ପାତାନ୍ତେ ସା ପ୍ରୟୋକ୍ତବ୍ୟା ଯଥାବନୁପୂର୍ବଶଃ ।
ଦ୍ୱିର୍ଭାବୋ ମଧ୍ୟମସ୍ୟୈବ ଜ୍ୟେଷ୍ଠମିତ୍ୟଭିଧୀୟତେ ।। ୭୨ ।।
ମଧ୍ୟମସ୍ୟ ବିଧାନେନ ନ୍ୟସେଚ୍ଚ ଦ୍ୱିଗୁଣାଃ କଳାଃ ।
ସନ୍ନିପାତୈର୍ନିପାତୈଶ୍ଚ ତେଷାଂବସ୍ତୁ ପ୍ରକୀର୍ତ୍ତିତମ୍ ।। ୭୩ ।।

ତାଳମାନଙ୍କର ନାମରେ ବର୍ଣ୍ଣିତ ପାତଭାଗ ସମ୍ବନ୍ଧରେ ଏବେ ଶୁଣନ୍ତୁ । ଚ (ଚଞ୍ଚୁ) ଶମ୍ୟାର ସୂଚନା ଦିଏ । ଦ୍ୱିତୀୟଟି (ଚତ୍) ତାଳ ସୂଚିତକରେ । ପୁ ଶମ୍ୟାର ସୂଚନା ପୁନରାୟ ଦିଏ । ଟକାର ମଧ ତାଳକୁ ସୂଚାଏ । ଏହି ଚଞ୍ଚତ୍‌ପୁଟ ଜାଣିବ । ଏହା ପରେ ପଞ୍ଚପାଣି । ୬୭, ୬୮ ।। ଷଟ୍ ସନ୍ନିପାତର ସୂଚନା ଦିଏ । ଏହିପରି ପ=ତାଳ, ତା=ଶମ୍ୟା, ପୁ-ତାଳ, ତ୍ର-ଶମ୍ୟା, କ(କଃ) ତାଳ । ଦ୍ୱିତୀୟଟିର କ୍ଷେତ୍ରରେ ଏହିପରି ପ୍ରୟୋଗ କରାଯିବ । ତାହାପରେ ଆସିବ ସନ୍ନିପାତ ।। ୬୯, ୭୦ ।।

ମଧ୍ୟ ଆସାରିତ:- ଏଠାରେ ଦୀର୍ଘ ଅକ୍ଷର ମିଳିତକରି ହ୍ରସ୍ୱ ଆସାରିତ ମଧ୍ୟ ଆସାରିତ ହେବ । ମିଳିତ ଗୁରୁ ଅକ୍ଷର ଗୁଡ଼ିକର ଦ୍ୱିଗୁଣୀକୃତି ହେବା ପରେ ଯେଉଁ କଳା ହେବ, ତାହା କ୍ରମାନୁଯାୟୀ ପୂର୍ବପରି ପ୍ରୟୋଜ୍ୟ ହେବ । ମଧ୍ୟ (ଆସାରିତ) ଦ୍ୱିଗୁଣୀକୃତ ହେଲେ ଦୀର୍ଘ ଆସାରିତ ନାମରେ ପରିଚିତ ହୁଏ । ଏଥିରେ ମଧ୍ୟ ଆସାରିତ କଳାସଂଖ୍ୟା ଅପେକ୍ଷା କଳାସଂଖ୍ୟା ଦ୍ୱିଗୁଣ ହେବ । ସନ୍ନିପାତ ଦ୍ୱାରା ସେମାନଙ୍କର ବସ୍ତୁ ବିଶେଷିତ ହେବ ।। ୭୧-୭୩ ।।

Digitized by srujanika@gmail.com

ଅତଃ ପରଂ ପ୍ରବକ୍ଷ୍ୟାମି ଲୟାନ୍ତରିତ ଲକ୍ଷଣମ୍ ।
ତାଲୋ ଯସ୍ୟ କନିଷ୍ଠଃ ସ୍ୟାଦ୍ ସ ଲୟାନ୍ତରିତଃ ସ୍ମୃତଃ ।।
କଳା କାଳାନ୍ତରକୃତା କେବଳଂ ତୁ କଳାନ୍ତରମ୍ ।। ୭୪ ।।
ଅୟମେବ ତାଳଯୋଗୋ ବିଶେଷସିଦ୍ଧିସ୍ତୁ ପୂର୍ବନିର୍ଦ୍ଦିଷ୍ଟା ।
ଭବତି ହି ଲୟାନ୍ତରିତେ ଶବ୍ଦାଦ୍‌ଭେଦୋ ଲୟାଚ୍ଚୈବ ।। ୭୫ ।।
ଆସାରିତାନାଂ ସଂଯୋଗାଦ୍ ବର୍ଦ୍ଧମାନକ ଇଷ୍ୟତେ ।
ଉତ୍ପତ୍ତିଂ ଲକ୍ଷଣଂ ଚାସ୍ୟ ଗଦତୋ ମେ ନିବୋଧତ ।। ୭୬ ।।
ନିହତ୍ୟ ଦାନବଂ ଘୋରଂ ରୁଦ୍ରେଣାମିତତେଜସା ।
ନୃତ୍ତମୁତ୍ପାଦିତଂ ଚିତ୍ରଂ ପୂର୍ବଂ ତାଣ୍ଡବ ସଂଜ୍ଞିତମ୍ ।। ୭୭ ।।
ଅଥ ଭୂତଗଣୈଃ ସର୍ବୈଃ ତସ୍ମିନ୍ କାଳେ ମହାତ୍ମଭିଃ ।
ବର୍ଦ୍ଧମାନମିଦଂ ସୃଷ୍ଟଂ ପିଣ୍ଡୀବନ୍ଧୈର୍ବିଭୂଷିତମ୍ ।। ୭୮ ।।
ପରିତୁଷ୍ଟସ୍ତୁ ତଂ ଦୃଷ୍ଟ୍ୱା ସପତ୍ନୀକୋ ବୃଷଧ୍ୱଜଃ ।
ପ୍ରଦଦୌଚ ବରଂ ଶ୍ରେଷ୍ଠଂ ସହଦେବ୍ୟା ମହେଶ୍ୱରଃ ।। ୭୯ ।।
ତଲ୍ଲକ୍ଷ୍ୟ ଲକ୍ଷଣଯୁତଂ ମାର୍ଗଯୁକ୍ତି ବିଧିକ୍ରମୈଃ ।
ବର୍ଦ୍ଧମାନଂ ପ୍ରୟୋକ୍ତାରୋ ଯାସ୍ୟନ୍ତି ଶିବଗୋଚରମ୍ ।। ୮୦ ।।

ଲୟାନ୍ତରିତ:- ଏବେ ଲୟାନ୍ତରିତ ଲକ୍ଷଣ କହିବି । ଯେଉଁଥିରେ ସବୁଠାରୁ କ'ମ ତାଳରହେ ତାହାକୁ ଲୟାନ୍ତରିତ କୁହାଯାଏ । କଳାରେ କାଳଅନ୍ତର କରାଯାଏ । ଅନ୍ୟକଳା ମଧ୍ୟ ବ୍ୟବହାର କରାଯାଏ ।। ୭୪ ।। ଏହି ସବୁ ତାଳର ପ୍ରୟୋଗ ବିଶେଷ ସିଦ୍ଧି ଦିଏ ବୋଲି ପୂର୍ବରୁ କୁହାଯାଇଛି । ଲୟାନ୍ତରିତରେ ଶବ୍ଦ ଏବଂ ଲୟର ମଧ୍ୟ ଭେଦ ହୋଇଥାଏ ।। ୭୫ ।।

ବର୍ଦ୍ଧମାନ :- ଆସାରିତ ସମୂହର ମିଳନକୁ ବର୍ଦ୍ଧମାନକ କୁହାଯାଏ । ଏହାର ଉତ୍ପତ୍ତି ଓ ଲକ୍ଷଣ ମୁଁ କହୁଛି ଶୁଣ ।। ୭୬ ।।

ପୂର୍ବେ ଭୟଙ୍କର ରାକ୍ଷସକୁ ଅମିତପରାକ୍ରମୀ ରୁଦ୍ର ମାରିସାରି ତାଣ୍ଡବ ନାମକ ଅଦ୍ଭୁତ ନୃତ୍ୟ ଆରମ୍ଭ କଲେ । ଏହାପରେ ସେହି ସମୟରେ ତାଙ୍କ ଅନୁଚର ଭୂତ ମହାତ୍ମାମାନେ ପିଣ୍ଡୀବନ୍ଧରେ ଅଳଂକୃତ ଏହି ବର୍ଦ୍ଧମାନ ଆରମ୍ଭ କରିଥିଲେ । ଗିରିଜା ବିଳାସ ଭଗବାନ୍ ତାହା ଦେଖି ପ୍ରୀତ ହୋଇ ସେମାନଙ୍କୁ ଶ୍ରେଷ୍ଠବର ପ୍ରଦାନ କରିଥିଲେ ।। ୭୭-୭୯ ।।

ପରଂପରାଗତ ବିଧି ଓ କ୍ରମ ଅନୁଯାୟୀ ଯେଉଁମାନେ ପ୍ରଥମଗଣଙ୍କ ଦ୍ୱାରା ସୃଷ୍ଟ ବର୍ଦ୍ଧମାନ ସମ୍ପନ୍ନ ସେମାନେ ଶିବସନ୍ନିଧି ପ୍ରାପ୍ତ ହୁଅନ୍ତି ।। ୮୦ ।।

Digitized by srujanika@gmail.com

ଏବମେତନ୍ମୟାବୃଷ୍ଟଂ ପିଣ୍ଡୀବନ୍ଧ ନିମିତ୍ତତଃ ।
ଅଧୁନା ତୁ ପ୍ରବକ୍ଷ୍ୟାମି ଲକ୍ଷଣଂ ଶୃଣୁତ ଦ୍ୱିଜାଃ ॥ ୮୧ ॥
ବୃତ୍ତିଦକ୍ଷିଣ ଚିତ୍ରେଷୁ ମାର୍ଗେଷୁ ବିନିଯୋଜିତମ୍ ।
ଦ୍ୱିବିଧଂ ବର୍ଧମାନକଂ ସ୍ୟାଦ୍ ସ୍ୱପ୍ରମାଣ ବିନିର୍ମିତମ୍ ॥ ୮୨ ॥
ଅତାଳଂ ଚ ସତାଳଂ ଚ ତଦ୍ ପ୍ରମାଣଂ ଦ୍ୱିଜାଃ ସ୍ମୃତମ୍ ।
ଚତସ୍ରଃ କଣ୍ଡିକାଶ୍ଚୈବ ତାବନ୍ତ୍ୟାସାରିତାନିତୁ ॥ ୮୩ ॥
ଧ୍ରୁବକେଣ କଳାଭିସ୍ତୁ କଣ୍ଡିକା ଦେବକଳ୍ପିତା ।
ବର୍ଦ୍ଧମାନ ଶରୀରେତୁ କ୍ରିୟତେ ମାର୍ଗ ଯୋଜନା ॥ ୮୪ ॥
ଆଦ୍ୟା ନବକଳା ତୁ ସ୍ୟାଦ୍ ଅଷ୍ଟାଭିସ୍ତଦ୍ପରା ସ୍ମୃତା ।
କଳାଭିରେବଂ ନିର୍ଦ୍ଦିଷ୍ଟା କଣ୍ଡିକା ବର୍ଦ୍ଧମାନକେ ॥
କେବଳଂ ମାର୍ଗସଂଭୂତା ସ୍ୱଲଯୋପାଙ୍ଗ ବର୍ଜ୍ଜିତା ॥ ୮୬ ॥
ଏକ ଦ୍ୱିତ୍ରି ଚତୁର୍ଯୋଗାଦ୍ ତାଭିରାସାରିତାନି ତୁ ॥
ବର୍ଦ୍ଧମାନେ ପ୍ରସୂୟନ୍ତେ ମାର୍ଗତାଳାଙ୍ଗ ଯୋଗତଃ ॥ ୮୭ ॥
ପ୍ରଥମାଂ କଣ୍ଡିକାଂ କୃତ୍ୱା ବାଲତାଳ ପ୍ରୟୋଜିତାମ୍ ।
ଅନ୍ତିମାର୍ଧଂ କଳାହୀନଂ କୁର୍ଯାଦେବଂ କନିଷ୍ଠକମ୍ ॥ ୮୮ ॥

ପିଣ୍ଡୀବନ୍ଧ ସକାଶେ ଏହା ମୁଁ ଦେଖିଥିଲି । ଏବେ ତାହାର ଲକ୍ଷଣ କହୁଛି । ହେ ବିପ୍ରଗଣ ମନଦେଇ ଶୁଣ ॥ ୮୧ ॥ ବୃତ୍ତି, ଦକ୍ଷିଣ ଓ ଚିତ୍ର ଏହି ତିନିମାର୍ଗରେ ଅନୁଷ୍ଠିତ ଓ ନିଜସ୍ୱ ମାତ୍ରାରେ ଗଠିତ ବର୍ଦ୍ଧମାନ ଦୁଇ ପ୍ରକାର । ଏହାର ମାତ୍ର, ଦୁଇ ପ୍ରକାର । ସତାଳ ଓ ଅତାଳ । ସବୁ ଆଶାରିତରେ ଚାରି କଣ୍ଡିକା ରହେ ॥ ୮୨-୮୩ ॥

ଆସାରିତ - ଦେବତାମାନେ ଧ୍ରୁବା ଏବଂ କଳାମାନଙ୍କ ଦ୍ୱାରା କଣ୍ଡିକା କଳ୍ପନା କରିଅଛନ୍ତି । ବର୍ଦ୍ଧମାନରେ ମାର୍ଗଯୋଜନା କରାଯାଉଅଛି ॥ ୮୪ ॥ ପ୍ରଥମ (ବର୍ଷ) ନଅ କଳାଦ୍ୱାରା, ତାପରଟି ଆଠକଳା ଦ୍ୱାରା, ତୃତୀୟଟି ଷୋହଳ କଳା ଦ୍ୱାରା ଏବଂ ଚତୁର୍ଥଟି ବତିଶ କଳାଦ୍ୱାରା ଗଠିତ । ଏହିପରି ବର୍ଦ୍ଧମାନକରେ ପ୍ରତିଭାଗ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ କଳାଦ୍ୱାରା ଗଠିତ ଏବଂ ଏହା (ଯୁକ୍ତିଯୁକ୍ତ)ମାର୍ଗରୁ ସୃଷ୍ଟି । ଏହାର ଗୌଣ ଅଙ୍ଗ ଲୟ ବର୍ଜିତ ॥ ୮୬ ॥

ଏକ, ଦୁଇ, ତିନି ଓ ଚାରି କଳାଦ୍ୱାରା (କଳାଗୁଡ଼ିକ) ଗଠିତ ହୁଏ । ଏବଂ ଏହି କଳାମାନଙ୍କ ଦ୍ୱାରା ମାର୍ଗ ଓ ତାଳାଙ୍ଗ ଅନୁସରଣକାରୀ ବର୍ଦ୍ଧମାନରେ ଆସାରିତଗୁଡ଼ିକ ଗଠିତ ହୁଅନ୍ତି ॥ ୮୭ ॥

ହ୍ରସ୍ୱ ଆସାରିତ:- ବାଳ (ହ୍ରସ୍ୱ) ତାଳ ସଂଯୁକ୍ତ ପ୍ରଥମ କଣ୍ଡିକା ଶେଷକରି ହ୍ରସ୍ୱ ଆସାରିତ କରାଯାଏ । ଏହାର ଦ୍ୱିତୀୟାର୍ଧ ଏକକଳାହୀନ ହେବ ॥ ୮୮ ॥

Digitized by srujanika@gmail.com

ଦ୍ୱିତୀୟାଂ କଣ୍ଡିକାଂ କୃତ୍ୱା ପ୍ରଥମା ସକଳା ଯଦି ।
ଯୁଜ୍ୟତେ ପୂର୍ବତାଳେନ ତଦା ତଦ୍ ସ୍ୟାଲ୍ଲୟାନ୍ତରମ୍ ॥ ୮୯ ॥
ବର୍ଦ୍ଧମାନଂ ତଦା ଚିତ୍ରୈର୍ନହି ବୃତ୍ତେନ ଯୋଜୟେତ୍ ॥ ୯୦ ॥
ବହିର୍ବା ବର୍ଧମାନେ ବା କନିଷ୍ଠାଂ ନହି ଦକ୍ଷିଣେ ।
ଦ୍ୱିଗୁଣାକ୍ଷର ସଂଯୋଗାଦ୍ ଅନ୍ୟମାର୍ଗ ନିୟୋଜନାଦ୍ ॥ ୯୧ ॥
ନୃତ୍ତକାଳ ବିଶେଷାଚ୍ଚ ବାଳତାଳାଲ୍ଲୟାନ୍ତରମ୍ ।
କନିଷ୍ଠାସାରିତେ ତାଳୋ ଯୋ ମୟା ପରିକୀର୍ତ୍ତିତଃ ॥ ୯୨ ॥
ସଏବ ସର୍ବଃ କର୍ତ୍ତବ୍ୟଃ ପ୍ରଥମେ କଣ୍ଡିକାଦ୍ୱୟେ ।
ତୃତୀୟା ସଦ୍ୱିତୀୟା ଚ ପ୍ରଥମା ଚୈବ ତଦ୍‌କଳା ॥ ୯୩ ॥
ଦ୍ୱିକଳଂ ଯୋଗମାଶ୍ରିତ୍ୟ ମଧ୍ୟମାସାରିତଂ ତୁତତ୍ ।
ଚତୁର୍ଥୀମାଦିତଃ କୃତ୍ୱା ଚତସ୍ରଃ କଣ୍ଡିକା ଯଦା ॥
ଚତୁଷ୍କଳେନ ଯୁଜ୍ୟନ୍ତେ ଜ୍ୟେଷ୍ଠ ମାସାରିତଂତୁତତ୍ ॥ ୯୪ ॥
ପ୍ରୟୋଗସ୍ତୁ ଯଦ ତ୍ୱେଷାଂ ପିଣ୍ଡୀବନ୍ଧୈର୍ବିକଳ୍ପ୍ୟତେ ।
ପ୍ରତ୍ୟେକଂ ତ୍ୱଙ୍ଗଂ ବିନ୍ୟାସଃ ତଦା ତେଷାଂ ପୃଥକ୍ ପୃଥକ୍ ॥ ୯୫ ॥

ଦ୍ୱିତୀୟଭାଗ ଶେଷକରି ପୂର୍ବବର୍ତ୍ତୀ ତାଳରେ ସର୍ବକଳାତ୍ମକ ପ୍ରଥମ ଭାଗ ସହିତ ଯୁକ୍ତି କରିଲେ (ବର୍ଧମାନର) ଲୟାନ୍ତର ହୁଏ । ସେତେବେଳେ ବର୍ଧମାନକୁ ଚିତ୍ରମାର୍ଗରେ କରିବା ଉଚିତ, ବୃତ୍ତିରେ ନୁହେଁ ॥ ୮୯, ୯୦ ॥ ବର୍ଧମାନ ଏବଂ ଅନ୍ୟଗାନରେ ଦକ୍ଷିଣମାର୍ଗରେ ହ୍ରସ୍ୱ ଆସାରିତ ନାହିଁ । ଦୁଇଗୁଣ ଅକ୍ଷର ସଂଖ୍ୟାଯୋଗୁଁ ଅନ୍ୟମାର୍ଗରେ ନିୟୋଗ ବଶତଃ ନୃତ୍ତକାଳ ବିଶେଷ ହେତୁ ହ୍ରସ୍ୱତାଳକୁ ଲୟାନ୍ତର ଜନ୍ମ ନିଏ ॥ ୯୧ ॥
ମଧ୍ୟ ଆସାରିତ :- କନିଷ୍ଠାସାରିତ କ୍ଷେତ୍ରରେ ଯେଉଁ ତାଳ ବିଧାନ କରାଯାଇଅଛି ତାହା ପୂର୍ଣ୍ଣ ରୂପେ ପ୍ରଥମ ଦୁଇଭାଗରେ କରାଯିବା ଉଚିତ । ଦ୍ୱିତୀୟ ତୃତୀୟ ଓ ପ୍ରଥମ ଭାଗରେ ଏକା ସଂଖ୍ୟାର କଳା ରହିବ । ଏହା ମଧ୍ୟମ ଆସାରିତ ॥ ୯୨, ୯୩ ॥ ଚତୁର୍ଥ ଭାଗକୁ ପ୍ରଥମ କରାଗଲେ ଅର୍ଥାତ୍ ଭାଗଗୁଡ଼ିକୁ ବିପରୀତ କ୍ରମରେ ନିଆଗଲେ ଚାରିଭାଗ ସହିତ ଚାରିକଳା ଯୁକ୍ତ ହେବ । ଏହା ଦୀର୍ଘ ଆସାରିତ ॥ ୯୪ ॥ ଯେଉଁ କ୍ଷେତ୍ରରେ ସେମାନଙ୍କ ପ୍ରୟୋଗ ପିଣ୍ଡୀବନ୍ଧ ସହିତ ନିଆଯିବ ସେହି କ୍ଷେତ୍ରରେ ସେମାନଙ୍କର ପ୍ରତିଟି ଗୌଣ ସ୍ୱସ୍ଥ (ପୃଥକ୍ ଅଙ୍ଗ) ଭାବରେ କରାଯିବ ॥ ୯୫ ॥

Digitized by srujanika@gmail.com

ମୁଖଂ ପ୍ରତିମୁଖଂ ଚୈବ ଦେହଃ ସଂହରଣଂ ତଥା
ଅଙ୍ଗାନ୍ୟେତାନି ଚତ୍ୱାରି ସର୍ବେଷ୍ୱାସାରିତେଶଷ୍ୱ ଚ ।। ୯୬ ।।
ଉପୋହନଂ ମୁଖଂ ତେଷାଂ ଯୁଗ୍ମଂ ପ୍ରତିମୁଖଂ ଭବେଦ୍ ।
ଓଜଃ ଶରୀରସଂହାରାବେବମଙ୍ଗବିଧିକ୍ରମଃ ।। ୯୭ ।।
ଇତ୍ୟେବଂ ଚତୁରଙ୍ଗାନି ଜ୍ଞେୟାନ୍ୟାସାରିତାନି ତୁ ।
ଚତୁରାସାରିତୈର୍ବଦ୍ଧଂ ବର୍ଧମାନକ ମୁଚ୍ୟତେ ।। ୯୮ ।।
ବର୍ଣ୍ଣତାଳଲୟ ଗ୍ରନ୍ଥ ବାଦ୍ୟାଭିନୟ ବର୍ଧନାଦ୍ ।
ପାତ୍ରାଣାଂ ବୃଦ୍ଧିଯୋଗାଚ୍ଚ ବର୍ଦ୍ଧମାନକ ମୁଚ୍ୟତେ ।। ୯୯ ।।
ବର୍ଧମାନ ଶରୀରସ୍ୟ ଭବେଦାସାରିତସ୍ୟ ଚ ।
କାର୍ଯକାରଣ ଭାବେନ ପରସ୍ପର ବିକଳ୍ପନମ୍ ।। ୧୦୦ ।।
ଯଥା ବୃକ୍ଷାଦ୍ ଭବେଦ୍ ବୀଜୋ ବୀଜାଦ୍ ବୃକ୍ଷସ୍ୟ ସମ୍ଭବଃ ।
ଅନ୍ୟୋନ୍ୟ ହେତୁ ସଂଯୋଗଃ କର୍ତ୍ତବ୍ୟୋହି ତଥୈବ ତୁ ।। ୧୦୧ ।।
ଯୋଗାଦେକକଳାଦ୍ ସୃତେ କନିଷ୍ଠକଂ ଲୟାନ୍ତରେ ।
ଦ୍ୱିକଳାନ୍ ମଧ୍ୟମଂ ଚୈବ ଜ୍ୟେଷ୍ଠଂଚୈବ ଚତୁଷ୍କଳାଦ୍ ।। ୧୦୨ ।।
ଚଞ୍ଚତ୍ପୁଟ ପରିବର୍ତ୍ତଃ ଶମ୍ୟାଦି ଦ୍ୱୌଚ ପଞ୍ଚପାଣି କୃତୌ ।
ଅନ୍ତେ ଚ ସନ୍ନିପାତଃ ପାତବିଧିରୟଂ କନିଷ୍ଠସ୍ୟ ।। ୧୦୩ ।।

ମୁଖ, ପ୍ରତିମୁଖ, ଦେହ ଓ ସଂହରଣ- ସମସ୍ତ ଆସାରିତରେ ଏହିସବୁ ଅଙ୍ଗ ଚାରିଟି ।। ୯୬ ।। ସେହି ଆସାରିତମାନଙ୍କର ଉପୋହନ ବା ଉପକ୍ରମ ହିଁ ମୁଖ, ସେମାନଙ୍କ ଯୁଗ୍ମ ପ୍ରତିମୁଖ, ଓଜଃ ଶରୀର ସ୍ୱରୂପ, ସଂହାର (ଉପସଂହାର) ଏହିପରି ଆସାରିତମାନଙ୍କୁ ଚାରି ଅଙ୍ଗ ବିଶିଷ୍ଟ ବୋଲି ଜାଣିବ । ଚାରିଟି ଆସାରିତର ସମନ୍ୱୟକୁ ବର୍ଧମାନକ ବୋଲି କୁହାଯାଏ ।। ୯୭, ୯୮ ।। ବର୍ଣ୍ଣ, ତାଳ, ଲୟ, କାବ୍ୟିକ ବିଷୟବସ୍ତୁ ଓ ଯନ୍ତ୍ରସଂଗୀତ ତଥା ଅଭିନୟ ଏବଂ ପାତ୍ରମାନଙ୍କର ମଧ୍ୟ ଅଭିବୃଦ୍ଧି ହେଉଥିବାରୁ ଏହାକୁ ବର୍ଧମାନକ କୁହାଯାଏ ।। ୯୯ ।। ବର୍ଦ୍ଧମାନ ଏବଂ ଆସାରିତର ଶରୀର (ଯଥାକ୍ରମେ) କାର୍ଯ୍ୟ କାରଣ ରୂପରେ ପରସ୍ପରର ସମ୍ବନ୍ଧ ଥିବା ଯୋଗୁଁ ଏକ ଅନ୍ୟକୁ ଗଠନ କରନ୍ତି । ଗଛରୁ ମଞ୍ଜି ଓ ମଞ୍ଜିରୁ ଗଛ ପରି (ବୀଜାଙ୍କୁର ନ୍ୟାୟ) ପରସ୍ପରର କାର୍ଯ୍ୟକାରଣ ଅଟନ୍ତି ।। ୧୦୦, ୧୦୧ ।।
ହ୍ରସ୍ୱଆସାରିତ:- ହ୍ରସ୍ୱ ଆସାରିତର ପାତବିଧି:- ଶମ୍ୟା, ତାଳ, ସନ୍ନିପାତ, ତାଳ, ଶମ୍ୟା, ତାଳ ଶମ୍ୟା, ତାଳ, ସନ୍ନିପାତ, ତାଳ ଶମ୍ୟା, ତାଳ, ଶମ୍ୟା, ତାଳ, ସନ୍ନିପାତ ।। ୧୦୨, ୧୦୩ ।।

Digitized by srujanika@gmail.com

ଅୟମେବ ତାଳଯୋଗୋ ବିଶେଷସିଦ୍ଧିଷ୍ଣ ପୂର୍ବ ନିର୍ଦ୍ଦିଷ୍ଟା ।
ଭବତୀହ ଲୟାନ୍ତରିତେ ଶବ୍ଦାଭେଦୋ ଲୟାଚ୍ଚୈବ ।। ୧୦୪ ।।
ଉତ୍ତରକାଳାନ୍ କୃତ୍ୱା ଦ୍ୱାଦୌ ତିସ୍ରଃ କଳାଃ ପରିତ୍ୟଜ୍ୟ
ଏତଦ୍‌ପାତବିଧାନଂ ମଧ୍ୟମକାସାରିତେ ପ୍ରୋକ୍ତମ୍ ।। ୧୦୫ ।।
ଜ୍ୟେଷ୍ଠସ୍ୟ ଭବତି ନିୟମାଦାଦୌ ସୈକା ଚତୁଷ୍କଳା ଚାତ୍ର ।
ମାତ୍ରା ଦ୍ୱନ୍ଦ୍ୱଯୁତାଽନ୍ୟଦ୍ କୃତ୍ୱା ତୌଦ୍ୱୌଚ ପରିବର୍ତ୍ତୌ ।। ୧୦୬ ।।
ବାଳଂ ନବକଳଂ ଯେଷାଂ ନ ତେଷାଂ ସାଧୁସମ୍ମତମ୍ ।
ସନ୍ନିପାତାଙ୍ଗ ବିନ୍ୟାସଂ କଳାନିୟମତଃ କୃତମ୍ ।। ୧୦୭ ।।
ଅଥତତ୍ର ମୁଖେ ତାଳୌ ଧ୍ରୁବପାତୈରେବ ନିୟମିତୌ ମାନମ୍ ।
ତସ୍ୟ କଳାମାତ୍ରାକ୍ଷର ଗୁରୁଲଘୁ ବର୍ଣ୍ଣସ୍ଥିତିଂ ବକ୍ଷେ ।। ୧୦୮ ।।
ଜ୍ୟେଷ୍ଠସ୍ୟ କଳା ହ୍ୟଷ୍ଟୌ ମୁଖଂ ଭବେନ୍ ମଧ୍ୟମସ୍ୟ ସପ୍ତକଳାଃ ।
ଷଟ୍‌ତୁ ଲୟାନ୍ତରେ ସ୍ୟାଦ୍ ପଞ୍ଚୈବ କଳାଃ କନିଷ୍ଠସ୍ୟ ।। ୧୦୯ ।।

ଲୟାନ୍ତରିତରେ ମଧ୍ୟ ଏହି ତାଳବିଧି ରହିବ । ଏହାର ବିଶେଷ ସିଦ୍ଧି ପୂର୍ବରୁ କୁହାଯାଉଛି । ଏବେ ଶବ୍ଦ ଓ ଲୟର ପ୍ରଭେଦ କୁହାହେବ ।। ୧୦୪ ।।

ଉତ୍ତରକାଳ ସଂପାଦନ କରି ତିନିଟି କଳା ପରିହାର କରିବ । ମଧ୍ୟମ ଆସାରିତରେ ଏହି ପାତବିଧାନ କୁହାଯାଇଅଛି ।। ୧୦୫ ।।

ନିୟମ ଅନୁଯାୟୀ ଜ୍ୟେଷ୍ଠ ଆସାରିତର ପ୍ରଥମରେ ସେହି ଏକା ଚତୁଷ୍କଳା ମାତ୍ରା ଦୁଇମାତ୍ରା ସହିତ ହୁଏ । ସେହି ଦୁହିଁଙ୍କୁ ପୁଣି ପରିବର୍ତ୍ତନ କରାଯାଏ ।। ୧୦୬ ।। ଯେଉଁମାନେ ହ୍ରସ୍ୱନବକଳ ଆସାରିତ ବୋଲି ମାନନ୍ତି ତାହାକୁ ବିଜ୍ଞମାନେ ସମର୍ଥନ କରନ୍ତି ନାହିଁ । ସନ୍ନିପାତ ଓ ଅଙ୍ଗ ବିନ୍ୟାସ କଳାବିଧାନ ଅନୁଯାୟୀ କରାଯାଇଅଛି ।। ୧୦୭ ।। ଏବେ ସେ ବିଷୟରେ (କହୁଛି) ହ୍ରସ୍ୱ ଆସାରିତ ମୁଖରେ ଦୁଇତାଳ ଧ୍ରୁବପାତଦ୍ୱାରା ନିୟମିତ ହୁଏ । ବର୍ତ୍ତମାନ ଏହାର (ପୂର୍ଣ୍ଣମାନ) କଳା, ମାତ୍ରା, ଅକ୍ଷର, ଗୁରୁ ଲଘୁ ବର୍ଣ୍ଣ ସ୍ଥିତି ବିଷୟ କହିବି ।। ୧୦୮ ।। ଦୀର୍ଘ ଓ ମଧ୍ୟ ଆସାରିତର ମୁଖ, ଲୟାନ୍ତରିତ ଏବଂ ହ୍ରସ୍ୱ ଆସାରିତରେ ଯଥାକ୍ରମେ ଆଠ, ସାତ, ଛଅ ଓ ପାଞ୍ଚକଳା ରହିବ ।। ୧୦୯ ।। ସବୁ ପ୍ରକାର ଆସାରିତର ଉପବହନମାନଙ୍କରେ ଆଠ ଅକ୍ଷରର ଆସାରଣମାନ ପ୍ରଯୁକ୍ତ ହେବ । (ଏଥିରେ) ଦୁଇଟି ଦୀର୍ଘ, ଚାରିଟି ହ୍ରସ୍ୱ, ଦୁଇଟି ଦୀର୍ଘ (ହ୍ରସ୍ୱ ଆସାରିତ ସ୍ଥଳରେ) ଅଥବା ବାର ଅକ୍ଷରରେ ଦୁଇଟି ଦୀର୍ଘ, ଆଠଟି ହ୍ରସ୍ୱ,, ଦୁଇଟି ଦୀର୍ଘ, କୋଡ଼ିଏ ଅକ୍ଷରରେ ଦୁଇଦୀର୍ଘ ଷୋହଳ ହ୍ରସ୍ୱ ଦୁଇଦୀର୍ଘ (ବୀର୍ଯ୍ୟ ଆସାରିତ) ହେବ । ଏବେ

Digitized by srujanika@gmail.com

ଆଦାବନ୍ତେ ଗୁରୂଣି ମଧ୍ୟେଚ ଲଘୂନି ବାଦ୍ୟତଃ ପ୍ରଭୃତି ।
ଅଷ୍ଟୌଦ୍ୱାଦଶ ଷୋଡ଼ଶ ବିଂଶତିରପିଚାକ୍ଷରାଣି ସ୍ୟୁଃ ॥ ୧୧୦ ॥
ଆସାରିତୋପବହନେଷ୍ୱାଦା ବାସାରଣାନି ଯୁକ୍ତାନି ।
ତାନ୍ୟକ୍ଷରାଣି ବକ୍ଷ୍ୟେ ଯାନିପୁରା ବ୍ରହ୍ମଗୀତାନି ॥ ୧୧୧ ॥

ଯଥା-କୁହୁଂ ଇଗତି ଯଦି ସିନି ଶିଜଂ ହୁଂ ପ୍ରଥମେ ଲୟାନ୍ତରେ, ବାପି ତିତିଜଳ
କୁଚକ୍ର ଲୟମଧ୍ୟେ ଇତି କୁଚବାଳିତକ ଜ୍ୟେଷ୍ଟେ ।
ଇତ୍ୟକ୍ଷର ପତନ କଳା ଗୁରୁଲଘୁବର୍ଣ୍ଣସ୍ଥିତି ପ୍ରବିଭକ୍ତଃ ।
ଆସାରିତ ମୁଖ ସଂଜ୍ଞେ ଉପବହନ ବିଧିଃ ସମୁଦ୍ଦିଷ୍ଟଃ ॥ ୧୧୨ ॥
ଏବମେତଦ୍ ବିସ୍ତାରଂ କଥିତଂ ପରିମାଣକମ୍ ।
ଚତ୍ୱାରସ୍ତୁ ଗଣା ଯୁଗ୍ମେ ଓଜେଷଟ୍ ପରିକୀର୍ତ୍ତିତାଃ ॥ ୧୧୩ ॥
ପଞ୍ଚପାଣୌ ଦ୍ୱିତୀୟେ ତୁ ସାଧ୍ୟାଃଷଟ୍ ପରିକୀର୍ତ୍ତିତାଃ ।
କନୀୟ ଏବଂ କର୍ତ୍ତବ୍ୟ ମକ୍ଷରୈ ସ୍ତାଳମାନତଃ ॥ ୧୧୪ ॥

ଯଥା:- ଦେବଂ ଦେବୈଃ ସଂସ୍ତୁତମୀଶଂ ଦୈତ୍ୟୈର୍ଯକ୍ଷୈଃ ପ୍ରଣମିତଚରଣମ୍ ।
ତ୍ରୈଲୋକ୍ୟ ହିତମୀଶଂ ହରଂ ରୁଦ୍ରଂ ଶରଣମହମୁପଗତଃ ॥
ଅଷ୍ଟାବେବ ଗଣାଃ କାର୍ଯ୍ୟାଃ ପୂର୍ବତାଳେ ଯଥାବିଧି ।
ଦ୍ୱାଦଶୈବ ତୁ କର୍ତ୍ତବ୍ୟା ଷଟ୍‌ପିତାପୁତ୍ରକେ ଗଣାଃ ॥ ୧୧୫ ॥
ଅର୍ଦ୍ଧତ୍ରୟୋଦଶ ତଥା ତୃତୀୟେ ବସ୍ତୁସଂଜ୍ଞିନି ।
ଏବମକ୍ଷର ବିନ୍ୟାସୋ ମଧ୍ୟମାସାରିତେ ସ୍ମୃତଃ ॥ ୧୧୬ ॥

ପୂର୍ବକାଳରେ ବ୍ରହ୍ମା ପାଇଥିବା ଗୀତର ଅକ୍ଷର କଥା କହିବି । ଯଥା:- ଉପରେ ଉଦାହରଣ । କଳାର ଅକ୍ଷର ବିନ୍ୟାସ ଉପରେ ନିର୍ଭରଶୀଳ ଗୁରୁ ଲଘୁକ୍ରମରେ ଉପବହନରେ ଏହିବିଧି ଆସାରିତମୁଖ ନାମକ କ୍ଷେତ୍ରରେ ବିଧାନ କରାଯାଇଅଛି ॥ ୧୧୨ ॥
ଏହିପରି ଉପବହନର ବ୍ୟାପ୍ତି ଓ ପରିମାଣ ବର୍ଣ୍ଣନା କରିସାରିଛି । ଚତୁରସ୍ରରେ ଚାରିଗଣ, ତ୍ର୍ୟସ୍ରରେ ଛଅଗଣ ରହନ୍ତି ॥ ୧୧୩ ॥ ପଞ୍ଚପାଣିରେ ଏବଂ ଚାଚପୁଟରେ ଗଣସଂଖ୍ୟା ଛଅ ଅଧେ ହେବ । ଏହିପରି ଅକ୍ଷର ବିଶିଷ୍ଟ ହ୍ରସ୍ୱଆସାରିତ ହେବ ॥ ୧୧୪ ॥ ଉଦାହରଣ:-ଦେବତାମାନେ ଯାହାଙ୍କୁ ସ୍ତୁତି କରନ୍ତି, ଦୈତ୍ୟ ଓ ଯକ୍ଷଗଣ ଯାହାଙ୍କ ଚରଣରେ ପ୍ରଣାମ କରନ୍ତି, ବିଶ୍ୱର କଲ୍ୟାଣକାରୀ ସେହି ହର ରୁଦ୍ର ରୂପୀ ଈଶ୍ୱରଙ୍କୁ ମୁଁ ଶରଣ ଯାଉଅଛି । (ପୂର୍ବ ତାଳରେ) ଚଞ୍ଚତ୍‌ପୁଟରେ ଆଠଟି ହିଁ ଗଣ ବିଧାନ ଅନୁଯାୟୀ ରହିବ । ଷଟ୍‌ପିତାପୁତ୍ରକରେ ବାରଟି, ବସ୍ତୁର ତୃତୀୟ ଭାଗରେ ସାର୍ଦ୍ଧ ତ୍ରୟୋଦଶ ଗଣ ରହିବ । ମଧ୍ୟମ ଆସାରିତରେ ଅକ୍ଷରବିନ୍ୟାସ ଏହିପରି ହେବ ॥ ୧୧୫, ୧୧୬ ॥

Digitized by srujanika@gmail.com

ଯଥା-ଭୂତାଧିପତିଂ ଭଗନେତ୍ରହରଣମୀଶଂ ଦେବୈର୍ବନ୍ଦ୍ୟଂ ପୁରମଖମଥନଂ ରୌଦ୍ରଂ ଭୟଦଂ ଗଜଚର୍ମପଟଂ ଶମ୍ଭୁଂ ତ୍ର୍ୟକ୍ଷଂ ଜ୍ୱଳନନିଭଜଟଂ ଭୁଜଙ୍ଗ ପରିକରମ୍ । ତ୍ରିଦଶ ଗଣବୃତଂ ଦୈତ୍ୟୈର୍ନିତ୍ୟଂ ପରିପଠିତଚରିତମ୍ ଅମରପତିନମିତମ୍ ଅଭିମତସୁଖଦଂ ରୁଦ୍ରଂ ଶୀତଂ ପିତୃବନ ନିଳୟଂ ଗଙ୍ଗାପ୍ଲାବିତ ଶୋଭନଜାଟଂ ତଂ ଶରଣଂ ଗତୋଽସ୍ମିବରଦଂଚ ମହେଶ୍ୱରମ୍ ।

କାର୍ଯ୍ୟାଷୋଡ଼ଶ ଯୁଗ୍ମାଖ୍ୟେ ତାଳେ ତୁ ପ୍ରଥମେ ଗଣାଃ ।
ଚତୁର୍ବିଂଶତି ରୋଜାଖ୍ୟେ ଦ୍ୱିତୀୟେ ବସ୍ତୁସଂଜ୍ଞିତେ ।। ୧୧୭ ।।
ଚତୁର୍ବିଂଶତି ରର୍ଧଷ୍ଟ ତୃତୀୟେ ବସ୍ତୁକେ ଭବେଦ୍ ।
ଜ୍ୟେଷ୍ଠେ ତ୍ୱାସାରିତେ କାର୍ଯ୍ୟ ଏବମକ୍ଷର ସଞ୍ଚୟଃ ।। ୧୧୮ ।।

ଯଥା-ଅମର ପ୍ରବରଂ ମଦନାଙ୍ଗହରଂ ଭୁବନୈକନାଥମ୍ ଅଭୟପ୍ରଦଂ ତ୍ରିପୁର ନାଶକରଂ ଦେବଂ ତମହଂ ପ୍ରଣତଃ । ସୁରପିତୃ ମୁନିଗଣ ପ୍ରଣତଚରଣଂ ।

ପୃଥିବୀ ସଲିଳାନନ୍ଦ ପବନ ଯଜ୍ଞାଧିପତି ସୂର୍ଯ୍ୟଚନ୍ଦ୍ର ବ୍ୟୋମାଖ୍ୟାଃ ଅଷ୍ଟୌ ମୁନିଭିଃ ଯସ୍ୟ କାର୍ଯ୍ୟାଃ ପ୍ରୋକ୍ତାଃ ତ୍ରୈଲୋକ୍ୟଗୁରୁଂ ତମଚିନ୍ତ୍ୟମଜଂ ବିଦ୍ୟାନିଳୟଂ ଭୈରବରୂପଂ ଖଟ୍ୱାଙ୍ଗ ଧରଂ ସ୍ଥିତ୍ୟୁତ୍ପତ୍ତି ପ୍ରଳୟ ନିମିତ୍ତଂ ସୂକ୍ଷ୍ମାକ୍ଷମ୍ ଅଚିନ୍ତ୍ୟଂ ଚନ୍ଦ୍ରାର୍ଧଧରଂ ତିଳକାର୍ଧ ଧରଂ ନେତ୍ରାର୍ଧ ଧରଂ କୁଚାର୍ଧଧରଂ କାନ୍ତାର୍ଧଧରମ୍ । ବହୁଳୈର୍ବିବିଧୈ ର୍ବିଧୃତୈର୍ବିକଟମୁଣ୍ଡୈଃ ବିମୁଖୈଃ ବିଷମୈଃ ପ୍ରମଥୈଃ ପରିବୃତମୀଶଂ ସତତଂ ପ୍ରଣତଃ ।

ଆସାରିତାନାଂ ସର୍ବେଷାଂ ତ୍ରୟୋ ଭେଦାଃ ପ୍ରକୀର୍ତ୍ତିତାଃ ।
ଯଥାକ୍ଷରଂ ଦ୍ୱିସଂଖ୍ୟାତଂ ତ୍ରିସଂଖ୍ୟାତ ମଥାପିବା ।। ୧୧୯ ।।

ଯଥା- ଉଦାହରଣର ଅର୍ଥ ସରଳ । ଉପରେ ସଂସ୍କୃତ ଅଛି । ପ୍ରଥମେ ଷୋଡ଼ଶ ଗଣରେ ଚଞ୍ଚତ୍ପୁଟ ହେବ । ପରେ ଚତୁର୍ବିଂଶଗଣର ଚାଚପୁଟତାନ ଏବଂ ତୃତୀୟରେ ସାର୍ଦ୍ଧ ଚତୁର୍ବିଂଶଗଣ ରହିବ । ଦୀର୍ଘ ଆସାରିତର ଅକ୍ଷର ବିନ୍ୟାସ ଏହା ।। ୧୧୭, ୧୧୮ ।।
ଯଥା- ଉଦାହରଣ ଉପରେ ସଂସ୍କୃତ । ଶିବଙ୍କ ସ୍ତୁତି -
ଅର୍ଥର ଆବଶ୍ୟକତା ନାହିଁ । ଉପର ଲକ୍ଷଣ ଅନୁଯାୟୀ ହ୍ରସ୍ୱ ଦୀର୍ଘ ବିଧାନ ଦେଖିବେ ।
ଯଥାକ୍ଷର, ଦ୍ୱିସଂଖ୍ୟାତ ଓ ତ୍ରିସଂଖ୍ୟାତ ଏହି ତିନି ପ୍ରକାରରେ ସମସ୍ତ ଆସାରିତ ବିଭାଜିତ ଅଟନ୍ତି ।। ୧୧୯ ।।

Digitized by srujanika@gmail.com

ତାଲଚ୍ଛେଦ ଦ୍ୱିଗୁଣିତୈଃ ସମବର୍ଣ୍ଣଗଣୈଃ କୃତମ୍ ।
ଅନିବୃତ୍ତାକ୍ଷରପଦଂ ଯଥାକ୍ଷରମିତି ସ୍ମୃତମ୍ ।। ୧୨୦ ।।
ନିବୃତ୍ତ୍ୟାଯଦ୍ ସାମଯୁକ୍ତଂ ଦ୍ୱିସଂଖ୍ୟାତଂ ତଦୁଚ୍ୟତେ ।
ନିବୃତ୍ତିଦ୍ୱୟ ସଂପନ୍ନଂ ତ୍ରିସଂଖ୍ୟାତ ମିତୀଷ୍ୟତେ ।। ୧୨୧ ।।
ଚତୁଷ୍କାଦୌ ଚତୁର୍ମାତ୍ରା ଯଥୋକ୍ତଗୁରୁ ଲାଘବାଃ ।
ଯଥାଯୋଗଂ ଗଣାଃ କାର୍ଯ୍ୟା ଗୀତେଷ୍ୱାସାରିତେଷୁ ଚ ।। ୧୨୨ ।।
ଅକ୍ଷରୈ ର୍ଯା ଚତୁର୍ମାତ୍ରା ତ୍ରିମାତ୍ରା ବର୍ଣ୍ଣତସ୍ତଥା ।
ଚିତ୍ରେକଲା ଭବେଦ୍ ଯାତୁ ବୃତ୍ତୌସା ଦ୍ୱିଗୁଣା ସ୍ମୃତା ।। ୧୨୩ ।।
ବୃତ୍ତୌ ଯା ବର୍ଣ୍ଣମାତ୍ରାତୁ ଚତୁର୍ମାତ୍ରା ପ୍ରକୀର୍ତ୍ତିତା ।
ଦ୍ୱିଗୁଣା ଦକ୍ଷିଣେ ସା ତୁ କଲା ଜ୍ଞେୟା ପ୍ରୟୋକ୍ତୃଭିଃ ।। ୧୨୪ ।।
ନ ମାର୍ଗଭେଦୋଽକ୍ଷରେଷୁ କଶ୍ଚିଦପ୍ୟୁପପଦ୍ୟତେ ।
ବର୍ଣ୍ଣମାତ୍ରା ଦ୍ୱିଗୁଣିତାଦ୍ ବର୍ଣ୍ଣଭେଦଃ ପ୍ରକୀର୍ତ୍ତିତଃ ।। ୧୨୫ ।।
ଯଥାକ୍ଷରେଷୁ ଭୂୟିଷ୍ଠଂ ଗୀତେଷ୍ୱାସାରିତେଷୁ ଚ ।
ବିଧିରେଷ ସମୁଦ୍ଦିଷ୍ଟୋ ବର୍ଣ୍ଣତାଳ ସମାଶ୍ରୟଃ ।। ୧୨୬ ।।

ତାଲଚ୍ଛେଦ ଅନୁସାରେ ଦ୍ୱିଗୁଣୀକୃତ ସମାନବର୍ଣ୍ଣଗଣ ଦ୍ୱାରା ନିର୍ମିତ ଆସାରିତକୁ ଯଥାକ୍ଷର ବୋଲି କୁହାଯାଏ । ଏଥିରେ ଅକ୍ଷରଗୁଡ଼ିକ ଆବୃତ୍ତ ହୁଏ ନାହିଁ ।। ୧୨୦ ।।

ଯଥାକ୍ଷର, ଆସାରିତ ଥରେ ଆବୃତ୍ତ ହେଲେ ଦ୍ୱିସଂଖ୍ୟାତ ହୁଏ ଏବଂ ଏହା ଦୁଇଥର ଆବୃତ୍ତ ହେଲେ ଆସାରିତ ତ୍ରୟ ବା ତ୍ରିସଂଖ୍ୟାତ ହୁଏ ।। ୧୨୧ ।।

ଆସାରିତଗାନର ତାଳମାନଙ୍କରେ ଚାର ପ୍ରଭୃତି କଳାରେ ଚତୁର୍ମାତ୍ରିକଗଣ ରହିବ । ଏମାନଙ୍କର ଗୁରୁ ଲଘୁ ବିଚାର ପୂର୍ବକଥିତ ନିୟମ ଅନୁଯାୟୀ ହେବ ।। ୧୨୨ ।।

ଯାହା ଅକ୍ଷରରେ ଚତୁର୍ମାତ୍ରିକ ସେ ବର୍ଣ୍ଣରେ ତ୍ରିମାତ୍ରିକ ହେବ । ବୃତ୍ତି (ମାର୍ଗରେ) କଳାଗୁଡ଼ିକ ଚିତ୍ରମାର୍ଗ ଅପେକ୍ଷା ଦ୍ୱିଗୁଣ ହେବ । ତେଣୁ ବୃତ୍ତିମାର୍ଗରେ ବର୍ଣ୍ଣମାନରେ ଯେଉଁକଳା ଚାତୁର୍ମାତ୍ରିକ ତାହା ଦକ୍ଷିଣମାର୍ଗରେ ଦ୍ୱିଗୁଣିତ ହେବ ।। ୧୨୩, ୧୨୪ ।।
ତାଳମାନଙ୍କକାମ ଦ୍ୱାରା ଅକ୍ଷର ବିଷୟରେ କୌଣସି ମାର୍ଗ ପରିବର୍ତ୍ତନ ହୁଏ ନାହିଁ । କେବଳ ମାତ୍ରାର ଦ୍ୱିଗୁଣତ୍ୱ ଯୋଗୁଁ ବର୍ଣ୍ଣମାନଙ୍କରେ ପରିବର୍ତ୍ତନ କୁହାଯାଇଅଛି । ୧୨୫ ।। ଯଥାକ୍ଷର ଶ୍ରେଣୀୟ ଆସାରିତ ଗାନରେ ପ୍ରୟୋଗ, ବର୍ଣ୍ଣ ଓ ତାଳର ଏହିବିଧି ।। ୧୨୬ ।।

Digitized by srujanika@gmail.com

ଦ୍ୱିସଂଖ୍ୟାତେ ନିବୃତ୍ତିସ୍ତୁ କାର୍ଯ୍ୟାସ୍ୟାଦର୍ଦ୍ଧ ଯୋଗତଃ ।
ଦ୍ୱିସଂଖ୍ୟାମର୍ଦ୍ଧ ଯୋଗେନ ତ୍ରିସଂଖ୍ୟାତେଽପି ଚେଷ୍ୟତେ ॥ ୧୨୭ ॥
ନଚ ଚିତ୍ରେ ଦ୍ୱିସଂଖ୍ୟାତଂ କଦାଚିଦପି ଯୋଜୟେତ୍ ।
ନଚ ବୃତ୍ତୌ ତ୍ରିସଂଖ୍ୟାତଂ ଗୀତେଷ୍ୱାସାରିତେଷ୍ୱଚ ॥ ୧୨୮ ॥
ଦକ୍ଷିଣେ ସ୍ୟାଦ୍ ତ୍ରିସଂଖ୍ୟାତଂ ଦ୍ୱିସଂଖ୍ୟାତଂ ଚ ବାର୍ତ୍ତିକେ ।
ଚିତ୍ରେ ଯଥାକ୍ଷରଂ ପ୍ରୋକ୍ତମ୍ ଇତିମାର୍ଗ ବିନିଶ୍ଚୟଃ ॥ ୧୨୯ ॥
ଦକ୍ଷିଣେନୈବ ଗତ୍ୱାଦୌ ନିବୃତ୍ତୌ ବୃତ୍ତିବଦ୍ ବ୍ରଜେଦ୍ ।
ଚିତ୍ରବଚ୍ଚ ଯଥାନ୍ୟାୟଂ ତ୍ରିସଂଖ୍ୟାତେ ବିଧିଃ ସ୍ମୃତଃ ॥ ୧୩୦ ॥
ଅନେନୈବ ବିଧାନେନ ଦ୍ୱିସଂଖ୍ୟାତ ମପୀଷ୍ୟତେ ।
ବୃତ୍ତୌ ବା ଦକ୍ଷିଣେ ବାପି ପ୍ରୟୋଗୋଽସ୍ୟୈବ ଚେଷ୍ୟତେ ॥ ୧୩୧ ॥
ବସ୍ତ୍ୱାଦୌ ବସ୍ତୁମଧ୍ୟେଚ ବସ୍ତ୍ୱନ୍ତେ ବା ନିବୃତ୍ତୟଃ ।
ପ୍ରୟୋକ୍ତବ୍ୟାଃ ପ୍ରୟୋଗଜ୍ଞୈ ର୍ବିଚାର୍ଯ୍ୟାଙ୍ଗବଳାବଳମ୍ ॥ ୧୩୨ ॥
ନିବୃତ୍ତୌତୁ କଳା ନ୍ୟୂନା ଯଦାବସ୍ତୁବଶାଦ୍ ଭବେଦ୍ ।
ଆକଳା ପତନାଦ୍ ତସ୍ୟା ବର୍ଣ୍ଣଃ କାର୍ଯ୍ୟୋ ନିବୃତ୍ତିମାନ୍ ॥ ୧୩୩ ॥

ଦୁଇଟି ଯଥାକ୍ଷର ଆସାରିତ ସହିତ ଅର୍ଦ୍ଧଗଣ ଯୋଗକରି ଆବୃତ୍ତି (ପୁଣିଥରେ) କରାଯିବ । ଏହା ଦ୍ୱିସଂଖ୍ୟାତ ଆସାରିତ । ତ୍ରିସଂଖ୍ୟାତ ଆସାରିତରେ ପୂର୍ବେ ଦ୍ୱିସଂଖ୍ୟାତର ଅର୍ଦ୍ଧଦ୍ୱାରା ଯୋଗକରାଯାଏ ॥ ୧୨୭ ॥ ଚିତ୍ରମାର୍ଗରେ ଆସାରିତଦ୍ୱୟ ଓ ବାର୍ତ୍ତିକ ମାର୍ଗରେ ଆସାରିତତ୍ରୟର ପ୍ରୟୋଗ କରିବ ନାହିଁ॥ ୧୨୮ ॥ ଦକ୍ଷିଣ ମାର୍ଗରେ ଆସାରିତତ୍ରୟ ଓ ବାର୍ତ୍ତିକମାର୍ଗରେ ଆସାରିତଦ୍ୱୟ ଏବଂ ଚିତ୍ର ମାର୍ଗରେ ଯଥାକ୍ଷର ଆସାରିତ ପ୍ରୟୋଗ ଯୋଗ୍ୟ । ଏହାହିଁ ମାର୍ଗବିଷୟରେ ନିର୍ଦ୍ଦିଷ୍ଟ ପ୍ରୟୋଗବିଧି ॥ ୧୨୯ ॥ ଆସାରିତତ୍ରୟର ବିଧି ହେଲା-ଏହା ଦକ୍ଷିଣରେ ଆରମ୍ଭ ହେବ । ଆବୃତ୍ତିରେ ବୃତ୍ତି ପରି ଚାଲିବ । ଏବଂ ଯଥାସ୍ଥାନରେ ଚିତ୍ରପରିହେବ, ଏହା ତ୍ରିସଂଖ୍ୟାତର ବିଧି ॥ ୧୩୦ ॥ ଆସାରିତଦ୍ୱୟ ଏହି ବିଧାନରେ ମଧ୍ୟ କାମ୍ୟ । ବୃତ୍ତି ବା ଦକ୍ଷିଣମାର୍ଗରେ ଏହା ପ୍ରୟୋଜ୍ୟ ॥ ୧୩୧ ॥ ବସ୍ତୁର ବିଭିନ୍ନ ଅଂଶର ବଳାବଳ ବିବେଚନାକରି ସଂଗୀତଜ୍ଞ ଏହାର ଆରମ୍ଭରେ ମଧ୍ୟରେ ଓ ଉପସଂହାରରେ ଆବୃତ୍ତି କରିବେ ॥ ୧୩୨ ।

ବସ୍ତୁରଚନା ଯୋଗୁଁ ଯେତେବେଳେ ଗୋଟିଏ କଳାର ଆବୃତ୍ତିରେ ଅଳ୍ପତା ହୁଏ, ସେତେବେଳେ ଗାୟକ କଳାର ସମାପ୍ତି ପର୍ଯ୍ୟନ୍ତ ବର୍ଣ୍ଣକୁ ବର୍ଦ୍ଧିତ କରିବେ ॥ ୧୩୩ ॥

Digitized by srujanika@gmail.com

ବର୍ଣ୍ଣାଲଂକାର ସୌଭାଗ୍ୟଂ ବିଚ୍ଛେଦଃ କରଣସ୍ୟଚ ।
ତତ୍ତ୍ୱାଦୀନାଂ ପ୍ରୟୋଗଶ୍ଚ ନିବୃତ୍ତୀନାଂ ପ୍ରୟୋଜନମ୍ ॥ ୧୩୪ ॥
ବର୍ଣ୍ଣତାଳାକ୍ଷରାଣାଂ ଚ ସଂଯୋଗୋଽୟଂ ମୟାସ୍ମୃତଃ ।
ଆସାରିତେଷୁ ଗୀତେଷୁ ବର୍ଦ୍ଧମାନେଷୁ ଚୈବ ହି ॥ ୧୩୫ ॥
ଚତସ୍ରଃ କଣ୍ଡିକା ଜ୍ଞେୟା ବର୍ଦ୍ଧମାନେ ପ୍ରୟୋକ୍ତୃଭିଃ ।
ବିଶାଲା ସଂଗତା ଚୈବ ସୁନନ୍ଦା ସୁମୁଖୀ ତଥା ॥ ୧୩୬ ॥
ତତଃ ପୂର୍ବା ନବକଳା ଦ୍ୱିତୀୟାଷ୍ଟକଳା ସ୍ମୃତା ।
ତୃତୀୟା ଷୋଡ଼ଶକଳା ଦ୍ୱାତ୍ରିଂଶଚ୍ଚ ତଥୋତ୍ତରା ॥ ୧୩୭ ॥
ଉପୋହନବିଧି ସ୍ତାସାମ୍ ଅଧୁନା ଚ ମୟୋଚ୍ୟତେ ।
ଉପୋହନଂ ବିଶାଳାୟାଃ କଳାପଞ୍ଚକମେବ ହି ।
ଷଟ୍‌କଳାଃ ସଂଗତାୟାଶ୍ଚ ସୁନନ୍ଦାୟାଶ୍ଚ ସପ୍ତକମ୍ ॥ ୧୩୮ ॥
ସୁମୁଖ୍ୟାଶ୍ଚୋ ପୋହନଂ ନିତ୍ୟ ମଷ୍ଟକଳଂ ଭବେଦ୍ ।
ଏତେଷାଂ ଚୈବ ବକ୍ଷ୍ୟାମି ଗୁର୍ବ୍ବଲଘ୍ୱକ୍ଷରକ୍ରମମ୍ ॥ ୧୩୯ ॥
ଆଦୌ ଗୁରୁଦ୍ୱୟଂ କାର୍ଯ୍ୟଂ ଚତୁର୍ଦ୍ଦଶ ଲଘୂନ୍ୟପି ।
ଉପୋହନଂ ବିଶାଳାୟାଃ ପୁନରନ୍ତେ ଗୁରୁଃ ସ୍ମୃତଃ ॥ ୧୪୦ ॥

ବର୍ଣ୍ଣ ଓ ଅଳଂକାରର ସମୃଦ୍ଧିକରଣ, କରଣମାନଙ୍କର (ଚତୁର୍ଥ ଅଧ୍ୟାୟରେ ବର୍ଣ୍ଣିତ) ସ୍ପଷ୍ଟ ବ୍ୟବହାର ତତ୍ତ୍ୱର (ପ୍ରଣିଧେୟ ବସ୍ତୁର) ପ୍ରୟୋଗ, ଏହି ସମସ୍ତ ହେଲା ନିବୃତ୍ତି (ଆବୃତ୍ତି)ର ପ୍ରୟୋଜନ ॥ ୧୩୪ ॥ ବର୍ଣ୍ଣ, ତାଳ ଓ ଅକ୍ଷରମାନଙ୍କର ପାରମ୍ପରିକ ସମ୍ପର୍କକୁ ଆସାରିତ ଓ ବର୍ଦ୍ଧମାନରେ କରଣୀୟ ବିଷୟ ମୁଁ କହିଲି ॥ ୧୩୫ ॥ ବର୍ତ୍ତମାନ ଗାନର ବିଶାଳା, ସଂଗତା, ସୁନନ୍ଦା ଓ ସୁମୁଖୀ ଚାରିଟି କଣ୍ଡିକା (ଅଙ୍ଗ) ଅଟନ୍ତି ॥ ୧୩୬ ॥ ସେମାନଙ୍କ ମଧ୍ୟରୁ ପ୍ରଥମ ବିଶାଳାରେ ନଅ କଳା, ଦ୍ୱିତୀୟ ସଂଗତାରେ ଆଠକଳା, ତୃତୀୟ ସୁନନ୍ଦାରେ ଷୋହଳ ଏବଂ ଶେଷଟି ଅର୍ଥାତ୍ ସୁମୁଖୀରେ ବତିଶି କଳା ଥାଆନ୍ତି ॥ ୧୩୭ ॥

ଏବେ ମୁଁ ସେମାନଙ୍କର ଉପୋହନ ବିଧି କହୁଛି । ବିଶାଳାର ଉପୋହନରେ ପାଞ୍ଚକଳା ରହେ । ସଙ୍ଗତାର ଛଅକଳା, ସୁନନ୍ଦାରେ ସାତକଳା, ସୁମୁଖୀର ଆଠକଳାର ଉପୋହନ ହୁଏ । ଏମାନଙ୍କର ଗୁରୁ ଲଘୁ ଅକ୍ଷର କ୍ରମବିଷୟ କହିବି ॥ ୧୩୮, ୧୩୯ ॥

ବିଶାଳାର ଉପୋହନରେ ପ୍ରଥମେ ଦୁଇଟି ଦୀର୍ଘ ଅକ୍ଷର, ତାପରେ ଚଉଦଟି ହ୍ରସ୍ୱ ଏବଂ ଶେଷରେ ଗୋଟିଏ ଦୀର୍ଘ ଅକ୍ଷର ରହିବ ॥ ୧୪୦ ॥ (ଉଦାହରଣ ଉପରେ)

Digitized by srujanika@gmail.com

ଯଥା-ରିଂ ଜ୍ଞୁଂ ଜଗତି ଯବତିଲକ ଦିଗିନିର୍ଗକୁ ଚକ୍ରୁଲତ ତିତି ବା ।
ଚତୁର୍ଭିରଧିକୈଃ ହ୍ରସ୍ୱୈଃ ଗୁରୁତ୍ରୟସମନ୍ୱିତମ୍ ।
ସଂଗତାୟାଶ୍ଚ ମୁନିଭିଃ ଉପୋହନମିତିସ୍ମୃତମ୍ ॥ ୧୪୧ ॥
ଚତୁର୍ଭିରଧିକୈରେବଂ ଲଘୁଭିର୍ଗୁରୁସଂଯୁତୈଃ ।
ସୁନନ୍ଦାୟାଶ୍ଚ ବିଜ୍ଞେୟୋ ହ୍ୟୁପୋହନବିଧିର୍ବୁଧୈଃ ॥ ୧୪୨ ॥
ଯଥା:-ଝୁଂଝୁଂ ଜଗତି ଯବତିଲକ ଦିଗିତିଲକ ଦିଗିନିଗିତି ଝଲତିତିବା ।
ଅଷ୍ଟାବିଂଶଲ୍ଲଘୂନି ସ୍ୟୁଃ ସୁମୁଖ୍ୟାଶ୍ଚ ଗୁରୂଣିଚ ।
ଉପୋହନବିଧାନେନ ତୁ ଜ୍ଞେୟାନି ମୁନିସତ୍ତମାଃ ॥ ୧୪୩ ॥
ଯଥା-ଝଣ୍ଟୁଂ ଜଗତିଯବତିଲକ ଦିଗି ଦିଗିତିତ ଝଲକୁଚ ଝଲତିତି ବା ।
ଉପୋହ୍ୟନ୍ତେ ସ୍ୱରାଯସ୍ମାଦ୍ ଯସ୍ମାନ୍ ଗୀତଂ ପ୍ରବର୍ତ୍ତତେ ।
ତସ୍ମାଦୁପୋହନଂ ଜ୍ଞେୟଂ ଶୁଷ୍କାକ୍ଷରସମନ୍ୱିତମ୍ ॥ ୧୪୪ ॥
ଅଥବୋପୋହ୍ୟତେ ଯସ୍ମାଦ୍ ପ୍ରୟୋଗଃ ସୂଚନାଦିଭିଃ ।
ତସ୍ମାଦୁପୋହନଂ ହ୍ୟେତଦ୍ ଗାନଂ ଭାଣ୍ଡସମାଶ୍ରୟମ୍ ॥ ୧୪୫ ॥
ଶମ୍ୟା ତାଲୌ ଦ୍ୱିରଭ୍ୟସ୍ତୌ ସନ୍ନିପାତାନ୍ତ୍ୟଏବଚ ।
ଉପୋହନ ବିଶାଳୟୋଃ ତାଳୋଽୟଂ ପରିକୀର୍ତ୍ତିତଃ ॥ ୧୪୬ ॥

ମୁନିମାନେ କହିଛନ୍ତି - ଅଧିକ ଚାରିଟି ହ୍ରସ୍ୱ ଅକ୍ଷର ଏବଂ ତିନିଟି ଦୀର୍ଘ ଅକ୍ଷର ବିଶାଳାର ଉପୋହନ ସହିତ ଯୁକ୍ତ ହେଲେ ସଂଗତାର ଉପୋହନ ହୁଏ । ଯଥା- ଝଣ୍ଟୁଂ ଜଗତି ଯବତିଲକ ଦିଗିନିଗି କୁଚକୁଳ ତିତିବା । (ଶେଷ ୩ର ଦୀର୍ଘଉଚାରଣ) ॥ ୧୪୫ ॥ ସୁନନ୍ଦାର ଉପୋହନରେ ଚାରିଟି ହ୍ରସ୍ୱ ଓ ତିନିଟି ଦୀର୍ଘ ଅକ୍ଷର ଅଧିକ ରହିବ । ଉଦାହରଣ ଉପରେ ॥ ୧୪୨ ॥ ସୁମୁଖୀର ଉପୋହନରେ ଅଠେଇଶଟି ଲଘୁ ଏବଂ ତିନିଟି ଗୁରୁ ଅକ୍ଷର ରହିବ । (ଉପର ଉଦାହରଣରେ ଅଠେଇଶ ଅକ୍ଷର ଲଘୁ ପାଇଁ ଦିଗିଦିଗି ବଢ଼ାଇ ମାତ୍ରାଠିକ କରିବା) ॥ ୧୪୩ ॥ ଯେଣୁ ଏହିଠାରୁ ସ୍ୱରମାନଙ୍କୁ ଉପୋହନ (ଉଠା) କରାଯାଏ ଏବଂ ଯେଣୁ ଏହିଠାରୁ ହିଁ ଗାନ ଆରମ୍ଭ ହୁଏ । ତେଣୁ ଏହାକୁ ଉପୋହନ ବୋଲି କୁହାଯାଏ । ଏଥିରେ ଅର୍ଥହୀନ ଅକ୍ଷର ମଧ୍ୟ ଯୁକ୍ତ କରାଯାଏ । (ତାଳ ପାଇଁ ଦିଗିଦିଗି ପ୍ରଭୃତି ଶବ୍ଦର କୌଣସି ଅର୍ଥ ନାହିଁ ।) ॥ ୧୪୪ ॥ ଅଥବା ସୂଚନା ପ୍ରଭୃତି ନେଇ ଯେଉଁଠାରୁ ପ୍ରୟୋଗ ଆରମ୍ଭ କରାଯାଏ । ବାକ୍ୟମାନଙ୍କର ଆରମ୍ଭ ମଧ୍ୟ ଏହିଠାରୁ ହୁଏ । ତେଣୁ ଏହାକୁ ଉପୋହନ କୁହାଯାଉଏ ॥ ୧୪୫ ॥ ବିଶାଳାର ଉପୋହନ ତାଳରେ ଶମ୍ୟା, ତାଳ, ଶମ୍ୟା ତାଳ ସନ୍ନିପାତ ରହିବ ॥ ୧୪୬ ॥

Digitized by srujanika@gmail.com

ଦ୍ୱିକଳଃ ସଂଗତାୟାସ୍ତୁ ତାଳଶ୍ଚାଚପୁଟଃ ସ୍ମୃତଃ ।
ତସ୍ୟୈବ ସନ୍ନିପାତୋଽନ୍ତ୍ୟେ ସୁନନ୍ଦାୟାସ୍ତଥୈବଚ ।। ୧୪୭ ।।
ଚଞ୍ଚତ୍ପୁଟସ୍ତୁ ଦ୍ୱିକଳଃ ସୁମୁଖ୍ୟାଂ ସ୍ୟାଦୁପୋହନେ ।
ଉପୋହନେ ଦ୍ୱିରଭ୍ୟସ୍ତୈଃ ତତଃକାର୍ଯ୍ୟା ତୁ କଣ୍ଡିକା ।। ୧୪୮ ।।
ଏତାନ୍ୟୁପୋହନାନୀହ ଚତ୍ୱାରି ଗଦିତାନି ତୁ ।
ଅନୁପୂର୍ବ୍ୟା ପ୍ରୟୋଗଂ ଚ କଣ୍ଡିକାନାଂ ନିବୋଧତ ।। ୧୪୯ ।।
ଶମ୍ୟା ତାଳସ୍ତଥା ଶମ୍ୟା ପୁନସ୍ତାଲୋ ଯଥାକ୍ରମମ୍ ।
ତ୍ରିକଳଃ ସନ୍ନିପାତଶ୍ଚ ବିଶାଳାୟାଃ ପ୍ରକୀର୍ତ୍ତିତଃ ।। ୧୫୦ ।।
ଚଞ୍ଚତ୍ ପୁଟସ୍ତୁ ଦ୍ୱିକଳଃ ସଂଗତାୟା ଅପି ସ୍ମୃତଃ ।
ଚତୁଷ୍କଳଃ ସୁନନ୍ଦାୟାଃ ସଏବ ଗଦିତୋବୁଧୈଃ ।। ୧୫୧ ।।
ସନ୍ନିପାତଦ୍ୱୟୋପେତୋ ଦ୍ୱିଚିତ୍ର ସ୍ତୁ ପ୍ରୟୋକ୍ତୃଭିଃ ।
କାର୍ଯ୍ୟଶ୍ଚତୁଷ୍କଲୋ ଯୁଗ୍ମଂ ସୁମୁଖ୍ୟାଶ୍ଚ ଯଥାକ୍ରମମ୍ ।। ୧୫୨ ।।
ବର୍ଧମାନସ୍ୟ ତାଲୋଽୟଂ କଣ୍ଡିକାନାଂ ପୃଥକ୍ ପୃଥକ୍ ।
ମୟା ପ୍ରୋକ୍ତଃ ପୁନଶ୍ଚୈବ ସଂହତାନାଂ ନିବୋଧତ ।। ୧୫୩ ।।

ସଂଗତାର ଉପୋହନରେ ତାଳ ହେବ ଦ୍ୱିକଳ ଚାରିପୁଟ । ଏବଂ ଏହି ପରି ତାଳାଦିରେ ତ୍ରିକଳ (ଉଦ୍‌ଘଟ୍ଟ) ପୂର୍ବରେ ରହିଲେ ସୁନନ୍ଦାର ଉପୋହନ ତାଳ ହୁଏ ।। ୧୪୭ ।। ସୁମୁଖୀ ଉପୋହନରେ ଦ୍ୱିକଳ ଚଞ୍ଚତ୍‌ପୁଟ ତାଳ ହେବ । ପ୍ରତିକ୍ଷେତ୍ରରେ ଦୁଇଥର ଆବୃତ୍ତ ଉପୋହନ ଗୁଡ଼ିକ କଣ୍ଡିକା ଗଠନ କରିବ ।। ୧୪୮ ।।

ଏହି ଚାରିଟି ଉପୋହନର କଥା କହିଲି । ଏବେ ଆରମ୍ଭରୁ ଅଙ୍ଗଗୁଡ଼ିକର ଅନୁଷ୍ଠାନ ବିଷୟ ଶୁଣ ।। ୧୪୯ ।।

ବିଶାଳାର ତାଳ : - ଶମ୍ୟା-ତାଳ, ଶମ୍ୟା, ତାଳ ଏବଂ ତ୍ରିକଳ ସନ୍ନିପାତ । ଏହାହିଁ ବିଶାଳାର ତାଳ ।। ୧୫୦ ।।

ସଂଗତାର ତାଳ:- ଦ୍ୱିକଳ ଚଞ୍ଚତ୍‌ପୁଟ ଏବଂ ସୁନନ୍ଦାର ମଧ୍ୟ ଚତୁଷ୍କଳ ଏହି ଏକାପରି (ଚଞ୍ଚତ୍‌ପୁଟ) ।। ୧୫୧ ।।

ସୁମୁଖୀର ତାଳ:- ଦୁଇ ସନ୍ନିପାତ ସହିତ ଚତୁଷ୍କଳ ଚଞ୍ଚତ୍‌ପୁଟର ଦୁଇଗୁଣ ।। ୧୫୨ ।। ବର୍ଦ୍ଧମାନ ଗାନର କଣ୍ଡିକାମାନଙ୍କର ପୃଥକ୍ ପୃଥକ୍ ତାଳ ବିଷୟ ମୁଁ କହିଛି । ଏବେ ପୁଣି ସମୁଚ୍ଚୟ ଭାବରେ ଶୁଣ ।। ୧୫୩ ।।

Digitized by srujanika@gmail.com

ପୂର୍ବଂ ବିଶାଳା କର୍ତ୍ତବ୍ୟା ବାଳତାଳ ପ୍ରୟୋଜିତା ।
ଅନ୍ତିମା ତ୍ରିକଳୋପେତା ବାଳମାସାରିତଂ ତୁ ତତ୍ ॥ ୧୫୪ ॥
ସଂଗତାୟା ଗ୍ରହଂ କୃତ୍ୱା ବିଶାଳା ସକଳା ଯଦି ।
ଯୁଜ୍ୟତେ ପୂର୍ବତାଳେ ତୁ ତଦା ସ୍ୟାଲ୍ଲୟାନ୍ତରମ୍ ॥ ୧୫୫ ॥
ସୁନନ୍ଦା ଚ ତତଃ କାର୍ଯ୍ୟା ସଂଗତା ପୁନରେବ ହି ।
ବିଶାଳାଂ ଚ ପୁନଶ୍ଚୈବ ସୁମୁଖୀଂଚ ପ୍ରୟୋଜୟେତ୍ ॥ ୧୫୬ ॥
କନିଷ୍ଠାସାରିତେ ତାଳୋ ଯୋ ମୟା ପରିକୀର୍ତ୍ତିତଃ ।
ସଏବ ସର୍ବଃ କର୍ତ୍ତବ୍ୟଃ ପ୍ରଥମେ କଣ୍ଡିକୋଦ୍ଭବେ ॥ ୧୫୭ ॥
ସୁନନ୍ଦା ସଂଗତା ଚୈବ ବିଶାଳାଚ ଯଥୋଚିତା ।
ସୁନନ୍ଦାୟା ଗ୍ରହଂ କୃତ୍ୱା ତତଶ୍ଚୈବ ପ୍ରୟୋଜୟେତ୍ ॥ ୧୫୮ ॥
ମଧ୍ୟମା ସାରିତେ ତାଳୋ ଯୋ ମୟା ପରିକୀର୍ତ୍ତିତଃ ।
ଶମ୍ୟାତ୍ରୟସ୍ୟ କର୍ତ୍ତବ୍ୟଃ ସୁନନ୍ଦାଦ୍ୟସ୍ୟ ପଣ୍ଡିତୈଃ ॥ ୧୫୯ ॥
ସୁମୁଖୀ ଚ ସୁନନ୍ଦା ଚ ସଂଗତା ପୁନରିଷ୍ୟତେ ।
ସୁମୁଖ୍ୟାଦୌଗ୍ରହଂ କୃତ୍ୱା ଯଥୋକ୍ତଂ ସଂପ୍ରୟୋଜୟେତ୍ ॥ ୧୬୦ ॥
ବିଶାଳାୟାଃ ସମାପ୍ତିସ୍ତୁ ଜ୍ଞେୟା ଅଥ ନିବୃତ୍ତୟଃ ।
ଜ୍ୟୋଷ୍ଠ ତ୍ୱସୋରିତେ ତାଳୋ ନିଃଶବ୍ଦଃ ଶବ୍ଦବାନ୍ ତଥା ॥ ୧୬୧ ॥

ପ୍ରଥମେ ହ୍ରସ୍ୱତାଳ ପ୍ରୟୋଜିତ ବିଶାଳା କରାଯିବ । ଯେଉଁ ତାଳଶେଷରେ ତିନିକଳା ଅଛି ତାହା ହ୍ରସ୍ୱ ଆସାରିତ ॥ ୧୫୪ ॥ ସଂଗତାକୁ ଗ୍ରହକରି ସର୍ବକଳାତ୍ମକ ବିଭାଗ ପ୍ରଯୁକ୍ତ ହେଲେ ଏବଂ ଏହାକୁ ପୂର୍ବବର୍ତ୍ତୀ ତାଳ ସହିତ ଯୁକ୍ତ କରାଗଲେ ଲୟାନ୍ତରିତ ହୁଏ ॥ ୧୫୫ ॥ ତାହାପରେ ସୁନନ୍ଦା ପ୍ରୟୋଗ କରାଯାଏ । ପୁନଃ ସଂଗତା ଏବଂ ପୁଣି ବିଶାଳା ଏବଂ ତାହାପରେ ସୁମୁଖୀ ପ୍ରୟୋଗ କରିବା ଉଚିତ ॥ ୧୫୬ ॥ ହ୍ରସ୍ୱ ଆସାରିତରେ ଯେଉଁ ତାଳ କୁହାଯାଇଛି, ତାହା ସମ୍ପୂର୍ଣ୍ଣ ଭାବେ କଣ୍ଡିକାର ଆରମ୍ଭରେ ପ୍ରୟୋଗ କରିବା ଉଚିତ ॥ ୧୫୭ ॥

ତାହାପରେ ସୁନନ୍ଦାକୁ ଗ୍ରହକରି ସୁନନ୍ଦା ସଂଗତା ଓ ବିଶାଳା କୁହାଯାଇଥିବା ନିୟମ ଅନୁଯାୟୀ ପ୍ରୟୋଗ କରିବ ॥ ୧୫୮ ॥ ମଧ୍ୟମ ଆସାରିତରେ ଯେଉଁ ତାଳ ମୁଁ କହିଛି ତହିଁରେ ସୁନନ୍ଦା କ୍ଷେତ୍ରରେ ତିନି ଶମ୍ୟା ପ୍ରୟୋଗ କରି ସୁନନ୍ଦାଦି ପ୍ରୟୋଗ କରିବି ॥ ୧୫୯ ॥

ପୁନରାୟ ସୁମୁଖୀ, ସୁନନ୍ଦା ଓ ସଂଗତାର ପ୍ରୟୋଗ ଆଶା କରାଯାଏ । ସୁମୁଖୀ ପ୍ରକୃତିରୁ ଆରମ୍ଭକରି ଏମାନଙ୍କର ପ୍ରୟୋଗ କରିବ ॥ ୧୬୦ ॥ ତତ୍ପରେ ବିଶାଳାର ଅନ୍ତ ଓ ଆବୃତ୍ତି ସମ୍ବନ୍ଧରେ ଜାଣିବା ଉଚିତ । ଦୀର୍ଘ ଆସାରିତରେ ତାଳ ନିଃଶବ୍ଦ କିମ୍ବା ଶବ୍ଦବାନ୍ ହେବ ॥ ୧୬୧ ॥

Digitized by srujanika@gmail.com

ସ ସର୍ବ ଏବ କର୍ତ୍ତବ୍ୟୋ ବୁଧୈ ଶ୍ଚତସୃଣାମପି ।
ସଂଯୋଗେ କଣ୍ଠିକାନାଂ ତୁ ତାଳୋଽୟଂ ପରିକୀର୍ତ୍ତିତଃ ।
ଏବମାସାଂ ସମାଯୋଗାତ୍ ବର୍ଧମାନକ ମିଷ୍ୟତେ ॥ ୧୬୨ ॥
ବାଳଂ ନବକଳଂ ଜ୍ଞେୟଂ ଦଶ ସପ୍ତଲୟାନ୍ତରମ୍ ।
ପଞ୍ଚଷଷ୍ଟିକଳଂ ଜ୍ୟେଷ୍ଠଂ ତ୍ରୟସ୍ତ୍ରିଂଶଦ୍ ତୁ ମଧ୍ୟମମ୍ ॥ ୧୬୩ ॥
ଏତତ୍ ତାଳବିଧାନଂ ତୁ ସର୍ବେଷ୍ୱାସାରିତେଷୁ ଚ ।
କଳାନାଂ ବୃଦ୍ଧିମାସାଦ୍ୟ ତ୍ୱକ୍ଷରାଣାଂ ତୁ ବର୍ଧନାଦ୍ ॥
ଲୟସ୍ୟ ବର୍ଦ୍ଧନାଚ୍ଚାପି ବର୍ଧମାନକ ମୁଚ୍ୟତେ ॥ ୧୬୪ ॥
ଆସାରିତେଷୁ ଗୀତେଷୁ ବର୍ଧମାନେଷୁ ଚୈବହି ।
ଦିଗୁଣ ସ୍ତାଳଯୋଗେନ କାର୍ଯ୍ୟୋଃ ହ୍ୟବରକୋ ବିଧିଃ ॥ ୧୬୫ ॥
ସମାପ୍ତାବନ୍ତରହିତଃ ସନ୍ନିପାତୋ ଯଦା ଭବେଦ୍ ।
ଅନ୍ତ୍ୟା କଳା ଦ୍ୱିମାତ୍ରାତୁ ତଦାଜ୍ଞେୟା ପ୍ରୟୋକ୍ତୃଭିଃ ॥ ୧୬୬ ॥
ଏବମେତନ୍ ମୟାପ୍ରୋକ୍ତଂ ବର୍ଦ୍ଧମାନସ୍ୟ ଲକ୍ଷଣମ୍ ।
ଆସାରିତାନାଂ ବକ୍ଷ୍ୟାମି ପ୍ରସ୍ତାରଂ ଲଘୁଲକ୍ଷଣମ୍ ॥ ୧୬୭ ॥
ଅନ୍ୟୂନାୟାଂ କଳାୟାଂତୁ ଧ୍ରୁବଂ ପ୍ରାଜ୍ଞୋ ନିବେଶୟେଦ୍ ।
ଅଥ ତାଳାକ୍ଷର ବଶାଦ୍ ଶେଷାନନ୍ତାଂଶ୍ଚ ଯୋଜୟେଦ୍ ॥ ୧୬୮ ॥

ସମସ୍ତ ଅଙ୍ଗରେ ଗୋଟିଏ ହିଁ ତାଳ କରଣୀୟ । ଅଙ୍ଗମାନଙ୍କର ମିଳନରେ ଏହି ଚାରିତାଳ ବିହିତ । ଏହି ଅଙ୍ଗମାନଙ୍କର ସମବାୟରୁ ବର୍ଦ୍ଧମାନ ଗଠିତ ହୁଏ ॥ ୧୬୨ ॥ ହ୍ରସ୍ୱ ଆସାରିତରେ ନଅକଳା ରହେ । ଲୟାନ୍ତରରେ ସତର କଳା ରହେ । ମଧମ ଆସାରିତରେ ତେତିଶ ଏବଂ ଦୀର୍ଘ ଆସାରିତରେ ପଞ୍ଚଷଠି କଳା ରହେ ॥ ୧୬୩ ॥ ଏହା ସମସ୍ତ ଆସାରିତଙ୍କର ତାଳବିଧି । ଏହା ବର୍ଦ୍ଧମାନକ ନାମରେ ଅଭିହିତ ହେବା କାରଣ, ଏଥିରେ ଅକ୍ଷରମାନଙ୍କର କ୍ରମବର୍ଦ୍ଧନ ହେତୁ କଳାଗୁଡ଼କ ବଢ଼ିଯାଏ । ପର ଅବସ୍ଥାରେ ଲୟର ମଧ୍ୟ ବୃଦ୍ଧି ହୁଏ ॥ ୧୬୪ ॥ ଆସାରିତ ଗୀତମାନଙ୍କରେ ବର୍ଧମାନରେ ମଧ୍ୟ ତାଳର ଦୁଇଗୁଣ ଯୋଗ ସହିତ ଅକ୍ଷର ବିଧି କରଣୀୟ ॥ ୧୬୫ ॥ ଯେତେବେଳେ ସମାପ୍ତିରେ ଅନ୍ତବିହୀନ ସନ୍ନିପାତ ରହିବେ, ସେତେବେଳେ ଅନ୍ତ୍ୟକଳା ଦ୍ୱିମାତ୍ରିକ ବୋଲି ଜାଣିବ । ବର୍ଦ୍ଧମାନର ଏହିସବୁ ଲକ୍ଷଣ ଏହିପରି ମୁଁ କହିଲି । ଏବେ ଆସାରିତମାନଙ୍କର ପ୍ରସ୍ତାର ଏବଂ ସଂକ୍ଷିପ୍ତ ଲକ୍ଷଣ କହିବି ॥ ୧୬୭ ॥

ସଂପୂର୍ଣ୍ଣ କଳାରେ ସଂଗୀତ ଶାସ୍ତ୍ରଜ୍ଞ ଧ୍ରୁବ (ତାଳର) ନିବେଶ କରିଥାଆନ୍ତି । ଏହାପରେ ତାଳର ଅକ୍ଷର ଅନୁସାରେ ଅବଶିଷ୍ଟ ଏବଂ ଅନ୍ତ୍ୟ (ତାଳଗୁଡ଼ିକ) ନାମାକ୍ଷର ଅନୁଯାୟୀ ହେବ ॥ ୧୬୮ ॥

Digitized by srujanika@gmail.com

ପ୍ଲୁତ ଲଘ୍ୱକ୍ଷରେ ଚୈବ ଧ୍ରୁବେ ସାମ୍ୟଂ ନବିଦ୍ୟତେ ।
ନ ବିଦ୍ୟତେ ତ୍ରିଭିଃ ପାତୈଃ ସମତ୍ୱମୁପ ଦିଶ୍ୟତେ ॥ ୧୬୯ ॥
ତାନୈଶ୍ଚ ସନ୍ନିପାତୈଶ୍ଚ ଶମ୍ୟାଭିଶ୍ଚ ଧ୍ରୁବେଣ ଚ ।
କନିଷ୍ଠାସାରିତଂ କାର୍ଯ୍ୟଂ ମଧ୍ୟମଂ ଜ୍ୟେଷ୍ଠମେବ ଚ ॥ ୧୭୦ ॥
ଦ୍ୱିଗୁଣୋତ୍ତରୟା ବୃଦ୍ଧ୍ୟା ହ୍ୟସ୍ୟୈବତୁ ମଧ୍ୟମଂ ବିଧାତବ୍ୟମ୍ ।
ପ୍ରସ୍ତାରେ ଚୈବ କଳାନାଂ କାମ୍ୟା ତାଳାନ୍ତରୋପେତମ୍ ॥ ୧୭୧ ॥
ଉତ୍ତରତାଳଃ ପ୍ରଥମେ ବସ୍ତୁନ୍ୟାଦୌ କଳାତ୍ରୟଂ ତ୍ୟକ୍ତ୍ୱା ।
କାର୍ଯ୍ୟୌ ମଧ୍ୟେ ନିତ୍ୟଂଦ୍ୱୌ ପରିବୃତ୍ତୌଚ ସମ୍ପୂର୍ଣ୍ଣୌ ॥ ୧୭୨ ॥
ପୂର୍ବଂ ଶମ୍ୟା କାର୍ଯ୍ୟା ଦ୍ୱିକଳଃ ତାଳଃ କଳାଦ୍ୱୟଂ ଶମ୍ୟା ।
ପୁନରେ କଳସ୍ତାଳଃ ତ୍ରିକଳଃ ସ୍ୟାଦ୍ ସନ୍ନିପାତଶ୍ଚ ॥ ୧୭୩ ॥
ତ୍ରିକଳୋଽଥ ପୁନସ୍ତାଳଃ ଶମ୍ୟୈକା କଳାଦ୍ୱୟେ ତାଳଃ ।
ଦ୍ୱିକଳା ଚ ପୁନଃ ଶମ୍ୟା ତାଳଃ ଦ୍ୱିକଳଶ୍ଚ କର୍ତ୍ତବ୍ୟଃ ॥ ୧୭୪ ॥
ତ୍ରିକଳଶ୍ଚ ସନ୍ନିପାତୋ ଭୂୟୋବିଧିରେଷ ଏବ କର୍ତ୍ତବ୍ୟଃ ।
ଦ୍ୱାଦଶକଳସ୍ତୃତୀୟେ ତସ୍ୟାନ୍ତେ ସନ୍ନିପାତଶ୍ଚ ॥ ୧୭୫ ॥
ପ୍ରଥମ ସ୍ତ୍ୱଷ୍ଟକଳଃ ସ୍ୟାଦ୍ ଦ୍ୱାଦଶ କଳିକୌ ତଥାପରୌ ଜ୍ଞେୟୌ ।
ଅନ୍ତ୍ୟଶ୍ଚ ସନ୍ନିପାତୋ ମଧ୍ୟସ୍ୟାସାରିତସ୍ୟୋକ୍ତଃ ॥ ୧୭୬ ॥

ଧ୍ରୁବ ତାଳରେ ସୂଚିତ ପ୍ଲୁତ ଓ ହ୍ରସ୍ୱ ଅକ୍ଷରରେ ସାମ୍ୟ ରହିବା ଉଚିତ ନୁହେଁ । ସମତ୍ୱ ପାତ ତ୍ରୟ ଦ୍ୱାରା ବିହିତ ॥ ୧୬୯ ॥ ହ୍ରସ୍ୱ, ମଧ୍ୟମ ଓ ଦୀର୍ଘ ଆସାରିତଗୁଡ଼ିକ ତାଳ, ସନ୍ନିପାତ, ଶମ୍ୟା ଓ ଧ୍ରୁବ ଦ୍ୱାରା କରାଯିବ ॥ ୧୭୦ ॥ ପରେ ହ୍ରସ୍ୱ ଆସାରିତରେ କଳାଗୁଡ଼ିକୁ ଦ୍ୱିଗୁଣିତକରି ତାଳର ମଝି ମଝିରେ ଶମ୍ୟାଯୁକ୍ତ ମଧ୍ୟମ ଆସାରିତ କରଣୀୟ ॥ ୧୭୧ ॥ ମଧ୍ୟମ ଆସାରିତରେ ପ୍ରଥମ ବସ୍ତୁରେ ତିନିକଳା ପରେ ଉତ୍ତରତାଳ ହେବ । ଏବଂ ଏଥିରେ ଦୁଇଟି ସଂପୂର୍ଣ୍ଣ ପରିବୃତ୍ତ (ପୁନରାବୃତ୍ତି) ହେବା ଦରକାର ॥ ୧୭୨ ॥
ମଧ୍ୟମ ଆସାରିତରେ ପାତ:- ଶମ୍ୟା, ଦ୍ୱିକଳ, ତାଳ, ଦ୍ୱିକଳ ଶମ୍ୟା, ଏକକଳ, ତାଳ, ତ୍ରିକ ସନ୍ନିପାତ, ତ୍ରିକଳ ତାଳ, ଏକକଳ ଶମ୍ୟା, ଦ୍ୱିକଳା ତାଳ, ପୁନଃ ତ୍ରିକଳ ସନ୍ନିପାତ । ତୃତୀୟ ବସ୍ତୁରେ ଅନ୍ତରେ ଦ୍ୱାଦଶ କଳ ସନ୍ନିପାତ ରହେ ॥ ୧୭୩-୧୭୫ ॥ ମଧ୍ୟମ ଆସାରିରେ ପ୍ରଥମ ଭାଗ ଅଷ୍ଟକଳ ବୋଲି ବିଦିତ । ଦ୍ୱିତୀୟ ଦ୍ୱାଦଶ କଳ ଏବଂ ତୃତୀୟ ଭାଗରେ (ଚବିଶକଳାର) ସନ୍ନିପାତାନ୍ତ ଏକ ଭାଗ ରହିବା ଆବଶ୍ୟକ ॥ ୧୭୬ ॥

Digitized by srujanika@gmail.com

ଯେ ପୂର୍ବ ମଙ୍ଗୁଳିକୃତାଃ ପ୍ରବେଶ ବିକ୍ଷେପ ନିଷ୍କ୍ରମାଃ ଗଦିତାଃ ।
ତେ ସର୍ବେ କର୍ତ୍ତବ୍ୟା ମଧ୍ୟେ ତ୍ୱାସାରିତେ ତଜ୍‌ଜ୍ଞୈଃ ॥ ୧୭୭ ॥
ଅଥଜ୍ୟେଷ୍ଠେ ତୁ କର୍ତ୍ତବ୍ୟଂ ଶମ୍ୟାତାଳ ଲୟାତ୍ମକମ୍ ।
ଶରୀରଂ ହି ବୁଧୈର୍ନିତ୍ୟଂ ପଞ୍ଚଷଷ୍ଟି କଳାନ୍ୱିତମ୍ ॥ ୧୭୮ ॥
ତସ୍ୟାବାପୋଽଥ ନିଷ୍କ୍ରାମୋ ବିକ୍ଷେପୋଽଥ ପ୍ରବେଶନମ୍ ।
ଅଙ୍ଗୁଳୀନାଂ ତୁକର୍ତ୍ତବ୍ୟଂ କଳାମାନ ଚତୁଷ୍କଳମ୍ ॥ ୧୭୯ ॥
ଜ୍ୟେଷ୍ଠଂ ଚତୁଷ୍କଳଂ ସ୍ୟାଦାବାପୈଃ ସଂଯୁକ୍ତଂ ସବିକ୍ଷେପୈଃ ।
ବସ୍ତୁନ୍ୟତ୍ର ସ୍ୟାଦ୍ ସପ୍ତଦଶକଳଂ ତୁ ଶମ୍ୟାଦି ॥ ୧୮୦ ॥
ପୂର୍ବଂ ଶମ୍ୟାକାର୍ଯ୍ୟା ଚତୁଷ୍କଳୋବୈ ଭବେଦ୍ ତତଃ ତାଳଃ ।
ଶମ୍ୟାଚତୁଷ୍କଳାସ୍ୟାଦ୍ ଦ୍ୱିକଳସ୍ତତସ୍ତାଳସ୍ତତଃକାର୍ଯ୍ୟଃ ॥ ୧୮୧ ॥
କାର୍ଯ୍ୟଶ୍ଚ ସନ୍ନିପାତଃ ଷଟ୍‌କଳିକଃ ଷଟ୍‌କଳଶ୍ଚତାଳଃ ସ୍ୟାଦ୍ ।
ଦ୍ୱିକଳା ଚ ପୁନଃ ଶମ୍ୟା ଚତୁଷ୍କଳଃ ସ୍ୟାଦ୍ ପୁନସ୍ତାଳଃ ॥ ୧୮୨ ॥
ଶମ୍ୟା ଚତୁଷ୍କଳା ସ୍ୟାଦ୍ ତାଳୋ ଦ୍ୱିକଳଶ୍ଚ କର୍ତ୍ତବ୍ୟଃ ।
ପୁନରେବ ସନ୍ନିପାତଶ୍ଚ ଷଟ୍‌କଳଃ ସଂବିଧାତବ୍ୟଃ ॥ ୧୮୩ ॥
ବିଧିରେଷ ଏବ କୃସ୍ନଃ ପୁନସ୍ତୃତୀୟେ ସନ୍ନିପାତେଽନ୍ତେତୁ ।
ପୁନରେଷାମଙ୍ଗୁଳି ବିକ୍ଷେପଂ ସଂପ୍ରବକ୍ଷ୍ୟାମି ॥ ୧୮୪ ॥

ଅଙ୍ଗୁଳି ଦ୍ୱାରା କରାଯାଉ ଥିବା ପୂର୍ବୋକ୍ତ ପ୍ରବେଶ, ବିକ୍ଷେପ ଏବଂ ନିଷ୍କ୍ରାମକୁ ବିଜ୍ଞମାନେ ମଧ୍ୟମ ଆସାରିତରେ ଅନୁସରଣ କରିବେ ॥ ୧୭୭ ॥

ଦୀର୍ଘ ଆସାରିତରେ ପଣ୍ଡିତମାନେ ଶରୀର ଉପଯୁକ୍ତ ଲୟ ସହିତ ଶମ୍ୟା ତାଳ କରିବା ଉଚିତ । (ଏହି ଶରୀରରେ) ପଞ୍ଚଷଠିଟି କଳା ରହିବ ॥ ୧୭୮ ॥ ଏଥିରେ ଅଙ୍ଗୁଳିମାନଙ୍କର ଆବାପ, ନିଷ୍କ୍ରାମ ବିକ୍ଷେପ ଓ ପ୍ରବେଶକ ଚତୁଷ୍କଳ ହେବା ଉଚିତ ॥ ୧୭୯ ॥ ଦୀର୍ଘ ଆସାରିତରେ ଆବାପ, ବିକ୍ଷେପ ସହିତ ଚତୁଷ୍କଳବର୍ଗ ରହିବ । ଏହାର ବସ୍ତୁରେ ଅନ୍ୟତ୍ର ଶମ୍ୟାଦି ସପ୍ତଦଶକଳା ରହିବେ ॥ ୧୮୦ ॥ ଏହି ଆସାରିତରେ ପାତ ଏହିପରି ହେବ- ପ୍ରଥମେ ଶମ୍ୟା, ତାପରେ ଚତୁଷ୍କଳତାଳ, ଶମ୍ୟା ଚତୁଷ୍କଳା, ଦ୍ୱିକଳା ତାଳ କରାଯିବ । ଷଟ୍‌କଳ ସନ୍ନିପାତ, ଷଟ୍‌କଳ ତାଳ, ଦ୍ୱକଳା ଶମ୍ୟା, ଚତୁଷ୍କଳ ତାଳ, ଶମ୍ୟା ଚତୁଷ୍କଳା, ଦ୍ୱିକଳ ତାଳ, ପୁନର୍ବାର ଷଟ୍‌କଳ ସନ୍ନିପାତ ॥ ୧୮୧-୧୮୩ ॥ ତୃତୀୟ ସନ୍ନିପାତରେ ତାଳ ସଂପୂର୍ଣ୍ଣ ଏହି ବିଧାନରେ ହେବ । କିନ୍ତୁ ଶେଷରେ ଅଙ୍ଗୁଳି ବିକ୍ଷେପ ବିଷୟରେ କହୁଛି ॥ ୧୮୪ ॥

Digitized by srujanika@gmail.com

ଆବାପଃ ସହକାମ୍ୟୟା ନିଷ୍କ୍ରାମଶ୍ଚ ତତଃ ପରମ୍ ।
ବିକ୍ଷେପଶ୍ଚତତଃ ତାଳଃ କାର୍ଯ୍ୟଃ ପୁନରାବାପ ଇଷ୍ୟତେ ॥ ୧୮୫ ॥
ଅନାମିକାୟା ନିଷ୍କ୍ରାମୋ ବିକ୍ଷେପୋଽନନ୍ତରଂ ସ୍ମୃତଃ ।
ଶମ୍ୟୟାସହ ଆବାପଃ ତାଳୋ ବିକ୍ଷେପଣଂ ପୁନଃ ॥ ୧୮୬ ॥
କାର୍ଯ୍ୟଶ୍ଚ ମଧ୍ୟମାଙ୍ଗୁଲ୍ୟା ପ୍ରବେଶଶ୍ଚ ତତଃପରମ୍ ।
ଆବାପଶ୍ଚ ତତଃ କାର୍ଯ୍ୟଃ ତର୍ଜ୍ଜନୀନିଷ୍କ୍ରାମସ୍ତଥା ॥ ୧୮୭ ॥
ବିକ୍ଷେପଶ୍ଚ ପୁନଃକାର୍ଯ୍ୟଃ ସନ୍ନିପାତଃ ତଥୈବଚ ।
କଳାଃ ସପ୍ତଦଶୈବୈତାଃ ସନ୍ନିପାତେ ତଦନ୍ତରମ୍ ॥ ୧୮୮ ॥
ଆବାପଶ୍ଚ ପୁନଃ କାର୍ଯ୍ୟଃ କନୀୟସ୍ୟାଥ ନିର୍ଗମଃ ।
ବିକ୍ଷେପଶ୍ଚ ପ୍ରବେଶଶ୍ଚ ଆବାପଶ୍ଚ ତତଃ ପୁନଃ ॥ ୧୮୯ ॥
ଅନାମିକା କନୀୟସ୍ୟୋଃ ତତଃ ତାଳୋ ଭବେଦ୍ ପୁନଃ ।
ବିକ୍ଷେପଶ୍ଚ ପୁନସ୍ତାଭ୍ୟାଂ ତତଃ ଶମ୍ୟା ପ୍ରକୀର୍ତ୍ତିତା ॥ ୧୯୦ ॥
ଆବାପଶ୍ଚ କନୀୟସ୍ୟାଂ ତତଃ ତାଳଂ ନିୟୋଜୟେଦ୍ ।
ଆବାପଶ୍ଚ ତତଃ କାର୍ଯ୍ୟଃ ତର୍ଜ୍ଜନୀନିଷ୍କ୍ରାମସ୍ତଥା ॥ ୧୯୧ ॥
ଆବାପଶ୍ଚୈବ କର୍ତ୍ତବ୍ୟଃ ପୁନସ୍ତାଳଃ ପ୍ରୟୋକ୍ତୃଭିଃ ।
ବିକ୍ଷେପଶ୍ଚ ପ୍ରବେଶଶ୍ଚ ପୁନରାବାପ ଏବ ଚ ॥ ୧୯୨ ॥
ପ୍ରଦେଶିନ୍ୟା ଚ ନିଷ୍କ୍ରାମୋ ବିକ୍ଷେପଶ୍ଚ ପୁନଃ ସ୍ମୃତଃ ।
ସନ୍ନିପାତସ୍ତଥାନ୍ତ୍ୟେ ଚ ଚତୁର୍ବିଂଶତିକୋ ଭବେଦ୍ ॥ ୧୯୩ ॥

ଆବାପ, ଶମ୍ୟା, ନିଷ୍କ୍ରାମ, ବିକ୍ଷେପ, ତାଳ, ଆବାପ, ଅନାମିକାଦ୍ୱାରା ନିଷ୍କ୍ରାମ, ବିକ୍ଷେପ, ଶମ୍ୟା ଆବାପ, ତାଳ, ବିକ୍ଷେପ, ମଧ୍ୟମା ଦ୍ୱାରା ପ୍ରବେଶ, ଆବାପ, ନିଷ୍କ୍ରାମ ପୁନର୍ବାର ବିକ୍ଷେପ ଓ ତର୍ଜ୍ଜନୀ ଦ୍ୱାରା ସନ୍ନିପାତ । ପ୍ରଥମ ସନ୍ନିପାତରେ ଏହି ସପ୍ତଦଶ କଳା ॥ ୧୮୫-୧୮୮ ॥ ଆବାପ, କନିଷ୍ଠା ଦ୍ୱାରା ନିର୍ଗମ (ନିଷ୍କ୍ରାମ), ବିକ୍ଷେପ, ପ୍ରବେଶ, ଆବାପ, ଅନାମିକା ଓ କନିଷ୍ଠା ଦ୍ୱାରା ତାଳ, ଅନାମିକା ଓ କନିଷ୍ଠା ଦ୍ୱାରା ତାଳ ଓ ବିକ୍ଷେପ, ଶମ୍ୟା, ଆବାପ, ନିଷ୍କ୍ରାମ, ବିକ୍ଷେପ ଓ ତର୍ଜ୍ଜନୀ ଦ୍ୱାରା ଶମ୍ୟା ଏହି ସମସ୍ତ ପଞ୍ଚଦଶକଳା । ଆବାପ, ତାଳ, ବିକ୍ଷେପ, ସନ୍ନିପାତଦ୍ୱାରା (ଦ୍ୱିତୀୟ ସନ୍ନିପାତରେ) ଚତୁର୍ବିଂଶତି କଳା ହେବ ॥ ୧୮୯-୧୯୩ ॥

Digitized by srujanika@gmail.com

ତୃତୀୟ ସନ୍ନିପାତସ୍ୟ ଏଷଏବ ବିଧିଃ ସ୍ମୃତଃ ।
ଏବଂ ଜ୍ୟେଷ୍ଠସ୍ୟ ବିଜ୍ଞେୟଃ ତାଳାଙ୍ଗୁଳି ବିକଳ୍ପିତଃ ॥ ୧୯୪ ॥
ପ୍ରଥମଃ ଷୋଡ଼ଶକଳଃ ଚତୁର୍ବିଂଶତିକସ୍ତଥା ।
ଦ୍ୱିତୀୟଶ୍ଚ ତୃତୀୟଶ୍ଚ ସନ୍ନିପାତଃ କଳାଧିକଃ ॥ ୧୯୫ ॥
ପ୍ରତ୍ୟେକଂ ପାତନଂ ଯେଷୁ ଦଶସପ୍ତଭବନ୍ତି ହି ।
ଶମ୍ୟାତାଳ କୃତାନୀହ ସନ୍ନିପାତକୃତାନି ଚ ॥ ୧୯୬ ॥
ବସ୍ତୁନ୍ୟାଦ୍ୟେ ହ୍ୟଜ୍ୟେଷ୍ଠେଷୁ ଦ୍ୱେଚାନ୍ୟେ ପୂର୍ବବଦ୍ ଯୋଜ୍ୟେ ।
ଷଟ୍କ ଶମ୍ୟାଷ୍ଟତାଳଂ ତ୍ରିସନ୍ନିପାତଂ ତ୍ରିବସ୍ତୁ ଚାପ୍ୟେକମ୍ ॥ ୧୯୭ ॥
ସପ୍ତଦଶପାତନଯୁକ୍ତଂ ବିଦ୍ୟାଦାସାରିତଂ ସମ୍ୟକ୍ ।
ଅଷ୍ଟୌ ତାଳାସ୍ତୁ ଷଟ୍ ଶମ୍ୟାଃ ସନ୍ନିପାତା ସ୍ତ୍ରୟସ୍ତଥା ॥ ୧୯୮ ॥
ଆସାରିତେ ବିଧୌଜ୍ଞେୟ ଏକୈକସ୍ମିନ୍ ପ୍ରକୀର୍ତ୍ତିତଃ ।
ଆସାରିତାନାମିତ୍ୟେବଂ ଗଦିତଂ ଲକ୍ଷଣଂ ମୟା ॥ ୧୯୯ ॥
ଗୀତାନାଂ ବସ୍ତୁକାନାଂଚ ପ୍ରୟୋଗଃ ପରିକଳ୍ପ୍ୟତେ ।
ଅତଉର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଗୀତକାନାଂ ତୁ ଲକ୍ଷଣମ୍ ॥ ୨୦୦ ॥
ସର୍ବେଷାମେବଗୀତାନାଂ ବସ୍ତୁଷ୍ୱବୟବେଷୁ ଚ ।
ବିବଧୈକକ ବୃତ୍ତାନି ତ୍ରୀଣ୍ୟଙ୍ଗାନି ଭବନ୍ତି ହି ॥ ୨୦୧ ॥
ଏକକଂ ତୁ ବିଦାର୍ଯ୍ୟେକା ଦ୍ୱେ ଚାପି ବିବଧଃ ସ୍ମୃତଃ ।
ଷଟ୍ପରଂ ତ୍ର୍ୟବରଂ ବିଦାର୍ଯ୍ୟାଃ ପରିକୀର୍ତ୍ତିତଃ ॥ ୨୦୨ ॥

ତୃତୀୟ ସନ୍ନିପାତର ତାଳବିଧି :- ଦୀର୍ଘ ଆସାରିତ ପ୍ରଦର୍ଶନରେ ଏହି ଅଙ୍ଗୁଳି ବିନ୍ୟାସ ପ୍ରଥମ ସନ୍ନିପାତରେ ଷୋଡ଼ଶ ହେବ । ଦ୍ୱିତୀୟରେ ଚବିଶ ଏବଂ ତୃତୀୟ ସନ୍ନିପାତରେ ଦ୍ୱିତୀୟ ଅପେକ୍ଷା ଅଧିକ ଏକ କଳା । ଏମାନଙ୍କ ମଧ୍ୟରେ ପ୍ରତ୍ୟେକରେ ଶମ୍ୟା, ତାଳ ଓ ସନ୍ନିପାତ ଦ୍ୱାରା ଗଠିତ । ଶମ୍ୟା, ତାଳ ଓ ସନ୍ନିପାତରେ ଦଶ କିମ୍ବା ସାତବର୍ଗ ରହିବ ॥ ୧୯୪-୧୯୫ ॥ ହ୍ରସ୍ୱ ଓ ମଧ୍ୟମ ଆସାରିତରେ ପ୍ରଥମ ବସ୍ତୁରେ ପୂର୍ବ କଥିତ ଅନ୍ୟ ଦୁଇଟି ପ୍ରଯୋଜ୍ୟ । ଏମାନଙ୍କ ମଧ୍ୟରୁ ବସ୍ତୁତ୍ରୟରେ ଛଅ ଶମ୍ୟା, ଆଠ ତାଳ ଓ ତିନି ସନ୍ନିପାତ, ଆସାରିତ ସପ୍ତଦଶ ପାତ (କଳା) ବୋଲି ଜାଣିବ ॥ ୧୯୬-୧୯୭ ॥ ଆଠ ତାଳ, ଛଅ ଶମ୍ୟା ଏବଂ ତିନି ସନ୍ନିପାତ ପ୍ରତ୍ୟେକ ଆସାରିତରେ ପ୍ରଯୋଜ୍ୟ ବୋଲି ଜାଣିବ । ଆସାରିତ ମାନଙ୍କର ଏହି ଲକ୍ଷଣ ମୁଁ କହିଲି । ଏବେ ଗୀତର ଓ ବସ୍ତୁମାନଙ୍କର ପ୍ରୟୋଗ କଳ୍ପନା କରାଯାଉଛି । ଏହାପରେ ଗୀତକର ଲକ୍ଷଣ ବିଷୟରେ କହିବି ॥ ୧୯୮-୨୦୦ ॥ ସମସ୍ତ ଗାନର ବସ୍ତୁ ଓ ଅବୟବମାନଙ୍କର ବିବିଧ ଏକକ ଓ ବୃତ୍ତ ପ୍ରଭୃତି ଅଙ୍ଗରହିଅଛି । ଏକକରେ ଗୋଟିଏ ବିଦାରୀ ଅଛି । ବିବିଧରେ ଦୁଇ । ବୃତ୍ତରେ ତିନିରୁ ଅଧିକ ଓ ଛଅରୁ କ'ମ ରହିବ ॥ ୨୦୧-୨୦୨ ॥

Digitized by srujanika@gmail.com

ପଦବର୍ଣ୍ଣ ସମାପ୍ତିସ୍ତୁ ବିଦାରୀତ୍ୟଭିସଂଜ୍ଞିତା ।
ନ୍ୟାସାପନ୍ୟାସାଂଶସମଂ ଶାନ୍ତଂ ତଦ୍‌ପରିକୀର୍ତ୍ତିତମ୍ ॥ ୨୦୩ ॥
ବିଦାରୟନ୍ତି ଯସ୍ମାଦ୍ଧି ପଦମଧ୍ୟସ୍ୱରା ଯଦା ।
ତଦା ବିଦାରୀ ବିଜ୍ଞେୟା ଗୁରୁବର୍ଣ୍ଣାନୁକାରିଣୀ ॥ ୨୦୪ ॥
ବିବଧୈକକୟୋଃ ପ୍ରାୟଃ ମଦ୍ରକେ ତୁ ପ୍ରୟୋଜନମ୍ ।
ପ୍ରକର୍ଯ୍ୟାଣ୍ଟାପି ବସ୍ତ୍ୱର୍ଧେ ପାଦେ ରୋବିନ୍ଦକସ୍ୟ ଚ ॥ ୨୦୫ ॥
ରୋବିନ୍ଦକୋତ୍ତରାଭ୍ୟାଂତୁ ବୃତ୍ତମ୍ ଉଲ୍ଲୋପ୍ୟକେ ତଥା ।
ପାଣିକାୟାଂ ବହିର୍ଗୀତେ ଲାସ୍ୟେ ଚୈବ ପ୍ରକୀର୍ତ୍ତିତମ୍ ॥ ୨୦୬ ॥
ପ୍ରବୃତ୍ତମବଗାଢ଼ଂ ଚ ଦ୍ୱିବିଧଂ ବୃତ୍ତମୁଚ୍ୟତେ ।
ଆରୋହିତ୍ୱାଦବଗାଢ଼ଂ ପ୍ରବୃତ୍ତ ମବରୋହତଃ ॥ ୨୦୭ ॥
ଆରୋହଣଂ ତୁ ଦ୍ୱିବିଧଂ ତଥା ଚୈବାବରୋହଣମ୍ ।
ନ୍ୟାସୋପନ୍ୟାସ ବିହିତଂ ମାର୍ଗାନ୍ତରକୃତଂ ତଥା ॥ ୨୦୮ ॥
ତ୍ର୍ୟବରୈକାଦଶ ପରା ବିଦାର୍ଯ୍ୟଃ ପରିକୀର୍ତ୍ତିତାଃ ।
ଚତୁର୍ବିଂଶତିରେତାସାଂ ପ୍ରମାଣଂ ପରମଂ ସ୍ମୃତମ୍ ॥ ୨୦୯ ॥
ଅଧ୍ୟର୍ଧା ଚ ତୃତୀୟାଚ ସନ୍ନିପାତାଦ୍ ପ୍ରମାଣତଃ ।
ଉଲ୍ଲୋପ୍ୟକେ ବିଦାରୀ ତୁ ସ୍ମୃତା ବୈହାୟସେ ତଥା ॥ ୨୧୦ ॥

ପଦ ଓ ବର୍ଣ୍ଣର ସମାପ୍ତିକୁ ବିଦାରୀ ବୋଲି କୁହାଯାଏ । ନ୍ୟାସ ଓ ଅପନ୍ୟାସ ଅଂଶରେ ଯାହାର ସମାପ୍ତି ହୁଏ ତାହାକୁ ବସ୍ତୁ କୁହନ୍ତି ॥ ୨୦୩ ॥ ସ୍ୱର ସମୂହକୁ ବିଦାରଣ କରୁଥିବାରୁ ଏହାର ନାମ ବିଦାରୀ । ଏହା ଗୁରୁବର୍ଣ୍ଣକୁ ଅନୁକରଣ କରେ ॥ ୨୦୪ ॥ ବିବିଧ ଓ ଏକକ ଅଧିକ ଭାବରେ ମଦ୍ରକ ଗାନରେ ପ୍ରକରୀର ପ୍ରତି ଅର୍ଥବସ୍ତୁରେ ଏବଂ ରୋବିନ୍ଦକର ପ୍ରତିପାଦରେ ପ୍ରୟୋଗ କରାଯାଏ । କିନ୍ତୁ ରୋବିନ୍ଦକ, ଉତ୍ତର ଉଲ୍ଲୋପ୍ୟକ, ପାଣିକା, ବହିର୍ଗୀତ ଓ ଲାସ୍ୟରେ ବୃତ୍ତି ପ୍ରଯୁକ୍ତ ହୁଏ ॥ ୨୦୫, ୨୯୦୬ ॥ ବୃତ୍ତ, ଦ୍ୱିବିଧ । ପ୍ରବୃତ୍ତ ଓ ଅବଗାଢ଼ । ଆରୋହୀ କ୍ରମରେ ଅବଗାଢ଼ ଏବଂ ଅବରୋହୀ କ୍ରମରେ ବୃତ୍ତ ପ୍ରଯୁକ୍ତ ହୁଏ ॥ ୨୦୭ ॥ ଆରୋହୀ ଓ ଅବରୋହୀ ଦୁଇ ପ୍ରକାର । ନ୍ୟାସ ଓ ଅପନ୍ୟାସ ବିହିତ ଏକ, ମାର୍ଗାନ୍ତର କୃତ ଦୁଇ ॥ ୨୦୮ ॥ (ଅନ୍ତରମାର୍ଗ-୭) । ଗାନରେ ସବୁଠାରୁ କମରେ ତିନିବିଦାରୀ ଅଧିକରେ ଏଗାର ରହିବ । ସର୍ବାଧିକ ଚବିଶ ହୋଇପାରେ ॥ ୨୦୯ ॥ କିନ୍ତୁ ଉଲ୍ଲୋପ୍ୟକ ଓ ବୈହାୟସ କ୍ଷେତ୍ରରେ ବିଦାରୀ ସଂଖ୍ୟା ତୃତୀୟସନ୍ନିପାତରେ ଯେତେ ବେଶି ଅଛି ତାର ଅଧା ॥ ୨୧୦ ॥

Digitized by srujanika@gmail.com

ବିବଧେନ ଚ ତାଃକାର୍ଯ୍ୟା ଯୁଗ୍ମବୃତ୍ତେନ ଚୈବ ହି ।
ନହ୍ୟର୍ଧେ ସନ୍ନିପାତେ ତୁ ଭବେଦଙ୍ଗ ସମାପନମ୍ ॥ ୨୧୧ ॥
ବିବଧଃ ତ୍ରିବିଧଃ ଜ୍ଞେୟଃ କୀର୍ତ୍ତ୍ୟମାନାନ୍ ନିର୍ବୋଧତ ।
ସାମୁଦ୍‌ଗଣ୍ଡାର୍ଧସାମୁଦ୍‌ଗଃ ବିବୃତ୍ତଶ୍ଚେତି କୀର୍ତ୍ତିତଃ ॥ ୨୧୨ ॥
ନ୍ୟାସାନ୍ତୋ ବିବଧୋ ଜ୍ଞେୟଃ ମୁକ୍ତ୍ୱାବୈ ଗେୟକଂ ସଦା
ଆଦୌ ତୁ ମଦ୍ରକେ ଚୈବ ସାମୁଦ୍‌ଗଃ ପରିକୀର୍ତ୍ତିତଃ ॥ ୨୧୩ ॥
ଲଘୁବର୍ଣ୍ଣସମଂ ପେୟଂ ସାମୁଦ୍‌ଗେ ତୁ ବିଧୀୟତେ ।
ତଦ୍‌ତ୍ୱନ୍ତେ ଚ ତୃତୀୟେ ଚ ତଦ୍‌ବୈ ଗେୟକ ସଂଜ୍ଞିତଃ ॥ ୨୧୪ ॥
ବିଦାର୍ଯ୍ୟଙ୍ଗ ସମୋଽର୍ଧଂ ସ୍ୟାଦ୍ ଅର୍ଧଂ ବିସଦୃଶଂ ଯଥା ।
ଯୋଗେ ତୁ ଅର୍ଧସାମୁଦ୍‌ଗଃ ତଥାଜ୍ଞେୟଃ ପ୍ରୟୋକ୍ତୃଭିଃ ॥ ୨୧୫ ॥
ବିଦାରୀ ବିଷମା ଜ୍ଞେୟା ନ୍ୟାସାପନ୍ୟାସ ଏବ ଚ ।
ତଦ୍ ସଂପ୍ରୟୋଗ ବାହୁଲ୍ୟଂ ବିବୃତ୍ତଂ ପରିକୀର୍ତ୍ତିତମ୍ ॥ ୨୧୬ ॥
ବିବଧଂ ଚୈକକଂ ଚାପି ବୃତ୍ତଂ ଚୈବ ଯଥାକ୍ରମମ୍ ।
ନ୍ୟାସାପନ୍ୟାସମଂଶାନ୍ତଂ ସଦାଜ୍ଞେୟଂ ପ୍ରୟୋକ୍ତୃଭିଃ ॥ ୨୧୭ ॥
ସନ୍ୟାସ ଶ୍ଚୈବ ବିନ୍ୟାସୋ ହ୍ୟଙ୍ଗମଧ୍ୟେଯଥାକ୍ରମମ୍ ।
ବିନ୍ୟାସଃ ସତୁବିଜ୍ଞେୟୋ ବିଦାରୀ ମଧ୍ୟମସ୍ଥିତଃ ॥ ୨୧୮ ॥

ଏଗୁଡ଼ିକ ବିବଧ ବା ଯୁଗ୍ମବୃତ୍ତ ସହିତ କରାଯିବ । ସନ୍ନିପାତର ଅଧାରେ ଅଙ୍ଗ ସମାପ୍ତି ହେବ ନାହିଁ ॥ ୨୧୧ ॥ ବିବଧ ତିନି ପ୍ରକାର :- ସାମୁଦ୍‌ଗ, ଅର୍ଧ ସାମୁଦ୍‌ଗ ଓ ବିବୃତ୍ତ ॥ ୨୧୨ ॥ ଗେୟକ ବ୍ୟତୀତ ସବୁ ସମୟରେ ବିବଧ ନ୍ୟାସ ସ୍ୱରରେ ସମାପ୍ତ ହେବ । ମଦ୍ରକର ଆରମ୍ଭରେ ସାମୁଦ୍‌ଗ ବିହିତ ॥ ୨୧୩ ॥ କିନ୍ତୁ ସାମୁଦ୍‌ଗରେ ଗେୟକ ହ୍ରସ୍ୱବର୍ଣ୍ଣପରି ପ୍ରୟୋଗ କରାଯିବ । ଅନ୍ତ୍ୟ ଓ ତୃତୀୟ ବିଦାରୀରେ ପ୍ରୟୋଗ ହେଲେ ଏହାକୁ ଗେୟକ କୁହାଯାଏ ॥ ୨୧୪ ॥ ଯାହାର ବିଦାରୀ ଅଙ୍ଗ ସହିତ ସମାନ ପ୍ରଥମ ଅଧକ, ଅନ୍ୟ ଅଧକ ବିସଦୃଶ (ଅନ୍ୟ ପ୍ରକାର)ହୁଏ ତାହାକୁ ଅର୍ଥ ସାମୁଦ୍‌ଗ କୁହାଯାଏ ॥ ୨୧୫ ॥ ନ୍ୟାସ ଓ ଅପନ୍ୟାସରେ ବିଦାରୀ ବିଷମ (ଅଯୁଗ୍ମ) ଏହାର ବହୁଳ ପ୍ରୟୋଗକୁ ବିବୃତ୍ତ କୁହାଯାଏ ॥ ୨୧୬ ॥ ବିବଧ, ଏକକ ଓ ବୃତ୍ତ ଯଥାକ୍ରମେ ନ୍ୟାସ ଅପନ୍ୟାସ ଓ ଅଂଶ ସ୍ୱରରେ ଶେଷ ହେବ ॥ ୨୧୭ ॥ ସନ୍ୟାସ ବିନ୍ୟାସ ସ୍ୱର ଅଙ୍ଗର ମଧ୍ୟ ଭାଗରେ ରହେ । ବିନ୍ୟାସ ବିଦାରୀର ମଧ୍ୟ ଭାଗରେ ରହିବ ॥ ୨୧୮ ॥

Digitized by srujanika@gmail.com

ବିଦାରୀ ବକ୍ତ୍ରବିନ୍ୟାସଃ ପଦାନ୍ତେ କ୍ୱଚିଦେବହି ।
ନ ତଦ୍ ବାହୁଲ୍ୟ ମୁଦ୍ଦିଷ୍ଟଂ ପ୍ରୟୋଗସ୍ୟ ପ୍ରୟୋକ୍ତୃଭିଃ ॥ ୨୧୯ ॥
ଗୀତାନି ସପ୍ତମଦ୍ରକୋଲ୍ଲୋପ୍ୟକେ ଚାପରାନ୍ତକମ୍ ।
ପ୍ରକର୍ଯ୍ୟୋ ବେଣକେ ଚୈବ ରୋବିନ୍ଦକ ମଥୋତ୍ତରମ୍ ॥ ୨୨୦ ॥
ଦ୍ୱିବିଧଂ ମଦ୍ରକଂ ତତ୍ର ଚତୁର୍ବସ୍ତୁ ତ୍ରିବସ୍ତୁଚ ।
ଶୀର୍ଷକେଣ ସମାଯୁକ୍ତଂ ତଦ୍‌ତୁଜ୍ଞେୟଂ ତ୍ରିବସ୍ତୁକମ୍ ॥ ୨୨୧ ॥
ପଞ୍ଚଷଟ୍ ସପ୍ତ ବାପି ସ୍ୟୁଃ ଶୀର୍ଷକାଣ୍ୟପରାନ୍ତକେ ।
ପ୍ରକର୍ଯ୍ୟାଂ ମଥ ଚତ୍ୱାରି ସ୍ୟୁଃ ତ୍ରୀଣ୍ୟର୍ଧାଧିକାନି ଚ ॥ ୨୨୨ ॥
ରୋବିନ୍ଦକଂ ତୁ ସପ୍ତାଙ୍ଗଂ ଷୋଡ଼ଶାଙ୍ଗଂ ପରଂସ୍ମୃତମ୍ ।
ଦ୍ୱୌ ପାଦୌ ସମବର୍ଣ୍ଣୌ ତୁ ଏକକେ ତତ୍ରକୀର୍ତ୍ତିତୌ ॥ ୨୨୩ ॥
ପ୍ରବୃତ୍ତଂ ବିବିଧଂ ଚାପି ତସ୍ୟ ତ୍ୱାଦୌ ପ୍ରୟୋଜୟେତ୍ ।
ତତୋ ଦେହଂ ତତୋଽଙ୍ଗାନି ଯଥାଯୋଗଂ ନିବେଶୟେତ୍ ॥ ୨୨୪ ॥
ଆକାରଶ୍ଚାସ୍ୟ ମଧ୍ୟେ ସ୍ୟାଦ୍ ଆକାର ଶ୍ଚାନ୍ତତଃ ସ୍ମୃତଃ ।
ଅବିକଳ୍ପକ ମନ୍ତେଽସ୍ୟ ଶୀର୍ଷକଂ ସଂପ୍ରୟୋଜୟେତ୍ ॥ ୨୨୫ ॥

କୌଣସି କୌଣସି ସ୍ଥଳରେ ବିନ୍ୟାସ ବିଦାରୀର ଶେଷ ପଦରେ ହୋଇପାରେ । କିନ୍ତୁ ବିଜ୍ଞମାନେ ଏହାର ଆଧିକ୍ୟକୁ ସମର୍ଥନ କରନ୍ତି ନାହିଁ ॥ ୨୧୯ ॥

ସପ୍ତବିଧଗାନ:- ଗୀତ ସାତ ପ୍ରକାର । ମଦ୍ରକ, ଉଲ୍ଲୋପ୍ୟକ, ଅପରାନ୍ତକ, ପ୍ରକରୀ, ଓବେଣକ, ରୋବିନ୍ଦକ, ଉତ୍ତର ॥ ୨୨୦ ॥

ମଦ୍ରକ - ମଦ୍ରକ ଦୁଇ ପ୍ରକାର । ଚତୁର୍ବସ୍ତୁ ଏବଂ ତ୍ରିବସ୍ତୁ । ଯେଉଁଥିରେ ଶୀର୍ଷକ ରହେ ତାହା ତ୍ରିବସ୍ତୁ ॥ ୨୨୧ ॥

ଅପରାନ୍ତକ - ଅପରାନ୍ତକରେ ପାଞ୍ଚ, ଛଅ ବା ସାତଟି ଶୀର୍ଷକ ହୋଇଥାଏ । **ପ୍ରକରୀରେ** ଶୀର୍ଷକ ଚାରି + ସାଢ଼େତିନ= ସାର୍ଦ୍ଧସପ୍ତ ହୋଇଥାଏ ॥ ୨୨୨ ॥

ରୋବିନ୍ଦକ- ଏଥିରେ ସର୍ବନିମ୍ନ ସାତ ଅଙ୍ଗ ରହେ ଓ ବେଶୀ ହେଲେ ଷୋହଳ । ସେଥିରେ ଏକକର ପରପର ଦୁଇଟି ସମସଂଖ୍ୟକ ବର୍ଣ୍ଣଯୁକ୍ତ ପାଦ ॥ ୨୨୩ ॥ ରୋବିନ୍ଦକରେ ପ୍ରାରମ୍ଭରେ ପ୍ରବୃତ୍ତ ଓ ବିବଧ ଏବଂ ପରେ ଶରୀର ଓ ପ୍ରତ୍ୟଙ୍ଗ ପଦ ଯଥାସ୍ଥାନରେ ସ୍ଥାନିତ ହେବ ॥ ୨୨୪ ॥ ଏହା ମଧ୍ୟରେ ଆକାର ରହିବ । ଶେଷରେ ମଧ୍ୟ ଆକାରଟିଏ ରହିବ । ଏହା ଅନ୍ତରେ ଗୋଟିଏ ଅବିକଳ୍ପକ ଶୀର୍ଷକ ରହିବ ॥ ୨୨୫ ॥

Digitized by srujanika@gmail.com

ସପ୍ତାଙ୍ଗଂ ଦ୍ୱାଦଶାଙ୍ଗଂବା ପ୍ରୋକ୍ତମୋବେଣକଂ ବୁଧୈଃ ।
ତତ୍ର ଦ୍ୱ୍ୟଙ୍ଗଂତୁ ସପ୍ତାଙ୍ଗଂ ତ୍ର୍ୟଙ୍ଗଂ ଦ୍ୱାଦଶକଂ ସ୍ମୃତମ୍ ॥ ୨୨୬ ॥
ପାଦଃ ସନ୍ଧିର୍ମାଷଘାତଃ ବଜ୍ରଂ ସଂପିଷ୍ଟକଂ ତଥା ।
ଶୀର୍ଷକଂ ଚତୁରସ୍ରଂଚ ତଥା ଚୈବୋପବର୍ତ୍ତନମ୍ ॥ ୨୨୭ ॥
ଉପପାତଃ ପ୍ରବେଣ୍ୟୌ ଚ ଦ୍ୱ୍ୟଙ୍ଗଂ ସଂହରଣଂ ତଥା ।
ଅଙ୍ଗାନି ଦ୍ୱାଦଶାଂଗସ୍ୟ ସ୍ମୃତାନ୍ୟୋବେଣକସ୍ୟ ତୁ ॥ ୨୨୮ ॥
ସଂପିଷ୍ଟକୋପପାତାଭ୍ୟାଂ ପ୍ରବେଣୀଭ୍ୟାଂ ବିବର୍ଜିତମ୍ ।
ଉପବର୍ତ୍ତନହୀନଂ ଚ ସପ୍ତାଙ୍ଗମପି କୀର୍ତ୍ତିତମ୍ ॥ ୨୨୯ ॥
ବିବର୍ତ୍ତନଂ ତୁ ସପ୍ତାଙ୍ଗଂ ତୁଲ୍ୟବର୍ଣ୍ଣପଦଂ ସ୍ମୃତମ୍ ।
ଅନୟୋର୍ଦ୍ୱାଦଶାଙ୍ଗେ ତୁ ତତାନ୍ୟପଦମିଷ୍ୟତେ ॥ ୨୩୦ ॥
ଉଲ୍ଲୋପ୍ୟକେଽପି ଚାଙ୍ଗାନାମ୍ ଏଷଏବ ବିଧିଃସ୍ମୃତଃ ।
ଅବଗାଢ଼ଂ ପ୍ରବୃତ୍ତଂ ଚ ମହାଜନିକମେବ ଚ ॥ ୨୩୧ ॥
ତ୍ର୍ୟଙ୍ଗନ୍ତୁ ସ୍ୟାଦ୍ ତଥା ଦ୍ୱ୍ୟଙ୍ଗୋ ମହାଜନିକ ବର୍ଜିତଃ ।
ସ୍ଥିତଂ ପ୍ରବୃତ୍ତସଂଯୋଗାଦେକାଙ୍ଗୋ ବାପି କୀର୍ତ୍ତ୍ୟତେ ॥ ୨୩୨ ॥
ଏକାଙ୍ଗେ ସଂବିଧାତବ୍ୟଂ ମହାଜନିକମେବ ଚ ।
ଦ୍ୱ୍ୟଙ୍ଗଂ ସ୍ଥିତଂ ପ୍ରବୃତ୍ତଂ ବା ପ୍ୟେକକାଙ୍ଗଂ ପ୍ରକୀର୍ତ୍ତିତମ୍ ॥ ୨୩୩ ॥

ଓବେଣକ- ଓବେଣକରେ ସାତ ବା ବାରଅଙ୍ଗ ରହେ । ସପ୍ତବନ୍ଧ ଓବେଣକ ଦ୍ୱ୍ୟଙ୍ଗରେ ଏବଂ ଦ୍ୱାଦଶବନ୍ଧ ଓବେଣକ ତ୍ର୍ୟଙ୍ଗରେ ସମାପ୍ତ ହୁଏ ॥ ୨୨୬ ॥

ଦ୍ୱାଦଶାଙ୍ଗ, ଓବେଣକର ଦ୍ୱାଦଶାଙ୍ଗ:- ପାଦ, ସନ୍ଧି, ମାଷଘାତ, ବଜ୍ର, ସଂପିଷ୍ଟିକ, ଶୀର୍ଷକ, ଚତୁରସ୍ର, ଉପବର୍ତ୍ତନ, ଉପପାତ, ଦୁଇ ପ୍ରବେଣୀ, ଦ୍ୱ୍ୟଙ୍ଗ, ସଂହରଣ ॥ ୨୨୭, ୨୨୮ ॥

ସପ୍ତାଙ୍ଗ:- ସଂପିଷ୍ଟକ, ଉପପାତ, ଦୁଇ ପ୍ରବେଣୀ ଏବଂ ଉପବର୍ତ୍ତନ, ଦ୍ୱାଦଶାଙ୍ଗରୁ ବର୍ଜ୍ଜିତ ହେଲେ ଓବୈଣକକୁ ସପ୍ତାଙ୍ଗ କୁହାଯାଏ ॥ ୨୨୯ ॥ ଉଭୟ ଓବେଣକର ଅନୁରୂପ ବର୍ଣ୍ଣ ଓ ପଦବିଶିଷ୍ଟ ସାଧାରଣ ସାତଅଙ୍ଗ ବିବର୍ତ୍ତନ ନାମରେ ପରିଚିତ । ଦ୍ୱାଦଶାଙ୍ଗ ଓବେଣକର ଅନ୍ୟାନ୍ୟ ଅଙ୍ଗର ପଦଗୁଡ଼ିକ ବିଭିନ୍ନ ହେବ ॥ ୨୩୦ ॥ ଉଲ୍ଲୋପ୍ୟକରେ ଅବଗାରି, ପ୍ରବୃତ୍ତ ଓ ମହାଜନିକ ତିନିଟି ଅଙ୍ଗ । ମହାଜନିକ ହୀନ ହେଲେ ଏହା ଦ୍ୱ୍ୟଙ୍ଗ ନାମ ଧାରଣ କରେ । ସ୍ଥିତ ପ୍ରବୃତ୍ତ ସହିତ ଯୁକ୍ତ ହେଲେ ଉଲ୍ଲୋପ୍ୟକ ଏକାଙ୍ଗ ନାମରେ ପରିଚିତ ହୁଏ । ମହାଜନିକ ଓ ଏକାଙ୍ଗ ଉଲ୍ଲୋପ୍ୟକ ଗଠନ କରିପାରେ । ସ୍ଥିତ ଓ ପ୍ରବର୍ତ୍ତକ ଦ୍ୱ୍ୟଙ୍ଗ ବା ଏକାଙ୍ଗ ଉଲ୍ଲୋପ୍ୟକ ପୃଥକ୍ ଭାବରେ ଗଠନ କରିପାରନ୍ତି ॥ ୨୩୧, ୩୨, ୩୩ ॥

Digitized by srujanika@gmail.com

ଦ୍ୟଙ୍ଗେ ବ୍ୟାସ ସମାସାଭ୍ୟାଂ ଧ୍ରୁବା ଧାତୁବିଧିଃସ୍ମୃତଃ ।
ସ୍ଥିତଂ ପ୍ରବୃତ୍ତଂ ଚ ତଥା ମହାଜନିକ ମେବ ଚ ॥ ୨୩୪ ॥
ତ୍ର୍ୟଙ୍ଗସ୍ତୁ ସ୍ୟାଦଥ ଦ୍ୟଙ୍ଗୋ ମହାଜନିକ ବର୍ଜିତଃ ।
ଏକାଙ୍ଗୋଽପି ବିଧାତବ୍ୟୋ ମହାଜନିକ ସଂଯୁତଃ ॥ ୨୩୫ ॥
ଏବଂ ବ୍ୟାସସମାସା ମାସାଭ୍ୟାଂ ବହୁଧାଙ୍ଗବିଧିଃ ସ୍ମୃତଃ ।
ଚତୁରସ୍ରସ୍ତଥା ତ୍ର୍ୟସ୍ରୋ ମିଶ୍ରଶ୍ଚାନ୍ତଃ ପ୍ରକୀର୍ତ୍ତିତଃ ॥ ୨୩୬ ॥
ଓବେଣକସ୍ୟ ସଂହାରେ ଦ୍ୟଙ୍ଗ ଏକାଙ୍ଗ ଏବ ବା ।
ନାଦୌ ନ ମଧ୍ୟେ ସଂହାରୋ ନିତ୍ୟଂ ଚୈବ ପ୍ରଯୁଜ୍ୟତେ ॥ ୨୩୭ ॥
ଏକକୋ ବିବଧୋ ବାପି କାର୍ଯୋ ହ୍ୟନ୍ତେ ବୁଧୈଃ ସଦା ।
ଉଲ୍ଲୋପ୍ୟକଂ ଷଡ଼ବରଂ ବିଂଶତ୍ୟଙ୍ଗପରଂ ସ୍ମୃତମ୍ ॥ ୨୩୮ ॥
ତତ୍ର ସଂହରଣଂ ଜ୍ଞେୟଂ ମୁଖ ପ୍ରତିମୁଖାନ୍ୱିତମ୍ ।
ବୈହାୟସକ ସଂଯୁକ୍ତଂ ତେନାପି ଚ ବିବର୍ଜିତମ୍ ॥ ୨୩୯ ॥
ତ୍ରିଷ୍ୱଙ୍ଗେଷ୍ୱବରଂ ଜ୍ଞେୟଂ ପରଂସ୍ୟାଦ୍ ଦ୍ୱାଦଶସ୍ୱପି ।
ଏକାଙ୍ଗଂ ଷଟ୍‌ପରଂ ଜ୍ଞେୟଂ ବୈହାୟସକ ମେବ ଚ ॥ ୨୪୦ ॥
ଅସ୍ୟ ଚାଙ୍ଗତ୍ରୟେଽତୀତେ ପ୍ରୟୋଗମୁପପାଦୟେତ୍ ।
ଉଲ୍ଲୋପ୍ୟକୋତ୍ତରାଭ୍ୟାଂତୁ ମୁଖ ପ୍ରତିମୁଖେ ସ୍ମୃତେ ॥ ୨୪୧ ॥

ଦ୍ୟଙ୍ଗ (ଉଲ୍ଲୋପ୍ୟକ) ଧ୍ରୁବା ଓ ଧାତୁ ବିଧି ପୃଥକ୍ ଭାବରେ ଏବଂ ସଂଯୁକ୍ତ ଭାବରେ ପ୍ରଯୁକ୍ତ ହୁଏ । ଉଲ୍ଲୋପ୍ୟକର ତିନି ଅଙ୍ଗ ହେଲା- ସ୍ଥିତ, ପ୍ରବୃତ୍ତ ଓ ମହାଜନିକ । ଦ୍ୟଙ୍ଗ (ଉଲ୍ଲୋପ୍ୟକ) ମହାଜନିକ ବ୍ୟତୀତ ହେବ । କେବଳ ମହାଜନିକ ଏକାଙ୍ଗ (ଉଲ୍ଲୋପ୍ୟକ) ଗଠନ କରିବ । ଏମାନେ ପୃଥକ୍ ଓ ସଂଯୁକ୍ତ ଭାବରେ (ଉଲ୍ଲୋପ୍ୟକର) ବହୁଅଙ୍ଗ ସମ୍ବନ୍ଧରେ ବିଧି, ଏମାନେ ଚତୁରସ୍ର, ତ୍ର୍ୟସ୍ର ଓ ଦ୍ୱ୍ୟସ୍ର ହୋଇ ପାରନ୍ତି ॥ ୨୩୪, ୩୫, ୨୩୬ ॥ ଓବେଣକର ସଂହାର (ସଂହରଣ) ଦୁଇ ବା ଏକ ଅଙ୍ଗରେ ଗଠିତ । ଏହି ସଂହାର ପ୍ରାରମ୍ଭରେ ବା ମଧ୍ୟ ଭାଗରେ ସର୍ବଦା ପ୍ରଯୋଜ୍ୟ ହୋଇଥାଏ ॥ ୨୩୭ ॥ ଏକକ ବା ବିବଧ ସର୍ବଦା ଅନ୍ତରେ ପ୍ରଯୋଜ୍ୟ । ଏବଂ ଉଲ୍ଲୋପ୍ୟକରେ ଛଅରୁ କମ୍ ବା କୋଡ଼ିଏରୁ ବେଶି ଅଙ୍ଗ ରହିବା ଉଚିତ ନୁହେଁ ॥ ୨୩୮ ॥ ଏହି ଅଙ୍ଗମାନଙ୍କମଧ୍ୟରେ ସଂହରଣ, ମୁଖ ଓ ପ୍ରତିମୁଖ ଯୁକ୍ତହେବ । ଏଥିରେ ବୈହାୟସ ରହିପାରେ ନ ପାରେ । ଏଥିରେ ତିନିରୁ କ'ମ ଏବଂ ବା'ରରୁ ବେଶି ଅଙ୍ଗରହିବ ନାହିଁ । ଛଅ ପର୍ଯ୍ୟନ୍ତ ଅଙ୍ଗଥିବା ବୈହାୟସ ରହିବ ॥ ୨୩୯, ୨୪୦ ॥ ଏହାର ତିନିଟି ଅଙ୍ଗ ଅତୀତ ହେଲେ ପ୍ରୟୋଗ ଆରମ୍ଭ କରିବ । ଉଲ୍ଲୋପ୍ୟକ ଓ ଉତ୍ତର ପାଇଁ ମୁଖ ଓ ପ୍ରତିମୁଖ ଅଙ୍ଗ

Digitized by srujanika@gmail.com

ତତୋଽଙ୍ଗାନାଂ ସମାସୋ ବା ବିସ୍ତାରୋ ବା ବିଧୀୟତେ ।
ମୁଖ ପ୍ରତିମୁଖେ ଚୈବ ଜ୍ଞେୟେ ବିବଧ ସଂଜ୍ଞିତେ ।। ୨୪୨ ।।
ବୃତ୍ତଂ ପ୍ରତିମୁଖେ ଚ ସ୍ୟାଦ୍ ଅନ୍ୟାୟାଂ ତୁ ସମାସତଃ ।
ଉଲ୍ଲୋପ୍ୟକେ ତୁ ଶାଖାଖ୍ୟଂ ସୋତ୍ତରେ ସାପରାନ୍ତକେ ।। ୨୪୩ ।।
ପ୍ରତିଶାଖା ତଥା ଚୈଷାଂ ସମବର୍ଣ୍ଣପଦା ସ୍ମୃତା ।
ଉତ୍ତରଂ ଦ୍ୱାଦଶପରଂ ଷଡ଼ଙ୍ଗାବର ମିଷ୍ୟତେ ।। ୨୪୪ ।।
ଆକାର ପାଦହୀନେନ ସହ ରୋବିନ୍ଦକେନ ତୁ ।
ଅନ୍ତେ ଚାଥ ବିଶେଷେଣ ସ୍ଥାପ୍ୟ ମସ୍ୟ ହି ଶୀର୍ଷକମ୍ ।। ୨୪୫ ।।
ଏବମଙ୍ଗ ବିଧିଃ କାର୍ଯଃ ସପ୍ତରୂପେ ପ୍ରୟୋକ୍ତୃଭିଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଗୀତାନାଂ ବସ୍ତୁକଳ୍ପନମ୍ ।। ୨୪୬ ।।
କଳାଃ ଷୋଡ଼ଶ ବିଜ୍ଞେୟା ମାତ୍ରାଃ ସର୍ବେଷୁ ବସ୍ତୁଷୁ ।
ତସ୍ୟାଶ୍ଚୈବ ଚତୁର୍ଭାଗଃ ପାଦଭାଗଃ ପ୍ରକୀର୍ତ୍ତିତଃ ।। ୨୪୭ ।।
ଆଦୌ ଗୁର୍ବଷ୍ଟକଂ କୃତ୍ୱା ନ୍ୟସେଲ୍ଲଘ୍ୱଷ୍ଟକଂ ତଥା ।
ତତ୍ରୋପବହନଂ କାର୍ଯ୍ୟଂ ପ୍ରଥମେ ତୁ ଗୁରୁଦ୍ୱୟେ ।। ୨୪୮ ।।

ବିହିତ ହୋଇଅଛି । ତାହା ପରେ ଅନ୍ୟ ଅଙ୍ଗଗୁଡ଼ିକ ସଂହତ ବା ପ୍ରସାରିତ ହୋଇପାରେ । ୨୪୧, ୨୪୨ ।। ମୁଖ ଓ ପ୍ରତିମୁଖକୁ ବିଭିନ୍ନ ନାମରେ ଜାଣିବା । ପ୍ରତିମୁଖରେ ବୃତ୍ତ ରହେ । ସଂକ୍ଷେପରେ ଅନ୍ୟ ଅଙ୍ଗ ରହିପାରେ । ଉଲ୍ଲୋପ୍ୟକ ଶାଖା, ଉତ୍ତର, ଅପରାନ୍ତକ ଓ ପ୍ରତିଶାଖାରେ (ମୁଖ ଓ ପ୍ରତିମୁଖର) ସଂକ୍ଷେପରେ ଅନୁରୂପ ବର୍ଣ୍ଣ ଓ ପଦ ରହିବ ।। ୨୪୩ ।।ଏମାନଙ୍କର ପ୍ରତିଶାଖା ସମବର୍ଣ୍ଣପଦା ହେବ । ଏହାର ଉତ୍ତର, ଛଅଟି ଅଙ୍ଗରୁ କ'ମ ବା ବାରଟି ଅଙ୍ଗରୁ ଅଧିକ ହେବା କାଂକ୍ଷିତ ନୁହେଁ ।। ୨୪୪ ।।

ସପ୍ତରୂପରେ 'ଆ'କାର ପାଦହୀନ ରୋବିନ୍ଦକ ସହିତ ଶେଷରେ ବିଶେଷ ଭାବରେ ଶୀର୍ଷକ ପ୍ରୟୋଗ କରାଯିବ ।। ୨୪୫ ।।

ପ୍ରୟୋଗଜ୍ଞ ସପ୍ତରୂପରେ (ସାତ ପ୍ରକାର ଗାନ) ଏହି ଅଙ୍ଗବିଧି ପାଳନ କରିବେ । ଏହାପରେ ଗାନରେ ବସ୍ତୁ ପ୍ରମାଣ ସମ୍ବନ୍ଧରେ କହିବି ।। ୨୪୬ ।।

ସମସ୍ତ ବସ୍ତୁରେ ଷୋଡ଼ଶ ମାତ୍ରା କଳା ରହିବ । ଏହାର ପ୍ରତି ଚତୁର୍ଥାଂଶକୁ ପାଦଭାଗ କୁହନ୍ତି ।। ୨୪୭ ।। ଆରମ୍ଭରେ ପ୍ରଥମ ଆଠଟି ଦୀର୍ଘ, ତାପରେ ଆଠଟି ହ୍ରସ୍ୱ, ତାପରେ ପ୍ରଥମ ଦୁଇଟି ଦୀର୍ଘ ମାତ୍ରାରେ ଉପୋହନ କରାଯିବ । ତାପରେ ପ୍ରତ୍ୟୁମୋହନ କଲାବେଳେ ତୃତୀୟଟି ଦୀର୍ଘ ଏବଂ ଚତୁର୍ଥ ଓ ପଞ୍ଚମରେ ଦୀର୍ଘ ସ୍ୱରରେ (ଦୁଇ) ଶମ୍ୟା ହେବ ।। ୨୪୮, ୨୪୯ ।।

Digitized by srujanika@gmail.com

ଗୁର୍ବକ୍ଷରେ ତୃତୀୟେ ତୁ ତତଃସ୍ୟାଦ୍ ପ୍ରତ୍ୟୁପୋହନମ୍ ।
ଗୁର୍ବକ୍ଷରେ ଚତୁର୍ଥେ ତୁ ଶମ୍ୟାକାର୍ଯାତୁ ପଞ୍ଚମେ ॥ ୨୪୯ ॥
ଷଷ୍ଠ ସପ୍ତମୟୋଃ ତାଳଃ ଶମ୍ୟା ଗୁର୍ବକ୍ଷରେଽଷ୍ଟମେ ।
ତତୋର୍ଧକଳିକାନ୍ ପାଦାନ୍ କୁର୍ଯ୍ୟାଲ୍ଲଘ୍ୱକ୍ଷରେଷ୍ୱଚ ॥ ୨୫୦ ॥
ଗୁର୍ବକ୍ଷରେ ତାଳଗତେ ପାଦାସ୍ତୁ କଳିକାଃ ସ୍ମୃତାଃ ।
ଶମ୍ୟାତାଳୌ ତାଳଶମ୍ୟେ କୁର୍ଯ୍ୟାଦ୍ଦ୍ୱେବାନୁପୂର୍ବଶଃ ॥ ୨୫୧ ॥
ତାଳଂ ଶମ୍ୟାଂ ଚ ତାଳଂ ଚ ସନ୍ନିପାତଂ ତଥୈବଚ ।
ଶୀର୍ଷକଂ ଚାସ୍ୟ କର୍ତ୍ତବ୍ୟଂ ବୁଧୈଶ୍ଚାପପୁଟେନ ତୁ ॥ ୨୫୨ ॥
ଏବମେକକଳୋଜ୍ଞେୟଃ ତାଳଯୋଗସ୍ତୁ ମଦ୍ରକେ ।
ଗୁରୁର୍ବିଶ୍ଳେଷପାଦେନ ଦ୍ୱିକଳଂ ପରିଚକ୍ଷତେ ॥ ୨୫୩ ॥
ବିଶ୍ଳେଷଣକଳାଷ୍ଟାତ୍ର ଯଥାପୂର୍ବଂ ନିବେଶୟେଦ୍ ।
ଦ୍ୱିକଳେ ମଦ୍ରକେ ଚୈବ ତ୍ରିକଳଂ ସ୍ୟାଦୁପୋହନମ୍ ॥ ୨୫୪ ॥
କଳିକା ଦ୍ୱିକଳଂ ବାପି ଭବେଚ୍ଚ ପ୍ରତ୍ୟୁପୋହନମ୍ ।
ଦ୍ୱିକଳୈଃ ଗୁର୍ବକ୍ଷରକୃତୈଃ ପାଦଭାଗୈ ର୍ଯଥାକ୍ରମମ୍ ॥ ୨୫୫ ॥
ଚତୁର୍ଭିସ୍ତୁ ଭବେନ୍ ମାତ୍ରା ତ୍ରିମାତ୍ରଂ ବସ୍ତୁ ସଂଜ୍ଞିତମ୍ ।
ତ୍ରିବସ୍ତୁ ଦ୍ୱିକଳଂ ଜ୍ଞେୟଂ ପାତେ ପାଦବିଧିସ୍ତ୍ୱୟମ୍ ॥ ୨୫୬ ॥

ଷଷ୍ଠ ଓ ସପ୍ତମରେ ତାଳ ଏବଂ ଏହାପରେ ଅଷ୍ଟମରେ ଶମ୍ୟା ହେବ । ଏ ସମସ୍ତ ଗୁରୁ ଅକ୍ଷରରେହେବ । ଏହାପରେ ହ୍ରସ୍ୱ ଅକ୍ଷରରେ ଗୋଟିଏ ଅଷ୍ଟକଳ ପାଦ କରାଯିବ ॥ ୨୫୦ ॥ ଗୁରୁଅକ୍ଷର ତାଳରେ ପାଦମାନଙ୍କରେ ଗୋଟିଏ ସମ୍ପୂର୍ଣ୍ଣ କଳା (ପାତକଳା) ରହିବ । ଯଥା:- ଶମ୍ୟା, ତାଳ, ଶମ୍ୟା, ତାଳ ଓ ସନ୍ନିପାତ । ଏହିପରି ଶୀର୍ଷକ ଚଞ୍ଚତ୍ପୁଟ ଦ୍ୱାରା କରାଯିବ । ମଦ୍ରକ ଗାନରେ ଏହିପରି ଏକତାଳ ପଦ୍ଧତି । ଗୋଟିଏ ପାଦରେ ଯେତେବେଳେ ଗୁରୁ ଅକ୍ଷର ଗୁଡ଼ିକ ପୃଥକ୍ କରାଯିବ, ସେତେବେଳେ ସେମାନଙ୍କୁ ଦ୍ୱିକଳ ବୋଲି ମନେ କରାଯିବ ॥ ୨୫୧-୨୫୩ ।

ଏଥିରେ ପୂର୍ବପରି କଳାଗୁଡ଼ିକ ଅଲଗା କରି ବିନ୍ୟାସ କରିବ । ଦ୍ୱିକଳ ମଦ୍ରକର ଉପୋହନରେ ତିନି କଳା ରହିବ । ପ୍ରତ୍ୟୁପୋହନ ଏକ ବା ଦୁଇକଳା ବିଶିଷ୍ଟ ହେବ ॥୨୫୪-୫୫॥ ଚାରିକଳାରେ ଗୋଟିଏ ମାତ୍ରା ହେବ। ତ୍ରିମାତ୍ରାଯୁକ୍ତକୁ ବସ୍ତୁବୋଲି କୁହାଯିବ । ତ୍ରିବସ୍ତୁକୁ ଦ୍ୱିକଳ ବୋଲି ଜାଣିବ । ଏହା ହିଁ ପାତରେ ପାଦବିଧି ॥ ୨୫୬ ॥

Digitized by srujanika@gmail.com

ଗୁର୍ବକ୍ଷରେଷୁ ଯେ ପାତାଃ ଶମ୍ୟାତାଳାଦୟଃ ସ୍ମୃତାଃ ।
ତାନେବ ପାଦଭାଗେଷୁ ଦ୍ୱିକଳେଷ୍ୱତ୍ର ଯୋଜୟେତ୍ ।। ୨୫୭ ।।
ଅଷ୍ଟମୀ ଷୋଡ଼ଶୀ ଚାସ୍ୟା ଦଶମୀ ଚ ଯଥାକ୍ରମମ୍ ।
ଚତୁର୍ଦଶ୍ୟାଂ କଳାୟାଂ ତୁ ତାଳଂ ନ ଦ୍ୱାଦଶୀଯୁତମ୍ ।। ୨୫୮ ।।
ଲଘ୍ୱଷ୍ଟକେ ପାତବିଧିଃ ଯଥାପୂର୍ବଂ ପ୍ରକୀର୍ତ୍ତିତଃ ।
ବସ୍ତୁତ୍ରୟେଽପି ଦ୍ୱିକଳେ ଏବଂ ପାତାନ୍ ପ୍ରୟୋଜୟେତ୍ ।
ଶୀର୍ଷକଂ ଚୈବ କର୍ତ୍ତବ୍ୟଂ ଷଟ୍‌କଳଂ ପଞ୍ଚପାଣିନା ।। ୨୫୯ ।।
ଝଂଡ୍ରଂ ଝଂଡ୍ରଂ ଶୈଳେନ୍ଦ୍ରରାଜ ସଂସ୍ଥିତ ମୀଶଂ ଶାନ୍ତଂଶିବଂ ପନ୍ନଗେନ୍ଦ୍ର ପରିବଦ୍ଧଜଟଂ ମୁନିଗଣନମିତଂ ଧ୍ୟାନାଭିରତଂ ଜ୍ଞାନମୟଂ ମଦନାଙ୍ଗହରଂ, ବିଭୁଂ ପ୍ରଭୁମ୍ ।
ଶରଣାଗତୋଽହଂ ଦୈତ୍ୟୈ ର୍ନାଗୈଃ ସଂସ୍ତୁତମୀଶଂତ୍ୱାଂ ବେଦମୟଂ ତ୍ୱାଂ କର୍ତ୍ତାରଂ ଭୁବନ ପତିଂ ସର୍ବଲୋକ ନମସ୍କୃତମ୍ ।
ଋଗ୍‌ଯଜୁଃ ପରିପଠିତଂ ଗଙ୍ଗାଧରଂ ଶୂଳଧରଂ ଭୁଜଗେନ୍ଦ୍ରଧରଂ ପ୍ରଣତୋଽସ୍ମି ଶିବଂ ଶିରସା ।।

।। ସମାପ୍ତଂ ଦ୍ୱିକଳମଦ୍ରକମ୍ ।।

ଦେବଂ ବିମଳଂ ପ୍ରଣତାର୍ତ୍ତିହରଂ ମାୟାଧରଂ ମାୟାରୂପଂ ଜଟିଳଂ ନମାମି ।
ଶିବଂ ଶିରସା ।
ଶୀର୍ଷକଂ ଷଟ୍‌କଳଂ ସମାପ୍ତମ୍ । ଦ୍ୱିକଳ ମଦ୍ରକମ୍ ।
ଚତୁଷ୍କଳଂ ପ୍ରବକ୍ଷ୍ୟାମି ଯଥାବଦ୍ ଦ୍ୱିଜସତ୍ତମାଃ ।
ଚତୁଷ୍କଳୈଃ ପାଦଭାଗୈ ଯଥାପୂର୍ବ ମୁଦାହୃତୈଃ ।। ୨୬୦ ।।

ଗୁରୁ ଅକ୍ଷରମାନଙ୍କରେ ବିହିତ ଶମ୍ୟା, ତାଳ ପ୍ରଭୃତିକୁ ଦ୍ୱିକଳ ପାଦ ଭାଗମାନଙ୍କରେ ପ୍ରୟୋଗ କରିବ ।। ୨୫୭ ।। ଅଷ୍ଟମୀ, ଦଶମୀ ଓ ଷୋଡ଼ଶୀରେ ଶମ୍ୟା ରହିବ । ଚତୁର୍ଦଶୀକଳାରେ ତାଳ, କିନ୍ତୁ ଦ୍ୱାଦଶୀରେ ନୁହେ ।। ୨୫୮ ।।

ଆଠଟି ଲଘୁ ଅକ୍ଷର ବିଶିଷ୍ଟ କ୍ଷେତ୍ରରେ ପୂର୍ବ ଅନୁଯାୟୀ ପାତବିଧି ହେବ । ଦ୍ୱିକଳ ତ୍ରିବସ୍ତୁରେ ଏହି ପାତମାନ ପ୍ରୟୋଗ କରିବ । ପଞ୍ଚପାଣିଦ୍ୱାରା ଷଟ୍‌କଳ ଶୀର୍ଷକ କରାଯିବ ।। ୨୫୯ ।। ଉଦାହରଣ ଉପରେ ଅଛି । - ଅର୍ଥ ସରଳ ଶିବସ୍ତୁତି ।
ହେ ବିପ୍ରଗଣ, ଏବେ ଚତୁଷ୍କଳ ମଦ୍ରକ ବିଷୟ ବିଧାନ ଅନୁସାରେ କହିବି । ପୂର୍ବରୁ କୁହାଯାଇଥିବା ଚତୁଷ୍କଳ ପାଦଭାଗ ରୂପେ (ବିଶ୍ଳେଷଣ କରାଯିବ) ।। ୨୬୦ ।।

Digitized by srujanika@gmail.com

ଚତୁର୍ଭିସ୍ତୁ ଭବେନ୍‌ମାତ୍ରା ତ୍ରିମାତ୍ରଂ ବସ୍ତୁସଂଜ୍ଞିତମ୍ ।
ପାତାଂଶ୍ଚୈବ ପ୍ରବକ୍ଷ୍ୟାମି ପାଦଭାଗେ ଯଥାକ୍ରମମ୍ ।। ୨୬୧ ।।
ଚତୁର୍ଥେ ପଞ୍ଚମେଽନ୍ତ୍ୟେଚ ଶମ୍ୟା କାର୍ଯ୍ୟାଷ୍ଟମେ ତଥା
ଦଶମୈକାଦଶେ ଶମ୍ୟା ଦ୍ୱିତୀୟା ନବମେ ସ୍ମୃତା ।। ୨୬୨ ।।
ଷଷ୍ଠେ ଚ ସପ୍ତମେ ତାଳଃ ଅନ୍ତ୍ୟେଚ ନବମେଽପ୍ୟହି ।
ଦଶମୈକାଦଶେ ଚୈବ ଦ୍ୱିତୀୟଃ ସମୁଦାହୃତଃ ।। ୨୬୩ ।।
ଆଦ୍ୟଂ ତୁ ଦ୍ୱାଦଶେ ପ୍ରୋକ୍ତଂ ସନ୍ନିପାତୋଽବସାନତଃ ।
ଏବଂ ପାତ ବିଧାନଂ ସ୍ୟାଦ୍ ସର୍ବଂବସ୍ତୁ ପ୍ରୟୋଜୟେଦ୍ ।। ୨୬୪ ।।
ପ୍ରଥମେ ବସ୍ତୁକେ ହ୍ୟାଦୌ କଳାଷ୍ଟକ ମୁପୋହନମ୍ ।
ପ୍ରତ୍ୟୁପୋହନ ମିତ୍ୟୁକ୍ତଂ ଦ୍ୱିତୀୟେ ଦ୍ୱିକଳଂ ଭବେତ୍ ।। ୨୬୫ ।।
ତୃତୀୟେ ତ୍ରିକଳଂ ଜ୍ଞେୟଂ ଚତୁର୍ଥେତୁ ଚତୁଷ୍କଳମ୍ ।
ଅସ୍ୟାନ୍ତେ ଶୀର୍ଷକଂ କାର୍ଯ୍ୟଂ ଷଟ୍‌ପିତାପୁତ୍ରକେଣ ତୁ ।। ୨୬୬ ।।
ଦ୍ୱିକଳେ ତୁ ଯଥା ପାତଂ ପଞ୍ଚପାଣି ଚତୁଷ୍ଟୟମ୍ ।
ଦ୍ୱିଗେୟକଂ ତୃତୀୟେ ଚ ଚତୁର୍ଥେ ଚ ଯଥାକ୍ରମମ୍ ।। ୨୬୭ ।।

ଚାରିକଳାରେ ଗୋଟିଏ ମାତ୍ରା ଏବଂ ତିନିମାତ୍ରାରେ ଗୋଟିଏ ବସ୍ତୁ । ପାଦ ଭାଗରେ ଯଥାକ୍ରମେ ପାତ ସବୁ କହିବି ।। ୨୬୧ ।।

ପ୍ରଥମ ବସ୍ତୁରେ ଚତୁର୍ଥ, ପଞ୍ଚମ, ଅଷ୍ଟମ, ଶେଷରେ ଶମ୍ୟା କରାଯିବ । ଦଶମ ଏକାଦଶ ଓ ନବମ କଳାରେ ପ୍ରଥମେ ଶମ୍ୟା କରାଯିବ ।। ୨୬୨ ।।

ଏଥିରେ ଷଷ୍ଠ ସପ୍ତମ ଓ ନବମ ଅନ୍ତ୍ୟରେ ଏବଂ ଦଶମ ଓ ସପ୍ତମର ପ୍ରାରମ୍ଭରେ ତାଳ ହେବ ।। ୨୬୩ ।।

ଦ୍ୱାଦଶରେ ଆଦ୍ୟ ବିଧାନ କରାଯାଇଅଛି । ଶେଷରେ ସନ୍ନିପାତ ପ୍ରୟୋଗ ହେବ । ଏହିପରି ପାତ ବିଧାନ ହେବ ଏବଂ ସମସ୍ତ ବସ୍ତୁ ମଧ୍ୟ ଏହିପରି ପ୍ରୟୋଗ କରିବ ।। ୨୬୪ ।।

ପ୍ରଥମବସ୍ତୁର ଆରମ୍ଭରେ ଆଠକଳାଯୁକ୍ତ ଉପୋହନ ଏବଂ ଦ୍ୱିତୀୟ ବସ୍ତୁରେ ଦ୍ୱିକଳାଯୁକ୍ତ ପ୍ରତ୍ୟୁପୋହନ ହେବ ।। ୨୬୫ ।।

ତୃତୀୟରେ ତିନିକଳା ଏବଂ ଚତୁର୍ଥରେ ଚାରିକଳା ହେବ । ଅନ୍ତ୍ୟରେ ଷଟ୍‌ପିତାପୁତ୍ରକ ଦ୍ୱାରା ଶୀର୍ଷକ କରାଯିବ ।। ୨୬୬ ।। ଦ୍ୱିକଳବସ୍ତୁରେ ପାତ ଅତିକ୍ରମ ନ କରି ଚାରିଟି ପଞ୍ଚପାଣି ହେବ । ତୃତୀୟରେ ଓ ଚତୁର୍ଥ ବସ୍ତୁରେ କ୍ରମାନୁସାରେ ଦ୍ୱିଗେ ୟକ ରହିବ ।। ୨୬୭ ।।

Digitized by srujanika@gmail.com

ପରିବର୍ତ୍ତସମାପ୍ତିସ୍ତୁ ଚତୁର୍ଥେ ସଂବିଧୀୟତେ ।
ମଦ୍ରାଂଶୋପୋହନଂ ବସ୍ତୁ ପ୍ରଥମଂ ଚ ଦ୍ୱିତୀୟକମ୍ ॥ ୨୬୮ ॥
ଚତୁର୍ଥଂ ତୁ ତ୍ରିପ୍ରମାଣଂ ତ୍ର୍ୟସ୍ରତାଳସମୁଦ୍‌ଭବମ୍ ।
ଦ୍ୱିର୍ଭାବାଦ୍ ଦ୍ୱିକଳସ୍ୟୈବଂ ବିଜ୍ଞେୟଂତୁ ଚତୁଷ୍କଲମ୍ ॥ ୨୬୯ ॥
ସପ୍ତମେ ଲଘୂନି ତ୍ୱନ୍ତ୍ୟେ ଦ୍ୱିର୍ଭାବୋଽସ୍ମିନ୍ ବିଧୀୟତେ ॥
ଚତୁଷ୍କଲୋଽତ୍ର ବିହିତଃ କଳାଷ୍ଟକ ମୁପୋହନମ୍ ॥ ୨୭୦ ॥
ଏକା ଦ୍ୱେଚ ଚତୁଷ୍କଶ୍ଚ ତଥା ସ୍ୟାଦ୍ ପ୍ରତ୍ୟୁପୋହନମ୍ ।
ଯଥାକ୍ଷରସ୍ୟ କର୍ତ୍ତବ୍ୟଂ ମଦ୍ରକସ୍ୟ ତୁ ଶୀର୍ଷକମ୍ ॥ ୨୭୧ ॥
ଚତୁଷ୍କଲଃ ପଞ୍ଚପାଣିଃ ଦ୍ୱିକଳେ ଦ୍ୱିକଳଃ ସ୍ମୃତଃ ।
ଚତୁଷ୍କଲସ୍ତୁ କର୍ତ୍ତବ୍ୟୋ ମଦ୍ରକେ ତୁ ଚତୁଷ୍କଲେ ॥ ୨୭୨ ॥
ତ୍ରିବସ୍ତୁ ତ୍ରିପ୍ରମାଣଂ ତୁ ତ୍ର୍ୟସ୍ରତାଳ ସମୁଦ୍‌ଭବମ୍ ।
ଇତ୍ୟୁକ୍ତଂ ମଦ୍ରକଂ ପାତୈଃ ତ୍ରୟୋଦଶଭି ରନ୍ୱିତମ୍ ॥ ୨୭୩ ॥
ଗୁର୍ବକ୍ଷରାଣି ଚତ୍ୱାରି ଚତ୍ୱାରି ସ୍ୟୁର୍ଲଘୂନି ଚ ।
ଦ୍ୱିତୀୟେ ଗୁରୁକେ ଶମ୍ୟା ତୃତୀୟେ ତାଳ ଏବ ଚ ॥ ୨୭୪ ॥

ଚତୁର୍ଥ ବସ୍ତୁରେ ପରିବର୍ତ୍ତରେ ସମାପ୍ତି ହେବ । ପ୍ରଥମ ଓ ଦ୍ୱିତୀୟ ବସ୍ତୁ ଉପୋହନ ଏବଂ ମଦ୍ରକଭାଗ ହେବ । ଏମାନେ ତ୍ର୍ୟସ୍ରତାଳରୁ ଜାତ । ତିନିଟି ପ୍ରମାଣର ତିନିଟି ବସ୍ତୁକୁ ଅନ୍ତର୍ଭୁକ୍ତ କରିବ ॥ ୧୬୮ ॥
ଦ୍ୱିଗୁଣିତ ଦ୍ୱିକଳ ବସ୍ତୁଦ୍ୱାରା ଚତୁଷ୍କଳ ବସ୍ତୁ ହେବ । ଏଥିରେ ସପ୍ତମ ଓ ଅନ୍ତ୍ୟ ଅକ୍ଷର ଗୁଡ଼ିକ ଲଘୁ ହେବ । ଏଥିରେ ଦ୍ୱିଗୁଣୀକରଣ ମଧ୍ୟ ବିଧେୟ । ତେଣୁ ଏଥିରେ ଚାରିକଳା ନିୟମିତ, ତତ୍ପରେ ଉପୋହନରେ ଆଠକଳା ହେବ । ପ୍ରତ୍ୟୁପୋହନରେ ଏକ, ଦୁଇ ବା ଚାରିକଳା ରହିବ ॥ ୨୬୯-୧୭୦ । ଯଥାକ୍ଷର ପଞ୍ଚପାଣିରେ ସାଧାରଣ ମଦ୍ରକର ଶୀର୍ଷକ ହେବ । ଦ୍ୱିକଳ ମଦ୍ରକରେ ଗୋଟିଏ ପଞ୍ଚପାଣିରେ ଦୁଇ କଳା ରହିବ । ଚତୁଷ୍କଳ ମଦ୍ରକରେ ଏହାର ହିଁ ଚାରିକଳା ରହିବ ॥ ୨୭୧, ୨୭୨ ॥ ତିନିଟି ବିଭିନ୍ନ ମାତ୍ରାର ତିନିବସ୍ତୁ ଏଥିରେ ରହିବ ଏଗୁଡ଼ିକ ମଧ୍ୟ ତ୍ର୍ୟସ୍ର ତାଳରୁ ଜାତ ହେବ ।
ଏହିପରି ମଦ୍ରକର ତେରଟି ପାତ ରହିବ ॥ ୨୭୩ ॥
ଅପରାନ୍ତକ : - ଚାରିଟି, ଗୁରୁବର୍ଣ୍ଣ ଓ ଚାରିଟି ଲଘୁବର୍ଣ୍ଣ ଏଥିରେ ରହିବ । ଦ୍ୱିତୀୟଗୁରୁ ଅକ୍ଷରରେ ଶମ୍ୟା ତଥା ତୃତୀୟରେ ତାଳ ହେବ ॥ ୨୭୪ ॥

Digitized by srujanika@gmail.com

ତୃତୀୟେ ଚ ଚତୁର୍ଥେ ଚ ଶମ୍ୟାତାଳୌ ଲଘୂନ୍ୟପି ।
ତାଳଂ ଶମ୍ୟା ଚ ତାଳେ ଚ ସନ୍ନିପାତଂ ଚ ଯୋଜୟେତ୍
ଲଘ୍ୱକ୍ଷରୈ ରଷ୍ଟକଳିକାତ୍ ପାତାନେତାନ୍ ପ୍ରୟୋଜୟେତ୍ ॥ ୨୭୫ ॥
ତାଳଃ ଶମ୍ୟା ଚ ତାଳଶ୍ଚ ସନ୍ନିପାତୋଽନ୍ତ ଏବ ଚ ।
ତ୍ର୍ୟସ୍ର ତାଳ ସମୁଦ୍ଭୂତଂ ବିଜ୍ଞେୟ ମପରାନ୍ତକମ୍ ॥ ୨୭୬ ॥
ଗୁର୍ବକ୍ଷରାଣି ବିଶ୍ଲିଷ୍ୟ ଦ୍ୱିକଳଂ ସଂପ୍ରୟୋଜୟେତ୍ ।
ପାଦଭାଗୈ ସ୍ତଥାଷଡ୍‌ଭିଃ ଦ୍ୱିକଳଂ ଚ ଚତୁଷ୍କଳମ୍ ॥ ୨୭୭ ॥
ଶମ୍ୟା ତାଳୌ ତାଳୌ ଶମ୍ୟା ତାଳଃ ଷଷ୍ଠୋ ଯଥାକ୍ରମମ୍ ।
ପୂର୍ବବତ୍ ପାତବିନ୍ୟାସଃ ଷଷ୍ଠପଞ୍ଚମୟୋଃ ସ୍ମୃତଃ ॥ ୧୭୮ ॥
ଆବାପବିକ୍ଷେପଯୁତଂ ପାଦୈରେଭି ଶ୍ଚତୁଷ୍କଳମ୍ ।
ଚତୁଷ୍କଳୈଃ ପାଦଭାଗୈଃ ଷଡ୍‌ଭିସ୍ତୁ ସମଳଂକୃତମ୍ ॥ ୨୭୯ ॥
ବସ୍ତୁସଂଖ୍ୟାଶ୍ଚ ଷଟ୍ ପଞ୍ଚ ସପ୍ତକାନ୍ ସଂପ୍ରୟୋଜୟେତ୍ ।
ଦ୍ୱିତୀୟ ପଞ୍ଚମେଽନ୍ତ୍ୟେଚ ଦ୍ୱେ ଶମ୍ୟେ ସମୁଦାହୃତେ ॥ ୨୮୦ ॥
ତୃତୀୟେ ତୁ ଭବେଦନ୍ତ୍ୟଂ ଦ୍ୱିତୀୟେ ପଞ୍ଚମେ ସ୍ମୃତଃ ।
ଆଦୌ ଷଷ୍ଠେ ତୁ ତାଳଃ ସ୍ୟାତ୍ ସନ୍ନିପାତଃ ତତୋଽନ୍ତିମଃ ॥ ୨୮୧ ॥

ତୃତୀୟ ଓ ଚତୁର୍ଥରେ ଲଘୁବର୍ଣ୍ଣ ଯୋଗୁଁ ଶମ୍ୟା ଓ ତାଳ ଏବଂ ତାଳଶମ୍ୟା ଦୁଇକଳା ଓ ସନ୍ନିପାତ ହେବ । ଲଘୁବର୍ଣ୍ଣ ଅଷ୍ଟକଳାପାତ ହେବ ॥ ୨୭୫ ॥
ତାଳ ଶମ୍ୟା ତାଳ ଓ ସନ୍ନିପାତ ଦ୍ୱାରା ସୂଚିତ ତ୍ର୍ୟସ୍ରତାଳରୁ ଅପରାନ୍ତକ ଜାତ ବୋଲି ଜାଣିବ ॥ ୨୭୬ ॥ ଦୀର୍ଘ ଅକ୍ଷରମାନଙ୍କୁ ଅଲଗା କରି ଦ୍ୱିକଳତାଳ ପ୍ରୟୋଗକରିବ । ଛଅ ପଦ ଭାଗ ଦ୍ୱାରା ଏହି ଦ୍ୱିକଳ ଓ ଚତୁଷ୍କଳ ଗାନ ପ୍ରୟୋଗ କରିବ ॥ ୨୭୭ ॥

ଶମ୍ୟା ତାଳ ଓ ଦୁଇତାଳ ଶମ୍ୟା ଏବଂ ତାଳ । ପଞ୍ଚମ ଓ ଷଷ୍ଠକଳାର ପାତ ବିନ୍ୟାସ ପୂର୍ବପରି ହେବ ॥ ୨୭୮ ॥

ଆବାପ ଓ ବିକ୍ଷେପଯୁକ୍ତ ଏହିପରି ତାଳଦ୍ୱାରା ଚତୁଷ୍କଳ ହେବ । ଚାରି ଓ ଛଅ କଳାର ତାଳ ଦ୍ୱାରା ଏହା ସମ୍ପନ୍ନ ହେବ ॥ ୨୭୯ ॥ ଏଥିରେ ପାଞ୍ଚ, ଛଅ ବା ସାତ ସଂଖ୍ୟକ ବସ୍ତୁ ପ୍ରୟୋଗ କରିବ । ଦ୍ୱିତୀୟ ଓ ପଞ୍ଚମ କଳା ଶେଷରେ ଦୁଇଟି ଶମ୍ୟା ରହିବ ॥ ୨୮୦ ॥

ତୃତୀୟ ଦ୍ୱିତୀୟ ଏବଂ ପଞ୍ଚମ ଶେଷରେ ଓ ଷଷ୍ଠର ଆରମ୍ଭରେ ତାଳ ବିଧେୟ । ଅନ୍ତରେ ସନ୍ନିପାତ ହେବ ॥ ୨୮୧ ॥

Digitized by srujanika@gmail.com

ପୂର୍ବଂତସ୍ତୁ ସମୁଦ୍ଦିଷ୍ଟାଃ ପାତା ହ୍ୟେତା ଶ୍ଚତୁଷ୍କଳେ ।
ଏବଂ ଚତୁଷ୍କଳେ ଯୋଗୋ ଗଦିତଃ ତ୍ୱପରାନ୍ତକେ ॥ ୨୮୨ ॥
ଯଥାକ୍ଷର ପାତେଷ୍ୱେତଦ୍ ବିଜ୍ଞେୟଂ ଚାପରାନ୍ତକମ୍ ।
ଆଦୌ କଳୋପବହନଂ ବିଶ୍ଳେଷାଦ୍ଦ୍ୱିଗୁଣଂ ଭବେଦ୍ ॥ ୨୮୩ ॥
ଦ୍ୱିକଳେ କଳିକଂ ଜ୍ଞେୟଂ ଦ୍ୱିକଳଂ ଚାପ୍ୟୁପୋହନମ୍ ।
କଳିକେ କଳିକଂ ଚେଷ୍ଟଂ ତଥୈବ ଚାପ୍ୟୁପୋହନମ୍ ॥ ୨୮୪ ॥
ଏତଦେବ ଦ୍ୱିଗୁଣିତଂ ବିଜ୍ଞେୟଂତୁ ଚତୁଷ୍କଳମ୍ ।
ଲଘ୍ୱକ୍ଷରେ ତୃତୀୟେତୁ ଦ୍ୱିର୍ଭାବେଽନ୍ତ୍ୟାକଳା ସ୍ମୃତା ॥ ୨୮୫ ॥
ତ୍ର୍ୟସ୍ରତାଳ ସମୁଦ୍‌ଭୂତଂ ପାତୈଃଷଡ୍‌ଭିର୍ବିଭୂଷିତମ୍ ।
ବସ୍ତୁ ଶାଖାଭ୍ୟାମିତ୍ୟେତଦ୍ ଗଦିତଂ ତ୍ୱପରାନ୍ତକମ୍ ॥ ୨୮୬ ॥
ଯଥା ଶାଖା ତଥୈବାସ୍ୟ ପ୍ରତିଶାଖାବିଧୀୟତେ ।
ପଷ୍ଠିମାର୍ଧ ସମାସାତ୍ତୁ ତଥୈବାନ୍ୟପଦା ସ୍ମୃତା ।
ଶିରଶ୍ଚୈକକଳେନାସ୍ୟ କର୍ତ୍ତବ୍ୟଃ ପଞ୍ଚପାଣିନା ॥ ୨୮୭ ॥

ଚତୁଷ୍କଳ ଅପରାନ୍ତକରେ ପୂର୍ବବସ୍ତୁ ସହିତ ଏହିଗୁଡ଼ିକ ସମ୍ବନ୍ଧପାତ । ଏହି ତାଳ ପ୍ରୟୋଗବିଧି ଚତୁଷ୍କଳ ଅପରାନ୍ତକର । ଯଥାକ୍ଷର ତାଳଯୁକ୍ତ ପାତରେ ଏହି ଅପରାନ୍ତକ ହୁଏ ବୋଲି ଜାଣିବ ॥ ୨୮୨ ॥

ପ୍ରାରମ୍ଭରେ କଳାର ଉପବହନ ଗୁଡ଼ିକ ବର୍ଗୀକରଣ ଦ୍ୱିଗୁଣ ହେବ । ଦ୍ୱିକଳ ଅପରାନ୍ତକର ଉପୋହନରେ ଏକ ବା ଦୁଇ କଳା ରହିବ । ଏହିପରି ଏକ କଳ ଅପରାନ୍ତକରେ ଉପୋହନ ଏକ କଳା ହେବ । ଦ୍ୱିକଳ ଅପରାନ୍ତକ ଦ୍ୱିଗୁଣିତ ହେଲେ ଚତୁଷ୍କଳ ଅପରାନ୍ତକ ହୁଏ । ଲଘୁ ଅକ୍ଷରର ଏହି ତୃତୀୟ ଅପରାନ୍ତକ ଶେଷରେ କଳା ଦ୍ୱିଗୁଣିତ ହେବ ॥ ୨୮୩, ୨୮୫ ॥ ଏହି ଅପରାନ୍ତକରେ ଯେଉଁଠାରେ ଛଅ କଳା ଦ୍ୱାରା ସୂଚିତ ତ୍ର୍ୟସ୍ରତାଳରୁ ବସ୍ତୁ ଉତ୍ପନ୍ନ ହୁଏ, ତାହାକୁ ଶାଖା କୁହାଯାଏ ॥ ୨୮୬ ॥ ପ୍ରତିଶାଖା ଶାଖାପରି ହୁଏ । ଏହା ଏହାର ଅନ୍ୟ ଅର୍ଦ୍ଧକ ପରି ଏବଂ ଭିନ୍ନ ଶବ୍ଦ ବିଶିଷ୍ଟ । ଏହାର ଶୀର୍ଷକ ଏକ କଳା ପଞ୍ଚପାଣି ଦ୍ୱାରା କରଣୀୟ ॥ ୨୮୭ ॥

Digitized by srujanika@gmail.com

ବୃତ୍ତୌ ନିବୃତ୍ତାଯୋଗଶ୍ଚ ଗତେ ବସ୍ତୁଚତୁଷ୍ଟୟେ ।
ଶାଖାୟାଂ ପ୍ରତିଶାଖାୟାଂ ବିଶେଷଃ ପଶ୍ଚିମେ ଦ୍ୱୟମ୍ ।। ୨୮୮ ।।
ଷଟ୍‌କଳାପାତସଂଯୁକ୍ତେ ତାଳିକେ ତୁ ତତଃ ସ୍ମୃତେ ।
ତଥୈକ କଳଯୁକ୍ତେଽସ୍ତି ବିଧିବଦ୍ ପଞ୍ଚପାଣିନା ।। ୨୮୯ ।।
ଉପୋହନଂ ତୁ ବସ୍ତ୍ୱର୍ଧଂ ଦ୍ୱିକଳଂ ପ୍ରତ୍ୟୁପୋହନମ୍ ।। ୨୯୦ ।।
ଦ୍ୱିକଳଂ ଦକ୍ଷିଣେକାର୍ଯ୍ୟଂ ବୃତ୍ତୌଚୈବ ଚତୁଷ୍କଳମ୍ ।
ନଚାନ୍ତ୍ରୋ ପୋହନଂ କାର୍ଯ୍ୟଂ ଶେଷାଣାଂ ତୁ କଦାଚନ ।। ୨୯୧ ।।
ଏବଂ ଚତୁଷ୍କଳେଯୋଗୋ ମୟା ପ୍ରୋକ୍ତୋଽପରାନ୍ତକେ ।
ଉଲ୍ଲୋପ୍ୟକନ୍ତୁ ଦ୍ୱିଗୁରୁ ଦ୍ୱିଲଘ୍ୱନ୍ତେ ଗୁରୁସ୍ମୃତମ୍ ।। ୨୯୨ ।।
ଶମ୍ୟାତାଳୌ ଦ୍ୱିରଭ୍ୟସ୍ତୌ ସନ୍ନିପାତୋଽନ୍ତ୍ୟ ଏବ ଚ ।
ପ୍ରତ୍ୟକ୍ଷର କୃତୈଃ ପାତୈଃ ପଞ୍ଚଭିଃ ସମଲଂକୃତମ୍ ।
ଚତୁରସ୍ରଂ ସମଂଚେଦଂ ବସ୍ତୁଜ୍ଞେୟଂ ଯଥାକ୍ଷରମ୍ ।। ୨୯୩ ।।
ପୂର୍ବୋକ୍ତେନ ବିଧାନେନ ଦ୍ୱିଚତୁଷ୍କଳମିଷ୍ୟତେ ।
ଅସ୍ୟ ଚାଙ୍ଗତ୍ରୟେ ଗୀତେ ବୈହାୟସିକ ମିଷ୍ୟତେ ।। ୨୯୪ ।।

ଚାରିବର୍ଣ୍ଣର ଅନୁଷ୍ଠାନ ସମୟରେ ବୃତ୍ତିମାର୍ଗରେ ନିବୃତ୍ତା ପ୍ରୟୋଗ କରିବ । ଶାଖା ଓ ପ୍ରତିଶାଖାରେ ପରାର୍ଧରେ ଏହା ବିଶେଷ ବିଧି ।। ୨୮୮ ।। ତାହାପରେ ଷଟ୍‌କଳା ପାତରେ ଦୁଇଟି ତାଳିକା ହେବ ଏବଂ ଏକକଳ ଯଥାକ୍ଷର ପଞ୍ଚପାଣି ଦ୍ୱାରା ଏହି ଦୁଇଟିର ଉପବର୍ତ୍ତନ ହେବ ।। ୨୮୯ ।।

ଚତୁଷ୍କଳ ଅପରାନ୍ତକର ଉପୋହନରେ ବସ୍ତୁର (କଳା ସଂଖ୍ୟାର) ଅଧେ ରହିବ ଏବଂ ଏହାର ପ୍ରତ୍ୟୁପୋହନ ଦ୍ୱିକଳ ହେବ । ଦ୍ୱିକଳ (ଅପରାନ୍ତକ) ଦକ୍ଷିଣ ମାର୍ଗରେ କରାଯିବ ଏବଂ ବୃତ୍ତି ଚତୁଷ୍କଳ ହେବ । (ମାର୍ଗର) ଅନ୍ୟାନ୍ୟମାନଙ୍କର ଉପୋହନ କରାଯିବ ନାହିଁ ।। ୨୯୦, ୨୯୧ ।। ଚତୁଷ୍କଳ ଅପରାନ୍ତକରେ ଏହି କଳାପାତ ବିଷୟ ମୁଁ କହିଲି ।
ଉଲ୍ଲୋପ୍ୟକ - ଉଲ୍ଲୋପ୍ୟକରେ (ବସ୍ତୁରେ) ଦୁଇଟି ଦୀର୍ଘ ଅକ୍ଷର ରହିବ । ଦୁଇଟି ହ୍ରସ୍ୱ ଅକ୍ଷର ଏବଂ ଗୋଟିଏ ଦୀର୍ଘ ଅକ୍ଷର ରହିବ ।। ୨୯୨ ।।
ଏହାର କଳା ସବୁ ଏହିପରି ହେବ : - ଶମ୍ୟା, ତାଳ, ତାଳ ଓ ସନ୍ନିପାତ ଏବଂ ଏଗୁଡ଼ିକ ଯଥାକ୍ଷର ଚତୁରସ୍ର ତାଳର ଅକ୍ଷର ଦ୍ୱାରା ସୂଚିତ ପଞ୍ଚପାତକୁ ବୁଝାଇବ ।। ୨୯୩ ।। ପ୍ରୋକ୍ତ ନିୟମ ଅନୁଯାୟୀ ଦ୍ୱିକଳ ଓ ଚତୁଷ୍କଳ ଉଲ୍ଲୋପ୍ୟକ ହେବ । ଏହାର ତିନି ଅଙ୍ଗଗାନ କରାଗଲେ ବୈହାୟସିକ ହୁଏ ।। ୨୯୪ ।।

Digitized by srujanika@gmail.com

ତଦେକାଙ୍ଗଂ ବରଂ ଜ୍ଞେୟଂ ଦ୍ୱାଦଶାଙ୍ଗପରଂ ତଥା ।
ପ୍ରମାଣଂ ଦ୍ୱାଦଶକଳଂ ସପ୍ତପାତ ମଥାପିବା ।। ୨୯୫ ।।
ଅସ୍ୟ ତୁ ଦ୍ୱିକଳା ଶମ୍ୟା ତାଳଶ୍ଚ ଦ୍ୱିକଳସ୍ତଥା ।
ଦ୍ୱିକଳା ଚ ପୁନଃ ଶମ୍ୟା ତାଳଶ୍ଚୈକକଳଃ ସ୍ମୃତଃ ।। ୨୯୬ ।।
ତତଃଶମ୍ୟା ତତସ୍ତାଳଃ ସନ୍ନିପାତ ସ୍ତତଃ ପରମ୍ ।
ଶାଖେୟଂ ପ୍ରତିଶାଖା ତୁ ନିତ୍ୟମନ୍ୟପଦା ସ୍ମୃତା ।। ୨୯୭ ।।
ପଦେ ତ୍ୱସ୍ୟ ଭବେଦନ୍ତେ ତଦନ୍ତାହରଣଂ ବୁଧୈଃ ।
ଯଥାକ୍ଷରେଣ ନିୟମାଦ୍ ସଂହାର୍ଯ୍ୟଂ ପଞ୍ଚପାଣିନା ।। ୨୯୮ ।।
ସ୍ୱତାଳେନାନ୍ତହୀନସ୍ୟ ସଂହାରଃ ପରିକୀର୍ତ୍ତ୍ୟତେ ।
ଦ୍ୱିପ୍ରକାରଂ ନିବୃତ୍ତଂ ଚ ତ୍ର୍ୟଂଶୋଽଥ ତ୍ରିବିଧଃ ସ୍ମୃତଃ ।। ୨୯୯ ।।
ତ୍ର୍ୟସ୍ରଶ୍ଚ ଚତୁରସ୍ରଶ୍ଚ ମିଶ୍ରଶ୍ଚ ତ୍ରିବିଧଃ ସ୍ମୃତଃ ।
ସ୍ଥିତ ପ୍ରବୃତ୍ତେ ତସ୍ୟାଙ୍ଗେ ମହାଜନିକମେବଚ ।। ୩୦୦ ।।
ସ୍ୟାଦ୍ ପଞ୍ଚପାଣିତାଳେନ ତଦନ୍ତାହରଣଂ ତଥା ।
ତଥାସ୍ଥିତଂ ଭବେଦ୍ ଯୁଗ୍ମଂ ତସ୍ୟ ପାତବିଧି ସ୍ୱୟମ୍ ।। ୩୦୧ ।।
ଶମ୍ୟା ତୁ ଦ୍ୱିକଳା କାର୍ଯ୍ୟା ତାଳଶ୍ଚଦ୍ୱିକଳଃ ସ୍ମୃତଃ ।
ଚତୁଷ୍କଳଃ ସନ୍ନିପାତଃ ପ୍ରବୃତ୍ତମତ ଇଷ୍ୟତେ ।। ୩୦୨ ।।

ଏଥିରେ ସର୍ବନିମ୍ନ ଏକ ଅଙ୍ଗ ଏବଂ ସର୍ବାଧିକ ବାର ଅଙ୍ଗ ରହିବ । ବାର କଳା ବା ସାତ ପାତ ରହିବ । ଯଥା:-ଦ୍ୱିକଳ ଶମ୍ୟା, ଦ୍ୱିକଳ ତାଳ, ଶମ୍ୟା, ତାଳ ଓ ସନ୍ନିପାତ । (ଏମାନେ ପ୍ରତ୍ୟେକ ଏକ କଳା । ଏହା ଶାଖା । ପ୍ରତିଶାଖା ଏହିପରି କିନ୍ତୁ ଏଥିରେ ବିଭିନ୍ନ ପଦ ରହିବ ।। ୨୯୫-୨୯୭ ।। ଏହାର ସମାପ୍ତିରେ ଅନ୍ତାହରଣ ହେବ । ଯଥାକ୍ଷର ପଞ୍ଚପାଣି ଦ୍ୱାରା ସଂହାର୍ଯ୍ୟ ନିୟମିତ ଭାବରେ କରାଯିବ । ନିଜ ତାଳରେ ଅନ୍ତହୀନର ସଂହାରବିଧି କରାଯିବ । ଦ୍ୱିବିଧ ନିବୃତ୍ତରେ ତିନି ଅଂଶ ରହେ । ଏଗୁଡ଼ିକ ମଧ୍ୟ ଦୁଇ ପ୍ରକାର ।। ୨୯୮, ୨୯୯ ।।

ତ୍ର୍ୟସ୍ର, ଚତୁରସ୍ର ଓ ମିଶ୍ର ଏହି ତିନିଟି ତ୍ରିବିଧ ନିବୃତ୍ତ । ଏମାନଙ୍କର ତିନି ଅଙ୍ଗ:- ସ୍ଥିତ, ପ୍ରବୃତ୍ତ ଓ ମହାଜନିକ । ପଞ୍ଚପାଣି ତାଳ ଦ୍ୱାରା ଅନ୍ତାହରଣ ହେବ । ଏହିପରି ଯୁଗ୍ମତାଳ ଦ୍ୱାରା ସ୍ଥିତ ହେବ । ଏହାର ପାତ ବିଧି :- ଦ୍ୱିକଳ ଶମ୍ୟା, ଦ୍ୱିକଳ ତାଳ, ଚତୁଷ୍କଳ ସନ୍ନିପାତ, ତାହାପରେ ପ୍ରବୃତ୍ତ ହେବ । ଏଥିରେ ଦ୍ୱିକଳ ଶମ୍ୟା, ଏକକଳ ତାଳ, ତାଳାଦିଶ୍ରେଣୀର ଚଞ୍ଚତ୍ପୁଟ ଓ ସନ୍ନିପାତ ରହିବ ।। ୩୦୦-୩୦୨ ।।

Digitized by srujanika@gmail.com

ତସ୍ୟାପି ଦ୍ୱିକଲା ଶମ୍ୟା ତାଳଶ୍ଚୈକକଳଃ ପୁନଃ
ଚଞ୍ଚତ୍ପୁଟଶ୍ଚ ତାଳାଦିଃ ସନ୍ନିପାତଃ ତତଃପରମ୍ ॥ ୩୦୩ ॥
ସ୍ଥିତଂ ତାଳେନ କର୍ତ୍ତବ୍ୟଂ ମହାଜନିକମସ୍ୟତୁ ।
ନିବୃତ୍ତତାଳଃ କର୍ତ୍ତବ୍ୟୋ ନିବୃତ୍ତସ୍ୟାପି ତତ୍ତ୍ୱତଃ ॥ ୩୦୪ ॥
ସ୍ଥିତମହାଜନିକୟୋଃ ପ୍ରାୟଃ ସମୁପବର୍ତ୍ତନମ୍ ।
ଆଦାବୁଦ୍‌ଘଟକଃ କାର୍ଯ୍ୟଃ ପରିବର୍ତ୍ତକ ଏବ ଚ ॥ ୩୦୫ ॥
ଯୁଗ୍ମେ ହି ମିଶ୍ରତାଳତ୍ୱାଦ୍ ଯୁଗ୍ମେହ୍ୟନ୍ତଃ ପ୍ରଯୁଜ୍ୟତେ ।
ବିବଧୈକକସଂଯୁକ୍ତଃ ସର୍ବସ୍ମାନ୍ତବିଧିଃ ସ୍ମୃତଃ ॥ ୩୦୬ ॥
ଯଥାବଦନ୍ତତାଳୋଽୟଂ ଯୁଗ୍ମୋ ମିଶ୍ରଶ୍ଚ କୀର୍ତ୍ତିତଃ ।
ଅତଃପରଂ ପ୍ରବକ୍ଷ୍ୟାମି ତ୍ର୍ୟସ୍ରତାଳବିଧିଂ ପ୍ରତି ॥ ୩୦୭ ॥
ଶମ୍ୟା ତୁ ଦ୍ୱିକଲା ପୂର୍ବଂ ତତସ୍ତାଳୋ ବିଧୀୟତେ ।
ତ୍ରିକଳଃ ସନ୍ନିପାତଶ୍ଚ ପ୍ରବୃତ୍ତଶ୍ଚାପ୍ୟତଃ ପରମ୍ ॥ ୩୦୮ ॥
ପ୍ରବୃତ୍ତମତ୍ର କର୍ତ୍ତବ୍ୟଂ ଯଥାବଦ୍ ପରିବର୍ତ୍ତନମ୍ ।
ଯଥାକ୍ଷର ପ୍ରଯୁକ୍ତେନ ସମାସାଦ୍ ପଞ୍ଚପାଣିନା ॥ ୩୦୯ ॥
ଅସ୍ୟାପି ସ୍ଥିତତାଳେନ ମହାଜନିକ ମିଷ୍ୟତେ ।
ନିବୃତ୍ତଃ ତାଳଃ କର୍ତ୍ତବ୍ୟଃ ତଥାସ୍ୟାନ୍ତ ନିବର୍ତ୍ତିତେ ॥ ୩୧୦ ॥

ସ୍ଥିତ ତାଳଦ୍ୱାରା ମହାଜନିକ ଏହାର କରାଯିବ । ନିବୃତ୍ତର ମଧ୍ୟ ଠିକ ଭାବରେ ନିବୃତ୍ତ ତାଳ କରାଯିବ ॥ ୩୦୪ ॥ ସ୍ଥିତ ଓ ମହାଜନିକର ଅଧିକାଂଶ ହିଁ ଉପବର୍ତ୍ତନ ହେବ ଏବଂ ଏହା ପୂର୍ବରୁ ଉଦ୍‌ଘଟକ ଓ ପରିବର୍ତ୍ତକ କରାଯିବ ॥ ୩୦୫ ॥ ଯୁଗ୍ମରେ ମିଶ୍ରତାଳ ହେଉଥିବାରୁ ଯୁଗ୍ମରେ ଅନ୍ତ (ତାଳରେ ପ୍ରୟୋଗ କରିବ । ଏକକ ସହିତ ବିବଧ ଯୋଗ କରି ସମସ୍ତ ଅନ୍ତ (ତାଳ)ବିଧି କରାଯିବ ॥ ୩୦୬ ॥
ଯୁଗ୍ମ ଏବଂ ମିଶ୍ର ଅନ୍ତତାଳ ବିଷୟ ନିୟମ ଅନୁଯାୟୀ କୁହାଗଲା । ଏହା ପରେ ତ୍ର୍ୟସ୍ରତାଳ ବିଧି ବିଷୟ କହିବି ॥ ୩୦୭ ॥
ତ୍ର୍ୟସ୍ରତାଳର ବିଧି :- ଦ୍ୱିକଳ ଶମ୍ୟାତାଳ, ତ୍ରିକଳ ସନ୍ନିପାତ, ଏହାପରେ ପ୍ରବୃତ୍ତ ଆସିବ ॥ ୩୦୮ ॥ ଏଠାରେ ପ୍ରବୃତ୍ତକୁ ବିଧାନ ଅନୁଯାୟୀ ପଞ୍ଚପାଣି ଦ୍ୱାରା ପରିବର୍ତ୍ତନ କରାଯିବ ॥ ୩୦୯ ॥ ସ୍ଥିତ ତାଳରେ ଏହାର ମହାଜନିକ ହେବ । ଏହାର ଅନ୍ତ ନିବର୍ତ୍ତନରେ ନିବୃତ୍ତତାଳ କରିବା ଉଚିତ ॥ ୩୧୦ ॥

Digitized by srujanika@gmail.com

ଯୁଗ୍ମୌଜମିଶ୍ରତାଳତ୍ୱାତ୍ ମିଶ୍ରୋଽପ୍ୟତଃ ପ୍ରବର୍ତ୍ତନମ୍ ।
ବିବଧୈକକସଂଯୁକ୍ତଃ ସର୍ବଶ୍ଚାନ୍ତବିଧେଃ ସ୍ମୃତଃ ।। ୩୧୧ ।।
ଦ୍ୱ୍ୟଙ୍ଗମେକାଙ୍ଗମପିବା ସ୍ଥିତଂ କାର୍ଯ୍ୟଂ ସମାସତଃ ।
ତତ୍ର ଯୁଗ୍ମଂ ଭବେଦ୍ ଦ୍ୱ୍ୟଙ୍ଗଂ ତ୍ର୍ୟସ୍ରମେକାଙ୍ଗ ମିଷ୍ୟତେ ।। ୩୧୨ ।।
ପ୍ରବୃତ୍ତମପି ବିଜ୍ଞେୟଂ ଦ୍ୱ୍ୟଙ୍ଗମେକାଙ୍ଗମେବ ବା ।
ମହାଜନିକ ମେକାଙ୍ଗଂ ଦ୍ୱ୍ୟଙ୍ଗଂ ସଂହରଣଂ ସ୍ମୃତମ୍ ।। ୩୧୩ ।।
ସ୍ଥିତାଦିକଃ ପ୍ରବୃତ୍ତାନ୍ତଃ ଏକମନ୍ତଂ ବିଦୁଃ ବୁଧାଃ ।
ଉଲ୍ଲୋପ୍ୟକେ ସଦାଯୋଜ୍ୟ ମୂହାପୋହବିଶାରଦୈଃ ।। ୩୧୪ ।।
ପ୍ରକରୀବସ୍ତୁ ଷଣ୍ମାତ୍ରା ପାତାଶ୍ଚୈକୋନବିଂଶତିଃ ।
ବସ୍ତୁପ୍ରମାଣଂ କର୍ତ୍ତବ୍ୟଂ ତଥୈବ ଚ ଚତୁଷ୍କଳମ୍ ।। ୩୧୫ ।।
ନ ଯଥାକ୍ଷର ଯୋଗୋଽତ୍ର ନ ଚାତ୍ର ଦ୍ୱିକଲୋ ଭବେଦ୍ ।
ଆଦ୍ୟମାତ୍ରା ତ୍ରୟସ୍ୟାନ୍ତେ ଶମ୍ୟାତାଳୌ ପ୍ରକୀର୍ତ୍ତିତୌ ।। ୩୧୬ ।।
ଷଣ୍ମାତ୍ରଂ ଘାତସଂଯୁକ୍ତଂ ବସ୍ତୁକାର୍ଯ୍ୟଂ ଯଥାକ୍ରମମ୍ ।
ଉପୋହନଂ ତୁ ବସ୍ତ୍ୱର୍ଧେ ପ୍ରଥମେ ଚ ଦ୍ୱିକୋତ୍ତମାଃ ।। ୩୧୭ ।।
ଶମ୍ୟା ଅସ୍ୟତୁ ମିଶ୍ରା ସ୍ୟାଦ୍ ଦ୍ୱିତୀୟା ତାଳ ସଂଯୁତା ।
ମାତ୍ରା ତ୍ରୟସ୍ୟ ଚାନ୍ତ୍ୟାସ୍ୟାଦ୍ ଶମ୍ୟୈକାଚ ପୁନସ୍ତଥା ।। ୩୧୮ ।।

ମିଶ୍ରତାଳ ଯୁଗ୍ମ ଅଯୁଗ୍ମ ତାଳର ସମ୍ମିଶ୍ରଣ ବୋଲି ଅତଃ ପ୍ରବର୍ତ୍ତନ ହେବା ଉଚିତ । ଏକକ ସହିତ ବିବଧ ଅନ୍ତତାଳର ବିଧି ବୋଲି କୁହାଯାଇଛି ।। ୩୧୧ ।।
ସଂକ୍ଷେପରେ ଦୁଇ ବା ଏକ ଅଂଶ ଦ୍ୱାରା ସ୍ଥିତ କରାଯିବ । ଯୁଗ୍ମ ତାଳଯୁକ୍ତ ଦ୍ୱ୍ୟଙ୍ଗ ଏବଂ ତ୍ର୍ୟସ୍ର ସହିତ ଏକାଙ୍ଗ ହେବା ଦରକାର ।। ୩୧୨ ।।
ପ୍ରବୃତ୍ତ ମଧ୍ୟ ଦ୍ୱ୍ୟଙ୍ଗ ବା ଏକାଙ୍ଗ ହେବ ବୋଲି ଜାଣିବ । ମହାଜନିକ ଏକାଙ୍ଗ ଓ ସଂହରଣ ଦ୍ୱ୍ୟଙ୍ଗ ।। ୩୧୩ ।। ଉହାପୋହ ବିଶାରଦମାନେ ଉଲ୍ଲୋପ୍ୟକରେ ସ୍ଥିତଠାରୁ ଆରମ୍ଭକରି ପ୍ରବୃତ୍ତ ପର୍ଯ୍ୟନ୍ତ ଏହିପରି ଅନ୍ତ ବୋଲି ଜାଣନ୍ତି । ୩୧୪ ।।
ପ୍ରକରୀ : ପ୍ରକରୀର ବସ୍ତୁରେ ଛଅମାତ୍ରା, ଉଣାଇଶ ପାତ ଥାଏ । ଏହିବସ୍ତୁର ପ୍ରମାଣ ଚାରିକଳା କରିବ । ଏଥିରେ ଯଥାକ୍ଷର ତାଳ ବା ଦ୍ୱିକଳତାଳ ହେବ ନାହିଁ । ପ୍ରଥମ ତିନିମାତ୍ରା ପରେ ଶମ୍ୟା ଓ ତାଳ ହେବ । ତାହାପରେ ବସ୍ତୁ ଛଅମାତ୍ରାଯୁକ୍ତ ପାତଦ୍ୱାରା କ୍ରମ ଅନୁସାରେ କରାଯିବ । ଉପୋହନ ବସ୍ତୁର ପ୍ରଥମାର୍ଧ ହେବ ।। ୩୧୬, ୩୧୭ ।। ତାଳ ସହିତ ଶମ୍ୟା ଏହାର ଦ୍ୱିତୀୟ ମାତ୍ରା ହେବ । ପୁନଃ ତିନିମାତ୍ରା ଶେଷରେ ଶମ୍ୟା । ଚତୁର୍ଥ ମାତ୍ରା ବାର ତାଳରେ ହେବ ଏବଂ ପଞ୍ଚମ ଅଷ୍ଟମ ତାଳ ହେବ । ଷଷ୍ଠରେ ଦ୍ୱିକଳ ଶମ୍ୟା, ତାଳ, ତାଳ, ଶମ୍ୟା, ତାଳଶମ୍ୟା ଓ ସନ୍ନିପାତ ରହିବ ।। ୩୧୮-୩୨୧ ।।

Digitized by srujanika@gmail.com

ଚତୁର୍ଥ୍ୟାଂ ଦ୍ୱାଦଶସ୍ତାଳଃ ପଞ୍ଚମ୍ୟାଂ ଚାଷ୍ଟମଃ ସ୍ମୃତଃ ।
ଷଷ୍ଠ୍ୟାଂ ତୁ ଦ୍ୱିକଳା ଶମ୍ୟା ତାଳଶ୍ଚ ଦ୍ୱିକଳା ପୁନଃ ॥ ୩୧୯ ॥
ଶମ୍ୟା ତାଳଶ୍ଚ ତାଳଶ୍ଚ ଶମ୍ୟାତାଳସ୍ତଥୈବଚ ॥ ୩୨୦ ॥
ଶମ୍ୟାତାଳଃ ସନ୍ନିପାତ ଇତି ବସ୍ତୁ ପ୍ରକୀର୍ତ୍ତ୍ୟତେ ।
ଯଦା ତ୍ୱର୍ଧଚତୁର୍ଥାନି ବସ୍ତୂନି ପ୍ରକରୀ ଭବେତ୍ ॥ ୩୨୧ ॥
ପଶ୍ଚିମାର୍ଧଂ ପଦସ୍ୟୈତଦ୍ ତଦର୍ଧଂ ପ୍ରାକ୍ ନିବେଶୟେତ୍ ।
କନିଷ୍ଠାସାରିତେନାସ୍ୟ କାର୍ଯ୍ୟଂ ସଂହରଣଂ ତତଃ ॥ ୩୨୨ ॥
ପାଦଃ ପୂର୍ବସମଃକାର୍ଯ୍ୟଃ ତ୍ୱପରାନ୍ତକ ଶାଖୟା ।
ଓବେଣକେ ଦ୍ୱିତୀୟସ୍ୟ ତସ୍ୟ ଚ ପ୍ରତିଶାଖୟା ॥ ୩୨୩ ॥
ସଏବ ପାତବିନ୍ୟାସୋ ମାଷଘାତମତଃ ପରମ୍ ।
ଷଟ୍‌ପାତୋ ଦ୍ୱାଦଶକଳଃ ତସ୍ୟ ପାତବିଧି ସ୍ତ୍ୱୟମ୍ ॥ ୩୨୪ ॥
କର୍ତ୍ତବ୍ୟା ଦ୍ୱିକଳା ଶମ୍ୟା ତାଳୋ ଦ୍ୱିକଳ ଏବ ଚ ।
ପୁନଶ୍ଚ ଦ୍ୱିକଳସ୍ତାଳଃ ଶମ୍ୟା ଚ ଦ୍ୱିକଳା ପୁନଃ ॥ ୩୨୫ ॥
ତତଶ୍ଚୈକକଳସ୍ତାଳଃ ସନ୍ନିପାତଃ କଳାଦ୍ୱୟେ ।
ପ୍ରାୟେଣ ମାଷଘାତସ୍ତୁ ବିବଧାଙ୍ଗଃ ପ୍ରକୀର୍ତ୍ତିତଃ ॥ ୩୨୬ ॥
ସନ୍ଧିଶ୍ଚୈବ ହି ତସ୍ୟାନ୍ତେ କଦାଚିଦୁପବର୍ତ୍ତନମ୍ ।
ତସ୍ୟାଃ ସ୍ୟାଦ୍ କଳିକେନୈବ ତଚ୍ଚୋଘଂ ପଞ୍ଚପାଣିନା ॥ ୩୨୭ ॥
ସନ୍ଧିର୍ଯଥାକ୍ଷରେଣୈବ କର୍ତ୍ତବ୍ୟଃ ପଞ୍ଚପାଣିନା ।
ଏକକଂ ବିବଧୋ ବାପି ତସ୍ୟାଙ୍ଗଂ ସମୁଦାହୃତମ୍ ॥ ୩୨୮ ॥

ସାଢ଼େ ଚାରିବସ୍ତୁରେ ପ୍ରକରୀ ହେବା କ୍ଷେତ୍ରରେ ଏହା ପଦର ଶେଷାର୍ଧ ଏବଂ ଏହାର ଅଧେ ପୂବରେ ରଖିବ । ହ୍ରସ୍ୱ ଆସାରିତ ଦ୍ୱାରା ଏହାର ସଂହରଣ କରାଯିବ ।।୩୨୨।।

ଓବେଣକ : ଓ ବେଣକର ପ୍ରଥମ ପାଦ ଅପରାନ୍ତକ ଶାଖାର ପାଦ ସହିତ ସମାନ ହେବ । ଏହାର ଦ୍ୱିତୀୟ ପାଦର ପ୍ରତିଶାଖା ପାଦ ସମାନ କରାଯିବ । ପରେ ଏହାର ପାତକଳା ଓ ମାଷଘାତ ଅନୁରୂପ ହେବ । ଏହାର ପାତବିଧି ବାରକଳାର ଛଅପାତ ହେବ । ଯଥା: ଦ୍ୱିକଳ ଶମ୍ୟା, ଦ୍ୱିକଳ ତାଳ, ଦ୍ୱିକଳ ତାଳ, ଦ୍ୱିକଳ ଶମ୍ୟା, ଏକ କଳ ତାଳ, ଦ୍ରକଳ ସନ୍ନିପାତ, ଏବଂ ଏହାର ମାଷଘାତ ସାଧାରଣତଃ ବିବଧର ଏକ ଅଙ୍ଗ ହେବ । ଏହାର ଅନ୍ତରେ ସନ୍ଧି ରହିବ । ଏକକଳ ପଞ୍ଚପାଣି ଦ୍ୱାରା ଏହାର କେବେକେବେ ଉପବର୍ତ୍ତନ ଏବଂ ଓଘ କରାଯିବ । ସନ୍ଧି ଯଥାକ୍ଷର ପଞ୍ଚପାଣିଦ୍ୱାରା ପ୍ରଯୁକ୍ତ ହେବ । ଏକକ ଓ ବିବଧ ଏହାର ଅଙ୍ଗ ଅଟେ ।।୩୨୩-୩୨୮ ।।

Digitized by srujanika@gmail.com

ଉପବର୍ତ୍ତନବଚ୍ଚାସ୍ୟ ପୃଥଗ୍‌ବିଧିରିତି ସ୍ମୃତଃ ।
ଅନ୍ତ୍ୟସ୍ୟ ଚତୁରସ୍ରସ୍ୟ ପ୍ରବୃତ୍ତେ ଯୋବିଧିଃସ୍ମୃତଃ ।। ୩୨୯ ।।
ବିବଧାଙ୍ଗେନ ତେନୈବ ଚତୁରସ୍ରକ ମିଷ୍ୟତେ ।
ସନ୍ଧିବଦ୍ ବକ୍ରତାଳଶ୍ଚ ଦ୍ୱିଧା ସଂପିଷ୍ଟକଂ ସ୍ମୃତମ୍ ।। ୩୩୦ ।।
ସପ୍ତାଙ୍ଗୈର୍ଦ୍ୱାଦଶକଳଂ ଦ୍ୱାଦଶାଙ୍ଗୈର୍ଦଶୈବତୁ ।
ନିଷ୍କ୍ରାମମାଦିତଃକୃତ୍ୱା ଶମ୍ୟାସ୍ତିସ୍ରଃ ପ୍ରୟୋଜୟେଦ୍ ।। ୩୩୧ ।।
ତାଳତ୍ରୟଂ ତତଶ୍ଚୈବ ଶମ୍ୟାତାଳୌ ତତଃପରମ୍ ।
ଶମ୍ୟାତାଳୌ ତତଃ କାର୍ଯୌ ସନ୍ନିପାତୋଽନ୍ତ୍ୟଏବ ଚ ।। ୩୩୨ ।।
ଓବେଣକେ ତୁ ସପ୍ତାଙ୍ଗେ ସଂପିଷ୍ଟକ ମିଦଂ ସ୍ମୃତମ୍ ।।
ଦ୍ୱିଶମ୍ୟା ତାଳଯୋଗେନ ଦ୍ୱାଦଶାଙ୍ଗେଽପି ଚେଷ୍ୟତେ ।। ୩୩୩ ।।
ପାତା ନବୈକାଦଶ ବା ସଂପିଷ୍ଟକ ମୁଦାହୃତମ୍ ।
ବକ୍ରବଦ୍ ସଂପ୍ରୟୋକ୍ତବ୍ୟ ମୁପବର୍ତନ ମେବଚ ।। ୩୩୪ ।।
ଯୁକ୍ତା ବିବିଧବୃତ୍ତାଭ୍ୟାଂ ପ୍ରବେଣୀ ଦ୍ୱିବିଧାସ୍ମୃତା ।
ପଞ୍ଚପାଣିଃ ପ୍ରକର୍ତ୍ତବ୍ୟଃ ପ୍ରବେଣ୍ୟାଂ ତୁ ଯଥାକ୍ଷରଃ ।। ୩୩୫ ।।

ଉପବର୍ତ୍ତନ ବିଧିପରି ଏହାର ପୃଥକ ବିଧି ରହିଅଛି । ଅନ୍ତ୍ୟ ଚତୁରସ୍ରର ଆରମ୍ଭରେ ଯେଉଁ ନିୟମ ହିଁ ପ୍ରଯୋଜ୍ୟ । ବିବିଧର ସେହି ଅଙ୍ଗ ଅନୁଯାୟୀ ଏହାର ଚତୁରସ୍ର ହେବା ଉଚିତ ।।୩୨୯।।

ସଂପିଷ୍ଟକ ଦୁଇ ପ୍ରକାର : ସନ୍ଧିବଦ୍ ଓ ବକ୍ରତାଳ । ସନ୍ଧିବଦ୍‌ରେ ଦ୍ୱାଦଶ କଳ ସପ୍ତାଙ୍ଗ ଏବଂ ବକ୍ରତାଳରେ ଦଶକଳ ଦ୍ୱାଦଶାଙ୍ଗ ରହିବ । ଏଥିରେ ନିଷ୍କ୍ରାମ, ତିନି ଶମ୍ୟା, ତିନି ତାଳ, ଏକ ଶମ୍ୟା, ଏକତାଳ, ଏକଶମ୍ୟା ଏବଂ ଏକ ତାଳ, ତଥା ସନ୍ନିପାତ । ସପ୍ତାଙ୍ଗ ଓବେଣକରେ ଏହି ସଂପିଷ୍ଟକ ହେବ ।। ଦ୍ୱିଶମ୍ୟା ତାଳ ଯୋଗରେ ଦ୍ୱାଦଶାଙ୍ଗରେ ମଧ୍ୟ ଏହା ଆଶା କରାଯାଏ । ନଅପାତ ବା ଏକାଦଶ ପାତର ସଂପିଷ୍ଟକ କୁହାଯାଇଛି । ବକ୍ରବଦ୍ ଉପବର୍ତ୍ତନ ପ୍ରୟୋଗ କରାଯିବ ।।୩୩୧-୩୩୪ ।। ବିବଧ ଓ ବୃତ୍ତ ସହିତ ଯୁକ୍ତ ହୋଇ ପ୍ରବେଣୀ ଦୁଇ ପ୍ରକାର ହୁଏ । ପ୍ରବେଣୀ ପ୍ରୟୋଗରେ ଯଥାକ୍ଷର ପଞ୍ଚପାଣି କରଣୀୟ । ଏଥିରେ ଦୁଇକଳା ଓ ଅଙ୍ଗ ଅନୁସାରେ ମିଶ୍ରକଳା ରହିବ । ଏହାର ଅନ୍ତରେ କଦାଚିତ୍ ଉପବର୍ତ୍ତନ ମଧ୍ୟ ହେବ । ପଞ୍ଚପାଣି ବିହିତ ପଦ ଅନୁଯାୟୀ ଏହା ହେବ । ଦ୍ୱିତୀୟ ତାଳପାତ ଅନୁଯାୟୀ ଅପପାତ ମଧ୍ୟ କରାଯାଏ । ସଂହରଣର କ୍ରମକୁ ବକ୍ରତାଳରେ କରିବ । ରୋବିନ୍ଦକରେ ଚତୁଷ୍କଳ ପାତ ଭାଗଦ୍ୱାରା ଷଣ୍ମାତ୍ରା ହେବ । ପାଞ୍ଚଟିଯାକ ମାତ୍ରାର ପାତ ଅଧରେ କିମ୍ବା ଶେଷରେ ହେବ ।

Digitized by srujanika@gmail.com

ଦ୍ୱିକଳୋବାପି ମିଶ୍ରୋବା ପ୍ରୟୋଗୋଽଙ୍ଗବଶାନୁଗଃ ।
ଅନ୍ତେ ଚାସ୍ୟ ପ୍ରକର୍ତ୍ତବ୍ୟଂ କଦାଚିଦୁପବର୍ତ୍ତନମ୍ ॥ ୩୩୬ ॥
ପଞ୍ଚପାଣି ବିଧାନେନ ଯଥୋକ୍ତେନୈବ ତଦ୍‌ଭବେତ୍ ।
ଦ୍ୱିତୀୟତାଳପାତେନ ହ୍ୟପପାତଶ୍ଚ କୀର୍ତ୍ତ୍ୟତେ ॥ ୩୩୭ ॥
ବକ୍ରତାଳେନ କର୍ତ୍ତବ୍ୟଂ କ୍ରମଂ ସଂହରଣସ୍ୟ ତୁ ।
ରୋବିନ୍ଦକେତୁ ଷଣ୍ମାତ୍ରାଃ ପାତଭାଗୈଶ୍ଚତୁଷ୍କଳୈଃ ॥ ୩୩୮ ॥
ଅର୍ଦ୍ଧେଽସ୍ତେ ଚୈବ ମାତ୍ରାଣାଂ ପଞ୍ଚାନାଂ ଘାତଇଷ୍ୟତେ ।
ଅନ୍ତେ ଶମ୍ୟା ତଥା ଚୈବ ସର୍ବାସାମପି କୀର୍ତ୍ତିତା ॥ ୩୩୯ ॥
ପଞ୍ଚାନାମପିମାତ୍ରାଣାଂ ବିଧିରେଷ ଯଥାକ୍ରମମ୍ ॥ ୩୪୦ ॥
ଚତୁର୍ଦ୍ଦଶସ୍ତୁ ପଞ୍ଚମ୍ୟା ମାତ୍ରାୟାଂ ତାଳ ଇଷ୍ୟତେ ।
ଚତୁଷ୍କଳା ତୁ ତତ୍‌ତୁଲ୍ୟା ଷଷ୍ଠୀ ମଦ୍ରକ ମାତ୍ରୟା ॥ ୩୪୧ ॥
ତଥା ଚାଷ୍ଟୌ କଳାଃ କାର୍ଯ୍ୟାଃ ପ୍ରଥମାୟା ମୁପୋହନମ୍ ।
ତତଶ୍ଚୈବ ପ୍ରୟୋକ୍ତବ୍ୟଂ ଦ୍ୱିକଳଂ ପ୍ରତ୍ୟୁପୋହନମ୍ ॥ ୩୪୨ ॥
ପାତାଃ ସ୍ୟୁଃ ସନ୍ନିପାତାନ୍ତାଃ ବିବଧୈକକ ଯୋଜିତାଃ ।
ବର୍ଣ୍ଣାନୁକର୍ଷୋଽଷ୍ଟକଳସ୍ତ୍ୱନ୍ତେ ପ୍ରସ୍ତାର ଇଷ୍ୟତେ ॥ ୩୪୩ ॥
ତୁଲ୍ୟବର୍ଣ୍ଣୋପବହନୋ ଦ୍ୱିତୀୟଃ ପାଦ ଇଷ୍ୟତେ ।
ଶରୀରତାଳଃ କର୍ତ୍ତବ୍ୟଃ ପ୍ରସ୍ତାରୋଽପି ବିଶେଷତଃ ॥ ୩୪୪ ॥
ଦ୍ୱିକଳେନୈବ କର୍ତ୍ତବ୍ୟୋ ବିଶେଷାଦ୍ ପଞ୍ଚପାଣିନା ।
କଳାଦ୍ୱାଦଶ ନିର୍ଦ୍ଦିଷ୍ଟଂ ପ୍ରମାଣଂ ଚାସ୍ୟ ତତ୍ତ୍ୱତଃ ॥ ୩୪୫ ॥

ପାତ ଯଥା: ତାଳ ଶମ୍ୟା, ତାଳ ଶମ୍ୟା, ତାଳ, ଶମ୍ୟା, କ୍ରମ ଅନୁସାରେ ପାଞ୍ଚମାତ୍ରାର ଏହା ବିଧାନ । ପଞ୍ଚମରମାତ୍ରାରେ ଚତୁର୍ଦ୍ଦଶ ତାଳ ଅଭିପ୍ରେତ । ଏହିପରି ମଦ୍ରକ ଭଳି ଷଷ୍ଠରେ ଚାରିକଳା ରହିବ ॥୩୩୮-୩୪୧॥

ଆରମ୍ଭରେ ଅଷ୍ଟକଳ ଉପୋହନ ହେବ । ପରେ ଦ୍ୱିକଳ ପ୍ରତ୍ୟୁପୋହନ ହେବ । ସନ୍ନିପାତରେ ପାତଗୁଡ଼ିକ ସମାପ୍ତ ହେବ । ତହିଁରେ ବିବଧ ଓ ଏକକ ଅନ୍ତର୍ଭୁକ୍ତ ହେବ । ଅନ୍ତର ଏହାର ବର୍ଣ୍ଣ ଅନୁକ୍ରମରେ ଆଠକଳା ରହିବ । (ରୋବିନ୍ଦକର ପ୍ରଥମ ପାଦରେ ଏହି ତାଳିକାଭୁକ୍ତ ରୂପ) ॥୩୪୨-୩୪୩॥ ରୋବିନ୍ଦକ ଦ୍ୱିତୀୟପାଦର ଉପୋହନରେ ମଧ୍ୟ ଏହିପରି ବର୍ଣ୍ଣ ରହିବ । ଏହାର ତାଳ ଦେଖାଇ ଦିଆଯିବ । ବିଶେଷ ଭାବରେ ପ୍ରସ୍ତାର ମଧ୍ୟ କରିବ । ଦ୍ୱିକଳ ପଞ୍ଚପାଣି ଦ୍ୱାରା ବିଶେଷ ଭାବେ କରିବ । ଶାସ୍ତ୍ର ଅନୁଯାୟୀ ମୋଟ ଦ୍ୱାଦଶ କଳା ଏହାର ନିର୍ଦ୍ଦିଷ୍ଟ ପ୍ରମାଣ ଅଟେ ॥୩୪୪-୩୪୫॥

Digitized by srujanika@gmail.com

ରୋବିନ୍ଦକ ଶରୀରଂତୁ ଷଟ୍‌କଲୋପୋହନଂ ସ୍ମୃତମ୍ ।
ବିବଧଂ ବା ପ୍ରବୃତ୍ତଂ ବା ତସ୍ୟାଦୌ ପରିକୀର୍ତ୍ତ୍ୟତେ ।। ୩୪୬ ।।
ଆକାର ବୃତ୍ତମନ୍ୟଦ୍ ସ୍ୟାଦ୍ ଚତୁଷ୍କଂ ତ୍ରିକମେବ ବା ।
ତସ୍ୟୋପରି ଯଥେଷ୍ଟଂ ସ୍ୟାଦ୍ ଅଧସ୍ତାଦଙ୍ଗ ଯୋଜନମ୍ ।। ୩୪୭ ।।
ଅବିଶେଷ ନିବୃତ୍ତଂ ତୁ ଶୀର୍ଷକଂ ତୁ ପ୍ରୟୋଜୟେତ୍ ।
ଯଥାକ୍ଷରେଣ ତଦ୍ ଚୈବ କର୍ତ୍ତବ୍ୟଂ ପଞ୍ଚପାଣିନା ।। ୩୪୮ ।।
ଆଦାବକୈକ ମନ୍ତ୍ୟସ୍ୟ ପ୍ରବୃତ୍ତୋ ନିୟମୋ ଭବେତ୍ ।
ଇତି ରୋବିନ୍ଦକଂ ପ୍ରୋକ୍ତଂ ସ୍ୟାଦୁତ୍ତରମତଃ ପରମ୍ ।। ୩୪୯ ।।
ଉତ୍ତରଂ ସଂପ୍ରବକ୍ଷ୍ୟାମି ଯଥାବିହିତ ଲକ୍ଷଣମ୍ ।
ଅସ୍ୟେଦ ମୁତ୍ତରସ୍ୟାଥ ମୁଖଂ ପ୍ରତିମୁଖଂ ଭବେତ୍ ।। ୩୫୦ ।।
ଉଲ୍ଲୋପ୍ୟକ ପଦସ୍ୟାଦୌ ମାତ୍ରା ଚୈକା ଚତୁଷ୍କଳା ।
ରୋବିନ୍ଦକ ପଦାକାରଂ ଗଣବର୍ଗଂ ପ୍ରୟୋଜୟେତ୍ ।। ୩୫୧ ।।
ଶାଖାଷଡ଼ଙ୍ଗା ଦ୍ବବରା ଦ୍ୱାଦଶାଙ୍ଗାପରା ସ୍ମୃତା ।
ଷଟ୍‌ପାତା ଦ୍ୱାଦଶ କଳା ଶାଖାଜ୍ଞେୟା ପ୍ରମାଣତଃ ।। ୩୫୨ ।।
ତସ୍ୟାସ୍ତୁ ଦ୍ୱିକଳସ୍ତାଳଃ ଶମ୍ୟାଚୈକକଳା ଭବେତ୍ ।
ତଥା ଚ ଦ୍ୱିକଳସ୍ତାଳଃ ଶମ୍ୟାଚ ଦ୍ୱିକଳା ତତଃ ।। ୩୫୩ ।।

ରୋବିନ୍ଦକ ଶରୀରରେ ଷଟ୍‌କଳ ଉପୋହନ ହେବ । ଏହାର ପ୍ରାରମ୍ଭରେ ବିବଧ ଓ ପ୍ରବୃତ୍ତ ହେବ । ଏହା ଆବାପ ଦ୍ୱାରା ଆରମ୍ଭ ହେବ । ଚତୁଷ୍କ ବା ତ୍ରିକ ଭିତରୁ ଯେକୌଣସି ଆକାରବୃତ୍ତ ହେବ । ତାପରେ ଅଙ୍ଗଯୋଜନା ହେବ । ସାଧାରଣ ନିବୃତ୍ତ ଶୀର୍ଷକ ପ୍ରୟୋଗ କରିବ । ଯଥାକ୍ଷର ପଞ୍ଚପାଣିରେ ତାହା କରାଯିବ । ଏହାର ଆରମ୍ଭରେ ଏକକ ଏବଂ ଅନ୍ତରେ ପ୍ରବୃତ୍ତ ରହିବ । ରୋବିନ୍ଦକ ବିଷୟ ଏହା କୁହାଗଲା । ଏହାପରେ ଉତ୍ତର ହେବ ।। ୩୪୬-୩୪୯ ।।

ଯଥା ବିହିତ ଲକ୍ଷଣ ଉତ୍ତର ବିଷୟ କହିବି । ଏହି ଉତ୍ତରର ମୁଖ ଓ ପ୍ରତିମୁଖ ହେବ ।। ୩୫୦ ।।

ଉଲ୍ଲୋପ୍ୟକ ପରି ଏହାର ଆରମ୍ଭରେ ଚତୁଷ୍କଳମାତ୍ର । ଏବଂ ରୋବିନ୍ଦକ ପରି ପ୍ରାରମ୍ଭରେ ଆବାପ ସହିତ ଗୋଟିଏ ବର୍ଗ ପ୍ରୟୋକ୍ତବ୍ୟ ।।୩୫୧।।

ଅତିକ୍ରମରେ ଛଅ ଓ ଖୁବବେଶି ବାରଅଙ୍ଗ ଏଥିରେ ରହିବ । ଶାଖାରେ ଦ୍ୱାଦଶକଳ ଛଅ ପାତ ରହିବ । ପାତବିଧି : ଦ୍ୱିକଳ ତାଳ, ଏକକଳ ଶମ୍ୟା, ଏକକଳ ତାଳ, ତ୍ରିକଳ ସନ୍ନିପାତ । ଶାଖାପରି ପ୍ରତିଶାଖା ମଧ୍ୟ ହେବ । କେବଳ ଏଥିରେ ଭିନ୍ନପଦ ରହିବ ।।୩୫୨-୩୫୪।।

Digitized by srujanika@gmail.com

ପୁନଶ୍ଚୈକ କଳସ୍ତାଳଃ ସନ୍ନିପାତଃ କଳାତ୍ରୟେ ।
ଶାଖାବଦ୍ ପ୍ରତିଶାଖା ଚ ଭବେଦନ୍ୟପଦାତ୍ତୁ ସା ।। ୩୫୪ ।।
ଅବିଶେଷାନ୍ନିବୃତ୍ତସ୍ୟାପ୍ୟସ୍ୟାନ୍ତେ ନିୟମୋ ଭବେଦ୍ ।
ଶୀର୍ଷକଂ ଚୈବ କର୍ତ୍ତବ୍ୟମସ୍ୟାନ୍ତେ ପଞ୍ଚପାଣିନା ।। ୩୫୫ ।।
ପଞ୍ଚପାଣି ବିଧାନେନ ପ୍ରତିଶାଖା ତତଃପରମ୍ ।
ଦ୍ୱିକଳଃ ପଞ୍ଚପାଣିସ୍ତୁ ପୂର୍ବପାଠେ ଯଥାକ୍ରମମ୍ ।। ୩୫୬ ।।
ତାଳୋଽୟଂ ଦକ୍ଷିଣେ ମାର୍ଗେ ସପ୍ତରୂପସ୍ୟ କୀର୍ତ୍ତିତଃ ।
ସ ଏବଂ ଦକ୍ଷିଣେ କାଳଃ ସବୃତ୍ତାବପି ଚେଷ୍ୟତେ ।। ୩୫୭ ।।
ଚିତ୍ରେଣୈବ ହି ସର୍ବତ୍ର ବିଶେଷୋ ଯତ୍ର ନୋଚ୍ୟତେ ।
ଅର୍ଥଯୋଗାଦେଷ ଏବ ବୃତ୍ତେ କାଳବିଧି ର୍ଭବେଦ୍ ।। ୩୫୮ ।।
ଉଲ୍ଲୋପ୍ୟକୋତ୍ତର ମୁଖେ ହିତ୍ୱା ଯୁଗ୍ମଂ ତଥୈକକମ୍ ।
ଅର୍ଥଯୋଗସ୍ତୁ ତଦ୍‌କାଳେ ଦ୍ୱିକଳଂ ସଂପ୍ରକୀର୍ତ୍ତ୍ୟତେ ।। ୩୫୯ ।।
ଚତୁଷ୍କଳଃ ସ୍ୟାଦ୍‌ଦ୍ୱିକଳୋ ଦ୍ୱିତୀୟଶ୍ଚ ତଥାକ୍ଷରଃ ।
ରୋବିନ୍ଦକୋଲ୍ଲୋପ୍ୟକୟୋଃ ମଦ୍ରକୋତ୍ତରୟୋସ୍ତଥା ।। ୩୬୦ ।।

ଯଦି ଏହାର ଅନୁଷ୍ଠାନରେ କୌଣସି ସ୍ଥାନପାଇ ନଥାଏ, ତଥାପି ଏହାର ଅନ୍ତରେ ନିୟମ ହେଲା-ଶେଷରେ ପଞ୍ଚପାଣିରେ ଶୀର୍ଷକ (ଯଥାକ୍ଷର) ପଞ୍ଚପାଣି ଦ୍ୱାରା କରାଯିବ ।।୩୫୫।।

ପ୍ରତିଶାଖା ଓ ଉଲ୍ଲିଖିତ ପାଠଯୁକ୍ତ ଦ୍ୱିକଳ ପଞ୍ଚପାଣି ସହିତ ପ୍ରୟୋଗ କରାଯିବ ।।୩୫୬।। ସପ୍ତରୂପର (ସାତପ୍ରକାର ଗାନର) ଦକ୍ଷିଣମାର୍ଗର ଏହି ତାଳ ବିଧାନ । ଦକ୍ଷିଣମାର୍ଗର ଉପଯୋଗୀ କାଳ ବାର୍ତ୍ତିକ ଓ ମାର୍ଗରେ ମଧ୍ୟ ପ୍ରଯୋଜ୍ୟ ।।୩୫୭।।

ଯେତେବେଳେ କୌଣସି ବିଶେଷତା ନଥିବ ସେତେବେଳେ ତ୍ରିମାର୍ଗରେ ଗୋଟିଏ ନିୟମ ପ୍ରଯୋଜ୍ୟ ହେବ । ଉଲ୍ଲୋପ୍ୟକର ଉତ୍ତର ଯୁଗ୍ମ ଏକକ ପରିତ୍ୟାଗ କରି ସେହି ସମୟରେ ଦ୍ୱିକଳ ଅର୍ଥଯୋଗ କରାଯିବ ।।୩୫୮, ୩୫୯।।

ଏହିପରି ରୋବିନ୍ଦକ ଓ ଉଲ୍ଲୋପ୍ୟକ ତଥା ମଦ୍ରକ ଓ ଉତ୍ତରରେ ମଧ୍ୟ ଦ୍ୱିତୀୟ ଅକ୍ଷରରେ ଚାରି ବା ଦୁଇତାଳ ରହିବ ।।୩୬୦।।

ଗାନର ଶରୀରରେ ଏହି ବିଧି ଅବଶିଷ୍ଟ କ୍ଷେତ୍ରରେ ପ୍ରବୃତ୍ତି ହେବ । ତହିଁରେ (ପ୍ରକୃତିରେ) ଦୁଇକଳା ସହିତ ଚାରିକଳା ପ୍ରୟୋଗ କରିବ । ବାର୍ତ୍ତିକ ମାର୍ଗ ସ୍ଥଳରେ କାଳରେ

Digitized by srujanika@gmail.com

ଶରୀରେଷ୍ୱ ବିଧିର୍ହେଷ ଶେଷେଷ୍ୱ ପ୍ରକୃତି ର୍ଭବେତ୍ ।
ପ୍ରକୃତାବପି ତେଷାଂ ସ୍ୟାତ୍ ଦ୍ୱିକଳେନ ଚତୁଷ୍କଳମ୍ ॥ ୩୬୧ ॥
କାଳେନୈବ ଭବେଦ୍ ବୃତ୍ତା ବର୍ଧଯୋଗଶ୍ଚତୁଷ୍କଳେ ।
ବାର୍ତ୍ତଶ୍ଚତୁଷ୍କଳୋ ଯୋଗୋ ଦକ୍ଷିଣେ ସ୍ୟାତ୍ କଦାଚନ ॥ ୩୬୨ ॥
ମଦ୍ରକୋଲ୍ଲୋପ୍ୟକୟୋଶ୍ଚ ମୁଖୋପବହନେଷ୍ୱ ଚ ।
ଯୋ ଦକ୍ଷିଣେ ତାଳବିଧିଃ ବୃତ୍ତୌସ ସମୁଦାହୃତଃ ॥ ୩୬୩ ॥
ଚିତ୍ରୈର୍ବ୍ୟସ୍ତେ ସମସ୍ତେ ବା ତାବୁଭୌ ପରିକୀର୍ତ୍ତିତୌ ।
ଶାଖାନିବୃତ୍ତ ମନ୍ୟତ୍ର ଚିତ୍ରେଽତ୍ର ତ୍ରୟମାର୍ଗିକଃ ॥ ୩୬୪ ॥
ଇତି ମାର୍ଗତ୍ରୟେ ହ୍ୟେତତ୍ ସପ୍ତରୂପଂ ପ୍ରକୀର୍ତ୍ତିତମ୍ ।
ଦ୍ୱିବିଧା ପ୍ରକୃତିଶ୍ଚାସ୍ୟ କୁଳକଂ ଛେଦ୍ୟକଂ ତଥା ॥ ୩୬୫ ॥
ଏକାର୍ଥଂ କୁଳକଂ ତତ୍ର ପୃଥକ୍ ଛେଦ୍ୟକମିଷ୍ୟତେ ।
ନିର୍ଯୁକ୍ତଂ ପଦନିର୍ଯୁକ୍ତମ୍ ଅନିର୍ଯୁକ୍ତଂ ତଥୈବ ଚ ॥ ୩୬୬ ॥
ତ୍ରିବିଧଂ ଚୈବ ବିଜ୍ଞେୟଂ ସପ୍ତରୂପଂ ପ୍ରୟୋକ୍ତୃଭିଃ ।
ବହିର୍ଗୀତାଙ୍ଗଶାଖାଭିଃ ଯୁକ୍ତଂ ନିର୍ଯୁକ୍ତ ମିଷ୍ୟତେ ॥ ୩୬୭ ॥

ଅର୍ଥଯୋଗରେ ଚତୁଷ୍କଳ ବର୍ଗ ରହିବ । ବୃତ୍ତିମାର୍ଗରେ ଚତୁଷ୍କଳ ଯୋଗ କଦାଚିତ୍ ଦକ୍ଷିଣମାର୍ଗରେ ମଧ୍ୟ ହୁଏ ॥୩୬୧, ୩୬୨॥

ମୁଖ, ମଦ୍ରକ ଏବଂ ଉଲ୍ଲୋପ୍ୟକରେ ଦକ୍ଷିଣ ମାର୍ଗରେ ଯେଉଁ ତାଳବିଧି ବୃତ୍ତିମାର୍ଗରେ (ବାର୍ତ୍ତିକ) ମଧ୍ୟ ତାହା ରହିବ ॥ ୩୬୩ ॥

ଏକକ ଭାବରେ ଅଥବା ଅନ୍ୟସହିତ ପ୍ରଯୁକ୍ତ ଚିତ୍ର ମାର୍ଗରେ ଏହି ଉଭୟ କଳାନିୟମ ତିନି ମାର୍ଗର ଯେକୌଣସି ଗୋଟିଏ ମାର୍ଗରେ ସମାପ୍ତ ହେବ ॥୩୬୪॥
ତିନିମାର୍ଗରେ ସପ୍ତରୂପ ଗାନବିଧାନ ବିଷୟ ଏହିପରି କହିଗଲି । ଏ ସମସ୍ତ ପୁଣି କୁଳକ ଓ ଛେଦ୍ୟକ । ଏକକ ଅର୍ଥର (ବାକ୍ୟର ଗାନ) କୁଳକ ଏବଂ ପୃଥକ୍ ବାକ୍ୟର ଗାନ ଛେଦ୍ୟକ ଅଟେ ॥୩୬୫॥

ଏହି ସପ୍ତବିଧଗାନ ପୁନଃ ତ୍ରିବିଧ । ନିର୍ଯୁକ୍ତ, ପଦନିର୍ଯୁକ୍ତ ଓ ଅନିର୍ଯୁକ୍ତ । ନିର୍ଯୁକ୍ତର ବହିର୍ଗୀତର ଅଙ୍ଗରେ ଶାଖା ରହେ । ପଦନିର୍ଯୁକ୍ତ ବହିର୍ଗୀତ ବିହୀନ ଆଂଶିକ ଭାବରେ ହୋଇଥାଏ ଓ ଅନିର୍ଯୁକ୍ତ ସଂପୂର୍ଣ୍ଣ ବହିର୍ଗୀତ ବିହୀନ ହୋଇଥାଏ ॥୩୬୬-୩୬୮॥

Digitized by srujanika@gmail.com

ବହିର୍ଗୀତ ବିହୀନଂ ତୁ ପଦନିର୍ଯୁକ୍ତ ମିଷ୍ୟତେ ।
ବହିର୍ଗୀତ ବିହୀନଂ ଚାପ୍ୟନିର୍ଯୁକ୍ତ ମିତି ସ୍ମୃତମ୍ ॥ ୩୬୮ ॥
ଇତ୍ୟେତଦ୍ ସପ୍ତରୂପସ୍ୟ ପ୍ରକୃତଂ ଦ୍ୱିବିଧଂ ସ୍ମୃତମ୍ ।
ବ୍ରହ୍ମୋକ୍ତଂ ସପ୍ତରୂପଂ ହି ସାମବେଦାଦ୍ ବିନିଃ ସୃତମ୍ ॥ ୩୬୯ ॥
ଦୈବତାରାଧକଂ ପୁଣ୍ୟମ୍ ଅନନ୍ତଂ ଗୀତବାଦିତମ୍ ।
ସର୍ବେଷାମେବ ଗୀତାନାମନ୍ତେଷୁ ଛନ୍ଦକଂ ସ୍ମୃତମ୍ ॥ ୩୭୦ ॥
ଚତୁରଙ୍ଗଂତତସ୍ତ୍ର୍ୟଙ୍ଗଂ ନବାଙ୍ଗଂ ଯୁଗ୍ମମେବ ଚ ।
ଋକ୍ ଗାଥା ପାଣିକାନାଂ ଚ ପ୍ରମାଣାନାଂ ତଥୈବ ଚ ॥ ୩୭୧ ॥
ଅନେନୈବ ବିଧାନେନ ଯୁଗ୍ମୌଜତ୍ୱଂ ବିଭାବୟେତ୍ ।
ଯୋ ଗଣଃ ପୂର୍ବମୁଦ୍ଦିଷ୍ଟଃ ତସ୍ୟାଦୌ ତୁ କଳାଭବେତ୍ ॥ ୩୭୨ ॥
ଚତୁର୍ମାତ୍ରା କୃତଂ ଚୈବ କଳାଂ ସମବଧାରୟେତ୍ ।
ଅଷ୍ଟାଙ୍ଗା ବା ଷଡ଼ଙ୍ଗା ବା ଯୁଗ୍ମୋଜୌବା ପ୍ରମାଣତଃ ॥ ୩୭୩ ॥
ସ୍ତୁତିଯୁକ୍ତା ତୁ କର୍ତ୍ତବ୍ୟା ମାଦ୍ରିକୀ ଚୈବ ପାଣିକା ।
ଚତୁଷ୍ପାଦା ତଥୈକାଙ୍ଗା ଦ୍ୱ୍ୟଙ୍ଗା ତ୍ର୍ୟଙ୍ଗା ବିଭାବୟେତ୍ ॥ ୩୭୪ ॥

ସପ୍ତରୂପ ଗାନର ଏହି ଦୁଇଟି ଶ୍ରେଣୀ । ବ୍ରହ୍ମାଙ୍କ ଦ୍ୱାରା ଉଚ୍ଚାରିତ ଏହି ସପ୍ତବିଧଗାନ (ସପ୍ତରୂପ) ସାମବେଦରୁ ଜନ୍ମଲାଭ କରିଅଛି ।।୩୬୯।।

ଦେବତାମାନଙ୍କ ପୂଜାରେ ଗୀତବାଦ୍ୟ ଅନୁଷ୍ଠାନ ଅସୀମ ପୁଣ୍ୟଦାୟକ ହୋଇଥାଏ । ଏହିପରି ସ୍ଥଳରେ ସମସ୍ତ ଗାନ ଶେଷରେ ଛନ୍ଦକ (ଛେଦ୍ୟକ) ବିଧାନ ସଂଗତ ଅଟେ ।। ୩୭୦।।

ଦୁଇ, ଚାରି, ତିନି ବା ନଅ ଚତୁରସ୍ରଯୁକ୍ତ ଆକାର ବିଶିଷ୍ଟ ଋକ୍ ଗାଥା ଓ ପାଣିକା ବିଷୟରେ ଏହି ବିଧାନ । ଏହି ବିଧାନ ଅନୁଯାୟୀ ଯୁଗ୍ମୌଜତ୍ୱ କଳ୍ପନା କରିବ । (ଦୁଇ ତାଳର ଏକତ୍ରୀକରଣ) ।।୩୭୧।। ପୂର୍ବରୁ ଯେଉଁଗଣ କୁହାଯାଇଛି, ତାହାର ଆଦିରେ ଗୋଟିଏ କଳା ରହିବ । ଏହି କଳାରେ ଚାରିମାତ୍ରା ରହିବ । ଦେବତାସ୍ତୁତି ପ୍ରସଙ୍ଗରେ ମଦ୍ରକ, ପାଣିକା ଓ ଚତୁଷ୍ପଦା ଗାନ ଚତୁରସ୍ର ବା ତ୍ର୍ୟସ୍ର ତାଳରେ ଆଠ ବା ଛଅ ଅଙ୍ଗରେ ପଢ଼ାଯିବ । ଏକ, ଦୁଇ ବା ତିନି ଅଙ୍ଗ ବିଶିଷ୍ଟ ଏହିପରି ଗାନ ଚତୁଷ୍ପାଦ ଆକାରରେ କରାଯିବ ।।୩୭୨-୩୭୪।।

Digitized by srujanika@gmail.com

ଅଙ୍ଗୈର୍ବ୍ୟସ୍ତୈଃ ସମସ୍ତୈର୍ବା ଯୁଗ୍ମକୌ ବା ପ୍ରକୀର୍ତ୍ତିତୌ ।
ସପ୍ତରୂପସ୍ୟ ତାଳୋଽୟଂ ମୟା ହି ପରିକୀର୍ତ୍ତିତଃ ।। ୩୭୫ ।।
ଚତୁରସ୍ରା ଯଥା ତ୍ର୍ୟସ୍ରା ଧ୍ରୁବାଜ୍ଞେୟା ପ୍ରୟୋକ୍ତୃଭିଃ ।
ତାସାଂ ତାଳବିଧାନଂ ତୁ ଷଟ୍ ପ୍ରମାଣଂ ସମାସତଃ ।। ୩୭୬ ।।
ଅଡ୍‌ଡ଼ିତା ଚୋଦ୍‌ଥିତାଚୈବ ଚତୁରସ୍ରା ପ୍ରମାଣତଃ ।
ଚତୁର୍ଭି ସନ୍ନିପାତୈଶ୍ଚ ଜ୍ଞେୟା ଚଞ୍ଚତ୍ ପୁଟା ସ୍ମୃତା ।। ୩୭୭ ।।
ସୁପ୍ରତିଷ୍ଠାବସାନାନାଂ ସନ୍ନିପାତେଽନ୍ତଇଷ୍ୟତେ ।
ଅପକୃଷ୍ଟା ସ୍ମୃତା ତ୍ର୍ୟସ୍ରା ତଥା ଚାପପୁଟା ଶ୍ରିତା ।। ୩୭୮ ।।
ଚତୁର୍ଭିଃ ସନ୍ନିପାତୈଶ୍ଚ ଯୁକ୍ତାପାଦାନ୍ତ ସଂଶ୍ରିତୈଃ ।
ତଥାକାଶ ଗ୍ରହସ୍ତାସାଂ ତାବଦ୍ ଚଞ୍ଚତ୍‌ପୁଟଃସ୍ମୃତଃ ।। ୩୭୯ ।।
ବିଲମ୍ବିତା ଚ ତ୍ର୍ୟସ୍ରାଚ ସାଏତଦ୍ ଦ୍ୱିତୟାନ୍ୱିତା ।
ନିଷ୍କ୍ରାମାଦି ପ୍ରଯୁକ୍ତେନ ଯୋଜ୍ୟା ଚାପପୁଟେନ ତୁ ।। ୩୮୦ ।।
ପାଦାନ୍ତେ ସନ୍ନିପାତସ୍ୟ ଦ୍ୱିପଦାଯୁଗ୍ମ ସଂଜ୍ଞିତା ।
ଚଞ୍ଚତ୍ ପୁଟେନ ସଂଯୋଜ୍ୟା ଦ୍ୱିକଳେନ ଯଥାବିଧି ।
ଶୀର୍ଷକାଣିଚ ଯୋଜ୍ୟାନି ଦ୍ୱିବିଧଂ ପଞ୍ଚପାଣିନା ।। ୩୮୧ ।।

ଏହି ଅଙ୍ଗମାନଙ୍କରେ ଚତୁରସ୍ର ତ୍ର୍ୟସ୍ରତାଳ ପୃଥକ୍ ଭାବରେ ଓ ସଂଯୁକ୍ତ ଭାବରେ ବ୍ୟବହାର କରାଯାଏ । ମୁଁ ସପ୍ତରୂପର ଏହିସବୁ ତାଳବିଧାନ କହିଗଲି ।। ୩୭୫।।

ପ୍ରୟୋକ୍ତାମାନେ ଚତୁରସ୍ର, ତ୍ର୍ୟସ୍ର ଓ ଧ୍ରୁବା ବିଷୟ ଜାଣିବା ଉଚିତ୍ । ସେମାନଙ୍କର ସଂକ୍ଷେପରେ ଛଅ ପ୍ରକାର ଅଟେ ।।୩୭୬।।

ଏମାନଙ୍କ ମଧ୍ୟରୁ ଅଡ୍‌ଡ଼ିତା ଓ ଉଦ୍‌ଥିତା ଚତୁରସ୍ରା ପ୍ରମାଣରେ ହେବ । ଏଥିରେ ଚଞ୍ଚପୁଟରେ ଚାରିଟି ସନ୍ନିପାତ ରହେ ।।୩୭୭।।

ସୁ ପ୍ରତିଷ୍ଠିତାର ଶେଷରେ ଚାଚପୁଟ ଆଶ୍ରିତ ସନ୍ନିପାତ ଅପକୃଷ୍ଟ ତ୍ର୍ୟସ୍ର ତାଳରେ ହେବ । ଏହା ଚାରି ସନ୍ନିପାତ ସହିତ ଯୁକ୍ତ ହେବ । ଏହି ସମସ୍ତଙ୍କର ଚଞ୍ଚତ୍‌ପୁଟ ଆକାଶଗ୍ରହ ହେବ ।।୩୭୮, ୩୭୯।। ତ୍ର୍ୟସ୍ର ବିଳମ୍ବିତା ଧ୍ରୁବା ହେବ । ଏହାପରେ ସେ ଏହିଦୁଇଟି ସହିତ ଯୁକ୍ତ ହେବ । ନିଷ୍କ୍ରାମ ପ୍ରଭୃତି ଦ୍ୱାରା ପ୍ରଯୁକ୍ତ ଚଞ୍ଚତ୍‌ପୁଟ ଏଥିରେ ପ୍ରୟୋଗ କରାଯିବ ।।୩୮୦।।

ସନ୍ନିପାତ ପାଦ ଶେଷରେ ଯୁଗ୍ମନାମକ ଦ୍ୱିପଦା ଦ୍ୱିକଳଚଞ୍ଚତ୍‌ପୁଟ ସହିତ ଯଥାବିଧି ଯୋଗ କରାଯିବ । ପଞ୍ଚପାଣି ସହିତ ଶୀର୍ଷକଗୁଡ଼ିକ ଦୁଇ ପ୍ରକାର ଯୋଗ କରାଯିବ ।।୩୮୧।।

Digitized by srujanika@gmail.com

ଚତୁର୍ଭି ସନ୍ନିପାତୈଶ୍ଚ ସମ୍ୟକ୍ ପାଦାନ୍ତ ସଂସ୍ଥିତୈଃ ।
ପାଦାନ୍ତସ୍ୟାନ୍ତତାଳସ୍ୟ ଦ୍ୱିମାତ୍ରାନ୍ତଂ ପ୍ରୟୋଜୟେତ୍ ।। ୩୮୨ ।।
ମାତ୍ରାଦ୍ୱୟଂତୁ କାଳେଚ ଝଙ୍କାରୈଃ ସମତାଂ ନୟେତ୍ ।
କିଞ୍ଚିଦ୍ ବିନାତିରିକ୍ତୟାଂ ମାତ୍ରାଭିର୍ଯତ୍ରବେଦ୍ କଳା ।। ୩୮୩ ।।
ସ୍ୟାତ୍‌ସମତ୍ୱଂ ନୟେତ୍ ତାଂତୁ କ୍ଷୟବୃଦ୍ଧ୍ୟା ପ୍ରୟୋଗବିଦ୍ ।
ବର୍ଣ୍ଣପ୍ରକର୍ଷେଣ ଚ ସ୍ୟାଦ୍ ତାଳାନାମପି ବର୍ଦ୍ଧନମ୍ ।। ୩୮୪ ।।
ସ୍ୟାଜ୍ ଝଙ୍କାରୋ ନିଯୁକ୍ତାନା ମକ୍ଷରେ ଚ କଳାନ୍ତରମ୍ ।
କଳାତାଳ ପ୍ରମାଣେନ ଯଦ୍ ସ୍ୟାଦ୍ ଶୁଷ୍କ କୁଚ୍ଛନମ୍ ।। ୩୮୫ ।।
ତଥା ଧ୍ରୁବାଣାଂ ସର୍ବେଷୁ କଳାତାଳୌ ପ୍ରୟୋଜୟେତ୍ ।
ଭଙ୍ଗ ତାଳଶ୍ଚ କର୍ତ୍ତବ୍ୟୋ ନଦ୍‌କୁଟାନାଂ ଯଥାବିଧି ।। ୩୮୬ ।।
କଳାପାତନ ସଂଯୁକ୍ତସ୍ତାଳଃ ଚଞ୍ଚତ୍‌ପୁଟୋ ଭବେତ୍ ।
ଏଷ ଏବ ପୁନସ୍ତ୍ୟସ୍ରଃ ଖଞ୍ଜକେ ତାଳ ଇଷ୍ୟତେ ।। ୩୮୭ ।।
ପୁନଃ ପ୍ରକୃତୟୋ ହ୍ୟେଷ ଭଙ୍ଗସ୍ତ୍ୱାକ୍ରୀଡ଼ିତୋ ଭବେତ୍ ।
ଯାନ୍ୟଙ୍ଗାନି ପ୍ରଯୁକ୍ତାନି ଧ୍ରୁବାସ୍ୱେବ ଭବନ୍ତି ହି ।। ୩୮୮ ।।
ତାନ୍ୟଷ୍ଟ କଳଯୋଗେନ ଯୋଜୟେତ୍ ଷଟ୍‌କଳେନ ବା ।
ଏବମେଷ ମୟାତାଳୋ ଧ୍ରୁବାଣାଂ ପରିକୀର୍ତ୍ତିତଃ ।। ୩୮୯ ।।

ପାଦ ଶେଷରେ ଚାରି ସନ୍ନିପାତ ସହିତ ତାଳର ଦୁଇ ଅନ୍ତ୍ୟମାତ୍ର ପ୍ରୟୋଗ କରିବ ।।୩୮୨।।

ଠିକ ସମୟରେ ଝଂକାର ସହିତ ଦୁଇମାତ୍ରାକୁ ସମତାକୁ ନେବ । ଯେତେବେଳେ (ଧ୍ରୁବାର) ଆତିଶଯ୍ୟ ବ୍ୟତୀତ ଏକକଳା ହେବ, ସେତେବେଳେ ବିଜ୍ଞ ଲୋକ ଏହାକୁ ହ୍ରାସ ବା ବୃଦ୍ଧିଦ୍ୱାରା ସମାନ ମାତ୍ରାକୁ ନେବେ ।।୩୮୩, ୩୮୪।। ବର୍ଣ୍ଣ ବୃଦ୍ଧି ସହିତ ତାଳବୃଦ୍ଧି ମଧ୍ୟ କରାଯିବା ଉଚିତ । ନିର୍ଯୁକ୍ତ ଗାନର ଅକ୍ଷରରେ ଝଙ୍କାର ଏକ ନୂତନ କଳା । କଳା ଓ ତାଳ ସହିତ ସଂଯୋଗ ହେତୁ ଏହାର ନାମ ଶୁଷ୍କ କୁଚ୍ଛନ ।।୩୮୫।।

ସବୁ ଧ୍ରୁବାରେ (ଯୋଗ୍ୟ) କଳା ଓ ତାଳ ପ୍ରୟୋଗ କରିବ । ନଦ୍‌କୁଟରେ ବିଧାନ ଅନୁଯାୟୀ ମୁଖ୍ୟ ତାଳ ପ୍ରୟୋଗ କରିବ । କଳା ପାତରେ ସଂଯୁକ୍ତ ହୋଇ ଚଞ୍ଚତ୍‌ପୁଟ ରହିବ । ଖଞ୍ଜିକ ଧ୍ରୁବାରେ ଏହି ତାଳ ତ୍ର୍ୟସ୍ର ହେବ ।।୩୮୬, ୩୮୭।।

ପୁଣି ଏହି ଅଙ୍ଗ ଆକ୍ରୀଡ଼ିତ ହେବ । ଧ୍ରୁବାରେ ପ୍ରଯୁକ୍ତ ଅଙ୍ଗଗୁଡ଼ିକ ଅଷ୍ଟକଳ ବା ଷଟ୍‌କଳ କରାଯିବ ।

ଧ୍ରୁବା ବିଷୟରେ ଏହି ତାଳବିଧି ମୁଁ କହିଲି ।।୩୮୮, ୩୮୯।।

Digitized by srujanika@gmail.com

ଚତୁଷ୍ପାଦାବସାନେ ତୁ ସଂପ୍ରବକ୍ଷ୍ୟାମି ଲକ୍ଷଣମ୍ ।
ଯଦ୍ ଦେବ୍ୟା ସୁକୁମାରାଦ୍ୟଂ ଶୃଙ୍ଗାରରସ ସଂଶ୍ରୟମ୍ ॥ ୩୯୦ ॥
ନୃତ୍ତଂ ବିକଳ୍ପିତଂ ତସ୍ୟ ତାଳଲକ୍ଷଣ ମୁଚ୍ୟତେ ।
ନାରୀ ପ୍ରୟୋଜ୍ୟଂ ତଜ୍ ଜ୍ଞେୟମ୍ ଆଶ୍ରିତଂତୁ ଚତୁଷ୍ପଦ ॥ ୩୯୧ ॥
ତ୍ର୍ୟସ୍ରାବା ଚତୁରସ୍ରାବା ଦ୍ୱିବିଧା ବା ଚତୁଷ୍ପଦା ।
ଏକସ୍ୟା ବା ବହୂନାଂ ବା ଦ୍ୱୟୋର୍ବା ବାକ୍ୟ ଯୋଜନାତ୍ ॥ ୩୯୨ ॥
ତଥା ଶୃଙ୍ଗାର ଭୂୟିଷ୍ଠା ତ୍ରିବିଧାସ୍ୟାତ୍ ଚତୁଷ୍ପଦା ।
ପ୍ରବୃତ୍ତ ସଂଜ୍ଞା ବିଜ୍ଞେୟା ସ୍ଥିତସଂଜ୍ଞାଶ୍ରୟା ତଥା ॥ ୩୯୩ ॥
ସ୍ଥିତ ପ୍ରବୃତ୍ତ ସଂଜ୍ଞା ଚ ତ୍ରିବିଧା ସ୍ୟାତ୍ ପୁନଶ୍ଚ ସା ।
ନିଷ୍କ୍ରାମଶ୍ଚୈବ ଶମ୍ୟାଚ ତାଳଶମ୍ୟା ତଥୈବ ଚ ॥ ୩୯୪ ॥
ତଦୋତ୍ତମଶ୍ଚ ନିଷ୍କ୍ରାମଃ ସନ୍ନିପାତଃ ତଥାନ୍ତିମଃ ।
ଅଷ୍ଟାବିଂଶତି ସଂକଳ୍ପା ବୁଧୈର୍ଜ୍ଞେୟା ଚତୁଷ୍ପଦା । ୩୯୫ ॥
ତସ୍ୟା ବିକଳ୍ପାନ୍ ବକ୍ଷ୍ୟାମି ଯଥାବଦନୁ ପୂର୍ବଶଃ ।
ପ୍ରବୃତ୍ତାଖ୍ୟା ଦ୍ରୁତଲୟା ସ୍ଥିତାଖ୍ୟାଚ ବିଲମ୍ବିତା ॥ ୩୯୬ ॥

ଏବେ ଚତୁଷ୍ପଦା ଆଲୋଚନା ଶେଷରେ ଏହାର ନିୟମ ବିଷୟରେ କହିବି । ଶୃଙ୍ଗାର ରସାଶ୍ରିତ ପ୍ରଥମରେ କୋମଳ ପଦଯୁକ୍ତ ଯେଉଁ ବୃତ୍ତକୁ ଦେବୀ ପାର୍ବତୀ କଳ୍ପନା କରିଥିଲେ ତାହାର ତାଳ ଓ ଲକ୍ଷଣ କହିବି ॥୩୯୦॥

ଏହି ବୃତ୍ତ ନାରୀ ପ୍ରଯୋଜ୍ୟ । ଚତୁଷ୍ପଦକୁ ଆଶ୍ରୟ କରିବ । ବାକ୍ୟ ଯୋଜନାନୁସାରେ ତ୍ର୍ୟସ୍ରା ବା ଚତୁରସ୍ରା ଏହି ଦୁଇ ପ୍ରକାର ଅଥବା ଚତୁଷ୍ପଦା ହେବ ଗୋଟିଏ ବା ଦୁଇଟି ବା ବହୁ ପାତ୍ରଙ୍କ ବାକ୍ୟ ଦେଖି ବ୍ୟବସ୍ଥା କରିବ । ଏହା ଶୃଙ୍ଗାରରସ ବହୁଳ ହେବ । ତିନିପ୍ରକାର ଚତୁଷ୍ପଦା ହେବ । ଏହା ସ୍ଥିତା, ପ୍ରବୃତ୍ତା ଓ ସ୍ଥିତି ପ୍ରବୃତ୍ତା ନାମରେ ତିନି ପ୍ରକାର ।

ଏହାର ତାଳ : ନିଷ୍କ୍ରାମ, ଶମ୍ୟା, ତାଳ । ଶମ୍ୟାପୂର୍ବରୁ ନିଷ୍କ୍ରାମ ରହିବ ତାପରେ ଶମ୍ୟା ଓ ତାଳ । ଶମ୍ୟା ପୂର୍ବରୁ ହେବ ନିଷ୍କ୍ରାମ ଓ ପରେ ସନ୍ନିପାତ ହେବ ।

ଚତୁଷ୍ପଦାର ଅଠାଇଶ ପ୍ରକାର ଭେଦ ଅଛି ବୋଲି ପଣ୍ଡିତମାନେ ଜାଣିବେ ॥୩୯୪,୩୯୫॥

କ୍ରମାନୁଯାୟୀ ଏହି ଭେଦମାନଙ୍କ ବିଷୟ କହିବି । ସ୍ଥିତାଶ୍ରେଣୀୟ ଚତୁଷ୍ପଦାରେ ଦ୍ରୁତଲୟ ରହିବ । ପ୍ରବୃତ୍ତା ଶ୍ରେଣୀର ଚତୁଷ୍ପଦାରେ ବିଳମ୍ବିତ ଲୟ ଏବଂ ସ୍ଥିତ ପ୍ରବୃତ୍ତା ଶ୍ରେଣୀୟ ଚତୁଷ୍ପଦାରେ

Digitized by srujanika@gmail.com

ସ୍ଥିତ ପ୍ରବୃତ୍ତସଂଜ୍ଞାଚ ଜ୍ଞେୟା ମଧ୍ୟଲୟାଶ୍ରିତା ।
ଜ୍ଞେୟଃ ଚଞ୍ଚତ୍ ପୁଟସ୍ତସ୍ୟ ତଥା ଚାଚପୁଟଃ ପୁନଃ ।। ୩୯୭ ।।
ଦ୍ୱିକଳେନ ବିଧାନେନ ତସ୍ୟ ପାତବିଧିସ୍ତ୍ୱୟମ୍ ।
ବହ୍ୱକ୍ଷରା ଚ ବିପୁଳା ମାଗଧୀ ଚାର୍ଧମାଗଧୀ ।। ୩୯୮ ।।
ସମାକ୍ଷରପଦା ଚୈବ ତଥା ଚ ବିଷମାକ୍ଷରା ।
ତସ୍ୟାନ୍ତ୍ୟାପହରଣା ବିଜ୍ଞେୟା ଚାପ୍ୟନୀକିନୀ ।। ୩୯୯ ।।
ଅବସାନାପହରଣା ଅନ୍ତାପହରଣା ତଥା ।
ଅଭ୍ୟନ୍ତରାପହରଣା ତଥା ଚୈବାର୍ଧନତ୍ କୁଟା ।। ୪୦୦ ।।
ଅର୍ଧସଂଜ୍ଞାଚ ମିଶ୍ରାଚ ତଥାଚୈବାଥ ଶୀର୍ଷକା ।
ଏକାବସାନା ବିଜ୍ଞେୟା ତଥାଚ ନିୟତାକ୍ଷରା ।। ୪୦୧ ।।
ଅର୍ଦ୍ଧପ୍ରବୃତ୍ତା ଏତାସାଂ ଲକ୍ଷଣଂ ଶ୍ରୂୟତା ମିଦମ୍ ।
ଦ୍ରୁତ ବାକ୍ୟା ଦ୍ରୁତଲୟା ଜ୍ଞେୟା ବହ୍ୱକ୍ଷରେତି ସା ।। ୪୦୨ ।
ଗୁରୁପ୍ଳୁତାକ୍ଷର ପ୍ରାୟା ସ୍ୱଳ୍ପବାକ୍ୟା ଯଦାଭବେତ୍ ।
ତ୍ରିଲୟା ପୃଥୁଳାଖ୍ୟାଚ (ବିପୁଳା) ସୁକୁମାରବିଧୌ ସ୍ମୃତା ।। ୪୦୩ ।।
ତ୍ରିଲୟା ତ୍ରିଯତି ଶ୍ଚୈଚ ତ୍ରିପ୍ରକାରାକ୍ଷରାନ୍ୱିତା ।
ଏକବିଂଶତିତାଳା ଚ ମାଗଧୀ ସଂପ୍ରକୀର୍ତ୍ତିତା ।। ୪୦୪ ।।

ମଧ୍ୟ ଲୟ ରହିବ । ତହିଁରେ ଚଞ୍ଚତ୍‌ପୁଟ ଓ ଚାଚପୁଟ ତାଳହେବ । ଦ୍ୱିଗୁଣ କଳାରେ ସେମାନଙ୍କର ପାତହେବ ।।୩୯୬, ୩୯୭।।

ଚତୁଷ୍ପଦାର ଭେଦ : ବହ୍ୱକ୍ଷରା, ବିପୁଳା, ମାଗଧୀ, ଅର୍ଧମାଗଧୀ, ବିଷମାକ୍ଷରା, ଆଦ୍ୟନ୍ତାପହରଣା, ଅନୀକିନୀ, ଅବସାନାପହରଣା, ଅନ୍ତାପହରଣା, ଅଭ୍ୟନ୍ତରାପହରଣା, ଅର୍ଧନତ୍‌କୁଟା, ଅର୍ଧସଂଜ୍ଞା, ମିଶ୍ରା, ଶୀର୍ଷକ, ଏକାବସାନା, ନିୟତାକ୍ଷରା, ଅର୍ଧପ୍ରବୃତ୍ତା । ଏବେ ଏମାନଙ୍କର ଲକ୍ଷଣ ଶୁଣ ।। ୩୯୭୪-୪୦୧୪ ।।

ଯେଉଁ ଗାନରେ ବାକ୍ୟ ଦ୍ରୁତ ଉଚ୍ଚାରିତ ହୁଏ ଏବଂ ଲୟ ଦ୍ରୁତ ହୁଏ ଓ ଅଧିକାଂଶ ହ୍ରସ୍ୱରହେ ସେ ବହ୍ୱକ୍ଷରା ।।୪୦୨।। ଯେଉଁ ଗୀତରେ ଅଧିକ ଅକ୍ଷର ଦୀର୍ଘ ଓ ପ୍ଳୁତ ଏବଂ ସଂକ୍ଷିପ୍ତ ବାକ୍ୟ ଓ ଶବ୍ଦ ରହେ ତଥା ଲାଗ୍ ଲାଗ୍ ତିନିଟି ଲୟ ରହେ ସେ ପୃଥୁଳା । ଏଥିରେ ଲାସ୍ୟ ଓ ନୃତ୍ୟର କୋମଳ ପ୍ରୟୋଗ ହୋଇଥାଏ ।।୪୦୩।।

ଯେଉଁ ଗାନରେ ତିନି ଲୟ ଓ ତିନି ଯତି ରହେ ଏବଂ ସମ ପରିମାଣର ତିନି ପ୍ରକାର ଅକ୍ଷର ରହେ ତାହାକୁ ମାଗଧୀ କୁହାଯାଏ । ଏଥିରେ ଏକ ବିଂଶତି ତାଳ ରହିଥାଏ ।।୪୦୪।।

Digitized by srujanika@gmail.com

ଗୁରୁ ଲଘ୍ୱକ୍ଷର କୃତା ଦ୍ରୁତ ମଧ୍ୟ ଲୟାନ୍ୱିତା ।
ମାଗଧ୍ୟେବାର୍ଧ ତାଳେନ ଯୁକ୍ତାସ୍ୟାଦର୍ଧମାଗଧୀ ।। ୪୦୫ ।।
ଗୁରୁ ଲାଘବମାତ୍ରାଭିଃ ପଦବର୍ଣ୍ଣୈସ୍ତଥୈବ ଚ ।
ଲୟତାଳୈଃ ସମୈର୍ଷ୍ଣେ ବ ସମାକ୍ଷର ପଦା ସ୍ମୃତା ।। ୪୦୬ ।।
ଅକ୍ଷରୈ ର୍ବିଷମାୟାଂ ତୁ ମାତ୍ରାପାଦୈସ୍ତଥୈବ ଚ ।
ଲୟତାଳୈ ରନିୟମା ସାଜ୍ଞେୟା ବିଷମାକ୍ଷରା ।। ୪୦୭ ।।
ଯସ୍ୟାଃ ତ୍ୱନ୍ତ୍ୟଃ ସନ୍ନିପାତଃ ସାନୁସ୍ୱାରୋଽନ୍ତ୍ୟଇଷ୍ୟତେ ।
ଆଦ୍ୟନ୍ତାପହରଣା ଚସାନୁସ୍ୱାରକୃତା ତଥା ।। ୪୦୮ ।।
ମଧ୍ୟାଦ୍ୟନ୍ତୈଃ ସନ୍ନିପାତୈ ରନୁସ୍ୱାର କୃତାକ୍ଷରୈଃ ।
ଶେଷୈରନିୟତାପାଦୈ ର୍ବିଜ୍ଞେୟା ସାତ୍ୱନୀକିନୀ ।। ୪୦୯ ।।
ଅବସାନାପହରଣା ନିତ୍ୟଂ ଜ୍ଞେୟାଽମିତାକ୍ଷରା ।
ଅନୁସ୍ୱାରଦ୍ରୁତା ଚୈବ ମନ୍ତାପହରଣାସ୍ମୃତା ।। ୪୧୦ ।।
ଦ୍ୱିତୀୟା ସନ୍ନିପାତେନ ମଧ୍ୟେଽକ୍ଷରସମନ୍ୱିତା ।
ଅଭ୍ୟନ୍ତରାପହରଣା ସାନୁସ୍ୱାରେବ ସାସ୍ମୃତା ।। ୪୧୧ ।।

ଯେଉଁଥିରେ ଗୁରୁ ଲଘୁ ଅକ୍ଷର ମିଶି ମିଶି ଥାଏ, ଦ୍ରୁତ ଓ ମଧ୍ୟ ଲୟ ବ୍ୟବହାର କରାଯାଏ, ମାଗଧୀର ଅର୍ଦ୍ଧତାଳ ଯୁକ୍ତ ହୋଇଥାଏ, ସେ ଅର୍ଧମାଗଧୀ । ଯେଉଁ ଗାନର ପଦରେ ମାତ୍ରା ନିୟମିତ ସଂଖ୍ୟାରେ ରହେ ଓ ପଦ, ବର୍ଣ୍ଣ, ଲୟ, ତାଳ ସମାନ ରହେ ତାହାକୁ ସମାକ୍ଷର ପଦା କହନ୍ତି ।।୪୦୫, ୪୦୬।। ଯହିଁରେ ପାଦରେ ଅନିୟମିତ ସଂଖ୍ୟକ ମାତ୍ରା ରହେ, ପାଦ ସଂଖ୍ୟା ମଧ୍ୟ ଅନିୟତ । ଲୟ ଓ ତାଳର ମଧ୍ୟ ନିୟମ କିଛି ରହେନା, ତାହାକୁ ବିଷମାକ୍ଷରା କହନ୍ତି ।।୪୦୭।।

ଯେଉଁ ଗାନର ଅନ୍ତ୍ୟ ସନ୍ନିପାତ ଓ ଅନ୍ତ୍ୟ ଅନୁସ୍ୱାର ଆବଶ୍ୟକ ତାହାକୁ ଅନୁସ୍ୱାର ଘଟିତ ଆଦ୍ୟନ୍ତାପହରଣା କୁହାଯାଏ ।।୪୦୮।।

ଯେଉଁ ଗାନର ମଧ୍ୟରେ, ଆଦି ଓ ଅନ୍ତରେ ଅନୁସ୍ୱାରଯୁକ୍ତ ଅକ୍ଷର ରହେ ଏବଂ ଅବଶିଷ୍ଟ ପାଦ ଗୁଡ଼ିକ ଅନିୟତ ତାହାକୁ ଅନୀକିନୀ ବୋଲି ଜାଣିବ ।।୪୦୯।।

ଅବସାନା ନାମକ ଚତୁଷ୍ପଦାର ପାଦରେ ନିର୍ଦ୍ଦିଷ୍ଟ ଅକ୍ଷର ସଂଖ୍ୟା ନାହିଁ । ଏଥିରେ ହିଁ ଅନୁସ୍ୱାର ଓ ଦ୍ରୁତ ଲୟଯୁକ୍ତ ହେଲେ ଏହାର ନାମ ଅନ୍ତାପହରଣ ହୁଏ ।।୪୧୦।।

ଅଭ୍ୟନ୍ତରାପହରଣରେ ଦ୍ୱିତୀୟକଳା ସନ୍ନିପାତରେ ରହେ, ମଧ୍ୟ ଭାଗରେ ଅକ୍ଷର ରହେ । ଏହା ପ୍ରାୟ ସାନୁସ୍ୱାରା ପରି ।।୪୧୧।।

Digitized by srujanika@gmail.com

ଅର୍ଦ୍ଧେନ ଭିଦ୍ୟତେ ଯା ତୁ ବିଜ୍ଞେୟା ସାଽର୍ଧନଦ୍‌କୁଟା ।
ତ୍ର୍ୟସ୍ରା ହ୍ୟନେନ ବିଧିନା ହ୍ୟର୍ଧଖଞ୍ଜଃ ପ୍ରକୀର୍ତ୍ତିତଃ ॥ ୪୧୨ ॥
ଖଞ୍ଜ ନଦ୍‌କୁଟନାଭ୍ୟାଂତୁ ମିଶ୍ରଭାବୋ ଯଦାଭବେଦ୍ ।
ତ୍ର୍ୟସ୍ରାବା ଚତୁରସ୍ରାବା ତଦା ମିଶ୍ରେତି କୀର୍ତ୍ତ୍ୟତେ ॥ ୪୧୩ ॥
ଉପକ୍ଷେପେଣ ଯସ୍ୟାସ୍ତୁ ସଏବାର୍ଧଃ ସମାପ୍ୟତେ ।
ଶୀର୍ଷକଂ ସାତୁ ବିଜ୍ଞେୟା ଶୀର୍ଷକେଣ ବିଭୂଷିତା ॥ ୪୧୪ ॥
ଏକ ପାଦାବସାନଂ ତୁଂ ଯସ୍ୟାଃ ସ୍ୟାଦର୍ଧବର୍ଣ୍ଣତଃ ।
ଏକାବସାନେ ବିବୁଧୈଃ ସା ଜ୍ଞେୟା ତୁ ଚତୁଷ୍ପଦା ॥ ୪୧୫ ॥
ପୂର୍ବପାଦେନ ତସ୍ୟାଃସ୍ୟାଦ୍ ସର୍ବତ୍ର ଗୁରୁଲାଘବମ୍ ।
ପାଦେ ପାଦେ ତୁ ବିଜ୍ଞେୟା ଶୀର୍ଷକେଣ ବିଭୂଷିତା ॥ ୪୧୬ ॥
ଏକ ପାଦାବସାନେ ଚ ସାଜ୍ଞେୟା ନିୟତାକ୍ଷରା ।
ଯସ୍ୟାଃସ୍ଥିତଂ ପ୍ରବୃତ୍ତଂ ବା ଭବତ୍ୟର୍ଧ ନିବେଶିତମ୍ ॥ ୪୧୭ ॥
ଅର୍ଧପ୍ରବୃତ୍ତା ସାତୁ ସ୍ୟାଦ୍ ଉଭାଭ୍ୟାମପିବାକୃତା ।
ନିଷ୍କ୍ରାମ ଶ୍ଚୈବ ଶମ୍ୟା ଚ ତାଳଃ ଶମ୍ୟାତଥୈବ ଚ ॥ ୪୧୮ ॥
ଆବାପଃ ସନ୍ନିପାତଶ୍ଚ ଷଡ଼ସ୍ୟା ଗ୍ରାହକାଃ ସ୍ମୃତାଃ ।
ଉପୋହନଂ ତୁ ତ୍ରିବିଧଂ ସୁକୁମାରେ ପ୍ରକୀର୍ତ୍ତିତମ୍ ॥ ୪୧୯ ॥

ଅର୍ଧନଦ୍‌କୁଟରେ ଅର୍ଧଭାଗ ବିଭକ୍ତ । ତ୍ର୍ୟସ୍ର ତାଳାନୁଗତ ଏହା ହେଲେ ଏହାର ନାମ ଅର୍ଧଖଞ୍ଜ ହୋଇଥାଏ ॥୪୧୨॥

କୌଣସି ଗାନରେ ଖଞ୍ଜ ଓ ନଦ୍‌କୁଟ ମିଶ୍ରିତ ହେଲେ ଏବଂ ଏହା ଚତୁରସ୍ର ଓ ତ୍ର୍ୟସ୍ରରେ ମିଶ୍ରିତ ହୋଇ ଗାନ କରାଗଲେ ତାହାକୁ ମିଶ୍ର ବୋଲି କୁହାଯାଏ ॥୪୧୩॥

ଯେଉଁ ଗୀତର ଅର୍ଧାଂଶ ଅକସ୍ମାଦ୍ ଆରବ୍ଧ ଓ ସମାପ୍ତ ହୁଏ ଏବଂ ଏହା ଶୀର୍ଷକରେ ଅଳଂକୃତ ହୋଇଥାଏ ତାହାକୁ ଶୀର୍ଷକ କୁହନ୍ତି ॥୪୧୪॥

ଅର୍ଧବର୍ଣ୍ଣ ଯୋଗରେ ଯାହାର ଗୋଟିଏ ପାଦର ସମାପ୍ତି ହୁଏ ସେହି ଚତୁଷ୍ପଦାକୁ ଏକାବସାନା ବୋଲି ପଣ୍ଡିତମାନେ କହି ଥାଆନ୍ତି । ଏହାର ପୂର୍ବ ପାଦରେ କେବଳ ଗୁରୁ ଓ ଲଘୁବର୍ଣ୍ଣ ରହିବ । ଯେଉଁ ଏକପାଦାବସାନା ଗୀତରେ ପ୍ରତିପାଦରେ ଶୀର୍ଷକ ରହେ ତାହାକୁ ନିୟତାକ୍ଷରା କୁହାଯାଏ ॥୪୧୬॥ ସ୍ଥିତା ଓ ପ୍ରଯୁକ୍ତା ଅର୍ଦ୍ଧପ୍ରଯୁକ୍ତ ହେଲେ ଅର୍ଦ୍ଧପ୍ରବୃତ୍ତା ହୁଏ । ଏହା ଏହି ଉଭୟ ଦ୍ୱାରା କରାଯାଇଥାଏ ॥୪୧୭॥

ଚତୁଷ୍ପଦାର ତାଳ: ନିଷ୍କ୍ରାମ, ଶମ୍ୟା, ତାଳ, ଶମ୍ୟା, ଆବାପ ଓ ସନ୍ନିପାତ, ଲାସ୍ୟ ନୃତ୍ୟରେ ତ୍ରିବିଧ ଉପୋହନ ରହେ ॥୪୧୮, ୪୧୯॥

Digitized by srujanika@gmail.com

ଦ୍ୱ୍ୟବରଂ ତ୍ରିପରଂ ତସ୍ୟ କଳାଭିଃ ପ୍ରତ୍ୟୁପୋହନମ୍ ।
ଦ୍ୱିକଳାଖ୍ୟଂ ଚାନ୍ତକଳଂ ସନ୍ନିପାତ ପରଂ ସ୍ମୃତମ୍ ।। ୪୨୦ ।।
ସନ୍ନିପାତାପହରଣା ଆଦୌ ମଧ୍ୟେଽନ୍ତ ଏବ ବା ।
ବାକ୍ୟଦ୍ୱୟାଭିନିଷ୍ପନ୍ନା ନାନାବାକ୍ୟାପି ସା ସ୍ମୃତା ।। ୪୨୧ ।।
ଏକପାଦା ଦ୍ୱିପାଦା ଚ ତ୍ରିପାଦାଚ ପ୍ରକୀର୍ତ୍ତ୍ୟତେ ।
ଚତୁଷ୍ପାଦା ପି ବା ଭୂତ୍ୱା ନାତଃ ପରମିହେଷ୍ୟତେ ।। ୪୨୨ ।।
କୃତ୍ୱା ତୁ ପାଦବହୁଳାଂ ନଶୋଭାଂ ଜନୟିଷ୍ୟତି ।
ବର୍ଣ୍ଣସ୍ୟ ପ୍ରକୃତିଂ ହନ୍ତି ହ୍ୟଙ୍ଗବ୍ୟକ୍ତିଂ ନିରସ୍ୟତି ।। ୪୨୩ ।।
ତସ୍ମାଦ୍‌ସ୍ଥିତା ସ୍ୟାଦ୍ ଦ୍ୱିପଦା ଏକେନୈବ ପଦା ସ୍ମୃତା ।
ଚତୁଷ୍ପଦା ପ୍ରବୃତ୍ତା ତୁ ସମ୍ୟକ୍ ପ୍ରୋକ୍ତା ପ୍ରୟୋକ୍ତୃଭିଃ ।। ୪୨୪ ।।
ତତ୍ରୈକରୂପୈକପଦା ପାଦପାତା ହି ସା ସ୍ମୃତା ।
ଦ୍ୱାତ୍ରିଂଶଦ୍ ପରମା ସାହି ସନ୍ନିପାତ ପଦା ଭବେଦ୍ ।। ୪୨୫ ।।
ଆଭ୍ୟାଂ ମଧ୍ୟ ପ୍ରମାଣେ ତୁ ତ୍ରିପାଦଃ ପରିକୀର୍ତ୍ତ୍ୟତେ ।
ସନ୍ନିପାତପ୍ରମାଣେନ ଜ୍ଞେୟୋ ମଧ୍ୟଲୟସ୍ତଥା ।। ୪୨୬ ।।

ଏହାର ପ୍ରତ୍ୟୁପୋହନରେ ଦୁଇଟିରୁ କ'ମ ଓ ତିନିଟିରୁ ବେଶି କଳା ରହିବ ନାହିଁ । ଅନ୍ତକଳା ଦ୍ୱିକଳା ବିଶିଷ୍ଟ । ସନ୍ନିପାତରେ ଏହା ସମାପ୍ୟ ।।୪୨୦।।

ଏହିଗାନର ଅନ୍ତ ଓ ମଧ୍ୟରେ ସନ୍ନିପାତାପହରଣ ରହିବ ଓ ଏହା ଦୁଇ ବା ବହୁ ବାକ୍ୟ ଦ୍ୱାରା ଶେଷ ହେଉଥିବ ।।୪୨୧।।

ଏଥିରେ ଏକ, ଦୁଇ, ତିନି ବା ଚାରି ପାଦ ରହିପାରେ କିନ୍ତୁ ଏହାଠାରୁ ଅଧିକ ନୁହେଁ ।।୪୨୨।। ଏଥିରେ ଅନେକ ପାଦ ବଢ଼ାଇଦେଲେ ମନୋରମ ହେବ ନାହିଁ । ବହୁଳତା ବର୍ଣ୍ଣର ସୌନ୍ଦର୍ଯ୍ୟ ନଷ୍ଟକରେ । ତଥା ଅଙ୍ଗପ୍ରକାଶକୁ ନଷ୍ଟ କରିଦିଏ ।।୪୨୩।।

ତେଣୁ ସ୍ଥିତାକୁ ଦ୍ୱିପଦା ହିଁ କରାଯିବ । ଗୋଟିଏ ପାଦରେ ମଧ୍ୟ କରାଯାଇପାରେ । ବିଜ୍ଞମାନେ ପ୍ରବୃତ୍ତାରେ କିନ୍ତୁ ଚାରିପାଦ ପ୍ରୟୋଗ କରିବେ ।।୪୨୪।।

ପ୍ରବୃତ୍ତାରେ ପାଦପାତରେ ଏକ ଆକୃତି ରହିବ (ଭିନ୍ନ ଆକୃତି ହେବ ନାହିଁ) । ଏହାର କଳାସଂଖ୍ୟା ସର୍ବାଧିକ ବର୍ଦ୍ଧିତ ହେବ । ପଦ ଶେଷରେ ସନ୍ନିପାତ ରହିବ ।।୪୨୫।।

ମଧ୍ୟମ ମାନର ହେଲେ ଏଥିରେ ତିନିପାଦ ବୋଲି କୁହାଯାଏ । ସନ୍ନିପାତମାନରେ ମଧ୍ୟମ ଲୟରେ ଏହା ଗାନ କରାଯିବ ।।୪୨୬।।

ଆଗରୁ ମୁଁ ଲାସ୍ୟ ବୋଲି ଯାହା ତୁମମାନଙ୍କୁ କହିଥିଲି ଏବେ ତାହାର ଲକ୍ଷଣ ଓ ଉଦାହରଣ ବିଷୟ ଯଥାକ୍ରମେ କହିବି ।।୪୨୭।।

Digitized by srujanika@gmail.com

ଲାସ୍ୟମିତ୍ୟେବ ଯତ୍ ପୂର୍ବଂ ମୟବଃ ପରିକୀର୍ତ୍ତିତମ୍ ।
ଲକ୍ଷଣଂ ତସ୍ୟ ବକ୍ଷ୍ୟାମି ପ୍ରୟୋଗଂ ଚ ଯଥାକ୍ରମମ୍ ॥ ୪୨୭ ॥
ଲାସନାଲ୍ଲାସ୍ୟ ମିତ୍ୟୁକ୍ତଂ ସ୍ତ୍ରୀପୁଂଭାବସମାଶ୍ରୟମ୍ ।
ଭାଣବଚ୍ଚୈକହାର୍ଯ୍ୟଂ ସାଦ୍ ଉହବସ୍ତୁ ଚ ତଦ୍‌ଭବେଦ୍ ॥ ୪୨୮ ॥
ଏକାର୍ଥଂ ପୃଥଗର୍ଥଂ ବା ତଦଙ୍ଗେଷୁ ପ୍ରକୀର୍ତ୍ତିତମ୍ ।
ଅଙ୍ଗାନି ଦଶ ଚୈବାସ୍ୟ ତେଷାଂ ବକ୍ଷ୍ୟାମି ଲକ୍ଷଣମ୍ ॥ ୪୨୯ ॥
ଗେୟପଦଂ ସ୍ଥିତପାଠ୍ୟମ୍ ଆସୀନଂ ପୁଷ୍ପଗଣ୍ଡିକା ।
ପ୍ରଚ୍ଛେଦକଃ ତ୍ରିମୂଢ଼ଂ ଚ ସୈନ୍ଧବାଖ୍ୟଂ ଦ୍ୱିଗୂଢ଼କମ୍ ॥ ୪୩୦ ॥
ଉତ୍ତମୋତ୍ତମକଂ ଚୈବ ବିଚିତ୍ରପଦ ମେବ ଚ ।
ଉକ୍ତପ୍ରତ୍ୟୁକ୍ତ ଭାବଂ ଚ ଲାସ୍ୟାଂ ଗାନି ବିଦୁଃର୍ବୁଧାଃ ॥ ୪୩୧ ॥
ଲାସ୍ୟେ ଦଶବିଧଂ ହ୍ୟେତଦଙ୍ଗ ନିର୍ଦ୍ଦେଶ ଲକ୍ଷଣମ୍ ।
ଆସୀନକାଖ୍ୟଂ ଯୋଜ୍ୟଂସ୍ୟାଦ୍ ପ୍ରଯତ୍ନାଦାସନସ୍ଥୟା ॥ ୪୩୨ ॥
ସ୍ଥିତପାଠ୍ୟାଂ ପୁନଶ୍ଚୈବ ଭୌମୀଭିଶ୍ଚାରୀଭିର୍ଯୁତମ୍ ।
ନୃତ୍ତକାଲେ ଚ ବାଦ୍ୟେ ଚ ଗ୍ରହମୋକ୍ଷେ ତଥୈବ ଚ ॥ ୪୩୩ ॥

ଦର୍ଶକ ସହୃଦୟମାନଙ୍କ ମନକୁ ଉଲ୍ଲସିତ କରେ ବୋଲି ଏହାକୁ ଲାସ୍ୟ ବୋଲି କୁହାଯାଇ ଥାଏ । ସ୍ତ୍ରୀ-ପୁରୁଷଙ୍କର ମନୋଭାବ (ପ୍ରିୟ-ପ୍ରିୟା)କୁ ଏହାର କାବ୍ୟ ଆଶ୍ରୟ କରିବ । ଭାଣ ପରି ଏହା ଏକକ ଅଭିନୟ କରାଯାଏ । କପୋଳକଳ୍ପିତ ବସ୍ତୁ ଏଥିରେ କାବ୍ୟବସ୍ତୁ ହେବ ॥୪୨୮॥

ଏଥିରେ ପ୍ରସଙ୍ଗ ଗୋଟିଏ ବା ଅଧିକ ହୋଇପାରେ । ଅଙ୍ଗ ପ୍ରସଙ୍ଗରେ (ଅଧ୍ୟାୟରେ) ଏକଥା କୁହାଯାଇଛି । ଏହାର ଏହିପରି ଦଶଟି ଭେଦ ଅଛି (ଅଙ୍ଗ) । ସେମାନଙ୍କର ଲକ୍ଷଣ କହିବି ॥ ୪୨୯॥

ଲାସ୍ୟାଙ୍ଗ : ଗେୟପଦ, ସ୍ଥିତପାଠ୍ୟ, ଆସୀନ (ପାଠ୍ୟ), ପୁଷ୍ପଗଣ୍ଡିକା, ପ୍ରଚ୍ଛେଦକ, ତ୍ରିମୂଢ଼କ, ସୈନ୍ଧବକ, ଦ୍ୱିମୂଢ଼କ, ଉତ୍ତମୋତ୍ତମକ, ଉକ୍ତପ୍ରତ୍ୟୁକ୍ତ ଭାବ ॥୪୩୦, ୪୩୧॥

ଲାସ୍ୟରେ ଅଙ୍ଗ ନିର୍ଦ୍ଦେଶ ଲକ୍ଷଣ ଏହି ତିନି ପ୍ରକାର । ଯତ୍ନରେ ଆସନରେ ବସି ନାରୀ ଏହି ଆସୀନ ଲାସ୍ୟ ପ୍ରୟୋଗ କରିବେ ॥୪୩୨॥

ନୃତ୍ତ ସମୟରେ ବାଦ୍ୟରେ ଗାନ ଆରମ୍ଭ ସମୟରେ ମଧ୍ୟ ସ୍ଥିତପାଠ୍ୟାରେ ଭୌମୀ ଚାରିଗୁଡ଼ିକ ଯୁକ୍ତ ହେବ । ନୃତ୍ୟ ଅବସରରେ, ବାଦ୍ୟରେ, ଆରମ୍ଭ ଓ ସମାପ୍ତିରେ ମଧ୍ୟ

Digitized by srujanika@gmail.com

ଗୀତାଙ୍ଗାନାଂ ବିଧିର୍ଯଃ ସ୍ୟାଦ୍ ସ ଲାସ୍ୟେ ପ୍ରାୟଶଃ ସ୍ମୃତଃ ।
ଅଙ୍ଗାନ୍ୟେତାନି ଲାସ୍ୟେ ସ୍ୟୁର୍ଦଶୋକ୍ତାନି ସମାସତଃ ।। ୪୩୪ ।।
ଏତେଷାଂ ଚୈବ ବକ୍ଷ୍ୟାମି ପ୍ରୟୋଗଂ ଲକ୍ଷଣଂ ତଥା ।
ସ୍ଥାପିତୈ ର୍ଭାଣ୍ଡବିନ୍ୟାସୈଃ ପଟେ ଚୈବାପକର୍ଷିତେ ।। ୪୩୫ ।।
ବ୍ରହ୍ମଣଃ ପୁଷ୍ପବର୍ଷେଷୁ ଚାସନେ ପରିକଳ୍ପିତେ ।
ମାର୍ଜିତେଷୁ ମୃଦଙ୍ଗେଷୁ ତ୍ରିସାମ୍ନି ପ୍ରତିଯୋଜିତେ ।। ୪୩୬ ।।
ପ୍ରାକ୍ ଶୁଷ୍କାସାରିତଂ କାର୍ଯ୍ୟଂ ତଦ୍ ତ୍ରିବେଣୀ ପ୍ରୟୋଜିତମ୍ ।
ମାର୍ଗାସାରିତ ତାଳେନ ତତଶ୍ଚାସାରିତଂ ବୁଧୈଃ ।। ୪୩୭ ।।
ପରିବୃତ୍ତୈଃ ତ୍ରିଭିର୍ଯୁକ୍ତମତଶ୍ଚୋପହନଂ ଭବେଦ୍ ।
ତ୍ର୍ୟସ୍ରେଣ ଦ୍ୱିକଳେନ ସ୍ୟାଦ୍ ତତଶ୍ଚ ପରିଧାନକମ୍ ।। ୪୩୮ ।।
ପ୍ରୟୋକ୍ତବ୍ୟଂ ପ୍ରୟୋଗଜ୍ଞୈଃ ପରିବର୍ତ୍ତାତ୍ମକଂ ତଥା ।
ପରିବର୍ତ୍ତେ ତଥୈବାସ୍ୟ ପୁଂବାକ୍ୟଂ ପ୍ରାକ୍ ସମାଚରେଦ୍ ।। ୪୩୯ ।।
ତ୍ରିବାକ୍ୟଂ ପୁରୁଷଶ୍ଚ ସ୍ୟାଦ୍ ଚତୁର୍ବାକ୍ୟାଙ୍ଗନା ସ୍ମୃତା ।
କାର୍ଯ୍ୟଂ ତଥା ନିର୍ବହଣଂ ପ୍ରାପ୍ତ୍ୟର୍ଥଂ ପରିଧାନକେ ।। ୪୪୦ ।।

ଗୀତାଙ୍ଗମାନଙ୍କର ଯେଉଁ ବିଧି ଅଛି ସେ ଗୁଡ଼ିକ ଲାସ୍ୟରେ ପ୍ରୟୋଗ ଅଧିକ ହେବ ।। ସଂକ୍ଷେପରେ ଏହି ଦଶଟି ଅଙ୍ଗ ହେବ ଲାସ୍ୟରେ ସେମାନଙ୍କର ଲକ୍ଷଣ ଓ ଉଦାହରଣ କହୁଛି ।

ଗେୟପଦ :-

ବାଦ୍ୟଯନ୍ତ୍ର ଗୁଡ଼ିକ ଯଥାସ୍ଥାନରେ ସଜାଇ ରଖିସାରି ଯବନିକା ଅପସାରଣ କରିବ । ବ୍ରହ୍ମାଙ୍କର (କଳ୍ପିତ) ଆସନରେ ପୁଷ୍ପାଞ୍ଜଳି ଦେବ । ବାଦ୍ୟଯନ୍ତ୍ରଗୁଡ଼ିକ ମାର୍ଜିତ (ଭିଡ଼ାଭିଡ଼ି, ପାଉଡ଼ର ଦେବା ଇତ୍ୟାଦି) କରିବ । ଏହାପରେ ତ୍ରିସାମ ମନ୍ତ୍ର ଉଚ୍ଚାରଣ କରିବ । ତାହାପରେ ଏକ ସମୟରେ ତିନିଟି ବଂଶୀସ୍ୱର ସହିତ ଶୁଷ୍କ ଆସାରିତ କରାଯିବ । (ଅଙ୍ଗବିହୀନ ଅକ୍ଷର ଗାନ-ଆ-ଆ ଇତ୍ୟାଦି) । ଏ ସମସ୍ତ ପରେ ମାର୍ଗାସାରିତ ନିମିତ୍ତ ବିଧାନ ସଂଗତ ତାଳରେ ଆସାରିତ ଅନୁଷ୍ଠାନ ନୃତ୍ୟବିଶାରଦମାନେ କରିବେ ।।୪୩୫-୪୩୭।। ତାହାପରେ ଦ୍ୱିକଳ ତ୍ର୍ୟସ୍ର ତାଳରେ ଉପୋହନ ହେବ । ତପ୍ରରେ ତିନି ପରିବୃତ୍ତି ହେବ । ଏତିକିରେ (ପୂର୍ବରଙ୍ଗର) ସମାପ୍ତି । ପ୍ରୟୋଗଜ୍ଞ ତାହାପରେ ପରିବୃତ୍ତି ସହିତ ସମାପ୍ତି ସଂପାଦନ କରିବେ ।।୪୩୮।। ପରିବର୍ତ୍ତ ସମୟରେ ପ୍ରଥମେ ପୁରୁଷ ବାକ୍ୟ ଉଚ୍ଚାରିତ ହେବ । ତିନି ବାକ୍ୟର ସମଷ୍ଟି ପୁରୁଷ ଏବଂ ଚାରିବାକ୍ୟର ସମଷ୍ଟି ସ୍ତ୍ରୀ । ସମାପ୍ତିରେ ନିର୍ବହଣ ପ୍ରାପ୍ତି ପାଇଁ ଏହା କରାଯିବ ।।୪୩୯, ୪୪୦।।

Digitized by srujanika@gmail.com

ଇତ୍ୟେତଦ୍ ପ୍ରଥମଂ ହ୍ୟଙ୍ଗଂ ଗେୟପଦମିତି ଶ୍ରୁତମ୍ ।
ସ୍ଥିତପାଠ୍ୟସ୍ୟ ବକ୍ଷ୍ୟାମି ବିଧାନଂ ଚାପ୍ୟତଃ ପରମ୍ ।। ୪୪୧ ।।
ବୃତ୍ତମେକ ମଥ ଦ୍ୱେବା ଯୋଜୟେଦ୍ ପଞ୍ଚପାଣିନା ।
ଅତଃପରଂ ଚ ଦ୍ୱେ ଭୂୟଃ ଖଞ୍ଜକେ ସଂପ୍ରୟୋଜୟେଦ୍ ।। ୪୪୨ ।।
ଚଞ୍ଚଦ୍ ପୁଟେନ କର୍ତ୍ତବ୍ୟା ଦ୍ୱିକଳେନ ତତଃପରମ୍ ।
ଯଥାକ୍ଷରେଣ ଚାଯୁକ୍ତା ସନ୍ନିପାତୈସ୍ତଥାଷ୍ଟଭିଃ ।। ୪୪୩ ।।
ଅବସାନେ ତୁ ଯୋକ୍ତବ୍ୟଂ ଦ୍ରୁତିତଂ ପଞ୍ଚପାଣିନା ।
ଦ୍ୱିକଳେନେତି କର୍ତ୍ତବ୍ୟଂ ସ୍ଥିତପାଠ୍ୟଂ ପ୍ରୟୋକ୍ତୃଭିଃ ।। ୪୪୪ ।।
ଉପୋହ୍ୟ ତାଳଂ ତ୍ର୍ୟସ୍ରଂ ଚ ବୃହଦ୍‌ପାଦପଦୈଃ ସମୈଃ ।
ଆସୀନପାଠ୍ୟଂ ଯୁଞ୍ଜୀତ ସର୍ବୈର୍ଭାବୈସ୍ତୁ ପୌରୁଷୈଃ ।। ୪୪୫ ।।
ଏବଂ ଚତୁର୍ଭିଃ ପାଦୈସ୍ତୁ ସମୈରର୍ଥବଶାନୁଗୈଃ ।
ଆସୀନପାଠ୍ୟଂ କର୍ତ୍ତବ୍ୟଂ ବିଧିବଦ୍ ପଞ୍ଚପାଣିନା ।। ୪୪୬ ।।
ଆସୀନପାଠ୍ୟେ କର୍ତ୍ତବ୍ୟଃ ପ୍ରୟୋଗଃ ଶୀର୍ଷକସ୍ୟ ତୁ ।
ଅଷ୍ଟାଭିଃ ସନ୍ନିପାତୈଶ୍ଚ ଯୁକ୍ତସ୍ତାଳାଦିନୈବ ତୁ ।। ୪୪୭ ।।
ଯଥାକ୍ଷର ପ୍ରବୃତ୍ତେନ ବିଧିବଦ୍ ପଞ୍ଚପାଣିନା ।
ଦ୍ୱିତୀୟ ପରିବର୍ତ୍ତସ୍ୟ ସନ୍ନିପାତେ ତଥାଷ୍ଟମେ ।। ୪୪୮ ।।

ଗେୟପଦ ନାମକ ପ୍ରଥମ ଲାସ୍ୟ ଏହା ହିଁ ଅଟେ । ଏହାପରେ ସ୍ଥିତ ପାଠ୍ୟର ଲକ୍ଷଣ କହିବି ।।୪୪୧।।

ସ୍ଥିତପାଠ୍ୟ- ଗୋଟିଏ ବା ଦୁଇଟି ବୃତ୍ତ ପଞ୍ଚପାଣି ସହିତ ଯୋଗ କରିବ । ଏହାପରେ ପୁଣି ଦୁଇଟି ଖଞ୍ଜକ ପ୍ରୟୋଗ କରିବ । ତାହାପରେ ଦ୍ୱିକଳ, ଚଞ୍ଚଦ୍‌ପୁଟ ପ୍ରୟୋଗ କରିବ । ଏହି ତାଳ ଯଥାକ୍ଷର ଶ୍ରେଣୀୟ ହେବ ଏବଂ ଆଠଟି ସନ୍ନିପାତ ଯୁକ୍ତ ହେବ । ଦ୍ରୁତଲୟ ଚଞ୍ଚଦ୍ ପୁଟରେ ଏହାର ସମାପ୍ତି ହେବ । ପ୍ରୟୋକ୍ତାମାନେ ଦ୍ୱିକଳାରେ ସ୍ଥିତପାଠ୍ୟ କରିବେ ।।୪୪୨,୪୪୪।।

ତ୍ର୍ୟସ୍ର ତାଳକୁ ଆଶ୍ରୟକରି ଆସୀନ ପାଠ୍ୟ ସମ୍ୟକ୍ ଭାବରେ ଗୋଟିଏ ଗାନରେ ସଂପାଦନ କରିବ । ଦୀର୍ଘପାଦଯୁକ୍ତ ଛନ୍ଦରେ ଏହି ଗାନ ରଚିତ ହେବ । ଏଥିରେ ସଂପୂର୍ଣ୍ଣ ପୌରୁଷ ଭାବ ପ୍ରକାଶିତ ହେବ ।।୪୪୫।। ଏହିପରି ସମାନ ଅର୍ଥବଶାନୁଗତ ଚାରିଟି ପାଦରେ ପଞ୍ଚପାଣି ତାଳରେ ଆସୀନ ପାଠ୍ୟ ବିଧେୟ ।।୪୪୬।। ଆସୀନ ପାଠରେ ଆଠ ସନ୍ନିପାତ ଓ ତାଳାଦିଯୁକ୍ତ ଶୀର୍ଷକ ପ୍ରୟୋଗ କରାଯିବ । ଏହା ପଞ୍ଚପାଣି ତାଳରେ କରାହେବ ।।୪୪୭।। ଏହାର ଦ୍ୱିତୀୟ ପରିବର୍ତ୍ତନର ଅଷ୍ଟମ ସନ୍ନିପାତ ଯେତେବେଳେ ଶେଷ ହୁଏ ସେହି ଅବସ୍ଥାରେ

Digitized by srujanika@gmail.com

ଅତୀତଯୁଗ୍ମତାଳେନ ଶ୍ଳୋକଃ କାର୍ଯ୍ୟସ୍ତତଃପରମ୍ ।
ଆସୀନ ପାଠ୍ୟେ ଯଦ୍‌ବାଦ୍ୟମ୍ ଅବନଦ୍ଧକୃତଂ ଭବେତ୍ ।। ୪୪୯ ।।
ଆସୀନେ ଗାତ୍ର ସଂଚାରୈଃ ତତ୍ର ସାମ୍ୟଂ ପ୍ରୟୋଜୟେତ୍ ।
ଅଷ୍ଟାଦଶ ଦ୍ୱାଦଶ କା ପାଦାନି ଚ ତତଃ ପୁନଃ ।। ୪୫୦ ।।
କୁର୍ଯାଦୁତ୍ତର ତାଳେନ ତତୋ ନିର୍ବହଣଂ ବୁଧଃ ।
ଏତଦାସୀନ ପାଠ୍ୟସ୍ୟ ବିଧାନଂ ପରିକୀର୍ତ୍ତିତମ୍ ।। ୪୫୧ ।।
ପୁଷ୍ପଗଣ୍ଡିକା-ବିଚିତ୍ର ବୃତ୍ତସଂଯୁକ୍ତଂ ପୁଂସ୍ତ୍ରିୟୋଃ ଗତି ଚେଷ୍ଟିତୈଃ ।
ଅନ୍ୟୋନ୍ୟାନ୍ତରିତେ ନିତ୍ୟଂ ଗୀତବାଦ୍ୟେନ ଭୂଷିତମ୍ ।। ୪୫୨ ।।
ପାଦେ ପାଦେଽଙ୍ଗହାରୈଶ୍ଚ ବାଦ୍ୟେନ ଚ ସମନ୍ୱିତମ୍ ।
ସ୍ୟାତ୍ ପୁଷ୍ପଗଣ୍ଡିକା ନାମ ଯଦଙ୍ଗଂ ତନ୍ନିବୋଧତ ।। ୪୫୩ ।।
ତତ୍ରୈକଂ ପୌରୁଷଂ ଶ୍ଳୋକଂ ସମବୃତ୍ତଂ ପ୍ରୟୋଜୟେତ୍ ।
ଚତୁର୍ଭିଃ ସନ୍ନିପାତୈଶ୍ଚ ଜ୍ଞେୟଂ ଚଞ୍ଚତ୍‌ପୁଟାଶ୍ରୟମ୍ ।। ୪୫୪ ।।
ପାଦେ ପାଦେ ତଥେଷ୍ଟଂ ଚ ବାଦ୍ୟଂ ନୃତ୍ତଂ ତଥୈବ ଚ ।
ତତସ୍ତାନ୍ୟେ ଚାରୁବୃତ୍ତେ ଖଞ୍ଜନତ୍‌କୁଟ ସଂଜ୍ଞିତେ ।। ୪୫୫ ।।

ପୂର୍ବର ଚତୁରସ୍ର ଯୁଗ୍ମତାଳରେ ଗୋଟିଏ ଶ୍ଳୋକ ଗାନ କରାଯିବ । ଆସୀନ ପାଠ୍ୟରେ ଅବନଦ୍ଧ (ମର୍ଦ୍ଦଳ ତବଲା ପ୍ରଭୃତି) ଏବଂ ଆସୀନର ଅଙ୍ଗ ସଂଚାର ସମାନ ସଂଚାର ପ୍ରୟୋଗ କରାଯିବ । ତାପରେ ଅଠର ପଦ ବା ବାରପଦ କରାଯିବ ।।୪୪୮-୪୫୦।।

ଉତ୍ତର ତାଳରେ ନିର୍ବହଣ ଅନୁଷ୍ଠାନ କରାଯିବ । ଆସୀନ ପାଠର ଏହି ବିଧାନ କୁହାଗଲା ।।୪୫୧।।

ପୁଷ୍ପଗଣ୍ଡିକା - ପୁଷ୍ପ ଗଣ୍ଡିକା ନାମକ ଯେଉଁ ଅଙ୍ଗ ତା ବିଷୟ ଶୁଣ । ଏହା ନାନାବିଧ ଛନ୍ଦରେ ଅଳଙ୍କୃତ । ଏଥିରେ ଗାନ ଓ ବାଦ୍ୟ ଅନ୍ୟୋନ୍ୟ ପରିପୋଷକ ଏବଂ ପୁରୁଷ ଓ ନାରୀଙ୍କ ଗତି ଚେଷ୍ଟା ରହିବ । ପ୍ରତିପାଦରେ ଉପଯୁକ୍ତ ଅଙ୍ଗହାର ଓ ତଦନୁକୂଳ ବାଦ୍ୟ ଦ୍ୱାରା ମଣ୍ଡିତ ହେବ ।।୪୫୨,୪୫୩।।

ତହିଁରେ ସମବୃତ୍ତ ଶ୍ରେଣୀର ପୁରୁଷ ଛନ୍ଦର ଶ୍ଳୋକଟିଏ ରହିବ । ଚାରିଟି ସନ୍ନିପାତ ସହିତ ଚଞ୍ଚତ୍‌ପୁଟ ବାଦ୍ୟର ତାଳରେ ପ୍ରତିପାଦରେ ଗାନ ପ୍ରୟୋଗ କରାଯିବ । (ଯାହା ଆବଶ୍ୟକ ମନେ କରିବ ।) ତାହାପରେ ଖଞ୍ଜ ନତକୁଟ ଶ୍ରେଣୀର ଛନ୍ଦରେ ଦୁଇଟି ଗାନ କରିବ । ସେମାନଙ୍କ ନିର୍ବହଣ ଶେଷରେ ପଞ୍ଚପାଣି ତାଳରେ ଗୋଟିଏ ଶୀର୍ଷକ ହେବ । ଏଥିରେ ଆବଦ୍ଧଚାରୀ ଓ ଭାବବ୍ୟଞ୍ଜକ ଅଙ୍ଗ ବିକ୍ଷେପ ସହିତ ଉଦ୍ଧତ ନୃତ୍ୟ କରାଯିବ ।।୪୫୪-୪୫୬।।

Digitized by srujanika@gmail.com

ଅନ୍ତେ ନିର୍ବହଣେ ଚାସ୍ୟ ଶୀର୍ଷକଂ ପଞ୍ଚପାଣିନା ।
ଆବିଦ୍ଧ ଚାର୍ଯ୍ୟଙ୍ଗ ହାରୈଃ ଉଦ୍ଧତୈଃ ତଦ୍ ପ୍ରଯୋଜୟେଦ୍ ॥ ୪୫୬ ॥
ତ୍ର୍ୟଙ୍ଗଂ ଦ୍ୱିଧାତୁ ପ୍ରଚ୍ଛେଦଂ ବିଦ୍ୟାଲ୍ଲାସ୍ୟଂ ପ୍ରଯୋଗବିଦ୍ ।
ଜ୍ୟୋସ୍ନାୟାଂ ମନ୍ଦିରେ ବାପି ସଲିଳେ ଦର୍ପଣେଽଥବା ॥ ୪୫୭ ॥
ଛାୟାମାଲୋକ୍ୟ କାନ୍ତସ୍ୟ ପ୍ରହର୍ଷଣ ବିଭୂଷିତମ୍ ।
ବୃତ୍ତପ୍ରଧାନଂ କ୍ରୀଡ଼ାଢ୍ୟଂ ହେଳାଦିଭିରଲଂକୃତମ୍ ॥ ୪୫୮ ॥
ଅଙ୍ଗ ପ୍ରଚ୍ଛେଦକଂ ତତ୍ର ବିଦ୍ୟାଲ୍ଲାସ୍ୟଂ ପ୍ରଯୋଗବିଦ୍
ଚଞ୍ଚତ୍ପୁଟସ୍ୟ ତାଳେନ ତସ୍ୟ ପ୍ରକ୍ରୀଡ଼ିତଂ ଭବେଦ୍ ॥ ୪୫୯ ॥
ମାତ୍ରାବୃତ୍ତସମୈଃ ପାଦୈଃ ସନ୍ନିପାତୈଃ ତଥାଷ୍ଟଭିଃ ।
ବହ୍ୱକ୍ଷରାର୍ଥ ସଂଯୁକ୍ତଂ ତୋଟକଂ ପଞ୍ଚପାଣିନା ॥ ୪୬୦ ॥
ଦ୍ୱିକଳେନ ପ୍ରକର୍ତ୍ତବ୍ୟଂ ମିଶ୍ରେଣୈକକଳେନ ବା ।
ଶୀର୍ଷକଂ ଚ ପ୍ରକର୍ତ୍ତବ୍ୟଂ ଗୁରୁ ପ୍ରାୟାକ୍ଷରାନ୍ୱିତମ୍ ॥ ୪୬୧ ॥
ଯଥାକ୍ଷରେଣ ତ୍ର୍ୟସ୍ରେଣ ସନ୍ନିପାତୈସ୍ତଥାଷ୍ଟଭିଃ ।
ବିବଧୈକକସଂଯୁକ୍ତଂ କୈଶିକୀ ଜାତି ସଂଶ୍ରୟମ୍ ॥ ୪୬୨ ॥

ନୃତ୍ୟାଭିଜ୍ଞ ଜାଣିବା ଉଚିତ ଯେ- ପ୍ରଚ୍ଛେଦନକରେ ତିନି ଅଙ୍ଗ ଦୁଇଟି ଧାତୁ ରହେ । ଚନ୍ଦ୍ରିକା ମଣ୍ଡିତ ରଜନୀରେ, ଅଥବା ମନୋରମ ମଦନ ମନ୍ଦିରରେ, କିମ୍ବା ଜଳାଶୟର ଜଳରେ (ଜଳକ୍ରୀଡ଼ାରେ) ବା ଦର୍ପଣରେ ପ୍ରିୟତମର ମୁଖବିମ୍ବ ଦେଖି ନାୟିକାର ହେଳା ପ୍ରଭୃତି ଭାବର ସହିତ ଆନନ୍ଦ ପ୍ରକର୍ଷ ପ୍ରକାଶ ନୃତ୍ୟ ଓ କ୍ରୀଡ଼ା ବହୁଳ ଏହି ଅଙ୍ଗକୁ ପ୍ରଚ୍ଛେଦକ କୁହାଯାଏ ବୋଲି ଜାଣିବ ॥୪୫୭, ୪୫୮॥ ଏହାର ପ୍ରକ୍ରୀଡ଼ିତ (ପ୍ରୟୋଗ) ଗୁଡ଼ିକ ଚଞ୍ଚତ୍ ପୁଟ ତାଳରେ ହେବ । ମାତ୍ରା ବୃତ୍ତର ସମପାଦରେ ଗାନ ଆଠ ସନ୍ନିପାତ ସହିତ ସମ୍ପାଦନା କରାଯିବ । କିମ୍ବା ଏଥିରେ ବହୁ ଅକ୍ଷର ଓ ବହୁ ଅର୍ଥଯୁକ୍ତ ତୋଟକ ଛନ୍ଦର ଗୋଟିଏ ଗାନ ରହିବ । ଏହା ଦ୍ୱିକଳ ବା ପଞ୍ଚପାଣି ତାଳରେ (ଅଥବା ଉଭୟର ମିଶ୍ରଣ ସହିତ) ଅଧିକ ଗୁରୁ ଅକ୍ଷରଯୁକ୍ତ ଶୀର୍ଷକ କରାହେବ ଏବଂ ଏହା ସମୁଦ୍‌ଗରେ ଆଠ ସନ୍ନିପାତ ସହିତ ଯଥାକ୍ଷର ତ୍ର୍ୟସ୍ର ତାଳରେ ହେବ । ପ୍ରଚ୍ଛେଦକ ନାମକ ଲାସ୍ୟାଙ୍ଗରେ କ୍ରୀଡ଼ା ରହିବ । ବିବଧ ଓ ଏକକ ସହିତ ଗାନ ଦ୍ୱାରା ଏହାର ସଂପାଦନା ହେବ । ଏସବୁ କୌଶିକୀ ଜାତି ସଂଶ୍ରିତ ହେବ ॥୪୫୯-୪୬୨॥

ତ୍ରିମୂଢ଼କ : ଗାନ୍ଧାରୀ ଜାତିରେ ଲଳିତ କୋମଳ ପଦବିନ୍ୟାସ ହେବ । ତ୍ରିମୂଢ଼କ ଦ୍ୱିକଳ ଚଞ୍ଚତ୍‌ପୁଟ ତାଳରେ ସମ୍ପାଦନ କରାଯିବ । ଏଥିରେ ଚଉଷଠିଟି ସନ୍ନିପାତ ରହେ ବୋଲି କୁହାଯାଇଛି । ବିଧାନ ଅନୁସାରେ କଳା ସନ୍ନିବିଷ୍ଟ ବିଦାରୀ ଓ ବିବିଧ ଯୁକ୍ତ ହେବ । ବିଷମ୍ଭ

Digitized by srujanika@gmail.com

ଅଙ୍ଗଂ ପ୍ରଚ୍ଛେଦକଂ କୁର୍ଯ୍ୟାଦ୍ ଯୁକ୍ତଂ ପ୍ରକ୍ରୀଡ଼ିତାଦିଭିଃ ।
ଅନିଷ୍ଠୁର ଶ୍ଲକ୍ଷ୍ଣପଦଂ ଗାନ୍ଧାରୀ ଜାତି ମାଶ୍ରିତମ୍ ॥ ୪୬୩ ॥
ଚଞ୍ଚତ୍ ପୁଟେନ ଯୋକ୍ତବ୍ୟଂ ତ୍ରିମୂଢ଼ଂ ଦ୍ୱିକଳେନ ତୁ ।
ଚତୁଃଷଷ୍ଟିଃ ସନ୍ନିପାତାଃ ତସ୍ମିନ୍‌ଚୈବ ପ୍ରକୀର୍ତ୍ତିତାଃ ॥ ୪୬୪ ॥
ଯଥାମାର୍ଗ କଳୋପେତା ବିଦାରୀ ବିବଧାନ୍ୱିତାଃ ।
ଅଙ୍ଗହାରାନ୍ ସବିଷମାନ୍ ନୈବ ଚାତ୍ର ପ୍ରୟୋଜୟେତ୍ ॥ ୪୬୫ ॥
କେବଳଂ ପୌରୁଷୈଃ ଭାବୈଃ ପାଠ୍ୟଂ ନାଟ୍ୟଯୁତଂ ନୟେତ୍ ।
ନତ୍‌କୁଟଂ ଖଞ୍ଜକଂ ଚୈବ ବିଧାନେନ ପ୍ରୟୋଜୟେତ୍ ॥ ୪୬୬ ॥
ଇତି ତ୍ରିମୂଢ଼ ମୁଦ୍ଦିଷ୍ଟଂ ନାନାରସ ସମାଶ୍ରୟମ୍ ।
ନାତିସ୍ପଷ୍ଟାଙ୍ଗ ହାରଂତୁ ନାତିରେଚକ ଭୂଷିତମ୍ ॥ ୪୬୭ ॥
ସୈନ୍ଧବୀ ମାଶ୍ରିତା ଭାଷା ଜ୍ଞେୟା ସୈନ୍ଧବକଂ ବୁଧୈଃ ।
ରୂପଂ ବାଦ୍ୟାଦି ସଂଯୁକ୍ତଂ ସୈନ୍ଧବଂ ସ୍ୟାଦଥୋଦ୍ଧତମ୍ ॥ ୪୬୮ ॥
ନ ପାଠ୍ୟ ସ୍ୱଚ୍ଛ ମପ୍ୟତ୍ର ପ୍ରକୁର୍ବୀତ ବିଚକ୍ଷଣଃ ।
ବିତସ୍ତାଳପ୍ତି ଲେଶାଢ୍ୟଂ ସୈନ୍ଧବେ ବାଦ୍ୟମିଷ୍ୟତେ ॥ ୪୬୯ ॥
ମୃଦ୍ୱଙ୍ଗହାରବହୁଳଂ ଗୁରୁପ୍ରାୟାକ୍ଷରାନ୍ୱିତମ୍ ।
ଆକ୍ରୀଡ଼ିତସ୍ୟ ଭାଗେନ ଯୁଗ୍ମତାଳ କୃତେନ ହି ॥ ୪୭୦ ॥

ସହିତ ଅଙ୍ଗବିକ୍ଷେପମାନ ଏଥିରେ ପ୍ରଯୁକ୍ତ କରାଯିବ । ପାଠ୍ୟକୁ କେବଳ ପୌରୁଷ ଭାବ ଦ୍ୱାରା ନୃତ୍ୟ ମାଧ୍ୟମରେ ପ୍ରୟୋଗ କରିବ । ନତ୍‌କୁଟ ଓ ଖଞ୍ଜକକୁ ବିଧାନ ଅନୁସାରେ ବ୍ୟବହାର କରିବ । ଏହିପରି ବହୁରସ ମଣ୍ଡିତ ତ୍ରିମୂଢ଼କ ଏହିପରି ବର୍ଣ୍ଣିତ ହୋଇଅଛି ॥୪୬୩-୪୬୬॥

ସୈନ୍ଧବକ : ଏହି ଲାସ୍ୟରେ କୌଣସି ଅଙ୍ଗହାର ସ୍ପଷ୍ଟ ନୁହେଁ । ଅଧିକ ରେଚକ ରହେ ନାହିଁ । ଏହାର ପାଠ୍ୟବସ୍ତୁ ସୈନ୍ଧବୀ ଭାଷାରେ ରଚିତ ହୁଏ । ଏହାର ଉଦ୍ଧତ ଛନ୍ଦ ବାଦ୍ୟ ମାଧ୍ୟମରେ ଅନୁଷ୍ଠିତ ହେବ । ଏହିପରି ଲାସ୍ୟ ସୈନ୍ଧବକ ନାମରେ ଖ୍ୟାତ ॥୪୬୭-୪୬୮॥

ଏଥିରେ ପାଠ୍ୟ ସଂକ୍ଷିପ୍ତ ହେବ ନାହିଁ । ବିତସ୍ତ ଓ ଆଳପ୍ତି ବହୁଳ ଯନ୍ତ୍ର ସଂଗୀତ ହେବ । ଅଧିକ ଅକ୍ଷର ଏଥିରେ ଗୁରୁହେବ କିନ୍ତୁ ବହୁଳ, କୋମଳ ଅଙ୍ଗହାର ପ୍ରୟୋଗ କରାଯିବ । କ୍ରୀଡ଼ିତକ ଅଂଶ ଯୁଗ୍ମତାଳଯୁକ୍ତ ହେବ । କୋଡ଼ିଏ ସନ୍ନିପାତ ଯୁକ୍ତହୋଇ ସନ୍ନିପାତ ଲାସ୍ୟ କରାଯାଏ ॥୪୬୯-୪୭୦॥

Digitized by srujanika@gmail.com

ବିଂଶତ୍ୟା ସନ୍ନିପାତାନାଂ ଯୁକ୍ତଂ ସୈନ୍ଧବକଂ ଭବେତ୍ ।
ମୁଖ ପ୍ରତିମୁଖୋପେତଂ ତଥା ଚାପପୁଟାଶ୍ରୟମ୍ ॥ ୪୭୧ ॥
ଯଥାକ୍ଷରୈଃ ସନ୍ନିପାତୈଃ ତଥା ଦ୍ୱାଦଶଭିର୍ଯୁତମ୍ ।
ନୈକଯୁକ୍ତି ବିଚିତ୍ରାର୍ଥଂ ପୌରୁଷଂ ଭାବମାଶ୍ରିତମ୍ ॥ ୪୭୨ ॥
ଏକାଙ୍ଗଂ ଶୀର୍ଷକାଙ୍ଗ ବା ଦ୍ୱିମୂଢ଼ଂ ପରିକୀର୍ତ୍ତିତମ୍ ।
ଉତ୍ତମୋତ୍ତମକେ ତ୍ୱାଦୌ ନଦ୍ଦକୁଟଂ ସଂପ୍ରଯୋଜୟେତ୍ ॥ ୪୭୩ ॥
ତତଃ ଶ୍ଳୋକଂ ବିଚିତ୍ରାର୍ଥଂ ତଥା ଚୈବୋପପାଦୟେତ୍ ।
ତତଶ୍ଚ ବସ୍ତୁକଂ କାର୍ଯ୍ୟମ୍ ଅପରାନ୍ତକ ଶାଖୟା ॥ ୪୭୪ ॥
ଯଥାକ୍ଷରେଣ କାର୍ଯ୍ୟଂତୁ ଶୀର୍ଷକଂ ପଞ୍ଚପାଣିନା ।
ଉତ୍ତମୋତ୍ତମକଂ ପ୍ରୋକ୍ତଂ ହେଲାଭାବ ବିଭୂଷିତମ୍ ॥ ୪୭୫ ॥
କୋପ ପ୍ରସାଦବହୁଳଂ, ସାଧିକ୍ଷେପୈ ରୁପକ୍ରମୈଃ ।
ସଂଳାପ ରୁଚିରୈ ର୍ନିତ୍ୟମୁକ୍ତ ପ୍ରତ୍ୟୁକ୍ତ ମିଷ୍ୟତେ ॥ ୪୭୬ ॥
ବସ୍ତ୍ୱର୍ଧେନ ପ୍ରକର୍ଯ୍ୟାସ୍ତୁ ତସ୍ୟ ତାଳବିଧିଃ ସ୍ମୃତଃ ।
ତତସ୍ତୁ ଶୀର୍ଷକଂ କାର୍ଯ୍ୟଂ ସଂଯୁକ୍ତଂ ପଞ୍ଚପାଣିନା ॥ ୪୭୭ ॥

ଦ୍ୱିମୂଢ଼କ -

ସନ୍ନିପାତଯୁକ୍ତ ଚଞ୍ଚତ୍ପୁଟ ତାଳରେ ମୁଖ ଓ ପ୍ରତିମୁଖ ଦ୍ୱିମୂଢ଼ରେ ରହିବ । ଏକାଧିକ ଘଟଣା ଓ ବହୁ ଅର୍ଥଯୁକ୍ତ ବିଷୟ ଏଥିରେ ରହିବ । ଏହା ପୁରୁଷୋଚିତ ଭାବ ସମ୍ପନ୍ନ ହେବ ଓ ଏଥିରେ ଗୋଟିଏ ଅଙ୍ଗ ବା ଶୀର୍ଷକ ନାମକ ଏକ ଅଙ୍ଗ ରହିବ ॥୪୭୧-୪୭୨॥

ଉତ୍ତମୋତ୍ତମକ- ଉତ୍ତମୋତ୍ତମକ ନାମକ ଲାସ୍ୟରେ ପ୍ରଥମେ ନନ୍ଦକୁଟ ଓ ତାହାପରେ ବିଚିତ୍ର ଅର୍ଥଶୋଭିତ ଶ୍ଳୋକ ପଢ଼ାଯିବ । ତାହାପରେ ଅପରାନ୍ତକ ଶାଖାରେ ବସ୍ତୁ ପରିବେଷଣ କରାଯିବ । ଯଥାକ୍ଷର ପଞ୍ଚପାଣି ତାଳରେ ଶୀର୍ଷକ ହେବ । (ଶୃଙ୍ଗାରାଙ୍ଗ) ହେଳା ଭାବ ପ୍ରଭୃତିରେ ଭରି ରହିବ ॥୪୭୩-୪୭୫॥

ଉକ୍ତ ପ୍ରତ୍ୟୁକ୍ତ - ଏଥିରେ କ୍ରୋଧ ଓ କ୍ରୋଧକୁ ଶାନ୍ତ କରିବା ଅଧିକ ଭାବରେ ବର୍ଣ୍ଣନା ହେବ । ଆରମ୍ଭ ହିଁ ହେବ ଗାଳିରେ । ସଂଳାପଗୁଡ଼ିକ ସରଳ ଓ ସୁନ୍ଦର ହେବ । ପ୍ରକରୀ ବସ୍ତୁର ଅଧା ଏହାର ତାଳ ହେବ । ତାପରେ ପଞ୍ଚପାଣିଯୁକ୍ତ ଶୀର୍ଷକ କରାଯିବ । ଏହାର ବସ୍ତୁ ଓ ସଂପିଟକେ ତ୍ର୍ୟସ୍ର ତାଳରେ କରାଯିବ । ଶେଷରେ ପ୍ରସାଦ ଭାବରେ ଏହାର ସମାପ୍ତି ହେବ । ମୁଁ ତୁମମାନଙ୍କୁ ଦଶାଙ୍ଗ ଲାସ୍ୟ ବିଷୟରେ ଏହିସବୁ କହିଲି । ଯେକୌଣସି ଗୋଟିଏ ପ୍ରକରଣରେ ଦଶାଙ୍ଗ ହୋଇଥାଏ ॥୪୭୬-୪୭୯॥

Digitized by srujanika@gmail.com

ବଜ୍ରସଂଧି (ପି) ଷ୍ଟକଂ ଚୈବ ତାସାଂ ତ୍ର୍ୟସ୍ରୋଽନ୍ତ୍ର ଏବ ଚ ।
ଭକ୍ତ ପ୍ରତ୍ୟୁକ୍ତ ମେବଂ ହି ପ୍ରସାଦାନ୍ତଂ ପ୍ରୟୋଜୟେତ୍ ॥ ୪୭୮ ॥
ଦଶାଙ୍ଗଂ ଲାସ୍ୟମିତ୍ୟେତନ୍ ମୟା ବଃ ପରିକୀର୍ତ୍ତିତମ୍ ।
ପ୍ରକରଣେ ଦଶାଙ୍ଗାନି ଯତ୍ରୈକସ୍ମିନ୍ ଭବନ୍ତି ହି ॥ ୪୭୯ ॥
ସଂଚାର ଇତି ବିଜ୍ଞେୟୋ ଲାସ୍ୟଚ୍ଛେଦେ ବିପର୍ଯ୍ୟୟାତ୍ ।
ଏବମେତଦ୍ ବୁଧୈର୍ଜ୍ଞେୟଂ ଗୀତତାଳବିକଳ୍ପନମ୍ ॥ ୪୮୦ ॥
ଯତ୍ର କାର୍ଯ୍ୟଃ ପ୍ରଯତ୍ନସ୍ତୁ ନାଟ୍ୟଂ ତାଳେ ପ୍ରତିଷ୍ଠିତମ୍
ସର୍ବସ୍ୟୈବ ହି ନାଟ୍ୟସ୍ୟ ଆତୋଦ୍ୟାନାଂ ତଥୈବଚ ॥ ୪୮୧ ॥
ତାଳଃ କାଳେନ ସଂଯୁକ୍ତୋ ଭବେନ୍ନିତ୍ୟଂ ପ୍ରମାଣତଃ ।
ହୀନଂ ପ୍ରକୃଷ୍ଟବର୍ଣ୍ଣଂବା ଗାନଂ ତାଳେନ ଧାର୍ଯ୍ୟତେ ॥ ୪୮୨ ॥
ତସ୍ମାଦେତଦ୍ ପ୍ରଯତ୍ନେନ ବିଜ୍ଞାତବ୍ୟଂ ପ୍ରୟୋକ୍ତୃଭିଃ ।
ଋଗ୍‌ଗାଥା ପାଣିକାଦିକଂ ସପ୍ତରୂପଂ ପ୍ରକୀର୍ଣ୍ଣକମ୍ ॥ ୪୮୩ ॥
ଚତୁଷ୍ପଦା ବର୍ଧମାନଂ ତାଳେ ଚୈବ ବିଭାବୟେତ୍ ।
ତସ୍ମାତ୍ ସର୍ବ ପ୍ରଯତ୍ନେନ କାଳଂ ତାଳାବଧାରଣମ୍ ॥ ୪୮୪ ॥
ଯସ୍ତୁ ତାଳଂ ନ ଜାନାତି ନ ସ ଗାତା ନ ବାଦକଃ ।
ଅଙ୍ଗଭୂତାହି ତାଳସ୍ୟ ଯତି ପାଣି ଲୟାଃ ସ୍ମୃତାଃ ॥ ୪୮୫ ॥

ଲାସ୍ୟରେ ଭଙ୍ଗକୁ ସଂଚାର ବୋଲି ଜାଣିବ । ଏହା ଯେକୌଣସି ବିପର୍ଯ୍ୟୟ ଯୋଗୁଁ ହୋଇଥାଏ । ଯାହାସବୁ କହିଗଲି ଏହିପରି ଗୀତ ଓ ତାଳର କଳ୍ପନା ବିଷୟ ନୃତ୍ୟବିଶାରଦମାନେ ମନେ ରଖିବେ । ଯେଉଁ ବିଷୟରେ ସର୍ବଦା ଯତ୍ନବାନ୍ ମଧ୍ୟ ରହିଥିବେ । କାରଣ ନାଟ୍ୟଟି କେବଳ ତାଳ ଉପରେ ପ୍ରତିଷ୍ଠିତ । ସବୁ ପ୍ରକାର ନୃତ୍ୟ ଓ ସମସ୍ତବାଦ୍ୟ କାଳଯୁକ୍ତ ତାଳରେ ଯୁକ୍ତ ହୋଇ ପ୍ରମାଣ କ୍ଷେତ୍ରକୁ (ମୂଲ୍ୟାୟନ କ୍ଷେତ୍ରକୁ) ଆସିଥାଏ । ଗାନ ହୀନ ହେଉ ବା ପ୍ରକୃଷ୍ଟବର୍ଣ୍ଣ ହେଉ ତାଳ ସେ ସମସ୍ତକୁ ପରିପୂର୍ଣ୍ଣକରି ଚଳାଇନେଇଯାଏ । ତେଣୁ ପ୍ରୟୋଗକର୍ତ୍ତା ଏ ବିଷୟରେ ସଚେତନ ରହିବା ଏକାନ୍ତ ଆବଶ୍ୟକ ॥୪୮୦-୪୮୨॥

ଋକ୍ (ମନ୍ତ୍ର) ଗାଥା, ପାଣିକା ପ୍ରଭୃତି ସାତ ପ୍ରକାର ପରଂପରାଗତ ଗାନ ଏବଂ ପ୍ରକୀର୍ଣ୍ଣକ, ଚତୁଷ୍ପଦା ଓ ବର୍ଦ୍ଧମାନ ଏମାନେ ସମସ୍ତେ ସେମାନଙ୍କ ନିଜ ନିଜ ତାଳଦ୍ୱାରା ହିଁ ବୁଝା ପଡ଼ିଥାନ୍ତି । ତେଣୁ ତାଳ କାଳର ଅବଧାରଣା ପାଇଁ ସର୍ବବିଧ ଯତ୍ନ କରିବ ॥୪୮୩-୮୪॥

ବେତାଳିଆ ଗାୟକ ଗାୟକ ନୁହେଁ, ବା ବେତାଳିଆ ବାଦକ ବାଦକ ନୁହେଁ । ଯତି, ପାଣି ଓ ଲୟ ଏମାନେ ସମସ୍ତେ ତାଳର ଅଙ୍ଗସ୍ୱରୂପ । ମୁଁ କହିଥିବା ପୂର୍ବର ବିଧାନ ପ୍ରତି ଭଲ ଭାବରେ ଲକ୍ଷ୍ୟ ରଖିବ ॥୪୮୫॥

Digitized by srujanika@gmail.com

ପୂର୍ବୋକ୍ତଂ ବୈ ବିଧାନଂ ଚ ତଚ୍ଛମେ ସନ୍ନିବୋଧତ ।
ତ୍ରୟୋ ଲୟାଣ୍ଟ ବିଜ୍ଞେୟା ଦ୍ରୁତ ମଧ୍ୟ ବିଳମ୍ବିତାଃ ।। ୪୮୬ ।।
ମାର୍ଗେଷୁ ବ୍ୟକ୍ତି ମାୟାନ୍ତି ଗୀତ ବାଦ୍ୟୋଭୟାତ୍ମିକାଃ ।
ତିସ୍ରସ୍ତୁ ଯତୟଣ୍ଟାନ୍ୟା ମାର୍ଗେଷୁ ଲୟସଂଶ୍ରୟାଃ ।। ୪୮୭ ।।
ଛନ୍ଦୋଽକ୍ଷର ପଦାନାଂ ହି ସମତ୍ୱଂ ଯତ୍ ପ୍ରକୀର୍ତ୍ତିତମ୍ ।
କଳା କାଳାନ୍ତରକୃତଃ ସଲୟୋମାନସଂଜ୍ଞିତଃ ।। ୪୮୮ ।
ସମାସ୍ରୋତୋଗତା ଚୈବ ଗୋପୁଚ୍ଛେତି ଯଥାକ୍ରମମ୍ ।
ଶବ୍ଦ ବର୍ଣ୍ଣ ପ୍ରକର୍ଷାଣା ମକ୍ଷରାଣା ମଥାପି ଚ ।। ୪୮୯ ।।
ନିୟମୋଽଥ ଯତିଃ ସାତୁ ଗୀତବାଦ୍ୟସମାଶ୍ରୟା ।
ଆଦ୍ୟନ୍ତେ ଚୈବ ମଧ୍ୟେ ଚ ଲୟବର୍ଣ୍ଣପଦୈଃ ସମା ।। ୪୯୦ ।।
ବାଦ୍ୟପ୍ରଧାନା ଭୂୟିଷ୍ଠା ଚିତ୍ରା ଜ୍ଞେୟା ସମା ଯତିଃ ।
କ୍ୱଚିଦ୍ ଚୈବାବତିଷ୍ଠତେ କ୍ୱଚିଦ୍ ଚୈବ ପ୍ରଧାବତି ।। ୪୯୧ ।।
ବାଦ୍ୟ ଶ୍ରୁତପଥାବୃତ୍ତୌ ଜ୍ଞେୟା ସ୍ରୋତୋଗତା ଯତିଃ ।
ଗୁରୁଭିର୍ଲଘୁଭିର୍ଣ୍ଣୈବମ୍ ଅବିଭାବିତ ମକ୍ଷରମ୍ ।। ୪୯୨ ।।

ଦ୍ରୁତ, ମଧ୍ୟ ଓ ବିଳମ୍ବିତ ଭେଦରେ ଲୟ ତିନି ପ୍ରକାର । ଗାନ ଓ ବାଦ୍ୟର ବିବିଧ ମାର୍ଗ ମାନଙ୍କରେ ଏମାନେ ପ୍ରକଟିତ ହୁଅନ୍ତି । ଗୀତ ଓ ବାଦ୍ୟ ଏହି ଦୁହିଁଙ୍କର ଏହା ଅପରିହାର୍ଯ୍ୟ ଅଙ୍ଗ । ଏହି ସବୁ ମାର୍ଗରେ ଲୟ ସହିତ ଯତି ତିନିଟି ସଂପୃକ୍ତ ଅଟନ୍ତି ।।୪୮୭।।

ଛନ୍ଦ, ଅକ୍ଷର ଓ ପଦର ସମାପ୍ତି ବୋଲି ଯାହା ଜଣା ପଡାଇଦିଏ ତାହାକୁ ଲୟ ବୋଲି କୁହାଯାଏ । ତାଳରେ କାଳର ବିଭିନ୍ନତା ଉପରେ ଏହି ଲୟ ମାନ ନିର୍ଦ୍ଧାରିତ କରିଥାଏ ।।୪୮୮।।

ତିନି ଯତିଃ ସମା, ସ୍ରୋତୋଗତ ଓ ଗୋପୁଚ୍ଛାତ, ଯତି ଏହିପରି ତିନି ପ୍ରକାର । ଏମାନେ ଶବ୍ଦ, ବର୍ଣ୍ଣପ୍ରକର୍ଷ ଓ ଅକ୍ଷର ପ୍ରକର୍ଷ ସହିତ ବାଦ୍ୟ ତାଳରେ ରହି ଗୀତକୁ ପରିପୁଷ୍ଟ କରନ୍ତି । ଆଦି ମଧ ଓ ଅବସାନରେ ଗୋଟିଏ ଲୟ, ଗୋଟିଏ ପ୍ରକାର ବର୍ଣ୍ଣ ଓ ଗୋଟିଏ ପ୍ରକାର ପଦ ରହିଲେ ସମାଯତି ହୁଏ । ଏହା ଚିତ୍ରମାର୍ଗରେ ପ୍ରଯୁକ୍ତ ହୁଏ ଏବଂ ସାଧାରଣତୟା ବାଦ୍ୟବାଦନରେ ପ୍ରାଧାନ୍ୟ ଲାଭ କରେ ।।୪୯୦।।

ଯେଉଁ ଯତି ସଂଗୀତର ଧ୍ୱନିମାର୍ଗରେ ଯାଉ ଯାଉ କେବେ ସ୍ଥିର ତ ପୁଣି କେବେ ଧାବମାନ ହୁଏ, ତାହାର ନାମ ସ୍ରୋତୋବହା । ଏହା ବୃତ୍ତମାର୍ଗରେ ପ୍ରୟୋଗ କରାଯାଏ ।।୪୯୧।।

Digitized by srujanika@gmail.com

ଲମ୍ବିତା ଗେୟ ଭୂୟିଷ୍ଠା ଗୋପୁଚ୍ଛା ଦକ୍ଷିଣେ ଯତିଃ ।
ସମପାଣ୍ୟବ ପାଣିଶ୍ଚ ତଥା ଉପରି ପାଣିକମ୍ ॥ ୪୯୩ ॥
ପାଣିସ୍ତୁ ତ୍ରିବିଧୋ ଜ୍ଞେୟଃ ଗୀତବାଦ୍ୟ ସମାଶ୍ରୟଃ ।
ଲୟେନ ଯତ୍ ସମଂବାଦ୍ୟଂ ସମପାଣିଃ ସଉଚ୍ୟତେ ॥ ୪୯୪ ॥
ଲୟାଦ୍ ଯଦବକୃଷ୍ଟଂତୁ ସୋଽବପାଣିସ୍ତୁ ସଂଜ୍ଞିତଃ ।
ଲୟସ୍ୟୋପରି ବାଦ୍ୟଂ ସ୍ୟାଦ୍ ତଥାଚୋପରିପାଣିକମ୍ ॥ ୪୯୫ ॥
ଯତ୍ୟୁପାନ୍ତାକ୍ଷରାଣାଂଚ ସମବାୟୋ ଲୟୋଭବେତ୍ ।
ଲୟାଦ୍ ପ୍ରଭୃତି ଏତେଷାଂ ପ୍ରମାଣଂ ପରିବର୍ତ୍ତତେ ॥ ୪୯୬ ॥
ହାନିଃ କଳାନାଂ କାର୍ଯ୍ୟାତୁ ଶେଷେଷ୍ୱନ୍ୟେଷୁ ପାଣିଷୁ ।
ତତ୍ର ସ୍ଥିତଲୟୋଯୋ ବୈ ସନ୍ନିପାତେ ଭବେଦଥ ॥ ୪୯୭ ॥
ସତୁ ମଧ୍ୟଲୟଂ ପ୍ରାପ୍ୟ ସନ୍ନିପାତ ଦ୍ୱୟଂ ଭବେତ୍ ।
ଦ୍ରୁତଂଚାପି ଲୟଂ ପ୍ରାପ୍ୟ ସନ୍ନିପାତ ଚତୁଷ୍ଟୟମ୍ ॥ ୪୯୮ ॥

ଯେଉଁ ସ୍ଥଳରେ ଗୁରୁ ଏବଂ ଲଘୁ ଭାବରେ ଅକ୍ଷରମାନଙ୍କୁ ସ୍ପଷ୍ଟ କରାଯାଇ ପାରେ ନାହିଁ, ଗାନ ପର୍ଯ୍ୟାପ୍ତା ଓ ଲମ୍ବିତା ଏହି ଯତିକୁ ଗୋପୁଚ୍ଛା ବୋଲି ଜାଣିବ । ଏହାର ଦକ୍ଷିଣ ଯତି ॥୪୯୨-୪୯୩॥

ତିନି ପାଣି : କଣ୍ଠ ଓ ଯନ୍ତ୍ର ସଂଗୀତରେ ପାଣି ତ୍ରିବିଧ, ସମପାଣି, ଅବପାଣି ଓ ଉପରିପାଣି । ଲୟର ଆରମ୍ଭ ସହିତ ସମକାଳିନ (ଯୁଗପତ୍) ଯନ୍ତ୍ରବାଦନକୁ ସମପାଣି କହନ୍ତି ॥୪୯୪॥ ଲୟ ଆରମ୍ଭ ପୂର୍ବରୁ ଯେଉଁ ଯନ୍ତ୍ରବାଦନ ଆରମ୍ଭ ହୁଏ ତାହାକୁ ଅବପାଣି କୁହାଯାଏ । ଲୟ ଆରମ୍ଭ ପରେ ଯେଉଁ ଯନ୍ତ୍ରବାଦନ ହୁଏ ତାହା ଉପରିପାଣି ॥୪୯୫॥

ଯତିର ପୂର୍ବର ଅକ୍ଷରଗୁଡ଼ିକର ସମଷ୍ଟି ଲୟସୂଚିତ କରିବେ । ଏବଂ ଲୟରୁ ଏମାନଙ୍କର ପ୍ରମାଣ ପରିବର୍ତ୍ତିତହେବ ॥୪୯୬॥

ଅନ୍ୟ ପାଣିମାନଙ୍କରେ କଳାହ୍ରାସ କରାଯିବ । ବିଲମ୍ବିତ ଲୟରେ ଗୋଟିଏ ସନ୍ନିପାତ, ମଧ୍ୟରେ ଦୁଇ ଏବଂ ଦ୍ରୁତରେ ଚାରି ସନ୍ନିପାତ ହେବେ ॥୪୯୭-୪୯୮॥

ଏହି ବିଭେଦ ଦ୍ୱାରା ଯାହା ସୂଚିତ ହୁଏ ତାହାକୁ ଦ୍ରୁତ ଓ ମଧ୍ୟ ଲୟ କୁହାଯାଏ । ଅବପାଣି ମଧ୍ୟ ଲୟ ଉପରେ ନିର୍ଭର କରେ । ଯେତେବେଳେ (ଏକକଳ ତାଳ) ଦ୍ରୁତ ଲୟରେ ବାଦିତ ଅନ୍ତର କଳା ହୁଏ, ସେତେବେଳେ ଏହା ଉପର୍ଯ୍ୟୁପରିପାଣି ନାମରେ ପରିଚିତ ହୁଏ ॥୪୯୯, ୫୦୦॥

Digitized by srujanika@gmail.com

ଯଃ ତତ୍ର ଚାନ୍ତରକୃତୋ ଦ୍ରୁତମଧ୍ୟ ଲୟୋ ହି ସଃ ।
ସୋଽବପାଣିସ୍ତୁ ବିଜ୍ଞେୟଃ ତଜ୍ଜ୍ଞୈ ର୍ଦ୍ରୁତଲୟାଶ୍ରୟଃ ।। ୪୯୯ ।।
ମଧ୍ୟେ ଚ ଯାନ୍ତରକଳା ଦ୍ରୁତମେକକଳା ଚ ସା ।
ଉପର୍ଯ୍ୟୁପରିପାଣିଶ୍ଚ ସ ଜ୍ଞେୟୋ ବାଦ୍ୟସଂଶ୍ରୟଃ ।। ୫୦୦ ।।
ଅତଊର୍ଦ୍ଧ୍ୱଂ କଳାନାଂ ତୁ ପ୍ରମାଣଂ ନ ବିଧୀୟତେ ।
ଯତୟଃ ପାଣୟଶ୍ଚୈବ ଲୟାଶ୍ଚୈବ ପ୍ରୟୋକ୍ତୃଭିଃ ।। ୫୦୧ ।।
ଯଥାକ୍ରମଂ ହି କର୍ତ୍ତବ୍ୟଂ ଗୀତଯୁକ୍ତିମବେକ୍ଷ୍ୟଚ ।
ଏବଂ ଧ୍ରୁବ ତାଳବିଧିଃ କର୍ତ୍ତବ୍ୟଃ ତାଳଯୋଗତଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଧ୍ରୁବାଣାମଙ୍ଗକଳ୍ପନମ୍ ।। ୫୦୨ ।।

ଇତି ଭରତେ ନାଟ୍ୟଶାସ୍ତ୍ରେ ତାଳାଧ୍ୟାୟଃ ।।

କଳାମାନଙ୍କ ପ୍ରମାଣ ବିଷୟରେ ଏହାଠାରୁ ଅଧିକ କିଛି ପ୍ରମାଣ ବିଧାନ କରାଯାଇ ନାହିଁ । ଗାନ ପ୍ରୟୋଗ ବିଚାର କରି ଯତି, ପାଣି ଓ ଲୟ ଅନୁସରଣ କରିବା ଉଚିତ । ଏହିପରି ତାଳଯୋଗକୁ ଚାହିଁ ଧ୍ରୁବା ତାଳବିଧି ମଧ୍ୟ କରଣୀୟ । ଏହାପରେ ଧ୍ରୁବାମାନଙ୍କର ଅଙ୍ଗ ବିଷୟ କହିବି ।।

ଭରତ ନାଟ୍ୟ ଶାସ୍ତ୍ରରେ ତାଳ ବିଷୟକ ଏକ ତ୍ରିଂଶ ଅଧାୟ ସମାପ୍ତ ।

❑❑❑

Digitized by srujanika@gmail.com

ଦ୍ୱାତ୍ରିଂଶ ଅଧ୍ୟାୟଃ ।

ଧ୍ରୁବା ବିଧାନ

ଧ୍ରୁବେତି ସଂଜ୍ଞିତାନିସ୍ୟୁଃ ନାରଦ ପ୍ରମୁଖୈର୍ଦ୍ୱିଜୈ ।
ଯାନ୍ୟଙ୍ଗାନୀହ ଉକ୍ତାନି ତାନି ମେ ସନ୍ନିବୋଧତ ।। ୧ ।।
ଯା ଋଚଃ ପାଣିକା ଗାଥା ସପ୍ତରୂପାଙ୍ଗ ମେବ ଚ ।
ସପ୍ତରୂପ ପ୍ରମାଣଂ ହି ସାଧ୍ରୁବେତ୍ୟଭି ସଂଜ୍ଞିତା ।। ୨ ।।
ଏଭ୍ୟସ୍ତ୍ୱଙ୍ଗେଭ୍ୟ ଉଦ୍ଧୃତ୍ୟ ନାନାଛନ୍ଦଃ କୃତାନି ଚ ।
ଧ୍ରୁବାତ୍ୱଂ ଯାନି ଗଛନ୍ତି ତାନି ବକ୍ଷ୍ୟାମ୍ୟହଂ ଦ୍ୱିଜାଃ ।। ୩ ।।
ମୁଖଂ ପ୍ରତିମୁଖଂ ଚୈବ ବୈହାୟସକ ମେବ ଚ ।
ସ୍ଥିତପ୍ରବୃତ୍ତେ ବଜ୍ରଂଚ ସନ୍ଧିଃ ସଂହରଣଂ ତଥା ।। ୪ ।।
ପ୍ରସ୍ତାର ସ୍ତୋପବର୍ତ୍ତଶ୍ଚ ମାଷଘାତସ୍ତଥୈବଚ୍ ।
ଚତୁରସ୍ରୋପପାତେ ଚ ପ୍ରବେଣୀ ଶୀର୍ଷକଂ ତଥା ।। ୫ ।।
ସଂପିଷ୍ଟକାନ୍ତା ହରଣେ ମହାଜନିକମେବ ଚ ।
ଧ୍ରୁବାଣା ମଙ୍ଗସଂଜ୍ଞାନି ପଞ୍ଚାନାମପି ନିତ୍ୟଶଃ ।। ୬ ।।

ନାରଦପ୍ରଭୃତି ବ୍ରାହ୍ମଣମାନେ ଯେଉଁ ଜାତିର ଗାନକୁ ଧ୍ରୁବାନାମରେ କହିଛନ୍ତି, ସେ ବିଷୟ ମୋଠାରୁ ଶୁଣ ।। ୧ ।। ଯେଉଁମାନଙ୍କର ସାତଟି ବିଭିନ୍ନ ପ୍ରମାଣ ଅଛି, ସେଗୁଡ଼ିକ ଋକ୍, ପାଣିକା, ଗାଥା ଏବଂ ସାତପ୍ରକାର ପରଂପରାଗଣକୁ (ଦ୍ର.୩୧/୧୨୦ରୁ) ଧ୍ରୁବା ବୋଲି କୁହାଯାଏ ।।୨।।

ହେ ବିପ୍ରଗଣ, ମୁଁ ବିଭିନ୍ନ ଛନ୍ଦର ଏହି ଗାନଗୁଡ଼ିକୁ ଆଲୋଚନା କରିବି । ଯେଉଁମାନେ ଏହିସବୁ ଜାତିରୁ ନିର୍ମିତ ହୋଇ ଧ୍ରୁବାତ୍ୱ ପ୍ରାପ୍ତ ହୋଇଛନ୍ତି ।। ୩ ।।

ପାଞ୍ଚପ୍ରକାର ଧ୍ରୁବାରେ ଏହି ଅଙ୍ଗଗୁଡ଼ିକ ସର୍ବଦା ରହେ । ଯଥା: ମୁଖ, ପ୍ରତିମୁଖ, ବୈହାୟସକ, ସ୍ଥିତ, ପ୍ରବୃତ୍ତ, ବଜ୍ର, ସନ୍ଧି, ସଂହରଣ ପ୍ରସ୍ତାର, ଉପବର୍ତ୍ତ, ମାଷଘାତ, ଚତୁରସ୍ର, ଉପପାତ, ପ୍ରବେଣୀ, ଶୀର୍ଷକ, ସଂପିଷ୍ଟକ, ଅନ୍ତାହରଣ ଓ ମହାଜନିକ ।। ୪-୬ ।।

Digitized by srujanika@gmail.com

ଏକବସ୍ତୁ ଧ୍ରୁବା ଜ୍ଞେୟା ଦ୍ୱିବସ୍ତୁ ପରିଗୀତିକା ।
ତ୍ରିବସ୍ତୁ ମଦ୍ରକଂ ଜ୍ଞେୟଂ ଚତୁର୍ବସ୍ତୁ ଚତୁଷ୍ପଦା ॥ ୭ ॥
ବାକ୍ୟବର୍ଣ୍ଣା ହ୍ୟଲଂକାରା ଯତୟଃ ପାଣୟୋ ଲୟାଃ ।
ଧ୍ରୁବ ମନ୍ୟୋନ୍ୟ ସମ୍ବନ୍ଧା ଯସ୍ମାଦ୍ ତସ୍ମାଦ୍ ଧ୍ରୁବା ସ୍ମୃତା ॥ ୮ ॥
ଧ୍ରୁବାଶ୍ଚ ପଞ୍ଚ ବିଜ୍ଞେୟା ନାନାବସ୍ଥା ସମାଶ୍ରୟାଃ ।
ଏତାସାଂ ଚୈବ ବକ୍ଷ୍ୟାମି ସପ୍ତରୂପାଙ୍ଗ କଳ୍ପନମ୍ ॥ ୯ ॥
ଉପପାତଃ ପ୍ରବୃତ୍ତଶ୍ଚ ପ୍ରାବେଶିକ୍ୟାଂ ପ୍ରକୀର୍ତ୍ତ୍ୟତେ ।
ବଜ୍ରଂ ଚ ଶୀର୍ଷକଂ ଚୈବ ଧ୍ରୁବାୟାଂ ଶୀର୍ଷକଂ ସ୍ମୃତମ୍ ॥ ୧୦ ॥
ପ୍ରସ୍ତାରୋ ମାଷଘାତ ଶ୍ଚ ମହାଜନିକ ମେବ ଚ ।
ପ୍ରବେଣୀ ହ୍ୟୁପପାତଶ୍ଚ ଅକ୍ଷିତାୟାଃ ପ୍ରକୀର୍ତ୍ତିତାଃ ॥ ୧୧ ॥
ମୁଖପ୍ରତିମୁଖୋପେତା ହ୍ୟବକୃଷ୍ଟା ବିଧୀୟତେ ।
ବୈହାୟସାନ୍ତା ହରଣେ ସ୍ଥିତାୟାଂ ସଂପ୍ରକୀର୍ତ୍ତିତେ ॥ ୧୨ ॥
ସଂହାରଶ୍ଚତୁରସ୍ରଂ ଚ ଖଞ୍ଜ ନର୍କୁଟକେ ତଥା ।
ସନ୍ଧି ପ୍ରସ୍ତାର ସଂଯୁକ୍ତା ସ୍ୱନ୍ତରାୟାଂ ପ୍ରକୀର୍ତ୍ତିତାଃ ॥ ୧୩ ॥

ଏକବସ୍ତୁର ଗାନ ଧ୍ରୁବା, ଦୁଇ ବସ୍ତୁର ଗାନ ପରିଗୀତିକା, ତିନିବସ୍ତୁର ଗାନ ମଦ୍ରକ ଓ ଚାରିବସ୍ତୁର ଗାନ ଚତୁଷ୍ପଦା ନାମରେ ଅଭିହିତ ହୁଅନ୍ତି ॥ ୭ ॥

ଏଥିରେ ସବୁ ପଦ, ବର୍ଣ୍ଣ, ଅଳଂକାର, ଲୟ, ଜାତି ଓ ପାଣି ଧ୍ରୁବ (ନିଶ୍ଚିତ) ଭାବରେ ହିଁ ପରସ୍ପରଯୁକ୍ତ ହୋଇ ଥାଆନ୍ତି ବୋଲି ଏହାକୁ ଧ୍ରୁବା କୁହାଯାଏ ॥ ୮ ॥

ନାନା ଅବସ୍ଥାକୁ ଆଶ୍ରୟ କରିଥିବା ଧ୍ରୁବା ପାଞ୍ଚ ପ୍ରକାର ବୋଲି ଜାଣିବ । ଏମାନଙ୍କର ସାତ ପ୍ରକାର ଅଙ୍ଗ କଳ୍ପନା କଥା କହିବି ॥ ୯ ॥

ପ୍ରାବେଶିକୀ ଧ୍ରୁବାର ଅଙ୍ଗ ହେଲା - ଉପପାତ, ପ୍ରବୃତ୍ତ, ବଜ୍ର ଓ ଶୀର୍ଷକ ॥ ୧୦ ॥

ଅଡ୍‌ଡ଼ିତା ଧ୍ରୁବାର ଅଙ୍ଗ : ପ୍ରସ୍ତାର, ମାଷଘାତ, ମହାଜନିକ, ପ୍ରବେଣୀ ଓ ଉପପାତ ॥ ୧୧ ॥

ଅବକୃଷ୍ଟା ଧ୍ରୁବାର ଅଙ୍ଗ : ମୁଖ ଓ ପ୍ରତିମୁଖ, ଏବଂ ସ୍ଥିତଧ୍ରୁବାର ଅଙ୍ଗ ବୈହାୟସ ଓ ଅନ୍ତାହରଣ ॥ ୧୨ ॥

ଏହିପରି ଖଞ୍ଜାନର୍କୁଟା ଧ୍ରୁବା ଅଙ୍ଗ : ସଂହାର (ସଂହରଣ) ଓ ଚତୁରସ୍ର, ଅନ୍ତରା ଧ୍ରୁବାର ଅଙ୍ଗ ସନ୍ଧି ଓ ପ୍ରସ୍ତାର ॥ ୧୩ ॥

Digitized by srujanika@gmail.com

ଯାନ୍ୟଙ୍ଗାନି କଳାଶ୍ଚୈବ ଗୀତକାନ୍ତର୍ଗତାନି ତୁ ।
ତାନି ଛନ୍ଦୋ ଗତୈର୍ବୃତ୍ତୈଃ ବିଭାବ୍ୟନ୍ତେ ଧ୍ରୁବାସ୍ୱଥ ॥ ୧୪ ॥
ତ୍ର୍ୟସ୍ରଶ୍ଚ ଚତୁରସ୍ରଶ୍ଚ ତାଳଃ କାର୍ଯ୍ୟୋ ଧ୍ରୁବାତ୍ମକଃ ।
ଷଟ୍‌କଳୋଽଷ୍ଟକଳଶ୍ଚୈବ ଯସ୍ତୁପୂର୍ବଂ ପ୍ରକୀର୍ତ୍ତିତଃ ॥ ୧୫ ॥
ସର୍ବେଷାମେବ ଗୀତାନାଂ ଯାନ୍ୟଙ୍ଗାନି ସ୍ମୃତାନ୍ୟଥ ।
ତେଷାଂ ବୃତ୍ତଂ ସବିବଧମେକକଂ ଚ ଭବିଷ୍ୟତି ॥ ୧୬ ॥
ପଦବର୍ଣ୍ଣ ସମାପ୍ତିସ୍ତୁ ବିଦାରୀତ୍ୟଭି ସଂଜ୍ଞିତା ।
ଏତେଷାଂ ଚୈବ ବକ୍ଷ୍ୟାମି ବିଧିଂ ପ୍ରକୃତି ସମ୍ଭବମ୍ ॥ ୧୭ ॥
ଉତ୍ତମାନାଂ ଭବେଦ୍ ବୃତ୍ତଂ ମଧ୍ୟାନାଂ ବିବଧଂ ସ୍ମୃତମ୍
ନୀଚାନାମେକକଂ କାର୍ଯ୍ୟଂ ଧ୍ରୁବା ପଞ୍ଚବିଧୌ ବୁଧୈଃ ॥ ୧୮ ॥
ତ୍ର୍ୟସ୍ରଂବା ଚତୁରସ୍ରଂ ବା ଯୋଗଂ ଜ୍ଞାତ୍ୱା ପ୍ରୟୋଗଜମ୍
ତେନ ପ୍ରମାଣଯୋଗେନ ଧ୍ରୁବା କାର୍ଯାବସାନିକା ॥ ୧୯ ॥
ଗାୟତ୍ର୍ୟତି ଶକ୍ବର୍ଯା ଅନ୍ତରେ ଯା ବ୍ୟବସ୍ଥିତାଃ ।
ତେଷାଂ ପାଦ ପ୍ରମାଣେନ ଧ୍ରୁବା କାର୍ଯ୍ୟଣ ବସାନିକୀ ॥ ୨୦ ॥
ଶକ୍ବର୍ଯା ଚାତିକୃତ୍ୟା ଯେ ଚାନ୍ତରେ ତ୍ୱାବସାନିକୀ ।
ତେଷା ମଧ୍ୟର୍ଧ ବିହିତା ଧ୍ରୁବା ପାଦମୟୀ ସ୍ମୃତା ॥ ୨୧ ॥

ଗାନରେ ଯେଉଁ ଅଙ୍ଗ ଓ କଳାଗୁଡ଼ିକ ଅନ୍ତର୍ଭୁକ୍ତ ସେଗୁଡ଼ିକ ଉପଯୁକ୍ତ ଶ୍ରେଣୀର ଛନ୍ଦ ସାହାଯ୍ୟରେ କରାଯିବ ॥ ୧୪ ॥ ଧ୍ରୁବାରେ ତାଳ ତ୍ର୍ୟସ୍ର ଓ ଚତୁରସ୍ର ଏବଂ ପୂର୍ବୋକ୍ତ ବିଧି ଅନୁସାରେ ଛଅ ଓ ଆଠଟି କଳାଯୁକ୍ତ ହୁଏ ॥ ୧୫ ॥ ପୂର୍ବୋକ୍ତ ଗାନମାନଙ୍କର ଅଙ୍ଗ, ବୃତ୍ତ, ବିବଧ ଓ ଏକକ ଅଟନ୍ତି ॥ ୧୬ ॥ (ଗୀତର ଯେଉଁ ଅଂଶ) ପଦ ବା ବର୍ଣ୍ଣ ସମାପ୍ତି କରେ ତାହାକୁ ବିଦାରୀ କହନ୍ତି । ଏବେ ବାଦ୍ୟରେ ବିଭିନ୍ନ ଚରିତ୍ରରେ ସେମାନଙ୍କ ପ୍ରୟୋଗବିଧି ବିଷୟରେ କହିବି । ବୃତ୍ତଶ୍ରେଣୀର ଅଙ୍ଗ ଉଚ୍ଚଚରିତ୍ରରେ ବିବଧ ମଧ୍ୟମ ଚରିତ୍ରରେ ଏବଂ ଏକକ ନୀଚ ଚରିତ୍ରରେ ପ୍ରୟୋଗ କରାଯାଏ ॥ ୧୭-୧୮ ॥ ତ୍ର୍ୟସ୍ର ବା ଚତୁରସ୍ର ତାଳର ପ୍ରୟୋଗ ତାଳର ପ୍ରୟୋଗ ଜାଣି ଉପଯୁକ୍ତ ପରିମାଣରେ ଆବସାନିକୀ ଧ୍ରୁବା ସଂପାଦନା କରିବ ॥ ୧୯ ॥ ଗାୟତ୍ରୀ ଓ ଅତିଶକ୍କରୀ ଛନ୍ଦର ମଧ୍ୟବର୍ତ୍ତୀ ଆବସାନିକୀ ଧ୍ରୁବାରେ ଏକପାଦ ଏବଂ ଏମାନଙ୍କ ଅଧା ରହେ ॥ ୨୦ ॥

ଶକ୍ବରୀ ଓ ଅତିକୃତି ଛନ୍ଦର ମଧ୍ୟବର୍ତ୍ତୀ ଆବସାନିକୀ ଧ୍ରୁବା ସେମାନଙ୍କର ଅଧ୍ୟର୍ଧ ବିହିତ ପାଦଯୁକ୍ତ ହୁଏ ॥ ୨୧ ॥

Digitized by srujanika@gmail.com

ଯତି ଛନ୍ଦୋବିଧାନେନ ଗୁରୁ ଲଘ୍ୱକ୍ଷରାନ୍ୱିତଃ ।
କାର୍ଯୋ ମାତ୍ରା ପ୍ରମାଣେନ ଧ୍ରୁବାପାଦୋଽବସାନିକଃ ।। ୨୨ ।।
ମଧ୍ୟୋତ୍ତମାନାଂ କର୍ତ୍ତବ୍ୟା ଚତୁରସ୍ରାବସାନିକୀ
ଅଥାଧମାନାଂ କର୍ତ୍ତବ୍ୟା ଧ୍ରୁବା ତ୍ର୍ୟସ୍ରା ବସାନିକୀ ।। ୨୩ ।।
ଅଥ ପୂର୍ଣ୍ଣପଦୀ ଯାତୁ ତସ୍ୟାଂ ବୃତ୍ତଂ ପ୍ରୟୋଜୟେତ୍ ।
ତତ୍ରେଷ୍ଟ ବୃତ୍ତ ପ୍ରମାଣ୍ୟାଦ୍ ଧ୍ରୁବାତ୍ର୍ୟସ୍ରାବସାନିକୀ ।। ୨୪ ।।
ଧ୍ରୁବାଷ୍ଟ ପଞ୍ଚ ବିଜ୍ଞେୟା ନାନାବୃତ୍ତ ସମୁଦ୍ ଭବାଃ ।
ଯଥାସ୍ଥାନ ରସୋପେତା ଉତ୍ତମାଧମ ମଧ୍ୟମାଃ ।। ୨୫ ।।
କନିଷ୍ଠିକା ଗ୍ରହା ଚୈବ ସନ୍ନିପାତଗ୍ରହା ପରା ।
ତଥା ଚାଦ୍ୟଗ୍ରହା ଚୈବ ତ୍ରିବିଧାତୁ ଧ୍ରୁବା ସ୍ମୃତା ।। ୨୬ ।।
ପ୍ରାଦେଶିକୀ ତୁ ପ୍ରଥମା ଦ୍ୱିତୀୟୋପେକ୍ଷିକୀ ସ୍ମୃତା ।
ପ୍ରସାଦିକୀ ତୃତୀୟା ଚ ଚତୁର୍ଥୀ ଚାନ୍ତରା ଧ୍ରୁବା ।। ୨୭ ।।
ନୈଷ୍କ୍ରାମିକୀଚ ବିଜ୍ଞେୟା ପଞ୍ଚମୀ ଚ ଧ୍ରୁବା ବୁଧୈଃ ।
ଏତାସାଂ ଚୈବ ବକ୍ଷ୍ୟାମି ଛନ୍ଦୋବୃତ୍ତ ନିଦର୍ଶନମ୍ ।। ୨୮ ।।

ଆବସାନିକୀ ଧ୍ରୁବାର ପାଦ, ଯତି, ଛନ୍ଦ ଏବଂ ମାତ୍ରା ପ୍ରମାଣ ଅନୁସାରେ ହ୍ରସ୍ୱ ଓ ଦୀର୍ଘ ଅକ୍ଷର କରାଯିବା ଉଚିତ ।। ୨୨ ।।

ଉଚ୍ଚ ମଧ୍ୟମ ଚରିତ୍ରମାନଙ୍କ କ୍ଷେତ୍ରରେ ଆବସାନିକୀ ଧ୍ରୁବା ଚତୁରସ୍ରା ହେବ ଏବଂ ନୀଚ ଚରିତ୍ର ପାଇଁ ଏହା ତ୍ର୍ୟସ୍ରା ହେବ । ଧ୍ରୁବା ଯେତେବେଳେ ଅର୍ଥପୂର୍ଣ୍ଣ ପଦମୟୀ ହୁଏ ସେତିକିବେଳେ ଏଥିରେ ବୃତ୍ତ ପ୍ରୟୋଗ କରିବ । ବୃତ୍ତର ପ୍ରମାଣ ଅନୁସାରେ ଆବସାନିକୀ ଧ୍ରୁବା ହେବ ତ୍ର୍ୟସ୍ରା ।। ୨୩,୨୪ ।। ବିବିଧ ଛନ୍ଦରେ ଯେଉଁ ସବୁ ଧ୍ରୁବା ଜାତ ହୁଏ । ସେଗୁଡ଼ିକ ପାଞ୍ଚ ପ୍ରକାର । ସେମାନଙ୍କ ମଧ୍ୟର ରସ ଅନୁଯାୟୀ ଏମାନେ ଉତ୍ତମ ଅଧମ ଓ ମଧ୍ୟମ ହୋଇ ଥାଆନ୍ତି ।। ୨୫ ।।

ଧ୍ରୁବାଗୁଡ଼ିକ ତିନି ପ୍ରକାର : କନିଷ୍ଠିକାଗ୍ରହା, ସନ୍ନିପାତ ଗ୍ରହା, ଅପଗ୍ରହା ।। ୨୬ ।। ପ୍ରଥମ ଧ୍ରୁବା ପ୍ରାଦେଶିକୀ, ଦ୍ୱିତୀୟ ଆକ୍ଷେପିକୀ, ତୃତୀୟ ପ୍ରାସାଦିକୀ, ଚତୁର୍ଥ ଅନ୍ତରା ଓ ପଞ୍ଚମ ନୈଷ୍କ୍ରାମିକୀ । ସେମାନଙ୍କର ଛନ୍ଦସବୁ କହିବି ।। ୨୭-୨୮ ।।

Digitized by srujanika@gmail.com

ଗାନ୍ଧର୍ବଂ ଯନ୍ମୟା ପ୍ରୋକ୍ତଂ ସ୍ୱରତାଳ ପଦାତ୍ମକମ୍ ।
ପଦଂ ତସ୍ୟ ଭବେଦ୍ ବସ୍ତୁ ସ୍ୱରତାଳାନୁଭାବକମ୍ ।। ୨୯ ।।
ଯତ୍କିଞ୍ଚିଦକ୍ଷରକୃତଂ ତତ୍‌ସର୍ବଂ ପଦସଂଜ୍ଞିତମ୍ ।
ନିବଦ୍ଧଂ ଚାନିବଦ୍ଧଂଚ୍ ତତ୍ପଦଂ ଦ୍ୱିବିଧଂ ସ୍ମୃତମ୍ ।। ୩୦ ।।
ଅତାଳଂ ଚ ସତାଳଂ ଚ ଦ୍ୱିପ୍ରକାରଂ ଚ ତଦ୍‌ଭବେତ୍ ।
ସତାଳଂ ଚ ଧ୍ରୁବାର୍ଥେଷୁ ନିବଦ୍ଧଂ ତଚ୍ଚ ବୈ ସ୍ମୃତମ୍ ।। ୩୧ ।।
ଯତ୍ତୁ ବା କରଣୋପେତଂ ସର୍ବାତୋଦ୍ୟାନୁରଞ୍ଜକମ୍ ।
ଅତାଳ ମନିବଦ୍ଧଂଚ ପଦଂ ତୁ ଜ୍ଞେୟମେବ ଚ ।। ୩୨ ।।
ନିୟତାକ୍ଷର ସମ୍ବଦ୍ଧଂ ଛନ୍ଦୋଯତି ସମନ୍ୱିତମ୍ ।
ନିବଦ୍ଧଂ ତୁ ପଦଂ ଜ୍ଞେୟଂ ସତାଳ ଲୟନାକ୍ଷରମ୍ ।। ୩୩ ।।
ସ୍ୱଚ୍ଛନ୍ଦ ଯତିପାଦଂତୁ ତଥା ଚାନିୟତାକ୍ଷରମ୍ ।
ଅନିବଦ୍ଧଂ ପଦଂ ଜ୍ଞେୟମତାଳ ଲୟନାକ୍ଷରମ୍ ।। ୩୪ ।।
ଅନିବଦ୍ଧାକ୍ଷରାଣିସ୍ୟୁ ର୍ଯାନ୍ୟଜାତିକୃତାନି ତୁ ।
ଆତୋଦ୍ୟକରଣୈସ୍ତେଷାଂ ବିଧାନମପି ନିର୍ଦ୍ଦିଶେତ୍ ।। ୩୫ ।।

ସ୍ୱର, ତାଳ ଓ ପାଦଯୁକ୍ତ ଯେଉଁ ଗାନ୍ଧର୍ବ ବସ୍ତୁ କଥା କହିଛି, ତାହା ପଦନାମରେ ଅଭିହିତ ହୁଏ । ଏହା ସ୍ୱର ଓ ତାଳ ସୂଚିତ କରିବ ।। ୨୯ ।।

ଯାହା ଅକ୍ଷର ସମୂହଦ୍ୱାରା ଗଠିତ ତାହାକୁ ପଦ କହନ୍ତି । ଏହା ନିବଦ୍ଧ ଓ ଅନିବଦ୍ଧ ଭାବରେ ଦୁଇ ପ୍ରକାର ।। ୩୦ ।। ପୁନରାୟ ଏହା ଅତାଳ ଓ ସତାଳ ଭେଦରେ ଦୁଇ ପ୍ରକାର । ଧ୍ରୁବା ସକାସେ ଏହା ସତାଳ ନିବଦ୍ଧ ହୋଇଥାଏ ।। ୩୧ ।।

ଅତାଳ ଅନିବଦ୍ଧ ପଦ କରଣ ସହିତ ଯୁକ୍ତ ହୋଇଥାଏ । ଏହା ଦ୍ୱାରା ସମସ୍ତ ପ୍ରକାର ଯନ୍ତ୍ର ସଙ୍ଗୀତ ମଣ୍ଡିତ ହୋଇଥାଏ ।। ୩୨ ।।

ଯାହା ନିର୍ଦ୍ଦିଷ୍ଟ ଅକ୍ଷର ସଂଖ୍ୟାଦ୍ୱାରା ଛନ୍ଦ ଓ ଯତିଦ୍ୱାରା ଅଳଂକୃତ ତାହାକୁ ନିବଦ୍ଧପଦ କୁହାଯାଏ ।। ୩୩ ।। ଯେଉଁଥିରେ ମୁକ୍ତଛନ୍ଦ ଓ ଯତି ଥାଏ, ନିର୍ଦ୍ଦିଷ୍ଟ ସଂଖ୍ୟାରେ ଅକ୍ଷର ରହେ ନାହିଁ ଏବଂ ନିର୍ଦ୍ଧାରିତ ତାଳ ଓ ଲୟ ରହେ ନାହିଁ, ତାହାକୁ ଅନିବଦ୍ଧ ପଦ କୁହାଯାଏ ।। ୩୪ ।। ଅନିବଦ୍ଧ ଜାତିଗାନ ବହିର୍ଭୂତ ଅଟେ । ସେମାନଙ୍କର କ୍ରିୟା ବାଦ୍ୟଯନ୍ତ୍ରର କରଣ ସହିତ ନିର୍ଦ୍ଦେଶ କରିବ ।। ୩୫ ।।

Digitized by srujanika@gmail.com

ପଦାନି ଅନିବଦ୍ଧାନି ତାଳେନ ରହିତାନି ଚ ।
ଆତୋଦ୍ୟେଷୁ ନିଯୁକ୍ତାନି ରଞ୍ଜେୟୁ ର୍ଯାନି ତାନିତୁ ॥ ୩୬ ॥
ଯାନିଚୈବ ନିବଦ୍ଧାନି ଛନ୍ଦୋଽକ୍ଷର ବିଧାନତଃ ।
ଧ୍ରୁବାସଂଜ୍ଞାନି ବର୍ଣ୍ଣାନି ତାନି ବକ୍ଷ୍ୟାମ୍ୟତଃ ପରମ୍ ॥ ୩୭ ॥
ଅତ୍ୟୁକ୍ତଂ ଚ ପ୍ରତିଷ୍ଠାଚ ମଧ୍ୟା ଗାୟତ୍ରୀ ରେବଚ ।
ତତାଃ ସ୍ଥିତାପକୃଷ୍ଟାସୁ ତ୍ର୍ୟସ୍ରା ଜ୍ଞେୟାସ୍ତୁ ଜାତୟଃ ॥ ୩୮ ॥
ଉଷ୍ଣିଗନୁଷ୍ଟୁବ୍ ବୃହତୀ ପଂକ୍ତିଶ୍ଚେତୀହଜାତୟଃ ।
ଏତାଃ ପ୍ରାସାଦିକୀନାଂ ତୁ ଯୁଗ୍ମା ଜ୍ଞେୟାସ୍ତୁ ଜାତୟଃ ॥ ୩୯ ॥
ଅନୁଷ୍ଟୁବ୍ ବୃହତୀ ଚୈବ ଜଗତ୍ୟଥ ବିଳମ୍ବିତା
ଦ୍ରୁତା ଚ ଚପଳା ଚୈବ ଉଦ୍‌ଗତା ଧୃତିରେବଚ ॥ ୪୦ ॥
ଦ୍ରୁତାନାଂ ଜାତୟୋ ହ୍ୟେତାଃ ପ୍ରୟୋଗେଷୁ ପ୍ରକୀର୍ତ୍ତିତାଃ ।
ପ୍ରାବେଶିକୀନାଂ ଜାତୀସ୍ତୁ ଉଦ୍ଧାତାନାଂ ନିବୋଧତ ॥ ୪୧ ॥
ପଂକ୍ତିଷ୍ଟ ତ୍ରିଷ୍ଟୁବ୍ ଜଗତୀ ତଥାତିଜଗତୀ ପୁନଃ ।
ଶକ୍କରୀ ଚେତି ବିଜ୍ଞେୟା ଉଦ୍ଧତାନାଂ ତୁ ଜାତୟଃ ॥ ୪୨ ॥

ଯେଉଁ ପଦଗୁଡ଼ିକ ଅନିବଦ୍ଧ ଏବଂ ତାଳଯୁକ୍ତ ନୁହେଁ ସେଗୁଡ଼ିକ ବାଦ୍ୟସଂଗୀତ ସହିତ ଯୁକ୍ତ ହୁଏ । ତାହା ବାଦ୍ୟ ଅଳଂକରଣରେ ଆକାଂକ୍ଷିତ ॥ ୩୬ ॥

କିନ୍ତୁ ଯେଉଁ ପଦଗୁଡ଼ିକ ଛନ୍ଦର ଅକ୍ଷର ଅନୁସାରେ ନିବଦ୍ଧ ସେମାନଙ୍କର ନାମ ଧ୍ରୁବା । ଏହା ପରେ ସେମାନଙ୍କ ଲକ୍ଷଣ ବିଷୟରେ କହିବି ॥ ୩୭ ॥

ସ୍ଥିତାପକୃଷ୍ଟ ଧ୍ରୁବାରେ ତ୍ର୍ୟସ୍ର ଜାତୀୟ ତିନି ଛନ୍ଦ : ଅତ୍ୟୁକ୍ତା, ମଧ୍ୟା, ପ୍ରତିଷ୍ଠା ଓ ଗାୟତ୍ରୀ ॥ ୩୮ ॥

ପ୍ରାସାଦିକୀ ଧ୍ରୁବା ପ୍ରଯୋଜ୍ୟ ଯୁଗ୍ମଶ୍ରେଣୀର ଛନ୍ଦ : ଉଷ୍ଣିକ୍, ଅନୁଷ୍ଟୁପ୍, ବୃହତୀ ଓ ପଙ୍କ୍ତି ॥ ୩୯ ॥

ଧ୍ରୁବାରେ ପ୍ରଯୁକ୍ତ ଛନ୍ଦର ଜାତିଗୁଡ଼ିକ ହେଲା : ଅନୁଷ୍ଟୁପ୍, ବୃହତୀ, ଜଗତୀ, ଦ୍ରୁତା, ଚପଳା, ଉଦ୍‌ଗତା ଓ ଧୃତି ॥ ୪୦ ॥

ଉଦ୍ଧତ ଚରିତ୍ର କ୍ଷେତ୍ରରେ ପ୍ରାବେଶିକୀ ଧ୍ରୁବା ସମ୍ବନ୍ଧରେ ଛନ୍ଦମାନଙ୍କ ଶ୍ରେଣୀ ବିଷୟ ଶୁଣନ୍ତୁ ॥ ୪୧ ॥ ପଂକ୍ତି, ତ୍ରିଷ୍ଟୁପ୍, ଜଗତୀ, ଅତିଜଗତୀ ଏବଂ ଶକ୍କରୀ ଏହିସବୁ ଉଦ୍ଧତ ମାନର ଅଟନ୍ତି ॥ ୪୨ ॥

Digitized by srujanika@gmail.com

ସର୍ବାସାମେବ ଜାତୀନାଂ ତ୍ରିବିଧଂ ବୃତ୍ତ ମିଷ୍ୟତେ ।
ଗୁରୁ ପ୍ରାୟଂ ଲଘୁ ପ୍ରାୟଂ ଗୁରୁ ଲଘ୍ୱକ୍ଷରଂ ତଥା ।। ୪୩ ।।
ଗୁରୁ ପ୍ରାୟା ପକୃଷ୍ଟା ସ୍ୟାଦ୍ ଲଘୁପ୍ରାୟା ଦ୍ରୁତା ତଥା ।
ଗୁରୁଲଘ୍ୱକ୍ଷର ପ୍ରାୟାଃ ଶେଷାଃ କାର୍ଯ୍ୟା ଧ୍ରୁବାସ୍ତଥା ।। ୪୪ ।।
ବୃତ୍ତାନ୍ୟୋଜଃ କୃତାନି ସ୍ୟୁ ର୍ମୁଖେ ଯାନି ଭବନ୍ତି ହି ।
ତାନି ଦ୍ରୁତାସୁ ଯୋଜ୍ୟାନି ଲଘୁଯୁଗ୍ମକୃତାନି ତୁ ।। ୪୫ ।।
ଯାନି ଚାଲ୍ପାକ୍ଷରାଣି ସ୍ୟୁଃ ଅଳ୍ପଛନ୍ଦଃ କୃତାନି ତୁ ।
ତାନି ଦ୍ରୁତାପକୃଷ୍ଟାସୁ କାର୍ଯ୍ୟାଣ୍ୟାପେକ୍ଷିକୀଷୁ ଚ ।। ୪୬ ।।
ଗୁର୍ବାଦିଷ୍ୱୁ ସ୍ଥିତାକାର୍ଯ୍ୟା ଲଘ୍ୱାଦିଷ୍ୱୁ ଦ୍ରୁତା ଭବେତ୍ ।
ଯାନ୍ୟୋଜୋଯୁଗ୍ମ ଛନ୍ଦାଂସି ଜ୍ଞେୟାସାକ୍ଷେପିକୀ ତୁସା ।। ୪୭ ।।
ଲଘୁଯୁଗ୍ମକୃତା, ଯାସ୍ୟାଦ୍ ସ୍ଥିତା ସାକ୍ଷେପିକୀ ଭବେ୍ଦ୍ ।
ବିଷମାଳ୍ପାକ୍ଷରା ବାପି ଯେ ଚାପ୍ୟର୍ଥ ବଶାନୁଗାଃ ।। ୪୮ ।।

ଏହି ସମସ୍ତ ଶ୍ରେଣୀ ପାଇଁ ତିନିପ୍ରକାର ଅକ୍ଷରବୃତ୍ତ ବ୍ୟବସ୍ଥା ଅଛି । ସେଗୁଡ଼ିକ ହୁଏତ ଅଧିକାଂଶ ଦୀର୍ଘ ବା ହ୍ରସ୍ୱ ଅକ୍ଷର କିମ୍ବା ସମାନସଂଖ୍ୟକ ଦୀର୍ଘ ଓ ହ୍ରସ୍ୱ ସ୍ୱରଯୁକ୍ତ ହୋଇପାରନ୍ତି ।। ୪୩ ।।

ଅଧିକାଂଶ ଦୀର୍ଘ ଅକ୍ଷର ଛନ୍ଦରେ ଅପକୃଷ୍ଟା ଧ୍ରୁବା ହେବ । ଅଧିକ ହ୍ରସ୍ୱ ଅକ୍ଷର ଛନ୍ଦରେ ଦ୍ରୁତଧ୍ରୁବା କରାଯିବ । ଅବଶିଷ୍ଟ ଧ୍ରୁବାଗୁଡ଼ିକ (ପ୍ରାୟ ସମସଂଖ୍ୟକ) ହ୍ରସ୍ୱ ଓ ଦୀର୍ଘ ଅକ୍ଷରରେ କରାଯିବ ।। ୪୪ ।। ମୁଖରେ ଅଯୁଗ୍ମ ସଂଖ୍ୟକ ଅକ୍ଷରଛନ୍ଦ ପ୍ରୟୋଗ କରାଯିବ । ଏଗୁଡ଼ିକ ଯୁଗ୍ମ ସଂଖ୍ୟକ ଅକ୍ଷର ଦ୍ୱାରା ଗଠିତ ହେଲେ ଦ୍ରୁତା ଧ୍ରୁବାରେ ପ୍ରୟୋଗ କରାଯିବେ ।। ୪୫ ।।

ଯେଉଁ ଛନ୍ଦରେ ଅଳ୍ପ ସଂଖ୍ୟକ ଅକ୍ଷର ରହେ, ଏବଂ ଯେଉଁମାନଙ୍କୁ କ୍ଷୁଦ୍ରଛନ୍ଦ ବୋଲି ବିଚାର କରାଯାଏ, ସେସବୁ ଦ୍ରୁତା, ଅପକୃଷ୍ଟା ଓ ଆପେକ୍ଷିକ ଧ୍ରୁବାରେ ପ୍ରୟୋଗ କରାଯିବ ।। ୪୬ ।।

ଦୀର୍ଘ ଅକ୍ଷରଦ୍ୱାରା ଆରମ୍ଭ ହୋଇଥିବା ଛନ୍ଦ ସ୍ଥିତା (ନାମକ ଧ୍ରୁବାରେ) ପ୍ରୟୋଗ ହେବ । ହ୍ରସ୍ୱ ଅକ୍ଷର ଦ୍ୱାରା ଆରମ୍ଭ କରାଯାଇଥିବା ଛନ୍ଦଗୁଡ଼ିକୁ ଦ୍ରୁତା ଧ୍ରୁବାରେ ପ୍ରୟୋଗ କରିବ । (ଏକାନ୍ତର ପାଦରେ) ଅଯୁଗ୍ମ ସଂଖ୍ୟ ଅକ୍ଷରଯୁକ୍ତ ଛନ୍ଦ ଦ୍ୱାରା ଆପେକ୍ଷିକୀ ଧ୍ରୁବା କରଣୀୟ ।। ୪୭ ।।

ହ୍ରସ୍ୱ, ଯୁଗ୍ମ ଅଥବା ଅଯୁଗ୍ମ ସଂଖ୍ୟକ ଅକ୍ଷରର ଛନ୍ଦ ଆପେକ୍ଷିକୀ ଧ୍ରୁବାରେ ପ୍ରୟୋଗ କରିବ ।। ୪୮ ।।

Digitized by srujanika@gmail.com

ବର୍ଣ୍ଣପ୍ରକର୍ଷେ ତେଷାଂ ତୁ ଶମ୍ୟାତାଳେନ ଯୋଜୟେତ୍ ।
ଜାତୀନା ମଥ ସର୍ବାସାଂ ଛନ୍ଦୋବୃତ୍ତି ନିଦର୍ଶନମ୍ ॥ ୪୯ ॥
ସ୍ଥାନ ପ୍ରମାଣ ସଂଜ୍ଞାଭି ର୍ଗଦତୋ ମେ ନିବୋଧତ ।
ଗୁରୁ ଗାଥାଂଶକୋ ଯସ୍ୟାଃ ସର୍ବପାଦେଷୁ ଦୃଶ୍ୟତେ ॥ ୫୦ ॥
ହ୍ରୀରିତି ଖ୍ୟାତନାମା ସୌ ପ୍ରଥମା କୀର୍ତ୍ତିତା ଧ୍ରୁବା,
ଯଥା ଯୋ ଗଙ୍ଗାଧୃତ୍ ॥ ୫୧ ॥

ବିବିଧ ଧ୍ରୁବାସୁ ପ୍ରଯୁକ୍ତ ଛନ୍ଦାଂସି -

ତତ୍ର ଅତ୍ୟୁକ୍ତା ସର୍ବୈର୍ଦୀର୍ଘଃ ।
ଯଥା:-ଈଶଂ ଦେବଂ ସର୍ବଂ ବନ୍ଦେ ॥ ୫୨ ॥
ଯଦ୍‌ପଦଂ ମଧ୍ୟତଃ ସ୍ୟାଲ୍ଲଘୁଃ ସ ତଟୀ ।
ଯଥା:- ଶଙ୍କରଃ ଶୂଳ ଭୃତ୍ ପାତୁ ମାଂ ଲୋକକୃତ୍ ॥ ୫୩ ॥
ଲଘୁନୀ ଗୁରୁ ଚେଦ୍ ରଜନୀ ଖଳୁସା
ଯଥା :- ଅଧିକଂ ବିରହେ, ମଦନୋ ଦହତି ।
ମଧ୍ୟେତ୍ୟୁକ୍ତେ ଚ ଜ୍ଞେୟା ସା ଏତାବୈ ବୃତ୍ତଜାତୟଃ ।
ପ୍ରତିଷ୍ଠା ସୁପ୍ରତିଷ୍ଠାନାଂ ଭୂୟୋ ବକ୍ଷ୍ୟାମି ଲକ୍ଷଣମ୍ ॥ ୫୪ ॥

ସେମାନଙ୍କର ବର୍ଣ୍ଣବୃଦ୍ଧି କରିବାକୁ ହେଲେ ସେମାନଙ୍କ ତାଳରେ ଶମ୍ୟାତାଳକୁ ନିଶ୍ଚୟ ଅନ୍ତର୍ଭୁକ୍ତ କରିବ । ଏବେ ସବୁ ପ୍ରକାର ଛନ୍ଦ, ସେମାନଙ୍କ ଉଦାହରଣ ସହିତ ନାମ, ପରିମାଣ ଓ ପ୍ରୟୋଗ ଅନୁସାରେ ବର୍ଣ୍ଣନା କରୁଅଛି । ସେମାନଙ୍କ ବିଷୟରେ ଶୁଣ ॥ ୪୯ ॥

ଯାହାର ସବୁ ପାଦରେ ଗାଥା ଅଂଶ ଗୁରୁ ଦେଖାଯାଏ ଏହା ପ୍ରଥମା ଧ୍ରୁବା ବୋଲି ବିଖ୍ୟାତ । ଏକ ଅକ୍ଷରର ଏହାର ନାମ ହ୍ରୀ (ଶ୍ରୀ) ॥ ୫୦ ॥ ଯଥା - ଯୋ ଗଙ୍ଗାଧୃକ୍ ॥ ୫୧ ॥ ବିବିଧ ଧ୍ରୁବାରେ ପ୍ରଯୁକ୍ତ ହେଉଥିବା ଛନ୍ଦ ଗୁଡ଼ିକ -

ଅତ୍ୟୁକ୍ତା - ସମସ୍ତବର୍ଣ୍ଣ ଦୀର୍ଘ ହେବ । ପ୍ରତି ପାଦରେ ଦୁଇ ଅକ୍ଷର ଯଥା-ଈଶଂ ଦେବଂ ସର୍ବଂ ବନ୍ଦେ ॥ ୫୨ ॥

ପାଦର ମଧ୍ୟମରେ ଲଘୁ ଅବଶିଷ୍ଟ ଦୁଇ ଅକ୍ଷର ଗୁରୁ । ତିନି ଅକ୍ଷର ପାଦର ଏହି ଛନ୍ଦର ନାମ ତଟୀ । ପାଦର ପ୍ରଥମ ଅକ୍ଷର ଲଘୁ ଅବଶିଷ୍ଟ ଦୁଇ ଅକ୍ଷର ଗୁରୁ, ତିନି ଅକ୍ଷର ବିଶିଷ୍ଟ ପାଦର ଏହି ଛନ୍ଦ ଧୃତି ॥ ୫୩ ॥ ପ୍ରଥମ ଓ ଦ୍ୱିତୀୟ ଅକ୍ଷର ଲଘୁ ତୃତୀୟ ଅକ୍ଷରଗୁରୁ ହେଲେ ଛନ୍ଦର ନାମ ରଜନୀ ॥ ରଜନୀ ମଧ୍ୟା ଅଟେ । ଏହି ଧ୍ରୁବାଗୁଡ଼ିକସବୁ ବୃତ୍ତ ଶ୍ରେଣୀର । ଏବେ ପ୍ରତିଷ୍ଠା ଓ ସୁପ୍ରତିଷ୍ଠା ଶ୍ରେଣୀର ଧ୍ରୁବାର ଲକ୍ଷଣ କହିବି ॥ ୫୪ ॥

Digitized by srujanika@gmail.com

ଦ୍ୱିତୀୟଂ ଲଘୁ ସର୍ବତ୍ର ଚତୁର୍ଣ୍ଣାଂ ଯତ୍ରଦୃଶ୍ୟତେ ।
ସା ପ୍ରତିଷ୍ଠା ବୁଧୈର୍ଜ୍ଞେୟା ସୁପ୍ରତିଷ୍ଠା ଦ୍ୱୟେନ ଚ ।। ୫୫ ।।
ଯଥା :- ସୋସଅନ୍ତା ଅଙ୍ଗ ଅସ୍ମି, ବାଇ ବାଓ ପୁପ୍ଫୁବାହୀ ।। ୫୬ ।।
ସୁପ୍ରତିଷ୍ଠା ଯଥା -
ଏଦିଟ୍‌ଠା ଉପକୁସୁଇ (---) ଆହିଣ୍ଡଇ ହଂସବଇ ।। ୫୭ ।।
ଲଘୁନୀ ପ୍ରାଗ୍ ଗୁରୁଣୀଦ୍ୱେ ଯଦିପାଦେ ଭ୍ରମରୀ ସା ।। ୫୮ ।।
ଯଥା - ବଣସଂଢ଼େ ବିଅସନ୍ତେ । ବଣହଞ୍ଜୀ ପରିଖିଣ୍ଣୋ ।। ୫୯ ।।
ଲଘୁ ଗୁରୁ ଯଦାପଦେ ଭବେଦ୍ ଯା ଜୟା ହି ସା ।। ୬୦ ।।
ଯଥା- ହିମାହଏ ବଣନ୍ତଏ । ଅସ୍‌ସୁଂଗଓ ପବଣ୍ଣଓ ।। ୬୧ ।।
ଚତୁର୍ଣ୍ଣାଂ ଯତ୍ରପାଦାନାଂ ତୃତୀୟଂ ଚ ଲଘୁଭବେତ୍ ।
ବିଜ୍ଞେୟା ସୁପ୍ରୟୋଗଜ୍ଞୈ ର୍ବିଜୟା ନାମ ନାମତଃ ।। ୬୨ ।।
ଯଥା - ମୋରୁଲ୍ଲଓ ଶନ୍ତେ ଓ ମେହାଗମେ ସଂଭନ୍ତଓ ।। ୬୩ ।। (କ)
ଦେୟାଃ ସର୍ବେଦୀର୍ଘାଃ ପାଦେଯସ୍ୟାଃ
ନାମ୍ନାବିଦ୍ୟୁଦ୍‌ଭ୍ରାନ୍ତା ସା ବୃତ୍ତେ ସ୍ୟାତ୍ ।। ୬୪ ।।
ଯଥା: ମେହା ଗଜନ୍ତା ତୋୟଂ ମୁଞ୍ଚନ୍ତା ।
ଲୋୟଂଛାଦନ୍ତା ମେହା ସଂପତ୍ତା ।। ୬୫ ।। (ଖ)
ଆଦିପରେ ଦ୍ୱେ ଯତ୍ରହି ନିତ୍ୟଂ ।
ହ୍ରସ୍ୱବିଧୌସା ଭୂତଳତନ୍ୱୀ ।। ୬୬ ।।

ଚାରି ଅକ୍ଷର ପାଦରେ ଦ୍ୱିତୀୟ ଅକ୍ଷର ଲଘୁ ହେଲେ ପ୍ରତିଷ୍ଠା ବୋଲି ଜାଣିବ । ତୃତୀୟ ଓ ଚତୁର୍ଥ ଅକ୍ଷର ଲଘୁ ହେଲେ ସୁପ୍ରତିଷ୍ଠା ହୋଇଥାଏ ।। ୫୫ ।। ଉଦାହରଣରେ ପ୍ରଥମରେ ଦୁଇ ଲଘୁ ତାପରେ ଦୁଇ ଗୁରୁ ହେଲେ ଭ୍ରମରୀ ହୁଏ ।। ୫୮, ୫୯ ।। ଗୋଟିଏ ଲଘୁ ଗୋଟିଏ ଗୁରୁ ପୁଣି ଏହିପରି ହେଲେ ଜୟା ହୁଏ ।। ୬୦, ୬୧ ।। କେବଳ ତୃତୀୟ ଅକ୍ଷର ସବୁ ପାଦରେ ଲଘୁ ହେଲେ ବିଜୟା ବୋଲି ଜାଣିବ ।। ୬୨,୬୩ ।।

ପଞ୍ଚାକ୍ଷର ପାଦରେ ସବୁବର୍ଣ୍ଣ ଦୀର୍ଘ ହେଲେ ବିଦ୍ୟୁଦ୍ ଭ୍ରାନ୍ତା ହୋଇଥାଏ ।। ୬୪, ୬୫ ।। ଭୂତଳତନ୍ୱୀ ଛନ୍ଦରେ ପଞ୍ଚାକ୍ଷର ପାଦରେ ଦ୍ୱିତୀୟ ଓ ତୃତୀୟ ଅକ୍ଷର ଲଘୁ ହୁଏ ।। ୬୬, ୬୭ ।।

Digitized by srujanika@gmail.com

ଯଥା: ମେହ ଣିରୁଦ୍ଧଂ ମେକ୍ଖିଅ ବୋମ୍ମଂ ।
ପଛିଅଦାରା ଅଂସୁକିଳିନ୍ନା ॥ ୬୭ ॥ (ଗ)
ଯଦି ଚ ଗୁରୁଃ ପଦନିଧନେ ଭବତି ହିସା କମଳମୁଖୀ ॥ ୬୮ ॥
ଯଥା: ପବଣହଓ ସଳିଳଧରୋ ।
ଭମଇଣହେ ଅହିଅ ସମୋ ॥ ୬୯ ॥ (ଘ)
ଆଦ୍ୟମଧ୍ୟଗୌ ସାନ୍ତଗୌତଥା ।
ଯତ୍ରବୈ ଗୁରୁଃ ସାତୁବା ଗୁରୁଃ ॥ ୭୦ ॥
ଯଥା: ମେହନିଅଘୋ ଣଟ୍‌ଠଜ୍ୟୋହ୍ନଓ ।
ଣିଚଣିପହୋ ଏସ ଚନ୍ଦଓ ॥ ୭୧ ॥ (ଙ)
ଦ୍ୱିତୀୟଂ ନୈଧନଂ ଚୈବ ଚତୁର୍ଥଂ ଚ ଗୁରୁର୍ଯଦା ।
ସୁପ୍ରତିଷ୍ଠା କୃତେପାଦେ ସା ଶିଖା କଥିତା ତଥା ॥ ୭୨ ॥
ଯଥା: ବଳାହଏ ହିଂ ସଂଗଜ୍ଜିଏହିଂ ।
ତାହଂ ସମନ୍ତା ବରୁଜ୍‌ଝଇ ବ୍ବ ॥ ୭୩ ॥ (ଚ)
ଲଘୁନୀ ଆଦୌ ଚରଣେ ଯସ୍ୟାଃ ।
ଗଦିତା ନାମ୍ନା ଘନ ପଂକ୍ତିଃ ସା ॥ ୭୪ ॥
ଯଥା: ତଡ଼ିସନ୍ନଦ୍ଧଂ ଘଣସଂରୁଦ୍ଧଂ ।
ଜଳଧାରେ ହିଂ ରୁଦଦୀବବ୍ଭଂ ॥ ୭୫ ॥ (ଛ)

(କ) ମୟୂରା ନୃତ୍ୟନ୍ତୋ ମେଘାଗମେ ସମନ୍ତତଃ ।
(ଖ) ମେଘା ଗର୍ଜନ୍ତୋ ଲୋକଂ ଛାଦୟନ୍ତସ୍ତୋୟଂ ମୁଞ୍ଚତଃ ସଂପ୍ରାପ୍ତା ମେଘାଃ ।
(ଗ) ମେଘନିରୁଦ୍ଧଂ ପ୍ରେକ୍ଷ୍ୟ ବ୍ୟୋମ ପଥିକଦାରା ଅଶ୍ରୁକ୍ଲିନ୍ନା ।
(ଘ) ପବନହତଃ ସଲିଳଧରୋ ଭ୍ରମତି ନଭସ୍ୟୁପକ୍ରମଶଃ ।
(ଙ) ମେଘ ନିରୁଦ୍ଧୋ ନଷ୍ଟ ଜ୍ୟୋତ୍ସ୍ନୋ ନିତ୍ୟନିଷ୍ପ୍ରଭ ଏଷ ଚନ୍ଦ୍ରଃ ।
(ଚ) ବଳାହକୈଃ ସଂଗର୍ଜିତୈଃ ନଭଃ ସମନ୍ତାଦ୍ ପୂର୍ଣ୍ଣମେବ ।
(ଛ) ତଡ଼ିଦ୍ ସଂନଦ୍ଧଂ ଜଳଧାରାଭୀ ରୁଦତୀବାଭ୍ରମ୍ ।

ପଞ୍ଚାକ୍ଷର ପାଦରେ ଖାଦ୍ୟ ତୃତୀୟ ଓ ଅନ୍ତାଅକ୍ଷର ଗୁରୁହେଲେ ଛନ୍ଦନାମ ଗୁରୁ ହୁଏ ॥ ୭୦,୭୧ ॥
ପଞ୍ଚାକ୍ଷର ପାଦ ଛନ୍ଦରେ ଦ୍ୱିତୀୟ ଚତୁର୍ଥ ଓ ଅନ୍ତ୍ୟଅକ୍ଷର ଗୁରୁ ହେଲେ ଶିଖା ନାମ ହୁଏ ॥ ୭୨,୭୩ ॥
ଘନପଂକ୍ତି: ପଞ୍ଚାକ୍ଷର ପାଦରେ ପ୍ରଥମ ଦୁଇ ଅକ୍ଷର ଲଘୁ ଓ ଅବଶିଷ୍ଟ ଗୁରୁ ହେଲେ ଘନପଂକ୍ତି ହୁଏ ॥ ୭୫ ॥

Digitized by srujanika@gmail.com

ଏତାସ୍ତୁ ଜାତୟୋ ଜ୍ଞେୟା ସୁପ୍ରତିଷ୍ଠା ଧ୍ରୁବାସ୍ୱଥ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଗାୟତ୍ରୀ ପରିକଳ୍ପନମ୍ ।। ୭୬ ।।
ଆଦ୍ୟେ ପୁନରନ୍ତ୍ୟେ ପାଦେ ଗୁରୁଣୀ ଚେତ୍ ।
ବୃତ୍ତଂ ତନୁମଧ୍ୟଂ ଗାୟତ୍ରସମୁଦ୍‌ଥମ୍ ।। ୭୭ ।।
ଯଥା : ବଙ୍ଗାହ ଅତୁଣ୍ଡୋ ଜାହଞ୍ଜର ସୁଣ୍ଡୋ ।
ଏସୋ ଜରିରାଓ ଭୂମିଂ ବିଦସଦିବ୍ବ ।। ୭୮ ।। (କ)
ଆଦ୍ୟଂ ଚତୁର୍ଥ ମନ୍ତ୍ୟଂଚ ଗୁରୂଣ୍ୟେତାନି ଯତ୍ର ତୁ ।
ଗାୟତ୍ରୀ ପ୍ରଥମେ ପାଦେ ଜ୍ଞେୟା ସା ମାଳିନୀ ଯଥା ।। ୭୯ ।।
ଯଥା - ବାଅବିକୀରିଏ ବର୍ଦ୍ଧବିଣିବା ଦିଏ ।
ଏଦ୍‌ଥ ମହାଣଗେ କନ୍ଦାଦି ହତ୍‌ଥିଣୀ - ୮୦
(ଢ଼ୀସଦି ତୁନ୍ନଓ ପୂବ୍ବ ବିସା ମୁହେ । ଦୁତୁସମାର୍ଗଓ କୋମୁଦୀଚନ୍ଦଓ ।।) (ଖ)
ଗୁରୁଯୁଗ୍ମମନ୍ତେ ପଦି ପଦି ଯସ୍ୟାଃ
ଇହକଥିତା ସା ମକରଶୀର୍ଷା ।। ୮୧ ।।
ଯଥା:- ଇହସିମିରକ୍ଷି ମଦଜଣଣକ୍ଷି ।
ପମଦବତାସ୍ପି ବିଚରଦି ବାବୋ ।। ୮୨ ।। (ଗ)
ଲଘୂନି ଚତୁର୍ଥେ ଚରଣେ ତୁ ଯସ୍ୟାଃ,
ଭବତୀହ ସାବୈ ବିମଳାତୁ ନାମ୍ନା ।। ୮୩ ।।
ଯଥା:- କମଳାଅରେସୁଂ ଭମରାଳଏସୁଂ ।
ମଦମୁବ୍ବହନ୍ତୋ ପର୍ବସେଲ ହୃତ୍‌ଥୀ ।। ୮୪ ।। (ଘ)

ସୁ ପ୍ରତିଷ୍ଠା ଧ୍ରୁବାରେ ଏହି ଜାତିମାନଙ୍କୁ ଜାଣିବ । ଏହାପରେ ଗାୟତ୍ରୀ ବିଷୟ କହିବି ।।୭୬।।
ଗାୟତ୍ରଧ୍ରୁବାର ତନୁ ମଧ୍ୟାରେ ଛ'ଟି ଅକ୍ଷର ରହେ । ଏଥିରେ ପ୍ରଥମ ଦୁଇ ଓ ଶେଷ ଦୁଇ ଗୁରୁ ହୁଏ । ମଝି ତିନି ଚାରି ଲଘୁ ରହେ ।।୭୭, ୭୮।।
ମାଳିନୀ - ଷଡ଼କ୍ଷର ଛପାଦ ବିଶିଷ୍ଟ ଏହି ଛନ୍ଦରେ ପ୍ରଥମ, ଚତୁର୍ଥ ଓ ଶେଷ ଅକ୍ଷର ଗୁରୁ ହୁଏ ।।୭୯, ୮୦।।
ମକର ଶୀର୍ଷା- ଷଡ଼କ୍ଷର ପାଦରେ ଅନ୍ତ୍ୟ ଅକ୍ଷର ଦୁଇଟି ଗୁରୁ ହୁଏ ।।୮୧, ୮୨।।
ବିମଳା - ଷଡ଼କ୍ଷର ପାଦରେ ଚତୁର୍ଥ ଅକ୍ଷର ଗୁରୁ ହୁଏ ।।୮୩, ୮୪।।

Digitized by srujanika@gmail.com

ଯତ୍ର ସ୍ୟୁଷ୍ଟରଣେ ତ୍ରୀଣ୍ୟାଦୌ ନିଧନେ ।
ଦୀର୍ଘାଣ୍ୟେବ ତୁ ସା ବୀଥିର୍ନାମଯଥା ॥ ୮୫ ॥
ଯଥା: ଗଜ୍ଜନ୍ତେ ଜଳଦା ଶଚ୍ଚନ୍ତେ ସିହିଣୋ,
ଗାୟନ୍ତେ ଭମରା ରମ୍ମେ ପାଉସ ଏ ॥ ୮୬ ॥(ଙ)
ତ୍ରିଲଘୁରାଦିତୋ ଯଦିଚ ପଞ୍ଚମମ୍
ଭବତି ପାଦତଃ ପ୍ରକଥିତା ଗିରା ॥ ୮୭ ॥
ଯଥା: ଜଳଦ ଣାଦୟଂ ସୁଣିଅ କୁଂଜରୋ,
ଣଦଦି କାଣଣେ ପଡ଼ିଗଯାଉଳୋ ॥ ୮୮ ॥ (କ)
ଆଦ୍ୟେ ଚତୁର୍ଥକ ମନ୍ତେ ତଥା ଗୁରୁଃ ।
ଯସ୍ୟା ହି ପାଦତୋ ଜ୍ଞେୟା ହି ସା ଜଳା ॥ ୮୯ ॥
ଯଥା: ଏସା ହିମାଭବଂ ବିକ୍ଖିଉପଉଅଂ ।
ଦଟ୍ଠୁଣ ପାଦବଂ ହଂସୀ ପରୁଣ୍ଣିଆ ॥ ୯୦ ॥ ।(ଖ)
ହ୍ରସ୍ୱଶ୍ଚେଚତୁର୍ଥୌ ଦୀର୍ଗାଣ୍ୟେତବ ବର୍ଣ୍ଣାଃ ।
ସର୍ବେଯତ୍ରପାଦେ ରମ୍ୟା ସାତୁ ନାମ୍ନା ॥ ୯୧ ॥
ଯଥା: ଏବେ ଗଜ୍ଜମାଣା ଭୂଅଂଛାଦଅନ୍ତା ।
ଭୀମା କାଲମେହା ଉଦ୍ଧେଅଂଜଣେନ୍ତି ॥ ୯୨ ॥(ଗ)

ପ୍ରଥମ ତିନି ଅକ୍ଷର ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହେଲେ ଷଡ଼କ୍ଷର ପାଦ ଏହାର ନାମ ବୀଥି ॥ ୮୫, ୮୬॥

(କ) ବଜ୍ରାହତକୂଟୋ ଧାତୁଝରସ୍ରୋତା ଏବଂ ଗିରିରାଜୋ ଭୂମିଂ ପତତୀବ ।
(ଖ) ଦୃଶ୍ୟତେ ପୂର୍ଣ୍ଣଃ ପୂର୍ବଦିଶାମୁଖେ ଜ୍ୟୋସ୍ନାସମାଗତଃ ପୂର୍ଣ୍ଣିମା ଚନ୍ଦ୍ରଃ ।
(ଗ) ଇହ ଶିଶିରେ ମଦଜନନେ ପ୍ରମଦବନେ ବିଳସତି ବାତଃ ।
(ଘ) କମଳାକରେଷୁ ଭ୍ରମରୋନ୍ନଦଦ୍ସୁ ସମଂ ଶୁଦ୍ଧବୃତ୍ତି ବିହଗା ନମନ୍ତି ।
(ଙ) ଗର୍ଜନ୍ତି ଜଳନା ନୃତ୍ୟନ୍ତି ଶିଖିନୋ ଗାୟନ୍ତି ଭ୍ରମରା ରମ୍ୟେ ପ୍ରାବୃଷି ।

ଯେଉଁ ଛନ୍ଦପାତରେ ପ୍ରଥମ ତିନି ଅକ୍ଷର ଓ ପଞ୍ଚମ ଅକ୍ଷର ଲଘୁ ହୁଏ ତାହାକୁ ଗିରା କୁହାଯାଏ ॥ ୮୭-୮୮ ॥ ଯେଉଁ ଷଡ଼କ୍ଷର ପାଦ ଛନ୍ଦରେ ପ୍ରଥମ ଚାରି ଓ ଅନ୍ତ୍ୟ ଅକ୍ଷର ଗୁରୁ ତାହାକୁ ଜଳା କୁହନ୍ତି ॥ ୮୯, ୯୦ ॥ ଷଡ଼କ୍ଷର ପାଦ ବିଶିଷ୍ଟ ଯେଉଁ ଛନ୍ଦରେ ଚତୁର୍ଥ ଅକ୍ଷର ଲଘୁ ଓ ଅବଶିଷ୍ଟ ଗୁରୁ ତାହାର ନାମ ରମ୍ୟା ॥ ୯୧, ୯୨ ॥

Digitized by srujanika@gmail.com

ଆଦ୍ୟ ଚତୁର୍ଥେ ଚ ଅନ୍ତ୍ୟମୁପାନ୍ତ୍ୟଂଚ ।
ଯତ୍ର ଗୁରୂଣି ସ୍ୟୁଃ ସା ଖଳୁ ବୈକାନ୍ତା ॥ ୯୩ ॥
ଯଥା: ସାହସବ୍ଭାବସ୍ମିଂ କିଂସି ପ୍ରିଏ ରୁଦ୍ଧାମ୍ ।
ମନ୍ଦିର ସମନ୍ଧାଂ ଇଚ୍ଛସି ସବ୍ଭାବାମ୍ ॥ ୯୪ ॥ (ଘ)
ତ୍ରୀଣ୍ୟାଦୌ ତୁ ଯଦି ଅନ୍ତ୍ୟଷ୍ଠାପି ଗୁରୁଃ ।
ନାମ୍ନାବୈ କଥିତା ପଂକ୍ତିଃ ସାତୁ ଯଥା ॥ ୯୫ ॥
ଯଥା: ଏସା ହଂସବଧୁ ଏଦ୍‌ଥା କାଣଟାଏ ।
ଗନ୍ତୁଂ ଉସୁଇ କାନ୍ତଂ ସଂଗହିଆ ॥ ୯୬ ॥ (ଙ)
ଲଘୁନୀ ଚ ଗୁରୁ ଚ ଦ୍ୱିଗୁଣଂ ଯଦି ।
ଚରଣେ ଚରଣେ କଥିତା ନନ୍ଦିନୀ ॥ ୯୭ ॥
ଯଥା : ପବଣା ହିଅଆ ତରୁଣା ତରବୋ ।
କୁସୁମୋ ସମଏ ବିହସନ୍ତି ବି ଅ ॥ ୯୮ ॥ (ଚ)
ଯଦ୍‌ଦ୍ୱିତୀୟଂ ହ୍ରସ୍ୱଂ ସର୍ବମନ୍ୟନ୍ ଦରର୍ଘଂ ।
ଯତ୍ର ପାଦେ ପାଦେ ନୀଳତୋୟା ସା ସ୍ୟାତ୍ ॥ ୯୯ ॥
ଯଥା : ମେହବୃନ୍ଦଂ ଏସୋ ବିକ୍ଖିରନ୍ତେ । ବାଦୋ ।
ଦୂସରୋ ଆବାଦି ପାଦବାଣଂ ଲାସୀ ॥ ୧୦୦ (ଛ)

ଯେଉଁ ଷଡ଼କ୍ଷର ପାଦ ଛନ୍ଦରେ ପ୍ରଥମ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଅକ୍ଷର ଗୁରୁ ସେ କାନ୍ତା ॥୯୩,୯୪॥ ପ୍ରଥମ ତିନିଟି ଓ ଷଷ୍ଠ ଅକ୍ଷର ଗୁରୁ ହେଲେ ସେହି ଷଡ଼କ୍ଷର ଛନ୍ଦର ନାମ ପଂକ୍ତି ॥୯୫,୯୬॥ ନନ୍ଦିନୀ ଛନ୍ଦରେ ଦୁଇଟି ଲଘୁ ପରେ ଗୋଟିଏ ଗୁରୁ ଏହିପରି ପ୍ରତିପାଦରେ ଦୁଇ ଥର ହୋଇ ଥାଏ ॥୯୭,୯୮॥ ନୀଳତୋୟା - ଏଥିରେ କେବଳ ଦ୍ୱିତୀୟ ଅକ୍ଷର ହ୍ରସ୍ୱ ଓ ଆଉ ସବୁ ଅକ୍ଷର ଦୀର୍ଘ ହୁଏ । ପାଦରେ ଛଅଟି ଅକ୍ଷର ଥାଏ ॥୯୯,୧୦୦॥

ଏମାନେ ସମସ୍ତେ ଗାୟତ୍ରୀ ଜାତିର ଛନ୍ଦବୋଲି ଜାଣିବ । ଏବେ ଉଷ୍ଣିକ୍ ଜାତୀୟ ଛନ୍ଦ ବିଷୟରେ କହିବି ॥୧୦୧॥

(କ) ଜଳଦନାଦଂ ଶ୍ରୁତ୍ୱା, କୁଞ୍ଜରୋ ନଦତି କାନନେ ପ୍ରତିଗଜାତୁରଃ ।
(ଖ) ଏତେ ଗର୍ଜତୋଽଭ୍ରଂ ଛାଦୟନ୍ତୋ ଭୀମାଃ କାଳମେଘା ଉଦ୍‌ବେଗଂ ଜନୟନ୍ତି ।
(ଘ) ସାଧୟ ସଦ୍‌ଭାବଂ କିମସି ପ୍ରିୟେ କ୍ରୁଧା । ମା ଚିରସମ୍ବନ୍ଧିଂ ପ୍ରେକ୍ଷସେ ସଦ୍‌ଭାବମ୍ ।
(ଙ) ଏଷା ହଂସବଧୂ ରତ୍ର କାନନେ ଗନ୍ତୁ ମୁଦ୍‌ସୁକତେ କାନ୍ତଂ ସମାହିତା ।

Digitized by srujanika@gmail.com

ଗାୟତ୍ର୍ୟା ଜାତୟୋ ହ୍ୟେତା ବିଜ୍ଞେୟାଃ ସମବୃତ୍ତଜାଃ ।
ଅତଉର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଉଷ୍ଣିଗ୍‌ଜାତି ବିକଳ୍ପନମ୍ ।। ୧୦୧
ଗୁରୁ ନିଧନଗତଂ ଯଦି ଭବତି ସଦା ।
ଭବତି ହି ଚପଳା ଦ୍ରୁତଗତିରପି ସା ।। ୧୦୨ ।।
ଯଥା: ସୁରୁଚିର ନଅଣଂ ତବ ବଅଣ ମିଦଂ ।
ରମଣି ରତିକରଂ ମମମଦ ଜଣଣମ୍ ।। ୧୦୩ ।। (କ)
ଗୁରୁ ଚାନ୍ତ୍ୟପଞ୍ଚମଂ ଚରଣେ ତୃତୀୟତଃ ।
ଗର୍ବିତା ତତସ୍ତୁସା ବିମଳେତି ନାମତଃ ।। ୧୦୪ ।।
ଯଥା: ସିୟୋବାଇ ବାୟ ଓ ସ୍ୟୁର୍ବସନ୍ତ କାଳ ଓ
ଏସ କାମୁଓ ବିଅ, ମଦଣଂ ଜଣନ୍ତଓ ।। ୧୦୫ ।।
ଗୁରୁଣା ଲଘୁନା ଚୈବ ସମାନା ଯା ହି ବା ଧ୍ରୁବା ।
ଛନ୍ଦସ୍ୟୁଷ୍ଣିକ୍ କୃତେ ପାଦେ ସାଜ୍ଞେୟା କାମିନୀ ଯଥା ।। ୧୦୬ ।।
ପେକ୍‌ଖ୍ରଣ ଆଗଅଂ ମାଧବଂ ବହିଦ୍‌ଥ ଓ ।
ପାଅବଂ ପଣୋଲ୍ଲିମୋ ବାଇ ଦକ୍ଷୁଣାଣିଳୋ ।। ୧୦୭ ।।
ଆଦ୍ୟେ ପୁନରଥାନ୍ତ୍ୟେ ପାଦେ ଚ ଗୁରୁଣୀ ଦ୍ୱେ ।
ଜ୍ଞେୟା ଭ୍ରମରମାଳା ନାମ୍ନା ପ୍ରକଥିତା ସା ।। ୧୦୮ ।।

(ଚ) ପବନାହତା ତରୁଣା ତରବଃ କୁସୁମାଗମେ ବିକସତୀବ ।
(ଛ) ମେଗବୃନ୍ଦଂ ବାତୋ ବିକିରନ୍ ବାତି ଦୁଃସହ ଆଭାତି ପାଦପାନାଂ ଲାସଃ ।

ଦ୍ରୁତଗତି ଚପଳା : ଯେଉଁ ସପ୍ତାକ୍ଷର ଛନ୍ଦରେ କେବଳ ଶେଷ ଅକ୍ଷର ଗୁରୁ ତାହା ଦ୍ରୁତଗତି ଚପଳା ।।୧୦୨, ୧୦୩।।

ବିମଳା : ଯେଉଁ ସପ୍ତାକ୍ଷର ପାଦ ବିଶିଷ୍ଟ ଚନ୍ଦରେ ତୃତୀୟ ପଞ୍ଚମ ଓ ଅନ୍ତ୍ୟ ଅକ୍ଷର ଗୁରୁ ତାହାର ନାମ ବିମଳା ।।୧୦୪,୧୦୫।।

କାମିନୀ : ଏହି ସପ୍ତାକ୍ଷର ପାଦ ଛନ୍ଦରେ ଗୁରୁ ଲଘୁ କ୍ରମରେ ପରକୁ ପର ଅକ୍ଷର ଗୁଡ଼ିକ ସଜା ହୋଇଥାଏ ।।୧୦୬,୧୦୭।।

ଭ୍ରମରମାଳା : ଏହା ସପ୍ତାକ୍ଷର ପାଦ ଛନ୍ଦ । ପ୍ରଥମ ଦୁଇ ଓ ଶେଷ ଦୁଇ ଅକ୍ଷର ଗୁରୁ ହୁଏ ।।୧୦୮,୧୦୯।।

Digitized by srujanika@gmail.com

ଯଥା: ହଂସାଗମଣଧୀରଂ କାସାଂ ସୁଅ ବିଚିତ୍ତମ୍ ।
ଏବଂ ଶରଦାକାଳେ ରମ୍ମଂ ସୁରଭିତୋୟମ୍ ॥ ୧୦୯ ॥ (ଗ)
ଆଦ୍ୟଚତୁର୍ଥଗତେ ଅନ୍ତ୍ୟତମଂ ଚ ଗୁରୁ ।
ଯତ୍ର ସଦା ଚରଣେ ସା ଖଳୁ ଭୋଗବତୀ ॥ ୧୧୦ ॥
ଯଥା : ଚକ୍କସଣାମବଧୂ କନ୍ତ - ସହାଇଣିଆ ।
ନିମ୍ମଳୟମ୍ମି ଜଳେ ହିଣ୍ଡଜି ସଂଗହିଆ ॥ ୧୧୧ ॥ (ଘ)
ଆଦୌ ଯଦି ଗୁରୁଣୀ ପାଦେ ନିଧନଗତମ୍ ।
ଜ୍ଞେୟା ମଧୁକରିକା ହ୍ୟୁଷ୍ଟିକ୍ ବିନିଗଦିତା ॥ ୧୧୨ ॥
ଯଥା: ଏଷା ପିଅଅଳଦା ରମ୍ମା ଭମରଜୁଦା ।
କାଳେ ମଦ ଜଣଣେ ଦାଦା କୁସୁମ ବଦୀ ॥ ୧୧୩ ॥ (କ)
ଦ୍ୱିତୀୟଂଚ ଚତୁର୍ଥଂଚ ଅନ୍ତ୍ୟୋପାନ୍ତ୍ୟେ ତଥୈବ ଚ ।
ପାଦେ ଯତ୍ର ଗୁରୂଣି ସ୍ୟୁଃ ସୁଭଦ୍ରା ନାମତୋ ହି ସା ॥ ୧୧୪ ॥
ଯଥା: ହିମାହଦେ ବର୍ନାମ୍ମି ପଣଟ୍ଠ ପଙ୍କତୋୟେ ।
କରେଣୁ ଆବିହୀନୋ ଭବେଦି ମତ୍ତହତ୍ଥୀ ॥ ୧୧୫ ॥ (ଖ)
ଯଦି ଚ ଭବନ୍ତ୍ୟନ୍ତ୍ୟେ ପଦି ପଦି ଦୀର୍ଘାଣି ।
ତ୍ରିଗୁରୁ ରିହ ପ୍ରୋକ୍ତା କୁସୁମବତୀ ନାମ୍ନା ॥ ୧୧୬ ॥

ଭୋଗବତୀ : ପାଦସ୍ଥ ସପ୍ତାକ୍ଷର ମଧ୍ୟରେ ପ୍ରଥମ, ଚତୁର୍ଥ ଓ ଅନ୍ତ୍ୟଅକ୍ଷର ଗୁରୁ ହୁଏ ॥୧୧୦,୧୧୧॥

(କ) ସୁରୁଚିତ ନୟନଂ ତବ ବଦନ ମିଦଂ ରମଣି ! ରତିକରଂ ମମ ମଦଜନନମ୍ ।

(ଖ) ପ୍ରିୟବାଦବାଦକଃ ସୁବସନ୍ତକାଳେ ପ୍ରିୟକାମୁକଇବ ମଦନଂ ଜନୟତି ।

(ଗ) ହଂସା ଗମନ ଧୀରଂ କାଶଂ ସୁଖ ବିଚିତ୍ରମ୍ । ଏବଂ ଶରଦିକାଳେ ରମ୍ୟଂ ସରସି ତୋୟମ୍ ।

(ଘ) ଚକ୍ର ସନାମ ବଧୂଃ କାନ୍ତସହାୟଂ ନୀତା, ନିର୍ମଳେଽସ୍ମିନ୍‌ଜଳେ ହିଣ୍ଡତି ସଙ୍ଗତିକା ।

ମଧୁକରିକା : ଏହି ସପ୍ତାକ୍ଷରୀ ପାଦ ଛନ୍ଦରେ ପ୍ରଥମ ଦ୍ୱିତୀୟ ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥୧୧୨॥

ସୁଭଦ୍ରା : ଏହି ସପ୍ତାକ୍ଷରୀ ଛନ୍ଦର ପାଦ ମଧ୍ୟରେ ଦ୍ୱିତୀୟ, ଚତୁର୍ଥ ଓ ଷଷ୍ଠ ଅକ୍ଷର ଗୁରୁ ହୁଏ ।

କୁସୁମବତୀ : ସପ୍ତାକ୍ଷର ବିଶିଷ୍ଟ ଏହି ଛନ୍ଦରେ ଶେଷ ଅକ୍ଷର ତିନିଟି ଦୀର୍ଘ ହୁଏ । ଅବଶିଷ୍ଟ ଲଘୁ ॥୧୧୬,୧୧୭॥

Digitized by srujanika@gmail.com

ଯଥା: ଜଳ ଭାର ସଂଭରନ୍ତୋ ଖିଦିଧର ମୂଳମ୍ମି ।
ପିଅଜୁବଜୀ ସଣ୍ଠୋ ପବିଚର୍ଣ୍ଣଦୋ ଉଦ୍‌ଥୀ ॥ ୧୧୭ ॥ (ଗ)
ଦ୍ୱିତୀୟଂ ଚ ତୃତୀୟଂ ଚ ଅଥାନ୍ତେ ଗୁରୁଣୀଚେତ୍ ।
ସଦା ଯତ୍ର ତୁ ପାଦେ ଭବେତ୍ ସା ମୁଦିତା ବୈ ॥ ୧୧୮ ॥
ଯଥା: ମହାମେହବିଦାଣଂ ବଳୟାବଳି ବନ୍ଧମ୍ ।
ମହାଭୀମଣିଣାଦଂ ବଳ (କଖଂ) ଗୟଣମ୍ମି ॥ ୧୧୯ ॥ (ଘ)
ଚତୁର୍ଥଂ ନିଧନଂ ଚୈବ ଷଷ୍ଠଂ ଚୈବ ଗୁରୂଣ୍ୟଥ ।
ଯତ୍ର ତ୍ୟୁଷ୍ଟିକ୍ କୃତେ ପାଦେ ନାମ୍ନା ସା ହି ପ୍ରକାଶିତା ॥ ୧୨୦ ॥
ଯଥା: କୁସୁମଗନ୍ଧାବାହୀ ସଲିଲ ରେଣୁ ପୁଣ୍ଣୋ ।
ରମଣିଅ ବାଦି ବାଦୋ ମନସିଜଂ ଜନନ୍ତୋ ॥ ୧୨୧ ॥ (ଙ)
ପ୍ରଥମଂ ପଞ୍ଚମଂଚ ଯଦି ପାଦେ ଲଘୁନୀ ।
କଥିତା ସା ତୁ ଦୀପ୍ତା ସତତଂ ଚେତ୍ ତ ଥୋଷ୍ଟିକ୍ ॥ ୧୨୨ ॥
ଯଥା- ପବଣୋ ପୁପ୍ଫ ବାହୀ ମଦଣଂ ଜୀବୟେନ୍ତୋ ॥
ସିସିରେ ବାଦି କାଲେ ମମ ତାସଂଜନେନ୍ତୋ ॥ ୧୨୩ ॥ (କ)
ଦ୍ୱିତୀୟଂ ଚ ଚତୁର୍ଥଂଚ ଅନ୍ତ୍ୟୋପାନ୍ତ୍ୟୌତଥୈବଚ ।
ଯତ୍ର ପାଦେ ତୁ ଦୀର୍ଘାଣି ଉଷ୍ଟିକ୍ ସାତୁ ବିଲମ୍ବିତା ॥ ୧୨୪ ॥

ମୁଦିତା : ଏହି ଛନ୍ଦରେ ସାତଟି ଅକ୍ଷରର ପାଦରେ ଦ୍ୱିତୀୟ, ତୃତୀୟ, ଷଷ୍ଠ ଓ ସପ୍ତମ ଅକ୍ଷର ଗୁରୁ ତଥା ଅବଶିଷ୍ଟ ଲଘୁ ହୋଇଥାଏ ॥୧୧୮,୧୧୯॥
ପ୍ରକାଶିତା - ସପ୍ତାକ୍ଷରଯୁକ୍ତ ପାଦରେ ଚତୁର୍ଥ ଷଷ୍ଠ ଏବଂ ସପ୍ତମ ଅକ୍ଷର ଗୁରୁ ହୁଏ ॥୧୨୦,୧୨୧॥
(କ) ଏଷା ପ୍ରିୟକରଣ ରମ୍ୟା ଭ୍ରମରଜାୟା । କାଲେ ମଦଜନନେ ଜାତା କୁସୁମବତୀ ।
(ଖ) ହିମାହତେ ବନେ ପ୍ରଣଷ୍ଟପଙ୍କତୋୟେ । କରେଣୁ ପ୍ରବିହୀନୋ ଭବତି ମତ୍ତହସ୍ତୀ ।
(ଗ) ଜଳ ଭର ସଂଭୃତ କ୍ଷିତିଧରମୂଳେ । ପ୍ରିୟଯୁବତିସକ୍ତଃ ପ୍ରବିଚରତି ହସ୍ତୀ ।
(ଘ) ମହାମେଘବିତାନଂ ବଳୟାବଳିବନ୍ଧମ୍ । ମହାଭୀମ ନିନାଦଂ ବଳକ୍ଷଂ ଗଣୟାମି ।
(ଙ) କୁସୁମ ଗନ୍ଧବାହୀ ସଲିଳରେଣୁପୂର୍ଣ୍ଣଃ, ରମଣୀୟୋବାତି ବାତଃ ମନସିଜଂ ଜନୟନ୍ ।
ଦୀପ୍ତା - ଯେଉଁ ଛନ୍ଦର ସପ୍ତାକ୍ଷର ପାଦରେ ପ୍ରଥମ ଓ ପଞ୍ଚମ ଲଘୁ ଅବଶିଷ୍ଟ ଗୁରୁ ସେ ଦୀପ୍ତା ॥୧୨୨,୧୨୩॥
ବିଲମ୍ବିତା : ଏହାର ସପ୍ତାକ୍ଷର ପାଦରେ ଦ୍ୱିତୀୟ ଚତୁର୍ଥ ଓ ଷଷ୍ଠ ସପ୍ତମ ଦୀର୍ଘ ହୁଏ ॥୧୨୪,୧୨୫॥

Digitized by srujanika@gmail.com

ଯଥା: ଗଳନ୍ତ ବୀ ଅତୋଆ ବିଇନ୍ନ ପକ୍ଖିସଂଘା ।
ଭବନ୍ତ ଚକ୍କ ବା ଆଣ ଭାବି ଣିମ୍ନଗାଆ ॥ ୧୨୫ ॥ (ଖ)
ଆଦ୍ୟମଥ ପଞ୍ଚମଂ ଦୀର୍ଘମଥ ନୈଧନମ୍ ।
ଯତ୍ର ଯଦି ନାମତଃ ଚଞ୍ଚଳଗତିସ୍ତୁ ସା ॥ ୧୨୬ ॥
ଯଥା: ମେହମଳାମୁକ୍କଓ ଣିମ୍ମଳ ଗହାଉଳୋ ।
ଣିମ୍ମଳକ ଓ ସସୀ ସୋହଦି ଏସ ତାହା ଅଂଗଣେ ॥ ୧୨୭ ॥ (ଗ)
ଏତାସ୍ତୁ ଜାତୟୋଜ୍ଞେୟାଃ ସ୍ଥିତା ପ୍ରାସାଦିକେଷ୍ୱଥ ।
ଅତଃପରଂ ପ୍ରବକ୍ଷ୍ୟାମି ଅନୁଷ୍ଟୁବ୍ ଲକ୍ଷଣଂ ପୃଥକ୍ ॥ ୧୨୮ ॥
ଲଘୁନୀ ଗୁରୁ ଲଘୂନି ଯଦିବା ଗୁରୁ ଚରମେ ।
ଯଥା: ବିକ୍‌ଚାମ୍ବୁଜ ହସିରେ ଭମରା ବଳି ମୁଖରେ ।
ବହୁ ଣିମ୍ମଳ ସଲିଳେ ବିହପୋ ପରିଭମ ଦି ॥ ୧୩୦ ॥ (ଘ)
ଯଦିଖଲୁ ପଞ୍ଚମକଃ ପୁନରପି ଚାନ୍ତ୍ୟଗତଃ ।
ଭବତିଚ ପାଦେଽପି ଗୁରୁଃ ଲଳିତଗତିଃ ଖଲୁ ସା ॥ ୧୩୧ ॥
ଯଥା: କୁସୁମ ସୁଗନ୍ଧିଏ ମଣସିଜ ଜୀବତାଏ ।
ପମଦବଣଂ ଗଣ ଏ ବିଚରଦି ହଂସ ବହୂ ॥ ୧୩୨ ॥ (ଡ)

ଚଞ୍ଚଳଗତି : ଏହାର ସପ୍ତାକ୍ଷର ପାଦରେ ପ୍ରଥମ ପଞ୍ଚମ ଏବଂ ସପ୍ତମ ଅକ୍ଷର ଗୁରୁ ହୁଏ ॥୧୨୬,୧୨୭॥ ପ୍ରସାଦିକୀ ଧ୍ରୁବାରେ ଏହି ଜାତି ଛନ୍ଦଗୁଡ଼ିକ ପ୍ରୟୋଗ ହୁଅନ୍ତି । ଏହାପରେ ସ୍ୱତନ୍ତ୍ର ଭାବେ ଅନୁଷ୍ଟୁପ ଛନ୍ଦର ଲକ୍ଷଣ କହିବି ॥୧୨୮॥
ବିମଳ ଜଳା : ଏହି ଅଷ୍ଟାକ୍ଷର ପାଦରେ ତୃତୀୟ ଓ ଶେଷ ଅକ୍ଷର ଗୁରୁ ହୁଏ । ଏହାର ନାମ ବିମଳଜଳା ॥୧୨୯,୧୩୦॥
ଲଳିତ ଗତି : ଅଷ୍ଟାକ୍ଷରେ ଛନ୍ଦର ପ୍ରତିପାଦରେ ପଞ୍ଚମ ଏବଂ ଅଷ୍ଟମ ଅକ୍ଷର ଗୁରୁ ହୁଏ ॥୧୩୧,୧୩୨॥
(କ) ପବନଃ ପୁଷ୍ପବାହୀ ମଦନଂ ଜୀବୟନ୍ । ଶିଶିରେ ବାତି କାଳେ ମମତୋଷଂ ଜନୟନ୍ ।
(ଖ) ଗଳନ୍ତୋଽପି ଅତୋୟା ବିଦୀର୍ଣ୍ଣ ପକ୍ଷିସଂଘାଃ, ଭବନ୍ତି ଚକ୍ରବାକାଃ ନଭାତି ନିମ୍ନଗା ।
(ଗ) ମେଘମଳମୁକ୍ତକୋ ନିର୍ମଳ ଗ୍ରହାକୁଳଃ । ଶୋଭତେ ନବଭାଽଙ୍ଗଣେ ନିର୍ମଳକରଃ ଶଶୀ ।
(ଘ) ବିକଚାମ୍ବୁଜ ହସିତେ ଭ୍ରମରାବଳି ମୁଖରେ । ବହୁନିର୍ମଳ ସଲିଳେ ବିହଗୋ ପରିଭ୍ରମତି ।
(ଙ) କୁସୁମ ସୁଗନ୍ଧିତେ ମନସିଜ ଦୀପନେ । ପ୍ରମଦବନାଙ୍ଗଣେ ବିଲସତି ହଂସବଧୂଃ ।

Digitized by srujanika@gmail.com

ଷଷ୍ଠଂ ଚୈବାଷ୍ଟମଂ ଚୈବ ଯସ୍ୟାଃ ସ୍ୟାଦକ୍ଷରଂ ଗୁରୁ ।
ନିତ୍ୟମାନୁଷ୍ଟୁଭେପାଦେ ମହୀ ଜ୍ଞେୟା ତୁ ସା ଯଥା ।। ୧୩୩ ।।
ଯଥା: ବହୁ କୁସୁମ ସୋହ୍ନିଏ କମଳବଣ ସଣ୍ଡଏ ।
ସହୟର ସହାରଣୀ ପରିଚରଦି ହଂସିଆ ।। ୧୩୪ ।। (କ)
ଲଘୁଗଣ ଇହ ଷଟ୍କୋ ଯଦିଭବନ୍ତି ମୁଖେ ତୁ ।
ଚରଣଗତି ବିଧୌ ସା ମଧୁକର ସଦୃଶାଖ୍ୟା ।। ୧୩୫ ।।
ଯଥା: ବିବିଧ ବଣ ବିଚାରୀ କମଳବଣ ସୁଅନ୍ଧୀ ।।
କୁମୁଦ ବଣ ବିବୋଧୋ ଭମଦି ଶରଦି ଚାଂଦୋ ।। ୧୩୬ (ଖ)
ଯଦିଖଳୁ ପଞ୍ଚମକଂ ପୁନରପି ଚାନ୍ତିମକମ୍ ।
ଗୁରୁ ଚରଣେ ତୁ ଯଦା ଭବତି ସା ନଳିନୀ ।। ୧୩୭ ।।
ଯଥା: ପୁଳିଣ ତଳଙ୍ଗଣଏ କମଳଶିଧି ବାସିଣୀ
ପିଅଅମବାଦଗିହଂ ବିସରଦି ସାରସିଆ ।। ୧୩୮ ।। (ଗ)
ଆଦ୍ୟମପି ନିଧନଂ ଚ ଦୀର୍ଘମଥ ଭବତି ଚେତ୍ ।
ଯତ୍ର ହି ଚରଣ ବିଧୌ ସାଖଳୁ ଭବତି ନନ୍ଦୀ ।। ୧୩୯ ।।
ଯଥା- ହଂସକୁଳସମୁଦିଦେ ସାରସକୁଳ ମୁହଳେ
ମତ୍ତ ମଧୁକରେ ବଣେ ହିଣ୍ଡଦି ମଧୁକରିଆ ।। ୧୪୦ ।। (ଘ)

ମହୀ- ଯେଉଁ ଅଷ୍ଟାକ୍ଷର ଛନ୍ଦର ପାଦରେ ଷଷ୍ଠ, ଅଷ୍ଟମ ଅକ୍ଷର ଗୁରୁ ହୁଏ । ତା ନାମ ମହୀ ।।୧୩୩,୧୩୪।।

ମଧୁକରା- ଯାହାର ଅଷ୍ଟାକ୍ଷର ପାଦରେ ପ୍ରଥମ ଛଅଟି ଅକ୍ଷର ଲଘୁ ଓ ଶେଷ ଦୁଇଟି ଗୁରୁ ହୁଏ, ତାହାର ନାମ ମଧୁକରା ।।୧୩୫,୧୩୬।।

ନଳିନୀ- ଯେଉଁ ଛନ୍ଦର ଅଷ୍ଟକ୍ଷର ପାଦରେ ପଞ୍ଚମ ଓ ଅଷ୍ଟମ ଅକ୍ଷର ଗୁରୁ ହୁଏ । ତାହାର ନାମ ନଳିନୀ ।।୧୩୭,୧୩୮।।

ନନ୍ଦୀ- ଯେଉଁ ଛନ୍ଦର ଅଷ୍ଟାକ୍ଷର ପାଦରେ ଆଦ୍ୟ ଓ ଅନ୍ତ୍ୟ ଅକ୍ଷର ଗୁରୁ ତାହାର ନାମ ନନ୍ଦୀ ।।୧୩୯,୧୪୦।।

Digitized by srujanika@gmail.com

ଅନୁଷ୍ଟୁବ୍ ଜାତୟୋ ହ୍ୟେତାଃ ପ୍ରୋକ୍ତାଃ ପ୍ରାବେଶିକ୍ୟାଶ୍ରୟାଃ ।
ସ୍ତ୍ରୀଣା ମୁତ୍ତମ ମଧ୍ୟାନାମପକୃଷ୍ଟାଂ ନିବୋଧତ ।। ୧୪୧ ।।।
ଆଦ୍ୟଂ ଚତୁର୍ଥମପି ଚାନ୍ତ୍ୟଂ ଦୀର୍ଘାଣି ଯତ୍ର ଚରଣେ ସ୍ୟୁଃ ।
ପ୍ରାବେଶିକୀ ତୁ ବୃହତୀ ସା ନାମ୍ନାତଥୈବ ରୁଚିରାନ୍ତା ।। ୧୪୨ ।।
ଯଥା: ରାହୁ ପରାଗହିୟସୋହଂ ଚନ୍ଦଂ ଣହି ଣିସମିଉଣ ।
ତାରାଗଣୋବି ଗୁରୁସୋହାଂ ତେଜୋଂସୁ ଏହିଂ ଭୁଦଦିବା।।୧୪୩ ।। (କ)
ଯଦି ପଞ୍ଚମଂ ହି ସତୃତୀୟଂ ଗୁରୁଣୀ ପାଦାନ୍ତ ରଚିତେ ବୈ ।
ପ୍ରମିତେତି ସା ଭବତି ନାମ୍ନା ଅବକୃଷ୍ଟ ଜାତି ରିହ ପଂକ୍ତିଃ ।। ୧୪୪ ।।
ଯଥା: ଘଣ ଗବ୍ଭ ଗେହ ପରିକ୍ଖିତ୍ତୋ ଅରୁଣ ୱହାପିହିଦ ସୋହୋ ।
ଗୟଣଂଗଣେ ବିହରମାଣୋ ତା ବିଭାଦି ଜୁହୁରହିଦେଲୁ ।। ୧୪୫ ।। (ଖ)
ଯଦି ଖଳୁ ଷଷ୍ଠସ୍ତଥାନ୍ତ୍ୟୋ ଭବତୋ ଗୁରୁଣୀ ଚରଣ ଯୋଗେ ।
ସ୍ଥିତି ଲୟକୃତା ତୁ ଜଗତି ସା ଭୁବି ଗଦିତା ଗତବିଶୋକା ।। ୧୪୬ ।।
ଯଥା: ଜଳହରବିହା ଆଣ ଦିହି ଅଙ୍ଗୋ ରବିକିରଣ ଜାଳ ହଦ ସୋହେ ।
ଗହମୁଦ ବିଶିଗ୍ଣ ଅବିବଣ୍ଣୋ ଅସ୍ତୁ ବିସଦି ଅତ୍ୟ ଗିରି-ମିନ୍ଦୁ ।। ୧୪୭ ।।

ଏହି ସମସ୍ତ ଅନୁଷ୍ଟୁବ୍ ଜାତିର ପ୍ରାବେଶିକୀ ଧ୍ରୁବା । ଏବେ ଅପକୃଷ୍ଟମାନଙ୍କ ବିଷୟ ଶୁଣ । ଏ ଗୁଡ଼ିକ ଉଚ୍ଚ ଓ ମଧ୍ୟମ ଶ୍ରେଣୀ ପାଇଁ ପ୍ରୟୋଗ କରାଯିବ ।।୧୪୧।।
ରୁଚିରାନ୍ତା- ଯେଉଁଛନ୍ଦର ନବାକ୍ଷର ପାଦରେ ପ୍ରଥମ, ଚତୁର୍ଥ ଓ ଅଷ୍ଟମ ନବମ ଗୁରୁ ହୁଏ ତାହାର ନାମ ରୁଚିରାନ୍ତା ।।୧୪୨,୧୪୩।।
(କ) ବହୁ କୁସୁମ ଶୋଭିତେ କମଳବନ ଖଣ୍ଡେ । ସହଚର ସହାୟିନୀ ପରିସରତି ହଂସିକା ।
(ଖ) ବିବିଧବନ ବିଚାରୀ ପ୍ରମଦବନ ସୁଗନ୍ଧିଃ । କୁସୁମବନ ବିବୋଧୀ ଲସତି ଶରଦି ବାତଃ ।
(ଘ) ହଂସକୁଳ ସମୁଦିତେ ସାରସ କୁଳମୁଖରେ । ମତ୍ତମଧୁକରେ ବନେ ହିଣ୍ଡତି ମଧୁ କରିକା ।
ପ୍ରମିତା - ଯେଉଁ ଛନ୍ଦର ଦଶାକ୍ଷର ପାଦରେ, ତୃତୀୟ, ପଞ୍ଚମ ଏବଂ ଶେଷ ତିନିଟି ଅକ୍ଷର ଗୁରୁ ହୁଏ ତାହାର ନାମ ପ୍ରମିତା । ଏହା ଅବକୃଷ୍ଟ ଜାତିର ପଂକ୍ତି ।।୧୪୪,୧୪୫।।
ଗତ ବିଶୋକା- ଏକାଦଶ ଅକ୍ଷର ବିଶିଷ୍ଟ ଏହି ଛନ୍ଦର ପାଦରେ ଷଷ୍ଠ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।।୧୪୬,୧୪୭।।

Digitized by srujanika@gmail.com

(ଜଳଧର ବିତାନ ପିହିତାଙ୍ଗୋ ରବିକିରଣ ଜାଲ ହତଶୋଭଃ ।
ଗ୍ରହମୁଖ ବିନିର୍ଗତ ବିବର୍ଣ୍ଣଃ ଆଶୁ ବିଶତ୍ୟସ୍ତ ଗିରିମିନ୍ଦୁଃ ॥)
ଆଦ୍ୟଂ ଚତୁର୍ଥ ମପି ଚାଷ୍ଟମ ମକ୍ଷରଂ ଚୈକାଦଶଂ ଯଦି ଭବେଦ୍ୱତୁ ଗୁରୁ ।
ସା ତ୍ରୈଷ୍ଟୁଭେ ଭବତି ପାଦବିଧୌ ବିଶ୍ଳୋକଜାତି ରବକୃଷ୍ଟଗତ ॥ ୧୪୮ ॥
ଯଥା: ମେହତ୍ଥ୍ ଓ ରବିକରାଭିହଦୋ ତାରା ଗଣେହି ବିଧୁରେ ଗମିଦୋ ।
ଅତ୍ଥଂ ଭବେଦି ଅରଣାଭିହନୋ ଚନ୍ଦୋ ଣହସ୍ମିର ଅଣୀସହି ଓ ॥ ୧୪୯ ॥
(ମେଘସ୍ଥିତୋ ରବିକରାଭିହତ ସ୍ତାରାଗଣୈ ର୍ବୈଧୁର୍ଯ୍ୟଂ ଗମିତଃ ।
ଅସ୍ତମୁପୈତ୍ୟରୁଣାଭିହତ ଶ୍ଚନ୍ଦ୍ରୋ ନଭସି ରଜନୀ ସହିତଃ ।)
ଆଦ୍ୟେ ଚତୁର୍ଥଂ ଦଶମଂ ନୈଧନଂ ହ୍ୟଷ୍ଟମଂ ତଥା ।
ଯତ୍ର ଦୀର୍ଘାଣି ପାଦେ ସ୍ୟୁଃ ତଦ୍‌ବୃତ୍ତଂ ଲଳିତଂ ସ୍ମୃତମ୍ ॥ ୧୫୦ ॥
ଯଥା: ଏସୋ ପମତ୍ତ ଗଅଦୂ ମିଦାଣଣୋ ଦୀଣୋ ପଫୁଲ୍ଲବଣବାଦ ଚାଳିଦୋ ।
ବାସାଭିବନ୍ଧ ଚଲଣୋ ଗଆଣୁଗୋ ରମ୍ନେ ବଣେ ଗଅବରୋ ପଳାଅଦି ॥ ୧୫୧ ॥
(ଏଷ ପ୍ରମତ୍ତଗଜଦୂନାନନୋ ଦୀନଃ ପ୍ରଫୁଲ୍ଲ ବନ ବାତଚାଳିତଃ ।
ପାଶାଭିବନ୍ଧ ଚରଣୋ ଗଜାନୁଗୋ ରମ୍ୟେ ବନେ ଗଜବରଃ ପଳାୟତେ ॥)
ଯଦି ପଞ୍ଚମଂ ବୈ ସତୃତୀୟନୈଧନଂ, ନବମଂ ଦ୍ୱିତୀୟମପିତସ୍ୟ ତାଦୃଶମ୍ ।
ଚରଣେ ଗୁରୂଣି ଯଦି ସାତିପୂର୍ବକା ଜଗତିବୁଧୈ ନିଗଦିତା ବିଳମ୍ବିତା ॥ ୧୫୨ ॥

ବିଶ୍ଳୋକା ଜାତି - ଯେଉଁ ଛନ୍ଦର ଏକାଦଶାକ୍ଷର ବିଶିଷ୍ଟ ପାଦରେ ପ୍ରଥମ ଦୁଇଟି, ଚତୁର୍ଥ, ଅଷ୍ଟମ, ଦଶମ, ଏବଂ ଅନ୍ତ୍ୟସ୍ୱର ଗୁରୁ ହୁଏ, ତାହାର ନାମ ବିଶ୍ଳୋକା ଜାତି । ତ୍ରୈଷ୍ଟୁଭଜ ଜଗତରେ ଏହା ଅବକୃଷ୍ଟା ॥୧୪୮,୧୪୯॥

(କ) ରାହୁ ପରାଗହତ ଶୋଭଂ ଚନ୍ଦ୍ରଂ ନଭସି ସମୀକ୍ଷ୍ୟ । ତାରାଗଣୋ ବିହତଶୋଭଃ ତେତୋଽଶ୍ରୁଭୀରୁଦତୀବ ।

(ଖ) ଘନଗର୍ଭଗେହ ପରିକ୍ଷିପ୍ତୋଽରୁଣପ୍ରଭାପିହିତ ଶୋଭଃ । ଗଗନାଙ୍ଗଣେଽପିହିତ ରଶ୍ମି ର୍ନ ବିଭାତି ଜ୍ୟୋତ୍ସ୍ନାରହିତଃ ଇନ୍ଦୁଃ ।

ଲଳିତ - ଦ୍ୱାଦଶାକ୍ଷର ବିଶିଷ୍ଟ ଏହି ଛନ୍ଦର ପାଦରେ ପ୍ରଥମ, ଚତୁର୍ଥ, ଅଷ୍ଟମ, ଦଶମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥୧୫୦,୧୫୧॥

ବିଳମ୍ବିତା- ଏହି ତ୍ରୟୋଦଶାକ୍ଷର ବିଶିଷ୍ଟ ଛନ୍ଦର ପାଦରେ ତୃତୀୟ, ପଞ୍ଚମ, ନବମ ଓ ଏକାଦଶ ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥୧୫୨,୧୫୩॥

Digitized by srujanika@gmail.com

ଯଥା: ଘଣ ସନ୍ତଦାୟଦ ବିଦାଣମୟରଂ ଅବଲିମ୍ବିଭି(ନ) ରମ(ଅ)ଣୀ ମୁହେ ସସୀ ।
ଗହଗାହ ସଂକୁରଦମନ୍ଦଜୋହ୍ନ ଓ ତା ବିରାଜତେ ସବଦିକିଂ ପଦାବିଓ ॥ ୧୫୩ ॥
(ଘନ ସନ୍ତାୟତ ବିତାନମୟର ମବଲମ୍ବିତୁଂ ନ ରଜନୀମୁଖେ ଶଶୀ ।
ଗ୍ରହଗାଢ଼ ସଂକୁଳିତ ମନ୍ଦଜ୍ୟୋତ୍ସ୍ନକୋ ନ ବିରାଜତେ ସପଦି କିଂ ପ୍ରଧାବିତଃ ॥)
ଏତାସ୍ତୁ ଜାତୟୋ ଜ୍ଞେୟାଃ ସ୍ଥିତାନାଂ ହି ପ୍ରୟୋଗଜାଃ ।
ଆକ୍ଷେପିକାପକୃଷ୍ଟାନାଂ ସଂପ୍ରବକ୍ଷ୍ୟାମି ଲକ୍ଷଣମ୍ ॥ ୧୫୪ ॥

ସୁପ୍ରତିଷ୍ଠାଦିକଂ ଚୈବ ଅପକୃଷ୍ଟାସୁ ଯୋଜୟେତ୍ ।
ଅତ୍ୟୁକ୍ତାଦୀନି ତୁ ତଥା ଦୈବସ୍ତୁତ୍ୟାଶ୍ରୟାଣି ତୁ ॥ ୧୫୫ ॥
ଅକ୍ଷରାଣାଂ ନିବେଶେନ ଯତୟଃ ପାଣୟସ୍ତଥା ।
ଅପକୃଷ୍ଟାସୁ ଯସ୍ୟାଃସ୍ୟୁଃ ଅପକୃଷ୍ଟା ତୁ ସା ଭବେତ୍ ॥ ୧୫୬ ॥
ସ୍ଥାୟିବର୍ଣ୍ଣାଃସ୍ଥିତଲୟାଃ କଳାନ୍ତର କୃତାକ୍ଷରାଃ ।
ସମପାଣି ର୍ଯତୀଶ୍ଚୈବ ଅପକୃଷ୍ଟା ବିଧୀୟତେ ॥ ୧୫୭ ॥
ଅପକୃଷ୍ଟା ଧ୍ରୁବାନାଂତୁ କଳାନ୍ତର କଳାସୁଚ ।
ଅକ୍ଷରାଣାଂ ନିବେଶସ୍ତୁ ବୃତ୍ତଜାତ୍ୟା ବିଧୀୟତେ ॥ ୧୫୮ ॥
ଅଲ୍ପବସ୍ତୁପଦା ନିତ୍ୟ ମପକୃଷ୍ଟା ବିଧୀୟତେ ।
ପ୍ରାଦେଶିକ୍ୟାସ୍ତୁ ସଂକ୍ଷେପଃ କରଣାଙ୍ଗପରିଗ୍ରହାତ୍ ॥ ୧୫୯ ॥

ପ୍ରାଦେଶିକୀ ସ୍ଥିତା ଜାତୀୟଧ୍ରୁବାରେ ଏହି ଶ୍ରେଣୀମାନଙ୍କର ଛନ୍ଦ ପ୍ରଯୋଜ୍ୟ । ଏବେ ଆପେକ୍ଷିକୀ ଅପକୃଷ୍ଟା ଜାତିର ଛନ୍ଦ ବିଷୟ କହିବି ॥୧୫୪॥

ସୁ ପ୍ରତିଷ୍ଠା ଶ୍ରେଣୀର ଛନ୍ଦଗୁଡ଼ିକ ଅପକୃଷ୍ଟା ଧ୍ରୁବାରେ ପ୍ରୟୋଗ କରିବ । ଅତ୍ୟୁକ୍ତା ପ୍ରଭୃତି ଦୈବସ୍ତୁତିକୁ ଆଶ୍ରୟ କରିଥାଏ ॥୧୫୫॥ ଅକ୍ଷରମାନଙ୍କ ବିନ୍ୟାସ ଦ୍ୱାରା ଯତି ଓ ପାଣି ଯାହାର ଅପକୃଷ୍ଟ ହୁଅନ୍ତି ତାହାକୁ ଅପକୃଷ୍ଟା କୁହାଯାଏ ॥୧୫୬॥

ସ୍ଥାୟିବର୍ଣ୍ଣ, ସ୍ଥିତଲୟ, ବିଭିନ୍ନ କଳାର ଅକ୍ଷର ସଂଖ୍ୟା, ସମପାଣି ଓ ସମଯତି ଅପକୃଷ୍ଟାରେ ରହିବା ବିଧେୟ ॥୧୫୭॥

ଅପକୃଷ୍ଟା ଧ୍ରୁବାର କଳା ଓ ଅନ୍ତରକଳାର ଅକ୍ଷର ବୃତ୍ତଛନ୍ଦର ନିୟମାନୁଯାୟୀ ହେବ ॥୧୫୮॥ ଅପକୃଷ୍ଟା ଧ୍ରୁବାରେ ସଂକ୍ଷିପ୍ତ ବସ୍ତୁ ଓ ପଦ ରହିବା ବିହିତ । ପ୍ରାଦେଶିକୀ ଧ୍ରୁବାରେ ବସ୍ତୁ ସଂକ୍ଷିପ୍ତ ହେବ । କାରଣ ଏହା କରଣାଙ୍ଗ ଅବଲମ୍ବନ କରେ । ଧ୍ରୁବାରେ ବସ୍ତୁ ସଂକ୍ଷିପ୍ତ ହେବ । କାରଣ ଏହା କରଣାଙ୍ଗ ଅବଲମ୍ବନ କରେ ॥୧୫୯॥

Digitized by srujanika@gmail.com

ଏବଂ ଜ୍ଞେୟାଽପକୃଷ୍ଟାନାଂ ଜାତୀନାଂ ବୃତ୍ତଜାତୟଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଦ୍ରୁତାନାମିହଲକ୍ଷଣମ୍ ॥ ୧୬୦ ॥
ମୁଖେ ତୁ ତୋଟକଂ କୃତ୍ୱା ଶେଷଂ ହ୍ରସ୍ୱଂ ତୁ ଯୋଜୟେତ୍ ।
ଯୁଗ୍ମମୋଜସ୍ତୁ ମିଶ୍ରଂ ବା ତଥୈବ ଲଘୁସଞ୍ଚୟଃ ॥ ୧୬୧ ॥
ଜଗତ୍ୟାଦି ର୍ଭବେତ୍ ସାତୁ ତଥାତିଧୃତି ନୈଧନାଃ ।
ତଥା ଦ୍ରୁତା ଚ ଛନ୍ଦୋଭି ର୍ନାନାବୃତ୍ତସମୁଦ୍‌ଭବାଃ ॥ ୧୬୨ ॥
ଅଷ୍ଟାବାଦ୍ୟୌ ଯସ୍ମିନ୍ ସାନ୍ତ୍ୟଂ ସ୍ୟାନ୍ନବମଂ
ଦୀର୍ଘାଣି ସ୍ୟୁଃ ଶିଷ୍ଟେ ଦ୍ୱେ ବୈଚେଲ୍ଲଘୁନୀ ।
ବୃତ୍ତଂ ହ୍ୟେଷା ବିଜ୍ଞେୟା ଗାନ୍ଧର୍ବ ବିଧୌ
ଯସ୍ମିନ୍ନେବଂ ନିତ୍ୟଂ ବିକ୍ରାନ୍ତା ଜଗତୀ ॥ ୧୬୩ ॥
ଯଥା: ଏସୋ ମେହୋ ଣାଦଂଧରେ ଧୂମଣିହୋ
ବିଜ୍‌ଜୁଜ୍‌ଜୁତ୍ତୋ ଦାରେଦିଦଂ ଭୂମିଅଳମ୍ ।
ସିଞ୍ଚନ୍ତୋ ତୋୟୋଘ ଘୋରୋ ହତ୍ଥିଣୀହୋ
ସଂଛାଦନ୍ତୋ ଲୋଆଲୋଅଂ ଅଦିକ୍କନ୍ତଂ ॥ ୧୬୪ ॥
(ଏଷମେଘୋ ନାଦଂ ଧତ୍ତେ ଧୂମନିଭଃ ବିଦ୍ୟୁଦ୍‌ଯୁକ୍ତୋ ଦାରୟତି ତାଂ ଭୂମିମଳମ୍ । ସିଞ୍ଚନ୍ ତୋୟୌଘଂ ଘୋରୋ ହସ୍ତିନୀଃ, ସଂଛାଦୟନ୍ ଲୋକାଲୋକମ୍ ଅତିଷ୍ଠତ୍ ॥)

ଅପକୃଷ୍ଟ ଧ୍ରୁବାରେ ଏହିଗୁଡ଼ିକ ବୃତ୍ତଜାତୀୟ ଛନ୍ଦବୋଲି ଜାଣିବ ॥ ଏବେ ଦ୍ରୁତ ଧ୍ରୁବାର ଛନ୍ଦ ବିଷୟରେ କହିବି ॥୧୬୦॥

ଏହାର ଆରମ୍ଭରେ ତୋଟକ ରହିବ । ଅନ୍ୟ ଅଂଶରେ ହ୍ରସ୍ୱ ଅକ୍ଷରରେ ଅଥବା ଅବଶିଷ୍ଟ ସ୍ଥାନରେ ଏକାନ୍ତର ହ୍ରସ୍ୱ ସ୍ୱର ରହିପାରେ ॥୧୬୧ ॥

ଏହି ଧ୍ରୁବାରେ ଭିନ୍ନ ପ୍ରକାର ଜଗତୀ ଓ ଅତିଧୃତି ଜାତୀୟ ଛନ୍ଦ ରହିବ ॥୧୬୨॥
ବିକ୍ରାନ୍ତା- ଯେଉଁ ଛନ୍ଦର ଦ୍ୱାଦଶାକ୍ଷର ପାଦରେ ପ୍ରଥମ ନଅଟି ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହେବ ॥ ତାହାର ବିକ୍ରାନ୍ତା ଅଟେ ॥୧୬୩, ୧୬୪॥

Digitized by srujanika@gmail.com

ଅଷ୍ଟୌ ପାଦେ ଦୀର୍ଘାଣିସ୍ୟୁଃ ତ୍ୱପିଚ ପୁନଃ ।
ସ୍ୱାନ୍ତ୍ୟଂ ଦୀର୍ଘଂ ଦୃଷ୍ଟଂ ଚ ସ୍ୟାଦ୍ ଖଳୁ ବିହିତମ୍ ।
ପାଦେ ପାଦେ ବିଜ୍ଞେୟା ସା ସମଚରଣା
ତଜ୍‌ଜ୍ଞୈ ରେବଂ ବିଦ୍ୟୁନ୍ମାଳାଽତିଜଗତୀ ।। ୧୬୫ ।।
ଯଥା- ଏସୋ ମେହାଦୋ ଣହନ୍ତୋ ଅଚଳଣିହୋ
ଲୀଳା ଉକ୍‌ନେକଂ ଦାଣନ୍ତୋ ସହି ରୁଚିରୋ ।
ଦାଅଳଂ (ଭୋ) ଖେ ପିଛାଣୋ ପବଣ ଜବୋ ।
ସଂସାରନ୍ତୋ ବିଜ୍ଜୁଜ୍ଜୋଦୋ ଭମଦି ଦୁଦମ୍ ।। ୧୬୬ ।।

(ଏଷ ମେଘଃ ନଭୋଽନ୍ତ ରଚଳନିଭଃ ଲୀଳୟା ଉକ୍ଳେଲଂ ଦଦାନଃ ସ ହି ରୁଚିରଃ । ବାଚାଳଃ ଖେ ବିଶ୍ରାମ୍ୟନ୍ ପବନଜବଃ ସଂସାରୟନ୍ ବିଦ୍ୟୁଜ୍ଜ୍ୟୋତିଃ ଭ୍ରମତି ଦ୍ରୁତମ୍ ।।)

ପଞ୍ଚତ୍ୱାଦୌ ଯତ୍ର ଗୁରୁ ହଷ୍ଟମନବମେ,
ଅନ୍ତ୍ୟଂ ଚୈକଂ ଦୀର୍ଘକୃତଂ ଚେଦ୍ ଭବତି ପଦେ ।
ଶାର୍ଙ୍ଗ୍ୟାଖ୍ୟା ଛନ୍ଦସି ଚୈବଂ ଯଦି ବିହିତା ।
ନାମ୍ନା ବୃତ୍ତେ ଭୂତଳ ତନ୍ୱୀ ସ୍ଖଳିତଗତିଃ ।। ୧୬୭ ।।

ଯଥାः- ବାଲୋ ଚନ୍ଦୋ ମେହନମୁକ୍କୋ ବିମଳ କରୋ, ରୁଚିରଙ୍ଗୋ ସୋହଦି କନ୍ତୋ ଉପରିଗବୋ । ଲୀଳା କିଖଭୋ ଗଙ୍ଗଧରେଶେବ ସୁରୁଚିରୋ, ମୂଳାରୋହୋ ଶାଗ ଣିବାସେ ଅଧିକ ବବୁ ।। ୧୬୮ ।।

ବିଦ୍ୟୁଦ୍ ମାଳା- ତ୍ରୟୋଦଶ ଅକ୍ଷର ବିଶିଷ୍ଟ ଯେଉଁ ଛନ୍ଦର ପାଦରେ ପ୍ରଥମ ଆଠ ଅକ୍ଷର ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ତାହାର ନଂମ ବିଦ୍ୟୁଦ୍‌ମାଳା ।।୧୬୫,୧୬୬।।
ଭୂଳେତନ୍ୱୀ ସ୍ଖଳିତଗତି - ଚତୁର୍ଦ୍ଦଶ ଅକ୍ଷର ବିଶିଷ୍ଟ ଯେଉଁ ଛନ୍ଦର ପାଦରେ ଅଷ୍ଟମ, ନବମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ତାହାର ନାମ ଭୂତଳ ତନ୍ୱୀ ସ୍ଖଳିତ ଗତି ।।୧୬୭୮, ୧୬୮।।

Digitized by srujanika@gmail.com

(ତାରାମଜ୍‌ଝେ ମେଘ ବିମୁକ୍କୋ ବିମଲ କରୋ ଭଞ୍ଜାହିତ୍ତୋ ଜାଦିସମଗ୍ଗଂ ରଜଦଶିଭୋ । ଜୋହ୍ନାସୋହଂ ବିକ୍କିରମାଣୋ ଗଗଣତଲେ ଲୀଳାପରୋ ଗଚ୍ଛଦି ଏସୋରଅଣୀକରେ ।)

(ବାଲଶ୍ଚନ୍ଦ୍ରୋ ମେଘବିମୁକ୍ତୋ ବିମଲକରଃ, ରୁଚିରାଙ୍ଗଃ ଶୋଭତେ କାନ୍ତଉପରି ଗତଃ । ଲୀଳାକ୍ଷିପ୍ତଃ ଗଙ୍ଗାଧରେଣେବ ସୁରୁଚିରଃ ମୂଲାରୂଢ଼ୋ ନାଗନିବାସୋଽଧିକବପୁଃ । ତାରା ମଧ୍ୟେ ମେଘ ବିମୁକ୍ତୋ ବିମଳକର ଉଜ୍ଜିହାନୋ ଯାତୀ ସମଗ୍ରଂ ରଜତନିଭଃ । ଜ୍ୟୋସ୍ନାଶୋଭାଂ ବିକିରନ୍ ଗଗନତଳେ ଲୀଳାପନ୍ନୋ ଗଚ୍ଛତ୍ୟେଷ ରଜନୀକରଃ ।)

ନବମଂ ନୈଧନଂ ଚୈବ ଦ୍ୱାଦଶଂ ସତ୍ରୟୋଦଶମ୍ ।
ଗୁରୂଣି ଯସ୍ୟାଃ ପାଦେସ୍ୟୁଃ ଶକ୍ୱର୍ଯ୍ୟା ବିଭ୍ରମାଯଥା ॥ ୧୬୯ ॥

ଯଥା: ବିଗଦ ଘଣ ତିସିରେ ନିମ୍ମଳତାରେଖେ, ବିକଚ କୁମୁଦବନ୍ଧୁ ସଦାରୋଚୋ । ରଜନଗିରି ସିହର ସନିହିଦୋ ଚନ୍ଦୋ ଉଦୟଦି ବର ତଣୁ ତେ ହିଅଂଘ ଆଣନ୍ଦୋ ॥ ୧୭୦ ॥

(ବିଗତଘନ ତିମିରେ ନିର୍ମଳତାରେ ଖେ, ବିକଚ କୁମୁଦବନ୍ଧୁଃ ସଦାରୋଚ୍ୟଃ ।
ରଜତଗିରି ଶିଖର ସନ୍ନିହିତ ଶ୍ଚନ୍ଦ୍ରଃ, ଉଦୟତି ବରତନୁସ୍ତେ ହୃଦୟମାନନ୍ଦୟନ୍ ॥)

ଆଦ୍ୟ ଚତୁର୍ଥେ ପଞ୍ଚମ ଷଷ୍ଠେ ନବମ ଦଶମେ
ଅନ୍ତ୍ୟତମେ ଚେଦ୍ ଯତ୍ରତୁ ଦୀର୍ଘୋ ଭବନ୍ତିପୁନଃ ।
ସା ଖଳୁ ବୋଧ୍ୟା ପଞ୍ଚଦଶାଖ୍ୟା ପଦନିଧନେ
ଭୂତଳ ତନ୍ୱୀ ଶକ୍ୱରୀ ସଂଜ୍ଞା ହ୍ୟତିବାହିତା ॥ ୧୭୧ ॥

ବିଭ୍ରମା - ଯେଉଁ ଛନ୍ଦର ଚତୁର୍ଦ୍ଦଶ ଅକ୍ଷର ବିଶିଷ୍ଟ ପାଦରେ ନବମ, ଦ୍ୱାଦଶ ଓ ତ୍ରୟୋଦଶ ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ତାହାକୁ ବିଭ୍ରମା କୁହାଯାଏ ॥୧୬୯,୧୭୦॥

Digitized by srujanika@gmail.com

ଯଥା: ପାଦବସିସ୍‌ସଂ କମ୍ପଅମାଣୋ ପଡୁଣିତାବୋ, ସେଲେତଡେଷ୍ଣୁ ପକ୍ଖମମାଣୋ ପରିଚରିଦୋ । ରେଣୁ ସମୂହଂ ଉଦ୍ଧମ୍ମାମାଣୋ ରୁଣକବିଲୋ, ବାୟଦି ବାଦୋ ଚଣ୍ଡପବାରୀ ରୁସିଦଇବ ॥ ୧୭୨ ॥

(ପାଦପଶୀର୍ଷଂ କମ୍ପୟମାନଃ ପଟୁନିନଦଃ, ଶୈଳତେହ୍ନୁ ପ୍ରସ୍ଖଳମାନଃ ପରିଚରିତଃ । ରେଣୁ ସମୂହ ସୁନ୍ଦର ମାଣୋଽରୁଣ କପିଳଃ, ବାତିବାତଃ ଚଣ୍ଡପ୍ରବାହୀ ରୁଷ୍ଟଇବ ॥)

ଆଦ୍ୟ ଚତୁର୍ଥକସପ୍ତମମନ୍ତ୍ୟଂ ଦଶମପରେ
ଯତ୍ର ଗୁରୂଣ୍ୟଥ ସା ସୁକୁମାରେତ୍ୟଭିଗଦିତା ॥ ୧୭୩ ॥

ଯଥା: ମେହ ସମୂହ ଶିବଦ୍ଧ ବିଦାଣଂ ଜଳଭରିଦଂ, ସୌଇ ଇନ୍ଦଧଣୁଜ୍ଜ ଦମଜ୍‌ଝଂ ଗଗଣ ଦଳମ୍ ॥ ୧୭୪ ॥

(ମେଘ ସମୂହ ନିବଦ୍ଧ ବିତାନଂ ଜଳଭରିତମ୍ । ଶୋଭତ ଇନ୍ଦ୍ରଧନୁରୁଜ୍ଜଳମଧ୍ୟଂ ଗଗନତଳମ୍ ॥)

ତୃତୀୟଂ ଚ ଚତୁର୍ଥଂ ଚ ସପ୍ତମଂ ଚାଷ୍ଟମଂ ତଥା ॥
ନବମଂ ଦ୍ୱାଦଶଂ ଚୈବ ନୈଧନଂ ସତ୍ରୟୋଦଶମ୍ ॥ ୧୭୫ ॥
ଯତ୍ର ଦୀର୍ଘାଣି ପାଦେ ତୁ ଧୃତି ଛାନ୍ଦଃ ସମାଶ୍ରୟେ ।
ସା ଜ୍ଞେୟା ଗୀତକ ବିଧୌ ଧ୍ରୁବାସ୍ଖଳିତ ବିକ୍ରମା ॥ ୧୭୬ ॥
ଯଥା - ଦିବସଂ ସୂର୍ଯ୍ୟସଣାହଂ ଖେ ବିଅ ଚନ୍ଦୋ କୁମୁଦବଣେ ।
ଉଦିଦୋ ଦିଶବି ଏଷୋଦପ୍ପଣ ବିମ୍ବାକିଦିସା ଦିସୀ ।

ଭୂତଳତନ୍ବୀ - ଏହି ଛନ୍ଦର ପଞ୍ଚଦଶାକ୍ଷର ବିଶିଷ୍ଟ ପାଦରେ ପ୍ରଥମ, ଚତୁର୍ଥ, ପଞ୍ଚମ, ନବମ, ଦଶମ ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥୧୭୧,୧୭୨॥

ସୁକୁମାରା- ଏହି ଛନ୍ଦର ଷୋଡ଼ଶାକ୍ଷର ପାଦରେ ପ୍ରଥମ, ଚତୁର୍ଥ, ସପ୍ତମ, ଦଶମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥୧୭୩/୧୭୪॥

ସ୍ଖଳିତ ବିଭ୍ରମା- ଏହି ଛନ୍ଦରେ ଷୋଡ଼ଶାକ୍ଷର ପାଦର ତୃତୀୟ, ଚତୁର୍ଥ, ପଞ୍ଚମ, ଅଷ୍ଟମ ନବମ, ଦ୍ୱାଦଶ, ତ୍ରୟୋଦଶ ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥୧୭୫/୧୭୬॥

Digitized by srujanika@gmail.com

ଦିବସଂ ସୂର୍ଯ୍ୟସଣାହଂ ଖେ ଦିଅ ଚନ୍ଦୋକୁମୁଦବଣେ
ଉଦିଦୋ ଦିଶଦି ଏଷୋ ଦପ୍ପଣ ବିମ୍ବାକି ଦିଶା ଦିସି ।।
ଗହଣେ ମେହ ବିମୁକ୍‌ଖେ ସୋହ୍ମସହା ଓ ରତିସୁହଗୋ ।
ବଉଲଂ ବିକ୍‌ଖିରମାଣୋ ଶାରଦୋ ଜୋହ୍ନଂ ପଜ୍ଜଦି ଦୁଦମ୍ ।। ୧୭୭ ।।

(ବିବସଂ ସୂର୍ଯ୍ୟ ସନାଥଂ ଖେଇବ ଚନ୍ଦ୍ରଃ କୁମୁଦବନେ । ଉଦିତୋ ଦୃଶ୍ୟତ ଏଷ ଦର୍ପଣ ବିମ୍ବାକୃତି ସଦୃଶଃ । ଗଗନେ ମେଘବିମୁକ୍ତେ ସୋଽମୁସହାୟୋ ରତିସୁଭଗୋ, ବହୁଳଂ ବିକିରନ୍ ଶାରଦ ଜ୍ୟୋତ୍ସ୍ନାଂ ବ୍ରଜତି ଦ୍ରୁତମ୍ ।।)

ଯଦି ଖଳୁ ପଞ୍ଚମମଷ୍ଟମ ମନ୍ତ୍ୟଂ ଦଶମପରଂ
ପୁନରପି ତସ୍ୟ ପରଂ ଗୁରୁକଂ ଚେତ୍ଚାରଣ ବିଧୌ ।
ଇୟ ମିହ ସପ୍ତଦଶାକ୍ଷର ପାଦେ ରୁଚିରମୁଖୀ
ବିକଶିତ ପଙ୍କଜ ପତ୍ର ନିଭାକ୍ଷୀ ମୁନିଗଦିତା ।। ୧୭୮ ।।

ଯଥା - ଅସଣି ରବାହ ଓ ପାଦିତତୁଣ୍ଡୋ ଧରଣିହରୋ
ସରସିଜମୋଦି ବିହଙ୍ଗ ଲୋଅ-ସିଣ ଣିଅ ଚଞ୍ଚଳିଅଂ ।
ସହଅଭିବଦ୍ଧ ସିଣେହ ପମୋବିଜ ଗଅବରୋ
ପବିସିଅ ଜାଣଜଲୋ ... ବିଦ୍ଧବଗଣୋ ।। ୧୭୯ ।।

(ଅଶନିର ବାହ ତୋପ୍ରାକତିତ ତୁଣ୍ଡୋ ଧରଣି ଧରଃ, ସରସିଜ ମୋଦି ବିହଙ୍ଗ ଲୋକନ ସ୍ୱନ ନୀତଚଞ୍ଚଳଃ । ସହଚରୀ ବଦ୍ଧସ୍ନେହଃ ପ୍ରମୋଦିତୋ ଗଜବରଃ, ପ୍ରବିଶତି ଦାନଜଳ କ୍ଷରଣ ବିଦ୍ରାବିତଗଣ ।।)

ପଞ୍ଚମଂ ହ୍ୟଷ୍ଟମଂ ଯତ୍ର ତ୍ରୟୋଦଶମଥାପିଚ
ଗୁରୂଣ୍ୟଷ୍ଟାଦଶଂ ଚୈବ ଦ୍ରୁତାବୈ ଚପଳା ତୁ ସା ।। ୧୮୦ ।।

ଉଦାହରଣ ।।୧୭୭।।

ରୁଚିର ମୁଖୀ- ଏହି ଛନ୍ଦର ସପ୍ତଦଶାକ୍ଷର ପାଦରେ ପଞ୍ଚମ, ଏକାଦଶ, ଦ୍ୱାଦଶ, ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ମୁନିପ୍ରୋକ୍ତ ଏହି ରୁଚିର ମୁଖୀ ପ୍ରସ୍ଫୁଟିତ ପଦ୍ମ ପତ୍ର ତୁଲ୍ୟ ନୟନଯୁକ୍ତା ଅଟେ ।।୧୭୮,୧୭୯।।

ଦ୍ରୁତଚପଳା- ଏହି ଛନ୍ଦର ଅଷ୍ଟାଦଶାକ୍ଷର ପାଦରେ ପଞ୍ଚମ ଅଷ୍ଟମ ତ୍ରୟୋଦଶ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।।୧୮୦,୧୮୧।।

Digitized by srujanika@gmail.com

ଯଥା: ପବଣ ବିବତ୍ତିଅ ପଙ୍କଜକୁସୁମଂ ସରସିଜଳମ୍, କମଳ ପତ୍ତପସାହିଅସୁଗନ୍ଧ ଣିଉଣିଭମ୍ । ଚଳିଦ ତରଙ୍ଗ ବିଦାରିଅ କୁମୁଦଂ ଗଳି ଦିଅ । ଖୁଭିଦ ବିହଙ୍ଗମ କମ୍ପିଦ ମୁହଳଂ ରସକିବିଅ ॥ ୧୮୧ ॥

(ପବନ ବିବର୍ତ୍ତିତ ପଙ୍କଜ କୁସୁମଂ ସରସି ଜଳମ୍, କମଳପତ୍ର ପ୍ରସାଧିତ ସୁଗନ୍ଧଲିପ୍ତ ନିଭମ୍ ଚଳିତ ତରଙ୍ଗ ବିଦାରିତ କୁସୁଦ ଗଳିତ ମିବ, କ୍ଷୁଭିତ ବିହଙ୍ଗମ କମ୍ପିତ ମୁଖରଂ ରସତୀବ ।)

ଯଦି ଖଳୁ ଭବତି ହି ଚରଣ ବିଧୌ ଦ୍ୱାଦଶପରତଃ
ଗୁରୁ ଗୁରୁ ପୁନରପି ନିଧନଗତଂ ବୈ ଗୁରୁ ସହିତମ୍ ।
ଇହ ଖଳୁ ଧୃତି ରତି ନିଗଦିତନାମା ମୁନିବିହିତା
କବିଗଣ ମତିମତ ସମୁଦିତ ଚିତ୍ରା କନକଲତା ॥ ୧୮୨ ॥

ଯଥା: ପମୁଦିଅ ଗହଗଣ ବିରଚିଅ ସୋହେ ଗଅଣ ଗଓ
ବିଲୁଳିଅ ଜଳହର ସମୁଦୟ ହିଣୋ ତାଅଣସୁହଓ ।
କିରଣ ନିବହ ଣିହବତିମିରୋ ସୋ ରଜଦଣିହୋ
ପସରଦି ବରତଣୁ ହଳଧରିଲୀଳୋ ସରଦି ସସୀ ॥ ୧୮୩ ॥
(ପ୍ରମୁବିତ ଗ୍ରହଗଣ ବିରଚିତ ଶୋଭେ ଗଗନ ଗତଃ ।
ବିଲୁଳିତ ଜଳଧର ସମୁଦୟ ହୀନଃ ନୟନସୁଭଗଃ ।
କିରଣ ନିବହ ନିହତ ତିମିରଃ ସ ରଜତନିଭଃ
ପ୍ରସରତି ବରତନୁ ହଁଳଧରଲୀଳଃ ଶରଦି ଶଶୀ ॥

କନକ ଲତା- ଏହି ଛନ୍ଦର ଏକୋନ ବିଂଶତି ଅକ୍ଷର ବିଶିଷ୍ଟ ପାଦରେ ତ୍ରୟୋଦଶ, ଚତୁର୍ଦ୍ଦଶ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । କବିମାନଙ୍କର ମନ ପସନ୍ଦର ଏହିଛନ୍ଦ କନକଲତା ମୁନିଙ୍କର ଏକ ବିଖ୍ୟାତ କୃତି ଅଟେ ॥୧୮୨, ୧୮୩॥

Digitized by srujanika@gmail.com

ପାଦେ ପଞ୍ଚମ ମନ୍ତ୍ୟଂଚ ଦୀର୍ଘଂ ଦ୍ୱାଦଶମେବ ଚ ।
ପଦାବୃତ୍ତ୍ୟା ତଦାଜ୍ଞେୟା ଚପଲା ମୁଖସହିତା ।। ୧୮୪ ।।
ଯଥା: ପିଅସହିଆ ଉଅ ଗଅଣଦଲେ ଚବନ ଦରମୁଖୀ ।
ପରିଚରଦେ ମଦସୁରଭିମୁଖୀ ସୁରବର ଯୁବଦି ।। ୧୮୫ ।।
(ପ୍ରିୟ ସହିତା ଉତ ଗଗନ ତଳେ ଚପଲତର ମୁଖୀ,
ପରିଚରତେ ମଦସୁରଭିମୁଖୀ ସୁରବରଯୁବତିଃ ।।)
ଏତେ ହ୍ୟଷ୍ଟୌତୁ ବିଜ୍ଞେୟା ଧ୍ରୁବାଣାଂ ମୂଳଜାତୟଃ ।
ଆଦ୍ୟୋ ବିବିସସୃତାସ୍ତାନ୍ୟା ଯୁଗ୍ମୌଜା ବିଷମାକ୍ଷରାଃ ।। ୧୮୬ ।।
ଏତାସ୍ତୁ ଜାତୟୋ ଜ୍ଞେୟା ଦ୍ରୁତାନାଂ ମୂଳଜାୟେଃ ।
ଆଭ୍ୟୋ ବିନିଃସୃତା ସ୍ତାନ୍ୟା ଯୁଗ୍ମୌଜା ବିଷମାକ୍ଷରାଃ ।। ୧୮୭ ।।
ସପ୍ତଦଶ ଦ୍ୱାଦଶୈକାଦଶ ପଞ୍ଚାଷ୍ଟମ ତୃତୀୟୈଃ ।
ଗୁରୁଭିର୍ଯସ୍ୟାଃ ପାଦଃ ସାଜ୍ଞେୟା କ୍ଷିପ୍ରକା ନାମ ।। ୧୮୮ ।।
ଗୁର୍ବାଦିରଥ ଲଘ୍ୱାଦି ଯୁଗ୍ମୌଜାପ୍ୟଥ ବେତରା ।
ଏତଦ୍ ବୃତ୍ତଗତା ଯାତୁ ସାବିଜ୍ଞେୟା ଧ୍ରୁବା ଦ୍ରୁତା ।। ୧୮୯ ।।

ମୁଖଚପଳା- ଏହି ଛନ୍ଦର ଉଣାଇଶ ଅକ୍ଷର ବିଶିଷ୍ଟ ପାଦରେ ପଞ୍ଚମ, ଦ୍ୱାଦଶ ଓ ଅନ୍ତ୍ୟବର୍ଣ୍ଣ ଗୁରୁ ହୁଏ ।।୧୮୪,୧୮୫।।

ଧ୍ରୁବା ପାଇଁ ଏହି ଆଠଟି ପ୍ରଧାନ ଛନ୍ଦ ଜାତି । ଏମାନଙ୍କ ମଧ୍ୟରୁ ଯୁଗ୍ମ ଓ ଅଯୁଗ୍ମ ବର୍ଣ୍ଣାତ୍ମକ ଛନ୍ଦ ଉଦ୍‌ଭୂତ ହୋଇଅଛି । ଏହି ଦୁଇ ପ୍ରକାର ଛନ୍ଦ ମିଶି ଯାଇଅଛି ।।୧୮୬।।

ଦ୍ରୁତା ଶ୍ରେଣୀର ଧ୍ରୁବାମାନଙ୍କର ଏହି ଛନ୍ଦଜାତି ଗୁଡ଼ିକ ମୂଳଜାତିର ଅଟନ୍ତି । ଅନ୍ୟାନ୍ୟ ଯୁଗ୍ମବନ୍ଧ ବିଷମାକ୍ଷର ଜାତି ଏମାନଙ୍କଠାରୁ ଉଦ୍‌ଭୁତ ହୋଇଅଛନ୍ତି ।।୧୮୫।। କ୍ଷିପ୍ରକା - ଯେଉଁ ଛନ୍ଦର ସପ୍ତଦଶାକ୍ଷର ପାଦରେ ତୃତୀୟ, ପଞ୍ଚମ, ଅଷ୍ଟମ, ଏକାଦଶ ଓ ସପ୍ତଦଶ ଅକ୍ଷର ଗୁରୁ ତାହା ନାମ କ୍ଷିପ୍ରିକା ।।୧୮୮।।

ଦ୍ରୁତ ଧ୍ରୁବା - ଆଦିଗୁରୁ ଓ ଆଦିଲଘୁ, ଯୁଗ୍ମୌଜା କିମ୍ବା ଅଯୁଗ୍ମୌଜା, ଏହି ବୃତ୍ତ ମଧ୍ୟରେ ଯେ ରହିବ ତାହାକୁ ଦ୍ରୁତା ଧ୍ରୁବା ବୋଲି ଜାଣିବ ।।୧୮୯।।

Digitized by srujanika@gmail.com

ଏତାସ୍ତୁ ଜାତୟଃ ତ୍ର୍ୟସ୍ରା ଦ୍ୱିପାଦାଃ ପରିକୀର୍ତ୍ତିତାଃ ।
ଦ୍ୱିପାଦାଃ ଚତୁରସ୍ରାଶ୍ଚ ସଂ ପ୍ରବକ୍ଷ୍ୟାମ୍ୟତଃ ପରମ୍ ।। ୧୯୦ ।।
ଯସ୍ୟାଃ ପାଦେ ଇତ୍ୟଷ୍ଟ ଷଷ୍ଠୋ ଗଣା ଜକାରାଖ୍ୟାଃ ।
ସର୍ବେବର୍ଣ୍ଣା ଦୀର୍ଘା ଯସ୍ୟା ଅଷ୍ଟୌ ସା ଭାଷିତାମାଳା ।। ୧୯୧ ।।
ଯଥା: ଏଅଂ ଲୋଅଂ ସଂଛାଦନ୍ତା ଭୀମାଣଦନ୍ତି ଗମ୍ଭୀରା ।
ବିଦ୍ୟୁଜ୍ଜୁତା ତୋଅଂ ସଂମୁଞ୍ଚନ୍ତା ସମୁନ୍ନଦା ମେହା ।। ୧୯୨ ।।
(ଏତଂ ଲୋକଂ ସଂଛାଦୟନ୍ତୋ ଭୀମା ନର୍ଦ୍ଦନ୍ତି ଗମ୍ଭୀରାଃ ।
ବିଦ୍ୟୁଦ୍ ଯୁକ୍ତାଃ ତୋୟଂ ସଂମୁଞ୍ଚନ୍ତଃ ସମୁନ୍ନତା ମେଘାଃ ।।)
ଯସ୍ୟାଃ ପାଦେ ନିତ୍ୟଂ ଚତୁର୍ଥ ଷଷ୍ଠେ ଜ କାର ସଂଜ୍ଞେ ତୁ
ଶେଷାଣ୍ୟନ୍ୟାନି ସ୍ୟୁର୍ଗୁରୂଣି ସାତୁ ପ୍ରଭାବତୀନାମା ।। ୧୯୩ ।।
ଯଥା: ଏତାନି ବାଦସଂଖୋଭିଦାନି ଏଦାନି ପୁପ୍‌ଫାଣି ମୁତ୍ତଗତ୍ତାଣି ।
ଦୁଦଂ ଇଦଂ ତପପ୍ ଫବି ଅଦ୍ଧଣସିଜାଣି ସୋଦନ୍ତି ଣେଣ ଧରଣାପି ।। ୧୯୪ ।।
(ଏତାନି ବାତସଂ କ୍ଷୋଭିତାନି ଏତାନି ପୁଷ୍ପାଣି ମୁକ୍ତଗାତ୍ରାଣି ।
ନୂନ ମିଦଂ ତପସ୍ୱଥି ଅର୍ଦ୍ଧାନିସିଦ୍ଧାନି ଶୋଚନ୍ତି ନିଜ ଧୈର୍ଯ୍ୟମ୍ ।।)
ଯଦି ଖଳୁ ତ୍ୱାଦୌ ଲଘୂନି ପାଦେ ଚତୁର୍ଥ ଷଷ୍ଠୌ ଲୌ ।
ଅତି ଧୃତିମାନଂ ଚ ସ୍ୟାଦ୍ ଗୁରୂଣି ଶେଷାଣି ସା ଚିତ୍ରା ନାମ୍ନା ।। ୧୯୫ ।।

ଏହି ଛନ୍ଦ ଜାତି ଗୁଡ଼ିକ ଦ୍ୱିପଦା ଏବଂ ତ୍ର୍ୟସ୍ରା ବୋଲି ପରିଚିତା । ଏହାପରେ ଦ୍ୱିପାଦ ଚତୁରସ୍ରା ବିଷୟ କହିବି ।।୧୯୦।।

ମାଳା: ଯାହା ପାଦରେ ଜକାର ନାମକ ଏହି ଅଷ୍ଟଷଷ୍ଠ ଜକାର ନାମକ ଗଣ ଥାଆନ୍ତି । (?) ଯେଉଁ ଛନ୍ଦର ଷୋଡ଼ଶାକ୍ଷର ପାଦରେ ସବୁବର୍ଣ୍ଣ ଦୀର୍ଘ ତାହା ନାମ ମାଳା ।।୧୯୧,୧୯୨।। ପ୍ରଭାବତୀ- ଜକାରାଖ୍ୟ (?) ଚତୁର୍ଥ ଏବଂ ଷଷ୍ଠବର୍ଣ୍ଣରେ ଦୀର୍ଘ ହୁଏ ତାହାକୁ ପ୍ରଭାବତୀ କୁହାଯାଏ । (ଏହି ଶ୍ଳୋକ ଅଶୁଦ୍ଧ ଥିବାରୁ ଅର୍ଥ ଅବୋଧ୍ୟ । ଏହା ବାରାଣସୀ ପ୍ରକାଶିତ ପୁସ୍ତକରେ ନାହିଁ । ୧୯୩, ୧୯୪) ପାଦର ଆଦିରେ ଲଘୁବର୍ଣ୍ଣ ତିନିଟି, ଚତୁର୍ଥ ଏବଂ ଷଷ୍ଠ ଲଘୁବର୍ଣ୍ଣ, ଅତିଧୃତି ମାନର ଏହି ଛନ୍ଦରେ ଶେଷ ଅକ୍ଷର ଗୁରୁ ହେବ । ଏହାର ନାମ ଚିତ୍ରା ।।୧୯୫ ।।

Digitized by srujanika@gmail.com

ଯଥା: ଜଳହରଣାବୁଦ୍ଧତ ରଅବାଶୋ ବଣଂ ମହତୋ ।
ସହଅସି ସଂବୁନ ଅଗୋଗଇଦୋ ଜାଇ ରକ୍ଷକ୍ଷି ।। ୧୯୬ ।।
ଯଦି ଖଳୁଭବତି ଯୁଗ୍ମଜକାରନାମ୍ନା ତ୍ରିକା କୃତେଃ ପଦେ ।
ଲଘୁଗଣ ସ୍ୟାଦୌ ବଦନ୍ତି ନାମ୍ନା ମାଳକିତାଂ ବୈ ।। ୧୯୭ ।।
ଯଥା: ପରଭୁଜ ଣିଣାଦ ବାଉଳିଜାଣି ସୁର ସିସିରବାଦ
ସଂଖୋହିଜାରି ଣଚ୍ଛନ୍ତିଜାଣିଂ ରନ୍ନାଣି ।। ୧୯୮ ।।
ଆଦ୍ୟ ଚତୁର୍ଥେ ଦଶମାଷ୍ଟମାଦ୍ୟଂ ତଥାନ୍ତ୍ୟଂ ଚ ଯତ୍ରଗୁରୁ ଚରଣେ ।
ଏକାଦଶଂ ଜାଗତେ ସା ପ୍ରକୃତ୍ୟାଶ୍ରୟା ହି ସୁରଭିମୁଖୀ ।। ୧୯୯ ।।
ଯଥା: ଲଘୁ ସକଳେ ସୀତଳେ ତାହଂ ଅରବିନ୍ଦ ମୁରଭି କମଦ ପରାଣିଳ ଆଦୌ ।
ସୁରଭିମାରୁଦେଶ ଏସା ବିଭାଦି ଜଳଣସିହା ।। ୨୦୦ ।।
(ଲଘୁସକଳେ ଶୀତଳେ ନଭଃ, ଅରବିନ୍ଦସୁରଭି ମରପତ୍ରାଣି ଲସନ୍ତି ।
ସୁରଭିମାରୁତେନ ଏଷା ବିଭାତି ଜ୍ୱଳନ ଶିଖା ।।)
ବିଲମ୍ବିତାନା ମିତ୍ୟୁକ୍ତାଃ ଚତୁରସ୍ରାହି ଜାତୟଃ ।
ଅତଃ ପରଂ ପ୍ରବକ୍ଷ୍ୟାମି ଦ୍ରୁତାନାଂ ଜାତି ଲକ୍ଷଣମ୍ ।। ୨୦୧ ।।
ସଜସଂଶ୍ରିତା ଯଦି ଭବତି ଚରଣେଷୁ ଚାକୃତି ସମୁଦ୍ଭଥା ।
ଗୁରୁଚାନ୍ତ୍ୟମେବ ଯଦି ତାଂମନୋଜ୍ଞଗମନାଂ ବଦନ୍ତି ଖଳୁ ନାମ୍ନା ।। ୨୦୨ ।।

ମାଳକିତା-(କ) ତ୍ରିକ ଆକୃତି ପାଦରେ ପ୍ରଥମେ ଲଘୁଗଣ ରହିବ ଏବଂ ତାହାପରେ ଯୁଗ୍ମଜକାର ରହିବ ଏହି ଛନ୍ଦକୁ ମାଳକିତା କୁହାଯାଏ ।।୧୯୭,୧୯୮।।
ସୁରଭିମୁଖୀ - ଆଦ୍ୟ ଏବଂ ଚତୁର୍ଥ ପାଦରେ ଦଶମ, ଅଷ୍ଟମ, ଆଦ୍ୟ ଅକ୍ଷର ଓ ଅନ୍ତ୍ୟ ଅକ୍ଷର ଏବଂ ଏକାଦଶ ଅକ୍ଷର ଯେଉଁଥିରେ ଗୁରୁ ହୁଏ । ଜାଗତୀ ଛନ୍ଦରେ ଏହି ପ୍ରାକୃତିକ ଛନ୍ଦକୁ ସୁରଭିମୁଖୀ କୁହାଯାଏ ।।୧୯୯,୨୦୦।।
ବିଲମ୍ବିତାଧ୍ରୁବାର ଏହି ଚତୁରସ୍ର ଜାତୀୟ ଛନ୍ଦ କୁହାଗଲା । ଏବେ ଦ୍ରୁତା ଧ୍ରୁବାର ଛନ୍ଦ ଜାତି ବିଷୟ କହିବି ।।୨୦୧।।
ମନୋଜ୍ଞଗମନା - ଏହି ଆକୃତି ଜାତୀୟ ଛନ୍ଦରେ (ଅକ୍ଷର ସଂଖ୍ୟାଠିକ ନାହିଁ) ପାଦମାନଙ୍କର ସ(।।ऽ) ଜ(।ऽ।)ଗଣ ରହେ, ଅନ୍ତବର୍ଣ୍ଣ ଗୁରୁ ରହେ । ଏହାକୁ ମନୋଜ୍ଞଗମନା କୁହାଯାଏ ।।୨୦୦୨, ୨୦୩ ।।

Digitized by srujanika@gmail.com

ଯଥା: କମଲା ଅରମ୍ଭି ଭରାଇଅସ୍ମି ଅଧ ଗନ୍ଧବହୁଳସ୍ମି ସରଦେ

ଶାହଣିଅ ଜଳେ ପିଆଭି ମୁହୀ ଆରାନି କମଳଵଣେ ହଂସୀ ।। ୨୦୩ ।।

(କମଳକରେଷୁ ଭରିତେଷୁ ଅଥ ଗନ୍ଧବହୁଳେଷୁ ଶରଦି ।

ଶ୍ଲାଘନୀୟଜଳେ ପ୍ରିୟାର୍ଦ୍ଧମୁଖୀ ଆଭାତି କମଳବନେ ହଂସୀ)

ଯଦି ପଞ୍ଚ ଭବନ୍ତି ସକାର ଗଣାଃ ଯଦି ଚାନ୍ତତୋ ଭବତି ଗୁରୁଃ ।

ଯଦି ଷଷ୍ଠଗଣଶ୍ଚ ଜକାରକୃତଃ ବିକୃତିରିତ ସ୍ତତସ୍ତୁ ଲଳିତଗତିଃ ।। ୨୦୪ ।।

ଯଥା: ସହ ଆରାମଣୋହର ଗନ୍ଧବହୋସ ମବାଇ(ଏ)ସ ମଦକଳେହିଂ ।

ମଦଣଂ ଜଣେଇ ବବଦି ବଣେ ପବଣୋ ଅସୁ ଅଧିଇ ଆସୁସୁଅ ପିଅବୋ(?)

(ସହକାର ମନୋହରୋ ଗନ୍ଧବହଃ ସମଂବାତି ସ ମଦକିଳୈଃ । ମଦନଂ ଜନୟନ୍ନିବ ବନେ ପବନଃ.... ?

ଯଦି ଦଶମଂ ଷଷ୍ଠମଥ ଷୋଡ଼ଶାନ୍ତଗତଂ ତ୍ରୟୋଦଶମପି ତଥା ଗୁରୁଭବତି ।

ପାଦ ବିହିତଂ ସତତଂଯଦି ସଂକୃତୌ ନାମ୍ନା ଭବତି ହି ଧ୍ରୁବା ଖଳୁରତିଃ ।। ୨୦୬ ।।

ଯଥା: ଜଳହରଣିଣଓ ତିଣି ଅରଞ୍ଜ ପଥ ସମଂଥଓ । ପବରିସନ୍ତ୍ରଦି ଜଳଣିହି(?) ଅମିଢ଼ଂ ସୁକରିଖୁଭିଦା -

ଭିଦୋଂ ବଦାବି ଦୋଖୁ ଅଗୋମୁଖୋ (?) ।। ୨୦୭ ।।

ଯଦି ଗୁରୁ ଦଶମଂ ହି ସସପ୍ତମ ନିଧନଗତଂ ସପ୍ତଦଶମପି ଚ ।

ଭବତି ଜଗୌ ଷଷ୍ଠଯୁତ ସ୍କୃର୍ତିକୃତି ରଥ ସାତୁ ଭୁଜଗମୁଖୀ ଯଥା ।। ୨୦୮ ।।

(୧୯୫ରୁ ୨୦୩ ପର୍ଯ୍ୟନ୍ତ ଅନୁବାଦ ସଂଶୟାପନ୍ନ) କାରଣ ମୂଳ ଅସ୍ପଷ୍ଟ) ।

ଲଳିତଗତି:- ଯେଉଁ ତ୍ରୟୋବିଂଶ ଅକ୍ଷର ଛନ୍ଦରେ ଦୁଇ ପାଦର ପାଞ୍ଚଟି ସ(IIS) ପରେ ଗୋଟିଏ ଜ(ISI) ଏବଂ ଅନ୍ତ୍ୟ ଗୁରୁ ହୁଏ, ଅବଶିଷ୍ଟ ଲଘୁ ତାହାକୁ ଲଳିତ ଗତି କୁହାଯାଏ ।।୨୦୪,୨୦୫।।

ରତି: ଯେଉଁ ଛନ୍ଦର ପାଦରେ ଷଷ୍ଠ, ଦଶମ, ତ୍ରୟୋଦଶ ଓ ଷୋଡ଼ଶ ଏବଂ ଅନ୍ତ୍ୟ ଅକ୍ଷରଗୁରୁ ହୁଏ । ତାହାର ନାମ ରତି ।।୨୦୬,୨୦୭।। (ଉଦାହରଣ ଶ୍ଳୋକ ଅସ୍ପଷ୍ଟ)

ଭୁଜଗମୁଖୀ - ଏହି ଛନ୍ଦରେ ଦଶମ, ସପ୍ତମ, ପଞ୍ଚମ ଓ ସପ୍ତଦଶ ଅକ୍ଷର ଗୁରୁ ହୁଏ । ଜଗଣ ଓ ଗୁରୁ ରହେ ଷଷ୍ଠଯୁକ୍ତ ହୋଇ ରହିଥାଏ ।।୨୦୮,୨୦୯।।

(ISI-ଜଗଣ, IIS-ସଗଣ ।-ଲଘୁ, S-ଗୁରୁ)

Digitized by srujanika@gmail.com

ଯଥା: ଜଳହର ସଯଂ ଆଗଦ ଓ ସୁଖସୁରଭି କଦୋ କୁସୁମବାଣା ।କୁଳିଦୋ ।
ମଦଣ ଜଣଣୋ ସୁଭିଣାସ କରୋ ସହି ପମଦାଜଣ ସହାଓ ପବଣୋ ॥ ୨୦୯ ॥
(ଜଳଧରେଣ ସମମାଗତଃ ସୁଖସୁରଭି କୃତଃ ସୁଖସୁରଭିକୃତଃକୁ ସୁମବାଣାକୁଳିତଃ ।
ମଦନଜନନଃ ସୁପ୍ରିନାଶକରଃ ସ ହି ପ୍ରମଦାଜନ ସହାୟଃ ପବନଃ)
ଯଦିଖଳୁ ସମେଷୁ ଜଣ୍ଣ ଭବତି ତଥୈବ ଗୁରୁ ନିଧନଙ୍ଂ ଭବତି ।
ଚରଣେ ଖଳୁ ଭବତି ଶେଷ ମଥ, ସତତ ମୃଦ୍‌କୃତିରର୍ଥଦଶାଦ୍ ଦ୍ରୁତପଦଗା ॥ ୨୧୦ ॥
ଯଥା- ମଧୁକର ରୁଦେହି କଥିନ ଇବାସୁ ସୁବିକସିଦସ ସୁମଣ ମୁଖକମଳୋ ।
କମଳିନି ପ୍ରିୟାହି ପରିବୁଦଓ ତନୁଅମପି ବିଭାଦିବିଅ ପଦୁମସରୋ ॥ ୨୧୧ ॥
(ମଧୁକରରୁତୈଃ କଥିତମିବାଶୁ ସୁବିକଶିତ ସୁମନୋମୁଖକମଳଃ ।
କମଳିନି ପ୍ରିୟାହି ପରିବୁଜଓ ତନୁଅମପି ବିଭାଦି ବିଅ ପଦୁମସରୋ ॥ ୨୧୧ ॥
(ମଧୁକରରୁତୈଃ କଥିତମିବାଶୁ ସୁବିକଶିତ ସୁମନୋମୁଖକମଳଃ ।
କମଳିନୀ ପ୍ରିୟାଭିଃ ପରିବୃତଃ ତନୁକମପି ବିଭାତି ଇବ ପଦ୍ମସରଃ ।)
ଏତେ ଦ୍ରୁତାସ୍ତୁ ବିଜ୍ଞେୟାଃ ଚତୁରସ୍ରାସ୍ତୁ ଜାତୟଃ ।
ଅତଃପରଂ ପ୍ରବକ୍ଷ୍ୟାମି ଉଦ୍ଧତାନାଂ ବିକଳ୍ପନମ୍ ॥ ୨୧୨ ॥
ଆଦ୍ୟେହ୍ୟଥ ନିଧନେ ତ୍ରୀଣି ପାଦେତୁ ଯଦି ଗୁରୂଣି ସ୍ୟୁଃ ।
ଜ୍ଞେୟା ଖଳୁ ବୃହତୀ ନିତ୍ୟଂ ନାମ୍ନା କନକଲତାକ୍ଷିପ୍ତା ॥ ୨୧୩ ॥

(ଏହି ମୂଳକାରିକା ଅବୋଧ୍ୟ, ତେଣୁ ଏହି ଅନୁବାଦ ସ୍ପଷ୍ଟ ବା ନିର୍ଭୁଲ ନୁହେ ॥
ଦ୍ରୁତପଦଗା: ସମପାଦରେ ଜଗତ (୧୫୧) ପଞ୍ଚଅକ୍ଷର ଗୁରୁ ରହିବ । ଏହା ଯଥାର୍ଥ ନାମା ଦ୍ରୁତ ପଦଗା ଅଟେ ॥୨୧୦,୨୧୧॥ (ଅର୍ଥ ସଂଦେହ ମୂଳ ସ୍ପଷ୍ଟ)
ଏଗୁଡ଼ିକ ଦ୍ରୁତଧ୍ରୁବା ପାଇଁ ବିହିତ ଚତୁରସ୍ର ଜାତୀୟ ଛନ୍ଦ । ଏବେ ଉଦ୍ଧତ ଧ୍ରୁବା ପାଇଁ ବିହିତ ଛନ୍ଦର କଥା କହିବି ॥୨୧୨॥
କନକଲତାକ୍ଷିପ୍ତା - ଯେଉଁ ଛନ୍ଦର ନବାକ୍ଷର ପାଦରେ ପ୍ରଥମ ଦୁଇ ଏବଂ ଶେଷ ତିନି ଅକ୍ଷର ଗୁରୁ ହୁଏ । ତାହାର ନାମ କନକଲତାକ୍ଷିପ୍ତା ॥୨୧୩,୨୧୪॥

Digitized by srujanika@gmail.com

ଯଥା: ଏସୋ ପଅଣଦଲେ ମେହୋ ଭୀମୋ ଭୟଜଣଣୋ ପବିଟ୍ଠୋ ।
ଭୂମିଂଣବ ଜଲଧାରାହିଂ ସିଞ୍ଚୟଦି ସହି ଗଜ୍‌ଜନ୍ ତୋ ।। ୨୧୪ ।।
(ଏଷ ଗଗନତଲେ ମେଘୋ ଭୀମଃ ଭୟଜନନଃ ପ୍ରବିଷ୍ଟଃ ।
ଭୂମିଂ ନବଜଲଧାରାଭିଃ ସିଞ୍ଚୟତି ସହି ଗର୍ଜନ୍ ।।)
ଆଦୌ ଦ୍ୱେ ଦ୍ୱେ ଯଦି ନିଧନେ ତ୍ରୀଣି ଯସ୍ୟାଃ ପାଦେଷ୍ୱଥ ଚ ଗୁରୂଣି ସ୍ୟୁଃ ।
ସଂକ୍ଷିପ୍ତା ତ୍ରିଷ୍ଟୁବ୍‌ଭିଃ ନିୟତା ଜ୍ଞେୟା ଦୀନଶ୍ରୋଣୀ ସୁରୁଚିର ଚିତ୍ରା ।। ୨୧୫ ।।
ଯଥା-ଏଷୋ ମେହୋ ସିହରିଣିହୋ ଲୀଣୋ ଧାରା ପାଦେହି ଦିହମବୋ ଭୂମିମ୍(?)
ଆଲମ୍ୱନ୍ତୋ ପଅସାଓ (?) ତୋଅଂ ଆସୁଞ୍ଚନ୍ତେ । ଗଅଣ ଦଲେ ନାଦି ।। ୨୧୬ ।।
(ଏଷ ମେଘଃ ଶିଖରିଣିଷୁ ଲୀନଃ ଧାରାପାତୈଃ ଦିଗ୍ଧୟନ୍ ଭୂମିମ୍ ।
ଆଲମ୍ୱମାନଃ ପୁଷ୍କରମାର୍ଗଂ ତୋୟମାମୁଞ୍ଚନ୍ ଗଗନତଲେ ଯାତି ।।)
ଯଦି ଖଳୁ ପଞ୍ଚମ ମନ୍ତ୍ୟେ ଚରଣବିଧୌ ପଦି ଗୁରୂଣି,
ଭବନ୍ତିତୁ ସାଖଲୁ ଶଶିରେଖା ଭୁବି ବୃହତୀ ପ୍ରଥିତା ।। ୨୧୭ ।।
ଯଥା: ଗିରିରେ ବାରଣରୁବଂ ଖୁଭିଦ ମହଣ୍ଣବଣାଦଂ
ପଡୁପବଣେଣ ବିଧୁନଂ ଭମଦି ବଳାହଅଜୂଥମ୍ ।। ୨୧୮ ।।
(ଗିରିଚରଣ ବାରଣ ରୂପଂ କ୍ଷୁଭିତ ମହାର୍ଣ୍ଣବନାଦଂ,
ମୃଦୁ ପବନେନ ବିଧୂତଂ ଭ୍ରମତି ବଳାହକ ଯୂଥମ୍ ।।)
ଯଦିଚ ଖଳୁ ଷଷ୍ଠମନ୍ତ୍ୟଂ ପଦି ପଦି ଗୁରୂଣି ପାଦଯୋଗେ,
ଇତି ଗଦିତା ହିବୃତ୍ତେ ଶଲଭବିଚଳିତା ସା ।। ୨୧୯ ।।
ଯଥା: ସସିକିରଣ କ୍କଲଙ୍ଗମଛମ୍ୱହାରା ଉଡୁଗଣ କିଦାବତଂସା,
ଗହଗଣ କିଦଙ୍ଗସୋଭା ଖୁବତି ଦିଅ ଭାବି ରାଇ ।।୨୨୦।।

ସୁରୁଚିର ଚିତ୍ରା - ଏହି ଛନ୍ଦର ଏକାଦଶାକ୍ଷର ପାଦରେ ପ୍ରଥମ ଦୁଇ ଏବଂ ଶେଷ ତିନି ଅକ୍ଷରଗୁରୁ ହୁଏ ।।୨୧୫,୨୧୬।।
ଶଶିରେଖା - ଏହି ଛନ୍ଦର ନବାକ୍ଷର ପାଦରେ ପଞ୍ଚମ ଓ ଅନ୍ତ୍ୟଅକ୍ଷର ଗୁରୁ ହୁଏ ।।୨୧୭,୨୧୮।।
ଶଲଭ ବିଚଳିତା - ଏହି ଛନ୍ଦର ନବାକ୍ଷର ପାଦରେ ଷଷ୍ଠ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।।୨୧୯,୨୨୦।।

Digitized by srujanika@gmail.com

(ଶଶିକିରଣ ଲମ୍ବ ହାରା ଉଡୁଗଣ କୃତାବତଂସା,
ଗ୍ରହଗଣକୃତାଙ୍ଗ ଶୋଭା ଯୁବତିରିବ ଭାତି ରାତ୍ରିଃ ।
ଯଦି ଖଳୁ ଚରଣ ବିଧୌ ଲଘୁ ବସୁ ଗଣକ ମିଦମ୍,
ଭବତି ହି ଲଘୁବୃହତୀ ମଣିଗଣ ନିକରକୃତା ॥୨୨୧ ॥
ଯଥା: ଉଡୁଗଣକୁସୁମବତୀ ଗ୍ରହଗଣ କୃତତିଳକା
ରଜନୀକର ନିଭ ମୁଖୀ ବ୍ରଜତୀବ ଅସୌ ନିଶା ॥୨୨୨॥
(ଉଡୁଗଣ କୁସୁମବତୀ ଗ୍ରହଗଣ କୃତତିଳକା,
ରଜନୀକର ନିଭମୁଖୀ ବ୍ରଜତୀବାସୌ ନିଶା ।)
ଚତ୍ୱାର୍ଯ୍ୟାଦୌ ଚରଣବିଧୌ ଦୀର୍ଘାଣି ସ୍ୟୁର୍ନିଧନମପି ।
ନାମ୍ନାଜ୍ଞେୟା ଜଗତି ହି ସା ସିଂହାକ୍ରାନ୍ତା ଖଳୁ ବୃହତୀ ॥୨୨୩॥
ଯଥା: ଆକମ୍ପନ୍ତୋ ଧରଣୀତଳଂ ବିକ୍ଖୋଭନ୍ତୋ ଗଅଣତଳଂ
ବିଜ୍ଜୁଜ୍ଜୋଦୋ ଦଅବିଭବୋ ଏସୋ ମେଘୋ ପରିଚରିଦୋ ॥୨୨୪॥
(ଆକମ୍ପୟନ୍ ଧରଣୀତଳଂ ବିକ୍ଷୋଭୟନ୍ ଗଗନତଳମ୍ ।
ବିଦ୍ୟୁଦ୍ ଜ୍ୟୋତିର୍ଜଳ ବିଭବ ଏଷମେଘଃ ପରିଚରତି ।)
ବୃହତ୍ୟୋ ଜାତୟୋ ହ୍ୟେତା ବିଜ୍ଞେୟାଃ ସ୍ୟୁଃ ପ୍ରବେଶଜାଃ ।
ଅତଉର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ପଂକ୍ତିଜାତି ବିକଳ୍ପନମ୍ ॥୨୨୫॥
ଆଦ୍ୟଚତୁର୍ଥେହ୍ୟଥନିଧନଂ ପଞ୍ଚମକଂ ଚେଦ୍ ଗୁରୁଚରଣେ ।
ଗୀତ ବିଧାନେ ଭବତି ହିସା ପଂକ୍ତିକୃତା ବୈସୁରଦୟିତା ॥୨୨୬॥

ମୁନିଗଣ ନିଜରକୃତା - ଏହାର ନବାକ୍ଷର ପାଦରେ ପ୍ରଥମ ଆଠଟି ଅକ୍ଷର ଲଘୁ ହୁଏ ॥୨୨୧,୨୨୨॥

ସିଂହାକ୍ରାନ୍ତା - ଯେଉଁ ଛନ୍ଦର ନବାକ୍ଷର ପାଦରେ ପ୍ରଥମ ଚାରିବର୍ଣ୍ଣ ଓ ଅନ୍ତ୍ୟବର୍ଣ୍ଣ ଗୁରୁ ହୁଏ ତାହାର ନାମ ସିଂହାକ୍ରାନ୍ତା ॥୨୨୩,୨୨୪॥

ପ୍ରାଦେଶିକୀ ଧ୍ରୁବାର ଉପଯୋଗୀ ଏଗୁଡ଼ିକ ବୃହତୀ ଜାତିର ଛନ୍ଦ ଅଟନ୍ତି ।
ଏହାପରେ ପଂକ୍ତି ଶ୍ରେଣୀୟ ଛନ୍ଦ ବିଷୟ କହିବି ॥୨୨୫॥

ସୁରଦୟିତା - ଏହି ଛନ୍ଦର ଦଶମାକ୍ଷର ପାଦରେ ପ୍ରଥମ ଚତୁର୍ଥ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥୨୨୬,୨୨୭॥

Digitized by srujanika@gmail.com

ଯଥା: ପଙ୍କଜହାଣ୍ଡେ ବିମଲଜଲେ ସାରସକେହିଂ ସମଣୁଗଦୋ ।
କୁନ୍ଦ ନିକାସୋ ସସିଧବଲୋ ହଂସ ଯୁବାଣୋ ପରିଚରିଦୋ ।।୨୨୭।।
(ପଙ୍କଜ ଷଣ୍ଡେ ବିମଲଜଲେ ସାରସକୈଃ ସମନୁଗତଃ ।
କୁନ୍ଦନୀକାଶଃ ଶଶିଧବଲୋ ହଂସଯୁବା ପରିଚରତି ।)
ଦୀର୍ଘାଣି ହ୍ୟଥ ନିଧନଗତାନି ତ୍ରୀଣି ସ୍ୟୁର୍ଯଦି ଚରଣବିଧୌ ।
ସାଜ୍ଞେୟା କୁସୁମ ସମୁଦିତା ପଂକ୍ତିଷ୍ଟେଦପି ଚ କୁମୁଦିନୀ ।।୨୨୮।।
ଯଥା: ବାସନ୍ତୋ କୁସୁମ ସମୁଦିଦୋ ତପୁଦୋସୋ ସୁମୁହି ସୁରଭିଣୋ ।
ସୋସନ୍ତୋ ପିଅରହିଦ ଜଣଂ ସମ୍ଣଭୋ ଏସ ସହି ସରସୋ ।।୨୨୯।।
(ବାସନ୍ତଃ କୁସୁମ ସମୁଦିତଃ ପ୍ରଦୋଷଃ ସୁମୁଖି, ସୁରଭିତଃ ।
ଶୋଷୟନ୍ ପ୍ରିୟରହିତଜନଂ ସମ୍ମନ୍ନଃ ଏଷ ସଖି, ସରସଃ ।।)
ସପ୍ତମମାଦ୍ୟ ଚତୁର୍ଥଯୁତଂ ଯତ୍ର ନୈଧନମେବ ଗୁରୁପାଦବିଧୌ ।
ଯଦିପଂକ୍ତିବିଧକୃତା ସା ଖଳୁ ବୃତ୍ତମିତି ପ୍ରଥିତା ।।୨୩୦।।
ଯଥା: ଏସ ସମୁଲ୍ଲସଂ ଅମ୍ବରକେ ମେହରବଂ ସୁନିଭଣ ଗଜୋ ।
ରୋସବସେଣ ସମୁଜ୍ଜଲିଦୋ ହିଣ୍ଡଦି କାଣଣଏ କୁବିଦୋ ।।୨୩୧।।
(ଏଷ ସମୁଲ୍ଲସନ୍ ଅମ୍ବରକେ ମେଘରବଂ ଶୃଣ୍ୱନ୍ ଗଜଃ ।
ରୋଷବଶେନ ସମୁଜ୍ଜ୍ୱଳିତଃ ହିଣ୍ଡତି କାନନେ କୁପିତଃ ।)
ତ୍ରୀଣ୍ୟାଦୌତୁ ଭବନ୍ତି ଗୁରୂଣି ଷଷ୍ଠାନ୍ତ୍ୟଂ ନବମଂ ଚରଣେ ତୁ ।
ଯସ୍ୟାଃ ସା ଖଳୁ ଗୀତବିଧାନେ ପଂକ୍ତିଃ କ୍ଷିପ୍ତା କୃତୋଦ୍ଧତା ନାମ ।।୨୩୨।।
ଯଥା: ଅବ୍ଭଂ ଅମ୍ବୁଧରେ ହିଁ ପିଣଦ୍ଧଂ ବିଜ୍ଜୁନଜୋଦ କ୍ଷଣାନ୍ତ ପଦୀବଂ ।
ବାବା ଘୁର୍ଣ୍ଣଦ କମ୍ପିଦ ପଉଂ ଉପ୍ପାଦେଦି ବ ହଦ୍‌ଥିସମୂହମ୍ ।।୨୩୩।।

କୁସୁମ ସମୁଦିତା-ଏହାର ଦଶାକ୍ଷର ପାଦରେ ପ୍ରଥମ ତିନି ଅକ୍ଷର ଓ ଅନ୍ତ୍ୟଅକ୍ଷର ଗୁରୁ ହୁଏ ।।୨୨୮,୨୨୯।। (ବା-କୁମୁଦିନୀ) ।
ବୃତ୍ତ - ଏହି ଛନ୍ଦର ଦଶାକ୍ଷର ପାଦରେ ପ୍ରଥମ ଚତୁର୍ଥ ସପ୍ତମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।।୨୩୦,୨୩୧।।
କୃତୋଦ୍ଧତା - ଏହାର ଦଶାକ୍ଷର ପାଦରେ ପ୍ରଥମ ତିନି, ଷଷ୍ଠ, ନବମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।।୨୩୨,୨୩୩।।

Digitized by srujanika@gmail.com

(ଅଭ୍ରମମ୍ବୁଧରୈଃ ପିନଦ୍ଧଂ ବିଦ୍ୟୁଦଯୁକ୍ତ ଘନାନ୍ତ ପ୍ରତୀପମ୍ ।
ବାତାଘୂର୍ଣ୍ଣିତ କମ୍ପିତ ପତ୍ର ମୁନ୍ନାଦୟତୀବ ହସ୍ତି ସମୂହମ୍ ॥)
ଆଦ୍ୟ ଚତୁର୍ଥେ ନିଧନକେଚ ପଞ୍ଚମଷଷ୍ଟେ ଯତ୍ର ଚ ଦୀର୍ଘେ ।
ପୁଷ୍ପସମୃଦ୍ଧା ସଂକଥିତା ସା ପଂକ୍ତିରଥୈଷା ଗୀତବିଧାନେ ॥୨୩୪॥
ମେହସମୂହଂ ଲୀଣ ବଲାକଂ ବିଜ୍ଜୁପଲିତ୍ତଂ ପେକ୍ଖିଅ ଏସୋ ।
ଉଦ୍ଧିୟ ରୋଷୋ ଭୂରିଣିଣାଦୋ ଧାବଦି ଉଦ୍‌ଥୀ ଭୁଜ୍ଜବଣମ୍ଭି ॥୨୩୫॥
(ମେଘସମୂହଂ ଲୀନବଲାକଂ ବିଦ୍ୟୁଦ୍‌ପ୍ରଲିପ୍ତଂ ପ୍ରେକ୍ଷ୍ୟ ଏଷଃ ।
ଉଦ୍‌ଗତରୋଷୋ ଭୂରିନିନାଦଃ ଧାବତି ହସ୍ତୀ ଭୂର୍ଜବନେ ॥)
ଯଦି ଖଳୁ ପଞ୍ଚମମନ୍ତ୍ୟଂ ଚ ଚରଣବିଧାବପି ଦୀର୍ଘଂ ସ୍ୟାଦ୍ ।
ଭବତି ନବମଂ ଚାଷ୍ଟମକଂ ଯସ୍ୟା ବିପୁଳଭୁଜା ଭୁବି ସା ଜ୍ଞେୟା ॥୨୩୬॥
ଯଥା: ଜଳହରଣାଦ ସମୁଦ୍ୱିଗ୍ନୋ ପଗଳିଦଦାଣ ସମୁଳ୍ଳୋ ।
ବଣଗହନଂ କୁବିଦୋ ହଦ୍‌ଥୀ ସରଭସ ଗଦ୍ଦିଦ ଓ ଜାଦି ॥୨୩୭॥
(ଜଳଧର ନାଦ ସମୁଦ୍‌ବିଗ୍ନଃ ପ୍ରଗଳିତ ଦାନସମାକୁଳଃ ।
ବନଗହନଂ କୁପିତୋ ହସ୍ତୀ ସରଭସଂ ଗର୍ବିତୋ ଯାତି ॥)
ଏତାସ୍ତୁ ଜାତୟଃ ପ୍ରୋକ୍ତାଃ ପଂକ୍ତ୍ୟା ଏବ ସମାସତଃ ।
ଅତଃପରଂ ପ୍ରବକ୍ଷ୍ୟାମି ତ୍ରିଷ୍ଟୁବ୍ ଜାତି ବିକଳ୍ପନମ୍ ॥୨୩୮॥
ଆଦାବିହ ଖଳୁ ଗୁରୁଣୀ ନିତ୍ୟଂ ନିଧନମପି ଚ ପରତଃ ।
ବୃତ୍ତେ କବିଭିରିତି ନିଗଦିତା ତ୍ରିଷ୍ଟୁବ୍‌ଜାତି ରଭିହିତା ଚପଳା ॥୨୩୯॥

ପୁଷ୍ପ ସମୃଦ୍ଧା - ଏହି ଛନ୍ଦର ଦଶାକ୍ଷର ପାଦରେ ପ୍ରଥମ ଚାରିଟି, ପଞ୍ଚମ, ଷଷ୍ଠ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ଗୀତବିଧାନରେ ଏହା ପଂକ୍ତି ଅନ୍ତର୍ଗତ ଅଟେ ॥୨୩୪,୨୩୫॥
ବିପୁଳ ଭୂଜା - ଏହି ଛନ୍ଦର ଦଶାକ୍ଷର ପାଦରେ ପଞ୍ଚମ, ଅଷ୍ଟମ, ନବମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥୨୩୬,୨୩୭॥

ଏହି ଜାତିଗୁଡ଼ିକ ସଂକ୍ଷେପରେ ପଂକ୍ତିର କୁହାଗଲା । ଏହା ପରେ ତ୍ରିଷ୍ଟୁପ୍ ଜାତିର ଛନ୍ଦ ବିଷୟ କହିବି ॥୨୩୮॥
ଚପଳା - ଏହି ଛନ୍ଦର ଏକାଦଶାକ୍ଷର ପାଦରେ ପ୍ରଥମ ଦୁଇ ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ଏହା ତ୍ରିଷ୍ଟୁଭ୍ ଜାତିର ବୋଲି କବିମାନେ କହିଥାଆନ୍ତି ॥୨୩୯, ୨୪୦॥

Digitized by srujanika@gmail.com

ଯଥା: ଏତେ କ୍ଷିଦି ଧରବର ସଦିସା ଭୀମା ପଡୁପଡ଼ହ ସମରବା
ଲୀଳାସିଦଖଗ ବିବରସଣା ମେଘା ଶରତଳ ମଭିସିନା ।।୨୪୦।।
(ଏତେ କ୍ଷିତିଧରବର ସଦୃଶା ଭୀମାଃ ପଟୁପଟହସମରବାଃ
ଲୀଳାସିତ ଖଗଦୃଗ୍ ଦର୍ଶନା ମେଘା ନଭସ୍ତଳମଭିସରନ୍ତି ।।)
ଯଦିଖଳୁ ମଧ୍ୟେ ତୃଥ ଗୁରୂଣି ପୁନରପି ଚାନ୍ତ୍ୟଂ ଗୁରୁ ଚରଣେ ।
ଭବତି ହି ନିତ୍ୟଂ ରୁଚିରମୁଖୀ କମଳକଳାକ୍ଷୀତି କଥିତା ।।୨୪୧।।
ଯଥା: ପରିଧୁଣମାଣୋ କିରଣପହଂ ଅଭିରୁହମାଣୋ ଉଦୟଗିରିମ୍ ।
ଉଡୁଗଣ ବନ୍ଧୁ କୁସୁମସଖୋ ଉୟେଦି ଚନ୍ଦୋଗଗଣ ତଳେ ।।୨୪୨।।
(ପରିଧୁନ୍ବାନଃ କିରଣପ୍ରଭାମ ଭିରୋହମାଣ ଉଦୟଗିରିମ୍ ।
ଉଡୁଗଣବନ୍ଧୁଃ କୁମୁଦସଖ ଉଦୟତି ଚନ୍ଦ୍ରୋ ଗଗନତଳେ ।)
ଯବିଖଳୁ ପଞ୍ଚମକାଷ୍ଟମକେ ପୁନରପି ଚାନ୍ତ୍ୟଗତଂ ଚ ଗୁରୁ ।
ଚରଣବିଧା ବିହ ବୃତ୍ତଗତେ ଭବତି ହିସା ଦ୍ରୁତପାଦଗତିଃ ।।୨୪୩।।
ଯଥା: ଗୟଣତଳଂ ଗଣହିଣ୍ଡଣ ଓ କିରଣ ସହସ୍ର ବିଭୂସଦଓ ।
ବିହୁଣିୟ ମେହ ପଡ଼ସୁଅ ଉଦୟଦି ଚନ୍ଦନତେ ଗଗଣେ ।।୨୪୪।।
(ସଂସ୍କୃତାନୁବାଦଃ ଅସମ୍ଭବଃ ମୂଳପାଠଦୋଷାତ୍)
ଯଦିଖଳୁ ମଧ୍ୟେ ଗୁରୁଯୁଗଳଂ ନିଧନଗତଂ ଚାପ୍ୟଥ ଗୁରୁକମ୍ ।
ଭବତି ସୈବ ଚରଣବିଧୌ କମଳ ନିଭାସ୍ୟେ ହ୍ୟତି ଚପଳା ।।୨୪୫।।
ଯଥା: କୁସୁମ ସୁଅନ୍ଧୀଅ ସୁପବଣୋ ତରୁବରଲାସୋ ପମଦବଣେ ।
ବହୁକୁସୁମନ୍ଧି ଶବସରଦେ ବିଚରଦି ରମ୍ଯେ ଶଳିଣିବଣେ ।।୨୪୬।।

ରୁଚିର ମୁଖୀ - ଏହି ଛନ୍ଦର ଏକାଦଶାକ୍ଷର ପାଦରେ ମଧ୍ୟ ଅକ୍ଷର ଦୁଇଟି (ପଞ୍ଚମ ଓ ଷଷ୍ଠ) ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । କେତେକ ଏହାକୁ କମଳଦଳାକ୍ଷୀ ବୋଲି କହିଥା'ନ୍ତି ।୨୪୧,୨୪୨।।
ଦ୍ରୁତପାଦଗତି - ଏହି ଛନ୍ଦର ଏକାଦଶାକ୍ଷର ପାଦଯୁକ୍ତ ଛନ୍ଦର ପାଦରେ ପଞ୍ଚମ, ଷଷ୍ଠ ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।।୨୪୩, ୨୪୪) ।।

Digitized by srujanika@gmail.com

(କୁସୁମ ସୁଗନ୍ଧିତ ସୁପବନଃ ତରୁବରୋଲ୍ଲାସୀ ପ୍ରମଦବନେ ।
ବହୁକୁସୁମିତେ ନବଶରଦି ବିଚରତି ରମ୍ୟେ ନଳିନୀବନେ ।।)
ତୃତୀୟାନ୍ତଂ ଚତୁର୍ଥଂ ଚ ପଞ୍ଚମଂ ଷଷ୍ଠମେବଚ ।
ଗୁରୂଣି ତ୍ରୈଷ୍ଟୁଭେ ପାଦେ ଯତ୍ର ସା ବିମଳା ମତା ।।୨୪୭।।
ଯଥା: କୁସୁମାର୍କଣ୍ଣେ ଣିମ୍ମଳ ସଲିଳେ ଣାଳିଣୀ ସଣ୍ଡେ ଛପ୍ପଦମୁହଳେ ।
ସରସୀ ମଜ୍‌ଝେ ସାରସମୁଦିଦେ ସମଦୋ ଉଦ୍‌ଥୀ ଏସବିଚରିବୋ ।।୨୪୮।।
(କୁସୁମାକୀର୍ଣ୍ଣେ ନିର୍ମଳସଲିଳେ ନଳିନୀ ଷଣ୍ଡେ ଷଟ୍‌ପଦମୁଖରେ ।
ସରସୀ ମଧ୍ୟେ ସାରସ ମୁଦିତେ ସମଦୋ ହସ୍ତୀ ଏଷ ବିଚରତି ।।)
ଚତୁର୍ଥଂ ପଞ୍ଚମଂ ପୂର୍ବ ମନ୍ତ୍ୟୋପାନ୍ତ୍ୟେ ତଥୈବ ଚ ।
ଗୁରୂଣି ତ୍ରୈଷ୍ଟୁଭେ ପାଦେ ଯତ୍ର ସା ରୁଚିରା ମତା ।।୨୪୯।।
ଯଥା: ମେହବିଦାଣଂ ଅବଧୂଣମାଣୋ କମ୍ପୟମାଣୋ କୁମୁଦ ବଣାଣି ।
ତୋୟସମୂହଂ ଅବକିରମାଣୋ ବାୟଦି ବାୟୋ କୁବିଦ ଇବାସୁ ।।୨୫୦।।
(ମେଘସମୂହ ମବଧୁନ୍ୱାନଃ କମ୍ପୟନ୍ କୁମୁଦବନାନି)
ତୋୟ ସମୂହ ମବକିରୟନ୍ ବାତି ବାୟୁଃ କୁପିତଇବାସୌ ।)
ଯଦି ଖଳୁ ଲଘୁଗଣ ଇହ ନିୟତୋ ଯଦି ପଦି ଗୁରୁ ଚ ହି ନିଧନ ଗତମ୍ ।
ଭବତି ହି ଲଘୁଗତି ରତି ଚପଳା ତ୍ୱରିତଗତିର ଧିକମତି ଜଗତୀ ।।୨୫୧।।
ଯଥା: ବିଧୂଣିଅ ଜଳଧର ମନ୍ଦଦପହୋ ଦ୍ୱିଜଗଣ ମୁନିଗଣ ପରିପାଠିଦୋ
ଉଦୟଗିରି ସେଖର ତଟ ମୁକୁଟୋ ବିଚଳଦି ଗଗଣ ତଳେସ୍ମି ମୁରୋ ।୨୫୨।।

ବିମଳା - ଏହି ଛନ୍ଦର ଏକାଦଶାକ୍ଷର ବିଶିଷ୍ଟ ପାଦରେ ତୃତୀୟ, ପଞ୍ଚମ, ଷଷ୍ଠ, ସପ୍ତମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।।୨୪୭-୨୪୮।।

ରୁଚିରା - ଯେଉଁ ତ୍ରୈଷ୍ଟୁଭ ଛନ୍ଦରେ ଏକାଦଶାକ୍ଷର ପାଦରେ ଚତୁର୍ଥ, ପଞ୍ଚମ, ଉପାନ୍ତ୍ୟ ଓ ଅନ୍ତ୍ୟବର୍ଣ୍ଣ ଗୁରୁ ହୁଏ ତା ନାମ ରୁଚିରା ।।୨୪୯,୨୫୦।।

ଅତିଚପଳା - ଅତିଜଗତୀ ପରିବାରର ଏହି ଛନ୍ଦର ତ୍ରୟୋଦଶାକ୍ଷର ପାଦରେ ଅନ୍ତ୍ୟ ଅକ୍ଷରଗୁରୁ ହୁଏ । ଏହା ଧୀରେ ଧୀ ରେ ବୋଲା ଯାଏ ।।୨୫୧,୨୫୨।।

Digitized by srujanika@gmail.com

(ବିଧୂନ୍ବନ୍ ଜଳଧର ମମିତପ୍ରଭୋ ଦ୍ୱିଜଗଣ ମୁନିଗଣ ପରିପାଠିତଃ ।
ଉଦୟଗିରି ଶେଖର ତଟମୁକୁଟୋ ବିଚଳତି ଗଗନତଳେ ସୂର୍ଯ୍ୟଃ ॥)
ଯଦି ଖଳୁ ପଞ୍ଚମ ନିଧନଗତେ ଚରଣ ବିଧୌଭବତି ହି ଗୁରୁଣୀ ତୁ ।
ଅତିଜଗତୀ ଭୁବି କଥିତଗୁଣା ସା ମଦକଳିତେତି ଚ ନିଗଦିତ ନାମା ॥୨୫୩॥
ଯଥା: ଗଗଣତଳଂଗଣ ମଭିରୁହମାଣୋ ରଜଦମହାଗିରି ଶିଖର ସରୂବୋ ।
ପଂତିଅ ମହାମଣି ଣିଅରଣିଆସୋ ପରିଚରିଦୋ ଣବସରଦି ମିଅଂକୋ ॥୨୫୪॥
(ଗଗନତଳାଙ୍ଗଣ ମଭିରୁହମାଣଃ ରଜତମହାଗିରି ଶିଖର ସ୍ୱରୂପଃ ।
-ମହାମଣି ନିକର ନିବାସଃ ପରିଚରତି ନବଶରଦି ମୃଗାଙ୍କଃ ॥)
ତ୍ରିଷ୍ଟୁଭୋ ଜାତୟୋ ହ୍ୟେତା ଜଗତ୍ୟାସ୍ତୁ ନିବୋଧତ ॥
ନବମଂ ନୈଧନେ ଦ୍ୱେଚ ଗୁରୁଣୀ ଚରଣେ ଯଦି ।
ବୃତ୍ତେଽତିଜଗତୀ ସାତୁ ଜ୍ଞେୟା କମଳଲୋଚନା ॥୨୫୫॥
ଯଥା: ଦିଜଗଣ ମୁନିଗଣ ବନ୍ଦିଦ ତେଜୋ ପବିତଦ କିରଣ ସହସସ ଣିଣଦ୍ଧୋ ।
ବିଧୁଣିଅ ତିମିରପଡ଼ଂ ଜଗଦୀପୋ ଉଦୟଦି ଗଗନତଳେ ଏସ, ସୂରୋ ॥
ଦ୍ୱିଜଗଣ ମୁନିଗଣ ବନ୍ଦିତ ତେଜାଃ ପବିତ୍ର କିରଣ ସହସ୍ର ନିନଦ୍ଧଃ ।
ବିଧୂୟ ତିମିରପଦଂ ଜଗଦ୍ଦୀପ ଉଦୟତି ଗଗନତଳେ ଏଷ ସୂର୍ଯ୍ୟଃ ॥୨୫୬॥
ଯଦିଖଳୁ ଚରଣେ ତୁ ସପ୍ତମଂ ପୁନରପି ନବମଂ ସନୈଧନମ୍ ।
ଗୁରୁ ତଦପରବକ୍ତ୍ରମୁଚ୍ୟତେ ନିୟତମପି ନିଦର୍ଶନଂ ଯଥା ॥୨୫୭॥

ମଦକଳିତା - ଅତିଜଗତୀ ରାଜ୍ୟର ଏହି ଛନ୍ଦର ତ୍ରୟୋଦଶାକ୍ଷର ପାଦରେ ପଞ୍ଚମ ଓ ଶେଷ ଦୁଇଟି ଅକ୍ଷର ଗୁରୁ ହୁଏ ॥୨୫୩,୨୫୪॥ ଏମାନେ ତ୍ରିଷ୍ଟୁର ଛନ୍ଦ । ଏବେ ଜଗତୀଜାତୀୟ ଛନ୍ଦ ବିଷୟ ବୁଝନ୍ତୁ ।

କମଳ ଲୋଚନା - ଅତିଜଗତୀ ବୃତ୍ତର ଏହି ଛନ୍ଦରେ ତ୍ରୟୋଦଶାକ୍ଷର ପାଦରେ ନବମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥୨୫୫॥

ଅପର ବକ୍ତ୍ର : ଏହି ଛନ୍ଦର ଏକାଦଶ ଅକ୍ଷରାତ୍ମକ ପାଦରେ ସପ୍ତମ, ନବମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥୨୫୭,୨୫୮॥

Digitized by srujanika@gmail.com

ଯଥା: ଗିରିତଡ୍‌ବିଚରୋ ବିଧୁଂଣିଦୋ ଅସଣିଯଣରବେଣ କମ୍ପୟଂ ।
ଅଭିଷବଦି ବୁଦଂ ମହୀତଳଂ ପଟୁତରଣିଣଦୋ ମହାଘଣୋ ।।୨୫୮।।
(ଗିରିତଟ ବିଚରୋ ବିଧୁନିତାଶନି ଘାନରବେଣ କମ୍ପୟନ୍ ।
ଅଭିପତତି ଦ୍ରୁତଂ ମହୀତଳଂ ପଟୁତର ନିନଦୋ ମହାଘନଃ ।।)
ଏତାସ୍ତୁ ଜାତୟୋ ଜ୍ଞେୟାଃ ପ୍ରାବେଶିକ୍ୟା ଦ୍ରୁତାସ୍ତଥା ।
ସମବୃତ୍ତପଦାନାଂ ତୁ ବର୍ଦ୍ଧମାନାଂ ନିବୋଧତ ।।୨୫୯।।
ଏତାସାଂ ଲକ୍ଷଣଂ ସର୍ବଂ ପୂର୍ବମୁକ୍ତଂ ବିଧାନତଃ ।
ପ୍ରତିଷ୍ଠାଦି ଯଥା ଛନ୍ଦଃ ସମ୍ୟକ୍ ପାଦବିଧାନତଃ ।।୨୬୦।।
ପ୍ରତିଷ୍ଠା ଯଥା: ମେଘରବଂ ଣବ ସରଦେ ।
ନିସମିୟକୁଦ୍ଧୋ ଏସୋ ଗୟପ୍ପବରୋ ।।୨୬୧।।
(ମେଘରବଂ ନବଶରଦି, ନିଶମ୍ୟ କ୍ରୁଦ୍ଧ ଏଷ ଗଜପ୍ରବରଃ ।)

ସୁପ୍ରତିଷ୍ଠା ଯଥା:-ବିଜୁକସାହିଂ ପହଦଂ ମରୁଦ୍ଧିଂ, ପରୁଦଦି ଗୟଣଂ ଭି ସମିହଗଦତାରଂ ।।୨୬୨।।
(ବିଦ୍ୟୁଦ୍ ସହାୟଂ ପ୍ରଭଦଂ ମରୁଦ୍ଧିତମ୍ । ପ୍ରରୁଦତି ଗଗନଂ ସମୀକ୍ଷ୍ୟ ଗତତାରମ୍ ।।)
ଗାୟତ୍ରୀ ଯଥା: ମେଘରବାଉଳଂ ରୁଦ୍ଧ ଗହକଦମ୍ବମ୍ । ପସମିଦ ଦିବାକରଂରୁଦଦି ବିଅଣହଦଳମ୍ । (ମେଘରବାକୁଳଂ ରୁଦ୍ଧଗ୍ରହ କବମ୍ବମ୍ । ପ୍ରଶମିତ ଦିବାକରଂ ରୁଦତୀବ ନଭସ୍ତଳମ୍) ।।୨୬୩।।
ଉଷ୍ଣିକ୍ ଯଥା:- ଫୁଲ୍ଲୀ ଅରୁଷଣ୍ଡେ ସ୍ୱାଭି ପବଣ ହଦେ ।
ବିଅରଦି ପଦମ ବଣେ ହଂସୋ ସହଚରୀ ପରିବୁଦୋ ।।୨୬୪।।

ଏହି ଛନ୍ଦଗୁଡ଼ିକ ଦ୍ରୁତଜାତୀୟ ପ୍ରାବେଶିକୀ ଧ୍ରୁବାରେ ବ୍ୟବହାର୍ଯ୍ୟ । ଏବେ ବର୍ଦ୍ଧମାନା ଛନ୍ଦ ବିଷୟରେ କହିବି ।।୨୫୯।।

ପ୍ରତିଷ୍ଠାଠାରୁ ଆରମ୍ଭକର ଉଷ୍ଣିକ୍ ପର୍ଯ୍ୟନ୍ତ ଏମାନଙ୍କର ଲକ୍ଷଣ ଓ ପାଦବର୍ଣ୍ଣନା ପୂର୍ବରୁ କୁହାଯାଇଅଛି ।

Digitized by srujanika@gmail.com

(ଫୁଲ୍ଲତ୍ ତରୁଷଣ୍ଡେ ସୁରଭିପବନହତେ । ବିଚରତି ପଦ୍ମବନେ ହଂସଃ ସହଚରୀ ପରିବୃତଃ ।)

ବର୍ଦ୍ଧମାନଂ ମୟୈବଂ ତୁ ତ୍ର୍ୟସ୍ରାଣାଂ ପରିକୀର୍ତ୍ତିତମ୍ ।

ପୁନଶ୍ଚ ଚତୁରସ୍ରାଣା ମେବମେବ ନିବୋଧତ ।।୨୬୫।।

ଅନୁଷ୍ଟୁବ୍ ଯଥାଃ ତାରାବନ୍ଧୁ ଏସ ଣହେ ବିକ୍କିର ମାଣୋ ମେହପଡ଼ମ୍ ।

କିରଣ ସହସ୍ୟ ଭୂମିଦଓ ଉଦୟଦି ସୋମୋ ରଜଣି କରୋ ।।୨୬୬।।

(ତାରାବନ୍ଧୁରେଷ ନଭସି ବିକୀର୍ଯମାଣୋ ମେଘପଦମ୍ ।

କିରଣ ସହସ୍ର ଭୂଷିତଃ ଉଦୟତି ସୋମୋରଜନୀକରଃ ।)

ବୃହତୀ ଯଥାଃ ଏସୋ ସୁମେରୁ ବଣଅମ୍ମି ଦେବଅସିଦ୍ଧଅ ପରିଗୀଦେ ।

ଅଦି ସୁରଭି ଗନ୍ଧବଣଚାରୀ ପରିଚରଦି ବିହଙ୍ଗମ ଯୁବା ଓ ।। ୨୬୭।।

(ଏଷ ସୁମେରୁବନେ ଦେବ ସିଦ୍ଧ ପରିଗୀତେ

ଅତିସୁରଭି ଗନ୍ଧବନଚାରୀ ପରିଚରତି ବିହଙ୍ଗମ ଯୁବା ।)

ପଂକ୍ତିଃ ଯଥାଃ ପାଦବସୀସଂ କଂପ ଆମାଣୋ ସୁରଭି ଗଜଗଣ୍ଡ ସୁବାସିଦୋ

ଉପବଣ ତରୁଗଣ ଲାସଣ ଓ ବିଚରଦି ବରତଣୁ ବଣପବଣେ ।।୨୬୮।।

(ପାଦପଶୀର୍ଷଂ କମ୍ପୟନ୍ ସୁରଭିତଗଜ ଗଣ୍ଡ ସୁବାସିତଃ ।

ଉପବନ ତରୁଗଣ ଲାସକୋ ବିଚରତି ବରତନୁ ର୍ବନପବନଃ ।)

ତ୍ରିଷ୍ଟୁଭ୍ ଯଥା- କୁମୁଦ ବିଣଦ୍ଧ ବିଭୂଷଣଓ ବିଧୂଣିଅ ତିମିରପଡ଼ଦ୍ଦ ଗଗଣେ ।

ଉଦୟଗିରି ସିହରମଧ୍ଧି ରୋହନ୍ତୋ ରଜନୀ କରୋଭବୟଦି ବିମଳକରେ ।।୧୬୯।।

ଏଗୁଡ଼ିକ ତ୍ର୍ୟସ, ଜାତୀୟ ବର୍ଦ୍ଧମାନା ଛାନ୍ଦ କହିଲି । ଏହିପରି ଏବେ ଚତୁରସ୍ର ଜାତୀୟ ଛନ୍ଦମାନଙ୍କ ପରିଚୟ ଶୁଣ ।।୨୬୫।।

ଅନୁଷ୍ଟୁପ - ବୃହତୀ, ପଂକ୍ତି, ତ୍ରିଷ୍ଟୁଭ, ଜଗତୀ ଛନ୍ଦର କେବଳ ଉଦାହରଣ ମାତ୍ର ଦିଆଯାଇଛି । ଏମାନଙ୍କର ଲକ୍ଷଣ ପୂର୍ବରୁ କୁହାଯାଇଅଛି ।

Digitized by srujanika@gmail.com

(କୁମୁଦବନଂ ବିଭୂଷୟନ୍ ବିଧୁନିତ ତିମିର ପଦେ ଗଗନେ -
ଉଦୟଗିରି ଶିଖର ମଧିରୋହନ୍ ରଜନୀକର ଉଦୟତି ବିମଳକରଃ ।)
ଜଗତୀ ଯଥାଃ-ଦ୍ୱିଜଗଣ ମୁଣିଗଣ ସମ୍ମୁଦଓ ଓବିଦକଣୟବର ସଂଣିଭ ବେହୋ ।
ଦୁଦମିହ ଶହଦଳ ମଭିଗୁହମାଣୋ ପରିରେ ଦିସପଦି ଏସୋ ଦିବସକରୋ ॥୨୭୦॥

ଏତାସ୍ତୁ ଜାତୟୋ ଜ୍ଞେୟାଃ ଚତୁରସ୍ର ବିବର୍ଦ୍ଧିତାଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଗଣମାତ୍ରା ବିକଳ୍ପନମ୍ ॥୨୭୧॥
ସୁପ୍ରତିଷ୍ଠା ବସାନାନାଂ ପାଦୋ ଦ୍ୱ୍ୟର୍ଧଗଣଃ ସ୍ମୃତଃ ।
ଚତୁର୍ଭିଶ୍ଚରଣୈସ୍ତାସାଂ ଗଣାଃ ପ୍ରୋକ୍ତାଃ ଷଡ଼େବ ଚ ॥୨୭୨॥
ତଥାଚୈବାପକୃଷ୍ଟାନାଂ ଦ୍ୱୌଗଣାବର୍ଧମେବ ଚ ।
ପଦାନାଂ ଚୈବ ବିଜ୍ଞେୟା ପ୍ରମାଣେନ ଗଣା ଦଶ ॥୨୭୩॥
ପାଦୋଽଡିତୋଦ୍‌ଥିତାନାଂ ଚ ତ୍ରୟୋଽର୍ଧଂ ଚୈବକୀର୍ତ୍ତିତାଃ ।
ଚତୁର୍ଦଶ ଗଣାଶ୍ଚୈବ କୀର୍ତ୍ତିତା ସ୍ତଦ୍ ପ୍ରମାଣତଃ ॥୨୭୪॥
ତ୍ରସ୍ରାଣାଂ ତୁ ଦ୍ୱିପାଦାନା ମର୍ଧଷଷ୍ଠା ଗଣାଃସ୍ମୃତାଃ ।
ପାଦତଶ୍ଚୈବ ବିଜ୍ଞେୟା ସ୍ତ୍ୱେକାଦଶଗଣାବୁଧୈଃ ॥୨୭୫॥
ପାଦାଶ୍ଚ ଚତୁରସ୍ରାଣାଂ ଗଣାଃ ସାର୍ଦ୍ଧାଷ୍ଟମାଃ ସ୍ମୃତାଃ ।
ପାଦଦ୍ୱୟେଽପି ତାଶ୍ଚ ସ୍ୟୁର୍ଗଣାଃ ପଞ୍ଚଦଶୈବ ତୁ ॥୨୭୬॥

ଏଗୁଡ଼ିକ ଚତୁରସ୍ର ବିବର୍ଦ୍ଧିତା ଜାତୀୟ ଛନ୍ଦ । ଏହାପରେ ମାତ୍ରାବୃତ୍ତ ଛନ୍ଦ ବିଷୟ କହିବି ॥ ୨୭୧ ॥
ସୁପ୍ରତିଷ୍ଠା ଛନ୍ଦମାନଙ୍କର ଶେଷ ପାଦରେ ଅଢ଼ାଇ (୨୧/୨) ଗଣ ରହିବ । ସେମାନଙ୍କର ଚାରିପଦରେ ମାତ୍ର ଛଅଗଣ ରହିବ । ଏହିପରି ଅପକୃଷ୍ଟ (ଧ୍ରୁବା ସମୂହର) ଶେଷପାଦରେ ଅଢ଼ାଇ (୨୧/୨) ଗଣ ରହିବ । ସଂପୂର୍ଣ୍ଣ ଗୀତରେ ଦଶଟି ଗଣ ରହିବ ॥ ୧୭୨, ୨୭୩ ॥
ଅଡ଼ିତା ଧ୍ରୁବାରେ ଶେଷ ପାଦରେ ସାଢ଼େ ତିନିଗଣ (୩୧/୨) ରହିବ । ସମ୍ପୂର୍ଣ୍ଣ ଗାନରେ ଚଉଦଗଣ ରହିବ ॥ ୨୭୪ ॥
ତ୍ର୍ୟସ୍ର ଜାତୀୟ ଦ୍ୱିପଦ (ଦୁଇପାଦିଆ) ଗୁଡ଼ିକରେ ଶେଷ ପାଦରେ ସାଢ଼େ ଛଅଗଣ ରହିବ ।
ସମ୍ପୂର୍ଣ୍ଣ ଗାନରେ ଏଗାରଟିଗଣ ରହିବ ॥ ୨୭୫ ॥
ଚତୁରସ୍ର ଦୁଇ ପାଦ ବିଶିଷ୍ଟ ଗାନରେ ଶେଷ ପାଦରେ ସାଢ଼େ ଆଠଗଣ ରହିବ । ଦୁଇ ପାଦ ମିଶି ପନ୍ଦରଗଣ ରହିବ ॥ ୨୭୬ ॥

Digitized by srujanika@gmail.com

ଆଦ୍ୟାସୁ ଚତୁରସ୍ରାସୁ ଦ୍ୱ୍ୟାଦିର୍ନବାବରସ୍ତଥା ।
ଅକ୍ଷରାଣାଂ ଭବେଦ୍ ପିଣ୍ଡୋ ଗୁର୍ବାଦି ଲଘୁନୈଧନମ୍ ।।୨୭୭।।
ତ୍ର୍ୟସ୍ରେ ତ୍ୱକ୍ଷରପିଣ୍ଡେ ପଞ୍ଚାଦିର୍ନବାବରଶ୍ଚ ବିଜ୍ଞେୟଃ ।
ଚତୁରସ୍ରଃ ସୁପ୍ତାଦି ର୍ଯୋ ଦଶାବରଶ୍ଚ ବିଜ୍ଞେୟଃ ।।୨୭୮।।
ସର୍ବଗୁରୁଃ ପଞ୍ଚାଦିଃ ସର୍ବଲଘୁ ର୍ନାବରଶ୍ଚ ବିଜ୍ଞେୟଃ ।
ସର୍ବଗୁରୁଃ ସପ୍ତାଦିଃ ତ୍ରୟୋଦଶାବରଶ୍ଚ ସର୍ବଲଘୁଃ ।।୨୭୯।।
ଏଷ ତ୍ୱକ୍ଷର ପିଣ୍ଡୋ ବିଜ୍ଞେୟୋ ବୈ ଧ୍ରୁବାସୁ ସର୍ବାସୁ ।
ଗଣମାତ୍ରାଂଶ ବିକଳ୍ପଂ ବ୍ୟାଖ୍ୟାସ୍ୟାମି ଦ୍ୱିପାଦାନାମ୍ ।।୨୮୦।।
ଏକାଦଶାନ୍ୟଂ ତ୍ର୍ୟସ୍ରାଣାଂ ଚୈକବିଂଶତି ନୈଧନେ ।
ପାଦାକ୍ଷରକୃତଃ ପିଣ୍ଡୋ ଗୁର୍ବାଦିର୍ଲଘୁନୈଧନମ୍ ।।୨୮୧।।
ଷୋଡ଼ଶାଦ୍ୟସ୍ତଥା ପାଦୋ ଭବେଦ୍ ବିଂଶତି ନୈଧନମ୍ ।
ବିଜ୍ଞେୟ ଶ୍ଚତୁରସ୍ରାଣାଂ ପୂର୍ବାଦିର୍ଲଘୁ ନୈଧନମ୍ ।।୨୮୨।।
ଶୀର୍ଷକାଣାଂ ତୁ ନିୟମୋ ନୈବ ପାଦବିଧାନତଃ ।
ଗୁରୁ ଗୁର୍ବାଦି ମଧ୍ୟାନ୍ତ ସ୍ତଥା ଚୈବ ଲଘୁଃ ସ୍ମୃତଃ ।।୨୮୩।।

ଚତୁରସ୍ରମାନଙ୍କର ପ୍ରଥମ ପାଦଗୁଡ଼ିକରେ ଗୋଟିଏ ଗୁରୁ ଓ ଗୋଟିଏ ଲଘୁ ଯୁକ୍ତ ଗଣଗୁଡ଼ିକର ସଂଖ୍ୟା ଦୁଇରୁ କ'ମ ଓ ନଅରୁ ବେଶି ହେବ ନାହିଁ ।। ୨୭୭ ।।

ତ୍ର୍ୟସ୍ରମାନଙ୍କରେ ଏହିପରି ଗଣଗୁଡ଼ିକ ପାଞ୍ଚରୁ କମ ଓ ନଅରୁ ବେଶି ହେବ ନାହିଁ । ଚତୁରସ୍ରରେ ଏହିପରି ଗଣଗୁଡ଼ିକ ସାତଠାରୁ ନ୍ୟୂନ ବା ଦଶରୁ ଅଧିକ ହେବ ନାହିଁ । ସମସ୍ତ ଲଘୁ ଅକ୍ଷରଯୁକ୍ତ ଗଣରେ ଅକ୍ଷର ସଂଖ୍ୟା ନଅରୁ ଅଧିକ ହେବ ନାହିଁ । ଅଥବା ଏହିଗୁଡ଼ିକ ସାତରୁ କମ ହେବ ନାହିଁ ଯଦି ସବୁ ଅକ୍ଷର ଗୁରୁ ହୁଏ । ସବୁ ଅକ୍ଷର ଲଘୁ ହେଲେ ତେରରୁ ଅଧିକ ହେବ ନାହିଁ ।। ୨୭୯ ।।

ସବୁ ଧ୍ରୁବାଗୁଡ଼ିକର ମୋଟ ଅକ୍ଷର ସଂଖ୍ୟାର ଏହି ହିସାବ । ଏବେ ଦୁଇ ପାଦିଆ (ଦ୍ୱିପଦ) ଧ୍ରୁବାର ବିଭିନ୍ନ ଅଂଶ ଓ ସେମାନଙ୍କର ଗଣ ସଂଖ୍ୟା କହୁଛି ।। ୨୮୦ ।।

ତ୍ର୍ୟସ୍ର ଧ୍ରୁବାର ପ୍ରଥମ ପାଦରେ ଏଗାର ଏବଂ ଶେଷପାଦରେ ଏକୋଇଶ ଗଣ ରହିବ । ଗଣଗୁଡ଼ିକର ଗୋଟିଏ ଗୁରୁ ଓ ପରେ ଗୋଟିଏ ଲଘୁ ଅକ୍ଷର ରହିବ ।। ୨୮୧ ।।

ଚତୁରସ୍ର ଧ୍ରୁବାର ପ୍ରଥମ ପାଦରେ ଷୋହଳ ଏବଂ ଶେଷ ପାଦରେ ଏକୋଶଗଣ ରହିବ। ଗଣମାନଙ୍କର ଗୋଟିଏ ଗୁରୁପରେ ଗୋଟିଏ ଲଘୁ ଅକ୍ଷର ରହିବ ।। ୨୮୨ ।।

ଶୀର୍ଷକ ପାଦ ବିଷୟରେ କୌଣସି ନିୟମ ନାହିଁ । ଏମାନଙ୍କ ଆରମ୍ଭ ମଧ୍ୟ ଓ ଅନ୍ତରେ ଦୁଇଟି ଗୁରୁ ଅକ୍ଷର ରହିବ ତାପରେ ଗୋଟିଏ ଲଘୁ ଅକ୍ଷର ରହିବ ।। ୨୮୩ ।।

Digitized by srujanika@gmail.com

ତ୍ର୍ୟସ୍ରାୟାଂ ତୁ ଗଣାଃ ପଞ୍ଚ ସନ୍ନିପାତେ ବିଧୀୟତେ ।
ଅଷ୍ଟୌଚ ଚତୁରସ୍ରାୟାଃ ସନ୍ନିପାତେ ଭବେତ୍ ତଥା ।।୨୮୪।।
ଦ୍ୱୌପାଦୌ ସନ୍ନିପାତସ୍ତୁ ଧ୍ରୁବାଣାଂ ସଂପ୍ରକୀର୍ତ୍ତିତଃ ।
ଦ୍ରୁତଂ ଚ ଶୀର୍ଷକଂ ଚୈବ ହିତ୍ୱାନ୍ୟାନି ଭବନ୍ତିବୈ ।।୨୮୫।।
ଅକ୍ଷର ପିଣ୍ଡଃ ତ୍ର୍ୟସ୍ରେ ପଞ୍ଚାଧିକ ନବାବରଶ୍ଚ ବିଜ୍ଞେୟଃ ।
ଅଷ୍ଟପର ଶ୍ଚତୁରସ୍ରେ ତ୍ରୟୋଦଶାବରଶ୍ଚ ବିଜ୍ଞେୟଃ ।।୨୮୬।।
ସର୍ବଗୁରୁଃ ପଞ୍ଚାଦିଃ ସର୍ବଲଘୁର୍ନବାବରଶ୍ଚ ବିଜ୍ଞେୟଃ ।
ସର୍ବଗୁରୁରଷ୍ଟାଦିଃ ତ୍ରୟୋଦଶାବରଶ୍ଚ ସର୍ବତ୍ର ଲଘୁ ।।୨୮୭।।
ଏଷ ହ୍ୟକ୍ଷରପିଣ୍ଡୋ ବିଜ୍ଞେୟୋ ବୈ ଧ୍ରୁବାବିଧାନଜ୍ଞୈଃ ।
ଗଣମାତ୍ରାଂଶ ବିକଳ୍ପଂ ବ୍ୟାଖ୍ୟାସ୍ୟାମି ଦ୍ରୁତାୟାସ୍ତଥା ।।୨୮୮।।
ଅର୍ଧଷଷ୍ଠଗଣା ଜ୍ଞେୟା ସନ୍ନିପାତା ଦ୍ରୁତାୟାସ୍ତୁ ।
ମାତ୍ରା ଦ୍ୱାବିଂଶତି ଶ୍ଚୈବ ଗୁରୁ ଲଘ୍ୱକ୍ଷରାନ୍ୱିତାଃ ।।୨୮୯।।
ଶୀର୍ଷକାଣା ମନିୟମୋ ଭବେଦ୍ ପାଦବିଧାନତଃ ।
ନାନାବୃତ୍ତ ବିନିଷ୍ପନ୍ନଂ କୁର୍ଯ୍ୟାଦ୍‌ବୈ ଶୀର୍ଷକଂ ବୁଧଃ ।।୨୯୦।।

ତ୍ର୍ୟସ୍ର ଧ୍ରୁବାରେ ପଞ୍ଚଗଣାତ୍ମକ ସନ୍ନିପାତ ହେବ । ଚତୁରସ୍ର ଧ୍ରୁବାରେ ସନ୍ନିପାତରେ ଆଠଗଣ ରହିବ ।। ୨୮୪ ।।

ଧ୍ରୁବାମାନଙ୍କର ସନ୍ନିପାତ ଦୁଇପାଦ । ତାହା ହେଲା ଦ୍ରୁତ ଓ ଶୀର୍ଷକ । ଏହା ବ୍ୟତୀତ ଅନ୍ୟମାନେ ମଧ୍ୟ ହୁଅନ୍ତି ।। ୨୮୫ ।।

ତ୍ର୍ୟସ୍ରରେ ପାଞ୍ଚରୁ କ'ମ ଓ ନଅ'ରୁ ବେଶି ଗଣ ରହିବ ନାହିଁ । ଚତୁରସ୍ରରେ ସେମାନଙ୍କ ସଂଖ୍ୟା ଆଠରୁ ନ୍ୟୂନ ଓ ଅଠରରୁ ଅଧିକ ନୁହେଁ ।। ୨୮୬ ।।

ଗୁରୁ ଅକ୍ଷରଯୁକ୍ତ ଗଣଗୁଡ଼ିକର ସଂଖ୍ୟା ଚତୁରସ୍ରଧ୍ରୁବାରେ ପାଞ୍ଚରୁ କ'ମ ହେବ ନାହିଁ । ସବୁ ବର୍ଣ୍ଣ ଲଘୁହେଲେ ସଂଖ୍ୟା ନଅରୁ ଅଧିକ ହେବ ନାହିଁ । ଅଥବା ସେମାନଙ୍କ ସଂଖ୍ୟା ଆଠରୁ କ'ମ ଓ ତେରରୁ ବେଶି ହେବ ନାହିଁ ।। ୨୮୭ ।।

ପଣ୍ଡିତମାନେ ଧ୍ରୁବାମାନଙ୍କରେ ଏହି ଗଣଗୁଡ଼ିକ ଜାଣିବା ବିଧେୟ । ଏବେ ଦ୍ରୁତାଧ୍ରୁବାର ଗଣ ବିନ୍ୟାସ ବିଷୟ କହିବି ।। ୨୮୮ ।। ଦ୍ରୁତା ଧ୍ରୁବାର ସନ୍ନିପାତରେ ସାଢ଼େ ଛଅ ଗଣ ରହିବ । ଏଗୁଡ଼ିକରେ ଗୁରୁ ଓ ଲଘୁ ଅକ୍ଷରର ବାଇଶମାତ୍ରା ରହିବ ।। ୨୮୯ ।।

ଶୀର୍ଷ ଗୁଡ଼ିକରେ ପାଦ ସମ୍ବନ୍ଧରେ ଏହି ନିୟମ ଗୁଡ଼ିକ ହେବ, ଏବଂ ଏମାନେ ବିଭିନ୍ନ ଛନ୍ଦରେ ଗଠିତ ହେବେ ।। ୨୯୦ ।।

Digitized by srujanika@gmail.com

ପୂର୍ବାଦି ରଥ ଲଘ୍ୱାଦି ର୍ଯୁଗ୍ମଃ ସର୍ବଲଘୁଃ ସ୍ମୃତଃ ।
ଚତୁର୍ମାତ୍ରା ଗଣା ଜ୍ଞେୟାଃ ପୂର୍ବଛନ୍ଦୋ ବିକଳ୍ପକାଃ ।।୨୯୧।।
ଅର୍ଧାଷ୍ଟମ ଗଣାଃ ପାଦାଃ ଶୀର୍ଷକସ୍ୟ ଭବନ୍ତିହି ।
ତ୍ରିଂଶନ୍ମାତ୍ରାଶ୍ଚ ବିଜ୍ଞେୟା ଯୁଗ୍ମୌଜାକ୍ଷରିକୈଃ ପଦୈଃ ।।୨୯୨।।
ଶୀର୍ଷକେ ହ୍ୟେକବିଂଶତ୍ୟାଃ ଷଡ୍‌ବିଂଶତ୍ୟବରସ୍ତଥା ।
ଅକ୍ଷାରାଣାଂ ଭବେଦ୍ ପିଣ୍ଡଃ ପାଦେ ହ୍ୟେକତ୍ର ନିଶ୍ଚୟାତ୍ ।।୨୯୩।।
ଯୁଗ୍ମୌଜ ମିଶ୍ରକାଃ ଖଳୁ ପାଦେ କାର୍ଯ୍ୟାସ୍ତୁ ଚତ୍ୱାରଃ ସ୍ୟୁଃ ।
ଶୀର୍ଷକେତୁ ନିୟମେନ ପଶ୍ଚାଲ୍ଲଘୁ ସଂଚୟଃ କାର୍ଯ୍ୟଃ ।।୨୯୪।।
ତ୍ରୟ ଏବ ଗଣାସ୍ତୁ ମୁଖେ ଲଘବସ୍ତ୍ରୟ ଏବାବସାନେ ତୁ
ମଧ୍ୟେଚେଦ୍ ଗୁରୁଣୀ ଦ୍ୱେ ତଚ୍ଚପଳାଶୀର୍ଷକଂ ନାମ ।।୨୯୫।।
ପୂର୍ବାର୍ଧେଽଥ ଚତୁର୍ହ୍ରସ୍ୱା ଗଣାସ୍ତୁ ଚତ୍ୱାରଃ ।
ପାଦେ ଭବନ୍ତି ନିୟତଂ ପଶ୍ଚାଲ୍ଲଘୁସଂଚୟାଃ ଶେଷାଃ ।।୨୯୬।।
ଏକ ଦ୍ୱିକଳ ତ୍ରିକଳା ଶ୍ଚତୁଷ୍କଳାଃ ଷଟ୍‌କଳା ସ୍ତଥାଷ୍ଟ କଳାଃ
ଧ୍ରୁବା ବିରାମାଃ କାର୍ଯାଃ ପ୍ରାସାଦିକ୍ୟାନ୍ତରାପେକ୍ଷୈଃ ।।୨୯୭।।

ଏଗୁଡ଼ିକରେ ଗଣ ଗୁଡ଼ିକ ଗୁରୁ ଅକ୍ଷର କିମ୍ୱା ଲଘୁ ଅକ୍ଷରରେ ଆରମ୍ଭ ହେବ । କିମ୍ୱା ସବୁ ଅକ୍ଷର ଗୁଡ଼ିକ ଲଘୁ ହେବ । ଏଗୁଡ଼ିକ ଛନ୍ଦଠାରୁ ଭିନ୍ନ ରୂପ ଧାରଣ କରିବ ।। ୨୯୧ ।।

ଶୀର୍ଷକରେ ପାଦମାନଙ୍କରେ ସାଢ଼େ ସାତ ଗଣ ରହିବ ଏବଂ ସେ ସବୁଥିରେ ଯୁଗ୍ମ ବା ଅଯୁଗ୍ମ ସଂଖ୍ୟକ ଅକ୍ଷରଯୁକ୍ତ ପାଦରେ ସେମାନଙ୍କ ମାତ୍ରା ଅନ୍ତର୍ଭୁକ୍ତ ହେବ ।। ୨୯୨ ।।

ଶୀର୍ଷକରେ ପ୍ରତିପାଦରେ ଅକ୍ଷର ସଂଖ୍ୟା ଏକୋଇଶଠାରୁ କ'ମ ଏବଂ ଛବିଶରୁ ଅଧିକ ହେବ ନାହିଁ ।। ୯୩ ।। ଚାରିପାଦରେ ଯୁଗ୍ମ ଓ ଅଯୁଗ୍ମ ସଂଖ୍ୟକ ଅକ୍ଷର ମିଶ୍ରିତ ହେବ ଏବଂ ନିୟମ ଅନୁଯାୟୀ ଶୀର୍ଷକରେ ଲଘୁ ଅକ୍ଷର ସମୂହ ରହିବ ।। ୨୯୪ ।।

ଚପଳା ଶୀର୍ଷକ - ଆରମ୍ଭରେ ତିନିଟି ହ୍ରସ୍ୱସ୍ୱର, ଅନ୍ତରେ ଏହି ଭଳି ତିନିଟି, ମଧ୍ୟରେ ଦୁଇଟି ଗୁରୁଗଣ ରହିଲେ ଚପଳାଶୀର୍ଷକ ନାମରେ ଛନ୍ଦ ଅଭିହିତ ହୁଏ ।। ୨୯୫ ।।

ପ୍ରଥମାର୍ଧରେ ସର୍ବଦା ହିଁ ଚାରିଟି ଲଘୁ ଓ ଚାରିଟି ମିଶ୍ରଗଣ ରହିବ । ଅବଶିଷ୍ଟ ଅଂଶରେ ଲଘୁ ଅକ୍ଷର ସମଷ୍ଟି ରହିବ ।। ୨୯୬ ।।

ଧ୍ରୁବାର ବିରାମ ପ୍ରାସାଦିକୀ ଓ ଅନ୍ତରାଦ୍ୱାରା ହେବ । ଆପେକ୍ଷିକୀ ଧ୍ରୁବାର ବ୍ୟାପ୍ତି ଏକ, ଦୁଇ, ତିନି, ଚାରି, ଛଅ ବା ଆଠ କଳାରେ ହେବ ।। ୨୯୭ ।।

Digitized by srujanika@gmail.com

ତ୍ର୍ୟସ୍ରେ ବିରାମ ସ୍ତ୍ରିକଳଃ ଚତୁରସ୍ରେ ଚତୁଷ୍କଳଃ ।
ପ୍ରାବେଶିକ୍ୟାଧ୍ରୁବାୟାସ୍ତୁ ନୈଷ୍କ୍ରାମିକ୍ୟାସ୍ତଥୈବଚ ॥୨୯୮॥
ବିରାମୋ ଦ୍ୱିକଳୋ ନିତ୍ୟମନ୍ତରାୟାସ୍ତଥୈବଚ ।
ପାଦାନ୍ତେ ହି ବିରାମସ୍ତୁ ଆକ୍ଷିପ୍ତାୟାଃ ପ୍ରକୀର୍ତ୍ତିତାଃ ॥୨୯୯॥
ସ୍ଥିତାୟାସ୍ତୁ ତଥା ହ୍ୟର୍ଥେ ପ୍ରାସାଦିକ୍ୟାସ୍ତଥୈବ ଚ ।
କଳାଃ କଳାର୍ଧ ଯୋଗେନ ଗୁରୁ ଲଘ୍ୱକ୍ଷରାନ୍ୱିତାଃ ॥୩୦୦॥
ତ୍ରୟୋ ଧ୍ରୁବାଣାଂ ସଂଯୋଗା ବିଜ୍ଞେୟା ବୃତ୍ତ ସଂଶ୍ରୟାଃ ।
ସର୍ବଦୀର୍ଘଃ ସର୍ବଲଘୁ ର୍ଗୁରୁ ଲଘ୍ୱକ୍ଷରସ୍ତଥା ॥୩୦୧॥
ଗୁରୁପ୍ରାୟାଃସ୍ଥିତାଃ କାର୍ଯ୍ୟା ଲଘୁ ପ୍ରାୟା ଦ୍ରୁତାସ୍ତଥା ।
ଗୁରୁ ଲଘ୍ୱକ୍ଷର ପ୍ରାୟାଃ ପ୍ରସାଦିକ୍ୟାନ୍ତରା ସ୍ତଥା ॥୩୦୨॥
ଏବଂ ଧ୍ରୁବାଣାଂ କର୍ତ୍ତବ୍ୟା ଜାତୟୋ ବୃତ୍ତ ସଂଭବାଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଶୀର୍ଷକାଣାଂ ତୁ ଲକ୍ଷଣମ୍ ॥୩୦୩॥
ଆଦ୍ୟମନ୍ତ୍ୟଂ ତୃତୀୟଂଚ ପଞ୍ଚମଂ ସପ୍ତମାଷ୍ଟମେ ।
ଗୁରୂଣି ଯସ୍ୟାଃ ପାଦେତୁ ସାଶ୍ୟେନୀ ପ୍ରକୃତି ର୍ଯଥା ॥୩୦୪॥

ତ୍ର୍ୟସ୍ର ଧ୍ରୁବାରେ ତିନିକଳାତ୍ମକ ଓ ଚତୁରସ୍ର ଧ୍ରୁବାରେ ଚାରିକଳାତ୍ମକ ବିରାମ ହେବ । ପ୍ରାବେଶିକୀ ଓ ନୈଷ୍କ୍ରାମିକୀ ଧ୍ରୁବାରେ ଏହା ବିଧି ॥ ୨୯୮ ॥

ଅନ୍ତରାଧ୍ରୁବାର ବିରାମ ଦ୍ୱିକଳ ଏବଂ ଅନ୍ତରାରେ ପାଦାନ୍ତରେ ବିରାମ ହେବ । ଆକ୍ଷିପ୍ତାର ପାଦାନ୍ତରେ ବିରାମ ହେବ ॥ ୨୯୯ ॥

ସ୍ଥିତା ଓ ପ୍ରାସାଦିକୀ ଧ୍ରୁବାର ପାଦାର୍ଧ ଅନ୍ତରେ ବିରାମ ହେବ । କଳାଗୁଡ଼ିକ ଅର୍ଦ୍ଧକଳା ବୃଦ୍ଧି ସହିତ ପୂର୍ବୋକ୍ତ ରୂପ ହେବ । ଏମାନଙ୍କରେ ଲଘୁ ଓ ଗୁରୁ ଅକ୍ଷର ରହିବ ॥ ୩୦୦ ॥

ଧ୍ରୁବାର ତିନି ସଂଯୋଗ ବୃତ୍ତାଶ୍ରିତ ହେବ । ସର୍ବଦୀର୍ଘ, ସର୍ବ ଲଘୁ ଓ ଗୁରୁ ଲଘୁଅକ୍ଷର ॥ ୩୦୧ ॥ ସ୍ଥିତାଧ୍ରୁବାରେ ଅଧିକ ଗୁରୁ ଅକ୍ଷର ରହିବ ଏବଂ ଦ୍ରୁତଧ୍ରୁବା ଲଘୁ ଅକ୍ଷର ବହୁଳ ହେବ । ପ୍ରସାଦିକୀ ଓ ଅନ୍ତରାରେ ଗୁରୁ ଏବଂ ଲଘୁ ଅକ୍ଷର ମିଶି ରହିବେ ॥ ୩୦୨ ॥

ବୃତ୍ତରୁ ସମ୍ଭୂତ ଧ୍ରୁବା ଛନ୍ଦ ଏହିପରି କରାଯିବ । ଏହାପରେ ଶୀର୍ଷକମାନଙ୍କ ଲକ୍ଷଣ କହିବି ॥ ୩୦୩ ॥

ଶ୍ୟେନୀ : ଯେଉଁ ଛନ୍ଦର ଏକବିଂଶତି ଅକ୍ଷର ପାଦରେ ପ୍ରଥମ, ତୃତୀୟ, ପଞ୍ଚମ, ସପ୍ତମ, ଅଷ୍ଟମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ତାହାର ନାମ ଶ୍ୟେନୀ ॥ ୩୦୪, ୩୦୫ ॥

Digitized by srujanika@gmail.com

ଯଥା: ସାଗରଂ ସମୁଦନନ୍ତୋ ରଥ ଇବ ଲଘୁଗଦି ଅଭିପଦିଦୋ ।
ପବ୍ବନେସ ମାହନ୍ତୋ ତରୁସୁଚ ଜନଅବୋ ଭୟମତୁଲମ୍ ।।
ରେଣୁଜାଲ ମୁକିଖପନ୍ତୋ ଦିବସକର କିରଣ ମିଦୁ କରଣୋ
ବୋଧଅଂ ପଦାସୁ କାମଂ ବିଚରଦି ବରତଣୁ ମୁହପବଣୋ ।।୩୦୫।।
(ସାଗରଂ ସମୁଦ୍ଵେଲୟନ୍ ରଥ ଇବ ଲଘୁଗତିଃ ଅଭିପତିତଃ ।
ପର୍ବତେଷ୍ୱାହତଃ ତରୁଷ୍ଚୁଚ ଜନୟନ୍ ଭୟମତୁଲମ୍ ।
ରେଣୁ ଜାଲମୁଦ୍‌କ୍ଷିପନ୍ ଦିବସକର କିରଣଂ ମୃଦୁକରଣଃ
ବୋଧୟନ୍ ପ୍ରଜାସୁ କାମଂ ବିଚରତି ବରତନୁଃ ସୁଖପବନଃ ।
ପଞ୍ଚତ୍ଵାଦୌ ଯତ୍ର ତୁ ଦୀର୍ଘଂ ନବମମପି ଚ ଗୁରୁ ସମୟକୃତମ୍ ।
ଦୀର୍ଘଂ ଚାନ୍ତ୍ୟଂ ଚାଷ୍ଟମମନ୍ୟଲ୍ଲଘୁ ବିରଚିତମପି ଚରଣବିଧୌ ।
ବୃତ୍ତେ ଜ୍ଞେୟା ଜାତି ରପୀୟଂ ଶ୍ରୁତିସୁଖଯତି ରଚିତ ବିଭବା
କୌଞ୍ଚା ନାମ୍ନା ଛନ୍ଦସି ପ୍ରୋକ୍ତା ଦ୍ଵିଜଗଣ ମୁନିଗଣ ପରିପାଠିତା ।। ୩୦୬ ।।
ଯଥା: ଏସ ଚାନ୍ଦୋ ନିମ୍ମଳଦେହୋ ବିଧୁଣିୟ ଘଣ ତମମସିଦ ପଡ଼ମ୍ ।
ଲୋକାଣନ୍ଦୋ ଲୋକପଦୀବୋ ଉଡ଼ୁଗଣ ଗଗଣ ସମଣୁଗଦୋ ।
ପାସାଦାଣଂ କାରୟମାଣୋ ସିଦପଡ଼ ନିବସଣମିବ ବିପୁଲଂ
ଲୋକାଲୋକଂ ରଂଜୟମାଣୋ ବିଚରଦି ବରତଣୁ ଗୟଣତଳେ ।। ୩୦୭ ।।
(ଏଷ ଚନ୍ଦ୍ରୋ ନିର୍ମଳଦେହୋ ବିଧୂୟ ଘନ ତିମିର ମସିତପଟଂ
ଲୋକାନନ୍ଦୋ ଲୋକ ପ୍ରଦୀପଃ ଉଡୁଗଣ ଗଗନ ସମନୁଗତଃ ।
ପ୍ରାସାଦାନ୍ କାରୟନ୍ ସିତପଟ ନିବସନମିବ ବିପୁଳଂ
ଲୋକାଲୋକଂ ରଞ୍ଜୟନ୍ ବିଚରତି ବରତନୁ ର୍ଗଗନତଳେ ।।

କ୍ରୋଞ୍ଚା - ଏହି ଛନ୍ଦର ଏକବିଂଶତି ଅକ୍ଷର ପାଦରେ ପ୍ରଥମ ପାଞ୍ଚ, ଅଷ୍ଟମ, ନବମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ଏହି ଶ୍ରୁତି ସୁଖକର ଛନ୍ଦକୁ ପଣ୍ଡିତ ଓ ମୁନିମାନେ କ୍ରୌଞ୍ଚାବୋଲି କହନ୍ତି ।। ୩୦୬ ।।

ପୁଷ୍ପସମୃଦ୍ଧା - ଏହି ଛନ୍ଦର ତ୍ରୟୋବିଂଶତି ଅକ୍ଷର ବିଶିଷ୍ଟ ପାଦରେ ପ୍ରଥମ, ନବମ, ଦଶମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । କେତେକ ଏହାକୁ ବୃତ୍ତକୃତା ବୋଲି ନାମ ବିକଳ୍ପରେ କହନ୍ତି ।। ୩୦୮, ୩୦୯ ।।

Digitized by srujanika@gmail.com

ଆଦ୍ୟ ଚତୁର୍ଥେ ପଞ୍ଚମଷଷ୍ଠେ ନବମ ଦଶମ ମଥ ନିଧନଗତମ୍ ।
ଯେ ଚ ତଥାନ୍ୟେ ତେ ଚ, ଲଘୁତ୍ୱଂ ଯଦି ଭବତି ଚରଣବିଧୌ ।
ସା ବିକୃତିଃ ସ୍ୟାଦ୍ ପୁଷ୍ପସମୃଦ୍ଧା ଦ୍ୱିଜଗଣ ମୁନିଗଣ ପରିପାଠିତା
ନାମ ବିକଳ୍ପାଦ୍ ବୃତ୍ତକୃତା ବୈ ବିବୁଧ ବହୁମତ ପଦନିୟମା ।। ୩୦୮ ।।
ଯଥା: ପୁପ୍‌ଫବିଦାଣଂ ଉଦ୍ଧୁଣମାଣୋ ରଥଇବ ଦୁଦଗଦି ଅଭିପଦିବୋ ।
ପକ୍କମମାଣୋ ସେଲତଡେମସୁଂ ତରୁସୁ ଅଧକିରିଅ କମଳ ଦଳଂ
ମେହ ସମୂହଂ ଉଦ୍ଧୁଣମାଣ ସରସି ଖୁଭିଦ ସଲିଳ କଳକ ଯେ
ଭୀମଣିଣାଦୋ ଚଣ୍ଡପବାହୋ ବିଚରଦି ବରତଣୁ ବଣପବଣୋ ।। ୩୦୯ ।।
(ପୁଷ୍ପ ବିତାନ ମୁଦ୍‌ଧୁନ୍ୱନ୍ ରଥଇବ ଦ୍ରୁତଗତି ରଭିପତିତଃ
ପ୍ରକ୍ରାମ୍ୟନ୍ ଶୈଳତଟେଷୁ ତରୁଷୁ ଅବକୀର୍ଯ୍ୟ କମଳଦଳମ୍ ।
ମେଘସମୂହ ମୁଦ୍‌ଧୁନ୍ୱନ୍ ସରସି କ୍ଷୁଭିତ ସଲିଳ କଳକଳଃ
ଭୀମନିନାଦଶ୍ଚଣ୍ଡ ପ୍ରବାହୋ ବିଚରତି ବରତନୁ ର୍ବନପବନଃ ।।
ଅନ୍ତ୍ୟଂ ପଞ୍ଚମଂ ଷଷ୍ଠଂ ସପ୍ତମଂ ଦଶମଂ ଗୁରୁ ।
ବୃତ୍ତେ ସଂକୃତି ସଂଜ୍ଞେତୁ ସଂଭ୍ରାନ୍ତାନାମ ସା ମତା ।। ୩୧୦ ।।
କିରଣ ସହସଂ ବିକ୍କିରମାଣୋ ଫଡ଼ିଅମଣି ରୁଚିର ଧବଳଣିହୋ ।
କୁମୁଦବଣାଇଂ ବୋଧୟମା ଣୋ କୁମୁଦାକରନିକର ସଦିସବବୁ ।
ଗହଗଣବନ୍ଧୁ ଲୋଅ ପଦୀବୋ ଉତ୍ତୁଠାଣ ଗହଗଣ ସମଶୁଗଦୋ
ଉଦୟଦି ଚନ୍ଦୋ ରୋହିଣିକନ୍ତୋ ଶବସରଦି କୁମୁଦିଗଣ ସୁହଦୋ ।। ୩୧୧ ।।
(କିରଣ ସହସ୍ରଂ ବିକିରୟନ୍ ସ୍ଫୁଟିତମଣିରୁଚିରଧବଳନିଭଃ
କୁମୁଦବନାନି ବୋଧୟନ୍ କୁମୁଦାକର ନିକର ସଦୃଶବପୁଃ ।

ସମ୍ଭ୍ରାନ୍ତା : ଏହି ଚତୁର୍ବିଂଶତି ଅକ୍ଷର ବିଶିଷ୍ଟ ପାଦଯୁକ୍ତ ଛନ୍ଦର ପାଦରେ ପଞ୍ଚମ, ଷଷ୍ଠ, ସପ୍ତମ, ଦଶମ, ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।। ୩୧୦-୩୧୧ ।।

Digitized by srujanika@gmail.com

ଗ୍ରହଗଣ ବନ୍ଧୁ ର୍ଲୋକ ପ୍ରଦୀପ ଉଡୁଗଣ ଗ୍ରହଗଣ ସମନୁଗତଃ ।
ଉଦୟତି ଚନ୍ଦ୍ରୋ ରୋହିଣୀ କାନ୍ତୋ ନବଶରଦି କୌମୁଦୀ ଗଣଶୋଭିତଃ ।।
ଅଷ୍ଟାବାଦୌ ଦୀର୍ଘାଣିସ୍ୟୁ ର୍ଯଦି ଚ ହି ଭବତି ଲଘୁଗଣଃ
ଭୂୟଶ୍ଚାନ୍ତେ ଦୀର୍ଘଂ ତ୍ୱେକଂ ଯଦି ଭବତି ପଦି ପଦି ପୁନରପି ତଦା ।
ମତ୍ତାକ୍ରୀଡ଼ା ବିଦ୍ୟୁନ୍ମାଲେତ୍ୟେପିଚ କବିଭିରପି ବହୁଭିରୁଦିତା ।
ନାମ୍ନା ଛନ୍ଦୋବୃତ୍ତେ ବିକୃତିଗତିବିଧିଷ୍ୱ ଚ ନିୟମ ସହିତା ।। ୩୧୨ ।।
ଯଥା: ଏସୋ ମେହୋ ସେଲୋ ଭୂଓ ଅସଣି ମୁରଜ ପଡ଼ହ ସମରବୋ
ଣାଣା ବିଣ୍ଣୋବୋ ଦାଳେହି ଘଣ ଜାଧର ପଟଳ ସମଣୁଗଦୋ ।
ଣାଣା ବଣ୍ଣୋ ଟାଟଙ୍କ କାରିଦୋ ପରିଚରଦି ରୁଚିତ କୁସୁମଜଧୁରୋ
ସଂଛାଦନ୍ତୋ ଲୋଅଂ ଏସୋ ଚଳଗିରି ବିବହଇବ ସତନୁଳଦେ ।।୩୧୩ ।।
(ଏଷ ମେଘଃ ସହେଲୋ ଭୂୟଃ ଅଶନି ମୁରଜ ପଟହ ସମରବଃ,
ନାନାବିଦ୍ରୁତୈଃ ତାଳୈଃ ଘନଜଳଧରପଟଳସମନୁଗଃ,
ନାନାବର୍ଣ୍ଣଃ ଟଟଙ୍କକାରିତଃ ପରିଚରତି ରୁଚିରକୁସୁମ (ନିଭ) ଜଳଧୁରା
ସଂଛାଦୟନ୍ ଲୋକମ୍ ଏଷ ସଚଳଗିରି ନିବହଇବ ସତରୁଳତଃ ।।)
ଆଦ୍ୟମନ୍ତ୍ୟଂ ଚତୁର୍ଥଂ ଚ ସପ୍ତମଂ ଦଶମଂ ତଥା ।
ଗୁରୂଣ୍ୟେକାଦଶଂ ଚୈବ ସଂକୃତୌ ବୃତ୍ତସଂଚୟେ ।। ୩୧୪ ।।
ଲଘୂନ୍ୟନ୍ୟାନି ଶେଷାଣି ପାଦେ ଯସ୍ମିନ୍ ଭବନ୍ତି ହି ।
ବିଜ୍ଞେୟଂ ଶୀର୍ଷକଂ ତଜ୍ଜ୍ଞୈଃ ସ୍ଖଳିତଂ ନାମତୋ ଯଥା ।। ୩୧୫ ।।
ଯଥା: ବାଦସମୁଦ୍ଧତ ବୀଚିତରଙ୍ଗୋ ପଂଡ଼ିଅ ମଣିନିକର ରୁଚିର ଜଳୋ
ନୀଚି ପରମ୍ପରା ଘୋରଣିଣାଦୋ ପଟୁପଣବଲୁଳିତ ବିହଗକୁଳୋ ।
ମୀତାକୁଳାକୁଳ ଭୀମତରଙ୍ଗୋ ଖୁଭିଦ ଘଣଣିବହ ସଦିସରବୋ
ତୁଙ୍ଗ ମହୀଧର ମାଣଣିରୁଦ୍ଧୋ ରୁସିବୋଇବ ସପଦି ସଲିଳନିଧି ।। ୩୧୬ ।।

ମତ୍ତାକ୍ରୀଡ଼ା ବିଦ୍ୟୁନ୍ମାଳା - ଏହି ଛନ୍ଦର ତ୍ରୟୋବିଂଶତି ଅକ୍ଷର ବିଶିଷ୍ଟ ପାଦରେ ପ୍ରଥମ ଆଠ ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।। ୩୧୨-୩୧୩ ।।
ସ୍ଖଳିତ - ଏହି ଛନ୍ଦର ଚତୁର୍ବିଂଶତି ଅକ୍ଷର ପାଦରେ ପ୍ରଥମ, ଚତୁର୍ଥ, ସପ୍ତମ, ଦଶମ, ଏକାଦଶ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ଅନ୍ୟସବୁ ଅକ୍ଷର ଲଘୁ ହୁଏ । ୩୧୪, ୩୧୫, ୩୧୬ ।

Digitized by srujanika@gmail.com

(ବାତ ସମ୍ଭୃତ ବୀଚିତରଙ୍ଗଃ ସ୍ଫୁଟିତ ମଣିନିକର ରୁଚିରଜଳଃ ।
ବୀଚି ପରଂପର ଘୋର ନିନାଦଃ ପଟୁପଣବ କୂଳିତ ବିହଙ୍ଗକୁଳଃ ।
ମୀନ କୁଳାକୁଳଭୀମତରଙ୍ଗଃ କ୍ଷୁଭିତ ଘନ ନିବହ ସଦୃଶରବଃ
ତୁଙ୍ଗ ମହୀଧର-ମାନ ନିରୁଦ୍ଧଃ ରୁଷ୍ଟଇବ ସପଦି ସଲିଳ ନିଧିଃ ।।)
ଅତିକୃତ୍ୟା ପଞ୍ଚମାନ୍ତ୍ୟେ ଚାଷ୍ଟମୈକାଦଶେ ଗୁରୁ ।
ଦ୍ୱାଦଶଂ ଚେତି ବିଜ୍ଞେୟଂ ନାମତଶ୍ଚପଳା ତୁସା ।। ୩୧୭ ।।

ଯଥା: ମୁନିଓଗରଣ ସଂଥ ବିଦୋଧିଅ ତେଜୋ ବିଧୁଣିଅ ତିମିର ଦିବ ଘଣପଡ଼ଂ ।
କମଳ ବଣାଇ ବିବୋଧଅମାଣା ଉଦୀଗଣ ମୁନିଗଣ ପରିପାଠିବୋ ।
ଭୁଜଗ ସହସସ୍ ବିବଦ୍ଧିତ ପାଦୋ ।ସୁତବିଦକଣ ଅସଦିସ ବପୁ ଓ
କରଣିଥା ରେହି ପସଦିଅ ଲୋଅଂ ଉଦୟଦୀବରତଣୁ ଦିବସକରୋ ।। ୩୧୮ ।।
(ମୁନିଗଣ ସଦ୍‌ବିବୋଧିତ ତେଜୋ ବିଧୂତ ତିମିରନିଭ ଘନପଟଃ
କମଳବନାନି ବିବୋଧୟନ୍ ଯତିଗଣ ମୁନିଗଣ ପରିପାଠିତଃ ।
ଭୁଜଗ ସହସ୍ର ବିବର୍ଦ୍ଧିତପାଦଃ ...... ଅସଦୃଶ ବପୁଃ ।
କରନିବହୈଃ ପ୍ରସାଦିତଲୋକଃ ଉଦୟତି ବରତନୁର୍ଦିବସକରଃ ।)
ପଞ୍ଚମଂ ଦ୍ୱାଦଶଂ ଚୈବ ଦୀର୍ଘମନ୍ତ୍ୟଂ ତ୍ରୟୋଦଶମ୍ ।
ଉଦ୍‌କୃତ୍ୟା ଯୋ ଭବେଦ୍ ପାଦେ ବୃତ୍ତଂ ବେଗବତୀତୁ ତଦ୍ ।।୩୧୯ ।।

ଯଥା: ଗଗନତଳଂଗଣମଭିରୁହମାଣୋ ଉଡୁଗଣ ଗହଗଣ ସମୁପଗଦୋ ।
ହଳଧର ଆଣଣ ସୁରୁଚିର ରୂପୋ କୁବଲଜଣ ସୁହିବୋ ମଦକରଓ ।
କିରଣ ପଡ଼ଂସୁ ଅମବକିମାଣୋ ରଜଦଗିରି ସିହର ସଦିସବବୁ ।
ଉଦୟଦି ସଂପଦି ଏସ ଜଗଦୀପୋ କୁମୁଦବଣ ରୁଚିର ବିମଳକରୋ ।। ୩୨୦ ।।

ଚପଳା - ଏହି ଛନ୍ଦର ପଞ୍ଚବିଂଶତି ଅକ୍ଷର ପାଦରେ ପଞ୍ଚମ, ଅଷ୍ଟମ, ଏକାଦଶ, ଦ୍ୱାଦଶ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।। ୩୧୭, ୩୧୮ ।।
ବେଗବତୀ : ଏହି ଛନ୍ଦର ଷଡ଼୍‌ବିଂଶତି (୨୬) ଅକ୍ଷର ବିଶିଷ୍ଟ ପାଦରେ ପଞ୍ଚମ, ଦ୍ୱାଦଶ, ତ୍ରୟୋଦଶ ଓ ଅନ୍ତ୍ୟବର୍ଣ୍ଣ ଗୁରୁ ହୁଏ ।। ୩୧୯, ୩୨୦ ।।

Digitized by srujanika@gmail.com

(ଗଗନତଳାଙ୍ଗଣ ମଭିରୁହମାଣ ଉଡୁଗଣ ଗ୍ରହଗଣସମୁପଗତଃ ।
ହଳଧରାନନସୁରୁଚିର ରୂପଃ ଯୁବତିଜନସୁହୃନ୍ ମଦକରଃ ।
କିରଣପଦ୍ମବକିରୟନ୍ ରଜତ ଗିରି ଶିଖର ସଦୃଶ ବପୁଃ
ଉଦୟତି ସଂପ୍ରତି ଏଷ ଜଗଦ୍‌ଦୀପଃ କୁମୁଦ ବନରୁଚିରଃ ବିମଳକରଃ ॥)
ଏତା ହ୍ୟଷ୍ଟୌ ବୁଧୈର୍ଜ୍ଞେୟାଃ ଶୀର୍ଷକାଣାଂ ତୁ ଜାତୟଃ ।
ପୁନର୍ନର୍ଦ୍ଦକୁଟାନାଂ ଚ ଲକ୍ଷଣଂ ସଂନିବୋଧତ ॥ ୩୨୧ ॥
ଅଷ୍ଟୌନର୍ଦ୍ଦକୁଟାନାଂ ଚ ବିଜ୍ଞେୟା ମୂଳଜାତୟଃ ।
ଦର୍ଶନଂ ଲକ୍ଷଣଂ ତାସାଂ ନାମାନିଚ ନିବୋଧତ ॥ ୩୨୨ ॥
ରଥୋଦ୍ଧତା ବୁଦ୍‌ବୁଦକ ମୁଦ୍‌ଗତା ବଂଶପତ୍ରକମ୍ ।
ପ୍ରମିତାକ୍ଷରା କେତୁମତୀ ହଂସାସ୍ୟଂ ତୋଟକଂ ତଥା ॥ ୩୨୩ ॥
ପ୍ରଥମଂ ଚ ତୃତୀୟଂଚ ସପ୍ତମଂ ନବମାନ୍ତିକମ୍ ।
ଗୁରୂଣି ତ୍ରୈଷ୍ଟୁଭେ ପାଦେ ନର୍ଦ୍ଦକୁଟଂ ତଦ୍‌ରଥୋଦ୍ଧତମ୍ ॥ ୩୨୪ ॥
ଯଥା: ଏସିଆ କମଳବ୍ ଭଗେହଆ ରେଣୁ ପିଞ୍ଜରିଦ ଚାରୁଗଦିଆ ।
ସାଦରଂ ମଦକଳୋ ପଗୁଞ୍ଜିଦା ହିଣ୍ଡଦେ ସରୋବରମ୍ମି ଛପ୍ପଦୀ ॥ ୩୨୫ ॥
ତୃତୀୟଂ ଦଶମଂ ଚାନ୍ତ୍ୟଂ ନବମୈକାଦଶଂ ଗୁରୁ ।
ବୁଦ୍‌ବୁଦଂ ଚାତିଜଗତୀ ବିଜ୍ଞେୟଂ ନର୍ଦ୍ଦକୁଟଂ ତୁ ତଦ୍ ॥ ୩୨୬ ॥
ଯଥା: ତରୁଷଣ୍ଡ ଅବୁ ଖୁହି ଏସରୋ, ଘଣଣାଦ ଭିହି ଅମଣୋହରୋ,
ଅସୁଦିଶ ଦୀଶାଗମଣୋ ତୁ ସକିଦୋ, ସମୁପେଇ ଦାୟିଣି କମଳ ଭୋସ ପାଦବ ॥ ୩୨୭ ॥

ଶୀର୍ଷକର ଏହି ଆଠଟି ଛନ୍ଦ । ଏବେ ନର୍ଦ୍ଦକୁଟମାନଙ୍କର ଲକ୍ଷଣ ଶୁଣ ॥ ୩୨୧ ॥
ଏମାନେ ଅଟନ୍ତି - ରଥୋଦ୍ଧତା, ବୁଦ୍‌ବୁଦ୍‌କ, ଉଦ୍‌ଗତା, ବଂଶପତ୍ରକ, ପ୍ରମିତାକ୍ଷରା, କେତୁମତୀ, ହଂସାସ୍ୟ ଓ ତୋଟକ ॥ ୩୨୩ ॥
ରଥୋଦ୍ଧତା - ଯେଉଁ ଛନ୍ଦର ଏକାଦଶାକ୍ଷର ପାଦରେ ପ୍ରଥମ, ତୃତୀୟ, ସପ୍ତମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ତାହାକୁ ରଥୋଦ୍ଧତା କୁହାଯାଏ ॥ ୩୨୪, ୩୨୫ ॥

(କ) (ଏଷା କମଳା ଭଗେହଗା ରେଣୁପିଞ୍ଜରିତ ଚାରୁ ଗତିକା
ସାହେଂ ମଦକଳୋପଗୁଞ୍ଜିତା ହିଣ୍ଡତେ ସରୋବରେ ଷଟ୍‌ପଦୀ)

ବୁଦ୍‌ବୁଦ୍ - ଏହି ଛନ୍ଦର ତ୍ରୟୋଦଶାକ୍ଷର ପାଦରେ ତୃତୀୟ, ଦଶମ, ଏକାଦଶ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥ ୩୨୬, ୩୨୭ ॥

Digitized by srujanika@gmail.com

ତୃତୀୟଂ ପଞ୍ଚମଂ ଚୈବ ନବମଂ ଚ ତଥୈବ ଚ ।
ଚତୁର୍ଦ୍ଦଶଂ ଦ୍ୱାଦଶଂ ଚ ନୈଧନଂ ଚ ଭବନ୍ତି ହି ॥ ୩୨୮ ॥
ଯସ୍ମିନ୍ନଷ୍ଟିକୃତେ ପାଦେ ଗୁରୂଣ୍ୟେତାନି ନିତ୍ୟଶଃ ।
ଛନ୍ଦୋଜ୍ଞୈ ର୍ଜ୍ଞେୟ ମେତଦ୍‌ଦ୍ରୁ ନଦ୍‌କୁଟଂ ହ୍ୟୁଦ୍‌ଗତଂ ଯଥା ॥ ୩୨୯ ॥
ଯଥା- କମଳାଅରଂ କୁସୁମିଦଂ କଳହଂସ ସଂକୁଳଂ,
ବରହଦ୍‌ଥୀ ଜୂଥକଳୁସିଦଂ ସାଗରୋବମମ୍ ।

ଏସମନ୍ଦ ମନ୍ଦ ମଧୁର ବାଣୁକୁଳଦଂ କୁରଂ ଚୋରବେଇ ତରିଦଂ ସରଦାଗମେସସରଂ ॥ ୩୩୦ ॥

(କମଳାକରଃ କୁସୁମିତଃ କଳହଂସସଂକୁଳ ବରହସ୍ତିଯୂଥ କଳୁଷିତଃ ସରୋବରଃ ।
ଏଷ ମନ୍ଦ ମନ୍ଦ ମଧୁପରବାନୁକୂଳିତଃ କ୍ରୁରଂ ରୋରବିତି ତ୍ୱରିତଂ ଶରଦାଗମେ ସସ୍ୱରମ୍ ॥)

ଯତ୍ର ଚତୁର୍ଥ ଷଷ୍ଠଦଶମୈଃ ପ୍ରଥମ ନିଧନକୈଃ
ଭୂଷିତ ମକ୍ଷରୈଃ ଗୁରୁକୃତୈଃ ଶ୍ରବଣସୁଖ କରୈଃ ।
ତଦ୍‌ଖଳୁ ବଂଶପତ୍ର ପତିତଂ ମୁନିଗଣ ଗଦିତଂ
ନଦ୍‌କୁଟକଂ ବଦନ୍ତି ନିୟମାଦ୍ରୁପବୃତ୍ତି ରଚିତମ୍ ॥ ୩୩୧ ॥

ଯଥା-ଚୂଦବଣଂ ପଫୁଲ୍ଲତିଳଅଂ କୁରବଅ ସହିଦଂ ଚାରୁ ଅଶୋଅ ମଳି କଳିଦଂ କୁସୁମ ସମୁଦିଦମ୍ ।

ମାଧବ କାଣଣଂ କୁବଦି ଆଜଣ ମଦଜଣଣଂ ହିଣ୍ଡଇ କୋଇଲୋ ଏସ ସଦାସବଣ ମଧୁରବୋ ॥ ୩୩୨ ॥

(ଚୂତବନଂ ପ୍ରଫୁଲ୍ଲତିଳକଂ କୁରୁବକସହିତଂ ଚାରୁ ଅଶୋକମୌଳିକଲିତଂ କୁସୁମ ସମୁଦିତମ୍ ।

ଉଦ୍‌ଗତା - ଏହି ଛନ୍ଦର ଷୋଡ଼ଶାକ୍ଷର ପାଦରେ ତୃତୀୟ, ପଞ୍ଚମ, ନବମ, ଦ୍ୱାଦଶ, ଚତୁର୍ଦ୍ଦଶ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ଏହାକୁ ଉଦ୍‌ଗତ ନଦ୍‌କୁଟ ବୋଲି ଛନ୍ଦଶାସ୍ତ୍ରଜ୍ଞମାନେ କୁହନ୍ତି ॥ ୩୨୮, ୩୨୯, ୩୩୦ ॥

ବଂଶପତ୍ର ପତିତ - ଏହି ଛନ୍ଦର ସପ୍ତଦଶାକ୍ଷର ପାଦର ପ୍ରଥମ, ଚତୁର୍ଥ, ଷଷ୍ଠ, ଦଶମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ନିୟମାନୁବୃତ୍ତିର ରଚିତ ଏହି ଶ୍ରବଣ ସୁଖକର ନଦ୍‌କୁଟକୁ ମୁନିମାନେ ବଂଶପତ୍ର ପତିତ ବୋଲି କୁହନ୍ତି ॥ ୩୩୧, ୩୩୨ ॥

Digitized by srujanika@gmail.com

ମାଧବ କାନନଂ ଯୁବତିକାଜନମଦଜନନଂ ହିଣ୍ଡତି କୋକିଳ ଏଷ ସଦାଶ୍ରବଣ ମଧୁରବଃ ।।)

ତୃତୀୟଂ ପଞ୍ଚମଂ ଚୈବ ନବମଂ ନୈଧନଂ ତଥା ।
ଗୁରୂଣ୍ୟେତାନି ପାଦେତୁ ଜାଗତେ ପ୍ରମିତାକ୍ଷରମ୍ ।। ୩୩୩ ।।
ଯଥା-ମଧୁକାନନେ ଭମିଅ ଏଷ ଚିରଂ ଜୁବଇ ମୁହସବ ମୁଦ୍ଧିହିତୋ ।
କମଳାକରେ ସୁରଭି ପଙ୍କଜଏ ଅବହିଣ୍ଡବେ ସରଦି ହଂସଜୁବା ।। ୩୩୪ ।।
(କମଳା ଯରେସୁ ଭମିଉନ ଚିରଂ ଭସଲୀ ମୁଖାସବ ପିବସନ୍ତୁଷ୍ଟଓ
ମଧୁଭୂସିଦଂ ସୁରଭି ଚୂଦବଣଂ ପରିହିଣ୍ଡଦେ ସୁତଣୁ ଛପ୍ପଦଓ ।। ୩୩୫ ।।
ମଧୁକାନନେ ଭ୍ରମନ୍ ଏଷ ଚିରଂଯୁବତି ମୁଖାସବ ମୁଦ୍‌ପିବନ୍ ।
କମଳାକରେ ସୁରଭି ପଙ୍କଜେ ଅବହିଣ୍ଡତେ ଶରଦି ହଂସଯୁବା ।।
କମଳାକରେଷୁ ଭ୍ରମନ୍ ଚିରଂ ଭ୍ରମରୀ ମୁଖାସବ ପିପାସୁଃ
ମଧୁଭୂଷିତଂ ସୁରଭିଚୂତବନଂ ପରିହିଣ୍ଡତେ ସୁତନୂଃଷଟ୍‌ପଦଃ ।)
ଆଦ୍ୟେ ଚତୁର୍ଦ୍ଦଶ ଚ ମାତ୍ରା ଅନ୍ୟତ୍ର ଚ ଷୋଡ଼ଶ ଭବନ୍ତି ତଥା ।
ଜ୍ଞେୟା ହି ସା ବିଷମପାଦେ କେତୁମତୀ ନତ୍‌କୁଟଂ ଜାତିଃ ।। ୩୩୬ ।।
ଯଥା- କୁଞ୍ଜଂ ବିଲୋଡ଼ିଅ ଗଜବରେ ସରେ ବିକସିଅ ପଂକଅମ୍ମି ଗଦେ ।
କଂକଅଂ ବିହାଅ ଭମରଜୁବା ଭମଇ ଭମରିଗଣଂ ପରିଗହିଅ ।। ୩୩୭ ।।
(କୁଞ୍ଜଂ ବିଲୋଡ୍ୟ ଗଜବରେ ସରୋବିକଶିତପଙ୍କଜଂ ଗତେ
ପଙ୍କଜଂ ବିହାୟ ଭ୍ରମରଯୁବା ଭ୍ରମତି ଭ୍ରମରୀଗଣଂ ପରିଗୃହ୍ୟ)

ପ୍ରମିତାକ୍ଷରା - ଏହି ଛନ୍ଦର ଦ୍ୱାଦଶାକ୍ଷର ପାଦରେ ତୃତୀୟ, ପଞ୍ଚମ, ନବମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।। ୩୩୩ ।।
କେତୁମତୀ - ଏହି ଛନ୍ଦର ପ୍ରଥମ ପାଦରେ ଚତୁର୍ଦ୍ଦଶମାତ୍ରା ଏବଂ ଅବଶିଷ୍ଟ ତିନି ପାଦରେ ଷୋଡ଼ଶ ମାତ୍ରା ରହେ ।। ୩୩୬ ।।

Digitized by srujanika@gmail.com

ତୃତୀୟ ପଞ୍ଚମାନ୍ତ୍ୟାନି ପ୍ରଥମେ ସଚତୁର୍ଥକମ୍ ।
ଷଷ୍ଠଂ ଚ ନୈଧନେ ବାଥ ଗୁରୂଣି ଧ୍ୱଜିନୀ ଯଥା ।। ୩୩୮ ।।
ବିଳସନ୍ତିଆ କମଳସଣ୍ଡେ ମୁବସନ୍ତ ଏ କୁସୁତାଲୁଦ୍ଧ ।
ତୁରିୟଂ ନିପୀୟ ମଧୁମତ୍ତା ଛପ୍ପଦୀ ଆକୁଳଂ ସମୁପଜାଦି ।। ୩୩୯ ।।
(ବିଳସନ୍ତୀ କମଳ ଷଣ୍ଡେ ସୁବସନ୍ତେ କୁସୁମଲୁବ୍ଧା ।
ପୂର୍ଣ୍ଣଂ ନିପୀୟ ମଧୁମତ୍ତା ଷଟ୍‌ପଦୀ ଆକୁଳା ସମୁପଯାତି ।।)
ଦ୍ୱିତୀୟ ସପ୍ତମାନ୍ତ୍ୟାଶ୍ଚ ଚତୁର୍ଥକଂ
ଗୁରୁଯଦାହି ଷଷ୍ଠୋ ଦଶମୋଽପିବା ।
ଅଥୋଦିତୋ ହି ପାଦେଽଥ ଚ ଜାଗତେ
ଭବେଦିଦଂ ହଂସାସ୍ୟମିତି ସଂସ୍କୃତମ୍ ।। ୩୪୦ ।।
ଯଥା:-ସୁଗନ୍ଧବାଦା ବାନ୍ତି ହି ସମାଣିଓ ସରମ୍ମି ରମ୍ମଏ ଫୁଲ୍ଲଅ ପଙ୍କଜେ ।। ୩୪୧ ।।
(ସୁଗନ୍ଧବାତା ବାନ୍ତି ସମାନେ ସରସିରମ୍ୟେ ଫୁଲ୍ଲପଙ୍କଜେ ।
ତରଙ୍ଗ ସଂକୁଳେ ଷଟ୍‌ପଦାଳିକଂ ବିଲୋଭୟନ୍ତଃ ପକ୍ଷସନାଥମ୍ ।।)
ତୃତୀୟଂ ଚ ଚତୁର୍ଥଂ ଚ ଷଷ୍ଠଂ ସପ୍ତମମେବ ବା ।
ଦଶମଂ ନୈଧନଂ ଚୈବ ଗୁରୂଣି ଚ ଭବନ୍ତିହି ।। ୩୪୨ ।।
ପାଦେ ତୁ ଜାଗତେ ଯତ୍ର ଶେଷାଣି ଚ ଲଘୂନ୍ୟଥ ।
ହଂସାସ୍ୟଂ ନାମ ବିଜ୍ଞେୟଂ ଗଦିତଂ ନର୍କୁଟଂ ଯଥା ।। ୩୪୩ ।।
ଯଥା:ଜିଦ ହଂସାବତିଣ୍ଣେ ସଲିଳେ ସରେ କୁସୁମାମୋଦଲୁଦ୍ଧା କମଳା କରେ ।
ତାଳଣୀ ପତ୍ତ ମଜ୍‌ଝେ ପରିହିଣ୍ଡଦି ଭମଣାୟାସଖିଣ୍ଣା ଭମରାବଳୀ ।। ୩୪୪ ।।

ଧ୍ୱଜିନୀ - ଏହି ଛନ୍ଦର ପ୍ରଥମ ତିନି ଦଶାକ୍ଷର ପାଦରେ ପଞ୍ଚମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ଏବଂ ଦଶାକ୍ଷର ଶେଷ ପାଦରେ ଚତୁର୍ଥ ଓ ଷଷ୍ଠ ଅକ୍ଷର ଗୁରୁ ହୁଏ ।। ୩୩୮, ୩୩୯ ।।
ହଂସାସ୍ୟ - ଏହି ଛନ୍ଦର ଦ୍ୱାଦଶାକ୍ଷର ପାଦରେ ଦ୍ୱିତୀୟ, ଚତୁର୍ଥ, ଷଷ୍ଠ, ଦଶମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହେବ ।। ୩୪୦, ୩୪୧ ।। (ଦୀର୍ଘପାଠ ପ୍ରଣାଳୀ)
ହଂସାସ୍ୟ - ଏହି ଛନ୍ଦରେ ଦ୍ୱାଦଶାକ୍ଷର ପାଦରେ ତୃତୀୟ, ଚତୁର୍ଥ, ଷଷ୍ଠ, ସପ୍ତମ, ଦଶମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ । ଏହା ଧ୍ରୁବାର ନର୍କୁଟ ଶ୍ରେଣୀ ଅନ୍ତର୍ଭୁକ୍ତ ଅଟେ ।। ୩୪୨, ୩୪୩, ୩୪୪ ।। (ହ୍ରସ୍ୱପାଠ ପ୍ରଣାଳୀ)

Digitized by srujanika@gmail.com

(ଦ୍ୱିଜହଂସା ବଟୀର୍ଣ୍ଣେ ସଲିଳସରସି କୁସୁମାମୋଦଲୁବ୍ଧେ କମଳାକରେ ।
ନଳିନୀ ପତ୍ର ମଧ୍ୟେ ପରିହିଣ୍ଡତି ଭ୍ରମଣାୟାସଖିନ୍ନା ଭ୍ରମରାବଳୀ ।।)
ଯଦି ହ୍ୟନ୍ତ୍ୟ ତୃତୀୟକ ଷଷ୍ଠଗତୈର୍ନବମେ ନବମେନଚ ଭୂଷିତକମ୍ ।
ଗୁରୁଭିଃ ସହିତଂ ତ୍ୱିହ ତଦ୍‌ଗଦିତଂ ଭୁବି ତୋଟକ ମେବହି ନଦ୍‌କୁଟମ୍ ।।୩୪୫ ।।
ଯଥା - ରଜନୀ ବିରମେ ଅବିଭୀମରବୋ ଭୟସଂଜ୍ଞଣଣୋ ଗଥସିଗକଓ ।
ଅଣୁବାୟସ ଏହି ଅବହଦ୍‌ଥିଦ ଓ ପରିମଅଗତେ କୋଟିରଅଂ ତୁରିଦମ୍ ।। ୩୪୬ ।।
ଏତାସ୍ତୁ ଜାୟେଃ ପ୍ରୋକ୍ତା ନଦ୍‌କୁଟାନାଂ ସମାସତଃ ।
ପୁନଶ୍ଚ ଖଞ୍ଜକାନାଂ ତୁ ସଂପ୍ରବକ୍ଷ୍ୟାମି ଲକ୍ଷଣମ୍ ।। ୩୪୭ ।।
ପ୍ରମୋଦଂ ଖଞ୍ଜକଂ ପୂର୍ବଂ ଭାବିନୀ ମତ୍ତଚେଷ୍ଟିତମ୍ ।
ଏତାସ୍ତିସ୍ରଃ ସମାଖ୍ୟାତାଃ ଖଞ୍ଜକାନାଂ ତୁ ଜାତୟଃ ।। ୩୪୮ ।।
ଆଦ୍ୟ ଚତୁର୍ଥେ ଷଷ୍ଠ ଦଶମଂ ସଷୋଡ଼ଶ ମଥାନ୍ତ୍ୟମେବ ଚ ଯଦି ।
ଦ୍ୱାଦଶମେବ ଯତ୍ର ଚରଣେଷ୍ଟୁ ସପ୍ତ ଦଶକାଦ୍ ପରଂଚ ବିହତମ୍ ।।
ଛନ୍ଦସି ଚେଦ୍ ତଥା ଗୁରୁର୍ଭବେଦ ଥାକୃତିଗତଂ ଭବେଦ୍‌ତୁ ସତତମ୍ ।
ମଦ୍ରକାମଦଖଞ୍ଜକମତଃ ପୁନଶ୍ଚ କଥିତଂ ପ୍ରମୋଦକମ୍ ।। ୩୪୯ ।।
ଯଥା: ମାଧବ ମାସସୋହିଜ ସଗମ୍‌ଗଏ ଉପବଣମ୍ମି ଫୁଲ୍ଲକୁସୁମେ ।
ତଚ୍ଚ ପରାଗ ପମତ୍ତବହୁ ପକ୍‌ଖି ସଂଘ ପରିଘଟ୍ଟଣାଦ ମୁହଳେ ।
କୁଣ୍ଡିବଦ ସଂଡ଼ ସକୟାର ଚଞ୍ଚର ବିଲୋଳମନ୍ଦ ପବଣେ
ହିଣ୍ଡଦି ଛଷ୍ପଦାନୁଗଦେ ମପ୍ପ ଉପରଦେୟ(?) ଇନ୍ଦୁବଦନା ।।୩୫୦।।

ତୋଟକ - ଏହି ଛନ୍ଦର ଦ୍ୱାଦଶାକ୍ଷର ପାଦରେ ତୃତୀୟ, ଷଷ୍ଠ, ନବମ ଓ ଅନ୍ତ୍ୟବର୍ଣ୍ଣ ଗୁରୁ ହୁଏ । ଏହାକୁ ତୋଟକ ନଦ୍‌କୁଟ କହନ୍ତି ।। ୩୪୫, ୩୪୬ ।। ଏହି ଗୁଡ଼ିକ ସଂକ୍ଷେପରେ ନଦ୍‌କୁଟ ଧ୍ରୁବାର ଛନ୍ଦ । ଏବେ ଖଞ୍ଜକ ଧ୍ରୁବା ବିଷୟରେ କହିବି । ପ୍ରମୋଦଖଞ୍ଜକ, ଭାବିନୀ ଓ ମତ୍ତଚେଷ୍ଟିତ ଏହି ତିନିଟି ଖଞ୍ଜକଧ୍ରୁବାର ଛନ୍ଦ ।। ୩୪୭, ୩୪୮ ।।
ପ୍ରମୋଦକ - ଏହି ଛନ୍ଦର ଏକବିଂଶତି ଅକ୍ଷର ପାଦରେ ପ୍ରଥମ, ଚତୁର୍ଥ, ଷଷ୍ଠ, ଦଶମ ଏବଂ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ।। ୩୪୯, ୩୫୦ ।।

Digitized by srujanika@gmail.com

(ମାଧବମାସ ଶୋଭିତ ସମଗ୍ରୋପବନେ ଫୁଲ୍ଲକୁସୁମେ, ତତ୍ର ପରାଗ ପ୍ରମତ୍ତ ବହୁପକ୍ଷିସଂଘପରିଘଟ୍ଟନାଦମୁଖରେ କୁଣ୍ଠିତ ଷଣ୍ଡ ସହକାର ସଞ୍ଚର ବିଲୋଲ ମନ୍ଦପବନେ, ହିଣ୍ଡତି ଷଟ୍‌ପଦାନୁଗତେ ମତ୍ତୋପରତହୃଦୟା ଇନ୍ଦୁବଦନା ॥)

ଆଦ୍ୟ ପଞ୍ଚମ ମଥାନ୍ତ୍ୟସପ୍ତମଂ ସ୍ୟାଦ୍ ତୃତୀୟମେବ ଦୀର୍ଘକମ୍ ।
ଯସ୍ୟାଃ ପାଦଯୋର୍ଗତା ହି ସା ଭାବିନୀତି ଖଞ୍ଜକମ୍ ॥ ୩୫୧ ॥
ଯଥା-ଜାଦି ବେଧୁଣାୟମାଣ ଓ ପୁପ୍ଫରେଣୁ ଗୁଣିଣିଗ୍ଗଓ ।
କଚ୍ଚ ପଙ୍କଦୋପସୋଭିଦୋ ଛପ୍ପଦୋ ଦୁଦଂ ପଧାବିଦୋ ॥ ୩୫୨ ॥
(ଜାତି ବିଧୂୟମାନ ପୁଷ୍ପରେଣୁ ଗୁଣିତଗାତ୍ରଃ
କଜ୍ଜପଙ୍କତୋପଶୋଭିତଃ ଷଟ୍‌ପଦୋ ଦ୍ରୁତଂ ପ୍ରଧାବିତଃ ।)
ଯଦା ତୃତୀୟ ସପ୍ତମଂ ତଥାଦ୍ୟପଞ୍ଚମଂ ଲଘୁ ।
ତଦା ତୁ ମତ୍ତଚେଷ୍ଟିତଂ ବୁଧାବଦନ୍ତି ଖଞ୍ଜକମ୍ ॥ ୩୫୩ ॥
ଯଥା-ପ୍ରଫୁଲ୍ଲ ଫୁଲ୍ଲପାଦପଂ ବିହଙ୍ଗମୋପସୋଭିଦମ୍ ।
ବଣଂ ପଗୀଦ ଛପ୍ପଦଂ ଭବେଇ ଏସ କୋଇଲା ॥ ୩୫୪ ॥

(ପ୍ରଫୁଲ୍ଲ ପୁଂଲ୍ଲପାଦପଂ ବିହଙ୍ଗମୋପଶୋଭିତଂ ବନଂ ପ୍ରଗୀତଷଟ୍‌ପଦଂ ମୁପୈତି ଏଷ କୋକିଳଃ ।)

ନର୍କୁଟାନାଂ ତୁ ଖଞ୍ଜାନାମ୍ ଏତା ବୈ ମୂଳଜାତୟଃ ।
ଆଭ୍ୟୋ ବିନିସୃତାଶ୍ଚାନ୍ୟା ଯୁଗ୍ମୌଜା ବିଷମା କ୍ଷରାଃ ॥ ୩୫୫ ॥

ଭାବିନୀ - ଏହି ଛନ୍ଦର ନବାକ୍ଷର ପାଦରେ ପ୍ରଥମ, ତୃତୀୟ, ପଞ୍ଚମ, ସପ୍ତମ ଓ ଅନ୍ତ୍ୟ ଅକ୍ଷର ଗୁରୁ ହୁଏ ॥ ୩୫୧, ୩୫୨ ॥

ମତ୍ତଚେଷ୍ଟିତ - ଏହି ଛନ୍ଦର ଅଷ୍ଟାକ୍ଷର ପାଦରେ ପ୍ରଥମ, ତୃତୀୟ, ପଞ୍ଚମ ଓ ସପ୍ତମ ଅକ୍ଷର ଲଘୁ ହୁଏ ॥ ୩୫୩, ୩୫୪ ॥

ଏହି ଗୁଡ଼ିକ ନର୍କୁଟର ପ୍ରାଥମିକ (ମୂଳ) ଶ୍ରେଣୀ ଅଟନ୍ତି । ଅନ୍ୟମାନେ ଏହିମାନଙ୍କଠାରୁ ଜାତ ଅଟନ୍ତି । ଯେଉଁମାନଙ୍କ ପାଦରେ ଯୁଗ୍ମ ବା ଅଯୁଗ୍ମ ସଂଖ୍ୟକ ଅକ୍ଷର ରହେ ବା ଯେଉଁମାନଙ୍କ ପାଦଗୁଡ଼ିକରେ ଅସମ ସଂଖ୍ୟକ ଅକ୍ଷର ରହେ ॥ ୩୫୫ ॥

ଧ୍ରୁବାଗୁଡ଼ିକରେ ଚଉଷଠିଟି ପ୍ରାଥମିକ ଶ୍ରେଣୀ ଅଛି । ଏମାନଙ୍କର କେତେକ (ପାଦ) ସମସଂଖ୍ୟକ ଅକ୍ଷରରେ ରଚିତ ଏବଂ ଏହାଠାରୁ ଭିନ୍ନରୂପ ପାଦ ଅସମସଂଖ୍ୟକ (ଅକ୍ଷରରେ ରଚିତ) ।

Digitized by srujanika@gmail.com

ଚତୁଃଷଷ୍ଟି ଧ୍ରୁବାଣାଂଚ ବିଜ୍ଞେୟା ମୂଳଜାତୟଃ ।
ସମବୃତ୍ତାକ୍ଷରକୃତା ଆତୋଦ୍ୟା ବିଷମାଃ ସ୍ମୃତାଃ ॥ ୩୫୬ ॥
ନାନାବୃତ୍ତାସ୍ତୁ ଜାୟନ୍ତେ ଧ୍ରୁବାସ୍ତିସ୍ରସ୍ତୁ ନିତ୍ୟଶଃ ।
ଯୁଗ୍ମୌଜାଶ୍ଚାପି ମିଶ୍ରାଶ୍ଚ ବିଷମାର୍ଧସମାଃ ସମାଃ ॥ ୩୫୭ ॥
ସମବୃତ୍ତାସୁ ତତ୍ରତୁ ପଞ୍ଚାଶୀତିଃ ଶତେସ୍ମୃତାଃ ।
ତତ୍ରାର୍ଧ ବିଷମାଣାଂ ତୁ ଷଷ୍ଟ୍ୟାଂଚାର୍ଧଶତଂ ସ୍ମୃତାଃ ।
ଏତଦେବ ପରୀମାଣଂ ବିଷମାଣାଂ ପ୍ରକୀର୍ତ୍ତିତମ୍ ॥ ୩୫୮ ॥
ସାମାନ୍ୟା ଏବ ଜାୟନ୍ତେ ଧ୍ରୁବା ବିଷମପାଦିକାଃ ।
ସ୍ୱେଚ୍ଛାନାମ୍ନା ତୁ ନାମାନି ତାସାଂ କାର୍ଯ୍ୟାଣି ବୃତ୍ତୟଃ ॥ ୩୫୯ ॥
ଏତାସୁ ଜାତୟଃ ପ୍ରୋକ୍ତା ନାନାବୃତ୍ତ ସମୁଦ୍ଭବାଃ ।
ଅତଉର୍ଦ୍ଧ୍ବଂ ପ୍ରବକ୍ଷ୍ୟାମି ବିକଳ୍ପାନ୍ ପଞ୍ଚହେତୁକାନ୍ ॥ ୩୬୦ ॥
ଜାତିଃ ସ୍ଥାନଂ ପ୍ରକାରଶ୍ଚ ପ୍ରମାଣଂ ନାମ ଚୈବହି ।
ଜ୍ଞେୟା ଧ୍ରୁବାଣାଂ ନାଟ୍ୟଜ୍ଞୈ ର୍ବିକଳ୍ପାଃ ପଞ୍ଚହେତୁକାଃ ॥ ୩୬୧ ॥

ଯୁଗ୍ମ ବା ଅଯୁଗ୍ମ ସଂଖ୍ୟକ ଅଥବା ଯୁଗ୍ମ ଅଯୁଗ୍ମ ବା ଅସମ ସଂଖ୍ୟକ (ଅକ୍ଷରରେ ରଚିତ) ॥ ୩୫୬ ॥

ଯୁଗ୍ମ ବା ଅଯୁଗ୍ମ ସଂଖ୍ୟକ ଅଥବା ଯୁଗ୍ମ ଅଯୁଗ୍ମ ବା ଅସମସଂଖ୍ୟକ (ଅକ୍ଷରଯୁକ୍ତ ପାଦ) ବିଶିଷ୍ଟ ତିନି ପ୍ରକାର ଧ୍ରୁବା ବିବିଧ ଛନ୍ଦରେ ହୋଇପାର ।
ଯୁଗ୍ମ ସଂଖ୍ୟକ ଅକ୍ଷରଯୁକ୍ତ ପାଦବିଶିଷ୍ଟ ଧ୍ରୁବାମାନଙ୍କ ସଂଖ୍ୟା ୨୮୫ ଏବଂ ଯେଉଁମାନଙ୍କରେ ଅଂଶତଃ ଯୁଗ୍ମ ସଂଖ୍ୟକ ବର୍ଣ୍ଣ ଅଛି ସେମାନଙ୍କ ସଂଖ୍ୟା ୧୧୦ । ଅଯୁଗ୍ମ ସଂଖ୍ୟକ ଅକ୍ଷରଯୁକ୍ତ ପାଦବିଶିଷ୍ଟ ଧ୍ରୁବାଗୁଡ଼ିକର ସଂଖ୍ୟା ମଧ ୧୧୦ ଅଟେ ॥ ୩୫୮ ॥
(ଷଷ୍ଟି = ୬୦ + ଅର୍ଦ୍ଧଶତ ୫୦)

ଅସମ ସଂଖ୍ୟକ ଅକ୍ଷର ବିଶିଷ୍ଟ ପାଦଯୁକ୍ତ ଧ୍ରୁବା ଅଥବା ଅସମ ସଂଖ୍ୟକ ପାଦଯୁକ୍ତ ଧ୍ରୁବା ମଧ୍ୟ ସାଧାରଣ ଭାବେ ରଚିତ ହୁଏ । ଏହି ସମସ୍ତ ଛନ୍ଦର ନାମ ଇଛାନୁଯାୟୀ ଦିଆଯାଏ ॥ ୩୫୯ ॥
ଧ୍ରୁବାର ପାଞ୍ଚଟି ବୈଶିଷ୍ଟ୍ୟ : ବିବିଧ ଛନ୍ଦରୁ ଜାତ ଧ୍ରୁବା ଗୁଡ଼ିକର ଏମାନେ ଜାତି । ପ୍ରଥମ ପାଞ୍ଚଟି କାରଣ ଯୋଗୁଁ ଏମାନଙ୍କର ବିଶିଷ୍ଟତା ବିଷୟ କହିବି ॥ ୩୬୦ ॥ ଜାତି, ସ୍ଥାନ, ପ୍ରକାର, ପ୍ରମାଣ ଓ ନାମ ଏହି ପାଞ୍ଚଟି କାରଣ ଅଟେ ॥ ୩୬୧ ॥

Digitized by srujanika@gmail.com

ବୃତ୍ତାକ୍ଷରପ୍ରମାଣଂ ହି ଜାତିରିତ୍ୟଭିସଂଜ୍ଞିତା ।
ସମାର୍ଧବିଷମାଭିଶ୍ଚ ପ୍ରକାରଃ ପରିକୀର୍ତ୍ତିତଃ ।। ୩୬୨ ।।
ଷଟ୍ କଳାଷ୍ଟକଳେ ଚୈବ ପ୍ରମାଣେ ଦ୍ୱିବିଧେ ସ୍ମୃତେ ।
ଯଥା ଗୋତ୍ରକୁଳାଚାରୈ ର୍ନୃଣାଂ ନାମ ବିଧୀୟତେ ।। ୩୬୩ ।।
ଏବଂ ସ୍ଥାନାଶ୍ରୟୋପେତଂ ଧ୍ରୁବାଣାମପି ଚେଷ୍ୟତେ ।
ପ୍ରବେଶାକ୍ଷେପ ନିଷ୍କ୍ରାମ ପ୍ରାସାଦିକ ମଥାନ୍ତରମ୍ ।।
ସ୍ଥାନଂ ପଞ୍ଚବିଧଂ ବିଦ୍ୟାଦ୍ ଧ୍ରୁବାଯୋଗ ସମନ୍ୱିତମ୍ ।। ୩୬୪ ।।
ନାନାରସାର୍ଥଯୁକ୍ତା । ନୃଣାଂ ଯା ଗୀୟତେ ପ୍ରବେଶେଷୁ ।
ପ୍ରାବେଶିକୀ ତୁ ନାମ୍ନା ବିଜ୍ଞେୟା ସାଧ୍ରୁବା ତଜ୍ଜ୍ଞୈଃ ।। ୩୬୫ ।।
ଅଙ୍କାନ୍ତେ ନିଷ୍କ୍ରମଣେ ପାତ୍ରାଣାଂ ନୀୟତେ ପ୍ରୟୋଗେଷୁ ।
ନିଷ୍କ୍ରାମୋପଗତଗୁଣାଂ ବିଦ୍ୟାଦ୍ ନୈଷ୍କ୍ରାମିକୀଂ ତାଂ ତୁ ।। ୩୬୬ ।।
କ୍ରମମୁଲ୍ଲଂଘ୍ୟ ବିଧିଜ୍ଞୈଃ କ୍ରିୟତେ ଯା ଦ୍ରୁତଲୟେନ ନାଟ୍ୟବିଧୌ ।
ଆକ୍ଷେପିକୀ ଧ୍ରୁବାସା(ୡ) ଦ୍ରୁତାସ୍ଥିତା ବାପି ବିଜ୍ଞେୟା ।। ୩୬୭ ।।

ଧ୍ରୁବାର ବୃତ୍ତ ଓ ଅକ୍ଷର ପ୍ରମାଣ ହିଁ ଜାତି ବୋଲି କୁହାଯାଇଥାଏ । ସମ, ଅର୍ଦ୍ଧସମ ଓ ବିଷମକୁ ପ୍ରକାର ବୋଲି କୁହାଯାଏ ।। ୩୬୨ ।।

ଧ୍ରୁବାର ଷଟ୍‌କଳ ବା ଅଷ୍ଟକଳ ତାଳ ଦୁଇଟି ପ୍ରମାଣ ଅଟେ । (ତାଳ ବିଷୟ ୩୧ ଅଧାୟ ଦେଖ) ଗୋତ୍ରକୁଳ ଓ ଆଚାର ଅନୁଯାୟୀ ଯେପରି ମନୁଷ୍ୟଙ୍କର ନାମ ହୁଏ ସେହିପରି ସ୍ଥାନ ଏବଂ ଆଶ୍ରୟ ଅନୁଯାୟୀ ଧ୍ରୁବାମାନଙ୍କର ନାମ କରାଯାଏ ।
ଧ୍ରୁବାର ପଞ୍ଚସ୍ଥାନ : ପ୍ରବେଶ, ନିଷ୍କ୍ରାମ, ଆକ୍ଷେପ, ପ୍ରାସାଦିକ, ଅନ୍ତର । ଧ୍ରୁବାଯୋଗଯୁକ୍ତ ଏହି ପାଞ୍ଚଟି ସ୍ଥାନ ।। ୩୬୩, ୩୬୪ ।। (ଏହି ଅଧାୟର ୨୬, ୨୭ ଶ୍ଳୋକ ଦେଖନ୍ତୁ) ମଞ୍ଚରେ ପ୍ରବେଶ ସମୟରେ ବିବିଧ ରସାଶ୍ରିତ ଯେଉଁ ଗୀତଗୁଡ଼ିକୁ ବୋଲାଯାଏ ତାହାକୁ ପ୍ରାବେଶିକୀ ଧ୍ରୁବା କୁହାଯାଏ ।। ୩୬୫ ।।

ନାଟ୍ୟାନୁଷ୍ଠାନ ସମୟରେ ଅଙ୍କ ଶେଷରେ ପାତ୍ରମାନଙ୍କ ପ୍ରସ୍ଥାନ କାଳରେ ଯେଉଁ ପ୍ରସ୍ଥାନସୂଚକ ଗୀତ ବୋଲାଯାଏ ତାହାକୁ ନୈଷ୍କ୍ରାମିକୀ ଧ୍ରୁବା କୁହାଯାଏ ।। ୩୬୬ ।। ଯେତେବେଳେ ନାଟ୍ୟାଭିଜ୍ଞମାନେ କୌଣସି ନିୟମରେ ଆବଦ୍ଧ ନହୋଇ ବିଳମ୍ବିତ ଲୟର ଧ୍ରୁବା ଦ୍ରୁତଲୟରେ ଗାନ କରନ୍ତି ସେତେବେଳେ ତାହାର ନାମ ଅନ୍ତରା ଧ୍ରୁବା ହୁଏ ।। ୩୬୭ ।।

Digitized by srujanika@gmail.com

ଯାଚ ରସାନ୍ତରମୁପଗତ ମାକ୍ଷେପ ବଶାଦ୍ ପ୍ରସାଦୟତି ରଙ୍ଗମ୍ ।
ରାଗ ପ୍ରସାଦ ଜନନୀ ଜ୍ଞେୟା ପ୍ରସାଦିକୀ ସାତୁ ।। ୩୬୮ ।।
ବିଷଣ୍ଣେ ବିସ୍ମୃତେ କ୍ରୁଦ୍ଧେ ସୁପ୍ତେ ମତ୍ତେଽଥ ସଂଗରେ ।
ଗୁରୁଭାରାବସନ୍ନେ ଚ ମୂର୍ଚ୍ଛିତେ ପତିତେ ତଥା ।। ୩୬୯ ।।
ବିଷ ସଂମୂର୍ଚ୍ଛିତେ ଭ୍ରାନ୍ତେ ବସ୍ତ୍ରାଭରଣ ସଂଯମେ ।।
ଦୋଷ ପ୍ରଚ୍ଛାଦନେ ଯାଚ ଗୀୟତେ ସାନ୍ତରା ଧ୍ରୁବା ।। ୩୭୦ ।।
ଧ୍ରୁବାଣାଂ ଚୈବ ସର୍ବାସାଂ ରସଭାବ ସମନ୍ୱିତମ୍ ।
ତଥା ସ୍ଥାନଂ ପ୍ରବକ୍ଷ୍ୟାମି ଯତ୍ର ଗେୟଂ ପ୍ରଯତ୍ନତଃ ।। ୩୭୧ ।।
ଦ୍ୱିବିଧଂ ତୁ ସ୍ମୃତଂ ସ୍ଥାନଂ ପରସ୍ଥଂ ଚାତ୍ମସଂଶ୍ରିତମ୍ ।
ଯଦ୍ ତ୍ୱାକ୍ଷେପସମାଯୁକ୍ତଂ ତଚ୍ଚ ମେ ସନ୍ନିବୋଧତ ।। ୩୭୨ ।।
ବିଦ୍ଧେ ନିରୁଦ୍ଧେ ପତିତେ ବ୍ୟାଧିତେ ମୂର୍ଚ୍ଛିତେ ମୃତେ ।।
ଅବକୃଷ୍ଟା ଧ୍ରୁବା କାର୍ଯ୍ୟା ଭାବେ ଚ କରଣାଶ୍ରୟେ ।। ୩୭୩ ।।

ଯେଉଁଗାନ (ଆକସ୍ମିକ) ଚିତ୍ତ ବିକ୍ଷେପ ପରେ ରସାନ୍ତର ଉପସ୍ଥାପନ କରି ଶ୍ରୋତୃବୃନ୍ଦଙ୍କୁ ପ୍ରସନ୍ନ କରାଇଥାଏ ତାହାକୁ ପ୍ରାସାଦିକୀ କୁହାଯାଏ ।। ୩୬୮ ।।

(ଯଥା- ଖୁବ ଦୁଃଖ, ଲାଞ୍ଛନା ବା ଯୁଦ୍ଧାଦି ଦୃଶ୍ୟ ପରେ ଭଜନଗାନ କରି ସାଧୁ ପ୍ରବେଶ ଅଥବା ପରିହାସ ଗୀତ ଛଳରେ ନଟନଟୀ ଯୁଗ୍ମଙ୍କ ପ୍ରବେଶ ।)

ପ୍ରଧାନ ଚରିତ୍ରର ବିଷାଦ, ବିସ୍ମୃତି, କ୍ରୋଧ, ସ୍ୱପ୍ନ, ମତ୍ତତା, ଯୁଦ୍ଧ, ଖୁବ୍ ଓଜନିଆ ଭାରବହନ, ମୂର୍ଚ୍ଛା, ପତନ, ବିଷଜନିତ ମୂର୍ଚ୍ଛା, ମୁଣ୍ଡ ବୁଲାଇବା, ବସ୍ତ୍ର ଓ ଅଳଙ୍କାର ପରିଧାନ କିମ୍ବା କୌଣସି ଦୋଷ ପ୍ରଚ୍ଛାଦନ (ଅଭିନୟରେ) ପ୍ରଭୃତି ଅବସ୍ଥାରେ ଯାହାଗାନ କରାଯାଏ ତାହାକୁ ଅନ୍ତରା ଧ୍ରୁବା କୁହାଯାଏ । ୩୬୯, ୩୭୦ ।।

ସବୁ ଧ୍ରୁବା ଯେଉଁ ସ୍ଥାନରେ ଯେପରି ରସ ଭାବ ସମନ୍ୱିତ ଗାନ କରିବାକୁ ପଡ଼ିବ ସେ ବିଷୟ କହିବି ।। ୩୭୧ ।।

ସ୍ଥାନ ଦୁଇ ପ୍ରକାର, ଅପର ସଂକ୍ରାନ୍ତ ଏବଂ ଆତ୍ମ ସଂକ୍ରାନ୍ତ । ଏବେ ଆକ୍ଷେପ ସଂକ୍ରାନ୍ତ ସ୍ଥାନ ବିଷୟ ଶୁଣନ୍ତୁ ।।୩୭୨ ।।

ଯେତେବେଳେ କେହି ଧୃତ, ନିବାରିତ, ପତିତ, ରୋଗଗ୍ରସ୍ତ, ମୃତ, ମୂର୍ଚ୍ଛିତ ହୁଏ ସେ କ୍ଷେତ୍ରରେ କରୁଣରସର ଅବକୃଷ୍ଟ ଧ୍ରୁବା ଗାନ କରାଯିବ ।। ୩୭୩ ।।

Digitized by srujanika@gmail.com

ଔତ୍ସୁକ୍ୟେ ହ୍ୟବହିତ୍ଥେଚ ଚିନ୍ତାୟାଂ ପରିଦେବିତେ ।
ଶ୍ରମେ ଦୈନ୍ୟେ ବିଷାଦେ ଚ ସ୍ଥିତା କାର୍ଯ୍ୟା ଧ୍ରୁବା ବୁଧୈଃ ।। ୩୭୪ ।।
ଏତେଷ୍ୱେବ ତୁ ଭାବେଷୁ କରୁଣାବେଦିତେଷୁ ଚ ।
ଧ୍ରୁବା ଦ୍ରୁତା ତୁ କର୍ତ୍ତବ୍ୟା ତଥା ବେଗ ସମାଶ୍ରୟା ।। ୩୭୫ ।।
ଯତ୍ର ପ୍ରତ୍ୟକ୍ଷଜଂ ଦୁଃଖଂ ମୃତାଭିହତଦର୍ଶନାତ୍ ।
ସ୍ଥିତା ତତ୍ର ପ୍ରୟୋକ୍ତବ୍ୟା କରୁଣେ ତୁ ରସେ ବୁଧୈଃ ।। ୩୭୬ ।।
ଉତ୍ପାତ ଦର୍ଶନେ ଚୈବ ହ୍ୟମର୍ଷେଽଦ୍ଭୁତଦର୍ଶନେ ।
ବିଷାଦେ ଚ ପ୍ରମାଦେ ଚ ରୋଷେ ସତ୍ତ୍ୱ ପ୍ରଦର୍ଶନେ ।। ୩୭୭ ।।
ରୌଦ୍ରବୀରଭୟାଦ୍ୟେଷୁ ପ୍ରତ୍ୟକ୍ଷାବେଦିତେଷୁ ଚ ।
ଧ୍ରୁବା ଦ୍ରୁତଲୟା କାର୍ଯ୍ୟା ହ୍ୟାବେଗେ ସଂଭ୍ରମେ ତଥା ।। ୩୭୮ ।।
ପ୍ରସାଦନେ ଯାଚନେ ଚ ତଥାନୁସ୍ମରଣେଽପି ଚ ।
ତଥାତିଶୟବାକ୍ୟେଷୁ ତଥାଚ ନବସଂଗମେ ।। ୩୭୯ ।।
ହର୍ଷେ ଚ ପ୍ରାର୍ଥନେ ଚୈବ ଶୃଙ୍ଗାରାଦ୍ଭୁତ ଦର୍ଶନେ ।
ଧ୍ରୁବା ପ୍ରସାଦିକୀ କାର୍ଯ୍ୟ ତଜ୍ଜ୍ଞୈ ର୍ମଧ୍ୟ ଲୟାଶ୍ରୟା ।। ୩୮୦ ।।

ଯେଉଁଠାରେ କୌଣସି ପାତ୍ରର ଅଧୈର୍ଯ୍ୟ, ମନୋଭାବ ଗୋପନ, ଚିନ୍ତା, ବିଳାପ, କ୍ଲାନ୍ତି ଅବସାଦ ବା ନୈରାଶ୍ୟ ପ୍ରକାଶିତ ହୁଏ ସେ କ୍ଷେତ୍ରରେ ବିଳମ୍ବିତ ଲୟର ଧ୍ରୁବା ଗାନ କରାଯିବ ।। ୩୭୪ ।।

ଏହିସବୁ ଅବସ୍ଥାରେ ଏବଂ କରୁଣ ଆବେଦନ ସ୍ଥଳରେ ଦ୍ରୁତଲୟରେ ଦ୍ରୁତଗତି ଅବଲମ୍ବନ କରି ଧ୍ରୁବା ଗାନ କରାଯିବ ।। ୩୭୫ ।।

ଯେଉଁ ସ୍ଥଳରେ ନିହତ ବା ଆହତ ବ୍ୟକ୍ତିକୁ ଦେଖି ଦୁଃଖ ହୁଏ ସେଠାରେ କରୁଣ ରସରେ ବିଳମ୍ବିତ ଲୟରେ ଧ୍ରୁବା ଗାନ କରିବା ଉଚିତ ।। ୩୭୬ ।।

ଉତ୍ପାତଦର୍ଶନ (ଦୈବ ଦୁର୍ଯୋଗ), ଅସହିଷ୍ଣୁତା, ଅଦ୍ଭୁତ ବ୍ୟକ୍ତି ବା ବସ୍ତୁ ଦେଖିବା, ନୈରାଶ୍ୟ, ଅସାବଧାନତା, କ୍ରୋଧ, ପରାକ୍ରମ ଦେଖାଇହେବା, ରୌଦ୍ର-ବୀର-ଭୟାନକ ରସର ପ୍ରତ୍ୟକ୍ଷ ବେଦନୀୟ କ୍ଷେତ୍ରରେ, ଆବେଗ ଓ ସମ୍ଭ୍ରମ (ବ୍ୟସ୍ତତା) ଏହି ସବୁ ଅବସ୍ଥାରେ ଦ୍ରୁଲୟରେ ଧ୍ରୁବାଗାନ କରିବା ଉଚିତ ।। ୩୭୭, ୩୭୮ ।। ପ୍ରସାଦନ (ଶାନ୍ତ) କରାଇବା, ପ୍ରାର୍ଥନା କରିବା, ମନେ ପକାଇବା, ଅତିରଞ୍ଜିତ ବାକ୍ୟ କହିବା, ନାୟକ-ନାୟିକାଙ୍କର ପ୍ରଥମ ମିଳନ, ଆନନ୍ଦ, ଖୋସାମତି କରିବା, ଶୃଙ୍ଗାରାଭିନୟ, ଅଦ୍ଭୁତ ଦର୍ଶନ ଏହିସବୁ ଅବସ୍ଥାମାନଙ୍କରେ ମଧ୍ୟ ଲୟରେ ପ୍ରାସାଦିକୀ ଜାତୀୟ ଧ୍ରୁବା ଗେୟ ।। ୩୭୯-୩୮୦ ।।

Digitized by srujanika@gmail.com

ଶରୀରବ୍ୟସନେ ରୋଷେ ପୁନଃ ସନ୍ଧାନକର୍ମଣି ।
ସାନୁବନ୍ଧା ବୁଧୈଃ କାର୍ଯା ଗୀତଜ୍ଞୈରନ୍ତରାଧ୍ରୁବା ॥ ୩୮୧ ॥
ଅଧ୍ରୁବାସ୍ତୁ ପ୍ରବେଶାଃ ସ୍ୟୁ ର୍ଗାୟତୋ ରୁଦତସ୍ତଥା ।
ସମ୍ଭ୍ରମେ ଘୋଷଣେ ଚୈବ ହ୍ୟୁତ୍‌ପାତେ ବିସ୍ମୟେ ତଥା ॥ ୩୮୨ ॥
ଏବମର୍ଥ ବିଧିଂ ଜ୍ଞାତ୍ୱା ଦେଶକାଳମ୍ ଋତୁଂତଥା ।
ପ୍ରକୃତିଂ ଭାବଲିଙ୍ଗଂ ଚ ତତୋ ଯୋଜ୍ୟାଧ୍ରୁବା ବୁଧୈଃ ॥ ୩୮୩ ॥
ଶୀର୍ଷକଂ ଚୋଦ୍ଧତା ଚୈବ ଅନୁବନ୍ଧୋ ବିଳମ୍ବିତା ।
ଅଡ୍‌ଡ଼ିତା ଚାପକୃଷ୍ଟାଚ ଷଟ୍‌ପ୍ରକାରା ଧ୍ରୁବା ସ୍ମୃତା ॥ ୩୮୪ ॥
ଶିରଃ ସ୍ଥାନୀୟ ମେତଦ୍ଧି ଯସ୍ମାଦ୍ ତସ୍ମାଦ୍‌ତୁ ଶୀର୍ଷକମ୍ ।
ଉଦ୍ଧତା ତୂଦ୍ଧାତୋ ଯସ୍ମାଦ୍ ତସ୍ମାଦ୍ ଗେୟା ଧ୍ରୁବା ବୁଧୈଃ ॥ ୩୮୫ ॥
ଆକ୍ରୀଡ଼ିତ ପ୍ରବୃତ୍ତୋଯଃ ତଦର୍ଥୋ ଲୟକାରକଃ ।
ନାଟ୍ୟୋପଚାରଜନିତଃ ସୋଽନୁବନ୍ଧଃ ପ୍ରକୀର୍ତ୍ତିତଃ ॥ ୩୮୬ ॥
ନାତିତ୍ୱରିତ ସଂଚାରା ନାଟ୍ୟଧର୍ମ ମନୁସ୍ମୃତା ।
ସବିଳମ୍ବିତ ସଂଚାରା ଭବେଦଥ ବିଳମ୍ବିତା ॥ ୩୮୭ ॥
ଅଡ୍‌ଡ଼ିତା ତୂତ୍କଟଗୁଣା ଶୃଙ୍ଗାର ରସ ସମ୍ଭବା ।
ଯସ୍ମାଦ୍ ତସ୍ମାଦ୍ ପ୍ରସନ୍ନାଚ ତସ୍ମାଦେବାଡ୍‌ଡ଼ିତା ସ୍ମୃତା ॥ ୩୮୮ ॥

ଶାରୀରିକ ଦୁର୍ଦ୍ଦଶା, କ୍ରୋଧ, ଶତ୍ରୁ ପ୍ରତି ଅସ୍ତ୍ରସନ୍ଧାନ, ସ୍ଥଳରେ ବିରାମବିହୀନ ଅନ୍ତରା ଧ୍ରୁବା ହେବ । ଗୀତ ଗାଇ କାନ୍ଦି କାନ୍ଦି ଆସୁଥିବା ସ୍ଥଳରେ, ବ୍ୟସ୍ତତାରେ, କିଂ ବା କିଛି ଘୋଷଣା-ସକାଶେ ଘୋଷକ ଆସିଲେ କିଂବା ବିପଦ ଓ ବିସ୍ମୟ କ୍ଷେତ୍ରରେ କୌଣସି ଧ୍ରୁବା ପ୍ରୟୋଗ ହେବ ନାହିଁ ॥ ୩୮୨ ॥

ଏହିପରି ବିଷୟ, ସ୍ଥାନ, କାଳ, ଋତୁ, ଚରିତ୍ର ଏବଂ ଅବସ୍ଥାର ସୂଚନା ସମ୍ବନ୍ଧରେ ବିଧିବିଚାର କରି ଧ୍ରୁବା ପ୍ରୟୋଗ କରିବ ॥ ୩୮୩ ॥

ଶୀର୍ଷକ, ଉଦ୍ଧତା, ।ଅନୁବନ୍ଧ, ବିଳମ୍ବିତା, ଅଡ୍‌ଡ଼ିତା ଓ ଅପକୃଷ୍ଟା ଏହିପରି ଧ୍ରୁବା ଛଅ ପ୍ରକାର ॥ ୩୮୪ ॥ ଯେଉଁ ଧ୍ରୁବା ଶୀର୍ଷ ସ୍ଥାନରେ ରହେ ତାହାକୁ ଶୀର୍ଷକ କହନ୍ତି । ଉଦ୍ଧତ ଭାବରେ ଗାନ କରାଗଲେ ଧ୍ରୁବା ଉଦ୍ଧତା ନାମରେ ପରିଚିତ ହୁଏ ॥ ୩୮୫ ॥

ଖେଳି ଖେଳି ଯେଉଁ ଧ୍ରୁବାକୁ ଆରମ୍ଭ କରାଯାଏ ଏବଂ ଯେଉଁଥିରେ କିଛି ଅନାବଶ୍ୟକ ହାଲୁକା ବିଷୟ ମଧ୍ୟ ଗ୍ରହଣ କରାଯାଏ, ତାହାକୁ ଅନୁବନ୍ଧ କୁହାଯାଏ ॥ ୩୮୬ ॥

ଯେତେବେଳେ ଧ୍ରୁବା ଶୃଙ୍ଗାର ରସ ପ୍ରସଙ୍ଗରେ ପ୍ରବର୍ତ୍ତିତ ହୁଏ, ଏବଂ ତହିଁରେ କିଛି ସ୍ୱତନ୍ତ୍ରତା ରହେ ସେହି ସ୍ଥାନ ଶ୍ରୋତୃବର୍ଗଙ୍କର ଆଗ୍ରହ ବଢ଼ାଇଥାଏ । ଏହି କ୍ଷେତ୍ରରେ ଅଡ଼୍‌ଡ଼ିକା ଧ୍ରୁବା ପ୍ରୟୋଗ ହୋଇଥାଏ ॥ ୩୮୮ ॥

Digitized by srujanika@gmail.com

ଅନ୍ୟଭାବେଷ୍ୱୁ କୃଷ୍ଟା ଚ କୃଷ୍ଟା ହ୍ୟେତେଷ୍ୱୁ ଗୀୟତେ ।
ଯସ୍ମାଦ୍ କାରୁଣ୍ୟସଂଯୁକ୍ତା ଅପକୃଷ୍ଟା ଭବେଦ୍ ତତଃ ॥ ୩୮୯ ॥
ଯାତୁ ପ୍ରାବେଶିକୀ ଚ ଦୀପ୍ତା ସା କାର୍ଯୋଦ୍ଧତା ନୃଣାମ୍ ।
ଯା ସମାସିତ ସଂଚାରା ଭବେଦଥ ବିଲମ୍ବିତା ॥ ୩୯୦ ॥
ଯା ତୁ ପ୍ରସାଦିକୀ ନାମ ସ୍ତ୍ରୀଣାଂ କାର୍ଯାଡ୍ଡିତା ତୁସା ।
ଯା ସ୍ଥିତା ସାପକୃଷ୍ଟାତୁ ଯା(ଽ) ଦ୍ରୁତା ସା ବିଲମ୍ବିତା ॥ ୩୯୧ ॥
ଯତୋ ଲୟବାଦ୍ୟ ଯତି ପଦ ବର୍ଣ୍ଣସ୍ତଥାକ୍ଷରମ୍ ।
ଅନୁବଧ୍ନାତି ଗୀତେଷ୍ୱୁ ପ୍ରକାରାଃଷଟ୍ ପ୍ରବେଶଜାଃ ॥ ୩୯୨ ॥
ଶୀର୍ଷକଂ ଚୋଦ୍ଧତା ଚୈବ ଦେବପାର୍ଥିବୟୋଃ ସ୍ମୃତେ
ଦିବ୍ୟ ପାର୍ଥିବବୈଶ୍ୟାନାଂ ସ୍ତ୍ରୀଣାଂ ଯୋଜ୍ୟା ତଥାଡ୍ଡିତା ॥ ୩୯୩ ॥
ମଧ୍ୟମାନାଂ ପ୍ରବେଶେ ଚ ଜ୍ଞେୟା ଦ୍ରୁତବିଳମ୍ବିତା ।
ନୀଚାନାଂ ଚୈବା କର୍ତ୍ତବ୍ୟ ନୃଣାଂନର୍କୁଟଖଞ୍ଜକା ॥ ୩୯୪ ॥

ଯେଉଁ ଧ୍ରୁବା ଆରମ୍ଭ ହୋଇଥିବା ଭାବରୁ ଟଣା ହୋଇ ଆସି ଆଉ ଗୋଟିଏ ଭାବରେ ଗାନରେ ଯାଏ, ଟଣା ହୋଇଥିବାରୁ ତାହାକୁ କୃଷ୍ଟା ଏବଂ ଟିକିଏ କରୁଣା ଭାବ ମିଶ୍ରିତ ଥିବାରୁ ଏହାକୁ ଅପକୃଷ୍ଟା ବୋଲି କହିଥାଆନ୍ତି ॥ ୩୮୯ ॥

ଯେତେବେଳେ ଗତି ପ୍ରତିହତ ବା ବିଳମ୍ବିତ ହୁଏ ସେହି କ୍ଷେତ୍ରରେ ଉତ୍ତେଜିତ ପ୍ରାବେଶିକୀ ଧ୍ରୁବା ପୁରୁଷ ଚରିତ୍ରରେ ପ୍ରଯୋଜ୍ୟ ॥ ୩୯୦ ॥

ସ୍ତ୍ରୀ ଚରିତ୍ର କ୍ଷେତ୍ରରେ ପ୍ରାସାଦିକୀ ଧ୍ରୁବା ଅଡ୍ଡିତା ଶ୍ରେଣୀର ହୋଇଥାଏ । ଏହା ଯେତେବେଳେ ବିଳମ୍ବିତ ଲୟରେ ହୁଏ ସେହି କ୍ଷେତ୍ରରେ ଏହା ଅପକୃଷ୍ଟା ହୁଏ ଏବଂ ଯାହା ଦ୍ରୁତ ନୁହେଁ ତାହା ବିଳମ୍ବିତା ହୁଏ ॥ ୩୯୧ ॥

ଯେଣୁ ଲୟ, ବାଦ୍ୟ, ଯତି, ପଦ, ବର୍ଣ୍ଣ ଓ ଅକ୍ଷର ଗାନ ସହିତ ରହିଥାଏ, ସେଇଥିପାଇଁ ଏହି ଛଅଟି ଏହାର ପ୍ରବେଶ ସମ୍ବନ୍ଧୀୟ ଅଙ୍ଗ ବୋଲି କୁହାଯାଏ ॥ ୩୯୨ ॥

ଶୀର୍ଷକ ଓ ଅଡ୍ଡିତା ନୃପତି ଓ ଦେବତାମାନଙ୍କର ହୁଏ । ଦିବ୍ୟ, ରାଜକୀୟ ପୁରୁଷ ଓ ବୈଶ୍ୟ କ୍ଷେତ୍ରରେ ଓ ନାରୀମାନଙ୍କ କ୍ଷେତ୍ରରେ ଅଡ୍ଡିତା ପ୍ରୟୋଗ କରାଯାଏ ॥ ୩୯୩ ॥

ଦ୍ରୁତ ବିଳମ୍ବିତ ଶ୍ରେଣୀର ଧ୍ରୁବା ମଧ୍ୟମ ଚରିତ୍ର ପ୍ରବେଶ ସ୍ଥଳରେ ପ୍ରୟୋଗ କରାଯାଏ । ନୀଚ ଚରିତ୍ର କ୍ଷେତ୍ରରେ ଏହା ନର୍କୁଟା ଓ ଖଞ୍ଜକ ହେବ ॥ ୩୯୪ ॥

Digitized by srujanika@gmail.com

ଖଞ୍ଜକଂ ନତ୍‌କୁଟଂ ଚୈବ ସ୍ଥାନପ୍ରାସାଦିକୀ ତଥା ।
କସ୍ମାଲ୍ଲଳିତ ଭାବତ୍ୱାଦ୍ ହାସ୍ୟଶୃଙ୍ଗା ରୟୋର୍ଯତଃ ।। ୩୯୫ ।।
କୁର୍ଯ୍ୟାନ୍ନୀଚେ ମୃତେଚୈବ ଅନୁବନ୍ଧଂ ଲୟାଶ୍ରୟମ୍ ।
ସ୍ତ୍ରୀଣାଂ ରାଜନ୍ୟବୈଶ୍ୟାନା ମପକୃଷ୍ଟା ସ୍ତଥୈବ ଚ ।। ୩୯୬ ।।
ସନ୍ନିପାତାସ୍ତୁ ଚତ୍ୱାରଃ ପ୍ରାବେଶିକ୍ୟାଭବନ୍ତି ହି ।
ଶେଷାଦ୍ୱିସନ୍ନିପାତାସ୍ତୁ ଶୀର୍ଷକାଃ ଷଡ୍‌ପଦାଃ ସ୍ମୃତାଃ ।। ୩୯୭ ।।
ସ୍ଥିତା ବାପ୍ୟଡ୍‌ଡ୍ଡିତା ବାପି ନୀଚାନାଂ ନହି କାରୟେଦ୍ ।
ସର୍ବଭାବାଶ୍ରୟଗତୌ ତେଷାଂ କାର୍ଯ୍ୟଂତୁ ନତ୍‌କୁଟମ୍ ।। ୩୯୮ ।।
ତ୍ରୟୋଭାବା ଭବନ୍ତ୍ୟେଷାଂ ହାସ୍ୟଶୋକଭୟାଶ୍ରୟାଃ ।
ଏବଂ ଭାବାନ୍ ବିଦିତ୍ୱାତୁ ଧ୍ରୁବା ଯୋଜ୍ୟା ପ୍ରୟୋକ୍ତୃଭିଃ ।। ୩୯୯ ।।
ବସ୍ତୁ ପ୍ରୟୋଗଂ ପ୍ରକୃତିଂ ରସଭାବମ୍ ଋତୁଂ ବୟଃ ।
ଦେଶଂ କାଳ ମବସ୍ଥାଂ ଚ ଜ୍ଞାତ୍ୱା ଯୋଜ୍ୟା ଧ୍ରୁବା ବୁଧୈଃ ।। ୪୦୦ ।।

କୌଣସି ଉପଲକ୍ଷ୍ୟ ନେଇ ଆନନ୍ଦ ସଂଚାର ଉଦ୍ଦେଶ୍ୟରେ ଖଞ୍ଜକ ଓ ନତକୁଟ ହେବ । କାରଣ ଏହି ଦୁଇଟି ହାସ୍ୟ ଓ ଶୃଙ୍ଗାର ରସରେ ହୁଏ ।। ୩୯୫ ।।

ନୀଚ ଚରିତ୍ର ଓ ମୃତବ୍ୟକ୍ତି କ୍ଷେତ୍ରରେ ଉପଯୁକ୍ତ ଲୟଯୁକ୍ତ ଅନୁବନ୍ଧ ହେବା ଉଚିତ । ଅବଶିଷ୍ଟ କ୍ଷେତ୍ରରେ ଦୁଇ ସନ୍ନିପାତ ଏବଂ ଶୀର୍ଷକମାନଙ୍କର ଛଅ ପାଦ ରହିବ ।। ୩୯୬ ।।

ପ୍ରାବେଶିକୀ ଧ୍ରୁବାରେ ଚାରି ସନ୍ନିପାତଯୁକ୍ତ ତାଳ ହୋଇଥାଏ । ଅବଶିଷ୍ଟମାନଙ୍କରେ ଦୁଇ ସନ୍ନିପାତ ହେବ । ଶୀର୍ଷକମାନଙ୍କରେ ଛଅପାଦ ରହିବ ।। ୩୯୭ ।।

ନୀଚ ଚରିତ୍ରମାନଙ୍କ କ୍ଷେତ୍ରରେ ବିଳମ୍ବିତ ଲୟରେ ଅଡ୍‌ଡ୍ଡିତା ଗାନ କରିବା ଉଚିତ ନୁହେଁ । ସେମାନଙ୍କର ସମସ୍ତ ଭାବାଶ୍ରୟ ଗତିରେ ନତ୍‌କୁଟ ଗାନ କରାଯିବ ।। ୩୯୮ ।।

ଏହି (ନୀଚ ଚରିତ୍ରମାନଙ୍କରେ) ମାନଙ୍କର ମାତ୍ର ତିନିଟି ଅବସ୍ଥା :- ହାସ୍ୟ, କରୁଣ ଓ ଭୟାନକ, ଏହି ବିଷୟକୁ ଲକ୍ଷ୍ୟ କରି ସେମାନଙ୍କ କ୍ଷେତ୍ରରେ ଧ୍ରୁବା ପ୍ରୟୋଗ କରାଯିବ ।। ୩୯୯ ।।

ନାଟ୍ୟବସ୍ତୁ, ପ୍ରୟୋଗ, ପ୍ରକୃତି, ରସ, ଅବସ୍ଥା, ଋତୁ, ବୟସ, ସ୍ଥାନ, କାଳ ଓ ମାନସିକ ଅବସ୍ଥା ବିବେଚନା କରି ଧ୍ରୁବା ପ୍ରୟୋଗ କରିବ ।। ୪୦୦ ।।

Digitized by srujanika@gmail.com

ବସ୍ତୁ ଦେଶସମୁଦ୍‌ଥଂ ଚ ନଗରାରଣ୍ୟ ସମ୍ଭବମ୍ ।
ପ୍ରୟୋଗଶ୍ଚୈବ ବିଜ୍ଞେୟୋ ଦିବ୍ୟମାନୁଷ ସଂଶ୍ରୟଃ ।। ୪୦୧ ।।
ଉତ୍ତମାଧମଧ୍ୟାତୁ ତ୍ରିବିଧା ପ୍ରକୃତିଃ ସ୍ମୃତା ।
ରସଭାବୌ ତୁ ପୂର୍ବୋକ୍ତାବୃତୁଃ କାଳକୃତସ୍ତଥା ।। ୪୦୨ ।।
ଶିଶୁ ଯୌବନ ବୃଦ୍ଧତ୍ୱଂ ବୟଶ୍ଚୈବ ପ୍ରକୀର୍ତ୍ତିତମ୍ ।
କକ୍ଷାଦିଭେଦ ଜନିତୋ ଦେଶସ୍ତୁ ବିବିଧଃ ସ୍ମୃତଃ ।। ୪୦୩ ।।
କାଳୋ ରାତ୍ରିନ୍ଦିବକୃତୋ ମାସପକ୍ଷ ବିନିର୍ମିତଃ ।
ଅବସ୍ଥା ଚୈବ ବିଜ୍ଞେୟା ସୁଖ ଦୁଃଖକୃତା ତଥା ।। ୪୦୪ ।।
ସ୍ଥାନାନ୍ୟେତାନିତୁ ବୁଧୈ ର୍ନାନାବସ୍ଥାନି ନିତ୍ୟଶଃ ।
ପ୍ରୟୋଗେ ତୁ ପ୍ରଯୋଜ୍ୟାନି ରସଭାବୌ ସମୀକ୍ଷ୍ୟ ତୁ ।। ୪୦୫ ।।
ଯାନି ବାକ୍ୟୈସ୍ତୁ ନ ବ୍ରୁୟାଦ୍ ତାନି ଗୀତୈରୁଦାହରେତ୍ ।
ଗୀତୈ ରେବ ହି ବାକ୍ୟାର୍ଥୈରସପାକୋ ବଳାଶ୍ରୟଃ ।। ୪୦୬ ।।

ନାଟ୍ୟବସ୍ତୁ ଦେଶ ନଗର ଅରଣ୍ୟକୁ ଆଶ୍ରୟକରି ହୋଇପାରେ । ପ୍ରୟୋଗ ଦିବ୍ୟ ବା ମର୍ତ୍ତ୍ୟକୁ ନେଇ ହୋଇପାରେ ବୋଲି ଜାଣିବ ।। ୪୦୧ ।।

ନାଟ୍ୟର ଚରିତ୍ରଗୁଡ଼ିକ ତିନି ପ୍ରକାର: ଉଚ୍ଚ, ନୀଚ, ମଧ୍ୟମ । ରସ ଓ ଅବସ୍ଥା ପୂର୍ବରୁ କୁହାଯାଇଛି । ସମୟର ଗତି ଅନୁଯାୟୀ ଋତୁ ହୁଏ ।। ୪୦୨ ।।

ଶୈଶବ, ଯୌବନ ଏବଂ ବାର୍ଦ୍ଧକ୍ୟ ଏହି ତିନିଟି ବୟସ । ଦେଶ ବା ସ୍ଥାନ ବିବିଧ ହୋଇଥାଏ । (୧୪/୩ ଠାରୁ ଦେଖ) ।। ୪୦୩ ।। ଦିବସ ଓ ରାତ୍ରି ମାସ ଓ ପକ୍ଷ ଦ୍ୱାରା କାଳ ସ୍ଥିର କରାହୁଏ । ସୁଖ ଓ ଦୁଃଖକୁ ନେଇ ମାନସିକ ଅବସ୍ଥା ନିର୍ଭର କରେ ।। ୪୦୪ ।।

ବିଭିନ୍ନ ଅବସ୍ଥାର ସର୍ବଦା ଏଗୁଡ଼ିକ ଲକ୍ଷଣ । ରସ ଓ ଅବସ୍ଥା ବିବେଚନା କରି ପଣ୍ଡିତମାନେ ଏଗୁଡ଼ିକ ପ୍ରୟୋଗ କରିବେ ।। ୪୦୫ ।।

ଯେଉଁ ସବୁ ବିଷୟ ବାକ୍ୟରେ ପ୍ରକାଶ କରାଯାଇ ପାରିବ ନାହିଁ, ସେ ସବୁକୁ ଗୀତ ମାଧ୍ୟମରେ ପରିବେଷଣ କରାଯିବ । କାରଣ ଗୀତରେ ତାହାର ରସ ପରିପକ୍ୱ ଅବସ୍ଥା ଗ୍ରହଣ କରିପାରେ ।। ୪୦୬ ।।

Digitized by srujanika@gmail.com

ଧ୍ରୁବାଣାମାଶ୍ରୟାଃ କାର୍ଯ୍ୟା ଔପମ୍ୟଗୁଣ ସମ୍ଭବାଃ ।
ଉତ୍ତମାଧମମଧ୍ୟାନାଂ ସ୍ତ୍ରୀଣାଂ ନୃଣାମଥାପି ଚ ॥ ୪୦୭ ॥
ଚନ୍ଦ୍ରାଗ୍ନିସୂର୍ଯ୍ୟପବନା ଦେବପାର୍ଥିବୟୋଃ ସ୍ମୃତାଃ ।
ଦୈତ୍ୟାନାଂ ରାକ୍ଷସାନାଂ ଚ ମେଘ ପର୍ବତ ସାଗରାଃ ॥ ୪୦୮ ॥
ସିଦ୍ଧ ଗନ୍ଧର୍ବ ଯକ୍ଷାଣାଂ ଗ୍ରହୋଡୁ ବୃକ୍ଷଭାଃ ସ୍ମୃତାଃ ।
ତପଃ ସ୍ଥିତାନାଂ ସର୍ବେଷାଂ ସୂର୍ଯ୍ୟାଗ୍ନି ପବନାଃ ସ୍ମୃତାଃ ॥ ୪୦୯ ॥
ହବ୍ୟବାହସ୍ତୁ ବିପ୍ରାଣାଂ ଯେ ଚାନ୍ୟେ ତପସି ସ୍ଥିତାଃ ।
ଏତେଷାଂ ଚୈବ ଯା କାର୍ଯ୍ୟ ସ୍ତାସାମୌପମ୍ୟ ସଂସ୍ଥିତାଃ ॥ ୪୧୦ ॥
ବିଦ୍ୟୁଦୁଲ୍ଲାର୍କ ରଶ୍ମିଷ୍ଟ ଦିବ୍ୟାନାମପି ଚ ସ୍ମୃତାଃ ।
ଦେବତାୟାଃ ପ୍ରଯୋଜ୍ୟାସ୍ତୁ ନୃପାଣାମପିତେ ମତାଃ ॥ ୪୧୧ ॥
ନାଗସିଂହ ବୃଷାଶ୍ଚୈବ ନୈତେ ବିଦ୍ୟେଷୁ କୀର୍ତ୍ତିତାଃ ।
ବାରଣୋରଗସିଂହାଶ୍ଚ ନୃପାଣାମପି ଚେଷ୍ୟତେ ॥ ୪୧୨ ॥
ମହିଷା ରୁରୁ ସିଂହାଶ୍ଚ କ୍ରବ୍ୟାଦାଃ ପଶବଶ୍ଚଯେ ।
ହିଂସ୍ରସତ୍ତ୍ୱେଷୁ ତେ କାର୍ଯ୍ୟା ଯକ୍ଷରାକ୍ଷସ ଭୂତେଷୁ ॥ ୪୧୩ ॥

ଉତ୍ତମ ମଧ୍ୟମ ଓ ନୀଚ ପୁରୁଷ ଓ ନାରୀ ଚରିତ୍ରରେ ଉପମେୟର ଗୁଣକୁ ଖାପ ଖୁଆଇ ଧ୍ରୁବା ପ୍ରୟୋଗ କରାଯିବ ॥ ୪୦୭ ॥

ଦେବତା ଓ ରାଜାଙ୍କ କ୍ଷେତ୍ରରେ - ଚନ୍ଦ୍ର, ଅଗ୍ନି, ସୂର୍ଯ୍ୟ, ବାୟୁ ତୁଳନୀୟ ବସ୍ତୁ ରୂପେ ଗ୍ରହଣୀୟ ॥ ଏହିପରି ଦୈତ୍ୟ ଓ ରାକ୍ଷସ କ୍ଷେତ୍ରରେ ମେଘ, ପର୍ବତ ଓ ସମୁଦ୍ର ଉପମାନ ହେବେ ॥ ୪୦୮ ॥ ସିଦ୍ଧ, ଗନ୍ଧର୍ବ ଓ ଯକ୍ଷମାନଙ୍କର ଗ୍ରହ, କ୍ଷେତ୍ର, ବୃକ୍ଷ ମାତ୍ର ଏମାନେ ତପସ୍ୟା ରତ ହେଲେ ସୂର୍ଯ୍ୟ, ଅଗ୍ନି ଓ ବାୟୁ ସହିତ ତୁଳନା କରାଯିବ ॥ ୪୦୯ ॥

ବ୍ରାହ୍ମଣ କିମ୍ବା ଯେକୌଣସି ତପୋନିରତଙ୍କୁ ଅଗ୍ନିଙ୍କ ସହିତ ଏବଂ ସେମାନଙ୍କ ପତ୍ନୀଙ୍କୁ ମଧ୍ୟ ଏହିପରି ତୁଳନା କରାଯିବ ॥ ୪୧୦ ॥

ବିଦ୍ୟୁତ୍, ଉଲ୍କା, ସୂର୍ଯ୍ୟରଶ୍ମି ଏଗୁଡ଼ିକ ଦିବ୍ୟଚରିତ୍ରର ଇଷ୍ଟମାନେ ହେବେ । ଦେବତା ଓ ରାଜା କ୍ଷେତ୍ରରେ ମଧ୍ୟ ଏମାନଙ୍କୁ ଉପମାନ କରାଯାଇଥାଏ ॥ ୪୧୧ ॥

ଦିବ୍ୟଚରିତ୍ର ସହିତ ଗଜ, ସିଂହ, ବୃଷକୁ ଉପମାନ କରିବ ନାହିଁ । ରାଜାଙ୍କର ଗଜ ଭୁଜଙ୍ଗ ଓ ସିଂହ ଉପମାନ ଆକାରରେ ଦିଆଯାଇପାରେ ॥ ୪୧୨ ॥

ଯକ୍ଷ ରାକ୍ଷସ ଓ ଭୂତ ପ୍ରଭୃତି ହାନିକର ଜୀବ ମହିଷ, ରୁରୁମୃଗ, ସିଂହ ଓ ଅନ୍ୟ ମାଂସାଶୀ ଜୀବ ସହିତ ତୁଳନୀୟ ॥ ୪୧୩ ॥

Digitized by srujanika@gmail.com

ଉତ୍ତମାନାଂ ପ୍ରଯୋକ୍ତବ୍ୟା ନାନାରସ ସମାଶ୍ରୟାଃ ।
ମତ୍ତମାଙ୍ଗ ସହିତା ରାଜହଂସାଶ୍ଚ ଯୋକ୍ତୃଭିଃ ॥ ୪୧୪ ॥
ସାରସାଃ ଶିଖିନଃ କ୍ରୌଞ୍ଚା ଶ୍ଚକ୍ରାହ୍ୱାଃ କୁମୁଦାକରାଃ ।
ମଧ୍ୟମାନାଂ ପ୍ରଯୋକ୍ତବ୍ୟାଔପମ୍ୟଗୁଣ ସଂଶ୍ରୟାଃ ॥ ୪୧୫ ॥
କୋକିଳଃ ଷଟ୍‌ପଦୋ ଧ୍ୱାଂକ୍ଷଃ କୁରରଃ କୌଶିକୋ ବକଃ ।
ପାରାବତଃ ସକାଦମ୍ବୋ ହ୍ୟଧର୍ମେଷୁ ପ୍ରଯୋଜିତଃ ॥ ୪୧୬ ॥
ଏବମେଷାଂ ଯଥୋକ୍ତାନାଂ ସ୍ତ୍ରୀୟୋ ଯାସ୍ତୁ ଭବନ୍ତି ହି ।
ଉତ୍ତମାଧମମଧ୍ୟାନାଂ ତାସାଂ ଚୈବ ନିବୋଧତ ॥ ୪୧୭ ॥
ଶର୍ବରୀ ବସୁଧା ଜ୍ୟୋତ୍ସ୍ନା ନଳିନୀ କରିଣୀ ନଦୀ ।
ନୃପସ୍ତ୍ରୀଣାଂ ଭବନ୍ତ୍ୟେତା ଔପମ୍ୟଗୁଣ ସଂଶ୍ରୟାଃ ॥ ୪୧୮ ॥
ଦୀର୍ଘିକା କୁରରୀ ପଲ୍ଲୀ ସାରସୀ ଶିଖିନୀ ମୃଗୀ ।
ମଧ୍ୟମାନାଂ ଭବନ୍ତ୍ୟେତା ବୈଶ୍ୟାଦୀନାଂ ତୁ ନିତ୍ୟଶଃ ॥ ୪୧୯ ॥
ଷଟ୍‌ପଦୀ କୁକ୍କୁଟୀ ଧ୍ୱାଂକ୍ଷୀ ପରପୁଷ୍ଟାଥ କୌଶିକୀ ।
ଅଧମାନାଂ ଧ୍ରୁବାସ୍ୱେତାଃ ପ୍ରଯୋଜ୍ୟାସ୍ତୁ ପ୍ରଯୋକ୍ତୃଭିଃ ॥ ୪୨୦ ॥

ଉତ୍ତମ ଚରିତ୍ରମାନଙ୍କର ବିବିଧ ପ୍ରସଙ୍ଗରେ ମତ୍ତହସ୍ତୀକୁ ତୁଳନା କରାଯିବ ॥ ଉଚ୍ଚ ଚରିତ୍ର ସହିତ ହଂସ ଉପମାନ ଦିଆଯିବ ॥ ୪୧୪ ॥

ସାରସ, ମୟୂର, ବକ, ଚକ୍ରବାକ ଏବଂ କୁମୁଦମଣ୍ଡିତ ସରୋବର ମଧ୍ୟମ ଚରିତ ସହିତ ତୁଳନା କରାଯାଏ ॥ ୪୧୫ ॥ କୋକିଳ, ଭ୍ରମର, କାକ, କପୋତ, ପେଚକ, ବକ ଓ କଳହଂସ ନୀଚଚରିତରେ ଉପମାନ ହେବେ ॥ ୪୧୬ ॥ ଏବେ ଉତ୍ତମ ମଧ୍ୟମ ଅଧମ ଚରିତର ସ୍ତ୍ରୀମାନଙ୍କ ଉପମାନ ବିଷୟ ଗୁଣ ॥ ୪୧୭ ॥

ରଜନୀ, ଧରଣୀ, ଜ୍ୟୋତ୍ସ୍ନା, ପଦ୍ମସରସୀ, ହସ୍ତିନୀ ଓ ସ୍ରୋତସ୍ୱିନୀ ରାଜପତ୍ନୀମାନଙ୍କର ଏମାନେ ଉପମାନ ॥ ୪୧୮ ॥

ସରସୀ, କପୋତୀ, ଲତା, ସାରସୀ, ମୟୂର ଓ ହରିଣୀ ଏମାନେ ମଧ୍ୟମ ଚରିତ ଓ ବୈଶ୍ୟପତ୍ନୀମାନଙ୍କ ଉପମାନ ॥ ୪୧୯ ॥ କୁକ୍କୁଟୀ, ମଧୁକରୀ, କାକୀ, କୋକିଳା, ପେଚକୀ, ଏହିମାନ ଅଧମା ମାନଙ୍କ ଧ୍ରୁବାରେ ଉପମାନ ଆକାରରେ ପ୍ରଯୁକ୍ତ ହେବେ ॥ ୪୨୦ ॥

Digitized by srujanika@gmail.com

ପତ୍ୟର୍ଥୋପମିତା ଯାଶ୍ଚ ଚଳନାର୍ଥା ଭବନ୍ତି ହି ।
ପ୍ରାଦେଶିକ୍ୟାଂ ବୁଧୈରେବ ନୈଷ୍କ୍ରାମିକ୍ୟାଂ ତଥୈବ ଚ ॥ ୪୨୧ ॥
ପ୍ରାଦେଶିକ୍ୟାଶ୍ରୟା ଯୋଚ ପୂର୍ବାହ୍ନେ ଚୈବତେସ୍ମୃତାଃ ।
ନକ୍ତନ୍ଦିବସମୁଦ୍‌ଥାସ୍ତୁ ନୈଷ୍କ୍ରାମିକ୍ୟାଂ ସକାଳକାଃ ॥ ୪୨୨ ॥
ସୌମ୍ୟାଃ ପୂର୍ବାହ୍ନକାଳେ ତୁ ମଧ୍ୟାହ୍ନେ ଦୀପ୍ତ ସଂଶ୍ରୟାଃ ।
ଗମନାର୍ଥା ହି ଯେ ପ୍ରୋକ୍ତାଃ ପ୍ରାବେଶିକ୍ୟାଂ ଭବନ୍ତିହି ।
ସ୍ଥାବରା ଯେଚ ସଂପ୍ରାପ୍ତା ଆକ୍ଷେପିକ୍ୟାଶ୍ରୟା ହିତେ ॥ ୪୨୪ ॥
ଆକ୍ଷେପିକ୍ୟାଶ୍ରିତାଃ ସର୍ବେ ଦ୍ରୁତାଃ ସ୍ଥିତକୃତାସ୍ତଥା ।
ଆକ୍ଷେପା ହ୍ୟେବମେବ ସ୍ୟୁର୍ଦ୍ରୁତା ସ୍ଥିତଗତାଶ୍ରୟାଃ ॥
ରୋଷାମର୍ଷ ସମୁଦ୍‌ଭୁତା ଶୋକାଦ୍‌ଭୁତ ଭୟାନକାଃ ॥ ୪୨୫ ॥
ଯଦ୍‌ଦ୍ରବ୍ୟଂ ବସୁଧାସଂସ୍ଥଂ ମୃତଦୈବତମାଶ୍ରିତମ୍ ।
ତଦ୍ ସର୍ବ ମୁପମେୟଂ ତୁ ଗାନେ ଯୁକ୍ତୋପମାଶ୍ରୟେ ॥ ୪୨୬ ॥

ଗତି ଅର୍ଥରେ ଯେଉଁ ଉପମା ଦିଆଯିବ, ସେଗୁଡ଼ିକ ଚଳନାର୍ଥକ ହେବ । ସେଗୁଡ଼ିକ ପ୍ରାବେଶିକୀ ଓ ନୈଷ୍କ୍ରାମିକୀ ଧ୍ରୁବାରେ ସୂଚିତ କରାଯିବ ॥ ୪୨୧ ॥

କାଳ ଓ ସୂଚନା ଉପଯୋଗୀ ଧ୍ରୁବା -
ପୂର୍ବାହ୍ନର ଘଟନା-ସୂଚାଇବା ପାଇଁ ପ୍ରାବେଶିକୀ ଧ୍ରୁବା ଗାନ କରାଯିବ । ଦିନ ଓ ରାତିର ଘଟନା ସୂଚାଇବା ପାଇଁ ନୈଷ୍କ୍ରାମିକୀ ଧ୍ରୁବା ବ୍ୟବହାର କରାଯିବ ॥ ୪୨୨ ॥

ପୂର୍ବାହ୍ନକୁ ସୂଚାଇବା ପାଇଁ ସୌମ୍ୟ ଧ୍ରୁବା ପ୍ରୟୋଗ କରିବ । ଦୀପ୍ତା ଧ୍ରୁବା ମଧ୍ୟାହ୍ନ ସୂଚିତ କରିବ । ଅପରାହ୍ନ ଓ ସନ୍ଧ୍ୟାର ସୂଚନା ପାଇଁ କରୁଣା ଧ୍ରୁବା ଗାନ କରିବା ଉଚିତ ॥ ୪୨୩ ॥

ପ୍ରାଦେଶିକୀ ଧ୍ରୁବାଦ୍ୱାରା ଗମନାର୍ଥ ବର୍ଣ୍ଣିତ ହେବ । ଆପେକ୍ଷିକୀ ଧ୍ରୁବା ଦ୍ୱାରା ସ୍ଥିରବସ୍ତୁମାନଙ୍କ ବର୍ଣ୍ଣନା ଗାନ କରାଯିବ ॥ ୪୨୪ ॥

ସବୁ ଆପେକ୍ଷିକୀ ଧ୍ରୁବା ଦ୍ରୁତ ଓ ମିଳମ୍ବିତ ଲୟରେ ଗାନ କରାଯିବ । ରୋଷ ଓ ଆମର୍ଷ ଏବଂ କରୁଣ ଅଦ୍‌ଭୁତ ଓ ଭୟାନକ ରସ ଆଶ୍ରୟରେ ଦ୍ରୁତ ଓ ସ୍ଥିତ ଲୟକୁ ଆଶ୍ରୟକରି ଧ୍ରୁବାମାନ ଏହିପରି ପ୍ରଯୁକ୍ତ ହେବେ ॥ ୪୨୫ ॥

ମୃତ ଦେହ ବା ଦେବତା ବିଷୟକ ସମସ୍ତ ପାର୍ଥିବ ବସ୍ତୁ ଉପଯୁକ୍ତ ଉପମା ସହିତ ଧ୍ରୁବା ଗାନରେ ପ୍ରଯୋଜ୍ୟ ହେବ ॥ ୪୨୬ ॥

Digitized by srujanika@gmail.com

ସ୍ଥାବରେ ସ୍ଥାବରଂ କୁର୍ଯ୍ୟାତ୍ ଗତ୍ୟର୍ଥେଷୁ ଚଳଂ ତଥା ।
ସୁଖ ଦୁଃଖ କୃତାନ୍ ଭାବାନ୍ ଔପମ୍ୟଗୁଣସଂଶ୍ରୟାନ୍ ॥ ୪୨୭ ॥
ତତ୍ର ରଥବାଜି କୁଞ୍ଜର ମୃଗ ପକ୍ଷି ଶିବିକା ବିମାନାନାମ୍ ।
ଗତି ବିକ୍ରମଂ ଦୃଷ୍ଟ୍ବା କର୍ତ୍ତବ୍ୟାଥ ଧ୍ରୁବା ତଜ୍ଜ୍ଞୈଃ ॥ ୪୨୮ ॥
ରଥ ପତ୍ରି ବାଜିବାରଣ ବିମାନ ଶିକ୍ୟସ୍ଥ ପକ୍ଷିଯାନେଷୁ ।
ଦ୍ରୁତ ପଦବର୍ଣ୍ଣ ବିଶେଷା କର୍ତ୍ତବ୍ୟାବୈ ଧ୍ରୁବା ତଜ୍ଜ୍ଞୈଃ ॥ ୪୨୯ ॥
ଓଜଃ କୃତା ହି ଯେ ବୈ ଗୁରୁବର୍ଣ୍ଣା ବୃଷ ଗଜ ସିଂହ କ୍ଷେଷୁ ।
ସାରସ ବାନର ହଂସେ ତଥା ମୟୂରେ ଚ କର୍ତ୍ତବ୍ୟା ॥ ୪୩୦ ॥
ଦ୍ରୁତଗମନେ ଲଘୁବର୍ଣ୍ଣା ବିଳମ୍ବିତକୃତେ ତୁ ଦୀର୍ଘବର୍ଣ୍ଣକୃତାଃ ।
ଏବଂ ସ୍ଥିତଦ୍ରୁତାନାଂ ଜ୍ଞାତ୍ବା ଭାବଂ ଦ୍ରୁତାଃ କାର୍ଯ୍ୟାଃ ॥ ୪୩୧ ॥
ନାସ୍ତି କିଞ୍ଚିଦବୃତ୍ତଂ ହି ପଦଂ ଗାନ କୃତାଶ୍ରୟମ୍ ।
ତସ୍ମାଦ୍ ଗାନମଭିପ୍ରେକ୍ଷ୍ୟ ତଦ୍ ବୃତ୍ତଂ ଯୋଜୟେଦ୍ ଧ୍ରୁବମ୍ ॥ ୪୩୨ ॥

ସ୍ଥିରବସ୍ତୁର ଉପମାନ ସ୍ଥିର ବସ୍ତୁ ହେବ । ଚଳବସ୍ତୁର ଉପମାନ ଚଳବସ୍ତୁ ହିଁ ହେବ । ଆନନ୍ଦ ଓ ଦୁଃଖ ହେତୁ ସେମାନଙ୍କ ଅବସ୍ଥା ତୁଳନୀୟ ବସ୍ତୁରେ ମଧ୍ୟ ସେହିପରି ହିଁ ବର୍ଣ୍ଣିତ ହେବ ॥ ୪୨୭ ॥

ରଥ, ଅଶ୍ୱ, ଗଜ, ମୃଗ, ବିହଙ୍ଗ ଶିବିକା ଓ ବିମାନ କ୍ଷେତ୍ରରେ ବିଶେଷଜ୍ଞମାନେ ସେଗୁଡ଼ିକର ଗତି ଓ ବେଗକୁ ମଧ୍ୟ ବର୍ଣ୍ଣନା କରି ଧ୍ରୁବା ପ୍ରୟୋଗ କରିବେ ॥ ୪୨୮ ॥

ରଥ ବାଣ ଅଶ୍ୱ ଗଜ ବିମାନ ଦୋଳା ଓ ବାହନ ରୂପକ ବିହଙ୍ଗମ କ୍ଷେତ୍ରରେ (ଗରୁଡ଼ ପ୍ରଭୃତି) କାବ୍ୟବିତ୍‌ମାନେ ଦ୍ରୁତ ଉଚ୍ଚାରଣୀୟ ପଦ ଓ ଅକ୍ଷର ଦ୍ୱାରା ଧ୍ରୁବାରଚନା କରିବେ । ବୃଷ, ଗଜ ସିଂହ ଓ ଭଲ୍ଲୁକ କ୍ଷେତ୍ରରେ ଓଜଃକୃତ ବର୍ଣ୍ଣ (ଟାଣୁଆ ଅକ୍ଷର .. ଟବର୍ଗ, ବର୍ଗ ୩.୪ ର୍ଥ) ଓପଦ ଦେଇ ଗୀତ ରଚନା କରିବେ । ବୃଷ ଗଜ ସିଂହ ଓ ଭଲ୍ଲୁକ କ୍ଷେତ୍ରରେ ଓଜଃବର୍ଣ୍ଣରେ ଧ୍ରୁବା ରଚନା ହେବ ॥ ୪୨୯-୪୩୦ ॥

ସାରସ ବାନର ହଂସ ଓ ମୟୂର କ୍ଷେତ୍ରରେ ଧ୍ରୁବାଗୁଡ଼ିକ ଦ୍ରୁତଗତି ଲଘୁ ଅକ୍ଷର ଏବଂ ଧୀରଗତି ଗୁରୁ ଅକ୍ଷର ଦ୍ୱାରା ରଚିତ ହେବ । ଏହି ସ୍ଥଳରେ ଦ୍ରୁତ ଦ୍ରୁବାଗୁଡ଼ିକ ସଂଶ୍ଳିଷ୍ଟ ଜୀବ ସଂପର୍କରେ ଅବସ୍ଥାମାନ ଜାଣିସାରି ପ୍ରୟୋଗ କରିବ ॥ ୪୩୦-୪୩୧ ॥

ଧ୍ରୁବାର ଛନ୍ଦ : ଗୀତର ପଦ ଛନ୍ଦ ବ୍ୟତୀତ ହୁଏ ନାହିଁ । ତେଣୁ ଧ୍ରୁବା ଗାନର ବିଷୟ ବିବେଚନା କରି ଏହାକୁ ଉପଯୁକ୍ତ (ଖାପଖାଇଲା ଭଳି) ଛନ୍ଦରେ ରଚନା କରିବାକୁ ପଡ଼ିବ । ଅତଏବ

Digitized by srujanika@gmail.com

ତସ୍ମାଦ୍ ବାହନ ଗତ୍ୟର୍ଥା ଧ୍ରୁବା କାର୍ଯ୍ୟାକ୍ଷରୈ ରିହ ।
ଅଙ୍ଗାନାଂ ସମତା ଯତ୍ର ଭାଣ୍ଡବାଦ୍ୟେ ଭବିଷ୍ୟତି ॥ ୪୩୩ ॥
ଯଦ୍‌ବୃତ୍ତଂ ବାହନଗତୌ ଧ୍ରୁବା ପାଦେ ବିଧୀୟତେ ।
ତଦ୍ ବୃତ୍ତଂ ତୁ ଭବେଦ୍ ବାଦ୍ୟମ୍ ଅଙ୍ଗ ଗୀତ ସମଂ ତଥା ॥ ୪୩୪ ॥
ପୂର୍ବଂ ଗାନଂ ତତୋ ବାଦ୍ୟଂ ତତୋ ନୃତ୍ତଂ ପ୍ରଯୋଜୟେଦ୍ ।
ଗୀତବାଦ୍ୟାଙ୍ଗ ସଂଯୋଗଃ ପ୍ରୟୋଗ ଇତି ସଂଜ୍ଞିତଃ ॥ ୪୩୫ ॥
ହୃଦୟସ୍ଥସ୍ତୁ ଯୋ ଭାବଃ ସାଙ୍ଗାଭିନୟନୈରଥ ।
ନିବୃତ୍ୟଙ୍କୁର ସୂଚାସୁ କାର୍ଯ୍ୟସ୍ତ୍ୱଭିନୟାନ୍ୱିତଃ ॥ ୪୩୬ ॥
ଅଥ ପ୍ରାସାଦିକୀ ଯୋଜ୍ୟା ପ୍ରହର୍ଷାର୍ଥ ଗୁଣୋଦ୍‌ଭବା ।
ଆକାଶ ପୁରୁଷୋ ଯତ୍ର ଯତ୍ର ଚାକାଶ ଭାଷଣମ୍ ॥ ୪୩୭ ॥
ଅନ୍ୱର୍ଥା ତତ୍ର କର୍ତ୍ତବ୍ୟା ଧ୍ରୁବା ହ୍ୟାଭାଷଣାଶ୍ରୟା ।
ପ୍ରାସାଦିକ୍ୟାଶ୍ରୟା ଷ୍ଚାପି ଈର୍ଷ୍ୟାକ୍ରୋଧାଶ୍ରୟାପିବା ॥ ୪୩୮ ॥

ଗାନର ଗତି ବୋଧକ ଧ୍ରୁବା ଉପଯୁକ୍ତ ଅକ୍ଷରରେ ରଚିତ ହେବା ଉଚିତ, ଯାହା ଫଳରେ ଗାନର ବିଭିନ୍ନ ଅଙ୍ଗ ବାଦ୍ୟର ସ୍ୱର ସହିତ ମିଶିବ ॥ ୪୩୨-୪୩୩ ॥

ଗାନର ଗତି ବିଷୟରେ ଧ୍ରୁବାପାଦ ପାଇଁ ଯେଉଁ ଛନ୍ଦ ବିଧାନ କରାଯାଇଚି, ତାହା ଯନ୍ତ୍ର ସଂଗୀତରେ ମଧ୍ୟ ରହିବା ଉଚିତ । ଗାନର ସମସ୍ତ ଅଙ୍ଗର ଏହାର ମେଳ ରହିବା ଉଚିତ ॥ ୪୩୪ ॥

ପ୍ରଥମେ ଗାନ ତା'ପରେ ବାଦ୍ୟ ସଂଗୀତ ତପ୍‌ରେ ନୃତ୍ୟ ଆଚରଣ କରାଯାଏ । ନୃତ୍ୟ ସହିତ କଣ୍ଠ ଓ ବାଦ୍ୟର ମିଳନକୁ ପ୍ରୟୋଗ ବୋଲି କୁହାଯାଏ ॥ ୪୩୫ ॥

ମନୁଷ୍ୟର ହୃଦୟଗତ ଭାବକୁ ଅଙ୍ଗାଭିନୟ ଦ୍ୱାରା ନିବୃତ୍ୟଙ୍କୁର ସୂଚାମାନଙ୍କରେ ଅଭିନୟ ଯୁକ୍ତ କରିବା ଉଚିତ ॥ ୪୩୬ (ବୃ:୨୪/୪୮)

ଅନ୍ୟକୁ ଆନନ୍ଦ ଦେବା ରୂପକ ଗୁଣରୁ ପ୍ରାସାଦିକୀ ଧ୍ରୁବାର ଜନ୍ମ । ଯେତେବେଳେ ଆକାଶରେ ଏକ ଲୋକକୁ କଳ୍ପନା କରି ପାତ୍ର ତା ସହିତ କଥା କହେ ଅଥବା ଆକାଶରୁ ଆକାଶବାଣୀ ପ୍ରୟୋଗ କରାଯାଏ, ସେହି କ୍ଷେତ୍ରରେ ଏହି ଧ୍ରୁବା ପ୍ରୟୋଗ ହୁଏ ॥ ୨୬/୮୩-୮୫ ଦ୍ର:) ॥ ୪୩୭ ॥

ଏହି ସ୍ଥଳରେ ବଚନ ସଂକ୍ରାନ୍ତ ଧ୍ରୁବା (ପୂର୍ଣ୍ଣ ରୂପେ) ଅନ୍ୱର୍ଥ (ଏହାର ନାମର ଅର୍ଥର ଉପଯୋଗୀ) ହେବ । ପ୍ରସନ୍ନତାକୁ ଆଶ୍ରୟ କରି ହେଉ କିୟା ଈର୍ଷ୍ୟା କ୍ରୋଧ ଆଶ୍ରୟକରି ହେଉ, ଶୃଙ୍ଗାର ରସକୁ ଆଶ୍ରୟକରୁ, ଧ୍ରୁବା ସବୁ କ୍ଷେତ୍ରରେ ଅର୍ଥାନୁକୂଳ ପ୍ରୟୋଗ କରାଯିବ । ରସ

Digitized by srujanika@gmail.com

ଶୃଙ୍ଗାର ରସମାସାଦ୍ୟ ଧ୍ରୁବାନ୍ୱର୍ଥା ପ୍ରଯୁଜ୍ୟତେ ।
ଯାନି ପ୍ରସାଦିକାନି ସ୍ୟୁଃ ସ୍ଥାନାନି ରସ ସଂଶ୍ରୟାତ୍ ।
ଅନ୍ୱର୍ଥା ତତ୍ର କର୍ତ୍ତବ୍ୟା ଧ୍ରୁବା ପ୍ରାସାଦିକୀ ତ୍ୱଥ ॥ ୪୩୯ ॥
ଭାଷା ତୁ ଶୂରସେନୀ ସ୍ୟାଦ୍ ଧ୍ରୁବାଣାଂ ସଂପ୍ରଯୋଜନେ ।
କଦାପି ମାଗଧୀ ଯତ୍ର କର୍ତ୍ତବ୍ୟଂ ନତ୍‌କୁଟଂ ବୁଧୈଃ ॥ ୪୪୦ ॥
ଦିବ୍ୟାନାଂ ସଂସ୍କୃତଂ ଗାନଂ ପ୍ରମାଣୈସ୍ତୁ ବିଧୀୟତେ ।
ଅର୍ଧ ସଂସ୍କୃତମେବଂ ତୁ ମନୁଷ୍ୟାଣାଂ ପ୍ରଯୋଜୟେତ୍ ॥ ୪୪୧ ॥
ଯେ ତ୍ୱୌପମ୍ୟକୃତା ଦିବ୍ୟା ଯଦି ତେଷାଂ ପ୍ରଯୋଗତଃ ।
ପ୍ରବେଶୋ ନାଟକେଽପି ସ୍ୟାଦ୍ ଶୃଣୁ ତେଷାଂ ସମାଶ୍ରୟଃ ॥ ୪୪୨ ॥
ଯସ୍ତେଷାଂ ସାତ୍ତ୍ୱିକୋ ଭାବଃ କର୍ମ ସଂକୀର୍ତ୍ତନଂଚ ଯତ୍ ।
ତଦ୍ କାର୍ଯ୍ୟଂ ଗାନଯୋଗେ ତୁ ପ୍ରଯୋଗ ବିଧି ସଂଶ୍ରୟମ୍ ॥ ୪୪୩ ॥
ଛନ୍ଦଃ ପ୍ରମାଣ ସଂଯୁକ୍ତଂ ଦିବ୍ୟାନାଂ ଗାନମିଷ୍ୟତେ ।
ସ୍ତୁତ୍ୟାଶ୍ରୟେଣ ତଦ୍‌କାର୍ଯ୍ୟଂ କର୍ମ ସଂକୀର୍ତ୍ତନାଦପି
ଧ୍ରୁବାପାଦବିଧୌ କାର୍ଯଂ ଯଚ୍ଚୌପମ୍ୟଗୁଣାଶ୍ରୟମ୍ ॥ ୪୪୪ ॥

ଆଶ୍ରୟ ଯେଉଁ ପ୍ରକାର ହୋଇଥିବ ଅର୍ଥାତ୍ ପ୍ରସାଦଯୁକ୍ତ କ୍ଷେତ୍ର ହେଲେ ପ୍ରାସାଦିକୀ ଧ୍ରୁବା ପ୍ରୟୋଗ କରିବା ଉଚିତ ॥ ୪୩୮/୪୩୯ ॥

ଧ୍ରୁବାର ଭାଷା - ଧ୍ରୁବାମାନଙ୍କ ପ୍ରୟୋଗରେ ଶୌରସେନୀ ଭାଷା ହେବା ଉଚିତ । ନାଟ୍ୟବିଜ୍ଞମାନେ ଯେଉଁ ସ୍ଥଳରେ ନତ୍‌କୁଟ ଶ୍ରେଣୀୟ ଧ୍ରୁବା ପ୍ରୟୋଗ କରିବେ ସେହି ସ୍ଥଳରେ କେବେ କେବେ ମାଗଧୀ ଭାଷା ହୋଇପାରେ ॥ ୪୪୦ ॥

ପାତ୍ର ଦିବ୍ୟଜନ ହେଲେ ସଂସ୍କୃତ ଭାଷାର ଗାନ ବିଧେୟ । ମନୁଷ୍ୟ କ୍ଷେତ୍ରରେ ଅର୍ଧସଂସ୍କୃତ ॥ ୪୪୧ ॥ ଯଦି ତୁଳନାର ବିଷୟୀଭୂତ ଦେବ ପୁରୁଷ ନାଟକ ମଧ୍ୟକୁ ପ୍ରବେଶ କରନ୍ତି ସେମାନଙ୍କର ଧ୍ରୁବା କିପରି ହେବ ଶୁଣ ॥ ୪୪୨ ॥

ସେମାନଙ୍କର ଯାହା ସାତ୍ତ୍ୱିକ ଭାବ ଏବଂ ସେମାନଙ୍କ କୀର୍ତ୍ତିର ବର୍ଣ୍ଣନାକୁ ଗୀତ ମାଧ୍ୟମରେ ପ୍ରାମାଣିକତାକୁ ଲକ୍ଷ୍ୟକରି ପ୍ରୟୋଗ କରିବ ॥ ୪୪୩ ॥

ଧ୍ରୁବାର ଛନ୍ଦ - ଦିବ୍ୟ ଚରିତ୍ର ସ୍ଥଳରେ ଛନ୍ଦଗୁଡ଼ିକ ଉପଯୁକ୍ତ ଆକାର ହେବା ଆଶା କରାଯାଏ । ସେମାନଙ୍କର ପ୍ରଶଂସା ଅଥବା ଆବେଦନ ବିଷୟ ବର୍ଣ୍ଣନା କରାଯାଇ ଏହି ଧ୍ରୁବାଗାନ କରାଯିବ । ତନ୍ମଧ୍ୟରେ ଉପମା ନିଶ୍ଚିତ ରହିବା ବିଧେୟ ॥ ୪୪୪ ॥

Digitized by srujanika@gmail.com

ମାଳା ବକ୍ତ୍ରଂ ପୁଟଂ ବୃତ୍ତଂ ବିଶ୍ଳୋକଚୂଳିକା ତଥା ।
ଉଦ୍‌ଗାତାଽପର ବକ୍ତ୍ରଂ ଚ କର୍ତ୍ତବ୍ୟାନି ପ୍ରଯୋକ୍ତୃଭିଃ ।।। ୪୪୫ ।।
ବିଧାନଂ ଛନ୍ଦସାମେଷାଂ ମୟା ପୂର୍ବ ମୁଦାହୃତମ୍ ।
ଜୟାଶୀର୍ବାଦ ଯୁକ୍ତାନି କାର୍ଯାଣ୍ୟେତାନି ଦୈବତେ ।। ୪୪୬ ।।
ଋଗ୍‌ଗାଥା ପାଣିକା ହ୍ୟେଷାଂ ବୋଦ୍ଧବ୍ୟାସ୍ତୁ ପ୍ରମାଣତଃ ।
ସୁଶ୍ରବ୍ୟା ଚୈବ ଯସ୍ମାଦ୍ଵୁ ତସ୍ମାଦ୍ ଗୀତେଷୁ ଯୋଜୟେତ୍ ।। ୪୪୭ ।।
ଗାନ୍ଧାର ଷଡ୍‌ଜ ମଧ୍ୟମ ପଞ୍ଚମ ଯୁକ୍ତାଶ୍ଚ ଜାତୟୋ ଯାଶ୍ଚ ।
ଏଭିଃ ପ୍ରମାଣଂ ଗାନାନାଂ କର୍ତ୍ତବ୍ୟଂ ଧୈବତୋପେତମ୍ ।। ୪୪୮ ।।
ପ୍ରାସାଦିକଂ ସ୍ଥିତଂ ଚୈବ ନିଷ୍କ୍ରାମଂ ସପ୍ରବେଶଜମ୍ ।
ପ୍ରମାଣମପି କର୍ତ୍ତବ୍ୟଂ ଚତୁଃସ୍ଥାନ ସମନ୍ୱିତମ୍ ।। ୪୪୯ ।।
ପ୍ରାୟଶଃ ସଂସ୍କୃତଂ ଯୋଜ୍ୟ ମନୁଷ୍ଟୁପ୍ ଛନ୍ଦସା କୃତମ୍ ।
ନାନା ବୈବ ତକାର୍ଯେଷୁ ଅନ୍ତରାୟ ବିନା ତଥା ।। ୪୫୦ ।।
ବକ୍ତ୍ରଂ ଚାପର ବକ୍ତ୍ରଂ ଚ ମାଳା ଚେତି ପ୍ରବେଶଜମ୍ ।
ପୁଟଂ ଚ ଚୂଳିକା ଚୈବ ନୈଷ୍କ୍ରାମିକୀ ମଥେଷ୍ୟତେ ।। ୪୫୧ ।।

ଏହି କ୍ଷେତ୍ରରେ ପ୍ରଯୋକ୍ତାମାନେ ମାଳାବକ୍ତ୍ର ଏବଂ ପୁଟବୃତ୍ତ, ବିଶ୍ଳେଷ ଚୂଳିକା ପ୍ରୟୋଗ କରିବେ । ଅପର ବକ୍ତ୍ର ମଧ୍ୟ ପ୍ରୟୋଗ କରିପାରନ୍ତି ।। ୪୪୫ ।। ଆଗରୁ ସେମାନଙ୍କ ବିଧାନ କୁହାଯାଇଛି । ଦେବତାମାନଙ୍କ ଧ୍ରୁବାରେ ଜୟ ଓ ଆଶୀର୍ବାଦଯୁକ୍ତ ଶବ୍ଦ ରହିବା କଥା । ପ୍ରମାଣ ଅନୁଯାୟୀ ଋକ୍‌ଗାଥା ଓ ପାଣିକା ବ୍ୟବହାର କରାଯିବ । ଏଗୁଡ଼ିକ ଶୁଣିବାକୁ ସୁଖରେ ବୋଲି ଗୀତରେ ନିଶ୍ଚିତ ପ୍ରଯୋଜ୍ୟ । (ବ୍ର.-୪୯ ଶ୍ଳୋକଠାରୁ) ।। ୪୪୬/୪୪୭ ।।

ଗାନ୍ଧାର, ଷଡ୍‌ଜ, ମଧ୍ୟମ, ପଞ୍ଚମ ଓ ଧୈବତ ପ୍ରଭୃତି ଜାତିଗୁଡ଼ିକ । ଏହି ସବୁଗଣର ଉପଯୁକ୍ତ ରୂପ ବୋଲି ପରିଗଣିତ ହୋଇଥାଆନ୍ତି ।। (ଦ୍ର.୨୮/୧୦୩ରୁ)

ସେମାନଙ୍କର ଚାରିଟିସ୍ଥାନ ଯୁକ୍ତ କରିବା ଉଚିତ । ପ୍ରାସାଦିକୀ, ସ୍ଥିତା, ନୈଷ୍କ୍ରାମିକୀ ଓ ପ୍ରାବେଶିକୀ ଧ୍ରୁବା ।। ୪୪୯ ।।

ଦେବତାମାନଙ୍କର ବିଭିନ୍ନ ଅବାଧକାର୍ଯ୍ୟରେ ଅଧିକ ଭାବେ ଅନୁଷ୍ଟୁପ୍ ଛନ୍ଦର ସଂସ୍କୃତ ପ୍ରୟୋଗ କରିବା ଉଚିତ ।। ୪୫୦ ।।

ମାଳାବକ୍ତ୍ର ଓ ଅପରବକ୍ତ୍ର ପ୍ରାବେଶିକୀ ଧ୍ରୁବା ପାଇଁ ଯୋଗ୍ୟ । ଏବଂ ନୈଷ୍କ୍ରାମିକୀ ଧ୍ରୁବାସ୍ଥଳରେ ପୁଟ ଓ ଚୂଳିକା ଆଶା କରାଯାଏ ।। ୪୫୧ ।।

Digitized by srujanika@gmail.com

ପ୍ରାସାଦିକ୍ୟୁଦ୍‌ଗତାବୃତ୍ତଂ ସ୍ଥିତେ ଚାନୁଷ୍ଟୁବିଷ୍ୟତେ ।
ସ୍ଥାନାନ୍ୟେତାନି ଯୋଜ୍ୟାନି ପ୍ରମାଣଂ ବିବୁଧୈ ରଥ ॥ ୪୫୨ ॥
ଯଦନୁଷ୍ଟୁପ୍ କୃତଂ ଗାନଂ ସ୍ଥିତସ୍ଥାନସମାଶ୍ରୟମ୍ ।
ଶାପଭ୍ରଂଶାଶ୍ରୟକୃତଂ ଚିନ୍ତା ଦୁଃଖସମନ୍ୱିତମ୍ ॥ ୪୫୩ ॥
ଗୁରୁ ପ୍ରାୟାକ୍ଷର କୃତଂ କରୁଣସ୍ୱର ଜାତକମ୍ ।
ପ୍ରକୃଷ୍ଟ ବର୍ଣ୍ଣ ବହୁଳଂ ସ୍ଥିତସ୍ଥାନଂ ଭବେଦ୍ ତୁ ତଦ୍ ॥ ୪୫୪ ॥
ଉନ୍ମାଦନାର୍ଥଂ ନୃଣାଂତୁ ତଥା ବିହରଣେଷୁ ଚ ।
ଦିବ୍ୟାନ୍ୱୟାନାଂ କର୍ତ୍ତବ୍ୟଂ ସ୍ଥାନମନୁଷ୍ଟୁଭାଶ୍ରୟମ୍ ॥ ୪୫୫ ॥
ମାନୁଷେ ଷ୍ୱବତୀର୍ଣ୍ଣସ୍ୟ ଦିବ୍ୟସ୍ୟ ସ୍ମରଣାଶ୍ରୟମ୍ ।
ପ୍ରମାଣଗାନଂ କର୍ତ୍ତବ୍ୟ ଦିବ୍ୟଭାବ ସମନ୍ୱିତମ୍ ॥ ୪୫୬ ॥
ତସୌବ ଦୁଃଖ ବିଷୟଂ ଶୋକଚିନ୍ତା ବିନାଶନମ୍ ।
ପ୍ରମାଣଗାନଂ କର୍ତ୍ତବ୍ୟଂ ଶୋକାବସ୍ଥା ନ୍ତରାଶ୍ରୟମ୍ ॥ ୪୫୭ ॥

ପ୍ରାସାଦିକୀ ଧ୍ରୁବାରେ ଉଦ୍‌ଗତା ଛନ୍ଦ ଓ ବିଳମ୍ବିତା ଧ୍ରୁବାରେ ଅନୁଷ୍ଟୁଭ୍ ପ୍ରଯୋଜ୍ୟ । ପଣ୍ଡିତମାନେ ଏହା ପ୍ରମାଣ କରିବେ ॥ ୪୫୨ ॥

ଯେଉଁ ଅନୁଷ୍ଟୁପ୍ ଗାନ ସ୍ଥିତ ସ୍ଥାନକୁ ଆଶ୍ରୟ କରିଛି, ଯାହା ଅଭିଶାପ କିମ୍ବା ପତନକୁ ଆଶ୍ରୟକରି ରଚିତ ଚିନ୍ତା ଓ ଦୁଃଖ ପ୍ରସଙ୍ଗ ଯହିଁରେ ବର୍ଣ୍ଣିତ ହୋଇ ଅଧିକ ଦୀର୍ଘ ଅକ୍ଷର ରହିବ ଯାହାକି କରୁଣ ସ୍ୱରକୁ ପରିପୁଷ୍ଟ କରିବ, ସରସବର୍ଣ୍ଣ ବହୁଳ ବିନ୍ୟାସ ହେବ, ଏଥିରେ ସ୍ଥିତସ୍ଥାନ ରହିବା କଥା ॥ ୪୫୩, ୪୫୪ ॥

ମନୁଷ୍ୟମାନଙ୍କ ଉନ୍ମାଦନା ପାଇଁ ଏବଂ ନିଜର ବିହାର ପାଇଁ ଦିବ୍ୟଚରିତ୍ରମାନେ ଅନୁଷ୍ଟୁଭ ଛନ୍ଦ ଅବଲମ୍ବନ କରିବେ ॥ ୪୫୫ ॥

ମାନବ ଅବତାର ହୋଇ ଜନ୍ମଗ୍ରହଣ କରିଥିବା ଦିବ୍ୟ ଚରିତ୍ରମାନଙ୍କର ଦିବ୍ୟ ଚରିତ୍ର ସ୍ମୃତି ସ୍ଥଳରେ ଦିବ୍ୟ ଭାବ ସମନ୍ୱିତ ବର୍ଣ୍ଣନା ଓ ସ୍ୱର୍ଗୀୟ ବର୍ଣ୍ଣନା ସମ୍ବଳିତଗାନ କରାଯିବ ॥ ୪୫୬ ॥

ଯେତେବେଳେ ସେମାନଙ୍କର ଦୁଃଖ ବିଷୟ ଏବଂ ଶୋକ ବା ଚିନ୍ତା ବିକାଶ ପାଇଁ ଏହି ଗାନର ଆବଶ୍ୟକତା ଅନୁଭବ କରିବ, ସେତେବେଳେ ସେହି ଚରିତ୍ରର ଦୁଃଖ ବିଷୟକ ଗାନମାନଙ୍କରେ ଆର୍ଦ୍ର ଅବସ୍ଥା ହେତୁ ପରିବର୍ତ୍ତନ ହେବ ॥ ୪୫୭ ॥

Digitized by srujanika@gmail.com

ଧ୍ରୁବାଣାଂ ହି ବିଧାନସ୍ୟ ଆଶ୍ରୟସ୍ୟ ବିଭାଗଶଃ ।
ଯଥା ପ୍ରୟୋଗଃ କର୍ତ୍ତବ୍ୟଃ ତସ୍ୟ ମେ ସନ୍ନିବୋଧତ ।। ୪୫୮ ।।
ସ୍ଥାପିତେ ଭାଣ୍ଡବିନ୍ୟାସେ ତ୍ରିସାମ୍ନି ପରିକୀର୍ତ୍ତିତେ ।
ଆଶ୍ରାବଣକଂ କର୍ତ୍ତବ୍ୟଂ ବହିର୍ଗୀତ ପ୍ରୟୋଗକମ୍ ।। ୪୫୯ ।।
ପ୍ରଯୁଜ୍ୟ ଚ ବହିର୍ଗୀତଂ ପୂର୍ବରଙ୍ଗଂ ପ୍ରୟୋଜୟେତ୍ ।
ପୂର୍ବରଙ୍ଗେ ପ୍ରବୃତ୍ତେ ତୁ ନାଟ୍ୟ ଦ୍ୱାରଂ ସମାଶ୍ରୟେତ୍ ।। ୪୬୦ ।।
ଧ୍ରୁବା ତତ୍ର ପ୍ରକର୍ତ୍ତବ୍ୟା ପ୍ରକୃତୀନାଂ ପ୍ରବେଶଜା ।
ଗତ୍ୟାଶ୍ରୟେଣ ନାଟ୍ୟଞ୍ଚେ ର୍ଗାନସ୍ୟ ପରିବର୍ତ୍ତକମ୍ ।। ୪୬୧ ।।
ପରିକ୍ରମେଣ ରଙ୍ଗସ୍ୟ ଗାନସ୍ୟାର୍ଥ ବଶୋନ ବା ।
ପରିବର୍ତ୍ତାଃ ପ୍ରୟୋକ୍ତବ୍ୟାଃ ଷଡ୍ଭେବ ତୁ ବୁଧୈରଥ ।। ୪୬୨ ।।
ଧ୍ରୁବା ତତ୍ର ପ୍ରକର୍ତ୍ତବ୍ୟା ଦେବତାଭି ର୍ଯଥା ବୁଧୈଃ ।
ତତ୍ର ପାତାଃ ପ୍ରକର୍ତ୍ତବ୍ୟା ଏକ ବିଂଶତିରେବ ଚ ।। ୪୬୩ ।।
ତ୍ର୍ୟସ୍ରା ବା ଚତୁରସ୍ରା ବା ଧ୍ରୁବା ନାଟ୍ୟେ ପ୍ରୟୋଗତଃ ।
ତ୍ରିକଳଂ ପାଦପାତନଂ ତ୍ର୍ୟସ୍ରାୟାଂ ଚ ବିଧୀୟତେ ।। ୪୬୪ ।।

ଆଶ୍ରୟ ଉପଯୋଗୀ ଧ୍ରୁବା : ଏବେ ସାଧାରଣତଃ ଆଶ୍ରୟ ବିଭାଗ ଅନୁଯାୟୀ ଧ୍ରୁବା ବିଧାନ ଏବଂ ପ୍ରୟୋଗ ବିଷୟରେ ମୁଁ କହୁଛି ଶୁଣ ।। ୪୫୮ ।।

ବାଦ୍ୟ ଯନ୍ତ୍ରମାନ ଯଥାସ୍ଥାନ ସଜାଯାଇ ତ୍ରିସାମ ଗାନ ସରିଲେ ବହିର୍ଗୀତ ପ୍ରୟୋଗରେ ଆଶ୍ରାବଣା କରାଯିବ ।। (ଦ୍ର.୨୬.୨୭, ୧୧୬, ୧୧୯ । ପୂର୍ବରଙ୍ଗ ଓ ତାହାର ଅଙ୍ଗବିଷୟ ଦ୍ର. ୫/୭ରୁ) ।। ୪୫୯ ।।

ବହିର୍ଗୀତ କରିସାରି ପୂର୍ବରଙ୍ଗ ବିଧାନ କରିବ । ଏହାପରେ ନାଟ୍ୟଦ୍ୱାରକୁ ଆଶ୍ରୟ କରିବ ।। ୪୬୦ ।। ପାତ୍ର ପ୍ରବେଶ ସୂଚକ ଧ୍ରୁବା ସେଠାରେ ପ୍ରୟୋଗ କରିବ । ଗତ୍ୟାଶ୍ରୟଗାନ ଓ ପରିବର୍ତ୍ତକ ପ୍ରୟୋଗ କରାଯିବ ।। ୪୬୧ ।।

ଏହି ସ୍ଥଳରେ ଦେବତାମାନଙ୍କ ପକ୍ଷରେ ଯେପରି ହୁଏ ସେହିପରି ଧ୍ରୁବା କରାଯିବ । ସେଠାରେ ଏକୋଇଶ ସଂଖ୍ୟକ ପାତ ହେବ । ନାଟ୍ୟରେପ୍ରଯୁକ୍ତ ଧ୍ରୁବା ତ୍ର୍ୟସ୍ର ବା ଚତୁରସ୍ର ଶ୍ରେଣୀର ହେବ । ତ୍ର୍ୟସ୍ରରେ ପାଦ ପାତରେ ତିନିକଳା ରହିବ । ଚତୁରସ୍ରରେ ପାଦ ପାତରେ ଚତୁଷ୍କଳ ହେବ । ୪୬୨-୪୬୪ ।।

Digitized by srujanika@gmail.com

ଚତୁଷ୍କଳଂ ତୁ ପାତନଂ ଚତୁରସ୍ରଗତଂ ଭବେତ୍ ।
ଉତ୍ତମେ ଚତୁରସ୍ରାତୁ ତ୍ର୍ୟସ୍ରାଚୈବ ତୁ ମଧ୍ୟମେ ॥ ୪୬୫ ॥
ଖଞ୍ଜଂନତ୍ କୁଟକଂ ଚୈବ ହ୍ୟଧମେ ଚ ପ୍ରୟୋଜୟେତ୍ ।
ବିଧିଃ ସ୍ୱରଗତୋ ହ୍ୟେଷ ଭବେଚ୍ଚରଣପାତନେ ॥ ୪୬୬ ॥
ସମ୍ଭ୍ରମୋତ୍ପାତରୋଷେଷୁ କଳାର୍ଧକଳମିଷ୍ୟତେ ।
ତ୍ରିକଳା ଦ୍ୱିକଳୈକକଳା ଷତୁଷ୍କଳାଶ୍ଚୈବ ପାଦବିନ୍ୟାସଃ ॥ ୪୬୭ ॥
ତତ୍ର ଚ ସାମ୍ୟଂ କାର୍ଯ୍ୟଂ ଭାଣ୍ଡେନ ସମଂ ନ ଗାନେନ ।
ନହ୍ୟେକ କଳା ଦ୍ୱିକଳା ଧ୍ରୁବା ବିରାମା ଭବନ୍ତି ନାଟ୍ୟବିଧୌ ॥
ତସ୍ମାତ୍ ସାମ୍ୟଂ କାର୍ଯ୍ୟଂ ଭାଣ୍ଡେନ ସମଂ ନ ଗାନେନ ॥ ୪୬୮ ॥
ପୂର୍ବୋକ୍ତା ଭାବାଃ ସ୍ଥିତାଶ୍ରୟା ଦ୍ରୁତାଶ୍ରୟା ବାପି ସ୍ୟୁଃ ।
ତେଷାଂ ପାଦନିପାତଂ ଜ୍ଞାତ୍ୱା ସାମ୍ୟଂ ବୁଧୈଃ କାର୍ଯ୍ୟମ୍ ॥ ୪୬୯ ॥
ଅପଟୀକ୍ଷେପକୃତାଶ୍ଚାତ୍ୟଧିକହର୍ଷଶୋକରୋଷାଦ୍ୟାଃ ।
ତତ୍ର ପରିଚ୍ଛେଦସମାଃ କାର୍ଯାଃ ତଜ୍ଜ୍ଞୈଃ ପ୍ରବେଶାସ୍ତୁ ॥ ୪୭୦ ॥
ଏବ ମେତେ ବୁଧୈ ର୍ଜ୍ଞେୟାଃ ପ୍ରୟୋଗେ ପରିବର୍ତ୍ତକାଃ ।
ଅତଉର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଗ୍ରହାନ୍ ଭାଣ୍ଡ ସମାଶ୍ରୟାନ୍ ॥ ୪୭୧ ॥

ଉତ୍ତମ ଚରିତ୍ର ସ୍ଥଳରେ ଧ୍ରୁବା ଚତୁରସ୍ର ଏବଂ ମଧ୍ୟମ ଚରିତ୍ରକ୍ଷେତ୍ରରେ ତ୍ର୍ୟସ୍ର ଓ ନୀଚ ଚରିତ୍ର କ୍ଷେତ୍ରରେ ଖଞ୍ଜ ତଥା ନତ୍କୁଟ ଶ୍ରେଣୀର ହେବ । ପାଦର ଗତି ପ୍ରସଙ୍ଗରେ ସ୍ୱରସମ୍ବନ୍ଧରେ ଏହି ବିଧାନ ହେବ ॥ ୪୬୫, ୪୬୬ ॥

ବ୍ୟସ୍ତତା ବିଷଦ ଏବଂ କ୍ରୋଧ ସ୍ଥଳରେ ଏହା ଏକ କଳା ବା ଅର୍ଧକଳା । ଏହାର ପାଦ ବିନ୍ୟାସରେ ତିନି, ଦୁଇ ଏକ ବା ଚାରିକଳା ରହିବ ॥ ୪୬୭ ॥

ସେହି କ୍ଷେତ୍ରରେ ନୃତ୍ୟ ସହିତ ବାଦ୍ୟର ମେଳ ରହିବ । କଣ୍ଠସଂଗୀତର ସହିତ ନୁହେଁ । ନୃତ୍ୟରେ ଏକ ବା ଦୁଇକଳା ଧ୍ରୁବାରେ ଯତି ରହିବ ନାହିଁ । ତେଣୁ ନୃତ୍ୟ ସହିତ ବାଦ୍ୟର ହିଁ ସମନ୍ୱୟ ରହିବ । କଣ୍ଠ ସଂଗୀତରେ ନୁହେଁ ॥ ୪୬୮ ॥

ପ୍ରୋକ୍ତ ଅବସ୍ଥାରେ ବିଳମ୍ବିତ ବା ଦ୍ରୁତଲୟ ଉପରେ ନିର୍ଭରଶୀଳ ପାଦ ରଚନା ବିଷୟ ଜାଣିବା ଉଚିତ ଏବଂ ବାଦ୍ୟ ସଂଗୀତ ସହିତ ସାମାଞ୍ଜସ୍ୟ ବିଧାନ କରଣୀୟ ॥ ୪୬୯ ॥

ଅତି ଆନନ୍ଦ, ଦୁଃଖ ଓ କ୍ରୋଧ ହେତୁ ଦୃଶ୍ୟ ମଧ୍ୟରେ ଯବନିକା ପାତ ବିହୀନ ପ୍ରବେଶକୁ ବିଷୟ ଜଗି ଜଗି ନାଟ୍ୟାଭିଜ୍ଞ କରାଇବେ ॥ ୪୭୦ ॥

ଗ୍ରହବିଧି - ନାଟ୍ୟରେ ପରିବର୍ତ୍ତନ ସମ୍ବନ୍ଧରେ ଏହିସବୁ ହିଁ ବିଧି । ଏବେ ବାଦ୍ୟ ବିଷୟକ ଗ୍ରହ ମାନଙ୍କ ବିଷୟ ବର୍ଣ୍ଣନା କରାଯିବ ॥ ୪୭୧ ॥

Digitized by srujanika@gmail.com

ଅଭାଣ୍ଡ ମେକଂ ଗାନସ୍ୟ ପରିବର୍ତ୍ତଂ ପ୍ରୟୋଜୟେତ୍ ।
ଯଚ୍ଚତୁର୍ଥେ ପରିବର୍ତ୍ତେ ତସ୍ୟ ଭାଣ୍ଡଗ୍ରହୋ ଭବେତ୍ ।। ୪୭୨ ।।
ସନ୍ନିପାତ ଗ୍ରହା କ୍ୱଚିଦ୍ କ୍ୱଚିଦ୍ ବୈ ତର୍ଜନୀଗ୍ରହା ।
ତଥାକାଶ ଗ୍ରହା କାଚିଦ୍ ଧ୍ରୁବା ଗାନେ ଭବନ୍ତି ହି ।। ୪୭୩ ।।
ଧ୍ରୁବାୟା ସ୍ତୁ ଗ୍ରହୋ ଯସ୍ମାତ୍ କଳା ତାଳ ଲୟାନ୍ୱିତଃ ।
ସତୁ ଭାଣ୍ଡେନ କର୍ତ୍ତବ୍ୟଃ ତଜ୍‌ଜ୍ଞେ ର୍ଗତିପରିକ୍ରମେ ।। ୪୭୪ ।।
ଶୀର୍ଷକସ୍ୟୋଦ୍ଧତାୟାଶ୍ଚ ପ୍ରାଦେଶିନ୍ୟା ଗ୍ରହୋ ଭବେତ୍ ।
ବିଳମ୍ବିତାଡ୍‌ଡ଼ିତାୟାଶ୍ଚ ସନ୍ନିପାତେ ତୃତୀୟକେ ।। ୪୭୫ ।।
ନଦ୍‌କୁଟସ୍ୟାଡ୍‌ଡ଼ିତାୟାଶ୍ଚ ପ୍ରାସାଦିକ୍ୟାସ୍ତଥୈବ ଚ ।
ସନ୍ନିପାତଗ୍ରହଃ କାର୍ଯ୍ୟଃ ଦ୍ରୁତାୟା ସ୍ତୋର୍ଦ୍ଧ୍ୱଜୋଗ୍ରହଃ ।। ୪୭୬ ।।
ନୈଷ୍କ୍ରାମିକ୍ୟାନୁବନ୍ଧାନାଂ ଗ୍ରହୋ ଭାଣ୍ଡସମୋ ଭବେତ୍ ।
ନ ତେଷାଂ ପରିବର୍ତ୍ତସ୍ତୁ କାର୍ଯ୍ୟୋଗାନେ ପ୍ରୟୋକ୍ତୃଭିଃ ।। ୪୭୭ ।।
ନଦ୍‌କୁଟସ୍ୟତୁ ଚତ୍ୱାରୋ ଗ୍ରହାଃ କାର୍ଯ୍ୟାଃ ପ୍ରୟୋକ୍ତୃଭିଃ ।
ସନ୍ନିପାତଶ୍ଚ ଶମ୍ୟାଚ ତାଳଶ୍ଚାକାଶଜସ୍ତଥା ।। ୪୭୮ ।।

ବାଦ୍ୟ ବିହୀନ ଗାନର ପରିବର୍ତ୍ତ ହେବା ଉଚିତ । ଚତୁର୍ଥ ପରିବର୍ତ୍ତରେବାଦ୍ୟଯନ୍ତ୍ରର ଗ୍ରହ କରାଯିବ ।। ୪୭୨ ।।

ଧ୍ରୁବା ଗାନରେ କେବେକେବେ ସନ୍ନିପାତ ଗ୍ରହ, କେବେ ବା ତର୍ଜନୀ ଗ୍ରହ ଏବଂ ପୁଣି କେବେ ଆକାଶ ଗ୍ରହ ରହିବ ।। ୪୭୩ ।।

ଯେଣୁ ଧ୍ରୁବାରେ ଗ୍ରହ କଳା, ତାଳ ଓ ଲୟଦ୍ୱାରା ନିୟନ୍ତ୍ରିତ ହୁଏ, ତେଣୁ ବିଜ୍ଞଲୋକ ଗତିପରିକ୍ରମରେ ଏହା ବାଦ୍ୟ ସଂଗୀତଦ୍ୱାରା କରିବେ ।। ୪୭୪ ।।

ଉଦ୍ଧତ ଶ୍ରେଣୀର ଧ୍ରୁବାର ଶୀର୍ଷକରେ ଗ୍ରହ ପ୍ରଦେଶିନୀ ଦ୍ୱାରା ହେବ । ବିଳମ୍ବିତା ଆଡ୍‌ଡ଼ିତା ଧ୍ରୁବାରେ ଏହା ସନ୍ନିପାତ ଓ ତୃତୀୟ ଆଙ୍ଗୁଳି ଦ୍ୱାରା କରଣୀୟ ।। ୪୭୫ ।। ନଦ୍‌କୁଟ ଅଡ୍‌ଡ଼ିତା ଓ ପ୍ରାସାଦିକୀ ଧ୍ରୁବାରେ ଗ୍ରହ ସନ୍ନିପାତ ହେବ । ଦ୍ରୁତ ଧ୍ରୁବାରେ ଉପରୁ (ଆକାଶବାଣୀରୁ) ଗ୍ରହ ହେବ । ନୈଷ୍କ୍ରାମିକୀ ଓ ଅନୁବନ୍ଧ ଧ୍ରୁବାରେ ବାଦ୍ୟଦ୍ୱାରା ଗ୍ରହ ହେବ । ଅଭିଜ୍ଞ ପ୍ରୟୋକ୍ତା ଗାନରେ ପରିବର୍ତ୍ତ (ପୁନରାବୃତ୍ତି) କରିବେ ନାହିଁ ।। ୪୭୬/୪୭୭ ।। ନଦ୍‌କୁଟ ଧ୍ରୁବାରେ ଚାରିଗ୍ରହ ରହିବ । ଯଥା: ସନ୍ନିପାତ, ଶମ୍ୟା, ତାଳ ଓ ଆକାଶ ।। ୪୭୮ ।।

Digitized by srujanika@gmail.com

ସଂଭ୍ରମାବେଗ ହର୍ଷେଷୁ ପ୍ରବେଶା ଯେ ଭବନ୍ତି ହି ।
ଗ୍ରହୋଗାନସମସ୍ତତ୍ର ଉଦ୍‌ଘାତ୍ୟଃ ସଂପ୍ରକୀର୍ତ୍ତିତଃ ॥ ୪୭୯ ॥
ଭୂଷଣ ବାସଃ ପତନେ ବୈକଲେ ବିସ୍ମୃତେ ପରିଶ୍ରାନ୍ତେ ।
ଦୋଷାଚ୍ଛାଦନହେତୋ ରୁଦ୍‌ଘାତ୍ୟାଽନ୍ତରାୟା ବାଽସ୍ତୁ ॥ ୪୮୦ ॥
ଏବଂ ପ୍ରୟୋକ୍ତୃଭିଃ କାର୍ଯ୍ୟଂ ଧ୍ରୁବାଣାଂ ସନ୍ନିବେଶନମ୍ ।
ଯଥା ସ୍ଥାନାଶ୍ରୟୋପେତଂ ନୃତ୍ତନାଟ୍ୟ ପ୍ରୟୋଗଜମ୍ ॥ ୪୮୧ ॥
ଯଥାବର୍ଣ୍ଣାଦୃତେ ଚିତ୍ରଂ ଶୋଭତେ ନ ନିବେଶନମ୍ ।
ଏବମେବ ବିନାଗାନଂ ନାଟ୍ୟଂ ରାଗଂ ନ ଗଚ୍ଛତି ॥ ୪୮୨ ॥
ପୂର୍ବରଙ୍ଗ ବିଧାନେ ତୁ କର୍ତ୍ତବ୍ୟୋ ଗାନଜୋ ବିଧିଃ ।
ଦେବପୂଜାଧିକାରଶ୍ଚ ତତ୍ର ଯଃ ପରିକୀର୍ତ୍ତିତଃ ॥ ୪୮୩ ॥
ତତଶ୍ଚ କାବ୍ୟବନ୍ଧେଷୁ ନାନାଭାବସମାଶ୍ରୟମ୍ ।
ଗ୍ରାମଦ୍ୱୟଂ ଚ କର୍ତ୍ତବ୍ୟଂ ତଥା ସାଧାରଣାଶ୍ରୟମ୍ ॥ ୪୮୪ ॥
ମୁଖେ ତୁ ମଧ୍ୟମ ଗ୍ରାମଃ ଷଡ଼ଜଃ ପ୍ରତିମୁଖେ ସ୍ମୃତଃ ।
ସାଧାରଣଂ ତଥା ଗର୍ଭେ ବିମର୍ଶେ ଚୈବ ପଞ୍ଚମମ୍ ॥ ୪୮୫ ॥

ବ୍ୟସ୍ତ ଭାବରେ, ଉତ୍ତେଜିତ ଅବସ୍ଥାରେଓ ଆନନ୍ଦରେ ଯେକୌଣସି ପାତ୍ରର ପ୍ରବେଶରେ ଗାନ ସହିତ ଗ୍ରହ ହେବ । ଏହିପରି ଗ୍ରହକୁ ଉଦ୍‌ଘାତ୍ୟ କୁହାଯାଏ ॥ ୪୭୯ ॥ ଅଳଙ୍କାର ପୋଷକ ପତନରେ ବା ଅବ୍ୟବସ୍ଥିତତାରେ, ସ୍ମୃତି ଭ୍ରଂଶ, କ୍ଳାନ୍ତି ଏବଂ ଦୋଷାଚ୍ଛାଦନରେ ଅନ୍ତରା ଧ୍ରୁବାର ଉଦ୍‌ଘାତ୍ୟ ଗ୍ରହ ହେବ ॥ ୪୮୦ ॥

ଏହିପରି ନୃତ୍ୟ ଓ ନାଟ୍ୟରେ ପ୍ରୟୋଜକମାନେ ଯଥା ସ୍ଥାନରେ ଧ୍ରୁବାମାନଙ୍କର ସନ୍ନିବେଶନ କରିବେ ॥ ୪୮୧ ॥

ଘରଖଣ୍ଡିକ ଯେତେ ମଜଭୁତ ଗଢ଼ା ହେଲେ ମଧ୍ୟ ଉପଯୁକ୍ତ ରଙ୍ଗ ନହେଲେ ଯେପରି ଶୋଭା ପାଏ ନାହିଁ, ସେହିପରି ଗୀତ ବ୍ୟତୀତ ନାଟକ ଆନନ୍ଦଜନକ ହୋଇପାରେନାହିଁ ॥ ୪୮୨ ॥

ଗାନ ବିଷୟରେ ବିଧାନ ପୂର୍ବରଙ୍ଗ ପ୍ରସଙ୍ଗରେ କୁହାଯାଇଛି । ଦେବତାମାନଙ୍କ ପୂଜା ମଧ୍ୟ ସେହିଠାରେ କୁହାଯାଇଛି ॥ ୪୮୩ ॥

ଏଣୁ ଦୁଇ ଗ୍ରାମରେ ସ୍ୱରଗୁଡ଼ିକ ଏବଂ ଅଂଶତଃ ସମସ୍ଥାନାଧିକାରୀ ସ୍ୱରଗୁଡ଼ିକ ଉକ୍ତ ବିବିଧ ଅବସ୍ଥା ପ୍ରକାଶକ ନାଟ୍ୟରେ ପ୍ରୟୋଗ କରାଯିବ ॥ ୪୮୪ ॥ (ଦ୍ର.୨୮/୩୫)

Digitized by srujanika@gmail.com

କୈଶିକଂ ଚ ତଥା କାର୍ଯଂ ଗାନଂ ନିର୍ବହଣେ ବୁଧୈଃ ।
ସନ୍ଧିବୃତ୍ତାଶ୍ରୟଂ ଚୈବ ରସଭାବ ସମନ୍ୱିତମ୍ ॥ ୪୮୬ ॥
ଯଥାରସ କୃତା ଯାଃ ସ୍ୟୁଃ ଧ୍ରୁବାଃ ପ୍ରକରଣାଶ୍ରୟାଃ ।
ନକ୍ଷତ୍ରାଣୀବ ଗଗନଂ ନାଟ୍ୟମୁଦ୍ୟୋତୟନ୍ତି ତାଃ ॥ ୪୮୭ ॥
ମାଗଧୀ ପ୍ରଥମା ଗୀତିଃ ତଥା ଚୈବାର୍ଧମାଗଧୀ ।
ସଂଭାବିତା ତୃତୀୟା ସ୍ୟାଦ୍ ପୃଥୁଳା ଚ ତଥା ପରା ॥ ୪୮୮ ॥
ବିନିବୃତ୍ତପଦାନାଂତୁ ମାଗଧୀ ସମୁଦାହୃତା ।
ଚିତ୍ରେଽର୍ଧମାଗଧୀ ଚୈବ ଦ୍ୱିର୍ନିବୃତ୍ତ ପଦାଶ୍ରୟା ॥ ୪୮୯ ॥
ବୃତ୍ତୌ ସମ୍ଭାବିତା ପ୍ରାୟୋ ଗୁର୍ବକ୍ଷରସମନ୍ୱିତା ।
ପୃଥୁଳାୟାଂ ଦକ୍ଷିଣାଚ ଲଘୁବାଦ୍ୟାକ୍ଷରାନ୍ୱିତା ॥ ୪୯୦ ॥
ଗାନଯୋଗେ ଚତସ୍ରସ୍ତୁ ଯୋଜ୍ୟାଃ ସର୍ବତ୍ରଗାୟନୈଃ ।
ଯଥାକ୍ଷରକୃତା ହ୍ୟେତାଃ ପ୍ରଯୁଜ୍ୟନ୍ତେ ଧ୍ରୁବାସ୍ୱପି ॥ ୪୯୧ ॥

ନାଟ୍ୟର ମୁଖରେ ମଧ୍ୟମ ଗ୍ରାମର ଗୀତ ରହିବ । ପ୍ରତିମୁଖରେ ଷଡ଼୍‌ଜ, ଗର୍ଭ ଓ ବିମର୍ଶରେ ପଞ୍ଚମ, ଉପସଂହାରରେ କୈଶିକ ରହିବ । ସନ୍ଧି ଓ ଛନ୍ଦ ଉପରେ ନିର୍ଭରଶୀଳ ଏହି ଗାନ ଗୁଡ଼ିକ ଉପଯୁକ୍ତ ରସ ଓ ଅବସ୍ଥାଯୁକ୍ତ ହେବା ଉଚିତ ॥ ୪୮୫-୪୮୬ ॥

ପ୍ରକରଣ ଆକାଶକୁ ମନୋରମ କଲାପରି ନାଟକକୁ ମନୋରମ କରିଥାଆନ୍ତି ॥ ୪୮୭ ॥ ପ୍ରଥମ ଗୀତି ମାଗଧୀ ତାପରେ ଦ୍ୱିତୀୟଟି ଅର୍ଧମାଗଧୀ, ତୃତୀୟା ସମ୍ଭାବିତା ଏବଂ ଅବଶିଷ୍ଟ ଚତୁର୍ଥୀଟି ପୃଥୁଳା ହେବା ଉଚିତ ॥ ୪୮୮ ॥ (ଦ୍ର.୨ଟା/୨୭)

ମାଗଧୀ (ବିଭିନ୍ନ ଲୟରେ) ତାହାର ପାଦଗୁଡ଼ିକର ପୁରୋବୃତ୍ତି ଦ୍ୱାରା ଜଣାପଡ଼ିବ । ଏହା ଚିତ୍ର (ବୃତ୍ତିରେ) ହୁଏ । ଅର୍ଧମାଗଧୀ ମଧ୍ୟ ଏହିପରି ହେବ । ଏଥିରେ ଦୁଇ ଥର ପୁନରାବୃତ୍ତି ହୁଏ ॥ ୮୯ ॥

ଗୁରୁଅକ୍ଷର ବହୁଳ ସମ୍ଭାବିତା ବୃତ୍ତି ବାର୍ତ୍ତିକରେ ପ୍ରଯୁକ୍ତ ହୁଏ । ଲଘୁବାଦ୍ୟ ଓ ଲଘୁ ଅକ୍ଷର ସମନ୍ୱିତ ପୃଥୁଳା ଦକ୍ଷିଣ ବୃତ୍ତିରେ ପ୍ରୟୋଗ କରିବା ବିଧେୟ ॥ ୪୯୦ ॥

ଏହି ଚାରି ଗୀତିକୁ ଗାୟକମାନେ ସର୍ବତ୍ର ଗାନରେ ପ୍ରୟୋଗ କରିବେ । ଯଥା ବିଧାନ ଅକ୍ଷରଯୁକ୍ତ ଏହିଗୁଡ଼ିକ ଧ୍ରୁବାରେ ମଧ୍ୟ ପ୍ରୟୋଗ କରାଯିବ ॥ ୪୯୧ ॥

Digitized by srujanika@gmail.com

ପୂର୍ଣ୍ଣସ୍ୱରଂ ବାଦ୍ୟବିଚିତ୍ର ବର୍ଣ୍ଣଂ ତ୍ରିସ୍ଥାନଶୋଭଂ ତ୍ରିଯତଂ ତ୍ରିମାତ୍ରମ୍ ।
ରକ୍ତଂ ସମଂ ଶ୍ଳକ୍ଷ୍ମ ମଳଂକୃତଂ ଚ ସୁଖପ୍ରଯୁକ୍ତଂ ମଧୁରଂ ଚ ଗାନମ୍ ॥ ୪୯୨ ॥
ଗୀତ ପ୍ରଯତ୍ନଃ ପ୍ରଥମଂ ତୁ କାର୍ଯଃ ଶମ୍ୟାଂ ହି ନାଟ୍ୟସ୍ୟ ବଦନ୍ତି ଗୀତମ୍ ।
ଗୀତେ ଚ ବାଦ୍ୟେ ଚ ହି ସଂପ୍ରଯୁକ୍ତେ ନାଟ୍ୟପ୍ରୟୋଗୋ ନ ବିପତ୍ତିମେତି ॥ ୪୯୩ ॥
ଏତଦୁକ୍ତଂ ମୟାସମ୍ୟକ୍ ଧ୍ରୁବାଣାଂ ଲକ୍ଷଣଂ ମହଦ୍ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଗାତୃବାଦକୟୋ ର୍ଗୁଣାନ୍ ॥ ୪୯୪ ॥
ଗୁଣାଦ୍ ପ୍ରବର୍ତ୍ତତେ ଜ୍ଞାନଂ ଦୋଷାଦ୍ ଚିତ୍ତଂ ନିରସ୍ୟତି ।
ତସ୍ମାଦ୍ ଯତ୍ନେନ୍ ବିଜ୍ଞେୟା ଗୁଣଦୋଷାଃ ସମାସତଃ ॥ ୪୯୫ ॥
ଗାତା ପ୍ରତ୍ୟଗ୍ରବୟାଃ ସ୍ନିଗ୍ଧୋ ମଧୁରସ୍ୱରୋପଚିତକଣ୍ଠଃ ।
ଲୟ ତାଳ କଳା ପାତ ପ୍ରମାଣ ଯୋଗେଷୁ ତତ୍ତ୍ୱଜ୍ଞଃ ॥ ୪୯୬ ॥
ରୂପ ଗୁଣ କ୍ରାନ୍ତି ସଂସ୍ଥାନ ସତ୍ତ୍ୱମାଧୁର୍ଯ୍ୟ ସମ୍ପନ୍ନା ।
ପେଶଳ ମଧୁର ସ୍ନିଗ୍ଧାନୁନାଦ ସମରକ୍ତ ଶୁଭକଣ୍ଠା ॥ ୪୯୭ ॥

ଯେଉଁଥିରେ ସମ୍ପୂର୍ଣ୍ଣ ସ୍ୱର, ବର୍ଣ୍ଣ ବିଚିତ୍ର ସ୍ୱରର ବାଦ୍ୟଦ୍ୱାରା ମଣ୍ଡିତ ହୋଇ ଥାଏ, ତିନିଟି ସ୍ଥାନର ଶୋଭା ବର୍ଦ୍ଧନ କରେ, ଯେଉଁଥିରେ ତିନି ଯତିଓ ତିନି ମାତ୍ରା ଥାଏ । ଯାହା କି ଆନନ୍ଦ ଦିଏ । ଯାହା ସମ ଓ କୋମଳ, ଯେଉଁଥିରେ ଅଳଙ୍କାର ମାଧୁର୍ଯ୍ୟ ଥାଏ ଓ ଯାହା ଅନାୟାସରେ ସଂପାଦିତ ହୁଏ । ତାହାକୁ ଉତ୍କୃଷ୍ଟ ଗାନ କୁହାଯାଏ ॥ ୪୯୨ ॥

ପ୍ରଥମେ ଗାନ ବିଷୟରେ ଯତ୍ନବାନ୍ ହେବା ଉଚିତ । କାରଣ ଗାନକୁ ନାଟ୍ୟର ବିଶ୍ରାମ ସ୍ଥାନ ବୋଲି କୁହାଯାଇଛି । କଣ୍ଠ ଓ ବାଦ୍ୟସୁସଂପାଦିତ ହେଲେ ନାଟକ ଅନୁଷ୍ଠାନ କୌଣସି ବିପଦର ସମ୍ମୁଖୀନ ହେବ ନାହିଁ ॥ ୪୯୩ ॥ ଏହି ସବୁ ଧ୍ରୁବା ଲକ୍ଷଣ ମହାନ ଅଟେ । ମୁଁ ସବୁ କହିଗଲି । ଏହାପରେ ଗାୟକ ଓ ବାଦକ ଗୁଣ ସବୁ କହିବି ॥ ୪୯୪ ॥

ଗାୟକ ଓ ବାଦକଙ୍କ ଗୁଣାବଳୀ :-

ଜ୍ଞାନ ଗୁଣରୁ ଜନ୍ମ ଲାଭ କରେ । ଦୋଷଯୋଗୁଁ ମନ ଖରାପ ହୋଇଯାଏ । ତେଣୁ ଅତିଯତ୍ନର ସହିତ ଗୁଣଦୋଷ ବିଷୟରେ ସଂକ୍ଷେପରେ ଜାଣିବା ଉଚିତ ॥ ୪୯୫ ॥

ଗାୟକ ନବୀନବୟସୀ ଯୁବା ହୋଇଥିବେ । ସେ ସ୍ନେହୀ ଓ ତାଙ୍କ କଣ୍ଠସ୍ୱର ମଧୁର ହୋଇଥିବ । ଲୟ, ତାଳ, କଳା, ପାତ, ଏମାନଙ୍କ ପରିମାପ ଓ ପ୍ରୟୋଗ ବିଷୟରେ ସେ ସଂପୂର୍ଣ୍ଣ ଅଭିଜ୍ଞ ହୋଇ ଥିବେ ॥ ୪୯୬ ॥

ଗାୟିକା ରୂପ ଗୁଣ କାନ୍ତି ଓ ଠାଣିରେ ଅନୁପମ ହେବେ । ସତ୍ତ୍ୱ (ମାନସିକ ଭାବ) ମାଧୁର୍ଯ୍ୟରେ ଭରି ରହିଥିବ । ଦକ୍ଷ ମଧୁର ସ୍ନେହତରଳ ସ୍ୱରରେ ଅନୁରାଗ ସମଭାବରେ ଭରି

Digitized by srujanika@gmail.com

ସୁବିହିତ ସମକ ବିଧାୟିନ୍ୟକ୍ଷୋଭ୍ୟ ଗୀତ ତାଳଲୟ କୁଶଳା ।
ଆତୋଦ୍ୟାର୍ପିତ କରଣା ବିଜ୍ଞେୟା ଗାୟିକା ଶ୍ୟାମା ।। ୪୯୮ ।।
ସୁନିବିଷ୍ଟ ପାଣି ଲୟ ଯତି ନିୟୋଗଜ୍ଞୌ ସୁମଧୁରଲଘୁହସ୍ତୌ ।
ଗାତୃ ଗୁଣୈଶ୍ଚୋପେତୌ ଅବହିତମନସୌ ସୁସଂଗୀତୌ ।। ୪୯୯ ।।
ସ୍ଫୁଟରଚିତ ଚିତ୍ରକରଣୌ ଜିତଶ୍ରମୌ ରକ୍ତକଣ୍ଠୌ ପ୍ରବୀଣୌ ।
ଚିତ୍ରାଦି ବାଦ୍ୟ କୁଶଳୌ ବୀଣାୟା ବାଦକୌ ଭବତଃ ।। ୫୦୦ ।।
ବଳବାନବହିତବୁଦ୍ଧିଃ ଗୀତଲୟଜ୍ଞଃ ତଥା ସୁସଂଗୀତଃ ।
ଶ୍ରାବକମଧୁରଃ ସ୍ନିଗ୍ଧ ଦୃଢ଼ାନିଳୋ ବଂଶବାଦୀ ସ୍ୟାତ୍ ।। ୫୦୧ ।।
ଅବିଚଳିତ ମବିଚ୍ଛିନ୍ନଂ ବର୍ଣ୍ଣାଳଂକାର ବୋଧକଂ ମଧୁରମ୍ ।
ସ୍ନିଗ୍ଧଂ ଦୋଷାବରଣଂ ବେଣୋରେବଂ ସ୍ମୃତଂ ବାଦ୍ୟମ୍ ।। ୫୦୨ ।।
ପ୍ରାୟେଣ ତୁ ସ୍ୱଭାବମଧୁରଃ କଣ୍ଠୋ ନୃଣାଂ ବଳବତ୍ତ୍ୱଂଚ ।। ୫୦୩ ।।

ରହି କଣ୍ଠକୁ ମଧୁମୟ କରୁଥିବ । ବିଧାନ ଅନୁଯାୟୀ ସମକ ବିଧାନ କରୁଥିବେ । ଗୀତର ତାଳ ଓ ଲୟକୁ କ୍ଷୋଭ ବିହୀନ ଭାବରେ ପାଳନ ଓ ପ୍ରୟୋଗରେ ଦକ୍ଷତା ଥିବ, ବାଦ୍ୟସ୍ୱର କରଣ ସମର୍ପଣ କରିଥିବେ । ଏହିପରି ଯୁବତୀଙ୍କୁ ଗାୟିକା ବୋଲି ଜାଣିବ ।। ୪୯୭, ୪୯୮ ।।

ଗାନର ବିଭିନ୍ନ ଅଂଶ ପାଇଁ ଦୁଇଜଣ ବୀଣାବାଦକ ନିର୍ଦ୍ଦିଷ୍ଟ ପାଣି (ଦ୍ର.୩୧/୪୯୪, ୪୯୫) ଲୟ ଓ ଯତିର ସମ୍ୟକ୍ ପ୍ରୟୋଗରେ ଅଭିଜ୍ଞ ହୋଇଥିବେ । ମଧୁର ଧ୍ୱନି ସଂପାଦନରେ କ୍ଷିପ୍ରହସ୍ତ ହୋଇଥିବେ । ନିଜେ ଭଲ ଗାୟକର ଗୁଣ ବହନ କରୁଥିବେ । ନିବିଷ୍ଟ ଚିତ୍ତରେ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ସହଯୋଗରେ ସ୍ପଷ୍ଟ କରଣ ସହିତ (ନୃତ୍ୟକରଣ) ଗାନ କରିବା ପାଇଁ ସମର୍ଥ, ପରିଶ୍ରମୀ ଅନୁରାଗ ରଞ୍ଜିତ କଣ୍ଠସ୍ୱର, ଅଭିଜ୍ଞ, ଚିତ୍ରବାଦ୍ୟ ବାଦନ ଦକ୍ଷତା ଥିବ । ଏହିପରି ବୀଣା ବାଦକ ହେବେ ।। ୪୯୯, ୫୦୦ ।।

ବଂଶୀବାଦକ ବଳବାନ୍ ହେବେ । ଏକାଗ୍ରଚିତ୍ତ ଓ ଗୀତଲୟ ଜାଣିଥିବେ । ନିଜେ ଭଲ ଗାଇ ପାରୁଥିବେ । ଶୁଣିବାକୁ ମିଠାଲାଗୁଥିବା ଚିକ୍କଣ ସ୍ୱର ବଜାଇ ପାରୁଥିବେ । ଶ୍ୱାସାନିଳ (ବିଶ୍ୱାସ ପବନ) ଟାଣ ଥିବ । ଏହିପରି ବେଣୁବାଦକ ହେବେ ।। ୫୦୧ ।। ବଂଶୀସ୍ୱନ ଅବିଚଳିତ (ଧାରାରୁ ଅବିଚ୍ୟୁତ) ଅବିଚ୍ଛିନ୍ନ (ମଝିରେ ଛିଣ୍ଡିଯିବ ନାହିଁ) ଗୀତର ବର୍ଣ୍ଣ ଓ ଅଳଙ୍କାର ପ୍ରକାଶ କରୁଥିବ, ମଧୁର ଲାଗୁଥିବ, ରୁକ୍ଷହୋଇ ନ ଥିବ, ଅନ୍ୟାନ୍ୟ ବାଦ୍ୟ ବା ଗାୟକର ଗୀତଗାନରେ ଥିବା ଦୋଷମାନଙ୍କୁ ନିଜଲହରୀରେ ଲୁଚାଇ ପାରୁଥିବ, ଏହି ସବୁ ଗୁଣଯୁକ୍ତ ହେବ ।। ୫୦୨ ।। ସ୍ୱାଭାବିକ ଭାବରେ ଅଧିକାଂଶ କ୍ଷେତ୍ରରେ ନାରୀମାନଙ୍କର ଗାନ ଓ ପୁରୁଷମାନଙ୍କର ବାଦ୍ୟ ବିକାସ ରମଣୀୟ ହୋଇଥାଏ । କାରଣ ନାରୀମାନଙ୍କର ସ୍ୱଭାବ ମଧୁର ଲଳିତକଣ୍ଠ ଓ ପୁରୁଷମାନଙ୍କର ଏହା ଗମ୍ଭୀର ଅଟେ ।। ୫୦୩ ।।

Digitized by srujanika@gmail.com

ଯଃ ସ୍ତ୍ରୀଣାଂ ପାଠ୍ୟଗୁଣୋ ଭବତି ନୃଣାଂଚ ଗାନ ମଧୁରତ୍ୱମ୍ ।
ଜ୍ଞେୟଃ ସୋଽଲଂକାରେ ନହି ସ୍ୱଭାବୋ ଭବତି ତେଷାମ୍ ॥ ୫୦୪ ॥
ଯଦ୍ୟପି ପୁରୁଷୋ ନେତା ଗୀତି ବିଧାନଂ ତୁ ଲକ୍ଷଣୋପେତମ୍ ।
ମାଧୁର୍ଯ୍ୟ ଗୁଣ ବିହୀନଂ ଶୋଭାଜନନଂ ନ ତଦ୍‌ଭବତି ॥ ୫୦୫ ॥
ଏବଂ ସ୍ୱଭାବ ସିଦ୍ଧଂ ସ୍ତ୍ରୀଣାଂ ଗାନଂ ନୃଣାଂ ପାଠ୍ୟବିଧିଃ ।
ଅପରସ୍ୱର ସମ୍ପନ୍ନଂ କାର୍ଯଂ ଚାୟାସ ନିଷ୍ପନ୍ନମ୍ ॥ ୫୦୬ ॥
ପ୍ରାୟେଣ-ଦାନବାସୁର ରକ୍ଷୋଯକ୍ଷୋରଗା ବିବିଧ ଚେଷ୍ଟାଃ ।
ବାକ୍ୟାଶ୍ରିତାଃ ପ୍ରୟୋଗେ ଭବନ୍ତି ପୁରୁଷାଙ୍ଗନା ବନ୍ଧାଃ ॥ ୫୦୭ ॥
ସ୍ତ୍ରୀଭିଃ କାର୍ଯ୍ୟଃ ପ୍ରଯତ୍ନେନ ପ୍ରୟୋଗଃ ପୁରୁଷାଶ୍ରୟଃ ।
ଯସ୍ମାଦ୍ ସ୍ୱଭାବୋପହିତୋ ବିଳାସଃ ସ୍ତ୍ରୀକୃତୋ ଭବେଦ୍ ॥ ୫୦୮ ॥
ନିତ୍ୟଂ ବ୍ୟାୟାମ ଯୋଗ୍ୟାଭିଃ ନୃଣାଂ ଭବତି ସୌଷ୍ଠବମ୍ ।
ସ୍ୱଭାବତସ୍ତୁ ମଧୁରଂ ସ୍ତ୍ରୀଣାମଙ୍ଗ ବିଚେଷ୍ଟିତମ୍ ॥ ୫୦୯ ॥

ଯେଉଁ କ୍ଷେତ୍ରରେ ସ୍ତ୍ରୀମାନଙ୍କର ବାଗ୍‌ବିଳାସ ଓ ପୁରୁଷମାନଙ୍କର ମଧୁର ଲଳିତଗାନ ଦେଖାଯାଏ । ତାହା ସେମାନଙ୍କର ଭୂଷଣ ବା ଆୟାସ ସାଧ୍ୟ । ଏହା ସେମାନଙ୍କର ସ୍ୱାଭାବିକ ନୁହେଁ ॥ ୫୦୪ ॥

ଯଦ୍ୟପି କେତେ କ୍ଷେତ୍ରରେ ଦକ୍ଷ ପୁରୁଷ ନିର୍ଦ୍ଦୋଷ ଯଥାନିୟମ ଗୀତ ପରିବେଷଣ କରିଥାଆନ୍ତି । ତାହା କିନ୍ତୁ ନାଟକରେ ମାଧୁର୍ଯହୀନ ହୁଏ ସେତେ ସୁନ୍ଦର ଲାଗେ ନାହିଁ ତାହା ହିଁ ବାମାକଣ୍ଠରେ ଯାହା ହୋଇ ଥାଆନ୍ତା ॥ ୫୦୫ ॥

ଏଇଥି ପାଇଁ ରମଣୀର ଗାନ ଓ ପୁରୁଷର ଭାଷଣକୁ ସ୍ୱଭାବସିଦ୍ଧ ବୋଲି କୁହାଯାଏ । ଓଲଟା କାମ କଲେ ପରିଶ୍ରମ ତ ଅଧିକ ହୁଏ, ମାତ୍ର ସ୍ୱାଭାବିକରେ ଯାହା ହୁଅନ୍ତା ତାହା ହୁଏନା ॥ ୫୦୬ ॥ ଦାନବ, ଅସୁର, ରାକ୍ଷସ, ଯକ୍ଷ ଓ ନାଗମାନଙ୍କ ସ୍ୱରରେ ଅଧିକାଂଶ ପୁରୁଷ ଓ ସ୍ତ୍ରୀ ରୂପରେ ବହୁତ କର୍ମ ଓ ବାକ୍ୟ (ଗୋଳମାଳିଆ) ପ୍ରୟୋଗରେ ଦେଖାଯାଏ ॥ ୫୦୭ ॥ ଏହି ସବୁ କ୍ଷେତ୍ରରେ ପୁରୁଷ ଭୂମିକାରେ ସ୍ତ୍ରୀମାନଙ୍କ ଦ୍ୱାରା ଅତିସାବଧାନରେ କାର୍ଯ୍ୟ କରାଇବ । କାରଣ ତାଙ୍କ ଚାଲି ଚଳଣିରେ କମନୀୟତା ବା ଲାଳିତ୍ୟ ସ୍ୱଭାବ ସିଦ୍ଧ ॥ ୫୦୮ ॥ ନିୟମିତ ବ୍ୟାୟାମ ଓ ଅଭ୍ୟାସ ଦ୍ୱାରା ପୁରୁଷ ସୌଷ୍ଠବ (ଦ୍ର.୧୧/୯୧) ଅର୍ଜନ କରେ । ମାତ୍ର ନାରୀମାନଙ୍କର ଅଙ୍ଗଭଙ୍ଗୀ ସ୍ୱାଭାବିକ ମଧୁର, ଏଥିପାଇଁ ଚେଷ୍ଟା କରିବାକୁ ପଡ଼େ ନା ॥ ୫୦୯ ॥

Digitized by srujanika@gmail.com

ଏବଂ ସ୍ତ୍ରୀଣାଂ ତୁ ପୁରୁଷୈରୂପଦେଷ୍ଟବ୍ୟମେବ ହି ।
ଗାନଂ ବାଦ୍ୟଂ ଚ ପାଠ୍ୟଂ ଚ ନାନା ପ୍ରକୃତି ସମ୍ଭବମ୍ ॥ ୫୧୦ ॥
ଅବୈସ୍ୱର୍ଯ୍ୟଂ ଭବେଦ୍ ସ୍ତ୍ରୀଣାଂ ଗାନଂ ବାଦ୍ୟ କ୍ରିୟାସ୍ୱଥ ।
ନହି ତଦ୍‌ବର୍ଣ୍ଣ ମାଧୁର୍ଯ୍ୟଂ ପୁରୁଷେଷୁ ଭବିଷ୍ୟତି ॥ ୫୧୧ ॥
ସ୍ମୃତିର୍ମତିଶ୍ଚ ମେଧାଚ ଭିହାପୋହସ୍ତଥୈବଚ ।
ଶିଷ୍ୟ ନିଷ୍ପାଦନଂ ଚୈବ ଷଡ଼ାଚାର୍ଯ୍ୟ ଗୁଣାଃ ସ୍ମୃତାଃ ॥ ୫୧୨ ॥
ମେଧା ସ୍ମୃତିର୍ଗୁଣାଃ ଶ୍ଳାଘା ରାଗଃ ସଂଘର୍ଷ ଏବ ଚ ।
ଉତ୍ସାହଶ୍ଚ ଷଡ଼ବୈତେ ଶିଷ୍ୟସ୍ୟାପି ଗୁଣାଃ ସ୍ମୃତାଃ ॥ ୫୧୩ ॥
ଶ୍ରାବକୋଽଥ ଘନଃ ସ୍ନିଗ୍ଧୋ ମଧୁରସ୍ତ୍ୱବଧାନବାନ୍ ।
ତ୍ରିସ୍ଥାନ ଶୋଭୀତ୍ୟେବଂ ଚ ଷଟ୍ କଣ୍ଠସ୍ୟ ଗୁଣାଃ ସ୍ମୃତାଃ ॥ ୫୧୪ ॥
ଦୂରାଦ୍‌ତୁ ଶ୍ରୂୟତେ ଯସ୍ମାଦ୍ ତସ୍ମାଦ୍ ଶ୍ରାବକ ଉଚ୍ୟତେ ।
ଶ୍ରାବକଃ ସୁସ୍ୱରୋଯସ୍ତୁ ନ ବିକ୍ଷିପ୍ତୋ ଘନଃ ସ୍ମୃତଃ ॥ ୫୧୫ ॥

ଏହିସବୁ କଥା ଲକ୍ଷ୍ୟକରି ଗାନ, ବାଦ୍ୟ, ପାଠ୍ୟ ଓ ଆନୁଷଙ୍ଗିକ ଅଭିନୟ ବିଷୟରେ ସ୍ତ୍ରୀ ଓ ପୁରୁଷ ପାତ୍ରମାନଙ୍କୁ ଉପଦେଶ ନେବ ॥ ୫୧୦ ॥ ସ୍ତ୍ରୀମାନଙ୍କର ଗାନ ବାଦ୍ୟର କ୍ରିୟାରେ ବିକୃତସ୍ୱର କେବେହେଲେ ହୁଏ ନା । ସେହି ପ୍ରାକୃତିକ ବର୍ଣ୍ଣ ମାଧୁର୍ଯ ପୁରୁଷଙ୍କ କ୍ଷେତ୍ରରେ ସମ୍ଭବ ନୁହେଁ ॥୫୧୧॥

ଆଚାର୍ଯ୍ୟ ଗୁଣ : ସ୍ମରଣ ଶକ୍ତି, ଧାରଣ ଶକ୍ତି, ବୁଦ୍ଧି, କଳ୍ପନା, ପ୍ରଣୟନ, (ଅଥବା ପ୍ରଶ୍ନୋତ୍ତର ଯୁକ୍ତି) ଏବଂ ଛାତ୍ର ଉତାରିବା ଏହି ଛଅଟି ଆଚାର୍ଯ୍ୟ ଗୁଣ ॥ ୫୧୨ ॥

ଶିଷ୍ୟଗୁଣ:- ଧାରଣା ଶକ୍ତି, ସ୍ମରଣ ଶକ୍ତି, ପ୍ରତିଯୋଗିତା ମନୋବୃତ୍ତି, ଶ୍ରଦ୍ଧା, ବିଦ୍ୟାରେ ବାଦ ପ୍ରତିବାଦ ଉତ୍ସାହ । ଏହି ଛଅଟି ଶିଷ୍ୟଗୁଣ ॥ ୫୧୩ ॥

କଣ୍ଠ ଗୁଣ:- ସ୍ପଷ୍ଟାସ୍ୱର (ବଡ଼ ପାଟି) ଗମ୍ଭୀର, ଅକର୍କଶ, ମଧୁର, ଯତ୍ନଯୁକ୍ତ, ତ୍ରିସ୍ଥାନ ଶୋଭା ବର୍ଦ୍ଧନ କରୁଥିବ ॥ ୫୧୪ ॥ (୫୧୭ରେ ତ୍ରିସ୍ଥାନ କୁହାଯିବ) ।

ଶ୍ରାବକ:- ଦୂରରୁ ମଧ୍ୟ ସ୍ପଷ୍ଟ ଶୁଣାଯିବ ବୋଲି ଏହାକୁ ଶ୍ରାବକ କୁହାଯାଏ ।

ଘନ-ସୁସ୍ୱର ଭାବରେ ଦୂରରୁ ମଧ୍ୟ ଶୁଭୁଥିବ ଏବଂ ବିକୃତସ୍ୱର ବା ଚଗଲାମି ନଥିବ ତାହାକୁ ଘନ କୁହାଯାଏ ॥ ୫୧୫ ॥

ସ୍ନିଗ୍ଧ:- ସୁନ୍ଦର ହୋଇ କାନକୁ ଭଲ ଲାଗୁ ଥିବ ମାତ୍ର ରୁକ୍ଷ ହୋଇନଥିବ ତାହାକୁ ସ୍ନିଗ୍ଧ କୁହାଯାଏ ॥ ୫୧୫ ॥

Digitized by srujanika@gmail.com

ସୁଶ୍ରବଃ ସ ତ୍ୱପରୁଷଃ ସ୍ନିଗ୍ଧଃ ତଜ୍ଜ୍ଞୈଃ ପ୍ରକୀର୍ତ୍ତିତଃ ।
ମହାସ୍ଥାନେଽପ୍ୟବୈସ୍ୱର୍ଯ୍ୟଂ ସବୈ ମଧୁର ଉଚ୍ୟତେ ॥ ୫୧୬ ॥
ସ୍ୱରେଽଧିକେ ଚ ହୀନେଚ ହ୍ୟବିରକ୍ତୋଽବଧାନବାନ୍ ।
ଶିରଃକଣ୍ଠେଷ୍ୱଭିହତଃ ତଦ୍ ସ୍ଥାନଂ ମଧୁରସ୍ୱରୈଃ ॥ ୫୧୭ ॥
ତ୍ରିସ୍ଥାନେଽପିହି ମାଧୁର୍ଯ୍ୟଂ ଯସ୍ୟ ନିତ୍ୟଂ ବିଧୀୟତେ ।
ତ୍ରିସ୍ଥାନଶୋଭୀତ୍ୟେବଂ ତୁ ସହି ତଜ୍ଜ୍ଞୈଃ ପ୍ରକୀର୍ତ୍ତିତଃ ॥ ୫୧୮ ॥
କମ୍ପିଲୋଽବ୍ୟବସ୍ଥିତଶ୍ଚୈବ ତଥା ସଂଦଷ୍ଟ ଏବ ଚ ।
କାକୀଚ ତୁମ୍ବକୀ ଚୈବ ପଞ୍ଚଦୋଷା ଭବନ୍ତି ହି ॥ ୫୧୯ ॥
ବୈସ୍ୱର୍ଯ୍ୟଂ ଚ ଭବେଦ୍ ଯତ୍ର ତଥାସ୍ୟାଦ୍ ଘର୍ଘରାୟିତମ୍ ।
କମ୍ପିଲଃ ସତୁ ବିଜ୍ଞେୟଃ ଶ୍ଲେଷ୍ମକଣ୍ଠସ୍ତଥୈବ ଚ ॥ ୫୨୦ ॥
ଊନତାଽଧିକତା ବାପି ସ୍ୱରାଣାଂ ଯତ୍ର ଦୃଶ୍ୟତେ ।
କୃଶତ୍ୱଦୋଷତଶ୍ଚୈବ ଜ୍ଞେୟଃ ସ ତ୍ୱବ୍ୟବସ୍ଥିତଃ ॥ ୫୨୧ ॥

ସ୍ନିଗ୍ଧ: ସୁସ୍ୱର ହୋଇ କାନକୁ ଭଲ ଲାଗୁଥିବ ମାତ୍ର ରୁକ୍ଷ ହୋଇନଥିବ ଏହାକୁ ସ୍ନିଗ୍ଧ କହନ୍ତି ।
ମଧୁର:- ସ୍ଥାନର ଉଚ୍ଚତମ କୋଟିରେ ଅମେଳ ନହେଲେ (ଚଢ଼ ଉତାରରେ ବେଖାପି) କଣ୍ଠସ୍ୱରକୁ ମଧୁର କରନ୍ତି ॥ ୫୧୬ ॥
ଅବଧାନବାନ୍: ସ୍ୱର ଅଧିକ ଅଥବା କ'ମ ହେଲେ ସେ ବିଷୟରେ ଯତ୍ନ ସମାନ ରଖିବାକୁ ଅବଧାନଯୁକ୍ତ ତ୍ରିସ୍ଥାନ ଶୋଭୀ କୁହାଯାଏ । ଯେଉଁସ୍ୱର ମସ୍ତକ, କଣ୍ଠ, ବକ୍ଷଃ ଏହି ତିନି ସ୍ଥାନରେ ସମାନ ଭାବେ ଆହତ ହୋଇ ମଧୁର ଭାବରେ ଜନ୍ମ ନେଇଥାଏ ତାହାକୁ ବିଶେଷଜ୍ଞମାନେ ତ୍ରିସ୍ଥାନଶୋଭୀ ବୋଲି କହିଥାଆନ୍ତି । କାରଣ ଏହି ତିନିସ୍ଥାନରେ ମାଧୁର୍ଯ୍ୟର ବୀଜ ନିହୀତ ଥାଏ । ଅର୍ଥାତ୍ ଗୀତାନୁଗତ ମସ୍ତିଷ୍କ, ତଦନୁଗତ ଶ୍ୱାସପେଟିକା ଓ ଉଦାର ସ୍ୱଚ୍ଛ କଣ୍ଠ ଏହି ତିନିଟି ମିଶିଲେ ଗୀତର ସ୍ୱର ମଧୁର ହୁଏ ॥ ୫୧୭, ୫୧୮ ॥
ଗାୟକ ଦୋଷ:- ଥର ଥର କଣ୍ଠ, ଅସ୍ଥିର ବା ଅପ୍ରସ୍ତୁତ, ସଂଦଷ୍ଟ, କାକୀ ତୁମ୍ବକୀ ଏହି ପାଞ୍ଚଟି ଗାୟକ ଦୋଷ ॥ ୫୧୯ ॥
କମ୍ପିଳ:- ସ୍ୱର ବିକୃତ ହେବା, ଶେଷ ଆଡ଼କୁ ଚେଁ ଚେଁ କିମ୍ୱା ଘାଉଁ ଘାଉଁ ଶବ୍ଦ ଅଥବା କଣ୍ଠରେ କଫରହି କଣ୍ଠପଡ଼ିଯିବା, ଅବସ୍ଥାକୁ କମ୍ପିଳ କୁହାଯାଏ ॥ ୫୨୦ ॥
ଅବ୍ୟବସ୍ଥିତ:- ସ୍ୱରର ନ୍ୟୁନତା ବ ଅଧିକତା ପ୍ରମାଣ ଅନୁଯାୟୀ ନହୋଇ ବେଖାପି ହେବା କିମ୍ୱା ପୁରା ସରୁ ହେବାକୁ ଅବ୍ୟବସ୍ଥିତତା କୁହାଯାଏ ॥ ୫୨୧ ॥

Digitized by srujanika@gmail.com

ଦନ୍ତ ପ୍ରୟୋଗାଦ୍ ସଂଦଂଷ୍ଟଃ ସ୍ୱାଚାର୍ଯୈଃ ପରିକୀର୍ତ୍ତିତଃ ।
ଯୋ ନ ନିସ୍ତରତି ସ୍ଥାନେ ସ୍ୱରମୁଚ୍ଚାରଣ ଗତମ୍ ।। ୫୨୨ ।।
ତଥା ରୁକ୍ଷସ୍ୱରଶ୍ଚୈବ ସକାକୀତ୍ୟଭି ସଂଜ୍ଞିତଃ ।
ନାସାଗତସ୍ୱରୋ ଯସ୍ତୁ ତୁମ୍ବକୀ ସୋଽଭିଧୀୟତେ ।। ୫୨୩ ।।
ଏତେ ଗୁଣାଶ୍ଚ ଦୋଷାଶ୍ଚ ତତ୍ତ୍ୱତଃ କଥିତା ମୟା ।।
ଅତ ଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ହ୍ୟବନଦ୍ଧବିଧିଂ ପୁନଃ ।। ୫୨୪ ।।

ଗାନ୍ଧର୍ବମେତଦ୍ କଥିତଂ ମୟାହି
ପୂର୍ବଂ ଯଦୁକ୍ତଂ ତ୍ୱିହ ନାରଦେନ ।
କୁର୍ଯ୍ୟାଦ୍ ଯ ଏବଂ ମନୁଜଃ ପ୍ରୟୋଗଂ
ସମ୍ମାନମଗ୍ର୍ୟଂ ଲଭତେ ସ ଲୋକେ ।। ୫୨୫ ।।

ଇତି ଭାରତେ ନାଟ୍ୟଶାସ୍ତ୍ରେ ଧ୍ରୁବା ବିଧାନଂ ନାମ ଦ୍ୱାତ୍ରିଂଶଃ ଅଧ୍ୟାୟଃ ।

ସଂଦଷ୍ଟ:- ଦାନ୍ତ ଚିପିକରି ବୋଲିବାକୁ ଆଚାର୍ଯ୍ୟମାନେ ସଂଦଷ୍ଟ କୁହନ୍ତି ।
କାକୀ:- ଗୀତବୋଲରେ ବର୍ଣ୍ଣର ଉଚ୍ଚାରଣ ସ୍ଥାନକୁ ନ ଛୁଇଁ ବଡ଼ ପାଟିରେରୁକ୍ଷ ଭାବେ ଗର୍ଜନ କରିବାକୁ । କାକୀ କୁହାଯାଏ ।
ତୁମ୍ବକୀ:- ନାକରେ ସ୍ୱରକୁ ଉଚ୍ଚାରଣ କରାଗଲେ ସ୍ୱର ତୁମ୍ବକୀ ହୁଏ ।। ୩୨୨/୨୩ ସଂକ୍ଷେପରେ ଏହି ଗୁଣ ଓ ଦୋଷ ବିଷୟ ମୁଁ କହିଗଲି । ଏହା ପରେ ଅବନଦ୍ଧବିଧି ବିଷୟ କହିବି ।। ୫୨୪ ।।

ଏହି ସବୁ ଗାନ୍ଧର୍ବ ବିଧି ମୁଁ କହିଗଲି । ଯାହାକୁ ପୂର୍ବରୁ ନାରଦ କହିଯାଇଛନ୍ତି । ଯେଉଁ ଲୋକ ଏହି ବିଧାନ ଅନୁଯାୟୀ ପ୍ରୟୋଗ କରିବ ସଂସାରରେ ସେ ଶ୍ରେଷ୍ଠ ସମ୍ମାନ ଲାଭ କରିବ ।। ୫୨୫ ।।

ଭରତନାଟ୍ୟ ଶାସ୍ତ୍ରରେ ଧ୍ରୁବାବିଧାନ ନାମକ ଦ୍ୱାତ୍ରିଂଶ (ବତିଶ) ଅଧ୍ୟାୟ ।

ସମାପ୍ତ ।

❑❑❑

Digitized by srujanika@gmail.com

ତ୍ରୟସ୍ତ୍ରିଂଶଃ ଅଧ୍ୟାୟଃ

ଅବନଦ୍ଧ ବାଦ୍ୟ ପ୍ରକରଣମ୍

ପୁଷ୍କରବାଦ୍ୟମ୍

ତତାତୋଦ୍ୟ ବିଧି ସ୍ତ୍ୱେଷ ମୟା ପ୍ରୋକ୍ତଃ ସମାସତଃ ।
ଅବନଦ୍ଧ ବିଭାଗେନ ଲକ୍ଷଣଂ କର୍ମ ଚୈବ ହି ।। ୧ ।।
ଆତୋଦ୍ୟାନାଂ ପ୍ରବକ୍ଷ୍ୟାମି ବିଧିଂ ବାଦନ ମେବଚ ।
ମୃଦଙ୍ଗ ପଣବାନାଂ ଚ ଦର୍ଦ୍ଦୁରସ୍ୟ ତଥୈବ ଚ ।। ୨ ।।
ଗାନ୍ଧର୍ବଂ ଚୈବ ବାଦ୍ୟଂ ଚ ସ୍ୱାତିନା ନାରଦେନ ଚ ।
ବିସ୍ତାରଗୁଣସମ୍ପନ୍ନ ମୁକ୍ତଂ ଲକ୍ଷଣ କର୍ମତଃ ।। ୩ ।।
ଅନୁବୃତ୍ତ୍ୟା ତଥା ସ୍ୱାତେଃ ଆତୋଦ୍ୟାନାଂ ସମାସତଃ ।
ପୌଷ୍କରାଣାଂ ପ୍ରବକ୍ଷ୍ୟାମି ନିବୃତ୍ତିଂ ସମ୍ଭବଂ ତଥା ।। ୪ ।।
ଅନଧ୍ୟାୟେ କଦାଚିଦ୍ତୁ ସ୍ୱାତିର୍ବୈ ଦୁର୍ଦ୍ଦିନେ ଦିନେ ।
ଜଳାଶୟଂ ଜଗାମାଥ ସଲିଳାନୟନଂ ପ୍ରତି ।। ୫ ।।
ତସ୍ମିନ୍ ସରୋନିଷଣ୍ଣେ ତୁ ପ୍ରବିଷ୍ଟଃ ପାକଶାସନଃ ।
ଧାରାଭି ର୍ମହତୀଭିଶ୍ଚ କର୍ତ୍ତୁମେବାର୍ଣ୍ଣବଂ ଜଗତ୍ ।। ୬ ।।

ତତବାଦ୍ୟ ବିଷୟ (ବୀଣାଦି) ସଂକ୍ଷେପରେ କହିସାରିଛି । ଏବେ ଅବନଦ୍ଧ ଶ୍ରେଣୀୟ ବାଦ୍ୟ । ସେମାନଙ୍କ ଲକ୍ଷଣ ଏବଂ ମୃଦଙ୍ଗ, ଗଣବ ଓ ଦର୍ଦ୍ଦୁର ନାମକ ବାଦ୍ୟଯନ୍ତ୍ରମାନଙ୍କର ବାଦନ ବିଷୟ କହିବି ।। ୧, ୨ ।।

ସ୍ୱାତି ଓ ନାରଦ ଗାନ୍ଧର୍ବ ଓ ବାଦ୍ୟ ବିଷୟରେ ବିସ୍ତୃତ ଭାବେ ଏହାରଗୁଣ ଓ ବିଧାନମାନ କହିଛନ୍ତି ।। ୩ ।। ଏବେ ମୁଁ ସ୍ୱାତୀଙ୍କୁ ଅନୁସରଣକରି ସଂକ୍ଷେପରେ ପୁଷ୍କର ନାମକ ବାଦ୍ୟର ଉଦ୍ଭବ ଓ ବିକାଶ ବିଷୟ କହିବି ।। ୪ ।।

ଥରେ ବର୍ଷାକାଳର ଅନଧ୍ୟାୟ (ପଢ଼ାବନ୍ଦଥିବା ଦିନରେ) ଦିବସରେ ସ୍ୱାତି ମୁନି ଜଳ ଆଣିବା ପାଇଁ ଜଳାଶୟକୁ ଯାଇଥିଲେ ।। ୫ ।।

ସେ ସରୋବରରେ ପ୍ରବେଶ କରିବା ମାତ୍ରେ ହିଁ ଇନ୍ଦ୍ର ପହଞ୍ଚି ଧାରାବର୍ଷଣ କରି ସତେ ବା ପୃଥିବୀକୁ ଜଳାର୍ଣ୍ଣବ କରିଦେବା ପାଇଁ ବାରି ବର୍ଷଣ ଆରମ୍ଭ କଲେ ।। ୬ ।।

Digitized by srujanika@gmail.com

ପତନ୍ତୀଭିଶ୍ଚ ଧାରାଭି ର୍ବାୟୁବେଗାଦ୍ ଜଳାଶୟେ ।
ପୁଷ୍କରିଣୀନାଂ ଧାରାଭି ର୍ବାୟୁବେଗାଦ୍ ଜଳାଶୟେ ।
ପୁଷ୍କରାଣାଂ ପଟୁଃଶବ୍ଦଃ ପତ୍ରାଣା ମଭବଦ୍ ତଦା ॥ ୭ ॥
ବର୍ଷାଧାରୋଦ୍ଭବଂ ଶବ୍ଦଂ ନିଶମ୍ୟ ସହସା ମୁନିଃ ।
ଆଶ୍ଚର୍ଯମିତି ମନ୍ୱାନଃ ଚାବଧାରିତବାଂଶ୍ଚ ତମ୍ ॥ ୮ ॥
ଜ୍ୟେଷ୍ଠ ମଧ୍ୟ କନିଷ୍ଠଂ ତୁ ପତ୍ରାଣା ମବଧାର୍ଯ୍ୟ ଚ ।
ଗମ୍ଭୀରଂ ମଧୁରଂ ହୃଦ୍ୟମ୍ ଆଜଗାମାଶ୍ରମଂତତଃ ॥ ୯ ॥
ଧ୍ୟାତ୍ୱା ସୃଷ୍ଟିଂ ମୃଦଙ୍ଗାନାଂ ପୁଷ୍କରାନସୃଜଦ୍ ତତଃ ।
ପଣବଂ ଦର୍ଦୁରାଂଶ୍ଚୈବ ସହିତୋ ବିଶ୍ୱକର୍ମଣା ॥ ୧୦ ॥
ଦେବାନାଂ ଦୁନ୍ଦୁଭିଂ ଦୃଷ୍ଟ୍ୱା ଚକାର ମୁରଜଂ ତତଃ ।
ଆଲିଙ୍ଗ୍ୟ ମୂର୍ଦ୍ଧକଂ ଚୈବ ତଥୈବାଙ୍କିକ ମେବ ଚ ॥ ୧୧ ॥
ଚର୍ମଣା ଚାବବନ୍ଧାଂସ୍ତାନ୍ ମୃଦଙ୍ଗାନ୍ ଦର୍ଦୁରାନ୍ ତଥା ।
ତନ୍ତ୍ରୀଭିଃ ପଣବଂ ଚୈବ ମୂହାପୋହ ବିଶାରଦଃ ॥ ୧୨ ॥
ଭୂୟଶ୍ଚାନ୍ୟାନ୍ୟପି ତଥା କାଷ୍ଠାୟସ କୃତାନ୍ୟଥ ।
ଝଲ୍ଲରୀ ପଟହାଦୀନି ଚର୍ମନଦ୍ଧାନି ତାନିତୁ ॥ ୧୩ ॥

ବର୍ଷାବାତ ଘାତରେ ଧାରା ସବୁ ପଦ୍ମଲତାର ପତ୍ରଗୁଡ଼ିକ ଉପରେ ପଡ଼ି ଖୁବ୍ ଶବ୍ଦ ହେଲା । ଜଳାଶୟ ମଧ୍ୟରେ ହେବାରୁ ଶବ୍ଦର ଗମ୍ଭୀରତା ବଢ଼ିଯାଇଥିଲା ॥ ୭ ॥

ବର୍ଷାଧାରାରୁ ଉତ୍ପନ୍ନ ଶବ୍ଦକୁ ମୁନି ଶୁଣି ହଠାତ୍ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଏହାକୁ ଅନୁଧ୍ୟାନ କଲେ ॥ ୮ ॥ ଛୋଟ ପତ୍ରଟିରେ ଧାରାପାତ ଶବ୍ଦ ଛୋଟ ମଧ୍ୟମ ପତ୍ରଟିର ମଧ୍ୟମ ଏବଂ ବଡ଼ପତ୍ରଟିର ଧାରାପାତଶବ୍ଦ ବଡ଼ ହେଉଥିଲା । ଶବ୍ଦ ଗମ୍ଭୀର ମଧୁର ଓ ହୃଦୟଗ୍ରାହୀ ହୋଇଥିବା ଶୁଣି ତାହାପରେ ଆଶ୍ରମକୁ ଫେରିଲେ ॥ ୯ ॥ ତାହା ପରେ ମୃଦଙ୍ଗମାନଙ୍କ ଆକାର କଳ୍ପନା କରି ବିଶ୍ୱକର୍ମାଙ୍କ ସାହାଯ୍ୟରେ ସେ ପୁଷ୍କରବାଦ୍ୟମାନ ପଣବ, ଦର୍ଦୁର ପ୍ରଭୃତି ମଧ୍ୟ ନିର୍ମାଣ କଲେ ॥ ୧୦ ॥

ଦେବତାମାନଙ୍କର ଦୁନ୍ଦୁଭିବାଦ୍ୟ ଦେଖି ମୁରଜ ନିର୍ମାଣ କଲେ । ଆଲିଙ୍ଗ୍ୟ, ଉର୍ଦ୍ଧ୍ୱକ ଓ ଆଙ୍କିକ ନିର୍ମାଣ କରିଲେ ॥ ୧୧ ॥

ତାହା ପରେ ଊହାପୋହ ବିଶାରଦ ସ୍ୱାତିମୁନି ମୃଦଙ୍ଗ, ଦର୍ଦୁର ଓ ପଣବ ନିର୍ମାଣକରି ଚର୍ମଦ୍ୱାରା ତାହାକୁ ଆଚ୍ଛାଦନ କରି ସାରି ସେମାନଙ୍କୁ ଏକ ଗୁଣରେ (ଦଉଡ଼ି ସାହାଯ୍ୟରେ) ବାନ୍ଧିଲେ ॥ ୧୨ ॥ ଝଲ୍ଲରୀ ପଟହ ପ୍ରଭୃତି ଅନ୍ୟ ଅନେକ ଆନଦ୍ଧ ବାଦ୍ୟ ନିର୍ମାଣ କରିଲେ । ଯେଉଁଗୁଡ଼ିକ କି ଚର୍ମଦ୍ୱାରା ଆବୃତ ହୋଇଥିଲା ॥ ୧୩ ॥

Digitized by srujanika@gmail.com

ଆତୋଦ୍ୟ-ସମବାୟେତୁ ଯାନି ବାଦ୍ୟାନି ବାଦକୈଃ ।
ଅଙ୍ଗ ପ୍ରତ୍ୟଙ୍ଗ ଯୋଗେନ ଗଦତୋ ମେ ନିବୋଧତ ।। ୧୪ ।।
ବିପଞ୍ଚୀଚୈବ ଚିତ୍ରାଚ ଦାରବୀଷ୍ୱଙ୍ଗ ସଂଜ୍ଞିତେ ।
କଚ୍ଛପୀ ଘୋଷକାଦୀନି ପ୍ରତ୍ୟଙ୍ଗାନି ତଥୈବଚ ।। ୧୫ ।।
ମୃଦଙ୍ଗୋ ଦର୍ଦୁରଶ୍ଚୈବ ପଣବେଷ୍ୱଙ୍ଗ ସଂଜ୍ଞିତେ ।
ବଲ୍ଲରୀ ପଟହାଦୀନି ପ୍ରତ୍ୟଙ୍ଗାନି ତଥୈବ ଚ ।। ୧୬ ।।
ଅଙ୍ଗ ଲକ୍ଷଣ ସଂଯୁକ୍ତୋ ବିଜ୍ଞେୟୋବଂଶ ଏବ ହି ।
ଶଙ୍ଖସ୍ତୁ ଡକ୍କିନୀ ଚୈବ ପ୍ରତ୍ୟଙ୍ଗେ ପରିକୀର୍ତ୍ତିତେ ।। ୧୭ ।।
ନାସ୍ତି କିଞ୍ଚିଦନାଯୋଜ୍ୟ ମାତୋଦ୍ୟଂ ଦଶରୂପକେ ।
ରସଭାବ ପ୍ରୟୋଗଂତୁ ଜ୍ଞାତ୍ୱା ଯୋଜ୍ୟଂ ବିଧାନତଃ ।। ୧୮ ।।
ଉତ୍ସବେ ଚୈବ ଯାନେ ଚ ନୃପାଣାଂ ମଙ୍ଗଳେଷୁ ।
ଶୁଭ କଲ୍ୟାଣଯୋଗେ ଚ ବିବାହ କରଣେ ତଥା ।। ୧୯ ।।
ପୁତ୍ରାଦିକେ ସମୁତ୍ପନ୍ନେ ସଂଗ୍ରାମେ ଯୋଧସଂକୁଳେ ।
ଇଦୃଶେଷୁ ଚ କାର୍ଯ୍ୟେଷୁ ସର୍ବାତୋଦ୍ୟାନି ବାଦୟେତ୍ ।। ୨୦ ।।

ଆଠତାନ୍ୟ ଜାତୀୟ ବାଦ୍ୟମାନଙ୍କ ମଧ୍ୟରେ ପ୍ରଧାନ ଓ ଗୌଣ ଅଙ୍ଗସ୍ୱରୂପ ଯନ୍ତ୍ର ବିଷୟରେ ଶୁଣନ୍ତୁ ।। ୧୪ ।।

କାଷ୍ଠନିର୍ମିତ ତନ୍ତ୍ରୀଯୁକ୍ତ ବାଦ୍ୟ ମଧ୍ୟରେ ବିପଞ୍ଚୀ ଓ ଚିତ୍ରା ମୁଖ୍ୟ ଅଙ୍ଗ, କଚ୍ଛପୀ ଯୋଷକ ପ୍ରଭୃତି ଗୌଣ ଅଙ୍ଗ ।। ୧୫ ।। (ବୀଣା ବା ବେହେଲା ଜାତିର ବାଦ୍ୟ)

ପଣବ ବାଦ୍ୟ ମଧ୍ୟରେ ମୃଦଙ୍ଗ ଓ ଦର୍ଦୁର ଅଙ୍ଗ ସ୍ଥାନୀୟ, ବଲ୍ଲରୀ, ପଟହ ପ୍ରଭୃତି ପ୍ରତ୍ୟଙ୍ଗ ବା ଗୌଣ ବାଦ୍ୟ ଅଟନ୍ତି ।। ୧୬ ।। (ପଖାଉଜ, ତବଲାଜାତିର ବାଦ୍ୟ) ।

ଏହିପରି ବଂଶୀ ଅଙ୍ଗବାଦ୍ୟ ଅଟେ । ଶଙ୍ଖ ଓ ଡକ୍କିନୀ ପ୍ରତ୍ୟଙ୍ଗବାଦ୍ୟ ଅଟନ୍ତି ।। ୧୭ ।। (ଫୁଙ୍କିବଜାଇବା ବାଦ୍ୟ) ।

ଆନନ୍ଧ ଜାତୀୟ ବାଦ୍ୟର ବ୍ୟବହାର :

ଦଶ ରୂପକରେ ଦଶ ପ୍ରକାର ପ୍ରକଧାନ ନାଟକ ପରିବାରରେ ବ୍ୟବହାର କରାଯାଏ ନା ଏପରି ଯନ୍ତ୍ର ନାହିଁ । ନାଟ୍ୟର ରସ ଓ ଭାବର ପ୍ରୟୋଗକୁ ଦେଖି ବିଧାନ ଅନୁଯାୟୀ ପ୍ରୟୋଗ କରିବ ।। ୧୮ ।। ଉତ୍ସବ, ରାଜାଙ୍କ ଶୋଭାଯାତ୍ରା, ମାଙ୍ଗଳିକ ଅନୁଷ୍ଠାନ ମାନଙ୍କରେ ଶୁଭକଲ୍ୟାଣ ଯୋଗମାନଙ୍କରେ (ଜାଗର, ରଥ, ଦୋଳ ଇତ୍ୟାଦି ।) ବିବାହ ପ୍ରଭୃତି ଉତ୍ସବରେ, ପୁଅ ଏକୋଇଶାରେ, ସୈନିକମାନେ ଯୁଦ୍ଧଯାତ୍ରା କଲାବେଳେ, ଏହି ପରି ସମୟମାନଙ୍କରେ ସମସ୍ତ ଆତୋଦ୍ୟ (ମିଳିତବାଦ୍ୟ) ବଜାଯାଇଥାଏ ।। ୧୯/୨୦ ।।

Digitized by srujanika@gmail.com

ସ୍ୱଭାବ ଗୃହବାର୍ତ୍ତାୟା ମଳ୍ପଭାଣ୍ଡଂ ପ୍ରୟୋଜୟେତ୍ ।
ଉତ୍‌ଥାନ କାବ୍ୟ ବନ୍ଧେଷୁ ସର୍ବାତୋଦ୍ୟାନି ବାଦୟେତ୍ ॥ ୨୧ ॥
ଅଙ୍ଗାନାଂ ତୁ ସମତ୍ୱାର୍ଥଂ ଛିଦ୍ର ପ୍ରଚ୍ଛାଦନେ ତଥା ।
ବିପ୍ରାପ୍ତି ହେତୋଃ ଶୋଭାୟାଂ ଭାଣ୍ଡବାଦ୍ୟଂ ପ୍ରକାୟତେ ॥ ୨୨ ॥
ତତ୍ରାବନଦ୍ଧଂ ବକ୍ଷ୍ୟାମି ବିଧି ସ୍ୱର ସମୁତ୍‌ଥିତମ୍ ।
ନାନା କରଣ ସଂଯୁକ୍ତଂ ନାନାଜାତି ବିଭୂଷିତମ୍ ॥ ୨୩ ॥
ଯାବନ୍ତି ଚର୍ମନଦ୍ଧାନି ହ୍ୟାତୋଦ୍ୟାନି ଦ୍ୱିଜୋତ୍ତମାଃ !
ତାନି ତ୍ରିପୁଷ୍କରାଦ୍ୟାନି ତ୍ୱବନଦ୍ଧ ମିତି ସ୍ମୃତମ୍ ॥ ୨୪ ॥
ଏତେଷାଂ ତୁ ପୁନର୍ଭେଦାଃ ଶତସଂଖ୍ୟାଃ ପ୍ରକୀର୍ତ୍ତିତାଃ ।
କିଂତୁ ତ୍ରିପୁଷ୍କରସ୍ୟାତ୍ର ଲକ୍ଷଣଂ ପ୍ରୋଚ୍ୟତେ ମୟା ॥ ୨୫ ॥
ଶେଷାଣାଂ କର୍ମବାହୁଲ୍ୟଂ ଯସ୍ମାଦସ୍ମିନ୍ ନ ଦୃଶ୍ୟତେ ।
ନ ସ୍ୱରାସ୍ତତ୍ର ପ୍ରହାରାତ୍ ନାକ୍ଷରାଣି ନ ମାର୍ଜନା ॥ ୨୬ ॥
ଭେରୀ ପଟହ ଭଂଭାଭିଃ ତଥା ଦୁନ୍ଦୁଭିଡ଼ିଣ୍ଡିମୈଃ ।
ଶୈଥିଲ୍ୟାଦାୟତତ୍ୱାଚ୍ଚ ସ୍ୱରେ ଗାମ୍ଭୀର୍ଯ୍ୟ ମିଷ୍ୟତେ ॥ ୨୭ ॥

ସାଧାରଣ ଘରୋଇ କାର୍ଯ୍ୟରେ ଭାଣ୍ଡବାଦ୍ୟର ଅଳ୍ପ ପ୍ରୟୋଗ କରିବ । ଅଭିଯାନ ଓ ନାଟ୍ୟାନୁଷ୍ଠାନରେ ସମସ୍ତ ଆତୋଦ୍ୟ ବଜାଯିବ ॥ ୨୧ ॥

ଅନୁଷ୍ଠାନରେ ବିଭିନ୍ନ ଅଙ୍ଗର ସାମଞ୍ଜସ୍ୟ ପୂର୍ଣ୍ଣ ମିଶ୍ରଣ ଏବଂ ଦୋଷ ଆଚ୍ଛାଦନପାଇଁ ଉଜ୍ଜ୍ୱଳତା (ଜାକ୍ ଜମକ୍ ପାଇଁ) ତଥା ଶୋଭାବର୍ଦ୍ଧନ ପାଇଁ ଯନ୍ତ୍ର ସହକାରେ ସବୁଯନ୍ତ୍ର ବଜାଯିବ ॥ ୨୨ ॥

ଏବେ ନିୟମିତ ସ୍ୱର ସଂପାଦକ (ବହୁକରଣ ଓ ଜାତି ସମନ୍ୱିତ) ଅବନଦ୍ଧ ଯନ୍ତ୍ର ସମ୍ବନ୍ଧରେ କହିବି ॥ ୨୩ ॥

ତ୍ରିପୁଷ୍କର ପ୍ରଭୃତି ଚମଡ଼ା ଛପର ହୋଇଥିବା ବାଦ୍ୟଯନ୍ତ୍ର ଅଛି । ହେ ବିପ୍ରଶ୍ରେଷ୍ଠଗଣ, ସେମାନଙ୍କୁ ଅବନଦ୍ଧ (ବା ଆନଦ୍ଧ) ବୋଲି କୁହାଯାଏ ॥ ୨୪ ॥

ଏମାନଙ୍କର ଭେଦ ଶହେ ପ୍ରକାର । କିନ୍ତୁ ମୁଁ ତିନି ପୁଷ୍କରର ଲକ୍ଷଣ କହିବି । କାରଣ ଏହିଗୁଡ଼ିକରେ ଅବଶିଷ୍ଟ ଅନ୍ୟାନ୍ୟ ଯନ୍ତ୍ରର ଧ୍ୱନିପରି କର୍କଶ ଧ୍ୱନି ନାହିଁ । ଅନ୍ୟ (ଯାହା ତିନିରୁ ଅଧିକ) ଯନ୍ତ୍ରଗୁଡ଼ିକ ସ୍ପଷ୍ଟ ଧ୍ୱନି ଉତ୍ପାଦନ କରେ ନାହିଁ ।

ସେମାନଙ୍କ ପାଇଁ ଆଘାତ ନିୟମ ଅନାବଶ୍ୟକ । ସେଗୁଡ଼ିକରୁ କୌଣସି (ଗାନର)ସ୍ପଷ୍ଟ ଅକ୍ଷର ମିଳେ ନାହିଁ । ସେମାନଙ୍କର କୌଣସି ମାର୍ଜନା (ସଂସ୍କାର ବା ସଜଡ଼ା) ହୁଏ ନାହିଁ । ଭେରୀ ପଟହ ଭଂରା ଓ ଡିଣ୍ଡିମ ବାଦ୍ୟ ଦ୍ୱାରା ଶିଥିଳତା ଓ ପ୍ରଶସ୍ତତା ଯୋଗୁଁ ସ୍ୱରରେ ଗମ୍ଭୀରତା ଆଶା କରାଯାଏ ॥ ୨୭ ॥

Digitized by srujanika@gmail.com

ପ୍ରାୟଶସ୍ତାନି କାର୍ଯ୍ୟାଣି କାଳଂ କାର୍ଯ୍ୟଂ ସମୀକ୍ଷ୍ୟତୁ ।
କିନ୍ତୁ ତ୍ରିପୁଷ୍କରସ୍ୟାସ୍ୟ ଶ୍ରୂୟତାଂ ଯୋ ବିଧିଃ ସ୍ମୃତଃ ।। ୨୮ ।।
ବସ୍ତ୍ୱାତ୍ମକୋ ଭବେଚ୍ଛନ୍ଦଃ ସଚାପି ଦ୍ୱିବିଧଃ ସ୍ମୃତଃ ।
ସ୍ୱରବାଂଶ୍ଚୈବ ବିଜ୍ଞେୟଃ ତଥା ଚୈବାଭିଧାନବାନ୍ ।। ୨୯ ।।
ତତ୍ରାଭିଧାନବନ୍ନାମ ନାନାଭାବ ସମାଶ୍ରୟଃ ।
ସ୍ୱରବାଂ ଶ୍ଚୈବ ବିଜ୍ଞେୟୋ ନାନାବାଦ୍ୟସମାଶ୍ରୟଃ ।। ୩୦ ।।
ଶାରୀର୍ଯ୍ୟାମେବ ।ବୀଣାୟାଂ ସ୍ୱରା ଃକ ସପ୍ତ ପ୍ରକୀର୍ତ୍ତିତାଃ ।
ତେଭ୍ୟୋ ବିନିସୃତାଶ୍ଚୈବ ମାତୋଦ୍ୟେଷୁ ଦ୍ୱିଜୋତ୍ତମାଃ ।। ୩୧ ।।
ପୁର୍ବଂ ଶରୀର ସମ୍ଭୂତାଃ ସ୍ୱରା ଗଚ୍ଛନ୍ତି ଦାରବୀମ୍ ।
ତତଃ ପୁଷ୍କରଜଂ ଚୈବ ମନୁଯାନ୍ତି ଘନଂ ପୁନଃ ।। ୩୨ ।।
ଏଷାଂ ବାହ୍ଣାରଣୈ ର୍ଜ୍ଞେୟାଃ ପ୍ରହାରା ବଚନାଶ୍ରୟାଃ ।
ଯୁଦ୍ଧାଦିଷୁ ସଦା ଯୋଜ୍ୟା ବୀଣାନାଦ୍ୟେଷୁ ଯୋକ୍ତୃଭିଃ ।। ୩୩ ।।

ନାଟ୍ୟରେ କାଳ ଏବଂ କରଣୀୟତାକୁ ଲକ୍ଷ୍ୟକରି ସେହି ବାଦ୍ୟଗୁଡ଼ିକ ବ୍ୟବହାର କରିବ । କିନ୍ତୁ ଏହି ତ୍ରିପୁଷ୍କର ବାଦ୍ୟର ବିଧାନ ଏବେ ଶୁଣ ।। ୨୮ ।।

ଛନ୍ଦ କାବ୍ୟବସ୍ତୁ (ବିଷୟ) ଉପରେ ନିର୍ଭର କରେ । ତାହା ଦୁଇ ପ୍ରକାର । ସ୍ୱରବାନ୍, ଅଭିଧାନବାନ୍ ଅର୍ଥାତ୍ ସ୍ୱର ପ୍ରଧାନ ଓ ଅର୍ଥ ପ୍ରଧାନ ।। ୨୯ ।।

ତହିଁ ମଧ୍ୟରୁ ଅଭିଧାନବାନ୍ ବା ଅର୍ଥ ପ୍ରଧାନ ଛନ୍ଦଗୁଡ଼ିକ ବିବିଧ ଅବସ୍ଥା ଓ ରସ ତଥା ଭାବ ପ୍ରକାଶ କରେ । ସ୍ୱରବାନ୍ ବା ସ୍ୱର ପ୍ରଧାନ ଛନ୍ଦଗୁଡ଼ିକ ବାଦ୍ୟ ଯନ୍ତ୍ରର ସଂଗୀତ ଧାରା ଉପରେ ଭରସା କରେ ।। ୩୦ ।। ମାନବ କଣ୍ଠ ରୂପକ ବୀଣାରେ ସ୍ୱର ମସ୍ତକ (ସା-ପ୍ରଭୃତି ସାତ) ଅଛି ଓ ଜନ୍ମ ନିଏ । ତହିଁରୁ ବାଦ୍ୟଯନ୍ତ୍ରର ସ୍ୱର ଜନ୍ମ ନେଇଛି ବା ବାଦ୍ୟ ଯନ୍ତ୍ରକୁ ସ୍ୱର ଆସେ । ଅର୍ଥାତ୍ ଗୀତଟି କଣ୍ଠରେ ବୋଲା ହେବା ପରେ ବାଦ୍ୟ ଯନ୍ତ୍ର ତାକୁ ଅନୁସରଣ କରେ ।। ୩୧ ।।

ପ୍ରଥମେ ସ୍ୱର ଶରୀରରୁ (କଣ୍ଠରୁ) ଜନ୍ମ ଲାଭ କରି ବୀଣାକୁ ଯାଏ । ତାହାପରେ ଏହି ସ୍ୱରଗୁଡ଼ିକ ପୁଷ୍କର (ତବଲା ପ୍ରଭୃତି)କୁ ଓ ତତ୍ପରେ ଘନ (ତାଳ ମାପକ ଗିନି ଝାଞ୍ଜ) ଯନ୍ତ୍ରକୁ ଯାଏ ।। ୩୨ ।। ଏହି ଯନ୍ତ୍ରମାନଙ୍କର ବାହୁ ଉରଣ (ହାତ ଦ୍ୱାରା ବଜାଇବା) ପାଇଁ ଯେଉଁ ପ୍ରହାର କରାଯାଏ, ତାହା ବଚନ (ବୋ'ଲି) ଉପରେ ଭରସା କରେ । ପ୍ରୟୋଜକ ଯୁଦ୍ଧ ପ୍ରଭୃତି କ୍ଷେତ୍ରରେ ଏହି ବୋ'ଲକୁ ବୀଣା ଆଦି ବାଦ୍ୟରେ ପ୍ରୟୋଗ କରିବେ ।। ୩୩ ।।

Digitized by srujanika@gmail.com

ଶାରୀର୍ଯ୍ୟାମଥବୀଣାୟାଂ ଝିଣ୍ଟୁଂ ଜଗତି କାଦିତୀ ।
ଭବେଦ୍ ବାକ୍ କରଣଂତତ୍ର ନାନାକରଣ ସଂଯୁତମ୍ ॥ ୩୪ ॥
ଯଂଯଂ ଗାତା ସ୍ୱୟଂ ଗଛେଦ୍ ତମାତୋଦ୍ୟୈଃ ପ୍ରୟୋଜୟେଦ୍ ।
ଯତି ପାଣି ସମାଯୁକ୍ତଂ ଗୁରୁ ଲଘ୍ୱକ୍ଷରାନ୍ୱିତମ୍ ॥ ୩୫ ॥
ପୌଷ୍କରସ୍ୟ ତୁ ବାଦ୍ୟସ୍ୟ ମୃଦଙ୍ଗପଣବାଶ୍ରୟମ୍ ।
ବିଧାନଂ ତୁ ପ୍ରବକ୍ଷ୍ୟାମି ଦର୍ଦୁରସ୍ୟ ତଥୈବଚ ॥ ୩୬ ॥
ଷୋଡ଼ଶାକ୍ଷର ସମ୍ପନ୍ନଂ ଚତୁର୍ମାର୍ଗଂ ତଥୈବଚ ।
ବିଲେପନଂ ଷଟ୍‌କରଣଂ ତ୍ରିଯତି ତ୍ରିଲୟଂ ତଥା ॥ ୩୭ ॥
ତ୍ରିଗତଂ ତ୍ରିପ୍ରଚାରଂ ଚ ତ୍ରିଯୋଗଂ ଚ ତ୍ରିପାଣିକମ୍ ।
ଦଶାର୍ଧ ପାଣି ପ୍ରହତଂ ତ୍ରିପ୍ରହାରଂ ତ୍ରିମାର୍ଜନମ୍ ॥ ୩୮ ॥
ଅଷ୍ଟାଦଶ ଜାତୀଂ ଶ୍ଚୈବ ବିଂଶତି ପ୍ରକାରଂ ତଥା ।
ଏଭିଃ ପ୍ରକାରୈଃ ସମ୍ପନ୍ନଂ ବାଦ୍ୟଂ ପୁଷ୍କରଜଂ ଭବେଦ୍ ॥ ୩୯ ॥
ତତ୍ର ଷୋଡ଼ଶାକ୍ଷର ମିତି ଯଦ୍ ତଦନୁବ୍ୟାଖ୍ୟା ସ୍ୟାମଃ :-

କ, ଖ, ଗ, ଘ, ଟ, ଠ, ଡ଼, ଢ଼, ତ, ଥ, ଦ, ଧ, (ମ) ର, ଳ, ହା ଇତି ଷୋଡ଼କ୍ଷରାଣି ସ୍ମୃଃ ।

ପୁଷ୍କର ବାଦ୍ୟେ ନିତ୍ୟଂ ବାକ୍‌କରଣେ ସଂବିଧେୟାନି ॥ ୪୦ ॥

ମାନବ ଶରୀର ବୀଣାରେ ବହୁ କରଣ ସହିତ ଝୁଂ, ଝୁଂ, ଜଗତି, କାଦ୍, ପ୍ରଭୃତି ବାକ୍‌କରଣ (ବୋ'ଲ) ରହିଥାଏ ॥ ୩୪ ॥ ଗାୟକ ଯେଉଁ ଯେଉଁ ସ୍ୱରକୁ ଗାନ କରିବେ ବାଚକ ଆତୋଦ୍ୟ (ବାଦ୍ୟଯନ୍ତ୍ର)ମାନଙ୍କ ଦ୍ୱାରା ସେହି ସେହି ସ୍ୱରକୁ ପ୍ରୟୋଗ କରିବେ । ତହିଁରେ ଯତି ପାଣି ପ୍ରଦର୍ଶକ ଲଘୁଗୁରୁ ଅକ୍ଷର ଯଥାରୀତି ରହିବ ॥ ୩୫ ॥ ପୁଷ୍କରବାଦ୍ୟର ମୃଦଙ୍ଗ, ପଣବ ଓ ଦର୍ଦୁରରେ ବିଧାନମାନ କହିବି ॥ ୩୬ ॥ ପୁଷ୍କରଯନ୍ତ୍ର ଗୁଡ଼ିକରେ ପ୍ରୋକ୍ତ ବିଷୟ ରହେ । ଷୋହଳ ଅକ୍ଷର, ଚାରି ମାର୍ଗ, ବିଲେପନ, ଷଟ୍‌କରଣ, ତିନି ଯତି, ତିନି ଲୟ, ତିନି ଗତି, ତ୍ରିପ୍ରଚାର, ତ୍ରିଯୋଗ, ତ୍ରିପାଣି, ପଞ୍ଚପାଣି, ପ୍ରହତ, ତ୍ରିପ୍ରହାର, ତ୍ରିମାର୍ଜନା, ଅଷ୍ଟାଦଶ ଜାତି ଓ କୋଡ଼ିଏ ପ୍ରକାର ପୁଷ୍କର ସଂଗୀତରେ ଏହି ସବୁ ବିଷୟ ରହିବ । ୩୭-୩୯ ॥ ଏବେ ଷୋଡ଼ଶାକ୍ଷର କଥା ବୁଝାଇ କହିବା ।

କ, ଖ, ଗ, ଘ, ଟ, ଠ, ଡ଼, ତ, ଥ, ଦ, ଧ, ମ, ର, ଳ, ହ ଏଗୁଡ଼ିକ ସର୍ବଦା ପୁଷ୍କର ବାଦ୍ୟର ବାକ୍‌କରଣରେ ପ୍ରୟୋଗ କରାଯିବ ॥ ୪୦ ॥

Digitized by srujanika@gmail.com

ଚତୁର୍ମାର୍ଗଂ ନାମ - ଆଲିପ୍ତାଦ୍ଧିତ ଗୋମୁଖ ବିତସ୍ତା ଏତେ ଚତ୍ୱାରୋ ମାର୍ଗାଃ ।

ବିଲେପନଂ ନାମ - ବାମୋର୍ଦ୍ଧ୍ୱକ ପ୍ରଲେପାତ୍ ।

ଷଟ୍‌କରଣଂ ନାମ - ରୂପଂ କୃତପ୍ରତିକୃତଂ ପ୍ରତିଭେଦୋ ରୂପଶେଷମୋଘଃ ପ୍ରତିଶୁଷ୍କେତି ।

ତ୍ରିଯତି ନାମ - ଦ୍ରୁତ ମଧ୍ୟ ବିଲମ୍ବିତ ଯୋଗାତ୍ ।

ତ୍ରିଗତଂ ନାମ - ତତ୍ତ୍ୱଂ ଘନମୋଘଶ୍ଚେତି ।

ତ୍ରିପ୍ରଚାରଂ ନାମ - ସମପ୍ରଚାରଃ ବିଷମ ପ୍ରଚାରଃ ସମବିଷମ ପ୍ରଚାରଶ୍ଚେତି ।

ତ୍ରିସଂଯୋଗଂ ନାମ - ଗୁରୁ ସଂଯୋଗୋ ଲଘୁ ସଂଯୋଗୋ ଲଘୁଗୁରୁ ସଂଯୋଗଶ୍ଚେତି

ତ୍ରିପାଣିକଂ ନାମ - ସମପାଣିଃ ଅବରପାଣିଃ ଉପରିପାଣିଶ୍ଚେତି ।

ପଞ୍ଚପାଣି ପ୍ରହତଂ ନାମ - ସମପାଣି ଅର୍ଧସମପାଣିଃ ଅର୍ଧାର୍ଧସମପାଣିଃ ପାର୍ଶ୍ୱପାଣିଃ ପ୍ରାଦେଶିନୀଚ ଇତି ।

ତ୍ରି ପ୍ରହାରଂ ନାମ - ନିଗୃହୀତୋଽର୍ଧନିଗୃହୀତଃ ମୁକ୍ତଶ୍ଚେତି ।

ତ୍ରିମାର୍ଜନଂ ନାମ - ମାୟୂରୀ ଅର୍ଧମାୟୂରୀ କର୍ମାରବୀ ଚେତି ।

ଅଷ୍ଟାଦଶା ଜାତିକଂ ନାମ - ଶୁଦ୍ଧା ଏକରୂପା ଦେଶାନୁରୂପା ଦେଶାଦପେତରୂପା ପର୍ଯାୟଃ ବିଷ୍କମ୍ଭଃ ପର୍ଯନ୍ତା, ସଂରମ୍ଭଃ ପାର୍ଷ୍ଣିସମସ୍ତା ଦୁଷ୍କରକରଣା ଉର୍ଦ୍ଧ୍ୱଗୋଷ୍ଠିକା ଉଚିତିକା ଏବଂ ବାଦ୍ୟା ମୃଦଙ୍ଗପଣବା ଅବକୀର୍ଣ୍ଣା ଅର୍ଧାବକୀର୍ଣ୍ଣା ସଂପ୍ଲୁବା ବିଧୂତଂ ଚେତି ।

ଚତୁର୍ମାର୍ଗ - ଆଲିପ୍ତ, ଅଦ୍ଧିତ (ଅଙ୍କିତ) ଗୋମୁଖ ବିତସ୍ତ ଏହି ଚାରିଟି ମାର୍ଗ ।

ବିଲେପନ - ବାମ ଓ ଉର୍ଦ୍ଧ୍ୱକର ଆସ୍ତରଣ ।

ଷଟ୍‌କରଣ - ରୂପ, କୃତ ପ୍ରତିକୃତ, ପ୍ରତିଭେଦ, ରୂପଶେଷ, ଓଘ ଓ ପ୍ରତିଶୁଷ୍କ ।

ତ୍ରିଯତି - ସମା, ସ୍ରୋତୋଗତା, ଗୋପୁଚ୍ଛା

ତ୍ରିଲୟ - ଦ୍ରୁତ, ମଧ୍ୟ, ବିଳମ୍ବିତ ।

ତ୍ରିଗତି - (ପ୍ରକୃତି) - ତତ୍ତ୍ୱ, ଘନ (=ଅନୁଗତ) ଓ ଓଘ ।

ତ୍ରିପ୍ରଚାର - ସମ, ବିଷମ ଓ ସମବିଷମ ।

ତ୍ରି ସଂଯୋଗ- ଗୁରୁ, ଲଘୁ ଓ ଗୁରୁ ଲଘୁ ସଂଯୋଗ ।

ତ୍ରିପାଣି- ସମପାଣି, ଅବରପାଣି ଓ ଉପରିପାଣି ।

ପଞ୍ଚପାଣି ପ୍ରହତ - ସମପାଣି, ଅର୍ଧସମପାଣି, ଅର୍ଧାର୍ଧ ସମପାଣି, ପାର୍ଶ୍ୱପାଣି ଓ ପ୍ରଦେଶିନୀ ।

ତ୍ରିପ୍ରହାର - ସଂଯତ, ଅର୍ଧସଂଯତ ଓ ମୁକ୍ତ ।

Digitized by srujanika@gmail.com

ବିଂଶତିପ୍ରକାରଂ ନାମ - ଚିତ୍ରଃ, ସମଃ, ବିଭକ୍ତଃ, ଛିନ୍ନଃ, ଛିନ୍ନବିଦ୍ଧଃ, ବିଦ୍ଧଃ, ଅନୁବିଦ୍ଧଃ, ସ୍ୱରୂପାନୁଗତଃ, ଅନୁସୃତଃ, ବିଚ୍ୟୁତଃ, ଦ୍ରୁର୍ଗଃ, ଅବକୀର୍ଣ୍ଣଃ, ଅର୍ଧବିକୀର୍ଣ୍ଣଃ, ଏକରୂପଃ, ପରିକ୍ଷିପ୍ତଃ, ସାଚୀକୃତଃ, ସମଲେଖଃ, ଚିତ୍ରଲେଖଃ, ସର୍ବସମବାୟଃ, ଦୃଢ଼ଶ୍ଚେତି ॥

ଅଭିବ୍ୟକ୍ତାମି ପୂର୍ବଂ ଯାନ୍ୟେତାନି ଷୋଡ଼ଶାଦ୍ୟାନି ।
ତାନ୍ୟକ୍ଷରାଣି ଜାନୀତ ପୁଷ୍କରେଷୁ ଯଥାକ୍ରମମ୍ ।
ପଣବେ ଦର୍ଦ୍ଦୁରେ ଚୈବ ମୃଦଙ୍ଗେଷୁ ତଥୈବଚ ॥ ୪୧ ॥
କଟରତ ଠଦ୍ ଧାସ୍ତୁ ଦକ୍ଷିଣ ମୁଖେତ୍ର ଗହଥାଶ୍ଚ ବାମକେ ନିପାତାଃ ।
ଥକାର ଶ୍ଚୈବୋର୍ଦ୍ଧ୍ୱକେ କରଣ ଧବଳାଶ୍ଚ ସ୍ତ୍ୟ ରାଲିଙ୍ଗ୍ୟେ ॥ ୪୨ ॥

ଏତେଷାମକ୍ଷରାଣାଂ ସ୍ୱରସଂଯୋଗଂ ଚ ବ୍ୟାଖ୍ୟାସ୍ୟାମଃ-ତତ୍ର ଅ,ଆ,ଇ,ଈ, ଉଊ, ଏ, ଐ, ଓ, ଔ, ଅଂ, ଅଃ ଇତି ସ୍ୱରାଃ ବ୍ୟଞ୍ଜନୈଃସହ ସଂଯୋଗଂ ଗଚ୍ଛନ୍ତି । ତତ୍ର ଅକାରେକାରୋ କାରୈ କାରୌକାରାଂକାରାଃ କକାରେ ଯଥା- କ କିକୁ କେକୋ କମ୍ ଇତି ।

ଇକାରୈକାରୌକାରା ଖକାରେ ଯଥା-ଖି,ଖୁ,ଖୋଇତି ।

ଉକାରୈକାରୌକାରା ଗକାରେ ଯଥା-ଗୁଗେ ଗୋ ଇତି ।

ତ୍ରିମାର୍ଜ୍ଜନା - ମାୟୂରୀ, ଅର୍ଧମାୟୂରୀ ଓ କର୍ମାରବୀ ।

ଅଷ୍ଟାଦଶ ଜାତି - ଶୁଦ୍ଧା, ଏକରୂପା, ଦେଶାନୁରୂପା, ଦେଶାଦକ୍ଷେତ ରୂପା, ପର୍ଯ୍ୟାୟ, ବିଷ୍କମ୍ଭ, ପାର୍ଷ୍ଣିସମସ୍ତା ଦୁଷ୍କରକରଣା, ଊର୍ଦ୍ଧ୍ୱଗୋଷ୍ଠିକା, ଏବଂବାଦ୍ୟା, ମୃଦଙ୍ଗପଣବ, ଅବକୀର୍ଣ୍ଣା, ଅର୍ଧାବକୀର୍ଣ୍ଣା, ସଂପ୍ଲବା ଓ ବିଧୂତା ।

ବିଂଶତି ପ୍ରକାର - ଚିତ୍ର, ସମ, ବିଭକ୍ତ, ଛିନ୍ନ, ଛିନ୍ନବିଦ୍ଧ, ବିଦ୍ଧ, ଅନୁବିଦ୍ଧ, ସ୍ୱରୂପାନୁଗତ, ଅନୁସୃତ ବିଚ୍ୟୁତ୍ର ଦୁର୍ଗ, ଅବକୀର୍ଣ୍ଣ, ଅର୍ଧବିକୀର୍ଣ୍ଣ, ଏକରୂପ, ପରିକ୍ଷିପ୍ତ, ସାଚୀକୃତ, ସମଲେଖ, ଚିତ୍ରଲେଖ, ସର୍ବସମବାୟ ଓ ଦୃଢ଼ ।

ପୂର୍ବରୁ ଯେଉଁ ଷୋହଳଟି ଅକ୍ଷର ଧ୍ୱନି କଥା କୁହାଯାଇଅଛି, ସେଗୁଡ଼ିକ ପଣବ ଦର୍ଦ୍ଦୁର ଓ ମୃଦଙ୍ଗ ପ୍ରଭୃତି ପୁଷ୍କରରେ ପ୍ରୟୋଗ କରାଯିବ ॥ ୪୧ ॥

ଆନଦ୍ଧ ବାଦ୍ୟରେ ବ୍ୟଞ୍ଜନ ଓ ସ୍ୱରବର୍ଣ୍ଣ ଉତ୍ପାଦନ:---

କ, ଟ, ର, ତ, ଠ, ଦ, ଧ ଏହିଗୁଡ଼ିକ ମୃଦଙ୍ଗ ଜାତୀୟ ବାଦ୍ୟର ଦକ୍ଷିଣ ମୁଖରେ ଏବଂ ଗ, ହ, ଥ ବାମ ମୁଖରେ ଥକାର ଊର୍ଦ୍ଧ୍ୱକରେ, କ, ର, ଣ, ଧ, ବ, ଳ, ଆଲିଙ୍ଗ୍ୟରେ ଉତ୍ପାଦିତ ହେବ ॥ ୪୨ ॥

Digitized by srujanika@gmail.com

ଅକାରୈକାରୌକାରା ପକାରେ: ଘ,ଘେ, ଘୋ ଇତି ।

ଅକାରେକାରୌକାରାଂକାରାଃ ଟକାରେ ଯଥା:-ଟ ଟି ଟୋ ଟଂ ଇତି ।

ଅକାରେ କାରୌ କାରାଂକାରାଃ ଠକାରେ ଯଥା- ଠ ଠି ଠୋ ଠଂ ଇତି ।

ଅକାରୌକାରୌ ଡକାରେ ଯଥା: ଡ ଡୋ ଇତି ।

ଅକାରେକାରୈକାରା ଣକାରେ ଯଥା-ଣ ଣି ଣେ ଇତି ।

ଅକାରାକାରେକାରୈକାରା ସ୍ତକାରଥକାରୟୋଃ ଯଥା: ତ, ତା, ତି, ତେ, ଥ, ଥା,ଥି, ଥେ ଇତି,

ଅକାରୋକାରୈକାରୌକାରା ଦକାରେ ଯଥା-ଦ, ଦୁ, ଦେ, ଦୋ ଇତି ।

ଅକାରେକାରୌକାରାଂକାରା ଧକାରେ ଯଥା: ଧ ଧି ଧୋ ଧଂ ଇତି ।

ଅକାରାକାରେକାରୈକାରା ରେଫେ ଯଥା: ର, ରା, ରି, ରେ ଇତି ।

ଅକାରାକାରେକାରୈକାରା ଲକାରେ ଯଥା: ଲ, ଲା, ଲି, ଲେ, ଇତି ।

ହ କାର ମକାରୌ ଶୁଦ୍ଧୌ ।

ଏବେ ସେମାନଙ୍କ ସହିତ ସ୍ୱର ମିଳନ ସମ୍ବନ୍ଧରେ କୁହାଯାଉଛି । ସେହି ପ୍ରସଙ୍ଗରେ ଅ, ଆ, ଇ, ଈ, ଉ, ଊ, ଏ, ଐ, ଓ, ଔ, ଖଂ, ଅଃ, ଏହିସ୍ୱର ଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣ ସହିତ ଯୋଗ ହୁଅନ୍ତି । ତନ୍ମଧ୍ୟରେ 'କ' ସହିତ ଅ, ଇ, ଉ, ଏ, ଓ, ଅଂ ଯୋଗରେ- କ, କି, କୁ, କେ, କୋ, କଂ, ଉତ୍ପନ୍ନ ହୁଏ । 'ଖ'ରେ ଇ, ଉ, ଓ ଯୋଗରେ ଖି, ଖୁ, ଖୋ ହୁଏ । ଉକାର ଏକାର ଓକାର ଯୋଗରେ 'ଗ'ରୁ ଗୁ, ଗେ, ଗୋ, ଉତ୍ପନ୍ନ ହୋଇଥାଏ ।

ସ୍ୱରଯୋଗ ହେଲେ ବ୍ୟଞ୍ଜନବର୍ଣ୍ଣମାନଙ୍କର ରୂପ ଉପର ସଂସ୍କୃତରେ ଦେଖନ୍ତୁ ଲ ଲା ଲି ଲେ ପର୍ଯ୍ୟନ୍ତ । ହ ଓ ମ ଏହି ଅକ୍ଷର ଦୁଇଟି ଶୁଦ୍ଧ ରହିବ । ତନ୍ମଧ୍ୟରେ କ ଘ ତ ଥ ଧ ରେ ରେଫ ଯୋଗ କଲେ କ୍ର ଘ୍ର ତ୍ର ଥ୍ର ଧ୍ର ହୁଏ । 'କ'ରେ ଲ ଯୋଗ କଲେ କ୍ଳ କ୍ଳଂ ହୁଏ । ଏହି ଆକାରରେ ଏହି ସଂଯୋଗରେ ଅକ୍ଷର ଗୁଡ଼ିକ ଦୁଇହାତ ସଂଯୋଗରେ (ବାଦ୍ୟଯନ୍ତ୍ରମାନଙ୍କରୁ) ହୁଅନ୍ତି । ଧଂ କିନ୍ତୁ ଦୁଇ ହାତର ଏକ କାଳିକ ଆଘାତ ଦ୍ୱାରା ଅଙ୍କିକା ମୃଦଙ୍ଗ ଏବଂ ଦୁଇ ପୁଷ୍କର ବାଦ୍ୟରେ ଉତ୍ପାଦିତ ହୁଏ । ଏହି ଯନ୍ତ୍ରମାନଙ୍କ ମୁଖରେ ଆଙ୍ଗୁଳି ଘର୍ଷଣ ଦ୍ୱାରା 'କୁ' ଉତ୍ପାଦିତ ହୁଏ । ଏହାକୁ ସଂଯତ କଲେ 'ଧ' ହୁଏ । ଏହା ଅର୍ଦ୍ଧ ନିୟନ୍ତ୍ରିତ ହେଲେ 'ଥ' ହୁଏ । ହାତର ପାର୍ଷ୍ଣିଭାଗ (କଡ଼ପଟିଆ) ଆଘାତ କଲେ 'କ୍ଳ' ଜାତ ହୁଏ । ଅଙ୍ଗୁଳି ବକ୍ର କରି ଆଘାତ କଲେ କ୍ଷ ଆସେ । ଦୁଇ ହାତରେ ଏକ ସମୟରେ ଊର୍ଦ୍ଧ୍ୱକ ଓ ବାମକ ଆଘାତ ଦ୍ୱାରା ହଂ ହୁଏ । ତର୍ଜନୀର ଆଲିଙ୍ଗ୍ୟ ଆଘାତ ଦ୍ୱାରା 'କ୍ଳେ' ଶୁଣାଯାଇଥାଏ । କେତେକ ଧ୍ୱନି ବା ନାଦ ବାଦ୍ୟର ଗୋଟିଏ ମୁଖରୁ ଜନ୍ମ ଲାଭ କରନ୍ତି । କେତେକ ଦୁଇ ମୁଖରୁ ଏବଂ କେତେକ (ଦୁଇଟି ବାଦ୍ୟ ଯନ୍ତ୍ରର)

Digitized by srujanika@gmail.com

ତତ୍ର କକାର ଘକାର ତକାର ଧକାର ଥକାରାଣାଂ ରେଫୋଽନୁବନ୍ଧଃ ଯଥା:-

କ୍ର ଘ୍ର ତ୍ର ଥ୍ର ଧ୍ର ଇତି ।

କବାରସ୍ୟ ଲକାରାନୁବନ୍ଧୋ ଯଥା: କ୍ଲଂ କ୍ଲେ । ଇତି,

ଏବମେତୈଃ ସଂଯୋଗୈ ଦ୍ୱିହସ୍ତ ସଂଯୁକ୍ତାନ୍ୟକ୍ଷରାଣି ଭବନ୍ତି । ତତ୍ର ଆଙ୍କିକେ ମୃଦଙ୍ଗେ ଦ୍ୱିପୁଷ୍କରେ ସମହସ୍ତ ନିପାତାଦ୍ ଧଂକାରଃ । ତତ୍ର ଅଙ୍ଗୁଳିଚାଳନାଦ୍ କୁକାରଃ । ତତ୍ରୈବ ଅବଷ୍ଟମ୍ଭାଦ୍ ଯ (ଧ)କାରଃ । ତତ୍ରୈବ ଅର୍ଧନିଗୃହୀତଃ ଥକାରଃ । ତତ୍ରୈବ ପାର୍ଷ୍ଣିପୀଡ଼ିତଃ କ୍ଲକାରଃ । ତତ୍ରୈବ ଅଙ୍ଗୁଳି କୁଞ୍ଚନାଦ୍ କ୍ଷ (ଖ) କାରଃ । ଊର୍ଦ୍ଧ୍ୱବାମକୟୋଃ ସମହସ୍ତ ନିପାତାଦ୍ ହିଂକାରଃ ପ୍ରଦେଶିନ୍ୟା ବାଲିଙ୍ଗ୍ୟେ କ୍ଲେକାରଃ । କେଚିଦେକବକ୍ତ୍ରଜଂ କେଚିଦ୍ ତ୍ରିବକ୍ତ୍ରଜଂ କେଚିନ୍ନିର୍ବକ୍ତ୍ରଜମ୍ ଇତି ଯଥାରେଫଃ ସର୍ବବକ୍ତ୍ରେଷୁ ଦକାରଧକାରା ବାଲିଙ୍ଗ୍ୟ ବାମକେ ଆଲିଙ୍ଗ୍ୟ ଦକ୍ଷିଣେ ମକାରଃ ବାମୋର୍ଦ୍ଧ୍ୱକେ ଗକାରଃ କ୍ୱଚିଦାଲିଙ୍ଗ୍ୟେଽପି ଲାଘବାର୍ଥଂ ଧକାରଃ କର୍ତ୍ତବ୍ୟଃ । ଏବଂ ତତ୍ର ପ୍ରତିଷେଧୋ ନ କାର୍ଯ୍ୟଇତି ଉକ୍ତଃ ସ୍ୱରବ୍ୟଞ୍ଜନ ସଂଯୋଗଃ ।

ପଞ୍ଚପାଣି ପ୍ରହତମିତି ଯଦୁକ୍ତମ୍- ସମପାଣି ରର୍ଧପାଣି ରର୍ଧାର୍ଧ ପାଣିଃ ପାର୍ଶ୍ୱପାଣିଃ ପ୍ରଦେଶିନୀ ଚେଲି । ତଏତେ ଚ ପାର୍ଶ୍ୱର୍ଧ ପାଣି ପ୍ରହତା ନିଗୃହୀ ତାର୍ଥାର୍ଧ ନିଗୃହୀତା ଦ୍ୱିହସ୍ତ ପ୍ରହତା ମୁକ୍ତା ଯଥା ଯୋଗଂ କାର୍ଯା ଭବନ୍ତି । ତତ୍ର ସମପାଣି ପ୍ରହତୋ ମକାରଃ ସ ନିଗୃହୀତଃ ।

ତିନି ମୁଖରୁ । ଯେପରି ଯେକୌଣସି ମୁଖରୁ 'ର' ହୁଏ । 'ଦ' 'ଧ' ଆଲିଙ୍ଗ୍ୟ ବାମରେ, ଆଲିଙ୍ଗ୍ୟ ଦକ୍ଷିଣରେ ମକାର, ବାମ ଊର୍ଦ୍ଧ୍ୱରେ 'ଗ' କେତେକ ସ୍ଥଳରେ ଆଲିଙ୍ଗ୍ୟରେ ହାଲୁକା ପାଇଁ ଧକାର କରାଯାଏ । ଏହିପରି ଭାବରେ ଥିବା ନିୟମର କୌଣସି ବ୍ୟତିକ୍ରମ ହେବା ଉଚିତ ନୁହେଁ । ସ୍ୱର ବ୍ୟଞ୍ଜନ ସଂଯୋଗ ବିଷୟ ଏ ପର୍ଯ୍ୟନ୍ତ କୁହାଗଲା ।

ପଞ୍ଚହସ୍ତାଘାତ : -

ପାଣି ପ୍ରହତ ବା ହସ୍ତାଘାତ ପଞ୍ଚବିଧ । ସମପାଣି ଅର୍ଦ୍ଧପାଣି, ଅର୍ଦ୍ଧାର୍ଧପାଣି, ପାର୍ଶ୍ୱପାଣି ଓ ପ୍ରଦେଶିନୀ । ଏହି ହସ୍ତାଘାତ ଗୁଡ଼ିକ ପ୍ରୟୋଗ ଅନୁସାରେ ନିୟନ୍ତ୍ରିତ ଅର୍ଦ୍ଧନିୟନ୍ତ୍ରିତ ଓ ମୁକ୍ତ ହୋଇଥାଏ । ଏମାନଙ୍କ ମଧ୍ୟରୁ ମ ସମପାଣିର ପ୍ରହତ ଓ ନିୟନ୍ତ୍ରିତ । ଦ୍ ଥ୍, ହ୍, ଅର୍ଦ୍ଧାର୍ଦ୍ଧ ପାଣି ପ୍ରହତ ଓ ଅର୍ଦ୍ଧ ନିୟନ୍ତ୍ରିତ ମ୍, ଠ୍, ଣ୍, ର୍, ଲ୍, ହ୍, ଏହି ବର୍ଣ୍ଣଗୁଡ଼ିକ ଦ୍ୱିହସ୍ତ ପ୍ରହତ ଏବଂ ମୁକ୍ତ । କ୍ଲ ତର୍ଜନି ପ୍ରହତ ଓ ମୁକ୍ତ । ଦ୍ରଂ, ଧ୍ରଂ, କ୍ଲଂ, ଏଗୁଡ଼ିକ ଦ୍ୱିହସ୍ତ ପ୍ରହତ ଏବଂ ପାର୍ଶ୍ୱ ପାଣି ପ୍ରହତ ଓ ମୁକ୍ତ । କ୍ଲେଂ ଅର୍ଦ୍ଧପାଣି ପ୍ରହତ ଓ ନିୟନ୍ତ୍ରିତ । ପାର୍ଶ୍ୱପାଣି ପ୍ରହତ ଓ ନିୟନ୍ତ୍ରିତ X କାର । ପ୍ରୟୋଜନ ଅନୁଯାୟୀ ଏହିପରି ଆଘାତ କରାଯିବ ।

Digitized by srujanika@gmail.com

ଗକାର ଦକାର ଧକାରା ଅକ୍ଷରାର୍ଧ ନିଗୃହୀତା ଅର୍ଧପାଣି ପ୍ରହତାଶ୍ଚ । କକାର ପକାର ଟକାର ଡକାରାଃ ପାର୍ଶ୍ୱପାଣି ପ୍ରହତା ନିଗୃହୀତାଶ୍ଚ । ଡକାର ଥକାର ହକାରାଃ ଅର୍ଧାର୍ଧପାଣି ପ୍ରହତା ଅର୍ଧ ନିଗୃହୀତାଶ୍ଚ । ମକାର ଠକାର ଶକାର ରେଫ୍ ଲକାର ହକାରା ଦ୍ୱିହସ୍ତ ପ୍ରହଣ ମୁକ୍ତାଃ । ପ୍ରାଦେଶିନୀ ପ୍ରହତୋ ମୁକ୍ତଃ କ୍ଲଂକାରଃ । ପାର୍ଶ୍ୱପାଣି ଦ୍ୱିହସ୍ତ ପ୍ରହତା ମୁକ୍ତା ଅପି ଦ୍ରଂ ଧ୍ରଂ କ୍ଲେଂକାରାଃ । ତତ୍ର ଚ କ୍ଲେଂକାରା ଅର୍ଧପାଣି ପ୍ରହତା ନିଗୃହୀତାଶ୍ଚ, ପାର୍ଶ୍ୱପାଣି ପ୍ରହତୋ ନିଗୃହୀଶ୍ଚ ଗ କାରଃ । ଏବମେତେଷ୍ୱକ୍ଷରେଷୁ ପ୍ରୟୋଗବଶେନ କାର୍ଯ୍ୟାଃ ପ୍ରହାରାଃ ।।

ଷୋଡ଼ଶୈବ ତୁ ଦୃଷ୍ଟାନି ବାଦ୍ୟଜାନ୍ୟକ୍ଷରାଣିତୁ ।
ଅନେନୈବ ତୁ ଯୋଗେନ ଯୋଜ୍ୟଂ ବାକ୍‌କରଣଂ ବୁଧୈଃ ।। ୪୩ ।।
ଚତୁର୍ମାର୍ଗମିତି ଯଦୁକ୍ତଂ ତଦନୁବ୍ୟାଖ୍ୟାସ୍ୟାମଃ ।
ଅଡ୍‌ଡ଼ିତାଲିପ୍ତମାର୍ଗୌ ତୁ ବିତସ୍ତୋ ଗୋମୁଖସ୍ତଥା ।
ମାର୍ଗାଶ୍ଚତ୍ୱାର ଏବୈତେ ପ୍ରହାରକରଣାଶ୍ରୟାଃ ।। ୪୪ ।।

ତତ୍ରାଲିଙ୍ଗ୍ୟ ମୃଦଙ୍ଗ ପ୍ରହାରଯୁକ୍ତୋଽଦ୍‌ଡ଼ିତୋ ମାର୍ଗଃ । ବାମୋର୍ଦ୍ଧ୍ୱକ ପ୍ରହାରଯୁକ୍ତ ସ୍ତ୍ୱାଲିପ୍ତମାର୍ଗଃ । ଉର୍ଦ୍ଧ୍ୱାଙ୍କିକ ଦକ୍ଷିଣମୁଖଃ କ୍ଷିପ୍ତହସ୍ତ ପ୍ରହତୋ ବିତସ୍ତୋମାର୍ଗଃ । ଆଲିଙ୍ଗ୍ୟକରଣ ବହୁଳଃ ସର୍ବପୁଷ୍କର ପ୍ରହତୋ ଗୋମୁଖମାର୍ଗଃ ଇତି । ତତ୍ର ଅଡ୍‌ଡ଼ିତ ପ୍ରହାରକୋ ଯଥା:- ଘଟ୍ଟଂ କଦ୍‌ଥିତ ଘଟ୍ଟଂ ଘେଂଟା ଘଟ୍ଟଂ ଗଦ୍‌ଥିମଂ ଗଦ୍‌ଥି ଘଂଟାଂ ଗଦ୍‌ଥିଦ୍‌ଥେ ଇତି ଅଡ୍‌ଡ଼ିତୋ ମାର୍ଗଃ ।

ଅବନଦ୍ଧ ଯନ୍ତ୍ରରୁ ଜାତ ଧ୍ୱନି ଷୋହଳଟି । ସେମାନଙ୍କ ମିଶ୍ରଣରୁ ସଙ୍ଗୀତଜ୍ଞମାନେ ବାକ୍ କରଣ କରିବେ ।। ୪୩ ।।

ଚତୁମାର୍ଗ ବୋଲି ଯାହା କୁହାଯାଇଛି ସେ ବିଷୟ ବୁଝାଉଛି । ଅବନଦ୍ଧ ଯନ୍ତ୍ର ସଂକ୍ରାନ୍ତୀୟ ମାର୍ଗ ଚାରୋଟି ହେଲା:- ଅଡ଼ଡ଼ୀତ, ଆଲିପ୍ତ, ବିତସ୍ତ ଓ ଗୋମୁଖ ।। ୪୪ ।।

ଆଲିଙ୍ଗ୍ୟ ଓ ମୃଦଙ୍ଗର ମିଳିତ ଆଘାତ ସହିତ ଅଡ଼ଡ଼ୀତ ମାର୍ଗ ସଂଶ୍ଳିଷ୍ଟ । ଆଲିପ୍ତ ମାର୍ଗ ବାମକ ଓ ଉର୍ଦ୍ଧ୍ୱକର ଆଘାତର ମିଳନ ସହିତ ସଂପୃକ୍ତ । ବିତସ୍ତ ମାର୍ଗ ଉର୍ଦ୍ଧ୍ୱକର ଆଘାତ ଓ ଆଙ୍କିକର ଦକ୍ଷିଣ ମୁଖର ମିଳନ ସହିତ ଯୁକ୍ତ । ସମସ୍ତ ପୁଷ୍କରର ଆଘାତ ସହିତ ଆଲିଙ୍ଗ୍ୟର ଅଧିକାଂଶ ଆଘାତର ସମିଶ୍ରଣ ଯୁକ୍ତ ଗୋମୁଖ ମାର୍ଗ । ଅଡ଼ଡ଼ିତ ମାର୍ଗ ଆଘାତର ଉଦାହରଣ ଘଟ୍ଟଂ, କଥିତ, ଘଟ୍ଟଂ, ଘେଣ୍ଟା, ଘଟ୍ଟଂ, ଗଦ୍‌ଥିମଂ, ଗଦ୍‌ଥିଘଣ୍ଟଂ, ଗଦ୍‌ଥିଦ୍‌ଥେ ।

Digitized by srujanika@gmail.com

ଇଦାନୀ ମାଲିପ୍ତମାର୍ଗଃ-ଦଧ୍ରୋ ମାମାଦ୍ରୋମଂସ୍ତ ଦୁର୍ପେ(ଘ୍ରଂ) ଘ୍ରେଂ ଗ୍ନଦଣ୍

ରଣନ୍ଦୁଂ ଘେଂ ଘ୍ରେଂ (ଘ୍ର) ଦ୍ରୁଂ ଘେଂ ଦ୍ରେ ମାଂ ଆଲିପ୍ତମାର୍ଗବାଦ୍ୟଂ ବିଜ୍ଞେୟଂ ବାଦକୈରେବମ୍ । ଇଦାନୀଂ ବିତସ୍ତମାର୍ଗଃ-ତକିତାନ୍ ତଳିତାନ୍ ସେନ୍ତାଂ କିଂ ନାନାଦ୍ ଘିସଂକେତା ଇଦୁହୃଦୁ କେତାଂ ଇତି ବିତସ୍ତେ ସ୍ୟାଦ୍ ।

ଇଦାନୀଂ ଗୋମୁଖମାର୍ଗଃ-ଗୁଦ୍ଧକ୍ଲଦ୍ଧଂ ମଥିକଟା ଘଂଘେନ ଛିଦୁଖୁ ଖୁଣୋଗଗଟଦ୍‌ଥିମଟମ୍ । ଇତି ଗୋମୁଖମାର୍ଗଃ ।

ଅଙ୍ଗୁଳି ପ୍ରଚଳନାଦ୍ ବର୍ତିତୋ ହକାରୋ ମୁକ୍ତଶ୍ଚ । ସଏବ ସ୍ୱସ୍ତିକେନୋର୍ଦ୍ଧ୍ୱାଂକିକୟୋଃ ଅର୍ଧ ନିଗୃହୀତଃ । ତୟୋରେବଂ ସମହସ୍ତଦର୍ଶନାଦ୍ ।

ଆଙ୍ଗୁଳି ପ୍ରଚଳନାଦ୍ ହକାରୋ ମୁକ୍ତ ଇତି ଧିଦ୍‌ଥ ତିଦ୍‌ଥ ଡ଼ିଦ୍‌ଥ କିତା ଖଦେଦ୍ ଖଦେଦ୍ ଗୁଘୁଂ ଦୁଲେଣ୍ଟା ଝଭି ତିଦ୍‌ଥନ ଧିତ୍ତାନ୍ ହୁବଘେ ବିଧାତବ୍ୟଃ । ଏବଂ ବିତସ୍ତେ ମାର୍ଗେ ଗଣେ ଲମରବିର୍ଜିତ ପ୍ରହାରାଃ ସ୍ୟୁଃ । ଉର୍ଦ୍ଧ୍ୱମାର୍ଗେଣ ବିଶେଷାଃକାର୍ଯ୍ୟାସ୍ତୁ ଗୋମୁଖ୍ୟା ଘଟ ମଦ୍‌ଥିଘଛଘଣ୍ଟାଘୁରଖେଚ୍ଛଂ ଖତମାଂ (ବୁଦୁ)ଣ କିତି କିରି କିଟି ମାଂ ଖୁଖୁଣୁ ଦ୍ଧେ ଧେ, ଧୋ, ଧୋ ବିଧାତବ୍ୟା ।

ଏବେ ଆଲିପ୍ତ ମାର୍ଗ:- ଦଧ୍ରୋ ଯା ମାଦ୍ରୋ ମଂସ୍ତୁ ଦୁର୍ଗ୍ରେ ଘ୍ରଂ, ଘ୍ନେଂ, ଗ୍ନ ଦଣ (ଗୁ) ରଣନ୍ଦୁଂଘେଂ ପ୍ରେଂ (ଘ୍ର) ବ୍ରୁଂ ଘେଂ ଦ୍ରୋ ମାଂ ଏଗୁଡ଼ିକ ଆଳିପ୍ତ ମାର୍ଗର ଆଘାତ ।

ବିତସ୍ତ ମାର୍ଗ : ତକିତାନ୍ ତକିତାନ୍ ସେନ୍ତାଂ କିଂ ନାନାଦ୍ ଘି ସଙ୍କେତା ଇଦୁହୃଦୁ କେତାଂ ଏହିସବୁ ବିତସ୍ତ ମାର୍ଗର ଆଘାତ ।

ଗୋମୁଖ ମାର୍ଗ : ଶୁଦ୍ଧ, କ୍ଲଦ୍ଧଂ, ମଥିକଟା, ଘଂ ଘେନ ଛି ଦୁ ଖୁ ଖୁଣୋ ଗଗଟ୍‌ତଦ୍‌ଥି ମଟମ୍ ଏହି ସବୁ ଗୋମୁଖ ମାର୍ଗର ଆଘାତ ।

'ହ' ଆଙ୍ଗୁଳି ପୀଡ଼ନ ଦ୍ୱାରା ଉତ୍ପନ୍ନ ହୁଏ । ଏହା ମୁକ୍ତ ଆଘାତ ଏହା ପାଇଁ ଆଙ୍ଗୁଳିଗୁଡ଼ିକ କୃଷାକୃତି ହେବାକୁ ପଡ଼ିବ । ଏହା ଉର୍ଦ୍ଧ୍ୱକ ଓ ଆଙ୍କିକରେ ଅର୍ଦ୍ଧ ନିୟନ୍ତ୍ରିତ । କାରଣ ଏହି ଦୁଇଟି ଉପରେ ସମପାଣି ପ୍ରଯୁକ୍ତ ହୁଏ । 'ହ' ଉତ୍ପନ୍ନ ହୁଏ ଆଙ୍ଗୁଳି ପୀଡ଼ନଦ୍ୱାରା ଏବଂ ଏହା ଯୁକ୍ତ ପ୍ରହାର । ଗୋମୁଖ ମାର୍ଗରେ ନିମ୍ନଲିଖିତ ପ୍ରହାର କରାଯିବ । ଧିଦ୍‌ଥ, ତିଦ୍‌ଥ, ଡ଼ିଦ୍‌ଥ, କିତା ଖେଦେଡ, ଗୁଘୁଂ ଦୁଲେଣ୍ଟ ଝଭି ତିଦ୍‌ଥନ ଧିତ୍ତାନ୍ ହୁବଘେ ।

ଏହିପରି ବିତସ୍ତ ମାର୍ଗରେ ପ୍ରହାର ଗୁଡ଼ିକ ହେବା ଉଚିତ୍ ଏଥିରେ ଲ, ଘ, ଓ ର ପ୍ରହାର ରହିବ ନାହିଁ । ଗୋମୁଖରେ ଉର୍ଦ୍ଧ୍ୱ ମାର୍ଗରେ ପ୍ରହାର ଗୁଡ଼ିକ ହେବ । ଯଥା ଘଟ ମଦ୍‌ଥି ଘଛ, ଘଣ୍ଟା, ଘୁର ଖେଚମ୍ ଖତମାଂ (ବୁଦୁ) ଣ କିତି କିତି କିଟିମାଂ ଖୁଖୁଣୁ ଦ୍ଧେ ଦ୍ଧେ ଧୋ ଧୋ

Digitized by srujanika@gmail.com

ଇଦାନୀଂ ଗୋମୁଖୀ ବାଦ୍ୟସ - ଠ ଢ଼ ଣ ଘେଣ୍ଣ ଣ ଖନ୍ଦୁ ଙ୍ଗ ଘୁ ଖେଡ, ଖଟ ମଚଟାଂ ଣ୍ଡ ଧ (ଖୁଖୁ)ଣାଂ ଖ୍ରି ଘଟଂ ଘିଟି ମଂ କୁକ୍କୁ ଟାଂଣୁ ଘେଦ୍ କିଟି ମାଂ ଘେ ଘେ କୋ ମୋ ମ ଗୋମୁଖ୍ୟାମ୍ ସ୍ୟାଦ୍ ।

ଯେ ତ୍ୱାଲିପ୍ତ ସମୁତ୍‌ଥାଃ ସର୍ବେ ର୍ମାର୍ଗେଷୁ ତେ ବିଧାତବ୍ୟାଃ ।
ଗ୍ରହଣାକ୍ଷର ସଂଘାତୈଷୁ ମୃଦଙ୍ଗାନାଂ ଗ୍ରହୋଭବତି ॥ ୪୫ ॥
ଏତେଷାଂତୁ ପ୍ରବକ୍ଷ୍ୟାମି ଦର୍ଶନାନି ଯଥାକ୍ରମମ୍ ।
ଚତୁର୍ଣ୍ଣା ମପି ମାର୍ଗାଣା ମକ୍ଷର ଗ୍ରହଣଂ ଯଥା ॥ ୪୬ ॥

ଘୁଦ୍ ଘୁଦ୍ ଘଟ୍ ଘେଡ୍ ମଦ୍‌ଥି ମଟା ମଦଦ୍‌ଥି ଠିଡ ମନ ଘେଦ୍ କ୍ରୁଦ୍ କଥି କଟାଦ୍ ତ୍ୱଦ୍‌ଦ୍ୱିତେ । ଘା ଦ୍ ଗେନ୍ଦ୍ରା ତକି ତାଘୁ ଘୁଦ୍ ଧ୍ରୋକିଟି ଘେଣ୍ଟାଦ୍ ଗାନ୍ଧି କିଟି କେଦ୍‌ଥା ଥ କୁତା କିତା କିରି ଦାମ୍ ଇତି ସଂଯୋଗେଽପି । ବିତସ୍ତେ ତୁ ଡ୍ରୋ ମାଦ୍ ଗୁଦ୍ରୁ ଘେଦ୍ ଘେ ଘଣ୍ଟାଂ ଘେ ଘଟ ଦୁମା ଇତି ଆଲିପ୍ତେ ସଂଯୋଗଃ କାର୍ଯୋଽୟଂ ବାଦନେ ତଜ୍‌ଜ୍ଞୈଃ ।

ଘେ ଘେଟାଦ୍‌ଥି କଟାଡ ଗୁଚା ଘେଂ ଘେଟା ଘଣ୍ଟାନ୍ ଧି ମଧି ଦ୍‌ଥିୟଂ କେ ସ ଟେ ଘେଗ ଘେ ଣୋ ଣୋଣମ୍ ଇତି ।

ଏବେ ଗୋମୁଖର ବାଦନ । ଠଢ଼ଣ ଘେଣ୍ଣଣ, ଖୁନ୍ଦୁଙ୍ଗ, ଘୁଖେଦ୍, ଖଟମେଙ୍ଗ ଟାଂ ଣ୍ଡ ଧ (ଖୁ ଖୁ) ଣାଂ ଖ୍ରି ଘଟଂ ଘଟିମଂ କୁକ୍କୁ ଟାଂଣୁ ଘେଂ କିଟିମାଂ ଘେ ଘେ କୋ ମୋ ମ । ଅଲିପ୍ତ ମାର୍ଗରେ ଜାତ ପ୍ରହାର ଗୁଡ଼ିକ ସମସ୍ତ ମାର୍ଗରେ ପ୍ରୟୋଗ କରାଯାଇପାରେ । ମୃଦଙ୍ଗ ଗ୍ରହ ଅକ୍ଷର ସଂଘାତ ଦ୍ୱାରା ହୋଇଥାଏ । କ୍ରମାନୁଯାୟୀ ଚାରି ମାର୍ଗରେ ଏମାନଙ୍କ ଉଦାହରଣ ଅକ୍ଷର ଗ୍ରହଣ ବିଧାନରେ କହିବି ॥ ୪୫, ୪୬ ॥

ଅଦ୍ଧିତ ମାର୍ଗରେ ବୋଲ୍ : ଘୁଦ୍ ଘୁଦ୍ .... କଟାଦ୍ । (ମୂଳ ସଂସ୍କୃତରେ ବୋଲମାନ ପୁରା ଦେଖନ୍ତୁ ।) ବିତସ୍ତରେ ଏହି ବୋଲ ହେଲା:- ଘାଦ୍ ଗେନ୍ଦ୍ରା...................କିରି ଦାମ୍ । ଆଲିପ୍ତରେ ବୋଲି - ଡ୍ରୋ ମାଦ୍ ଗୁଦ୍ରୁ ଘେଦ୍................ କିରି ଦାମ୍ (ମୂଳ ସଂସ୍କୃତରେ ବୋଲମାନ ପୁରା ଦେଖନ୍ତୁ ।)

ଆଲିପ୍ତରେ ବୋଲ - ଡୋମାଦ୍ ଗୁଦ୍ରୁ ଘେଦ୍ ....ଦୁମା । (ମୂଳ ସଂସ୍କୃତରେ ବୋଲମାନ ପୁରା ଦେଖନ୍ତୁ ।)

ଗୋମୁଖରେ : ....ଘେ ଘେଟାଦ୍‌ଧି....................ଣୋଣମ୍ (ମୂଳ ସଂସ୍କୃତରେ ବୋଲମାନ ପୁରା ଦେଖନ୍ତୁ ।)

Digitized by srujanika@gmail.com

ଗୋମୁଖ୍ୟା ଉକ୍ତୋ ଯୋମାର୍ଗ ଏତେଷାଂ ପୁଷ୍କରାଣାଂଚ ।
ତ୍ରିବିଧ ପ୍ରଚାରସ୍ତତ୍ର ସମୋ ବିଷମଃ ସମବିଷମଇତି ॥ ୪୭ ॥
ବାମୋର୍ଦ୍ଧକଯୋ ର୍ବାମସବ୍ୟଯୋ ରଡ଼୍‌ଡ଼ିତ ମାର୍ଗେଽପି ।
କାର୍ଯ୍ୟଃ ସମପ୍ରଚାର ସ୍ତ୍ୱାଲିପ୍ତେ ବାଦ୍ୟକରଣେ ତୁ ॥ ୪୮ ॥
ବାମୋର୍ଦ୍ଧକାପସବ୍ୟାନପ୍ରହତେ ବାମକରଃ କର୍ତ୍ତବ୍ୟଃ ।
ସବ୍ୟୋର୍ଦ୍ଧଗମନାନାଂ ସବ୍ୟୋ ବିଷମ ପ୍ରଚାରେ ତୁ ॥ ୪୯ ॥
ଏବଂ ସ୍ୱସ୍ତିକ ଯୋଗାଦ୍ ଘାତମପି ଯଦ୍‌ଭବେଦ୍ ତୁ ହସ୍ତାଭ୍ୟାମ୍ ।
ମାର୍ଗେ ବିତସ୍ତି ସଂଜ୍ଞେ ପ୍ରହତେ ବିଷମ ପ୍ରଚାରଃ ସଃ ॥ ୫୦ ॥
ସ୍ୱଚ୍ଛନ୍ଦତସ୍ତୁ କରଯୋଃ ପ୍ରହତଂ ଶେଷେଷୁ ମାର୍ଗକରଣେଷୁ ।
ଅଡ଼୍‌ଡ଼ିତ ଗୋମୁଖଯୋଗାଦ୍ ସମବିଷମୋ ହସ୍ତ ସଂଚାରଃ ॥ ୫୧ ॥
ଶୃଙ୍ଗାରହାସ୍ୟ ଯୋଗେ ବାଦ୍ୟଂ ଯୋଜ୍ୟଂ ତଥାଡ଼୍‌ଡ଼ିତେ ମାର୍ଗେ ।
ବୀରାଦ୍‌ଭୁତ ରୌଦ୍ରାଣାଂ ବିତସ୍ତମାର୍ଗେଣ ବାଦ୍ୟଂ ସ୍ୟାଦ୍ ॥ ୫୨ ॥
କରୁଣ ରସେ ତ୍ୱିହ ବାଦ୍ୟଂ ଯୋଜ୍ୟଂ ଚାଲିପ୍ତକରଣ ମାର୍ଗେଣ ।
ବୀଭତ୍ସ ନ ଭୟାକଯୋଃ ତଥୈବ ନିତ୍ୟଂ ହି ଗୋମୁଖ୍ୟା ॥ ୫୩ ॥

ଏହାର ମାର୍ଗ ନିମିତ୍ତ ପୁଷ୍କରର ତିନିଟି ପ୍ରହାର କରାଯାଏ । ଯଥା - ସମ, ବିଷମ, ସମବିଷମ ॥ ୪୭ ॥ ବାମକ ଓ ଉର୍ଦ୍ଧ୍ୱକର ଏବଂ ଅଡ଼ଡ଼ିତ ମାର୍ଗରେ ବାମକ ଓ ସବ୍ୟକର ତଥା ଆଲିପ୍ତ ମାର୍ଗରେ ପ୍ରଚାର ସମ ହେବ ॥ ୪୮ ॥

ବାମକ ମଧ୍ୟକ ଓ ଉର୍ଦ୍ଧ୍ୱକର ପ୍ରହାରରେ ବାମ ହସ୍ତ ପ୍ରୟୋଗ କରିବ । ସବ୍ୟ ଓ ଉର୍ଦ୍ଧ୍ୱକର ପ୍ରହାରରେ ବିଷମ ପ୍ରଚାରରେ ଦକ୍ଷିଣ ହସ୍ତ ପ୍ରୟୋଗ କରିବ ॥ ୪୯ ॥

ଏହିପରି ବିତସ୍ତ ମାର୍ଗରେ କ୍ରୁଶ ଆକୃତି (Cross-wise) ହସ୍ତଦ୍ୱୟ ପ୍ରୟୋଗ କରିବ । ଏବଂ ଏହାକୁ ବିଷମ ପ୍ରଚାରରେ କରାଯିବ ॥ ୫୦ ॥

ଅବଶିଷ୍ଟ ମାର୍ଗମାନଙ୍କରେ ସ୍ୱଚ୍ଛନ୍ଦରେ ହସ୍ତ ପ୍ରଚାର ହେବ (ନିଜ ସୁବିଧା ଅନୁଯାୟୀ) । ଅଡ଼ଡ଼ିତ ଓ ଗୋମୁଖ ମାର୍ଗ ମିଶ୍ରଣରେ ହସ୍ତପ୍ରଚାର ସମବିଷମ ହେବ ॥ ୫୧ ॥

ଶୃଙ୍ଗାର ଓ ହାସ୍ୟ ରସରେ ବାଦ୍ୟଗୁଡ଼ିକୁ ଅଡ଼୍‌ଡ଼ିତ ମାର୍ଗରେ ବଜାଇବ । ଏହି ବାଦ୍ୟସବୁ ବୀର ଅଦ୍‌ଭୁତ ଓ ରୌଦ୍ର ରସରେ ବିତସ୍ତ ମାର୍ଗରେ ବଜାଯିବ ॥ ୫୨ ॥

କରୁଣ ରସରେ ବାଦକ ଆଲିପ୍ତ ମାର୍ଗରେ ବାଦ୍ୟ ବଜାଇବେ । ବୀଭତ୍ସ ଓ ଭୟାନକ ରସରେ ଗୋମୁଖ ମାର୍ଗ ବ୍ୟବହାର କରାଯିବ ॥ ୫୩ ॥

Digitized by srujanika@gmail.com

ରସଭାବ ସତ୍ତ୍ୱଯୋଗଂ ଦୃଷ୍ଟ୍ୱାଭିନୟଂ ଗତିପ୍ରଚାରଞ୍ଚ ।
ବାଦ୍ୟଂ ନୃତ୍ତେ କାର୍ଯ୍ୟଂ ତଥା ତଥା ସ୍ଥାନ ସଂଯୋଗାତ୍ ।। ୫୪ ।।
ଏବଂ ପ୍ରହତବିଧାନଂ କାର୍ଯ୍ୟଂ ମାର୍ଗାଶ୍ରିତୈ ରସୈଃ ସମ୍ୟକ୍ ।
ବକ୍ଷ୍ୟାମ୍ୟତଶ୍ଚ ଭୂୟଃ ଦର୍ଦ୍ଦୁର ପଣବାଶ୍ରିତଂ ବାଦ୍ୟମ୍ ।। ୫୫ ।।
ଅତିବାଦିତ ମନୁବାଦ୍ୟଂ ସମବାଦିତମୁଚ୍ୟତେ ତଥା ବାଦ୍ୟମ୍ ।
ତତ୍ରାତି ବାଦିତଂ ସ୍ୟାତ୍ ପୁଷ୍କରାଣାମଗ୍ରତୋ ଯତ୍ର ।। ୫୬ ।।
ଯତ୍ ତ୍ୱନୁଗତୈ ର୍ମୃଦଙ୍ଗୈ ରନୁବାଦିତ ମୁଚ୍ୟତେ ତଦ୍‌ବାଦ୍ୟମ୍ ।
ସମବାଦିତଂ ମୃଦଙ୍ଗୈ ର୍ଜ୍ଞେୟଂ ସାମ୍ୟେନ ଯତ୍ ବାଦ୍ୟମ୍ ।। ୫୭ ।।
କଖଗାଃ ପଣଧର ବାଦୋ ପ୍ରହଣାଦ ବ୍ରହୁଙ୍କାଂଧ୍ରାହୁଙ୍କମ୍ ।
ଏତେ ବର୍ଣ୍ଣା ନିତ୍ୟଂ ଚ ପଣବ ବାଦ୍ୟେ ପ୍ରୟୋକ୍ତବ୍ୟାଃ ।। ୫୮ ।।
କିରି ଘିଣ୍ଟାଂ ଥୋ ଥୋ ଣୋ ଘୋ ତ୍ର (?) ହୁଙ୍କାଂ କିରି ଘିଣ୍ଟାଂ ଥୋ ଶୋଣ ଣ୍ଟାଂ ଚୋ କିରି କଣ୍ଡା ମଟା ମଟଦ୍‌ଥି ତେ (?) ଟେ ଟେ ଦୋଣ୍ଡାମ୍, ପଣବ ବାଦ୍ୟମ୍ ।
ତସ୍ୟ ପ୍ରହତେ କାର୍ଯ୍ୟଂ କନିଷ୍ଠିକାଽନାମିକାଗ୍ରକେଣୈବ ।
ନାନା କରଣ ବିଭାଗଂ ପଣବେ ଶିଥିଳାୟତେ ତଜ୍ଜ୍ଞୈଃ ।। ୫୯ ।।

ନୃତ୍ୟରେ ରସ, ଅବସ୍ଥା ଚରିତ୍ରମାନଙ୍କ ସ୍ଥିତି ଓ ବଳ ତଥା ଅଭିନୟକୁ ଦେଖି ଚାହିଁ ଦୃଶ୍ୟର ଅବସ୍ଥାନ ଉପଯୋଗୀ ବାଦ୍ୟ ବାଦନ କରିବା ଉଚିତ୍ ।। ୫୪ ।।

ମାର୍ଗାଶ୍ରିତରସ ଅନୁଯାୟୀ ଠିକ୍ ଭାବରେ ଏହିପରି ପ୍ରହାର ବିଧାନ (ହାତରେ ବଜାଇବା ବିଧି) କରିବ । ଏହା ପରେ ଦର୍ଦ୍ଦୁର ପତ ବାଦ୍ୟ ବିଷୟ କହିବି ।। ୫୫ ।।

(ଚମଡ଼ା ଉପର ହୋଇ ହାତ ଓ ଛୋଟ କାଠିରେ ବଜା ଯାଉଥିବା ବାଦ୍ୟମାନଙ୍କୁ ଆନଦ୍ଧ ବା ଅବନଦ୍ଧ ବାଦ୍ୟ କୁହାଯାଏ । ସବୁ ସ୍ଥଳରେ ଆନଦ୍ଧ କହିଲେ ଏହି ଜାତୀୟ ବାଦ୍ୟକୁ ବୁଝାଯିବ ।)

ଆନଦ୍ଧ ବାଦ୍ୟ ତ୍ରିବିଧ:- ଅତିବାଦିତ, ଅନୁବାଦ୍ୟ ଓ ସମବାଦିତ । ଏମାନଙ୍କ ମଧ୍ୟରୁ ଅନୁଷ୍ଠାନ ପୂର୍ବରୁ ପୁଷ୍କର ବାଦ୍ୟକୁ ଅତିବାଦିତ କରନ୍ତି ।। ୫୬ ।।

ଅନୁଷ୍ଠାନରେ ପରବର୍ତ୍ତୀ ମୃଦଙ୍ଗ ବାଦ୍ୟକୁ ଅନୁବାଦ୍ୟ କହନ୍ତି । ଅନୁଷ୍ଠାନ ସହିତ ମୃଦଙ୍ଗ ବାଦ୍ୟ ଏକ କାଳିକ ବାଜିଲେ ତାହାକୁ ସମବାଦିତ କହନ୍ତି ।। ୫୭ ।।

କ, ଖ, ଗ, ପ, ଣ, ଧ, ର, ବ ଆଦ୍, ପ୍, ର୍, ହ୍, ନାଦ୍, ଭୁଲାଣ, ଧା, ହୁ, ଙ୍କାଦ୍, ପ୍ରଭୃତି ଅକ୍ଷରଗୁଡ଼ିକ ପଣବ ବାଦ୍ୟରେ ବ୍ୟବହୃତ ହୁଅନ୍ତି । ୫୮ ।। ଉପରେ ସଂସ୍କୃତରେ ଆଉ ଏକ ବୋଲି ଅଛି । ଅଭିଜ୍ଞବାଦକ ପଣବକୁ ଶିଥିଳ ଓ ଦୃଢ଼ ଭାବରେ ପ୍ରହାର କରି କନିଷ୍ଠା ଓ ଅଗ୍ରଭାଗ କୋଣ ଦ୍ୱାରା ବିଭିନ୍ନ କରଣମାନ ଉତ୍ପାଦନ କରନ୍ତି ।। ୫୯ ।।

Digitized by srujanika@gmail.com

ବାଦ୍ୟାଃ କନିଷ୍ଠିକାଭ୍ୟାଂତୁ କରଣ ରାଗ ବର୍ଣ୍ଣାଃ ।
ଶେଷାସ୍ତୁ ବାଦନବିଧୌ ସ୍ମୃତାଃ ପ୍ରହାରାଶ୍ଚୈବାଦ୍ୟାନାମ୍ ।। ୬୦ ।।
କୋଣାଽନାମିକବାଦ୍ୟଂ ମଧ୍ୟାଙ୍ଗୁଲ୍ୟା ବାଦନେ କାର୍ଯ୍ୟମ୍ ।
କୋଣାଽନାମିକ ବାଦ୍ୟଂ ପ୍ରହତଂ ଭବେଦେତଦ୍ ।। ୬୧ ।।
ଭ୍ରାନ୍ତକରଣ ଯୋଗାଦ୍ ତ୍ରିକୁଳହ ମିତ୍ୟେତଦ୍ ଭ୍ରାନ୍ତବାଦନା ଗ୍ରକୃତମ୍ ।
ରିଭତ କରଣୋଽନୁବନ୍ଧାସ୍ତତ୍ରାଭ୍ୟସ୍ତ ଏରକାରସ୍ତୁ ।। ୬୨ ।।
ମିଶ୍ରକରଣାନୁବନ୍ଧେ ଦ୍ରେକାର ସ୍ତୂର୍ଦ୍ଧ୍ୱହସ୍ତ ସଂଯୋଗାଦ୍ ।
ସତୁ ବାଦକେନ ବାଦ୍ୟୋ ଧୂର୍ଯ୍ୟେଣ ବିଶେଷତଃ କାର୍ଯ୍ୟଃ ।। ୬୩ ।।
ସ୍ୱରଂ ଚିତ୍ରକରଣରମ୍ୟଂ କାର୍ଯ୍ୟଂ ତଥା କନିଷ୍ଠିକାଗ୍ରେଣ
ତତ୍ରୈବ କାର୍ଯ୍ୟାଦୋଷ୍ଠିମଥାଣିନି (?) କୃତ ପ୍ରହାରାବୈ ।। ୬୪ ।।
କୃତ୍ୱା ଶିଥିଳଂ କକ୍ଷଂ କାର୍ଯ୍ୟାତୁ କନିଷ୍ଠିକା ଗ୍ରକୋଣେନ ।
ତେନୈବ ଚରେଦ୍ଧନ୍ତ୍ୱୋଦ୍‌ବାଣ (?) x x x ଇତ୍ୟଞ୍ଚିତେନୈବ ।। ୬୫ ।।
ଅଙ୍କିତ ଶିଥିଳେ ପଣବେ କଂଠଣତଣିଣ କୃତାଃ ପ୍ରହାରାସ୍ତୁ ।
ଭ୍ରାନ୍ତକରଣା ନ ତଥା ଦୃଢ଼ତକକ୍ଷେ ପ୍ରଶିଥିଳେ ଚ ।। ୬୬ ।।

କରଣରେ ବର୍ଣ୍ଣ ସଂଯୋଗ ପାଇଁ ଅକ୍ଷର କନିଷ୍ଠା ଓ ଅନାମିକା ଦ୍ୱାରା ଉତ୍ପାଦନ କରାଯାଏ । ଅବଶିଷ୍ଟ ଧ୍ୱନିମାନ ଅନ୍ୟାନ୍ୟ ଅଙ୍ଗୁଳି ଦ୍ୱାରା ବଜାଯିବ ।। ୬୦ ।।

କୋଣ ଓ ଅନାମିକାର ସାହାଯ୍ୟରେ ବଜାଇବା କାର୍ଯ୍ୟ ମଧ୍ୟମାଠାରୁ ଆରମ୍ଭ ହେବା ଉଚିତ୍ । ଶୁଦ୍ଧ ପ୍ରହାର ଦ୍ୱାରା କୋଣ ଓ ଅନାମିକା ସାହାଯ୍ୟରେ ବାଦ୍‌ନ ହେବ ।। ୬୧ ।।

ଅନିୟମିତ କରଣରେ ବଜାଇବାଠାରୁ ଅନିୟମିତ ବାଦନର ଆରମ୍ଭ 'ତ୍ରିକୁଳହଂ' ହୋଇଥାଏ । ଏହା ରିଭତ, କରଣ ଓ ଅନୁବନ୍ଧ ରୂପେ ଚାଲୁଥାଏ ଏବଂ ଏହା ସହିତ ପୁନରାବୃତ୍ତି ସହିତ ''ଏ'' ଯୁକ୍ତ ହୁଏ ।। ୬୨ ।। ମିଶ୍ରକରଣର ଅନୁବନ୍ଧରେ ଉତ୍ତୋଳିତ ହସ୍ତଦ୍ୱାରା ପ୍ରହାର କଲେ 'ଦ୍ରେ' ଉତ୍ପନ୍ନ ହୁଏ । ଏହା ବିଶେଷକରି ଉତ୍ତମ ଆନଦ୍ଧ ବାଦ୍ୟ ସାହାଯ୍ୟରେ କରାଯିବ ।। ୬୩ ।।

ଯେଉଁ ସ୍ୱରଗୁଡ଼ିକ ବିବିଧ କରଣରେ ଥିବାଯୋଗୁଁ ରଞ୍ଜକ ସେଗୁଡ଼ିକୁ କନିଷ୍ଠାର ଅଗ୍ରଭାଗରେ ବଜାଇବ । ଏହି ଆଙ୍ଗୁଳିରେଥ ଣି ଣି ବ ପ୍ରହାର କରାଯାଏ ।। ୬୪ ।।

ପଣବବାଦ୍ୟ:- ହାଲୁକା ଭାବରେ ଆଘାତ ଦିଆଯାଉଥିବା ଆନଦ୍ଧରେ କନିଷ୍ଠାର ଅଗ୍ରଭାଗ ଦ୍ୱାରା ଏହା କରାଯିବ । ଦୃଢ଼ ଆଘାତ ଦ୍ୱାରା ''ଧନ୍ତ୍ୱୋଦ୍ୱାଣ'' ବାଜିବ ।। ୬୫ ।।

ଦୃଢ଼ ଓ ଶିଥିଳ ଭାବେ ପ୍ରହୃତ ପଣବ ଦ୍ୱାରା କ, ଠ, ଣ, ତ, ଣି, ଣ, ଏହି ପ୍ରହାରଗୁଡ଼ିକ ଜାତ ହେବ । ଏହିପରି ଟାଣ ବା ହାଲୁକା ପଣବରେ କରଣ ଉତ୍ପନ୍ନ ହୁଏ ନାହିଁ ।। ୬୬ ।।

Digitized by srujanika@gmail.com

ଅଶ୍ଳଥ କକ୍ଷେ ପଣବେ ଖଖଣଣ x x କୃତାଃପ୍ରହାରାସ୍ତୁ ।
ତଥେଽନ୍ତତଃ ପ୍ରହାରାଃ ପଣବେ କାର୍ଯ୍ୟାଃ ସଦାପ୍ରଶିଥିଳ କକ୍ଷାଃ ।। ୬୭ ।।
କଖଟେ କୃତାଃ ପ୍ରହାରାଃ ସୋଲ୍ଲାସେ ପଣବେ ବିଧାତବ୍ୟାଃ ।
ଶେଷଭ୍ରାନ୍ତ କରଣ ସଂଯୋଗାତ୍ ସଂଯୋଗକୃତା ସଂବିଧାତବ୍ୟାଃ ।। ୬୮ ।।
ଟକାରାନୁସ୍ୱନନଂ ପଣବେ କକ୍ଷାଶ୍ଳଥେତୁ ସଂଭବନ୍ତି ।
ତେନ ଚ ଣକାରଯୁକ୍ତୋ ହ୍ମ ଇତି ପଣବେ ପ୍ରହାରୋ ଭବେତ୍ ।। ୬୯ ।।
ତୀର୍ଯଗ୍ ଗୃହୀତ ବାଦନ ମୁଖ ବର୍ତ୍ତିତ ଇଷ୍ୟତେ ପ୍ରହାରୋଽୟମ୍ ।
କହ୍ମଳାଂ କ୍ରହ୍ମଳାଂ କ୍ରମାସତି କ୍ରକୁଲାଂ ଇତ୍ଥଂ ପ୍ରହାରଃ ସ୍ୟାତ୍ ।। ୭୦ ।।
ଏବଂ ପଣବେ ବାଦ୍ୟଂ ବିଧିବତ୍ ସଂକ୍ଷେପେଣ ମୟା ବିହିତମ୍ ।
ବ୍ୟାଖ୍ୟାସ୍ୟାମ୍ୟତଃ ପରମହଂ ଦର୍ଦ୍ଦୁର ବାକ୍ୟାକ୍ଷରାଣ୍ୟେବମ୍ ।। ୭୧ ।।
ରେ କ୍ଲତି କୁଦ୍ ଖନୋ ବନୋ ଘନ୍ ମୋ ଗୌଣେହ ଘିଷ୍ଟ ସଂଯୁକ୍ତାଃ ।
ଇତି ଦର୍ଦ୍ଦୁରେ ପ୍ରହାରାଃ କାର୍ଯ୍ୟ ମୁକ୍ତା ନିଷଣ୍ଣାଣ୍ଣ ।। ୭୨ ।।
କାର୍ଯାସ୍ତତ୍ର ନିଷଣ୍ଣା ରଗ୍ରଧ୍ରହ୍ମି ଇତିଚ ଦକ୍ଷିଣ କରେଣ ।
ବାମେନ ଗୋମଦୋତ୍ଥା ନ ନଖସ୍ପୃଷ୍ଟଃ ପ୍ରକାରୋଽଗ୍ରେ ।। ୭୩ ।।

ଦୃଢ଼ ପଣବରେ ଖ, ଖ, ଣ, ଣ ଏହି ପ୍ରହାର ଗୁଡ଼ିକ ହୋଇପାରେ । ଳ, ଥ ପ୍ରଭୃତି ମୃଦୁ ର ଶିଥିଳ ପଣବରେ ହେବା ଉଚିତ ।। ୬୭ ।।

(ଢୁଗୁଳା) ଉଲ୍ଲାସଯୁକ୍ତ ପଣବରେ କ, ଖ ଓ ଟ ପ୍ରହାର ଗୁଡ଼ିକ ଉତ୍ପାଦନ କରାଯିବ । ପ୍ରହାରଗୁଡ଼ିକୁ ଅନିୟମିତ କରଣ ସହିତ ମିଶାଇବା ଉଚିତ୍ ।। ୬୮ ।।

ଦୃଢ଼ ପ୍ରଣବରେ 'ଟ'ର ଅନୁସ୍ୱନନ ସମ୍ଭବ । ଏହିପରିଣ ସହିତ ହ୍ ଣ୍ ମଧ୍ୟ ସମ୍ଭବ ।। ୬୯ ।।

ଟିକିଏ ବଙ୍କାକରି ବାଦ୍ୟଟିକୁ ଧରି ବାଦ୍ୟ ମୁହଁରେ ଏହିପରି ପ୍ରହାରଜ ଶବ୍ଦ ସମ୍ଭବ ହେବ । ଯଥା: କହ୍ମଳାଂ, କ୍ରଥୁଳାଂ, କ୍ରଥୁଳାଂ ।। ୭୦ ।।

ପଣବରେ ଏହିପରି ସଂକ୍ଷେପରେ ବିଧାନ ଅନୁଯାୟୀ ବାଦନ ବିଧି କହିଗଲି । ଏହାପରେ ଦର୍ଦ୍ଦୁରବାଦ୍ୟର ଅକ୍ଷର ବିଷୟ କହିବି ।। ୭୧ ।।

ପ୍ରୋକ୍ତ ଅକ୍ଷର (ବୋଲ୍) ଦର୍ଦ୍ଦୁର ସେ ମୁକ୍ତ ଏବଂ ନିୟନ୍ତ୍ରିତ ଭାବରେ ବଜାଇବାକୁ ହୋଇଥାଏ । ଯଥା: ରେ, କ୍ଲତି, କୁଦ୍ ଖନୋ, ବନୋ ଘନ୍‌ମୋ ଗୌଣେ ହ ଘିଷ୍ଟୁ ।। ୭୨ ।।

ପଣବରେ ନିୟନ୍ତ୍ରିତ ଭାବରେ ର ଗ୍ ର୍ ଧ୍ ବ୍ ହ୍ଣି ଦକ୍ଷିଣ ହସ୍ତରେ ପ୍ରହାର କରି ବଜାଯିବ । ବାମହସ୍ତଦ୍ୱାରା ଗ ମ ଦ ତ ଥ ବଜାଯିବ କିନ୍ତୁ ଏହି ପ୍ରକାରମାନଙ୍କରେ ଖେ ସ୍ପର୍ଶ ରହିବ ନାହିଁ ।। ୭୩ ।।

Digitized by srujanika@gmail.com

ମୁକ୍ତୌ ତୈତ୍ରିତ୍ରିଣ ଭବେତ୍ ନିପୀଡ଼ନେ କରଦ୍ୱୟେନାପି ।
ବିମୁକ୍ତ ଗ୍ରହଣସ୍ୟାନ୍ତେ ସ୍ୱନେ ନିପୀଡ଼ିତେ ଚୈବ ॥ ୭୪ ॥
ସ୍ୟାତ୍ ପୀଡ଼ିତେ ଚ ଦ୍ଥି ଦ୍ଥେନ୍ତ ନିତ୍ୟମଥାପି ବା ।
ମୁକ୍ତା ବିଶେଷ ଭବନ୍ତି ମୁକ୍ତା ଗ୍ରସ୍ତ ଇତିଚୈବ ନିଗୃହୀତେ ॥ ୭୫ ॥
ଶୀଘ୍ରକରଣାନୁବିଦ୍ଧ ସ୍ଥିତିରେବ ହି ବୈ ସ୍ୱରସ୍ଖଳିତଂ ସ୍ୟାତ୍ ।
ଇତି ଦର୍ଦ୍ଦୁର ପ୍ରହାରାଃ ସମାସତଃ ତତ୍ର ବିଜ୍ଞେୟାଃ ॥ ୭୬ ॥
ଏବଂ ତ୍ୱସଂକରକୃତାଃ ପ୍ରହାରା ବିଶୁଦ୍ଧିରିସ କୀର୍ତ୍ତିତା ତଜ୍ଜ୍ଞୈଃ ।
ଦର୍ଦ୍ଦୁର-ପଣବ-ମୃଦଙ୍ଗ-ମିଶ୍ରିତଂ ବାଦ୍ୟଂ ପ୍ରବକ୍ଷ୍ୟାମି ॥ ୭୭ ॥
ତତ୍ର ବ୍ୟକ୍ତୀଭାବଂ ବାଦ୍ୟେ ଗଚ୍ଛନ୍ତି ମିଶ୍ରିତାଃ କେଚିତ୍ ।
କେଚିତ୍ ଯୁଗପତ୍କରଣାଃ କେଚିତ୍ ପର୍ଯ୍ୟାୟକରଣାସ୍ତୁ ॥ ୭୮ ॥
ଏକୈକ ସଂପ୍ରଯୁକ୍ତା ବର୍ଣ୍ଣା ଣଗରାଃ ତଥୈବ ସଂପ୍ରୟୋକ୍ତବ୍ୟାଃ ।
ଧେଂକୋ କଦ୍ଥଂ ତୈଖୋ କହୁଳଂ ତକିତା ମୃଦଙ୍ଗେଷୁ ॥ ୭୯ ॥
ଅଥ ଦର୍ଦ୍ଦୁରେ ଜଦ୍ ସ୍ୟେଦ୍ ଦ୍ରେଦ୍ କହୁଳାଂ ମ ଟଂ ହି ପଣବେ ଚ ।
ଥଂ ମଟଦ୍ଥିଡ଼ଂ କହୁଳାଂ ମଟଦ୍ଥି ଦେଦ୍ ନେଦ୍ ବିମିଶ୍ରିତସ୍ତୁ ॥ ୮୦ ॥

ମୁକ୍ତ ଭାବରେ ତ ତ ତ୍ରି ତ୍ରି ଣ ଦୁଇଟି ଯାକ ହସ୍ତର ନିପୀଡ଼ନ ଦ୍ୱାରା ଜାତ ହେବେ । ବିମୁକ୍ତ ପରେ ପୁଣି ଚାପି ଧରି ଆଘାତ କରିଲେ ହିଁ ଏହା ହେବ ॥ ୭୪ ॥

ହାତରେ ବାଦ୍ୟକୁ ଚାପିଧରି ଦ୍ଥି ଦ୍ଥେ ନ ତ ର ଏଗୁଡ଼ିକୁ ବଜାଇବାକୁ ହେବ । ମୁକ୍ତ ଧ୍ୱନି ବିଶେଷ ହେବ । ଏହି ବିଶିଷ୍ଟ ପ୍ରହାରକୁ ସଂଯତ କଲେ ଅର୍ଦ୍ଧମୁକ୍ତ ଓ ଅର୍ଦ୍ଧନିୟନ୍ତ୍ରିତ ଧ୍ୱନି ହେବ ॥ ୭୫ ॥

ଅତିଦ୍ରୁତ ବା ଦ୍ରୁତ ପରଂପରାରେ ବଜାଇବାରେ ଧ୍ୱନିଗୁଡ଼ିକ ଭୁଲ ଭାବରେ ଉତ୍ପନ୍ନ ହୋଇଯିବ କିମ୍ବା ଛାଡ଼ିଯିବା ଫଳରେ ସ୍ୱର ସ୍ଖଳିତ ହେବ । ଏଗୁଡ଼ିକ ସଂକ୍ଷେପରେ ଦର୍ଦ୍ଦୁର ପ୍ରହାର ବୋଲି ଜାଣିବ ॥ ୭୬ ॥

ଏଗୁଡ଼ିକ ଶୁଦ୍ଧ ପ୍ରହାର, ଅନ୍ୟ ପ୍ରକାର ଆନଦ୍ଧ ପ୍ରହାର ସହିତ ମିଶ୍ରିତ ନୁହେଁ । ଏବେ ଦର୍ଦ୍ଦୁର, ପଣବ ଓ ମୃଦଙ୍ଗ ବଜାଇବା ବିଷୟ କହିବି ॥ ୭୭ ।

ଯନ୍ତ୍ରର ମିଶ୍ରିତ ବାଦନରେ କେତେକ କରଣ ସ୍ପଷ୍ଟ ବ୍ୟକ୍ତ ହୁଏ । କେତେକ ଏକକାଳିକ ଉତ୍ପନ୍ନ ହୁଏ । କେତେକ କରଣ ସ୍ପଷ୍ଟ ବ୍ୟକ୍ତି ହୁଏ । କେତେକ ପରକୁ ପର ଉତ୍ପନ୍ନ ହୁଏ ॥ ୭୮ ॥ (ପର୍ଯ୍ୟାୟ କ୍ରମରେ)

ଏହିପରି ମିଶ୍ରବାଦ୍ୟରେ ଣ ଗ ର ପ୍ରଭୃତି ମୃଦଙ୍ଗରେ ପ୍ରତିବିମ୍ବିତ ପ୍ରହାର, ଏବଂ ଧେଂକା, କଦ୍ଥଂ, ତ୍ରୈଦ୍ଥ, କହୁଳଂ, ତକିତ ପଣବରେ ଦଂ, ସ୍ୟେଦ୍, ଦ୍ରେଦ୍, କହୁଳାଂ, ମଟଂ ତଥା ଦର୍ଦ୍ଦୁରରେ ଥମ୍ ମତଦ୍ଥି, ଡଂ, କହୁଳାଂ, ମଟାଥି, ଦେଦ୍, ନେଦ୍ କରାଯିବା ଉଚିତ ॥ ୭୯, ୮୦ ॥

Digitized by srujanika@gmail.com

ଏଭ୍ୟୋ ଯେଽସ୍ୟ ଶେଷାଃ ତେ ମିଶ୍ରା ଏବ ନିତ୍ୟଶଃ କାର୍ଯ୍ୟାଃ ।
ପୂର୍ବେଽପି ଚ ମିଶ୍ରତ୍ୱଂ ବ୍ରଜନ୍ତି ସର୍ବେ ଯଥାଯୋଗମ୍ ॥ ୮୧ ॥
ଅଥ ଯୁଗପଦ୍ କରଣଂ କହଲାଂ ଣ୍ଣଣ୍ଣାଂ ଖୁଖୁଣ୍ଣେଖେ ।
ଦ୍ରୋମୋ ଦୋଣଂ ଥେ ଥୋ ଥୋ ଥିଁ ଧ (?)
ଏବଂ ଯୋଜ୍ୟଂପଣବେ ବାଦ୍ୟମ୍ ॥୮୨॥
ଧ୍ରୁର୍ଯକୃତଂ ଚ କ୍ରମଶଃ କରଣଂ ପରିବାଦକେନ କର୍ତ୍ତବ୍ୟମ୍ ।
ଟଟଟଟେ ଘୋଣଣଣ କିରିଣି ** କିନ୍ନାକୃତଂ ଚେତି ॥ ୮୩ ॥
ପଣବସ୍ୟ ଚାନୁବନ୍ଧେ କାର୍ଯଂ ଣ୍ ଣୁ ଥୁ ଖୁ ଣ ଇତିବାଦ୍ୟଂ ତୁ ।
ଭୂୟଃ କୃତ ପ୍ରତିକୃତ ଭେଦୋ ମାର୍ଦଙ୍ଗିକ ଦର୍ଦ୍ଦୁରିକାଭ୍ୟାଂ ତୁ ॥ ୮୪ ॥
ଯଦ୍ ଯଦ୍ କୁର୍ଯ୍ୟାନ୍ ମୁରଜେ ପ୍ରହାରଜାତଂ ଗତି ପ୍ରଚାରେଷୁ ।
ଅନୁଗତମକ୍ଷର ବୃତ୍ତଂ ତଦେବ ବାଦ୍ୟଂ ତୁ ପଣବେଽପି ॥ ୮୫ ॥
ନହି ଚିତ୍ରଂ କର୍ତ୍ତବ୍ୟଂ ଗତି ପ୍ରଚାରେଷୁ ବାଦନଂ ତଜ୍ଞୈଃ ।
ସମବିଷମଂ ତତ୍ର ହି ଯନ୍ନଲକ୍ଷ୍ୟଂ ପାଦସଂଚାରେ ॥ ୮୬ ॥

ଏଗୁଡ଼ିକ ବ୍ୟତୀତ ଅନ୍ୟକରଣ ସର୍ବଦା ଉତ୍ପାଦନରେ ମିଶ୍ରିତ ହେବା ଦରକାର । ପୂର୍ବୋକ୍ତଗୁଡ଼ିକ ମଧ୍ୟ ପ୍ରୟୋଜନ ଅନୁସାରେ ମିଶ୍ରିତ ହୋଇପାରେ ॥ ୮୧ ॥

ପଣବରେ ଏକକାଳିକ ଉତ୍ପନ୍ନ କରଣଗୁଡ଼ିକ ହେଲା:- କରଣଂ ଣ୍ଣ ଣ୍ଣାଂ ଖୁଖୁଣ୍ଣ ଣ୍ଣେ ଖେ ଦ୍ରୋମୋ ଦ୍ରୋଣଂ ଥୋ ଥୋ ରଥିଦର (?) ॥ ୮୨ ॥

ବିଞ୍ଚବାଦକ କ୍ରମେ ଟଟଟଟେ ଘୋଣଣଣ କିଲିଣି କ୍ଲିଣ୍ଣା ଏହିପରିକରଣ ଉତ୍ପାଦନ କରିବେ ॥ ୮୩ ॥

ପଣବର ଅନୁବନ୍ଧରେ କରଣଗୁଡ଼ିକ ହେବ-ଣ୍ଣୁ ଥୁ ଥୁଣ । ମୃଦଙ୍ଗ ଓ ଦର୍ଦ୍ଦୁର ବାଦକମାନେ ବାରମ୍ବାର କୃତ ପ୍ରତିକୃତ ବଜାଇବେ ॥ ୮୪ ॥

(ନାଟ୍ୟର ବିଭିନ୍ନ ଚରିତ୍ରର) ଚଳନ ଓ ଅନ୍ୟ ପ୍ରକାର ଗତି ସମୟରେ ମୃଦଙ୍ଗରେ ଉତ୍ପାଦ୍ୟକରଣ ଗୁଡ଼ିକର ସବୁ ଅକ୍ଷର ପଣବ ବାଦ୍ୟରେ ଅନୁସୃତ ହେବ ॥ ୮୫ ॥

ଚଳନ ଓ ଅନ୍ୟପ୍ରକାର ଗତିରେ ଚିତ୍ରମାର୍ଗରେ ବିଶେଷ ଆନନ୍ଦ ବାଦ୍ୟକରିବେ ନାହିଁ । ଯେତେବେଳେ ପଦକ୍ଷେପ ଅନୁଭବ ଯୋଗ୍ୟ ହୁଏ ନାହିଁ ସେତେବେଳେ ସମବିଷମରେ ବଜାଇବାକୁ ହେବ ॥ ୮୬ ॥

Digitized by srujanika@gmail.com

ଉପରି କରଣଂ ଯଥେଷ୍ଟଂ କର୍ତ୍ତବ୍ୟଂ ପଣବ ମୃଦଙ୍ଗେ ଚ ।
ତତ୍ର ପ୍ରହାର କରଣୈ ର୍ମୃଦଙ୍ଗ ବାଦ୍ୟଂ ବିଧାତବ୍ୟମ୍ ॥ ୮୭ ॥
ପ୍ରାୟେଣ ସର୍ବତୋଦ୍ୟେଷ୍ୱାବୌ ପଣବ ଗ୍ରହଃ ପ୍ରୟୋକ୍ତବ୍ୟଃ ।
ବକ୍ଷ୍ୟାମ୍ୟତଃ ପରମହଂ ଦସଦ୍ ସେନ୍ତ ତେତିତା ଏଦ୍ (?) ସଦେବେଦେ ॥ ୮୮ ॥
ରେଭିତା ନୃତ୍ତାମଥି ଇତି ଦର୍ଦ୍ଦୁରେ ପ୍ରହାରଃ ।
ତୟୋର୍ମୁକ୍ତେ ନିଷଣ୍ଣେ ଚ କାର୍ଯ୍ୟସ୍ତତ୍ର ଣଂ ନ୍ନାରେ ॥ ୮୯ ॥
ଭ୍ରେଧୀ କିଥୀତି ଦକ୍ଷିଣକରେଣ ବାମେ ତୁ ଗୁଦଦ୍ଥିଂ କ୍ଵଣମ୍ ।
ତତ୍ଵ ବୃଷ୍ଣୋ କରାଗ୍ରେଣ ମୁକ୍ତେତମିତି ଚୈବଂ ନିଗୃହ୍ୟା ॥ ୯୦ ॥
ଶୀଘ୍ରଂ କରଣାନୁବନ୍ଧ ସ୍ଥିତିରେବ ହି ତକଂ ସ୍ୟାତ୍ ।
ଇତି ଦର୍ଦ୍ଦୁରେ ପ୍ରହାରେ ବକ୍ଷ୍ୟାମ୍ୟୁର୍ଦ୍ଧ୍ଵକରଣ ଜାତମ୍ ॥ ୯୧ ॥
ରୂପଂ କୃତପ୍ରତିକୃତଂ ପ୍ରତିଭେଦୋ ରୂପଶେଷମୋଘଣ୍ଡ ।
ଷଷ୍ଠୀ ବୈ ପ୍ରତିଶୁଷ୍କେତ୍ୟେବଂ ଜ୍ଞେୟଂ କରଣଜାତମ୍ ॥ ୯୨ ॥

ତତ୍ର ରୂପଂନାମ ଦ୍ୱିହସ୍ତଂ କରଣ ବିଭକ୍ତମ୍ । ଯଥା:- ଘଂ ଖୁ ଖୁ ଣ ଖୁ ଘଂ କ୍ରମଂ ଦ୍ଥିମଂ ଦ୍ଥେଉରଂ ଘଟାଂଦ୍ଥି ମଦ୍ଥି ମେଥି ଘେଣ୍ଟା କଟ ଗୁଦ୍ଧରଣ କିଟି ଘଂ ଘେ କଘଟଂ ଘେ କଖ ମିତି ରୂପମ୍ ।

ପଣବ ଓ ମୃଦଙ୍ଗ ବାଦନେ ଉପରି-ପାଣିହସ୍ତ ମୁକ୍ତ ଭାବରେ ପ୍ରୟୋଗ କରାଯିବ ମୃଦଙ୍ଗବାଦ୍ୟ ଅନୁରୂପ ପ୍ରହାର ଦ୍ୱାରା କରାଯିବ ॥ ୮୭ ॥

ସାଧାରଣତଃ ଅନ୍ୟ ଯେକୌଣସି ଯନ୍ତ୍ର ପୂର୍ବରୁ ପଣବ ଗ୍ରହଣୀୟ । ଏବେ ଦର୍ଦ୍ଦୁର ପ୍ରହାର କଥା କହିବି । ସେଗୁଡ଼ିକ ହେଲା- ବସଦ୍ ସେନ୍ତେ ତେତିତା ଏଦ୍ (?) ସଦେ ସବେଦେ ରେଭିତା ନୃତ୍ତାମଥି । ଏହି ଦୁଇଟିକୁ ମୁକ୍ତକରି ତାପରେ ନିୟତରେ ଣ ଣ୍ ଣାରେ ପରିପ୍ରହାର କରାଯିବ ॥ ୮୮, ୮୯ ॥ ତଦ୍‌ପରେ ଭ୍ରେଧିକିଥି ଏହି ପ୍ରହାରରେ ଦକ୍ଷିଣ ହସ୍ତରେ ଏବଂ ଗୁଦଥିଂ କ୍ଵଣଂ ବାମହସ୍ତରେ ବଜାଇବ । କରାଗ୍ରଭାଗରେ ତତ୍ଵବୃଷ୍ଟ ବଜାଇ (?) ଦୁଇ ହସ୍ତକୁ ତଂ ବଜାଇ ନିଗୃହୀତ କରିବ ॥ ୯୦ ॥

'ତକଂ' ପ୍ରହାର ଶୀଘ୍ରକରଣାନୁବନ୍ଧ ସ୍ଥିତି ହିଁ ଜଣା ପକାଇବ । ଏହି ସବୁ ଦର୍ଦ୍ଦୁର ପ୍ରହାର ବିଷୟରେ କହିଗଲି । ଏହାପରେ (ଛଅ) କରଣ ସମ୍ବନ୍ଧରେ କହିବି ॥ ୯୧ ॥

କରଣ ଛଅଟି ହେଲା:- ରୂପ, କୃତ ପ୍ରତିକୃତ, ପ୍ରତିଭେଦ, ରୂପଶେଷ, ପ୍ରତିଶୁଷ୍କ, ଏବଂ ଓଘ ॥ ୯୨ ॥

Digitized by srujanika@gmail.com

କୃତ ପ୍ରତିକୃତଂ ନାମ - ଯତ୍ରୈକଂ କରଣଂ ତ୍ରିପୁଷ୍କର ମୃଦ୍‌ଭାବୟତି । ଯଥା: ଥଂ ଘୁ ଖୁଣ ଖୁ ଥଂ କ୍ର ମଂ ଦ୍ ଥି ଗ୍ଣେଂର ଘଟାଂ ଘଟଦ୍‌ଥି ଘଂଦ୍‌ସାଂ ଇଦ୍ରୁ ଘେ କହ୍ନୁଳା ଣ୍ ଣଂ ଦୋ ଘୋଣ ଇତି କୃତପ୍ରତିକୃତାଖ୍ୟମ୍ ।

ପ୍ରତିଭେଦୋନାମ - ଯୁଗପଦ୍ କୃତେ କରଣେ ମୃଦଙ୍ଗାନାଂ ଯଦ୍ରୂପରି କରଣେନ ଗଛତି ଯଥା:- ଧୋ ଧୋ ଣା ଖୋ ଲାଲଣା ଶାଦ୍‌ଥି ଟଘି ଘଣ୍ଟାଂ ଏଭିଃ କରଣ ବିଶେଷଃ ପ୍ରତିଭେଦୋ ନାମ ବିଜ୍ଞେୟଃ ।

ରୂପଶେଷଂ ନାମ- କରଣାନା ମବିଶେଷୋ ଯଥା:- ଖୁ ଖୁ ଣୋ ଣ୍ଣା ମଟ ଘେଂ ଖଣ୍ଡାମଘ ଘୋଟା ମଥି ଆଲ୍ୟାମ୍ ଘେମ୍ ଇତି ବାଦ୍ୟଂ ରୂପଶେଷଃ ।

ପ୍ରତିଶୁଷ୍କଂ ନାମ - ଅନୁସ୍ୱରୋ ମାର୍ଦଙ୍ଗିକ ପାଣବିକ ଦାର୍ଦୁରିକାଣାମ୍ ଯଥା:- ଘଟ ମଟଦ୍‌ଥି ଦୁଣଥେଜ କିଟିକିଟି କେଘେଦ୍ ଘୋଦ୍ ଘୋଣ୍ଡା ଘୋଣ ଖୋ ଖୋ ଖ କୁଟ କିଟ ଘକଦ୍‌ଥିଣଦ୍‌ଥି ପ୍ରତିଶୁଷ୍କାଖ୍ୟଂ ସଦା କରଣମ୍ ।

ଓଘୋ ନାମ - ଚତୁଷ୍କାଖ୍ୟେ ସର୍ବଭାଣ୍ଡ ବିରାମେ ଦ୍ରୁତତାଳ ଲୟଯୋଗେନ ଘୋଷବ- ଦୋଘୋ ଯଥା: ଥଂକିଟି ମଂ ଥିହି କିଟି ଘେଂ ଘଣ୍ଡାଣଂ ଘୋଣ୍ଡା ଘୋଟା ଘୋଣ ଘଟଘଟ ଯଦ୍ରୁ ଘେଦ୍ ଘଂ ଘେ ବିରିଣି ଣଗେହଂ ଥୋ ଥୋ ତଥୌ ଘେଣ ଚ ।

କରଣାନାଂ ସମାଯୋଗଃ ଷଡ୍‌ବିଧଃ ପରିକୀର୍ତ୍ତିତଃ ।
ଅନେନୈବ ବିଧାନେନ ଯୋଜ୍ୟଂ ବା କରଣଂ ବୁଧୈଃ ।। ୯୩ ।।

ରୂପ-ଏଥିରେ ଦୁଇ ହସ୍ତ ଦ୍ୱାରା କରଣ ଉତ୍ପାଦ୍ୟ । ଯଥା:-(ବୋଲି ସଂସ୍କୃତରେ ଦେଖନ୍ତୁ ।)

କୃତ ପ୍ରତିକୃତ - ଯେତେବେଳେ କରଣ ତିନି ପୁଷ୍କରରୁ ଜାତ ହୁଏ ।। ଯଥା:- (")

ପ୍ରତିଭେଦ - ଯେଉଁ କ୍ଷେତ୍ରରେ ମୃଦଙ୍ଗର ଦୁଇକରଣ ଯୁଗପଦ୍ (ଏକକାଳିକ) କରାହୁଏ ସେହି ସ୍ଥଳରେ (ବାଦନ) ଉପରିକରଣ ଆଶ୍ରୟ କରେ । ଯଥା:- (ସଂସ୍କୃତରେ ଉଦାହରଣ) ଏହିମାନଙ୍କଦ୍ୱାରା ହେଉଥିବା କରଣ ବିଶେଷକୁ ପ୍ରତିଭେଦ ବୋଲି ଜାଣିବ ।।

ରୂପଶେଷ:- ଏଥିରେ କରଣଗୁଡ଼ିକ ଭେଦ ରହେ ନାହିଁ । ଯଥା:-(ଉଦାହରଣ ସଂସ୍କୃତରେ)

ପ୍ରତିଶୁଷ୍କ:- ମୃଦଙ୍ଗ, ପଣବ ଓ ଦର୍ଦ୍ଦୁରବାଦକମାନଙ୍କମଧ୍ୟରେ ସାମଞ୍ଜସ୍ୟ । (ଉଦାହରଣ ସଂସ୍କୃରେ)

ଓଘ ବା ଚତୁଷ୍କ:- ଘୋଷବଦ୍ଧ ବର୍ଣ୍ଣ ଉତ୍ପାଦନ ପାଇଁ ସବୁ ଆନଦ୍ଧ ବାଦ୍ୟମାନଙ୍କର ବିଲମ୍ବିତ ଲୟରେ ବାଦନ । (ଉପରେ ଉଦାହରଣ)

କରଣମାନଙ୍କର ମିଶ୍ରଣ ଛଅ ପ୍ରକାର । ପଣ୍ଡିତମାନେ ଏହି ବିଧାନ ଅନୁଯାୟୀ କରଣ ପ୍ରୟୋଗ କରିବେ ।। ୯୩ ।।

Digitized by srujanika@gmail.com

ତ୍ରିଯତି ର୍ନାମ - ସମା, ସ୍ରୋତୋଗତା, ଗୋପୁଚ୍ଛା ଚେତି । ଯତି ଲୟପାଣୀନାଂ ତ୍ରିବିଧଃ ସଂଯୋଗଃ । ସଚ ତ୍ରିପ୍ରକାରୋ ଭବତି । ଯଥା:- ରାଦ୍ଧଂ, ବିଦ୍ଧଂ, ଶମ୍ୟାଗତମିତି । ତ୍ରିଲୟଂ ନାମ - ଦ୍ରୁତୋ ମଧ୍ୟୋ-ବିଲମ୍ବିତ ଶ୍ଚେତି ।

ତ୍ରିପାଣିକଂ ନାମ - ସମପାଣିରର୍ଧପାଣିରୁପରିପାଣି ଶ୍ଚେତି । ଏବଂ ତ୍ରିପ୍ରକାରଃ ସଂଯୋଗଃ କରଣେଷ୍ଣୁ ।

ସମା ଯତି ଦ୍ରୁତଶ୍ଚୋପି ଲୟୋ ଯତ୍ର ଭବେଦଥ ।
ତଥୈବୋପରି ପାଣିଷ୍ଣ ରାଦ୍ଧସ୍ୟୈଷ ବିଧି ର୍ଭବେତ୍ ॥ ୯୪ ॥
ତଥା ବାଦ୍ୟପ୍ରଧାନ କୋପରିପାଣିଃ ସମାଯତିଃ ।
ଦ୍ରୁତଷ୍ଣାପି ଲୟୋଯତ୍ର ରାଦ୍ଧଂ ବାଦ୍ୟଂ ତୁ ତଦ୍‌ଭବେତ୍ ॥ ୯୫ ॥
ସ୍ରୋତୋଗର୍ଯ ଯତିତାତ୍ର ଲୟୋ ମଧ୍ୟସ୍ତଥୈବ ଚ ।
ସମପାଣିସ୍ତଥା ଚୈବ ବିଦ୍ଧଂ ବାଦ୍ୟଂ ତୁ ତଦ୍ ଭବେତ୍ ॥ ୯୬ ॥
ବାର୍ତ୍ତିକୋ ବୃତ୍ତିମାର୍ଗଃ ସ୍ୟାଦ୍ ଦକ୍ଷିଣୋ ଗୀତବାଦ୍ୟୟୋଃ ।
ପାତ୍ରେଷୂତ୍ତମମଧ୍ୟେଷ୍ଣୁ ବିଦ୍ଧଂ ବାଦ୍ୟ ମୁଦାହୃତମ୍ ॥ ୯୭ ॥
ଅର୍ଧପାଣିସ୍ତୁ ଯତ୍ରସ୍ୟାଦ୍ ତଥା ଚୈବ ସ୍ଥିତୋ ଲୟଃ ।
ଗୋପୁଚ୍ଛା ଚ ଯତି ର୍ବାଦ୍ୟଂ ତବୈ ଶଯ୍ୟାଗତଂ ଭବେତ୍ ॥ ୯୮ ॥

ତିନି ଯତି - ସମା, ସ୍ରୋତୋଗତା, ଗୋପୁଚ୍ଛା । ଲୟ ଓ ପାଣିର ଏକତ୍ରୀକରଣର ଉପାୟ ତିନୋଟି । ଯଥା:- ରାଦ୍ଧ, ବିଦ୍ଧ ଓ ଶଯ୍ୟାଗତ ।

ତିନିଲୟ :- ଦ୍ରୁତ, ମଧ୍ୟ ଓ ବିଲମ୍ବିତ, ତିନିପାଣି:- ସମପାଣି, ଅର୍ଦ୍ଧପାଣି ଓ ଉପରିପାଣି । ଏଗୁଡ଼ିକ କରଣ ମିଶ୍ରଣର ତିନି ଉପାୟ ।

ସମା ଯତି, ଦ୍ରୁତଲୟ ଏବଂ ପାଣି ହେବ ଉପରିପାଣି ଏହି ବାଦନକୁ ରାଦ୍ଧବାଦନ କୁହାଯାଏ ॥ ୯୪ ॥ ଏହିପରି ବାଦ୍ୟ ପ୍ରଧାନକ ଉପରିପାଣି, ସମାଯତି, ଲୟଦ୍ରୁତ ହୁଏ । ଏହା ମଧ ରାଦ୍ଧ ବାଦ୍ୟ ବୋଲି ପରିଚିତ ॥ ୯୫ ॥ ସ୍ରୋତୋଗତା ଯତି, ମଧ୍ୟ ଲୟ, ପାଣି ସମପାଣି । ଏହିବାଦନକୁ ବିଦ୍ଧବାଦନନ କରନ୍ତି ॥ ୯୬ ॥

ଉତ୍ତମ ମଧ୍ୟମ ଶ୍ରେଣୀର ପାତ୍ରମାନଙ୍କ କ୍ଷେତ୍ରରେ ବାର୍ତ୍ତିକ ହିଁ ବୃତ୍ତିମାର୍ଗ । ଗୀତ ଓ ବାଦ୍ୟ ସ୍ଥଳରେ ଦକ୍ଷିଣମାର୍ଗ ଏବଂ ବାଦ୍ୟ ବିଦ୍ଧମାର୍ଗରେ ହେବ ବୋଲି କୁହାଯାଏ ॥ ୯୭ ॥

ଯେଉଁ ବାଦ୍ୟରେ ପାଣି ଅର୍ଦ୍ଧପାଣି ହୁଏ, ଲୟ ହୁଏ ସ୍ଥିତ, ଯତି ହେବ ଗୋପୁଚ୍ଛା ତାହାକୁ ଶଯ୍ୟାଗତ ବୋଲି କୁହାଯାଏ ॥ ୯୮ ॥

Digitized by srujanika@gmail.com

ଯଥା ଚ ଗୀତି ପ୍ରାଧାନ୍ୟଂ ମାର୍ଗଶ୍ଚୈବ ହି ଦକ୍ଷିଣଃ ।
ଅତ୍ୟୁକ୍ତମେବା ତୋଦୋଷୁ ବାଦ୍ୟଂ ଶଯ୍ୟାଗତଂ ଭବେତ୍ ।। ୯୯ ।।
ସ୍ଥିତାଲ୍ଲୟାତ୍ ପ୍ରଭୃତ୍ୟେଷାଂ ପ୍ରମାଣଂ ସଂପ୍ରବର୍ତ୍ତତେ ।
କାର୍ଯ୍ୟହାନିଃ କଳାନାଂଚ ଶେଷେଷ୍ୱନ୍ୟେଷୁ ପାଣିଷୁ ।। ୧୦୦ ।।
ଯତୟଃ ପାଣୟଶ୍ଚୈବ ଲୟା ବାଦ୍ୟସମାଶ୍ରୟାଃ
ଯଥାକାଳଂ ହି କର୍ତ୍ତବ୍ୟା ନାଟ୍ୟଯୁକ୍ତି ମବେକ୍ଷ୍ୟତୁ ।। ୧୦୧ ।।
ତ୍ରିମାର୍ଜନଂ ନାମ:- ମାୟୂରୀ ହ୍ୟର୍ଧମାୟୂରୀ ତଥା କର୍ମାରବୀ ପୁନଃ ।
ତିସ୍ରସ୍ତୁ ମାର୍ଜନାଜ୍ଞେୟାଃ ପୁଷ୍କରେଷୁ ସ୍ୱରାଶ୍ରୟାଃ ।। ୧୦୨ ।।
ଗାନ୍ଧାରୋ ବାମକେ କାର୍ଯ୍ୟଃ ଷଡ୍‌ଜୋ ଦକ୍ଷିଣ ପୁଷ୍କରେ ।
ଉର୍ଦ୍ଧକେ ମଧ୍ୟମ ଶ୍ଚୈବ ମାୟୂର୍ଯ୍ୟଂତୁ ସ୍ୱରାମତାଃ ।। ୧୦୩ ।।
ବାମକେ ପୁଷ୍କରେ ଷଡ୍‌ଜଃରି ଋଷଭୋ ଦକ୍ଷିଣେ ତଥା
ଧୈବନ୍ତ ଶ୍ଚୋର୍ଦ୍ଧକେ କାର୍ଯ୍ୟ ମର୍ଧମାୟୂର୍ଯ୍ୟୁଦାହୃତା ।। ୧୦୪ ।।
ଋଷଭଃ ପୁଷ୍କରେ ବାମେ ଷଡ୍‌ଜୋ ଦକ୍ଷିଣ ପୁଷ୍କରେ ।
ପଞ୍ଚମ ଶ୍ଚୋର୍ଦ୍ଧକେ କାର୍ଯ୍ୟଃ କର୍ମାରବ୍ୟାଃ ସ୍ୱରାସ୍ତ୍ୱମୀ ।। ୧୦୫ ।।

ଯେଉଁ ସ୍ଥଳରେ ଗୀତିକୁ ପ୍ରାଧାନ୍ୟ ଦିଆଯାଏ, ମାର୍ଗ ଦକ୍ଷିଣ ହୁଏ, ଆତୋଦ୍ୟ (ସନ୍ନିଶ୍ରିତବାଦ୍ୟ)ରେ ଅଧିକ ହୁଏ ଏହିପରି ବାଦ୍ୟକୁ ଶଯ୍ୟାଗତ କୁହାଯାଏ ।। ୯୯ ।।

ଏମାନଙ୍କର ସ୍ଥିତି ବା ବିଳମ୍ବିତ ଲୟରୁ ମାନ (Standard) ଆରମ୍ଭ ହୁଏ । ଅନ୍ୟାନ୍ୟ ପାଣି ଗୁଡ଼ିକରେ କଳା କମାଇ ଦେବାକୁ ହୁଏ ।। ୧୮୦ ।।

ଯନ୍ତ୍ର ବଜାଇବା ବେଳେ ଯତି, ପାଣି ଓ ଲୟ ପ୍ରଭୃତିକୁ ନାଟ୍ୟର ପରିସ୍ଥିତି ଦେଖି ଯଥା ସମୟରେ କରାଯିବା ଉଚିତ ।। ୧୦୧ ।।

ତ୍ରିମାର୍ଜନ - ମାୟୂରୀ, ଅର୍ଧମାୟୂରୀ ଓ କର୍ମାରବୀ ଏହି ତିନୋଟି ମାର୍ଜନା । ଏହା ପୁଷ୍କରର ସ୍ୱର ସହିତ ସଂଶ୍ଳିଷ୍ଟ ବୋଲି ପ୍ରସିଦ୍ଧ ।। ୧୦୨ ।।

ମାୟୂରୀ ମାର୍ଜନାରେ ସ୍ୱରଗୁଡ଼ିକ :- ବାମକରେ ଗାନ୍ଧାର ଦକ୍ଷିଣ ପୁଷ୍କରରେ ଷଡ୍‌ଜ ଓ ଉର୍ଦ୍ଧକରେ ମଧ୍ୟମ ।। ୧୦୩ ।।

ଅର୍ଦ୍ଧମାୟୂରୀରେ:- ବାମପୁଷ୍କରରେ ଷଡ୍‌ଜସ୍ୱର, ଦକ୍ଷିଣରେ ଋଷଭ ଓ ଉର୍ଦ୍ଧପୁଷ୍କରରେ ଧୈବତ।। ୧୦୪ ।।

କର୍ମାରବୀରେ - ବାମ ପୁଷ୍କରରେ ଋଷଭ, ଦକ୍ଷିଣ ପୁଷ୍କରରେ ଷଡ୍‌ଜ ଏବଂ ଉର୍ଦ୍ଧରେ ପଞ୍ଚମ ସ୍ୱର ହୁଏ ।। ୧୦୫ ।।

Digitized by srujanika@gmail.com

ଏତେଷା ମନୁବାଦୀ ତୁ ଜାତିରାଗସ୍ୱରାନ୍ୱିତଃ ।
ଆଲିଙ୍ଗ୍ୟେ ମାର୍ଜନଂ ପ୍ରାପ୍ୟ ନିଷାଦସ୍ତୁ ବିଧୀୟତେ ।। ୧୦୬ ।।
ମାୟୁରୀ ମଧ୍ୟମେ ଗ୍ରାମେ ଷଡ୍‌ଜେ ତ୍ୱର୍ଧା ତଥୈବଚ ।
କର୍ମାରବୀତୁ ଗାନ୍ଧାରେ ସାଧାରଣ ସମାଶ୍ରୟାଃ ।। ୧୦୭ ।।
ସ୍ୱରାଃ ସ୍ଥାନସ୍ଥିତା ଯେ ତୁ ଶ୍ରୁତିସାଧାରଣ ଶ୍ରୟାଃ ।
ତଏବ ମାର୍ଜନକୃତାଃ ଶେଷାଃ ସଂଚାରିଣଃ ସ୍ମୃତାଃ ।। ୧୦୮ ।।
ବାମକୋର୍ଦ୍ଧ୍ୱକାଭ୍ୟାଂ ବୈ ଆହାର୍ଯ୍ୟାଃ କାର୍ଯା ଲେପନାଃ ସ୍ୱରାଃ ।
ଶୈଥିଲ୍ୟାଦାୟତତ୍ୱାଚ୍ଚ ତଥା ତ୍ୱାଲିଙ୍ଗ୍ୟକା ଙ୍କିକେ ।। ୧୦୯ ।।
ଶୈଥିଲ୍ୟା ଦାୟତତ୍ୱାଚ୍ଚ ଚର୍ମସ୍ଫୋଟନୟା ପିଚ ।
ଏବଂ ସ୍ୱରୋଦ୍‌ଭବଃ କାର୍ଯ୍ୟଃ ମାର୍ଜନାସୁ ପ୍ରୟୋକ୍ତୃଭିଃ ।। ୧୧୦ ।।
ମାର୍ଜନା ମୃଦ୍‌କୃତା କାର୍ଯ୍ୟା ବାମକୋର୍ଦ୍ଧ୍ୱକୟୋସ୍ତଥା ।
ଲକ୍ଷଣଂ ମୃତ୍ତିକାୟା ସ୍ତୁ ଗଦତୋ ମେ ନିବୋଧତ ।। ୧୧୧ ।।

ଆଳିଙ୍ଗ୍ୟରେ ମାର୍ଜନା କରି ନିଷାଦ ପାଇଁ ବ୍ୟବସ୍ଥା କରିବ । ଏହା ପ୍ରୋକ୍ତ ସ୍ୱରମାନଙ୍କ ସହିତ ଅନୁବାଦୀ ଏବଂ ଜାତିର ସ୍ୱର ।। ୧୦୬ ।।

ମାୟୂରୀ ମାର୍ଜନା ମଧ୍ୟମ ଗ୍ରାମରେ ହେବ । ଅର୍ଦ୍ଧମାୟୂରୀ ଷଡ୍‌ଜ ଗ୍ରାମରେ ହେବ । କର୍ମାରବୀର ଗାନ୍ଧାର ଗ୍ରାମରେ ମାର୍ଜନା ହେବ । ସାଧାରଣ ସ୍ୱରମାନେ ଏହାକୁ ଆଶ୍ରୟ କରନ୍ତି ।। ୧୦୭ ।।

ଯେଉଁ ସବୁ ସ୍ୱରରେ ନିୟମିତ ଶ୍ରୁତି ରହେ ସେଗୁଡ଼ିକ ସ୍ଥିର । ଏମାନଙ୍କ ମାର୍ଜନା କରାଯାଏ । ଅନ୍ୟମାନେ ସଂଚାରୀ ବୋଲି ପରିଚିତ ଅଟନ୍ତି ।। ୧୦୮ ।।

ବାମକ ଓ ଉର୍ଦ୍ଧ୍ୱକଦ୍ୱାରା ଅଙ୍ଗ ସ୍ୱରଗୁଡ଼ିକ ସେମାନଙ୍କ ଆସ୍ତର ଦ୍ୱାରା ଅଙ୍ଗସ୍ୱରଗୁଡ଼ିକ ଉତ୍ପାଦିତ ହେବେ । ଏହା ସେମାନଙ୍କୁ ଶିଥିଳତା ବା ଘନତ୍ୱ ଦେବ । ଏହିଭଳି ଆଙ୍କିକ ଓ ଆଳିଙ୍ଗ୍ୟ ବିଷୟରେ ବ୍ୟବସ୍ଥା କରାଯିବ ।। ୧୦୯ ।।

ଚର୍ମବାଦ୍ୟର ବାଦକଗଣ ସେମାନଙ୍କ ଶିଥିଳତା ବା ଘନତ୍ୱ ଦ୍ୱାରା ଏବଂ ଚର୍ମର ସ୍ଫୋଟନା ଦ୍ୱାରା ଏହିପରି ସ୍ୱରମାନ ମାର୍ଜନାରେ ଉତ୍ପାଦନ କରିବେ ।। ୧୧୦ ।। (ମାର୍ଜନା=କିରଣ)

ବାମକ ଓ ଉର୍ଦ୍ଧ୍ୱକ ଏହି ଦୁଇଟିରେ ମାଟିରେ ମାର୍ଜନା କରାଯିବ । ଏହି ମାଟିର ଲକ୍ଷଣ ବିଷୟ ମୁଁ କହୁଛି ଶୁଣ ।। ୧୧୧ ।। ଯେଉଁମାଟିରେ ପଥର, ବାଲି, ଘାସ, ଚଷୁ ନଥିବ, ଯାହା ଖସି ପଡୁ ନଥିବ, ଧଳାରଙ୍ଗର ଶୁଖିଲା ହୋଇ ନଥିବ, ଖାରିଆ, ରାଗୁଆ, ହଳଦିଆ, କଳା,

Digitized by srujanika@gmail.com

ନିଃଶାର୍କରା ନିଃସିକତା ନିସ୍ତୃଣା ନିସ୍ତୁଷା ତଥା ।
ନ ବିଚ୍ଛିନ୍ନା ନ ବିଶଦା ନ କ୍ଷାରା କଟୁକା ନ ଚ ॥ ୧୧୨ ॥
ନାବଦାତା ନ କୃଷ୍ଣା ଚ ନାମ୍ଳା ନୈବ ଚ ତିକ୍ତିକା ।
ମୃତ୍ତିକା ଲେପନେ ଶସ୍ତା ତୟା କାର୍ଯ୍ୟା ତୁ ମାର୍ଜନା ॥ ୧୧୩ ॥
ନଦୀକୂଳ ପ୍ରଦେଶସ୍ଥା ଶ୍ୟାମା ଯା ମୃତ୍ତିକା ଭବେତ୍ ।
ତୋୟାପସରଣ ଶ୍ଲକ୍ଷ୍ଣା ତୟା କାର୍ଯାତୁ ମାର୍ଜନା ॥ ୧୧୪ ॥
ବହୁବ୍ୟାପ୍ୟବଦାତା ତୁ କୃଷ୍ଣା ଗୁର୍ବୀ ନ ଚ ସ୍ଥିରା ।
ସତୁଷା ନ ସ୍ୱନକରୀ ଶ୍ୟାମା ଯତ୍ର ନ ଦୃଶ୍ୟତେ ॥ ୧୧୫ ॥
ତତ୍ର ଗୋଧୂମ ଚୂର୍ଣ୍ଣଂବା ଯବଚୂର୍ଣ୍ଣଂ ଚ ଦାପୟେତ୍ ।
ଯବ ଗୋଧୂମଚୂର୍ଣ୍ଣଂ ତୁ କଦାଚିଦୁପଯୁଜ୍ୟତେ ॥ ୧୧୬ ॥
ଏକସ୍ତସ୍ୟ ଚ ଦୋଷଃ ସ୍ୟାଦ୍ ଏକସ୍ୱରକରଂ ଭବେତ୍ ।
ଏବଂ ତୁ ମାର୍ଜନାଯୋଗାଦ୍ ଶ୍ୟାମା ସ୍ୱରକରୀ ଭବେତ୍ ।
ତ୍ରିସଂଯୋଗସ୍ୟ ବକ୍ଷ୍ୟାମି ଲକ୍ଷଣଂ ଦ୍ୱିଜସତ୍ତମାଃ ॥ ୧୧୭ ॥

ଅମ୍ଳ ବା ତିକ୍ତ ହୋଇ ନଥିବ, ତାହା ଆସ୍ତର ପାଇଁ ଉପଯୁକ୍ତ । ଏହି ମାଟି ଦ୍ୱାରା ମାର୍ଜନା କରିବ ॥ ୧୧୨, ୧୧୩ ॥

ନଈକୂଳ ପାଖରେ କାଳିଆ କାଳିଆ ଯେଉଁ ମାଟି ମିଳେ ପାଣି ଚାଲୁଥିବା ଯୋଗୁଁ ନରମ ଥାଏ ତାହା ସାହାଯ୍ୟରେ ମାର୍ଜନା (କିରଣ ଦିଆଯିବ) କରାଯିବ ॥ ୧୧୪ ॥

ଯେଉଁ ଅଞ୍ଚଳରେ ଧଳା ଧଳା ଶୁଖିଲା ଅଥବା ଓଜନିଆ ରୁକ୍ଷ କାଳିଆ ମାଟି ଅଠାଭଳି ଲାଗି ରହେ ନା, ଗୁଣ୍ଡ ସବୁ ଭରି ରହିଥିବ, ମଧୁର ସ୍ୱନକାରିଣୀ ଶ୍ୟାମା ମୃତ୍ତିକା ଯେଉଁ ସ୍ଥଳରେ ନ ମିଳିବ, ସେହି ପରିସ୍ଥିତିରେ ଗହମ ଚୂନା (ଅଟା ବା ମଇଦା) ଅଥବା ଯଅ ଚୂନାଦେଇ (କିରଣ ଧରାଇବ) ମାର୍ଜନା କରିବ । କେତେକ କ୍ଷେତ୍ରରେ ମଇଦା ଓ ଯଅ ଚୂନା ମିଶାଇ ମଧ୍ୟ ଉପଯୋଗ କରାଯାଏ ॥୧୧୫, ୧୧୬ ॥

ଏହି ମିଶ୍ରଣର ଏହି ଗୋଟିଏ ଦୋଷ ଯେ, ଏଥିରେ ସ୍ୱର ସ୍ପଷ୍ଟ ନହୋଇ ଟିକିଏ ଘାଉଁ ଘାଉଁ ହୁଏ । କିନ୍ତୁ ମାର୍ଜନା କ୍ଷେତ୍ରରେ ଶ୍ୟାମା ମାଟି ବ୍ୟବହାର କରାଗଲେ ନାଦକୁ ସ୍ପଷ୍ଟ କରିଥାଏ । ହେ ଦ୍ୱିଜଗଣ, ଏବେ ତ୍ରିସଂଯୋଗ ବିଷୟରେ କହିବି ॥ ୧୧୭ ॥

Digitized by srujanika@gmail.com

ତ୍ରିସଂଯୋଗଃ ନାମ- ଗୁରୁ ସଂଚୟୋ ଲଘୁସଞ୍ଚୟୋ ଗୁରୁଲଘୁ ସଞ୍ଚୟଶ୍ଚେତି ।

ତତ୍ର ଗୁରୁ ସଂଚୟୋ ନାମ-ଗୁରସ୍ଥିତ ଲୟୌଘ ପ୍ରବୃତ୍ତୌ ଯଥା:-ଘେତୋ କେତାଂ ଚନ୍ଦ୍ରାଂ ଖେତାଂ ଦ୍ଧଂ ଦ୍ଧଂ ତଥୈବ ଖେତାଂ ଢମ୍ । ଦ୍ଧଂ ଦ୍ଧଂ ଦ୍ରାଘେତାଂ କରାଂଖେତ ମିିତି ଗୁରୁଣି ସ୍ୟୁଃ ।

ଲଘୁ ସଞ୍ଚୟୋ ନାମ- ଲଘୁ ଦ୍ରୁତ ଲୟ ପ୍ରବୃତ୍ତୌ ଯଥା:-

ଘଟମଟ ମଟ ଘଟ ଘଟମଦ୍‌ଥି ଘଟୁ ଘଟୁ ଘଟ୍ ଗୁରୁକୃତେ ଲଘୁ ସଞ୍ଚୟଃ ।

ଇତି ସଂଯୋଗାତ୍ ଜ୍ଞେୟଂ ମୃଦଙ୍ଗବାଦ୍ୟଂ ପ୍ରୟୋଗଜ୍ଞୈଃ ॥

ଗୁରୁଲଘୁ ସଞ୍ଚୟୋ ନାମ- ଲଘୁକୈର୍ଦ୍ରୁତ ପ୍ରବୃତ୍ତୌ ଯଥା:-

ଘଟବିମଥି ଥେ ମଥିଥଂ କିତାଂ ଘ ଗଂ ଘମୋଥିକଂ ତାଦ୍ଧଂ କଟଥିଂ କରଘି ମଘବେ ଇତି ସଂଚୟୋ ଗୁରୁ ଲଘୁ ସ୍ୟାଦ୍ ।

ତ୍ରିଗତଂ ନାମ- ତତ୍ତ୍ୱମ୍ ଅନୁଗତମ୍ ଓଘଶ୍ଚେତି ।

ଅକ୍ଷର ସଦୃଶଂ ବାଦ୍ୟଂ ସ୍ଫୁଟପଦବର୍ଣ୍ଣଂ ତଥୈବ ବୃତ୍ତସମମ୍ ।

ସୁବିଭକ୍ତକରଣଯୁତଂ ତତ୍ତ୍ୱେ ବାଦ୍ୟଂ ବିଧାତବ୍ୟମ୍ ॥ ୧୧୮ ॥

ସମପାଣ୍ୟବପାଣିଯୁକ୍ତଂ ସ୍ଫୁଟପ୍ରହାରକରଣାନୁଗତଂ ଚୈବ ।

ଗେୟାନୁଗତବାଦ୍ୟସ୍ୟ ଯଦ୍ ଭବେଦ୍ ଘାତଂ ତଦନୁଗତମ୍ ॥ ୧୧୯ ॥

ନୈକ କରଣାଶ୍ରୟଯୁତଂ ହ୍ୟୁପରିପାଣିକଂ ଦ୍ରୁତଲୟଂ ଚ ।

ଆବିଦ୍ଧ କରଣେ ବହୁଳଯୋଜ୍ୟଂ ବାଦ୍ୟଂ ବୁଧୈରୋଘେ ॥ ୧୨୦ ॥

ତ୍ରିସଂଯୋଗ - ଗୁରୁ ସଞ୍ଚୟ, ଲଘୁ ସଞ୍ଚୟ ଓ ଗୁରୁଲଘୁ ସଞ୍ଚୟ ।

ଗୁରୁ ସଂଚୟ - ଗୁରୁ ଅକ୍ଷରରେ ବିଳମ୍ବିତ ଲୟରେ ଏବଂ ଓଘ ପ୍ରବୃତ୍ତିରେ ଏହା ହୁଏ । (ଯଥା-ସଂସ୍କୃତରେ)

ଲଘୁସଂଚୟ - ଲଘୁ ଅକ୍ଷରରେ ଦ୍ରୁତ ଲୟ ପ୍ରବୃତ୍ତି ହେଲେ । ଯଥା-(ସଂସ୍କୃତରେ)

ଗୁରୁଲଘୁ ସଂଚୟ- ଗୁରୁ ସହିତ ଲଘୁ ଅକ୍ଷର ଦ୍ରୁତ ଲୟ ପ୍ରବୃତ୍ତି ହେଲେ । ଯଥା - (ସଂସ୍କୃତରେ)

ତ୍ରିଗତ - ତତ୍ତ୍ୱ, ଅନୁଗତ ଓ ଓଘ ।

ତତ୍ତ୍ୱବାଦନରେ (ସ୍ୱୀକୃତ) ଅକ୍ଷରର ଅନୁରୂପ ପ୍ରହାର ହେବ । ଯେଉଁ ବାଦ୍ୟରୁ କି ପଦ ବର୍ଣ୍ଣ ସ୍ପଷ୍ଟ ଜଣା ପଡୁଥିବ । ଗାନର ଛନ୍ଦ ଅନୁସାରୀ ହେବ । କରଣଗୁଡ଼ିକ ବାରି ହେଉଥିବ ॥ ୧୧୮ ॥

ଅନୁଗତ ବାଦନରେ - ସମପାଣି ବା ଅବପାଣି ଦ୍ୱାରା ଆରମ୍ଭ ହେବ । ଏଥିରେ ସ୍ପଷ୍ଟ ପ୍ରହାରଦ୍ୱାରା କରଣ ବାରି ହେଉଥିବ । ଘାତ ଗୀତର ଅନୁଗାମୀ ହେବ ॥ ୧୧୯ ॥

ଓଘବାଦନ ଉପରି ପାଣିରେ ଆରମ୍ଭ ହେବ । ଏହା ବହୁକରଣଯୁକ୍ତ ହେବ । ଦ୍ରୁତ ଲୟ ଓ ଆବିଦ୍ଧ କରଣ ହେବ । ଏହି ବାଦ୍ୟ ବହୁଳ ଭାବରେ ପ୍ରଯୋଜ୍ୟ ॥ ୧୨୦ ॥

Digitized by srujanika@gmail.com

ସର୍ବସ୍ୟୈବ ହି ବାଦ୍ୟସ୍ୟ ଅଷ୍ଟୌସାମ୍ୟା ଭବନ୍ତି ହି ।
ତଦ୍ ଯଥା-
ଅକ୍ଷରସମ ମଙ୍ଗସମଂ ତାଳଲୟ ଯତିସମଂ ଗ୍ରହସମଂଚ ।
ନ୍ୟାସାପନ୍ୟାସମଂ ପାଣିସମଂ ଚୈବ ବିଜ୍ଞେୟମ୍ ।। ୧୨୧ ।।
ଯଦ୍‌ବୃତ୍ତଂ ତୁ ଭବେଦ୍ ଗାନଂ ଗୁରୁ ଲଘ୍ୱକ୍ଷରାନ୍ୱିତମ୍ ।
ତଦ୍‌ବୃତ୍ତଂ ତୁ ଭବେଦ୍ ବାଦ୍ୟଂ ତବକ୍ଷରସମଂ ସ୍ମୃତମ୍ ।। ୧୨୨ ।।
ଧ୍ରୁବାଣାଂ ଗ୍ରହମୋକ୍ଷେଷୁ କାଳାନ୍ତର କଳାସୁଚ ।
ଯଦଙ୍ଗ ତ୍ରିଗତଂ ବାଦ୍ୟଂ ତଦଙ୍ଗସମମୁଚ୍ୟତେ ।। ୧୨୩ ।।
ଯଦ୍ ଶରୀରଂ ଭବେଦ୍ ଗାନଂ କଳାକାଳପ୍ରମାଣତଃ ।
ତଦ୍ ପ୍ରମାଣଂ ତୁ ଯଦ୍‌ବାଦ୍ୟଂ ତଦ୍‌ବୈ ତାଳସମଂ ଭବେଦ୍ ।। ୧୨୪ ।।
ସ୍ଥିତେ ମଧ୍ୟେ ଦ୍ରୁତେ ବାପି ଲୟେ ଗାନଂ ଚ ଯଦ୍‌ଭବେଦ୍ ।
ତଥୈବ ଯଦ୍ ଭବେଦ୍ ବାଦ୍ୟଂ ତଦ୍ ବୈ ଲୟସମଂ ଭବେଦ୍ ।। ୧୨୫ ।।
ସମା ସ୍ରୋତୋଗତା ବାପି ଗୋପୁଚ୍ଛା ଚ ଯତିର୍ଯଥା ।
ଯଦ୍ ତଥା ହି ଭବେଦ୍ ବାଦ୍ୟଂ ତଦ୍‌ବୈ ଯତିସମଂ ଭବେଦ୍ ।। ୧୨୬ ।।

ସମସ୍ତ ଆନଦ୍ଧ (ଚମଡ଼ା ଛପର) ବାଦ୍ୟରେ ଆଠଟି ସାମ୍ୟ ରହିବ । ଯଥା:- ଅକ୍ଷରସମ, ଅଙ୍ଗସମ, ତାଳସମ, ଲୟସମ, ଯତିସମ, ଗ୍ରହସମ, ନ୍ୟାସୋପନ୍ୟାସସମ ଓ ପାଣିସମ ।। ୧୨୧ ।।

ଯେଉଁ ବାଦନ ଲଘୁଗୁରୁ ଅକ୍ଷରଯୁକ୍ତ ଛନ୍ଦ ଅନୁସରଣ କରେ ତାହାକୁ ଅକ୍ଷରସମ ବାଦ୍ୟ ଯାଏ ।। ୧୨୨ ।।

ଧ୍ରୁବାମାନଙ୍କର ଗ୍ରହ, ମୋକ୍ଷ, କଳା ଓ ଅନ୍ତରକଳାର ତିନି ଅଙ୍ଗରେ ଯେଉଁବାଦନ ସମାନ ଭାବରେ ଗାନକୁ ଅନୁସରଣ କରେ ତାହାକୁ ଅଙ୍ଗସମ ବୋଲି କୁହାଯାଏ ।। ୧୨୩ ।। କଳା ଓ କାଳ ପ୍ରମାଣକୁ ଠିକ ରଖି ଗାନର ଯାହା ଶରୀର ସେହି ପ୍ରମାଣ ଅନୁଯାୟୀ ହେଉଥିବା ବାଦ୍ୟକୁ ତାଳସମ କୁହାଯାଏ ।। ୧୨୪ ।।

ଯେଉଁବାଦନ ସମାନ ଭାବରେ ବିଳମ୍ବିତ ମଧ ଓ ଦ୍ରୁତ ଲୟରେ ଗାନକୁ ଅନୁସରଣ କରେ ତାହାକୁ ଲୟସମ କୁହାଯାଏ ।। ୧୨୫ ।।

ଯେତେବେଳେ ବାଦନ ସମା, ସ୍ରୋତୋଗତା ଓ ଗୋପୁଚ୍ଛା ଯତିକୁ ଆଶ୍ରୟକରେ ତାହାକୁ ଯତି ସମକୁହାଯାଏ ।। ୧୨୬ ।।

Digitized by srujanika@gmail.com

ତତବନଦ୍ଧ ବଂଶାନାମେକଶ୍ରୁତିକୃତୋଽପି ଚ ।
ଗ୍ରହୋ ଗାନେନ ସହିତଃ ତଦ୍ ବୈ ଗ୍ରହସମଂ ଭବେଦ୍ ।। ୧୨୭ ।।
ନ୍ୟାସାପନ୍ୟାସ ଯୋଗସ୍ତୁ ସ୍ୱରାଣାଂ ହି ଯଥା ଭବେଦ୍ ।
ବଂଶ ବୀଣୋଦ୍‌ଭବଂ ବାଦ୍ୟଂ ନ୍ୟାସୋପନ୍ୟାସସମଂ ତୁ ତଦ୍ ।। ୧୨୮ ।।
ସମପାଣ୍ୟର୍ଧ ପାଣିସ୍ଥଂ ତଥୈବୋପରି ପାଣିକମ୍ ।
ଗୀତାନୁଗତଂ ଚ ଯଦ୍ ବାଦ୍ୟଂ ସ୍ମୃତଂ ପାଣିସମଂ ତୁ ତଦ୍ ।। ୧୨୯ ।।

ଅଷ୍ଟାଦଶ ଜାତିକମିତି ଯଦୁକ୍ତଂ ତଦନୁବ୍ୟାଖ୍ୟାସ୍ୟାମଃ । ତଦ୍ ଯଥା: ଶୁଦ୍ଧା, ଏକରୂପା, ଦେଶାନୁରୂପା, ଦେଶାଦପେତରୂପା, ପର୍ଯ୍ୟାୟା, ବିଷମ୍ଭା, ପର୍ଯସ୍ତା, ସଂରମ୍ଭା, ପାର୍ଷ୍ଣି ସମସ୍ତା, ଦୃଷ୍କରକରଣା, ଉର୍ଦ୍ଧ୍ୱଗୋଷ୍ଠିକା, ଉଚ୍ଚିତିକା, ଏବଂବାଦ୍ୟା, ମୃଦଙ୍ଗପଣବା, ଅବକୀର୍ଣ୍ଣା, ଅର୍ଧାବକୀର୍ଣ୍ଣା, ସଂପ୍ଲବା, ବିଧୂତମିତି । ଏତାସାଂ ଜାତୀନାଂ ଲକ୍ଷଣ ନିଦର୍ଶନାନ୍ୟଭିବ୍ୟାଖ୍ୟାସ୍ୟାମଃ ।

ଏକାକ୍ଷରଂ ଦ୍ୱ୍ୟକ୍ଷରଂ ବା ଯଦ୍‌ବାଦ୍ୟଂ ସର୍ବକାର୍ମିକମ୍ ।
ନିତ୍ୟଂ କରଣଯୋଗେନ ସାଶୁଦ୍ଧା ନାମତୋ ଯଥା ।। ୧୩୦ ।।
ଖୋ ଖୋ ଖଂ (ଖଂଖଂ) ଯୁକ୍ତାମେଭି ର୍ଜାତ୍ୟକ୍ଷରୈଃ ସମାଯୁକ୍ତା ।
ସା ଶୁଦ୍ଧା ବିଜ୍ଞେୟା ମଧ୍ୟୋତ୍ତମ ସ୍ତ୍ରୀଣାଂ ଭବେଦ୍ ଜାତିଃ ।। ୧୩୧ ।।

ତତ, ଆନଦ୍ଧ ଓ ସୁଷିର ବାଦ୍ୟମାନଙ୍କ ବାଦ୍ୟତାନ ସହିତ ଅନୁରୂପ ଶ୍ରୁତିର ଗ୍ରହକୁ ଗ୍ରହସମ କୁହାଯାଏ ।। ୧୨୬ ।।

ନ୍ୟାସ ଓ ଅପନ୍ୟାସରେ ଏପରି ଭାବରେ ସାମ୍ୟ ହେବ ବଂଶୀ ଓ ବୀଣାର ଏପରି ବାଦନ ଦ୍ୱାରା, ଯେଉଁଥିରେ କି ନ୍ୟାସ ଓ ଅପନ୍ୟାସରେ ସ୍ୱରଗୁଡ଼ିକ ଗାନସ୍ୱରର ଅନୁରୂପ ହେବ ।। ୧୨୮ ।।

ସମପାଣି ଅର୍ଧପାଣି ଓ ଉପରିପାଣି ବାଦନ ଗାନର ଅନୁସରଣ କରିଲେ ପାଣିସମ ହୁଏ ।।୧୨୯।। ଏବେ ଅଷ୍ଟାଦଶ ଜାତି ବିଷୟ ବ୍ୟାଖ୍ୟାକରିବା । ସେଗୁଡ଼ିକ:- ଶୁଦ୍ଧା, ଏକରୂପା, ଦେଶାନୁରୂପା, ଦେଶାଦପେତରୂପା, ପର୍ଯାୟା, ବିଷମ୍ଭା, ପର୍ଯସ୍ତା, ସଂରମ୍ଭା, ପାର୍ଷ୍ଣିସମସ୍ତା, ଦୃଷ୍କରକରଣା, ଉର୍ଦ୍ଧ୍ୱଗୋଷ୍ଠିକା, ଉଚ୍ଚିତିକା, ଏବଂବାଦ୍ୟା, ମୃଦଙ୍ଗପଣବା, ଅବକୀର୍ଣ୍ଣା, ଅର୍ଧାବକୀର୍ଣ୍ଣା, ସଂପ୍ଲବା ଓ ବିଧୂତା । ଏମାନଙ୍କର ଲକ୍ଷଣ ଓ ଉଦାହରଣ ବର୍ଣ୍ଣନା କରିବି ।।

ଯେଉଁ ବାଦନରେ ଏକ ବା ଦୁଇ ଅକ୍ଷରର କରଣ ରହେ ଏବଂ ଯାହା ସବୁଗତିରେ ପ୍ରୟୋଗ କରାଯାଇ ପାରେ ତାହାକୁ ଶୁଦ୍ଧା କୁହାଯାଏ ।। ୧୩୦ ।।

ଯେଉଁ ଜାତିରେ ଖୋ ଖୋ ଖଂଖଂଖଂ ଅଛି - ତାକୁ ଶୁଦ୍ଧା କୁହାଯାଏ । ଏହି ଜାତି ମଧ୍ୟମ ଓ ଉତ୍ତମନାରୀର କାର୍ଯ୍ୟ ପାଇଁ ପ୍ରଯୁଜ୍ୟ ।। ୧୩୧ ।।

Digitized by srujanika@gmail.com

ଗୋମୁଖୀ ମଡ଼୍‌ଡ଼ିତା ଲିପ୍ତୌ ବିତସ୍ତଂ ଚାଶ୍ରିତା ଯଦା ।
ବାଦୟନ୍ତୀ ତଥୈକୈକମ୍ ଏକ ରୂପା ହି ସା ଯଥା ।। ୧୩୨ ।।
ଦ୍ରୋଦ୍ ଘୋଦ୍ ଦୋଦ୍ ଘୋଦ୍ ଘେଘେଦ୍ ଅଡ଼୍‌ଡ଼ିତ ମାର୍ଗାକ୍ଷରୈଃ ସମାଯୁକ୍ତା ।
ସାତ୍ଵେକରୂପା ଜାତି ର୍ନୃଣାଂ ଗୀତବିଧାନତଃ କାର୍ଯ୍ୟା ।। ୧୩୩ ।।
ସର୍ବାସ୍ଵପି ପ୍ରକୃତିଷୁ ପ୍ରଯୋଜ୍ୟା ସାସ୍ଥିତା ଯଦ୍ ଦ୍ରୁତାବାପି ।
ଦେଶକାଳମବସ୍ଥାଂ ଚ ଜ୍ଞାତ୍ଵା ମଧ୍ୟେଽପିବିନିଯୋଜ୍ୟା ।। ୧୩୪ ।।
ସର୍ବାତୋଦ୍ୟାନି ଯତ୍ରୈକଂ କରଣଂ ଭାବୟନ୍ତି ହି ।
ମୃଦଙ୍ଗବାଦ୍ୟାନୁଗମା ଦେକରୂପା ତୁ ସା ସ୍ମୃତା ।। ୧୩୫ ।।
ଅଡ଼୍‌ଡ଼ିତ ମାର୍ଗ ବିଭକ୍ତା ସମ୍ଭୋଗକୃତେ ଭବତିହି ଶୃଙ୍ଗାରେ ।
ଦେଶାନୁରୂପା ଜାତିଃ ସ୍ଥିତିଲୟଯୁକ୍ତା ଚ କର୍ତ୍ତବ୍ୟା ।। ୧୩୬ ।।
ଯଥାଃ-ମୀମଦ୍‌ଥିଦ୍‌ଥମ ଭୁଦ୍‌ଥିତ କିମା ଏଭିର୍ଜାତ୍ୟକ୍ଷରୈଃ ସମାଯୁକ୍ତା ।
ଦେଶାନୁରୂପା ଜାତିଃ ଶୃଙ୍ଗାରେ ଚୋତ୍ତମେ ସ୍ତ୍ରୀଣାମ୍ ।। ୧୩୭ ।।
ବାମୋର୍ଦ୍ଧ୍ଵକ ପ୍ରବୃତ୍ତବୋଧା କ୍ଷିପ୍ରାପକୃଷ୍ଟଲୟଯୁକ୍ତା ।
ଦେଶାଦପେତରୂପା କରୁଣ ରସେ ସା ଭବେଦ୍ ଜାତିଃ ।। ୧୩୮ ।।

ଯେଉଁ ସ୍ଥଳରେ ପୃଥକ୍ ଭାବରେ ଅଡ଼୍‌ଡ଼ିତ ଆଲିପ୍ତ ବା ବିତସ୍ତ ମାର୍ଗରେ ସ୍ଵତନ୍ତ୍ର ଭାବରେ ଗୋମୁଖ ବଜାଯାଏ ସେତିକିବେଳେ ତାକୁ ଏକରୂପା କୁହାଯାଏଲ ।। ୧୨ ।।

ଯେଉଁ ବାଦ୍ୟରେ ଅଡ଼୍‌ଡ଼ିତ ଦ୍ରାର୍ଗର ମ୍ରୋଦ୍ ଘୋଦ୍ ଘୋଦ୍ ଦୋଦ୍ ଘୋଦ୍ ଘେଘଦ୍ ପ୍ରଭୃତି ଅକ୍ଷର ଉତ୍ପନ୍ନ ହୁଏ ସେ ଏକରୂପା । ଏହା ପୁରୁଷଗାୟକ ଗାନରେ ପ୍ରୟୋଗ କରାଯାଏ ।। ୧୩୩ ।।

ଏହି ଜାତି ସବୁଚରିତ୍ରରେ ପ୍ରଯୋଜ୍ୟ ଧ୍ରୁବା ବିଳମ୍ବିତ ବା ଦ୍ରୁତ ଲୟରେ ଗାନ କରାଯାଏ । ସମ୍ୟକ୍ ଭାବରେ ସ୍ଥାନ କାଳ ଓ ଚରିତ୍ରର ଅବସ୍ଥା ବିବେଚନା କରି ମଧ୍ୟଲୟରେ ଗୀତ ଧ୍ରୁବାରେ ଏହାକୁ ପ୍ରୟୋଗ ମଧ୍ୟ କରାଯାଇ ପାରେ ।। ୧୩୪ ।।

ମୃଦଙ୍ଗକୁ ଅନୁସରଣ କରି ଯେତେବେଳେ ଅନ୍ୟ ସବୁ ଯନ୍ତ୍ର ଗୋଟିଏ କରଣକୁ ଅନୁସରଣ କରନ୍ତି, ସେହି ସମୟରେ ଏହାକୁ ଏକରୂପା କୁହାଯାଏ ।। ୧୩୫ ।।

ସମ୍ଭୋଗ ଶୃଙ୍ଗାରରେ ଅଡ଼୍‌ଡ଼ିତ ମାର୍ଗରେ ଓ ବିଳମ୍ବିତ ଲୟରେ ଗୀତ ଏହି ଜାତିକୁ ଦେଶାନୁରୂପା କହନ୍ତି ।। ୧୩୬ ।।

ଯଥାଃ- ମୀ ମଦ୍‌ଥିଦ୍‌ଥମ ଭୂଦ୍‌ଥିତ କିମା ଏହି ବୋଲରେ ଦେଶାନୁରୂପା ଜାତିର ଅକ୍ଷର, ଏହା ଉତ୍ତମ ସ୍ତ୍ରୀ ପାତ୍ରରେ ଶୃଙ୍ଗାର ରସରେ ପ୍ରୟୋଗ କରାଯାଏ ।। ୧୩୭ ।।

ଦେଶାଦପେତ ରୂପା ଜାତି ବାମକ ଓ ଉର୍ଦ୍ଧ୍ଵକରେ ବଜାଯାଏ । ଅବକୃଷ୍ଟା ଧ୍ରୁବାର ଦ୍ରୁତଲୟରେ ବଜାଯାଉଥିବା ଏହି ଜାତି କରୁଣ ରସରେ ପ୍ରୟୋଗ କରାଯାଏ ।। ୧୩୮ ।।

Digitized by srujanika@gmail.com

ଯଥା:- ଘେ ଦ୍ରାଙ୍ ଘେଦ୍ ଘେ ଘେମ୍ ଏଭିର୍ଜାତ୍ୟକ୍ଷରୈଃ ସମାଯୁକ୍ତା ।
ଦେଶାଦପେତ ରୂପା ସା କାର୍ଯ୍ୟା ବାଦ୍ୟଯୋଗେଷୁ ॥ ୧୩୯ ॥
ପର୍ଯବଗଚ୍ଛତି ପୂର୍ବଂ ଯସ୍ମିନ୍ ବୈ ପ୍ରସ୍ତୁତଂ କରଣଜାତମ୍ ।
ତ୍ରିବିଧେଽପି ଚ ଲୟଯୋଗେ ପର୍ଯ୍ୟାୟା ନାମ ସା ଜାତିଃ ॥ ୧୪୦ ॥
ଯଥା:- ଘୋଦାଙ୍ ଘେଦେଙ୍ ଗୁଦ୍ରୁଘୋଙ୍ ପ୍ରାୟା ବାମୋର୍ଦ୍ଧ୍ୱକ ବାମହସ୍ତ ସଂଚାରଃ ।
ପର୍ଯାୟକୃତା ଜାତିଃ ବୀରାଦ୍‌ଭୁତ ରୌଦ୍ରଯୋଗେଷୁ ॥ ୧୪୧ ॥
ଗୁରୁଯୁଗ୍ମଂ ଲଘୁଯୁଗ୍ମଂ ତଥୈବ ଲଘୁଗୁରୂଣି ଚୈବ ଲଘୁ ଚୈବ ।
ଯଥା ସିଙ୍ ମାଙ୍ ଘଟଘେନ୍ଦ୍ର ଗୁଦ୍ରୁଘେଙ୍ (ଘେଙ୍) ଘମିଦ୍‌ଥି ମେଦ୍‌ଥମ୍ ॥ ୧୪୨ ॥
ବିଷମ୍ମା ନାମ ଜାତିଃ ଶୃଙ୍ଗାରେ ଚୋତ୍ତମ ସ୍ତ୍ରୀଣାମ୍ ।
ଏକୈକାକ୍ଷରକରଣଯୋଗାଦ୍ ବାଦ୍ୟଂ ସର୍ବମାର୍ଗ ସଂଯୁକ୍ତମ୍ ।
ପର୍ଯସ୍ତା ଚ ଜାତିଃ ସମହସ୍ତା ବିଚାର ସଂଯୁକ୍ତା ॥ ୧୪୩ ॥
ଆକାଶେ ରଥବିମାନର୍ଷି ବିଦ୍ୟାଧର ଭୁଜଙ୍ଗମାଦୀନାମ୍ ।
ଦ୍ରୁତିତେ ଗତିବିନ୍ୟାସେ ଧାରାୟାଂ ଚୈବ ପର୍ଯସ୍ତା ॥ ୧୪୪ ॥
ସ୍ଥିତଲୟ ଗତିବିନ୍ୟାସେ ଶୃଙ୍ଗାରେ ଭବେଦ୍ ତୁ ଯୋତ୍ତମ ପ୍ରକୃତୌ ।
ପର୍ଯସ୍ତା ଜାତିର୍ବୈ ସାଧମପୁରୁଷେଷୁ କର୍ତ୍ତବ୍ୟା ॥ ୧୪୫ ॥

ଯଥା:-ଘେଦ୍ରାଙ୍ ଘେଦ୍ ଘେ ଘେମ୍ ଏହି ବୋଲରେ ଦେଶାଦପେତା ଜାତି ବଜାଯାଏ ॥ ୧୩୯ ॥
ପୂର୍ବରୁ ପ୍ରସ୍ତୁତ ଗୋଟିଏ କରଣବର୍ଗ ଯେତେବେଳେ ତିନି ଲୟରେ ଅନୁସୃତ ହୁଏ, ସେତେବେଳେ ଏହା ପର୍ଯ୍ୟାୟା ଜାତି । ବାମ ହସ୍ତରେ ବାମକ ଏବଂ ଉର୍ଦ୍ଧ୍ୱକରେ ବଜାଯାଇଥିବା ଘୋଦାଙ୍ ଘେଦେଙ୍ ଗୁଦ୍ରୁଘୋଙ୍ ବୋଲ ଏଥିରେ ଅଧିକ ରହେ । ଏହା ବୀର ଅଦ୍‌ଭୁତ ଓ ରୌଦ୍ରରସଯୋଗରେ ପ୍ରୟୋଗ କରାଯାଏ ॥ ୧୪୦, ୪୧ ॥

ଦୁଇଟି ଗୁରୁ ଅକ୍ଷର, ଦୁଇ ଲଘୁ, ତିନି ଗୁରୁ, ଏକ ଲଘୁ ଏହା ବିଷମ୍ମା ଜାତି ଗଠନ କରେ । ଯଥା:- ସିଙ୍ ମାଙ୍ ଘଟଘେନ୍ଦ୍ର ଗୁଦ୍ରୁଘେଙ୍ ଘେଙ୍ ଘମିଦ୍‌ଥି ମେଦ୍‌ଥମ୍ । ଏହି ବୋଲରେ ବଜାଯିବ । (ଉଦାହରଣ ଲକ୍ଷଣ ସହିତ ସମ୍ପୂର୍ଣ୍ଣ ମିଶୁ ନାହିଁ ।) ଏହା ଉତ୍ତମ ସ୍ତ୍ରୀ ପାତ୍ରର ଶୃଙ୍ଗାର ରସରେ ପ୍ରୟୋଗ କରାଯାଏ । ଏକାକ୍ଷର କରଣ ଓ ଦୁଇ ହସ୍ତର ସମପ୍ରଚାର ସହ ସବୁ ମାର୍ଗରେ ଆନଦ୍ଧ ବାଦନକୁ ପର୍ଯସ୍ତା ଜାତି କୁହାଯାଏ ॥ ୧୪୨, ୧୪୩ ॥

ଆକାଶରେ ରଥ, ବିମାନ, ଋଷି, ବିଦ୍ୟାଧର ଓ ଭୁଜଙ୍ଗ ପ୍ରଭୃତିଙ୍କର ଦ୍ରୁତ ଗତି ଏବଂ ଧାରା ବୁଝାଇବା ପାଇଁ ପର୍ଯସ୍ତା ଜାତି ପ୍ରୟୋଗ କରାଯାଏ ॥ ୧୪୪ ॥

ଉତ୍ତମ ନାରୀ ଶୃଙ୍ଗାର ରସରେ ବିଳମ୍ବିତ ଲୟ ଗତିରେ ପ୍ରୟୋଗ କରାଯାଏ । ଅଧମ ଚରିତ୍ର ପୁରୁଷ କ୍ଷେତ୍ରରେ ମଧ୍ୟ ଏହା ପ୍ରୟୋଗ କରାଯାଏ ॥ ୧୪୫ ॥

Digitized by srujanika@gmail.com

ଘେଦ୍ ତାଦ୍ ଘୋହ୍ ଣାମେତ୍ତି ର୍ଜାତ୍ୟକ୍ଷରୈଃ ସମଯୁକ୍ତା ।
ଅଧମସ୍ତ୍ରୀଣାଂ ଯୋଜ୍ୟା ସଂରମ୍ଭା ନାମ ବୈ ଜାତିଃ ॥ ୧୪୬ ॥
ଅର୍ଧପାଣି କରଣଯୁକ୍ତଂ ହ୍ୟାଦୌ ମଧ୍ୟଲୟେନ ଯତ୍ ତୁଲ୍ୟମ୍ ।
ସଂରମ୍ଭଂ ତଦ୍‌ବିଦ୍ୟାଦ୍ ଅନ୍ତେ ବାପି ଦ୍ରୁତଂ ଯସ୍ୟ ଭବତି ॥ ୧୪୭ ॥
ଯଥା- ମଗଠଂ କ୍ଲୁଯୁଥକିମ୍................ ।
ଊର୍ଦ୍ଧ୍ୱାଙ୍କ ଦକ୍ଷିଣମୁଖେ କ୍ଷିପ୍ତା ପ୍ରହତା ବିତସ୍ତମାର୍ଗେତୁ ।
ପାର୍ଷ୍ଣି ସମସ୍ତା ଜାତିଃ କାର୍ଯ୍ୟା ଶୃଙ୍ଗାର ହାସ୍ୟଗତୌ ॥ ୧୪୮ ॥
ଯଥା: ତଦ୍‌ଥିଂ କଟଂ ମଂବ୍ଛି କରଣୈଃ ସପାର୍ଷ୍ଣି ନିଷ୍ପୀଡ଼ୈଃ ।
ଧୌନ୍ଦ୍ରାଡ଼ଃ ଗୁଧେଦ୍ ଗୃଧିତାଦ୍ ପାର୍ଷ୍ଣିସମସ୍ତା ପୁନର୍ଜାତିଃ ।
ଧୀରୋତ୍ତମ ପୁରୁଷାଣା ମନ୍ୟେଷାଂ ଦାନବାଦୀନାମ୍ ॥ ୧୪୯ ॥
ସ୍ୱସ୍ତିକହସ୍ତ ବିଚାରାଃ ସର୍ବମୃଦଙ୍ଗ ପ୍ରହାର ସଂଯୁକ୍ତାଃ ।
ସା ତ୍ରିଲୟବାଦ୍ୟଯୁକ୍ତା ଦୁଷ୍କର କରଣା ଭବେଦ୍ ଜାତିଃ ॥ ୧୫୦ ॥
ଦୁଣ ଦୁଣ୍ଣୁ ଦୁଣା କିଂକ ଧିମଘେଦ୍ ଘୋଟେଦ୍ ମଦଦ୍‌ଥିଦୁ ଘକିଟି ଘେଦ୍ ।
ଏଭି ର୍ଜାତ୍ୟକ୍ଷର ଯୋଗେ ଦୁଷ୍କରକରଣାଜାତିଃ ॥ ୧୫୧ ॥
ଦୈତ୍ୟେନ୍ଦ୍ର ଭୁଜଗ ରାକ୍ଷସ ପିଶାଚ ଗନ୍ଧର୍ବ ଗୁହ୍ୟକାଦୀନାମ୍ ।
ଗତିବିନ୍ୟାସେ କାର୍ଯ୍ୟା ଦୁଷ୍କରକରଣା ଭବେଦ୍ ଜାତିଃ ॥ ୧୫୨ ॥

ଘେଦ୍ ତାଦ୍ ଘୋ ହ୍‌ଣାମ୍ ଏହି ବୋଲରେ ଅଧମନାରୀ ପାତ୍ରରେ ପ୍ରଯୋଜ୍ୟ ସଂରମ୍ଭା ଜାତି ଗଠିତ ହୁଏ ॥ ୧୪୬ ॥

ସଂରମ୍ଭା ନାମକ ଜାତିର ଆରମ୍ଭରେ ଅର୍ଧପାଣି କରଣ ରହେ । ମଧ୍ୟ ଲୟ ଓ ଶେଷରେ ଦ୍ରୁତ ଲୟ ହୁଏ ॥ ୧୪୭ ॥

ଯଥା- ତଦ୍‌ଥିଂକଟଂ ମଂବ୍ଛି ଧ୍ରୌନ୍ଦ୍ରାଦ୍ ଗୁଧେଦ୍ ଗୃଥିତାଦ୍ କରଣ ସହିତ ପାର୍ଷ୍ଣିର ନିଷ୍ପୀଡ଼ନ ଦ୍ୱାରା ବଜାଯିବ । ଏହା ଶାନ୍ତ ପ୍ରକୃତି ଉତ୍ତମ ପୁରୁଷର ଓ ଦାନବମାନଙ୍କ ଗତିବିଧିରେ ପ୍ରୟୋଗ କରାଯିବ । ଏହାର ନାମ - ପାର୍ଷ୍ଣିସମସ୍ତା ଜାତି ॥ ୧୪୯ ॥

ସ୍ୱସ୍ତିକ ଆକାର ହସ୍ତର ଗତି ସହିତ ସବୁମୃଦଙ୍ଗ ପ୍ରହାର ଦ୍ୱାରା ତିନିଟି ଯାକ ଲୟର ବାଦ୍ୟ ଯୁକ୍ତ ହେବ । ଏହା ଦୁଷ୍କର କରଣା ଜାତି ॥ ୧୫୦ ॥

ଯଥା- ଏହି ଜାତିରେ ଦୁଣ ଦୁଣ୍ଣୁ ଦୁଣା କିଂକଥିମ ଘେଦ୍ ଘୋଟେଦ୍ ମଦଦ୍‌ଥି ବୁଘକିଟି ଘେଦ୍ ବୋଲ ରହିବ ॥ ୧୫୧ ॥

ଦୈତ୍ୟରାଜଗଣ, ନାଗ, ରାକ୍ଷସ, ପିଶାଚ, ଗନ୍ଧର୍ବ, ଗୁହ୍ୟକ ପ୍ରଭୃତିଙ୍କ ଗତିରେ ଦୁଷ୍କରକରଣା ପ୍ରଯୋଜ୍ୟ ॥ ୧୫୨ ॥

Digitized by srujanika@gmail.com

ଊର୍ଦ୍ଧ୍ୱାଙ୍ଗ ଦକ୍ଷିଣ ମୁଖ୍ୟୋଦ୍ କ୍ଷିପ୍ତ ପ୍ରହତା ବିତସ୍ତମାର୍ଗାଚ ।
ଅଙ୍କୋର୍ଦ୍ଧ୍ୱକ ପ୍ରବୃତ୍ତା ଦକ୍ଷିଣବାମ ପ୍ରହାରା ଚ ॥ ୧୫୩ ॥
ପ୍ରାୟେଣୋଦ୍ଧତବାଦ୍ୟା ବିତସ୍ତମାର୍ଗାଶ୍ରୟାତ୍ତୁ ଦିବ୍ୟାନାମ୍ ।
ଅଧି ଧିତ୍ ଧିତ୍ ପ୍ରାୟା ଜାତିରିୟ ମୂର୍ଦ୍ଧ୍ୱଗୋଷ୍ଠିକା ସ୍ୟାଦ୍ ॥ ୧୫୪ ॥
ସର୍ବମାର୍ଗୈଃ ସମୁଦ୍ଧୃତ୍ୟ ଯଦ୍‌ବାଦ୍ୟକରଣଂ ଭବେଦ୍ ।
ଉଚ୍ଛିତିକାଂ ବିଜାନୀୟାଦ୍ ଗୃଢ଼ ଶୃଙ୍ଖଳିକାକୃତାମ୍ ॥ ୧୫୫ ॥
କେନ୍ତା କେନାଙ୍ଗଦିତାମ୍ ଏଭି ର୍ଜାତ୍ୟକ୍ଷରୈଃ ସମାଯୁକ୍ତା ।
ରାଜ୍ଞାଂ ସ୍ୱଭାବ ଗମନେ ଜାତିଃ କାର୍ଯା ଉଚ୍ଛିତିକା ତୁ ॥ ୧୫୬ ॥
ଗୋମୁଖ୍ୟକ୍ଷର ସହିତା ସର୍ବମୃଦଙ୍ଗ ପ୍ରହାର ସଂଯୁକ୍ତା ।
କୁହକାଭିନୟେ ଯୋଜ୍ୟା ବୈଡ଼ମ୍ବିକ ଦୃଷ୍ଟିଲିଙ୍ଗେଷୁ ॥ ୧୫୭ ॥
ଘେଣ୍ଟାଣ୍ଟାବୋ ତାଧିତା ଘେଦ୍ ଘେଦ୍ ଘଟଦ୍‌ଥି ଧଟଇଙ୍ ଗେ ।
ଏଭି ସ୍ତ୍ୱକ୍ଷର ଯୋଗୈ ରେବଂବାଦ୍ୟା ଭବେଦ୍ ଜାତିଃ ॥ ୧୫୮ ॥
ବାମନ ବିହ୍ୱଳ ଖଞ୍ଜସ୍ୟ ବାଦ୍‌ମୟେ ଚାଶନ୍ୟାହତ ପାଦାନାମ୍ ।
ଏବଂ ବାଦ୍ୟା ଜାତିରେଷା ଗମନେ ତୁ କର୍ତ୍ତବ୍ୟା ॥ ୧୫୯ ॥

ବିତସ୍ତ ମାର୍ଗରେ ଊର୍ଦ୍ଧ୍ୱକ, ଆଙ୍କିକ ଓ ଦକ୍ଷିଣର ମୁଖରେ ପ୍ରହାର ଅଥବା ଆଙ୍କିକ ଊର୍ଦ୍ଧ୍ୱକ ଦ୍ୱାରା ଆରମ୍ଭ କରି ଦକ୍ଷିଣ ଓ ବାମକର ପ୍ରହାର ଊର୍ଦ୍ଧ୍ୱଗୋଷ୍ଠିକା ଗଠନ କରେ ॥ ୧୫୩ ॥

ଅଧିଧିତ୍ ଧିତ୍ ବୋଲ୍ ବେଶି ରହିବ । ଅଧିକ ଉଦ୍ଧତ ବାଦନ ହେବ ଏହା ବିତସ୍ତ ମାର୍ଗ ଆଶ୍ରୟ କରିବ । ଦିବ୍ୟ ଚରିତମାନଙ୍କ ଗତିରେ ଏହି ଊର୍ଦ୍ଧ୍ୱଗୋଷ୍ଠିକା ଜାତିର ପ୍ରୟୋଗ ହୁଏ ॥ ୧୫୪ ॥

ସମସ୍ତ ମାର୍ଗରୁ ଉଦ୍ଧାରକରି ଗୃଢ଼ ଶୃଙ୍ଖଳା ସହିତ ଯେଉଁ ବାଦ୍ୟକରଣ ହୁଏ ତାହାକୁ ଉଚ୍ଛିତିକା ଜାତି କୁହାଯାଏ ॥ ୧୫୫ ॥

ଯଥା - କେନ୍ତା କେନାଂ ଗଦିତାମ୍ ଏହି ବୋ'ଲ୍ ଦ୍ୱାରା ଉଚ୍ଛିତିକା ଯୁକ୍ତ ହୋଇଥାଏ । ଏହା ରାଜାମାନଙ୍କର ସ୍ୱାଭାବିକ ଗତିରେ ପ୍ରୟୋଗ କରାଯାଏ ॥ ୧୫୬ ॥

ଏବଂବାଦ୍ୟା ଜାତି ଗୋମୁଖୀର ଅକ୍ଷର ସହିତ ବଜାଯିବ । ଏଥିରେ ମୃଦଙ୍ଗର ସମସ୍ତ ପ୍ରହାର ରହିବ । ଏହା ଯାଦୁକର ସହିତ ଥିବା ଛଦ୍ମ ବା ମୁକ୍ତବେଶୀ ଲୋକ କ୍ଷେତ୍ରରେ ପ୍ରଯୁକ୍ତ ହେବ । ଏଥିରେ ଘେଣ୍ଟା ଣ୍ଟାଦୋ ତାଧିତା ଘେଦ୍ ଘେଦ୍ ଘଟଦ୍‌ଥି ଧଟ ଇଙ୍ ଘେ ବୋଲ ରହିବ ॥ ୧୫୭, ୧୫୮ ॥ ବାମନ, ବିକଳିଆ, ଛୋଟା, କୌଣସି ଆଘାତ ପାଇ ପାଦ ଭାଙ୍ଗି ଯାଇଥିବା ଲୋକ ଏହିମାନଙ୍କ ଗତିରେ ଏବଂବାଦ୍ୟା ଜାତି ପ୍ରୟୋଗ କରାଯାଏ ॥ ୧୫୯ ॥

Digitized by srujanika@gmail.com

ପୃଥିବୀ(?) ବାଦିତଂ ଯତ୍ର ସର୍ବତୋଽନ୍ୟେଷୁ ଦୃଶ୍ୟତେ ।
ମୃଦଙ୍ଗ ପଣବା ନାମ ସାଜାତିଃ ସାର୍ବମଣ୍ଡିକୀ ।। ୧୬୦ ।।
ଘ୍ରୋଂ ଘ୍ରୋଂ ଟେଂ ଏଭିର୍ଜାତ୍ୟକ୍ଷରୈଃ ସମାଯୁକ୍ତା ।
ମୃଦଙ୍ଗପଣବା ଏଷା ସ୍ତ୍ରୀଣାଂ ଜାତି ରବକୀର୍ଣ୍ଣାତୁ ।। ୧୬୧ ।।
ଯଦାଦ୍ୟଂ ତ୍ରିଗୁଣୈର୍ବାଦ୍ୟେ କରଣୈ ର୍ମୃଦଙ୍ଗାନାମ ।
ଦର୍ଦ୍ଦୁର ପଣବୋପଗମାଦର୍ଧାବକୀର୍ଣ୍ଣା ନାମ ସା ଜାତିଃ ।। ୧୬୨ ।।
ଯଥାଃ କେନ୍ତାଂ କେନ୍ତାଂ ଏଭିର୍ଜାତ୍ୟକ୍ଷରୈସ୍ତୁ ସଂଯୁକ୍ତା ।
ଗୋମୁଖ ମାର୍ଗେ ଜାତିଃ ସା ଚୈବଂ ଗୁଣା ବିଧାତବ୍ୟା ।। ୧୬୩ ।।
ଅର୍ଧାବକୀର୍ଣ୍ଣ ପଦୈଃ କରଣୈରପି ମାର୍ଗଯୋଗ ଲଘୁଯୁକ୍ତୈଃ ।
ଦର୍ଦ୍ଦୁର ପଣବ ମୃଦଙ୍ଗୈ ରର୍ଧାର୍ଧଂ ବାଦନେ କାର୍ଯ୍ୟମ୍ ।। ୧୬୪ ।।
ଥଦ୍‌ଗଦ ଘେଣ୍ଟା ସେନ୍ତାମ୍ ଏଭି ର୍ଜାତ୍ୟକ୍ଷରୈସ୍ତୁ ସଂଯୁକ୍ତା ।
ସଂପ୍ଲବ ମିତି ବିଜ୍ଞେୟା କର୍ତ୍ତବ୍ୟା ନାନାବିଧୈଃ କରଣୈଃ ।। ୧୬୫ ।।
ସର୍ବାଙ୍ଗୁଳିଚଳନକୃତା ସର୍ବମୃଦଙ୍ଗ ପ୍ରହାର ସଂଯୁକ୍ତା ।
ଭୀତଗତି-ନଭୋଗତ୍ୟୋଃ ସଂପ୍ଲବା ଜାତି ର୍ବିଧାତବ୍ୟା ।। ୧୬୬ ।।

ଯେଉଁ ଆନଦ୍ଧ ବାଦ୍ୟରେ କରଣର ବିଭିନ୍ନ ପର୍ବରେ ମାଟିରେ (ପୃଥିବୀରେ) ଧ୍ୱନି କରାଯାଏ ତାହା ମୃଦଙ୍ଗପଣବା ନାମକ ଜାତି । ଏହା ସର୍ବମଞ୍ଚ ପ୍ରଯୋଜ୍ୟା ଅଟେ ।। ୧୬୦ ।। ଘ୍ରୋଂ ଘ୍ରୋଡ୍ ଟେଂ ଟେଂ ଏହି ବୋ'ଲରେ ଯୁକ୍ତ ହୋଇ ଏହି ମୃଦଙ୍ଗ ପଣବା ଜାତି ସ୍ତ୍ରୀମାନଙ୍କ ଗତିରେ ପ୍ରୟୋଗ କରାଯାଏ । ତ୍ରିବିଧକରଣ ସହିତ ବାଦ୍ୟରେ ପ୍ରଥମେ ମୃଦଙ୍ଗ ବାଦ୍ୟକୁ ମୃଦଙ୍ଗା କୁହାଯାଏ । ଏହା ସହିତ ଦର୍ଦ୍ଦୁର ଓ ପଣବ ମିଶିଲେ ଅର୍ଧାବକୀର୍ଣ୍ଣା ଜାତି ହୁଏ ।। ୧୬୧, ୧୬୨ ।।

କେନ୍ତାଂ କେନ୍ତାଂ କେନ୍ତାଂ ଏହି ବୋ'ଲ ଗୋମୁଖ ମାର୍ଗରେ ଅର୍ଧାବକୀର୍ଣ୍ଣା ଜାତିରେ ବଜାଯିବ ।। ୧୬୩ ।।

ଅର୍ଧାବକୀର୍ଣ୍ଣାର ପଦ, କରଣ, ମାର୍ଗଯୋଗରେ ଲଘୁଯୁକ୍ତ ହୋଇ ଦର୍ଦ୍ଦୁର ପଣବ ମୃଦଙ୍ଗ ଅର୍ଧାର୍ଧ ମାତ୍ରାରେ ବଜାଇ ଥଦ୍ ଗଦ ଘେଣ୍ଟା ସେନ୍ତାମ୍ ଏହି ବୋ'ଲ ପ୍ରଯୋଗ କରାଗଲେ ଏବଂ ବିଭିନ୍ନ ପ୍ରକାର କରଣ ବ୍ୟବହାର କଲେ ସଂପ୍ଲବା ଜାତି ହୁଏ ।। ୧୬୪, ୧୬୫ ।।

ସବୁ ଅଙ୍ଗୁଳି ପ୍ରୟୋଗ କରି ଏବଂ ମୃଦଙ୍ଗର ସମସ୍ତ ପ୍ରହାରଦ୍ୱାରା ଉତ୍ପନ୍ନ ସଂପ୍ଲବା ଜାତି ଭୟଭୀତ ବ୍ୟକ୍ତିର ଗତି ଏବଂ ଆକାଶ ଗତିରେ ବିଧାନ କରାଯାଇଥାଏ ।। ୧୬୬ ।।

Digitized by srujanika@gmail.com

ବିବୈ୍ୟ ର୍ନାନାକରଣୈ ଶ୍ଚିତ୍ରୈ ମୃଦଙ୍ଗ ପ୍ରହାର ସଂଯୁକ୍ତୈଃ ।
ସ୍ୱାଭାବିକୋତ୍ତମ ଗତୌ ବିଧୂତଜାତି ର୍ବିଧାତବ୍ୟା ।। ୧୬୭ ।।
ଦଗିଗେ ଗୁଡୁଘେଙ୍ଘ୍ ତିଟ୍‌ଥି କ୍ଲାମ ଟଟ୍‌ଥିକଣଂ କୁକ୍ରାମ୍ ।
ଏଭିଃ ସ୍ୱରସଂଯୋଗୈଃ ବିଧୂତଜାତି ର୍ବିଧାତବ୍ୟା ।। ୧୬୮ ।।
ଏତା ଗତିପ୍ରଚାରେଷୁ ବିଜ୍ଞେୟା ଜାତୟୋ ବୁଧୈଃ ।
ଯାଶ୍ଚ ନୋକ୍ତା ମୟା ଚାସ୍ମିନ୍ ତା ଗ୍ରାହ୍ୟା ଲୋକତୋଽର୍ଥତଃ ।। ୧୬୯ ।।
ଏବମେତେନ ବିଧିନା କର୍ତ୍ତବ୍ୟଂ ବାଦନଂ ବୁଧୈଃ ।
ଗତିପ୍ରଚାରେ ଗୀତେ ଚ ଦଶରୂପେ ବିଶେଷତଃ ।। ୧୭୦ ।।
ସପ୍ତରୂପ ବିଧାନେ ଚ ଛନ୍ଦସ୍ୟାସାରିତକେ ଚ ।
ତତ୍ତ୍ୱଂ ଚାନୁଗତଂ ଚୈବ ତଥୌଘେ ବାଦ୍ୟମିଷ୍ୟତେ ।। ୧୭୧ ।।
ବାଦ୍ୟଂ ଗୁର୍ବକ୍ଷରକୃତଂ ତଥାଲ୍ପାକ୍ଷରମେବ ଚ ।
ଗତିପ୍ରଚାରେ କର୍ତ୍ତବ୍ୟଂ ଗାନେ ସାମ୍ୟମିହେଚ୍ଛତା ।। ୧୭୨ ।।
ତତ୍ତ୍ୱଂ ଚାନୁଗତଂ ଚୈବ ଓଘଶ୍ଚାପି କଦାଚନ ।
ରାଜ୍ଞାଂ ଲଳିତ ଭାବତ୍ୱାଦ୍ ଯୋଜ୍ୟଂ ବାଦ୍ୟଂ ସ୍ୱଭାବଜମ୍ ।। ୧୭୩ ।।

ବିବିଧ ମନୋହର କରଣ ଏବଂ ବିଚିତ୍ର ମୃଦଙ୍ଗ ପ୍ରହାର ଦ୍ୱାରା ସ୍ୱାଭାବିକ ଉତ୍ତମ ଗତି ସ୍ଥଳରେ ବିଧୂତା ଜାତି ବିଧାନ କରାଯାଏ ।। ୧୬୭ ।।

ଦଗିଗେ ଗୁଡୁଘେଙ୍ଘ୍ ତିଟ୍‌ଥି କ୍ଲାମ ଟଟ୍‌ଥି କଣଂ କୁକ୍ରାମ୍ ଏହି ବୋ'ଲ ଯୋଗରେ ବିଧୂତା ଜାତି ବଜାଯିବ ।। ୧୬୮ ।।

ଚଳନ ଓ ଅନ୍ୟାନ୍ୟ ଗତିରେ ଏହି ଜାତି ଗୁଡ଼ିକ ପ୍ରୟୋଗ କରାଯିବ ବୋଲି ପଣ୍ଡିତମାନେ ଜାଣିବେ । ଏଠାରେ ଯାହା ମୁଁ କହି ପାରିନାହିଁ, ଦରକାର ଅନୁଯାୟୀ ପ୍ରତ୍ୟକ୍ଷ ଦୁନିଆଁରୁ ତାହା ସଂଗ୍ରହକରିବେ ।। ୧୬୯ ।।

ବିଜ୍ଞବାଦକ ଦଶରୂପକରେ ଏହିପରି ଏହି ବିଧିରେ ବଜାଇବେ । ଗତି ପ୍ରଚାର ଓ ଗୀତରେ ବିଶେଷକରି ଦଶ ରୂପକରେ ଲକ୍ଷ୍ୟ କରିବେ ।। ୧୭୦ ।।

ସାତ ପ୍ରକାର (ଗାନରେ) ଏବଂ ଆସାରିତ ଛନ୍ଦରେ ତତ୍ତ୍ୱ, ଅନୁଗତ ଓ ଓଘ ବାଦନ ଆଶା କରାଯାଏ । ଗତି ପ୍ରଚାରରେ ଗାନରେ ସମତା ଇଛା କଲେ ଲଘୁ ଅକ୍ଷର କୃତବାଦ୍ୟ ଓ ଗୁରୁ ଅକ୍ଷର କୃତ ବାଦ୍ୟର ବାଦନ କରାଯିବ ।। ୧୭୧, ୧୭୨ ।।

ରାଜାଙ୍କ କ୍ଷେତ୍ରରେ କେବେ ତତ୍ତ୍ୱ ଓ କେବେ କେବେ ଓଘ ବାଦ୍ୟ ପ୍ରୟୋଗ କରାଯିବ । କାରଣ ଏହା ସବୁ ସେମାନଙ୍କ ଭାବଲାଳିତ୍ୟ ପାଇଁ ସ୍ୱାଭାବିକ ଆବଶ୍ୟକ ।। ୧୭୩ ।।

Digitized by srujanika@gmail.com

ତତ୍ତ୍ୱଂତୁ ପ୍ରଥମେ ଗାନେ ଦ୍ୱିତୀୟେଽନୁଗତଂ ଭବେତ୍ ।
ତୃତୀୟେ ତ୍ୱୋଘସଂଜ୍ଞଂତୁ ବାଦ୍ୟଂ ଗତି ପରିକ୍ରମେ ।। ୧୭୪ ।।
ଶେଷାଣାଂ ଛନ୍ଦଶଶ୍ଚିତ୍ରଂ ଧ୍ରୁବାଣାଂ ସଂପ୍ରଯୋଜୟେତ୍ ।
ଅଥସ୍ଥିତାପକୃଷ୍ଟାନାଂ ବାଦ୍ୟଂ ଚାନୁଗତଂ ଭବେତ୍ ।। ୧୭୫ ।।
ପ୍ରାବେଶିକୀନାଂ କର୍ତ୍ତବ୍ୟଂ ଲୟଶ୍ଚାନୁଗତଂ ତଥା ।
ନୈଷ୍କ୍ରାମିକ୍ୟନ୍ତରଗତଂ କାର୍ଯ୍ୟଂ ତ୍ରିଲୟବାଦିତମ୍ ।। ୧୭୬ ।।
ଦ୍ରୁତଂ ପ୍ରାସାଦିକୀନାଂଚ ଧ୍ରୁବା ପଞ୍ଚବିଧା ଭବେତ୍ ।
ଏବଂ ଧ୍ରୁବାଣାଂ କର୍ତ୍ତବ୍ୟଂ ବାଦ୍ୟଂ ପ୍ରକରଣାଶ୍ରୟମ୍ ।। ୧୭୭ ।।
ଯୋ ମାତ୍ରାଂଶ ବିକଳ୍ପସ୍ତୁ ଧ୍ରୁବପାଦେ ଭବେଦିହ ।
ସ ତୁ ଭାଣ୍ଡେନ କର୍ତ୍ତବ୍ୟ ସ୍ତଜ୍ଜ୍ଞୈର୍ଗତି ପରିକ୍ରମଃ ।। ୧୭୮ ।।
ଏବଂ ଗତି ପ୍ରଚାରେଷୁ ବାଦ୍ୟଂ ଯୋଜ୍ୟଂ ପ୍ରଯୋକ୍ତୃଭିଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଗ୍ରହାନ୍ ଭାଣ୍ଡସମାଶ୍ରୟାନ୍ ।। ୧୭୯ ।।
ଶମ୍ୟାତାଳଗ୍ରହାଃ କେଚିତ୍ ତଥା ଚ ତର୍ଜନୀଗ୍ରହାଃ ।
ତଥାକାଶଗ୍ରହଃ ପୁନଃ ପ୍ରଦେଶିନ୍ୟା ଗ୍ରହୋଽପରଃ ।
ତତ୍ର ଶମ୍ୟାଗ୍ରହାଃ ଜ୍ଞେୟା ନିତ୍ୟଂ ଦକ୍ଷିଣ ପୁଷ୍କରେ ।। ୧୮୦ ।।

ପ୍ରଥମ ଗାନରେ ତତ୍ତ୍ୱ ପ୍ରୟୋଗ କରିବ । ଦ୍ୱିତୀୟରେ ଅନୁଗତ, ଚଳନ ଓ ଅନ୍ୟାନ୍ୟ ଗତିରେ ଓଘବାଦ୍ୟ ପ୍ରୟୋଗ କରିବ ।। ୧୭୪ ।।

ଅବଶିଷ୍ଟ ଧ୍ରୁବାଗୁଡ଼ିକ କ୍ଷେତ୍ରରେ ନିଜ ଇଚ୍ଛାନୁଯାୟୀ ନାନା ଭାବରେ ବାଦ୍ୟ ବଜାଇବ । ସ୍ଥିତାପକୃଷ୍ଟା ଧ୍ରୁବାରେ ଅନୁଗତ ଶ୍ରେଣୀୟ ବାଦନ ହେବ ।। ୧୭୫ ।।

ପ୍ରାବେଶିକୀ ଧ୍ରୁବାରେ ଅନୁଗତ ଲୟରେ ବଜାଇବ । ନୈଷ୍କ୍ରାମିକୀ ଓ ଅନ୍ତରା ଧ୍ରୁବାରେ ତିନିଟି ଲୟରବାଦନ ହେବ ।। ୧୭୬ ।।

ପ୍ରାସାଦିକୀ ଧ୍ରୁବାରେ ଦ୍ରୁତଲୟ ରହିବ । ଧ୍ରୁବା ପାଞ୍ଚ ପ୍ରକାର । ଏହି ଧ୍ରୁବାମାନଙ୍କୁ ପ୍ରକରଣକୁ ଆଶ୍ରୟକରି ବଜାଇବା ଉଚିତ ।। ୧୭୭ ।।

ଧ୍ରୁବାପାଦରେ ଯେଉଁ ମାତ୍ରା ଓ ଅଂଶ ବିକଳ୍ପ ହେବ, ସେହି ଗତି ପରିକ୍ରମକୁ ଚର୍ମବାଦ୍ୟ ମାଧ୍ୟମରେ ଅଭିଜ୍ଞବାଦକମାନେ ମାତ୍ରା ଓ ବିଭାଗ ପାଳନ କରିବେ ।। ୧୭୮ ।।

ଗତି ଓ ପ୍ରଚଳନ ସ୍ଥଳରେ ଏହିପରି ବାଦ୍ୟ ପ୍ରୟୋଗକରିବ । ଏହାପରେ ଭାଣ୍ଡବାଦ୍ୟାଶ୍ରିତ ଗ୍ରହମାନଙ୍କୁ କହିବି ।। ୧୭୯ ।।

କେତେକ କହନ୍ତି ଶମ୍ୟା ଓ ତାଳଦ୍ୱାରା ଏହା ଆରମ୍ଭ ହେବ । ଆଉ କେତେକ ମଧ୍ୟମାରେ ଆରମ୍ଭ ହେବା କହନ୍ତି । ଆଉ କେହି ଆକାଶ ଗ୍ରହ ହେବା କହିଥାନ୍ତି । ଆଉ କେହି ମଧ୍ୟ

Digitized by srujanika@gmail.com

ବାମୋର୍ଦ୍ଧ୍ୱକେ ଗ୍ରହାସ୍ତାପି ଜ୍ଞେୟା ସ୍ତାଳଗ୍ରହାବ୍ରୁଧୈଃ ।
ତର୍ଜନୀଗ୍ରହକା ନିଷ୍କ୍ରାମାଲିଙ୍ଗ୍ୟେ ପରିକୀର୍ତ୍ତିତାଃ ॥ ୧୮୧ ॥
ଅଥାକାଶଗ୍ରହଃ ପ୍ରୋକ୍ତୋ ନିଷ୍କ୍ରାମେ ବା ପ୍ରୟୋଜିତଃ ।
ଆସାରିତା ନିତ୍ୟଶମ୍ୟା ଦ୍ୱିତାଳାସ୍ତୁ ଧ୍ରୁବାଙ୍ଗଜାଃ ॥ ୧୮୨ ॥
ଲୟଂ ଚ ନ ଗ୍ରହଂ ଗାନଂ ତତ୍ରସ୍ୟାଦ୍ ତର୍ଜନୀ ଗ୍ରହଃ ।
ଶୀର୍ଷକଂ ଚୋଦ୍ଧତା ଚୈବ ପ୍ରଦେଶିନ୍ୟା ଗ୍ରହାଃ ସ୍ମୃତାଃ ॥ ୧୮୩ ॥
ନତ୍କୁଟସ୍ୟାଡ୍ ଡିତାୟାଶ୍ଚ ପ୍ରାସାଦିକ୍ୟାସ୍ତଥୈବଚ ।
ସନ୍ନିପାତଗ୍ରହା ଜ୍ଞେୟାଃ ତଥୈବୈକ କଳୋବିଧିଃ ॥ ୧୮୪ ॥
ଆକାଶ ଗ୍ରହକାଜ୍ଞେୟାଃ ଚତୁର୍ଦ୍ୱିକଳ ଯୋଗଜାଃ ।
ତଥାଚାଙ୍ଗ ନିବଦ୍ଧାନି ଗୀତକାନି ଯଥାକ୍ରମମ୍ ॥ ୧୮୫ ॥
ଏବମେତେ ବୁଧୈର୍ଜ୍ଞେୟା ଗ୍ରହାଭାଣ୍ଡ ସମାଶ୍ରୟାଃ ।
ତାଣ୍ଡବେ ସୁକୁମାରେଚ ବାଦ୍ୟଂବକ୍ଷ୍ୟାମ୍ୟତଃ ପରମ୍ ॥ ୧୮୬ ॥
ଅଭାଣ୍ଡମେକଂ ଗାନସ୍ୟ ପରିବର୍ତ୍ତଂ ପ୍ରୟୋଜୟେଦ୍ ।
ତସ୍ୟାନ୍ତେ ସନ୍ନିପାତସ୍ତୁ କାର୍ଯ୍ୟୋ ଭାଣ୍ଡଗ୍ରହେ ବୁଧୈଃ ॥ ୧୮୭ ॥

ତର୍ଜନୀ ଗ୍ରହରେ ଆରମ୍ଭ ହେବା କଥା କୁହନ୍ତି । ସେ ସବୁ ବିଚାରକରି ଆମର ମତ ଦକ୍ଷିଣ ପୁଷ୍କରରେ ଶମ୍ୟା ସର୍ବଦା ଗ୍ରହ ହେବ । ବାମ ଓ ଉର୍ଦ୍ଧ୍ୱକ ବାଦ୍ୟରେ ଗ୍ରହ ହେବ ତାଳ । ଆଲିଙ୍ଗ୍ୟରେ ତର୍ଜନୀ ଗ୍ରହ ସର୍ବଦା ହିଁ ହେବ ॥ ୧୮୦, ୧୮୧ ॥

ନିଷ୍କ୍ରାମରେ ଆକାଶ ଗ୍ରହ ହୋଇପାରେ । ଶମ୍ୟାଗ୍ରହ ଆସାରିତ ଗାନରେ ବରାବର ରହିବ । ଧ୍ରୁବାଙ୍ଗରୁ ଜାତ ଦ୍ୱିତାଳ ପ୍ରୟୋଗ କରାଯିବ । ତହିଁରେ ତର୍ଜନୀଗ୍ରହ ହେବ । ଶୀର୍ଷକ ଉଦ୍ଧତା ହେବ । ତର୍ଜନୀ ଗ୍ରହ ହେବ ॥ (ଲୟଂଚ ନ ଗ୍ରହଂ ବୁଝାପଡୁନାହିଁ ।) ୧୮୨, ୧୮୩ ॥ ନତ୍କୁଟ, ଅଡ୍‌ଡ଼ିତ ଏବଂ ପ୍ରସାଦିକୀର ଗ୍ରହ ହେବ ସନ୍ନିପାତ । ଏଥିରେ ଏକକଳା ବିଧି ହେବ ॥ ୧୮୪ ॥

ଆକାଶ ଗ୍ରହରେ ଦୁଇକଳାର ଚାରି ବିଭାଗ ରହେ । କ୍ରମ ଅନୁଯାୟୀ ଅଙ୍ଗନିବଦ୍ଧ ଗୀତ ରହେ ॥ ୧୮୫ ॥

ଭାଣ୍ଡବାଦ୍ୟ ବିଷୟରେ ଏହି ଗ୍ରହମାନଙ୍କୁ ବିଜ୍ଞବାଦକ ଜାଣିବେ । ଏବେ ତାଣ୍ଡବ ଓ ଲାସ୍ୟ ଜାତୀୟ ନୃତ୍ୟରେ ଏମାନଙ୍କ ପ୍ରୟୋଗ ବିଷୟରେ କହିବି ॥ ୧୮୬ ॥

ଗାନର ଏକ ପରିବର୍ତ୍ତ (ଅନୁଷ୍ଠାନ) ଭାଣ୍ଡବାଦ୍ୟ ବିହୀନ ହୋଇ ଆରମ୍ଭ କରାଯିବ । ଏହା ଶେଷରେ ଭାଣ୍ଡବାଦ୍ୟ ଦ୍ୱାରା ସନ୍ନିପାତ ଗ୍ରହ ହେବ ॥ ୧୮୭ ॥

Digitized by srujanika@gmail.com

ଅଥବା ନୃତ୍ତଶୋଭାର୍ଥ ମଙ୍ଗାନାଂ ପରିବର୍ତ୍ତନମ୍ ।
ଗୀତକସ୍ୟ ପ୍ରକର୍ତ୍ତବ୍ୟଂ ଲୟସ୍ୟ ଚ ନିବର୍ତ୍ତନମ୍ ।। ୧୮୮ ।।
ଯତ୍ରାଭିନେୟମଙ୍ଗଂତୁ ନବାଦ୍ୟଂ ତତ୍ରଯୋଜୟେତ୍ ।
ଯତ୍ରାଙ୍ଗହାର ନୃତ୍ତଂ ତୁ ତତ୍ରବାଦ୍ୟଂ ପ୍ରଯୋଜୟେତ୍ ।। ୧୮୯ ।।
ଯତ୍ର ଗୀତବଶାଦଙ୍ଗଂ ଭୂୟୋ ଭୂୟୋ ନିବର୍ତ୍ତତେ ।
ତତ୍ରାଦ୍ୟ ମଭିନେୟଂତୁ ଶେଷଂ ନୃତ୍ତେନ ଯୋଜୟେତ୍ ।। ୧୯୦ ।।
ଯଦ୍ ବୃତ୍ତଂ ତୁ ପଦଂ ଗାନେ ତାଦୃଶଂ ବାଦ୍ୟମିଷ୍ୟତେ ।
ଗୀତବାଦ୍ୟ ପ୍ରମାଣେନ କୁର୍ଯ୍ୟାଦ୍ ଚାଙ୍ଗବିଚେଷ୍ଟିତମ୍ ।। ୧୯୧ ।।
ବାଦ୍ୟଂ ଗୁର୍ବକ୍ଷରକୃତଂ ତତାହ୍ବାକ୍ଷର-ଯୋଜିତମ୍ ।
ମୁଖୋପବହନେ କାର୍ଯ୍ୟଂ ପ୍ରକୃଷ୍ଟଂ ବର୍ଣ୍ଣତଃ ତଥା ।। ୧୯୨ ।।
ସ୍ଥିତେ ତ୍ୱଳ୍ପ ପ୍ରହାରଂତୁ ମଧ୍ୟେଽକ୍ଷରସମଂତଥା ।
କାର୍ଯ୍ୟଂତୁ ଗୀତକେ ବାଦ୍ୟଂ ଦ୍ରୁତେ ଚୋପରି ପାଣିକମ୍ ।। ୧୯୩ ।।
ସମଂରକ୍ତଂ ବିଭକ୍ତଂ ଚ ସ୍ଫୁଟଂ ଶୁଦ୍ଧଂ ପ୍ରହାରଜମ୍ ।
ନୃତ୍ତାଙ୍ଗ ଗ୍ରାହିଲୟଞ୍ଚୈଃ ବାଦ୍ୟଂ କାର୍ଯ୍ୟଂ ତୁ ତାଣ୍ଡବେ ।। ୧୯୪ ।।

ଅଥବା ନୃତ୍ୟର ଶୋଭା ବର୍ଦ୍ଧନ ପାଇଁ ଅଙ୍ଗର ପରିବର୍ତ୍ତନ କରାଯିବ । ଗାନର ଲୟ ମଧ୍ୟ ବଦଳାଇବ ।। ୧୮୮ ।।

ଯେଉଁ କ୍ଷେତ୍ର ଆଙ୍ଗିକ ଅଭିନୟର ଅପେକ୍ଷା ରଖେ ସେଠାରେ ବାଦ୍ୟ ପ୍ରୟୋଗ କରିବ ନାହିଁ । କିନ୍ତୁ ଏହି ଆଙ୍ଗିକ ଅଭିନୟ ନୃତ୍ୟରେ ହେଲେ ସେ କ୍ଷେତ୍ରରେ ବାଦ୍ୟ ପ୍ରୟୋଗ କରାଯିବ ।। ୧୮୯ ।।

ଯେଉଁ ସ୍ଥଳରେ ଗୀତାର୍ଥ ଅନୁଯାୟୀ ଅଙ୍ଗଭଙ୍ଗୀ ବାରମ୍ବାର ପରିବର୍ତ୍ତନ ହୁଏ, ତହିଁରେ ପ୍ରଥମେ ଆଙ୍ଗିକ ଅଭିନୟ କରାଯିବ । ପରେ ଏହାକୁ ନୃତ୍ୟ ସହିତ ଯୋଗ କରାଯିବ ।। ୧୯୦ ।।

ଗାନରେ ଯେଉଁ ଛନ୍ଦ ବା ବୃତ୍ତର ପଦଥିବ ସେହିପରି ବାଦ୍ୟ ବଜାଯିବ । ଗୀତ ଓ ବାଦ୍ୟକୁ ପ୍ରମାଣ ଆକାରରେ ଗ୍ରହଣ କରି ଅଙ୍ଗ ଅଭିନୟ କରାଯିବା ଉଚିତ ।। ୧୯୧ ।।

ମୁଖ ଓ ଉପୋହନରେ ଭାଣ୍ଡବାଦ୍ୟର ବାଦନରେ ଲଘୁ ଅକ୍ଷର ସହିତ ଗୁରୁ ଅକ୍ଷର ବଜାଯିବ । ବର୍ଣ୍ଣର ସ୍ପଷ୍ଟୀକରଣ ପାଇଁ ଏହା ପ୍ରକୃଷ୍ଟ ଉପାୟ ।। ୧୯୨ ।।

ବିଳମ୍ବିତ ଲୟରେ ପ୍ରହାର ମୃଦୁ ହେବ । ମଧ୍ୟ ଲୟରେ ଅକ୍ଷର ସହିତ ମିଶିମିଶି ପ୍ରହାର ହେବ । କିନ୍ତୁ ଦ୍ରୁତ ଲୟରେ ଉପରି ପାଣିକ ବାଦ୍ୟ ଗୀତରେ ବଜାଯିବ ।। ୧୯୩ ।।

ତାଣ୍ଡବ ନୃତ୍ୟରେ ନୃତ୍ୟର ଅଙ୍ଗଗ୍ରାହୀ ଲୟରେ ଅଭିଜ୍ଞ ବ୍ୟକ୍ତି ହିଁ ବଜାଇବେ । ବାଦନ ସମପ୍ରୀତିକର, କଳାରେ ବିଭକ୍ତ, ସ୍ପଷ୍ଟ ହେବ । ଏହା ଶୁଦ୍ଧ ପ୍ରହାର ଦ୍ୱାରା ନିଷ୍ପନ୍ନ ହେଉଥିବ । ନୃତ୍ୟର ଅଙ୍ଗଗୁଡ଼ିକର ବାଦନରୁ (ବାଜାରୁ) ଜଣାପଡୁଥିବ ।। ୧୯୪ ।।

Digitized by srujanika@gmail.com

ସନୃତ୍ତେଷୁ ପ୍ରୟୋଗେଷୁ ତତ୍ତ୍ୱଂ ହ୍ୟନୁଗତଂ ତଥା ।
ଅନୃତ୍ତେଷୁ ପ୍ରୟୋଗେଷୁ ତତ୍ତ୍ୱମୋଘଂ କ୍ରମେଣ ତୁ ॥ ୧୯୫ ॥
ସ୍ଥିତେ ମଧ୍ୟେ ଦ୍ରୁତେ ଚାପି ଯଥା ଗାନେ ତୁ ବାଦୟେତ୍ ।
ପଦନୃତ୍ତାଙ୍ଗହାରେ ତୁ ତେନୈବ ପ୍ରକ୍ରମେଣ ତୁ ॥ ୧୯୬ ॥
ଯୋ ବିଧିର୍ଗାନବାଦ୍ୟାନାଂ ପଦାକ୍ଷର ଲୟାନ୍ୱିତଃ ।
ସ ତୁ ନୃତ୍ତାଙ୍ଗ ହାରେଷୁ କର୍ତ୍ତବ୍ୟୋ ନାଟ୍ୟଯୋଗତଃ ॥ ୧୯୭ ॥
ଏତାସ୍ତୁ ଜାତୟଃ ପ୍ରୋକ୍ତା ଦଶ ଚାଷ୍ଟୌ ଚ ଭାଣ୍ଡଜାଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ପ୍ରକାରାନ୍ ବାଦ୍ୟସଂଶ୍ରୟାନ୍ ॥ ୧୯୮ ॥

ଅଥ ପ୍ରକାରାଃ:- ଚିତ୍ରଃ, ସମଃ, ବିଭକ୍ତଃ, ଛିନ୍ନଃ, ଛିନ୍ନବିଦ୍ଧଃ, (ବିଦ୍ଧଃ), ଅନୁବିଦ୍ଧଃ, ସ୍ୱରୂପାନୁଗତଃ, ଅନୁସୃତଃ, (ଅନୁସୃତ ବିଚ୍ୟୁତଃ), ଦୁର୍ଗଃ, ଅବକୀର୍ଣ୍ଣଃ, ଅର୍ଧାବକୀର୍ଣ୍ଣଃ, ଏକରୂପଃ, ପରିକ୍ଷିପ୍ତଃ, ସାଚୀକୃତଃ, ସମଲେଖଃ, ଚିତ୍ରଲେଖଃ, ସର୍ବସମବାୟଃ, ଦୃଢ଼ ଇତି ।

ତତ୍ର-

ନିବର୍ତ୍ତିତାଦିଭିଃ ପ୍ରଯୁକ୍ତଂ ଚିତ୍ରୈଃ କରଣୈରନେକ ବିଧହସ୍ତୈଃ ।
ତ୍ରିଲୟଂ ତ୍ରିପାଣିଯୁକ୍ତଂ ଚିତ୍ରଂ ବାଦ୍ୟଂ ବୁଧୈର୍ଜ୍ଞେୟମ୍ ॥ ୧୯୯ ॥

ନୃତ୍ୟଯୁକ୍ତ ପ୍ରୟୋଗରେ ଅନୁଗତ ତତ୍ତ୍ୱକୁ ଅନୁସରଣ କରିବ । ନୃତ୍ୟହୀନ ପ୍ରୟୋଗରେ ଓଘ ତତ୍ତ୍ୱପରେ ରହିବ ॥ ୧୯୫ ॥

ଗୀତରେ ସ୍ଥିତ ମଧ୍ୟ ବା ଦ୍ରୁତ ଯେଉଁ ବିଧିରେ ଗାନରେ ଭାଣ୍ଡବାଦ୍ୟ ବଜାଯିବ, ପଦରେ ବା ଅଙ୍ଗ ହାର ସହିତ ନୃତ୍ୟରେ ମଧ୍ୟ ସେହି ପ୍ରକ୍ରମରେ ବଜାଯିବ ॥ ୧୯୬ ॥

ନାଟ୍ୟ ଅନୁଷ୍ଠାନରେ ଗାନରେ ପଦ ବର୍ଣ୍ଣ ଓ ଲୟଯୁକ୍ତ ବାଦ୍ୟର ବିଧାନ ଯାହା, ତାହା ହିଁ ଅଙ୍ଗହାର ସହିତ ନୃତ୍ୟରେ ବିଧେୟ ॥ ୧୯୭ ॥

ଭାଣ୍ଡବାଦ୍ୟ ସମ୍ବନ୍ଧରେ ଏହି ଅଠରଟି ଜାତି କୁହାଯାଇଛି । ଏହାପରେ ଏମାନଙ୍କ ପ୍ରକାର କହିବି ॥ ୧୯୮ ॥ ସେମାନଙ୍କର ବିଂଶ ପ୍ରକାର ପ୍ରୟୋଗ । ଚିତ୍ର, ସମ, ବିଭକ୍ତ, ଛିନ୍ନ, ଛିନ୍ନବିଦ୍ଧ, (ବିଦ୍ଧ), ଅନୁବିଦ୍ଧ, ସ୍ୱରୂପାନୁଗତ, ଅନୁସୃତ, ଅନୁସୃତ ବିଚ୍ୟୁତ, ଦୁର୍ଗ, ଅବକୀର୍ଣ୍ଣ, ଅର୍ଧାବକୀର୍ଣ୍ଣ, ଏକ ରୂପ, ପରିକ୍ଷିପ୍ତ, ସାଚୀକୃତ, ସମଲେଖ, ଚିତ୍ରଲେଖ, ସର୍ବସମବାୟ ଓ ଦୃଢ଼ । ତହିଁରେ ନିବର୍ତ୍ତିତ ପ୍ରକୃତି ବିବିଧ କରଣ ସହିତ ଯେଉଁ ବାଦନ ଅନେକ ପ୍ରକାର ହସ୍ତ ଦ୍ୱାରା ଅନୁଷ୍ଠିତ ହୁଏ ଏବଂ ଯହିଁରେ ତିନି ଲୟ ଏବଂ ତିନିପାଣି ରହେ ତାହାକୁ ଚିତ୍ର କୁହାଯାଏ ॥ ୧୯୯ ॥

Digitized by srujanika@gmail.com

ଦର୍ଦ୍ଦୁର ପଣବ ମୃଦଙ୍ଗାନାଂ ନାନା କରଣୈସ୍ତୁ ସମନ୍ୱୁଜାତଃ ।
ତାଳାଙ୍ଗ ବଂଶାନୁଯୁକ୍ତଃ ସତୁବିଜ୍ଞେୟଃ ସମୋନାମ ।। ୨୦୦ ।।
ନାତ୍ୟାୟତଶ୍ଚ ଯଃ ସ୍ୟାତ୍ ସଂସ୍ଥାନତଶ୍ଚ ସମଶ୍ଚ ବିଭକ୍ତଶ୍ଚ ।
ଅକ୍ଷରପାଣି ଲୟେଷୁ ଚ ବିଭକ୍ତ କରଣେ ବିଭକ୍ତଶ୍ଚ ।। ୨୦୧ ।।
ବାଦ୍ୟଂ ଦ୍ରୁତଲୟଂ ଯତ୍ର ସହସା ଚ ନିବର୍ତ୍ତତେ ।
ସର୍ବାତୋଦ୍ୟେଷୁ ଭିନ୍ନେଷୁ ପ୍ରକାରଃ ଛିନ୍ନ ଏବ ସଃ ।। ୨୦୨ ।।
ଅବପାଣି ର୍ମୃଦଙ୍ଗାନାଂ ପଣବୋପରି ପାଣିଶ୍ଚ ।
ଭବତି ଯତ୍ର ବାଦ୍ୟେତୁ ଛିନ୍ନବିଦ୍ଧ ଇତି ସ୍ମୃତଃ ।। ୨୦୩ ।।
ମୃଦଙ୍ଗକରଣୈର୍ବାଦ୍ୟଂ ପଣବାନ୍ ବାଦୟନ୍ତି ଚେତ୍ ।
ସୂଚୀବେଧୈର୍ବିଚିତ୍ରୈସ୍ତୁ କରଣୈ ର୍ବିଦ୍ଧ ଏବ ସଃ ।। ୨୦୪ ।।
ବିଦ୍ଧାନୁବିଦ୍ଧଂତୁ ଯଦ୍‌ବାଦ୍ୟଂ ସର୍ବାତୋଦ୍ୟେଷୁ ଦୃଶ୍ୟତେ ।
ପରସ୍ପରାନୁବେଧାଚ୍ଚ ଅନୁବିଦ୍ଧସ୍ତୁ ସଂସ୍ମୃତଃ ।। ୨୦୫ ।।
ବିଶୁଦ୍ଧ ବାଦ୍ୟ ପ୍ରକୃତିଃ ସମପାଣିକୃତସ୍ତଥା ।
ସ୍ୱରୂପାନୁଗତଶ୍ଚୈବ ସ୍ୱରୂପ ଇତି ସ ସ୍ମୃତଃ ।। ୨୦୬ ।।

ଦର୍ଦ୍ଦୁର ପଣବ ଓ ମୃଦଙ୍ଗ ବିବିଧ କରଣ ସହିତ ତାଳ ଅଙ୍ଗ ଏବଂ ବଂଶୀ ସହିତ ମିଶି ବଜାଗଲେ ସମ ନାମରେ ପରିଚିତ ହୁଏ ।। ୨୦୦ ।। ବାଦନ ଯେତେବେଳେ ଖୁବ୍ ପ୍ରଶସ୍ତ ହୁଏ ନାହିଁ, ଏବଂ ଏଥିରେ ବିଭକ୍ତ କରଣରେ ସମାନ ଭାବରେ ବର୍ଣ୍ଣ, ପାଣି ଓ ଲୟ ଅନୁସୃତ ହୁଏ ସେହି ସମୟରେ ଏହାକୁ ବିଭକ୍ତ କୁହାଯାଏ ।। ୨୦୧ ।।

ଅନ୍ୟାନ୍ୟଯନ୍ତ୍ର ଗୁଡ଼ିକ ପୃଥକ୍ ଭାବରେ ବାଜୁଥିବା ଅବସ୍ଥାରେ ଦ୍ରୁତଲୟର ଭାଣ୍ଡବାଦ୍ୟ ହଠାତ୍ ବନ୍ଦ ହୋଇଗଲେ ଏହାକୁ ଛିନ୍ନ କୁହାଯାଏ ।। ୨୦୨ ।।

ଯେଉଁ ବାଦନରେ ଅବପାଣିରେ ମୃଦଙ୍ଗ ଓ ଉପରିପାଣିରେ ପଣବ ବାଦ୍ୟଗୃହୀତ ହୁଏ ତାହା ଛିନ୍ନ ବିଦ୍ଧ ।। ୨୦୩ ।। ମୃଦଙ୍ଗ ବିହିତ କରଣରେ ପଣବ ଯେଉଁ କ୍ଷେତ୍ରରେ ବଜାଯାଏ ଏବଂ ଏହି କରଣଗୁଡ଼ିକ ଚବିବିଧ ସୂଚୀବେଧ ହୁଏ ସେହିବାଦନକୁ ବିଦ୍ଧ କୁହାଯାଏ ।। ୨୦୪ ।।

ଯେଉଁବାଦନ ବିଦ୍ଧ ମିଶ୍ରିତ ହୋଇ ସମସ୍ତ ବାଦ୍ୟରେ ଦେଖାଯାଇଥାଏ, ପରସ୍ପର ଅନୁବେଧ ଯୋଗୁଁ ତାକୁ ଅନୁବିଦ୍ଧ କୁହାଯାଏ ।। ୨୦୫ ।। ଯେଉଁବାଦର ପ୍ରକୃତି ସରଳ ଶୁଦ୍ଧ, ସମପାଣି ଦ୍ୱାରା କରାଯାଇଥାଏ ଏବଂ ନିଜର ନିର୍ଦ୍ଦିଷ୍ଟସ୍ୱରୂପକୁ ଅନୁସରଣ କରେ, ତାହାକୁ ସ୍ୱରୂପ ବୋଲି କୁହାଯାଏ ।। ୨୦୬ ।।

Digitized by srujanika@gmail.com

ମୁରଜଂ ପଣବୋ ବାପି ପଣବଂ ଦର୍ଦୁରୋଽପିବା ।
ଯଦାନୁଯାୟାଦାତୋଦ୍ୟଂ ସ୍ୱରୂପାନୁଗତସ୍ତୁ ସଃ ॥ ୨୦୭ ॥
ଅନୁଗମ୍ୟ ତଦାତୋଦ୍ୟଂ ଗଚ୍ଛେନ୍ତି ସଲୟଂ ପୁନଃ ।
ଶ୍ରୁତବଦ୍ ସମତା ବାଦ୍ୟେ ତଦାନୁସୃତ ଉଚ୍ୟତେ ॥ ୨୦୮ ॥
ଏକୈକାନୁଗତଂ ବାଦ୍ୟଂ ବାଦ୍ୟଜାତି ସମନ୍ୱିତମ୍ ।
କୃତ୍ୱାନ୍ୟଜାତିକଂ କୁର୍ଯ୍ୟାଦ୍ ତଦାନୁସୃତ ବିଚ୍ୟୁତଃ ॥ ୨୦୯ ॥
ଯତ୍ରୂପଚାର ବିଷମଂ ସର୍ବମାର୍ଗ ପ୍ରବୋଧନମ୍ ।
ଅବିଭକ୍ତାକ୍ଷରକୃତଂ ତଦ୍ ଦୁର୍ଗବାଦ୍ୟମୁଚ୍ୟତେ ॥ ୨୧୦ ॥
ସମବୃତ୍ତେ ମୃଦଙ୍ଗାସ୍ତୁ ବାଦ୍ୟନ୍ତେ ପଣବୈ ର୍ଯଦି ।
ନାନା ବିଚିତ୍ର କରଣୈଃ ଅବକୀର୍ଣ୍ଣସ୍ତଦା ସ୍ମୃତଃ ॥ ୨୧୧ ॥
ଦ୍ରୁତଂ ଲୟଂ ସମାରୁହ୍ୟ ପଣବୋ ଦର୍ଦୁରୋଽପିବା ।
ଅବପାଣୌ ଯଦା ସ୍ୟାତାମ୍ ଅର୍ଧକୀର୍ଣ୍ଣା ତୁ ସା ତଦା ॥ ୨୧୨ ॥
ସର୍ବାତୋଦ୍ୟାନି ଯତ୍ରୈକଂ କରଣଂ ଭାବୟନ୍ତି ଚ ।
ସମବୃତ୍ତପଦାନ୍ୟେବ ଏକରୂପ ଇତି ସ୍ମୃତଃ ॥ ୨୧୩ ॥

ଯେଉଁ ବାଦନରେ ମୁରଜକୁ ପଣବ ଅନୁସରଣ କରେ ଓ ଦର୍ଦୁର ପଣବକୁ ଅନୁସରଣ କରେ ତାହାକୁ ସ୍ୱରୂପାନୁଗତ କୁହାଯାଏ ॥ ୨୦୭ ॥

ଯେତେବେଳେ ଏହି ବାଦ୍ୟଗୁଡ଼ିକ ଅନୁସରଣ ପରେ ନିଜ ଲୟ ସହିତ ଏକାଠି ସମାନ ଭାବେ ଶୁଣାଯାଆନ୍ତି, ସେତେବେଳେ ଏହାକୁ ଅନୁସୃତ କହନ୍ତି ॥ ୨୦୮ ॥

ମୃଦଙ୍ଗ ପଣବ ପ୍ରଭୃତି ପୂର୍ବପରି ଏକକୁ ଆରେକ ଅନୁସରଣ କରି ବାଦ୍ୟଜାତି ସମନ୍ୱିତ ହୋଇ ବାଜୁଥିବା ଅବସ୍ଥାରେ ଯଦି ଅନ୍ୟଜାତିକୁ ଚଳି ଯାଆନ୍ତି ତାହାକୁ ଅନୁସୃତ ବିଚ୍ୟୁତ କୁହାଯାଏ ॥ ୨୦୯ ॥

ଯେଉଁବାଦନ ନିଜ ଗତିରେ ଅନିୟମିତ ହୋଇ ସମସ୍ତ ମାର୍ଗର ବିକାଶ ସାଧନ କରେ, ଅବିଭକ୍ତ ବର୍ଣ୍ଣ ସହିତ ଅନୁଷ୍ଠିତ ଏହାକୁ ଦୁର୍ଗ ବୋଲି କୁହାଯାଏ ॥ ୨୧୦ ॥

ପଣବ ସହିତ ମୃଦଙ୍ଗ ଯେଉଁ ସ୍ଥଳରେ ବିବିଧ ଅନେକ କରଣରେ ବଜାଯାଏ, ତାହାକୁ ଅବକୀର୍ଣ୍ଣ କହନ୍ତି ॥ ୨୧୧ ॥

ପଣବ ବା ଦର୍ଦୁର ଦ୍ରୁତ ଲୟରେ ଅବପାଣି ସହିତ ବାଜିବାକୁ ଅର୍ଧାବକୀର୍ଣ୍ଣ କୁହାଯାଏ ॥ ୨୧୨ ॥ ସବୁ ଯନ୍ତ୍ରର ବାଜଣା ଗୋଟିଏ କରଣକୁ ଅନୁସରଣ କଲେ ସମବୃତ୍ତପଦ ଏହିବାଦ୍ୟକୁ ଏକରୂପ କହନ୍ତି ॥ ୨୧୩ ॥

Digitized by srujanika@gmail.com

ପଣବୈଣ୍ଡାଦିତଂ ଯତ୍ର ବାଦ୍ୟମଙ୍କଂ ମୃଦଙ୍ଗଜମ୍ ।
ଅବିଭକ୍ତାକ୍ଷର ପଦଂ ପରିକ୍ଷିପ୍ତସ୍ତୁ ସସ୍ମୃତଃ ॥ ୨୧୪ ॥
ଚିତ୍ରଂ ହି କରଣଂ ଯତ୍ର ବାଦ୍ୟେନୈକେନ ବାଦ୍ୟତେ ।
ନୃତ୍ତାଙ୍ଗହାରାନୁଗତଂ ଜ୍ଞେୟଃ ସାଚୀକୃତସ୍ତୁ ସଃ ॥ ୨୧୫ ॥
କୃତ୍ୱୋପରିଗତଂ ବାଦ୍ୟଂ ପଣବୋ ଦର୍ଦୁରୋଽପିହି ।
ଯତ୍ରୋଦୀକ୍ଷତେ ମୁରଜାନ୍ ସମୁଲ୍ଲେଖସ୍ତୁ ସସ୍ମୃତଃ ॥ ୨୧୬ ॥
ଚିତ୍ରଂ ବହୁବିଧଂ ବାଦ୍ୟଂ ମୃଦଙ୍ଗପଣବାଦିଭିଃ ।
କ୍ରିୟତେ ଯତ୍ର ସମ୍ବନ୍ଧେ ଶ୍ଚିତ୍ରଲେଖଃ ସ ଉଚ୍ୟତେ ॥ ୨୧୭ ॥
ସର୍ବମାର୍ଗଗତୋ ଯସ୍ତୁ ସର୍ବପାଣି ଲୟାଶ୍ରୟଃ ।
ବିଚିତ୍ରଶ୍ଚ ବିଭକ୍ତଶ୍ଚ ସ ସର୍ବସମବାୟକଃ ॥ ୨୧୮ ॥
ଯସ୍ତୁ ମଧ୍ୟ ଲୟୋପେତଃ ସମଃ ସୁବିହିତାକ୍ଷରଃ ।
ଗତିପ୍ରଚାର ବିହିତଃ ପ୍ରକାରୋ ଦୃଢ଼ ଏବ ସଃ ॥ ୨୧୯ ॥
ଏବମେତେ ପ୍ରକାରାସ୍ତୁ କର୍ତ୍ତବ୍ୟା ବାଦ୍ୟସଂଶ୍ରୟାଃ ।
ଗତି ପ୍ରଚାରେ ଗେୟେ ଚ ରସଭାବୌ ସମୀକ୍ଷ୍ୟତୁ ॥ ୨୨୦ ॥

ମୃଦଙ୍ଗଜାତ ଅକ୍ଷସ୍ୱରକୁ ପଣବସ୍ୱର ଆଛାଦିତ କରିବା ଯୋଗୁଁ ଅକ୍ଷର ପଦ ଅବିଭକ୍ତ ହେଲେ ପରିକ୍ଷିପ୍ତ ହୁଏ ॥ ୨୧୪ ॥

ବିବିଧକରଣ ନୃତ୍ୟର ଅଙ୍ଗାଭିନୟକୁ ଅନୁସରଣକରି ଗୋଟିଏ ମାତ୍ର ବାଦନରେ ବଜାଗଲେ ସାଚୀକୃତ କୁହାଯାଏ ॥ ୨୧୫ ॥

ଉପରିପାଣିର ପଣବ ଓ ଦର୍ଦୁର ଯେଉଁ କ୍ଷେତ୍ରରେ ମୃଦଙ୍ଗକୁ ଅପେକ୍ଷା ରଖନ୍ତି ତାହା ସମୁଲ୍ଲେଖ ॥ ୨୧୬ ॥ ବିବିଧ ଯନ୍ତ୍ର ଏକତ୍ର ଭାବରେ ବିଭିନ୍ନ ପ୍ରକାର ବାଜି ବିଚିତ୍ରତା ସୃଷ୍ଟି କଲେ ଚିତ୍ରଲେଖ ହୁଏ ॥ ୨୧୭ ॥ ଯେଉଁ ବାଦନ ସବୁ ମାର୍ଗକୁ ଅନୁସରଣ କରେ ସବୁପାଣି ଓ ସବୁ ଲୟକୁ ମଧ୍ୟ ଆଶ୍ରୟ କରୁଥାଏ । ବିଚିତ୍ର ହେଲେ ମଧ୍ୟ ସ୍ପଷ୍ଟ ବାରି ହେଉଥାଏ ତାହାକୁ ସମବାୟକ ବୋଲି ଜାଣିବ ॥ ୨୧୮ ॥

ଯେଉଁ ବାଦନ ମଧ୍ୟଲୟରେ ବଜାଯାଏ, ସମମାତ୍ରାରେ ଚାଲିଥାଏ, ବର୍ଣ୍ଣ ସ୍ପଷ୍ଟ ଭାବେ ବାରି ହେଉଥାଏ, ଜାତି ପ୍ରଚାର ବିଧାନ ଅନୁଯାୟୀ ହୋଇଥାଏ ତାହାକୁ ଦୃଢ଼ ବୋଲି ଜାଣିବ ॥ ୨୧୯ ॥

ଭାଣ୍ଡବାଦ୍ୟକୁ ଆଶ୍ରୟ କରୁଥିବା ଏହି ପ୍ରକାରଗୁଡ଼ିକ ଗତି ଓ ଗାନରେ ରସ ଓ ଭାବର ସ୍ଥିତିକୁ ବଜାୟ ରଖି ଏହିପରି କରିବ ॥ ୨୨୦ ॥

Digitized by srujanika@gmail.com

ପ୍ରକାରା ଜାତୟଶ୍ଚୈବ ସର୍ବମାର୍ଗେଷୁ ସଂସ୍ଥିତାଃ ।
ଯେ ବୈ ଗତିପ୍ରଚାରେଷୁ ଶୁଦ୍ଧାସ୍ତେ କେବଳାଃ ସ୍ମୃତାଃ ॥ ୨୨୧ ॥

ଏତେଷାଂ ପ୍ରୟୋଗ ମିଦାନୀଂ ବକ୍ଷ୍ୟାମି । ତତ୍ର ଉପବିଷ୍ଟଃ ପ୍ରାଙ୍ମୁଖଃ ରଙ୍ଗେ କୁତପବିନିବେଶଃ କର୍ତ୍ତବ୍ୟଃ । ତତ୍ର ପୂର୍ବୋକ୍ତୟୋଃ ନେପଥ୍ୟ ଗୃହଦ୍ୱାରୟୋଃ ମଧ୍ୟେ କୁତପ ବିନ୍ୟାସଃ । ତତ୍ର ରଙ୍ଗାଭିମୁଖଃ ମୌରଜିକଃ (ମାର୍ଦଙ୍ଗିକଃ), ତସ୍ୟ ଦକ୍ଷିଣତଃ ପାଣବିକଃ, ଦର୍ଦୁରିକୋ ବାମତଃ । ଏଷ ପ୍ରଥମମ୍ ଅବନଦ୍ଧକୁତପବିନ୍ୟସଃ ଉକ୍ତଃ । ତତ୍ର ଉତ୍ତରାଭିମୁଖଃ ଗାୟନଃ, ଗାୟନସ୍ୟ ବାମପାର୍ଶ୍ୱେ ବୈଣିକଃ, ତସ୍ୟ ଦକ୍ଷିଣେ ବଂଶବାଦକୌ । ଗାତୁଃ ଅଭିମୁଖା ଗାୟିକା ଇତି କୁତପବିନ୍ୟାସଃ । ମାର୍ଦଙ୍ଗିକ ପାଣବିକ ଦାର୍ଦୁରିକେଷୁ ଗାୟକ ଗାୟିକା-ବଂଶିକ-ବୈଣିକ-ସହିତେଷୁ ଅଶିଥିଳାୟତ ତନ୍ତ୍ରୀବଦ୍ଧାସ୍ତନିତେଷୁ ଆତୋଦ୍ୟେଷୁ ଯଥାଗ୍ରାମ ରାଗ ମୂର୍ଚ୍ଛନା ମାର୍ଜନାନୁଲିପ୍ତେଷୁ ମୃଦଙ୍ଗେଷୁ ଉଦ୍‌ଧାରୟା ନିପୀଡ଼ିତ ନିଗୃହୀତ-ଅହୀନ ଗୃହୀତ ମୁକ୍ତ ପ୍ରହାର କୃତେଷୁ ଦର୍ଦୁର ବାଦନ ମୁଖାର୍ଧବିନ୍ୟସ୍ତହସ୍ତୈଃ ବାଦନକୈଃ ଦେବତାନାମାବାହନବିସର୍ଜନାର୍ଥଂ ପ୍ରଥମମେବ ତ୍ରିସାମ କର୍ତ୍ତବ୍ୟମ୍ ।

ପ୍ରକାର ଓ ଜାତି ସବୁ ମାର୍ଗରେ ଆଶ୍ରୟ କରାଯିବ । ଯେଉଁମାନେ ଗତିରେ ପ୍ରୟୋଗ କ୍ଷେତ୍ରରେ ରହନ୍ତି, କେବଳ ସେମାନଙ୍କୁ ହିଁ ଶୁଦ୍ଧ କୁହାଯାଏ ॥ ୨୨୧ ॥ ଏବେ ଏମାନଙ୍କ ପ୍ରୟୋଗ ବିଷୟରେ କହିବି । ସେଠାରେ ରଙ୍ଗ ମଞ୍ଚରେ ପୂର୍ବକୁ ମୁହଁ କରି ବସି କୁତପନିବେଶ (ବାଦ୍ୟବାଦକ ଗାୟକମାନଙ୍କୁ ସଜାଇବା) କରିବ । ପୂର୍ବରୁ କୁହାଯାଇଥିବା ଅନୁସାରେ ନେପଥ୍ୟ ଦୁଇ ଦ୍ୱାର ମଧ୍ୟ ସ୍ଥଳରେ କୁତପ ବିନ୍ୟାସ କରାଯିବ । ରଙ୍ଗ ଆଡ଼କୁ ମୁହଁକରି ମୃଦଙ୍ଗ ବାଦକ ବସିବେ । ତାଙ୍କ ଡାହାଣକୁ ପଣବ (ପଖାଉଜ) ଓ ବାମକୁ ଦର୍ଦୁର (ଢୋଲିକି)ବାଦକ ବସିବେ । ଏହା ଭାଣ୍ଡବାଦ୍ୟର କୁତପ ବିନ୍ୟାସ ପ୍ରଥମେ କୁହାଗଲା । ସେଠାରେ ଗାୟକ ଉତ୍ତରକୁ ମୁହଁକରି ବସିବେ । ଗାୟକଙ୍କ ବାମ ପାର୍ଶ୍ୱରେ ବୀଣାବାଦକ ଓ ଡାହାଣପାଖରେ ଦୁଇଜଣ ବଂଶୀବାଦକ ବସିବେ । ଗାୟକଙ୍କୁ ମୁହଁକରି ଗାୟିକା ବସିବେ । ଏହା ହିଁ କୁତପ ବିନ୍ୟାସ ।

ଏବେ ମାର୍ଦଙ୍ଗିକ, ପାଣବିକ ଓ ଦାର୍ଦୁରିକ ଏବଂ ଗାୟକ ଗାୟିକା ବୀଣା ବଂଶୀବାଦକ ସହିତ ବସିଯିବା ପରେ ବୀଣାର ତାରକୁ ମାପ ବା ସ୍ୱର ଅନୁଯାୟୀ ଟାଣ ଦେବ । ଅନ୍ୟାନ୍ୟ ବାଦ୍ୟମାନଙ୍କରେ ରାଗ ଅନୁଯାୟୀ ମୂର୍ଚ୍ଛନାକୁ ଲକ୍ଷ୍ୟରଖି ମାର୍ଜନା (ପିଟାପିଟିକରି) କରି ପାଉଡ଼ର ନେଇ (ଅନୁଲିପ୍ତକରି) ମୃଦଙ୍ଗର ଡୋରକୁ ଠିକ୍ ଭାବରେ ଭିଡ଼ି ମଝିରେ ମଝିରେ ବଜାଇ ପରୀକ୍ଷାକରି ଠିକ୍ ସ୍ୱରରେ ରଖିବେ । ଦର୍ଦୁର ପଣବ ମୁହଁ ଉପରେ ଅଧା ହାତ ରଖି ବାଦକମାନେ ଦେବତାମାନଙ୍କର ଆବାହନ ଓ ବସର୍ଜନ ପାଇଁ ପ୍ରଥମେ ତ୍ରିସାମଗାନ ଆରମ୍ଭ କରିବେ ।

Digitized by srujanika@gmail.com

ତଦ୍ ତୁ ସର୍ବ ଚରାଚରୋପ୍ରତିଷ୍ଠିତା ପ୍ରଳୟ କର୍ତ୍ତୁଃ ବ୍ରହ୍ମଣଃ ମୁଖାଭିଷିକ୍ତେନ ପ୍ରଥମେନ ସାମ୍ନା ବାମପାର୍ଶ୍ୱେ ଚନ୍ଦ୍ରଂ ସଂପ୍ରୀଣୟତି । ଦକ୍ଷିଣେ ପନ୍ନଗାନ୍ ଅଥାନ୍ତରେଣ ଜଳଜଂ ଦ୍ୱିତୀୟେନ ସାମ୍ନା ମୁନୀନ୍ ଆୟତେନ ତୃତୀୟେନ ବୃହଦ୍‌ସାମ୍ନା ଦୈବତାନି ଚ ।

ଏବଂ ପ୍ରୀଣୟତେ ଯସ୍ମାଦ୍ ଦୈବତାନି ଯଥାକ୍ରମମ୍ ।
ତସ୍ମାଦ୍ ତ୍ରିସାମ୍ନି ବିଜ୍ଞେୟଂ ତ୍ରିସାମତ୍ୱଂ ବୁଧୈରିହ ।। ୨୨୨ ।।
ଏବଂ ଚ ଶ୍ରୟତେ ଯସ୍ମାଦ୍ ବ୍ରହ୍ମାଣଂ କେଶବଂ ଶିବମ୍ ।
ତସ୍ମାଦେତଦ୍ ତ୍ରିସାମ ତୁ ଋଷିଭିଃ ପରିକୀର୍ତ୍ତିତମ୍ ।। ୨୨୩ ।।
ଚତୁର୍ଣ୍ଣାମପି ବେଦାନା ମାଦା ବୋଙ୍କର ଉଚ୍ୟତେ ।
ତଥାତ୍ର ସର୍ବଗୀତାନାଂ ତ୍ରିସାମ ପରିଗୀୟତେ ।। ୨୨୪ ।।
ତ୍ରିପ୍ରକାରଂ ତ୍ରିଲୟକଂ ତଥା ଚୈବାଦ୍‌ଦ୍ୱିତାଶ୍ରୟମ୍ ।
ଷଟ୍‌କଳଂ ତ୍ରିକଳଂ ଚୈବ ତ୍ରିସାମ ପରିକୀର୍ତ୍ତିତମ୍ ।। ୨୨୫ ।।
ତ୍ରିବିଧଂ ଚାକ୍ଷରବିଧୌ ଗୁରୁ ଲଘ୍ୱକ୍ଷରାନ୍ୱିତମ୍ ।
ଔକାରଶ୍ଚ ମକାରଶ୍ଚ ତ୍ରିକୈଃ ତ୍ରିଗୁଣିତଂ ଭବେଦ୍ ।। ୨୨୬ ।।

ଚରାଚର ସୃଷ୍ଟି ସ୍ଥିତି ଲୟକର୍ତ୍ତା ବ୍ରହ୍ମାଙ୍କର ମୁଖନିଃସୃତ ପ୍ରଥମ ସାମଦ୍ୱାରା ବାମପାର୍ଶ୍ୱରେ ଗାୟକ ଚନ୍ଦ୍ରଙ୍କୁ ପ୍ରୀତ କରିବେ । ସର୍ପମାନଙ୍କୁ ଦକ୍ଷିଣରେ ଏବଂ ଏହି ଦୁହିଁଙ୍କ ମଧ୍ୟରେ ସମସ୍ତ ଜଳଜାତ ପ୍ରାଣୀମାନଙ୍କୁ ପ୍ରୀତ କରିବେ । ଦ୍ୱିତୀୟ ସାମଦ୍ୱାରା ମୁନିମାନଙ୍କୁ ବିଶାଳ ତୃତୀୟ ବୃହଦ୍ ସାମଦ୍ୱାରା ଦେବତାମାନଙ୍କୁ ସନ୍ତୁଷ୍ଟ କରିବେ । ଏହିପରି ଯଥାକ୍ରମେ ଦେବତାମାନଙ୍କୁ ପ୍ରୀତ କରାଯାଉଥିବାହେତୁ ତ୍ରିସାମର ତ୍ରିସାମତା ସାର୍ଥକ ହୁଏ ବୋଲି ବିଜ୍ଞମାନେ ଜାଣିବା ଉଚିତ୍ ।। ୨୨୨ ।।

ଏହିପରି ଭାବରେ ଯେଣୁ ବ୍ରହ୍ମାବିଷ୍ଣୁ ଓ ଶିବଙ୍କୁ ଆଶ୍ରୟ କରାଯାଏ ସେଥି ପାଇଁ ଋଷିମାନେ ଏହାକୁ ତ୍ରିସାମ କହନ୍ତି ।। ୨୨୩ ।।

ଚାରିଟିଯାକ ବେଦର ପ୍ରଥମ ବର୍ଣ୍ଣ ଓଁକାର ବୋଲି କୁହାଯାଇଛି । ସେହିପରି ଆମର ଏହି ନାଟ୍ୟବେଦରେ ସବୁଗୀତର ମୂଳ ହିସାବରେ ତ୍ରିସାମ ଗାନ କରାଯାଏ ।। ୨୨୪ ।।

ଏହି ତ୍ରିସାମ ତିନି ପ୍ରକାର, ତିନି ଲୟ, ଅଦ୍‌ଦ୍ୱିତାମାର୍ଗ ଏବଂ ଛଅ ବା ତିନି କଳାର ଭାଗ (ଭାଣ୍ଡବାଦ୍ୟ ଦ୍ୱାରା ଏହାର ସହଯୋଗିତାରେ) ଦ୍ୱାରା ଗାନ କରାଯିବ ।। ୨୨୫ ।।

ଗୁରୁ ଲଘୁ ସହିତ ଏହାର ବର୍ଣ୍ଣଗୁଡ଼ିକ ତ୍ରିବିଧ ହେବ । ଏହାର ଅ, ଉ ଏବଂ ମ ତ୍ରିକଗଣ ସହିତ ତିନିଥର ଉଚ୍ଚାରିତ ହେବ ।। ୨୨୬ ।।

Digitized by srujanika@gmail.com

ତସ୍ୟୈବ ଚାନ୍ତେ ପୂର୍ବରଙ୍ଗ ବିଧାନ ମନୁପ୍ରାପ୍ୟ ଛନ୍ଦଃସମେନ ଅକ୍ଷରସମେନ ଚ ବାଦ୍ୟେନ ବହିର୍ଗୀତ ବିଧାନଂ ତୁ ତ୍ରିଲୟଂ ବର୍ତ୍ତନୀୟମ୍ । ତତ୍ର ଆସାରିତ ପ୍ରୟୋଗେ ଚ ତତ୍ତ୍ୱାନୁଗତଂ ବାଦ୍ୟଂ ପ୍ରାୟଃ ପ୍ରୟୋକ୍ତବ୍ରମ୍ । ଯତ୍ର ତ୍ରିସପ୍ତ ପ୍ରତ୍ୟାହାରା ଦ୍ୟବତୀର୍ଣ୍ଣ କୋଟି ସ୍ତତ୍ର ବାଦ୍ୟଂ ପ୍ରବର୍ତ୍ତତେ । ତତ୍ରାଦୌ ତାବଦ୍ ବାମୋର୍ଦ୍ଧ୍ୱକ ପ୍ରହାରଯୁକ୍ତଂ ପଶ୍ଚାଦାଲିଙ୍ଗ୍ୟକ ବିମର୍ଦନଂ ଗୋପୁଚ୍ଛା ଯତି ସ୍ମରଣ ମାସାଦ୍ୟ ବିଚିତ୍ର କରଣଯୁତଂ ଚତୁର୍ମାର୍ଗଂ ସମାର୍ଦଙ୍ଗିକଂ ସର୍ବଭାଣ୍ଡିକମପି ବାଦ୍ୟଂ ପଶ୍ଚାଦ୍ ବିପଞ୍ଚୀ ବାଦ୍ୟଂ ପ୍ରବର୍ତ୍ତୟିତବ୍ୟମ୍ । କସ୍ମାଦ୍ ପୂର୍ବଂହି ଭାଣ୍ଡବାଦ୍ୟେନ ସିଦ୍ଧି ମୁତ୍ପାଦୟତି । ପୂର୍ବଂ ଭାଣ୍ଡେନାଭିବ୍ୟଞ୍ଜିତୋ ରଙ୍ଗେ ଧ୍ରୁବା ବିଧିଃ । ସ୍ତ୍ରୀବାଳ ମୂର୍ଖାବକୀର୍ଣ୍ଣେ ରଙ୍ଗେ କୁତୂହଳ ଜନନ ସମର୍ଥଂ ବାଦ୍ୟଂ ସମୁତ୍ପନ୍ନଂ ଭବତି । ଅପି ଚ - ଆଚାର୍ଯ୍ୟାଃ ସମମିଚ୍ଛନ୍ତି ପଦଚ୍ଛେଦଂତୁ ପଣ୍ଡିତାଃ ।

ସ୍ତ୍ରିୟୋ ମଧୁର ମିଚ୍ଛନ୍ତି ବିକୃଷ୍ଟ ମିତରେ ଜନାଃ ।। ୨୨୭ ।।

ତସ୍ୟ ଚାନ୍ତେ ତାଣ୍ଡବ ପ୍ରୟୋଗମଧିକୃତ୍ୟ ନର୍ତ୍ତକ୍ୟା ଅବତରଣକାଳେ ଲଘୁବର୍ଣ୍ଣ ସଞ୍ଚୟୈଃ ମାର୍ଦଙ୍ଗିକୈଃ ଅଙ୍ଗୁଳି ପ୍ରଚଳନ ପ୍ରାୟଂ ବାଦ୍ୟଂ ଯୋଜ୍ୟମ୍ । ନର୍ତକ୍ୟବ-ତରଗୀତାନ୍ତେ ସନ୍ନିପାତା ଜ୍ଞେୟାଃ ।

ତ୍ରିସାମ ପରେ ପୂର୍ବରଙ୍ଗାନୁଷ୍ଠାନ ସମ୍ପନ୍ନକରି ଛନ୍ଦସମ ଓ ବର୍ଣ୍ଣସମ ବାଦ୍ୟ ଦ୍ୱାରା ତିନିଟି ଲୟରେ ବହିର୍ଗୀତ ବିଧାନ କରିବ । ଆସାରିତ ପ୍ରୟୋଗରେ ବାଦ୍ୟ ତତ୍ତ୍ୱାନୁଗତ ଭାବେ ଅଧିକ ଭାବେ ପ୍ରୟୋଗ କରିବ । ଯେଉଁ ସମୟରେ ତ୍ରିସାମ ପରେ ପ୍ରତ୍ୟାହାର ପ୍ରଭୃତି ଶେଷ ସ୍ତରରେ ପହଞ୍ଚିବ ସେହି ସମୟରେ (ଭାଣ୍ଡ)ବାଦ୍ୟ ଆରମ୍ଭ କରିବ । ସେତେବେଳେ ପ୍ରଥମେ ସବୁ ଭାଣ୍ଡବାଦ୍ୟ ଏହି କ୍ରମରେ ବଜାଯିବ । ପ୍ରଥମେ ବାମକ ଓ ଉର୍ଦ୍ଧ୍ୱକରେ ପ୍ରହାର କରାଯିବ । ତାପରେ ଆଲିଙ୍ଗ୍ୟକରେ ଗୋପୁଚ୍ଛା ଯତି ସହିତ ପ୍ରହାର କରାଯିବ । ଶେଷରେ ବୀଣା ବଜାଯିବ । କାରଣ - ପ୍ରଥମେ ଭାଣ୍ଡବାଦ୍ୟ ସିଦ୍ଧି ପ୍ରଦାନ କରିଥାଏ । ଧ୍ରୁବାର ସମ୍ପାଦନ ଭାଣ୍ଡବାଦ୍ୟ ଦ୍ୱାରା ହିଁ ପ୍ରଥମେ ସୂଚିତ ହୁଏ । ତାହା ପରେ ସ୍ତ୍ରୀ ବାଳକ ଓ ସାଧାରଣ ଜନେ ପରିପୂର୍ଣ୍ଣ ପ୍ରେକ୍ଷାଳୟରେ ବାଦ୍ୟ ସମସ୍ତଙ୍କର କୁତୂହଳ ଜାତ କରିବା ପାଇଁ ସମର୍ଥ ହୋଇଥାଏ ।

ସଂଗୀତର ଆଚାର୍ଯ୍ୟମାନେ ସମକୁ ଭଲ ପା'ନ୍ତି । ପଣ୍ଡିତମାନେ ପଦଚ୍ଛେଦ ଓ ଶୁଦ୍ଧତାକୁ ଭଲ ପାଆନ୍ତି । ନାରୀମାନେ ସଂଗୀତର ମାଧୁର୍ଯ୍ୟକୁ ଶ୍ରଦ୍ଧାକରନ୍ତି । ଅନ୍ୟମାନେ ସ୍ପଷ୍ଟ ଭାବେ ଦୂରକୁ ଶୁଭୁଥିବା ଗୁଣକୁ ଭଲ ପା'ନ୍ତି ।। ୨୨୭ ।।

ଏହି ଭାଣ୍ଡବାଦ୍ୟ ଶେଷରେ ତାଣ୍ଡବ ପ୍ରୟୋଗ ବିଷୟକୁ ଆଧାରକରି ନର୍ତ୍ତକୀ ମଞ୍ଚକୁ ଓହ୍ଲାଇ ଥିବା ଅବସ୍ଥାରେ ମୃଦଙ୍ଗବାଦକଗଣ ଲଘୁବର୍ଣ୍ଣ ସମୂହ ଶୋଭିତ ଅଙ୍ଗୁଳିଚାଳନାରେ ସେମାନଙ୍କ ବାଦ୍ୟ ପ୍ରୟୋଗ କରିବେ । ନର୍ତ୍ତକୀ ପ୍ରବେଶ ଗୀତ ଶେଷରେ ସନ୍ନିପାତ ବିଧାନ

Digitized by srujanika@gmail.com

ଲାସ୍ୟ ନୃତ୍ତାଙ୍ଗହାରାନୁଗତଂ କରଣଂ ବାଦ୍ୟଂ ପ୍ରଯୋଜ୍ୟମ୍ । କରଣଧାତୁ ସଂଯୋଗଜମିତ୍ୟୁଚ୍ୟତେ ସମଂଗଚ୍ଛେ ମିତ୍ୟାଦି । ତତ ଇଦାନୀଂ ବାମୋର୍ଦ୍ଧ୍ୱକ ପ୍ରହାର ସଂଯୁକ୍ତମ୍ ଆଲିପ୍ତମାର୍ଗଦେଶ କରଣ ସଂଶ୍ରୟଂ ସମୁତ୍ଥାପନକେ ବାଦ୍ୟଂ ଯୋଜ୍ୟମ୍ । ଯଥା:- ଧେଦ୍ ମତି ଧଙ୍ଗୟା ଧେଦ୍ ଧ୍ରିତି ଟିଦ୍ ସଂ, କ୍ରଂ, କ୍ରଂ ଖୋକ, ଣେ ଦେବ୍ୟାଂ କେନ୍ତାଂ କିଟ୍ ଘେଦ୍ ଇତି ପୂର୍ବ ରଙ୍ଗଲୟପାତ ନିର୍ଦ୍ଦିଷ୍ଟ ପ୍ରୟୋଗ ସମୁଦ୍‌ଥାପନକେ ବାଦ୍ୟଂ ଯୋଜ୍ୟମିତି ।

ତୟୋଃ ପରଂ, ଯଦ୍ ପରିବର୍ତ୍ତନଂ ଚତୁର୍ମାର୍ଗିକ ଶୁଦ୍ଧ ଜାତ୍ୟାଶ୍ରୟଂ ଯଥା ପ୍ରୋକ୍ତ -ମଂ ଖୋଖୋ ଣାଂ ଖୋଖୋଣାଂ ଖୋଖୋଖୋଣା - ଏତଦ୍ ଦ୍ରବ୍ୟୈ ର୍ଯଦ୍‌ବାଦ୍ୟଂ ସ୍ୟାଦ୍ ।

ପୁନସ୍ତୟୋ ନ୍ୟାସାଦ୍ ଖୋ ଖୋ ଦୋ ଖୋ ଖକେଣାଂ ଘତ୍ରୟନ୍ତାଂ ଘ ନପୁଂସକପାଦେ । ଯଥା କୋନ ଦୁଖଦ୍ ମାର୍ଗ ଇତି ଚତୁର୍ଥକାର ପ୍ରବେଶେ ଚ ବାଦ୍ୟମ୍ (ଅଙ୍ଗନି ପ୍ରଚଳନ ପ୍ରାୟମ୍) ।

ବସ୍ତୁଦ୍ ଥାପନକେ ଚାପକୃଷ୍ଟାୟା ମର୍ଧମପି (?) ଚାର୍ଯ (୧) ଗ୍ରହୋ ଯଥା- ଘଘେନ୍ତାଂ ଘେ ଢେ ଢୋ ଘଖଣାଦୋଣାଂ ଘୋଘ ଘେଘଘେ ଇତି ।

ନାନ୍ଦୀ ଶୁଷ୍କାପକୃଷ୍ଟାୟାଂ ପ୍ରତିଶୁଷ୍କଂ କରଣଂ ଶ୍ରିତଂ ବାଦ୍ୟଂ ଯୋଜ୍ୟମିତି- ଯଥା:- ଘୋ ଘୋ ଘୋ ଖେଖ ଘୋ ଘେଦ୍ ନାଦଘଦ୍ ଖୋଦ୍‌ଧୋ କୁତାଂ ଖଖଖେଣ କସୁଗୁକଘେଦ୍ ଣୋ ଖି ଖେଦ୍ ତାଦ୍ ଖେଦ୍ ଣମ୍ କିଟି କିଟି ଘ ଘେଦ୍ ଘ କଟୁ କ ଘୁଦୁକଂ ଲବଲାଖୋ ଖୋ ଖୋ ଖୋ ବ୍ରାଘୁଟେଟାଂ ବାଲିଂ ଣମାଂ କିଟି ଘଦ୍‌ଥି ଇତି ।

ରଙ୍ଗ ଦ୍ୱାର ପ୍ରଚରଣେ ଜର୍ଜର ଶ୍ଳୋକ ନିଗଦନେ ଚ ଆର୍ଯାଂ (ଚାତୃଚିତାମାର୍ଗାଶ୍ରିତଂ) କରାଯିବ । ସେହି ପ୍ରସଙ୍ଗରେ ଲାସ୍ୟ ନୃତ୍ୟର ଅଙ୍ଗହାର ଅନୁଯାୟୀ କରଣ ସହିତ ସଂଶ୍ଳିଷ୍ଟ ସଂଗୀତ କରଣ ଧାତୁ ସହିତ ମିଳିତ ହେବେ । ସେଥିପାଇଁ ସମଂରଚ୍ଛଂ ଇତ୍ୟାଦି କୁହାଯାଇଛି ।

ଏହାପରେ ପ୍ରୟୋଗ ଆରମ୍ଭରେ ଆଲିପ୍ତ ମାର୍ଗର କରଣ ସହିତ ସଂଶ୍ଳିଷ୍ଟ ରୂପେ ସଂଗୀତ ବଜାଯିବ । ବାମକ ଓ ଉର୍ଦ୍ଧ୍ୱକ ପ୍ରହାର ଦ୍ୱାରା ଏହା ଏହିପରି ବଜାଯିବ - (ବୋ'ଲ ସଂସ୍କୃତରେ) ଧେଦ୍‌ମତି- ଇତ୍ୟାଦି । ପୂର୍ବରଙ୍ଗ ଲୟ ପାତରେ ନିର୍ଦ୍ଦିଷ୍ଟ ପ୍ରୟୋଗ ସମୁଦ୍‌ଥାପକରେ ଏହିବାଦ୍ୟ ଯୋଗ କରାଯିବ । ସେ ଦୁଇଟି ବିରତି ପରେ କ୍ଲୀବପାଦ ଗଠନରେ (ଦ୍ର.୫/୯୯-୧୦୦) ଚାତୁର୍ମାର୍ଗିକ ଶୁଦ୍ଧ ଜାତିକୁ ଆଶ୍ରିତ ଯେଉଁ ପରିବର୍ତ୍ତନ ହେବ ତାହା: (ଦ୍ର. ୫/୧୦୦-୧୦୪) (ବୋ'ଲ ଉପରେ) ଏହା ଅଧିକାଂଶ ଭାଣ୍ଡ ଉପରେ ଅଙ୍ଗୁଳି ତାଡ଼ନା ଦ୍ୱାରା ହେବ । ବସ୍ତୁର ଉଦ୍‌ଥାପନରେ ଏବଂ ସେଠାରେ ଅପକୃଷ୍ଟା ଚାରୀରେ ବାଦନ ଆରମ୍ଭ ହେବ । ଯଥା- (ବୋ'ଲ ଉପରେ) ନାନ୍ଦୀର ଶୁଷ୍କାପକୃଷ୍ଟା ଧ୍ରୁବାରେ ବଜାଯିବ ଶୁଷ୍କ କରଣରେ ଏବଂ ଏଥିରେ ରଙ୍ଗ ଦ୍ୱାରା ଅନୁଷ୍ଠାନର ଜର୍ଜର ଶ୍ଳୋକ । (ଦ୍ର. ୫/୧୧୬-୧୮-୧୯) ଆବୃତ୍ତି ସହିତ ଯେତେବେଳେ

Digitized by srujanika@gmail.com

ସନ୍ନିପାତ ଗ୍ରହଣଂ ପ୍ରୟୋକ୍ତବ୍ୟମ୍ । ମହାଚାର୍ଯାଂ ବିତସ୍ତ ମାର୍ଗାଶ୍ରିତଂ ବାଦ୍ୟଂ ପ୍ରଦେଶିନ୍ୟା ଗ୍ରହମ୍ ଅପୂର୍ବଂ ତଦ୍‌ବଦ୍ ପୂର୍ବରଙ୍ଗେ ତାଣ୍ଡବବାଦ୍ୟମୁକ୍ତମ୍ । ସନିପାତଗ୍ରହୋ-

ଯଥା:- ବାମକରେଣ-

ଖୋ ଖୋଣାଂ ଦୋଦୋ ଦୋକଃ ମୋକଃ ଦହେଣ ଣା ଥୋ ଥୋଣୋ ଘୋଘ ଟମଟଥିଙ୍ଘ ଘୋ ଘୋ କଟ କଟଝଂଖୋ ଖୋଖିତ କଟ କଟାଂ ଘଟକମଦ୍‌ଥି ଘୋ ଘୋ ମିଥି ଣାଂ କିଟିକିନାଂ ଖକଘଳମ୍ । ଇତି ।

ଆଲିପ୍ତମାର୍ଗାଶ୍ରିତଂ ବାଦ୍ୟମ୍ ଅତଃ ପରମ୍ ଉଦାହାର୍ଯମ୍ । ବିତସ୍ତ ମାର୍ଗସ୍ଥିତିକଂ ବାଦ୍ୟଂ ପ୍ରଦେଶିନ୍ୟା ଗ୍ରହୋ ଯଥା:-ଣଣ ଥୋକ ଣଣୋ ମଥୁଣାଂ ଖୋ ଖୋ ମଥି ତକିତାଂ ତକିତାଂ କିଂତି କିତାଂ କିଟି କିନ୍ତୋ ଖୋ ଖୋ ମତିତା ମଦ୍‌ଥିତ୍ର ମିତି ତିକିତି କେନ୍ତାଂ କେନ୍ତାଂ ନତ କେନ୍ତାଂ ଟଘେ ତାନ୍ଦ୍ରାଂ କୃନ୍ତାଂ ଦ୍ରାଂ ଦ୍ରାନ୍ତାଂ କିନ୍ନାଂ କିନ୍ନାଂ କେନ୍ତାଂ ମୁଦ୍ରାଂ ଘ୍ରେଂ ଘ୍ରେଂ କ୍ଲେଂ ଘ୍ରଂଘ୍ରଂ ଦ୍ରାଗ୍ରାଂ ଘଦ୍ରେ ଦ୍ରାଂ ଘେନ୍ଦ୍ରାଂ ଘେନ୍ଦ୍ରା ଘଡେ କ୍ଲେଦ୍ ଇତି ।

ପଟକ୍ଷେପଣାଦ୍ ସିଦ୍ଧେରେତାବଚ୍ଚତୁରସ୍ରଂ ପୂର୍ବ ରଙ୍ଗ ବିଧାନେ ଭାଣ୍ଡବାଦ୍ୟଂ ପ୍ରୟୋଜୟେଦ୍ । ତ୍ର୍ୟସ୍ରେ ତଦେବ କାଳାବ୍ୟବହିତମ୍ । ପୁନଶ୍ଚ ତାଟକାଦ୍ୟେଷୁ ଧୀରୋଦାତ୍ତ ଧୀରୋଦାତ୍ତ ଧୀରଲଳିତ ଧୀର ପ୍ରଶାନ୍ତାନାଂ ଚତୁର୍ଣ୍ଣା ନାୟକାନାଂ ଗତିପ୍ରଚାରେ ସ୍ୱସ୍ଥାବସ୍ଥାସୁ ନିର୍ଗତଂ ବାଦ୍ୟ ମୁପଦେକ୍ଷ୍ୟାମଃ ।

ଚାରୀ ଅନୁଷ୍ଠିତ ହେବ ସେତେବେଳେ ଅଡ୍‌ଡ଼ିତା ମାର୍ଗରେ ସନ୍ନିପାତ ଅବଲମ୍ବନ କରାଯିବ । ଏହା ସହିତ ସଂପୃକ୍ତ ମହାଚାରୀରେ ବିତସ୍ତ ମାର୍ଗରେ ଭାଣ୍ଡବାଦ୍ୟର ବାଦନ ରହିବ । (ଦ୍ର ୫/୧୨୭) ତହିଁରେ ତର୍ଜନୀଦ୍ୱାରା ଗ୍ରହ ହେବ । ଏହିପରି ପୂର୍ବରଙ୍ଗ ଅନୁଷ୍ଠାନ ବେଳେ ତାଣ୍ଡବ ଉପଯୋଗୀ ବିଶେଷ ଭାଣ୍ଡବାଦନ ବିହିତ ହୋଇଅଛି । ଏଥିରେ ସନ୍ନିପାତ ଓ ଗ୍ରହ ରହିବ । ଏବଂ ଏହା ବାମ ହସ୍ତରେ (ବୋ'ଲ ସହିତ) ବଜାଯିବ (ବୋ'ଲ ଉପରେ)

ଏହାପରେଆଲିପ୍ତ ମାର୍ଗରେ ଆଶ୍ରିତ ବାଦ୍ୟର ଉଦାହରଣ ଦିଆଯିବ । ବିତସ୍ତ ମାର୍ଗରେ ବଜାଯିବ । ତର୍ଜନୀ ଦ୍ୱାରା ଗ୍ରହ ହେବ । ଯଥା:- (ବୋ'ଲ ସଂସ୍କୃତରେ)

ଯବନିକା ପାତଠାରୁ ପ୍ରୟୋଗର ସିଦ୍ଧିପାଇଁ ପୂର୍ବ ରଙ୍ଗବିଧାନରେ ଚତୁରସ୍ର ଭାଣ୍ଡବାଦନ ପ୍ରୟୋଗ କରିବ । ତ୍ର୍ୟସ୍ରରେ ତାହା ହିଁ କାଳ ବ୍ୟବଧାନ ନରହି ହେବ । (ଦ୍ର ୫/୧୪୮) ଆହୁରି ମଧ୍ୟ ନାଟକ ପ୍ରକୃତିରେ ଧୀରୋଦାତ୍ତ, ଧୀରୋଦ୍ଧତ, ଧୀରଲଳିତ ଓ ଧୀର ପ୍ରଶାନ୍ତ ନାୟକମାନଙ୍କର ଚଳନ ଏବଂ ସୁସ୍ଥ ଅବସ୍ଥାର ଭ୍ରମଣ ପ୍ରକୃତିରେ ଉପଯୋଗୀ ଭାଣ୍ଡବାଦ୍ୟ

Digitized by srujanika@gmail.com

ତତ୍ର ଧ୍ରଂ ଧ୍ରଂ ଗ୍ରଂ ଧ୍ରାଦଂ ପ୍ରାୟୋ ଦେବାନାଂ ଗତୌ ପ୍ରୟୋଜ୍ୟମ୍ । ଘେନ୍ତାଂ ପ୍ରୟୋଜ୍ୟଂ ରାଜ୍ଞାମ୍ । ଧ୍ରଂକ୍ଳଂ ଧଟୁ ଘେଦ୍ ଘେଟୁ ଟିଦ୍‌ଥିଦ୍ରୁନ କେଟିନ୍ଦ୍ରାଂ ନାଂ ନାଂ ଧ୍ରଦ୍ରାଂ ପ୍ରାୟୋ ମଧ୍ୟମ ପୁରୁଷେଷୁ ବାଦ୍ୟମ୍ । ପୁନରେବ ସ୍ଥିତାୟାଂ ବାଦ୍ୟବିଧାନଂ ବକ୍ଷ୍ୟାମି ।

ତ୍ରିକଳ ଦ୍ୱିକଳୈକ କଳାଶ୍ଚତୁଷ୍କଳାଶ୍ଚୈବ ପାଦବିନ୍ୟାସାଃ ।
ତତ୍ର ତୁ ସାମ୍ୟଂ କାର୍ଯ୍ୟଂ ଭାଣ୍ଡେନ ସମଂ ଚ ଗାନେନ ॥ ୨୨୮ ॥

ପୁନଶ୍ଚାବସ୍ଥାକୃତଂ ବାଦ୍ୟଂ ପ୍ରବକ୍ଷ୍ୟାମି । ତ୍ୱରିତଗମନେ ?ଘଂ ଘଂ ଘେ ଘେ ଟାଂ ଇତ୍ୟେବ ବାଦ୍ୟଂ ପ୍ରୟୋକ୍ତବ୍ୟମ୍ । ଯଥା ବିଷମାଦିକମ୍ ଅଙ୍ଗୁଳି ପ୍ରଚଳନକୃତଂ ବିହିତମ୍ ।

ଯଥୈବ (?) ପୂର୍ବଂ ସମ୍ୟକ୍ ଲିଖିତମ୍ ତୁ ଅଙ୍ଗୁଳି ପ୍ରଚାରେଷୁ । ପୁନରତ୍ୟବସ୍ଥାୟି ବାଦ୍ୟବିଧାନଂ ବକ୍ଷ୍ୟାମି ।

ସ୍ୱଚ୍ଛେ ଗତିପ୍ରଚାରେ ବାଦ୍ୟଂ ତ୍ରିକଳଂ ଚତୁଷ୍କଳଂ ବାପି ।
ଲଘୁଗତି ବିଧାନଂ ସମୀକ୍ଷ୍ୟ ତଜ୍‌ଜ୍ଞୈଃ ପ୍ରୟୋକ୍ତବ୍ୟମ୍ ॥ ୨୨୯ ॥

ନହ୍ୟେକ ଦ୍ୱିକଳା ବା ଧ୍ରୁବାବିରାମା ଭବନ୍ତି ବାଦ୍ୟେଷୁ ।
ତସ୍ମାଦ୍ ଭାଣ୍ଡେନ ଚ ସାମ୍ୟଂ କାର୍ଯ୍ୟଂ ନ ଗାନେନ ॥ ୨୩୦ ॥

ବିଷୟରେ ଉପଦେଶ ଦେବି । ଧ୍ରଂ ଧ୍ରଂ ଗ୍ରଂ ଧ୍ରାଦଂ ଏହା ବେଶିକରି ଦେବତାମାନଙ୍କ ଗତିରେ ବ୍ୟବହାର କରାଯାଏ । ଘେନ୍ତାଂ ରାଜାମାନଙ୍କ ଗତିରେ ପ୍ରୟୋଗ କରାଯାଏ ।

ଧ୍ରଂ କ୍ଳଂ - ଧ୍ରଦାଂ (ସାଧାରଣ ସମ୍ଭ୍ରାନ୍ତ) ମଧ୍ୟମ ପୁରୁଷ କ୍ଷେତ୍ରରେ ବେଶି ପ୍ରୟୋଗ କରାଯାଏ । ଏବେ ସ୍ଥିତା ଧ୍ରୁବାରେ ବାଦ୍ୟ ବିଧାନ କହିବି ।

ଏହି ସମୟରେ ନୃତ୍ୟର ପଦକ୍ଷେପ ତ୍ରିକଳ ଦ୍ୱିକଳ ବା ଏକକଳ ଲୟ ଅନୁସାରେ ହେବ । ଭାଣ୍ଡବାଦ୍ୟ ଗୀତ ସହିତ ସମ ଭାବରେ ସମାନତା ରକ୍ଷା କରିବ ॥ ୨୨୮ ॥

ପୁଣି ନାଟ୍ୟର ପାତ୍ରମାନଙ୍କ ବିଭିନ୍ନ ଅବସ୍ଥାରେ ପ୍ରୟୋଜ୍ୟ ବାଦ୍ୟକଥା କହିବି । ବେଗ ଗମନ କ୍ଷେତ୍ରରେ ଘଂ ଘଂ ଘେଘଟାଂ ଏହା ହିଁ ବଜାଯିବ । ବିଷମାଦି ଅଙ୍ଗୁଳି ପ୍ରଚାର ବିଧାନ ଅନୁଯାୟୀ କରାଯାଇଛି ।

ଯେପରି କି ପୂର୍ବରୁ ସବୁ ଅଙ୍ଗୁଳି ପ୍ରଚାର ପ୍ରସଙ୍ଗରେ ଲେଖାଯାଇଛି । ପୁନରାୟ ଅତି (ବିଭିନ୍ନ) ଅବସ୍ଥାମାନଙ୍କର ବିଧାନ କହୁଛି :-

ସାଧାରଣ ଗତିରେ ବାଦ୍ୟ ତ୍ରିକଳ କିମ୍ବା ଚତୁଷ୍କଳ ହେବ/ ହାଲୁକା ଯିବା ଆସିବାର ସ୍ଥିତି ଦେଖି ଏହା ବିଶେଷଜ୍ଞ ପ୍ରୟୋଗ କରିବେ ॥ ୨୨୯ ॥

ଭାଣ୍ଡବାଦ୍ୟ ବାଦନର ଧ୍ରୁବାମାନଙ୍କ ମଧ୍ୟରେ ଏକକଳ ବା ଦ୍ୱିକଳ ଯତି ରହିବ ନାହିଁ । ଏଣୁ ଭାଣ୍ଡବାଦ୍ୟ ସହିତ ସମତା ରକ୍ଷାକରି ଗତି ହେବ, ଗୀତ ସହିତ ହେବ ନାହିଁ ॥ ୨୩୦ ॥

Digitized by srujanika@gmail.com

ସର୍ବତ୍ର ତ୍ୱରିତଗମନେଷୁ ପାତାଃ ପୂର୍ବୋକ୍ତା ଯେ ଗତି ପ୍ରଚାରେଷୁ ।
ଧିଦ୍ ଧିଦ୍ ଘେଦ୍ ଘେଦ୍ ପ୍ରାୟଣ୍ଟାତ୍ର ଚ ବାଦ୍ୟଂ ପ୍ରୟୋକ୍ତବ୍ୟମ୍ ।। ୨୩୧ ।।
ନୌ-ରଥ ବିମାନଯାନେ ପକ୍ଷିଚଲା କାଶଜେ ଽଙ୍ଗୁଳି ଚଳନାତ୍ ।
କାର୍ଯ୍ୟଂ ବା ଚତୁଷ୍ଟେଽପ୍ୟନ୍ୟୋନ୍ୟ କରାଭିହତଂ ଚ ବାଦ୍ୟମ୍ ।। ୨୩୨ ।।

ଦୁଃଖାର୍ତ୍ତି ବ୍ୟାଧିତେଷ୍ଟଶାପ କ୍ଲେଶେଷ୍ଟ ଜନବିୟୋଗ ବିଭବନାଶ ବଧବନ୍ଧ ବ୍ରତ ନିୟମୋପବାସାଦି ଯୁକ୍ତେଷୁ ପୂର୍ବାଲିପ୍ତ ମାର୍ଗାଶ୍ରିତମ୍ ଉଦ୍ଥାପନବାଦ୍ୟଂ ବିଧାତବ୍ୟମ୍ ।

ଦୈତ୍ୟ ଦାନବ ଯକ୍ଷ ରାକ୍ଷସ ଗ୍ରହାଦୀନାଂ ଧିଦ୍ ଦୃଦ୍ ଖଦ ସଂଯୁକ୍ତଂ ଘଟ୍ଟୁତ୍ରତନ୍ତେ ତୋଦ୍ରାଂ ଇତ୍ୟେବମାଦି କରଣୈଃ ଗତିବାଦ୍ୟଂ ପ୍ରୟୋଜୟେତ୍ । ଖଞ୍ଜ ବିକଳ ବାମନ କୁବ୍ଜାଦୀନାଂ ପ୍ରବୃତ୍ତ ଗମନେଷୁ ଘେତାଂ କଟକା ମିତି ବାଦ୍ୟଂ ପ୍ରୟୋକ୍ତତବ୍ୟମ୍ । ଯତି ମୁନି ପାଶୁପତ ଶାକ୍ୟାଦୀନାଂ ଲିଙ୍ଗିନାଂ ଦୋଖୋ ଦ୍ୱିଦ୍ୱିଖ୍ ଦୁଗୁବୋ ଏକ୍ଲନ ଦୋଧନ୍ତି ଜିତିକ ବାଦ୍ୟଂ ପ୍ରୟୋକ୍ତବ୍ୟମ୍ । ବିଦୂଷକ ନିର୍ମୁଣ୍ଡୋପସ୍ଥାୟକ ବର୍ଷବରାଦୀନାଂ ଘେ ଘେଦ୍ ସ୍ତାନୋନ୍ନୋ ଦୋଣ୍ଡ ଶ୍ଚା ମିତିବାଦ୍ୟମ୍ । ପୁନର୍ଶ୍ଚୈବାଥ ବୃଦ୍ଧଶ୍ରୋତୀୟ କଞ୍ଚୁକି ସ୍ଥୂଳାଦୀନାଂ ଧ୍ରାଂ ଧ୍ରୋଂ ଧ୍ରାଦ୍ ଦ୍ରୋଦ୍ ଧିଦ୍ ଦ୍ରୋଣାଂ ଖୋ ଖୋ ଣା ଇତିବାଦ୍ୟଂ ପ୍ରୟୋକ୍ତବ୍ୟମ୍ ।

ଗତି ପ୍ରଚାରରେ ସବୁକ୍ଷେତ୍ରରେତ୍ୱରିତ ଗମନରେ ଯାହା ପୂର୍ବରୁ କୁହାଯାଇଛି ସେହି ପାତ ହେବ । ଏହି କ୍ଷେତ୍ରରେ ଅଧିକ ଭାବରେ ଧିଦ୍ ଧିଦ୍ ଘେଦ୍ ପ୍ରଭୃତି ବାଦନ ପ୍ରୟୋଗ କରାଯିବ ।। ୨୩୧ ।।

ନୌକା ରଥ ବିମାନ ପକ୍ଷୀ ଓ ସଚଳ ଜ୍ୟୋତିଷ ପଦାର୍ଥର ଗତିରେ ଭାଣ୍ଡବାଦନ ବାଦ୍ୟମୁଖରେ ଅଙ୍ଗୁଳି ଚାଳନା ଦ୍ୱାରା ହେବ । ଅଥବା ପରକୁ ପର ଦୁଇ ହାତର ଚତୁଷ୍କ ପ୍ରହାର ଦ୍ୱାରା ମଧ୍ୟ ହେବ ।। ୨୩୨ ।। ଦୁଃଖ, କଷ୍ଟ, ରୋଗ, ଅଭିଶାପ, ପ୍ରିୟଜନର ମରଣ, ଧନନାଶ, ହତ୍ୟା, କାରାବନ୍ଧନ, ବ୍ରତ, ନିୟମ, ଉପବାସ ପ୍ରଭୃତିରେ ଉଦ୍ଥାପନ ବାଦ୍ୟ ପୂର୍ବୋକ୍ତ ଆଲିପ୍ତମାର୍ଗରେ କରାଯିବ ।

ଦୈତ୍ୟ ଦାନବ ଯକ୍ଷ ରାକ୍ଷସ ଓ ଗ୍ରହମାନଙ୍କ ଚଳଣିରେ ଭାଣ୍ଡବାଦ୍ୟରେ ଗତିବାଦ୍ୟରେ ଘଟ୍ଟୁ ତ୍ରତନ୍ତ ତେତୋଦ୍ରାଂ ଇତ୍ୟାଦିକରଣ ସହିତ ଧିଦ୍ ଦୃଦ୍ ଖଦ ପ୍ରଭୃତି କରଣ ବଜାଯିବ । ନୃତ୍ୟଗତିର ଭାଣ୍ଡବାଦ୍ୟରେ ଖଞ୍ଜ, (ଛୋଟା) ବିକଳାଙ୍ଗ, ବାମନ, କୁବ୍ଜ ପ୍ରଭୃତିଙ୍କ ଗତିବାଦ୍ୟରେ ଘେତାଂ କଟକାଂ ବୋ'ଲ୍ ବଜାଯିବ । ଯତି, ମୁନି, ଶୈବ, ବୌଦ୍ଧ ପ୍ରଭୃତି ବାବାଜିମାନଙ୍କ ଗତିରେ ଖୋ ଖୋ ଦ୍ୱିଦ୍ୱିଖ୍ ଇତ୍ୟାଦି କରଣ (ବୋଲ୍) ବାଜିବ । ବିଦୂଷକ, ଟାଙ୍ଗରା ଉପସ୍ଥାପକ, ନପୁଂସକମାନଙ୍କ ଗତିରେ ଘେ ଘେଦ୍ ସ୍ତାନୋନ୍ନୋ ବୋଣ୍ଡର୍ଣ୍ଣାମ୍ ବାଜିବ । ପୁଣି ମଧ୍ୟ ବୃଦ୍ଧ ବ୍ରାହ୍ମଣ, କଞ୍ଚୁକୀ, ମୋଟାମାନ୍ୟଲୋକଙ୍କ ଗତିରେ ଧ୍ରାଂଧ୍ରୋଂ ଧ୍ରାଦ୍ ଇତ୍ୟାଦି ବୋ'ଲ ପ୍ରୟୋଗ କରିବ ।

Digitized by srujanika@gmail.com

ଗଜବାଜି ଖରୋଷ୍ଟ୍ର ରଥ ବିମାନ ଯାନେଷୁ ବଂ କିଟି ପ୍ରାୟମ୍ । ସର୍ବତ୍ରୋତ୍ତମ - ମଧ୍ୟମାଧମ ପୁରୁଷେଷ୍ୱିତ୍ଥଂ ରସାନ୍ ଭାବାନ୍ ଭୁବି ସମୀକ୍ଷ୍ୟ ବାଦ୍ୟଂ ପ୍ରୟୋକ୍ତବ୍ୟମ୍ । ଏବଂ ତାବଦ୍ ପୁରୁଷ ବାଦ୍ୟମ୍ ।

ସ୍ତ୍ରୀଣାଂ ପୁନରପି ବ୍ୟଖ୍ୟାସ୍ୟାମଃ । ତତ୍ରୋତ୍ତମ ସ୍ତ୍ରୀଣାଂ ଦିବ୍ୟାନାଂ ବଂଗତି କିପି ଧମେଟ ପ୍ରଥିଘେ ଇତିପ୍ରାୟମ୍ । ଅଥ ରାଜ୍ଞୀନାଂ କଥି କଥି ମଥି କୋ କୋ ଖୁଖୁ ଇତିପ୍ରାୟମ୍ । ଟଂ କିତ୍ତି କିଥି ଘଟମଟ ଥି ଘେ ଇତି ବ୍ରାହ୍ମଣୀନାମ୍ । ଅଥ ମଧ୍ୟମସ୍ତ୍ରୀଣାଂ ବେଶ୍ୟା ଶିଳ୍ପକାରିକାଣାଂ ନାଟକୀୟାନାଂ ଘ ଖୁଖୁ ଘିକି ଟମିତ୍‌ଥି କିଣ ଟୋନାଂ ଧୋ ଇତି । ମରଥିକୁଳେ କେଡ଼ ଖୁଖି ଖିପ୍ରାୟଂ ଗ୍ରୀତମଧମସ୍ତ୍ରୀଣାମ୍ ।

ଏବଂ ତାବଦ୍ ସମାସାଦଭିହିତଂ ସ୍ତ୍ରୀଣାମ୍ ।

ଅବସ୍ଥାନ୍ତରିତାନାଂ ତୁ ତ ଏବ ପୌରୁଷବାଦ୍ୟବିଶେଷା ଭବନ୍ତି । ତସ୍ମାଦ୍ ସାମାନ୍ୟତୋ ହି ଭୟ କ୍ଳେଶ ଶୋକ କ୍ରୋଧାଦୟୋ ବିଭାବାଃ ସମୁତ୍ପଦ୍ୟନ୍ତେ । ତତ୍ର ଆସାମପି ରସ ଭାବାପେକ୍ଷଂ ମାର୍ଗାଶ୍ରିତଂ ବାଦ୍ୟଂ ଯୋଜ୍ୟଂ ଭବତି । ଅପି ଚ -

ଜାତି ମାର୍ଗ ପ୍ରକାରୈ ସ୍ତୁ କରଣୈରକ୍ଷରୈସ୍ତଥା ।
ବାଦୟେଦ୍ ଯସ୍ତୁ ସଂକୀର୍ଣ୍ଣଂ ସ ଶ୍ରେଷ୍ଠୋ ବାଦକଃ ସ୍ମୃତଃ ।। ୨୩୩ ।।

ହାତୀ, ଘୋଡ଼ା, ଗଧ, ଓଟ, ରଥ ଓ ବିମାନ ପ୍ରଭୃତି ଯାନ ଗତିରେ ବଂ କିଟି ଅ...କ ରହିବ । ଉତ୍ତମ ମଧ୍ୟମ ଓ ଅଧମ ଲୋକ ସ୍ଥଳରେ ଏହିପରି ରସ ଭାବ ଓ ଲୋକ ବ୍ୟବହାରକୁ ସଂସାରରେ ଦେଖି ବାଦ୍ୟ ପ୍ରୟୋଗ କରିବ । ଏହିସବୁ ହେଲା ପୁରୁଷବାଦ୍ୟ । ଏବେ ସ୍ତ୍ରୀମାନଙ୍କ ବାଦ୍ୟ କଥା କହିବା ।

ସେହି ସ୍ଥଳରେ ଉତ୍ତମ ସ୍ତ୍ରୀ ଏବଂ ଦେବୀ ବା ଦେବ କନ୍ୟା କ୍ଷେତ୍ରରେ ଗତି ପ୍ରଚାରରେ ବଂଗତି କିପି ଧମେଟ ପ୍ରଥିଘେ ଏହି ବୋ'ଲ (କରଣ) ରହିବ । ରାଣୀମାନଙ୍କର କଥି କଥି ମଥି ଖୁଖୁ, ବ୍ରାହ୍ମଣୀମାନଙ୍କର ଟଂ କିତ୍ତି କିଥି ଘଟମଟଥି ଘେ, ବଜାଯିବ । ବେଶ୍ୟା, ଶିଳ୍ପୋପଜୀବିନୀ ଓ ନଟୀ ପ୍ରଭୃତି ମଧ୍ୟମ ସ୍ତ୍ରୀଲୋକଙ୍କ ସ୍ଥଳରେ ଘ ଖୁଖୁ ଘିକି ଟମିତ୍‌ଥିକିଣ ଟୋନାଂ ଧୋ ବୋଲ ବାଜିବ । ଅଧମ ସ୍ତ୍ରୀମାନଙ୍କ ଗତିରେ ମରଥିକୁଳେ କେଡ଼ ଖୁଖିଖି ବୋଲ ବଜାଯିବ । ନାରୀପାତ୍ର ଗତିଚଳନ ବାଦ୍ୟ ବିଷୟରେ ସଂକ୍ଷେପରେ ଏହିପରି କୁହାଗଲା । ସେମାନଙ୍କର ବିଶେଷ ଅବସ୍ଥାରେ ପୁରୁଷ ଅବସ୍ଥାନୁରୂପ ବାଦନ ହେବ । ତେଣୁ ସାମାନ୍ୟ ଭାବରେ ହିଁ ଭୟ, କ୍ଳେଶ, ଶୋକ, କ୍ରୋଧ ପ୍ରଭୃତି ଜାତ ହୋଇଥାଏ । ସେହି ସବୁ କ୍ଷେତ୍ରରେ ଏମାନଙ୍କର ମଧ୍ୟ ରସ ଭାବ ଅପେକ୍ଷିତ ମାର୍ଗାଶ୍ରିତବାଦ୍ୟ ପ୍ରୟୋଗ କରିବା ଉଚିତ ହେବ । ଆହୁରି ମଧ୍ୟ- ଜାତି, ମାର୍ଗ ପ୍ରକାର ଅନୁଯାୟୀ କରଣ ଓ ଅକ୍ଷର ପ୍ରୟୋଗ କରି (ସଂକୀର୍ଣ୍ଣ) ସୂକ୍ଷ୍ମ ବିଶ୍ଳେଷଣ ପୂର୍ବକ ଯେଉଁ ବାଦକ ବାଦନ ପ୍ରୟୋଗ କରନ୍ତି ସେହି ହିଁ ଶ୍ରେଷ୍ଠ ବାଦକ ଅଟନ୍ତି ।। ୨୩୩ ।।

Digitized by srujanika@gmail.com

ଅଥାନ୍ତରେ ବାଦ୍ୟାନି ଚ ଅନୁବନ୍ଧଂ ବିପ୍ରହାରିକଂ ସିଦ୍ଧିଗ୍ରହଣଂ ପରିଛିନ୍ନମିତି । ତତ୍ରାନୁବନ୍ଧ ସଂଜ୍ଞମନ୍ତରବାଦ୍ୟଂ ଯଥା- ଖୋ ଖୋଣେ ଖେ ଖେ ଇତି । ବାଦ୍ୟ ବିରାମେ ପ୍ରହାରିତଂ ଯଥା:- ଧ୍ରଂ ଦ୍ରାଂ ଖୋ ଖୋ ଇତି

ସିଦ୍ଧିରପି - ଐଶ୍ୱର୍ଯ୍ୟେ ବିସ୍ମୃତେ ଶ୍ରାନ୍ତେ ବସ୍ତ୍ରାଭରଣ ସଂଯମେ
ସିଦ୍ଧିର୍ବାଦୟିତବ୍ୟା ତୁ ନାନାକରଣ ସଂଶ୍ରୟା ।। ୨୩୪ ।।

ସା ଚ ସିଦ୍ଧିଃ ଯଥାମାର୍ଗାଶ୍ରୟା କାର୍ଯ୍ୟା ଚିତ୍ର କରଣା ପଞ୍ଚଷଟ୍‌କଳା ଭବତି ।

ଅପିଚ - ପାଠ୍ୟ ବିରାମେ ବାଦ୍ୟା କିର୍ମସାଧନ କୃତେ ବିରାମେ ଚ ।
ବସ୍ତ୍ରାଭରଣ ନିପାତେ ମୁକୁଟସ୍ୟ ଚ ସଂଯମନ କାଳେ ।। ୨୩୫ ।।

ଅଥ ପରିଛିନ୍ନଂ ସାର୍ବଭାଣ୍ଡିକଂ ଧ୍ରୁବାୟାଃ ଗ୍ରହୋ ପଶମେ ଗମ୍ଭୀର ଧୀର ପ୍ରହାର ମୁଦ୍ଧତଂ ଯଥା:- ପଞ୍ଚଷଟ୍ କଳଂ ଚ ତଥୋତ୍ତମାନାଂ ବିତସ୍ତମାର୍ଗାଶ୍ରିତଂ ଧ୍ରୁଂ ଧ୍ରୁଂ ଧ୍ରୁଂ କ୍ଲ ଇତି । ତଥୋତ୍ତମ ସ୍ତ୍ରୀଣା ମଦ୍‌ଡ଼ିତ ବାଦ୍ୟାଶ୍ରିତଂ ଯଥା:- ଣ ନାଂ ଖୋ ଖୋ ଣନ୍ନମିତି । ଅଥାଧମାନାଂ ଖଞ୍ଜ ନଦ୍‌କୁଟବିଷୟଂ ଯଥା:- ସଂକେତ କିଟି ଖ୍ନନାମିତି । ଅବସ୍ଥାନ୍ତରେଷୁ ପୁନରେତଦେବାର୍ଧୀକୃତଂ ଭବତି ।

ଅନୁବନ୍ଧ, ବିପ୍ରହାରିକ, ସିଦ୍ଧିଗ୍ରହଣ ଓ ପରିଛିନ୍ନ ଏଗୁଡ଼ିକ ଅନ୍ତରବାଦନ ବା ବିରାମବାଦନ । (ଉଦାହରଣ କୁହାଯାଇଛି ଉପର ସଂସ୍କୃତରେ)

ସିଦ୍ଧି (ଗ୍ରହଣ) ଧନଲାଭ, ଭ୍ରମ, କ୍ଲାନ୍ତି ଏବଂ ବସ୍ତ୍ର ଅଳଙ୍କାର ସଂଯମନରେ ବିଭିନ୍ନ କରଣ ଆଶ୍ରୟିତ ସିଦ୍ଧି ବାଦନ କରାଯିବ ।। ୨୩୪ ।।

ଏହି ସିଦ୍ଧି ଉପଯୁକ୍ତ ମାର୍ଗ ଆଶ୍ରୟ କରିବ । ଚିତ୍ରକରଣ ସମୂହ ଏଥିରେ ଅନ୍ତର୍ଭୁକ୍ତ ହେବ । ପଞ୍ଚ ଷଟ୍‌କଳାରେ ଏହା ବଜାଯିବ ।।

ନାଟ୍ୟରେ କଥାବାର୍ତ୍ତାର ଫାଙ୍କା ସମୟରେ, କାର୍ଯ୍ୟ କରାଯିବା ପାଇଁ, ଏବଂ କାର୍ଯ୍ୟର ସମାପ୍ତିରେ ନାଟ୍ୟରେ ବସ୍ତ୍ର ଆଭରଣ ଫିଙ୍ଗିବା ସ୍ଥଳରେ ଓ ମୁକୁଟ ସଜାଡ଼ିବା ସ୍ଥଳରେ ଏହି ସିଦ୍ଧିବାଦନ ବଜାଯିବ ।। ୨୩୫ ।।

ଧ୍ରୁବା ଆରମ୍ଭ ପରେ ବାଦନ ସ୍ପଷ୍ଟ ହେବ । ଏଥିରେ ସମସ୍ତ ଭାଣ୍ଡବାଦ୍ୟ (ମୃଦଙ୍ଗ ପଣବ ଦର୍ଦ୍ଦୁର) ବାଜିବ । ଏଥିରେ ବିତସ୍ତ ମାର୍ଗରେ ଧ୍ରୁଂ ଧ୍ରୁଂ ଧ୍ରୁଂ କ୍ଲ ଗମ୍ଭୀର ଧୀର ପ୍ରହାର ଯୁକ୍ତ ହୋଇ ଉଦ୍ଧତ ଭାବରେ ବଜାଯିବ । ଏହା ଉତ୍ତମ ମାନଙ୍କର (ପଞ୍ଚଷଟ୍‌କଳ ବାଦନ) । ଉତ୍ତମ ସ୍ତ୍ରୀମାନଙ୍କର ଅଡ଼୍‌ଡ଼ିତ ମାର୍ଗରେ ଣ ନାଂ ଖୋ ଖୋଣନ୍ନ କରଣ ବଜାହେବ । ଅଧମ ସ୍ତ୍ରୀମାନଙ୍କ ସ୍ଥଳରେ ଖଞ୍ଜ ନଦ୍‌କୁଟ ଆଶ୍ରିତ ମାର୍ଗରେ ସଂକେତ କିଟି ଖ୍ନନାମ୍ ବୋଲି ବଜାଯିବ । ଅନ୍ୟାନ୍ୟ ଅବସ୍ଥାରେ ଏହା ହିଁ ଅଧା ଅଧି କମାଇ ବଜାଇବ ।

Digitized by srujanika@gmail.com

ଅଥ ପ୍ରାସାଦିକୀ ପ୍ରାବେଶିକ୍ୟାକ୍ଷେପିକ୍ୟବକୃଷ୍ଟାସ୍ତୁ । ତତ୍ର ପ୍ରାସାଦିକ୍ୟାଂ ସମପାଣୌ ବିଭକ୍ତ କରଣଂ ବାଦ୍ୟମ୍ । ଦ୍ରୁତାୟା ମୁପରିପାଣିକେ ଚିତ୍ରକରଣମ୍ । ସ୍ଥିତାୟାଂ ......

ଅଡ୍‌ଡିତାୟା ମବକୃଷ୍ଟାୟାମର୍ଧସନ୍ନିପାତ କୃତମିତି ।
ଏବମେଦ୍ୱେ ପ୍ରୟୋକ୍ତବ୍ୟଂ ବାଦ୍ୟଂ ଗତି ପରିକ୍ରମେ ।
ପ୍ରାସାଦିକ୍ୟାଂ ଧ୍ରୁବାୟାଂ ଚ ତ୍ୱନ୍ତରାୟାଂ ତଥୈବଚ ॥ ୨୩୬ ॥
ଅଭାଣ୍ଡ ମେକଂ ଗୀତଂ ତୁ ପରିବର୍ତ୍ତ୍ୟ ପ୍ରୟୋଜୟେତ୍ ।
ସନ୍ନିପାତାବସାନେଷୁ ଭାଣ୍ଡବାଦ୍ୟଗ୍ରହୋ ଭବେଦ୍ ॥ ୨୩୭ ॥

ଯଥା: ଦ୍ରୁତବିଳମ୍ବିତାୟାଂ ଚୈତେ ଲକ୍ଷୋ ଷଇତି, ଅଡ୍‌ଡ୍ଡିତାୟାଂ ଚ, ଣ ଦେ ଦେ ଦେ ଦେ ଦେ ଖୋ ଖୋ ଖ ଇତି । ଅଥ ନଦ୍‌କୁଟ ଖଞ୍ଜୟୋଃ ଣ ନ୍ନା ବୃ ବୃ ଣା ଣା ଖୋ ଣା ନ୍ନା ଦେ ଦେ ଦେ ଦେ ଖୋ ଖୋ ଖୋ ଖ ଇତି ।

ଅଥ ଉଦ୍ଧତାୟାମ୍ -
ସଂଭ୍ରମାବେଗ ହର୍ଷେଽଥ ବିସ୍ମୟାବେଗ ଶୋକଜେ ।
ଗ୍ରହେ ଦାନସ୍ୟ ଯଦ୍ ବାଦ୍ୟଂ ତଦୁଦ୍‌ଘାତ୍ୟଂ ପ୍ରକୀର୍ତ୍ତିତମ୍ ॥ ୨୩୮ ॥

ଏବେ ପ୍ରାସାଦିକୀ ଓ ପ୍ରାଦେଶିକୀ, ଆକ୍ଷେପିକୀ ଓ ଅବକୃଷ୍ଟା ଧ୍ରୁବାର ଭାଣ୍ଡବାଦନ ବିଷୟ କହୁଛି । ତହିଁ ମଧ୍ୟରେ ପ୍ରାସାଦିକୀରେ ସମପାଣିରେ କରଣ ବିଭାଜ୍ୟବାଦନ ହେବ । ଦ୍ରୁତାରେ ଉପରି ପାଣିଦ୍ୱାରା ଚିତ୍ରକରଣରେ ବାଦନ ହେବ । ବିଳମ୍ବିତ (ସ୍ଥିତା) ଲୟରେ ଅଡ୍‌ଡିତା ମାର୍ଗରେ ଅବକୃଷ୍ଟ ଧ୍ରୁବାରେ ଅର୍ଧ ସନ୍ନିପାତ କରାଯିବ ।

ଏହିପରି ପ୍ରାସାଦିକୀ ଓ ଅନ୍ତରା ଧ୍ରୁବା କାଳରେ ଗତି ଚଳନରେ ଭାଣ୍ଡବାଦ୍ୟ ବାଦନୀୟ ॥ ୨୩୬ ॥

ପରିବର୍ତ୍ତନ କରି ଭାଣ୍ଡବାଦ୍ୟ ବିହୀନ ଭାବରେ ଗୋଟିଏ ଗୀତ ପ୍ରୟୋଗ କରିବ । ସନ୍ନିପାତ ଶେଷରେ ଭାଣ୍ଡବାଦ୍ୟ ବାଦନରେ ଗ୍ରହଣ କରାଯିବ । ଯଥା- ଦ୍ରୁତ ବିଳମ୍ବିତାରେଏଗୁଡ଼ିକ ଲକ୍ଷୋ ଏତିକି । ଅଡ୍‌ଡ୍ଡିତାରେ ଚଣ.....ଖୋ, ଖ, ଏତିକି, ନଦ୍‌କୁଟ ଖଞ୍ଜାରେ ଣ ନ୍ନା ....ଖୋ ଖୋ ଖ ଏତିକି ।

ଏବେ ଉଦ୍‌ଘାତ୍ୟ ବାଦନ - ଅତିବ୍ୟସ୍ତତା ହର୍ଷ, ବିସ୍ମୟର ଆବେଗ, ଶୋକଜାତ ବିକାର ଦାନ ଗ୍ରହଣରେ ବଜା ଯାଉଥିବା ବାଦନକୁ ଉଦ୍‌ଘାତ୍ୟ କହନ୍ତି ॥ ୨୩୮ ॥

ଏବେ ବାଦ୍ୟ ବନ୍ଦ କରିବା ପ୍ରଣାଳୀ ବିଷୟ ଉପଦେଶ ଦେବି । ସଂହନନ ଓ ସଂସରଣ ଭେଦରେ ଏହା ଦୁଇ ପ୍ରକାର । ଉଦ୍ଧତ ଓ ଦ୍ରୁତ ଅନୁବନ୍ଧରେ ଯେଉାଂ କିକିଟି.............ଷଦୋ ବୋ'ଲ ବଜାଯାଇ ବାଦନ ବନ୍ଦ ରହିବ ।

Digitized by srujanika@gmail.com

ମୋକ୍ଷମିଦାନୀ ମୁପଦେକ୍ଷ୍ୟାମଃ । ତଦ୍ ଯଥା ସଂହନନଂ ସଂସରଣଂ ଚ । ତତ୍ର ଉଦ୍ଧତ ଦ୍ରୁତାନୁବନ୍ଧେ ଘେଖାଂ କିକିଟି ଦତ୍ତକେଖିକିଂ ଗୋଦୋ ଘ ଘେ ଦୋଘ ଟେ ଘୋଘେ ଷଦୋ ଇତି ।

ଅଥ ଖଞ୍ଜନଦ୍‌କୁଟୟୋଃ ଧଂ ଦ୍ରାଂଧଂଦ୍ରାଂ ତକିତାଂ ତକିତାଂ ଗୁଦୁଧେ ଇତି । ଅଥସ୍ଥିତାୟାଂ ଧେ ଧଂ ଧେଟ ମଟଧେ ଘେ ଛିମଟଂ କଂଟଛି ମଟଛି କର୍ମାକ ଦିଘିଟି ଇତି । ତତ୍ର ଅଦ୍ଦ୍ୱିତାୟାଂ କିନ୍ତ କିନ୍ତା ମିତି । ଅଥ ସ୍ଥିତାୟାଂ ଘତତାମିତି । ଅବକୃଷ୍ଟାୟାଂ ବବତାମିତି ।

ଏବମେତେ ଗ୍ରହା ମୋକ୍ଷା ଧ୍ରୁବାଣାଂ ଗଦିତାମୟା ।
ନିଷ୍କ୍ରାମେ ଚ ପ୍ରବେଶେ ଚ ଆକ୍ଷେପିକ୍ୟନ୍ତରାସୁ ଚ ॥ ୨୩୯ ॥
ଏବଂ ତାଳ କାଳ ସ୍ୱର ଜ୍ଞାନେନ ମାର୍ଦଙ୍ଗିକେନ ପ୍ରଯତିତବ୍ୟମ୍ ।
ଭବନ୍ତି ଚାତ୍ର ଶ୍ଳୋକାଃ ।
ଅତାଳଜ୍ଞ ମକାଳଜ୍ଞ ମଶାସ୍ତ୍ରଜ୍ଞଂଚ ବାଦକମ୍ ।
ଚର୍ମଘାତକ ମିତ୍ୟେବଂ ପ୍ରବଦନ୍ତି ମନୀଷିଣଃ ॥ ୨୪୦ ॥
ଅନେନୈବ ବିଧାନେନ ବାଦ୍ୟଂ ଯୋଜ୍ୟଂ ପ୍ରୟୋକ୍ତୃଭିଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଆତୋଦ୍ୟାନାଂ ତୁ ଲକ୍ଷଣମ୍ ॥ ୨୪୧ ॥
ତ୍ରିଧାକ୍ରିୟା ମୃଦଙ୍ଗାନାଂ ହରୀତକୀ ଯବା ଶ୍ରୟା ।
ତଥା ଗୋପୁଚ୍ଛ ରୂପା ଚ ଭବତ୍ୟେଷାଂ ସ୍ୱରୂପତଃ ॥ ୨୪୨ ॥

ଖଞ୍ଜନଦ୍‌କୁଟରେ ଧଂଦ୍ରାଂ ଧଂ .... ତକିତାଂ ବଜାଇ ବନ୍ଦ କରାଯିବ ।
ବିଳମ୍ବିତ ଲୟରେ ବନ୍ଦ ହେଲେ ଧେ ଧେଂ ଧେଟ ....ଧିଧିଟି ବୋ'ଲ ରହିବ ।
ଅଦଦ୍ୱିତା ଧ୍ରୁବାରେ ବନ୍ଦ ହେଲେ କିନ୍ତ କିନ୍ତାଂ ରହିବ । ବିଳମ୍ବିତ ଲୟରେ ଘତତାମ୍ ରହିବ ଅବକୃଷ୍ଟାରେ ଏହା ବବତା ହେବ ।

ନିଷ୍କ୍ରାମ, ପ୍ରବେଶ, ଆକ୍ଷେପିକୀ ଓ ଅନ୍ତରା ଜାତିର ଧ୍ରୁବାର ଆରମ୍ଭ ଓ ସମାପନ ବିଷୟ କୁହାଗଲା । ଏହିପରି ଭାବରେ ତାଳ, କାଳ ଓ ସ୍ୱରଜ୍ଞାନକୁ ଆଶ୍ରୟକରି ମୃଦଙ୍ଗବାଦକ ଯତ୍ନ ସହକାରେ ବାଦନ କରିବେ । ଏ ବିଷୟରେ ଶ୍ଳୋକ -

ଯେଉଁବାଦକ ତାଳ ଜାଣନ୍ତି ନାହିଁ, କାଳବିଷୟ ଜାଣନ୍ତି ନାହିଁ, ଗାନ ବାଦନ ଶାସ୍ତ୍ର ବିଷୟରେ ଯାହାଙ୍କର ଧାରଣା ନାହିଁ ପଣ୍ଡିତମାନେ ତାଙ୍କୁ ଚମଡ଼ାବାଡ଼ିଆ ବୋଲି କହନ୍ତି ॥ ୨୪୦ ॥ ଭାଣ୍ଡବାଦ୍ୟ ପ୍ରୟୋଜକ ଏହି ବିଧାନ ଅନୁଯାୟୀ ବାଦ୍ୟ ପ୍ରଯୋଜନା କରିବେ । ଏହାପରେ ଆତୋଦ୍ୟ (ବାଦିତ୍ର)ମାନଙ୍କ ଲକ୍ଷଣ ବିଷୟ କହିବି ॥ ୨୪୧ ॥

ମୃଦଙ୍ଗମାନଙ୍କରେ ଆକୃତି ତିନି ପ୍ରକାର ହୁଏ । ହରିଡ଼ା ପରି, ଯବ (ଯଅଧାନ) ପରି ଏବଂ ଗୋଗୁଚ୍ଛା ପରି ॥ ୨୪୨ ॥

Digitized by srujanika@gmail.com

ହରୀତକ୍ୟାକୃତିଃ ତ୍ୱଙ୍କୀ ଯବମଧ୍ୟସ୍ତତୋର୍ଦ୍ଧ୍ୱକଃ ।
ଆଲିଙ୍ଗ୍ୟଂ ଚୈବ ଗୋପୁଚ୍ଛାକୃତି ରେଷାଂ ପ୍ରକୀର୍ତ୍ତିତା ॥ ୨୪୩ ॥
ତାଳାସ୍ତ୍ରୟୋଽର୍ଧତାଳଶ୍ଚ ମୃଦଙ୍ଗାଙ୍କିକ ଇଷ୍ୟତେ
ମୁଖଂ ତସ୍ୟ ଚ କର୍ତ୍ତବ୍ୟଂ ଦ୍ୱାଦଶାଙ୍ଗୁଳ ଯୋଜିତମ୍ ॥ ୨୪୪ ॥
ତଥୋର୍ଦ୍ଧ୍ୱକଶ୍ଚ କର୍ତ୍ତବ୍ୟଃ ଚତୁସ୍ତାଳ ପ୍ରମାଣତଃ ।
ମୁଖଂ ତସ୍ୟ ପ୍ରକର୍ତ୍ତବ୍ୟମ୍ ଅଙ୍ଗୁଳାନି ଚତୁର୍ଦ୍ଦଶ ॥ ୨୪୫ ॥
ଆଲିଙ୍ଗ୍ୟଶ୍ଚୈବ କର୍ତ୍ତବ୍ୟୋ ଦ୍ୱୟମାତ୍ର ମଥାପିବା ।
ମୁଖଂ ତସ୍ୟାଙ୍ଗୁଳାନି ସ୍ୟୁଃ ଅଷ୍ଟାବେବ ସମାସତଃ ॥ ୨୪୬ ॥
ପଣବଶ୍ଚାପି କର୍ତ୍ତବ୍ୟୋ ଦୀର୍ଘତ୍ୱେ ଷୋଡ଼ଶାଙ୍ଗୁଳଃ ।
କୃଶ ମଧ୍ୟୋଽଙ୍ଗୁଳାନ୍ୟଷ୍ଟୌ ପଞ୍ଚାଙ୍ଗୁଳ ମୁଖସ୍ତଥା ॥ ୨୪୭ ॥
ଓଷ୍ଠଂ ତସ୍ୟ ଚ କର୍ତ୍ତବ୍ୟଂ ତଜ୍ଜ୍ଞୈ ରଧ୍ୟର୍ଧ ମଙ୍ଗୁଳମ୍ ।
ମଧ୍ୟଂ ତୁ ସୁଷିରଂ ତସ୍ୟ ଚତ୍ୱାର୍ଯ୍ୟେବାଙ୍ଗୁଳାନି ଚ ॥ ୨୪୮ ॥
ଦର୍ଦ୍ଦୁରଶ୍ଚ ଘଟାକାରୋ ଭବେଦ୍ଦ୍ୱ୍ୟଷ୍ଟାଙ୍ଗୁଳସ୍ତଥା ।
ମୁଖଂଚ ତସ୍ୟ କର୍ତ୍ତବ୍ୟଂ ଘଟସ୍ୟ ସଦୃଶଂ ବୁଧୈଃ ॥ ୨୪୯ ॥
ଦ୍ୱାଦଶାଙ୍ଗୁଳ ବିସ୍ତୀର୍ଣ୍ଣପୀନୋଷ୍ଠଂ ଚ ସମନ୍ତତଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଚର୍ମଲକ୍ଷଣ ମୁତ୍ତମମ୍ ॥ ୨୫୦ ॥

ହରିଦ୍ରା ଆକୃତିର ବାଦ୍ୟକୁ ଆଂକିକ ବା ଅଂକୀ କୁହାଯାଏ । ଯବ (ଯଅଧାନ) ଆକୃତିର ବାଦ୍ୟକୁ ଉର୍ଦ୍ଧ୍ୱକ ଏବଂ ଗାଈ ଲାଞ୍ଜପରି ଆକୃତିର ବାଦ୍ୟକୁ ଆଲିଙ୍ଗ୍ୟ କୁହାଯାଏ ॥ ୨୪୩ ॥

ମୃଦଙ୍ଗ ଓ ଆଙ୍କିକ ସାର୍ଦ୍ଧ ତିନିତାଳ ଲମ୍ବ ହେବ । (ଅଙ୍ଗୁଷ୍ଠ ଓ ମଧ୍ୟମାର ମାପକୁ ତାଳ କୁହାଯାଏ) ଏମାନଙ୍କ ମୁଖ ବାର ଆଙ୍ଗୁଳି ବ୍ୟାସଯୁକ୍ତ ॥ ୨୪୪ ॥

ଚାରିତାଳ ଲମ୍ବ ଉର୍ଦ୍ଧ୍ୱକ, ଏହାର ମୁଖ ଚଉଦ ଆଙ୍ଗୁଳ ବ୍ୟାସ ଯୁକ୍ତ ହେବ ॥ ୨୪୫ ॥

ଦୁଇଟିଯାକ ମାପରେ ଆଲିଙ୍ଗ୍ୟ କରାଯାଇପାରେ । କିନ୍ତୁ ସଂକ୍ଷେପରେ ଏହାର ମୁଖ ଆଠ ଆଙ୍ଗୁଳ ହେବ ॥ ୨୪୬ ॥

ପଣବର ଦୀର୍ଘତା ଷୋହଳ ଆଙ୍ଗୁଳ । ମଧ୍ୟ ଭାଗ କୃଶ ହେବ । ଗୋଟିଏ ମୁଖ ଆଠ ଓ ଅନ୍ୟଟି ପାଞ୍ଚ ଆଙ୍ଗୁଳରେ ହେବ ॥ ୨୪୭ ॥

ଏହାର ଓଷ୍ଠ (ଅର୍ଥାତ୍ ପରିଧି) ଅଧଆଙ୍ଗୁଳ ଘନ । ଏହାର ମଧ୍ୟ ଭାଗ ଫମ୍ପା ରହିବ । ଚାରି ଅଙ୍ଗୁଳ ବ୍ୟାସଯୁକ୍ତ ହେବ ॥ ୨୪୮ ॥

ଦର୍ଦ୍ଦୁର ଘଟାକୃତି ହେବ । ଆଙ୍ଗୁଳ ବ୍ୟାସଯୁକ୍ତ ରହିବ । ଏହାର ମୁଖ ଘଟରମୁଖପରି ଏବଂ ବାର ଆଙ୍ଗୁଳ ବ୍ୟାସଯୁକ୍ତ ହେବ । ଏହା ଚାରିପଟେ ଘନ ପରିଧି ରହିବ । ଏହାପରେ ଉତ୍ତମ ଚର୍ମର ଲକ୍ଷଣ କହିବି ॥ ୨୪୯, ୨୫୦ ॥

Digitized by srujanika@gmail.com

ନ ଜୀର୍ଣ୍ଣୋପହତଂ ଚର୍ମ ନ ଚ କାକ ମୁଖାହତମ୍ ।
ନ ମୋଦୋ ପଗତଂ କିଞ୍ଚିଦ୍ ନଚ ଧୂମାଗ୍ନି ଦୂଷିତମ୍ ॥ ୨୫୧ ॥
ଷଡ୍‌ଭିର୍ଦୋଷୈର୍ବିନିର୍ମୁକ୍ତଂ ଚର୍ମ ନିର୍ବର୍ତ୍ତିତଂ ଗବାମ୍ ।
ମୁଖଂ ପଲ୍ଲବ ସଂକାଶଂ ହିମକୁନ୍ଦେନ୍ଦୁ ସପ୍ରଭମ୍ ॥ ୨୫୨ ॥
ସ୍ନିଗ୍ଧାମିଷ ବିହୀନଂ ତୁ କ୍ଲିନ୍ନଂ ଚର୍ମ ପ୍ରଶସ୍ୟତେ ।
ବିଧିନୈବ ମୁଖୋର୍ଣ୍ଣାନି ଚର୍ମାଣ୍ୟା ହୃତ୍ୟ ବୁଦ୍ଧିମାନ୍ ॥ ୨୫୩ ॥
ଶୀତୋଦକେ ନିଶାମେକାଂ ସ୍ଥାପୟିତ୍ୱା ସମୁଦ୍ଧରେତ୍ ।
ବଦ୍ଧ୍ରୈଃ ସୁଲଲିତୈ ର୍ଦାତ୍ରୈଃ ଗୋମୟୈ ରତିମର୍ଦ୍ଦିତୈଃ ॥ ୨୫୪ ॥
ଚନ୍ଦ୍ରକୈ ସ୍ତନୁଭିଃ ପଶ୍ଚାନ୍ ମୃଦଙ୍ଗାନ୍ ଯୋଜୟେଦ୍ ବୁଧଃ
ପୁଷ୍କାବର୍ତ୍ତଂ ତତଃ କୁର୍ଯ୍ୟାତ୍ ତ୍ରିବର୍ତ୍ତି ଚନ୍ଦ୍ରକାଶ୍ରୟମ୍ ॥ ୨୫୫ ॥
କକ୍ଷାଖ୍ୟଂ ବୈ ପରିକରଂ ଗ୍ରୀବାସ୍ଥଂ ସ୍ୱସ୍ତିକଂ ତଥା ।
ଶତାନି ତ୍ରୀଣି କୁର୍ବୀତ ପୁଷ୍କରୈ ର୍ହ୍ୟକ୍ଷକାଣିତୁ ॥ ୨୫୬ ॥
ଦଶହିତତ୍ର ବଧ୍ରାସୁ ପ୍ରକ୍ଷେପ୍ୟବର୍ତ୍ତି ସଂଶ୍ରୟେତ୍ । ।
ନିହିତା ତ୍ୱକ୍ଷକେ ବଧ୍ରେ ତୃତୀୟେ ସଂପ୍ରବେଶୟେତ୍ ॥ ୨୫୭ ॥

ଚର୍ମ ଜୀର୍ଣ୍ଣ, ଛିନ୍ନ, କୁଆ ଥଣ୍ଟରେ ଖଣ୍ଡିଆ ହୋଇ ନଥିବ । ମେଦ ଲାଗି ନଥିବ, (ମୋଟେ ବି ଚର୍ବି ନଥିବ) ଧୂମ ବା ଅଗ୍ନିତାପରେ ଦୂଷିତ ହୋଇନଥିବ ॥ ୨୫୧ ॥

ଯେଉଁ ଗୋଚର୍ମ ଏହି ଛଅଦୋଷହୀନ ହୋଇଥିବ, ଯାହାର ମୁଖ କଅଁଳପତ୍ର ପରି ଦିଶୁଥିବ । (ମୁଖ=ଭିତର ପଟ) ଅଥବା ବରଫ, କୁନ୍ଦ, ଚନ୍ଦ୍ରପରି ଧବଳ ଦିଶୁଥିବ, ଚିକ୍କଣ ହୋଇଥିବ, ମାଂସ ଲାଗି ନଥିବ, ଓଦା ରହିଥିବ, ଏହି ଚର୍ମକୁ ଶ୍ରେଷ୍ଠ ମନେ କରାଯାଏ । ବିଧାନ ଅନୁଯାୟୀ ଲୋମ ସହିତ ଚର୍ମକୁ ଆଣି ସିଝୀ ଥଣ୍ଡା ପାଣିରେ ଗୋଟିଏ ରାତି ବୁଡ଼ାଇ ରଖି ବାହାର କରି ଆଣିବ ॥ ୨୫୨-୫୪ ॥ ଚର୍ମକୁ ଟାଣିକରି ବାନ୍ଧି ଗୋମୟକୁ ଚକଟି ଗୋଳାଇ ତା ଉପରେ ବହଳିଆ ଲେପିବ । ତାପରେ ଗୋଲ ଗୋଲ କରି କାଟି ସେହି ଚକିଗୁଡ଼ିକୁ ମୃଦଙ୍ଗମାନଙ୍କ ମୁଖରେ ଯୋଗ କରିବ । (ବଧ୍ରୀ=ବାନ୍ଧଣ, ଯେଉଁ ଗୋଲକାର ବାନ୍ଧଣ ଦୁଇଟି ଦୁଇ ମୁହଁରେ ଲାଗି ଚମଡ଼ା ଫିତାରେ ଟଣାହୋଇ ବନ୍ଧାଯାଏ ।) ଏହି ଚନ୍ଦ୍ରକ ଉପରେ ପୁଷ୍କାବର୍ତ୍ତ (ଯେଉଁ ଯାଗାରେ ଅଙ୍ଗୁଳି ଚାଲେ) ଲଗାଇବ ପୁଷ୍କାବର୍ତ୍ତ ବଧ୍ରା, ମୃଦଙ୍ଗ ଚାରିପଟେ କକ୍ଷା ଏବଂ ଗ୍ରୀବାସ୍ଥଳରେ ସ୍ୱସ୍ତିକ ଦେବ । (ପୁଷ୍କର=ଚମଡ଼ା ଫିତା) ପୁଷ୍କର ଦ୍ୱାରା ମୃଦଙ୍ଗର ସମସ୍ତ ଶରୀରକୁ ତିନି ଶହ କକ୍ଷକରି ବାନ୍ଧିବ ମୁଣ୍ଡଳୀ କକ୍ଷା (ଆଡ଼ରେ ଗୁଡ଼ା ହୋଇ ଥାଏ) ବଧ୍ରାରେ ଦଶଟି ପ୍ରଧାନ ପ୍ରକ୍ଷେପ ବର୍ତ୍ତୀ ଲଗାଇବ ।

Digitized by srujanika@gmail.com

ସର୍ବେଷ୍ୱେବ ପ୍ରୟୋଗୋଽୟ ମକ୍ଷକେଷୁ ବିଧୀୟତେ ।
ନ ବୈ ମୃଦଙ୍ଗେ ଦାତବ୍ୟଂ ରୋହଣଂ ସତତଂ ବୁଧୈଃ ॥ ୨୫୮ ॥
ଗବ୍ୟେ ଘୃତେ ଚ ତୈଳେ ଚ ତିଳପିଷ୍ଟଂ ତଥୈବ ଚ ।
ବଦ୍ଧ୍ୱା ହ୍ୟନେନ ବିଧିନା ଆଙ୍କିକାଲିଙ୍ଗ୍ୟକୋର୍ଦ୍ଧ୍ୱକାନ୍ ॥ ୨୫୯ ॥
ଦେବତାଭ୍ୟର୍ଚ୍ଚନଂ କୃତ୍ୱା ତତଃ ସ୍ଥାପ୍ୟା ମହୀତଳେ ।
ଚିତ୍ରାୟା ମଥବା ହସ୍ତେ ଶୁକ୍ଳେ ପକ୍ଷେ ଶୁଭେଦିନେ (ତିଥୌ) ॥ ୨୬୦ ॥







ଏଗୁଡ଼ିକ ପ୍ରହାର କରି ସ୍ୱର ସଜଡ଼ା ଯାଏ ।

ମୁହଁରେ ଲାଗିଥିବା ମୁଣ୍ଡଳୀ ବଧ୍ରୀ । ଏହି ବଧ୍ରୀରୁ ବର୍ତ୍ତି ଅନ୍ୟ ବଧ୍ରୀକୁ ବନ୍ଧାଯିବ । ମାଟିଟାକୁ ବର୍ତ୍ତିରେ ଗୁଡ଼ାଇ ଗୁଡ଼ାଇ ତିନି ଶହ ଥର ମୂଳରୁ ଶେଷ ଯାଏ ବାନ୍ଧିବ । ସବୁ ଯନ୍ତ୍ରରେ ଏହି ବିଧାନ କରାଯିବ । ମଝିରେ କାଠ ବା ପିତ୍ତଳ ମୁଦି ଦେଇ ରୋହଣ ଦିଆଯିବ । କେବଳ ମୃଦଙ୍ଗରେ ରୋହଣ ଦେବ ନାହିଁ, ଗବ୍ୟଘୃତ ତୈଳ ବା ତୈଳ ପିଷ୍ଟ ଦ୍ରବ୍ୟର ସ୍ପର୍ଶ ଏଜାତୀୟ ବାଦ୍ୟ ମୁଖରେ କେବେ ହେଲେ ବାଜିବ ନାହିଁ । ଏହିପରି ଭାବରେ ଆଙ୍କିକ ଆଲିଙ୍ଗ୍ୟ ଓ ଊର୍ଦ୍ଧ୍ୱକ ବାନ୍ଧି ଦେବତାଙ୍କୁ ପୂଜା କରି ସାରି ତଳେ ରଖିବ । ଚିତ୍ରା, ହସ୍ତା ନକ୍ଷତ୍ରରେ ଶୁକ୍ଳପକ୍ଷର ଶୁଭ ତିଥିରେ ଏହି ପୂଜା ଓ ସ୍ଥାପନା କରିବ ॥ ୨୫୫, ୨୬୦ ॥

Digitized by srujanika@gmail.com

ଉପାଧ୍ୟାୟଃ ଶୁଚିର୍ଭୂତା କୁଳୀନୋ ରାଗବର୍ଜିତଃ ।
ଘନଜ୍ଞୋ ଗୀତତତ୍ତ୍ୱଜ୍ଞୋ ମଧୁରୋ ନିୟତେନ୍ଦ୍ରିୟଃ ॥ ୨୬୧ ॥
ସୋପବାସୋଽକ୍ତକେଶଶ୍ଚ ଶୁକ୍ଳବାସା ହୃତବ୍ରତଃ ।
ମଣ୍ଡଳ ତ୍ରୟ ମାଲିଖ୍ୟ ଗୋମୟେନ ସୁଗନ୍ଧିନା ॥ ୨୬୨ ॥
ବ୍ରହ୍ମାଣଂ ଶଙ୍କରଂବିଷ୍ଣୁଂ ତ୍ରିଷୁ ତେଷୁ ପ୍ରକଳ୍ପୟେତ୍ ।
ଆଲଙ୍ଗ୍ୟଂ ସ୍ଥାପୟେତ୍ ପୂର୍ବଂ ବ୍ରହ୍ମଣଃ ପୂର୍ବମଣ୍ଡଳେ ॥ ୨୬୩ ॥
ଊର୍ଦ୍ଧ୍ୱକଂ ତୁ ଦ୍ୱିତୀୟେଽସ୍ମିନ୍ ରୁଦ୍ରନାମ୍ନି ନିଧାପୟେତ୍ ।
ତୀର୍ଯ୍ୟକ୍ ଉସଙ୍ଗିକଂ ସମ୍ୟକ୍ ବୈଷ୍ଣବେ ମଣ୍ଡଳେ ନ୍ୟସେତ୍ ॥ ୨୬୪ ॥
ବଳି ପୁଷ୍ପୋପହାରୈଶ୍ଚ ନାନାପୁଷ୍ପୈ ର୍ବିଚିତ୍ରିତୈଃ ।
ଆଲିଙ୍ଗ୍ୟେ ଚ ବଳିଂ ଦଦ୍ୟାନ୍ ମଧୁପାୟସ ମିଶ୍ରିତମ୍ ॥ ୨୬୫ ॥
ଅପୂପଂ ଲୋଚିକାମିଶ୍ର ମାଙ୍କିକେ ସଂପ୍ରଦାପୟେତ୍ ।
ଅନନ୍ତରଂ ଚ ଦାତବ୍ୟଃ ସର୍ବ ଏବୋର୍ଦ୍ଧ୍ୱକେ ବଳିଃ ॥ ୨୬୬ ॥
ସ୍ୱସ୍ତିକେ ଲୋଚିକାପୂପପିଣ୍ଡକେ ଶୁରିକୈଃ ସହ ।
ଉନ୍ମତ୍ତ କରବୀରାର୍କ ପୁଷ୍ପୈର ନ୍ୟୈଶ୍ଚ ଭୂଷିତୈଃ ॥ ୨୬୭ ॥

ସଦ୍ ବଂଶଜ ଆସକ୍ତି ବର୍ଜିତ ଉପାଧ୍ୟାୟ (ପୂଜକ) ପବିତ୍ର ହୋଇ ଆସିବେ । ସେ ଘନବାଦ୍ୟ ଓ ଗୀତ ତତ୍ତ୍ୱ ବିଷୟରେ ଜାଣିଥିବେ । ମଧୁର ସ୍ୱଭାବ ବିଶିଷ୍ଟ ଓ ଜିତେନ୍ଦ୍ରିୟ ସେହି ଉପାଧାୟ ଉପବାସ ରହି କ୍ଷୌର ହୋଇ ଶ୍ୱେତବସ୍ତ୍ର ପରିଧାନକରି ସଂକଳ୍ପ କରି ସାରି ପ୍ରଥମେ ଗୋମୟରେ ଲେପନ କରି ସେହି ସ୍ଥାନରେ କୁଙ୍କୁମାଦି ସୁଗନ୍ଧି ଦ୍ରବ୍ୟରେ ମଣ୍ଡଳ ତିନିଟି ଆଙ୍କିବେ ॥ ୨୬୧, ୬୨ ॥

ସେହି ତିନିଟିରେ ବ୍ରହ୍ମା ରୁଦ୍ର ଏବଂ ବିଷ୍ଣୁଙ୍କୁ ଆବାହନ କରିବେ । ପ୍ରଥମେ ଆଲିଙ୍ଗ୍ୟକୁ ସ୍ଥାପନ କରିବେ ବ୍ରାହ୍ମଙ୍କରପୂର୍ବ ମଣ୍ଡଳରେ, ରୁଦ୍ର ମଣ୍ଡଳରେ (ଦ୍ୱିତୀୟ ମଣ୍ଡଳରେ) ଉର୍ଦ୍ଧ୍ୱକ ସ୍ଥାପନା କରିବେ । ପଶ୍ଚିମ ବୈଷ୍ଣବ ମଣ୍ଡଳରେ ଉସଙ୍ଗିକ ବା ଆଙ୍କିକକୁ ରଖିବେ ॥ ୨୬୩, ୨୬୪ ॥

ପୂଜାଦ୍ରବ୍ୟ (ବଳି) ପୁଷ୍ପ ବିଭିନ୍ନ ବର୍ଣ୍ଣର ପୁଷ୍ପସବୁ ଦ୍ୱାରା ଆଲିଙ୍ଗ୍ୟକୁ ପୂଜାକରି ମଧୁ ମିଶ୍ରିତ ପାୟସ ବଳି (ଭୋଗ) ଦେବ । ଆଙ୍କିକରେ ପ୍ରୋକ୍ତ ପୁଷ୍ପାଦି ଦେଇ ପିଠା ଓ ଲୁଚି ପୂଜା ଭୋଗ ଦେବ । ଏହାପରେ ସବୁ ପ୍ରକାର ପୂଜାକରି ସବୁ ପ୍ରକାର ଭୋଗ ସାମଗ୍ରୀ ଉର୍ଦ୍ଧ୍ୱକର ପୂଜା କରିବ ॥ ୨୬୫, ୨୬୬ ॥ ସ୍ୱସ୍ତିକରେ ଲୁଚିଓ ପିଠା, ଗଇଁଠା ଓ ଏଣ୍ଡୁରୀ ସହିତ ଦେବ । ଦୁଦୁରା, କରବୀର, ଅର୍କ ଏବଂ ଅନ୍ୟାନ୍ୟ ପୁଷ୍ପ ମଧ୍ୟ ଦେବ । ନାଲି କପଡ଼ା ବାଦ୍ୟଯନ୍ତ୍ର

Digitized by srujanika@gmail.com

ବଳିଃ କାର୍ଯ୍ୟଃ ପ୍ରଯତ୍ନେନ ରକ୍ତୋ ରକ୍ତାମ୍ବରୈଃ ସହ ।
ବୈଷ୍ଣବେ ମଣ୍ଡଳେ ସ୍ଥାପ୍ୟ ସର୍ବବୀଜ ଗତେଽଙ୍କିକେ ।। ୨୬୮ ।।
ସ୍ରଗ୍ ବସ୍ତ୍ରାଲେପନୈଃ ପୀଠୈଃ ଚରୁମିଶ୍ର ସପାୟସୈଃ ।
ବାଚୟିତ୍ୱା ଦ୍ୱିଜାନ୍ ସ୍ୱସ୍ତିଂ ଦତ୍ତ୍ୱା ପୂର୍ବଂ ଚ ଦକ୍ଷିଣାମ୍ ।। ୨୬୯ ।।
ପୂଜୟିତ୍ୱା ତୁ ଗନ୍ଧର୍ବାନ୍ ପଶ୍ଚାଦ୍ ବାଦ୍ୟଂ ସମାଚରେତ୍ ।
ତନ୍ତ୍ରୀଭିଃ ପଣବଂ ନହ୍ୟେତ୍ ସୁମୃଷ୍ଟାଭିଃ ସମନ୍ତତଃ ।। ୨୭୦ ।।
ତତଃ ପୁଷ୍କରିକାଣ୍ଡୈବ ଯୋଜୟେତ୍ ତତ୍ର ଚର୍ମଣା ।
ଏବଂ ମୃଦଙ୍ଗ ପଣବାଃ କର୍ତ୍ତବ୍ୟା ଦର୍ଦ୍ଦୁରାସ୍ତଥା ।। ୨୭୧ ।।
ଦୈବତାନିଚ ବକ୍ଷ୍ୟାମି ଯାନ୍ୟେଷାଂ ଚ ଭବନ୍ତି ହି ।
ବକ୍ରେକ୍ଷଣଃ ଶଙ୍କୁକର୍ଣ୍ଣୋ ଗ୍ରାମଣୀଶ୍ଚ ତଥା ମହାନ୍ ।। ୨୭୨ ।।
ଏତାଶ୍ଚ ଦେବତା ବିପ୍ରା ମୁରଜେଷୁ ପ୍ରକୀର୍ତ୍ତିତାଃ ।
ମୃଣ୍ମୟତ୍ୱାଦ୍ ମୃଦଙ୍ଗାସ୍ତୁ ଭାଣ୍ଡଂ ଭ୍ରମୟତୀତି ଚ ।। ୨୭୩ ।।
ମୁରଜାସ୍ତୂର୍ଦ୍ଧ୍ୱକରଣାଦାତୋଦ୍ୟଂ ତୋଦନାଦପି ।
ଭାଣ୍ଡସ୍ୟାଦୌ ପ୍ରଣୀତୋଽଦ୍ୟ ପଣବଶ୍ଚ ବିଧୀୟତେ ।। ୨୭୪ ।।

ଉପରେ ଆବରଣ ଦେବ । ପୂଜାଦ୍ରବ୍ୟେ ନାଲିରଙ୍ଗର ଫଳ ଓ ପିଠା ପ୍ରଭୃତି ମଧ୍ୟ ଦେବ ।। ସର୍ବବୀଜ ସ୍ୱରୂପ ଆଙ୍କିକରେ ଯାହାକି ବୈଷ୍ଣବ ମଣ୍ଡଳରେ ସ୍ଥାପିତ ହୋଇଥିବ, ତହିଁରେ ହଳଦିଆ ରଙ୍ଗର ଆଲେପନ ବସ୍ତ୍ର ଏବଂ ପୁଷ୍ପ ଓ ମାଲ୍ୟଦେବ । ଚରୁ ପାୟସ ପ୍ରଭୃତି ହଳଦିଆ ହେବ ।

ବ୍ରାହ୍ମଣମାନେ ସ୍ୱସ୍ତିବାଚନ କରିବେ । ସେମାନଙ୍କୁ ଦକ୍ଷିଣା ନେଇ ଗନ୍ଧର୍ବମାନଙ୍କୁ ପୂଜାକରି ବାଦ୍ୟବାଦନ ଆରମ୍ଭ କରିବ । ଚାରିଆଡୁ ତୋରରେ ପଣବକୁ କଷିକରି ବାନ୍ଧିବ ।। ୨୬୭-୨୭୦ ।।

ତା ଉପରେ ବିଶେଷକରି ଚର୍ମ ଉପରେ ଖୋଳଦେଇ ଯତ୍ନରେ ରଖିବ । ଏହିପରି ମୃଦଙ୍ଗ ପଣବ ଓ ଦର୍ଦ୍ଦୁର ପ୍ରଭୃତି କରାଯିବ ।। ୨୭୧ ।।

ଏମାନଙ୍କ ଦେବତା ବିଷୟ କହିବି । ବକ୍ରେକ୍ଷଣ, ଶଙ୍କୁକର୍ଣ୍ଣ ଓ ମହାଗ୍ରାମଣୀ ମୁରଜର ଦେବଗଣ ଅଟନ୍ତି । ମୃତ୍‌ବା ମାଟି ଦ୍ୱାରା ଅଙ୍ଗ ନିର୍ମିତ ହେବା ଯୋଗୁଁ ଏହାକୁ ମୃଦଙ୍ଗ କୁହାଯାଏ । ଏଗୁଡ଼ିକ ଭ୍ରମଣରେ ନିଆଯାଇ ପାରେବୋଲି ଏହାକୁ ଭାଣ୍ଡକୁହନ୍ତି । ଊର୍ଦ୍ଧ୍ୱକରଣ ବା ଠିଆକରି ରଖାଯିବା ଯୋଗୁଁ ମୁରଜନାମ ହୋଇଛି । ତୋଦନା ଅର୍ଥାତ୍ ତାଡ଼ନା ଦ୍ୱାରା ସଂପୃକ୍ତବାଦ୍ୟ ବୋଲି ଆତୋଦ୍ୟ ମଧ୍ୟ ଏ ଜାତୀୟ ବାଦ୍ୟକୁ କୁହାଯାଏ । ଭାଣ୍ଡବିଧି ଆଗରୁ କହିଛି । ଏବେ ପଣବ କଥା କହୁଛି ।। ୨୭୨-୨୭୪ ।।

Digitized by srujanika@gmail.com

ଦାରୁ ଯତୋ ଦାରୟତି ତସ୍ମାଦ୍ ଭବତି ଦର୍ଦ୍ଦୁରଃ ।
ଦୃଷ୍ଟ୍ୱା ମୃଦଙ୍ଗଂ ପଣବଂ ଦର୍ଦ୍ଦୁରଂ ଚ ମହାମୁନିଃ ॥ ୨୭୫ ॥
ମେଘୈଂସ୍ତୁ ସ୍ୱରସଂବାଦାନ୍ ମୃଦଙ୍ଗାନାମଥାସୃଜତ୍ ।
ବିଦ୍ୟୁଦ୍ ଜିହ୍ୱୋ ଭବେଦ୍ ବାମେ ମେଘଃ ସତୁ ମହାସ୍ୱନଃ ॥ ୨୭୬ ॥
ଐରାବଣୋ ମହାମେଘଃ ତଥା ଚୈବୋର୍ଦ୍ଧ୍ୱକେ ଭବେତ୍ ।
ଆଲିଙ୍ଗ୍ୟେଚ ତଡ଼ିଦ୍ଖ୍ୟାତୋ ନାମ୍ନା ମେଘୋ ବଳାହକଃ ॥ ୨୭୭ ॥
ଦକ୍ଷିଣେ ପୁଷ୍କରୋ ମେଘଃ କୋକିଳୋ ବାମତଃ ସ୍ମୃତଃ ।
ମୃଦଙ୍ଗ ଏବ ନାମ୍ନା ଚ ଊର୍ଦ୍ଧ୍ୱକେ ନନ୍ଦ୍ୟଥୋଚ୍ୟତେ ॥ ୨୭୮ ॥
ଆଙ୍କିକ ସିଦ୍ଧିରିତ୍ୟେବ ମାଲିଙ୍ଗ୍ୟଣ୍ଚାଥ ପିଙ୍ଗଳଃ ।
ଭୂତପ୍ରିୟୋ ବଳିସ୍ତେଭ୍ୟୋ ଦାତବ୍ୟଃ ସିଦ୍ଧିମିଚ୍ଛତା ॥ ୨୭୯ ॥
ପୂଜୟିତ୍ୱା ଚ ତାନ୍ ଦେବାନ୍ ପ୍ରେକ୍ଷାଂରଙ୍ଗେ ପ୍ରକଳ୍ପୟେତ୍ ।
କରୀଷସ୍ୟ ତୁ ସଂଘାତେ ମୃଦଙ୍ଗଂ ସ୍ଥାପୟେଦ୍ ବୁଧଃ ॥ ୨୮୦ ॥

ଏହା ଦାରୁକୁ ମଧ୍ୟ ଦାରଣ କରେ ବୋଲି ଦର୍ଦ୍ଦୁର ନାମ ବହନ କରେ । ମୃଦଙ୍ଗ ପଣବ ଓ ଦର୍ଦ୍ଦୁରକୁ ପୂର୍ଣ୍ଣାଙ୍ଗ ଦେଖି ମହାମୁନି ସ୍ୱାତି ସେମାନଙ୍କ ଧ୍ୱନିକୁ ମେଘର ଧ୍ୱନି ସହିତ ସମନ୍ୱିତ କଲେ । ବିଦ୍ୟୁଦ୍ ଜିହ୍ୱନାମକ ମହା ମେଘର ସ୍ୱନକୁ 'ବାମ' କରେ ଯୋଗ କଲେ ॥ ୨୭୫-୧୭୬ ॥

ଐରାବଣ ନାମକ ମହାମେଘର ସ୍ୱନକୁ ଊର୍ଦ୍ଧ୍ୱକରେ ସଂଯୋଗ ଦେଲେ । ବିଦ୍ୟୁଦ୍ ଛଟାରେ ବିଖ୍ୟାତ ବଳାହକ ନାମକ ମେଘର ସ୍ୱରକୁ 'ଆଲିଙ୍ଗ୍ୟ'ରେ ଦେଲେ ॥ ୨୭୭ ॥

ଦକ୍ଷିଣରେ ପୁଷ୍କର ମେଘ ଏବଂ 'ବାମକ'ରେ କୋକିଳ ଓ ଊର୍ଦ୍ଧ୍ୱକରେ ନନ୍ଦୀ ନାମକ ମେଘର ସ୍ୱରଯୋଗ ଦେଲେ । ପ୍ରାଣିମାନଙ୍କ ପ୍ରିୟଦ୍ରବ୍ୟ ସେହି ମେଘମାନଙ୍କର ତୃପ୍ତିପାଇଁ ଏହିପରି ଆଙ୍କିକ ସିଦ୍ଧି ହେବ । ସିଦ୍ଧିକାମୀ ଆଲିଙ୍ଗ୍ୟ, ପିଙ୍ଗଳ, ଏମାନଙ୍କୁ ପ୍ରାଣୀମାନଙ୍କ ପ୍ରିୟ ବଳି ପ୍ରଦାନ କରିବେ ॥ ୨୭୯ ॥

ସେହି ସେହି ଦେବତାମାନଙ୍କୁ ପୂଜାକରି ରଙ୍ଗଭୂମିରେ ଆଖି ପକାଇବ । ଘସି ଗୋବର ଘସି ଗୁଣ୍ଡ ଉପରେ ମୃଦଙ୍ଗ ରଖିବ ॥ ୨୮୦ ॥

Digitized by srujanika@gmail.com

ସୁସଂଘା ତାନଚଳିତା ତଥା ଚାବନତାଃ ପୁନଃ
ଆତୋଦ୍ୟ ପଣବୈଶ୍ଚୈବ ନର୍ତ୍ତକୋପନତାଃ ତଥା ।। ୨୮୧ ।।
ଶାନ୍ତିକର୍ମ ପ୍ରଯୁଞ୍ଜୀତ ବିଧିଦୃଷ୍ଟେନ କର୍ମଣା ।
ଚତ୍ୱାରଃ ପଣବାଃ କାର୍ଯ୍ୟା ଦଶରୂପ ବିଧୌ ପୁନଃ ।। ୨୮୨ ।।
ଆତୋଦ୍ୟାନ୍ୟପି ତାନ୍ୟେବ ନାନାବସ୍ଥାସୁ ବାଦୟେତ୍ ।
ନାଟକେଽଙ୍କେ ପ୍ରକରଣେ ବୀଥ୍ୟାଂ ଭାଣେ ଡିମେ ତଥା ।। ୨୮୩ ।।
ମୃଦଙ୍ଗଂ ପଣବଂ ଚୈବ ଦର୍ଦ୍ଦୁରଂ ଚୈବ ବାଦୟେତ୍ ।
ଏବ ମେତଦ୍ ବୁଧୈ ର୍ଜ୍ଞେୟଂ ମୃଦଙ୍ଗାନାଂ ତୁ ଲକ୍ଷଣମ୍ ।। ୨୮୪ ।।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଉପହସ୍ତସ୍ୟ ଲକ୍ଷଣମ୍ ।
କର୍ତ୍ତରୀ ସମହସ୍ତଶ୍ଚ ହସ୍ତ ପାଣିତ୍ରୟଂ ତଥା । ୨୮୫ ।।
ବର୍ତ୍ତନା ଦଣ୍ଡହସ୍ତଶ୍ଚ ପଞ୍ଚ ଶିକ୍ଷାକରାସ୍ତଥା ।
ତର୍ଜନ୍ୟଙ୍ଗୁଷ୍ଠ ଯୋଗେନ ସ୍ୱତ୍ରେ (?) ଜାତିଗତି ସ୍ତତଃ ।। ୨୮୬ ।।
ପର୍ଯ୍ୟାୟ ପତନୈର୍ଜ୍ଞେୟା କର୍ତ୍ତରୀ ହସ୍ତୟୋର୍ଦ୍ୱୟୋଃ ।
ସମୟୋଃ ସମତାଳେନ ଦ୍ୱୟୋର୍ହସ୍ତତଳାର୍ଧୟୋଃ ।। ୨୮୭ ।।

ସଂଘକୁ ସଜ୍ଜିତକରି ତାନ ପାଇଁ ପ୍ରସ୍ତୁତ ହୋଇ ବିନୀତ ଭାବରେ ଆତୋଦ୍ୟ (ସର୍ବବିଧବାଦ୍ୟ) ପଣବ ଏବଂ ନର୍ତ୍ତକମାନଙ୍କୁ ଏକାଠି କରି ବିଧାନ ଅନୁଯାୟୀ ଶାନ୍ତିକର୍ମ ପ୍ରୟୋଗ କରିବ । ଦଶରୂପ ବିଧାନରେ ଚାରିଟି ପଣବ ବ୍ୟବହାର କରିବ । ସେହି ଆତୋଦ୍ୟଗୁଡ଼ିକୁ ମଧ୍ୟ ବିବିଧ ଅବସ୍ଥାରେ ବାଦନ କରିବ । ନାଟକର ଅଙ୍କରେ, ପ୍ରକରଣରେ, ବୀଥୀରେ, ଭାଣ ଓ ଡ଼ିମରେ ମୃଦଙ୍ଗ ପଣବ ଓ ଦଦ୍ଦ଼ରକୁ ମଧ୍ୟ ବଜାଯିବ । ଏହିସବୁ ମୃଦଙ୍ଗ ଲକ୍ଷଣ ଜାଣିବ ।। ୨୮୧-୮୪ ।।

ଏବେ ଉପହସ୍ତର ଲକ୍ଷଣ କହିବି । ଏହା ପାଞ୍ଚ ପ୍ରକାର । ଯଥା:-କର୍ତ୍ତରୀ, ସମସ୍ତ, ହସ୍ତପାଣି, ବର୍ତ୍ତନା, ଦଣ୍ଡହସ୍ତ । ଏହି ପାଞ୍ଚଟି ଶିକ୍ଷାଶାସ୍ତ୍ର ସମର୍ଥିତ କର ଅଟେ ।। ୨୮୫-୨୮୬ ।।

କର୍ତ୍ତରୀ:- ତର୍ଜନୀ ଓ ଅଙ୍ଗୁଷ୍ଠ ଯୋଗରେ ଦୁଇ ହାତରେ (ସ୍ୱରର) ଜାତି ଗତିରେ ଗୋଟିକ ପରେ ଗୋଟିଏ (ବାଦ୍ୟରେ) ସମାନ ଭାବେ ଚାଳିଲେ କର୍ତ୍ତରୀ ହୁଏ ।। ୨୮୭ ।।

ଦୁଇ କରତଳର ଦୁଇ ଅର୍ଧ, କ୍ରମାନୁଯାୟୀ (ଭାଣ୍ଡମୁଖରେ) ଏକତାଳରେ କ୍ରମାନୁସାରେ ପଳିତ ହେଲେ ସମହସ୍ତ ହୁଏ ।। ୨୮୭ ।।

Digitized by srujanika@gmail.com

ପର୍ଯ୍ୟାୟତଃ ପ୍ରପାତୋଯଃ ସମହସ୍ତ ଇତି ସ୍ମୃତଃ ।
ବିଭାବିତସ୍ୟ ବାମସ୍ୟ ପାର୍ଶ୍ୱିନା ଙ୍ଗୁଳିଭି ସ୍ତଥା ।। ୨୮୮ ।।
ସଦୃଗ୍ ଦକ୍ଷିଣହସ୍ତସ୍ୟ ହସ୍ତପାଣିତ୍ରୟଂ ଭବେତ୍ ।
ପୂର୍ବଂ ଦକ୍ଷିଣ ହସ୍ତେନ କ୍ରମାଦ୍ ବାମେନ ପାତତଃ ।। ୨୮୯ ।।
ଚତ୍ୱାରୋ ଯତ୍ରବର୍ତ୍ତନ୍ତେ ବର୍ତ୍ତନାଦ୍ ବର୍ତ୍ତନାଃ ସ୍ମୃତାଃ ।
ପ୍ରଥମଂ ବାମହସ୍ତେନ ଗୃହୀତ୍ୱା ଦକ୍ଷିଣେନ ତୁ ।। ୨୯୦ ।।
ପ୍ରହାରାଃ କ୍ରମପାତେନ ଦଣ୍ଡହସ୍ତଃ ସମସ୍ତୟୋଃ ।
ସୌଷ୍ଟବଂ ଲାଘବଂ ଚୈବ ବାହୁଲ୍ୟଂ ଦୃଢ଼ତାପି ଚ ।। ୨୯୧ ।।
ସର୍ବେଷାଂ ଚୈବ ହସ୍ତାନାଂ ଗୁଣାଶ୍ଚତ୍ୱାର ଈରିତାଃ ।
ଏବମେତନ୍ ମୟାପ୍ରୋକ୍ତଂ ହସ୍ତାନାମପି ଲକ୍ଷଣମ୍ ।। ୨୯୨ ।।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ବାଦକାନାଂ ତୁ ଲକ୍ଷଣମ୍ ।
ଗୀତବାଦ୍ୟ କଳା ଲୟ ଗ୍ରହ ମୋକ୍ଷବିଶାରଦୋଽଥ ଲଘୁହସ୍ତଃ
ଚିତ୍ରପାଣିର୍ବିଧିଜ୍ଞଃ ସିଦ୍ଧିଜ୍ଞାନେ ଧ୍ରୁବାକୁଶଳଃ ।। ୨୯୩ ।।

(କେବଳ ପାପୁଲିରେ ଦୁଇ ହାତରେ ସମାନତାଳ ପ୍ରହାର) ବାମହସ୍ତକୁ ଭାଗ ଭାଗ କରି ଅର୍ଥାତ୍ କେବଳ ପାପୁଲିରେ (ଆଙ୍ଗୁଳି ନ ଚଳାଇ) ଏବଂ ଖାଲି ଅଙ୍ଗୁଳି ଚଳାଇ ଏବଂ ଠିକ ଏହିପରି ଦକ୍ଷିଣ ହସ୍ତ ଚଳାଇ ବଜାଇବାରେ ପାଣିତ୍ରୟ ହୁଏ ।। ୨୮୮ ।। ପ୍ରଥମେ ଡାହାଣ ହାତରେ ଓ ପରେ ବାମ ହାତରେ ଚାରିଟି ପ୍ରହାର ଯେଉଁ ବାଦନରେ ହୁଏ ତାହାକୁ ବର୍ତ୍ତନା କୁହାଯାଏ । କାରଣ ଏହା ବିଦ୍ୟମାନ ରହେ ।। ୨୮୯ ।।

ଯେତେବେଳେ ବାମ ହସ୍ତରେ ପ୍ରହାର ଆରମ୍ଭ ହୋଇ ଦକ୍ଷିଣ ହସ୍ତ ଦ୍ୱାରା ପ୍ରହାର କରାଯାଏ, ସେତିକି ବେଳେ କ୍ରମିକ ପ୍ରହାରଗୁଡ଼ିକୁ ଦଣ୍ଡହସ୍ତ କୁହାଯାଏ ।। ୨୯୦ ।।

ହାତର ଏହିସବୁ ଚାରିଟି ଗୁଣ କୁହାଯାଇଛି । ଯଥା:- ସୌଷ୍ଟବ, ଲାଘବ, ବାହୁଲ୍ୟ ଓ ଦୃଢ଼ତା । ହାତର ଏହିସବୁ ଲକ୍ଷଣ ମୁଁ କହିଗଲି ।। ୨୯୧-୨୯୨ ।।

ଏବେ ମୁଁ ବାଦକମାନଙ୍କ ଲକ୍ଷଣ ବିଷୟ କହିବି । ଯେଉଁ ବ୍ୟକ୍ତି ଗାନ, ବାଦ୍ୟ ଓ କଳାରେ ଅଭିଜ୍ଞ, ଲୟ, ଗ୍ରହ ଓ ମୋକ୍ଷ ବିଷୟ ବିଶାରଦ, ହାତ ଯାହାଙ୍କର ଅନାୟାସରେ ବାଦ୍ୟରେ ଗଡ଼ିଚାଲେ, ବିବିଧ ପାଣି ଜ୍ଞାନରେ ପ୍ରକାଶ, ସିଦ୍ଧିସ୍ଥାନ ଓ ଧ୍ରୁବା ବିଷୟରେ ଦକ୍ଷ, କଳାରେ ଯାହାଙ୍କର ଆସକ୍ତି, ତନ୍ମୟ ଭାବରେ ବାଦନ କରନ୍ତି, ଶ୍ରଦ୍ଧାରେ ବାଦ୍ୟର ମାର୍ଜନା କରିଥାନ୍ତି,

Digitized by srujanika@gmail.com

କଳାଭିରତଃ ମଧୁରହସ୍ତଃ ସୁନିବିଷ୍ଟୋ ରକ୍ତମାର୍ଜନୋ ବଲବାନ୍ ।
ସୁବିହିତ ଶରୀରବୁଦ୍ଧିଃ ସଂସିଦ୍ଧୋ ବାଦକଃ ଶ୍ରେଷ୍ଠଃ ॥ ୨୯୪ ॥
ଆଲୋପନ ପ୍ରମାଣଜ୍ଞଃ ଚତୁର୍ମାର୍ଗ କୃତଶ୍ରମଃ ।
ପ୍ରତିଗ୍ରହୀତା ସିଦ୍ଧୀନାମ୍ ଅଙ୍ଗଦୋଷ ବିବର୍ଜିତଃ ॥ ୨୯୫ ॥
ସ୍ୱଭ୍ୟସ୍ତକରଣଃ ସାମୋ ଗୀତଜ୍ଞୋ ଗୁଣିତଗ୍ରହଃ ।
ସୁସଂଗୀତ ପ୍ରୟୋଗଜ୍ଞୋ ମୃଦଙ୍ଗୀତୁ ଭବେଦ୍ ଗୁଣୈଃ ॥ ୨୯୬ ॥
ଅଭ୍ରାନ୍ତୋଽଥ ହସ୍ତକାଳଜ୍ଞଃ ଛିଦ୍ରାବରଣେ ପଣ୍ଡିତଃ ।
ଅଭ୍ୟସ୍ତକରଣୈ ଶ୍ଚୈବ ଭବେଦ୍ ପାଣବିକୋ ଗୁଣୈଃ ॥ ୨୯୭ ॥
ନିଷ୍କଳୋ ନିପୁଣଃ ଶୀଘ୍ରୋ ଲଘୁହସ୍ତୋ ବିଧାନବିଦ୍ ।
ବାଦନାନ୍ତର ବେଦୀଚ ଦର୍ଦୁରୀତୁ ପ୍ରଶସ୍ୟତେ ॥ ୨୯୮ ॥
ଏତଦ୍ସର୍ବଂ ନାଟ୍ୟଯୋଗଂ ସମୀକ୍ଷ୍ୟ ପ୍ରୋକ୍ତଂବାଦ୍ୟଂ ସର୍ବଲୋକାନୁମାନାଦ୍ ।
ନୋକ୍ତଂ ଯଚ୍ଛେଦ୍ ଆଗମାଦ୍ ଶାସ୍ତ୍ରବୁଦ୍ଧ୍ୟା ସଦ୍ଭିଃ କାର୍ଯ୍ୟଂ ମାର୍ଗଜାତୀଃ ସମୀକ୍ଷ୍ୟ ॥୨୯୯॥

ବଜାଇବା ପାଇଁ ସମର୍ଥ (ଦୁର୍ବଳତାରେ) ଶରୀର ଓ ବୁଦ୍ଧି ଯାହାଙ୍କର ଶୁଭାନ୍ୱେଷୀ ସେହି ବ୍ୟକ୍ତି ଶ୍ରେଷ୍ଠବାଦକ ଅଟନ୍ତି ॥ ୨୯୩, ୨୯୪ ॥

ଉତ୍ତମ ମୃଦଙ୍ଗ ବାଦକର ଗୁଣ- ଭାଣ୍ଡବାଦ୍ୟ ବିଲେପନ ବିଷୟରେ ଯେ ଅଭିଜ୍ଞ, ଚାରିମାର୍ଗରେ ଉପଯୁକ୍ତ ଅଧ୍ୟବସାୟ କରିଛନ୍ତି, ଏହି ବିଦ୍ୟାରେ ସିଦ୍ଧି ଲାଭ କରିଛନ୍ତି । ବାଦନରେ ଅଙ୍ଗଦୋଷ ନଥିବ । (ସ୍ୱାଭାବିକ ବେତାଳିଆ ହୋଇ ନଥିବେ) କରଣମାନଙ୍କରେ ନିତ୍ୟ ଅଭ୍ୟାସ ଥିବ, ଶାନ୍ତ ସ୍ୱଭାବ, ଗୀତ ବିଷୟ ଜାଣିଥିବେ, ଗ୍ରହ ବିଚାରରେ ଗୁଣବାନ୍ (ବାଦନର ଗ୍ରହମୋକ୍ଷ) ସଂଗୀତର ପ୍ରୟୋଗରେ ଚତୁର । ଏହିପରି ମୃଦଙ୍ଗୀ ଯୋଗ୍ୟ ଅଟନ୍ତି ॥ ୨୯୫, ୨୯୬ ॥

ପଣବ ବାଦକ:-ହସ୍ତ ଏବଂ କାଳ ବିଷୟରେ କୌଣସି ଭ୍ରମ ନଥିବ, ଦୋଷ (ବାଦ୍ୟ ବା ସଂଗୀତର) ଘୋଡ଼ାଇବାରେ ଚତୁର, କରଣରେ ଏକାନ୍ତ ଅଭ୍ୟସ୍ତ ଯୋଗ୍ୟପାଣବିକ ଅଟନ୍ତି ॥ ୯୭ ॥

ଯେକୌଣସି ପରିସ୍ଥିତିରେ ଯେ ଚଞ୍ଚଳ ନୁହେଁ, ନିଜ ବିଦ୍ୟାରେ ଅଭିଜ୍ଞ, ଶୀଘ୍ର ଏବଂ ଦକ୍ଷହସ୍ତ । ବାଦ୍ୟ ବିଧାନଜ୍ଞାନ ଥିବ, ଅନ୍ୟଯନ୍ତ୍ର ମଧ୍ୟ ବଜାଇ ପାରୁଥିବେ ଏହିପରି ଦର୍ଦୁରବାଦକ ଶ୍ରେଷ୍ଠ । ସମସ୍ତ ନାଟ୍ୟଯୋଗକୁ ଲକ୍ଷ୍ୟକରି ସବୁ ଲୋକସ୍ଥିତିକୁ ଅନୁଧ୍ୟାନ କରି ବାଦ୍ୟବିଧାନ କହିଗଲି । ଯାହା କିଛି ଯଦି କରିପାରି ନାହିଁ, ନିଜର ଶାସ୍ତ୍ରବୁଦ୍ଧି ପ୍ରୟୋଗକରି ବିଜ୍ଞମାନେ ମାର୍ଗ ଓ ଜାତିକୁ ଲକ୍ଷ୍ୟକରି ପ୍ରୟୋଗ କରିନେବେ ॥ ୨୯୯ ॥

Digitized by srujanika@gmail.com

ସ୍ଫୁଂଟ ପ୍ରହାରଂ ବିଶଦଂ ବିଭକ୍ତଂ ରକ୍ତଂ ବିଘୁଷ୍ଟଂ କରଲେପନଂ ଚ ।
ତ୍ରିମାର୍ଜନଂ ପୂରିତ ରାଗ ଯୋଗଂ ମୃଦଙ୍ଗ ବାଦ୍ୟଂ ଗୁଣତୋ ବଦନ୍ତି ॥ ୩୦୦ ॥
ବାଦ୍ୟେଷୁ ଯତ୍ନଃ ପ୍ରଥମଂ ତୁ କାର୍ଯ୍ୟଃ
ଶଯ୍ୟା ହି ନାଟ୍ୟସ୍ୟ ବଦନ୍ତି ବାଦ୍ୟମ୍ ।
ବାଦ୍ୟେ ଚ ଗୀତେଚ ସୁଖ ପ୍ରଯୁକ୍ତେ ।
ନାଟ୍ୟ ପ୍ରୟୋଗୋ ନ ବିପତ୍ତି ମେତି ॥ ୩୦୧ ॥

ଇତି ଭାରତେ ନାଟ୍ୟଶାସ୍ତ୍ରେ ଅବନଦ୍ଧ ବାଦ୍ୟ ପ୍ରକରଣଂ ନାମ
ତ୍ରୟସ୍ତ୍ରିଂଶଃ ଅଧ୍ୟାୟଃ ।

□□□

ମୃଦଙ୍ଗ ଗୁଣ - ଯେଉଁ ମୃଦଙ୍ଗରେ ପ୍ରହାର ସ୍ପଷ୍ଟ ଓ ପୃଥକ୍ ସୁବିଭକ୍ତ, ରାଗଯୁକ୍ତ, ସଂଯତ, ହାତକୁ କୋମଳ ଲାଗେ, ତିନିଟି ଯାକ ମାର୍ଜନା ଠିକ ଅଛି, ସମସ୍ତ ରାଗ ଯୋଗ ଭରି ରହିଥିବ ତାହା ପ୍ରଶସ୍ତ ମୃଦଙ୍ଗବାଦ୍ୟ ॥ ୩୦୦ ॥

ପ୍ରଥମେ ବାଦ୍ୟ (ଭାଣ୍ଡବାଦ୍ୟ)ରେ ଯତ୍ନ ଆବଶ୍ୟକ । କାରଣ ଏହିବାଦ୍ୟ ବାଦନକୁ ନାଟ୍ୟାନୁଷ୍ଠାନର ମୂଳ ବୋଲି ଗ୍ରହଣ କରାଯାଏ । ବାଦ୍ୟ ଓ ଗୀତ ସୁଖ ଦାୟକ ହେଲେ ନାଟ୍ୟରେ ସିଦ୍ଧି ସହଜ ହୁଏ ଓ କୌଣସି ବିପତ୍ତି ଆସେ ନାହିଁ ॥ ୩୦୧ ॥

ଭରତ ନାଟ୍ୟଶାସ୍ତ୍ରରେ ଅବନଦ୍ଧବାଦ୍ୟ ପ୍ରକରଣ ନାମକ ତେତିଶ
ଅଧ୍ୟାୟ ସମାପ୍ତ ।

□□□

Digitized by srujanika@gmail.com

ଭରତନାଟ୍ୟ ଶାସ୍ତ୍ରମ୍

ଚତୁସ୍ତ୍ରିଂଶଃ ଅଧ୍ୟାୟଃ ।

ପ୍ରକୃତି ବିଚାରଃ

ଅତ ଊର୍ଦ୍ଧ୍ବଂ

ପ୍ରବକ୍ଷ୍ୟାମି ପ୍ରକୃତୀନାଂ ତୁ ଲକ୍ଷଣମ୍ ।
ନାୟକାନାଂ ଚ ସର୍ବେଷାଂ ଚତୁର୍ଣ୍ଣାମପି ତତ୍ତ୍ୱତଃ ।। ୧ ।।
ସମାସତସ୍ତୁ ପ୍ରକୃତି ସ୍ତ୍ରିବିଧା ପରିକୀର୍ତ୍ତିତା ।
ସ୍ତ୍ରୀଣାଂ ଚ ପୁରୁଷାଣାଂଚ ଉତ୍ତମା ଧମମଧ୍ୟମା ।। ୨ ।।
ଜିତେନ୍ଦ୍ରିୟା ଜ୍ଞାନବତୀ ନାନାଶିଳ୍ପ ବିଚକ୍ଷଣା ।
ଦକ୍ଷିଣାଥ ଭୋଗଦକ୍ଷା ଦୀନାନାଂ ପରିସାନ୍ତ୍ୱିନୀ ।। ୩ ।।
ନାନାଶାସ୍ତ୍ରାର୍ଥ ସମ୍ପନ୍ନା ଗାମ୍ଭୀର୍ଯୌଦାର୍ଯ୍ୟ ଶାଳିନୀ ।
ଧୈର୍ଯ୍ୟ ତ୍ୟାଗ ଗୁଣୋପେତା ଜ୍ଞେୟା ପ୍ରକୃତିରୁତ୍ତମା ।। ୪ ।।
ଲୋକୋପଚାର ଚତୁରା ଶିଳ୍ପଶାସ୍ତ୍ର ବିଶାରଦା ।
ବିଜ୍ଞାନ ମାଧୁର୍ଯ୍ୟଯୁତା ମଧ୍ୟମା ପ୍ରକୃତିଃ ସ୍ମୃତା ।। ୫ ।।

ଚଉତିରିଶ ଅଧ୍ୟାୟ

ଏବେ ଚରିତ୍ରମାନଙ୍କର ଲକ୍ଷଣ, ଚାରିପ୍ରକାର ନାୟକଙ୍କର ମଧ୍ୟ ମୌଳିକତତ୍ତ୍ୱ ସବୁ କହିବି ।। ୧ ।। ସଂକ୍ଷେପରେ ଉତ୍ତମ, ମଧ୍ୟମ ଓ ଅଧମ ଭାବରେ ପ୍ରକୃତି ତିନି ପ୍ରକାର । ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ।। ୨ ।। ଉତ୍ତମ ଚରିତ ପୁରୁଷଃ- ଜିତେନ୍ଦ୍ରିୟ, ଜ୍ଞାନବାନ୍, ନାନା ଶିଳ୍ପରେ ବିଚକ୍ଷଣ, ଉଦାର, ଉପଭୋଗରେ ମଧ୍ୟ ଯୋଗ୍ୟତା ଥିବ, ଦୁଃଖୀକୁ ଆଶ୍ୱାସନା ଦେଉଥିବ, ବିବିଧ ଶାସ୍ତ୍ରରେ ପାଣ୍ଡିତ୍ୟ, ଗମ୍ଭୀରତା ଓ ଉଦାରତା-ପରିପୂର୍ଣ୍ଣ, ଧୈର୍ଯ୍ୟ ଓ ତ୍ୟାଗ ଗୁଣ-ଯୁକ୍ତ ପ୍ରକୃତି ଉତ୍ତମ ପୁରୁଷ ପ୍ରକୃତି ଅଟେ ।। ୩,୪ ।।

ମଧ୍ୟମ ପୁରୁଷ ଚରିତ୍ରଃ- ଲୋକାଚାର ଅଭିଜ୍ଞ, ଶିଳ୍ପଶାସ୍ତ୍ରବିଶାରଦ, ବିଜ୍ଞାନ ମାନସିକତା ଥିବ, ଏହି ମଧୁର ସ୍ୱଭାବ ମଧ୍ୟମଚରିତ ପୁରୁଷର ହୋଇଥାଏ ।। ୫ ।।

Digitized by srujanika@gmail.com

ରୁକ୍ଷା ବଚସି ଦୁଃଶୀଳାଃ କୁସତ୍ତ୍ୱାଃଶଲ୍ୟବୁଦ୍ଧିକାଃ ।
କ୍ରୋଧନା ଘାତକାଶ୍ଚୈବ ମିତ୍ରଘ୍ନାଶ୍ଛିତ୍ରଘାତକାଃ ॥ ୬ ॥
ବୃଥାରମ୍ଭ ପ୍ରସକ୍ତାଶ୍ଚ ଯତ୍‌କିଞ୍ଚିଦ୍ ବାଦିନୋଽଜ୍ଞକାଃ ।
ପିଶୁନା ଉଦ୍ଧତା ବାକ୍ୟୈ ରକୃତଜ୍ଞାସ୍ତଥାଳସାଃ ॥ ୭ ॥
ମାନ୍ୟାମାନ୍ୟ ବିଶେଷାଜ୍ଞା ସ୍ତ୍ରୀଲୋକାଃ କଳହ ପ୍ରିୟାଃ ।
ସୂଚକାଃ ପାପକର୍ମାଣଃ ପରଦ୍ରବ୍ୟାପହାରିଣଃ ॥ ୮ ॥
ଏଭି ର୍ଦୋଷୈସ୍ତୁ ସମ୍ପନ୍ନା ଭବନ୍ତି ହ୍ୟଧମା ନରାଃ ।
ଏବଂ ଚ ଶୀଳତୋ ନୃଣାଂ ପ୍ରକୃତି ସ୍ତ୍ରିବିଧାମତା ॥ ୯ ॥
ସ୍ତ୍ରୀଣାଂ ପୁନସ୍ତୁ ପ୍ରକୃତିଂ ବ୍ୟାଖ୍ୟାସ୍ୟାମ୍ୟନୁ ପୂର୍ବଶଃ ।
ମୃଦୁଭାବା ତ୍ୱଚପଳା ସ୍ମିତଭାଷିଣ୍ୟନିଷ୍ଠୁରା ॥ ୧୦ ॥
ଗୁରୂଣାଂବଚନେ ଦକ୍ଷା ସଲଜ୍ଜା ବିନୟାନ୍ୱିତା ।
ରୂପାଭିଜନ ମାଧୁର୍ଯ୍ୟ ଗୁଣୈଃ ସ୍ୱାଭାବିକୈର୍ବୃତା ॥ ୧୧ ॥

ଅଧମ ଚରିତ୍ର ପୁରୁଷ:- ଟାଣ ଟାଣ କଥା, ସ୍ୱଭାବ ମନ୍ଦ, ଆତ୍ମବଳହୀନ, କୁଟିଳବୁଦ୍ଧି, କ୍ରୋଧୀ, ଘାତକସ୍ୱଭାବ, ମିତ୍ରଦ୍ରୋହୀ, ବିଭିନ୍ନ ଉପାୟରେ ବା ଛନ୍ଦକରି ମାରିପାରନ୍ତି, ଅନାବଶ୍ୟକ କାର୍ଯ୍ୟ ଆରମ୍ଭକରି ତହିଁରେ ଲିପ୍ତ ରହନ୍ତି, ବିଚାର ନକରି ଯାହା କିଛି ଆସିଲା କହି ଦିଅନ୍ତି, ଓଜନ ନଥାଏ, ନୃଶଂସ, ଉଦ୍ଧତ, କଥାରେ ମଧ୍ୟ କୃତଜ୍ଞତା ନଥାଏ । ଆଳସ୍ୟ ପରାୟଣ, ମାନ୍ୟ ଅମାନ୍ୟ ବିଷୟରେ କୌଣସି ଜ୍ଞାନ ନାହିଁ । ସ୍ତ୍ରୀମାନଙ୍କ ପଛରେ (ସେମାନେ ନ ଚାହାନ୍ତି) ଲୁଙ୍ଗୁ ଲୁଙ୍ଗୁ ହେବା, ଅନାବଶ୍ୟକ କଳହ ସୃଷ୍ଟିକରିବା, ୟା କଥା ତା ଆଗରେ କିଛି ମିଶାଇ କହିବା, ପାପ କର୍ମରେ ପ୍ରବୃତ୍ତି, ପରଦ୍ରବ୍ୟ ଚୋରି କରିବା, ଏହିସବୁ ଦୋଷ ଯୁକ୍ତ ପ୍ରକୃତି ଅଧମ ପୁରୁଷମାନଙ୍କର ହୋଇଥାଏ । ସ୍ୱଭାବବଶତଃ ଲୋକମାନଙ୍କର ଏହିପରି ତିନି ପ୍ରକୃତି ଅଟେ ॥ ୬-୯ ॥

ଏବେ ପୁଣି ଯଥାକ୍ରମେ ସ୍ତ୍ରୀମାନଙ୍କର ପ୍ରକୃତି ବିଷୟରେ କହିବି । କୋମଳସ୍ୱଭାବା, ଅଚପଳା, ସ୍ମିତ ଭାଷିଣୀ କୋମଳହୃଦୟା ଗୁରୁଜନମାନଙ୍କ କଥା ବୁଝିବାରେ ଦକ୍ଷା, ଲଜ୍ଜାନତା, ବିନୟବତୀ, ରୂପ-ସମ୍ଭ୍ରାନ୍ତା ଓ ମଧୁରତା ଗୁଣରେ ପରିପୂର୍ଣ୍ଣା, ଗାମ୍ଭୀର୍ଯ୍ୟ ଓ ଧୈର୍ଯ୍ୟ ସମ୍ପନ୍ନା ନାରୀ ଉତ୍ତମ ପ୍ରକୃତିର ଅଟନ୍ତି ॥ ୧୦, ୧୧ ॥

Digitized by srujanika@gmail.com

ଗାମ୍ଭୀର୍ଯ୍ୟ ଧୈର୍ଯ୍ୟ ସମ୍ପନ୍ନା ଉତ୍ତମା ପ୍ରକୃତିଃ ସ୍ମୃତା ।
ନାତ୍ୟୁତ୍କୃଷ୍ଟୈରଶିଥିଳୈ ରେଭିରେବ ଗୁଣୈର୍ଯୁତା ॥ ୧୨ ॥
ଅଳ୍ପଦୋଷାନୁବିଦ୍ଧା ଚ ମଧ୍ୟମା ପ୍ରକୃତିଃ ସ୍ମୃତା ।
ଅଧମା ପ୍ରକୃତିର୍ଯାତୁ ପୁରୁଷାଣାଂ ପ୍ରକୀର୍ତ୍ତିତା ॥ ୧୩ ॥
ବିଜ୍ଞେୟା ସୈବ ନାରୀଣା ମଧମାନାଂ ସମାସତଃ ।
ପ୍ରେଷ୍ୟା ଚୈବ ହି ବିଜ୍ଞେୟା ସଂକୀର୍ଣ୍ଣା ପ୍ରକୃତାବପି ॥ ୧୪ ॥
ନପୁଂସକଶ୍ଚ ବିଜ୍ଞେୟଃ ସଂକୀର୍ଣ୍ଣୋଽଧମ ଏବ ଚ ।
ବିଟଶ୍ଚୈବ ଶକାରଶ୍ଚ ଯେଚାନ୍ୟେଽପ୍ୟେବମାଦୟଃ ॥ ୧୫ ॥
ସଂକୀର୍ଣ୍ଣା ପ୍ରକୃତି ର୍ଜ୍ଞେୟା ନାଟକେ ଚ ଦ୍ୱିଜୋତ୍ତମାଃ ।
ଏତା ଜ୍ଞେୟାଃ ପ୍ରକୃତୟଃ ପୁରୁଷ ସ୍ତ୍ରୀ ନପୁଂସକାଃ ॥ ୧୬ ॥
ଆସାଂ ତୁ ସଂପ୍ରବକ୍ଷ୍ୟାମି ବିଭାଗଂ ଶୀଳସଂଶ୍ରୟମ୍ ।
ତତ୍ର ଚତ୍ୱାର ଏବ ସ୍ୟୁର୍ନାୟକାଃ ପରିକୀର୍ତ୍ତିତାଃ ॥ ୧୭ ॥
ମଧ୍ୟୋତ୍ତମାୟାଂ ପ୍ରକୃତୌ ନାନାଲକ୍ଷଣ ଲକ୍ଷିତାଃ ।
ଧୀରୋଦ୍ଧତା ଧୀରଲଳିତା ଧୀରୋଦାତ୍ତାସ୍ତଥୈବଚ ॥ ୧୮ ॥

ଅତି ଉତ୍କୃଷ୍ଟ ନୁହେଁ କିମ୍ବା ଅତିହୁଗୁଳା ନୁହେଁ ଏହିପରି ଅବସ୍ଥାରେ ପୂର୍ବୋକ୍ତ ଗୁଣମାନରହିଲେ ସାମାନ୍ୟ ଧର୍ତ୍ତବ୍ୟ ଦୋଷ ମଧ୍ୟ ଥାଇପାରେ ଏହି ପରିସ୍ଥିତିର ନାରୀ ମଧ୍ୟମ ପ୍ରକୃତିର ଅଟନ୍ତି । ପୁରୁଷମାନଙ୍କର ଯେଉଁ ଅଧମ ପ୍ରକୃତି କଥା କୁହାଯାଇଛି ଅଧମନାରୀ ଚରିତ୍ର ପ୍ରାୟ ସେହିପରି । ଦୂତୀର ଚରିତ୍ର ମିଶାମିଶି ହୋଇଥାଏ । ଦାସୀମାନଙ୍କର ମଧ୍ୟ ଏହି ମିଶ୍ରିତ ସ୍ୱଭାବ ॥ ୧୨-୧୪ ॥

ନପୁଂସକର ଚରିତ୍ର ମିଶା ମିଶି ହେଲେ ମଧ୍ୟ ଅଧିକ ଅଧମ ଚରିତ୍ରର ହେବ । ବିଟ ଓ ଶକାର ପ୍ରକୃତି ଭଳି ପାତ୍ରଙ୍କ ଚରିତ୍ର ଏହିପରି ମିଶ୍ରିତ ଅଧମ ଚରିତ ॥୧୫ ॥

ପୁରୁଷ ସ୍ତ୍ରୀ ନପୁଂସକ ଓ ଦାସୀ ଶକାର ପ୍ରଭୃତି ଚରିତ୍ର ବିଷୟରେ ଏତିକି ଜାଣିବ ॥ ୧୬ ॥

ଆଚରଣ ଅନୁସାରେ ଏହିମାନଙ୍କର ଶ୍ରେଣୀ ବିଭାଗ ବର୍ଣ୍ଣନା କରିବି । ଏମାନଙ୍କ ମଧ୍ୟରେ ନାୟକ ଚାରିପ୍ରକାର । ସେମାନେ ମଧ୍ୟମ ବା ଉତ୍ତମ ହୋଇପାରନ୍ତି । ସେମାନଙ୍କର ନାନା ଲକ୍ଷଣ ଦେଖାଯାଇଥାଏ । ଧୀରୋଦ୍ଧତ, ଧୀରଲଳିତ, ଧୀରୋଦାତ୍ତ ଓ ଧୀର ପ୍ରଶାନ୍ତ ଏହି ଚାରିପ୍ରକାର ନାୟକ ॥ ୧୭, ୧୮ ॥

Digitized by srujanika@gmail.com

ଧୀର ପ୍ରଶାନ୍ତକାଶ୍ଚୈବ ନାୟକାଃ ପରିକୀର୍ତ୍ତିତାଃ ।
ଦେବା ଧୀରୋଦ୍ଧତା ଜ୍ଞେୟା ସ୍ୟୁଧୀର ଲଳିତା ନୃପାଃ ॥ ୧୯ ॥
ସେନାପତିରମାତ୍ୟଶ୍ଚ ଧୀରୋଦାତ୍ତୌ ପ୍ରକୀର୍ତ୍ତିତୌ ।
ଧୀରପ୍ରଶାନ୍ତା ବିଜ୍ଞେୟା ବ୍ରାହ୍ମଣା ବଣିଜସ୍ତଥା ॥ ୨୦ ॥
ଏତେଷାଂ ଚ ପୁନର୍ଜ୍ଞେୟାଃ ଚତ୍ୱାରଶ୍ଚ ବିଦୂଷକାଃ ।
ଲିଙ୍ଗିନୋ ଦ୍ୱିଜାବରଜାଃ ଶିଷ୍ୟାଶ୍ଚେତି ଯଥାକ୍ରମମ୍ ॥ ୨୧ ॥
ଦେବ କ୍ଷିତି ଭୃତାମାତ୍ୟ ବ୍ରାହ୍ମଣାନାଂ ପ୍ରୟୋଜୟେତ୍ ।
ବିପ୍ରଲମ୍ଭେ ସୁହୃଦୋଽମୀ ସତ୍‌କଥାଳାପପେଶଳାଃ ॥ ୨୨ ॥
ବ୍ୟସନୀ ପ୍ରାପ୍ତଦୁଃଖୋ ବା ଯୁଜ୍ୟତେଽଭ୍ୟୁଦୟେନ ଯଃ ।
ତଥା ପୁରୁଷବାହୁଲ୍ୟେ ପ୍ରଧାନୋ ନାୟକଃ ସ୍ମୃତଃ ॥ ୨୩ ॥
ଯତ୍ରାନେକସ୍ୟ ଭବତୋ ବ୍ୟସନାଭ୍ୟୁଦୟୌ ପୁନଃ ।
ପ୍ରକୃଷ୍ଟୌଯସ୍ୟ ତୌ ସ୍ୟାତାଂ ସଭବେତ୍ ତତ୍ର ନାୟକଃ ॥ ୨୪ ॥
ଏତେ ତୁ ନାୟକା ଜ୍ଞେୟା କାବ୍ୟବନ୍ଧେଷୁ ସର୍ବଦା ।
ନାୟିକା ଶ୍ଚୈବ ବକ୍ଷ୍ୟାମି ଚତସ୍ରଃ ପୁନରେବ ତୁ ॥ ୨୫ ॥

ଦେବଗଣ ଧୀରୋଦ୍ଧତ, ରାଜାମାନେ ଧୀର ଲଳିତ, ସେନାପତି ଓ ମନ୍ତ୍ରୀ ଧୀରୋଦାତ୍ତ ତଥା ବ୍ରାହ୍ମଣ ଓ ବଣିକମାନେ ଧୀର ପ୍ରଶାନ୍ତ ଶ୍ରେଣୀର ଅଟନ୍ତି ॥ ୧୯, ୨୦ ॥

ଏମାନଙ୍କର ପୁଣି ବିଦୂଷକ ଚାରି ପ୍ରକାର । ଦେବତାଙ୍କ କ୍ଷେତ୍ରରେ ସନ୍ୟାସୀ, ରାଜାଙ୍କର ବ୍ରାହ୍ମଣ, ଅମାତ୍ୟଙ୍କର ଅବ୍ରାହ୍ମଣ, ବ୍ରାହ୍ମଣଙ୍କର ଶିଷ୍ୟ । ଏମାନେ ପ୍ରିୟାବିରହ କ୍ଷେତ୍ରରେ ନାୟକର ବନ୍ଧୁହେବେ ଏବଂ ଏମାନେ ଯୁକ୍ତିଯୁକ୍ତ ମଧୁର ଆଳାପରେ ଚତୁର ଅଟନ୍ତି ॥ ୨୧, ୨୨ ॥

ନାଟକର ପୁରୁଷପାତ୍ର ବହୁଳତା କ୍ଷେତ୍ରରେ ଯେ ଦୁଃଖପାଉଥିବ, ବିପଦରେ ପଡୁଥିବ, ପୁଣି ସୁଖ ସୌଭାଗ୍ୟରେ ଭରି ଉଠିବ ସେହି ପୁରୁଷ ହିଁ ନାୟକ ହେବ ଓ ପ୍ରଧାନ ଅଟେ ॥ ୨୩ ॥ ଯେଉଁ କ୍ଷେତ୍ରରେ ଏହିପରି ଅନେକଙ୍କର ସୁଖଦୁଃଖ ଲାଗି ରହିଥାଏ ତନ୍ମଧ୍ୟରୁ ଅପେକ୍ଷାକୃତ ବେଶି ଯାହାର ହେଉଥିବ ସେ ନାଟକରେ ବେଶିବାଲା ହିଁ ନାୟକ ହେବ ॥ ୨୪ ॥

କାବ୍ୟବନ୍ଧରେ ସବୁବେଳେ ଏହିପରି ନାୟକମାନଙ୍କୁ ଜାଣିବ । ପୁଣି ଏବେ ଚାରି ନାୟିକା ବିଷୟ କହୁଛି ॥ ୨୫ ॥

Digitized by srujanika@gmail.com

ଦିବ୍ୟା ଚ ନୃପପତ୍ନୀ ଚ କୁଳସ୍ତ୍ରୀ ଗଣିକା ତଥା ।
ଏତାସ୍ତୁ ନାୟିକା ଜ୍ଞେୟା ନାନାପ୍ରକୃତି ଲକ୍ଷଣାଃ ॥ ୨୬ ॥
ଧୀରା ଚ ଲଳିତା ଚୈବ ଉଦାତ୍ତା ନିଭୃତା ତଥା ।
ଦିବ୍ୟା ରାଜାଙ୍ଗନା ହ୍ୟେତା ଗୁଣୈର୍ଯୁକ୍ତା ଭବନ୍ତି ହି ॥ ୨୭ ॥
ଉଦାତ୍ତା ନିଭୃତା ଚୈବ ଭବେଦ୍ ତୁ କୁଳଜାଙ୍ଗନା ।
ଲଳିତା ଚାପ୍ୟୁଦାତ୍ତା ଚ ଗଣିକା ଶିଳ୍ପକାରିକା ॥ ୨୮ ॥
ପ୍ରକୃତୀନାଂ ତୁ ସର୍ବାସା ମୁପଚାରୋ ଦ୍ୱିଧାସ୍ମୃତଃ ।
ବାହ୍ୟ ଶ୍ଚାଭ୍ୟନ୍ତର ଶ୍ଚୈବ ତୟୋର୍ବକ୍ଷ୍ୟାମି ଲକ୍ଷଣମ୍ ॥ ୨୯ ॥
ତତ୍ର ରାଜୋପଚାରୋ ଯଃ ଭବେଦାଭ୍ୟନ୍ତରସ୍ତୁ ସଃ ।
ତତୋ ବାହ୍ୟୋପଚାରସ୍ତୁ ଯଃ ସ ବାହ୍ୟକ ଉଚ୍ୟତେ ॥ ୩୦ ॥
ତତ୍ର ରାଜୋପଚାରେଷୁ ଅନ୍ତଃପୁର ସମାଶ୍ରୟମ୍ ।
ସ୍ତ୍ରୀ ବିଭାଗଂ ପ୍ରବକ୍ଷ୍ୟାମି ଉପଚାରଂ ତଥୈବ ଚ ॥ ୩୧ ॥

ଦେବୀ, ରାଣୀ, କୁଳଜା ଓ ଗଣିକା ନାନାପ୍ରକୃତିର ଏହି ଚାରିଟି ନାୟିକା ଅଛନ୍ତି ॥ ୨୬ ॥

ଏହି ଦେବୀ ଓ ରାଜାଙ୍ଗନାମାନେ ଧୀରା, ଲଳିତା, ଉଦାତ୍ତା ଓ ନିଭୃତା ଭାବରେ ଚାରି ପ୍ରକାର ॥ ୨୭ ॥

ଦେବୀ ଓ ରାଜପତ୍ନୀମାନେ ସମସ୍ତଗୁଣରେ ପରିପୂର୍ଣ୍ଣ ଥାଆନ୍ତି । କୁଳବାଳାଗଣ ଉଦାତ୍ତା ଓ ନିଭୃତା ହୋଇଥାଆନ୍ତି (ନିଭୃତା- ଚାତୁରୀ ନୁହନ୍ତି) । ଗଣିକା ଓ ଶିଳ୍ପକାରିକା ମଧ୍ୟ ଉଦାର ହୁଅନ୍ତି କିନ୍ତୁ ନିଭୃତା ନହୋଇ ଲଳିତା ହୋଇଥାଆନ୍ତି ॥ ୨୮ ॥

ନାଟ୍ୟରେ ଚରିତ୍ରଗୁଡ଼ିକର ନିଯୋଗ ଦୁଇ ପ୍ରକାର ହୁଏ:- ବାହ୍ୟ ଓ ଆଭ୍ୟନ୍ତର, ସେ ଦୁଇଟିର ଲକ୍ଷଣ କହୁଅଛି ॥ ୨୯ ॥

ତନ୍ମଧ୍ୟରେ ଯେ ରାଜାଙ୍କ ସହିତ ସଂପୃକ୍ତ ତାହା ଆଭ୍ୟନ୍ତର ଓ ଯାହା ବାହାରର ଲୋକଙ୍କ ସହିତ ସମ୍ପର୍କ ରଖେ ତାହା ବାହ୍ୟକ ଅଟେ ॥ ୩୦ ॥

ତନ୍ମଧ୍ୟରୁ ରାଜାଙ୍କ ସହିତ ସଂପୃକ୍ତ ନାରୀମାନଙ୍କର ଉପଚାର ବିଷୟ କହିବି ଯେଉଁମାନେ କି ଅନ୍ତଃପୁରରେ ରହନ୍ତି ॥ ୩୧ ॥

Digitized by srujanika@gmail.com

ମହାଦେବୀ ତଥା ଦେବୀ ସ୍ୱାମିନୀ ସ୍ଥାୟିନୀ ତଥା ।
ଭୋଗିନୀ ଶିଳ୍ପକାରିଣୀ ନାଟକୀୟାଥ ନର୍ତ୍ତକୀ ।। ୩୨ ।।
ଅନୁଚାରିକା ଚ ବିଜ୍ଞେୟା ତଥା ଚ ପରିଚାରିକା ।
ତଥା ସଂଚାରିକା ଚୈବ ତଥା ପ୍ରେଷଣ ଚାରିକା ।। ୩୩ ।।
ମହତ୍ତରା ପ୍ରତିହାରୀ କୁମାରୀ ସ୍ଥବିରା ଅପି ।
ଆୟୁକ୍ତିକା ଚ ନୃପତେ ରୟ ମାଭ୍ୟନ୍ତରୋ ଜନଃ ।। ୩୪ ।।
ତତ୍ର ମୂର୍ଧାଭିଷିକ୍ତା ଯା କୁଳଶୀଳ ସମନ୍ୱିତା ।
ଗୁଣୈର୍ଯୁକ୍ତା ବୟଃସ୍ଥା ଚ ମଧ୍ୟସ୍ଥାଽକ୍ରୋଧନା ତଥା ।। ୩୫ ।।
ମୁକ୍ତେର୍ଷ୍ୟା ନୃପଶୀଳଜ୍ଞା ସମଦୁଃଖସୁଖା ସଦା ।
ଶାନ୍ତି ସ୍ୱସ୍ତ୍ୟୟନେ ଭର୍ତ୍ତୁଃ ସତତଂ ମଙ୍ଗଳୈଷିଣୀ ।। ୩୬ ।।
ଶାନ୍ତା ପ୍ରୀତିଯୁତା ଧୀରା ଅନ୍ତଃପୁରହିତେ ରତା ।
ଏଭି ର୍ଗୁଣୈସ୍ତୁ ସଂଯୁକ୍ତା ମହାଦେବୀ ଉଦାହୃତା ।। ୩୭ ।।
ଏଭିରେବ ଗୁଣୈର୍ଯୁକ୍ତା ସଦ୍ ସଂସ୍କାରୈସ୍ତୁ ବର୍ଜିତା ।
ଗର୍ବିତା ରାଜପୁତ୍ରୀ ଚ ପ୍ରୀତିସମ୍ଭୋଗତତ୍ପରା ।। ୩୮ ।।

ଅନ୍ତଃପୁରରେ ରାଜାଙ୍କର ଅଭ୍ୟନ୍ତରର ସ୍ତ୍ରୀଜନ ହେଲେ: (୧) ମହାଦେବୀ, (୨) ଦେବୀ (୩) ସ୍ୱାମିନୀ (୪) ସ୍ଥାୟିନୀ (୫) ଭୋଗିନୀ (୬) ଶିଳ୍ପକାରିଣୀ (୭) ନାଟକୀୟା (୮) ନଟୀ ବା ନର୍ତ୍ତକୀ (୯) ଅନୁଚାରିକା (୧୦) ପରିଚାରିକା(୧୧) ସଂଚାରିକା (୧୨) ପ୍ରେଷଣ ଚାରିକା (୧୩) ମହତ୍ତରା (୧୪) ପ୍ରତିହାରୀ (୧୫) କୁମାରୀ (୧୬) ସ୍ଥବିରା (୧୭) ଆୟୁକ୍ତିକା । ମୋଟ ୧୭ ପ୍ରକାର ଅନ୍ତଃ ପୁରଜନ ।। ୩୨-୩୪ ।।

ପ୍ରତ୍ୟେକଙ୍କର ପରିଚୟ ଯଥାକ୍ରମେ ଦିଆଯାଉଛି:- ମହାଦେବୀ : ଯାହାଙ୍କ ମସ୍ତକରେ ପୂଜା ଭିଷେକ ଜଳ ସିଞ୍ଚାଯାଇଛି, ସେ ମହାଦେବୀ ବା ପଟ୍ଟମହିଷୀ । ସେ ଉଚ୍ଚବଂଶୀ । ମାର୍ଜିତ ସ୍ୱଭାବଶୀଳା, ଯୁବତୀ ବା ମଧ୍ୟବୟସ୍କା ହୋଇପାରନ୍ତି । କ୍ଷମାବତୀ, ଈର୍ଷାବିହୀନା, ରାଜାଙ୍କରଯେଉଁ ସ୍ୱଭାବ ରହିବା ଉଚିତ ସେହି ସେହି ସ୍ୱଭାବ ପରିପୂର୍ଣ୍ଣା ଓ ରାଜାଙ୍କ ବ୍ୟକ୍ତିଗତ ଚରିତ୍ର ଅନୁଧ୍ୟାନ କରି ତହିଁରେ ପ୍ରବୀଣା, ନିଜ ସ୍ୱାମୀଙ୍କ ସୁଖ ଦୁଃଖରେ ସମାନ ଦୁଃଖସୁଖ ଭାଗିନୀ, ବିବିଧ ପୂଜା ଅର୍ଚ୍ଚନା କରି ସ୍ୱାମୀଙ୍କ ମଙ୍ଗଳକାମନା ପରାୟଣା, ଶାନ୍ତସ୍ୱଭାବା, ସ୍ନେହମୟୀ, ଧୀରମତି, ଅନ୍ତଃପୁରର ଓ ଅନ୍ତଃପୁର ବାସିନୀମାନଙ୍କର ମଙ୍ଗଳ କାମନା କରନ୍ତି । ମହାଦେବୀ ଏହିସବୁ ଗୁଣରେ ମଣ୍ଡିତା ଅଟନ୍ତି ।। ୩୫-୩୭ ।।

ଦେବୀ - ଏହି ସମସ୍ତ ଗୁଣ ଥିଲେ ମଧ୍ୟ ମାନସିକ ସ୍ତରରେ ସାଧୁ ସଂସ୍କାର ନଥାଏ । ରାଜାବଂଶର କନ୍ୟା ବୋଲି ବାପଘର ଗର୍ବଥାଏ, ପ୍ରୀତି ଓ ସମ୍ଭୋଗପ୍ରତି ଅନବରତ ଆଗ୍ରହବତୀ,

Digitized by srujanika@gmail.com

ଶୁଚି ର୍ନିତ୍ୟୋଜ୍ଜ୍ୱଳାକାରା ପ୍ରତିପକ୍ଷାଭ୍ୟସୂୟିକା ।
ଯୌବନାଦି ଗୁଣୋପେତା ସା ଦେବୀ ଅଭିଧୀୟତେ ॥ ୩୯ ॥
ସେନାପତେ ରମାତ୍ୟାନାଂ ଭୃତ୍ୟାନା ମଥବା ପୁନଃ ।
ଭବେୟୁ ସ୍ତନୟାସ୍ତାସ୍ତୁ ପ୍ରୀତି ସମ୍ମାନ ବର୍ଦ୍ଧିତାଃ ॥ ୪୦ ॥
ଶୀଳ ରୂପ ଗୁଣୈର୍ଯାସ୍ତୁ ସମ୍ପନ୍ନା ନୃପବଲ୍ଲଭାଃ ।
ସ୍ୱଗୁଣୈଲବ୍ଧ ମାହାତ୍ମ୍ୟାଃ ସ୍ୱାମିନ୍ୟ ଇତି ତାଃ ସ୍ମୃତାଃ ॥ ୪୧ ॥
ରୂପ ଯୌବନ ଶାଳିନ୍ୟଃ କର୍କଶା ବିଭ୍ରମାନ୍ୱିତାଃ ।
ରତି ସମ୍ଭୋଗ-କୁଶଳାଃ ପ୍ରତିପକ୍ଷାଭ୍ୟ ସୂୟିକାଃ ॥ ୪୨ ॥
ଉତ୍‌ଥିତାଶ୍ଚାପ୍ରମତ୍ତାଶ୍ଚ ତ୍ୟକ୍ତାଳସ୍ୟା ହ୍ୟନିଷ୍ଠୁରାଃ ।
ମାନ୍ୟାମାନ୍ୟ ବିଶେଷଜ୍ଞାଃ ସ୍ଥାୟିନ୍ୟଃ ସଂପ୍ରକୀର୍ତ୍ତିତାଃ ॥ ୪୩ ॥
ଦକ୍ଷାଃ ସ୍ଥିତା ଉଦାତ୍ତାଶ୍ଚ ଗନ୍ଧମାଲ୍ୟୋଜ୍ଜ୍ୱଳାଃ ସଦା ।
ନୃପତି ଛନ୍ଦୋବୃତ୍ତାଶ୍ଚ ସର୍ବତ୍ରେର୍ଷ୍ୟା ବିବର୍ଜ୍ଜିତାଃ ॥ ୪୪ ॥

ପବିତ୍ର ଭାବରେ ଅନବରତ ସଜାଇ ହେବା, ସପତ୍ନୀମାନଙ୍କ ପ୍ରତି ଅସହିଷ୍ଣୁତା ପ୍ରକାଶ କରନ୍ତି । ନିଜର ଯୌବନ ଓ ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରନ୍ତି । ଦେବୀ ବୋଲି କୁହାଯାଉଥିବା ରାଜାଙ୍କର ଅନ୍ୟପତ୍ନୀମାନଙ୍କଠାରେ ଏହିସବୁ ଗୁଣ ଦୋଷମାନ ଦେଖାଯାଇଥାଏ । ୩୮, ୩୯ ॥

ସ୍ୱାମିନୀ - ଯେଉଁମାନେ ବଂଶଦୃଷ୍ଟିରୁ ସେନାପତି ମନ୍ତ୍ରୀ ଅଥବା କୌଣସି ପଦସ୍ଥ ଅଫିସରଙ୍କ ଝିଅ । ସେମାନେ ସ୍ନେହ ଓ ସମ୍ମାନର ସହିତ ବଢ଼ି ଆସିଛନ୍ତି । ସ୍ୱଭାବ, ରୂପ ଓ ଗୁଣର ପରିପୂର୍ଣ୍ଣତା ବଳରେ ଯେଉଁମାନେ ରାଜାଙ୍କର ପ୍ରିୟତମା ଭୂମିକା ଗ୍ରହଣ କରିଥାଆନ୍ତି, ନିଜ ନିଜ ଗୁଣ ଯୋଗୁଁ ନିଜ ମହାନତା ଦେଖାଇ ପାରିଛନ୍ତି । ସେହିମାନଙ୍କୁ ସ୍ୱାମିନୀ (ସାଆନ୍ତାଣୀ, ମାଲିକିଆଣୀ) କୁହାଯାଏ ॥ ୪୦, ୪୧ ।

ସ୍ଥାୟିନୀ-ରୂପ ଯୌବନ ଶାଳିନୀ, ଉପରକୁ ବ୍ୟବହାର ଭଲ ଥିଲେ ମଧ୍ୟ ଭିତରେ ନିଷ୍ଠୁର, ଶୃଙ୍ଗାରାନୁଗତ ଠାଣି, ମାଣି ଓ ସାଜସଜ୍ଜାରେ ପ୍ରବୀଣା, ରତିସମ୍ଭୋଗ କଳାରେ ଚତୁରା, ପ୍ରତିପକ୍ଷ (ଅନ୍ୟସମାନ ଧର୍ମିଣୀ ପ୍ରତି) ପ୍ରତି ଈର୍ଷ୍ୟାପରାୟଣା, ସର୍ବଦା ପ୍ରସ୍ତୁତା, ଯେକୌଣସି ପ୍ରମାଦ ପ୍ରତି ସତର୍କ ଆଳସ୍ୟ ବିହୀନା, କୋମଳ ବ୍ୟବହାର ଶୀଳା, ମାନ୍ୟ ଓ ଅମାନ୍ୟ ବ୍ୟକ୍ତିଙ୍କ ପ୍ରତି ଯଥାବିହିତ ବ୍ୟବହାର ବିଷୟରେ ସଚେତନା, ଏହକିପରି ଗୁଣଯୁକ୍ତାକୁ ସ୍ଥାୟିନୀ ବୋଲି କୁହାଯାଏ ॥ ୪୨, ୪୩ ॥

ଭୋଗିନୀ - ଯେଉଁ ସ୍ତ୍ରୀମାନେ ଚତୁର ସ୍ପଷ୍ଟବାଦିନୀ, ସମ୍ଭ୍ରାନ୍ତା, ନିଜବେଶବାସ ବିଷୟରେ ସଚେତନା, ରାଜାଙ୍କ ମନୋଭାବ ପରିଶୀଳନଦକ୍ଷା, ଯେକୌଣସି ସ୍ଥିତିରେ ମଧ୍ୟ ଈର୍ଷ୍ୟା କାହାରି ପ୍ରତି କରନ୍ତି ନାହିଁ, ମଧୁର ସ୍ୱଭାବ, ବ୍ୟକ୍ତିଗତ ସମ୍ମାନ ଉପରେ ହାଲୁକା ମତ ପୋଷଣକରନ୍ତି, ଉଦ୍ଧତ

Digitized by srujanika@gmail.com

ସୁଶୀଳା ଲଘୁ ସମ୍ପାନା ମୃଦ୍ୱ୍ୟଃ ନାତ୍ୟୁଦ୍ଧତାଃ ସଦା ।
ମଧ୍ୟସ୍ଥା ନିଭୃତାଃ କ୍ଷାନ୍ତାଃ ଭୋଗିନ୍ୟଃ ଇତି ତାଃ ସ୍ମୃତାଃ ।। ୪୫ ।।
ନାନାକଳା ବିଶେଷଜ୍ଞା ନାନାଶିଳ୍ପ ବିଚକ୍ଷଣାଃ ।
ଗନ୍ଧଶିଳ୍ପ ବିଭାଗଜ୍ଞା ନାନାଲେଖ୍ୟ ବିଶାରଦାଃ ।। ୪୬ ।।
ଶୟନାଶନଯାନଜ୍ଞା ମଧୁରାଶ୍ଚତୁରାସ୍ତଥା ।
ଦକ୍ଷା ଶ୍ଚିତ୍ରାଃ ସ୍ଫୁଟା ଶ୍ଳକ୍ଷ୍ଣ ନିଭୃତାଃ ଶିଳ୍ପକାରିକାଃ ।। ୪୭ ।।
ଅଥ ରୂପଗୁଣୌଦାର୍ଯ୍ୟ ସୌଭାଗ୍ୟ ଧୈର୍ଯ୍ୟ ଶୀଳ ସମ୍ପନ୍ନାଃ ।
ପେଶଳ ମଧୁରସ୍ନିଗ୍ଧାନୁନାଦି କଳଚିତ୍ରକଣ୍ଠା ଚ ।। ୪୮ ।।
ହେଳା ଭାବ ବିଶେଷଜ୍ଞା ସତ୍ତ୍ୱେନାଭିନୟେନ୍ ଚ ।
ମାଧୁର୍ଯ୍ୟେଣ ଚ ସମ୍ପନ୍ନା ହ୍ୟାତୋଦ୍ୟକୁଶଳାସ୍ତଥା ।। ୪୯ ।।
ସ୍ୱରତାଳାଭିଜ୍ଞାଶ୍ଚ ତଥା ଚାର୍ଯ୍ୟୋପସେବିକାଃ ।
ଚତୁରା ନାଟ୍ୟ କୁଶଳା ଶ୍ଚୋହାପୋହ ବିଚକ୍ଷଣାଃ ।। ୫୦ ।।

ନହୋଇ କୋମଳ ବ୍ୟବହାର କରନ୍ତି । ମଝି ମଝିଆ ସ୍ଥିତିରେ ରହନ୍ତି, ଗମ୍ଭୀର ପ୍ରକୃତି ଓ କ୍ଷମାଶୀଳା ହୋଇ ରାଜାଙ୍କ ଉପପତ୍ନୀ ଭାବରେ ରହି ଥାଆନ୍ତି ସେମାନଙ୍କୁ ଭୋଗିନୀ କୁହାଯାଏ ।। ୪୪, ୪୫ ।।

ଶିଳ୍ପକାରିକା - ଘରକାନ୍ଥ ଚିତାପକାଇବାଠାରୁ ଆରମ୍ଭ କରି ମାଳା, ତାମ୍ବୁଳ, ବସ୍ତ୍ରବେଶ ଇତ୍ୟାଦି କଳାରେ ବିଦୁଷୀ, ଉଲ, ଶୋଲ, ଶଙ୍ଖ ପ୍ରଭୃତିଠାରୁ ରୂପାତମ୍ବାର ଓ ସୁନାର ତାରକାମ ପର୍ଯ୍ୟନ୍ତ ଶିଳ୍ପ ମଧ୍ୟ ଜାଣନ୍ତି, ସୁବାସିତ ଅତର ନିର୍ମାଣ କୁଶଳିନୀ, ବିବିଧ ପ୍ରାକୃତିକ ଦୃଶ୍ୟ ଓ ପ୍ରସିଦ୍ଧ ରାଜା ରାଜକନ୍ୟାମାନଙ୍କର ଚିତ୍ର ପଟ ନିର୍ମାଣ ପ୍ରବୀଣା, ଶଯ୍ୟା ଭୋଜନ ଓ ଯାନ ସଜ୍ଜା ବିଷୟ ପ୍ରବୀଣା, ମଧୁର ବ୍ୟବହାର ଶୀଳା, ଚତୁରା, ସମର୍ଥା, ଛବିଳା, (ଛଇଳୀ) ପରିଚ୍ଛନ୍ନ କାର୍ଯ୍ୟ ପରାୟଣା, କୋମଳ ଗମ୍ଭୀରା, ଏହିପରି ପ୍ରକୃତି ବିଶିଷ୍ଟା ଶିଳ୍ପକାରିକା ଅନ୍ତଃପୁରରେ ରହନ୍ତି ।। ୪୬, ୪୭ ।।

ନାଟକୀୟା- ଏମାନେ ନାଟ୍ୟରେ ଅଭିନୟ କରନ୍ତି । ନୃତ୍ୟ କରନ୍ତି ନାହିଁ । ରୂପ ଗୁଣ ଔଦାର୍ଯ୍ୟ ସୌଭାଗ୍ୟ ଧୈର୍ଯ୍ୟ ଓ ସତ୍ ସ୍ୱଭାବସମ୍ପନ୍ନା, ଅଭିଜ୍ଞ ମଧୁର କୋମଳ ସ୍ୱରମଣ୍ଡିତ କଣ୍ଠୀ ଏବଂ ବିଚିତ୍ର କଳକଣ୍ଠୀ, ହେଳା ଭାବ ପ୍ରଭୃତି ଶୃଙ୍ଗାର ବ୍ୟଭିଚାରି ଅଭିନୟ ନିପୁଣା, ସାତ୍ତ୍ୱିକ ଅଭିନୟରେ ଅଭ୍ୟସ୍ତା, ଆତୋଦ୍ୟବାଦ୍ୟରେ (ମିଶ୍ରିତବାଦ୍ୟ) କଣ୍ଠମିଶ୍ରଣ କଳାଭିଜ୍ଞା ଏବଂ ବାଦନକୁଶଳା, ସ୍ୱର ତାଳରେ ଅଭ୍ୟସ୍ତା, ସଂଗୀତାଚାର୍ଯ୍ୟଙ୍କ ସେବା ପରାୟଣା, ଯୁକ୍ତି ପ୍ରତିଯୁକ୍ତିରେ ଚତୁରା, ଏହିପରି ରୂପଯୌବନ ସମ୍ପନ୍ନା ଅନ୍ତଃପୁରରେ ନାଟକୀୟା ବୋଲି ପରିଚିତା ହୁଅନ୍ତି ।। ୪୮-୫୦ ।।

Digitized by srujanika@gmail.com

ରୂପଯୌବନ-ସମ୍ପନ୍ନା ନାଟକୀୟାଃ ପ୍ରକୀର୍ତ୍ତିତାଃ ।
ଅଙ୍ଗପ୍ରତ୍ୟଙ୍ଗ ସମ୍ପନ୍ନାଶ୍ଚତୁଃଷଷ୍ଟି କଳାନ୍ୱିତାଃ ।। ୫୧ ।।
ଚତୁରାଃ ପ୍ରଶ୍ରୟୋପେତା ସ୍ତ୍ରୀଦୋଷୈଶ୍ଚ ବିବର୍ଜ୍ଜିତାଃ ।
ସଦା ପ୍ରାଗଲ୍ଭ୍ୟ ଯୁକ୍ତାଶ୍ଚ ତ୍ୟକ୍ତାଳସ୍ୟା ଜିତଶ୍ରମାଃ ।। ୫୨ ।।
ନାନାଶିଳ୍ପ ପ୍ରୟୋଗଜ୍ଞା ନୃତ୍ତଗୀତ ବିଚକ୍ଷଣାଃ ।
ସମାଗତାସୁ ନାରୀଷୁ ରୂପଯୌବନ କାନ୍ତିଭିଃ ।। ୫୩ ।।
ନଦୃଶ୍ୟତେ ଗୁଣୈସ୍ତୁଲ୍ୟା ଯସ୍ୟାଃ ସା ନର୍ତ୍ତକୀ ସ୍ମୃତା ।
ସର୍ବାବସ୍ଥୋପଚାରେଷୁ ଯା ନ ମୁଞ୍ଚତି ପାର୍ଥିବମ୍ ।। ୫୪ ।।
ବିଜ୍ଞେୟା ନାମତଃ ସାତୁ ନୃପତେ ରନୁଚାରିକା ।
ଛତ୍ର ଶଯ୍ୟାସନେ ଯୁକ୍ତା ତଥା ବ୍ୟଜନ କର୍ମଣି ।। ୫୫ ।।
ସଂବାହନେ ଚ ଗନ୍ଧେ ଚ ତଥା ଚୈବ ପ୍ରସାଧନେ ।
ତଥାଽଽଭରଣସଂଯୋଗେ ମାଲ୍ୟସଂଗ୍ରହଣେଷୁ ଚ ।। ୫୬ ।।

ନର୍ତ୍ତକୀ ବା ନଟୀ - ଅଙ୍ଗ ପ୍ରତ୍ୟଙ୍ଗ ସହିତ ଚତୁଃଷଷ୍ଟିକଳାରେ ପ୍ରବୀଣା (ବିକଳାଙ୍ଗ ହୋଇ ନଥିବ) ଚତୁରା, ଭଦ୍ରଶାଳୀନ ସ୍ୱଭାବା, ଆଳସ୍ୟ ହେୟଜ୍ଞାନ ଏବଂ ରୋଗର ଛଳନା ଇତ୍ୟାଦି ସ୍ତ୍ରୀଦୋଷ ବର୍ଜ୍ଜିତା, ଅନବରତ ପ୍ରଗଳ୍ଭା, ପରିଶ୍ରମକୁ ବେଖାତିର କରୁଥିବେ, ବିବିଧ ନୃତ୍ୟବେଶ ଓ ଭଙ୍ଗୀରେ ପ୍ରୟୋଗ ନିପୁଣା ନୃତ୍ୟ ଓ ଗୀତ ପ୍ରୟୋଗରେ ବିଚକ୍ଷଣା, ଯେତେ ନାରୀ ଥିବେ ସମସ୍ତଙ୍କଠାରୁ ରୂପ, ଯୌବନ ଲାବଣ୍ୟ ଓ ଗୁଣରେ ଅତୁଳନୀୟା ନର୍ତ୍ତକୀ ଅଟନ୍ତି ।। ୫୧-୫୩ ।।

ଅନୁଚାରିକା - ସବୁ ପ୍ରକାର ଅବସ୍ଥା ଓ ଉପଚାର କ୍ଷେତ୍ରରେ ଯେ କେବେହେଲେ ରାଜାଙ୍କୁ ଛାଡ଼େ ନାହିଁ, ତାହାକୁ ରାଜାଙ୍କର ଅନୁଚାରିକା କହନ୍ତି ।। ୫୪ ।।

ପରିଚାରିକା - ରାଜଛତ୍ର ଧରିବା, ଶଯ୍ୟା ଓ ଆସନ ସଜାଡ଼ିବା, ବିଞ୍ଚିଦେବା, ଗୋଡ଼ହାତ ମୋଡ଼ିଦେବା, ଚନ୍ଦନଲେପନ ପ୍ରସାଦନରେ ସାହାଯ୍ୟ କରିବା, ଅଳଙ୍କାର ଓ ମାଳା ପିନ୍ଧାଇବା, ଇତ୍ୟାଦିରେ ଯେ ସାହାଯ୍ୟ କରନ୍ତି । ସେମାନେ ରାଜାଙ୍କର ପରିଚାରିକା ଅଟନ୍ତି ।। ୫୫-୫୬ ।।

Digitized by srujanika@gmail.com

ବିଜ୍ଞେୟା ନାମତଃ ସାତୁ ନୃପତେଃ ପରିଚାରିକା ।
ନାନାକକ୍ଷା ବିଚାରିଣ୍ୟଃ ତଥୋପବନ ସଂଚରାଃ ॥ ୫୭ ॥
ଦେବତାୟତନ କ୍ରୀଡ଼ା ପ୍ରାସାଦ ପରିସଂଚରାଃ ।
ଯାମକିନ୍ୟଃ ତଥା ଚୈବ ଯାସ୍ତୈବଂ ଲକ୍ଷଣାଃ ସ୍ତ୍ରିୟଃ ॥ ୫୮ ॥
ସଂଚାରିକାସ୍ତୁ ବିଜ୍ଞେୟା ନାଟ୍ୟଜ୍ଞୈଃ ଭୋଗବାରିତାଃ ।
ପ୍ରେଷଣେ କାମସଂଯୁକ୍ତେ ତଥା ଗୁହ୍ୟ ସମୁତ୍‌ଥିତେ ॥ ୫୯ ॥
ଯା ନିଯୁକ୍ତା ବୁଧୈଃତାସ୍ତୁ ଜ୍ଞେୟାଃ ପ୍ରେଷଣଚାରିକାଃ ।
ସର୍ବାନ୍ତଃପୁର ରକ୍ଷାୟାଂ ସ୍ତୁତି ସ୍ୱସ୍ତ୍ୟୟନାଦିଭିଃ ॥ ୬୦ ॥
ଯା ବୃଦ୍ଧି ମଭିନନ୍ଦନ୍ତି ମହତ୍ତର୍ଯ୍ୟସ୍ତୁତାଃ ସ୍ମୃତାଃ ।
ସନ୍ଧିବିଗ୍ରହ ସମ୍ବନ୍ଧ ନାନାକାର୍ଯ୍ୟସମୁତ୍‌ଥିତମ୍ ॥ ୬୧ ॥
ନିବେଦୟନ୍ତି କାର୍ଯଂ ଯାଃ ପ୍ରତିହାର୍ଯ୍ୟସ୍ତୁ ତାଃ ସ୍ମୃତାଃ ।
ଅପ୍ରାପ୍ତ ରତି ସମ୍ଭୋଗା ଅସଂଭ୍ରାନ୍ତା ଅନୁଦ୍‌ଭଟାଃ ॥ ୬୨ ॥

ସଂଚାରିକା - ସବୁ ପ୍ରକୋଷ୍ଠରେ ବୁଲନ୍ତି । ବଗିଚା, ଦେବାୟତନ, କ୍ରୀଡ଼ା ପ୍ରାନ୍ତର ଓ ପ୍ରାସାଦମାନଙ୍କରେ ବୁଲନ୍ତି । ଯାମ ଅର୍ଥାତ୍ ପ୍ରହର ଅନ୍ତେ ସମୟ ସୂଚାଇବା ଘଣ୍ଟା ବଜାନ୍ତି । ଅନ୍ତଃପୁରର ଏହିନାରୀମାନଙ୍କୁ ସଂଚାରିକା କୁହାଯାଏ । ଏମାନେ ସମ୍ଭୋଗରୁ ବଞ୍ଚିତା ହୋଇ ଥାଆନ୍ତି ॥ ୫୭, ୫୮ ॥

ପ୍ରେଷଣ ଚାରିକା - ଶୃଙ୍ଗାର ବିଷୟକ ଗୋପନ ସମସ୍ୟାର ସଂବାଦମାନ ଏମାନେ ଏପାଖ ସେପାଖ କରନ୍ତି ॥ ୫୯ ॥

ମହତ୍ତରୀ - ଅନ୍ତଃପୁରର ବା ରାଜାଙ୍କର ରକ୍ଷା ଓ ମଙ୍ଗଳ ପାଇଁ ପୂଜା ଓ ଆରାଧନା ଦ୍ୱାରା ଯେଉଁମାନେ ଅଭିବୃଦ୍ଧି କାମନା କରନ୍ତି ସେମାନେ ମହତ୍ତରୀ ॥ ୬୦ ॥

ପ୍ରତିହାରୀ - ସନ୍ଧି ବିଗ୍ରହ ପ୍ରଭୃତି ଗମ୍ଭୀର ରାଜକାର୍ଯ୍ୟର ସଂବାଦ ବହନ କରି ଯେଉଁମାନେ ଅନ୍ତଃପୁରକୁ ଯାଇ ରାଜାଙ୍କୁ ଖବର ଦିଅନ୍ତି ବା ଆଣି ଅପେକ୍ଷମାଣ ମନ୍ତ୍ରୀ ସେନାପତିଙ୍କୁ ଦିଅନ୍ତି ସେ ପ୍ରତିହାରୀ ॥ ୬୧ ॥

କୁମାରୀ - ରତି ସମ୍ଭୋଗରେ ଅନଭିଜ୍ଞ, ସ୍ୱାଭିମାନ ବିହୀନା, ଆଡ଼ମ୍ବର ବିହୀନା, ଗମ୍ଭୀର ପ୍ରକୃତି ଓ ଲଜ୍ଜାବତୀ ଝିଅଗୁଡ଼ିକୁ କୁମାରୀ କୁହାଯାଏ ॥ ୬୨ ॥

Digitized by srujanika@gmail.com

ନିଭୃତା ଯାଃ ସଲଜ୍ଜାଶ୍ଚ ତାଃ କୁମାର୍ଯ୍ୟ ଇତି ସ୍ମୃତାଃ ।
ପୂର୍ବରାଜନୟାଭିଜ୍ଞାଃ ପୂର୍ବରାଜାଭି ପୂଜିତାଃ ॥ ୬୩ ॥
ସର୍ବାନୁଚରିତଜ୍ଞାଶ୍ଚ ତା ବୃଦ୍ଧା ଇତି ସଂଜ୍ଞିତାଃ ।
ଭାଣ୍ଡାଗାରେଷ୍ୱଧିକୃତା ଆୟୁଧାଧିକୃତାସ୍ତଥା ॥ ୬୪ ॥
ଫଳମୂଳୌଷଧୀନାଂଚ ତଥା ଚୈବାନ୍ନବୀକ୍ଷକାଃ ।
ଗନ୍ଧାଭରଣ ମାଲ୍ୟାନାଂ ବସ୍ତ୍ରାଣାଂ ଚୈବ ଚିନ୍ତିକାଃ ॥ ୬୫ ॥
ବହ୍ୱର୍ଥେଷୁ ନିଯୁକ୍ତା ଯା ଆୟୁକ୍ତା ଇତି ଚ ସ୍ମୃତାଃ ।
ଇତ୍ୟନ୍ତଃ ପୁର ଚାରିଣ୍ୟଃ ସ୍ତ୍ରିୟଃ ପ୍ରୋକ୍ତାଃ ସମାସତଃ ॥ ୬୬ ॥
ବିଶେଷଣଂ ତୁ ଶେଷାଣାଂ ତାସାଂ ବକ୍ଷ୍ୟାମି ବୋ ଦ୍ୱିଜାଃ ।
ଯା ନିଯୁକ୍ତା ନିୟୋଗେଷୁ ପ୍ରୟୋଗେଷୁ ତଥୈବ ହି ॥ ୬୭ ॥
ନ ଚୋଦ୍‌ଭଟା ନ ଚୋଦ୍‌ଭ୍ରାନ୍ତା ନ ଲୁବ୍ଧା ନ ଚ ନିଷ୍ଠୁରାଃ ।
ଶାନ୍ତାଃ କ୍ଷାନ୍ତାଃ ପ୍ରସନ୍ନାଶ୍ଚ ଜିତକ୍ରୋଧା ଜିତେନ୍ଦ୍ରିୟାଃ ॥ ୬୮ ॥
ଅକାମା ନିଭୃତା ଶ୍ଚୈବ ସ୍ତ୍ରୀଦୋଷୈସ୍ତୁ ବିବର୍ଜିତାଃ ।
ଅନୁରକ୍ତାଶ୍ଚ ଭକ୍ତାଶ୍ଚ ନାନାପାର୍ଶ୍ୱ ସମୁତ୍‌ଥିତାଃ ॥ ୬୯ ॥

ବୃଦ୍ଧା - ପୂର୍ବ ରାଜାଙ୍କର ରୀତି ନୀତି ବିଷୟରେ ଅଭିଜ୍ଞା ଏବଂ ପୂର୍ବ ରାଜାଙ୍କ ଦ୍ୱାରା ସମ୍ମାନିତା ରାଜା ଓ ରାଜ୍ୟର ଇତିହାସ ଏବଂ ବଂଶାନୁଚରିତ ବିଷୟରେ ଯେ ଅଭିଜ୍ଞ, ବିଷୟରେ ନିଗୁଣାଙ୍କୁ ବୃଦ୍ଧା ବୋଲି କୁହାଯାଏ । (ସଂସାରରେ ଆସକ୍ତି ନାହିଁ) ॥ ୬୩ ॥

ଆୟୁକ୍ତା - ଭାଣ୍ଡାଗାରର ଅଧିକାରିଣୀ, ଅନ୍ତଃପୁରର ଶସ୍ତ୍ରାଗାର ଅଧିକାରିଣୀ, ଫଳ, ମୂଳ, ଔଷଧ ଓ ଖାଦ୍ୟର ଅଧିକାରିଣୀ ତଥା ସମୀକ୍ଷିକା, ଚନ୍ଦନ, ଆଭରଣ ମାଲ୍ୟ ଓ ବସ୍ତ୍ରର ସଂଯୋଜନା ଓ ପରିବେଷଣର ଅଧିକାରିଣୀ, ଅନ୍ୟାନ୍ୟ ବହୁ ପ୍ରୟୋଜନରେ ମଧ୍ୟ ଯାହାଙ୍କର ଅଧିକାର ସେ ଆୟୁକ୍ତା ଅଟନ୍ତି । ସଂକ୍ଷେପରେ ରାଜ ଅନ୍ତଃପୁରଚାରିଣୀମାନଙ୍କର ବୃତ୍ତାନ୍ତ କହିଲି ॥ ୬୪-୬୬ ॥ ହେ ବିପ୍ରଗଣ, ସେମାନଙ୍କର ଅଧିକ ଯୋଗ୍ୟତା ବିଷୟରେ କହୁଛି, ଯେଉଁମାନେ ରାଜ ଅନ୍ତଃପୁରରେ ନିଯୁକ୍ତ ପାଇବେ ॥ ୬୭ ॥

ଭଡ଼ଭଡ଼ୀ ହୋଇ ନଥିବେ, ଭୁଲ ବାଟରେ ଯିବା ଭଳି ହୋଇ ନଥିବେ (ଶିଖାଇ ଭୁଲାଇ ନହେବ) ଲୋଭାବିଷ୍ଟା ବା ନୃଶଂସା ହୋଇ ନଥିବେ । ଶାନ୍ତ ପ୍ରକୃତିର, ସହିଷ୍ଣୁ, ଶୃଙ୍ଖଳା ମୁହାଁ ନୁହେଁ । ହଠାତ୍ ଲାଗୁ ନଥିବେ, ଇନ୍ଦ୍ରିୟ ଲାଳସୀ ହୋଇ ନଥିବେ, କର୍ତ୍ତବ୍ୟ ବ୍ୟତୀତ ଅନ୍ୟତ୍ର କାମନା ନଥିବ ବା ଯାହା କିଛି ଅପୂର୍ବ ଦେଖିଲେ ମାଗୁ ନଥିବେ, ମର୍ଯ୍ୟାଦାଜ୍ଞାନ ଥିବ, ସ୍ୱାଭାବିକ ସ୍ତ୍ରୀଜନଦୋଷ ନଥିବ, ରାଜାନୁରକ୍ତି ଓ ରାଜଭକ୍ତି ଥିବ, ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବେ ।

Digitized by srujanika@gmail.com

ତା ନିୟୋଗେଷୁ ଯୋକ୍ତବ୍ୟା ବନିତା ମଦବର୍ଜିତାଃ ।
ଯଦ୍ ସ୍ୟାନ୍ନପୁଂସକଂ ନାମ ତୃତୀୟା ପ୍ରକୃତିଃ ସ୍ମୃତା ॥ ୭୦ ॥
ସାନ୍ତଃପୁରସ୍ୟ ସଂଚାରେ ଯୋଜ୍ୟା ପାର୍ଥିବ ବେଶ୍ମନି ।
ସ୍ନାତକାଃ କଞ୍ଚୁକୀୟାଶ୍ଚ ତଥା ବର୍ଷବରାଃ ପୁନଃ ॥ ୭୧ ॥
ଔପସ୍ଥାୟିକ ନିର୍ମୁଣ୍ଡାଃ କକ୍ଷାସ୍ଥାନେ ତୁଯୋଜୟେତ୍ ।
ଅପୁମାଂସୋ ନରା ଯେ ତୁ ଯେ ସ୍ତ୍ରୀସଂଭୋଗବର୍ଜିତାଃ ॥ ୭୨ ॥
ଏତେ ତ୍ୱନ୍ତଃପୁରଚରାଃ କାର୍ଯା ନିତ୍ୟଂ ହିନାଟକେ ।
ଦ୍ୱାଃସ୍ଥଂ ତୁ ସ୍ନାତକଂ କୁର୍ଯାଦ୍ ଆର୍ଯ୍ୟମାଚାର ସଂଯୁତମ୍ ॥ ୭୩ ॥
ବ୍ରାହ୍ମଣାଃ କୁଶଳା ବୃଦ୍ଧାଃ କାମଦୋଷ ବିବର୍ଜିତାଃ ।
ପ୍ରୟୋଜନେଷୁ ଦେବୀନାଂ ନିଯୋକ୍ତବ୍ୟା ନୃପୈଃସଦା ॥ ୭୪ ॥
ଯେ ବିଦ୍ୟାସତ୍ୟସମ୍ପନ୍ନାଃ କାମଦୋଷ ବିବର୍ଜିତାଃ ।
ଜ୍ଞାନ ବିଜ୍ଞାନ କୁଶଳାଃ କଞ୍ଚୁକୀୟାସ୍ତୁତେ ସ୍ମୃତାଃ ॥ ୭୫ ॥
ପ୍ରେଷଣେ ଚାର୍ଥସଂଯୁକ୍ତେ କଞ୍ଚୁକୀୟାନ୍ ନିୟୋଜୟେତ୍ ।
ତଥା ବର୍ଷବରାଂଶ୍ଚୈବ କାମଚାରେଷୁ ଯୋଜୟେତ୍ ॥ ୭୬ ॥

କୌଣସି ନିଶା ନାଥିବ ବା ଗର୍ବନ ଥିବ ଏହିପରି ମହିଳାମାନଙ୍କୁ ଅନ୍ତଃପୁର ନିଯୁକ୍ତି ଦିଆଯିବ । ରାଜାଙ୍କର ଅନ୍ତଃପୁର ସଂଚାରରେ ନଂପୁସକ ବୋଲି କୁହାଯାଉଥିବା ତୃତୀୟା ପ୍ରକୃତିକୁ ମଧ୍ୟ ନିଯୁକ୍ତି ମିଳିବ । ସ୍ନାତକ, କଞ୍ଚୁକୀୟ ଏବଂ ନପୁଂସକ ଏମାନେ ମଧ୍ୟ ଅନ୍ତଃପୁର ନିଯୁକ୍ତି ପାଇ ପାରିବେ ॥ ୬୮-୭୧ ॥

ଔପସ୍ଥାୟିକ ଓ ନିର୍ମୁଣ୍ଡ ଏମାନଙ୍କୁ ଅନ୍ତଃପୁରର କୋଠରୀମାନଙ୍କ ଦାୟିତ୍ୱ ଦିଆଯିବ । ସ୍ତ୍ରୀସମ୍ଭୋଗ ବର୍ଜିତ ନପୁଂସକମାନେ ମଧ୍ୟ । ଏମାନେ ସମସ୍ତେ ନାଟକରେ ଅନ୍ତଃପୁରଚାରୀ ଭାବରେ ରହିବେ । ଆଚାରପୂତ ଆର୍ଯ୍ୟ ସ୍ନାତକଙ୍କୁ ଦ୍ୱାରପାଳ ଦାୟିତ୍ୱ ଦିଆଯିବ ॥ ୭୨-୭୩ ॥

ଦକ୍ଷ ବୃଦ୍ଧ ବ୍ରାହ୍ମଣ ଯେଉଁମାନଙ୍କର କୌଣସି କାମଜଦୋଷ ନାହିଁ, ରାଜା ସେହିମାନଙ୍କୁ ଦେବୀମାନଙ୍କର ଆବଶ୍ୟକତା ବା ଅଭିଯୋଗ ବୁଝିବା ପାଇଁ ନିଯୁକ୍ତ କରିବେ ॥ ୭୪ ॥ ବିଦ୍ୟାବାନ୍ ସତ୍ୟବାଦୀ କାମଦୋଷ ରହିତ ଜ୍ଞାନ ଓ ବିଜ୍ଞାନରେ ଦକ୍ଷ ସେମାନେ କଞ୍ଚୁକୀ ବୋଲାନ୍ତି ॥ ୭୫ ॥

Digitized by srujanika@gmail.com

ଔପସ୍ଥାୟିକ ନିର୍ମୁଣ୍ଡାନ୍ ସ୍ତ୍ରୀଣାଂ ପ୍ରେଷଣ କର୍ମଣି ।
ରକ୍ଷଣେ ଚ କୁମାରୀଣାଂ ବାଳିକାନାଂ ଚ ଯୋଜୟେତ୍ ।। ୭୭ ।।
ମାନକାର୍ଯ୍ୟେଷୁ ନାରୀଣାଂ ନିଯୁଞ୍ଜୀତାନୁଚାରିକାଃ ।
ଅନ୍ତଃପୁରାଧିକାରେ ହି ରାଜଚର୍ଯ୍ୟାନୁବର୍ତ୍ତିନାମ୍ ।। ୭୮ ।।
ସର୍ବନୃତ୍ତାଙ୍ଗଯୋଗଜ୍ଞଂ ନାଟ୍ୟାଗାରେ ନିବେଶୟେତ୍ ।
ଯେ ତ୍ୱଳ୍ପସତ୍ତ୍ୱାଃ କୁଶଳାଃ କ୍ଲୀବାଶ୍ଚ ସ୍ତ୍ରୀସ୍ୱଭାବିନଃ ।। ୭୯ ।।
ଜାତ୍ୟା ନ ଦୋଷିଣ ଶ୍ଚୈବ ତେ ବୈବର୍ଷବରାଃ ସ୍ମୃତାଃ ।
ନପୁଂସକା ଯେ ପୁରୁଷାଃ ସ୍ତ୍ରୀସ୍ୱଭାବେନ ବର୍ଦ୍ଧିତାଃ ।। ୮୦ ।।
ନିର୍ମୁଣ୍ଡା ନାମତୋ ଜ୍ଞେୟାଃ କାମ ବିଜ୍ଞାନବର୍ଜିତାଃ ।
ଏତଦଷ୍ଟାଦଶବିଧଂ ପ୍ରୋକ୍ତମନ୍ତଃପୁରଂ ମୟା ।। ୮୧ ।।
ଅତଃପରଂ ପ୍ରବକ୍ଷ୍ୟାମି ବାହ୍ୟ ପୁରୁଷ ସଞ୍ଚରମ୍ ।
ରାଜା ସେନାପତିଶ୍ଚୈବ ପୁରୋଧା ମନ୍ତ୍ରିଣସ୍ତଥା ।। ୮୨ ।।
ସଚିବାଃ ପ୍ରାଡ଼୍ବିବାକାଶ୍ଚ କୁମାରାଧିକୃତାସ୍ତଥା ।
ଏତେ ଚାନ୍ୟେ ଚ ବହବଃ ସଭାସ୍ତାରା ନୃପସ୍ୟତୁ ।
ବିଭାଗମେଷାଂ ବକ୍ଷ୍ୟାମି ଲକ୍ଷଣଂ ଚ ପୃଥକ୍ ପୃଥକ୍ ।। ୮୩ ।।

ଅର୍ଥ ସମ୍ବନ୍ଧ ଥିବା କାର୍ଯ୍ୟରେ କଞ୍ଚୁକୀମାନଙ୍କୁ ପ୍ରେଷଣରେ ବ୍ୟବହାର କରାଯାଏ । କାମ ସଂପର୍କୀୟ ସମସ୍ୟାରେ ବର୍ଷବରମାନଙ୍କୁ ପ୍ରୟୋଗ କରାଯାଏ ।। ୭୭ ।। ଅନୁଚାରିକା (ପୂର୍ବରେ କୁହାଯାଇଛି) ଅନ୍ତଃପୁର ନାରୀମାନଙ୍କ ମାନଭଙ୍ଗ କାର୍ଯ୍ୟରେ ନିଯୁକ୍ତ କରାଯିବ ।। ଏହିମାନେ ମଧ୍ୟ ଅନ୍ତଃପୁର ମଧ୍ୟରେ ରାଜାର ବିବିଧ ପ୍ରୋଗ୍ରାମ ପ୍ରସ୍ତୁତ ଓ ପରିଚାଳନା କରନ୍ତି ।। ୭୮ ।।

ସମସ୍ତ ନୃତ୍ୟ ଏବଂ ଅଙ୍ଗହାର ପ୍ରଭୃତି ବିଷୟରେ ଅଭିଜ୍ଞ ଆଚାର୍ଯ୍ୟଙ୍କୁ ନାଟ୍ୟାଗାରରେ ନିଯୁକ୍ତି ଦିଆଯିବ ।। ଯେଉଁମାନେ ଟିକିଜୀବନିଆଁ, କିନ୍ତୁ ନିଜ ପରିସରରେ ଦକ୍ଷ, ନପୁଂସକ କିନ୍ତୁ ସ୍ତ୍ରୀ ସ୍ୱଭାବ ବିଶିଷ୍ଟ । ଜନ୍ମରୁ ନିରପରାଧ ସେହିମାନଙ୍କୁ ବର୍ଷବର କୁହାଯାଏ । ଯେଉଁ ନପୁଂସକ ପୁରୁଷମାନେ ସ୍ତ୍ରୀପୋଷକ ଓ ଚଳଣିରେ ବଢ଼ିଛନ୍ତି ସେମାନଙ୍କୁ ନିର୍ମୁଣ୍ଡ ବୋଲି କୁହାଯାଏ କାମଚର୍ଯ୍ୟା ଉପରେ ଏମାନଙ୍କର କୌଣସି ଧାରଣା ନଥାଏ ।। ୭୯-୮୦ ।।

ଅନ୍ତଃପୁର ଜନମାନଙ୍କ ବିଷୟରେ ଏହି ଅଠର ପ୍ରକାର ପାତ୍ରଙ୍କ କଥା କହିଗଲି ।। ୮୧ ।। ଏବେ ବାହ୍ୟ ପୁରୁଷମାନଙ୍କ ସମ୍ବନ୍ଧରେ କହିବି । (୧) ରାଜା (୨) ସେନାପତି (୩) ପୁରୋହିତ (୪) ମନ୍ତ୍ରୀ (୫) ସଚିବ (୬) ପ୍ରାଡ଼୍ବିବାକ୍ (ବିଚାରକ) (୭) କୁମାରାଧିକୃତ (ରାଜକୁମାର ଦାୟିତ୍ୱରେ ଥିବା ଅଧିକାରୀ) ରାଜସଭା ସଦସ୍ୟ (ରାଜ୍ୟର ବିଭିନ୍ନ ବିଷୟର ଅଭିଜ୍ଞ ଓ ମାନ୍ୟଲୋକ) । ଏମାନଙ୍କର ବିଭାଗ ଓ ଲକ୍ଷଣମାନ ଅଲଗା ଅଲଗା ଭାବେ କହିବି ।। ୮୨-୮୩ ।।

Digitized by srujanika@gmail.com

ଶୀଳବାନ୍ ବୁଦ୍ଧିସମ୍ପନ୍ନଃ ସତ୍ୟବାଦୀ ଜିତେନ୍ଦ୍ରିୟଃ ।
ଦକ୍ଷଃ ପ୍ରଗଲ୍ଭଃ ସ୍ମୃତିମାନ୍ ବିକ୍ରାନ୍ତୋ ମତିମାନ୍ ଶୁଚିଃ ॥ ୮୪ ॥
ଦୀର୍ଘଦର୍ଶୀ ମହୋତ୍ସାହଃ କୃତଜ୍ଞଃ ପ୍ରିୟବାକ୍ ପଟୁଃ ।
ଲୋକପାଳ ବ୍ରତଧରଃ କର୍ମମାର୍ଗ ବିଶାରଦଃ ॥ ୮୫ ॥
ଉତ୍ଥିତ ଷ୍ଚାପ୍ରମତ୍ତଷ୍ଚ ବୃଦ୍ଧସେବ୍ୟର୍ଥ ଶାସ୍ତ୍ରବିତ୍ ।
ନାନାନୟ ପ୍ରଚାରଜ୍ଞଃ ଉହାପୋହ ବିଚକ୍ଷଣଃ ॥ ୮୬ ॥
ପରଭାବେଙ୍ଗିତଜ୍ଞଷ୍ଚ ଶୂରୋଧୀରଃକ୍ଷମାନ୍ୱିତଃ ।
ନାନାଶାସ୍ତ୍ରାର୍ଥ ତତ୍ତ୍ୱଜ୍ଞୋ ନାନାଶିଳ୍ପ ପ୍ରବର୍ତ୍ତକଃ ॥ ୮୭ ॥
ନୀତିଶାସ୍ତ୍ରେ ଚ କୁଶଳଃ ତଥା ଚୈବାନୁରାଗବାନ୍ ।
ସ୍ଥାନବୃଦ୍ଧିକ୍ଷୟଜ୍ଞଷ୍ଚ ପରରନ୍ଧ୍ର ବିଚକ୍ଷଣଃ ॥ ୮୮ ॥
ଶୀଳବାନ୍ ସତ୍ୟସମ୍ପନ୍ନଃ ତ୍ୟକ୍ତାଳସ୍ୟଃ ପ୍ରିୟମ୍ବଦଃ ।
ପରରନ୍ଧ୍ରବିଧିଜ୍ଞଷ୍ଚ ଯାତ୍ରାକାଳ ବିଶେଷବିତ୍ ॥ ୮୯ ॥

ରାଜା - ଚରିତ୍ରବାନ୍, ବୁଦ୍ଧିମାନ୍, ସତ୍ୟବାଦୀ, ଚତୁର, ପ୍ରଗଳଭ, ମେଧାବୀ, ବିକ୍ରମଶାଳୀ, ବିଚାରଶୀଳ, ପବିତ୍ର, ବହୁତ ଆଗକୁ ଭାବି ପାରୁଥିବେ, ଉତ୍ସାହଶୀଳ (ନୈରାଶ୍ୟ ବର୍ଜିତ) କୃତଜ୍ଞ, ମଧୁରକଥା କହିବାରେ ବିଚକ୍ଷଣ, ରାଜ୍ୟ ଓ ପ୍ରଜାଙ୍କ ସୁଖକୁ ହିଁ ବ୍ରତ ବୋଲି ଗ୍ରହଣ କରିଥିବେ, କାମ କରିବାର ଶୈଳୀରେ ଠିକ୍ ଧାରଣାଥିବ, ସର୍ବଦା ପ୍ରସ୍ତୁତ, ଅପ୍ରମାଦୀ, ବୃଦ୍ଧ ସେବା ପରାୟଣ, ଅର୍ଥ ଶାସ୍ତ୍ରରେ ଅଭିଜ୍ଞ, ବିବିଧ ରାଜନୀତି ସମାଜନୀତି ଓ ଧର୍ମନୀତି ବିଷୟ ନିଜେ ଭଲ ଭାବେ ଜାଣି ଏହାର ପ୍ରଜାମାନଙ୍କ ମଧ୍ୟରେ ପ୍ରଚାରର ବ୍ୟବସ୍ଥା କରୁଥିବେ । ଯୁକ୍ତି ପ୍ରତି ଯୁକ୍ତି ବିଷୟରେ ପ୍ରତ୍ୟୁତ୍ପନ୍ନ ମତି, ଅନ୍ୟଲୋକଙ୍କର ହାବଭାବରୁ ମନୋଭାବକୁ ଠଉରାଇ ପାରୁଥିବେ, ବୀର ଧୀର କ୍ଷମାଶୀଳ, ବିବିଧ ଶାସ୍ତ୍ରରେ ଯଥୋଚିତ ଧାରଣା ଥିବ, ଶିଳ୍ପ କାରୁକାର୍ଯ୍ୟ ପାଇଁ ଉତ୍ସାହ ଓ ସାହାଯ୍ୟ ଦେବା ମତି ଥିବ, ନୀତିଶାସ୍ତ୍ରରେ ଦକ୍ଷ ଏବଂ ସ୍ନେହୀ, ସ୍ଥାନ (ଆକ୍ରମଣ ବା ପ୍ରତିରୋଧନ କରି ଚୁପହୋଇ ବସିବା,) ବୃଦ୍ଧି (ପରରାଜ୍ୟ ଦଖଲ) କ୍ଷୟ (ଦରକାର ମନେ କଲେ ଛାଡ଼ି ଆସିବା) ବିଷୟରେ ଠିକ୍ ବିଚାର କରିପାରୁଥିବେ, ଶତ୍ରୁର ଦୁର୍ବଳତା ଉପରେ ଉପଯୁକ୍ତ ସୂତ୍ର ପ୍ରୟୋଗ କରି ଠିକ୍ ଧାରଣା ରଖି ପାରୁଥିବେ । ଏହି ସବୁଗୁଣର ଅଧିକାରୀ ହେବେ ॥ ୮୪-୮୮ ॥

ସେନାପତି - ଚରିତ୍ରବାନ୍, ସତ୍ୟବ୍ରତ ଆଳସ୍ୟ ବର୍ଜିତ, ମଧୁରଭାଷୀ, ଶତ୍ରୁର ଦୁର୍ବଳ ସ୍ଥଳ ଉପରେ ଅଧିକ ଅଧ୍ୟୟନ ଓ ଅଭିଜ୍ଞତାଶୀଳ, ସେଥିପ୍ରତି କର୍ତ୍ତବ୍ୟ ବିଧି ତତ୍ପର, ଅଭିଯାନର ସ୍ଥାନକାଳ ବିଚାରଶୀଳ, ଅର୍ଥ ଶାସ୍ତ୍ରର ଅଭିଯାନ ଅଧାୟ ଠିକ ଜାଣିଥିବେ, ରାଜାନୁରକ୍ତ,

Digitized by srujanika@gmail.com

ଅର୍ଥଶାସ୍ତ୍ରାର୍ଥ ତତ୍ତ୍ୱଜ୍ଞଃ ହ୍ୟନୁରକ୍ତଃ କୁଳେ ବୃତଃ ।
ଦେଶବିଦ୍ କାଳବିଦ୍ ଚୈବ ଭବେଦ୍ ସେନାପତିଗୁଣୈଃ ।। ୯୦ ।।
କୁଳୀନା ବୁଦ୍ଧିସମ୍ପନ୍ନାଃ ଶ୍ରୁତି ନୀତି ବିଶାରଦାଃ ।
ସ୍ୱଦେଶ୍ୟା ଷ୍ଚାନୁରକ୍ତାଷ୍ଚ ଶୁଚୟୋ ଧାର୍ମିକାସ୍ତଥା ।
ପୁରୋଧୋ ମନ୍ତ୍ରିଣଶ୍ଚୈବ ଗୁଣୈରେତୈର୍ଭବନ୍ତି ହି ।। ୯୧ ।।
ବୁଦ୍ଧିମାନ୍ ନୀତି ସମ୍ପନ୍ନୋ ବିକ୍ରାନ୍ତଃ ସ୍ୟାଦ୍ ପ୍ରିୟମ୍ବଦଃ ।
ଅର୍ଥଶାସ୍ତ୍ରେ ଚ କୁଶଳୋ ହ୍ୟନୁରକ୍ତଃ ପ୍ରଜାସୁ ଚ ।। ୯୨ ।।
ଯୋ ଧାର୍ମିକ ସ୍ତଥାମାତ୍ୟଃ କର୍ତ୍ତବ୍ୟୋଭୂମିପୈଃ ସଦା ।
ବ୍ୟବହାରାର୍ଥ ତତ୍ତ୍ୱଜ୍ଞା ବୁଦ୍ଧିମନ୍ତୋ ବହୁଶ୍ରୁତାଃ ।। ୯୩ ।।
ମଧ୍ୟସ୍ଥା ଧାର୍ମିକା ଧୀରାଃ କାର୍ଯାକାର୍ଯବିଚକ୍ଷଣାଃ ।
କ୍ଷାନ୍ତା ଦାନ୍ତା ଜିତକ୍ରୋଧା ନୋଦ୍ଧତାଃ ସମଦର୍ଶିନଃ ।। ୯୪ ।।
ଇଦୃଶାଃ ପ୍ରାଡ୍‌ବିବାକାଷ୍ଚ ସ୍ଥାପ୍ୟା ଧର୍ମାସନେଷ୍ୱଥ ।
ଉତ୍‌ଥିତାଷ୍ଚା ପ୍ରମତ୍ତାଷ୍ଚ ତ୍ୟକ୍ତାଳସ୍ୟା ଜିତଶ୍ରମାଃ ।। ୯୫ ।।

ସଦ୍‌ବଂଶଜ, ଦେଶକାଳ ବିଚାରରେ ଦୃଢ଼ଥିବେ ଏହି ସମସ୍ତ ଗୁଣବାନ ସେନାପତି ।। ୮୯-୯୦ ।।

ପୁରୋହିତ ଓ ମନ୍ତ୍ରୀ - ସଦ୍‌ବଂଶଜ, ବୁଦ୍ଧିମାନ୍, ବେଦାଦି ଶାସ୍ତ୍ର ଓ ନୀତିଶାସ୍ତ୍ରରେ ଅଭିଜ୍ଞ ଏହି ଦେଶରେ ଜନ୍ମଗ୍ରହଣ କରିଥିବେ, ଦେଶ ଭକ୍ତିଯୁକ୍ତ, ପବିତ୍ର ଚରିତ, ଧାର୍ମିକ, ଏହି ସମସ୍ତ ଗୁଣ ଥିବା ଲୋକ ମନ୍ତ୍ରୀ ବା ପୁରୋହିତ ହୋଇପାରିବେ ।। ୯୧ ।। (ମନ୍ତ୍ରୀ - ପ୍ରଧାନମନ୍ତ୍ରୀ) ।।

ଅମାତ୍ୟ - ବିଭାଗୀୟ ମନ୍ତ୍ରୀଗଣ । ବୁଦ୍ଧିମାନ, ନୀତିବିଦ୍ ଓ ଆଚରଣଶୀଳ, ପ୍ରତାପୀ, ମଧୁରଭାଷୀ ଅର୍ଥ ଶାସ୍ତ୍ରର ସବୁ ଅଧ୍ୟାୟରେ ପଣ୍ଡିତ, ପ୍ରଜାନୁରକ୍ତ, ଧାର୍ମିକ ଏହିପରି ବ୍ୟକ୍ତିଙ୍କୁ ରାଜା ଅମାତ୍ୟପଦରେ ନିଯୁକ୍ତ କରିବେ ଯେଉଁମାନେ ବହୁପାଠ ପଢ଼ି ପ୍ରୟୋଗିକ ଅର୍ଥତତ୍ତ୍ୱରେ ବୁଦ୍ଧିମାନ୍ ।। ୯୨, ୯୩ ।।

ବିଚାରକ - ପକ୍ଷପାତ ବିହୀନ, ଧାର୍ମିକ, ଧୀର (ଅଚଞ୍ଚଳ) ଠିକ୍ ଭୁଲ ବାରିବା ବିଷୟରେ ଚତୁର, କ୍ଷମାଶୀଳ, ଉଦାର, ସଂଯତ, କ୍ରୋଧହୀନ, ଅନୁଦ୍ଧତ, ସମଦର୍ଶୀ, ଏହିପରି ଲୋକଙ୍କୁ ଧର୍ମାସନରେ ରଖିବ ।। ୯୪ ।।

କୁମାରାଧିକୃତ ସର୍ବଦା ପ୍ରସ୍ତୁତ, ନିର୍ଦୋଷ ଚରିତ, ଆଳସ୍ୟ ବିହୀନ, ପରିଶ୍ରମୀ, ସ୍ନେହୀ, କ୍ଷମାଶୀଳ, ବିନୟୀ ନିଷ୍ପକ୍ଷପାତ, ଅଭିଜ୍ଞ, ନୀତିଶାସ୍ତ୍ରବିତ୍, ବିନୟ ଜାଣି ଶିଖାଇ ପାରୁଥିବ, ଯୁକ୍ତି

Digitized by srujanika@gmail.com

ସ୍ନିଗ୍ଧାଃ କ୍ଷାନ୍ତା ବିନୀତାଶ୍ଚ ମଧ୍ୟସ୍ଥା ନିପୁଣାସ୍ତଥା ।
ନୟଜ୍ଞା ବିନୟଜ୍ଞାଶ୍ଚ ଉହାପୋହ ବିଚକ୍ଷଣାଃ ॥ ୯୬ ॥
ସର୍ବଶାସ୍ତ୍ରାର୍ଥ ସମ୍ପନ୍ନାଃ କାମାଦ୍ୟ ବିକୃତାସ୍ତଥା ।
କ୍ରମାୟାତା ହି ଯେ ସକ୍ତାଃ କୁମାରାଧିକୃତାସ୍ତଥା ॥ ୯୭ ॥
ନାନାରୂପୈଃ ସମାଯୁକ୍ତା ଗୁଣୈରେତୈ ର୍ଭବନ୍ତି ହି ।
ବୃହସ୍ପତି ମତାଦେଷାଂ ଗୁଣାଂଶ୍ଚା ପ୍ୟଭିଲକ୍ଷୟନ୍ ।
ବିଜ୍ଞେୟଂ ଚାପି କର୍ମଜ୍ଞୈଃ ସଭାସ୍ତାରବିକଳ୍ପନମ୍ ॥ ୯୮ ॥
ଇତ୍ୟେତଦ୍ ବୋ ମୟା ପ୍ରୋକ୍ତଂ ସର୍ବପ୍ରକୃତିଲକ୍ଷଣମ୍ ।
ଅତଉର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଲକ୍ଷଣଂ ଭୂମିକାସ୍ୱପି ॥ ୯୯ ॥

ଇତି ଭାରତେ ନାଟ୍ୟଶାସ୍ତ୍ରେ ପ୍ରକୃତି ବିଚାରୋ ନାମ
ଚତୁସ୍ତ୍ରିଂଶଃ ଅଧ୍ୟାୟଃ ।

❑❑❑

ପ୍ରତିଯୁକ୍ତିରେ ଚତୁର, ସବୁ ଶାସ୍ତ୍ରରେ ଜ୍ଞାନ ଥିବ, କାମ ବିକାର ନ ଥିବ । ବଂଶକ୍ରମାନୁଯାୟୀ ଯେ ରାଜବଂଶ ପ୍ରତି ଆସକ୍ତ ଏହିପରି ବ୍ୟକ୍ତି କୁମାରାଧିକୃତ ପଦବୀରେ ରହିବେ ॥ ୯୫-୯୭ ॥

ସଭାସ୍ତାର - ଏମାନେ ସମସ୍ତେ ନାନାରୂପ ଓ ନାନା ଗୁଣରେ ମଣ୍ଡିତ ହୋଇଥିବେ । ବୃହସ୍ପତିଙ୍କ ନୀତିଶାସ୍ତ୍ର ଅନୁଯାୟୀ ଏମାନଙ୍କର ଗୁଣ ବିଚାରକରି କର୍ମଜ୍ଞ ଲୋକମାନଙ୍କ ଦ୍ୱାରା ସଂଧାନକରି ସଭାସ୍ତାର ବା ସାଂସଦ ପଦବୀ ପୂରଣ କରାଯିବ ॥ ୯୮ ॥

ଆପଣମାନଙ୍କୁ ମୁଁ ସବୁ ପ୍ରକୃତି ଲକ୍ଷଣ ବିଷୟ କହିଗଲି । ଏହା ପରେ ଭୂମିକା ବିଷୟରେ ଲକ୍ଷଣ କହିବି ॥ ୯୯ ॥

ଭରତ ନାଟ୍ୟ ଶାସ୍ତ୍ରରେ ପ୍ରକୃତି ବିଚାର ନାମକ ଚତୁସ୍ତ୍ରିଂଶ (ଚଉତ୍ରିଶ) ଅଧ୍ୟାୟ ସମାପ୍ତ ।

❑❑❑

Digitized by srujanika@gmail.com

ଭରତନାଟ୍ୟଶାସ୍ତ୍ରମ୍

ପଞ୍ଚତ୍ରିଂଶଃ ଅଧ୍ୟାୟଃ ।

ଭୂମିକା ବିକଳ୍ପଃ

ବିଭାଗଂ ଭୂମିକାନାଂ ତୁ ସଂପ୍ରବକ୍ଷ୍ୟାମି ନାଟକେ ।
ଯାଦୃଶୈରେବ କର୍ତ୍ତବ୍ୟା ପୁରୁଷୈର୍ଭୂମିକାସ୍ତଥା ॥ ୧ ॥
ଗତିବାଗଙ୍ଗ ଚେଷ୍ଟାଭିଃ ସତ୍ତ୍ୱଶୀଳୈଃ ସମାସତଃ ।
ପରୀକ୍ଷ୍ୟ ପାତ୍ରଂ ତଜ୍‌ଜ୍ଞସ୍ତୁ ଯୁଜ୍ୟାଦ୍ ଭୂମି ନିବେଶନେ ॥ ୨ ॥
ତସ୍ମାଦନ୍ୱିଷ୍ୟ ହି ଗୁଣାନ୍ କାର୍ଯ୍ୟଃ ପାତ୍ର ସମାଶ୍ରୟଃ ।
ନ ଖେଦଜନନଂ ବୁଦ୍ଧେରାଚାର୍ଯ୍ୟସ୍ୟ ଭବିଷ୍ୟତି ॥ ୩ ॥
ଆଧାୟୋ ପଗମଜାଂଶ୍ଚ ଗୁଣାନ୍ ତଜ୍‌ଜ୍ଞଃ ସ୍ୱଭାବଜାନ୍ ।
ତତଃ କୁର୍ଯ୍ୟାଦ୍ ଯଥାଯୋଗଂ ନୃଣାଂ ଭୂମି ନିବେଶନମ୍ ॥ ୪ ॥
ଅଙ୍ଗପ୍ରତ୍ୟଙ୍ଗ ସଂଯୁକ୍ତ ମହୀନାଙ୍ଗଂ ବୟୋଽନ୍ୱିତମ୍ ।
ନ ସ୍ଥୂଳଂ ନ କୃଶଂ ଚୈବ ନ ଦୀର୍ଘଂ ନଚ ମନ୍ଥରମ୍ ॥ ୫ ॥

-: ପଞ୍ଚତ୍ରିଂଶ ଅଧ୍ୟାୟ :-

ନାଟକରେ ଭୂମିକା ବିଭାଗ ବିଷୟ କହିବି । ଯେପରି ଲୋକ ଯେଉଁ ଭୂମିକାରେ ଅଭିନୟ କରିବେ ତାହା ବିଚାର କରିବା ॥ ୧ ॥

ପ୍ରୟୋଗ ବିଦ୍ ଲୋକ ସଂକ୍ଷେପରେ ଗତି ବା ଚାଲିଚଳଣି, କଥା କହିବାର ଭଙ୍ଗୀ, ଅଙ୍ଗଚେଷ୍ଟା ବା ଅଙ୍ଗଭଙ୍ଗୀ, ମନୋଭାବ ଓ ସ୍ୱଭାବ, ଏହି ସମସ୍ତ ପରୀକ୍ଷା କରି ଭୂମିକା ପୂରଣ କରିବେ ॥ ୨ ॥ ତେଣୁ ଗୁଣ ଅନ୍ୱେଷଣ କରି ସାରି ପାତ୍ର ସଂଯୋଜନା କରିବେ । ତାହା ହେଲେ ପଛରେ ଆଉ ଆଚାର୍ଯ୍ୟଙ୍କ ମୁଣ୍ଡରେ ବିଛା କାମୁଡ଼ିବ ନାହିଁ ॥ ୩ ॥

ବୁଦ୍ଧିମାନ ଆଚାର୍ଯ୍ୟ ବ୍ୟକ୍ତିଗତ ପ୍ରବୃତ୍ତିକୁ ଭଲ ଭାବେ ଲକ୍ଷ୍ୟକରି ଓ ଆଧାର କରି ତା'ପରେ ସେହି ସେହି ପରି ଭୂମିକାରେ ସେହି ଲୋକର ଚୟନ କରିବ ॥ ୪ ॥

ଦେବତାମାନଙ୍କ ଭୂମିକାରେ ଚେହେରାଟି ବେଶ ସୁନ୍ଦର ହୋଇଥିବ, କଣା କୁଜା ଗେଡ଼ା ବେଶି ଡେଙ୍ଗା ହୋଇ ନଥିବ କିଶୋର ବା ଯୁବକ ହୋଇଥିବ, ବେଶି ମୋଟା ବା ପତଳା ନୁହେ, ଅଙ୍ଗଗଠନରେ ସୌଷ୍ଠବ ଥିବ, ଶରୀରରେ କାନ୍ତି ଥିବ, ଦେଖିବାକୁ ସୁନ୍ଦର, ସ୍ୱର ମଧୁର, ଏହିପରି ବ୍ୟକ୍ତିକୁ ଦେବ ଭୂମିକା ଦିଆଯିବ ॥ ୫-୬ ॥

Digitized by srujanika@gmail.com

ଶ୍ଲିଷ୍ଟାଙ୍ଗଂ ଦ୍ୟୁତିମନ୍ତଂ ଚ ସୁସ୍ୱରଂ ପ୍ରିୟଦର୍ଶନମ୍ ।
ଏତୈ ର୍ଗୁଣୈସ୍ତୁ ସଂଯୁକ୍ତଂ ଦେବଭୂମିଷୁ ଯୋଜୟେଦ୍ ॥ ୬ ॥
ସ୍ଥୂଳଂ ପ୍ରାଂଶୁଂ ବୃହଜ୍ ଦେହଂ ମେଘଗମ୍ଭୀର ନିଃସ୍ୱନମ୍ ।
ରୌଦ୍ରସ୍ୱଭାବନେତ୍ରଂ ଚ ସ୍ୱଭାବ ଭ୍ରୁକୁଟୀମୁଖମ୍ ॥ ୭ ॥
ରକ୍ଷୋ ଦାନବ ଦୈତ୍ୟାନାଂ ଭୂମିକାୟାଂ ପ୍ରୟୋଜୟେଦ୍ ।
ପୁରୁଷାଣାଂ ପ୍ରୟୋଗସ୍ତୁ ତଥାଙ୍ଗ କ୍ରିୟୟାନ୍ୱିତଃ ॥ ୮ ॥
ସୁନେତ୍ରାଃ ସୁଭ୍ରୁବଃ ସ୍ୱଙ୍ଗାଃ ସୁଲଲାଟାଃ ସୁନାସିକାଃ ।
ସ୍ୱୋଷ୍ଠାଃ ସୁଗଣ୍ଡାଃ ସୁମୁଖାଃ ସୁକଣ୍ଠାଃ ସୁଶିରୋଧରାଃ ॥ ୯ ॥
ସ୍ୱଙ୍ଗ ପ୍ରତ୍ୟଙ୍ଗ ସଂଯୁକ୍ତାଃ ଦୀର୍ଘାଶ୍ଚ ମଦମନ୍ଥରାଃ ।
ନ ସ୍ଥୂଳା ନ କୃଶାଶ୍ଚୈବ ସ୍ୱଭାବେନ ବ୍ୟବସ୍ଥିତାଃ ॥ ୧୦ ॥
ସୁଶୀଳା ଜ୍ଞାନବନ୍ତଶ୍ଚ ତଥା ଚ ପ୍ରିୟଦର୍ଶନାଃ ।
କୁମାର ରାଜଭୂମିଷୁ ପ୍ରୟୋଜ୍ୟାଃ ଭରତୋତ୍ତମାଃ ॥ ୧୧ ॥
ଅଙ୍ଗୈରବିକଳୈର୍ବୀରଂ ସ୍ଫୁଟଂ ବଚନ କର୍ମଣି ।
ନ ଦୀର୍ଘଂ ନୈବ ଚ ସ୍ଥୂଳମ୍ ଊହାପୋହ ବିଚକ୍ଷଣମ୍ ॥ ୧୨ ॥
ଅଦୀନଂ ଚ ପ୍ରଗଲ୍ଭଂ ଚ ପ୍ରତ୍ୟୁତ୍ପନ୍ନ ବିନିଶ୍ଚୟମ୍ ।
ସେନାପତେ ରମାତ୍ୟାନାଂ ଭୂମିକାସୁ ପ୍ରୟୋଜୟେଦ୍ ॥ ୧୩ ॥

ରାକ୍ଷସ ଭୂମିକା - ମୋଟା, ଡେଙ୍ଗା, ବିଶାଳ ଶରୀର, ମେଘ ଘଡ଼ଘଡ଼ି ପରିସ୍ୱର, ନିଷ୍ଠୁର ସ୍ୱଭାବ, ରୁକ୍ଷ ନୟନ, ସର୍ବଦା ରୁକ୍ଷ ବେଖାତିର ଚାହାଣି । ରାକ୍ଷସଦାନବ ଓ ଦୈତ୍ୟ ଭୂମିକାରେ ଏହିପରି ପାତ୍ର ଦେବ ॥ ୭ ॥

ମାନବ-ମନୁଷ୍ୟ ଭୂମିକାରେ ସେମାନଙ୍କର ଭୂମିକାନୁଯାୟୀ ପାତ୍ର ଚରିତ୍ର ଦେଖି ସଂଯୋଗ କରିବ ॥ ୮ ॥

ରାଜା ପ୍ରଭୃତି କ୍ଷେତ୍ରରେ ନେତ୍ର, ଭ୍ରୂ, ଶରୀରର ଗଠନ, ଲଲାଟ, ନାସିକା, ଓଷ୍ଠ, ଗଣ୍ଡ, ମୁଖ, କଣ୍ଠ, ସ୍କନ୍ଧ ଗୁଡ଼ିକ ସୁନ୍ଦର ହୋଇଥିବ, ଲମ୍ବା ଚେହେରା ସହିତ ଠାଣି ଭଲ ଥିବ, ବେଶିମୋଟା ବେଶି ପତଳାହୋଇ ନଥିବ, ସ୍ୱାଭାବିକ ଭାବରେ ଗମ୍ଭୀର ହୋଇଥିବ, ଭଦ୍ର ଓ ପାଠୁଆ ଦେଖିବାକୁ ସୁନ୍ଦର ଏହିପରି ବ୍ୟକ୍ତି ରାଜା ବା ରାଜକୁମାର ଭୂମିକାରେ ଚୟନ କରିବ ॥ ୯-୧୧ ॥

ମନ୍ତ୍ରୀ ଓ ସେନାପତି ଭୂମିକାରେ ଯାହାକୁ ଚୟନ କରିବ ସେ ବିକଳାଙ୍ଗ ହୋଇ ନଥିବ, ବୀର କଥା ଓ କାର୍ଯ୍ୟରେ ସ୍ପଷ୍ଟ, ବେଶି ଲମ୍ବା ବେଶି ମୋଟା ନୁହେଁ, ଯୁକ୍ତି ପ୍ରତିଯୁକ୍ତି ପ୍ରବୀଣ, ହୀନିମାନିଆ ହୋଇ ନଥିବ, ତାହାର ପ୍ରଗଲ୍ଭତା ଥିବ, ହଠାତ୍ ସିଦ୍ଧାନ୍ତ ଗ୍ରହଣ କରିବା ଭଳି ପ୍ରତିଭା ଥିବ ॥ ୧୩ ॥

Digitized by srujanika@gmail.com

ପିଙ୍ଗାକ୍ଷଂ ଦୀର୍ଘନାସଂ ଚ ହ୍ରସ୍ୱମୁଚ୍ଚ ମଥାପିବା ।
କଞ୍ଚୁକି ଶ୍ରୋତ୍ରିୟାଦୀନାଂ ଭୂମିକାସୁ ନିଯୋଜୟେତ୍ ॥ ୧୪ ॥
ଏବମନ୍ୟେଷ୍ୱପି ତଥା ନାଟ୍ୟଧର୍ମୀ ପ୍ରଶସ୍ୟତେ ।
ଦଶାବସ୍ଥାନୁରୂପେଣ ପାତ୍ରଂ ଯୁଞ୍ଜ୍ୟାତ୍ ସ୍ୱଭୂମିଷୁ ॥ ୧୫ ॥
ମଛରଂ ବାମନଂ କୁବ୍ଜଂ ବିକୃତଂ ବିକୃତାନନମ୍ ।
ବିଷ୍ଟନେତ୍ରଂ ଚ କାଣାକ୍ଷଂ ସ୍ଥୂଳଂ ଚିପିଟ ନାସିକମ୍ ॥ ୧୬ ॥
ଦୁର୍ବେଶଂ ଦୁଃ ସ୍ୱଭାବଂ ଚ ବିକୃତାକାର ମେବ ଚ ।
ଦାସଭୂମୌ ପ୍ରଯୁଞ୍ଜୀତ ବୁଧୋ ଦାସାଙ୍କ ସଂଯୁତମ୍ ॥ ୧୭ ॥
ପ୍ରକୃତ୍ୟା ତୁ କୃଶଂ କ୍ଷାମଂ ତତ୍ର ଶ୍ରାନ୍ତେଷୁ ଯୋଜୟେତ୍ ।
ତଥା ଚ ପୁରୁଷଂ ସ୍ଥୂଳମ୍ ଅରୋଗେଷୁ ପ୍ରଯୋଜୟେତ୍ ॥ ୧୮ ॥
ଯଦି ବା ନେଦୃଶାଃ ସନ୍ତି ପ୍ରକୃତ୍ୟା ପୁରୁଷା ଦ୍ୱିଜାଃ ।
ଆଚାର୍ଯ୍ୟବୁଦ୍ଧ୍ୟା ଯୋକ୍ତବ୍ୟା ଭାବଚେଷ୍ଟା ସ୍ୱଭାବତଃ ॥ ୧୯ ॥
ଯା ଯସ୍ୟ ସଦୃଶୀ ଚେଷ୍ଟା ସ୍ୱଭାବଃ କର୍ମ ବା ତଥା ।
ସା ତଥାଽଽଚାର୍ଯ୍ୟ ଯୋଗେନ ନିୟମ୍ୟା ଭାବଭାବିନୀ ॥ ୨୦ ॥

କଞ୍ଚୁକୀ ଓ ବ୍ରାହ୍ମଣ ଭୂମିକା ପାଇଁ - ପିଙ୍ଗଳ ଚକ୍ଷୁ, ବଡ଼ ନାକ, ଗେଡ଼ା ହୋଇ ପାରେ ବା ଡେଙ୍ଗା ହୋଇପାରେ, ଏହିପରି ପାତ୍ର ନିଯୁକ୍ତି କରିବ ॥ ୧୪ ॥

ଏହିପରି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଦଶା ଅବସ୍ଥା ଅନୁଯାୟୀ ଭୂମିକାକୁ ଓ ବାସ୍ତବ ବ୍ୟକ୍ତିର ଚରିତ୍ରକୁ ଲକ୍ଷ୍ୟରଖି ପାତ୍ର ନିର୍ଣ୍ଣୟ କଲେ ନାଟ୍ୟଧର୍ମୀ ପ୍ରଶଂସାର ପାତ୍ର ହୋଇ ଥାଆନ୍ତି ॥ ୧୫ ॥ ଚାକିରିଆ ଭଳି ଦିଶୁଥିବା ଲୋକଟିକୁ ଚାକର ଭୂମିକାରେ ଚୟନ କରିବ । ଯେ କି ଗେଡ଼ା, କୁଜା, ଅସୁନ୍ଦର, ମୁଖର ଗଠନ ଅସୁନ୍ଦର, ମିଞ୍ଜି ମିଞ୍ଜି ଚାହୁଁଥିବ, ଅଥବା କଣା ହୋଇଥିବ, ମୋଟା ଆକୃତି, ଚେପେଟା ନାକ, ସ୍ୱଭାବ ଓ ଆକାର ଉଭୟ ମନ୍ଦ ହୋଇଥିବ॥ ୧୬, ୧୭ ॥

କ୍ଲାନ୍ତ ଭୂମିକାରେ ପ୍ରକୃତରେ କୃଶ ଓ ହାଲିଆଭଳି ଦିଶୁଥିବା ଲୋକକୁ ଚୟନ କରିବ । ସାଧାରଣ ସୁସ୍ଥ ସବଳ ନାଗରିକ ଭୂମିକାର ମୋଟାମୋଟି ଲୋକକୁ ଚୟନ କରିବ ॥ ୧୮ ॥ ମୋ କହିବା ଅନୁଯାୟୀ ଯଦି ଭୂମିକାଯୋଗ୍ୟ ବ୍ୟକ୍ତି ନ ମିଳିବେ ତେବେ ଆଚାର୍ଯ୍ୟଙ୍କ ବୁଦ୍ଧି ବିବେଚନା ଅନୁସାରେ ବ୍ୟକ୍ତି ସ୍ୱଭାବ ଓ ଚାଲିଚଳଣିକୁ ଆଖି ଆଗରେ ରଖି ପାତ୍ରଚୟନ କରାଯିବ ॥ ୧୯ ॥

ଭୂମିକାରେ ଯାହାର ଯେଉଁପରି ଚେଷ୍ଟା ବା ସ୍ୱଭାବ ଓ କାର୍ଯ୍ୟ କାବ୍ୟର ଭାବନାକୁ ଠିକ୍ ଲକ୍ଷ୍ୟକରି ଆଚାର୍ଯ୍ୟ ଶିକ୍ଷା ଦ୍ୱାରା ନିୟମନ (ତାଲିମ ଦେବେ) କରିବେ ॥ ୨୦ ॥

Digitized by srujanika@gmail.com

ଏବମନ୍ୟେଷ୍ୱପି ତଥା ନାଟ୍ୟଧର୍ମୀ ପ୍ରଶସ୍ୟତେ ।
ଦେଶବେଶାନୁରୂପେଣ ପାତ୍ରଂ ଯୋଜ୍ୟଂ ହି ଭୂମିଷୁ ॥ ୨୧ ॥
ବହୁବାହା ବହୁମୁଖାଃ ତଥା ଚ ବିକୃତାନନାଃ ।
ପଶୁ ଶ୍ୱାପଦ ବକ୍ତ୍ରାଶ୍ଚ ଖରୋଷ୍ଟ୍ରା ବାରଣାସ୍ତଥା ॥ ୨୨ ॥
ଏତେ ଚାନ୍ୟେ ଚ ବହବଃ ନାନାରୂପା ଭବନ୍ତି ଯେ ।
ଆହାର୍ଯ୍ୟ ଯୁକ୍ତାଃ କର୍ତ୍ତବ୍ୟା ମୃଦ୍ କାଷ୍ଠଜତୁ ଚର୍ମଭିଃ ॥ ୨୩ ॥
ସ୍ୱାଭାବିକେନ ରୂପେଣ ନବିଶେଦ୍ ରଙ୍ଗମଣ୍ଡଳମ୍ ।
ଆତ୍ମରୂପମବଚ୍ଛାଦ୍ୟଂ ବର୍ଣ୍ଣକୈ ର୍ଭୂଷଣୈ ରପି ॥ ୨୪ ॥
ଯାଦୃଶଂ ଯସ୍ୟ ଯଦ୍ ରୂପଂ ପ୍ରକୃତ୍ୟା ତସ୍ୟ ତାଦୃଶମ୍ ।
ବୟୋବେଶାନୁ ରୂପେଣ ପ୍ରଯୋଜ୍ୟଂ ନାଟ୍ୟକର୍ମଣି ॥ ୨୫ ॥
ଯଥା ଜନ୍ତୁଃ ସ୍ୱଭାବଂ ହି ପରିତ୍ୟଜ୍ୟାନ୍ୟଦୈହିକମ୍ ।
ପରଭାବଂ ପ୍ରକୁରୁତେ ପରଦେହଂ ସମାଶ୍ରିତଃ ॥ ୨୬ ॥
ଏବଂ ବୁଧଃ ପରଂ ଭାବଂ ସୋଽସ୍ମୀତି ମନସା ସ୍ମରନ୍ ।
ବେଶବାଗଙ୍ଗଲୀଳାଭିଃ ଚେଷ୍ଟାଭିଶ୍ଚ ସମାଚରେତ୍ ॥ ୨୭ ॥

ଏହିପରି ଅନ୍ୟାନ୍ୟ ଭୂମିକାରେ ଦେଶ, ବେଶ, ଭାଷାନୁସାରେ ପାତ୍ର ଯୋଗ କରିବା ଉଚିତ । ଯାହା ଫଳରେ ନାଟ୍ୟ ଧର୍ମୀ (ନାଟକକୁ ଜୀବିକାକରି ଚଳୁଥିବା ବ୍ୟକ୍ତିଗଣ) ପ୍ରଶଂସିତ ହେବେ ॥ ୨୧ ॥ ବିଭିନ୍ନ ପ୍ରକାର ବାହନ, ମୁଖ ଏବଂ କେତେକ କ୍ଷେତ୍ରରେ ତ୍ରିଶିରା, ପଞ୍ଚାନନ, ଚତୁରାନନ ନୃସିଂହ, ଜାମ୍ବବାନ୍ ମୁଖ, ଗଧ, ଓଟ, ଘୋଡା, ଏହିପରି ଆଉ କେତେକେତେ ଯେଉଁ ରୂପମାନ ହୋଇଥାଏ, ସେ ସବୁକୁ ମାଟିକାଠ, ଜଉ ଓ ଚମଡ଼ା ଦ୍ୱାରା ଶିଳ୍ପୀ ସାହାଯ୍ୟରେ ଆହାର୍ଯ୍ୟମାନକରି ବ୍ୟବହାରରେ ପ୍ରୟୋଗ କରିବ ॥ ୨୨ - ୨୩ ॥

ନିତ୍ୟ ବ୍ୟବହାରରେ ଚଳୁଥିବା ପୋଷାକ ନେଇ ରଙ୍ଗ ପାଉଡ଼ର ବୋଲି ନ ହୋଇ ରଙ୍ଗ ଭୂମିକୁ କେବେ ହେଲେ ପ୍ରବେଶ କରିବ ନାହିଁ । ନିଜ ରୂପକୁ ରଙ୍ଗ, ବସ୍ତ୍ର ଓ ଅଳଂକାର ଦ୍ୱାରା ପ୍ରଚ୍ଛନ୍ନ କରି (ଲୁଚାଇ) ମଞ୍ଚ ଉପରକୁ ଯିବ ॥ ୨୪ ॥

ଭୂମିକାରେ ଯାହାର ଯେପରି ରୂପ ନାଟ୍ୟର ପ୍ରକୃତ କ୍ଷେତ୍ରରେ ତାହାକୁ ବୟସ, ବେଶ ନେଇ ସେହିପରି ସଜାଇ ସାରି ପ୍ରୟୋଗ କରିବ । (ମଞ୍ଚକୁ ଛାଡ଼ିବ) ॥ ୨୫ ॥

ପ୍ରାଣୀଟି ମରିଗଲା ପରେ ଆତ୍ମା ମନୁଷ୍ୟ ଶରୀର ତ୍ୟାଗକରି ହାତୀ ବା କୁକୁର ହେଲେ ଶରୀର ଅନୁଯାୟୀ ସ୍ୱଭାବ ଗ୍ରହଣ କରିଥାଏ । ଠିକ୍ ଏହିପରି ବୁଦ୍ଧିମାନ ଲୋକ ବେଶ ବଦଳାଇ ପାଉଡ଼ର ଲଗାଇ ମୁକୁଟ ପିନ୍ଧିସାରି ନିଜକୁ ଭୁଲି ମୁଁ ଇନ୍ଦ୍ର ବା ମହିଷାସୁର ବୋଲି ଭାବି ସେହି ଭୂମିକା ଉଚିତ କାର୍ଯ୍ୟ ଯଥାସମ୍ଭବ ପ୍ରାକୃତିକ ଭଳି କରିବ ॥ ୨୬, ୨୭ ॥

Digitized by srujanika@gmail.com

ଅନୁରୂପା ବିରୂପା ଚ ତଥା ରୂପାନୁସାରିଣୀ ।
ତ୍ରିପ୍ରକାରା ଭବେନ୍ନାଟ୍ୟେ ପ୍ରକୃତିସ୍ତୁ ବିଭାବିତା ॥ ୨୮ ॥
ସ୍ତ୍ରିୟସ୍ତୁ ସ୍ତ୍ରୀଗତେ ଭାବେ ପୁରୁଷାଃ ପୌରୁଷେ ଯଥା ।
ଯଥାବୟଃ ତଥା ତସ୍ମିନ୍ ଅନୁରୂପେତି ବା ସ୍ମୃତା ॥ ୨୯ ॥
ଯୋ ବାଲଃ ସ୍ଥାବିରୀଂ ଭୂମିଂ ବୃଦ୍ଧୋ ବା ବାଲଭୂମିକାମ୍ ।
ତଦ୍ ଭାବୈଃ କୁରୁତେ ନାଟ୍ୟେ ସା ବିରୂପେତି କୀର୍ତ୍ତିତା ॥ ୩୦ ॥
ପୁରୁଷଃ ସ୍ତ୍ରୀଗତଂ ଭାବଂ ଯତ୍ର ପ୍ରକୁରୁତେ ପୁନଃ ।
ରୂପାନୁସାରିଣୀ ଜ୍ଞେୟା ପ୍ରୟୋଗେ ଭରତୋତ୍ତମୈଃ ॥ ୩୧ ॥
ଛନ୍ଦତଃ ପୌରୁଷୀଂ କୁର୍ଯ୍ୟାଦ୍ ଭୂମିକାଂ ସ୍ତ୍ରୀ ପ୍ରୟୋଗତଃ ।
ନ ପରସ୍ପର ଚେଷ୍ଟାଭିଃ କୁର୍ଯାତାମ୍ ବୃଦ୍ଧବାଳିଶୌ ॥ ୩୨ ॥
ଉଦ୍ଧତାଶ୍ଚୈବ ପୁରୁଷାଃ ଶୌର୍ଯ୍ୟବୀର୍ଯ୍ୟ ସମନ୍ୱିତାଃ ।
ପାଠ୍ୟପ୍ରୟୋଗେ ତେ ଯୋଜ୍ୟାଃ ସ୍ତ୍ରିୟୋ ଗୀତେ ଚ ସର୍ବଦା ॥ ୩୩ ॥
ପ୍ରାୟଃ ପ୍ରକୃତିଃ ସ୍ତ୍ରୀଣାଂ ଗୀତେ ନୃଣାଂ ତୁ ପାଠ୍ୟବିଧୌ ।
ସ୍ତ୍ରୀଣାଂ ତୁ ସ୍ୱଭାବମଧୁରାଃ କଣ୍ଠାଃ ପୁଂସାଂ ତୁ ବଳବନ୍ତଃ ॥ ୩୪ ॥

ନାଟ୍ୟରେ ଭାବନାତ୍ମକ ପ୍ରକୃତି ତିନି ପ୍ରକାର- ଅନୁରୂପା, ବିରୂପା, ରୂପାନୁସାରିଣୀ ॥ ୨୮ ॥

ସ୍ତ୍ରୀଟିଏ ନିଜ ବୟସର ସ୍ତ୍ରୀଭାବରେ ଓ ପୁରୁଷଟି ନିଜ ବୟସର ପୁରୁଷ ଭାବରେ ଅଭିନୟ କଲେ ଏହି କ୍ଷେତ୍ରରେ ଭାବନା ପ୍ରକୃତିକୁ ଅନୁରୂପା କୁହାଯାଏ ॥ ୨୯ ॥

ଯୁବକକୁ ବୃଦ୍ଧ ଭୂମିକା ଓ ବୃଦ୍ଧକୁ ଯୁବକ ଭୂମିକାନେଇ ତାଲିମ କରି କରି ଅଭ୍ୟାସ ପରେ ମଞ୍ଚରେ ଛଡ଼ା ଯାଏ । ଏହା ବିରୂପା ଭାବନା ପ୍ରକୃତି ॥ ୩୦ ॥

ଯେଉଁ ସ୍ଥଳରେ ପୁରୁଷ ସ୍ତ୍ରୀ ଆକାରରେ ଅଭିନୟ କରି ସ୍ତ୍ରୀଗତ ଭାବକୁ ପ୍ରକାଶ କରିବାକୁ ଯତ୍ନ କରେ ଏହାକୁ ରୂପାନୁସାରିଣୀ ଭାବନା ପ୍ରକୃତି ବୋଲି ନାଟ୍ୟକାରମାନେ ଜାଣିବା ଉଚିତ୍ ॥ ୩୧ ॥ ଆବଶ୍ୟକ ଅନୁଭବ କରାଗଲେ ପ୍ରୟୋଗ କ୍ଷେତ୍ରରେ କୌଣସି ନାରୀ ପୁରୁଷ ଭୂମିକା ଗ୍ରହଣ କରିପାରେ । କିନ୍ତୁ ବୃଦ୍ଧ କ୍ଷେତ୍ରରେ ଯୁବକ ଓ ଯୁବକ କ୍ଷେତ୍ରରେ ବୃଦ୍ଧଙ୍କର ଅଭିନୟ ସମର୍ଥନୀୟ ନୁହେଁ ॥ ୩୨ ॥

ଶୌର୍ଯ୍ୟ ବୀର୍ଯ୍ୟ ସମ୍ପନ୍ନ ଉଦ୍ଧତ ପୁରୁଷମାନଙ୍କୁ ବଚନିକା ବାଚନ କ୍ଷେତ୍ରରେ ଏବଂ ଗୀତଗାନରେ ସର୍ବଦା ସ୍ତ୍ରୀମାନଙ୍କୁ ପ୍ରୟୋଗ କରିବ ॥ ୩୩ ॥

ଅଧିକାଂଶ ସ୍ଥଳରେ, ଗୀତରେ ସ୍ତ୍ରୀମାନଙ୍କର ଓ ବଚନିକା ପାଠରେ ପୁରୁଷମାନଙ୍କର ଅଭିରୁଚି ଦେଖାଯାଏ । ସ୍ତ୍ରୀମାନଙ୍କର ସ୍ୱଭାବ ଲଳିତକଣ୍ଠ, ପୁରୁଷମାନଙ୍କର କିନ୍ତୁ ଗମ୍ଭୀର ॥ ୩୪ ॥

Digitized by srujanika@gmail.com

ଯଦ୍ୟପି ପୁରୁଷୋ ବିଦ୍ୟାଦ୍ ଗୀତବିଧାନଂ ଚ ଲକ୍ଷଣୋପେତମ୍ ।
ମାଧୁର୍ଯ୍ୟ ଗୁଣ ବିହୀନଂ ଶୋଭାଂ ଜନୟେନ୍ନ ତଦ୍‌ଗୀତମ୍ ।। ୩୫ ।।
ଯତ୍ର ସ୍ତ୍ରୀଣାଂ ପାଠ୍ୟାଦ୍ ଗୁଣୋ ନରାଣାଂ ଚ କଣ୍ଠମାଧୁର୍ଯ୍ୟମ୍ ।
ପ୍ରକୃତି ବିପର୍ଯ୍ୟୟ ଜନିତୌ ବିଜ୍ଞେୟୌ ତୌ ଅଳଂକାରୌ ।। ୩୬ ।।
ପ୍ରାୟେଣ ଦେବ ପାର୍ଥିବ ସେନାପତି ମୁଖ୍ୟ ପୁରୁଷଭବନେଷୁ ।
ସ୍ତ୍ରୀ ଜନକୃତାଃ ପ୍ରୟୋଗା ଭବନ୍ତି ପୁରୁଷ ସ୍ୱଭାବେନ ।। ୩୭ ।।
ଭୂମିଷ୍ଠଂ ସୁକୁମାରଂ ଚ ନିତ୍ୟଂ ସ୍ତ୍ରୀଭି ରନୁଷ୍ଠିତମ୍ ।
ଇତ୍ୟର୍ଥଂ ମାନୁଷୀଣାଂ ତୁ ଦିବ୍ୟମାନୁଷୟୋସ୍ତଥା ।। ୩୮ ।।
ରମ୍ଭୋର୍ବଶୀ ପ୍ରଭୃତିଷୁ ସ୍ୱର୍ଗେ ନାଟ୍ୟଂ ପ୍ରତିଷ୍ଠିତମ୍ ।
ତଥୈବ ମାନୁଷେ ଲୋକେ ରାଜ୍ଞାମନ୍ତଃ ପୁରେଷ୍ୱିହ ।। ୩୯ ।।
ଉପଦେଷ୍ଟବ୍ୟ ମାଚାର୍ଯ୍ୟୈଃ ଶାସ୍ତ୍ରବୁଦ୍ଧ୍ୟାଙ୍ଗନାସୁ ଚ ।
ନ ସ୍ୱୟଂ ଭୂମିକାଭ୍ୟାସଂ ବୁଧଃ ସ୍ତ୍ରୀଣାଂ ପ୍ରୟୋଜୟେଦ୍ ।। ୪୦ ।।

ଯଦି ଓ ପୁରୁଷ ଗୀତର ବିଧି ବିଧାନ ସବୁଜାଣିଥିବେ, ଲକ୍ଷଣ ଅନୁଯାୟୀ ଗାଇପାରିବେ, ତଥାପି ଏହା ବାମାକଣ୍ଠର ଲାଳିତ୍ୟ ଆଣି ପାରିବ ନାହିଁ । ତେଣୁ ଶୋଭା ପାଇବ ନାହିଁ ।। ୩୫ ।। କେତେକ କ୍ଷେତ୍ରରେ ମଧ୍ୟ ଦେଖାଯାଏ, ସ୍ତ୍ରୀମାନେ ସୁନ୍ଦର ବଚନିକା ପାଠକରନ୍ତି, ପୁରୁଷମାନଙ୍କର ମଧ୍ୟ କଣ୍ଠଲାଳିତ୍ୟ ରହିଛି । ଏହା କିନ୍ତୁ ପ୍ରକୃତି ବିପର୍ଯ୍ୟୟ । ଅଥବା ତାଙ୍କର ବ୍ୟତିକ୍ରମ ସ୍ୱାତନ୍ତ୍ର୍ୟ ।। ୩୬ ।। ଅଧିକାଂଶ ସ୍ଥଳରେ ଦେବ ମନ୍ଦିର ରାଜା ସେନାପତି ଓ ସମ୍ଭ୍ରାନ୍ତ ପୁରୁଷମାନଙ୍କ ଭବନରେ ପୁରୁଷ କ୍ଷେତ୍ରରେ ବରାବର ସ୍ତ୍ରୀମାନେ ଅଧିକ କୌଶଳ ଅଭିନୟ ପ୍ରୟୋଗକ୍ଷେତ୍ରରେ କରିଥାଆନ୍ତି । ଏଥିପାଇଁ ନାରୀମାନଙ୍କୁ ଦେବତା ଓ ମୁଖ୍ୟ ମନୁଷ୍ୟମାନଙ୍କ ସ୍ଥାନମାନଙ୍କରେ ପ୍ରୟୋଗ କରାଯାଇଥାଏ ।। ୩୮ ।।

ସ୍ୱର୍ଗରେ ରମ୍ଭା ଉର୍ବଶୀ ପ୍ରଭୃତିଙ୍କ କ୍ଷେତ୍ରରେ ନାଟ୍ୟ ପ୍ରୟୋଗ ଅନୁଷ୍ଠିତ ହେଉଅଛି । ସେହିପରି ଏହି ମର୍ତ୍ତ୍ୟ ଭୂମିରେ ରାଜାମାନଙ୍କର ଅନ୍ତଃପୁରରେ ଏହା ପ୍ରୟୋଗ କରାଯାଇଥାଏ ।। ୩୯ ।।

ଆଚାର୍ଯ୍ୟମାନେ ନାରୀମାନଙ୍କୁ ଏ ବିଷୟରେ ଶାସ୍ତ୍ର ଅଧ୍ୟୟନଜନିତ ଶିକ୍ଷା ଦେଇ ସେମାନଙ୍କ ଦ୍ୱାରା ସ୍ତ୍ରୀମାନଙ୍କ ନୃତ୍ୟ ଓ ଅଭିନୟ ଅଭ୍ୟାସ କରାଇବେ । ନିଜେ ସ୍ତ୍ରୀମାନଙ୍କୁ ନାରୀର ଭୂମିକା ଅଭ୍ୟାସ କରାଇବେ ନାହିଁ । ଅର୍ଥାତ୍ ସ୍ୱୟଂ ଆଚାର୍ଯ୍ୟ ନାରୀ ଅଭିନୟ ପ୍ରଶିକ୍ଷଣ ଦେବେ ନାହିଁ । ତାଙ୍କର ବିଦ୍ୟା ଶିଷ୍ୟା ଦେବେ ।। ୪୦ ।।

Digitized by srujanika@gmail.com

ସ୍ତ୍ରୀଷୁ ଯୋଜ୍ୟଃ ପ୍ରଯତ୍ନେନ ପ୍ରୟୋଗଃ ପୁରୁଷାଶ୍ରୟଃ ।
ଯସ୍ମାଦ୍ ସ୍ୱଭାବୋପଗତୋ ବିଳାସଃ ସ୍ତ୍ରୀଷୁ ଦୃଶ୍ୟତେ ।। ୪୧ ।।
ତସ୍ମାଦ୍ ସ୍ୱଭାବମଧୁରମଙ୍ଗଂ ସୁଲଭ ସୌଷ୍ଠବମ୍ ।
ପୌରୁଷଂ ଲଳିତଂ ଯତ୍ତୁ ସୋଽଲଂକାରୋଽପରୋ ଭବେଦ୍ ।। ୪୨ ।।
ତୁଲ୍ୟାବସ୍ଥା କ୍ରିୟୋପେତା ଭୂମିକା ପ୍ରକୃତିସ୍ତଥା ।
ଭୃଶମୁଦ୍ୟୋତୟେନ୍ନାଟ୍ୟଂ ସ୍ୱଭାବକରଣାଶ୍ରୟମ୍ ।। ୪୩ ।।
ସଂଗୀତ ମପରିକ୍ଳେଶଂ ନିତ୍ୟଂ ପ୍ରମଦାଜନସ୍ୟଗୁଣ ଏବ ।
ଯନ୍ ମଧୁର କର୍କଶତ୍ୱଂ ଭଜତେ ନାଟ୍ୟଂ ପ୍ରୟୋଗେଣ ।। ୪୪ ।।
ପ୍ରମଦାନାଟ୍ୟ ବିଳାସୈର୍ଲତେବ କୁସୁମୈର୍ବିଚିତ୍ରଲାବଣ୍ୟାଃ ।
କାମୋପଚାର କୁଶଳା ଭବନ୍ତି କାମ୍ୟେ ବିଶେଷଜ୍ଞାଃ ।। ୪୫ ।।
ଯୋଗ୍ୟାସୁ ଚ ପ୍ରଯତ୍ନଃ କର୍ତ୍ତବ୍ୟଃ ସତତମପ୍ରମାଦେନ ।
ନହି ଯୋଗ୍ୟାଂ ବିନା ଭବତି ଭାବରସ ସୌଷ୍ଠବଂ କିଞ୍ଚିଦ୍ ।। ୪୬ ।।

ଯଦି ସ୍ତ୍ରୀର ପୁରୁଷ ଭୂମିକାରେ ଅଭିନୟ ଅପେକ୍ଷିତ, ସେ ସ୍ଥଳରେ ପୁରୁଷ ହିଁ ସ୍ତ୍ରୀକୁ ପୁରୁଷାଭିନୟ ପ୍ରଶିକ୍ଷଣ ଦେବେ । କାରଣ ସ୍ୱାଭାବିକ ଲାଳିତ୍ୟ ପୂର୍ଣ୍ଣ ଅଙ୍ଗଚାଳନା ସ୍ତ୍ରୀମାନଙ୍କର, ପୁରୁଷୋଚିତ ଲାଳିତ୍ୟ ତାଙ୍କର ଭୂଷଣ । (ସେ ପୁରୁଷାଭିନୟ ଶିକ୍ଷା ଦେଇ ପାରିବେ ନାହିଁ) ।। ୪୧, ୪୨ ।।

ଭୂମିକା ଓ ପ୍ରକୃତି ସମାନ ଅବସ୍ଥା ଓ କ୍ରିୟାଯୁକ୍ତ ହେଲେ ସ୍ୱଭାବ କରଣକୁ ଆଶ୍ରୟକରି ନାଟକଟିକୁ ଅତ୍ୟନ୍ତ ଶୋଭନୀୟ କରିଥାଏ ।। ୪୩ ।।

ସଂଗୀତ ପରିକ୍ଷେଣରେ କ୍ଳାନ୍ତ ନହେବା ନାରୀମାନଙ୍କର ଏକ ସ୍ୱାଭାବିକ ଗୁଣ, ଯାହାର ପ୍ରୟୋଗ ଦ୍ୱାରା ନାଟ୍ୟ ପରିବେଷଣରେ କର୍କଶତା ଦୂର ହୋଇ ଏହା ଅଧିକ ମନୋଜ୍ଞ ହୁଏ ।

ଅଳ୍ପଶ୍ରମରେ ସଂଗୀତ ଲଳନାମାନଙ୍କର ଏକନିତ୍ୟ ଗୁଣ ଅଟେ । ଯାହାର ପ୍ରୟୋଗ ଦ୍ୱାରା ନାଟକଟି ଯଥାସ୍ଥାନ କର୍କଶ ଥିଲେ ମଧ୍ୟ ମଧୁରତମ ହୋଇଥାଏ ।। ୪୪ ।।

ପ୍ରେମ ଉପଚାରକୁଶଳା ଓ ପ୍ରେମ ଅଭିଜ୍ଞା ଲଳନା ନିଜର ବିଳାସ ଅଭିନୟ ମାଧ୍ୟମରେ ବହୁବର୍ଣ୍ଣ କୁସୁମ ରାଜି ଶୋଭିତା ଚପଳା ଲତା ପରି ନାଟ୍ୟକୁ ଅଧିକ ଲାବଣ୍ୟ ପରିପୁଷ୍ଟ କରିଥାନ୍ତି ।। ୪୫ ।। ଯୋଗ୍ୟା ନାୟିକା କ୍ଷେତ୍ରରେ ହିଁ ନିର୍ଭୁଲ ଭାବରେ ଅନବରତ ପ୍ରଯତ୍ନ କରିବା ଉଚିତ । ଯୋଗ୍ୟା ନଥିଲେ ଭାବ ରସର ମଧୁରତା କେବେହେଲେ କିଛି ହେଲେ ପରିସ୍ଫୁଟ ହେବ ନାହିଁ ।। ୪୬ ।।

Digitized by srujanika@gmail.com

ପ୍ରୟୋଗୋ ଦ୍ୱିବିଧଶ୍ଚାୟଂ ବିଜ୍ଞେୟୋ ନାଟ୍ୟମାଶ୍ରିତଃ ।
ସୁକୁମାର ସ୍ତଥା ବିଦ୍ଧୋ ନାନାଭାବ ରସାଶ୍ରୟଃ ॥ ୪୭ ॥
ନାଟକଂ ସପ୍ରକରଣଂ ଭାଣୋ ବୀଥ୍ୟଙ୍କ ଏବ ଚ ।
ଜ୍ଞେୟାନି ସୁକୁମାରାଣି ମାନୁଷୈରାଶ୍ରିତାନି ତୁ ॥ ୪୮ ॥
ସୁକୁମାରାଃ ପ୍ରୟୋଗା ଯେ ରାଜ୍ଞାମାମୋଦ କାରକାଃ ।
ଶୃଙ୍ଗାର ରସ ମାସାଦ୍ୟ ତାନ୍ ନାରୀଷ୍ୱେବ ଯୋଜୟେତ୍ ॥ ୪୯ ॥
ଯୁଦ୍ଧୋଦ୍ଧତା ବେଗକୃତାଃ ସଂରମ୍ଭ ବହୁଳାଶ୍ଚ ଯେ ।
ନ ତେ ସ୍ତ୍ରୀଭିଃ ପ୍ରୟୋକ୍ତବ୍ୟାଃ ପ୍ରୟୋଜ୍ୟାଃ ପୁରୁଷୈ ହିଁ ତେ ॥ ୫୦ ॥
ଅନୁଦ୍ଧତ ମସଂଭ୍ରାନ୍ତ ମନାବିଦ୍ଧାଙ୍ଗ ଚେଷ୍ଟିତମ୍ ।
ଲୟତାଳ କଳୋପେତଂ ପ୍ରମାଣ ନିୟତାକ୍ଷରମ୍ ॥ ୫୧ ॥
ସୁବିଭକ୍ତ ପଦାଳାପ ମଭୀଷ୍ଟରସ ବହୁଳମ୍ ।
ଯଦୀଦୃଶଂ ଭବେନ୍ନାଟ୍ୟଂ ନାରୀଣାଂ ତୁ ପ୍ରୟୋଜୟେତ୍ ॥ ୫୨ ॥
ଯଦ୍ ତ୍ୱାବିଦ୍ଧାଙ୍ଗ ହାରାନ୍ତଂ ଛେଦ୍ୟ ଭେଦ୍ୟାହବାତ୍ମକମ୍ ।
ମାୟେନ୍ଦ୍ର ଜାଲବହୁଳଂ ପୁସ୍ତନେପଥ୍ୟ ସଂଯୁତମ୍ ॥ ୫୩ ॥

ନାଟ୍ୟାଶ୍ରିତ ପ୍ରୟୋଗ ଦୁଇ ପ୍ରକାର ବୋଲି ଜାଣିବ । ବିବିଧରସାଶ୍ରୟ ଅଭିନୟ ସୁକୁମାର ଓ ବିଦ୍ଧ ଭାବରେ ଦୁଇ ପ୍ରକାର ॥ ୪୭ ॥ ନାଟକ, ପ୍ରକରଣ, ଭାଣ, ବୀଥୀ, ଅଙ୍କ ଏଗୁଡ଼ିକ ସୁକୁମାର ବୋଲି ଜାଣିବ । କାରଣ ଏହା କେବଳ ପାତ୍ର ଚେଷ୍ଟାରେ ସଫଳ ହୋଇଥାଏ ॥ ୪୮ ॥

ଶୃଙ୍ଗାର ରସାଶ୍ରିତ ସୁକୁମାର ପ୍ରୟୋଗଗୁଡ଼ିକ ରାଜାମାନଙ୍କୁ ଆମୋଦ ଦେଇଥାଏ । ନାରୀମାନଙ୍କ ଦ୍ୱାରା ଏହି ପ୍ରୟୋଗ ପରିଚାଳନା କରିବ ॥ ୪୯ ॥

ଯୁଦ୍ଧରେ ଉଦ୍ଧତ ଆବେଗଭରା ଆକ୍ରମଣ ବହୁଳ ପ୍ରୟୋଗକୁ ସ୍ତ୍ରୀମାନଙ୍କୁ ନ ନେଇ ପୁରୁଷମାନଙ୍କଦ୍ୱାରା ପ୍ରୟୋଗ କରିବ ॥ ୫୦ ॥

ଅବାସ୍ତବ କଳ୍ପନା ବିହୀନ, ଗମ୍ଭୀରତା (କୁଟିଳତା) ବିହୀନ, ସରଳ ଅଙ୍ଗଚେଷ୍ଟାଯୁକ୍ତ, ଲୟ ତାଳ କଳାମଣ୍ଡିତ ଶାସ୍ତ୍ର ପ୍ରମାଣ ଅନୁସାରେ ନିୟତାକ୍ଷର, ପଦ ଏବଂ ଆଳାପ ସ୍ପଷ୍ଟ ହୋଇଥିବ, ଆକାଂକ୍ଷିତ ରସର ପର୍ଯ୍ୟାପ୍ତତା ରହିଥିବ । ଏହିପରି ନାଟ୍ୟରେ ନାରୀମାନଙ୍କୁ ପ୍ରୟୋଗ କରିବା ଉଚିତ ॥ ୫୧, ୫୨ ॥

ଯେଉଁଥିରେ ଅଙ୍ଗହାର ଆବିଦ୍ଧ, ହଣାକଟା ଯୁଦ୍ଧ ଭରି ରହିଥିବ, କୁହୁକ ଇନ୍ଦ୍ରଜାଲ ବହୁତ ଥିବ, ବିଚିତ୍ର ଚର୍ମ ପୋଷାକ ବ୍ୟବହାର କରାଯିବ, ସାତ୍ତ୍ୱତୀ ଆରଭଟୀ ଶୈଳୀରେ ପ୍ରସ୍ତୁତ ଅଳ୍ପ ସ୍ତ୍ରୀଜନଯୁକ୍ତ ପୁରୁଷ ବହୁଳ ନାଟକକୁ ଆବିଦ୍ଧ କୁହାଯାଏ ॥ ୫୩, ୫୪ ॥

Digitized by srujanika@gmail.com

ପୁରୁଷୈର୍ବହୁଭିର୍ଯୁକ୍ତଂ ମନ୍ଦସ୍ତ୍ରୀକମଥୋଦ୍ଧ ତମ୍
ସାତ୍ତ୍ୱତ୍ୟାରଭଟୀଯୁକ୍ତଂ ନାଟ୍ୟମାବିଦ୍ଧ ସଂଜ୍ଞିତମ୍ ॥ ୫୪ ॥
ଡିମଃ ସମବକାରଶ୍ଚ ବ୍ୟାୟୋଗେହାମୃଗୌ ତଥା ।
ଏତାନ୍ୟାବିଦ୍ଧ ସଂଜ୍ଞାନୀ ବିଜ୍ଞେୟାନି ପ୍ରୟୋକ୍ତୃଭିଃ ॥ ୫୫ ॥
ଏଷାଂ ପ୍ରୟୋଗଃ କର୍ତ୍ତବ୍ୟୋ ଦେବ ଦାନବ ରାକ୍ଷସୈଃ ।
ଏବଂ ପ୍ରୟୋଗେ କର୍ତ୍ତବ୍ୟଂ ଭୂମିକାୟାଂ ବିକଳ୍ପନମ୍ ॥ ୫୬ ॥
ଅତ୍ରୋଚ୍ୟତେ ଯଥା ନାଟ୍ୟେ ଆହାର୍ଯ୍ୟ ଗୁଣ ସମ୍ଭବଃ ।
କଥଂ ରାଜଗୁଣାଃ କାର୍ଯ୍ୟା ନଟୈରଳ୍ପ ପରିଚ୍ଛଦୈଃ ।
ଅତ୍ରୋଚ୍ୟତେ ଯଥା ଲୋକେ ନାଟ୍ୟଧର୍ମେ ପ୍ରକୀର୍ତ୍ତିତା ॥ ୫୭ ॥
ତଦେବଂ ସର୍ବ ସମ୍ପନ୍ନଂ ନାଟ୍ୟମେତନ୍ମୟା କୃତମ୍ ।
ବର୍ଣ୍ଣକୈ ଶ୍ଛୁଦିତ ସ୍ତତ୍ର ଭୂଷଣୈଶ୍ଚାପ୍ୟଲଂ କୃତଃ ॥ ୫୮ ॥
ଗାମ୍ଭର୍ଯୌଦାର୍ଯସମ୍ପନ୍ନୋ ରାଜଚିହ୍ନୋ ଭବେନ୍ନଟଃ ।
ସପ୍ତଦ୍ୱୀପାଶ୍ରୟଶ୍ଚୈବ ଏବମେକୋ ଭବେନ୍ନଟଃ ॥ ୫୯ ॥

ପ୍ରୟୋଜକଗଣ ଡିମ, ସମବକାର, ବ୍ୟାୟୋଗ ଓ ଈହାମୃଗ ଏଗୁଡ଼ିକୁ ଆବିଦ୍ଧ ନାମରେ ଜାଣିବେ ॥ ୫୫ ॥

ଦେବତା ଦାନବ ଓ ରାକ୍ଷସମାନଙ୍କ ଦ୍ୱାରା ଏଗୁଡ଼ିକର ପ୍ରୟୋଗ କରାଯିବ । ଏହି ପ୍ରୟୋଗରେ ଭୂମିକା କଳ୍ପନା ଏହିପରି କରିବ ॥ ୫୬ ॥

ନାଟକରେ ଆହାର୍ଯ୍ୟ ଗୁଣ ଯୋଗୁଁ ହେଉଥିବା ବିକାର ବିଷୟରେ ଏଠାରେ କୁହାଯାଉଛି । ପୋଷାକ ଖଣ୍ଡେ ଅଧେ ପିନ୍ଧିଦେଇ ନର୍ତ୍ତକଟିଏ କିପରି ରାଜାଙ୍କପରି ଗୁଣ ଓ କାର୍ଯ୍ୟ ପ୍ରକାଶ କରି ଚମତ୍କାରିତା ଦେଖାଇବ ସେହିବିଷୟ ବର୍ଣ୍ଣନା କରୁଛି । ସଂସାରରେ ଯାହା ଯେପରି ବାସ୍ତବରେ ହେଉଛି, ନାଟ୍ୟରେ ଠିକ୍ ତାହା ସେହିପରି ହେବ । ସେହି ସର୍ବଗୁଣ ପରିପୂର୍ଣ୍ଣ ଏହି ନାଟ୍ୟବିଧାନ ମୁଁ କରିଅଛି ॥ ୫୭ ॥

ପାଉଡ଼ର ବର୍ଣ୍ଣରେ ବ୍ୟକ୍ତିର ମୂଳରଙ୍ଗ ଲୁଚିଯିବ । ଅଳଙ୍କାରରେ ଶରୀର ମଣ୍ଡିତ ହୋଇଥିବ । ତାହୁଁ ଗାମ୍ଭୀର୍ଯ୍ୟ ଔଦାର୍ଯ୍ୟ ଆସି ପହଞ୍ଚିଯିବ । ନାଟଟିକୁ ଦେଖିଲେ ଲୋକେ ରାଜା ବୋଲି ଚିହ୍ନିବେ । ସେତେବେଳେ ସେହିନଟ ସପ୍ତଦ୍ୱୀପ ମେଦିନୀର ଏକାଙ୍କ ଚକ୍ରବର୍ତ୍ତୀ ହୋଇଯିବ ॥ ୫୮-୫୯ ॥

Digitized by srujanika@gmail.com

ବର୍ଣ୍ଣକେଷ୍ଟ୍ୱାଦିତେନେହ କାର୍ଯ୍ୟଂ ତ୍ୱଙ୍ଗବିଚେଷ୍ଟିତମ୍ ।
ଆଚାର୍ଯ୍ୟ ବୁଦ୍ଧ୍ୟା ଶାତସ୍ତୁ ସୌଷ୍ଠବାଙ୍ଗ ପୁରସ୍କୃତଃ ॥ ୬୦ ॥
ରାଜାବଦ୍ ଭରତସ୍ତସ୍ମାଦ୍ ରାଜାପି ନଟବଦ୍ ଭବେଦ୍ ।
ଯଥା ନଟଃତଥାରାଜା ଯଥାରାଜା ତଥାନଟଃ ॥ ୬୧ ॥
ଉଭାଭ୍ୟାଂ ଭାବନିଷ୍ପତ୍ତିଃ ସମଲୀଳାଙ୍ଗ ସୌଂଷ୍ଠବା ।
ଯଥାଚାର୍ଯ୍ୟୋପଦେଶେନ ରଙ୍ଗଶୋଭୀ ଭବେନ୍ନଟଃ ॥ ୬୨ ॥
ଏବଂ ସ୍ୱଭାବତୋ ରାଜା ନିତ୍ୟମେବୋଜ୍ଜ୍ୱଳୋ ଭବେଦ୍ ।
ଦିବ୍ୟାନାଂ ଯଃ ପରୀବାରଃ ପାର୍ଥିବାନାଂ ସଏବ ହି ॥ ୬୩ ॥
ଯାଦୃଶଂ ଯସ୍ୟ ଯଦ୍‌ରୂପଂ ପ୍ରକୃତ୍ୟା ତସ୍ୟ ତାଦୃଶମ୍ ।
ବୟୋବେଶ ବିଧାନେନ କର୍ତ୍ତବ୍ୟଂ ପ୍ରଯୁଯୁକ୍ଷୁଣା ॥ ୬୪ ॥
ଏବଂ ରାଜୋପଚାରେ ତୁ କାର୍ଯ୍ୟଃ ପୁରୁଷସଂଶ୍ରୟଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ପ୍ରୟୋକ୍ତୃଣାଂ ତୁ ତଦ୍‌ଗୁଣାନ୍ ॥ ୬୫ ॥
ତତ୍ର ସୂତ୍ରଧାର ଗୁଣାନ୍ ବକ୍ଷ୍ୟାମଃ । ଅସ୍ୟ ଆଦିତ ଏବ ଲକ୍ଷଣଜ୍ଞତା ଅଭିମତବାକ୍ ସଂସ୍କାର ତାଳବିଧାନଜ୍ଞତା ସ୍ୱରବାଦିତ୍ର ତତ୍ତ୍ୱବେଦନଂ ଚ ।

ରଙ୍ଗରେ ନିଜରୂପ ଲୁଚିଯିବା ପରେ ନାଟ୍ୟାଚାର୍ଯ୍ୟଙ୍କ ଶିକ୍ଷାରେ(ଶାଣରେ ଶସ୍ତ୍ର ପଜା ହେଲାପରି) ସେ ଶାଣିତ ହୋଇ ଅଙ୍ଗ ଚେଷ୍ଟାମାନ ପ୍ରକାଶ କଲେ ନଟ ସେତେବେଳେ ଖାଣ୍ଟି ରାଜା ପାଲଟି ଯିବ । ଦର୍ଶକ ଆସନରେ ଥିବା ରାଜା ତା ହାତର ଖେଳଣାର ନଟ ହୋଇଯିବେ । ସାଧାରଣ ଆଖିରେ ମଧ୍ୟ ପ୍ରକୃତ ରାଜା ନଟପରି ଏବଂ ନାଟ୍ୟରନଟ ରାଜାପରି ଜଣାଯିବେ ॥ ୬୦, ୬୧ ॥

ଆଚାର୍ଯ୍ୟଙ୍କ ପ୍ରଶିକ୍ଷଣ ବଳରେ ରଙ୍ଗମଞ୍ଚର ରାଜା ସ୍ୱଭାବିକ ରାଜାଠାରୁ ଉଜ୍ଜ୍ୱଳ ପ୍ରତିଭାବାନ ଦିଶିବେ ॥ ଉଭୟଙ୍କର ଲୀଳା ଓ ଅଙ୍ଗସୌଷ୍ଠବ ସମାନ । ଏଣୁ ଭାବ ନିଷ୍ପତ୍ତି ସମାନ ହେବ । ଦେବତାମାନଙ୍କର ପରିବାରରେ ଯେଉଁ ବେଶ ଭାଷା ଓ ବୟସ ପ୍ରୟୋଗ ହୁଏ ରାଜା ପରିବାରେ ସେହିପରି ହେବ । ଯାହାର ଯେପରି ଯେଉଁ ରୂପ, ପ୍ରୟୋକ୍ତା ତାକୁ ସେହି ବୟସ ଓ ରୂପ ଅନୁଯାୟୀ ଭୂମିକା ନିର୍ଦ୍ଦେଶ ଦେବେ । ରାଜୋପଚାରରେ ଏହିପରି ପୁରୁଷାଶ୍ରିତ ପ୍ରୟୋଗ କରାଯିବ । ଏହା ପରେ ପ୍ରୟୋକ୍ତାଙ୍କ ଗୁଣ ବିଷୟ କହିବି ॥ ୬୨-୬୫ ॥

ସେଥି ମଧ୍ୟରୁ ସୂତ୍ରଧାର ଗୁଣ ଗୁଡ଼ିକ କହିବି । ଚତୁର୍ବିଧ ବାଦ୍ୟରେ ଅଭିଜ୍ଞ, ଏହି ସୂତ୍ରଧାର ପ୍ରଥମରୁ ହିଁ ଲକ୍ଷଣଶାସ୍ତ୍ରରେ ପଣ୍ଡିତ । ମନକୁ ପାଉଥିବା ଭଳି ବଚନ ପ୍ରୟୋଗରେ କୁଶଳ, ସଂସ୍କାର ପୂର୍ଣ୍ଣ ବ୍ୟବହାର ତାଳବିଧାନ ପ୍ରବୀଣ, ସ୍ୱର ଏବଂ ବିଭିନ୍ନ ପ୍ରକାର ବାଦ୍ୟଜ୍ଞାନରେ

Digitized by srujanika@gmail.com

ଚତୁରାତୋଦ୍ୟକୁଶଳଃ ନାନାକର୍ମସୁ ନିଷ୍ଠିତଃ ।
ନାନା ପାଷଣ୍ଡକାର୍ଯଜ୍ଞଃ ନୀତିଶାସ୍ତ୍ରାର୍ଥତତ୍ତ୍ୱବିତ୍ ॥ ୬୬ ॥
ବେଶ୍ୟୋପାଚାରନିପୁଣଃ କାମଶାସ୍ତ୍ରବିଚକ୍ଷଣଃ ।
ନାନାଗତି ପ୍ରଚାରଜ୍ଞଃ ରସଭାବ ବିଶାରଦଃ ॥ ୬୭ ॥
ନାଟ୍ୟ ପ୍ରୟୋଗ କୁଶଳୋ ନାନାଶିଳ୍ପ ସମନ୍ୱିତଃ ।
ପଦଚ୍ଛନ୍ଦୋ ବିଧାନଜ୍ଞଃ ସର୍ବଶାସ୍ତ୍ରବିଚକ୍ଷଣଃ ॥ ୬୮ ॥
ଗ୍ରହନକ୍ଷତ୍ର ତତ୍ତ୍ୱଜ୍ଞଃ ଦେହ ବ୍ୟାପାର ପଣ୍ଡିତଃ ।
ପୃଥିବୀ ଦ୍ୱୀପବର୍ଷାଣାଂ ପର୍ବତାନାଂ ଜନସ୍ୟ ଚ ॥ ୬୯ ॥
ପ୍ରମାଣାଚରିତଜ୍ଞଶ୍ଚ ରାଜବଂଶ ପ୍ରସୂତିବିତ୍ ।
ଶ୍ରୋତା ଶାସ୍ତ୍ରାର୍ଥ କାର୍ଯ୍ୟାଣାଂ ଶ୍ରୁତ୍ୱାଚୈବାବଧାରକଃ ॥ ୭୦ ॥
ଅବଧାର୍ଯ୍ୟ ପ୍ରୟୋକ୍ତା ଚ ଶକ୍ତଶ୍ଚୈବୋପଦେଶନେ ।
ଏବଂ ଗୁଣଃ ଯଥାଚାର୍ଯ୍ୟଃ ସୂତ୍ରଧାରୋବିଧୀୟତେ ॥ ୭୧ ॥
ସ୍ୱାଭାବିକାନ୍ ଗୁଣାଂଶ୍ଚୈବ ଗଦତୋମେ ନିବୋଧତ ।
ସ୍ମୃତିମାନ୍ ମତିମାନ୍ ଧୀରଃ ଉଦାରଃ ସ୍ଥିତବାକ୍ କବିଃ ॥ ୭୨ ॥
ଅରୋଗୋ ମଧୁରଃ କ୍ଷାନ୍ତୋ ଦାନ୍ତଶ୍ଚୈବ ପ୍ରିୟଂବଦଃ ।
ମନ୍ୟୁଦୋଷ ବିନିର୍ମୁକ୍ତଃ ସତ୍ୟବାଗ୍ ଦକ୍ଷିଣଃ ଶୁଚିଃ ॥ ୭୩ ॥

ପୂର୍ଣ୍ଣ । ବିବିଧ କର୍ତ୍ତବ୍ୟରେ ନିଷ୍ଠାବାନ୍ ଖଳମାନଙ୍କ କର୍ମପରିସର ଜ୍ଞାନରେ ଧୁରନ୍ଧର, ନୀତି ଶାସ୍ତ୍ରଜ୍ଞ, ବୈଶିକ କଳା (ବେଶ ରଚନା କଳା) ଓ କାମକଳାରେ ଚତୁର, ଗତି ଓ ପ୍ରଚାର (ଜନସମ୍ପର୍କ) କୁଶଳ, ରସଭାବ-ନାଟ୍ୟ ପ୍ରୟୋଗ ଓ ନାନାଶିଳ୍ପରେ ବିଚକ୍ଷଣ, ପଦ ଛନ୍ଦବିଧାନ ଇତ୍ୟାଦି ସର୍ବଶାସ୍ତ୍ରଜ୍ଞ ହୋଇଥିବେ ।

ଜ୍ୟୋତିଷ ଆୟୁର୍ବେଦ ଭୂଗୋଳ ଖଗୋଳ ରାଜବଂଶ ଇତିହାସ ମଧ୍ୟଜାଣିଥିବେ । ଶାସ୍ତ୍ର ତତ୍ତ୍ୱଶୁଣି ବୁଝି ପ୍ରୟୋଗ ମଧ୍ୟ କରନ୍ତି । ଅନ୍ୟକୁ ଉପଯୁକ୍ତ ଉପଦେଶ ଦିଅନ୍ତି । ବୃହସ୍ପତିଙ୍କ ପରି ଏହିସବୁ ଗୁଣର ଅଧିକାରୀ ସୂତ୍ରଧାର ହେବେ ॥ ୬୬-୭୧ ॥

ଏହାଙ୍କର ସ୍ୱାଭାବିକ ଗୁଣହେଲା - ବୁଦ୍ଧିମାନ, ଯଥାସ୍ଥାନ ସ୍ମରଣଶୀଳ, ଧୀର ଉଦାର, ନିଜ ବଚନରେ ଦୃଢ, କବି, ରୋଗହୀନ, ମଧୁର ବ୍ୟବହାରଯୁକ୍ତ, କ୍ଷମାଶୀଳ, ସଂଯମୀ, ମଧୁରଭାଷୀ, କ୍ରୋଧହୀନ, ନରମ ହୋଇ ଦାନ୍ତ ନିକୁଟାସ୍ୱଭାବ ନଥାଏ । ସତ୍ୟବାଦୀ, ସହାନୁଭୂତିଶୀଳ, ପବିତ୍ର, କ୍ଷମତା ବା ପ୍ରତିପତ୍ତିରେ ଲୋଭ ନଥାଏ, ଏହି ସମସ୍ତ ସୂତ୍ରଧାରଙ୍କର ଜନ୍ମଗତ ସ୍ୱାଭାବିକ ଗୁଣ ॥ ୭୨-୭୩ ॥

Digitized by srujanika@gmail.com

ଅଲୁବ୍ଧଃ ପ୍ରତିପଶୌଚ ସ୍ୱାଭାବିକଗୁଣାସ୍ତ୍ୱମୀ ।
ସୂତ୍ରଧାରଗୁଣୈଶ୍ଚୈବ କିଞ୍ଚିଦୂନୈଃ ସମନ୍ୱିତଃ ।। ୭୪ ।।
ମଧ୍ୟମ ପ୍ରକୃତିଃ ତଜ୍‌ଜ୍ଞୈର୍ବିଜ୍ଞେୟଃ ପାରିପାର୍ଶ୍ୱିକଃ ।
ଉଜ୍ୱଲୋ ରୂପବାଂ ଶ୍ଚୈବ ଦୃଷ୍ଟୋପକରଣ କ୍ରିୟଃ ।। ୭୫ ।।
ମେଧାବୀଚ ବିଧାନଜ୍ଞଃ ସ୍ୱକର୍ମ କୁଶଳୋ ନଟଃ ।
ସୂତ୍ରଧାରଗୁଣୈର୍ଯୁକ୍ତଃ ସର୍ବତ୍ରହି ପ୍ରୟୋଗେ ସଃ ।। ୭୬ ।।
ବେଶ୍ୟୋପଚାରକୁଶଳୋ ମଧୁରୋ ଦକ୍ଷିଣଃ କବିଃ ।
ଶାସ୍ତ୍ରାର୍ଥ ତତ୍ତ୍ୱବେଦୀ ଚ ନିପୁଣୋ ବୈଶିକେଷୁ ଚ ।
ଉହାପୋହ କ୍ଷମୋ ବାଗ୍ମୀ ଚତୁରଶ୍ଚ ବିଟୋଭବେତ୍ ।। ୭୭ ।।
ଉଜ୍ୱଳବସ୍ତ୍ରାଭରଣଃ କ୍ରୁଧ୍ୟତ୍ୟନିମିତ୍ତତଃ ପ୍ରସୀଦତିଚ ।
ଅଧମୋ ମାଗଧୀଭାଷୀ ଭବତି ଶକାରୋ ବହୁବିକାରଃ ।। ୭୮ ।।
ବାମନୋ ଦନ୍ତୁରଃ କୁବ୍ଜୋ ଦ୍ୱିଜିହ୍ୱୋ ବିକୃତାନନଃ ।
ଖଳତିଃ ପିଙ୍ଗଳାକ୍ଷଶ୍ଚ ସ ବିଧେୟୋ ବିଦୂଷକଃ ।। ୭୯ ।।

ସୂତ୍ରଧାର ଗୁଣମାନ ଟିକିଏ ଉଣାହୋଇ ପାରିପାର୍ଶ୍ୱିକଙ୍କଠାରେ ଥାଆନ୍ତି । ସେ ମଧ୍ୟମ ପ୍ରକୃତିର ଅଟନ୍ତି ।। ୭୪ ।।

ନଟ ମାର୍ଜିତ ବେଶବାସ । ଦେଖିବାକୁ ସୁନ୍ଦର । ଯାହା ମିଳିବ ସେ ତହିଁରେ କାର୍ଯ୍ୟ ଆରମ୍ଭ କରନ୍ତି । ବୁଦ୍ଧିମାନ ଓ ବିଧାନଜ୍ଞ ନିଜକର୍ତ୍ତବ୍ୟରେ ଧୁରନ୍ଧର ସେ ଅଟନ୍ତି ।। ୭୫, ୭୬ ।।

ନାଟ୍ୟ ପ୍ରୟୋଗ କ୍ଷେତ୍ରରେ ସୂତ୍ରଧାରର ପ୍ରାୟଗୁଣ ବିଟଠାରେ ଥାଏ । ତେବେ ବେଶ୍ୟାମାନଙ୍କ ସହିତ ଉପଚାର ବିଷୟରେ ସେ ଅଭିଜ୍ଞ । ମଧୁର ବ୍ୟବହାର ସହାନୁଭୂତିଶୀଳ, କବି, ଶାସ୍ତ୍ରର ସାରକଥା ବିଷୟରେ ଧାରଣା ଥାଏ, ବେଶକଳାରେ ଅଭିଜ୍ଞ, ଯୁକ୍ତି ପ୍ରତିଯୁକ୍ତି ବିଷୟରେ ବିଜ୍ଞ, ସୁବକ୍ତା ଓ ଚତୁର । ଏହି ସବୁଗୁଣ ଯୁକ୍ତ ବିଟ ହୋଇଥାଏ ।। ୭୭ ।।

ଶକାର ବେଶ ପରିଷ୍କାର ଓ ଅଳଂକାରେ ଅଳଙ୍କୃତ ହୋଇଥାଆନ୍ତି । ବୃଥାରେ କ୍ରୋଧ ଓ ପ୍ରସନ୍ନତା ପ୍ରକାଶ କରନ୍ତି । ଅଧମ ପ୍ରକୃତିର ଲୋକ ଅମାର୍ଜିତ ଭାଷା (ମାଗଧୀ) ବ୍ୟବହାର କରନ୍ତି । ଏହିପରି ବହୁ ବିକାରଥିବା ଲୋକ ଶକାର ହୁଅନ୍ତି ।। ୭୮ ।।

ବିଦୂଷକ ଖର୍ବ, ଦନ୍ତୁର, କିମ୍ବା କୁବ୍ଜ, ଦୁଇ ପ୍ରକାର କଥା କହନ୍ତି । ମୁହଁ ଅସୁନ୍ଦର, ଟାଙ୍ଗରାମୁଣ୍ଡ ଓ ପିଙ୍ଗଳ ଲୋଚନ ହୋଇଥାଆନ୍ତି ।। ୭୯ ।।

Digitized by srujanika@gmail.com

କଳହ ପ୍ରିୟୋ ବହୁକଥୋ ବିରୂପୋବନ୍ଧୁସେବକଃ ।
ମାନ୍ୟାମାନ୍ୟ ବିଶେଷଜ୍ଞଃ ଚେଟୋହ୍ୟେବଂବିଧଃ ସ୍ମୃତଃ ॥ ୮୦ ॥
କଳାପ୍ରୟୋଗେ ଚାଚାର୍ଯ୍ୟ-ଶୁଶ୍ରୂଷାଭିତରତା ସଦା ।
ଲୀଳୟା ହାବଭାବାଭ୍ୟାଂ ସତ୍ତ୍ୱେନ ବିନୟେନ ଚ ॥ ୮୧ ॥
ମାଧୁର୍ଯ୍ୟେଣ ଚ ସଂଯୁକ୍ତା ଚତୁଃଷଷ୍ଟିକଳାନ୍ୱିତା ।
ରାଜୋପଚାରକୁଶଳା ସ୍ତ୍ରୀଦୋଷୈଶ୍ଚ ବିବର୍ଜ୍ଜିତା ॥ ୮୨ ॥
ପ୍ରିୟଭାଷା ପ୍ରିୟକଥା ସ୍ଫୁଟ ଦକ୍ଷା ଜିତଶ୍ରମା ।
ଏଭିର୍ଗୁଣୈସ୍ତୁ ସଂଯୁକ୍ତା ଗଣିକା ପରିକୀର୍ତ୍ତିତା ॥ ୮୩ ॥
ରୂପଗୁଣ ଶୀଳଯୌବନ ସୁବର୍ଣ୍ଣମାଲ୍ୟାଭରଣୈଃ ସମ୍ପନ୍ନା ।
ବିଶଦା ସ୍ନିଗ୍ଧା ମଧୁରା ପେଶଳବଚନ ଶୁଭରକ୍ତକଣ୍ଠୀ ଚ ॥ ୮୪ ॥
ଯୋଗ୍ୟାୟା ମନ୍ତ୍ରଭିତା ଲୟତାଳଜ୍ଞା ରସୈଶ୍ଚ ସମ୍ପନ୍ନା ।
ସର୍ବାଭରଣ ସଂଯୁକ୍ତା ଗନ୍ଧମାଲ୍ୟୋପଶୋଭିତା ॥ ୮୫ ॥

ଚେଟ କଳହପ୍ରିୟ ଓ ବହୁଭାଷୀ ହୋଇ ଥାଆନ୍ତି । ଅସୁନ୍ଦର ଶରୀର, ବନ୍ଧୁସେବକ ମାନ୍ୟ ଓ ଅମାନ୍ୟ ବ୍ୟକ୍ତି ବିଶେଷ ଉପରେ ଧାରଣା ଥାଏ ॥ ୮୦ ॥

ଗଣିକା - କଳାପ୍ରୟୋଗ ଏବଂ ଆଚାର୍ଯ୍ୟ ଶୁଶ୍ରୁଷା ଉଭୟରେ ଶ୍ରଦ୍ଧାଶୀଳ, ସର୍ବଦା ଲୀଳା, ଖେଳା, ହାବ, ଭାବ, ମାନସିକତା, ବିନୟ ଏବଂ ମାଧୁର୍ଯ୍ୟ ଗୁଣରେ ପରିପୂର୍ଣ୍ଣା, ଚଉଷଠୀଟିଯାକ କଳାରେ ଅଭିଜ୍ଞ ଓ ରୁଚିମତୀ, ରାଜାଙ୍କ ମନୋହରଣ କଳା ପ୍ରବୀଣା, ଅସହିଷ୍ଣୁତା ପରସ୍ତ୍ରୀ କାତରତା ଇତ୍ୟାଦି ସ୍ତ୍ରୀଦୋଷରୁ ସଂପୂର୍ଣ୍ଣ ମୁକ୍ତା, ମଧୁରଭାଷିଣୀ ଏବଂ ମଧୁର ପ୍ରସଙ୍ଗ ଉପସ୍ଥାପନା-ବିଷୟରେ ସୁସ୍ପଷ୍ଟ କଳାବତୀ ଶ୍ରମକୁଣ୍ଠାବିହୀନା ଏହିପରି ଗୁଣଗଣଯୁକ୍ତାକୁ ଗଣିକା କୁହାଯାଏ ॥ ୮୧-୮୩ ॥

ନାୟିକା - ରୂପ, ଗୁଣ ସ୍ୱଭାବ, ଯୌବନ ଏସବୁଥିରେ ପରିପୂର୍ଣ୍ଣା ସୁବର୍ଣ୍ଣର ହାର ପ୍ରଭୃତି ଅଳଙ୍କାର ମଣ୍ଡିତା, ନିଷ୍କପଟ ସ୍ୱଭାବା, ସ୍ନେହଶୀଳା, ମଧୁର ବ୍ୟବହାର ଯୁକ୍ତା, ଓଜନଦାର ବାର୍ତ୍ତାଳାପବତୀ, ମଧୁର ଏବଂ ସ୍ନେହଶୀଳ କଣ୍ଠସ୍ୱର, କୌଣସି ଅଧିକ ପ୍ରତିଭାବତୀ ସ୍ତ୍ରୀଲୋକ ପ୍ରତି ଅସହିଷ୍ଣୁତା ପ୍ରକାଶ ନକରି ତାର ଗୁଣ ଗ୍ରହଣ କରିବା, ଲୟ ତାଳ ଓ ରସ ଶାସ୍ତ୍ରରେ ପଣ୍ଡିତା, ସର୍ବବିଧ ଆଭରଣ ପୁଷ୍ପମାଳା ଚନ୍ଦନ ଓ ଅନ୍ୟାନ୍ୟ ଅନୁଲେପନଯୁକ୍ତା ଏହିପରି ଗୁଣରେ ପରିପୂର୍ଣ୍ଣା ନାୟିକା ହେବେ ॥ ୮୪, ୮୫ ॥

Digitized by srujanika@gmail.com

ଏବଂବିଧଗୁଣୈର୍ଯୁକ୍ତା କର୍ତ୍ତବ୍ୟା ନାୟିକା ତଜ୍‌ଜ୍ଞୈଃ ।
ଅସ୍ଥାନହାସିନୀ ରୁକ୍ଷା ଆବିଦ୍ଧଗତିଚେଷ୍ଟିତା ॥ ୮୬ ॥
ଦୀର୍ଘରୋଷା ଚ ଦୀନା ଚ ଉଦ୍‌ଭଟା ଚୋଦ୍ଧତା ସଦା ।
ଏବଂ ବିଧା ତ୍ୱକର୍ତ୍ତବ୍ୟା ପ୍ରେକ୍ଷାୟାଂ ପ୍ରକୃତିର୍ବୁଧୈଃ ॥ ୮୭ ॥
ଏବମେତାଃ ପ୍ରକୃତୟୋ ଜ୍ଞେୟା ନାଟ୍ୟପ୍ରୟୋକ୍ତୃଭିଃ ।
ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଭରତାନାଂ ବିକଳ୍ପନମ୍ ॥ ୮୮ ॥
ଭରତାଶ୍ରୟୋଭରତୋ ବିଦୂଷକ ସ୍ତୌରିପୋନଟଃ ।
ସୂତ୍ରଧରୋ ନାଟ୍ୟକାରଃ ତଥା ମୁକୁଟକାରକଃ ॥ ୮୯ ॥
ତଥାଭରଣକୃଦ୍‌ଚୈବ ମାଲାକାର ସ୍ତଥୈବଚ ।
ରଜକଶ୍ଚିତ୍ରକାରଶ୍ଚ କାରବଃ ଶିଚ୍ଛିନସ୍ତଥା ।
କୁଶୀଲବାଶ୍ଚ ବିଜ୍ଞେୟା ଯେଚାନ୍ୟେ ନାମତୋଦ୍ୱିଜାଃ ॥ ୯୦ ॥
ଧୂର୍ଯ୍ୟବଦେକୋ ଯସ୍ମାଦ୍ ଉଦ୍ଧରେଦନେକ ଭୂମିକାଯୁକ୍ତଃ ।
ଭାଣ୍ଡଗ୍ରହୋପକରଣୈର୍ନାଟ୍ୟଂ ଭରତୋ ଭବେଦ୍ ତସ୍ମାତ୍ ॥ ୯୧ ॥

ଅସ୍ଥାନରେ ହସିବା, ରୁକ୍ଷସ୍ୱଭାବା, ଛଟକ ଚାଲି, ଚଞ୍ଚଳ ଚେଷ୍ଟା, କ୍ରୋଧକୁ ବହୁସମୟ ବା ବହୁ ଦିନ ଧରି ମନେ ରଖିବା, ଅସମୟ ହେଲେ ବିକଳ ହୋଇ ପଡ଼ିବା, ଦେଖାଇହେବା ଓ ଉଦ୍ଧତ ବ୍ୟବହାରଶୀଳା, ରଙ୍ଗମଞ୍ଚକୁ ଏଭଳି ନାୟିକା ନେବ ନାହିଁ ॥ ୮୬-୮୭ ॥

ନାଟ୍ୟ ପ୍ରୟୋଜକମାନେ ଏହିପରି ଏହି ନାୟିକା ଓ ଚରିତ୍ରମାନ ବିଚାର କରିବେ । ଏହାପରେ ନାଟଦେଳର ଅନ୍ୟାନ୍ୟମାନଙ୍କ ବିଷୟରେ ବିଚାର କହିବି ॥ ୮୮ ॥

ପ୍ରଥମେ ଭରତଙ୍କ କଳାର ପ୍ରକୃତ ଉପଜୀବ୍ୟ ଭରତ ଅର୍ଥାତ୍ ରଙ୍ଗମଞ୍ଚକୁ ଯାଉଥିବା ଅସଲ ନଟଗଣ, ବିଦୂଷକ, ତୌରିପ (ବାଦ୍ୟବାଦକଗଣ ଓ ଗାୟକ) ନଟ, ସୂତ୍ରଧାର, ନାଟ୍ୟକାରକ, ମୁକୁଟକାରକ, ଆଭରଣକାରକ, ମାଳାକାର, ରଜକ, ଚିତ୍ରକାର, କାରୁଶିଳ୍ପୀ, କୁଶୀଳବଗଣ, (ପ୍ରାରମ୍ଭିକ ମଙ୍ଗଳାଚରଣ ନୃତ୍ୟକାରୀଦଳ) ଏବଂ ନିଜ ନିଜ କାମ ଅନୁଯାୟୀ ପରିଚିତ ବ୍ୟକ୍ତିଗଣ । (ଯଥା ଯବନିକା ଦଉଡ଼ି ଟଣାଳୀ, ମୁର୍ଦ୍ଧାର ବୁହାଳୀ ପ୍ରଭୃତି ମଞ୍ଚସଜାଡ଼ିବା ଯୋଗାଡ଼ିଆଦଳ) ॥ ୮୯, ୯୦ ॥

ଭରତ- ଜଣେ କରିତକର୍ମା ହିସାବରେ ଏକୁଟିଆ ଦରକାରବେଳେ ଦୃଶ୍ୟ ଦୃଶାନ୍ତରରେ ବେଶ ବଦଳାଇ ଚାକରଠାରୁ ରାଜାଯାକେ ଅଭିନୟ କରିପାରନ୍ତି ଏବଂ ମଝିରେ ଅନୁବିଧାରେ (ଅନ୍ୟଦିନ) ଯେକୌଣସି ବାଦ୍ୟରେ ମଧ୍ୟ ହାତଦେଇ କାମ ଚଳାନ୍ତି । ଏହିପରି ନାଟଦେଳକୁ ଯେ ଭରଣ (ପୋଷଣ) କରନ୍ତି ତାଙ୍କୁ ଭରତ କୁହାଯାଏ ॥ ୯୧ ॥

Digitized by srujanika@gmail.com

ଲୋକାହ୍ଲାଦାଶ୍ରୟକୃତଂ ସର୍ବପ୍ରକୃତିବଦ୍ଧୃପଚାର ସଂଯୁକ୍ତମ୍ ।
ନାନାଶ୍ରୟଂ ପ୍ରକୁରୁତେ ତଥା ଚ ନାର୍ଯ୍ୟାଶ୍ରୟଂ ବାପି ।। ୯୨ ।।
ପ୍ରତ୍ୟୁତ୍ପନ୍ନ ପ୍ରତିଭଃ ନର୍ମକୃତୈଃ ନର୍ମଗର୍ଭନିର୍ଭେଦୈଶ୍ଚ ।
ଛେକୋ ବିଦୂଷିତବଚନଃ ବିଦୂଷକୋ ନାମ ବିଜ୍ଞେୟଃ ।। ୯୩ ।।
ତୂରପତିଃ ତୂର୍ଯ୍ୟମତିଃ ସର୍ବାତୋଦ୍ୟ ପ୍ରବାଦନେ କୁଶଳଃ ।
ତୂର୍ଯ୍ୟ ପରିଗ୍ରହ ଯୁକ୍ତୋ ବିଜ୍ଞେୟଃ ତୌରିପୋ ନାମ ।। ୯୪ ।।
ନଟୟତି ଧାତ୍ୱର୍ଥୋଽୟଂ ଭୂୟୋ ନଟୟତି ଚ ଲୋକବୃତ୍ତାନ୍ତମ୍ ।
ରସ ଭାବ ସତ୍ତ୍ୱଯୁକ୍ତଂ ଯସ୍ମାଦ୍ ତସ୍ମାନ୍ନଟୋ ଭବତି ।। ୯୫ ।।
ଆଶୀର୍ବାଦଯୁକ୍ତୈଃ ମଧୁରୈଃ ବାକ୍ୟୈଶ୍ଚ ସମଙ୍ଗଳାଚାରୈଃ ।
ସର୍ବଂ ସ୍ତୌତି ହି ଲୋକଂ ଯସ୍ମାଦ୍ ତସ୍ମାଦ୍ ଭବେନ୍ନାନ୍ଦୀ ।। ୯୬ ।।

ବିଦୂଷକ - ଦର୍ଶକମାନଙ୍କୁ ହାଲୁକା ଆନନ୍ଦ କିପରି ମିଳିବ ଓ ମନୁଷ୍ୟ ସଂସାରରେ କଣା ଛୋଟା ଭିକାରୀଠାରୁ ରାଜାଦେବତା ପର୍ଯ୍ୟନ୍ତ ସମସ୍ତଙ୍କ ଭୂମିକାକୁ ବିକୃତ ବା ଅନୁକୃତ କରି ଅଭିନୟ କରିବା ଉପରେ ଯେ ମନୋନିବେଶ କରନ୍ତି । ଏଥିପାଇଁ ଯେକୌଣସି ଉପଚାର ମଧ୍ୟ ଗ୍ରହଣ କରନ୍ତି । ଦରକାର ସ୍ଥଳରେ ନାଚନ୍ତି ମଧ୍ୟ । ପ୍ରତ୍ୟୁତ୍ପନ୍ନ- ପ୍ରତିଭାବନ୍, ନିଜେ ପରିହାସ କରିବା ଓ ଅନ୍ୟର ପରିହାସ କୁଟିଳ ବାକ୍ୟ ଭେଦନ ବିଷୟରେ ଚତୁର, କଥାବାର୍ତ୍ତାର ଶୈଳୀ କଦାବିତ୍ ମର୍ଯ୍ୟାଦା ଲଂଘନ ମଧ୍ୟକରେ ଏହିବ୍ୟକ୍ତି ବିଦୂଷକ ।। ୯୨, ୯୩ ।।

ତୂର୍ଯ୍ୟ (ତୁରୀ) ବାଦରେ ଦକ୍ଷ, ଏହି ବିଷୟରେ ପୂର୍ଣ୍ଣ ବୁଦ୍ଧି ଉପଯୋଗ କରନ୍ତି । ସବୁ ପ୍ରକାର ବାଦ୍ୟ ବଜାଇ ଜାଣନ୍ତି, କିନ୍ତୁ ତୁରୀ ବଜାଇ ସବୁ ବାଦ୍ୟମାନଙ୍କ ବାଦନକୁ ସଂଯତ କରି ବାଟ ଦେଖାନ୍ତି ବୋଲି ତାହାଙ୍କୁ ତୌରିପ କୁହାଯାଏ ।। ୯୪ ।।

ନଟ - ନଟତି ଧାତୁର ଅର୍ଥହେଲା - ନଚାଇବା, ପୁଣି ଲୋକବୃତ୍ତାନ୍ତ ଅର୍ଥାତ୍ ସାମାଜିକ ସ୍ଥିତିକୁ ମଧ୍ୟ ଏହି ନୃତ୍ୟମାଧ୍ୟମରେ ଅଭିନୟ ମାଧ୍ୟମରେ ରସାଣିତ ଓ ଭାବାନ୍ୱିତ କରି ପରିବେଷଣ କରନ୍ତି, ଫଳରେ ସମାଜରେ ସାମାଜିକ ଚେତନାର ପରିମାର୍ଜନା ହୁଏ ତେଣୁ ଏହିକାର୍ଯ୍ୟର କର୍ତ୍ତାକୁ ନଟ ବୋଲି କୁହାଯାଏ ।। ୯୫ ।।

ନାନ୍ଦୀ - ଆଶୀର୍ବାଦଯୁକ୍ତ ମଧୁରବାକ୍ୟ ଓ ପୁଷ୍ପବିକୀରଣ ପ୍ରଭୃତି ମଙ୍ଗଳ ଆଚାର ଦ୍ୱାରା ସବୁଦେବତା ଓ ଗୁରୁଜନମାନଙ୍କୁ ସ୍ତୁତିକରି ଆନନ୍ଦ ଦେଇ ଥାଆନ୍ତି ବୋଲି ତାଙ୍କର ନାମ ନାନ୍ଦୀ ହୋଇଅଛି ।। ୯୬ ।।

Digitized by srujanika@gmail.com

ନନ୍ଦୟନ୍ ଯୋ ବହୁଧାସ୍ମିନ୍ ନୃଣାଂ ବଦତି ଯତୋ ନାଟ୍ୟ ପ୍ରୟୋଗେତୁ ।
ପ୍ରାକୃତ ସଂସ୍କୃତ ପାଠୈଃ ନାନ୍ଦୀ ନାମୈଷ ବିଜ୍ଞେୟଃ ।। ୯୭ ।।
ଗାନସ୍ୟ ଚ ବାଦ୍ୟସ୍ୟ ପାଠ୍ୟସ୍ୟାପ୍ୟେକଭାବ ବିହିତସ୍ୟ ।
ଶିକ୍ଷୋପଦେଶଯୋଗାଦ୍ ସୂତ୍ରଜ୍ଞଃ ସୂତ୍ରଧାରସ୍ତୁ ।। ୯୮ ।।
ଯସ୍ମାଦ୍ ଯଥୋପଦିଷ୍ଟାନ୍ ରସାନ୍ ସଭାବାନ୍ ଯଃ ସତ୍ତ୍ୱସଂଯୁକ୍ତାନ୍ ।
ଭୂମି ବିକଳ୍ପାନ୍ ନୟତି ଚ ନାଟ୍ୟକାରସଂଜ୍ଞିତଃ ତସ୍ମାଦ୍ ।। ୯୯ ।।
ଚତୁରାତୋଦ୍ୟବିଧାନଂ ପ୍ରୟୋଗଃ ଶାସ୍ତ୍ରାର୍ଥ ହେତୁ ବିର୍ହିତସ୍ୟ ।
ନାଟ୍ୟସ୍ୟ ଚ ପ୍ରୟୋକ୍ତା ଯଃ ସ ନଟୋନାମ ବିଜ୍ଞେୟଃ ।। ୧୦୦ ।।
ଭାଣ୍ଡକବାଦ୍ୟଜ୍ଞା ଯା ଲୟତାଳଜ୍ଞା ରସାନୁବିଦ୍ଧା ଚ ।
ସର୍ବାଙ୍ଗ ସୁନ୍ଦରୀ ଚୈବ କର୍ତ୍ତବ୍ୟା ନାଟକୀୟା ସା ତୁ ।। ୧୦୧ ।।
ନାନା ପ୍ରକୃତି ସମୁତ୍ଥଂ କରୋତି ଯଃ ଶୀର୍ଷକଂ ମୁକୁଟ ଯୋଗେ ।
ବିବିଧୈଃ ବେଶ ବିଶେଷୈଃ ସ ମୁକୁଟକାରସ୍ତୁ ବିଜ୍ଞେୟଃ ।। ୧୦୨ ।।

ଏହି ନାଟ୍ୟ ପ୍ରୟୋଗ ମଧ୍ୟରେ ବହୁ ପ୍ରକାର ଆନନ୍ଦଦେଇ ପ୍ରାକୃତ ଓ ସଂସ୍କୃତ ବଚନିକା ଓ ଗୀତମାନ ବୋଲି ସଭ୍ୟମାନଙ୍କୁ ସନ୍ତୋଷ ପ୍ରଦାନ କରିଥାଏ ତେଣୁ ତାକୁ ନାନ୍ଦୀ ବୋଲି ଜାଣିବ ।। ୯୭ ।।

ସୂତ୍ରଧାର - ଗାନ ବାଦ୍ୟ ଓ ବଚନିକା ପ୍ରୟୋଗ କ୍ଷେତ୍ରରେ ଏକାକାର ହୋଇ ଉଠୁଥିବା ବେଳେ ଶିକ୍ଷ ଉପଦେଶ ଦେଇ ଏହାକୁ ରୁଚିମନ୍ତ କରିବା ସୂତ୍ର ଜାଣନ୍ତି କେବଳ ସୂତ୍ରଧାର ।। ୯୮ ।।

ନାଟ୍ୟକାର:- ଯେପରି ଯାହା ବତାଇ ଦିଆଯାଇଛି, ସେହି ସମସ୍ତଙ୍କୁ ରସ ଭାବରେ ରସାୟିତକରି ନିଜର ମନର ଶ୍ରଦ୍ଧା ସହିତ ସେହି ଭୂମିକାରେ ନିଜକୁ ହଜାଇ ଦର୍ଶକମନରେ ଯେଣୁ ପହଞ୍ଚାଇଥାଏ ତେଣୁ ସେ ନାଟ୍ୟକାର ।। ୯୯ ।।

ନଟ - ତତ, ଆନଦ୍ଧ, ସୁଷିର ଓ ଘନ ଏହି ଚତୁରାତୋଦ୍ୟ ବିଧାନ, ଶାସ୍ତ୍ରାର୍ଥ ହେତୁ ବିଧାନର ପ୍ରୟୋଗ ଏବଂ ନାଟ୍ୟର ପ୍ରୟୋଗ ଏସବୁଥିର ଏକମାତ୍ର ମୂଳ ଆଶ୍ରୟକୁ ନାଟ୍ୟକାର ବୋଲି ଜାଣିବ । ଏହାକୁ ନଟ ବୋଲି ମଧ୍ୟ କୁହନ୍ତି ।। ୧୦୦ ।।

ନଟୀ - ତବଲାର ତାଳେ ତାଳେ ପାଦପକାଇ ରସକୁ ଲୟତାଳ ସରଣୀରେ ନେଇ ନିଜର ସୁନ୍ଦରତନୁବଲ୍ଲରୀ ମାଧ୍ୟମରେ ସୂଭ୍ୟକୁ ପରଶୁଥିବା ବ୍ୟକ୍ତିଟି ନାଟକୀୟା ବା ନଟୀ । ଏଣୁ ତାହାର ଯୋଜନା ଠିକ୍ ଏହିପରି କରିବ ।। ୧୦୧ ।।

ମସ୍ତକର ମୁକୁଟ ଶୋଭାକୁ (ଦେବ ରାକ୍ଷସ ରାଜା ମନ୍ତ୍ରୀ) ନାନା ପ୍ରକୃତିକୁ ଚାହିଁ ମୁକୁଟ ନିର୍ମାଣ କରି ଯେ ବର୍ଦ୍ଧିତ କରିଥାନ୍ତି ସେ ମୁକୁଟକାର ଅଟନ୍ତି ।। ୧୦୨ ।।

Digitized by srujanika@gmail.com

ଯସ୍ତ୍ୱାଭରଣଂ କୁର୍ଯ୍ୟାଦ୍ ବହୁବିହିତଂ ସ ଚାଭରଣକୃଦ୍ ସ୍ୟାଦ୍ ।
ଯଶ୍ଚୋପକରଣଯୋଗଃ ସ ତେନ ନାମ୍ନା ସମଭିଭାଷ୍ୟଃ ।। ୧୦୩ ।।
ଯୋ ବୈ ମାଲ୍ୟଂ କୁରୁତେ ପଞ୍ଚବିଧଂ ମାଲ୍ୟକୃଦ୍ ସବିଜ୍ଞେୟଃ ।
ଯଶ୍ଚାପି ବେଶଯୋଗଂ ଚ ବେଶକାରସ୍ତୁ ବିଜ୍ଞେୟଃ ।। ୧୦୪ ।।
ଚିତ୍ରଜ୍ଞଶ୍ଚିତ୍ରକରୋ ବସ୍ତ୍ରସ୍ୟଚ ରଞ୍ଜନାଦ୍ ଭବେଦ୍ ରଜକଃ ।
ଜତ୍ୱଶ୍ମ ଲୋହକାଷ୍ଠୈ ର୍ଦ୍ରବ୍ୟକାରଃ କାରୁକଶ୍ଚୈବ ।। ୧୦୫ ।।
ନାନାତୋଦ୍ୟ ବିଧାନେ ପ୍ରୟୋଗଯୁକ୍ତଃ ପ୍ରବାଦନେ କୁଶଳଃ ।
କୁଶଳାବଦାତାବ୍ୟଥିତୋ ଯସ୍ମାଦ୍ ତସ୍ମାଦ୍ କୁଶୀଳବଃ ସ୍ୟାଦ୍ ।। ୧୦୬ ।।
ଯଦ୍‌ଯଦ୍ ସମାଶ୍ରୟତେ ଶିଳ୍ପଂ ବା ପ୍ରୟୋଗଂ ବା କର୍ମବା ।
ତଦ୍ ତେନୈବୋପଗତଗୁଣଃ ବିଜ୍ଞେୟୋ ନାମତଃ ପୁରୁଷଃ ।। ୧୦୭ ।।
ଏବଂ ତୁ ନାଟକ ବିଧୌ ଜାତିଃ ଟସଂଜ୍ଞିତା ବୁଧୈଃ ଜ୍ଞେୟା ।
ନାନୋପକରଣ ସଂଯୁକ୍ତା ନାଟକ ବିକଳ୍ପ ପ୍ରୟୋଗେ ଚ ।। ୧୦୮ ।।

ଯେ ପାତ୍ରକୁ ଚାହିଁ ତାର ଆଭରଣ ରଚନା ଏବଂ ସଂଯୋଗ କରିଥାଏ ତାକୁ ଆଭରଣକାରୀ କୁହାଯାଏ । ଯେଉଁ ଉପକରଣ ଯେ କରନ୍ତି ତାକୁ ସେହି ଉପକରଣକାରୀ ନାମରେ ଚିହ୍ନିବ ଓ ଡାକିବ ।। ୧୦୩ ।।

ଯେ ଆଜାନୁ ଲମ୍ବିତଠାରୁ କଣ୍ଠମାଳା ପର୍ଯ୍ୟନ୍ତ ଏବଂ ଗୁଚ୍ଛମାଳାଠାରୁ ଏକାବଳୀ ପର୍ଯ୍ୟନ୍ତ ପାଞ୍ଚ ପ୍ରକାର ମାଳା ଆବଶ୍ୟକତାନୁଯାୟୀ ପାତ୍ର ବିବେଚନା କରି ନିର୍ମାଣ କରନ୍ତି ସେ ମାଳାକାର ବେଶ ପରିପାଟୀ ଯେ ସଜାଡ଼ନ୍ତି ସେ ବେଶକାର ।। ଆବଶ୍ୟକ ପଟଚିତ୍ର କରୁଥିବା ଲୋକ ଚିତ୍ରକର । ବିଧାନ ଅନୁଯାୟୀ ଲୁଗାକୁ ରଙ୍ଗ କରୁଥିବା ଲୋକକୁ ରଜକ କୁହାଯାଏ । ଜଉ, ପଥର, ଲୁହା କାଠକୁ ନେଇ ଆବଶ୍ୟକ ଉପକରଣ କରୁଥିବା ଲୋକ ଦ୍ରବ୍ୟକାର ତହିଁରୁ ମୁଖା ପ୍ରଭୃତି ସ୍ୱତନ୍ତ୍ର କାରୁକାର୍ଯ୍ୟ କରୁଥିବା ଲୋକ କାରୁ ଅଟନ୍ତି ।। ୧୦୪, ୧୦୫ ।।

କୁଶୀଲବ ଦକ୍ଷ, ମାର୍ଜିତ ଏବଂ କ୍ଷୋଭ (ଅସନ୍ତୋଷ) ରହିତ ହୋଇଥାଆନ୍ତି । ତତ ଆନଦ୍ଧ ପ୍ରଭୃତି ଆତୋଦ୍ୟବାଦନ ଓ ପ୍ରୟୋଗ ବିଷୟରେ ପ୍ରବୀଣ ଅଟନ୍ତି । କୁଶଳର ମୂଳ ବୋଲି ତାହାକୁ କୁଶୀଳବ କୁହାଯାଏ ।। ୧୦୬ ।।

ଯେଉଁ ଶିଳ୍ପ, ଅଥବା ପ୍ରାୟୋଗକୁ କିମ୍ବା କର୍ମକୁ ଲୋକଟି ଆଦରିଥିବ ସେ ସେହି ବିଷୟରେ ପ୍ରବୀଣ ହେବା ଉଚିତ । ତାହାକୁ ନିଜ କର୍ମଗତ ନାମରେ ଜାଣିବ ।। ୧୦୭ ।।

ନାଟକବିଧାନର ଏହି ଗୋଷ୍ଠୀ ବା ଜାତିକୁ ଲୋକେ ନଟନାମରେ ଜାଣିବେ । ଏମାନେ ନିଜେ ନିଜ ଉପକରଣ ସଂଗ୍ରହ କରି ଏହାକୁ ନିଜେ ନିଜଦାୟିତ୍ୱରେ ଧରି ନାଟକ ପ୍ରୟୋଗ ପାଇଁ ପ୍ରସ୍ତୁତ ଥାଆନ୍ତି ବା ରହିବେ ।। ୧୦୮ ।।

Digitized by srujanika@gmail.com

ଉକ୍ତୋଽତ୍ର ଭୂମିକାନ୍ୟାସଃ ପ୍ରୟୋକ୍ତାରଣ୍ଟ ଯୋଗତଃ ।
ଆଦିଷ୍ଟଂ ନାଟ୍ୟଶାସ୍ତ୍ରଂ ଚ ମୁନୟଃ କିମିହୋଚ୍ୟତାମ୍ ॥ ୧୦୯ ॥
ଇତି ଭରତନାଟ୍ୟ ଶାସ୍ତ୍ରେ ଭୂମିକା ବିଭାଗୋ ନାମ ପଞ୍ଚତ୍ରିଂଶଃ ଅଧ୍ୟାୟଃ ।

ଭୂମିକାନ୍ୟାସ (ନାଟ୍ୟଦଳର ପରିଚୟ ଓ ସଂଗଠନ) ଓ ପ୍ରୟୋଜକମାନଙ୍କ ପରିଚୟ ଓ ପରସ୍ପର ସମନ୍ୱୟ ବିଷୟ କହିଗଲି, ଏ ବିଷୟର ଶାସ୍ତ୍ର ପ୍ରମାଣମାନ ମଧ୍ୟ କହିଛି । ହେ ମୁନିଗଣ, ଏବେ ଏ ବିଷୟରେ କ'ଣ କହିବାର ଅଛି କୁହନ୍ତୁ ॥ ୧୦୯ ॥

ଭାରତନାଟ୍ୟ ଶାସ୍ତ୍ରରେ ଭୂମିକାନ୍ୟାସ ନାମକ ଏହି ପଞ୍ଚତ୍ରିଂଶ ଅଧ୍ୟାୟ ସମାପ୍ତ ହେଲା ।

❑❑❑

Digitized by srujanika@gmail.com

ଷଟ୍‌ତ୍ରିଂଶଃ ଅଧ୍ୟାୟଃ

ନାଟ୍ୟାବତରଣମ୍

ଆତ୍ରେୟୋଽଥ ବଶିଷ୍ଠଶ୍ଚ ପୁଲସ୍ତ୍ୟଃ ପୁଲହଃ କ୍ରତୁଃ ।
ଅଙ୍ଗିରା ଗୌତମୋଽଗସ୍ତ୍ୟୋ ମନୁ ରାୟୁଃ ତଥାତ୍ମବାନ୍ ॥ ୧ ॥
ବିଶ୍ୱାମିତ୍ରଃ ସ୍ଥୂଳଶିରାଃ ସଂବର୍ତ୍ତଃ ପ୍ରତିମର୍ଦନଃ ।
ଉଶନା ବୃହସ୍ପତିର୍ବତ୍ସଃ ଚ୍ୟବନଃ କାଶ୍ୟପୋଧ୍ରୁବଃ ॥ ୨ ॥
ଦୁର୍ବାସା ଜମଦଗ୍ନିଶ୍ଚ ମାର୍କଣ୍ଡେୟୋଽଥ ଗାଲବଃ ।
ଭରଦ୍ୱାଜୋଽଥ ରୈଭ୍ୟଶ୍ଚ ବାଲ୍ମୀକି ର୍ଭଗବାଂସ୍ତଥା ॥ ୩ ॥
ସ୍ଥୂଳାକ୍ଷଃ ଶଙ୍କୁଳାକ୍ଷଶ୍ଚ କଣ୍ୱୋମେଧାତିଥିଃ କୁଶଃ ।
ନାରଦଃ ପର୍ବତଶ୍ଚୈବ ସୁଶର୍ମା ଚୈକଧନ୍ୱିନୌ ॥ ୪ ॥
ନିଷ୍ଟ୍ୟୁତି ର୍ଭବନୋ ଧୌମ୍ୟଃ ଶତାନନ୍ଦଃ କୃତବ୍ରଣଃ ।
ଜାମଦଗ୍ନ୍ୟଃ ତଥାରାମୋ ଜମଦଗ୍ନିଶ୍ଚ ବାମନଃ ॥ ୫ ॥
ଏବଂ ତେ ମୁନୟଃ ପ୍ରୀତାଃ ସର୍ବଜ୍ଞଂ ଭରତଂ ତଦା ।
ପୁନରୂଚୁରିଦଂବାକ୍ୟଂ କୁତୂହଳ ପୁରୋଗମମ୍ ॥ ୬ ॥
ଯଃ ତ୍ୱୟା ଗଦିତୋ ହ୍ୟେଷ ନାଟ୍ୟବେଦଃ ପୁରାତନଃ ।
ଏକଚିତ୍ତୈଃ ସତାସ୍ମାଭିଃ ସମ୍ୟକ୍ ସମୁପଧାରିତଃ ॥ ୭ ॥

ଆତ୍ରେୟ ପ୍ରଭୃତି ମୁନିମାନେ ଖୁସିହୋଇ ଅଧିକ ଶୁଣିବାପରେ ପୁଣି ଏହି କଥା ସର୍ବଜ୍ଞ ଭରତଙ୍କୁ କହିଲେ ॥ ୧ ॥

ହେ ମୁନିବର, ତୁମେ ଏହି ପୁରାତନ ନାଟ୍ୟବେଦ ବିଷୟରେ ଯାହାସବୁ କହିଗଲ ଆମ୍ଭେମାନେ ତନ୍ମୟ ଭାବରେ ସବୁ ଶୁଣିଲୁ ବୁଝିଲୁ ଓ ମନେ ରଖିଲୁ । କିନ୍ତୁ ହେ ଭଗବନ୍, ଆମର ଏ ବିଷୟରେ ଟିକିଏ ସଂଶୟ ଅଛି । ତାକୁ ଆପଣ ଦୂର କରିବେ । କାରଣ ଏହି ନାଟ୍ୟବେଦର ଗୂଢ଼ତତ୍ତ୍ୱ ଆଉ ଆପଣଙ୍କ ବ୍ୟତୀତ ଜାଣିଛି କିଏ ? ॥ ୭, ୮ ॥

Digitized by srujanika@gmail.com

ଭଗବନ୍ ସଂଶୟୋଽସ୍ମାକଂ ତନ୍ନୋ ବ୍ୟାଖ୍ୟାତୁମର୍ହସି ।
କୋହ୍ୟନ୍ୟୋ ନାଟ୍ୟବେଦସ୍ୟ ନିଶ୍ଚୟଂ ବେତ୍ତିତତ୍ତ୍ୱତଃ ॥ ୮ ॥
ନ ବୟଂ ପରିଭାବେନ ନ ବିରୋଧେନ ନେର୍ଷ୍ୟାୟା ।
ପୃଚ୍ଛାମୋ ଭଗବନ୍ ନାଟ୍ୟ ମୁପଦେଶାର୍ଥମେବ ତୁ ॥ ୯ ॥
ଅସ୍ମାଭିଶ୍ଚ ତଦା ନୋକ୍ତଂ ବ୍ୟାଚ୍ଛେଦୋ ନ ଭବେ ଦିତି ।
ତଦ୍ ସର୍ବଂ ନିଖିଳେନେଦଂ ନାଟ୍ୟଂ ଗୁହ୍ୟଂ ନିଦର୍ଶୟ ॥ ୧୦ ॥
ଲୋକସ୍ୟ ଚରିତଂ ନାଟ୍ୟମ୍ ଇତ୍ୟବୋଚଃ ଯଦୀଦୃଶମ୍ ।
ତେଷାଂ ନୋ ଲୋକ ଗୁହ୍ୟାନାଂ ନିଶ୍ଚୟଂ ବକ୍ତୁମର୍ହସି ॥ ୧୧ ॥
ଦେବସ୍ୟ କସ୍ୟ ଚରିତଂ ପୂର୍ବରଙ୍ଗେ ଦ୍ୱିଜର୍ଷଭ ।
କିମର୍ଥଂ ଯୁଜ୍ୟତେ ଘୋଷପ୍ରଯୁକ୍ତଃ କିଂକରୋତି ଚ ॥ ୧୨ ॥
ପ୍ରୀତଂ କିଂ ଦୈବତଂ ତତ୍ର ପ୍ରୀତଂ କିଂ ବା କରୋତି ଚ ।
କସ୍ମାଦେବ ପୁନଃ ଶୌଚଂ ଶୁଚିଶ୍ଚରତି ସୂତ୍ର ଧୃକ୍ ॥ ୧୩ ॥
କଥମୁର୍ବୀ ତଳେ ନାଟ୍ୟଂ ସ୍ୱର୍ଗାନ୍ନିପତିତଂ ବିଭୋ !
କଥଂ ତବାୟଂ ବଂଶଶ୍ଚ ନଟସଂଜ୍ଞଃ ପ୍ରତିଷ୍ଠିତଃ ।
ସର୍ବମେତଦ୍ ଯଥାତତ୍ତ୍ୱଂ କଥୟସ୍ୱ ମହାମୁନେ ॥ ୧୪ ॥

ଆମେ ଆପଣଙ୍କୁ ନିନ୍ଦାକରି, ବିରୋଧକରି, କିମ୍ବା ଈର୍ଷାରେ ପଚାରୁନାହୁଁ । କେବଳ ବୁଝିବା ଆଶାରେ ପଚାରୁଛୁ ॥ ୯ ॥

ମଝିରେ ବ୍ୟାଘାତ ନ ହେଉ ବୋଲି ସେତେବେଳେ ଆମେମାନେ ପଚାରିଲୁ ନାହିଁ । ଏଣୁ ଏବେ ସେହି ସବୁ ନାଟ୍ୟର ଗୁପ୍ତତତ୍ତ୍ୱମାନ ଆମକୁ କୁହନ୍ତୁ ॥ ୧୦ ॥

ଲୋକଚରିତ ହିଁ ନାଟ୍ୟ ଏହି କଥା ତ କହିଲେ । ଯଦି ଏହା ହିଁ ହୁଏ ତେବେ ଲୋକମାନେ ଜାଣି ନଥିବା କେତେକ ତତ୍ତ୍ୱ ଆମକୁ କୁହନ୍ତୁ ॥ ୧୧ ॥

ହେ ମୁନିବର, ପୂର୍ବ ରଙ୍ଗରେ କେଉଁ ଦେବତାଙ୍କ ଚରିତ୍ର କୀର୍ତ୍ତନ ବା ଉପାସନା କିପରି ହୁଏ ? କାହିଁକି ଘୋଷବାଦୀ (ବାଦିତ୍ରାତୋଦ୍ୟ) ପ୍ରଯୁକ୍ତ ହୁଏ ଓ ଏହା କ'ଣ କରେ । ଏଥିରେ କେଉଁ ଦେବତା ସନ୍ତୋଷ ଲାଭ କରନ୍ତି ଓ ସେ ମଧ କ'ଣ କରନ୍ତି ସନ୍ତୁଷ୍ଟ ହୋଇ ? ସୂତ୍ରଧାର ପବିତ୍ର ହୋଇ ମଧ୍ୟ ପୁଣି ଥରେ କାହିଁକି ଶୌଚ ହୁଅନ୍ତି ? ସ୍ୱର୍ଗରୁ ନାଟ୍ୟ ପୃଥିବୀକୁ କିପରି ଆସିଲା ? କାହିଁକି ଆପଣଙ୍କର ଏହି ବଂଶ ନଟନାମରେ ପରିଚିତ ହେଲା ? ହେ ମହାମୁନି ଏହି ସମସ୍ତ ଗୂଢ଼ତତ୍ତ୍ୱ ଆମ୍ଭମାନଙ୍କୁ ଦୟାକରି କୁହନ୍ତୁ ॥ ୧୨-୧୪ ॥

Digitized by srujanika@gmail.com

ତେଷାଂ ତୁ ବଚନଂ ଶ୍ରୁତ୍ୱା ମୁନୀନାଂ ଭରତୋ ମୁନିଃ ।
ପ୍ରତ୍ୟୁବାଚ ପୁନର୍ବାକ୍ୟଂ ଗୁହ୍ୟାର୍ଥାଭିଧାନଂ ପ୍ରତି ।। ୧୫ ।।
ଭରତ ଉବାଚ ।
ବ୍ରବୀମି ବୋ ହ୍ୟହଂ ବିପ୍ରା ଯନ୍ମାଂ ପୃଚ୍ଛଥ ସୁବ୍ରତାଃ ।
ପୂର୍ବରଙ୍ଗ ବିଧାନସ୍ୟ ତଚ୍ଚ ସମ୍ୟକ୍ ନିବୋଧତ ।। ୧୬ ।।
ପ୍ରୋକ୍ତବାନସ୍ମି ଯତ୍ ପୂର୍ବମ୍ ଅହଂ ବିଘ୍ନନିବର୍ହଣମ୍ ।
ତସ୍ୟାନୁବନ୍ଧେନ ମୟା ପୂର୍ବରଙ୍ଗଃ ପ୍ରକୀର୍ତ୍ତିତଃ ।। ୧୭ ।।
ଶସ୍ତ୍ରାଣାଂ ପ୍ରତିହାରାର୍ଥଂ ଶରୀରାବରଣଂ ଯଥା ।
ତଥା ସର୍ବଗତଂ ପାପଂ ହୁତେନୈବ ପ୍ରଶାମ୍ୟତି ।। ୧୮ ।।
ଏବଂ ଜପୈଶ୍ଚ ହୋମୈଶ୍ଚ ଦେବତାଭ୍ୟର୍ଚ୍ଚନେନ ଚ ।
ସ୍ତୁତ୍ୟା ଶୀର୍ବଚନୈଃ ଶାନ୍ତୈଃ କର୍ମ ଭାବାନୁକୀର୍ତ୍ତିନୈଃ ।। ୧୯ ।।
ସର୍ବା ତୋଦ୍ୟ ନିନାଦୈଶ୍ଚ ତଥା ଗୀତସ୍ୱନେନ ଚ ।
ମୟା ଚ ପାପହରଣେ କୃତେ ବିଘ୍ନନିବର୍ହଣେ ।। ୨୦ ।।
ସ୍ତୁତି ଗୀତାଦି ସଂହୃଷ୍ଟୈଃ ଦେବୈ ରଭିହିତୋଽସ୍ମ୍ୟହମ୍ ।
ନିତରାଂ ପରିତୁଷ୍ଟାଃ ସ୍ମଃ ପ୍ରୟୋଗେଣାମୁନା ତବ ।। ୨୧ ।।

ସେହି ମୁନିମାନଙ୍କର କଥା ଶୁଣି ଭରତମୁନି ଏହି ସମସ୍ତ ଗୋପନୀୟ ବିଷୟମାନଙ୍କୁ ସେମାନଙ୍କୁ ବୁଝାଇବା ପାଇଁ ପୁଣି କହିବା ଆରମ୍ଭ କଲେ ।। ୧୫ ।।

ମୁନି ଭରତ କହିଲେ- ହେ ସୁବ୍ରତ ବ୍ରାହ୍ମଣ ଗଣ, ମୋତେ ଯାହା ଯାହା ସବୁ ପଚାରିଲ, ପୂର୍ବରଙ୍ଗ ବିଧାନର ସେ ସବୁ ମୁଁ କହୁଛି, ସେହି ସମସ୍ତ ଶୁଣ ।। ୧୬ ।।

ମୁଁ ବିଘ୍ନ ନିବାରଣ ପାଇଁ ଯାହା ପୂର୍ବରୁ କହିଥିଲି ତାହାର ପ୍ରାୟୋଗିକ ବିଧାନପାଇଁ ପୂର୍ବରଙ୍ଗ କଥା ମୁଁ କହିଅଛି ।। ୧୭ ।।

ଖଣ୍ଡାଟିକୁ ନିରାପଦରେ ରଖିବା ପାଇଁ ଯେପରି ଖୋଳଟିଏ କରାଯାଇଥାଏ । ସେହିପରି ସର୍ବବିଧ ବିଘ୍ନ ବା ପାପ ପୂଜା ହୋମ ଦ୍ୱାରା ପ୍ରଶମିତ ହୋଇଥାଏ ।। ୧୮ ।।

ଏହିପରି ଜପ ହୋମ ଦେବପୂଜା, ସ୍ତବସ୍ତୋତ୍ର ପାଠ, ଆଶୀର୍ବଚନ ପାଠ, ସେମାନଙ୍କ ମନୋଭାବ ତୋଷକ ଦାନାଦି କର୍ମ ଏବଂ ଗୁଣକୀର୍ତ୍ତନ, ସର୍ବବିଧ ବାଦ୍ୟବାଦନ, ଗୀତଗାନ, ପ୍ରଭୃତିଦ୍ୱାରା ବିଘ୍ନ ଦୂର କରିବା ପରେ ମୁଁ ଦେବତାମାନଙ୍କୁ ସନ୍ତୁଷ୍ଟ କରିଥିଲି, ସେମାନେ ପ୍ରୀତ ହୋଇ ମୋତେ କହିଲେ ମୁନିବର, ତୁମର ଏହି ପ୍ରୟୋଗ ଦ୍ୱାରା ଆମେମାନେ ଅତିଶୟ ପ୍ରୀତ ହେଲୁ । ଦେବତା ଓ ଅସୁରମାନଙ୍କୁ ଆନନ୍ଦ ଦେଇସାରି ଲୋକସାଧାରଣଙ୍କୁ ମଧ୍ୟ ଏହା ଆନନ୍ଦ

Digitized by srujanika@gmail.com

ଦେବତାଽସୁରମାନନ୍ଦ୍ୟ ଯସ୍ମାଲ୍ଲୋକଂଚ ନନ୍ଦତି ।
ତସ୍ମାଦୟଂ ପ୍ରୟୋଗସ୍ତୁ ନାନ୍ଦୀ ନାମ ଭବିଷ୍ୟତି ।। ୨୨ ।।
ଗୀତବାଦ୍ୟାନୁବାଦୀଚ ଯତ୍ର କାକୁସ୍ୱରଃ ଶୁଭଃ ।
ତସ୍ମିନ୍ ଦେଶେ ତୁ ପାପଘ୍ନେ ମାଙ୍ଗଲ୍ୟଂ ଚ ଭବିଷ୍ୟତି ।। ୨୩ ।।
ଯାବତ୍ତୁ ପୂରୟେଦ୍ଦେଶଂ ଧ୍ୱନି ରାତୋଦ୍ୟ ସଂଶ୍ରୟଃ ।
ନ ସ୍ଥାସ୍ୟନ୍ତି ହି ରକ୍ଷାଂସି ନ ଚ ବିଘ୍ନବିନାୟକାଃ ।। ୨୪ ।।
ଆବାହେ ଚ ବିବାହେ ଚ ଯଜ୍ଞେ ନୃପତିମଙ୍ଗଳେ ।
ନାନ୍ଦୀଶବ୍ଦମୁପଶ୍ରୁତ୍ୟ ହିଂସ୍ରାନଶ୍ୟନ୍ତି ସର୍ବଦା ।। ୨୫ ।।
ପାଠ୍ୟଂ ଶ୍ରୁତ୍ୱା ତଥା ଚୈବ ଗାନଂ ବାଦିତ୍ରମେବ ଚ ।
ବେଦ ମନ୍ତ୍ରାର୍ଥ ବଚନୈଃ ସମଂ ହ୍ୟେତଦ୍ ଭବିଷ୍ୟତି ।। ୨୬ ।।
ଶ୍ରୁତଂ ମେ ଦେବଦେବାଚ୍ଚ ତତ୍ତ୍ୱତଃ ଶଙ୍କରାଦ୍ଧିତଦ୍ ।
ସ୍ନାନ ଜପ୍ୟ ସ୍ରେହସଭ୍ୟଃ ଶ୍ରେଷ୍ଠଂ ମେ ଗୀତବାଦିତମ୍ ।। ୨୭ ।।
ଯସ୍ମିନ୍ନାତୋଦ୍ୟ ନାଟ୍ୟଂ ଚ ଗୀତବାଦ୍ୟଂ ଚ ନିଶ୍ଚିତମ୍ ।
ଭବିଷ୍ୟତ୍ୟଶୁଭଂ ତସ୍ମିନ୍ ଦେଶେ ନୈବ କଦାଚନ ।। ୨୮ ।।

ଦେଉଅଛି । ତେଣୁ ଏହି ପ୍ରୟୋଗ ନାନ୍ଦୀ ନାମରେ ବିଖ୍ୟାତ ହେବ ।। ୧୯-୨୨ ।।

ଗୀତବାଦ୍ୟକୁ ଅନୁସରଣ କରି ମଙ୍ଗଳମୟ ସଂଗୀତର ସ୍ୱର ଯେଉଁଠାରେ ବିରାଜମାନ ହୁଏ ସେଠାରେ ପାପ ନିର୍ମୂଳ ହୋଇ କଲ୍ୟାଣ ଭରିଯିବ ।। ୨୩ ।।

ଆତୋଦ୍ୟର ମଧୁର ଧ୍ୱନି ଯେତେଦୂର ପର୍ଯ୍ୟନ୍ତ ଶୁଭୁଥିବ ସେ ଭିତରେ ରାକ୍ଷସମାନେ ରହିପାରିବେ ନାହିଁ । କିମ୍ବା ବିଘ୍ନକାରକ ବିନାୟକ ସଂଘ ରହିପାରିବେ ନାହିଁ ।। ୨୪ ।। ଦେବତାମାନଙ୍କ ଆବାହନ, ବିବାହ, ଯଜ୍ଞ, ରାଜାଙ୍କ ଅଭିନନ୍ଦନ, ଏହିସବୁ ଅନୁଷ୍ଠାନରେ ନାନ୍ଦୀଶବ୍ଦ ଶୁଣିବା ମାତ୍ରେ ହିଁ ହିଂସ୍ରମାନେ ସମୂଳେ ଧ୍ୱଂସ ପାଇ ଥାଆନ୍ତି ।। ୨୫ ।।

ବଚନିକା, ଗୀତ, ବାଦ୍ୟ, ଦେହମନର ପବିତ୍ର ଝଙ୍କାର ଏ ସମସ୍ତ ସହିତ ଏହି ନାନ୍ଦୀ ପ୍ରୟୋଗ ହୋଇଥାଏ ।। ୨୬ ।।

ମୁଁ ଦେବଦେବ ଶଙ୍କରଙ୍କଠାରୁ ଠିକ ଶୁଣିଥିଲି ଯେ - ହଜାର ସ୍ନାନ, ଜପଠାରୁ ତାଙ୍କୁ ଗୀତ ଏବଂ ବାଦ୍ୟ ଭଲ ଲାଗେ ।। ୨୭ ।।

ଯେଉଁଠାରେ ବାଦ୍ୟର ସମ୍ମିଳିତ ସ୍ୱନ, ଗୀତର ମଧୁର ଝଙ୍କାର ହେଉଥାଏ । ସେଠାରେ କେବେହେଲେ କୌଣସି ଅଶୁଭ ହୋଇ ନପାରେ ।। ୨୮ ।।

Digitized by srujanika@gmail.com

ଏବଂ ପୂଜାଧିକାରାର୍ଥଂ ପୂର୍ବରଙ୍ଗଃ କୃତୋ ମୟା ।
ନାନାସ୍ତୋତ୍ର କୃତୈର୍ମନ୍ତ୍ରୈଃ ଦେବତାଭ୍ୟର୍ଚ୍ଚନଂ ପ୍ରତି ।। ୨୯ ।।
ଯତୋଽଭିବାଦନେ କ୍ଲିଷ୍ଟଂ ଶିରସ୍ତଦ୍‌ରଙ୍ଗ ମଣ୍ଡଳେ ।
ସୂତ୍ରଧାରସ୍ୟ ତଦ୍ ଶୌଚଂ ବିହିତଂ ତୁ ଦ୍ୱିଜୋତ୍ତମାଃ ।। ୩୦ ।।
ଶୌଚଂ କୃତ୍ୱା ଯତୋ ମନ୍ତ୍ରପୂଜନଂ ଜର୍ଜରସ୍ୟ ତୁ ।
ଉଚ୍ୟତେ ପୂର୍ବରଙ୍ଗେଽସ୍ମିନ୍ ତସ୍ମାଦ୍ ଶୌଚଂ ପ୍ରକୀର୍ତ୍ତିତମ୍ ।। ୩୧ ।।
ଯଥାଽବତାରିତଂ ଚୈବ ନାଟ୍ୟମେତନ୍ ମହୀତଳେ ।
ବକ୍ତବ୍ୟଂ ସର୍ବମେତଦ୍ଧି ନ ଶକ୍ୟଂ ବିନିଗୂହିତୁମ୍ ।। ୩୨ ।।
ମମୈତେ ତନୟାଃ ସର୍ବେ ନାଟ୍ୟବେଦ ମଦାନ୍ୱିତାଃ ।
ସର୍ବଲୋକଂ ପ୍ରହସନୈଃ ବାଧନ୍ତୋ ହାସ୍ୟ ସଂଶ୍ରୟୈଃ ।। ୩୩ ।।
କସ୍ୟଚିଦ୍ ତ୍ୱଥ କାଳସ୍ୟ ଶିଳ୍ପକର୍ମରତୈସ୍ତୁତୈଃ ।
ଋଷୀଣାଂ ବ୍ୟଙ୍ଗକରଣଂ କୁର୍ବନ୍ତି ଗ୍ରହସଂଶ୍ରୟମ୍ ।। ୩୪ ।।

ଏହିପରି ପୂଜାର ଅଧିକାର ସ୍ଥାପନ ପାଇଁ ମୁଁ ପୂର୍ବ ରଙ୍ଗ ବିଧାନ କରିଅଛି । ଏଥିରେ ନାନାସ୍ତୋତ୍ର ଓ ମନ୍ତ୍ର ଆଧାରିତ ଦେବ ପୂଜା ହିଁ ହୋଇଥାଇ,ଏ ।। ୨୯ ।।

ରଙ୍ଗମଞ୍ଚରେ ଏହି ଅଭିବାଦନ କର୍ମ କରିବା ପାଇଁ ବହୁ କ୍ଳାନ୍ତି ଭୋଗିବାକୁ ପଡ଼ିଥାଏ । ତେଣୁ ସୂତ୍ରଧାରକୁ ମଝିରେ ସ୍ନାନ ବିଧାନ କରାଯାଇ ତାହା ଅପନୋଦନ କରିବା ପାଇଁ ହେ ବିପ୍ରଗଣ ମୁଁ ବ୍ୟବସ୍ଥା କରିଅଛି ।। ୩୦ ।।

ସେ ସ୍ନାନ କରିସାରି ତାପରେ ସେ ଜର୍ଜର ପୂଜନ କରିବା ବିଧାନ କରାଯାଇଅଛି । ତେଣୁ ଏହି ଶୌଚ ବିଧାନ ପୂର୍ବ ରଙ୍ଗରେ ଅଛି ।। ୩୧ ।।

ଯେପରି ମର୍ତ୍ତ୍ୟକୁ ଏହି ନାଟ୍ୟକଳା ଆସିଲା ସେ ସବୁ ମୁଁ କହିବି । ଆପଣମାନଙ୍କ ପାଖରୁ କିଛି ଲୁଚାଇ ପାରିବି ନାହିଁ ।। ୩୨ ।।

ମୋର ଏହି ସବୁ ପିଲାମାନେ (ପୁଅ) ନାଟ୍ୟବେଦ ଅଭ୍ୟାସ କରି ଗର୍ବୀହୋଇ ପଡ଼ିଲେ । ହାସ୍ୟାଶ୍ରିତ ପ୍ରହସନ ଅଭିନୟରେ ସମସ୍ତଙ୍କୁ ପରିହାସ କରି ମନରେ ଆଘାତ ମଧ୍ୟ ଦେଲେ ।। ୩୩ ।।

କିଛି ଦିନ ପରେ ଥରେ ଗ୍ରହଦଶା ସେମାନଙ୍କର ଖରାପ ପଡ଼ିଗଲା । ସେମାନେ ଏହି ନୃତ୍ୟ ଶିଳ୍ପରେ ନିମଗ୍ନ ଥିବା ଭିତରେ ଋଷିମାନଙ୍କୁ ପରିହାସ ଆରମ୍ଭ କରିଦେଲେ ।। ୩୪ ।।

Digitized by srujanika@gmail.com

ଅଗ୍ରାହ୍ୟଂ ସ୍ୱଦୁରାଚାରଂ ଗ୍ରାମ୍ୟଧର୍ମ ପ୍ରବର୍ତ୍ତିତମ୍ ।
ନିଷ୍ଠୁରଂ ଚାପ୍ରଶସ୍ତଂ ଚ କାବ୍ୟଂ ସଂସଦି ଯୋଜିତମ୍ ॥ ୩୫ ॥
ତଦ୍ ଶ୍ରୁତ୍ୱା ମୁନୟଃ ସର୍ବେ ଭୀମରୋଷାଃ ପ୍ରକମ୍ପିତାଃ ।
ଊଚୁଃତେ ଭରତାନ୍ ସର୍ବାନ୍ ନିର୍ଦହନ୍ତ ଇବାଗ୍ନୟଃ ॥ ୩୬ ॥
ମା ତାବଦ୍ ଭୋ ଦ୍ୱିଜା ଯୁକ୍ତମିଦ ମସ୍ମଦ୍ ବିଡ଼ମ୍ବନମ୍ ।
କୋ ନାମାୟଂ ପରିଭବଃ କିଂବା ନାସ୍ମାସୁ ସମ୍ମତମ୍ ॥ ୩୭ ॥
ଯସ୍ମାଦ୍ ଜ୍ଞାନ ମଦୋନ୍ମତ୍ତା ଭବନ୍ତୋଽବିନୟାଶ୍ରୟାଃ ।
ତସ୍ମାଦେତଦ୍ଧି ଭବତାଂ କୁଜ୍ଞାନଂ ନାଶମେଷ୍ୟତି ॥ ୩୮ ॥
ଋଷୀଣାଂ ବ୍ରାହ୍ମଣାନାଂଚ ସମବାୟେଽଥ ସଂଗମେ ।
ନିର୍ବ୍ରହ୍ମାଚରଣା ଭୂତ୍ୱା ଶୂଦ୍ରାଚାରା ଭବିଷ୍ୟଥ ॥ ୩୯ ॥
ଶୂଦ୍ରାସ୍ତୁ କେବଳଂ ଭୂତ୍ୱା ତତ୍କର୍ମ ସମବାପ୍ସ୍ୟଥ ।
ଯଶ୍ଚ ବା ଭବତାଂ ବଂଶଃ ସ ଚାଶୌଚୋ ଭବିଷ୍ୟତି ॥ ୪୦ ॥
ଯେ ଚାତ୍ର ବଂଶଜାସ୍ତେଽପି ଭବିଷ୍ୟନ୍ତ୍ୟଥ ନର୍ତ୍ତକାଃ ।
ପରୋପସ୍ଥାନବନ୍ତଶ୍ଚ ସସ୍ତ୍ରୀବାଳକୁମାରକାଃ ॥ ୪୧ ॥

ଯେଉଁ ଖରାପକଥା ଶୁଣିବା ଉଚିତ ନୁହେଁ, ମୈଥୁନ ସମ୍ପର୍କିତ ସେହି ନିଷ୍ଠୁର ଅଭଦ୍ର କାବ୍ୟଟିଏ ସଭାରେ ପ୍ରୟୋଗ କରିଦେଲେ ॥ ୩୫ ॥

ସେ ସବୁ ଦେଖି ଶୁଣି ମୁନିମାନେ କ୍ରୋଧରେ ଜଳିଉଠି ଖାଲି କମ୍ପିଲେ । ସେମାନେ ନିଆଁ ଭଳି ଜଳି ଜଳି ଭରତମାନଙ୍କୁ କହିଲେ - ହେ ବ୍ରାହ୍ମଣ ପିଲାଏ, ଆମମାନଙ୍କୁ ଏପରି ଲାଞ୍ଛନା ଦେବା ତୁମମାନଙ୍କର ଠିକ ହେଲା ନାହିଁ । ଏ ସବୁ କି କୁତ୍ସା ରଚନା ? ଆମପରି ମୁନିମାନଙ୍କ ପକ୍ଷରେ ଏଭଳି କହିବା କରିବା କ'ଣ ଠିକ ? ॥ ୩୬-୩୭ ॥

ଯେଣୁ ତୁମ୍ଭେମାନେ ଜ୍ଞାନ ଗର୍ବରେ ଗର୍ବିତ ହୋଇ ଅବିନୀତ ଅଭଦ୍ର ହୋଇଗଲଣି, ତେଣୁ ତୁମମାନଙ୍କ ଏହି ଜ୍ଞାନ ପୋଡ଼ିଯିବ ॥ ୩୮ ॥

ବ୍ରାହ୍ମଣ ଓ ଋଷିମାନଙ୍କ ସମାଜ ବା ଗୋଷ୍ଠୀରେ ତୁମେମାନେ ଅବ୍ରାହ୍ମଣ ବୋଲି ବିବେଚିତ ହୋଇ ଶୂଦ୍ରାଚାରୀ ବୋଲି ବିବେଚିତ ହେବ ॥ ୩୯ ॥

ତୁମେମାନେ ଶୂଦ୍ରହୋଇ ସେମାନଙ୍କ କର୍ମ ଆଦରିବ । ତୁମମାନଙ୍କର ଯେଉଁ ବଂଶାନୁକ୍ରମ ସେମାନେ ସମସ୍ତେ ଅପବିତ୍ର ହେବେ ॥ ୪୦ ॥

ତୁମ ବଂଶରେ ଯେତେ ଜନ୍ମ ହେବେ ସେମାନେ ଆବାଳ ବୃଦ୍ଧବନିତା ନର୍ତ୍ତକ ହେବେ । ପରଘରେ ବୁଲି ବୁଲି ଏହି ନାଟ୍ୟ ଉପସ୍ଥାନ କହିବେ ॥ ୪୧ ॥

Digitized by srujanika@gmail.com

ଶାପଜନ୍ମ ତତୋ ଜ୍ଞାତ୍ୱା ସୁତାନାଂ ଯେ ସୁରାସ୍ତଦା ।
ସର୍ବେ ବିମନସୋ ଭୂତ୍ୱା ତାନ୍ ଋଷୀନ୍ ସମୁପସ୍ଥିତାଃ । ୪୨ ॥
ତାବଦ୍‌ଭିଶ୍ଚ ତଥା ପ୍ରୋକ୍ତାଂ ଦେବୈଃ ଶକ୍ରପୁରୋଗମୈଃ ।
ଇଦାନୀଂ ଦୁଃଖ ମୁତ୍ପନ୍ନଂ ନାଟ୍ୟମେତଦ୍ ବିନଂକ୍ଷ୍ୟତି ॥ ୪୩ ॥
ଋଷିଭିଶ୍ଚ ତତଃ ପ୍ରୋକ୍ତଂ ନ ଚୈତବ୍‌ହି ବିନଂକ୍ଷ୍ୟତି ।
ଶେଷମନ୍ୟଦ୍ ତୁ ଯଦ୍ ପ୍ରୋକ୍ତଂ ସର୍ବମେତଜ୍ ଭବିଷ୍ୟତି ॥ ୪୪ ॥
ଏତଦ୍ ଶ୍ରୁତ୍ୱା ତୁ ତଦ୍ ବାକ୍ୟଂ ମୁନୀନା ମୁଗ୍ରତେଜସାମ୍ ।
ବିଷଣ୍ଣାସ୍ତେ ସୁତାଃ ସର୍ବେ ପୁନରାତ୍ମବଧୈଷିଣଃ ॥ ୪୫ ॥
ପ୍ରୋକ୍ତବନ୍ତସ୍ତୁ ମାଂ କ୍ରୁଦ୍ଧା ବହୁଶୋ ନାଶିତାସ୍ତ୍ୱୟା ।
ଅନେନ ନାଟ୍ୟଦୋଷେଣ ଶୂଦ୍ରାଚାରପ୍ରିୟାଃ କୃତାଃ ॥ ୪୬ ॥
ମୟା ଚ ସାନ୍ତ୍ୱୟିତ୍ୱୋକ୍ତଂ ମା ଶୋକଂ ବ୍ରଜତାନଘାଃ ।
କୃତାନ୍ତ ବିହିତୋଽସ୍ମାକଂ ନୂନମେଷ ବିଧିଃ ସୁତଃ ॥ ୪୭ ॥
ମୁନୀନାଂ ନ ମୃଷାବାକ୍ୟଂ ଭବିଷ୍ୟତି କଦାଚନ ।
ନିଧନେ ତୁ ମନୋ ନାଭୂଦ୍ ଯୁଷ୍ମାକମିତି ସାନ୍ତ୍ୱିତାଃ ॥ ୪୮ ॥

ଅଭିଶାପ କଥା ପିଲାମାନଙ୍କର ଶୁଣି ସେଠାରେ ଥିବା ଦେବତାମାନେ ମନ ଦୁଃଖରେ ମୁନିମାନଙ୍କ ପାଖରେ ପହଞ୍ଚିଲେ । ଇନ୍ଦ୍ର ପ୍ରଭୃତି ଦେବତାମାନେ ସେହିପରି ମନଦୁଃଖରେ ହିଁ କହିଲେ- ଏବେ ବଡ଼ ଦୁଃଖ ଆସି ପହଞ୍ଚିଲା । ଏହି ନାଟ୍ୟ ତତ୍ତ୍ୱଲୋପ ହୋଇଯିବ ! ॥ ୪୩ ॥

ଋଷିମାନେ ତାହାପରେ କହିଲେ - ଏହା କେବେହେଲେ ଲୋପ ହେବ ନାହିଁ । ବାକି ଯାହା ସବୁ ଆମେ କହିଲୁ ସେ ସବୁ ହେବ ॥ ୪୪ ॥

ଉଗ୍ରତଷା ମୁନିମାନଙ୍କର ଏହି କଥାମାନ ଶୁଣି ପୁଅମାନେ ବିଷାଦ ଗ୍ରସ୍ତ ହୋଇ ଆତ୍ମହତ୍ୟା କରିବା ପାଇଁ ମନଃସ୍ଥ କଲେ ॥ ୪୫ ॥

ମୋତେ ସେମାନେ ରାଗିକରି କହିଲେ - ମାରିଦେଲ ତୁମେ ଆମକୁ । ଏହି ନାଟଯୋଗୁଁ ଆମେ ଶୂଦ୍ରାଚାର ପ୍ରିୟ ହୋଇଗଲୁ ॥ ୪୬ ॥

ମୁଁ ସେମାନଙ୍କ ବୁଝାଇ କହିଲି - ସୁନା ପିଲା ଏ ମୋର, ଦୁଃଖକର ନାହିଁ । ବେଳ ଖରାପ ଆମର । ଏପରି ଦଶା ସେଇଥିପାଇଁ ହେଲା ॥ ୪୭ ॥

ମୁନିମାନ୍‌ଙ୍କ କଥା ତ କେବେ ମିଥ୍ୟା ହେବ ନାହିଁ । ତୁମେମାନେ କିନ୍ତୁ ମରିବାବୁଦ୍ଧିଛାଡ଼ । ସମୟ ଆସିବ ବୋଲି କହି ବୁଝାଇଲି ॥ ୪୮ ॥

Digitized by srujanika@gmail.com

ଜାନୀଧ୍ୱଂ ତୁ ତଥା ନାଟ୍ୟଂ ବ୍ରହ୍ମଣା ସଂପ୍ରକୀର୍ତ୍ତିତମ୍ ।
ଶିଷ୍ୟେଭ୍ୟଶ୍ଚ ଦେନ୍ୟେଭ୍ୟଃ ପ୍ରଯଚ୍ଛଧ୍ୱଂ ପ୍ରୟୋଗତଃ ।। ୪୯ ।।
ମାବୈ ପ୍ରଣଶ୍ୟତାମେତନ୍ନାଟ୍ୟଂ ଦୁଃଖାଦ୍ ପ୍ରବର୍ତ୍ତିତମ୍ ।
ମହାଶ୍ରୟଂ ମହାପୁଣ୍ୟଂ ବେଦାଙ୍ଗୋପାଙ୍ଗ ସମ୍ଭୃତମ୍ ।। ୫୦ ।।
ଅପ୍ସରୋଭ୍ୟ ଇଦଂଚୈବ ଯଥୋକ୍ତଂ ଯନ୍ ମୟାଶ୍ରୁତମ୍ ।
ନାଟ୍ୟଂ ଦତ୍ତ୍ୱା ତତଃ ସର୍ବେ ପ୍ରାୟଶ୍ଚିତ୍ତଂ ଚରିଷ୍ୟଥ ।। ୫୧ ।।
କସ୍ୟଚିଦ୍ ତ୍ୱଥ କାଳସ୍ୟ ନହୁଷୋ ନାମ ପାର୍ଥିବଃ ।
ଆପ୍ତବାନ୍ ଦେବରାଜତ୍ୱଂ ନୟ ବୁଦ୍ଧିପରାକ୍ରମୈଃ ।। ୫୨ ।।
ପ୍ରଶଶାସ ତଦାରାଜ୍ୟଂ ଦୈବୀଂ ବ୍ୟୁଷ୍ଟିମବାପ୍ନୁବନ୍ ।
ଗାନ୍ଧର୍ବଂ ଚୈବ ନାଟ୍ୟଂ ଚ ଦୃଷ୍ଟ୍ୱା ଚିନ୍ତା ମୁପାଗତଃ ।। ୫୩ ।।
ସ ଚିନ୍ତୟିତ୍ୱା ମନସାକଥମେଷ ଗୃହେ ମମ ।
ନାଟ୍ୟ ପ୍ରୟୋଗୋଽଥ ଭବେ ଦିତି ଦେବଗଣୈଃ କୃତଃ ।। ୫୪ ।।
କୃତାଞ୍ଜଳିଃ ପ୍ରୟୋଗାର୍ଥଂ ପ୍ରୋକ୍ତବାନମରାନ୍ ନୃପଃ ।
ଇଦମପ୍ସରସାମିତ୍ ଥଂ ନାଟ୍ୟଂ ଭବତୁ ନୋ ଗୃହେ ।। ୫୫ ।।
ପ୍ରତ୍ୟୁକ୍ତଃ ସ ତତୋ ଦୈବୈଃ ବୃହସ୍ପତି ପୁରୋଗମୈଃ ।
ସୁରାଙ୍ଗନାନାଂ ନୋକ୍ତୋଽୟଂ ମାନୁଷୈଃ ସହ ସଙ୍ଗମଃ ।। ୫୬ ।।

ମନେରଖ - ନାଟ୍ୟବେଦକୁ ବ୍ରହ୍ମା ଉଦ୍‌ଭାବନ କରିଛନ୍ତି । ତେଣୁ ତୁମେମାନେ ଅନ୍ୟ ଶିଷ୍ୟମାନଙ୍କୁ ପ୍ରୟୋଗ ସହିତ ଏହି ନାଟ୍ୟ ବେଦ ଜ୍ଞାନ ବିତରଣ କର ।। ୪୯ ।।

ବହୁ ଦୁଃଖରେ ଏହି ପ୍ରୟୋଗ ଏପର୍ଯ୍ୟନ୍ତ ଆସିଛି । ତାକୁ ପୋଡ଼ି ପୋତି ଦିଅନା । ଏହା ଏକ ମହାଶ୍ରୟ ଜ୍ଞାନ । ଏହା ବେଦାଙ୍ଗ ଓଉପାଙ୍ଗ ମଣ୍ଡିତ ହୋଇ ମହାପୁଣ୍ୟମୟ ହୋଇଛି । ମୁଁ ଯାହା ଯେମିତି ଶୁଣିଛି ଓ ତୁମାନଙ୍କୁ କହିଛି, ସେ ସମସ୍ତ ଜ୍ଞାନକୁ ପ୍ରୟୋଗ ସହିତ ଅପ୍ସରାମାନଙ୍କୁ ଦେଇ ଆଗ ପ୍ରାୟଶ୍ଚିତ୍ତ କରିବ ।। ୫୦-୫୧ ।।

କିଛି ଦିନ ଯାଆନ୍ତେ ନହୁଷନାମକ ରାଜା ନ୍ୟାୟ ପରାୟଣତା, ବୁଦ୍ଧି ଓ ବଳଶାଳିତା ବଳରେ ଇନ୍ଦ୍ରପଦ ପ୍ରାପ୍ତ ହେଲେ ।। ୫୨ ।। ସେ ଦିବ୍ୟ ବିଭୂତିରେ ରାଜ୍ୟ ଶାସନ କଲେ । ସେ ଗୀତବାଦ୍ୟ ଓ ନୃତ୍ୟ ଦେଖି ଚିନ୍ତାରେ ପଡ଼ିଗଲେ ।। ୫୩ ।। ସେ ଚିନ୍ତାକଲେ - ଦେବତାମାନେ ଯେଉଁ ନାଟ୍ୟ ପ୍ରୟୋଗ କରୁଛନ୍ତି ଏହା କିପରି ମୋ ମର୍ତ୍ତ୍ୟ ଗୃହରେ ଅନୁଷ୍ଠିତ ହେବ ! ତହୁଁ ସେ ରାଜା ହାତ ଯୋଡ଼ି ଦେବତାମାନଙ୍କୁ ପ୍ରାର୍ଥନା କରି କହିଲେ, ଅପସରାମାନଙ୍କର ଏହି ନୃତ୍ୟ ଆମ ଘରମାନଙ୍କରେ ହୁଅନ୍ତାନି ! ।। ୫୪, ୫୫ ।।

ତାପରେ ବୃହସ୍ପତି ପ୍ରଭୃତି ଦେବତାମାନେ ତାଙ୍କୁ ଉତ୍ତର ଦେଲେ - ଦେବବାଳାମାନେ ମନୁଷ୍ୟମାନଙ୍କ ସହିତ ମିଶି ଏପରି ପ୍ରୟୋଗ କରିବା ବିହିତ ନୁହେଁ ।। ୫୬ ।।

Digitized by srujanika@gmail.com

ହିତଂ ପଥ୍ୟଂ ଚ ବକ୍ତବ୍ୟଂ ଭବାନ୍ ସ୍ୱର୍ଗାଧିପୋ ଯତଃ ।
ଆଚାର୍ଯ୍ୟ ସ୍ତତ୍ର ଗଚ୍ଛତୁ ବିଦଧାତୁ ପ୍ରିୟଂ ଚ ତେ ।। ୫୭ ।।
ପ୍ରୋକ୍ତବାଂଶ୍ଚ ତତୋ ମାଂ ତୁ ନୃପତିଃସ କୃତାଞ୍ଜଳିଃ ।
ଇଦମିଚ୍ଛାମି ଭଗବନ୍ ନାଟ୍ୟମୂର୍ବ୍ୟାଂ ପ୍ରତିଷ୍ଠିତମ୍ । ୫୮ ।।
ପୂର୍ବମାଚାର୍ଯ୍ୟକଂ ଚୈବ ଭବତୋ ହି ପ୍ରତିଶ୍ରୁତମ୍ ।
ବ୍ୟକ୍ତଭାବାଦ୍ ତ୍ରିଦଂ ଲବ୍ଧଂ ତ୍ୱତ୍‌କାଶାଦ୍ ଦ୍ୱିଜୋତ୍ତମ ।। ୫୯ ।।
ପିତାମହ ଗୃହେଽସ୍ମାକ ମେତଦନ୍ତଃପୁରେ ଜନେ ।
ପିତାମହକ୍ରିୟାଯୁକ୍ତ ମୂର୍ବଶ୍ୟା ସଂପ୍ରତିଷ୍ଠିତମ୍ ।। ୬୦ ।।
ତସ୍ୟାଃ ପ୍ରଣାଶ ଶୋକେନ ଉନ୍ମାଦୋପରତେ ନୃତୋ ।
ବିନନେଽନ୍ତଃପୁରଜନେ ପୁନର୍ନାଶ ମୁପାଗତମ୍ ।। ୬୧ ।।
ପ୍ରକାଶ ମେତଦିଚ୍ଛାମଃ ଭୂତଳେ ସଂପ୍ରକୀର୍ତ୍ତିତମ୍ ।
ତିଥି ଯଜ୍ଞକ୍ରିୟାସ୍ୱେବଂ ଯଥାସ୍ୟାନ୍ମଣ୍ଡଳଂ ଶୁଭମ୍ ।। ୬୨ ।।
ତସ୍ମାନ୍ ମମ ଗୃହେ ବନ୍ଧଂ ନାନା ପ୍ରକୃତି ସମ୍ଭବମ୍ ।
ସ୍ତ୍ରୀଣାଂ ଲଳିତ ବିନ୍ୟାସୈଃ ଯଶୋ ବଃ ପ୍ରଥୟିଷ୍ୟତି ।। ୬୩ ।।

ଏବେ ଆପଣ ସ୍ୱର୍ଗାଧିପତି ଅଟନ୍ତି । ଏଣୁ ଆମେ ଆପଣଙ୍କୁ ହିତ ଓ ଭଲ କଥା ହିଁ କହିବୁ, ଏଠାରୁ ନାଟ୍ୟାଚାର୍ଯ୍ୟ ସେଠାକୁ ଯାଆନ୍ତୁ ! ସେ ଆପଣଙ୍କ ପ୍ରିୟ ମନସ୍କାମନା ପୂରଣ କରନ୍ତୁ ।। ୫୭ ।।

ତା'ପରେ ମୋତେ ସେହି ରାଜା ହାତଯୋଡ଼ି କରି ପ୍ରାର୍ଥନା କଲେ - ଭଗବାନ୍, ଏହି ନାଟ୍ୟକୁ ଧରାଧାମରେ ପ୍ରତିଷ୍ଠିତ କରିବା ପାଇଁ ମୁଁ ଇଚ୍ଛା କରୁଅଛି ।। ୫୮ ।।

ଆଗ ଦେବତାମାନେ ଶିକ୍ଷକ ଭାବରେ ମୋତେ ଜବାବ ଦେଇଛନ୍ତି । କିନ୍ତୁ ହେ ବିପ୍ରଚୂଡ଼ାମଣି ! ଖୋଲା ଭାବେ - ମୁଁ ଆପଣଙ୍କ ପ୍ରତିଶ୍ରୁତି ଆଶା କରୁଛି ।। ୫୯ ।।

ଆଗେ ମୋ ପିତାମହ ପୁରୁରବାଙ୍କ ଅମଳରେ ପିତାମହଙ୍କର ଚେଷ୍ଟା ଓ ଉତ୍ସାହରେ ପିତାମହୀ ଉର୍ବଶୀ ଅନ୍ତଃପୁରବାସିନୀମାନଙ୍କ ମଧ୍ୟରେ ଏହିକଳାର ପ୍ରତିଷ୍ଠା କରିଥିଲେ ।। ୬୦ ।।

ଉର୍ବଶୀ ଚାଲିଗଲେ । ପିତାମହ ଭାଙ୍ଗିପଡ଼ି ପାଗଳ ହୋଇ ମରିଗଲେ । ଅନ୍ତଃପୁର ଛିନ୍ନଛତ୍ର ହୋଇଗଲା । ପୁଣି ସେ କଳା ବୁଡ଼ିଗଲା ।। ୬୧ ।।

ମୁଁ ଆଶା କରୁଛି - ପୁଣି ଏହା ଫେରି ଆସନ୍ତା ! ସଂସାରରେ ଖେଳିଯାଆନ୍ତା ପୂଜା ପଦ୍ଧତି, ଯାଗଯଜ୍ଞ କିମ୍ବା କୌଣସି ଗୋଷ୍ଠୀରେ ଏହି ନାଟ୍ୟମଣ୍ଡଳ ପୁଣି ଫେରିଆସନ୍ତା । ତାହାହେଲେ ଶୁଭ ହୁଅନ୍ତା ।। ୬୨ ।।

ତେଣୁ ନାନା ଭୂମିକା ସମନ୍ୱିତ ବନ୍ଧ, ସ୍ତ୍ରୀମାନଙ୍କ ଗୀତ ନୃତ୍ୟାଦି ଲଳିତବିନ୍ୟାସ ସହିତ ଆପଣଙ୍କ କୀର୍ତ୍ତିକୁ ମଧ୍ୟ ପ୍ରଚାର କରିବ ।। ୬୩ ।।

Digitized by srujanika@gmail.com

ତଥାସ୍ତ୍ୱିତି ମୟା ପ୍ରୋକ୍ତୋ ନହୁଷଃ ପାର୍ଥିବସ୍ତଦା ।
ସୁତାଷ୍ଟାହୂୟ ସଂପ୍ରୋକ୍ତା ସାମପୂର୍ବଂ ସୁରୈଃ ସହ ॥ ୬୪ ॥
ଅୟଂ ତୁ ନହୁଷୋ ରାଜା ଯାଚତେ ନଃ କୃତାଞ୍ଜଳିଃ ।
ଗମ୍ୟତାଂ ସ୍ୱହିତୈ ର୍ଭୂମିଂ ପ୍ରୟୋକ୍ତୁଂ ନାଟ୍ୟମେବ ତୁ ॥ ୬୫ ॥
କରିଷ୍ୟାମି ଚ ଶାପାନ୍ତଂ ତସ୍ମିନ୍ ସମ୍ୟକ୍ ପ୍ରୟୋଜିତେ ।
ବ୍ରାହ୍ମଣାନାଂ ନୃପାଣାଂ ଚ ନ ଭବିଷ୍ୟଥ କୁତ୍ସିତାଃ ॥ ୬୬ ॥
ତତ୍ର ଗତ୍ୱା ପ୍ରଯୁଞ୍ଜଧ୍ୱଂ ପ୍ରୟୋଗଂ ବସୁଧା ତଳେ ।
ନ ଶକ୍ୟଂ ଚାନ୍ୟଥା କର୍ତ୍ତୁଂ ବଚନଂ ପାର୍ଥିବସ୍ୟ ହି ॥ ୬୭ ॥
ଯୁଷ୍ମାକଂ ଚୈବ ସର୍ବେଷାଂ ନହୁଷସ୍ୟ ମହାତ୍ମନଃ ।
ଆପ୍ତୋପଦେଶ ସିଦ୍ଧିଶ୍ଚ ନାଟ୍ୟେ ପ୍ରୋକ୍ତା ସ୍ୱୟଂଭୁବା ॥ ୬୮ ॥
ଶେଷ ମୁତ୍ତରତନ୍ତ୍ରେଣ କୋହଳଃ କଥୟିଷ୍ୟତି ।
ପ୍ରୟୋଗାନ୍ କାରିକାଶ୍ଚୈବ ନିରୁକ୍ତାନି ତଥୈବଚ ॥ ୬୯ ॥
ଅପ୍ସରୋଭିରିଦଂ ଶାସ୍ତ୍ରଂ କ୍ରୀଡ଼ନୀୟକ ହେତୁକମ୍ ।
ଅଧିଷ୍ଠିତଂ ମୟା ସ୍ୱର୍ଗେ ସ୍ୱାତିନା ନାରଦେନ ଚ ॥ ୭୦ ॥

ରାଜା ନହୁଷଙ୍କୁ ''ଆଚ୍ଛା, ତାହା ହେଉ'' ବୋଲି ମୁଁ କହିଲି, ତା'ପରେ ପିଲାମାନଙ୍କୁ ଡାକି ଦେବତାମାନଙ୍କ ସହିତ ବୁଝାଇ ସୁଝାଇ କହିଲି ॥ ୬୪ ॥

ଏହି ରାଜା ନହୁଷ ଆମକୁ ହାତ ଯୋଡ଼ି ପ୍ରାର୍ଥନା କରୁଛନ୍ତି । ନିଜର ମଙ୍ଗଳ ହେବ ତୁମାନଙ୍କର । ପୃଥିବୀତଳକୁ ଯାଅ, ନାଟ୍ୟ ପ୍ରୟୋଗ ଆରମ୍ଭ କର ॥ ୬୫ ॥

ତୁମେମାନେ ସେଠାରେ ଯାଇ ଯତ୍ନର ସହିତ ନାଟ୍ୟ ପ୍ରୟୋଗ ଆରମ୍ଭ କରି ସଫଳ ହେଲେ ମୁଁ ତୁମମାନଙ୍କ ଅଭିଶାପ ସମାପ୍ତି ବ୍ୟବସ୍ଥା କରିବି । ଯାହା ଫଳରେ ଆଉ ବ୍ରାହ୍ମଣ ଓ ରାଜା (କ୍ଷତ୍ରିୟ) ମାନଙ୍କ ମଧ୍ୟରେ ତୁମମାନଙ୍କୁ କୁତ୍ସିତ ବା ନିନ୍ଦିତ ଜୀବନଯାପନ କରିବାକୁ ପଡ଼ିବ ନାହିଁ ॥ ୬୬ ॥

ସେଠାକୁ ଯାଇ ମର୍ତ୍ତ୍ୟରେ ନାଟ୍ୟ ପ୍ରୟୋଗ ଅନୁଷ୍ଠାନକର । ରାଜ ଆଦେଶ ଅନ୍ୟଥା କରିପାରିବା ନାହିଁ ॥ ୬୭ ॥

ଭଗବାନ୍ ବ୍ରହ୍ମା କହିଛନ୍ତି - ତୁମେ ସବୁ ଓ ରାଜା ନହୁଷ ସମସ୍ତଙ୍କର ନାଟ୍ୟରେ ଆପ୍ତବଚନରେ ସିଦ୍ଧିଲାଭ ହେବ ॥ ୬୮ ॥

(ମୁଁ ପ୍ରାୟସବୁ କହିଛି) ଅବଶିଷ୍ଟ ଯାହା ରହିଲା ସେ ସମସ୍ତ କୋହଳ ନାଟ୍ୟଶାସ୍ତ୍ରର ଉତ୍ତର ତନ୍ତ୍ରରେ କହିବେ । ତହିଁରେ ପ୍ରୟୋଗ କାରିକା ଏବଂ ନିରୁକ୍ତ ମଧ୍ୟ ସେ କହିବେ ॥ ୬୯ ॥

ମୁଁ ସ୍ୱାତି ଓ ନାରଦଙ୍କ ସହିତ ମିଶି ସ୍ୱର୍ଗରେ ଅପ୍ସରାମାନଙ୍କ ଦ୍ୱାରା ଏହି ଶାସ୍ତ୍ରକୁ ସେମାନେ ପୃଥିବୀକୁ ଯାଇ ନହୁଷଙ୍କ ରାଜ ଅନ୍ତଃପୁରରେ ସ୍ତ୍ରୀମାନଙ୍କ ମଧ୍ୟରେ କ୍ରମ ଅନୁଯାୟୀ ନାଟ୍ୟ ପ୍ରୟୋଗ ଆରମ୍ଭ କଲେ ॥ ୭୧ ॥

Digitized by srujanika@gmail.com

ତତଶ୍ଚ ବସୁଧାଂ ଗତ୍ୱା ନହୁଷସ୍ୟ ଗୃହେ ଦ୍ୱିଜାଃ ।
ସ୍ତ୍ରୀଣାଂ ନାଟ୍ୟପ୍ରୟୋଗଂତେ ସୃଷ୍ଟବନ୍ତୋ ଯଥାକ୍ରମମ୍ ।। ୭୧ ।।
ତତ୍ର ଚୋତ୍ପାଦ୍ୟ ତେ ପୁତ୍ରାନ୍ ମାନୁଷୀଭ୍ୟୋ ମମାତ୍ମଜାଃ ।
ବନ୍ଧବନ୍ତୋଽଧିକଂସର୍ଗଂ ତେଷାଂ ଚ ବିବିଧାଶ୍ରୟମ୍ ।। ୭୨ ।।
ପୁତ୍ରାନୁତ୍ପାଦ୍ୟ ବଦ୍ଧ୍ୱାତେ ପ୍ରୟୋଗଂ ତୁ ଯଥାକ୍ରମମ୍ ।
ବ୍ରହ୍ମଣା ସମନୁଜ୍ଞାତାଃ ପ୍ରାପ୍ତାଃ ସ୍ୱର୍ଗଂ ପୁନସ୍ତଦା ।। ୭୩ ।।
ଏବମୂର୍ବୀତଳେ ନାଟ୍ୟଂ ଶାପାତ୍ ସମବତାରିତମ୍ ।
ଭରତାନାଂ ଚ ବଂଶୋଽୟଂ ଭବିଷ୍ୟଶ୍ଚ ପ୍ରୟୋଜିତଃ ।। ୭୪ ।।
କୋହଳାଦିଭିରେବଂ ତୁ ବାତ୍ସ୍ୟ କ୍ ଶାଣ୍ଡିଲ୍ୟ ଧୂର୍ତ୍ତିକୈଃ ।
ମର୍ତ୍ତ୍ୟଧର୍ମ ତୟା ଯୁକ୍ତୈଃ କଂଚିତ୍‌କାଳ ମବସ୍ଥିତୈଃ ।। ୭୫ ।।
ଏତତ୍ ଶାସ୍ତ୍ରଂ ପ୍ରଯୁକ୍ତଂ ତୁ ନରାଣାଂ ବୁଦ୍ଧିବର୍ଦ୍ଧନମ୍ ।
ତ୍ରୈଲୋକ୍ୟକ୍ରିୟୟୋପେତଂ ସର୍ବଶାସ୍ତ୍ରନିଦର୍ଶନମ୍ ।। ୭୬ ।।
ମାଙ୍ଗଲ୍ୟଂ ଲଳିତଂ ଚୈବ ବ୍ରହ୍ମଣୋ ବଦନୋଦ୍‌ଭବମ୍ ।
ସୁପୁଣ୍ୟଂଚ୍ ପବିତ୍ରଂଚ ଶୁଭଂ ପାପଦିନାଶନମ୍ ।। ୭୭ ।।
ଯ ଇଦଂ ଶୃଣୁୟାନ୍ନିତ୍ୟଂ ପ୍ରୋକ୍ତଂ ଚେଦଂ ସ୍ୱୟମ୍ଭୁବା ।
ପ୍ରୟୋଗଂ ଯଚ୍ଚ କୁର୍ବୀତ ପ୍ରେକ୍ଷ୍ୟତେ ଚାବଧାନବାନ୍ ।। ୭୮ ।।

ମୋର ସେହି ପୁତ୍ରଗଣ ସେଠାରେ ମାନୁଷୀମାନଙ୍କଠାରୁ ସନ୍ତାନ ଉତ୍ପାଦନ କରି ଅଧିକ ଯତ୍ନରେ ସେହି ସନ୍ତାନମାନଙ୍କ ଦ୍ୱାରା ଅଧିକ ବିବିଧରସାଶ୍ରିତ ନାଟ୍ୟବନ୍ଧମାନ ସୃଷ୍ଟି କଲେ ।।୭୨।।

ସନ୍ତାନ ଜନ୍ମ ଦେଇ ସେମାନଙ୍କୁ ଯୋଗ୍ୟକରି ସେମାନଙ୍କ ଦ୍ୱାରା କ୍ରମ ଅନୁଯାୟୀ ପ୍ରୟୋଗ ବିଧାନ କରାଇ ପୁଣି ବ୍ରହ୍ମାଙ୍କ ଆଶୀର୍ବାଦ ପାଇଁ ସ୍ୱର୍ଗରେ ସ୍ଥାନ ପାଇଲେ ।। ୭୩ ।। ଅଭିଶାପ ଯୋଗୁଁ ପୃଥିବୀକୁ ଏହିପରି ଭାବରେ ନାଟ୍ୟବେଦ ଅବତରଣ କରିଥିଲା । ଏଣୁ ଏହା ଭରତମାନଙ୍କର ବଂଶ ଏବଂ ଏହାର ଭବିଷ୍ୟ ମଧ୍ୟ ସେହି ଭରତ ବଂଶ ହୋଇ ରହିବ ।। ୭୪ ।।

କୋହଳ, ବାତ୍ସ୍ୟ, ଶାଣ୍ଡିଲ୍ୟ ଓ ଧୂର୍ତ୍ତିକ ପ୍ରଭୃତି ମାନବ ଧର୍ମ ହିସାବରେ ଲାଗିପଡ଼ି କିଛି କାଳ ରହି ଏହି ଶାସ୍ତ୍ର ପ୍ରୟୋଗ କଲେ । ଲୋକମାନଙ୍କର ବୁଦ୍ଧି ମାର୍ଜିତ ହେଲା । ଏହା ତ୍ରିଭୁବନରେ ମଙ୍ଗଳକାରକ ଓ ସର୍ବ ଶାସ୍ତ୍ରର ଉଦାହରଣ ସ୍ୱରୂପ ଅଟେ ।। ୭୬ ।।

ଏହି ନାଟ୍ୟ ଯେପରି ରମଣୀୟ ସେହିପରି କଲ୍ୟାଣ କର, କାରଣ ଏହା ବ୍ରହ୍ମାଙ୍କ ମୁଖରୁ ଜନ୍ମ ଲାଭ କରିଛି । ସେଥି ପାଇଁ ପବିତ୍ର ଏବଂ ପୁଣ୍ୟ ସ୍ୱରୂପ ଅଟେ ।

ଏହାର ଦର୍ଶକ ଯେପରି ମଙ୍ଗଳ ଲାଭ କରନ୍ତି ସେହିପରି ପାପନାଶନ ମଧ୍ୟ କରିଥାନ୍ତି ।। ୭୭ ।।

ବ୍ରହ୍ମାଙ୍କ କଥିତ ଏହି ନାଟ୍ୟ ବେଦକୁ ଯେଉଁମାନେ ନିତ୍ୟ ଶ୍ରବଣ କରନ୍ତି, ଯେଉଁମାନେ ପ୍ରୟୋଗ କରନ୍ତି, ଯେଉଁମାନେ ଦେଖନ୍ତି ମଧ୍ୟ ମନ ଦେଇ, ବେଦବିତ୍ ବେଦାଧ୍ୟାୟନରେ

Digitized by srujanika@gmail.com

ଯା ଗତି ର୍ବେଦବିଦୁଷାଂ ଯା ଗତି ର୍ଯଜ୍ଞକାରିଣଃ ।
ଯା ଗତିର୍ଦାନଶୀଳାନାଂ ତାଂ ଗତିଂ ପ୍ରାପ୍ନୁୟାନ୍ନରଃ ।। ୭୯ ।।
ନୃପଧର୍ମେଷୁ ସର୍ବେଷୁ କୀର୍ତ୍ତ୍ୟତେଽସ୍ୟ ମହାଫଳମ୍ ।
ପ୍ରେକ୍ଷଣୀୟ ପ୍ରଦାନଂତୁ ସର୍ବଦାନେଷୁ ପୂଜ୍ୟତେ ।। ୮୦ ।।
ନ ତଥା ଗନ୍ଧମାଲ୍ୟେନ ଦେବାସ୍ତୁଷ୍ୟନ୍ତି ପୂଜିତାଃ ।
ଯଥା ନାଟ୍ୟ ପ୍ରୟୋଗସ୍ଥୈଃ ତୁଷ୍ୟନ୍ତି ସ୍ତୁତି ମଙ୍ଗଳୈଃ ।। ୮୧ ।।
ଗାନ୍ଧର୍ବଂ ଚୈବ ନାଟ୍ୟଂ ଚ ଯଃ ସମ୍ୟକ୍ ଅନୁପଶ୍ୟତି ।
ଲଭତେ ସଦ୍‌ଗତିଂ ପୁଣ୍ୟାଂ ସମଂ ବ୍ରହ୍ମର୍ଷିଭିର୍ନରଃ ।। ୮୨ ।।
ଏବଂ ନାଟ୍ୟ ପ୍ରୟୋଗେ ବହୁବିଧି ବିହିତଂ ଧର୍ମଶାସ୍ତ୍ରପ୍ରଣୀତମ୍ ।
ନ ପ୍ରୋକ୍ତଂ ଯଚ୍ଚ ଲୋକାଦନୁକୃତି କରଣାଦ୍‌ସଂବିଭାବ୍ୟଂ ବିଧିଜ୍ଞୈଃ ।।
କିଞ୍ଚାନ୍ୟଦ୍ ଶସ୍ୟପୂର୍ଣ୍ଣା ଭବତୁବସୁମତୀ ଶାଶ୍ୱତୀ ନଷ୍ଟରୋଗା
ଶାନ୍ତି ର୍ଗୋବ୍ରାହ୍ମଣାନାଂ ନରପତି ରବନୀଂ ପାତୁଚେମାଂ ସମଗ୍ରାମ୍ ।। ୮୩ ।।

ଇତି ଭରତେ ନାଟ୍ୟଶାସ୍ତ୍ରେ ନାଟ୍ୟାବତରଣଂ ନାମ
ଷଟତ୍ରିଂଶଃ ଅଧ୍ୟାୟଃ ସମାପ୍ତଶ୍ଚାୟଂ ଗ୍ରନ୍ଥଃ ।

ଯେଉଁ ଗତି ପାଆନ୍ତି, ଯାଜ୍ଞିକମାନେ ଯଜ୍ଞକରି ଯେଉଁ ଫଳ ପାଇ ଥାଆନ୍ତି, ଅଥବା ଦାତାମାନେ ଦାନ କରି ଯେଉଁ ଫଳ ପାଆନ୍ତି, ତାହା ପାଆନ୍ତି ।। ୭୯ ।।

ରାଜ ଧର୍ମରେ ଏହାର ମହାଫଳତା ବିଷୟ କୁହାଯାଇଛି । ଏହି ଦର୍ଶନ ଉପଭୋଗ, ଦାନ ସର୍ବଦାନମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅଟେ । (ନାଟ ଦେଖାଇବା ରୂପକ ଦାନ) ।। ୮୦ ।।

ସ୍ତୁତିମଙ୍ଗଳମୟ ନାଟ୍ୟ ପ୍ରୟୋଗ ଦ୍ୱାରା ଦେବତାମାନେ ଯେପରି ସନ୍ତୋଷ ଲାଭ କରନ୍ତି ସୁବାସିତ ଚନ୍ଦନ ଓ ସୁଗନ୍ଧିତ ବିଚିତ୍ର ପୁଷ୍ପମାଳା ଇତ୍ୟାଦି ଦ୍ୱାରା ପୂଜାରେ ମଧ୍ୟ ସେତିକି ଆନନ୍ଦ ଲାଭ କରନ୍ତି ନାହିଁ ।। ୮୧ ।।

ଯେଉଁ ଲୋକ ଗୀତବାଦ୍ୟ ଓ ନାଟ୍ୟକୁ ଠିକ୍ ଭାବରେ ଦେଖି ଉପଭୋଗ କରେ, ସେ ପରମ ପବିତ୍ର ସଦ୍‌ଗତି ଲାଭ କରେ । ବ୍ରହ୍ମର୍ଷିମାନଙ୍କ ସହିତ ସାନିଧ୍ୟ ଲାଭ କରେ ।। ୮୨ ।। ବିବିଧ ବିଧାନ ପୂରିତ ଧର୍ମଶାସ୍ତ୍ର ପ୍ରଣୀତ ଏବଂ ଲୋକ ଚରିତ୍ରରୁ ଗୃହୀତ ଏପରି କିଛି ତତ୍ତ୍ୱ ନାହିଁ ଯାହାକି ଏହି ନାଟ୍ୟ ପ୍ରୟୋଗରେ ଭରି ରହିନାହିଁ ।

ଆଶୀର୍ବାଦ:- ତେବେ ଆହୁରି ମଧ୍ୟ ଏତିକି ହେଉ ଯେ ବସୁମତୀ ଶସ୍ୟ ପୂର୍ଣ୍ଣା ହେଉ । ନିତ୍ୟା ଏହି ପୃଥିବୀ ରୋଗମୁକ୍ତା ହୁଅନ୍ତୁ । ଗୋ (ସମସ୍ତ ପଶୁଧନ) ବ୍ରାହ୍ମଣଙ୍କର ଶାନ୍ତି ହେଉ । ରାଜା ସୁଶାସନରେ ସମଗ୍ର ଧରଣୀ ପାଳନ କରନ୍ତୁ ।। ୮୩ ।।

ଭରତ ନାଟ୍ୟ ଶାସ୍ତ୍ରରେ ନାଟ୍ୟାବତରଣ ନାମକ
ଏହି ଛତ୍ରିଶତମ ଅଧ୍ୟାୟ ସମାପ୍ତ । ଗ୍ରନ୍ଥ ସମାପ୍ତି ।

❑❑❑

Digitized by srujanika@gmail.com